3 1761 04409 8598

UNDER THE PATRONAGE OF
MAHARAJA SIR BIR MITRODAYA SING DEO DHARMA-
NIDHI, K.C.I.E.,
*Feudatory Chief of Sonepur State.*

# TYPICAL SELECTIONS
## FROM
# ORIYA LITERATURE

EDITED BY
B. C. MAZUMDAR, B.A., B.L.,
*Lecturer in Comparative Philology, Anthropology and Indian Vernaculars in the University of Calcutta*

Vijaya Chandra Majumdār

VOL. I

193655
21.1.25

CALCUTTA:
PRINTED AT THE BAPTIST MISSION PRESS, AND PUBLISHED BY
THE UNIVERSITY OF CALCUTTA

1921

# OUTLINES OF A SCHEME FOR THE ADVANCED STUDY OF THE INDIAN VERNACULARS

BY

SIR ASUTOSH MOOKERJEE.

The time has long passed away when elaborate arguments were needed to make even Indian scholars realise the vital importance of a critical and scientific, historical and comparative study of the great Indian vernaculars. During the last twelve years, fortunately, the opinion has steadily gained ground that the intellectual activity of a corporation of scholars in this country may be most profitably directed towards a systematic investigation of the language and literature of our chief vernaculars. The duty has, indeed, been officially imposed upon one of the Indian Universities to encourage research in vernacular literatures and languages and to foster their growth, by the publication of critical editions of early texts, and by historical investigations of their origins, early development and ramification into a variety of dialects. I have long maintained the view that a subject so extensive in scope, so well calculated to rouse intellectual curiosity, may fittingly be included in the scheme for our highest Degree Examinations. But this object can be successfully attained, only after the materials for study and investigation have been made easily accessible to teachers and students. This was precisely my purpose, when I induced Rai Saheb Dineschandra Sen to prepare, for the University, volumes of Typical Selections in Bengali on a comprehensive scale. These volumes present the development of the Bengali Language and Literature in a style never before attempted and have been enthusiastically acclaimed by competent scholars working in various seats of learning, in and beyond India. I am

emphatically of opinion that the time has arrived when a further definite advance should be made in this direction, and plainly, the initiative should be taken by the Post-Graduate Department of the University. Animated by this desire, I have utilised my recent visits, in my capacity as a Member of the University Commission, to different parts of India, in discussing this question with a number of distinguished scholars, and I am now in a position to lay before my colleagues the outlines of my plan. My proposal in substance is that the services of competent scholars, wherever available, should be secured to prepare a series of volumes of Typical Selections, dealing with the chief Indian Vernaculars and illustrating the origin and development of both the language and the literature. The Selections will be made from sources published and unpublished, and manuscript materials will be utilised to the fullest extent desirable. The general plan of the volumes will be historical and critical, similar to that adopted for the Bengali Typical Selections, and I venture to entertain the hope that if the Selections are judiciously made, they will not only serve to illustrate linguistic and literary evolution, but will also help to illuminate many a dark corner of social, religious, and administrative history. Each volume will be furnished with an introduction, glossary, notes and appendices. The volumes, as they become ready, will be published by the University and will no doubt tend to enhance its reputation as a true seat of learning.

*The 29th June 1918.*

# PREFACE

This first volume of the Typical Selections from Oriya literature contains selections from the writings of the early Oriya poets as well as from the works of five poets of the mediaeval period. The second section of Vol. I in which mediaeval poetry is exhibited, remains to be concluded in Vol. II which is in the press. Of the introductory essays proposed to be published, only two have been prefixed to this volume; other essays, relating not only to the poets themselves but also to the philology of the Oriya language, will appear in Vol. II and Vol. III. Remarks regarding the general character of the publication are premature at this stage.

It ought to be mentioned that the idea of bringing out typical selections from the literary works of various times and various provinces originated with Sir Asutosh Mukerjee, and it is at his initiative that these and similar other typical selections are being published by the Calcutta University. There is hardly any need to point out how these publications will stimulate and help research in the field of history and philology.

Readers will find the name of Maharaja Sri Sir Bir Mitrodaya Sing Deo, the Feudatory Chief of Sonepur State, inscribed on the title page of this work. Of his many patriotic acts, we count the very liberal assistance he has given towards the publication of these selections a most important one. It will not be out of place to mention here that in order to make the Oriya language a subject for the M.A. Examination the Maharaja has created a chair in his own name in the Post-Graduate Arts Department of the Calcutta University. Maharaja Sri Sir Bir Mitrodaya Sing Deo has been an example to others, and his name will always be most gratefully remembered by his countrymen.

B. C. Mazumdar.

# CONTENTS

## Introduction


| | | Page |
|---|---|---|
| I. | A Brief Sketch of the History of Orissa .. | ix |
| II. | Early Poets: their characteristics and time .. | xviii |


## Text

### *Section I*


| | | | |
|---|---|---|---|
| Koili Lyrics: I. | Kesava Koili *alias* Yasoda Koili .. | | 1 |
| II. | Bāramāsi Koili .. .. | | 3 |
| III. | Kānta Koili .. .. .. | | 4 |
| IV. | Jnanodaya Koili .. .. | | 6 |
| Gopi-Bhāsā .. .. .. .. | | | 10 |
| Balarām Das: Ramayana | | | |
| Adi-kanda. | (1) Preliminary .. .. | | 23 |
| | (2) Jarata's excursion .. | | 42 |
| | (3) Ṛṣyasringa meets Dasaratha | | 48 |
| | (4) Rama's excursions .. | | 51 |
| | (5) Dhanurbhanga .. | | 52 |
| | (6) Rama's marriage .. | | 61 |
| Ayodhya-kanda. | (1) Rama's investiture .. | | 66 |
| | (2) ,, exile .. .. | | 70 |
| | (3) Rama meets Guhaka .. | | 74 |
| | (4) Arrival at Chitrakuta .. | | 76 |
| | (5) Bharata's return .. | | 79 |
| | (6) Bharata meets Bharadvāja | | 82 |
| Āranya-kanda. | (1) Abduction of Sita .. | | 85 |
| | (2) Savari meets Rama .. | | 92 |
| | (3) Rama at a dairy .. | | 95 |
| Kiskindha-kanda. | (1) Tārā's advice to Bāli .. | | 98 |
| | (2) Bāli admonishes Rama .. | | 100 |
| | (3) The rainy season .. | | 104 |
| | (4) Recruiting of soldiers .. | | 105 |
| Sundarā-kanda. | (1) Hanumana traces Sita .. | | 107 |
| | (2) Hanumana imprisoned .. | | 113 |
| | (3) Lankā on fire .. .. | | 115 |
| Lankā-kanda. | (1) Rama's advice to Laksmana | | 117 |
| | (2) Indrajit and Laksmana .. | | 119 |
| | (3) Rama's lamentations .. | | 124 |
| | (4) Ravana-vadha .. | | 128 |
| | (5) Fire ordeal .. .. | | 138 |
| Uttara-kanda. | (1) Lava and Kusa chant Ramayana .. .. | | 144 |
| Kamalalochana Chautisā .. .. | | | 151 |
| Mriguni-stuti .. .. .. | | | 152 |

PAGE

JAGANNATH DAS: Mriguni-stuti .. .. .. 158
Artha Koili .. .. .. 159
Bhāgavata
(1) Introduction .. .. 164
(2) Asvatthāman curses the Pandavas .. .. 167
(3) Pandavas ascend heaven .. 171
(4) Daksa-yajna .. .. 175
(5) Dhruva-charita .. .. 178
(6) A description of Nature .. 190
(7) Yadus cursed .. .. 191
(8) Narada at Vasudeva's place .. 195
(9) to (12) Nimi's accounts .. 196
(13) Varnasrama .. .. 214
(14) Abadhuta and Yaduraja .. 221
(15) Uddhava and Srikrisna .. 225
(16) Inner vision of the Soul .. 228
(17) Attainment of Bhakti .. 231
(18) ,, of Mukti .. 236
(19) Bhakti-yoga .. .. 240
(20) Uddhava and Srikrisna: a dialogue .. .. 244
(21) The future royal dynasties .. 248
Tula-bhina .. .. 253
Gupta Bhāgavata .. .. 255

SARALĀ DAS: Mahabharata
(1) Introduction .. .. 257
(2) The narrative of Tapati and Samvarana .. .. 259
(3) Dhritarastra and Gandhari .. 263
(4) The deeds of child Bhima 265
(5) The Jhimani game 267
(6) Svayamvara .. .. 269
(7) Bhima's counsel to Yudhisthira 272
(8) Maha-yatra .. .. 274

BHIMA DHIVARA: Kapata Pāsā .. .. .. 277

APPENDICES

RAJA KRISNA SIMHA: A Chapter from the Harivamsa .. 294
Selections from the Mahabharata .. 297

TEXT

*Section II*

SAL BEG: Songs (1 and 2) .. .. .. 315
,, ,, (3 and 4) .. .. .. 316

BHAKTA CHARAN DAS: Kalā Kalevara Chautisā .. 317
Mana-bodha ,, .. 319
Mathura Mangala (14 selections) 323–366

| | | | Page |
|---|---|---|---|
| Dina Krisna Das: | Artatrāna Chautisa | .. | 366 |
| | Nāva-keli .. | .. .. | 371 |
| | Alankara-boli | .. .. | 372 |
| | Rasa-kallola (26 selections) | | 374–441 |
| Bhupati Pandit: | Prema Panchamrita (3 selections) | | 441–451 |
| Visvanath Khuntia: | Vichitra Ramayana | | |
| | Adyakanda | (10 selections) | 451–459 |
| | Ayodhyakanda | (7 do. ) | 459–464 |
| | Aranyakanda | (5 do. ) | 465–470 |
| | Kiskindhyakanda | (5 do. ) | 470–474 |
| | Sundarakanda | (4 do. ) | 474–477 |
| | Lankakanda | (8 do. ) | 477–488 |
| | Uttarakanda | (5 do. ) | 488–495 |

# INTRODUCTION

## I

### A Brief Historical Sketch of Orissa

It is not true what is too often assumed in the avowed works on the history of Orissa, that the early history of Orissa merges in the history of Kalinga. The mistake is due to the fact that the sea-board districts of modern Orissa, which once formed an integral part of the ancient Kalinga Empire, constitute to-day the most important portion of Orissa. It is not taken into account that the Oḍras and the Utkalas, who by race, language and habits, differed altogether from the Kalinga people, poured into the sea-board tract at the complete disintegration of the Kalinga Empire, and these Oḍras and Utkalas did not or rather could not perpetuate the memory of the civilization of Kalinga, when they laid the foundation of Orissa. I have discussed all these facts elsewhere, and I give here only a brief sketch of this important historical situation.

Orissa, as it is now politically constituted, lies between 22° 34′ and 19°2′ north and 82°32′ and 87°11′ east and has an area of 40,000 square miles. This is certainly a vast area, but the country is sparsely populated, and not less than one-third of the whole area is taken up by hills and forests. A considerable portion of the district of Ganjam has to be added to this province to get the entire land in which Oriya is the dominant language. The northern boundary line of the Oriya-speaking zone runs from a point on the sea-shore at the north-east corner of the district of Balasore to the north-west corner of the Feudatory State of Gangpur, by demarcating the southern boundary of the districts of Midnapur and Ranchi. A range of wild hills, traversed by some very narrow passes, stands on the north-western boundary of the Gangpur State and separates the Oriya-speaking Gangpur from the Hindi-speaking tracts, attached to Chutia Nagpur to the north, and to the Central Provinces to the west. We are reminded here of the well-known saying that the mountains separate and the rivers unite the races of man.

To ensure easy comprehension of the history of the growth and development of the Oriya language, the ancient political and ethnic divisions of the aforesaid linguistic area have to be set out in general outlines. Now we all know that the ancient mighty kingdom of Kalinga extended along the Bay of Bengal from the mouth of the Godavari to the south-eastern border of the old Sumha country, a portion of which is now comprised in the Tamluk sub-division of the district of Midnapur. That only the sea-board tracts constituted the whole of the Kalinga Empire, and the hilly regions of Ganjam and Orissa lay outside the Kalinga country, should never be lost sight of. We may first notice that the Eastern Ghats traverse the district of Ganjam

from north to south, and are nowhere more than fifty miles from the sea. The portion of the district lying along the coast of Bay of Bengal, with the background of the Eastern Ghats, differs from the rest of the district in the north, and in the west, both in physical aspect and ethnic character. The hilly outskirts of the Oriya Feudatory States of Kalahandi, Patna, Baud, Daspalla, and Nayagarh, form in a semi-circle the northern limit of the hilly and wild tract of Ganjam, which is the abode of the Khand people who have always been watchful in maintaining their tribal integrity. We have then to take note of the fact that the highlands of Orissa, to the west of the districts of Puri, Cuttack and Balasore, as are now mainly occupied by a pretty large number of Feudatory States, lay altogether outside the Kalinga Empire. No doubt, this geography becomes pretty clear from the Kalinga Inscriptions of Aśoka,* but in view of its importance, the question must be discussed with a few details.

In collecting information on the subject from the Mahabharata and the Puranas, we notice that we do not get a well-defined country bearing the name Utkala, though the name of this country has nowhere been confounded with that of Kalinga. In the Bhīṣma Parva, for instance (IX, 348), the Utkalas have been mentioned as a rude people; and nothing has been stated regarding their owning any country in an organized form. In olden times Vanga was connected with Anga on one side, and with Kalinga on the other; the Angas, the Vangas, and the Kalingas are found constantly linked together in the Mahabharata as people closely allied by race and position. For instance, the reader may refer to such passages in the Mahabharata, as occur in the Droṇa Parva, Chapter LXX. In the Puranas also the Utkalas have been distinctly mentioned as a rude tribe of very early origin, having no affinity with the races around them (*vide* Mārkaṇḍeya Purāṇa, Canto LVII; Harivaṁśa, X, 631–32). It is very important to note again that in the Puranas the Utkalas have been once mentioned in the east near about the Bay of Bengal, and next in the west in connection with the wild tribes of Mekhala of the districts of Raipur and Bilaspur in the Central Provinces.† The northern boundary line of modern Orissa, as I have given above, as extending from the Bay of Bengal to the border of the Central Provinces, may be compared with this Pauranic description. As to the depth of this Utkala country we do not get anything very definite in the Puranas. The description in the Puranas that the river Vaitaraṇī flows right through the Kalinga country, points to the fact that Utkala lay outside Kalinga, and the district of Bala-

* *Vide* Vincent Smith's "Early History of India," 3rd edition, page 168, the paragraph relating to Kalinga Edicts and a footnote thereto. How the wild tribes dwelling on the borders of the Kalinga Empire have to be treated has been given in the Kalinga inscriptions. These inscriptions were added as supplementary inscriptions to the main inscriptions at Jaugaḍa and Dhauli.

† We may notice that the north-western limit of the land of the Utkala people is not far off from the district of Gaya, for the Feudatory State of Sirguja only intervenes between the district of Gaya and the Feudatory State of Gangpur. This perhaps explains how the Utkalas and the Gayas have been spoken of in some Puranas as closely allied tribes.

sore was in the Kalinga country. It is also indefinitely indicated by this description that the Vaitaraṇī, in the highlands, formed almost the southern boundary of the Utkala land (Mārkaṇḍeya Purāṇa, Ch. 57) and that the whole of the Utkala country consisted of a narrow strip of land, extending through the Feudatory States of Nilgiri, Mayurbhanj, and Keonjhar, to the western limit of Gangpur. This geography also appears to be certain from some other facts which I now narrate very briefly. It is significant to note that the Utkala country, as demarcated above, has been the principal home of the Bhuiyās since a very remote time, and the Bhuiyās still exercise much influence all over this tract (*vide* my paper on the Bhuiyās incorporated in the essay on the subject in Russell's "Castes and Tribes of the Central Provinces"). It is of the greatest importance to note that the *Ukkalas*, i.e., the people of Utkala, have been Bhuiyās since the time of Gotama Buddha, for to illustrate the unreasonableness of the barbarous people the भञ्ञा-s of उक्कल बस्स have been mentioned in the Majjhima Nikāya.

Many epigraphic records of Chattisgarh, as well as of the Sambalpur tract, disclose to us that the district of Sambalpur, with its Feudatory States, formed in ancient time a part of Dakṣiṇa Kośala, and the hilly country lying between Kalinga and Dakṣiṇa Kośala was the Oḍra land, while Utkala, as a separate country to the north of Oḍra, has been clearly recognized in all old records. To fix the limits of the Oḍra country with some definiteness, we have also to mention this fact on the authority of the epigraphic records (e.g., Jajalla Deva's inscriptions of 12th century A.D.), that the Feudatory States of Daspalla and Baud lying to the east of the Tel river were within the Andhra country; that the river Tel lay just on the western border of the Andhra Deśa, is what we get also in the Jātaka stories as recently noticed by Mr. K. P. Jayaswal. These facts lead us to infer with some degree of certainty that the highlands of Orissa, extending from the southern limits of Keonjhar and Mayurbhanj to the left bank of the river Mahanadi, constituted the land of the Oḍras. We learn also from the Tirumalai inscriptions edited by late Mr. Venkayya, that the hero of the inscriptions, after conquering Trikalinga, had to pass through the Oḍra land which was difficult of access, to reach the Kośala country. That the people of old Kalinga despised the people of Utkala as barbarians, can be gathered from a fact which is by itself of great historical value. The mighty people of Kalinga had established an empire in Burma long before the Emperor Aśoka led his victorious soldiers into Kalinga. The new Kalinga Raṭṭa in Burma was given the designation *Muḍu Kalinga*, by adopting the very name which the Kalinga Empire bore in India; a hilly tract of land lying to the west of Muḍu Kalinga in Further India was given the name *Utkala* or rather Ukkala to signify the rude character of that land.* We thus clearly see that the Kalinga Empire of old lay

* *Vide* "Researches on Ptolemy's Geography" by Col. Gerini, p. 73. Gerini states (p. 119) that Hindus overthrew the Dravidian rule in Further India by about 644 B.C.

wholly outside Utkala and Oḍra, and the people of Kalinga had no manner of connection with the people of rude highland tracts. The derivation of the words Oḍra and Utkala will also confirm this view. The names Oḍra and Ukkala (now reduced to Utkala) are doubtless of Dravidian origin. *Oḍru* in old Dravidian means those who *run-away*, from the root Oḍu, to run; compare the modern Canarese term Oḍiśu which means, as Caldwell says, to cause to run away; Oḍu should not be confounded with Odu, to read. Again, the word Okkala (more properly Okkalan) means, even in modern Tamil, a *cultivator* of the soil (compare the feminine form Okkalati, a farmer's wife); that the Okkalas or the Ukkala Bhuiyās have been agricultural people from remote past, is a fact of significance. That the Utkalas remained outside the Kalinga Empire has become pretty clear; the Oḍras also must have been away from the Kalinga people, as they were *run-away people.* I should remind the readers here that the ancient Dravidian speeches, as Caldwell has shown, were closely allied, and the Tamil speech is now nearest to the old-time Dravidian languages.

We have met with the expression Muḍu Kalinga as the name of the Kalinga Empire. The word Muḍu means three in Telegu. Now we all know that with the upper, the middle and the lower regions of the empire, corresponding respectively to the districts of Godavari *cum* Ganjam, Puri *cum* Cuttack, and Balasore, the whole of Kalinga Raṭṭa got the name Trikalinga; even in Pliny's time the name was Muḍu Kalinga and not Trikalinga; Pliny spells the name of the country as Modogalingam. By quoting his reference from Pliny, General Cunningham gives the name of Northern Kalinga as Gangaride-Calinga and of Southern Kalinga as Macco-Calingae; it is interesting that at one time the capital town of Upper Kalinga was named Mukalingam. Trikalinga is undoubtedly the translation of Muḍu Kalinga. The people of Trikalinga came to be called in the Aryan language the Trikalingas or the Telingas or the Telegu people. It is said that the disintegration of the Trikalinga Empire commenced in the 2nd century A.D., when some new Anḍhra rulers established their sway over the middle and the lower Kalinga. As the Telegu people of the present day describe themselves as the Andhra people, the new rulers of the 2nd century A.D. cannot be considered to have been alien to the Kalinga people. We do not however know whether at the time of this dynastic change or revolution some portions of Utkala and Oḍra were politically linked with the seaboard tract of Orissa.

Probabilities are that Orissa did not come under the direct sway of the Telegus, when the Oḍras and the Utkalas were leading a rude life, for though many place-names of the country are Dravidian in origin, the peoples of barbarian speeches did not adopt a Dravidian tongue; we notice in this connection that with the exception of Orissa and those districts of Western India and the Deccan in which Marathi is spoken, the whole of the Peninsular portion of India has one form or another of the Dravidian language.

The description of the victorious campaign of Raghu in the 4th canto of the Raghuvaṁśa by Kālidāsa, makes it almost certain that even in the 5th century A.D., the Utkalas continued to be as rude as before, and had no organized government of their own, since the soldiers of Raghu had no need to conquer the country of the Utkalas, and the Utkalas only showed the soldiers their way to Kalinga. In the 7th century A.D., however, the political situation of the country was considerably changed. Some epigraphic records of the districts of Puri and Ganjam inform us that the district of Puri obtained then the name Kongada, and Saśānka *alias* Narendra Gupta of Karṇasuvarṇa in Bengal became the overlord of that district. The changes, with which Huen Tsiang makes us familiar, should be duly noted here, for we find that when the Chinese traveller visited Orissa and Ganjam, the rude people of Utkala and Orissa freely flowed into the sea-board tract of Orissa, and the people of Kalinga speaking a Dravidian speech were limited within the confines of the country which has got the designation Andhra Deśa to-day.

After visiting Tāmralipti and Karṇasuvarṇa, Huen Tsiang proceeded to "Ucha" or "Utkala." His description makes it certain that the northern boundary of "Ucha" was conterminous with the southern limits of Karṇasuvarṇa and Tāmralipti. Regarding the people of "Ucha," Huen Tsiang says: they are "uncivilized, tall of stature, and of a yellowish black complexion. Their words and language differ from the speech of Central India. They love learning and apply themselves to it without intermission. Most of them believe in the law of Buddha. There are some hundred Saṅghārāmas with 10,000 priests. They all study the Great Vehicle." This description shows that these uncivilized people are not those who were the dwellers of ancient Kalinga; the high class people of Kalinga seem to have entirely disappeared from the land. The language of mid-India or Magadha prevailed now all over Bengal, but just crossing the frontier of Karṇasuvarṇa and Tāmralipti the Chinese traveller found the people of "Ucha" (who were mostly Bauddhas) to be speaking a different tongue altogether.

The description of the "Kongada" country by this traveller is highly interesting as it discloses many facts of considerable significance. This land, which is described to be bordering "on a bay" with rocky background to the west, contained a population wholly similar to the people of "Ucha" in general ethnic character. Though the people of Ucha were Buddhists and the people of Kongada were heretics, the Buddhist traveller ungrudgingly remarks that unlike the Buddhistic people of Utkala, or Ucha, the people of Kongada shook off much of their rudeness and became rather polite and honest. It has been said that in the Kongada country the script of Northern India was introduced, though the people pronounced the Aryan words differently. We have to attribute it to the influence of the rulers of Karṇasuvarṇa that the script of Northern India was introduced in the district of Puri or Kongada in the 7th century A.D. We notice that the Māgadhi speech as prevailed in Bengal was also struggling to take root

in the district of Puri, while the Utkala country, though situated closer to Bengal or rather on the frontier of Bengal, did not adopt either the speech or the script of Northern India. We also learn from the account of Huen Tsiang that the people of Kalinga in the Ganjam district had their own Dravidian tongue, and were different from the people of Orissa in every respect. This clearly demonstrates that neither the script nor the language of the inscriptions of the 3rd as well as of the 2nd century B.C., came to be operative either in Upper Kalinga or in any part of Orissa. We see how unsafe it is to make any inference regarding the language of a province, with reference to the language of the inscriptions which the Emperor Aśoka published in that province. It is a fact that no section of the Dravidians had any script of its own to the end of the 6th century A.D.* If then, in any province inhabited by the Dravidians, the recording of any fact was entrusted in ancient time to the religious teachers of Northern India, and the record, in consequence thereof, appeared in the language of the writers, the Dravidians of those days cannot be said to have then adopted that language.

The earliest reference we get of the adoption of a corrupt form of the Māgadhi speech by the Oḍras, as well as by their close neighbours, the Śabaras, is in the "Nātya Sāstra," which is fathered upon Bharata Muni. It is uncertain as to when this book was composed; reference to it by other authors makes it tolerably certain that the book is not later in date than the 6th century A.D.; to place it again beyond the upper limit of the 3rd century is rather difficult. It has been stated in the 17th chapter of this work, that when the barbarians including the Oḍras and the Śabaras have to be represented on the stage, they should be made to speak what has been technically called in the book as "bibhāṣa" (*vide* ślokas 44,47, etc.). The term "bibhāṣa" has not been properly defined; there has been a thorough examination of the term by Sir George Grierson in J.R.A.S., 1918 (pp. 489–517), but its import remains still doubtful. I cannot enter here into any discussion on the point, but I may state without any fear of contradiction that the dramatic characters in ancient time were not required to speak different tongues on the stage, but had only to corrupt or modify the pronunciation of the standard Prākṛta words, now here and now there, with some noted provincial or tribal peculiarities, just to suggest the class to which the characters belonged. It is therefore impossible to ascertain what was the real nature of the "bibhāṣa" of a particular tribe.

It is however very important and interesting that the Oḍras appear in the "Nātya Śāstra" in the company of the Śabaras and other rude forest tribes. It may be gathered from the statements of various authorities cited by Sir George Grierson in his learned paper referred to above, that many people of various non-Āryan

---

* Reference by Huen Tsiang in the 7th century A.D. of a special script of the people of Vengi is the earliest reference to Telegu script.

All epigraphists admit that the Battalattu alphabet of the Tamil people cannot be proved to have been introduced earlier than the 8th century A. D.; the grantha character is known to have been introduced in the 10th century A D.

speeches accepted some Aryan words in their languages, and pronounced those words with their tribal peculiarities. One section of the Draviḍas, we are informed, naturalized a good number of Aryan words and thereby made that particular Dravidian speech very sweet. This example strongly reminds us of the Andhra speech of to-day. We see that the Śabaras were known as charcoal-burners; it is easy to imagine by looking to similar instances at the present time, that when the Śabaras came to the market of the Aryans, they had to use some Aryan words and that their pronunciation of those words was marked by their tribal peculiarity. I may note in passing that some Sabaras of Orissa still sell charcoal in the market of the Oriyas. It is highly probable that the Oḍras of the days of the "Nāṭya Śastra" used only a number of loan words of Aryan stock and the Aryans met them mostly in market-places. We may remind the readers that when Tapusa and Bhallika of Utkala country went to Gaya, their business was to sell some articles of theirs in some market of the Aryans.* When we consider these facts along with what Huen Tsiang informs us of the language of Orissa, we are forced to the conclusion that Oriya as a Māgadhi speech was not brought into use in Orissa, even so late as the 7th century A.D., but the people all throughout the country adopted a good number of Māgadhi words in their tribal speech. We may very well say that the way was paved for the introduction of a full-bodied Māgadhi speech into the country, when the Oḍras and the Śabaras of lower civilization found the borrowing of the words of the people of higher civilization a necessity with them. When and how this introduction of the new speech took place should be next inquired into.

We cannot say for want of historical accounts worth the name, how Orissa fared for two centuries after the time of Huen Tsiang, but we may reasonably hold that the country did not relapse into barbarism, since we can trace rapid progress from the 10th century onward. A few facts relating to the political condition of the country during the period when new progress was set in, should now be narrated to trace the origin and development of the Oriya language.

According to the accounts of the Mādlā Pānji, the history of Orissa begins with the reign of Yāyāti, son of Janamejaya, it is quite right that the Mādlā Pānji chronicles do not recognize anything of the time, when the eastern tract of the country was an integral part of the Kalinga Empire. As the organization of Orissa as a new country was really due to Yāyāti and his father Janamejaya, facts relating to their origin should be duly noted.

That the kingdom of Dakṣiṇa Kośala comprised of the districts of Raipur and Bilaspur, together with a considerable portion of the upper valley of the Mahanadi, is of much antiquity. In the 7th century A.D. a line of rulers of Hinduised Śabara origin established its rule in the Kośala country with Sirpur, in the

---

* Tasmin samaye Tapassu-Bhalliku nāma dve vānijā pañchahi śakatasatehi Ukkala janapadā majjhima desaṁ gacchante, etc. (Fausboll. "Jatakas," Vol. 1, p. 80).

district of Raipur, for its capital. Raja Tivaradeva of this line became very powerful in the 8th century A.D.; on the death of Tivaradeva the crown passed on to his brother's son, Bālārjuna, who assumed the title Mahāśivagupta. The mother of Bālārjuna Mahāśivagupta was a princess of the Gupta family of Magadha; it was because of this respectable connection that Bālārjuna came to be regarded as a genuine Kṣatriya of the orthodox Aryan stock. Referring to the time of the subsequent rulers of Sirpur and Śarabhpur, it is supposed that the sons of Bālārjuna Mahāśivagupta were ousted from Sirpur and had to seek new kingdom for themselves outside the districts of Raipur and Bilaspur. We get the next Mahāśivagupta of this family as the Maharaja of Kośala and Trikalinga having Sonpur on the confluence of the Mahanadi and the Tel for his capital. The name of this Mahāśivagupta is Yāyāti and he is the son of Janamejaya Mahābhavagupta, who first established his rule in the Sambalpur tract, styling himself as the lord of Kośala and Trikalinga. As the names of the kings of this new Lunar dynasty alternate between Mahāśivagupta and Mahābhavagupta, we may reasonably infer that Janamejaya was at least fourth in descent from Mahāśivagupta of Sirpur, for one of the ousted sons of the Raja of Sirpur must have been a Mahābhavagupta, and the father of Janamejaya must have been a Mahāśivagupta. The middle of the 9th century seems therefore to be the likely time when Janamejaya became supreme in Orissa. The Māranjamurā Charter of Yāyāti Mahāśivagupta (edited by me in the J.B.O.R.S., 1916) discloses the startling fact that one branch of the family of these Kośala Guptas ruled somewhere in Bengal during these days. The manner in which this fact has been mentioned in the charter, induces me to believe that the Bengal line of the Kośala Guptas was established long before the time of Yāyāti and Janamejaya, and that the ousted sons of Mahāśivagupta of Sirpur established their new kingdom in Orissa, with the aid of their cousins in Bengal. The acquisition of territories in Bengal by a Kośala Gupta seems to have been due to a marital connection at some time previous to the dynastic revolution at Sirpur. It has been gathered from one inscription at Bhubanesvar that Udyota was the last king in the line of these Lunar kings of Orissa. That Udyota made over the charge of the Sambalpur tract to a Governor in the 12th century A.D. is sufficiently clear from the Charter of Someśvara Deva (edited by me in the 12th volume of the "Epigraphia Indica"). From Janamejaya downwards these Rajas had Bengali Kāyasthas in their service; these Bengali Kāyasthas have described themselves as Rāṇakas or Kṣatriyas of the family of their employers *vide* my papers in J.B.O.R.S., 1916, and E. I., Vols. 11 and 12).

The rulers of the line of the Kośala Guptas brought about such a change in the country as have been of abiding influence; the celebrated temple of Bhubanesvar came into existence in their time, and as in the Sambalpur tract, so in Orissa to the east, learned Brahmans were settled in the country with liberal land grants by them. How Pauraṇic Hinduism and the form of the Māgadhi speech which then prevailed in Bengal could flourish in

Orissa during the rule of these Rajas, who had intimate connection with Bengal, can be easily imagined. I need hardly point out that even in natural independent course of things the Māgadhi speech could not but sojourn in the intervening province of Bengal before reaching Orissa.

The Lunar kings of Kośala origin have very wrongly been designated as Keśarī Rajas in the Mādlā Pānji; the mistake has been due to a confusion of names of two different dynasties of kings. We learn from the inscriptions of Southern kings that for three centuries, beginning with the 9th, the Chola Rajas were invading Orissa from time to time and held a loose sovereignty over the land. A portion of this period is covered by the rule of Janamejaya and Yāyāti and their descendants. All these Chola Rajas bore the title Keśarī, and it is suspected that one Karṇa Keśarī was a Governor of theirs in Northern Utkala country. We get also from Southern India inscriptions that, in 1070 A.D., Rājendra Chola II, or Rāja Keśarīvarman, who subsequently assumed the title Kulottunga Choladeva, deposed Para-Keṣarīvarman of the regular Chola line and seized the Chola crown. This Chola king overran the whole of the Trikalinga country and became at least nominally the overlord of Kalinga and Orissa. At the time of the conquest of Orissa by Choḍa Ganga the descendants of Janamejaya must have been ruling in Orissa, for Udyota, the last king of the line, continued to exercise his influence at Bhubanesvar, in the early period of the 12th century A.D. As the Mādlā Pānji chronicle commenced to be maintained from a time not earlier than the middle of the 12th century A.D., the accounts of the Rajas who preceded the Gangas could not be properly recorded. The overthrow of the Chola Rajas (who all bore the title Késarī) by Kulottunga Choladeva, and the conquest of Orissa by Choḍa Ganga, by coming in conflict very likely with Udyota, who alone of the kings of Yāyāti's house is known to have assumed the title Késárī, were hopelessly mixed up by the people in their memory of the historical incidents of the past time; and this is why a fanciful list of the Késarī Rajas has been made out in the Mādlā Pānji with Yāyāti at its head.

I think that the early Rajas of the Ganga line had their capital in the Ganjam district, and ruled Orissa as a dependency of the Kalinga country. The accounts of the conflict between the later Ganga Rajas and the Muhammadans show that the later Rajas made Orissa their home. The Oriya language was, no doubt, making good progress during this time, for the vernacular literature, which came into existence after the overthrow of the Ganga rule, shows the language to be sufficiently forcible and expressive. It is no wonder that we do not get any Oriya literature of this period, since the Telegu Rajas of the Ganga line could not be expected to evince any interest in it. The Solar kings of Orissa, whom we may rightly style as Oriya kings, governed the country from about 1434 to about 1540 A.D. It is during the rule of these Rajas that the Oriya language became perfectly fit to be the vehicle of high thoughts and poetic expressions. The great historical events, which gave an effective stim-

ulus to the growth of Oriya literature, happened in the time of Raja Purusottama Deva and his son, Raja Pratapa Rudra Deva, who is the last king of the Solar dynasty of Orissa. The heroic deeds of Purusottama Deva and the religious reform in his son's time are the incidents in question. In 1505 Chaitanya, the great religious reformer of Bengal, came to preach Vaisnavism in Orissa. We may mention another fact which excited the literary imagination of the Oriyas: the people found during the time of the later Ganga Rajas that the Telegu songs and literature were very much honoured and appreciated by the Rajas, while nothing but Sanskrit literature was being read and commented upon by the learned Brahmans of Orissa.

Let me only mention in connection with the political history of the country that the Bhoi rulers, who usurped the throne of Pratapa Rudra Deva, did not rule very long and the Muhammadans became supreme in the sea-board tract of Orissa at the death of the last independent king of the country in 1568.

---

## II

### The Early Poets:

### Their Characteristics and Time.

Oriya as a distinct provincial language had no doubt come into existence long before the Ganga rulers of the Andhra country established their sway over Orissa, but we do not get any literary composition of a time prior to the fifteenth century A.D. Dr. Ramesh Chandra Majumdar read out to me of late the Oriya text of a copper-plate grant of the thirteenth century, the philological value of which will be considered in a subsequent section of these introductory essays; the language of this document of the time of the early Ganga kings does not appear to be fit for literary composition. It is doubtful if any Oriya literary work could come into existence during the time of the early Ganga rulers in whose hands Telegu language and literature received preferential consideration. Looking again to the finished form of the poem *Kesava Koili*, with which the first volume of the Typical Selections begins, and which is certainly of a date not later than 1450 A.D., we may unhesitatingly remark that literary culture in the vernacular must have commenced in the time of the later Ganga Rajas who made Orissa their home.

I should repeat that Kapilendra Deva, the first ruler of the Oriya Solar dynasty (1435–1469 A.D.), is really speaking the first Oriya king of a thoroughly independent Orissa. It was no doubt a short-lived dynasty of three generations of kings, but it was during the rule of this Solar dynasty (1435–1540 A.D.) that Orissa attained in all directions its highest glory. It will be seen that those who have been grouped under the early poets, flourished during the time of the Solar kings. From the time of the mighty Kapilendra to the loss of Orissa's independence in 1568 we count only 133 years, but during this short time the provincial

language of the country became sufficiently well developed, and a crop of good literature sprang up to exercise an abiding influence through all times.

It will be a puzzle to those who are not intimately acquainted with the social life of India that the uncommon glorious deeds of heroism and patriotism of the three illustrious kings, Kapilendra, Purusottama and Pratapa Rudra, have not been sung by the poets of the period. Some lines composed in their eulogy are met with in some inscriptions, but they were all engraved at the instance of the rulers themselves and their ministers, on the occasion of recording some religious or semi-religious acts of these rulers. Kapilendra held the rising Muhammadan power in effective check and organised a good government in the country, but nothing relating to his prowess and wisdom appears in any literary work. Raja Purusottama Deva, son of Kapilendra, was no doubt only an ally of a Bahmani Sultan when he led an expedition to Kanchi, but for what he accomplished (though in a subordinate capacity) Orissa might justly be proud of; the contemporary poets, however, have not left any literature to show that the people became conscious of their power and felt a new pulsation of life. The incidents of the Kānchi-Kāveri expedition were recorded in the Mādlā Pānji by those of the temple of Jagannāth who had to look up to the Raja for his favour; it is on a wall of the audience hall of the temple at Puri that a pictorial representation of the incidents appears. What gave a new turn to the literary imagination of the people was the religious movement which the Bengali religious teacher Chaitanya brought about in Orissa during the reign of Pratapa Rudra Deva. It should be noted however that since the establishment of the temple of Jagannāth at Puri the influence of Vaisnavism has been deep and widespread in Orissa, and long before Chaitanya visited the land, many Vaisnavas of the non-Brahman classes had made themselves free from the domination of the Brahmans. The Sudra writers, though looked down upon by the learned Brahmans, came to the forefront during the early years of literary culture to lay the foundation, nay to raise the superstructure of the national literature of Orissa. It is significant to note that the literature of the early period has always been very widely popular in the country, and may be designated as truly national; those poets of the early mediaeval period, whose writings appear in selections in the first volume of the Typical Selections, have also been popular national poets. Poetry, which is wholly artificial, which does not represent the sentiments and aspirations of the people, and poetry which is wholly void of human interest, came into existence in the eighteenth century A.D., with the effusions of Upendra Bhanja.

It is of much importance to note that the early poets took up popular rustic metre and rustic tune for composing their verses, and in this respect the early poets have been followed generally by all subsequent poets. Mr. Monmohan Chakravartty, who has written two excellent essays on the history of Oriya literature, is not correct when he says that Sanskrit dominated the early poetry of Orissa in the matter of its form and metre. Neither the

Akṣara-Chhanda nor the Mātrā Vritta of either Sanskrit or of Prākrita can be shown to be anyway connected with the genuine Oriya metres; we are glad to notice that the early poets of Orissa could clearly see that the inherent essential character of the vernacular makes itself unfit to be accommodated within the framework of the Sanskrit metre.

As to the *form* of poetry, where a composition is not distinctly after a Sanskrit work (either as a translation or as a work in adaptation of the original), the form has not been after the ideal of the old-time literature; it must be admitted, to the credit of the literary genius of the country, that some forms altogether peculiar to the Oriya literature are met with from the earliest time onwards. Koili as a special genre and Chautisā as a form for poetry of very early times, and Chha-pai or Na-pai of mediaeval days, are some examples.

The Koili lyrics.

Keśava Koili *alias* Yasodā Koili by Mārkaṇḍeya Dās is perhaps the earliest known Oriya poem. Looking to the fact that since very remote time it has been customary with the boys and girls all over Orissa to commit this piece to memory, Sir W. W. Hunter suggested that this Koili must be five hundred years old; Mr. M. Chakravartty, for want of any definite proof, has stated that it is about three hundred years old. It is strange that no scholar has as yet referred to the Artha Koili by Jagannāth Dās, on the evidence of which work the age of Keśava Koili can be clearly proved to be not less than four hundred years old. Jagannāth Dās flourished during the early years of sixteenth century A.D., and he composed Artha Koili to give a spiritual interpretation of the text of the Keśava Koili. As all the words occurring in the Keśava Koili have been commented upon by Jagannāth, it is undoubted that the text of the Keśava Koili remains unchanged, and we now get quite a correct text; for this reason this piece is of high philological value. It is evident that the Koili in question was very popular and time-honoured in the time of Jagannāth Dās, and as such the time suggested by Hunter may easily be accepted as fairly correct. To be on the safe side we may say that the early years of the rule of the Solar dynasty is the time when Keśava Koili was composed. The character of a Koili is that it is a monologue, and the person whose words the poet versifies, discloses his thoughts to a cuckoo bird by addressing the bird as O Koili; this address portion forms the burden of the poem.

I could get only four Koili lyrics which are of old time; but I have been unable to ascertain the exact time of their composition. They have all been grouped together under the head *Koili lyrics.* Keśava Koili is certainly the oldest, and Bāra-māshi Koili (*i.e.*, the Season Koili) seems not much removed in date from the Keśava Koili; Kānta-Koili by Balarām Dās may easily be placed towards the last portion of Purusottama Deva's reign, for it was then that Balarām Dās flourished. The fourth, namely, the Jnānodaya Koili, which contains some philosophic dissertations, is of very uncertain date. Some doctrines of the poem smacks of *Alekh* doctrine of which Bhima Bhoi of Sone-

pur has been the last noted preacher; but as Alekhism seems to be as old as, if not older than, the temple at Bhubaneswar, a modern date cannot necessarily be assigned to this poem.

The Chautisā form.

The Chautisā form of poems appears to be as old as the Oriya literature; excepting the Season Koili all other Koilies are in Chautisā form. The form of a Chautisā poem is that it should contain at least 34 lines and the letters *Ka* to *Kṣa* should be the initial letters of the lines in regular succession; in this order of letters, this exception is only made that the vowels *A* or *U* or the consonant *N* takes the place of *Ṅ*, the letter *Ni* takes the place of *N̄* and either *A* or *Ā* or *Aṇ* takes the place of *Ṇ*. I may note that *Ṅ* is pronounced as *Uma*, *N̄* as *Nia* and *Ṇ* as *Āṇa* in Orissa. It is in consequence of the artistic development of this method or fashion that a single letter has been used by some poets as the initial letter of all the lines of a poem, no matter how lengthy the poem is: for instance, the Rasa-kallola by Dinakrisna Dās has the *Ka* initial all throughout, and all the lines of Vāidehīsa-Vilāsa by Upendra Bhanja have *B* or *V* for their initial letters.

The origin of the Chautisā form is easy to trace. In the later time Tantric system a mystic religious value was assigned to each and every letter, and Stotra-verses (hymns) were composed according to the aforenamed *Chautisā* succession of letters, for special efficacy in the prayer or incantation. It is in Orissa only that this form has been adopted in general literature.

Reference by old poets to many Chautisās in the matter of naming the *tune* of their verses or songs, shows that the form got into vogue from a remote past; most of the Chautisās referred to by the old poets are now lost. It may also be pointed out that the adoption of the old Chautisā tunes by the later poets for the tune and metre of their verses, shows unmistakably that the poets have used the popular and genuine Oriya metre in their versification.

Tune and Vāni and Chhānda.

I should first of all use this word of caution that the Sanskrit names of some of the tunes should not put us on the wrong scent, for despite the names of the tunes, basic Oriya notes of the songs are unmistakably noticeable when they are sung.

We have to note in this connection that the sections or chapters or cantos of the poetical works are not generally called by the name अध्याय or सर्ग but by the name छान्द; each complete piece of poem as a lyrical piece for instance, is a छान्द by itself. Each and every metre of a छान्द has been set to tune, and the name of the tune occurs at the heading. The name of the tune occurs as a राग or a वृत्त or a वाणी; what this direction regarding the tune of the छान्द signifies, and how a वृत्त differs from a वाणी, may be briefly discussed. It has been suggested to me by Babu Kishori Mohan Dās of Balasore, who knows a good deal of Oriya music, that वाणी is the tune which is to be followed in the ordinary recitation of a piece of poetry, while राग indicates how the piece is to be regularly sung as a song. This is perhaps the reason why we get the name

of a राग as well as of a वाणी for the tune direction of one and the same piece of poetry. It is to be noted that a छान्द has one tune when recited by the वृत्त, and has quite another when sung according to the वाणी and the राग. The term वृत्त does not seem to differ from वाणी, for they both relate primarily to the character of the metre. For the Rāgas we get generally classical names of the old musical literature, as वंलाश्री, कामोदी, आषाढ़शुक्ल, भूपाल, भैरव etc.; even such a name as गड़मालिया occurs as the name of a राग which is unknown to the Hindu musical literature. An Indian song, we all know, cannot be sung if both राग and ताल are not indicated for it: the वाणी indicates as a metre, how a line of a song is to be divided following the rule of cadence; Vāṇī perhaps differs from Vritta in this that the latter merely indicates a metre, while the former indicates a popular tune as well as a metre; this is what appears to be the case even from the names of the Vaṇīs, for we notice that in naming the Vāṇīs, old-time songs have been named, viz., Rukmini Chautisā, Uddhava Chautisā, Bimbādhari Chautisā, Madhupa Chautisā, etc.

*Gopi-Bhāsā.*—The popular lyric, Gopi-Bhāṣā, seems as old as the old Chautisas; like the Keśava Koili it is read in all primary schools, and the popular tradition is that it has been in existence since a remote past; no definite date, however, could be assigned.

*Early Religious Epics.*—Looking to the fact that Balarām Dās, Jagannāth Dās, and Sāralā Dās, who are the early poets of Orissa, are the authors of the Rāmāyana, the Bhāgabata and the Mahābhārata respectively, it has been asserted by some that the first period of Oriya literature was occupied in translating Sanskrit works in Oriya: this is not a correct statement. None of these works is a translation; the authors have re-told the Rāmāyana, the Bhāgabata Purana and the Mahābhārata in their own way, and they may be regarded as the original works of the authors. The literary activity of the time of the Solar kings of Orissa is marked by the composition of Religious Epics, and in the reign of the very first king Kapilendra *alias* Kapilesvara, Sāralā Dās composed his Mahābhārata. Misled by the opinion of Mr. Monmohan Chakravartty regarding the date of Sāralā Dās, I have put in the selections from his Mahābhārata after having set out the selections from the writings of Balarām Dās and Jagannāth Dās. The paper of Mr. Chakravartty (J.B.A.S., 1898, p. 332, *et seq.*) in which wrong suggestion has been given regarding the time of Sāralā Dās, is otherwise excellent, and invaluable to the students of Oriya literature. I find that the very introductory chapter (p. 257 of the following selections) gives us the name of Kapilesvara Deva, the reigning king of the poet's time. However, following the order of the selections in the book I notice his work and his life after giving accounts of Balarām Dās and Jagannāth Dās.

*Balarām Dās.*—What Balarām Dās has stated of himself in the colophon portions of his Rāmāyana, justifies us in holding that he had composed his epic some time before he was converted to Vaisnavism by Chaitanya Deva of Bengal. He was no doubt devoted to Jagannāth of the Puri temple, and he says that he was inspired

by the deity Jagannāth to execute his poem, but at the time of writing the Rāmāyana he was a man of the world, living happily with his family and did not earn the name Matta-Balarām by becoming an enthusiast ascetic following the teachings of Chaitanya. In the last but one colophon of the Rāmāyana, the poet says that his father, Somnāth Mahāpātra, was a minister of the Raja and the name of his mother was Manomāyā. Presumably Somnāth was a descendant of Gopināth who was, as the Gopināthpura inscriptions disclose, a minister of Kapilendra Deva. The poet says, he was thirty-two years old when he finished the epic, and that he versified the whole story of the Rāmāyana as he learnt it from the narration of the story by the Pandits. The whole poem was evidently recited by the poet by taking his seat in the Jagamohana or the audience hall of the Puri temple, for the title of the book is Jagamohana Rāmāyana. Though Jagamohana Rāmāyana is the title in the colophon, the work subsequently acquired the name *Dāṇḍi Rāmāyaṇa,* as it became a popular work, and the contents were being recited or sung by the *Dāṇḍa* or road-side (*i.e.*, before the crowded public). In the colophon referred to above and quoted below, the number of the padas of the book has been put down as one hundred thousand. The important lines of colophon are :—

महापात्र मन्त्री सोमनाथ महापात्र ।
बलरामदास ये ताहार मुँहि पुत्र ॥
मनोमाया अटे मोर जननीर नाम ।
जनम हइनु मु पाइलि महाज्ञान ॥
जगमोहन पुरुष अव्यय अरूप ।
अग्रतरे वैनतेय विहग अपाप ॥
सामवेदुँ सम्भूत ए सातकांड कहि ।
कृष्णरूप अनन्त अपूर्व्व तनु वहि ॥
ताहा प्रसादे मोते सारदा दया कला ।
रामायण ग्रन्थ मोर मुखे उच्चारिला ॥
चौविश सहस्र श्लोक ए गीत रस ।
बालमीक मुनि याहा कलेक प्रकाश ॥
विद्वज्जन मुखरु ये शुनिलँइ ताहा ।
दया कले मोते ये कमलादेवी नाहा ॥
तेनु एहि महाकाव्यकु ये वाक्य कलि ।
लक्षे पद ठिक करि गीते वसाइलि ॥
जन्मरु मुरुख मोर अलप वयस ।
ग्रन्थकला काले मोते वरस वत्तिश ॥

दारा सुत धन जन सुखभोग शिरी ।
अलपे आपने देइ अछन्ति ता हरि ॥

In a colophon in the Sundarā Kāṇda the poet mentions the title of his book :—

'जगमोहन' वलि ए रामायण नाम ।
तत्यकरि भजिले पाइव विष्णुस्थान ॥

To induce the proud Brahmans to read this Rāmāyaṇa composed by a Sudra (that is to say by a man of the Karaṇa caste), the poet writes in another colophon in the Lankā Kāṇda :—

मुहिँ हीन पापी ये विशेषे शूद्रयोनि ।
सुजने कोप न करिव इहा शुनि ॥

Balarām became a disciple of Chaitanya in his old age, and so it is likely that he commenced his literary career during the reign of Purusottama Deva. That after becoming a Vaisnava of Chaitanya's school he continued his literary career in Pratapa Rudra's time is proved by some remarks regarding him in two Gupta Gītās which are not of much literary merit. It has been stated in one of these Gupta Gītās that Balarām Dās, the author of the Rāmāyana, composed a work in the vernacular, entitled the Gītā and could finish only the first chapter of the work. The author of this Gupta Gītā narrates that he himself is the re-incarnation of Balarām Dās in the time of Rājā Mukuṇḍa Deva and finishes this unfinished Gītā in 35 chapters. This statement stands as :—

श्रीहरि कहिले शुन अर्ज्जुन । प्रद्युम्न अटइ मोर नन्दन ॥
ताहार पुत्र अनिरुद्ध हेव । से पुनि कालरे जाय पाइव ॥
मु येवे दारुब्रह्म अवतार । कलियुगे दारुब्रह्म शरीर ॥
प्रतापरुद्र नामे हेव राय । कहि तोते से काल विषय ॥
सोमनाथ नामे शूद्र कुलर । अनिरुद्ध जात ताहारि घर ॥
ता सुत नाम वलराम दास । गुप्त गीता अध्याये प्रकाश ॥
वलराम दास ता गुप्त करि । अध्याये कहि सेहि यिवे मरि ॥
से पुणि मुकुन्ददेव द्विअङ्के । बलराम दास जनमि लोके ॥
पञ्चत्रिंश अध्याये कहिव सेहि । तो आगे कहिलि अर्ज्जुन मुहिँ ॥

In the other Gupta Gītā, which contains 22 chapters and as such cannot be the original one of Balarām Dās, it has been narrated that the orthodox Brahmans disputed the claims of Balarām as a religious teacher and that this dispute was referred to Raja Pratapa Rudra Deva. The date of this dispute has been given in these words :—

रुद्र अंशरे गजपति । प्रतापरुद्र ये नृपति ॥
ताहार सप्तदश अङ्के । मकर मास शुक्लपक्षे ॥

Balarām Dās and so also his immediate successor, Jagannāth Dās, have expressed their thoughts forcibly and gracefully in the simple Oriya language of the people. They did not resort to those verbal jingles which characterize the poems of a later period. The use of sonorous words of Sanskrit origin, in the name of poetic diction, does not vitiate the simple style of the early poets. Balarām Dās is not ashamed of using those words freely which soon after his time came to be regarded as vulgar, for the poet reckons himself as one of the common people of the country. Balarām Dās, as a national poet, has sung for the people, and by making Orissa a miniature world by itself has taught his countrymen to love the land of their birth ; the Kailāsā of far north has been located in Orissa and the Kapilāsa hill of Dhenkanal has been made the Kailāsa mountain ; even the hilly tracts of Orissa have been made to bear the footprints of Rāma, and the forest tribes of the country have been arraigned as the camp-followers of Rāma ; in the Kiskindha Kāṇḍa, for instance, the rude tribes of Bamra and Bonai have been mentioned to be the soldiers recruited by Rāma.

Besides the Kānta Koili and the Rāmāyaṇa, Balarām Dās is believed by some to be the author of the following booklets : viz., (1) Arjuna Gītā, (2) Gaja Nistārana Gītā, (3) Beḍhā Parikramā and (4) Mriguni Stuti. The work Kamala-Lochana-Chautisā composed by the poet in the Chautisā form, has not been noticed either by Hunter or by Chakravartty ; the whole of this poem is inserted in this work of selections. Of the works marked above by Nos. 1 to 4 Beḍhā Parikramā contains only a few lines relating to the temple of Jagannāth, and the booklets which bear the honorific title Gītā, relate only to some Pauranic incidents to sing the efficacy of prayer to Viṣṇu. Gaja Nistāraṇa Gītā is identical in form and spirit with the Mriguni Stuti ; the latter work being the best of the lot has been selected to represent this class of composition.

*Jagannāth Dās.*—I cannot too highly speak of what Jagannāth Dās has done to raise his countrymen to a higher level of moral existence. No poet of old time enjoys so much of popularity as Poet Jagannāth Dās does. I know that in Orissa the name of Upendra Bhanja is a name to conjure with, but the popularity of this writer of artificial amorous verses is quite of a peculiar nature and cannot be compared to what Jagannāth commands. There is not a single Hindu village in Orissa where at least a portion of Jagannāth Dās's Bhāgabata is not kept and daily recited. A few facts of his life should therefore interest the readers.

His biographer, Divākara Kara, informs us that he comes of a respectable Brāhman family of Kapileṣvarapura-Sāsana in the district of Puri, and the names of his parents are recorded as Bhagabān Dās and Padmā ; it is stated that he was born in the noon time on one Bhādra Sukla aṣṭami day, but the year has not been mentioned. As Jagannāth was converted to Vaisnavism by Chaitanya Deva himself shortly after his arrival in Orissa in 1510, the poet was very likely born some time in the 9th decade of the 15th century. The father of the poet was a reader of the Purāṇas

in the Jagannāth temple and gave the poet a good education in Sanskrit. Jagannāth finished his school education when he was 18 years old, and it seems that he took to the composition of the Rāmāyana in Oriya some time before the advent of Chaitanya in Orissa. The reference to this literary performance occurs in the following words of Divākara Kara :—

श्री रामायण ग्रन्थ साधि
श्री भागवते देले बुधि ।

This Rāmāyaṇa, however, does not exist; either Balarām Dās has effaced this work or that the writer of Bhāgabata did not care to give his maiden work to the public. Jagannāth Dās renounced his Brahmanism, becoming a disciple of Chaitanya, and became the founder of the Atibaḍī Vaisnava sect. It is reported that poet Balarām Dās was first initiated into Vaisnavism by Chaitanya and Balarām Dās who got then the name मत्त बलराम induced Jagannāth to accept the new creed.

The accounts of the life of Balarām Dās and of Jagannāth Dās as recorded in the book named Dāḍhyatā-Bhakti are fanciful and thoroughly unreliable; the only fact we get in this book, which is correct, is that both these poets flourished in the time of Raja Pratapa Rudra Deva.

How Jagannāth Dās could secure this unique position in literature has to be stated to explain the nature of influence he exercised and still exercises in the country. The establishment of the cult of Jagannāth, enshrined in a temple as awe-inspiring and admiration-extorting as the huge edifice at Bhubanesvar, was an epoch-making affair. That the genuine Hindu people of all classes lose their caste distinction in the presence of god Jagannāth, has been a great factor in the enlargement of the religious views of the people. When Chaitanya preached his religion in this land dominated by the deity Jagannāth, and the common people got the message that they can obtain salvation without the intervention of the Brahmans, by only having faith in God, and by doing good deeds, an epoch of self-culture ensued. When the Brahmans were the custodians of the religious books, the non-Brahman people could not have access to them, even though they learnt the Sanskrit language; that the words of the Sacred Books do not lose their sanctity by being translated into the speech of the common people, was a great edifying lesson to the non-Brahmans who everywhere form the majority. When the people learnt that the Bhāgabata, which is the most sacred of all sacred books, was within their easy reach, the people took to the study of the vernacular with uncommon zeal and energy. This is why the art of reading and writing is known and practised by the common people more extensively in Orissa than in Bengal. Long ago, Bhudeb Mukerjee as Inspector of Schools duly observed this fact of Oriya mass education, and reported the matter in his public report. There cannot be any hesitancy in making this statement that Jagannāth Dās, by presenting his Oriya Bhāgabat to the people, induced all classes of men of his country to cultivate the vernacular language.

The benefit which Jagannāth Dās has conferred upon his countrymen is immense; how the moral ideas preached by him in the book has moulded and is still moulding the character of many million of men can be easily appreciated. The selections from his work will show what poetic faculties and moral powers he possessed.

The poet is also regarded to be the author of two small books, namely, the Gupta Bhāgabata and the Tulābhinā. I give some extracts from these two books though in my opinion the books do not show the hand of the poet of the Bhāgabata. In the Tulābhinā high philosophical thoughts have been tried to be explained in easy language, and hence the title of the book signifies "spinning or carding cotton." Though the small booklet Tulābhinā does not disclose any mystic cult of important nature, it is significant to note that there is a religious sect in Orissa, which goes by the name Tulābhinā, and the persons initiated into the faith perform some mystic practices in secret, which are believed to be tāntric in character.

Hunter and Chakravartty do not mention the booklets Artha Koili and Mriguni Stuti composed by Jagannāth Dās; perhaps the last named work on account of its being identical in title with Balarām Dās's Mriguni Stuti, escaped the notice of the learned scholars. The booklet, Artha Koili, is interesting for many reasons; I have already said that this work, as a commentary on the Kesava Koili, establishes the antiquity of the latter work; the colophon portion again discloses that this work (the remarks are applicable to Mriguni Stuti as well) was composed, when the poet did not renounce his Brahmanism by coming under the influence of Chaitanya. Mriguni Stuti and a portion of Artha Koili appear in this work of typical selections.

*Sāralā Dās.*—I have already remarked that Sāralā Dās preceded Balarām Dās and composed his Mahābhārata in the reign of Kapilendra Deva (1435–1469). He was not so much a Vaisnava as he was a devout worshipper of the goddess Sāralā Chandi of his village Jhankerpur. Sāralā Chandi is stated by the poet to be the same as Hingulā Devi; we must note that Hingulā is a goddess of the aboriginal tribes, and the name itself is a variant of the Mundari word *Shengel* which signifies fire. Hingulā is worshipped in Talcher, Bamra and in their neighbourhood; coal-gas coming out through chinks and burning in the open air with a blazing light becomes the object of worship, and offerings are made to this fire as the Hingulā goddess. That Sāralā is identical with Hingulā is what occurs in a colophon in the Mahābhārata:—

"झङ्केर पुरवासिनी हिङ्गुला चण्डी सारोले ।
से मोर तुलसी माल हेले वक्षस्थले ॥"

We are inclined to infer from the name of the goddess that the name of the poet Sāralā Dās only denotes that the poet was devoted to the service of the goddess Sāralā. He was a Sudra and belonged to Oḍra tribe of old. These Oḍras are now known by the general name Oḍ-Chasā or simply by the name Chasā or

Tasā. We are informed by Mr. M. Chakravartty that the Chasās or Tasās of Jhankerpur have now raised themselves to the status and dignity of the Karaṇas.

The language of the poet, though unpolished, is simple and expressive; the metrical system is only seemingly defective, for what are regarded as defects are made up for when sung with proper accent and tune. This remark regarding metre applies equally to the writings of all the early poets. I have already said that the Mahābhārata story has been re-told by the poet in his own way; the extracts will show how the poet has given many things from his own imagination without caring to narrate correctly what occurs in the Sanskrit Mahābhārata. This is how the poet has made his work popular. Sāralā Dās has become a popular national poet, but the learned Pandits could not tolerate him; to give to the public the real Mahābhārata, many Sanskritists translated the main story of the Mahābhārata into Oriya, but the people did not accept them. Raja Krisna Singha of Dharakota employed some Pandits to translate the Mahābhārata and the Harivaṁśa at a comparatively later time, and his attempt was really praiseworthy; his Harivaṁśa, however, is still in manuscript and his Mahābhārata, though published, has not become popular. Extracts from the aforesaid Harivaṁśa in manuscript and from the Mahābhārata have been appended at the end of the first section of the Typical Selections, only to enable the readers to see why the works of the learned people have failed to efface the popular work of Sāralā Dās. I need hardly repeat that Raja Krisna Singha does not belong to the early period of Oriya literature.

It is very remarkable that this Oriya poet acquired celebrity in Bengal, and his Mahābhārata was introduced in Bengali translation not later than the early part of the sixteenth century. Babu Dineś Chandra Sen informs us that only the Virāṭa Parva portion of what is called Sāralā Mahābhārata of Orissa now survives.

*Bhīmā Dhibara.*—The booklet entitled Kapaṭa-Pāsā, by Bhīmā Dhibara, who is rightly regarded as an early poet, is an interesting work. That an ordinary fisherman could receive good education and could secure the situation of a poet in the early times, is a matter of much significance. We do not get any picture of the classical days in the poem; the poet rather awakens the familiar scenes of Orissa in the minds of his readers. For example, the house in which Draupadi is found, the manner in which a search is instituted for Draupadi, and the manner in which Kunti takes her seat at the threshold, are things which strongly resemble what one becomes familiar with in the villages of Orissa. The learned Brahmans may disregard the poem in their contempt for the vernacular literature enriched by the low class people, but the poem has continued and will continue to be a good asset of the popular national literature.

## Typical Selections from Oriya Literature

# SECTION I

# EARLY POEMS

1450—1568 *A.D.*

# ଓଡ଼ିଆ ସାହିତ୍ୟ-ପରିଚୟ

## କୋଇଲି ମାଳିକା

### I କେଶବ କୋଇଲି

By MARKANDEYA DAS

କୋଇଲି ! କେଶବ ଯେ ମଥୁରାକୁ ଗଲା ।
କାହାବୋଲେ ଗଲା ପୁଅ ବାହୁଡ଼ି ନଇଲା ।   (ଲୋ କୋଇଲି)
କୋଇଲି ! ଖଣ୍ଡ କ୍ଷୀର ଦେବ ମୁଁ କାହାକୁ ।
ଖାଇବାର ପୁଅ ଗଲା ମଥୁରାପୁରକୁ ।   (ଲୋ କୋଇଲି)
କୋଇଲି ! ଗଲା ପୁଅ ବାହୁଡ଼ି ନଇଲା ।
ଗହନତ ବୃନ୍ଦାବନ ଶୋଭା ନ ପାଇଲା ।   (ଲୋ କୋଇଲି)
କୋଇଲି ! ଘର ମୋର ନ ମଣନ୍ତି ନନ୍ଦ ।
ଘଟଣ ନ ଦଣେ ପୁର ନ ଥିଲେ ଗୋବିନ୍ଦ ।   (ଲୋ କୋଇଲି)
କୋଇଲି ! ନନ୍ଦଦେହ ପାଷାଣେ ଗଢ଼ିଲା ।
ନୟନେ କଜ୍ଜ୍ୱଳ ଦେଇ ରଥେ ବସାଇଲା ।   (ଲୋ କୋଇଲି)
କୋଇଲି ! ଚଳୁଥାଇ କଟିସ୍ଥ ମେଖଳୀ ।
ଚକିତ ହୋଇଲେ ଶୁଣି ଗୋପପୁରବାଳୀ ।   (ଲୋ କୋଇଲି)
କୋଇଲି ! ଛଟେକ ମୁଁ ମାଇଲି ପୂର୍ବେ ।
ଛଡ଼ି ଅବା ଗଲେ କୃଷ୍ଣ ସେହି ପରାଭବେ ।   (ଲୋ କୋଇଲି)
କୋଇଲି ! ଦୂତପଣେ ଅଇଲା ଅକ୍ରୂର ।
ଯାଏ ବୋଲି ଭଣ୍ଡିନେଲା ବସାଇ ରଥର ।   (ଲୋ କୋଇଲି)
କୋଇଲି ! ଝୁରୁଝୁରୁ ଲୁହ ନ ରହିଲା ।
ଝଗଡ଼ା ସାରଣ କୃଷ୍ଣ ମଥୁରା ରହିଲା ।   (ଲୋ କୋଇଲି)
କୋଇଲି ! ନଣାକାଲେ ହର ମାଗେ ଗୃନ୍ଦ ।
ନୟନ ଟେକଣ ତାଙ୍କୁ ଚାଉଥାନ୍ତି ନନ୍ଦ ।   (ଲୋ କୋଇଲି)
କୋଇଲି ! ଟହ ଟହ ହସୁଥାନ୍ତି କୋଳେ ।
ଟଳ ଟଳ ହେଉ ଥାନ୍ତି ଝୁଲବାରବେଳେ ।   (ଲୋ କୋଇଲି)
କୋଇଲି ! ଠଣ ଯେ ସୁନ୍ଦର ବେନପୋଏ ।
ଠକ ଭଣ୍ଡି ଗଲେ କୃଷ୍ଣ ନଇଲେ ଭେଡ଼ାଏ ।   (ଲୋ କୋଇଲି)

କୋଇଲି ! ଡାକିଲେ ଭାଷଇ ଯେହ୍ନେ ଶାରୀ ।
ଡାଳରହୁଣୁଆ ପ୍ରାୟେ ଭାଷୁଥାନ୍ତି ହରି । (ଲୋ କୋଇଲି)
କୋଇଲି ! ଚଳୁଛନ୍ତି ମାଏ ଯଶୋବନ୍ତ ।
ଢାଳେ ହରାଇଲି ମୋର ପୁତ୍ର ଶିରୀପତି । (ଲୋ କୋଇଲି)
କୋଇଲି ! ଅନେକ ହିଂସିଲା ରାୟ କଂସ ।
ଅଣହେଲା କରଣ ଆପଣେ ଗଲା ନାଶ । (ଲୋ କୋଇଲି)
କୋଇଲି ! ତନୁରେ ତା ଲେପଇ କୁଙ୍କୁମ ।
ତନୟେ ଖେଳାଉଥାନ୍ତି ଭାଇ ବଳରାମ । (ଲୋ କୋଇଲି)
କୋଇଲି ! ଥନ ଭାଙ୍ଗି କ୍ଷୀର ପିଆଇଲି ।
ଥବର କାଳକୁ ପୁତ୍ର ଦେଖି ନ ପାରିଲି । (ଲୋ କୋଇଲି)
କୋଇଲି ! ଦଉଡ଼ିରେ ବାନ୍ଧିଲି ପୁତ୍ରକୁ ।
ଦାମୋଦର ରାଗେ ଗଲେ ମଥୁରାପୁରକୁ । (ଲୋ କୋଇଲି)
କୋଇଲି ! ଧନ୍ୟ ସେହୁ ଦଇବକୀ ନାରୀ ।
ଧର୍ମ ଥିଲା ପୁତ୍ରଗୋଟି ହୋଇଲା ତାହାରି । (ଲୋ କୋଇଲି)
କୋଇଲି ! ନ ଶୋଭଇ ଗୋପପୁର ମୋର ।
ନାରାୟଣ ଗଲାଦିନୁ ମଥୁରାନଗର । (ଲୋ କୋଇଲି)
କୋଇଲି ! ପବିତ୍ର ପୁରୁଷ ମୋ ମାଧୋଇ ।
ପବିତ୍ର ମୁଁ ହେଉଥିଲି କୃଷ୍ଣମୁଖ ଚାହିଁ । (ଲୋ କୋଇଲି)
କୋଇଲି ! ଫଳିବାକୁ ନାହିଁ ମୋର ଆଶ ।
ଫଳିବାର ଫଳ ଗଲା ବସୁଦେବ ପାଶ । (ଲୋ କୋଇଲି)
କୋଇଲି ! ବହୁତ ସହିଲି ତାଙ୍କ ଅଳି ।
ବଢ଼ାଇ ଶରଧା ଭାଙ୍ଗି ଗଲେ ବନମାଳୀ । (ଲୋ କୋଇଲି)
କୋଇଲି ! ଭଣ୍ଡି ମୋତେ ଗଲେ ବେନି ପୋଏ ।
ଭାଇ ତାଙ୍କ ବଳରାମ ନଇଲେ ଭେଡ଼ାଏ । (ଲୋ କୋଇଲି)
କୋଇଲି ! ମଥୁରାକୁ ଯିବି କି ମୁଁ ଧାଇଁ ।
ମାଧବ ମଧୁସୂଦନ ଆଣିବି କଢ଼ାଇ । (ଲୋ କୋଇଲି)
କୋଇଲି ! ଯିବେ ଯେ ଆସିବେ ବୋଲି ଗଲେ ।
ଜଗତଜୀବନ ପ୍ରଭୁ ଭେଡ଼ାଏ ନଇଲେ । (ଲୋ କୋଇଲି)
କୋଇଲି ! ରତ୍ନ ବସ୍ତ୍ର ଅଳଙ୍କାରମାନ ।
ରାମ-କୃଷ୍ଣ-ଶ୍ରୀଅଙ୍ଗକୁ ଦିଶେ ଶୋଭାବନ । (ଲୋ କୋଇଲି)
କୋଇଲି ! ଲକ୍ଷ୍ମୀମନ୍ତ ଅଟେ ନାରାୟଣ ।
ଲଗ୍ନତରେ ନାମ ଦେଲେ ସେ ଗର୍ଗ ବ୍ରାହ୍ମଣ । (ଲୋ କୋଇଲି)
କୋଇଲି ! ବୃନ୍ଦାବନ ନ ଶୋଭଇ ମୋର ।
ବତ୍ସା କିଏ ଚରାଇବ ଯମୁନାର ତୀର । (ଲୋ କୋଇଲି)

କୋଇଲି ! ଶ୍ରୀମନ୍ତ ପୁରୁଷ ମୋ ମାଧୋଇ ।
ଶୀରିରଙ୍ଗ ଗଲାଦିନୁ ନନ୍ଦ ହେଲେ ବାଇ । (ଲୋ କୋଇଲି)
କୋଇଲି ! ଶଶୀ ଯେହ୍ନେ ଦିନୁ ଦିନୁ କ୍ଷୀଣ ।
ସେହିମତି କ୍ଷୀଣ ହେଲେ ମୋ ନନ୍ଦରାଜନ । (ଲୋ କୋଇଲି)
କୋଇଲି ! ସାତ ଦିନ ଇନ୍ଦ୍ର ବୃଷ୍ଟି କଲା ।
ସପତବରଷ ପୁଅ ମନ୍ଦର ଧଇଲା । (ଲୋ କୋଇଲି)
କୋଇଲି ! ହାଇ ଯେ ମାରଇ ପୁତ୍ର ତୁଣ୍ଡ ।
ହୃଦୟେ ଦିଶିଲା ତାର ସପତ ବ୍ରହ୍ମାଣ୍ଡ । (ଲୋ କୋଇଲି)
କୋଇଲି ! କ୍ଷନ୍ଦଣି ବନ୍ଧଣି ଭୁଜଦଣ୍ଡ ।
କ୍ଷମା କର ଦୋଷ ମୋର ଭଣେ ମାରକଣ୍ଡ । (ଲୋ କୋଇଲି)

---

## II ବାରମାସୀ କୋଇଲି

### By SANKAR DAS

ଆରେ ବାବୁ ଗୃପଧାରୀ ! କି ଦଣ୍ଡ ହେଲା ତୋହର ।
କାନ୍ଦି କଉଶଲ୍ୟା ବୋଲନ୍ତି କୈକେୟୀ ଅରଜିବ କେଉଁଶିରୀ ଲୋ ।
କୋଇଲି ଶୁଣ ଲୋ ॥

ଏହି ମଗୁଶିର ମାସ । କାକର ପଡ଼େ ବିଶେଷ ।
ଶୀତଳପବନ ବହେ ଘନଘନ ମୋ ପୁତ୍ର କରିବ କିସ ଲୋ ।
କୋଇଲି ଶୁଣ ଲୋ ॥

ପୁଷମାସେ ବଡ଼ ଶୀତ । କଷ୍ଟ ଦିଏ ଅପ୍ରମିତ ।
ବିନା ବସନରେ ବୃକ୍ଷବକଲରେ କି ଦୁଃଖ ନ ହେବ ଜାତ ଲୋ ।
କୋଇଲି ଶୁଣ ଲୋ ॥

ମାଘରେ ତହୁଁ ଅଧିକ । ଗରିବ ଦୁଃଖ ଦାୟକ ।
ଅମୂଲ୍ୟ ସୁପାତ୍ର ତେଜି ରଘୁପତି ବୁଲଇ କାନନଯାକ ଲୋ ।
କୋଇଲି ଶୁଣ ଲୋ ॥

ଫଗୁଣେ ଫଗୁ ଖେଳରେ । ମାତିଛନ୍ତି ଘରେ ଘରେ ।
ମୋ ଅଞ୍ଜୁଣୀଧନ ମୋଠୁଁ ହୋଇ ଭିନ୍ନ ଭସାଇଲା ଶୋକନୀରେ ଲୋ ।
କୋଇଲି ଶୁଣ ଲୋ ॥

ଚଇତ୍ରମାସର ଖରା । ନୀରସ କରଇ ଧରା ।
ଶରୀରରୁ ଝାଳ ବହେ ଅନର୍ଗଳ ପରାଣ ହୋଏ ଘାବରା ଲୋ !
କୋଇଲି ଶୁଣ ଲୋ ॥

ବଇଶାଖ ଖରା ଖରା ଗ୍ରୀଷ୍ମେ । ବାହାରକୁ ନୋହେ ଯାଇ ।
କେଉଁ ବୃକ୍ଷମୂଳେ ଜୀବନବକଳେ ଥିବ ମୋର ପୁତ୍ର ରହି ଲୋ ।
କୋଇଲି ଶୁଣ ଲୋ ॥
ଜ୍ୟେଷ୍ଠେ ମୋ ଜ୍ୟେଷ୍ଠନନ୍ଦନ । ଜାନକୀ ସହି ଲକ୍ଷ୍ମଣ ।
ନାନା ପକ୍ୱଫଳ ଖୋଜି ବୁଲୁଥିବେ ବଥିର ଏ ବଡ଼ମନ ଲୋ ।
କୋଇଲି ଶୁଣ ଲୋ ॥
ଆଷାଢ଼ମାସରେ ମେଘ । ଗରଜଇ ଯେସନେ ବାଘ ।
ବେଳେ ବେଳେ ଦିଶ ହୁଅଇ ଅଦୃଶ୍ୟ ଘୋଟିଯାଏ ଚଉଦିଗ ଲୋ ।
କୋଇଲି ଶୁଣ ଲୋ ॥
ଦେଖ ଧାରା ଶିରାବଣ । ଜଳ ପଡ଼େ ଅନୁକ୍ଷଣ ।
ଘର ଘାଟ ନାହିଁ ମୋ ଦୁଃଖିସଂଖାଳି କରୂପେ କାଟିବ ଦିନ ଲୋ ।
କୋଇଲି ଶୁଣ ଲୋ ॥
ଭାଦ୍ରବ ହେଲେ ପ୍ରବେଶ । ସୁନିର୍ମଳ ଦଶଦିଶ ।
ଅତିସୁକୁମାରୀ ଜନକକୁମାରୀ ମନେ ଭାଳୁଥିବ କିସ ଲୋ ।
କୋଇଲି ଶୁଣ ଲୋ ॥
ଆଶ୍ୱିନେ ଚନ୍ଦ୍ରକିରଣ । କରଇ ମନ ହରଣ ।
କେତେମତେ କେତେ ଉତ୍ସବ କରନ୍ତେ ଘରେ ଥିଲେ ରଘୁଗଣ ଲୋ ।
କୋଇଲି ଶୁଣ ଲୋ ॥
ଏ ମହାକାର୍ତ୍ତିକମାସ । ଭଣିଲେ ଶଙ୍କର ଦାସ ।
ସୀତା ସଙ୍ଗେ ଯେବେ ରଘୁକୁଳମଣି ଭୋଗକଲେ ବାରମାସ ଲୋ ।
କୋଇଲି ଶୁଣ ଲୋ ॥

---

## III କାନ୍ତ କୋଇଲି

### BY BALARAM DAS

କୋଇଲି ! କାନ୍ତ ମୋର ଗଲେ ମୃଗମାରି ।
କପଟେ ରାବଣ ମୋତେ ନେଉଅଛି ଧରି । (ଲୋ କୋଇଲି)
କୋଇଲି ! ଖଳ ବୋଲି ଜାଣି ନ ପାରିଲି ।
ଖଳ ଯେ କନକମୃଗ ଦେଖି ଲୋଭ କଲି । (ଲୋ କୋଇଲି)
କୋଇଲି ! ଗୁରୁ ଶ୍ରଦ୍ଧା ବଳିଲା ମୋହର ।
ଗେଲେ ମୁଁ ବୋଇଲି, ରାମ ଏ କୁରଙ୍ଗ ମାର । (ଲୋ କୋଇଲି)
କୋଇଲି ! ଘଟଣା ଯା କରଛି ବିଧାତା ।
ଘୋରବନେ ମୃଗମାରି ଗଲେ ମୋ କରତା । (ଲୋ କୋଇଲି)

କୋଇଲି ! ଲକ୍ଷ୍ମଣଙ୍କୁ ଜଗାଇ ଦୁଆର ।
ନାରିଚରେ ମୃଗ ବନ୍ଧ ଗଲେ ରଘୁବୀର । (ଲୋ କୋଇଲି)
କୋଇଲି ! ଚାପ ଧରି ଗଲେ ରଘୁନାଥ ।
ଚାପେ ଶର ସନ୍ଧି ମୃଗପ୍ରାଣ କଲେ ହତ ! (ଲୋ କୋଇଲି)
କୋଇଲି ! ଛାଡ଼ିବାର ବେଳେ ମୃଗ ପ୍ରାଣ ।
ଛଦ୍ମରେ ଡାକିଲା ମୋତେ ରଖ ହେ ଲକ୍ଷ୍ମଣ । (ଲୋ କୋଇଲି)
କୋଇଲି ! ଜାଣି ନ ପାରିଲି ଛନ୍ଦ ମୁହିଁ ।
ଯାଅ ବୋଲି ଲକ୍ଷ୍ମଣଙ୍କୁ ଦେଲି ପଠିଆଇଁ । (ଲୋ କୋଇଲି)
କୋଇଲି ! ଝଟତିରେ ଯାଆନ୍ତେ ଲକ୍ଷ୍ମଣ ।
ଝାଡ଼ର ଭିତରେ ଲୁଚି ଥିଲାଟି ରାବଣ । (ଲୋ କୋଇଲି)
କୋଇଲି ! ନିର୍ମଳ ତପସ୍ୱି-ରୂପ ଧରି ।
ନିର୍ଭୟେ ବସିଲା ଆସି ଦୁଆର ଆବୋରି । (ଲୋ କୋଇଲି)
କୋଇଲି ! ଠେକଣ କହଇ ମାୟାଯତି ।
ଠେକ ମୋତେ ଫଳଭିକ୍ଷା ଦିଅ ମହାସତୀ । (ଲୋ କୋଇଲି)
କୋଇଲି ! ଠକକଥା ଜାଣି ନ ପାରିଲି ।
ଠକଯତି କରେ ପୁଣି ଫଳଭିକ୍ଷା ଦେଲି । (ଲୋ କୋଇଲି)
କୋଇଲି ! ଡିଙ୍ଗର ରାବଣ ବଡ଼ ଦୁଷ୍ଟ ।
ଡାହାଣ ଭୁଜକୁ ମୋର ଧଇଲା ପାପିଷ୍ଠ । (ଲୋ କୋଇଲି)
କୋଇଲି ! ତଲଣ ଚାହିଁଲା ଆକାଶକୁ
ତାଲେ ରଥ ଶୂନ୍ୟୁଁ ଆସି ମିଳିଲା ତାହାକୁ । (ଲୋ କୋଇଲି)
କୋଇଲି ! ଆଣି ମୋତେଁ ରଥରେ ବସାଇ ।
ଆକାଶମାର୍ଗରେ ରଥ ନେଲା ତହୁଁ ବାହି । (ଲୋ କୋଇଲି)
କୋଇଲି ! ଗୁରତେ ତା ରାଜ୍ୟରେ ମିଳିଲା ।
ତହୁଁ ଅଶୋକ ବନରେ ମୋତେ ଲୁଚାଇଲା । (ଲୋ କୋଇଲି)
କୋଇଲି ! ଥାନ୍ତି ଜଗି ସହସ୍ରେ ଅସୁରୀ ।
ସ୍ଥାନ ଟିକିଏ ନ ଥାଏ ବସିଥାନ୍ତି ଘେରି । (ଲୋ କୋଇଲି)
କୋଇଲି ! ଦିବା ରାତି ଦୁଇ ମୋର ଏକ ।
ଦିନ ନ ସରଇ ନିରନ୍ତରେ କରି ଦକ । (ଲୋ କୋଇଲି)
କୋଇଲି ! ଧାତା ମୋତେ ଏତେ କଷ୍ଟ ଦେଲା ।
ଧରାଇ ଅସୁରଘରେ ବନ୍ଦୀ କରାଇଲା । (ଲୋ କୋଇଲି)
କୋଇଲି ! ନାରାଚ ଘେନଣ ରଘୁନାଥ ।
ନିମିଷକେ ମୃଗ ମାରି ଆସିବେକ ଭ୍ରତ । (ଲୋ କୋଇଲି)
କୋଇଲି ! ପର୍ଣ୍ଣକୁଟୀଦ୍ୱାରେ ଡ଼ାକୁ ଥିବେ ।
ପୟର ପଖାଳିଁ ଜଳ ଦିଅ ସୀତା ଜବେ । (ଲୋ କୋଇଲି)

କୋଇଲି ! ଫୁଟି ଡାକୁଥିବେ ବେନଭାଇ ।
ଫୁଟିଙ୍କୁ ତୃଷାରେ ଜଳ ଦିଅ ବଇଦେହି । (ଲୋ କୋଇଲି)
କୋଇଲି ! ବୋଲ ଯେବେ ନ ଶୁଣିବେ ମୋର ।
ବୋଲିବେ କେ ଘେନଗଲା ସୀତାକୁ ଆମ୍ଭର । (ଲୋ କୋଇଲି)
କୋଇଲି ! ଭାଇ ବେନି ବନେ ବୁଲୁଥିବେ ।
ଭିଲଲୋକ ଦେଖିଲେ ବାରତା ପଚାରିବେ । (ଲୋ କୋଇଲି)
କୋଇଲି ! ମଢ଼ିଆ-ଦୁଆରେ ବେନଭାଇ ।
ମୋତେ ଡାକୁଥିବେ କାନ୍ତ ମୃଗଭାର ଥୋଇ । (ଲୋ କୋଇଲି)
କୋଇଲି ! ଜୀବ ଯିବାପ୍ରାୟ ହେଉଥିବେ ।
ଯାମକ ଯେ ଲକ୍ଷଯୁଗ ପରାୟ ମଣିବେ । (ଲୋ କୋଇଲି)
କୋଇଲି ! ରାଉଥିବେ ମୋର ନାମ ଧରି ।
ରାଏ ଦେବା ନୟନରୁ ବହୁଥିବ ବାରି । (ଲୋ କୋଇଲି)
କୋଇଲି ! ଲଙ୍କାର ରାବଣ ଆଣିବାର ।
ଲକ୍ଷ୍ମଣ ସହିତେ କାନ୍ତେ ନୋହିଲା ଗୋଚର । (ଲୋ କୋଇଲି)
କୋଇଲି ! ବାରତା ପାଇଲେ ପ୍ରାଣନାଥ ।
ବାନରସ୍ଥ ବାହିଣ ଆସିବେ ବେନଭ୍ରାତ । (ଲୋ କୋଇଲି)
କୋଇଲି ! ଶତ୍ରୁ ରାବଣକୁ ବିନାଶିବେ ।
ଶାଢ଼ୀ ବାନ୍ଧ ବିଭୀଷଣେ ରାଜା କରାଇବେ । (ଲୋ କୋଇଲି)
କୋଇଲି ! ଶ୍ରୀରାମ ଲକ୍ଷ୍ମଣ ବେନି ଭାଇ ।
ଶିଷ୍ଟ ପାଳି ଦୁଷ୍ଟ ନାଶି ଉଦ୍ଧାରନ୍ତି ମହୀ । (ଲୋ କୋଇଲି)
କୋଇଲି ! ଶୁଭେ ହୋଇ ଲଙ୍କାରେ ପ୍ରବେଶ ।
ସଙ୍ଗେ ନେଇ ମୋତେ ଚଳିଯିବେ ନିଜ ଦେଶ । (ଲୋ କୋଇଲି)
କୋଇଲି ! ହେବେ ମୋତେ ଯେନ ଅଭିଷେକ ।
ହରଷେ ଖଟିବେ ତାଙ୍କ ପାଏ ମନ୍ତ୍ରୀ ଲୋକ । (ଲୋ କୋଇଲି)
କୋଇଲି ! କ୍ଷେମେ ରାମ ଅଯୋଧ୍ୟା ପ୍ରବେଶ ।
କ୍ଷକ୍ଷନ୍ତେ ଭଣିଲେ ଗୀତେ ବଳରାମ ଦାସ । (ଲୋ କୋଇଲି)

---

## IV ଜ୍ଞାନ-ଉଦୟ କୋଇଲି

BY LOKANATHA

କୋଇଲି ! କାଳିନ୍ଦୀଶିଖରେ ଯାଇ । କମଳ ଫୁଟିଅଛଇ ।
କମଳମଧ୍ୟେ ତ୍ରିବେଣୀ । କରୁଅଛି ହଂସ ଶୂନ୍ୟେ ଭ୍ରମଣି ଲୋ ।
କେ ତହୁଁ ହଂସ-ମହିମା ମୁଖେ । କ୍ରୀଡ଼ା କରେ ହଂସ ଅମନ ଶିଖେ ଲୋ ॥

ଖୋଜୁଛନ୍ତି ଯାକୁ ମୁନି । ଖୋଜି ଭେଟ ନ ପାବନ୍ତି ଜ୍ଞାନୀ ।
ଖିଲ୍ଲନାଳର ଶିଖରେ । ଖେଳୁଅଛି ହଂସ ଶୂନ୍ୟ ମନ୍ଦିରେ ଲୋ ।
ଖଟାଅ ହଂସ-ଚରଣେ ମନ । ଖଣ୍ଡନ ହେଉ ତୋ ପାତକମାନ ଲୋ ॥

ଗୋଲୋକ ବୈକୁଣ୍ଠ-ଦ୍ୱାରେ । ଗଙ୍ଗା-ଯମୁନା ମଧ୍ୟରେ ।
ଗୁମ୍ଫାକୁ ଫିଟିଛି ବାଟ । ଗୋଲହାଟ ପରେ ପାଇବୁ ଭେଟ ଲୋ ।
ଗୁପତେ ଶୂନ୍ୟେ ରହିଛି ହଂସ । ଗର୍ଭ ଭିତରେ ପୂରାଇ ଅଶେଷ ଲୋ ॥

ଘେନଛୁ ବନ୍ଧୁ ସୋଦର । ଘୁମାଇଲେ ହେବେ ପର ।
ଘଡ଼ିଏ ତୋତେ ନ ଥୋଇ । ଘରୁ ଘେନି ଯିବେ ଶ୍ମଶାନ ଭୂଇଁ ଲୋ ।
ଘୋଷ ତୁ ମୁଖେ ଗୁରୁ ଶବଦ । ଘୁଞ୍ଚିଯିବ ତୋର ପାପ ପ୍ରମାଦ ଲୋ ॥

ନୟନେ ଦେଖୁଛୁ ଯେତେ । ନ ଯିବେ କେହି ସଙ୍ଗତେ ।
ନୁହନ୍ତି କାହାର କେହି । ନବା ଆଣିବାକୁ କଛୁହିଁ ନାହିଁ ଲୋ ।
ନାହିଁଟି ଆଉ ଅନ୍ୟରେ ଗତି । ନାମ ଆଶ୍ରେକଲେ ହେବୁ ମୁକତି ଲୋ ॥

ଚଞ୍ଚଳ ନ କର ଚିତ୍ତ । ଚଆଇଁ ଏବେ ତୁ ଚେତ ।
ଚନ୍ଦ୍ର ସୂର୍ଯ୍ୟ ବନ୍ଦୀ କର । ଚେତନାଘରେ ଚୈତନ୍ୟକୁ ଭର ଲୋ ।
ଚୈତନ୍ୟ ଚିତ୍ତେ ରହିଲେ ତୁହି । ଚିରଯୁଗେ ଥିବୁ ଅମର ହୋଇ ଲୋ ॥

ଛଅବଇରୀ ତୋ ବାଧୀ । କ୍ଷଣେ ନ ଦଅନ୍ତି ସାଧି ।
ଛଡ଼ନ୍ତି ନାହିଁ ସେ ତୋତେ । ଛଇ ପ୍ରାୟେ ରହିଥାନ୍ତି ସଙ୍ଗତେ ଲୋ ।
ଛନକା କରି ଡରାଉଥାନ୍ତି । ଛତି ଦମ୍ଭ କର ଫିଟୁ ତୋ ଭ୍ରାନ୍ତି ଲୋ ॥

ଜଳୁଛି ଶୂନ୍ୟରେ ଜ୍ୟୋତି । ଯହିଁ ନାହିଁ ଦିବା ରାତି ।
ଜ୍ୟୋତି-ଛାୟା ମଧ୍ୟେ ଯାଇ । ଜୀବ-ପରମ ଭେଟ ଦେଖ ତୁହି ଲୋ ।
ଜୀବୁଁ ପରମ ନୋହେ ବାହାର । ଜୀବ ପରମ ଏକଇ ଅକ୍ଷର ଲୋ ॥

ଝରୁଛି ତ୍ରିବେଣୀ-ଧାର । ଝରମୁଣ୍ଡେ ନିରାକାର ।
ଝଲକ ଜ୍ୟୋତିର ପରେ । ଝଟକୁଛି ହଂସ ଶୂନ୍ୟମନ୍ଦିରେ ଲୋ ।
ଝିମିଟେ ହେଉ ତୁ ତହିଁ ରଖ । ଝଡ଼ି ପଡ଼ିବ ତୋ କଳ୍ମଷଯାକ ଲୋ ॥

ନିରାକାର ଖେଳ ଦେଖ । ନଦୀ ଯେ ତ୍ରିବେଣୀଶିଖ ।
ନୀଳକଳ୍ପବଟମୂଳେ । ନିତ୍ୟ ଖେଳେ ହଂସ ଯମୁନାଜଳେ ଲୋ ।
ଲେଉଟି ହଂସ ପିଉଛି ପାଣି । ଲଞ୍ଜରେ ଅଣ୍ଡା ତା ଦେଇଛି ହାଣି ଲୋ ॥

ଟଳୁଛି ପଦ୍ମରେ ପାଣି । ଟେକ ତୁ ବାୟୁ ଉଜାଣି ।
ଟେକ ବ୍ରହ୍ମରନ୍ଧ୍ର ପରେ । ଟାକି ଚୈତନ୍ୟକୁ ରଖ ସେଠାରେ ଲୋ ।
ଟଳଟଳିଆ ନ କର ମନ । ଟସକର ବହିନେବେ ତୋ ଧନ ଲୋ ॥

ଠୁଲଶୂନ୍ୟପରେ ବାସ । ଠାକଛୁ ପରମହଂସ ।
ଠାବ ନ ପାଆନ୍ତି କେହି । ଠିକେ ଗୁରୁସେବା କଲେ ତା ପାଇ ଲୋ ।
ଠାଠିକେ ତ୍ରିଲୋଚନ କହିଲେ । ଠିକେ ନାଥିଆକୁ ବୁଝାଇ ଦେଲେ ଲୋ ॥

ଡାକୁଛି ଶୂନ୍ୟରେ ହଂସ । ଡାକ ଶୁଭଇ ଅଶେଷ ।
ଡେର ତୁ ଶ୍ରବଣ ଦୁଇ । ଡୋଳା ଥୟ କର ଦିଅ ଅନାଇ ଲୋ ।
ଡୋଳାରେ ଆଗେ ଖେଳୁଛି ହଂସ । ଡର ଛାଡ଼ି ତହିଁ ରଖ ବିଶ୍ୱାସ ଲୋ ॥

ଢଳହଳ ପଥ ଛାଡ଼ୁ । ଢାଳେହେଁ ଅମଡ଼ା ମାଡ଼ୁ ।
ଢାଙ୍କୁଣି ଫିଟିଛି ଅନା । ଢାଳେହେଁ ପଦାରେ ପଡ଼ିଛି ସୁନା ଲୋ ।
ଢେଉକୁ ଜଗ ଚୋରକୁ ଧର । ଢୁଳାଇଲେ ଘରେ ପଶିବ ଚୋର ଲୋ ॥

ଅନ୍ଧାରେ ଅନ୍ଧ ହୋଇଲୁ । ଆଲୁଅ ଉଦେ ନ କଲୁ ।
ଅଙ୍ଗାରକୁ କଲୁ ଯତ୍ନ । ଅଣହେଲା କଲୁ ଅମୂଲ୍ୟରତ୍ନ ଲୋ ।
ଏବେହେଁ ଚେତ ତୋର ମନକୁ । ଆୟତ୍ତ କର ତୁ ଅରମାନଙ୍କୁ ଲୋ ॥

ତ୍ରିବେଣୀ ତ୍ରିକୂଟ ସ୍ଥାନ । ତଥିପରେ ନିରଞ୍ଜନ ।
ତୁଟିବ ପାପ ତୋହର । ତରକ ତେଜ ତୁ ମନରେ ଧର ଲୋ ।
ତୋହର ଘଟେ ତୋତେ ତୁ ଚିହ୍ନ । ତୁହି ସିନା ଅଟୁ ପରମବ୍ରହ୍ମ ଲୋ ॥

ଥୟ କର ପଞ୍ଚମନ । ଥକତେ ରଖ ପବନ ।
ଥୟେ ନ ଜାଣନ୍ତି କେହି । ଥିବର ହୋଇ ତୁ ଦିଅ ଅନାଇ ଲୋ ।
ଥୟ ତୁ କର ଚହିଁ ପାଲଟି । ଥାପନାଦିଅଙ୍କୁ ନ ବଳା ଦୃଷ୍ଟି ଲୋ ॥

ଦେବତାକୁ ଦେଖ ଯାଇଁ । ଦିଅଁ ଅଛି ଯେଉଁଠାଇ ।
ଦୃଷ୍ଟି ଦେଲେ ନାହିଁ ଦୂରେ । ଦିଅଁ ରହିଅଛି ଆପଣା ଘରେ ଲୋ ।
ଦୀପକୁ ଜାଳ ଦିଅଙ୍କୁ ଦେଖ । ଦିଅଁ ରହିଅଛି ଦେଉଳ ଶିଖ ଲୋ ॥

ଧ୍ରୁବମଣ୍ଡଳ ମଧ୍ୟରେ । ଧ୍ୱନି ଅନାହତଦ୍ୱାରେ ।
ଧ୍ୟାନ ଦେଇ ତହିଁ ରହ । ଧ୍ୱନି ଅନାହତ ଶବଦ ପାଅ ଲୋ ।
ଧର ତୁ ହୃଦେ ଗୁରୁଶବଦ । ଧରିଲେ ପାଇବୁ ଏ ବ୍ରହ୍ମପଦ ଲୋ ॥

ନିରାକାର ଶୂନ୍ୟଦେହୀ । ଲୁଚିଛି ଶୂନ୍ୟରେ ସେହି ।
ନ ଦିଶଇ ତାର କାୟା । ନିରେଖି ଚହିଁ ଦିଶୁଅଛି ଛାୟା ଲୋ ।
ନୟନ ପ୍ରାଣେ କରୁଛି ଲୀଳା । ନିଆଁ ପରାୟେ ଜଳୁଅଛି ହୁଲା ଲୋ ॥

ପରମହଂସ-ଘରକୁ । ପଡ଼ିଛି ବାଟ ଯିବାକୁ ।
ପଶିଲେ ପାଇବୁ ବ୍ରହ୍ମ । ପଥ ନିକଟ ଯିବାକୁ ଦୁର୍ଗମ ଲୋ ।
ପଡ଼ିଛି ହଂସଘରକୁ ବାଟ ! ପରଚେ ଜ୍ଞାନୀ ଗୁରୁପାଦେ ଖଟ ଲୋ ॥

ଫୁକା ବନ୍ଧପରେ ବାଟ । ଫିଟିଛି କାଞ୍ଚି କବାଟ ।
ଫୁଲଣା ହୋଇ ଗୁ ଅନା । ଫୁଟି କମଳ କରୁଛି ବାସନା ଲୋ ।
ଫୁଟିଣ ଫୁଲ ଦଶେ ଧବଳ । ଫଳ ତେଜ ଫୁଲ ରହେ ଶୂନ୍ୟର ଲୋ ॥

ଝୁଲୁଛି ଶୂନ୍ୟମଣ୍ଡଳା । ବିନ୍ଦୁମଧ୍ୟେ ହଂସଲୀଳା ।
ବୋହୁଛି ପବନ ତହୁଁ । ବେଦ ଶବଦ ଉଦେ ଅସ୍ତ ଯହୁଁ ଲୋ ।
ବାଜୁଛି ପଞ୍ଚଶବଦେ ବାଦ୍ୟ । ବ୍ରହ୍ମାଣ୍ଡ ଭେଦ ଶୁଭୁ ଅଛି ନାଦ ଲୋ ॥

ଭେଦିବୁ ଯେବେ ସେ ଦ୍ୱାର । ଭଗାଇ ପଞ୍ଚଶ ମାର ।
ଭ୍ରୂଲତାମଧ୍ୟକୁ ଚାହିଁ । ଭବ-ଭୟ-ଭ୍ରାନ୍ତି ପକା ଛଣ୍ଡାଇ ଲୋ ।
ଭଜ ଶ୍ରୀଗୁରୁ କହିଲେ ଯାହା । ଭଜ ନ ପାରିଲା ଲୋକନାଥିଆ ଲୋ ॥

ମହାଶୂନ୍ୟ ମଣ୍ଡପରେ । ମଣ୍ଡଳାଅ ବାଇ ଘରେ ।
ମଣାଗୋଡ଼ ପ୍ରାୟ ବାଟ । ମାଡ଼ି ଯାଉଛି ମତ୍ତଗଜଥାଟ ଲୋ ।
ମନକୁ ତହିଁ ଦିଅ ଗଳାଇ । ମାୟାମୃଗତୃଷ୍ଣା ଯାଉ ପଳାଇ ଲୋ ॥

ଜଗ ତୁ ଜ୍ୟୋତି-ଦୁଆର । ଯହିଁ ବଜେ ନଗ୍ରକାର ।
ଜ୍ୟୋତିପରେ ଜ୍ୟୋତି ଗୋପ୍ୟ । ଯାମିନୀ ପାହି ଜଳୁଅଛି ଦୀପ ଲୋ ।
ଯତନ କରି ଜଗିବୁ ଯେବେ । ଯୁଗେ ଯୁଗେ ଯୋଗୀ ହୋଇବୁ ତେବେ ଲୋ ॥

ରମଣୀ ରସ ଫେରାଇ । ରସରେ ତା ମୁଣ୍ଡେ ନେଇ ।
ରସବିନ୍ଦୁର ଉପର । ରବିଠାରେ ନେଇ ଚନ୍ଦ୍ରକୁ ଧର ଲୋ ।
ରହିବୁ ଚନ୍ଦ୍ରଦୁଆର ମାଡ଼ି । ରସବନ୍ଦୀ କର କାଳ ଘଉଡ଼ି ଲୋ ॥

ଲୋଭ ମୋହ କାମ ତନ । ଲାଭ କରୁଛନ୍ତି ହାନ ।
ଲଘୁତା ତୋହର ଛାଡ଼ୁ । ଲେଉଟି ଦୃଷ୍ଟି ତୋ ପଶ୍ଚିମେ ପଡ଼ୁ ଲୋ ।
ନୋହିଲା ବୋଲି ନ କର ଭୟ । ଲହରୀ ରହିଲେ ଲାଗିବ ଲୟ ଲୋ ॥

ବୁଝାଇଲେ ବୁଝୁନାହୁଁ । ବୋଲ କପାଁ କରୁନାହୁଁ ।
ବଇରୀ ତୋର କଳ୍ପନା । ବୁଦ୍ଧିବଳ ଘେନ କାଟ ତା ଡେଣା ଲୋ ।
ବହୁଛି ବାର ଅଙ୍ଗୁଳେ ବାଇ । ବାନ୍ଧିଲେ ରହିବ ବହନ୍ତା ନଇଁ ଲୋ ॥

ଶ୍ରୀଘଟପାଟଣାଦ୍ୱାରେ । ସୁଷମୁନାର ମଧ୍ୟରେ ।
ଶୂନ୍ୟଘରେ ଛନ୍ତି ରହି । ସୁଷମୁନାକୁ ଗର୍ଭରେ ପୂରାଇ ଲୋ ।
ସତ୍ୟଟି ଏହି ଗୁରୁବଚନ । ସିଦ୍ଧମାନଙ୍କର ସଙ୍ଗୋଳଧନ ଲୋ ॥

ଶିକୁଳୀ ତଳ ଛନ୍ଦାକୁ । ଷୋଳ ଡମରୁ ଭେଦକୁ ।
ସର୍ପଫଣା ଗଣ୍ଠି ଫେଡ଼ । ଶମ୍ଭୁକୁ ଜିଣି ଜୟ କର ଗଡ଼ ଲୋ ।
ସାଧିଲେ ସିଦ୍ଧି ହୋଇବ ବୋଧ । ସାରସ୍ୱତମନ୍ତ୍ରେ ଜୀବକୁ ଶୋଧ ଲୋ ॥

ସରସ୍ୱତୀ ନଦୀତଟେ । ଗଙ୍ଗା-ଯମୁନା-ନିକଟେ ।
ସିନ୍ଧୁ ଦଣ୍ଡ ଅଛି ଅନା । ଶୂନ-ଅଗ୍ରେ ବାଟ ସେ ଘରେ ସିନା ଲୋ ।
ଶଙ୍କର କିଗୁଆଳ ସେଠାରେ । ଶୂନ୍ୟ-ଅଗ୍ରେ ବାଟ ସିନା ସେ ପୁରେ ଲୋ ॥

ହର କପିଳାସ ଘାଟ । ହି ଅକ୍ଷର ମଧ୍ୟେ ବାଟ ।
ହେଟ ବୃକ୍ଷପରେ ଯାଇ । ହଂସ ରହିଅଛି ଉଲଟ ହୋଇ ଲୋ ।
ହେଜାଅ ହଂସ ଚରଣେ ମନ । ହିତ ହେଉ ତୋର ପାତକମାନ ଲୋ ॥

କ୍ଷକ୍ଷକ୍ରେ ବହେ ଉଜାଣି । କ୍ଷମେ ବୁଝ ପରମାଣି ।
ଛାୟା ମାୟା ଯାର ନାହିଁ । ଛନ୍ଦ ଫେଇ ଗୁରୁ ଦେଲେ ଦେଖାଇ ଲୋ ।
ଛାଡ଼ ନା ଏବେ ମୁକତି ବାଟ । ଛାର ନାଥିଆ ତ୍ରିଲୋଚନ ଗୃଡ ଲୋ ॥

---

## ଗୋପୀଭାଷା

### By DANAI DAS

ପ୍ରଥମ ଛାନ୍ଦ

କୃଷ୍ଣ କଥା ଭଜ ଗୋପୀ ସକଳ ।
ଗୁଣ ସୁମରି ହୃଅନ୍ତି ବିକଳ ॥
କାହୁଁ ଦାରୁଣ ଅକ୍ରୂର ଅଇଲା ।
କଂସ ଆଜ୍ଞା ବୋଲି ଗୋପେ କହିଲା ॥
କୃଷ୍ଣ ଆସିବେ ବୋଲି ଗଲେ ଭଣ୍ଡି ।
ତାହା ଜାଣିଲେ କପଁା ଦ୍ୟନ୍ତି ଛାଡ଼ି ॥
କଂସ ଯାହା କରୁ ପଛେ କରନ୍ତା ।
ଗୋପପୁରଯାକ ସବୁ ମାରନ୍ତା ॥
ତହିଁ ମଲେହେଁ ହୃଅନ୍ତା କାରଣ ।
ଯାହା ଉପେକ୍ଷି ଗଲେ ନାରାୟଣ ॥
ଏକ ଗୋପୀଏ ବୋଇଲା ଥାଇଣ ।
ଆମ୍ଭେ ବେଳହୁଁ ହୁଡ଼ିଗଲୁଁ ପୁଣ ॥
ଯେବେ ଅକ୍ରୂର ବାହୁଡ଼ି ଯାଆନ୍ତା ।
କୃଷ୍ଣ ଗୋପପୁରେ ରହି ଥାଆନ୍ତା ॥
ଯାଇଁ କହନ୍ତା ଅକ୍ରୂର ରଜାକୁ ।
କଂସ ଡରେ କି ଆସନ୍ତା ଗୋପକୁ ॥
ସେ କି ଶୁଣିଣ ନାହିଁ କର୍ଣ୍ଣଘେନ ।
ଯେତେ ଯେତେକ କଲେ ଭାଇ ବେନ ॥

ଇନ୍ଦ୍ର ସପତଦିନ ବୃଷ୍ଟି କଲା ।
ବଜ୍ରାଘାତେ ପଥର ବରଷିଲା ॥
ଛତ୍ର ଆକାରେ ଗିରିବର ଧରି ।
ଗୋପସମ୍ପଦ ରଖିଲେ ମୁରାରି ॥
ଇନ୍ଦ୍ର ହାରଣ ଶରଣ ପଶିଲା ।
ଗୋପେ ଗୋବିନ୍ଦ ନାମ ଦେଇ ଗଲା ॥
କଂସ ଶୁଣି କି ନାହିଁ ସେହି କଥା ।
ସେ କି ଇନ୍ଦ୍ରହୁଁ ବଡ ସାମରଥା ॥
କେତେ କେତେ ବିପତ୍ତି ନ ପଡ଼ିଲା ।
କୃଷ୍ଣ ଥିଲାରୁ କିଛି ନ ଲାଗିଲା ॥
ଏବେ କେ ଅବା ଆମ୍ଭଙ୍କୁ ରଖିବ ।
ଆମ୍ଭ ବିରହ ଦୁଃଖ ଉପେକ୍ଷିବ ॥
ଏତେ ବୋଲିଣ ହେଲେ ସର୍ବେ ଦୁଃଖୀ ।
ଅନ୍ୟ ଗୋପୀଏ ବୋଲେ ଶୁଣ ସଖି ॥
ସେ ଗୋ ଦାରୁଣ ଅଟଇ କହ୍ନାଇ ।
ଏଡ଼େ ନିର୍ଦ୍ଦୟ ବୋଲି ଜାଣୁ ନାହିଁ ॥
ଯାହା ଘରେ ଯେଉଁ ଦ୍ରବ୍ୟ ଅପୂର୍ବ ।
ତାଙ୍କୁ ଲୁଚାଇ ଥୋଇଥାଉଁ ସର୍ବ ॥
ଆମ୍ଭେ ପତି ତନୟ ଗୋ ନ ଜାଣୁ ।
ଗୁରୁ ଗଉରବ ଲାଜ ନ ମଣୁ ॥
ଆମ୍ଭ ପତି ତନୟ ସବୁ ସେହି ।
ତାଙ୍କୁ ନ ଦେଖି ଯାଉଅଛୁ ଦେହି ॥
ତାର ମତ୍ତସାରଙ୍ଗ ତୁଲ୍ୟ ଗତି ।
ଦେଖି ଦେହ ଧରେ କେଉଁ ଯୁବତୀ ॥
ସେ ଗୋ ବନରୁ ଆସୁଥାଇ ଚଳି ।
ଶିରେ ବରହୀପୁଚ୍ଛ ଶୋହେ ଝଳି ॥
ନାସେ ବର୍ତ୍ତୁଳ ମୁକୁତା ଲୁଲଇ ।
କର୍ଣ୍ଣେ କୁଣ୍ଡଳ ବେନି ବିରାଜଇ ॥
ଗୋରଚନା ଚିତା ଶୋହେ କପାଳେ ।
ତହିଁ ଉପରେ ଗୁଞ୍ଜାଗୁଞ୍ଜ ମାଳେ ॥
ଉରେ ଶାର୍ଦ୍ଦୁଳନଖ କଣ୍ଠିମାଳୀ ।
ଅଙ୍ଗେ ପଡ଼ିଣ ଥାଇ ଗୋଧୂଳି ॥
ହସ୍ତେ ମୁରଲୀ ଗୋଟି ଥାଇ ଘେନି ।
ଇଚ୍ଛା ହୋଇଲେ କରୁଥାଇ ଧ୍ୱନି ॥

କରେ ବଳୟ ବାହୁଟି କଙ୍କଣ ।
କଟିତଟେ ଶୋହେ ପୀତବସନ ॥
କଟିସୂତ୍ର ମେଖଳା ଓଢ଼ିଆଣୀ ।
ଗୋଡ଼ରୁ ଚରଣେ ନୂପୁର ବାଜେଣୀ ॥
ରତ୍ନ କଠାଉ ଶୋହେ ପଦ୍ମପାଦେ ।
ଦାସ ବନାଇ ସେବା ସେହି ଠାବେ ॥

ଦ୍ୱିତୀୟ ଛାନ୍ଦ

ଖେଳି ଆସୁଥାନ୍ତି ନାନା ରଙ୍ଗେଣ ।
ଗୋପସୁତ ବେଢ଼ି ଥାନ୍ତି ସଙ୍ଗେଣ ॥
ନୀଳମଣି କି ଘେରି ହେମମାଳି ।
ତଥି ମଧ୍ୟେ ସୁନ୍ଦର ବନମାଳୀ ॥
ତାହା ଦେଖି ହେଉଥାଉଁ ଉସତ ।
ମତ୍ତଗଜବେ ହେଉଥାଉଁ ମତ୍ତ ॥
ତାଙ୍କୁ ପାଇବା ଆମ୍ଭେ ଆଉ କାହିଁ ।
ଭାବ ମରବା ସିନା ଦେହ ଦେଇ ॥
ଆଉ ଲୋଡ଼ିଲେ କାହିଁଛି ସେ କଥା ।
ପଠି ଘେନଇ ନାହିଁ ପେଟବ୍ୟଥା ॥
ଏକ ଗୋପୀଏ ବୋଇଲା ସଙ୍ଗାତ ।
ମୋତେ ଦିନେ କଲେ କୃଷ୍ଣ ଯେମନ୍ତ ॥
କହିବାକୁ ବଡ଼ ଲାଜ ମାଡ଼ଇ ।
ତାର କଥା ମନରୁ ନ ଛାଡ଼ଇ ॥
ଦିନେ ଦେଖି ପଥେ ଆସିବା ବେଳେ ।
ରହ ବୋଲି ଧଇଲା ଯାଇ ବଳେ ॥
ମୁହିଁ ଭୂମିରେ ପଡ଼ିଲଇ ଶୋଇଁ ।
ମୋତେ କାଖକରି ନେଲେ ମାଧୋଇ ॥
ନେଇ ନିକୁଞ୍ଜବନର ଭିତର ।
ଯେତେ ସୁରତ କଲେ ଅଗୋଚର ॥
କାହିଁ ଶିଖିଲା କାହ୍ନୁ ଏତେ ରଙ୍ଗ ।
ମୋର ଜ୍ଞାନ ହରି ନେଲା ଶ୍ରୀରଙ୍ଗ ॥
ସେହି ଦିନୁ କାହ୍ନୁ ମୋର ଜୀବନ ।
ବନୁଁ ଆସିବାକୁ ନୋହେ ମୋ ମନ ॥
ଏକ ଗୋପୀଏ ବୋଇଲା ମିତଣି ।
ଦିନେ ଗଲି ମୁଁ ଘାଟେ ନୀର ଆଣି ॥

ମୋର ମନ୍ଦିରେ ପଶିଲେ ମାଧୋଇ ।
ଘରେ ଦେଖିଲେ ନାହିଁ ଦୁଧ ଦହି ॥
ଶିକା ଉପରେ ନଉଛ ଦେଖିଲେ ।
ହସ୍ତ ନ ପାଇଲାକୁ ବୁଦ୍ଧି କଲେ ॥
ପିଢ଼ା ଉପରେ ପିଢ଼ାମାନ ଥୋଇ ।
ତଥି ଉପରେ ଉଠିଲେ ମାଧୋଇ ॥
ଯଷ୍ଟି ଘେନ ଫୋଡ଼ିଲେ ଦଧିଭାଣ୍ଡ ।
ଜଳା ସଲଖେ ପାତଛନ୍ତି ତୁଣ୍ଡ ॥
ମୁଁ ଗୋ ଏମନ୍ତ ସମୟେ ଅଇଲି ।
ନୀରଭାଣ୍ଡ ତଳେ ଥୋଇ ଚାହିଁଲି ॥
ଦୁଧ ପିଉଛନ୍ତି ହାଣ୍ଡି କଣାକରି ।
ଯାଇଁ ବସିଲି ଦୁଆର ଆବୋରି ॥
ଆଜ ଜାଣିବି ଯିବୁ କେଉଁ କତି ।
ମିଛପ୍ରାୟ ମଣେ ନନ୍ଦ-ଯୁବତୀ ॥
ନିତପରା ମୋଘରୁ ସର୍ବ ଖାଉ ।
ଆଜ ଜାଣିବା ତୋତେ କେହୁ ନେଉ ॥
ମୋତେ ତରକ ବାଙ୍କେ ଅନାଇଲା ।
ଦୁଧଗଣ୍ଡୁଷ ଲୋଚନେ ମାଇଲା ॥
ବେନି ହସ୍ତେ ବୁଜିଲି ବେନି ତୋଳା ।
ପେଲି ପକାଇ ଗଲା ନନ୍ଦବଳ ॥
ଏକ ଗୋପୀଏ ବୋଇଲା ମିତଣି ।
ସେ ଗୋ ବଡ଼ ମାୟାବୀ ଚକ୍ରପାଣି ॥
ଦିନେ ଗୋଗୋଷ୍ଠେ ରହିଲା ଗୁଆଳ ।
ଚୋରରୂପ ଧରିଲା ନନ୍ଦବାଳ ॥
ନିଶାକାଳେ ମୋ ପୁରକୁ ଅଇଲା ।
ଦହି ଦୁଧ ସର ସବୁ ଖାଇଲା ॥
ଶାଶୁ ପଣନ୍ତ ଧରି ଓଟାରଇ ।
ବୋଲୁ ଚୋର ବୋଲି ଡକାପାରଇ ॥
ଦୀପ ବହ୍ନିକରଣ ଧର ଗୋ ।
ଆମ୍ଭ ଘରେ ପଶିଅଛି ଚୋର ଗୋ ॥
ଦୀପ ଲଗାଇ କୃଷ୍ଣଙ୍କୁ ଧରିଲୁଁ ।
ବାନ୍ଧି ଯଶୋଦା ଆଗରେ କହିଲୁଁ ॥
ବେଗେ ଘରୁ ଆସ ଗୋ ନନ୍ଦରାଣୀ ।
ଯାଇ ଦେଖ ତୋ ପୁଅର ବାନ୍ଧେଣି ॥

କଂସନୃପତି ମଲ୍ଲ କି ଶୁଣିଲୁ ।
ଛଳେ ତୋହର ଅଡ଼କୁ ଆଣିଲୁ ॥
ପୁଅ ଗୋପପୁରେ ଷଣ୍ଢ ହୋଇଲା ।
ନାନା ଅନ୍ୟାୟମାନ ପାରି କଲା ॥
ଶଏବାରେ କହିଲେ ନ ଛଆରୁ ।
ଆଜ ଜାଣିବା କେହୁ ରକ୍ଷାକରୁ ॥
ତୋର ପୁଅ ପଦହିଁ ସରିଯିବ ।
ଆମ୍ଭ ଘର ପଛେ ଗୋପେ ନୋହିବ ॥
କେତେ ତନୟ ଗୋପପୁରେ ନାହିଁ ।
ଏତେ ଉଚ୍ଛୁଳ ପୁଅ ଅଛି କାହିଁ ॥
ମୋର ପ୍ରଜଳ୍ପ ଶୁଣି ନନ୍ଦରାଣୀ ।
ଘର ଭିତରୁ ବାହାର ସେକ୍ଷଣି ॥
କୃଷ୍ଣ ଧରିଣଛନ୍ତି ବାମକର ।
କାମପାଳହିଁ ଅଛନ୍ତି ସଙ୍ଗର ॥
ବେନି ଭାଇ ବେନିପାଶେ ଅଛନ୍ତି ।
ଘରଭିତରୁ ବାହାର ଯୁବତୀ ॥
କଲେ କଟେକ କାଢ଼ିଛୁ ଗୁଆଳୀ ।
ତୋତେ କିକଲା ମୋର ବନମାଳୀ ॥
ମୋର ବାଳୁତପୁଅଲେ କହ୍ନାଇ ।
ହସି ଖେଳ ଲେ ସେତ ନ ଜାଣଇ ॥
ଆଜ ଘରୁଲୋ ନୋହିଛି ବାହାର ।
କେଉଁବାଟେ ଲୋ ଗଲା ତୋରପୁର ॥
ମୋର ସହିବା ସତପ୍ରାୟେ ମଣୁ ।
ଦୋଷ ଦଅ ଲେ କେଉଁ ବଡ଼ପଣୁ ॥
ଦେଖି ଭୁଣ୍ଡିରୁ ନ ଆସେ ବଚନ ।
ମୋତେ ନନ୍ଦରାଣୀ ପଦ ତେସନ ॥
ତହୁଁ ଲଜ୍ଜେ ମୁଁ ବାହୁଡ଼ି ଅଇଲି ।
କୃଷ୍ଣ ବାନ୍ଧିବା ଠାବରେ ହୋଇଲି ॥
ମୋର ତନୟ ବନ୍ଧା ହୋଇଅଛି ।
ତାହା ଦେଖି ମୋ ନଷ୍ଟୁରଇ କଛି ॥
ଫେଡ଼ିଦେଇ କାହାକୁ ନ କହିଲି ।
ଲଜ୍ଜେ ମୋହ ସୁଖେ ଗୃହ ହୋଇଲି ॥
ସାନବେଳହୁଁ ମାୟା ଅଗୋଚର ।
ତେଣୁ ଅଟଇ ନାମ ମାୟାଧର ॥

ଏକ ଗୋପୀଏ ବୋଇଲା ବିଚାର ।
ତାର ସାନବେଳ କଥା ପଚାର ॥
ଦିନେ ଯଶୋଦା କୋଳେ ଖେଳୁଥିଲା ।
ମୋତେ ଦେଖି ମୋ କୋଳକୁ ଅଇଲା ॥
କାଖକରି ମୋ ଶରଧା ବଳିଲା ।
ମୋର କୁଚରେ ହସ୍ତ ପକାଇଲା ॥
ଚାରିଦିଗକୁ ଚାହିଁ ଅନୁସରି ।
ମୁଖେ ଚୁମ୍ବନ ଦେଲା ସ୍ଥିର କରି ॥
ମୋର ଅଙ୍ଗେ ପୀଡ଼ିଲା ପଞ୍ଚଶର ।
ଦେହ ହୋଇଲା ସାତ୍ୱିକ ବିକାର ॥
ମୋତେ ଅନଙ୍ଗଜ୍ୱର କଲା ପୀଡ଼ା ।
ଠୋକା ବେଲହୁଁ କାହ୍ନୁ ଘରବୁଡ଼ା ॥
ଏକ ଗୋପୀଏ ବୋଇଲା ସଙ୍ଗାତ ।
ମୋତେ ସବୁହୁଁ କଲେ ବିପରୀତ ॥
ଦିନେ ଦେଖିଲି ଖେଳୁଛି ଦାଣ୍ଡର ।
ଧୂଳି ଝାଡ଼ି ମୁଁ ଧଇଲି କୋଳର ॥
ଦିଗମ୍ବର ସ୍ୱରୂପେ ବିହେ ଝାଲ ।
ଲକ୍ଷକଣ୍ଠି ମଧ୍ୟେ ନଖ-ଶାର୍ଦ୍ଦୁଳ ॥
ବେଣୀ ଲମ୍ବିଲ ଢିଲେ ଜର ଜର ।
ନୀଳମଣି ଅଙ୍ଗେ ଧୂଳି ଧୂସର ॥
କାଖକରି ଘରକୁ ଘେନି ଗଲି ।
ଘରେ ଲବଣୀ ସର ଭୁଞ୍ଜାଇଲି ॥
ଭୁଞ୍ଜୁ ଭୁଞ୍ଜୁ ସେ ନିଦ୍ରା ଗଲେ ଯହୁଁ ।
ନେଇ ପଲଙ୍କେ ଶୁଆଇଲି ତହୁଁ ॥
ମୁଁ ଗୋ କୋଡ଼ରେ ଘେନିଣ ଶୋଇଲି ।
ନିଦ୍ରା ଗଲେ ଛାଡ଼ିଯିବ ବୋଇଲି ॥
କୋଟିକନ୍ଦର୍ପ ମୂରତି ଧଇଲା ।
ବାଲ କୁମର ତରୁଣ ହୋଇଲା ॥
ମୁଁ ଗୋ ହୋଇଲି ତାହାର ଆୟତ୍ତ ।
ମୋର ଅଙ୍ଗରୁ ହରି ନେଲା ଚିତ୍ତ ॥
ଚଉଷଠି ବନ୍ଧରେ ବିପରୀତ ।
ଯାହା ଶୁଣି ନଥିଲା କର୍ଣ୍ଣ ପଥ ॥
ତେତେ ପରିବନ୍ଧ କେହୁ ଛାଣିବ ।
କାମଦେବହିଁ ଜାଣି ନ ଜାଣିବ ॥

ରତି ସାର ମୁଁ ପିନ୍ଧିଲି ବସନ ।
ହେଲି ସେହି ବାଳପୁଅ ତେସନ ॥
ଚଳୁଥାଇ ମୁଁ ରାଜ ଦବା ବସି ।
ଫେଡ଼ି କହିଲି ଏତେକାଳେ ଆସି ॥
ଜଗନ୍ନାଥ ତାହାଙ୍କୁ ବଡ଼ କଲେ ।
ପ୍ରଭୁପଣହିଁ ତାଙ୍କ ହସ୍ତେ ଦେଲେ ॥
ଏବେ ହୋଇଲେ ତହିଁ ପୁଂସ ସାର ।
ତାଙ୍କୁ ଯୁବତୀ ମିଳିଛି ଅପାର ॥
ରାଜା ମାର ପାଇଛି ବଡ଼ପଣ ।
ଆଉ ଅଛୁକ ତାର ବ୍ରଜ ଗୁଣ ।
ତୁମ୍ଭେ କପାଇଁ ମନରେ ପଡ଼ିବ ।
ତାଙ୍କୁ ନ ମିଳିଲେ ସିନା ଲୋଡ଼ିବ ॥
ଏବେ ବେଭାରେ ଚତୁର ହୋଇଲି ।
ତହୁଁ ଚତୁରୀ ନାରୀଙ୍କି ମୋହିଲି ॥
ଏକେ ନାଗର ଅଟଇ ସୁରଙ୍ଗ ।
ଦୁଜେ ପଡ଼ିଲି ନାଗରୀଙ୍କ ସଙ୍ଗ ॥
ତହିଁ ରସିକା ଯୁବତୀ ଅପାର ।
ରତି ଜାଣନ୍ତି ବିବିଧ ପ୍ରକାର ॥
ତାଙ୍କୁ ନାନା ରସରେ ରସାଇଲେ ।
ଗୋପପୁର କଥା ପାଶୋରାଇଲେ ॥
ଆମ୍ଭେ ଯେତେ ହୋଇଲେ ଗଉଡୁଣୀ ।
ତାଙ୍କ ଭାବ ଜାଣିବା କାହୁଁ ପୁଣି ॥
ଯାକୁ ନାନା ରସପଣା ମିଳିବ ।
ସେ ଗୋ ଗୁଡ଼ପଣା କିସ କରିବ ॥
ଯାକୁ ମିଳିବ ଦିବ୍ୟ ଶାଳିଅନ୍ନ ।
ତାର ବଗଡ଼ା ଭାତେ କାହିଁ ମନ ॥
ଯାକୁ ମିଳିବ ସୁବାସ ଚନ୍ଦନ ।
ତାର ନିମ୍ବ କାଠରେ କାହିଁ ମନ ॥
ଯେହୁ ଗଙ୍ଗାରେ କରିବ ସ୍ନାହାନ ।
ତାର କୂପ ଜଳରେ କାହିଁ ମନ ॥
ଯେହୁ ପାଟପଟନ ଗୋ ପିନ୍ଧିବ ।
ସେ ଗୋ ଶୁକଳ ବସ୍ତ୍ର କି କରିବ ॥
ଯାକୁ ମିଳିବ ପଲଙ୍କ ସୁପାତି ।
ତାର ଭୂମିଶଯ୍ୟାରେ କାହିଁ ମତି ॥

ତାଙ୍କୁ ଅପୂର୍ବ କେଉଁ ଦ୍ରବ୍ୟ ଅବା ।
ଦାସ ବନାଇ ସେହିଠାରେ ସେବା ॥

---

ତୃତୀୟ ଛନ୍ଦ

ଏକ ଗୋପୀ ବୋଇଲା ଶୁଣ ସଖି ।
ଭଲ ମଇବା ସିନା ହୋଇ ଦୁଃଖୀ ॥
ସେ ଗୋ ପୁରୁଷ ଜାତି ଭୃଙ୍ଗମତି ।
ପୁଷ୍ପ ଚୁମ୍ବିବାଯାଏ ଭଣ୍ଡୁ ଥାନ୍ତି ॥
ପୁଷ୍ପ ଚୁମ୍ବିଲେ ନ ଦ୍ୟନ୍ତି ଉତ୍ତର ।
କୃଷ୍ଣ ସେହିରୂପେ ହେଲେ ଅନ୍ତର ॥
ବଟପୁରୁଷମାନେ ସେହିମତି ।
କାର୍ଯ୍ୟ ପାଇବାଯାଏ ଭଣ୍ଡୁଥାନ୍ତି ॥
ଏକ ଗୋପୀ କଥା ଶୁଣି ଆରେକ ।
ଆଗସରି କହିଲା କଥା ଏକ ॥
ସେ ଗୋ ସପତଣୀ କଥା ନ ପାଡ଼ ।
ନଷ୍ଟେ ମଇବା ଯେବେ ଅନ୍ନ ଛାଡ଼ ॥
ଗୃହିଆଡ଼େ ଶୁଭୁ ଅପକାରତି ।
କୃଷ୍ଣ ଆଣେ ମଲେ ଗୋପ ଯୁବତୀ ॥
ସ୍ତ୍ରୀହତ୍ୟା ପାତକ କୃଷ୍ଣ ପାଉ ।
ତାର ପୁଣ୍ୟ ଯେତେକ କ୍ଷୟ ଯାଉ ॥
ଏତେ ବୋଲି ଗୋପୀ ତୁନି ହୋଇଲା ।
ଏକ ଗୋପୀଏ ଥାଇଣ ବୋଇଲା ॥
ମୁଁ ଗୋ କଥାଏ କହିବି ପରିଣ ।
ତୁମ୍ଭେ କୃଷ୍ଣର କଥା ଗୋ ନ ଜାଣ ॥
କ୍ଷୀର ଦେବାକୁ ପୂତନା ଆଇଲା ।
ବାଳ କୁମରକୁ କୋଳେ ଧଇଲା ॥
ଶ୍ରଦ୍ଧା କରି ଦେଉଛି କ୍ଷୀରପାନ ।
ଦୁଧ ସଙ୍ଗତେ ଶୋଷିଲେ ପରାଣ ॥
ତାକୁ ସ୍ତ୍ରୀହତ୍ୟାହିଁ ନ ଲାଗିଲା ।
ଆଉ ସମସ୍ତେ ବୋଲେ ଭଲ କଲା ॥
ପୁଣି କଗୃଡ଼ିଲେ ଷଣ୍ଡ ଗୋଠାଏ ।
ଗୋରୁ ବଧ ଲାଗିଲା କେଉଁଠାଏ ॥

ସାନ ବେଳହୁଁ ମାୟା ଅଗୋଚର ।
ତାର ପାପ ପୁଣ୍ୟକୁ ନାହିଁ ଡର ॥
ଜୀଉଁ ଜୀଉଁ ଯେ ଆମ୍ଭଙ୍କୁ ଲେଛିଲା ।
ଆମ୍ଭେ ମଲେହେଁ ତାର କସ ଗଲା ॥
ଏକ ଗୋପୀଏ ବୋଲେ ଆଗସର ।
ବୁଦ୍ଧି ହରାଇ ମରୁଅଛୁଁ ଝୁର ॥
ଆମ୍ଭେ ପୂର୍ବେ କରିଅଛୁଁ ପାତକ ।
ଗୋରୁ ବ୍ରାହ୍ମଣ ମାରଛୁ ଅନେକ ॥
କାର ଭର୍ତ୍ତା ଛଡ଼ାଇ ଦୂର କଲୁଁ ।
ଭୋଗୀ ଭୁଞ୍ଜିଲା ଅନ୍ନ ଫିଙ୍ଗି ଦେଲୁଁ ॥
ଆମ୍ଭେ ବଡ଼ ଅଭାଗୀ ଗୋପନାରୀ ।
ତେଣୁ ଉପେକ୍ଷି ଗଲେ ନରହରି ॥
ସଖି ଅଛୁଟିକ ତୁମ୍ଭ ମନର ।
ଦିନେ ଯାହା କଲେ କୁଞ୍ଜବନର ॥
ନିଶାକାଳେ ମୁରଲୀ ବଜାଇଲେ ।
ସବୁ ଗୋପୀଙ୍କି ବାଇ କରାଇଲେ ॥
ଯେତେ ରଙ୍ଗ କଲେ କୁଞ୍ଜବନର ।
ବୃନ୍ଦାବତୀ ଯେନ ହେଲେ ଅନ୍ତର ॥
ପାଦପଦ୍ମ ଚହ୍ନି ଭେଟ ପାଇଲୁଁ ।
ତାଙ୍କ ଅଧରୁ ଅମୃତ ଖାଇଲୁଁ ॥
ଛଡ଼ ନ ଯାଇ ମନରୁ ସେ କଥା ।
କୁନ୍ତ ମାଇଲେ ଯେହ୍ନେ ଥାଇ ବ୍ୟଥା ॥
ଏକ ଗୋପୀଏ ବୋଇଲା ନ ଭାଲ ।
ଆମ୍ଭ ହୃଦୟ ଦୁଃଖ ଅସମ୍ଭାଲ ॥
ମନେ ବିଚାରି ଗୋପୀଏ ବୋଇଲା ।
ସେ ଗୋ ନ ପୋଷି ଆମ୍ଭଙ୍କୁ ନାଶିଲା ॥
ଯାହା ସଙ୍ଗେ କରେ ଯେଉଁ ପୀରତି ।
ନିଶ୍ଚେ କାଳ ହୁଅଇ ସେହିମତି ॥
ସେଗୋ ମରିଥିଲେ ଭଲ ହୁଅନ୍ତା ।
ଏତେ ଦୁଃଖ କପାଁ ଦେହ ସହନ୍ତା ॥
ଗଛ ଭାଙ୍ଗିଲା ମାଡ଼ି ନ ପଡ଼ିଲା ।
ପୋଡ଼ୁ ଶଗଡ଼ହିଁ ମାଡ଼ି ନ ଗଲା ॥
ଭୃତ ଉଡ଼ାଇ ନେଇ ନ ଗିଳିଲା ।
ଅଜଗର ପେଟରୁ ନିକଳିଲା ॥

କାଳୀ ଦଂଶିଲେ ଯାଇଥାନ୍ତା ସର ।
ଆମ୍ଭେ ମରନ୍ତୁ କପାଁ ଏତେ ଝୁର ॥
ଏକ ଗୋପୀଏ ବୋଇଲା ଗୁରୁତ ।
ତାଙ୍କୁ କପାଁ ଗାଳି ଦଅ ସଙ୍ଗାତ ॥
କେତେଠାରୁ ରଖି ନାହିଁ ଆମ୍ଭନ୍ତ ।
ତାର ଅରକ୍ଷି ପଡ଼ୁ ଆମ୍ଭମାଥ ॥
ନୋହି ପାଶୋରିବା ଗୁଣ ଯେତେକ ।
ଗୋପପୁରେ କରଅଛୁ ତେତେକ ॥
ସର୍ପ ଗିଳିଲା ପୁଅଙ୍କୁ ରଖିଲା ।
କେତେ କେତେ ସଙ୍କଟୁ ନ ତାରିଲା ॥
ଇନ୍ଦ୍ର ବିବାଦୁଁ ରଖିଲା ଯେମନ୍ତ ।
କାହାବେଳେ କରି ନୋହେ ତେମନ୍ତ ॥
ବନ ପୋଡ଼ିଲେ ସମସ୍ତେ ମରନ୍ତୁ ।
କିଆଁ ଗିଳି ରଖିଲେ ସର୍ବ ଜନ୍ତୁ ॥
ନନ୍ଦ ଯମୁନାଜଳେ ବୁଡ଼ିମଲା ।
ମଲା ଜିଆଇ ପୁଣି ଆଣି ଦେଲା ॥
ଆଉ କରିଛୁ ଯେତେ ଉପକାର ।
ଗୋପପୁରଯାକ ତାର କୋଯ୍ୟର ॥
ତାଙ୍କୁ କେମନ୍ତ କରି ମୁରୁଛିବା ।
ପୋଡ଼ୁ ପୋଡ଼ୁ ଏ ଜୀବନ ଲେଛିବା ॥
ଅଗ୍ନି କୁଡ଼ାଇ ଭିତରେ ପଶିବା ।
ତେଉଁ ଯମୁନାଜଳରେ ଝାସିବା ॥
ତାର ଉପରେ ପଛେ କଥା ଥାଉ ।
ପରମାନନ୍ଦ ଲାଗି ଦେହ ଯାଉ ॥
ଏଡ଼ି କହିଲେ ସଖିଙ୍କୋ ଉତ୍ତର ।
ଫାନ୍ଦେ ପଡ଼ିଛୁ ସଖି ପାରି କର ॥
ଏକ ଗୋପୀଏ ବୋଲେ ବୁଦ୍ଧି ଏକ ।
ଲିହି କୃଷ୍ଣଙ୍କୁ ପ୍ରେଳିଦେବା ଲେଖ ॥
ଆମ୍ଭେ ସତେ ଯେବେ ତାଙ୍କ ସେବକ ।
ଆସି ଭେଟ ହୋଇଯିବେ ବାରେକ ॥
ଆମ୍ଭେ ଆଶା କରଅଛୁଁ ଅନେକ ।
ଯେହ୍ନେ ଗଗନ-ନୀରକୁ ଚାତକ ॥
ତୁମ୍ଭ ଅଧରୁ ଅମୃତ ପିଆଅ ।
ମରୁଅଛୁଁ ସର୍ବଗୋପୀ ଜୀଆଅ ॥

ତୁମ୍ଭ ଲାବଣ୍ୟ କନ୍ଦର୍ପ ମୂରତି ।
ବାରେ ଦେଖିଲେ ହେବ ମୋକ୍ଷଗତି ॥
ତୁମ୍ଭେ ହୀନଜନ ଆଶା ବିଶ୍ରାମ ।
ଜୀବ ରଖିବାକୁଁ ଧରି ତୁମ୍ଭ ନାମ ॥
ତୁମ୍ଭେ ବାରେ ନଇଲେ ନନ୍ଦବତ୍ସ ।
କଷ୍ଟେ ମଲୁଁଟି ଆମ୍ଭଙ୍କୁ ମୁରୁଛି ॥
ନାମ ବୋଲାଉ ଅଛ ଗୋପୀନାଥ ।
ଯେହ୍ନୁ ବୋଲିବ ସାରିବୁଁ ମହତ ॥
ଏବେ ମଥୁରାନାଥ ବୋଲାଇବ ।
ଆମ୍ଭ ନାମ ଧରି ଭଲ ନୋହିବ ॥
ଏକ ଗୋପୀଏ ବୋଲେ ନୋହେ କଛି ।
ମୋତେ ଭଲ ବୁଦ୍ଧି ଏହି ଦିଶୁଛି ॥
ଗୋପପୁରଯାକ ରୁଣ୍ଡ ହୋଇବା ।
କରେ କାଉଁରି ଲଉଡ଼ି ଧରିବା ॥
ମଧୁପୁରକୁ ବୋଲି ଯିବା ଧାଇଁ ।
ହାସି ପଶିବା କଟକେ ହସାଇଁ ॥
ତାଙ୍କ ସନ୍ନିଧେ ହୋଇବା ପ୍ରବେଶ ।
ତାଙ୍କୁ ବୋଲିବା କୃଷ୍ଣ ଗୋପେ ଆସ ॥
ଯେବେ ନ ଛାଡ଼ିବେ ମଧୁପୁରବସ୍ତି ।
ଗୋଳ କରି ଆଣିବା ଶିଘ୍ରପତି ॥
ସତ୍ୟ କଲେ ଲୋକେ ନ ବୋଲିବେ କି ।
ଗୋପୀନାଥଙ୍କୁ ଗୋପୀ ନ ନେବେ କି ॥
ଏକ ଗୋପୀଏ ବୋଲେ ନୋହେ କଛି ।
ମୋତେ ଏହି ଭଲ ବୁଦ୍ଧି ଦିଶୁଛି ॥
ଜଗନ୍ନାଥ ଏମନ୍ତ କରିବେଣି ।
ତାହା ଦେଖିବା ବେନି ଚକ୍ଷୁ ଯେନି ॥
ଭାଙ୍ଗି ଯିବଣି ମଥୁରା ନଗର ।
କୃଷ୍ଣ ପୁଣି ଆସିବେ ଗୋପପୁର ॥
ଆମ୍ଭେ ରୁଷିଣ କଥା ନ କହିବା ।
ତାଙ୍କ ଗୃହ୍ନେ କହିଲେ ନ ଶୁଣିବା ॥
ଗୋପୀ ଏମନ୍ତ ବୋଲିଣ ମଉନ ।
ତହିଁ ଶୁଭିଲା କୋକିଳର ସ୍ୱନ ॥
ଗୃହିଁ ବୋଲନ୍ତି ବରଜ ସୁନ୍ଦରୀ ।
ପିକ ନୋହୁ ଆମ୍ଭେ ତୋର ବଇରି ॥

ଆମ୍ଭେ ନିର୍ମାଣ୍ଟି ଅଛୁ ଗୋପନାରୀ ।
ଆମ୍ଭେ ମଲେ ଅର୍ଜିବୁ କେଉଁ ଶିରୀ ॥
ଏବେ ଚଳିଯା ମଥୁରା ନଗର ।
କୃଷ୍ଣ ଆଗେ କର ସୁଧୁନିସ୍ୱର ॥
ତାକୁ କନ୍ଦର୍ପ-ବାଧା ଲଗାଇବୁ ।
ଆମ୍ଭଠାରେ ତା ସ୍ନେହ ବଢ଼ାଇବୁ ॥
ଆଣି ପାରିଲେ ତୋତେ ସେବିଥିବୁଁ ।
ଖାଇବାକୁ ଖଣ୍ଡରେ ଖୀର ଦେବୁଁ ॥
ଶୁଣି ମଉନ ହୋଇଲା କୋକିଳ ।
ଚନ୍ଦ୍ରଉଦୟ ଦେଖିଣ ବିକଳ ॥
ତାକୁ ଗୋପୀଏ କରନ୍ତି ଦୟିନ ।
ତୋତେ ଦେଖିଲେ ହୃଦ ହୁଏ ହାଣି ॥
ପୂର୍ବ ଗଲା କଥା ମନେ ପଡ଼ଇ ।
ଆମ୍ଭ ହାଡରୁ ମାଉଁସ ଝଡ଼ଇ ॥
ଆଉ ଏଡ଼େ ହୋଇ ଉଦେ ନୋହିବୁ ।
ଆମ୍ଭେ ମଲେ ତୁ କି ସୁଖ ପାଇବୁ ॥
ମନେ ବିଚାରି ଗୋପୀଏ ବୋଇଲା ।
କୃଷ୍ଣ ଗଲେ ଏଥୁଁ ଭଲ ହୋଇଲା ॥
ଏଥି ଥିଲେ ହୁଅନ୍ତା ମହାଖୁଡ଼ ।
ତହିଁ ହୋଇଛି ସବୁରି ଠାକୁର ॥
ସ୍ଥାନବିଶେଷେ ଦ୍ରବ୍ୟ ପୂଜା ପାଇ ।
ଯେଉଁ ସ୍ଥାନେ ଯେଉଁ ଦ୍ରବ୍ୟ ବିକାଇ ॥
ଥିଲା ଶବରଣୀ ହାତେ ମାଣିକ ।
ତାହା ଚିହ୍ନି ଘେନିଗଲା ଗୁଣିକ ॥
ଯେହ୍ନେ ଶାମୁକୁଁ ବାହାରେ ମୁକୁତା ।
କାଲେ ଭୋଗ କରେ ତାହା ଦେବତା ॥
ଗୁଣ ଘୋଷୁ ଘୋଷୁ ଜ୍ଞାନ ହୋଇଲା ।
ଏକ ଗୋପୀଏ ଥାଇଣ ବୋଇଲା ॥
ଯାହା ମହିମା ଦେବଙ୍କୁ ଦୁର୍ଲ୍ଲଭ ।
କାହିଁ ପ୍ରାପତ ଆମ୍ଭଙ୍କୁ ସୁଲଭ ॥
ଭାରା ଉଣ୍ଡାସିବାପାଇଁ ଜନମ ।
ଆନ ବେଲେ କର ନୋହେ ସେମାନ ॥
ଭାଗ୍ୟ ଯେତେ ଦିନ ଥିଲା ଆମ୍ଭର ।
କୃଷ୍ଣ ଘେନି ଖେଳୁଥିଲୁଁ ସଙ୍ଗର ॥

ଜଗଦାତ୍ମାରେ ଜଗତ ପୂରତ ।
କୃଷ୍ଣ ଜାଣିଲେ ଗୋପୀଙ୍କ ଆରତ ॥
ବେଗେ ଗଇଲେ ଉଦ୍ଧବଙ୍କୁ ପାଶ ।
ତୁମ୍ଭେ ଗୋପପୁରକୁ ଯାଇ ଆସ ॥
ତୁ ଯେ ଭକତ ଆମ୍ଭର ବାନ୍ଧବ ।
ତେଣୁ ବରଗୁ ଅଙ୍କୁଁ ଭକ୍ତଭାବ ॥
ମୋତେ ନ ଦେଖିଣ ଗୋପୀ ଗୋପାଳ ।
ନିରନ୍ତରେ ହେଉଛନ୍ତି ବିକଳ ॥
ମୋତେ ନ ଲୋଡ଼ନ୍ତି ଗୋପୀ ଯେମନ୍ତ ।
ତାଙ୍କୁ ବୁଝାଇ କହିବ ତେମନ୍ତ ॥
ଆଜ୍ଞା ପ୍ରମାଣେ ଉଦ୍ଧବ ଚଳଇ ।
ଯାଇଁ ଗୋପନଗରେଣ ମିଳଇ ॥
ପାଶେ ବସାଇଣ ଗୋପୀ ଗୋପାଳ ।
ତାଙ୍କୁ ବାରତା ପୁଚ୍ଛନ୍ତି ସକଳ ॥
କୃଷ୍ଣ କହିବା କଥାମାନ କହି ।
ବେଗେ ଉଦ୍ଧବ ବାହୁଡ଼ି ଆସଇ ॥
ଗୋପୀ ବିରହ ବୋଲି ସୁଧାରସ ।
ଶୁଣି ସୁଜନେ କଲୁଷ ବିନାଶ ॥
କୃଷ୍ଣ ପଦ୍ମପାଦରେ ଦେଇ ଚିତ୍ତ ।
ଦାସ ଦିନାଇ ସେବେ ଗୋପୀନାଥ ॥

---

# ରାମାୟଣ

## By BALARAM DAS

### ଆଦିକାଣ୍ଡ

(1)

ନମୋ ନାରାୟଣ ପ୍ରଭୁ କମଳାର ପତି ।
ନୀଳଗିରି-ଶିଖରେ ଯେ ଅପୂର୍ବମୂରତି ॥
ସୁନ୍ଦର ଶ୍ରୀମୁଖେ ନୀଳଗିରି ପାଏ ଶୋଭା ।
କି ଜାଣି କି ପଟାନ୍ତର ଶରତ୍‌ଶଶୀ ପ୍ରଭା ॥
ନୟନଯୁଗଳ କିବା ଶତଦଳ ପଦ୍ମ ।
ଜଗତଜୀବନ ନାଥ ପରମଆନନ୍ଦ ॥
ସର୍ବଜନ ନିସ୍ତାରଣ ସୁରଗଣ ସାହା ।
ସର୍ବଦା ଯେ ଶଙ୍ଖ ଚକ୍ର ଗଦା ପଦ୍ମବାହା ॥
ସର୍ବାଙ୍ଗେ ଯେ ଶ୍ରୀଚନ୍ଦନ ଲେପନ ଶ୍ରୀହରି ।
ବିଚିତ୍ର ଝିନିବସନ ପରିଧାନ କରି ॥
ଲଳିତ ସୁରଙ୍ଗ ସୁଶୋଭିତ ନେତ୍ରଛଟା ।
ହରିତ କାଛଟା ଅଙ୍ଗେ ଗିରୁ ପାଟପେଟା ॥
ଶିରେ ବିଶାଖା ମୁକୁଟ କୁଣ୍ଡଳ ରାଜଇ ।
ତପନ କିରଣ ଜାଣି କର୍ଣ୍ଣେ ଝଲକଇ ॥
ଲଲାଟରେ ସୁଶୋଭିତ ରତ୍ନସମ ଚିତା ।
ଗଗନମଣ୍ଡଳେ କିବା ଉଦିତ ସବିତା ॥
ଅଳକାମଣ୍ଡଳେ ଶୋହେ ଗଜମତି ହୀରା ।
ଚନ୍ଦ୍ରମାମଣ୍ଡଳେ କିବା ଉଦେ ଲକ୍ଷେ ତାରା ॥
ଗଣ୍ଡସ୍ଥଳଯୁଗଳ କି କନ୍ଦର୍ପଦର୍ପଣ ।
ହୃଦେ ଯେ ପଦକ ହେମପବିତ୍ର କଙ୍କଣ ॥
ବିକଚ୍ଛ ବସନ ଅଙ୍ଗେ ଉତ୍ତରୀ ଶୋଭିତ ।
ଚତୁର୍ମୁଖେ ବନ୍ଦିବାକୁ ଧାତା ଅସମର୍ଥ ॥
ଚତୁର୍ଦ୍ଦଶ ଭୁବନରେ କି ଦେବା ଉପମା ।
ମୁଁ କିସ କହିବି ପ୍ରଭୁ ଅଙ୍ଗର ମହିମା ॥
କାଳିନ୍ଦୀଜଳ କଲ୍ଲୋଳ ଲହରୀ ଶୋଭିତ ।
ମଧ୍ୟରେ ଅଧର ଶୋଭି ପୋହଳା ବୋଇତ ॥
ସୁସଙ୍ଖ ବିମୁଣ୍ଡି ପାବଚ୍ଛରେ ହୋଏ ଗୋଳ ।
ପ୍ରସାଦ ସୌରଭେ ଭ୍ରମନ୍ତି କି ଭୃଙ୍ଗମେଳ ॥

ସୁସଞ୍ଚ ସୁରଙ୍ଗ ପକ୍ୱ ଅଧରର ରେଖା ।
ଜଳଦମଣ୍ଡଳେ କିବା ସ୍ଫୁଟେ ବିଦ୍ୟୁଲ୍ଲେଖା ॥
ସୁବଳିତ ନାସାକୁ କି ପଟାନ୍ତର ଅଛି ।
ଆପଣେ ଆପଣେ ରୂପ ଘଟିତ ଶ୍ରୀବସ୍ତି ॥
ତ୍ରୈଲୋକ୍ୟ ଜନ ହୁଅନ୍ତି ବଶ ଯାହା ଦେଖି ।
ସେହି ଶ୍ରୀଜଗନ୍ନାଥ ଯେ ସର୍ବଜନ ସାକ୍ଷୀ ॥
କଟିର ମେଖଳା ସୁଶୋଭିତ ଦିବ୍ୟକାନ୍ତି ।
ବାମେ ଯମଦାଢ଼ ଯେ ପ୍ରଚଣ୍ଡ ସୂର୍ଯ୍ୟଜ୍ୟୋତି ॥
ରତ୍ନସିଂହାସନେ ନେତର ଯେ ଦୋଳ ପାଟ ।
ବିଜୟ ନାରାୟଣ ବଡମାପଣ ଛଡ଼ି ॥
ବ୍ରହ୍ମା ଆଦି ରୁଦ୍ର ଚନ୍ଦ୍ର ବନ୍ଦନ୍ତି ଯେ ଧ୍ୟାନେ ।
ସେହି ପ୍ରଭୁ ଅବତାର ମଞ୍ଚେ ବିଦ୍ୟମାନେ ॥
ଦେଖିବାକୁ ସୁନ୍ଦର ସୁଲଭ ଅଗୋଚର ।
ପରମବ୍ରହ୍ମରୂପ ଦିଶଇ ଶୋଭାକର ॥
ଅବ୍ୟୟ ଅମୃତରୂପ ଦିଶେ ଆଦିକାୟା ।
ଅବର୍ଣ୍ଣି ଅଜିତ ଅବିବେକ ଯାର ମାୟା ॥
ଅନନ୍ତକୋଟି ବ୍ରହ୍ମାଣ୍ଡେ ଅନନ୍ତ ଈଶ୍ୱର ।
ସ୍ୱଇଚ୍ଛାରେ ବିଜୟ ଦକ୍ଷିଣ ସିନ୍ଧୁତୀର ॥
ବଡ଼ ସିଂହାସନେ ବିଷ୍ଣୁ କ୍ଷେତ୍ରେ ମଧ୍ୟେ ବିଜେ ।
ରାଜରାଜେଶ୍ୱର ରାଜା ତହିଁରେ ବିରାଜେ ॥
ପାଟମହାଦେଈ ଯେ ରୁକ୍ମିଣୀ ସତ୍ୟଭାମା ।
ମନ୍ତ୍ରୀବର ଜ୍ୟେଷ୍ଠଭ୍ରାତ ବଳଦେବ ସୀମା ॥
ଭଗ୍ନୀ ଯେ ସୁଭଦ୍ରା ତହିଁ ସମ୍ଭାଳନ୍ତି ଅର୍ଥ ।
ଭଣ୍ଡାରରେ ପରିପୂର୍ଣ୍ଣ ସକଳ ପଦାର୍ଥ ॥
ବଜ୍ରର ସମାନ ଜାଣି ପାଷାଣ ନିବର ।
ରଥେ ଚକ୍ରଚିହ୍ନ ଚରାଳ ଯେ ଫରହର ॥
ଆଗରେ ଯେ ଦ୍ୱାରପାଳ ବନତାର ବସ୍ତି ।
ଦକ୍ଷିଣପାଖରେ ଯେ କଳପବଟ ଅଛି ॥
ଲବଣସମୁଦ୍ର ଯହିଁ ଗଡ଼ର ଯେ ଖଣା ।
ଲାଉକେଶ୍ୱର ଲିଙ୍ଗ ପଶ୍ଚିମଦ୍ୱାର ରଣା ॥
ପାଟଣାନଗର ନାମ ପୁରସ୍ତମ ପୁରୀ ।
ବ୍ରହ୍ମା ସୃଜିଅଛି ଯାହା ଅତି ଯତ୍ନ କରି ॥
ମାରକଣ୍ଡେଶ୍ୱର ଲିଙ୍ଗ ନଗ୍ର ଦଣ୍ଡଘାଟ ।
ସୁସଞ୍ଚେ ବସଇ ଯେ ମୁକୁତା ଶ୍ରୀ ହାଟ ॥

ସୁବର୍ଣ୍ଣମୟ ପୁରୀ ଦିଶଇ ଅତିଶୋଭା ।
ତହିଁ ମଧ୍ୟେ ନ ପଶଇ କାଳଦଣ୍ଡ ପ୍ରଭା ॥
ଦଶସହସ୍ର ଯେ ଘର ଅଷ୍ଟାଦଶ ଜାତି ।
ସମସ୍ତେତ ଚତୁର୍ଭୁଜ ସ୍ୱର୍ଗକୁ ଦିଶନ୍ତି ॥
ଦେଖି ସର୍ବ ଦେବତା ପୁଚ୍ଛନ୍ତି ପିତାମହ ।
ଏଥିର ସଂଶୟ ଧାତା ବିସ୍ତରିଣ କହ ॥
ମର୍ତ୍ତ୍ୟଲୋକ ଭରତଖଣ୍ଡ ପୂର୍ବଦିଗ ଦେଶ ।
ଦକ୍ଷିଣ ମହୋଦଧି ଉତ୍ତର ତଟ ଦିଶ ॥
ନୀଳଗିରି ଶିଖରେ ବିଜୟ ଚକ୍ରଧାରୀ ।
ଚର୍ମନୟନେ ଦେଖିଲେ ଲୋକେ ଯାନ୍ତି ତରି ॥
ନଗ୍ର ସୁସଞ୍ଚ ଅନେକ ଲୋକ ରହିଅଛି ।
ସମସ୍ତେହେଁ ଦିଶନ୍ତି ପ୍ରତ୍ୟକ୍ଷେ ଶିରୀବତ୍ସି ॥
ଶଙ୍ଖଚକ୍ର ଗଦା ଯେ ଶାରଙ୍ଗ ଚତୁର୍ଭୁଜ ।
ଏଥିର ମଧ୍ୟରେ ଯେ ବିଜୟ ଦେବରାଜ ॥
କେମନ୍ତେ ଜାଣିମା ଏହା କହ ଚତୁର୍ମଥା ।
ଆମ୍ଭଙ୍କୁ ଦୁର୍ଲ୍ଲଭ ଯେ ହୋଇଲା ଏହୁ କଥା ॥
ହସିଣ ବ୍ରହ୍ମାଏ ବୋଇଲେ ହେ ଦେବେ ଶୁଣ ।
ପୁରୁଷୋତ୍ତମକ୍ଷେତ୍ର ବୈକୁଣ୍ଠ ନାରାୟଣ ॥
ଯେଉଁ କ୍ଷେତ୍ରେ ଜଗନ୍ନାଥ ଆପେ ଦେହଧାରୀ ।
ଚର୍ମନୟନେ ଦେଖିଲେ ଭବୁ ଯାନ୍ତି ତରି ॥
ସକଳ ଲୋକେ ହୋଇଲେ ତହିଁ ଚତୁର୍ଭୁଜ ।
ବିସ୍ତରି ଆପଣା ଭୁଜ ଛଡି ଦେବରାଜ ॥
ଚରଣହିଁ ନ ବହିଲେ ଜଗଜ୍ଜନ ହିତେ ।
ଗୁପତ କଲେକ ପ୍ରଭୁ ଶ୍ରୀଜଗନ୍ନାଥେ ॥
ନିର୍ଗୁଣ ପ୍ରାଣୀ-ରୂପ ଯେ ନିରାକାର ରେଖ ।
ବ୍ରହ୍ମାର ବଚନେ ଦେବେ ହର୍ଷ କଲେ ମୁଖ ॥
ସୁରମୁନି ସହିତେ ଅଇଲେ ଦେବେ ଦେଖି ।
ସଫଳ ହୋଇଲେ ଦେବେ ସ୍ୱରୂପ ନିରେଖି ॥
ବେନିଭୁଜ ତୋଳି ଜନେ ଡାକନ୍ତି ଶରଣ ।
ତେଣୁ ନାମ ତାଙ୍କର ଜଗତ ନିସ୍ତାରଣ ॥
ଭକ୍ତଜନ ଦେଖିଣ ସେ ହରଷେ ହସନ୍ତି ।
ତେଣୁ କରି ସୁରଙ୍ଗ ଅଧର ବିକାଶନ୍ତି ॥
ଚକ୍ଷୁ ନିର୍ମଳ କରିଣ ଦେବଗଣେ ଚାହେଁ ।
ନିପୁଣ ସେବକ ମୋର କର୍ମେ ଦୁଃଖ ପାଏ ॥

କଟିରେ ପୀତବସନ ପିନ୍ଧିଛନ୍ତି ଠାଣି ।
ତଥିର ଉପରେ ଶୋଭା ରତ୍ନଓଡ଼ିଆଣୀ ॥
ରିପୁବଳ ଅଜାଗେ ଦିଅନ୍ତି ବୋଲି ଧାଡି ।
ସେ ଛଳେ ଧରିଲେ ପ୍ରଭୁ ଚକ୍ର-ଗଦା-ବାଡି ॥
ଚଉକତି ବହିର ଗୃଗୁଣୀ ଗୃହନଦୀ ।
ଆରତଜନଙ୍କ ନାଥ ତତ୍ତ୍ୱଜ୍ଞାନ-ନିଧି ॥
କୁସୁମ ଚନ୍ଦନ ବାସ ସୁଗନ୍ଧ ଜାଣିଲେ ।
ବାସୁଦେବ ବାସନା ଏ ପ୍ରକୃତି ମଣିଲେ ॥
ଦେବଙ୍କୁ ଦୁର୍ଲ୍ଲଭ ଯେ ମନୁଷ୍ୟେ ଅପ୍ରକାଶ ।
ଜୟ ଜୟ ମାଧବ ତୁ ପରମପୁରୁଷ ॥
ଅନନ୍ତ ପୁରୁଷୋତ୍ତମ ସହସ୍ର ମୂରତି ।
ସହସ୍ର ପୟର ତୋ ସହସ୍ର ନାମ ଖ୍ୟାତି ॥
କଳ୍ପାନ୍ତରେ ପ୍ରଭୁ ତୁହି ହେଉ ଯେ ପ୍ରକାଶ ।
ଦ୍ୱାଦଶ ଅଙ୍ଗୁଳ ତୁ ଯେ ବେଦାନ୍ତପୁରୁଷ ॥
ସତ୍ୟ ମୂର୍ତ୍ତି ସାତ୍ତ୍ୱିକ ଯେ ଅଟୁ ତୁ ଗୋସାଇଁ ।
ସର୍ବ ଜୀବମଧ୍ୟେ ତୁ ତୋ ତହୁଁ ଅନ୍ୟ ନାହିଁ ॥
ଅପାର ମହିମା ତୋର ବିଚିତ୍ର ଯେ କେଳି ।
ସୁରଗଣ-ସଖା ତୁ ଅସୁର-କୁଳ-କାଳୀ ॥
ନମୋ ନମୋ ନାରାୟଣ ମଦନଗୋପାଳ ।
ନମୋ ନମୋ ନାରାୟଣ ଅରିକୁଳକାଳ ॥
ନମୋ ନମୋ ନାରାୟଣ ଶ୍ରୀଧର ଶ୍ରୀହରି ।
ନମୋ ନମୋ ବିଷ୍ଣୁନାଥ ଶ୍ରୀରଙ୍ଗ ମୁରାରି ॥
ନମୋ ନମୋ ଭଗବାନ ଜଗତ-ସର୍ଜ୍ଜନ ।
ଅନୁକ୍ଷଣେ ଦାତବ୍ୟ ତୁ ପାପ ପୁଣ୍ୟ ଜ୍ଞାନ ॥
ଭାଇ ଭାରିଯା ତୋହର ଭଗିନୀ ସହିତେ ।
ନୀଳଗିରିରେ ବିଜୟ ସର୍ବଜନ-ହିତେ ॥
ବିବିଧ ବିନୋଦେ ତୁହି କରୁ ନାନାରସ ।
ନାନାବିଧିରେ ଭିଆଇ ଯାତ୍ରା ବାରମାସ ॥
ଯେ ତୋହର ଚରଣେ ଶରଣ ପଶେ ଆସି ।
ଉଭୟଲୋକରେ ତାର ଶୁଭଫଳ ଦିଶି ॥
ଇହଲୋକେ ଉପଗତ ମଲେ ସ୍ୱର୍ଗବାସୀ ।
ଦେବଙ୍କର ସଭାରେ ସେ ଯୁଗେ ଯୁଗେ ବସି ॥
ତୁ ସେ ନାରାୟଣ ପ୍ରଭୁ ଜଗତର ପତି ।
ଜଗତର ଉଦ୍ଧାରଣ ତୁ ସେ ଦାଶରଥି ॥

କୀଟୁଁ ବ୍ରହ୍ମପରଯନ୍ତେ ତୋହର ଯେ କେଳି ।
ଭୟ ନ କରଣ ମୁହିଁ ନର୍ଭୟେ ଭଜିଲ ॥
ଶାସ୍ତ୍ର ପୁରାଣ ଶୁଣିଲ ମୁହିଁ ବପ୍ରମୁଖେ ।
ତେଣୁ ସେବାକରେ ତୋ ଚରଣ ଆତ୍ମସୁଖେ ॥
ତୋହର ସୁଦୟା ଯେ ହୋଇଲେ ଦେବଗଣେ ।
ତୋତେ ଆଶ୍ରେ କର ଯେ ଅଛନ୍ତ ସର୍ବଜନେ ॥
ଯେ ତୋହର ସୁଦୟାରୁ କଛୁ ଅଛ ପାଇ ।
ବ୍ରହ୍ମାଣ୍ଡଭିତରେ ତାଙ୍କୁ ସମ ଅଛ କାହିଁ ॥
ଜୟ ଭୂତଆତ୍ମା ତୁ ଯେ ସର୍ବ ଶାସ୍ତ୍ରାର୍ଥକ ।
କଉସ୍ତୁଭମଣି ତୋର ଗଳାର ଆଲୋକ ॥
ମୁହିଁ ବଳରାମ ଦାସ ତୁମ୍ଭର ସେବକ ।
କରୁଣା ବଦନେ ମୋତେ କର ଅବଲୋକ ॥
ରାମନାମ ବହ ଛେଦବଇଁ କାଳଫାଶି ।
ସପତମ ଅବତାର ହେବେ ଗୋପବାସୀ ॥
ରାବଣ ଦର୍ପ ଧ୍ୱଂସିବେ ସେ ଯେ ରାମସ୍ୱାମୀ ।
ଯାହା ପୁଣି ବଖାଣିଲେ ବାଲମିକ ମୁନ ॥
ତାହା ସୁମର ଛେଦବ ମୁଁ ଯେ କାଳଫାଶି ।
କରସି କରୁଣା ମୋତେ ନୀଳଗିରବାସୀ ॥
ଶୁଣି ସୁପ୍ରସନ୍ନ ମୋତେ ହେଲେ ଜଗନ୍ନାଥ ।
ହୃଦୟେ ପ୍ରସନ୍ନ ହେଲେ ଶଙ୍ଖ-ଚକ୍ରହସ୍ତ ॥
ଶ୍ରୀ ଜଗନ୍ନାଥଙ୍କ ଆଜ୍ଞା ଶିରରେ ମୁଁ ଧର ।
ଗ୍ରନ୍ଥ-ବଖାଣିବା ଇଚ୍ଛା ଆଦଅନ୍ତ କର ॥
ଶୁଣିବା ହେ ସୁଜ୍ଞଜନେ ଶ୍ରୀରାମ-ମହମା ।
ସଦାଶିବ ଛାମୁରେ ଯା ପୁଚ୍ଛକଲେ ଉମା ॥
ପ୍ରସନ୍ନ ହୋଇ କହନ୍ତ ତାଙ୍କୁ ତ୍ରିପୁରାର ।
ମୁହିଁ ତାହା ବଖାଣିବ ହୃଦରେ ବଗୃର ॥
ନୀଳଗିରବାସୀ ଜଗନ୍ନାଥଙ୍କ ପ୍ରସନ୍ନେ ।
କହବା ଯେ ରାମାୟଣ ଅମୃତବଚନେ ॥
କପିଳାସକନ୍ଦରେ ଯେ ବଜେ ବଣ୍ଡନାଥ ।
ଏସନସମୟେ ଯେ ମିଳଲେ ଚଉମାଥ ॥
ଦେଖି କୃତକୃତ୍ୟ ହୋଇ ଦେବ ତ୍ରିପୁରାର ।
ଉଠିଣ ବ୍ରହ୍ମାଙ୍କୁ ଶିବ କୋଳାଗ୍ରତ କର ॥
ପ୍ରୀତିକର ଧାତାଙ୍କୁ ସେ ବସାଇଲେ ନେଇ ।
ବ୍ରହ୍ମାଙ୍କୁ ଦେଖିଣ ହର ସମ୍ଭାଷଣ ହୋଇ ॥

ଏକକୁ ଆରେକ ସେ ଯେ ପୁଚ୍ଛନ୍ତି କୁଶଳ ।
ସୃଷ୍ଟିକରତା ଯେ ଧାତା ଅଟେ ଆଦିମୂଳ ॥
ଈଶ୍ୱର ବୋଇଲେ ତୁମ୍ଭେ ଶୁଣ ପିତାମହ ।
ବଳହୀନ ଦୁର୍ବଳ ହୋଇଲା ମୋର ଦେହ ॥
ପାର୍ବତୀ ବିକଳ ଯେ ହୁଅନ୍ତି ତାହା ଦେଖି ।
କେବଣ କାରଣରୁ ଏ କହ ଅଷ୍ଟଆକ୍ଷି ! ॥
ବ୍ରହ୍ମା ବୋଇଲେ ହର ଏ କଥା ତୋର ଜାଣି ।
ତୋହର ହିତରେ ମୁଁ ଅଇଲି ଶୂଳପାଣି ! ॥
ଧର୍ମକୁ ନ ଜାଣି ତୁ ଅଧର୍ମ ମାର୍ଗେ ଗଲୁ ।
ଦକ୍ଷ ମହାଯଜ୍ଞ ଅନିମିତ୍ତେ ତୁ ଭାଙ୍ଗିଲୁ ॥
ଜାଣୁ ଜାଣୁ କଲୁ ତୋର ଶରୀର ଅସୁସ୍ଥ ।
ଧର୍ମ ଆଚରଣ କେଭେ ନ କରୁ ତତ୍ତ୍ୱ ॥
ଦେବେ ହରିର୍ଭଗ ଯେ ପାଆନ୍ତି ସ୍ୱର୍ଗେଥାଇ ।
ତୁ ଯେ ପାପ ପୁଣ୍ୟକୁ ନ ଚହ୍ନୁ ଉମାସାଇଁ ! ॥
ମହାପାପ ଅର୍ଜିଲୁ ତାମସ-ଭାବ ବହି ।
ତେଣୁକର ଦୁର୍ବଳ ତୋ ଦେହେଁ ତେଜନାହିଁ ॥
ଜପଯଜ୍ଞ ତୀର୍ଥବାସ ଅଟେ ପୁଣ୍ୟ କର୍ମ ।
ଏହା ହିଂସିଲେ ପାପ ଅଟଇ ଅଧର୍ମ ॥
ଅହନ୍ତା କରି ଧର୍ମକୁ ଯେ ନ ଗ୍ରହିଁଲୁ ।
ତେଡ଼େବଡ଼ ମହାଯଜ୍ଞ ହେଲେ ନାଶ କଲୁ ॥
ପଡ଼ିଲା ତୋତେ ସେ ମହା ପାପର ଯେ ଭୋଗ ।
ଶରୀର ଅସୁସ୍ଥ ସାଧ୍ୱ ନ ପାଇବୁ ଯୋଗ ॥
ଏବେ ସଦାଶିବ ତୁ ମୋହର ବୋଲ କର ।
ତାରକବ୍ରହ୍ମନାମ ତୁ ଜପି ପାପ ହର ॥
ରାମ ନାମ ଜପିଲେ ଯେ ଛୁଡ଼ିଯିବ ପାପ ।
ବିଶ୍ୱାମିତ୍ରମୁନି-ଋଷି-ଛନ୍ଦ-ଅନୁଷ୍ଟୁପ ॥
ସାଧନା କର ହେ ଶିବ ରାମନାମ ପଦ ।
ଦୁର୍ବଳତା ନାଶ ଯିବ ସୁବଳ ଆନନ୍ଦ ॥
ହୋଇବ ପ୍ରାପତ ତୋତେ ସକଳ ପଦାର୍ଥ ।
ସର୍ବ କ୍ଳେଶ ନାଶ ସିଦ୍ଧ ହୋଇବ ସାମର୍ଥ୍ୟ ॥
ଏତେ ବୋଲି ବ୍ରହ୍ମା ମୁଖେ ସାମବେଦ ଘୋଷି ।
ରୁଦ୍ରଙ୍କୁହିଁ ରାମପଦ କହିଲେ ବିଶେଷି ॥
କୃତାଞ୍ଜଳି ହୋଇ ରହିଲେ ସେ ସଦାଶିବ ।
ବ୍ରହ୍ମାଙ୍କର କଲ୍ୟାଣରେ ଦେହ ସୁସ୍ଥ ହେବ ॥

ଅନେକ ସ୍ତୁତି ଯେ କଲେ ତାଙ୍କୁ ଶୂଳପାଣି ।
ମୋତେତ ସୁଦୟା କଲ ପିତାମହ ଜାଣି ॥
ଯେଉଁ ଉପଦେଶ ଦେଲ ଶ୍ରୀରାମର ବାଣୀ ।
ଆତ୍ମା ମୋର ପରିବୋଧ ହେଲା ତାହା ଶୁଣି ॥
ଆଜହୁଁ ଶ୍ରୀରାମ-ନାମ ହୋଇଲା ମୋ ବ୍ରତ ।
ତୋହର ପ୍ରସନ୍ନେ ମନ୍ତ୍ର ହେଉ ପରାପତ ॥
ଏଥୁଅନନ୍ତରେ ସ୍ୱର୍ଗେ ଗଲେ କୃଶପାଣି ।
ସର୍ବଦା ଘୋଷନ୍ତି ସଦାଶିବ ରାମବାଣୀ ॥
ପ୍ରଭାତରୁ ନିତ୍ୟକର୍ମ ସାରନ୍ତି ଶଙ୍କର ।
ଜପନ୍ତି ସେ ରାମନାମ ଏ ବେନି ଅକ୍ଷର ॥
ଦିନକୁ ଦିନ ହୋଇଲା ଦେହ ବଡ଼ ସୁସ୍ଥ ।
ମନରେ ବଡ଼ ଆନନ୍ଦ ହେଲେ ଶୂଳହସ୍ତ ॥
କ୍ଷଣେହେଁ ସେ ନ ଛାଡ଼ନ୍ତି ଶ୍ରୀରାମର ନାମ ।
ଦୃଢ଼ କରି ଜପନ୍ତି ସେ ହୃଦେ ଅନୁପମ ॥
ଏମନ୍ତେ କେତେହେଁ ଦିନ ତହିଁ ବହିଗଲା ।
ଦିନୁ ଦିନୁ ଦେହ ଅତି ସୁନ୍ଦର ଦିଶିଲା ॥
ରୂପକୁ ଦେଖି ପାର୍ବତୀ ହର୍ଷ କଲେ ମତି ।
ଯୁବା ପ୍ରାୟେ ଦିଶନ୍ତିତ ଏବେ ପଶୁପତି ॥
ଦିନେ ସଦାଶିନ ମନ୍ତ୍ର ଜପିବାର ବେଳେ ।
ପାର୍ବତୀ ମିଳିଲେ ଯାଇଁ ଶିବ-ପାଦତଳେ ॥
ଭୋ ଦେବ ଈଶ୍ୱର ! କହ କେଉଁ ମନ୍ତ୍ର ଜପୁ ।
ମୋତେ କପଁା ମାୟା ତୁମ୍ଭେ କଲ ସିଦ୍ଧବପୁ ॥
ମୁଁ ତୁମ୍ଭ ଚରଣେ ସଦା ଶରଣ ଯେ ଦାସୀ ।
କର ଅନୁଗ୍ରହ ମୋତେ କପିଳାସବାସୀ ॥
ଏମନ୍ତ କହି ନମନ୍ତି ଦେବୀ ପୁଣି ପୁଣି ।
ହସିଣ କହନ୍ତି ସଦାଶିବ ପ୍ରିୟବାଣୀ ॥
ଉଠ ଉଠ ସଖି ଆରେ ମୋର ପ୍ରାଣ ସରି ।
ଆପଣେ ଶ୍ରୀଭୁଜେ ତୋଳି ବସାଇଲେ ଧରି ॥
ଜାନୁରେ ବସାଇ ପୁଣି କହନ୍ତି କପାଳୀ ।
ତାରକମନ୍ତ୍ରରାଜ ଏ ଅଟେ ମହାବଳୀ ॥
ଶୁଣ ଶଶିମୁଖି ! ଆଗୋ କହଇ ମୁଁ ତୋତେ ।
ପିତାମହ ଉପଦେଶ ଦେଇଗଲେ ମୋତେ ॥
ବିଷ୍ଣୁର ସହସ୍ର ନାମ ମଧ୍ୟରେ ଯେ ସାର ।
ଏହି ମନ୍ତ୍ର ଯେଉଁ ନର କରନ୍ତି ଉଚ୍ଚାର ॥

ଯେତେକ ଫଳ ଏଥିରେ ହୁଏ ସୁମରନ୍ତେ
ଏହାହୁଁ ଅଧିକ ରାମନାମ ସୁମରନ୍ତେ ॥
ଏ ଯେ ମନ୍ତ୍ରରାଜ ସର୍ବମନ୍ତ୍ର ମଧ୍ୟେ ସାର ।
ନିତ୍ୟରେ ସ୍ମରଣ କଲେ ଖଣ୍ଡେ ପାପଭାର ॥
ଏହି ରାମନାମକୁଟି ସୁମରନ୍ତି ମୁନି ।
ଏହା ସ୍ମରଣ କରି ବୋଲାନ୍ତି ବ୍ରହ୍ମଜ୍ଞାନୀ ॥
ରାମନାମ ସୁମରଣ ଜଗତର ପିତା ।
ରାମନାମ ଧରଣ ସେ ଜଗତକରତା ॥
ରାମନାମ ସୁମରଣା କରି ଦେବୀ ଶ୍ରିୟା ।
ନାରାୟଣ ଦେବତାର ହୋଇଛନ୍ତି ପ୍ରିୟା ॥
ତାରକ ବ୍ରହ୍ମଜ୍ଞାନୀ ଯେ ଯାହା ସେହି ଭଣି ।
ସେ ମହାମନ୍ତ୍ରକୁ ତୁମ୍ଭେ ଶୁଣ ରୂପମଣି ॥
ମୁହିଁ ତାହା ଜପଇ ଯେ ପରଂଜ୍ଞାନ ତତ୍ତ୍ୱ ।
ତେଣୁ ଶରୀରକୁ ନ ବାଧଇ ଅପମୃତ୍ୟୁ ॥
ପାବତୀ କହିଲେ ତୁମ୍ଭେ କହିଲ ହେ ଯାହା ।
ନାରାୟଣ ସ୍ୱାମୀ ଯେ ସକଳ ଦେବସାହା ॥
କେବଣ ଅବତାରେ ସେ ରାମନାମ ବହି ।
କସ ଅର୍ଥେ ଅବତାର ମର୍ତ୍ତ୍ୟେ ଆସି ହୋଇ ॥
ଅରୂପ ଅବର୍ଣ୍ଣ ସେ ଅପୂର୍ବ ନାମ ଯାର ।
ମର୍ତ୍ତ୍ୟଲୋକେ କପାଇଁ ସେ ହେଲେ ଅବତାର ॥
ଏ କଥା ବିସ୍ତାରି ମୋତେ କହ ପ୍ରାଣନାଥ ! ।
ଶୁଣିବି ଶ୍ରୀରାମ-କୀର୍ତ୍ତି ହୋଇବି ମୁକତ ॥
ବୋଇଲେ ପାର୍ବତୀ ବିଶ୍ୱନାଥ ମୁଖ ଚାହିଁ ।
ଶ୍ରୀରାମର ପୁରାଣ ତୁ ଶୁଣ ପ୍ରାଣସହି ॥
ବ୍ରହ୍ମାଙ୍କ ପଞ୍ଚମ ବେଦୁଁ ପୁରୁଷେକ ଜାତ ।
ନାମ ତାହାଙ୍କର ଧାତା ଦେଲା ଯେ କଳିତ ॥
ତାହାଙ୍କ ବୀର୍ଯ୍ୟୁଁ ଜାତ ବିଶ୍ରବା ନାମେ ଋଷି ।
ଦଶାନନ ନାମେଣ ଯେ ତାହାଙ୍କର ଶିଷି ॥
ସୁମାଳୀର ଝିଅ ନଇକେଷୀ ତହୁଁ ଜାତ ।
ମାତାଗୁଣ ଘେନି ସେହୁ ହୋଇଲା ଦଇତ ॥
ବ୍ରହ୍ମାଙ୍କର ତପବଳେ ସାଧିଲା ତ୍ରିଲୋକ ।
ସୁରମୁନିମାନଙ୍କୁ ସେ ଦେଲା ବଡ଼ଦୁଃଖ ॥
ଜ୍ୟେଷ୍ଠଭାଇ ବଇମାଏ ଅଟଇ କୁବେର ।
ତାହାଙ୍କୁ ସେ ଲଙ୍କାପୁରୁ କଲାକ ବାହାର ॥

କପିଳାସକନ୍ଦରେ ସେ ପଶିଲାକ ଯାଇଁ ।
ତହିଁକ ଗଲା ସେ ବୀର ପ୍ରତିଜ୍ଞା ଦେଖାଇ ॥
କୁବେରକୁ ଯୁଦ୍ଧେ ଜିଣି ଆଣିଲା ବିମାନ ।
ଦେବଙ୍କର ଆରୋହଣ ଅଟଇ ସେ ଯାନ ॥
ତିନିପୁର ଗମନ ସେ କରେ ମାୟାରଥ ।
ତହିଁ ବସି ଜିଣିଲା ସେ ସର୍ବ ଦେବତାନ୍ତ ॥
ସ୍ୱର୍ଗପୁରକୁହିଁ ଦିନେ ବିଜେକରି ଗଲା ।
ମରୁତରାଜ ଯଜ୍ଞରେ ପ୍ରବେଶ ହୋଇଲା ॥
ଦେଖି ଦେବତାଏ ଭୟେ ଗଲେ ଅପସରି ।
ମରୁତରାଜାକୁ ବଳେ ଜିଣିଲାକ ଧରି ॥
ମୟଦଇତ-ଦୁହିତା ନାମ ମନ୍ଦୋଦରୀ ।
ନାହିଁ ପଟାନ୍ତର ତାକୁ ପବିତ୍ର ସୁନ୍ଦରୀ ॥
ତାହାକୁହିଁ ବିଭା ସେ ହୋଇଲା ବିଂଶପାଣି ।
ସେ ସୁଲକ୍ଷଣୀ ତାହାର ହେଲା ପାଟରାଣୀ ॥
ବ୍ରହ୍ମା ସୁପ୍ରସନ୍ନେ ତାକୁ ଦେଲେ ବ୍ରହ୍ମଶର ।
ତେଣୁ ସେ ପାପିଷ୍ଠ ଜିଣିଲା ଯେ ତିନିପୁର ॥
ପୃଥିବୀରେ ରାଜଗଣେ ନୋହିଲେକ ସରି ।
ଅଯୋଧ୍ୟାରେ ଅନରଣ୍ୟ ରାଜାକୁ ସେ ମାରି ॥
ପୃଥିବୀକି ଜିଣି କରି କପିଳାସ ଗଲା ।
ପର୍ବତକୁ ଉପାଡ଼ିଣ ଶିରରେ ବହିଲା ॥
ତାହା ଜାଣି ଶିବଗଣ ଶଙ୍କର ସହିତେ ।
ଗରୁ ହୋଇ ଯାଇଁ ମାଡ଼ି ବସିଲେ ସମସ୍ତେ ॥
ଘୋରରାବ ଦେଇ ପ୍ରାଣ ଛାଡ଼ନ୍ତେ ଅସୁର ।
ରାବଣ ତା ନାମ ଦେଇ ରଖିଲେ ଶଙ୍କର ॥
ପ୍ରସନ୍ନେ ଅମରବର ଦେଲେ ତ୍ରିପୁରାରି ।
ଯମକୁହିଁ ଜିଣିଲା ସେ ସ୍ୱର୍ଗପୁରେ ଧରି ॥
ପାତାଳେ ପଶି ବାସୁକି ସଙ୍ଗେ ଯୁଦ୍ଧ କଲା ।
ତାକୁ ସମାଧାନ କରି ବଳିକି ଭେଟିଲା ॥
ପାତାଳବୈକୁଣ୍ଠେ ଦେଖିଲାକ ଦେବହରି ।
ସେଠାରେ ଦଣ୍ଡ ପାଇ ଆଇଲା ଅପସରି ॥
ମର୍ତ୍ତ୍ୟପୁରେ ମାନ୍ଧାତା ସଙ୍ଗତେ ଯୁଦ୍ଧ କଲା ।
ତରକି ଭାବରେ ତହୁଁ ବାହୁଡ଼ି ଆଇଲା ॥
ହୟହୟ ବଂଶେ ଜାତ ସହସ୍ରଅର୍ଜୁନ ।
ଜଳକ୍ରୀଡ଼ା ବେଳେ ତାକୁ ଭେଟେ ଦଶାନନ ॥

ମହାବଲବନ୍ତା ଅଟେ ସେ ନୃପତି ଜାଣ ।
ରାବଣକୁ ବାନ୍ଧି ଘରେ ଥୋଇଲା ଆପଣ ॥
ପଉଲସ୍ତି ମାଗି ନେଲେ ତା ବିକଳ ଦେଖି ।
ନାତିର ନିମନ୍ତେ ଲଙ୍କା ଭୂପଙ୍କୁ ଉପେକ୍ଷି ॥
ବାଳି ନାମେ ବାନର ଯେ କିଷ୍କିନ୍ଧାର ଥାଏ ।
ଯୁଦ୍ଧରେ ନ ପାରି ତାକୁ ମଇତ୍ରେ ବନ୍ଧାଏ ॥
ବ୍ରହ୍ମାଙ୍କର ବରେ ସେ ଜିଣିଲା ତିନିପୁର ।
ସେ ବ୍ରହ୍ମାଙ୍କୁ ସମରେ ଜିଣିଲା ନିଶାଚର ॥
ସୈନ୍ୟ ସହିତେଣ ଦିନେ ସ୍ୱର୍ଗକୁଇଁ ଗଲା ।
ଧାଡ ଦେଇଣ ଇନ୍ଦ୍ରାଦି ଦେବତା ଜିଣିଲା ॥
ପ୍ରାଣେ ନ ମାରିଣ ତାଙ୍କୁ ବୋଇଲା ଅସୁର ।
ସମସ୍ତେ ସେବା କରିବ ମୋତେ ଲଙ୍କାପୁର ॥
ରବି ଚନ୍ଦ୍ର ପବନାଦି ଯମ ହୁତାଶନ ।
ତେତିଶ କୋଟି ଯେ ତୁମ୍ଭେ ଦେବ ଦେବୀମାନ ॥
ଅପସରୀ କିନ୍ନରୀ ଯେ ଗନ୍ଧର୍ବ ଗୃରଣେ ।
ସମସ୍ତେ ସେବିବ ଆସି ମୋହର ଚରଣେ ॥
ଡରେ ସବୁ ଦେବଂତାଏ ସନମତ କଲେ ।
ଯାର ଯଥା ଅଧିକାରେ ଲଙ୍କାରେ ସେବିଲେ ॥
ପୁତ୍ର ମେଘନାଦ ତାର ସ୍ୱର୍ଗେ ଧାଡ଼ି ଦେଲା ।
ସେ ପୁତ୍ର ସଂଗ୍ରାମେ ପୁଣ ଇନ୍ଦ୍ରକୁ ବାନ୍ଧିଲା ॥
ବ୍ରହ୍ମା କହି ସେ ଇନ୍ଦ୍ରକୁ ନେଲେ ମୁକୁଳାଇ ।
ପ୍ରଶଂସି ତାହାକୁ ଇନ୍ଦ୍ରଜିତ ନାମ ଦେଇ ॥
ବିଭୀଷଣକୁ ଅମରବର ବ୍ରହ୍ମା ଦେଲେ ।
ଅସୁରକୁଳେ ତୁ ବିଷ୍ଣୁ ସେବିବୁ ବୋଇଲେ ॥
କୁମ୍ଭକର୍ଣ୍ଣ ଯହୁଁ ଦୁଷ୍ଟବୁଦ୍ଧି ପଣ କଲା ।
ପୃଥ୍ୱୀ ମଧ୍ୟେ ଜନ ପ୍ରଜା ସମସ୍ତ ଗିଳିଲା ॥
ଦେବେ କହିବାରେ ପିତାମହ ତା ଜାଣିଲେ ।
ସର୍ବଦା ନିଦ୍ରା ତୋ ନେତ୍ରେ ଘାରୁ ଯା ବୋଇଲେ ॥
ବରଷକେ ଥରେ ଉଠି କରିବୁ ଭୋଜନ ।
ତୋତେ କେ ଯୁଦ୍ଧେ ଜିଣି ନପାରିବେ ସେ ଦିନ ॥
ରାବଣ କର୍ଣ୍ଣରେ ଯେ କହିଲେ ମନ୍ତ୍ରସାର ।
ଛପନଗଣ୍ଡାଯୁଗ ନିଶ୍ଚିନ୍ତେ ଭୋଗ କର ॥
ଧାତାର ବଚନେ ସେ କ୍ଷତ୍ରିୟ ବୀରବର ।
ବାମଗୋଡ଼େ ଶୋହେ ଯେ ଅନର୍ଗଳ ତୋଡ଼ର ॥

ସ୍ୱୟଂ ଦଶଶିର ସେ କୋଡ଼ିଏ ଭୁଜଧାରୀ ।
ଲବଣସିନ୍ଧୁ ମଧ୍ୟରେ ସ୍ୱର୍ଣ୍ଣମୟ ପୁରୀ ॥
ଚଉଦଭୁବନ ମଧ୍ୟେ ଯେତେ ରାଜଗଣ ।
ସବୁଙ୍କୁହିଁ ବନ୍ଦୀକରି ଆଣିଲା ରାବଣ ॥
ସୁନ୍ଦରୀ ଯୁବା ଦୁହିତା ଆଦି ଯେତେ କରି ।
ବଳେ ଧନ ସମ୍ପଦ ଆଣିଲା ପୂରି କରି ॥
ରାଜଗଣମାନଙ୍କର ଜାତି ଅର୍ଥ ନେଲା ।
ପଞ୍ଚାଶ କୋଟି ଯେ ରଥୀ ତେଣୁ ଉଆଇଲା ॥
ରଥ ଗଜ ଅଶ୍ୱ ଯେ ପଦାତି ଅପ୍ରମିତ ।
ଏକ ଏକ ନାମଧରି କହିବ କେତେତ ॥
ମନ୍ତ୍ରୀ ଶୁକ ସାରଣ ଏ ପାଏ ଯେ ସାମନ୍ତ ।
ଭାଇ ବିଭୀଷଣ ତାର ପୁତ୍ର ଇନ୍ଦ୍ରଜିତ ॥
ଶଏଯୋଜନ ଲଙ୍କା ସବୁ ସ୍ୱର୍ଣ୍ଣମୟ ପୁରୀ ।
ଅମରାବତୀପୁର ଯେ ନୋହେ ସମସରି ॥
ଦେବାସୁର ନର ଆଦି ନାହିଁ ତାଙ୍କ ଭୀତି ।
ଦୈତ୍ୟଙ୍କର ପାଦରେ କମ୍ପଇ ବସୁମତୀ ॥
ଋଷି ମହାଋଷିମାନେ ପଳାଇଲେ ଭୟେ ।
ଯତି ତପସ୍ୱୀ ଧର୍ମ କ୍ଷମୁରେ ନ ରହେ ॥
ଦେବତାଏ କର୍ମମାନ ସୁରପୁରେ ଥାଇ ।
ତ୍ରିଲୋକରେ ରାବଣଙ୍କୁ କ୍ଷତ୍ରିସମ ନାହିଁ ॥
ଜପ ଯଜ୍ଞ ଭାଙ୍ଗିଣ ସେ କଲାକ ଅନୀତି ।
ଧର୍ମ ନାମେ ନ ଥାପିଲା ପୌଲସ୍ତିର ନାତି ॥
ଅନେକ ରାବଣ ଦାଗବଳେ କରିଗଲା ।
ଜମ୍ବୁଦ୍ୱୀପରେ ଭରତଖଣ୍ଡରେ ମିଳିଲା ॥
କୁଶଧ୍ୱଜ ନାମେ ଥିଲା ଏକ ନରପତି ।
ବେଦବତୀ ନାମେ ତାର କନ୍ୟା ରୂପବତୀ ॥
ବିଷ୍ଣୁ ବରଅର୍ଥେ ତପ କରଇ ସେ ନାରୀ ।
ପୁଷ୍ପକବିମାନେ ଥାଇ ଲଙ୍କା-ଦଣ୍ଡଧାରୀ ॥
କାମେ ମତ୍ତହୋଇ ତାକୁ ଧରିଲାକ ବଳେ ।
କୋପେ ବ୍ରହ୍ମଅଗ୍ନିବାଳୀ ଜାତକଲା ହେଲେ ॥
ଦେଖି ଭୟ ପାଇଣ ରାବଣ ଛାଡ଼ିଗଲା ।
ତପସ୍ୟା ଭାଙ୍ଗିଲୁ ବୋଲି କୋପେ ଶାପଦେଲା ॥
ବୋଇଲା ବିଷ୍ଣୁଙ୍କୁ ମୁଁ ଯେ ବରିଅଛି ମନେ ।
ମୋହର ନିମନ୍ତେ ତୋତେ ମାରନ୍ତୁ ସେ ରଣେ ॥

ଏତେ ବୋଲି ବେଦବତୀ ବିଷ୍ଣୁଙ୍କୁ ଧ୍ୟାଇଲା ।
ଅପ୍ରତିଷ୍ଠା ଅଙ୍ଗବୋଲି ଅଗ୍ନିରେ ଦହିଲା ॥
ସେହି ସେ ପରମଲକ୍ଷ୍ମୀ ଜନକକୁମାରୀ ।
ସୀତା ନାମ ତାର ପ୍ରତ୍ୟକ୍ଷେ ସେ ବିଷ୍ଣୁନାରୀ ॥
ମାତାଗୁଣେ ରାବଣର ରାକ୍ଷସ ପ୍ରକୃତି ।
ଦେବାସୁରନରେ କେହି ନ ରହନ୍ତି କତି ॥
ଦେବତାଏ ବିଚାରଣ ହୋଇ ସର୍ବେ ଗୋଷ୍ଠୀ ।
କି ବୁଦ୍ଧି କରିବୁଁ ତୁମ୍ଭେ କହ ପରମେଷ୍ଠି ॥
ରାବଣର ଉପଦ୍ରବ ନୋହେ ଆଉ ସହି ।
ରସାତଳେ ପଡ଼ିବ ମୁଁ ବୋଲେ ଦେବୀମହୀ ॥
ପିତାମହ ବୋଇଲେ ହେ ରହ କିଛିକାଳ ।
ପ୍ରଥମ ବୟସେ ହୋଇଅଛି ଅନର୍ଗଳ ॥
ସମୟରେ ଭୁଞ୍ଜିବ ସେ କିଛିକାଳ ମହୀ ।
କାଳ ଅବଶେଷେ ନାଶଯିବ ତାର ଦେହୀ ॥
ଏମନ୍ତ ବିଚାରି ସାରି ମଉନଲା ଗୋଷ୍ଠୀ ।
ବୋଲନ୍ତି ଯେ ସଦାଶିବ ଶୁଣ ଗୋ ବମ୍ଭୋଷ୍ଠି ! ॥
ଏମନ୍ତେ ଅପାର ଯୁଗ ଯୁଗାନ୍ତର ଗଲା ।
ଅନେକ ଯେ ଉପଦ୍ରବ ସେ ରାବଣ କଲା ॥
ପୁଣିହିଁ ସେ ସୁରଗଣ କରନ୍ତି ବିଚାର ।
କେତେକାଳ ସେବା ଆଉ କରିବା ଦୈତ୍ୟର ॥
କାହାର ହସ୍ତେ ମରିବ ରାବଣ ଅସୁର ।
ଆମ୍ଭର ଆଗରେ ଏହା କହ ଜ୍ଞଣଧର ॥
ବିଧାତା ବୋଇଲେ ତୁମ୍ଭେ ଶୁଣ ସୁରଗଣ ।
ଶ୍ରୀ ନନ୍ଦିକେଶ୍ୱର ଶାପେ ମରିବ ରାବଣ ॥
ପୂର୍ବଦିଗେ କପିଳାସ ନାମ ହରପୁରୀ ।
ନନ୍ଦିକେଶ୍ୱର ବୋଲି ଯେ ତାହାଙ୍କ ଦୁଆରୀ ॥
ରାବଣ ବର ପାଇଣ ଆସନ୍ତେଣ ଭଲା ।
ଦ୍ୱାରେ ଥାଇ ସେହି ନନ୍ଦୀ ଦ୍ୱାରିପଣ ନେଲା ॥
ବର-ତେଜଭରେ ସେ ରାବଣ ମହାକୋପୀ ।
କରରେ ଖଡଗ ଘେନ ମାରିବାକୁ ଝାମ୍ପି ॥
ବୋଇଲା ତୁ ଛାର ରେ ବାନର ନରବୁଦ୍ଧି ।
ମୁହିଁ ମହାରାଜା ମୋର ଅସଂଖ୍ୟ ଯେ ଋଦ୍ଧି ॥
ବ୍ରହ୍ମାର ବଚନେ ମୁଁ କାହାକୁ ନ ଗଣଇଁ ।
ଇନ୍ଦ୍ରାଦି ଦେବତାଙ୍କୁ ମୁଁ କାଁହିଁତ ମଣଇ ॥

ଏତେ କହି ନନ୍ଦକୁ ବହୁତ ଝିଙ୍ଗାସିଲା ।
କୋପ ବହି ନନ୍ଦ ସେ ରାବଣେ ଶାପଦେଲା ॥
ବୋଇଲା ରାବଣ କଲୁ ଅକାରଣେ ରୋଷ ।
ଏ ନର-ବାନରେ ତୋର ବଂଶ ଯାଉ ନାଶ ॥
ପ୍ରତ୍ୟକ୍ଷେ ସେ ନନ୍ଦୀଶ୍ୱର ଅଟେ ଶିବ ସଙ୍ଗ ।
ତାର କୋପାନଳେ ମରିବ ସେ ଦଶଶିରୀ ॥
ମୁହିଁ ତାହା ଜାଣିଣ ଯେ ଅଛୁ ନିର୍ଭୟର ।
ତୁମ୍ଭେ ଦେବତାଏ ଯାଅ ଏବେ ଯେଝାପୁରୀ ॥
କାଳ ଅବଶେଷ ଜାଣି ସମସ୍ତେକ ରହି ।
ରାବଣକୁ ସେବାକରି ରକ୍ଷାକର ଦେହି ॥
କଶ୍ୟପର୍ଷି ଏଥର ମର୍ତ୍ତ୍ୟପୁରେ ଯାଉ ।
ଅଯୋଧ୍ୟାନଗରେ ରାଜା ଦଶରଥ ହେଉ ॥
ଅଦିତ ଯେ ଦେବମାତା ମୋର ବୋଲ କରୁ ।
କଉଶଲ୍ୟା ନାମବହି ମର୍ତ୍ତ୍ୟେ ଅବତରୁ ॥
ଶ୍ରୀ ବିଷ୍ଣୁନାଥଙ୍କୁ ଗୁଲ ସର୍ବେ ଜଣାଇବା ।
ଦଶରଥ ଘରେ ନେଇ ଜନ୍ମ କରାଇବା ॥
ତୁମ୍ଭେ ସର୍ବ ଦେବତାଏ ଋକ୍ଷକପି ହୋଇ ।
ମର୍ତ୍ତ୍ୟପୁରେ ଅବତାର ହୁଅ ବେଗେ ଯାଇ ॥
ଆନମତେ ନ ମରଇ କେବେହେଁ ଅସୁର ।
ଅବଶ୍ୟ ଶ୍ରୀ ବିଷ୍ଣୁ ଜାତ ହେବେ ମର୍ତ୍ତ୍ୟପୁର ॥
ଏମନ୍ତ ବିଚାର ଯେ କହିଲେ କୁଶଧାରୀ ।
ଶୁଣି ଦେବଗଣେ ଚଳିଗଲେ ବିଷ୍ଣୁପୁରୀ ॥
ଗୁହାରି କଲେକ ଦେବେ ବିଷ୍ଣୁର ଛାମୁର ।
ଅନେକ କଷ୍ଟ ଦେଲାଣି ରାବଣ ଅସୁର ॥
କରପଦ୍ମ ଯୋଡଣ ଅନେକ ସ୍ତୁତି କଲେ ।
ବକଲେ ଦେବେ ଛାମୁରେ ପଡୁଆରୀ ହେଲେ ॥
ଜୟ ଜୟ ଜଗନ୍ନାଥ କମଳାରମଣ ।
ତୁହି ସେ ପରମବ୍ରହ୍ମ ସ୍ୱୟଂ ନାରାୟଣ ॥
ଦେବକୁଳ ଉଦ୍ଧାରଣ ତୁ ସେ ଚକ୍ରଧାରୀ ।
ତାର ବାରେ ବିପତ୍ତିନାଶନ ଦଇତ୍ୟାରି ॥
ଅସୁରମାନେ ହୋଇଲେ ମର୍ତ୍ତ୍ୟେ ଅବତାର ।
ମତ୍ସ୍ୟ କୂର୍ମ ବରାହ ତୋ ଦଶଅବତାର ॥
ହୋଇଣ ବିନାଶ ତୁମ୍ଭେ କର ସର୍ବକାଳେ ।
ଏବେ ସେ ରୂପେ ବ୍ୟାକୁଳ ହେଲେ ଦେବକୁଳେ ॥

ରାବଣ ନାମରେ ଏବେ ବିଶ୍ରବାର ଶିଷ୍ୟ ।
ମାତାଗୁଣ ବହିଣ ସେ ହୋଇଲା ରାକ୍ଷସ ॥
ସାତଦ୍ୱୀପ ସାଧି ସେ ସ୍ୱର୍ଗକୁ ଦେଲା ଧାଡ ।
ଇନ୍ଦ୍ର ଚନ୍ଦ୍ର କୁବେରାଦି ଦେବେ ଦୟା ଛାଡ ॥
ଯମ ବୃହସ୍ପତି ଯେ ପବନ ହୁତାଶନ ।
ଅଷ୍ଟଅପସରୀ ଯେ କିନ୍ନରୀ ଦେବଗଣ ॥
ସମସ୍ତଙ୍କୁ ଖଟାଇଲା ସିଂହାସନ-ତଳେ ।
ଲଙ୍କାରେ ସେବିଲୁଁ ତାକୁ ପ୍ରାଣର ବିକଳେ ॥
ଏ କଷ୍ଟରୁ ପାରିକର ରାବଣକୁ ମାରି ।
ତାହା ଶୁଣି ପ୍ରସନ୍ନ ଯେ ହେଲେ ଦଇତ୍ୟାରି ॥
ହସିକରି ଆଜ୍ଞା ଦେଲେ ପ୍ରଭୁ ଦାମୋଦର ।
ଯାଅ ଦେବତାଏ ତୁମ୍ଭେ ଯେ ଯାହାର ଘର ॥
ତୁମ୍ଭେମାନେ ସେବା ପାଇ ସୁଖେ ବର ଦିଅ ।
ବିପଦେ ପଡଲେ ଆସି ମୋ ଆଗରେ କହ ॥
ନିଶ୍ଚୟେ ନିଦ୍ରାରେ ମୋର ଶୟନରେ ଥାଇ ।
ତୁମ୍ଭ ଦୁଃଖ ଶୁଣିଲେତ ମନ ନ ରହଇ ॥
ତେଣୁତ ସକଳେ ମୋତେ କରିଥାଅ ଇଷ୍ଟ ।
କେମନ୍ତେ ସମ୍ଭାଳିବ ମୁଁ ନ କରଣ କଷ୍ଟ ॥
ଶୁଣି ଦେବତାଏ ଗଲେ ଯେ ଯାହାର ପୁର ।
ଆଜ୍ଞା ପରମାଣେ କଥା ଧରିଣ ମନର ॥
ଶୁଣସି ଆଗୋ ଭବାନି ବୋଲନ୍ତି ଈଶାନ ।
ଏ ସେ ରାମାୟଣ ଆଦ୍ୟକାଣ୍ଡର ଆଖ୍ୟାନ ॥
ଜମ୍ବୁଦ୍ୱୀପ ଭରତଖଣ୍ଡେ ମଧ୍ୟଭାଗ ମହୀ ।
ଦକ୍ଷିଣକୋଶଳ ସେ ପବିତ୍ର ଦିବ୍ୟଭୂଇଁ ॥
ଅଯୋଧ୍ୟା ନାମେ ନଗ୍ର ସରଯୂନଦୀତଟେ ।
ପବିତ୍ର ନଦୀ ସେ ଜାଣ ରାଜ୍ୟର ନିକଟେ ॥
ନଗ୍ର ପରିମଳ ପୁଣି ଅତିଅନ୍ତ ଶୋଭି ।
କି ଜାଣି ପଟାନ୍ତର ଶରଦଶଶୀ ପ୍ରଭି ॥
ରାଜାର ମନ୍ଦିରର ଅପୂର୍ବ ଦିବ୍ୟକାନ୍ତି ।
ମେଢ଼ ଆଉ ମଣ୍ଡପ ଯେ ଅଟ୍ଟାଳି ଜଗତି ॥
ଚନ୍ଦନ ଅଗର କାଠରୁଅ ଗୃରୁ ଶେଣୀ ।
ତେଜପତ୍ରେ କରିଛନ୍ତି ଉପର ଛାଉଣି ॥
ମୁକୁତାର ଝରା ତହିଁ ନୀଳା ରତ୍ନ ଜଡ ।
ବିଚିତ୍ର ପୁତ୍ତଳି ଯେ ବିଚିତ୍ରବର୍ଣ୍ଣେ ଘଡ ॥

ମର୍କତର କଳଶ ଯେ ନେତର ଚମ୍ବାଳ ।
ଚନ୍ଦ୍ରାତପ ତେଜ କବା ଆଦିତ୍ୟ ପ୍ରବାଳ ॥
ସାମନ୍ତମାନଙ୍କ ଉଆସ ଯେ ଦିବ୍ୟପୁରୀ ।
ଘରେ ଘରେ ପରିପୂର୍ଣ୍ଣ ସାଗରକୁମାରୀ ॥
ଅଷ୍ଟାଦଶ ପାଟକ ଯେ ଭିନ୍ନ ଭିନ୍ନ ସାହି ।
କୂପ ବାମ୍ପୀ ସରୋବର ଅନେକ ଅଛଇ ॥
ସ୍ୱର୍ଗଲୋକ ପ୍ରାୟ ଦେଖାଯାନ୍ତି ନର ନାରୀ ।
ଆପଣେ ବିଶ୍ୱକର୍ମା ନିର୍ମାଣିଅଛି ପୁରୀ ॥
ସୂର୍ଯ୍ୟବଂଶେ ଦଶରଥ ଅଟେ ପୁଣ୍ୟଜ୍ଞାନୀ ।
ଦୁଃଖୀ ଦରିଦ୍ରଙ୍କୁ ସେ ଯେ ଅନୁକ୍ଷଣେ ଦାନୀ ॥
ଧର୍ମଶାସ୍ତ୍ର ପୁରାଣ ଆଗମ ସେ ଶୁଣନ୍ତି ।
ପ୍ରତ୍ୟକ୍ଷେ ଦିଶନ୍ତି ଦଶରଥ ଧର୍ମମୂର୍ତ୍ତି ॥
ଚନ୍ଦ୍ରମା ପ୍ରାୟେକ ତାର ଆହ୍ଲାଦ ଜାଣ ।
ଶୂରବନ୍ତପଣେ ଶଚୀପତିର ସମାନ ॥
ଅନଳ ପରାୟେ ସେ ଯେ ଶତ୍ରୁଙ୍କୁ ଦିଶନ୍ତି ।
ପବନହୁଁ ବେଗ ତାର ଚଳିବାର ଗତି ॥
ବରୁଣ ସମାନ ସେ ଶୀତଳ ଗୁଣଭାଷୀ ।
ଅଇଶ୍ୱର୍ଯ୍ୟପଣେ ସେ କୁବେରଠାରୁ ବେଶି ॥
ବଡିମାରେ ମେଦିନୀ ସହିତ ମେରୁସମ ।
ରୂପରେ ଦ୍ୱିତୀୟ କାମ ତେଜେ ଅଟେ ଯମ ॥
ବକତାରେ ଶକତା କି ଦ୍ୱିତି ବୃହସ୍ପତି ।
ଦାନେ ସତ୍ୟ ତାହା ସମ ନାହିଁ ଜଣେ କ୍ଷିତି ॥
ବିବେକ ମର୍ଯ୍ୟାଦାବନ୍ତ ଶାସ୍ତ୍ର ସେ ଶୁଣଇ ।
ଧନୁର୍ଦ୍ଧାରୀ କ୍ଷତ୍ରିମଧ୍ୟେ ଗଣିତା ହୁଅଇ ॥
ଅକଣ୍ଟକ ରାଜ୍ୟଭୋଗ କରଇ ସେ ରାଜା ।
ତିନିପୁରେ ବିଦିତ ତା ନାମେ ବାଜେ ବାଜା ॥
କୌଶଲ୍ୟା କୈକେୟୀ ସୁମିତ୍ରା ଏ ତିନିରାଣୀ ।
ପାଟବଂଶୀ ଖଟନ୍ତି ସେ ରାଜା ମନଜାଣି ॥
ସାତଶପଞ୍ଚାଶ ରାଣୀ ପୁତ୍ର ଅର୍ଥେ କଲି ।
ଦଇବର ଯୋଗୁଁ ପୁତ୍ର ଜାତ ଯେ ନୋହିଲି ॥
ଜ୍ୟେଷ୍ଠ କଉଶଲ୍ୟା ରାଜା ମନକୁ ମୋହିଲି ।
ତିନିପୁରେ ପ୍ରତାପୀ ସେ ମହାରାଜା ହେଲି ॥
ପୁରୋହିତ ବଶିଷ୍ଠ ତା ମନ୍ତ୍ରୀ ଯେ ସୁମନ୍ତ୍ର ।
ଭଟ୍ଟମିଶ୍ର ବାମଦେବ ପଣ୍ଡା ତପୋବନ୍ତ ॥

ଜାବାଳି କଶ୍ୟପ ଯେ ଜାଣନ୍ତି ସର୍ବ ବାଣୀ ।
ନୃପତିଙ୍କ ପଛାନ୍ତର ଦ୍ୱିଜ ବଜ୍ରପାଣି ॥
ଆସନରେ ପରିପୂର୍ଣ୍ଣ ଦେବସଭା ଜାଣି ।
ଭାଟ କର୍ପୂରବାର ବେଶ୍ୟା ଖଟିଥାନ୍ତି ପୁଣି ॥
ରଥୀ ଯୋଦ୍ଧା ମାହୁନ୍ତ ପଦାତି ମହାପାତ୍ର ।
ବସନ୍ତି ପଣ୍ଡିତେ ଯେ କହନ୍ତି ନାନାଶାସ୍ତ୍ର ॥
ସହସ୍ରେକ ପଟୁଆରି ଜଣାନ୍ତି ଖମ୍ବୁରେ ।
ପଟୁଆର ପଡ଼ିଥାଇ କୋଶେକ ଆକାରେ ॥
ଶିରର ଉପରେ ଯେ ଉଡ଼ଇ ଶ୍ୱେତଛତ୍ର ।
ସୂର୍ଯ୍ୟବଂଶୀ ରାଜା ସେ ଯେ ବଡ଼ଇ ବିଖ୍ୟାତ ॥
ସହସ୍ରେ ଶ୍ୱେତଚାମର ଢାଳନ୍ତି ବାଳଏ ।
ଶୀତଳପବନ ତହିଁ ଧୀରେ ଧୀରେ ବହେ ॥
ସୁବର୍ଣ୍ଣର ବିଞ୍ଚଣୀ ଅଗର ଧୂପକାଠି ।
ସଭାରେ ବିଜୟ ରାଜା କରେ ସଦଗୋଷ୍ଠୀ ॥
ରଥ ଗଜ ଅଶ୍ୱ ଯେ ପଦାତି ଅପ୍ରମିତ ।
ଉଡ଼ନ୍ତି ଆଲମ୍ବ ଯେ ଚମ୍ବଲ ପାଟଛତ୍ର ॥
ଦୁଇଲକ୍ଷ ଶ୍ୱେତଛତ୍ର ଉଡ଼େ ନିରନ୍ତର ।
ଧାଡ଼ି ଧାଡ଼ି ଉଭାର ଯେ ଅଛନ୍ତି ଅପାର ॥
ଢୋଲ ଦମା ଠମକ ଯେ ନିରତେ ବାଜଇ ।
ଅପାର ଯେ ଶଙ୍ଖ ବୀଣା ମହୁରି ସ୍ୱରଇ ॥
କୋଳାହଳ ଶବଦ କି ବନ୍ଦୀଘୋଷ-ନାଦ ।
ତାଳ ତାଳ କଂସାଳ ଘାଘୁଡ଼ି ଘଣ୍ଟାଶବ୍ଦ ॥
ଶୋଭାପାଏ ନାନାବାଦ୍ୟ ମୃଦଙ୍ଗ ଯେ ବଂଶୀ ।
ନାଚନ୍ତି ଯେ ନୃତ୍ୟକାରେ ନୃତ୍ୟରଙ୍ଗେ ମିଶି ॥
ରାଜା ଆପଣେ କରଇ ବସି ସର୍ବଚିନ୍ତା ।
ପରଜା ପାଳଇ ସୁଖେ ଶତ୍ରୁଙ୍କୁ ଅହନ୍ତା ॥
ଏସନକ ସମୟରେ ପାଟଜଉତିଷ ।
ସପ୍ତାଙ୍ଗ ପାଞ୍ଜି ଶୁଣାନ୍ତି ଆଣି ରାଜା ପାଶ ॥
ଶୁଣିମା ସାବଧାନେ ଅଯୋଧ୍ୟା ନରପତି ।
ଦୁଷ୍ଟ ଶତ୍ରୁ ଗଞ୍ଜନ ଯେ ଅଟ ଚକ୍ରବର୍ତ୍ତୀ ॥
ଆଦିତ୍ୟଙ୍କୁ ଆଦିକରି ନବଗ୍ରହଗଣ ।
ଭୋଦେବ ତୁମ୍ଭଙ୍କୁ ନିତ୍ୟ କରନ୍ତି କଲ୍ୟାଣ ॥
ସତାଇଶ ନକ୍ଷତ୍ର ଯେ ପଞ୍ଚଦଶ ତିଥି ।
ଏ ତୁମ୍ଭଙ୍କୁ ଅନୁଗ୍ରହ ସମସ୍ତେ କରନ୍ତି ॥

ବ୍ରହ୍ମା ବିଷ୍ଣୁ ମହେଶ୍ୱର ପୁରନ୍ଦର ମଧ୍ୟ ।
ଚନ୍ଦ୍ର ସୂର୍ଯ୍ୟ ପବନ ଯେ ଯମ ସାଧ୍ୟ ସିଦ୍ଧ ॥
ସମସ୍ତେ ବାଞ୍ଛନ୍ତି ଶୁଭ ତୋତେ ନୃପସାଇଁ ।
କାହାର ମନରେ ତୋତେ ଅବଗୁଣ ନାହିଁ ॥
କହିବ କଥାକୁ ଯେ କରଇ ଦେବ ଭୟେ ।
ଏକମାତ୍ର ଶନୈଶ୍ଚର ଶିରେ ତୋର ରହେ ॥
ବୃଷ ରାଶିରେ ଯେ ଭେଦ ହେବ ସୂର୍ଯ୍ୟପୁତ୍ର ।
ଏଣୁ ସେ ପୀଡ଼ା ପାଇବ ତୁମ୍ଭେ ନିଜ ଗାତ୍ର ॥
ଇନ୍ଦ୍ରହିଁ ନ ପାଳିବ ଯେ ହେବ ଅନାବୃଷ୍ଟି ।
ହାଡ଼ ମାଳ ମାଳ ଯେ ହୋଇବ ନବସୃଷ୍ଟି ॥
ତୁମ୍ଭ ଜନ୍ମ ଅଟଇ ରୋହିଣୀ ବୃଷରାଶି ।
ଏଣୁ ସେ ପୀଡ଼ା କରିବ ତୋତେ ସୂର୍ଯ୍ୟବଂଶୀ ॥
ଯମର ଭାଇ ସେ ଶନି ସ୍ୱୟଂ ଯମ ମୂର୍ତ୍ତି ।
ସକଳ ସୁର ନର ଯେ ତାହାକୁ ଡରନ୍ତି ॥
ତାହାକୁ ଶାନ୍ତ କରିବା ହେଉ ମହୀପାଳ ।
ବଶିଷ୍ଠଙ୍କୁ ପୁଚ୍ଛଣ ତୁ କର ଅନୁକୂଳ ॥
ତା ଶୁଣି ଦଶରଥ ବିରସମନା ହୋଇ ।
ଖରତର କଣ୍ଠାସେ ବଶିଷ୍ଠ ମୁଖ ଚାହିଁ ॥
ବୋଇଲେ ଶନୈଶ୍ଚର ଭେଦିବ ମୋର ରାଶି ।
ଏକା ନାରାଚକେ ତାକୁ ପକାଇବି ନାଶି ॥
ଜଗତର କଣ୍ଟକ ମୁଁ ଫେଡ଼ିବି ତାକୁ ମାରି ।
କୋପେଣ କୋଦଣ୍ଡ କରେ ଦଶରଥ ଧରି ॥
ସୁତୀକ୍ଷ୍ଣ ନାରାଚ ଏକ ବସାଇଲେ ଗୁଣେ ।
ବୋଇଲେ ବନ୍ଧିବି ଆଜ ଶନିଙ୍କ ଏ ବାଣେ ॥
ଅଧର ଚାପି ରାଜା ପ୍ରଚଣ୍ଡକୋପ ହୋଇ ।
ଆକର୍ଣ୍ଣ ସରିକ ବାଣ ଟାଣିଲା ପୂରାଇ ॥
ଶନୈଶ୍ଚର ମଣ୍ଡଳରେ ହୋଇଲା ଅରିଷ୍ଟି ।
ଅଦଭୁତେ ତାର ପୁରେ ହେଲା ରକ୍ତବୃଷ୍ଟି ॥
ଇନ୍ଦ୍ର ଆଦି ସହିତେ କମ୍ପିଲେ ଦିଗପାଳ ।
ସାତ ସିନ୍ଧୁ ଉଚ୍ଛୁଳି ପଡ଼ିଲା ଆସି କୂଳ ॥
ଦଶରଥଙ୍କର କୋପ ଜାଣି ଶନିଗ୍ରହ ।
ସୁରରାଜପୁରେ ସେ କରଇ ଯାଇଁ କୋହ ॥
ମନୁଷ୍ୟ ହୋଇଣ ଦେବେ ବାଦ ସେ କରଇ ।
ଭସ୍ମ କରିବ ତାହାକୁ ଶନି ଯେ ବୋଲଇ ॥

ମର୍ତ୍ତ୍ୟ ରାଜା ଅଟେ ତାର ଜାଣ ବୀର୍ଯ୍ୟ-ବଳ ।
ନ ଜାଣି କୋପ କରଇ ମୋତେ ମହୀପାଳ ॥
ଅଯୋଧ୍ୟା ସହିତେ କରିବି ମୁଁ ଭସ୍ମରାଶି ।
କଥା ବୁଝାଇବି ମର୍ତ୍ତ୍ୟେ ଶୁଣ ସ୍ୱର୍ଗବାସି ॥
ପିତାମହ ବୋଇଲେ ନ କର ଶନି ରୋଷ ।
ପୂର୍ବର କଥା ଏମନ୍ତ ଶୁଣ ଯେ ଭବିଷ୍ୟ ॥
ଦେବଙ୍କ କାର୍ଯ୍ୟ ହୋଇବ ଜାଣ ତାହାଯେନ ।
ନ କର ତୁ ତାକୁ କୋପ ମୋର ବୋଲେ ଶନି ॥
ତାହାର କୋଳରେ ବିଷ୍ଣୁ ହୋଇବେ ଜନମ ।
ରାବଣ ଆଦି ଦୁଷ୍ଟଙ୍କୁ କରିବେ ନିଧନ ॥
ତେବେ ସେ ଦେବେ ସୁସ୍ଥେ ବସିବେ ସ୍ୱର୍ଗପୁରୀ ।
ତୁହିତ ଶନିଶ୍ଚର ହୋ ଦେବଗଣ ସରି ॥
ଶୁଣିଣ ପ୍ରସନ୍ନମନା ହୋଇ ଶନିଶ୍ଚର ।
ଯୃା ଯୋଗୁ ହେବ ଯେବେ ଦେବଙ୍କ ଉପକାର ॥
ଆଜ ମୁଁ ଏହାର ନ ଭେଦିବି ଏହୁ ରାଶି ।
ଏତେ ବୋଲି ଶନିଶ୍ଚର ଚିତ୍ତେ ଭାବି ବସି ॥
କେବଳ ମାତ୍ର ଗମନ ମୋର ପୂର୍ବ ହେତୁ ।
ନାହିଁ ମୋର କ୍ରୋଧ ତାକୁ ଜାଣ କୁଶକେତୁ ॥
ଶୁଣି ଦେବଗଣେ ଅନ୍ତରିକ୍ଷେ ଡାକଦେଲେ ।
ଆହେ ଦଶରଥ କୋପ ସଂହର ବୋଇଲେ ॥
ଧାତାର ବଚନେ ନ ପୀଡ଼ିବ ତୋର ରାଶି ।
କୋପ ଶାନ୍ତ କର ନାରାଚ ତୁ ସଂହରସି ॥
ଏତେ କହି ଦେବଗଣେ ପୁଷ୍ପବୃଷ୍ଟି କଲେ ।
ଶାନ୍ତ ଭଜି ବେନଲୋକେ ଯେଝାପୁରେ ଗଲେ ॥
ସେହି ଦିନୁ ଶନିର ରୋହିଣୀ ଭେଦ ନାହିଁ ।
ଯାବତକାଳକୁ କଥା ଶାସ୍ତ୍ରେ ଅଛି ରହି ॥
ଶୁଣ ଶଶିମୁଖି ଗୋ କହନ୍ତି ବିପ୍ରରାର ।
ରବିତଳେ ନାହିଁ ଦଶରଥକୁ କେ ସରି ॥
ପ୍ରତିଜ୍ଞାବନ୍ତ ରାଜା ସେ ସର୍ବଗୁଣେ ପୂର୍ଣ୍ଣି ।
ସ୍ୱର୍ଗେ ପ୍ରଶଂସା କରନ୍ତି ତାକୁ ମଘବାନ ॥
ମର୍ତ୍ତ୍ୟେ ରାଜା ଯେତେ ସେ ସକଳ ସାଧି କଲା ।
ବୁଦ୍ଧିବଳ ପରାକ୍ରମେ ଶନିକି ଜିଣିଲା ॥
ଏଥୁ ଅନନ୍ତରେ ସେ ଅଯୋଧ୍ୟା ନୃପମଣି ।
ସଭାକର ମୁଖେ ବିଷ୍ଣୁଶାସ୍ତ୍ର ବସି ଶୁଣି ॥

ମନ୍ତ୍ରୀ ଅମାତ୍ୟମାନଙ୍କୁ ଘେନି ନୃପମଣି ।
ବଶିଷ୍ଠଙ୍କୁ ଗୃହିଁଣ ବୋଲଇ ମୃଦୁବାଣୀ ॥
ଭୋ ମହାମୁନି ମୁହିଁ ଯେ ପଚ୍ଚାରଇ ତୋତେ ।
ଅନୁଗ୍ରହ ବଚନେ ଗୁ ଆଜ୍ଞାଦଅ ମୋତେ ॥
ସୂର୍ଯ୍ୟବଂଶ ଆମ୍ଭର ଧାର୍ମିକ ସତ୍ୟବାଦୀ ।
ତ୍ରୈଲୋକ୍ୟମଧ୍ୟରେ ଆମ୍ଭ ମହିମା ପ୍ରସିଦ୍ଧି ॥
ଇକ୍ଷ୍ୱାକୁରୁ ମାନଧାତା ହରିଶ୍ଚନ୍ଦ୍ର ରାଯେ ।
ଦିଲ୍ଲୀପ ଯେ ଭଗୀରଥ ରଘୁନୃପ ଯାଏ ॥
ଅଜ ଋତୁପର୍ଣ୍ଣ ଯେ ସଗର ମହାରାଜା ।
ଏକୁଏକ ସାମରଥ ପାଳନ୍ତି ପ୍ରଜା ॥
ଧାର୍ମିକ ଶୁରବୀର ଆଚ୍ଚର୍ଯ୍ୟ ମଧ୍ୟେ ଗଣି ।
ଏହାଙ୍କର କୀର୍ତ୍ତିମାନ ପୁରାଣେ କାହାଣୀ ॥
ପୁତ୍ରର ସମାନ କରି ପାଳନ୍ତି ପରଜା ।
ଅନେକ ଯାଗ ଯଜ୍ଞ ସେ କରିଛନ୍ତି ରାଜା ॥
ଏମାନଙ୍କ ରାଜ୍ୟକାଳେ ନାହିଁ ଅନାବୃଷ୍ଟି ।
ଶସ୍ୟ ସଂପୂର୍ଣ୍ଣ ଚଳାନ୍ତି ଏହୁ ନବସୃଷ୍ଟି ॥
ତାହାଙ୍କର କୁଳେ ମୁଁ ଯେ ହୋଇଲଇଁ ଜାତ ।
ମୋହର ଜାଣନ୍ତେ ମୁହିଁ ନ କରେ ଦୁଷ୍କୃତ ॥
ନନ୍ଦୁଶତ ବରଷ ହୋଇଲା ମୋତେ ଆସି ।
ବୃଦ୍ଧ ସମୟରେ ମୋର ହେଲା ତପଧ୍ୱଂସି ॥
ପୁତ୍ର ଅର୍ଥେ ବିଭା ହେଲି ରାଜାର ଦୁଲଣୀ ।
ସାତଶ ପଞ୍ଚାଶ କନ୍ୟା ତିନି ପାଟରାଣୀ ॥
ତେବେହେଁ ନୋହିଲା ମୋର କୋଳେ ପୁତ୍ର ଜାତ ।
ମୋହରଠାବରୁ ବଂଶ ସରେ ତପୋବନ୍ତ ॥
କି ବୁଦ୍ଧି କରିବଇଁ ଉପାୟ ମୋତେ କହ ।
ପୁତ୍ରହୀନେ ବ୍ୟାକୁଳ ଯେ ହେଉଛି ମୋ ଦେହ ॥
ଅର୍ଥ ସମ୍ପଦ ମୁନି ହେ ସକଳ ଐଶ୍ୱର୍ଯ୍ୟ ।
ସକଳ ବ୍ୟର୍ଥ ମୋର ଏଥିରେ କି କାର୍ଯ୍ୟ ॥
ପୁତ୍ରର ବିହୁନେ ଘରେ କେବେ ସୁଖ ନାହିଁ ।
ଅପୁତ୍ରିକଲୋକଙ୍କର ସ୍ୱର୍ଗେ ଠାବ ନାହିଁ ॥
ପୁତ୍ରର ବିହୁନେ ଗୃହ ନୋହିଲା କାରଣ ।
ପୁତ୍ର ସେ ଅଟଇ ନିଜ କୁଳ ଉଦ୍ଧାରଣ ॥
ଅପୁତ୍ରିକଲୋକଙ୍କର ମୁଖହିଁ ନ ଚାହିଁ ।
ଅପୁତ୍ରିକ ଘରେ ଗଲେ ଅନ୍ନହିଁ ନ ପାଇ ॥

ଅପୁତ୍ରିକ ସଙ୍ଗତରେ ନାହିଁ ସଦଗୋଷ୍ଠୀ ।
ଅପୁତ୍ରିକ ବାପୁଡ଼ା ଯେ ଅଟେ ବଡ଼କଷ୍ଟୀ ॥
ଅପୁତ୍ରିକ ହୋଇଲେ ସେ ଅର୍ଥେ ନାହିଁ କାର୍ଯ୍ୟ ।
ପରକୁହିଁ ଧନଦ୍ରବ୍ୟ ଅଟଇ ଗ୍ରାହ୍ୟ ॥
ଅନେକ ଯତନେ ସେ ଅରଜଥାନ୍ତି ବିତ୍ତ ।
ପୁତ୍ରହିଁ ନ ଥିଲେ ସର୍ବ ହୁଏ ଅପ୍ରାପତ ॥
ପରବିତ୍ତ ଧ୍ୱଂସିଲେ କେବଣ ଗୁଣ ଅଛୁ ।
ପୁତ୍ର ଯେ ନ ଥିଲା ଲୋକ ନ ଯୋଗାଏ କଛୁ ॥
ସକଳ ଧର୍ମ କର୍ମର ପୁତ୍ରହିଁ ସେ ମୂଳ ।
ପୁତ୍ରଥିଲା ପ୍ରାଣିଙ୍କର ବର୍ଦ୍ଧମାନ କୁଳ ॥
ମୁହିଁ ପୁଣି ମହାରାଜା ପୁତ୍ର ମୋର ନାହିଁ ।
କାହାକୁହିଁ ମୋରଅନ୍ତେ ରାଜ୍ୟ ସମର୍ପିହିଁ ॥
କରିବହିଁ ବନବାସ ପିନ୍ଧିବହିଁ କନ୍ଥା ।
ପୁତ୍ରବିକୁ ଆବର କି ଜୀବନର ଆଶା ॥
ଗଦଗଦ ବଚନେ ନୃପତିଶିରୋମଣି ।
ବଶିଷ୍ଠଙ୍କ ମୁଖଚାହିଁ ବୋଲେ ପୁଣପୁଣି ॥

( 2 )

ଋଷ୍ୟଶୃଙ୍ଗ ନିକଟକୁ ଜରତାର ଯାତ୍ରା

ଲୋମପାଦ ବୋଇଲା ଯେ ଶୁଣ ରେ ତରୁଣୀ ।
ତୁ ଯେବେ ପାରିବୁ ଏବେ ଋଷ୍ୟଶୃଙ୍ଗ ଆଣି ॥
ରାଜ୍ୟ ରଖିବୁ ତୋହରେ ହୋଇବ କାରେଣୀ ।
ଧନ ରତନଭଣ୍ଡାର ବିଧ୍ୱଂସିବୁ ପୁଣି ॥
ଏତେ କହି ଭଣ୍ଡାରରୁ ଆଣି ରତ୍ନମାଳ ।
ହରଷେ ଜରତ୍କୁଣାକୁ ମଣ୍ଡିଲା ଭୂପାଳ ॥
ଏହ୍ନେ ପ୍ରବୋଧି କହିଲା ତାକୁ ମୃଦୁବାଣୀ ।
ମୋହର ରାଜ୍ୟକୁ ତୁହି ରଖ ରେ ତରୁଣୀ ॥
ଜରତ୍କୁଣା ବୋଇଲାକ ଯୋଡ଼ି ବେନିକର ।
ଶୁଣସି ହେ ମହାରାଜା ମୋହର ଉତ୍ତର ॥
ଏ ତୋହର ଆଜ୍ଞାକୁ ମୁଁ ଶିରେ ଧରି କରି ।
ସେ ମହାଋଷିଙ୍କ ଆଣିମହିଁ ଏହି ପୁରୀ ॥
କଥାଏ କହିବାକୁ ଯେ କରଇ ମୁଁ ଭୟ ।
ସାବଧାନ ହୋଇ ତୁମ୍ଭେ ଶୁଣ ମହାରାୟ ॥

ଏ ତୋହର କଟକରେ ସର୍ବଜନ ସୁଖୀ ।
ଏକା ମୁହିଁ ତୋ ରାଜ୍ୟରେ ଅଟେ ବଡ଼ଦୁଃଖୀ ॥
ବନଗିରି କନ୍ଦର ଯେ ଖାଲ୍ ଖଣା ବାଟ ।
ପାଦେ ଗମନ କଲେ ପାଇବ ବଡ଼ କଷ୍ଟ ॥
ନାବ ସଜାଇଣ ମୋତେ ଦେସି ନୃପବର ।
ତହିଁରେ ପୂରୋଇ ଥିବ ସମସ୍ତ ସମ୍ଭାର ॥
ବିବିଧ ପକ୍ୱଫଳ ଯେ ଉପହାରମାନ ॥
ନାନା ପୁଷ୍ପ ଦ୍ରବ୍ୟ ଆଉ ସୁଗନ୍ଧଚନ୍ଦନ ॥
ମୋହର ସଙ୍ଗରେ ସଖୀ ସଖାଗଣ ଦେନ ।
ଅପ୍ରମାଦେ ଆଣିଦେବ ଋଷ୍ୟଶୃଙ୍ଗ ମୁନି ॥
ଲୋମପାଦ ହରଷ ହୋଇଲା ତାହା ଶୁଣି ।
ନାବମାନ ଭିଆଣ କଲାକ ନୃପମଣି ॥
ନାବର ଭିତରେ ନେଇ ପକାଇଲା ମାଟି ।
ଫଳ ପୁଷ୍ପମାନ ଯେ ନୂତନ ହୋଇ ଫୁଟି ॥
ଆମ୍ବ ପଣସ ଆବର ଗୁଆ ନାରିକେଳ ।
କଦଳୀ ଜମ୍ବୀର କରମଙ୍ଗା ନାନାଫଳ ॥
ବେଲ ଯେ ବକୁଳ ଆଉ ତାଳ ଯେ ତିନ୍ତୁଳ ।
ଜାଇଫଳ ଦାରିକ୍ଷ କପିଥ ଗୁରକୋଳି ॥
ଲବଙ୍ଗ ମରିଚ ଖର୍ଜୁରି ଯେ କେନ୍ଦୁଫଳ ।
ସୁସ୍ୱାଦ ଅମୃତରସମାନ ନାନାଫଳ ॥
ଚମ୍ପା ନାଗେଶ୍ୱରହିଁ ବକୁଳ କୁରୁଅନା ।
ଜାଇ ଯୂଇଫୁଲ ମଲ୍ଲୀ ମାଲତୀ ଦୟଣା ॥
କାଞ୍ଚନ ଯେ କନିଅର କେତକୀ ମନ୍ଦାର ।
ନାନାଜାତି କୁସୁମ ସୁବାସ ଗନ୍ଧସାର ॥
ମରିଚ ଅଲାଇଚ ପିପ୍ପଳୀ ପାନଲତା ।
ପ୍ରତ୍ୟକ୍ଷେ ସେ ବନକୁ କ ରଚିଲା ବିଧାତା ॥
ଋଷିଙ୍କର ମଢ଼ିଆ କ ଜାଣି ପର୍ଣ୍ଣକୁଟୀ ।
ନାବମଧ୍ୟେ ରଚିଲେ ଅପୂର୍ବ ପୁରଗୋଟି ॥
ବାହିବା ପଞ୍ଚନାବ ଖଞ୍ଜିଲେ ଏକଠାବ ।
ଗୁରତଙ୍ଗାରେ ଭରିଲେ କୈବର୍ତ୍ତ ଯେ ଦ୍ରବ୍ୟ ॥
ଏମନ୍ତେ ଯେ କୋଟିଏକ ନାବ ସଜ କଲେ ।
ନାବଙ୍କର ଭିତରେ ଯେ ପଲଙ୍କ ପାତିଲେ ॥
ଦେବତାଙ୍କ ଠାବରେ ରଚିଲେ ଖଟ ବୋଲି ।
ଉପରେ ଟାଣିଲେ ଚନ୍ଦ୍ରାତପ ଯତ୍ନ କରି ॥

ବାହାରକୁ ନ ଦିଶଇ ଲତାର ଗହଳେ ।
ଶ୍ୱେତସ୍ତମ୍ଭର ମୁକୁତା ତହିଁ ମାଳେ ମାଳେ ॥
ସ୍ତମ୍ଭପାଖେ ଖଞ୍ଜିଲେ ବିଚିତ୍ର ସ୍ତମ୍ଭକେରା ।
ମାଣିକ୍ୟ ମୁକୁତା ଯେ ଲମ୍ବିଇ କେରା କେରା ।
ଖଟ ଶେଯ ଉପରେ ପଲଙ୍କ ନେତ ତୁଳି ।
ତହିର ଉପରେ ଯେ ନେତର ପାଟଡୋରି ॥
ସୁବାସ କୁସୁମର ପାଖୁଡ଼ା ଛଡ଼ାଇଲେ ।
ଅତିଯତ୍ନ କରି ତହିଁ ଶେଯ ବିଛାଇଲେ ॥
ତହିପରେ ବିଛାଇଲେ କର୍ପୂରର ଧୂଳି ।
ସୁବର୍ଣ୍ଣର ଲେଖନ ଯେ ସିନ୍ଦୁଆ ମୁରୁଳି ॥
ଅଗ୍ରଧୂପ ଗନ୍ଧ ପ୍ରଘଟଇ ଚଉକତି ।
ଠାବେଠାବେ ବସାଇଲେ ମାଣିକ୍ୟର ବତି ॥
ସୁସ୍ୱାଦୁ ଫଳମାନ ଥୋଇଲେ ତହିଁ ନେଇ ।
ଖଣ୍ଡଶାକର ଯେ ନାନା ଦ୍ରବ୍ୟନ୍ତ ଭିଆଇ ॥
ଗନ୍ଧଚନ୍ଦନ ଆଦି ଯେ କର୍ପୂର କସ୍ତୁରୀ ।
ସୁବର୍ଣ୍ଣର ଥାଳୀ ନାନାବିଧ ରତ୍ନେଭରି ॥
ଆଲଟ ସ୍ତମ୍ଭର ତହିଁ କ୍ଷୁଦ୍ର ଯେ ଦର୍ପଣ ।
ଅନେକ ସାର ଦ୍ରବ୍ୟ ଯେ ବିବିଧ ଘଟଣ ॥
କାଞ୍ଚନ ଢାଳ କୁଣ୍ଡରେ ଦଧି ଘୃତ ଭରି ।
ଉପହାସ ଦ୍ରବ୍ୟ କେ କହିବ ଅନ୍ତ କରି ॥
ଶୁଭଅନୁକୂଳ ଘେନି ଜରକ୍ତୁଣା ନଟୀ ।
କନ୍ଦର୍ପମୋହିନୀ ସଙ୍ଗେ ବିଲାସୀ ବାରଟି ॥
ସଙ୍ଗତେ ଅଛନ୍ତି ଯେ ଶତେକ ପରିବାରୀ ।
ନଉକାରେ ବସିଲା ସେ ରତିକାମ ଧରି ॥
କର୍ଣ୍ଣରେ ତାଟଙ୍କ ଖଞ୍ଜି ବାହେ ବଦ୍ ବାନ୍ଧି ।
ଆଦି ଅଲଙ୍କାରମାନ ଝିନବସ୍ତ୍ର ପିନ୍ଧି ॥
କଣ୍ଠେଣ ପଦକହାର ମୁକୁତାର ଝରା ।
ଯଉବନ ପରେ ଶୋହେ ମୋତି କେରା କେରା ॥
ପାଦରେ ନୂପୁର ଶୋହେ ବାହେ ରତ୍ନବାହୀ ।
ଲଲାଟେ କସ୍ତୁରୀ ଚିତା ତାମ୍ବୁଳ ଯେ ଖାଇ ॥
ସ୍ତନ ଜାନୁ ଜଘନ ଲୋଚନ ପୁଷ୍ପରେଖା ।
କି ଜାଣି ପଟାନ୍ତର ସେ ସ୍ୱର୍ଗର ନାୟିକା ॥
ତାଳଯନ୍ତ୍ର ମୃଦଙ୍ଗାଦି ବେଣୁବଂଶୀ ଘେନି ।
ନୃତ୍ୟରଙ୍ଗେ ପଣ୍ଡିତା ସେ ସମସ୍ତ ତରୁଣୀ ॥

କନ୍ୟାଙ୍କର ଗମନ୍ତେ ସେ ନୃପତି ଗୋଡ଼ାଏ ।
ମନ୍ତ୍ରୀ ଯେ ଅମାତ୍ୟଗଣ ପ୍ରବୋଧିଣ କହେ ॥
ତୁ ମୋହର ଜରନ୍ତୁଣା ଅଟୁ ଗୋ ବଣ୍ଧାସ ।
ଯେଉଁମତେ ପାରୁ ତୁ ଗୋ ଋଷି ଘେନିଆସ ॥
ସେ କାମମୋହିନୀ ନାମେ ଜରନ୍ତୁଣା ନାରୀ ।
ବାରବନିତାଙ୍କ ସଙ୍ଗେ ଅପୂର୍ବ ସୁନ୍ଦରୀ ॥
ରାଜାଙ୍କୁ କହିଲେ ବାହୁଡ଼ ତୁ ନୃପମଣି ।
ଆଣିବଇଁ ଋଷ୍ୟଶୃଙ୍ଗ ବନଗଜ ଜାଣି ॥
ଏଥକୁଇଁ ବିଚାର ନ କର ଦେବ କିଛି ।
ନିଶ୍ଚେ ଆଣିଦେବ ତୋତେ ବିଭାଣ୍ଡିକବହ୍ନି ॥
ପ୍ରସନ୍ନ ଚିତ୍ତ ସନ୍ତୁଷ୍ଟ ହୋଇଲା ରାଜନ ।
ବୃଷ୍ଟି କରାଇଲା ରାଜା ଲକ୍ଷେକ ସୁବର୍ଣ୍ଣ ॥
ଆଜ୍ଞାଦେଲେ ରାଜା ଶୁଭ ଅନୁକୂଳେ ଯାଅ ।
ଘୋର ଅରଣ୍ୟରେ ଋଷି ସଙ୍ଗେ ଭେଟ ପାଅ ॥
ପଥରେ ରକ୍ଷା କରନ୍ତୁ ତୁମ୍ଭଙ୍କୁ ଯେ ଦୁର୍ଗା ।
ଜଳରେ ରଖନ୍ତୁ ତୁମ୍ଭଙ୍କୁ ଯେ ଦେବୀ ଗଙ୍ଗା ॥
ବିଘ୍ନରାଜ ତୁମ୍ଭର କରନ୍ତୁ ବିଘ୍ନନାଶ ।
ମାଧବ ଖଣ୍ଡନ୍ତୁ ଯେ ତୁମ୍ଭର ସର୍ବକ୍ଳେଶ ॥
ଲକ୍ଷ୍ମୀ ନରସିଂହ ଯେ ଖଣ୍ଡନ୍ତୁ କ୍ଳେଶମାନ ।
ସର୍ବଶୁଭେ ଆସି ଋଷି ହୁଅନ୍ତୁ ପ୍ରସନ୍ନ ॥
ଏତେ କହି ଦେଲା ଦେଖିଲାର ଲୋକମାନ ।
ବାଟ କହିଦେବା ଅର୍ଥେ ଦେଲାକ ରାଜନ ॥
ମଙ୍ଗଳଅଷ୍ଟକ ଯେ ପଢ଼ନ୍ତି ଜଉତିଷ ।
କରନ୍ତି ବ୍ରାହ୍ମଣଗଣ ମିଳି ବେଦଘୋଷ ॥
ଲୋକେ ଧନ୍ୟ ଧନ୍ୟ ଯେ କରନ୍ତି ନାବ ଚାହିଁ ।
ନିଶ୍ଚୟ ଆଣିବ ଏହୁ ଋଷିପୁଅ ଯାଇଁ ॥
ମାହେନ୍ଦ୍ର ଯୋଗରେ ନାବ ଦେଲାକ ଯେ ଫେଇ ।
ଏକକୁ ଆରେକ ଜନ ପ୍ରଜା ମୁଖ ଚାହିଁ ॥
କରଯୋଡ଼ି ବୋଲଇ ଯେ ନଟୀ ଜରନ୍ତୁଣା ।
ବାହୁଡ଼ି ବିଜୟେ କର କଷ୍ଟରେ ଭରସା ॥
ତା ଶୁଣି ବୋଲଇ ରାଜା ଆମ୍ଭରେ କି କାର୍ଯ୍ୟ ।
ତୋହରେ ହୋଇବ ମୋତେ ସକଳ ଐଶ୍ୱର୍ଯ୍ୟ ॥
ନାବ ଚଢ଼ି କନ୍ୟାଏ ଯେ ଜଳପଥେ ଗଲେ ।
ଉତ୍ସବ ବାଦ୍ୟ କରଣ ନୃପ ବାହୁଡ଼ିଲେ ॥

ଶୁଣ ଶାକମ୍ଭରି ଗୋ ଅମୃତମୟ ବାଣୀ ।
ପବିତ୍ର ଆଖ୍ୟାନ ଆଦିକାଣ୍ଡର କାହାଣୀ ॥
ଚଳିଗଲା ନାବ ପୁଣି ଏଥୁ ଅନନ୍ତରେ ।
ଉଜାଣି କୈବର୍ତ୍ତ ବାହାନ୍ତି ଯେ ଧୀରେ ଧୀରେ ॥
ନିକୁଞ୍ଜ ଅରଣ୍ୟଭୂମି ନଦୀକୂଳ ମଧ୍ୟେ ।
ନଗରଲୋକେ କୂଳେ ଥାଇଁ ଦେଖନ୍ତି ଆନନ୍ଦେ ॥
ଋଷ୍ୟଶୃଙ୍ଗ ଅଇଲେ ଜନ୍ମିବେ ରାମଚନ୍ଦ୍ରେ ।
ଆକାଶରେ ସୁରଲୋକେ ଦେଖନ୍ତି ଆନନ୍ଦେ ॥
ରାତ୍ର ଦିବସ ସେ ନାବବାହି ଚଳିଗଲେ ।
ଅନେକ ବନ କନ୍ଦର ପର୍ବତ ଲଙ୍ଘିଲେ ॥
ଦୁଃସହ ଦୁର୍ଗମ ଯେ ଗହନବନେ ଯାନ୍ତି ।
ଅପୂର୍ବ ବନଜନ୍ତୁ ସେ ଅପାର ଦେଖନ୍ତି ॥
କାହିଁ ମଦମତ୍ତଗଜେ କରନ୍ତି ଗର୍ଜ୍ଜନ ।
କାହିଁ ଶାର୍ଦ୍ଦୁଳେ କ୍ରୀଡ଼ନ୍ତି କାହିଁ ମୃଗଗଣ ॥
କାହିଁ ଭଲ୍ଲୁକେ କରନ୍ତି ରହି ଖେଳରସ ।
କାହିଁ ବାନର ହସ୍ତୀଙ୍କି ଦେଖି ହସ ହସ ॥
କାହିଁ ଯେ ସୁରତରସ କରନ୍ତି ଗୟଳ ।
ଘୋରନାଦ କରନ୍ତି ସେ ହୋଇ ମତ୍ତଭୋଳ ॥
କାହିଁ ଯେ ମତ୍ତହସ୍ତୀଙ୍କି ଗ୍ରାସୁଛନ୍ତି ସିଂହ ।
ସର୍ବାଙ୍ଗେ ରୁଧିରଧାର ଦିଶଇ ସୁରଙ୍ଗ ॥
କାହିଁ ସର୍ପକୁହିଁ ଧରି ମାରେ ବନଗୋରୁ ।
କାହିଁ ସେ ବ୍ୟାଘ୍ରଙ୍କ ଡ଼ରେ ପଳାନ୍ତି ଯେ ଫେରୁ ॥
କେବଣ ଜୀବମାନେ ନଦୀକ ଚାହୁଁଛନ୍ତି ।
ନଉକା ଚଳିବାରେ ଚାହାଁନ୍ତି ପନ୍ତି ପନ୍ତି ॥
ପ୍ରାକର୍ମ କରଣ କେ ହୁଅନ୍ତି ଆଗୁସାର ।
କେହି କେହି ଭୟ କରି ପଶନ୍ତି ଲତାର ॥
କେହୁ ସେ ପଛକୁ ଚାହିଁ ଆଡ଼ ହୋଇଯାନ୍ତି ।
ଥୋକାଏକ ଦୂର ଯାଇ ଲେଉଟି ଚାହାଁନ୍ତି ॥
ଶମ୍ବର ଯୂଥ ଯୂଥ ଆସନ୍ତି ପାଣିଖାଇ ।
ନାବ ଦେଖି ପଶନ୍ତି ସେ ଖଣ୍ଡେଦୂରେ ଯାଇଁ ॥
କେବଣ ପକ୍ଷୀ ଉଡ଼ିଣ ଆସି ନାବେ ବସି ।
ଲୋକ ଗହଳ ଦେଖିଣ ଯାଉଛନ୍ତି ପଶି ॥
ଅରଣ୍ୟମଇଁଷିଏ ଚାହାଁନ୍ତି ଅଚାଭୁଆ ।
କେବଣଠାବରେ ଯେ ଗ୍ରାସଇ ସିଂହଛୁଆ ॥

ବନର ମାର୍ଜାରୀଏ କରନ୍ତି ମୁଖଗୋଲ ।
କେବଣଠାବରେ ତାଙ୍କୁ ଝାମ୍ପଇ ଶାର୍ଦ୍ଦୂଳ ॥
କାହିଁ ଯେ ଶ୍ୱେତନେଉଳ ଖେଦା ଖେଦା ହୋଇ ।
ନେପାଳୀମୂଷାମାନଙ୍କୁ ଅଛନ୍ତି ଗୋଡ଼ାଇ ॥
ବିଚିତ୍ର ମୟୂରେ ଯେ କରନ୍ତି ରଙ୍ଗରସ ।
କାହିଁ ବଣପାରୀଏ ଉଡ଼ନ୍ତି ଚଉପାଶ ॥
ଗହନ ବନେ ପଶି ରାବଇ କେଉଁ ଜୀବ ।
ହୁଳହୁଳ ପ୍ରାୟେକ ଯେ ଶୁଭଇ ସେ ରାବ ॥
ପର୍ବତ ଉପରେ ଥାଇଁ ରାବଇ ଗୟଳ ।
ନାବ ଦେଖିଣ ଗୃହାନ୍ତି ଆସି ନଦୀକୂଳ ॥
କାହିଁ ବଳିଆ ଗୋଡ଼ାଇଅଛନ୍ତି ଗଣ୍ଡାକୁ ।
ମୃଦୁ ମୃଦୁ ହୋଇ ଯାନ୍ତି ଦେଖିଣ ନାବକୁ ॥
କାହିଁ ପାଣିକୁଆ ଯେ ଡାହୁକ ହଂସପନ୍ତି ।
ଖରଙ୍କର ନାଦ ଦେଖି ହଂସେ ଯେପଳାନ୍ତି ॥
କେ ତହିଁ ଲୁଚିଣ ଯେ ବସନ୍ତି ଡ଼ିମ୍ବ ପାଶେ ।
ବୁଡିଣ ରହନ୍ତି କେହୁ ନାବର ତରାସେ ॥
ନାବ ଗଲେ ସେ ପୁଣି ଦେଖନ୍ତି ବସା ଯାଇଁ ।
କେଉଁ ପକ୍ଷୀ ରାବଇ ସେ କୁତୂହଳ ହୋଇ ॥
କେବଣ ଠାବରେ ପଦ୍ମ ଫୁଟି ଅଛି ଲତା ।
ନାବେ ଥିବା ସୁନ୍ଦରୀଏ ହୋନ୍ତି ଉନମତ୍ତା ॥
ଏମନ୍ତେ ସେ ନାନା କଉତୁକେ ଚଳି ଯାନ୍ତି ।
ନାବ ଖଟାଇଣ କୁଳେ ରନ୍ଧନ କରନ୍ତି ॥
ଭୁଞ୍ଜନ୍ତି ସେ ନାନା ପକ୍ୱ ଫଳ ଶାଳୀ ଅନ୍ନ ।
ନୃତ୍ୟ ଗୀତ ରଙ୍ଗ ହାସ୍ୟ କରନ୍ତି ସେ କ୍ଷଣ ॥
ଗଭୀର ଜଳ ଦେଖିଣ ରହେ ନାବ ଖାଞ୍ଚି ।
ପ୍ରଭାତରୁ ଚଳି ଯାନ୍ତି ନଦ୍ୟା ସୁଖେ ବଞ୍ଚି ॥
ଏମନ୍ତେ କୋଡିଏ ଦିନ ନାବ ବାହି ଗଲେ ।
କୌଶିକୀ ନଦୀର ତଟେ ପ୍ରବେଶ ହୋଇଲେ ॥
ନାବ ଖଟାଇଣ ଯାଇଁ ରହିଲେ କୂଳର ।
ପରମଳ ସ୍ଥାନ ଦେଖି ସୁନ୍ଦରୀ ନିକର ॥
ପୂର୍ବେ ଦେଖିଥିଲେ ତାହା ଲୋମପାଦ ଗୃହେ ।
ବିଭାଣ୍ଡକ ମଢ଼ିଆକୁ କୋଶକ ଉତ୍ତରେ ॥
ସେଠାବରେ ରହିଣ ସେ ବିଚାର କରନ୍ତି ।
ସେ କାମମୋହିନୀ ମୂଳେ ଦ୍ୱାଦଶ ଯୁବତୀ ॥

ବିଭାଣ୍ଡକ ନ ଥିବାର ବେଳ ଜାଣି ଯିବା ।
ମୁନି ଅଭିଶାପ ଦେଲେ ଅଳପେ ମରିବା ॥
ଏଥୁ ଅନନ୍ତରେ ତହିଁ ଗଲା ଦିନ ଚାରି ।
ବିଭାଣ୍ଡକ ନ ଥିବାର ଜାଣିଲେ ଚତୁରୀ ॥
କାମମୋହିନୀକି ପୁଣି ରାଇଣ ଜରତା ।
ସଙ୍ଗତରେ ଘେନିଗଲା ସେ ବାରବନିତା ॥
ଅନେକ ଉଆରଣ ସେ କନ୍ୟାଙ୍କୁ କହଇ ।
ଯେ ଯାହାର ବେଶ ତୁମ୍ଭେ ପିନ୍ଧିଲେ ବୋଲଇ ॥
ତପସ୍ୟାକୁ ଯାଇଛନ୍ତି ବିଭାଣ୍ଡକ ମୁନି ।
ସନ୍ଧ୍ୟାସମୟରେ ପୁଣି ଆସିବେ ସୁଜ୍ଞାନୀ ॥
ଏତେକ ବିଚାରି କାମମୋହିନୀ ସୁନ୍ଦରୀ ।
ଛିନ୍ନ ବସ୍ତ୍ର ପିନ୍ଧାଇଣ ଅଲଙ୍କାର ଭରି ॥
ଅଳତା ପୟରେ ଯେ ନୂପୁର ରତ୍ନମୟେ ।
ଅଙ୍ଗୁଷ୍ଠିରେ ମୁଦ୍ରିକା ଅତିହିଁ ଶୋଭା ପାଏ ॥
ପାଟେକ ପିନ୍ଧିଲେ ତହିଁ ନେତ ଆଭରଣ ।
ପାଦରେ ନୂପୁର ଯେ ବାଜଇ ରୁଣଝୁଣ ॥
ନୟନେ କଜ୍ଜ୍ୱଳ ଯେ କପୋଳେ ଚିରୁଚିତା ।
ତାମ୍ବୂଳ ଭୁଞ୍ଜିଣ ସେ ଅଧର କଲା ଲତା ॥
ବିବିଧ ବେଶରେ ସଜ ହୋଇଲା ଯୁବତୀ ।
ବାରବନିତା ସର୍ବେ ଅପୂର୍ବ ରୂପକାନ୍ତି ॥
ସ୍ୱଭାବେ ସେ ବେଶ୍ୟାନାରୀ ରାଜାର ପୌରଷ ।
ତାହାଙ୍କୁହିଁ ପଟାନ୍ତର ଦେବା ଆଉ କିସ ॥
ପୂର୍ବରେ ସେ ଜରକୁଣା ସ୍ୱର୍ଗର ଅପ୍ସରୀ ।
ବ୍ରହ୍ମାର ଉପାୟେ ସେ ମଞ୍ଚରେ ଅବତରି ॥
ନାନା ଅଲଙ୍କାରମାନ ପିନ୍ଧିଲେ ଯୁବତୀ ।
ତାଳ ବଇଁଶୀ ମୃଦଙ୍ଗ କଂସାଳ ବଜାନ୍ତି ॥
ନୃତ୍ୟ ଗୀତ ରସ ବିଦ୍ୟା ସଙ୍ଗୀତ ଅଭ୍ୟାସ ।
ସୁସ୍ୱର ବଇଁଶୀଧ୍ୱନି ବେଣୁ ବୀଣା ଘୋଷ ॥

(3)

ଋଷ୍ୟଶୃଙ୍ଗ ଓ ଦଶରଥଙ୍କ ଭେଟ

ଯତି ପଚାରନ୍ତି ତୁମ୍ଭେ ପରା ଦଶରଥ ।
ପ୍ରଜାମାନ ପାଳ ଠିକ ପୁତ୍ରର ସଙ୍ଗତ ॥

ସଭ୍ୟ ପାଏ ପୋଷୁ ଟିକ ପୁତ୍ର ସମ କରି ।
ମଦମତ୍ତଗଜ ଦ୍ୱାରେ ଥାନ୍ତି ଦୁଇ ଚାରି ।
ନୀତିଶାସ୍ତ୍ର ପଢ଼ି ନିତ୍ୟେ କରୁ କି ଆଚାର ।
ଧର୍ମକଥାକୁ ଯେ ଲୟ୍ ଥାଇ ନା ତୋହର ।
ପର ଦେଶର ବାରତା ପାଉ ଟିକ ଶୋଧି ।
ମନ୍ତ୍ରୀ ତୋ ଜାଣଇ ଟିକ ବାର୍‌ର ସୁବୁଦ୍ଧି ।
ପୁରୋହିତ ଜାଣଇ ନା ଶାସ୍ତ୍ରର ବିଚାର ।
ସନ୍ଧ୍ୟା ଜପ ମନ୍ତ୍ର ବେଦସ୍ମୃତି ଆଦି ସାର ।
ପୁତ୍ରମାନେ କରନ୍ତି ନା ମାତା ପିତା ସେବା ।
ସବୁ ହୃଦେ ଥାଇ ଟିକ ଦେବା ଦଆଇବା ।
ନଗ୍ର ନରନାରୀଏ ତ ଅଛନ୍ତି ସୁସ୍ଥିରେ ।
କାଳେ ବୃଷ୍ଟିକରଇ ନା ଇନ୍ଦ୍ର ତୋ ରାଜ୍ୟରେ ।
ଅନ୍ତଃପୁରର ଚରର୍ କରୁ ଟିକ ନିତି ।
ନିର୍ଦ୍ଦୋଷରେ ଦଣ୍ଡମଣ୍ଡ ନ କରୁ ଅନୀତି ।
ବରଷାରେ ନଦୀଘାଟେ ଥାଇ ଟିକ ନାବ ।
ସୁଜନେ ତସ୍କରେ କୁହନ୍ତି ତ ସଦଭାବ ।
ପତିରେ ଭକତି ନିତ୍ୟେ କରନ୍ତି ନା ନାରୀ ।
ବିଶ୍ୱାସଘାତକୀ ପ୍ରୀତି ନୋହୁ ଦଣ୍ଡଧାରୀ ।
ଭେଷଜ ବିଦ୍ୟା ଜାଣନ୍ତି ବୈଦ୍ୟେ କି ସୁବୁଦ୍ଧି ।
ତପୀମାନେ ଅଛନ୍ତି ନା ଅଗ୍ନି କି ଆରାଧି ।
ସେବକଙ୍କୁ ବରଗିଲେ କୁହନ୍ତି ବିମୁଖ ।
ସଂଗ୍ରାମରେ କ୍ଷତ୍ରିଙ୍କର ରଖୁ ଟିକ ସୁଖ ।
ଦେବତାରେ ପୂଜାବିଧି ବ୍ରାହ୍ମଣରେ ଦାନ ।
କୁଳୀନଜନେ ରଖନ୍ତି ଟିକ କୁଳଧର୍ମ ।
ନଗ୍ରେ ପରିମଳ ହୋଇ ଫଳନ୍ତି କି ତରୁ ।
ଅପନ୍ତରା ବାଟରେ ଯେ ପାଣିପଣା କରୁ ।
ପ୍ରାସାଦ ଅଟ୍ଟାଳିରେ ନାହିଁ ନା ବୃକ୍ଷମାନ ।
ପଥେ ଖାଲ ଖଣା ପୋତାଇ ନା କରୁ ସମ ।
ଦୁର୍ବଳ ଜନଙ୍କୁ ଆଶ୍ୱାସନାଟି ଗୃହସ୍ଥେ ।
ଦୋଷାଧୁ ରଖନ୍ତିଟିକ ସାଧୁଙ୍କର ବତ୍ତେ ।
ଅଗାଧ ଜଳ ଅଛି ନା ନଗ୍ର ଚଉପାଶେ ।
ସେବକେ ନ କରନ୍ତି ତ ସେବାରେ ଆଳସେ ।
ମନ୍ତ୍ରୀ ବୋଲେ ବିପ୍ରମାନେ କରନ୍ତି ନା କାମ ।
ସୁଜ୍ଞ ଦ୍ୱିଜବରମାନେ କରନ୍ତିଟି ହୋମ ।

ଆସ୍ଥାନେ ପଣ୍ଡିତେ ତୋର କରନ୍ତି ଗୋଷ୍ଠୀ ।
ପୁତ୍ର ଥାଉଁ ମାତା ପିତା ନୁହନ୍ତି ନା କଷ୍ଟୀ ॥
ଦରିଦ୍ରଜନଙ୍କୁ ଦୟା କରନ୍ତି ନା ସାଧୁ ।
ଲଜ୍ଜାବତୀ ହୁଅନ୍ତି ନା ଦେଶ କୁଳବଧୂ ॥
ବ୍ୟାଧିକି ଔଷଧ ବୈଦ୍ୟେ କରନ୍ତି ଚକିତ୍ସା ।
ସମସ୍ତେ ଜାଣନ୍ତି ଟିକି ଗୁରୁଙ୍କର ଦୀକ୍ଷା ॥
ପ୍ରଚଣ୍ଡ ହୋଇ ଦେଶରେ ନ ବହେ ପବନ ।
ମିଥ୍ୟା ନ କରନ୍ତି ନା ତୋ ବଣିଜାରମାନ ॥
କୁଟିଳ ବୁଦ୍ଧି ରାଜା ନ ଧରୁ ତୋର ଚତ୍ତେ ।
ସୁଦୟା ଅନୁରାଗୀ ନା ଅଛୁ ନରନାଥେ ॥
ନୃତ୍ୟ ଗୀତ ସଭାରେ କରନ୍ତି ନଟନାରୀ ।
ବେଶ୍ୟାର ପାରନ୍ତି ନା ପରର ଦ୍ରବ୍ୟ ହରି ॥
ଚଞ୍ଚଳ ଅଟନ୍ତି ନା ତୋ ଅଶ୍ୱଶାଳ ଘୋଡ଼ା ।
କତ ହୁଅନ୍ତି ନା ପାଟମାତଙ୍ଗ ସଜଡ଼ା ॥
ସାରଥି ଖରେଣ ବାହି ପାରଇଟି ରଥ ।
ପଦାତିମାନେ ତୋର କି ଅଟନ୍ତି ସମର୍ଥ ॥
ଧାନୁକୀ ବନ୍ଧିଲେ ଦେହେ ଫୁଟେ ଟିକି ବାଣ ।
ଲେଖାରେ ତ ମାୟା ନକି କରଇ କରଣ ॥
ଦାରୁ ଗୋଳି ଭଣ୍ଡାରେ ଅଛୁ ନା ସଞ୍ଚି କରି ।
ଗଦା ଖଡ଼ଗ ଆଉଣ ନାନା ଫଳା ଧରି ॥
ନିର୍ବଳକୁ ବଳାତ୍କାର ନ କରନ୍ତି ବଳୀ ।
ଯେ ଯାହା ଋତୁରେ ନାନା ପକ୍ୱଫଳ ଫଳି ॥
ସୁରଭି ସୁମିଷ୍ଟ ଦୁଗ୍ଧ ଦିଅଇ ନା ଗାଈ ।
ଅନଷ୍ଟ ଅନାଚାର ନ କରନ୍ତି ନା କେହି ॥
ଚଷାଏ ଗୋରୁକୁ ଯୋତି କରନ୍ତି ନା ଚଷ ।
ପବନ୍ ବଚନ୍ କରି ଅଛୁ ନା ଉଆସ ॥
ପରିବାର ତୋହର ଯେ ନୁହନ୍ତି ନା କଷ୍ଟୀ ।
କୃଷି ସମୟରେ ଇନ୍ଦ୍ର କରଇ ନା ବୃଷ୍ଟି ॥
ଯେ ଯାହା ଋତୁରେ ପାଳନ୍ତି ନା ଦିଗପାଳେ ।
ଦୁଷ୍ଟେ ନ ଭାଞ୍ଜନ୍ତି ନକି ପକ୍ଷୀଙ୍କର ଆଳେ ॥
ଧୂମକେତୁ ଉଦୟ ତ ନୁହଇ ଗଗନେ ।
ପୁତ୍ରେ ନ କରନ୍ତି ନକି ପିତାର ବଚନେ ॥
କୁଶଳେ ଅଛନ୍ତି ଟିକି କ୍ଷେମ ସେନାମାନ ।
ଧର୍ମଯୁଦ୍ଧ କରୁ କନା ଅଯୋଧ୍ୟାରାଜନ ॥

ରାଜା ଦଶରଥ ଯେ ପ୍ରଣାମ କରି ଶୋଇ ।
କରପତ୍ର ଯୋଡ଼ିଣ ସେ ଶୋକ କରି କହି ॥

(4)

ବିଶ୍ୱାମିତ୍ରସହ ରାମଚନ୍ଦ୍ରଙ୍କ ଯାତ୍ରା

ଶୁଣ ଆହେ ସୁଜ୍ଞଜନେ ଶ୍ରୀରାମର ବାଣୀ ।
ଆଦିକାଣ୍ଡ ରାମାୟଣ ପବିତ୍ର କାହାଣୀ ॥
ଈଶ୍ୱରେ ବକତା ଯେ ପାର୍ବତୀଦେବୀ ଶ୍ରୋତା ।
ବାଲ୍ମୀକିମୁନିଙ୍କି ଯା କହିଲେ ବିଧାତା ॥
ମୁହିଁ ତା କହିବି ଜଗନ୍ନାଥଙ୍କ ଆଜ୍ଞାରେ ।
ତେଣୁ ଏହା ଶରଧାଏ ଶୁଣିବେ ସଂସାରେ ॥
ଶ୍ରୀରାମର ନାମ ଜନ୍ମ ଆଦିକାଣ୍ଡ ଏହୁ ।
ପାର୍ବତୀଙ୍କ ଆଗରେ କହନ୍ତି ଦଶବାହୁ ॥
ଶୁଣ ଶଶିମୁଖି ବାଣୀ ଏଥୁ ଅନନ୍ତରେ ।
ସେଦିନ ରହିଲେ ରାମ ସରଯୂତୀରେ ॥
ରଜନୀ ବଞ୍ଚିଲେ ରାମ ନାନା କଥା କହି ।
ପ୍ରଭାତରେ ସ୍ନାନ ତରପଣ କଲେ ତହିଁ ॥
ଶ୍ରୀରାମଙ୍କୁ ବିଶ୍ୱାମିତ୍ର ମନ୍ତ୍ର ଦୀକ୍ଷା ଦେଲେ ।
ବେଦ ପୁରାଣ ସକଳ ଶାସ୍ତ୍ର ଶିଖାଇଲେ ॥
ରାମ ଲକ୍ଷ୍ମଣଙ୍କୁ ବିଦ୍ୟା ହୋଇଲା ପ୍ରାପତ ।
ତହୁଁ ତିନିଜଣେ ଚଳିଗଲେକ ତୁରିତ ॥
ଗଙ୍ଗାର କୂଳରେ ସେ ପ୍ରବେଶ ଯାଇ ହୋଇ ।
ଋଷିଗଣେ ତହିଁ ତପ କରୁଛନ୍ତି ରହି ॥
ବିବିଧ ବୃକ୍ଷମାନେ ଅଛନ୍ତି ପନ୍ତି ପନ୍ତି ।
ହରଡ଼ା ବାହାଡ଼ା ବେଲ ଭଇଞ୍ଚ ଜୟନ୍ତି ॥
ନାଗେଶ୍ୱର ବକୁଳ କରୁଣା ଚମ୍ପାବନ ।
ପଲାଶ କନିଅର ଯେ ଅଶୋକ କଞ୍ଚନ ॥
କେନ୍ଦୁ ବଦରୀ ଯେ ଲେମ୍ବୁ ନିମ୍ବ ଠଭି ମିଶି ।
ଅଁଳା ଓଉ ପଣସ କମଳା ଆଦି କସି ॥
ଜମ୍ବୀର ଯେ କରମଙ୍ଗା ତେନ୍ତୁଳି ଦାରାକ୍ଷ ।
ବଟ ଅଶ୍ୱତ୍ଥ ତମାଲ ତାଲ ଶାଲ ବୃକ୍ଷ ॥
ଚନ୍ଦନ ଲବଙ୍ଗ ଯେ ଅଗର ଦେବଦାରୁ ।
କୁନ୍ଦ ମନ୍ଦାର କାମୋଦ କଦମ୍ବ ଯେ ତରୁ ॥

ଗୁଆ ନାରିକେଳ କାହିଁ ହୋଇଛି କେଞ୍ଚୁଡ଼ି ।
ଜାଇଫଳ ଲବଙ୍ଗ ମରିଚ ଅଛି ବେଢ଼ି ॥
ମାଧବୀ ଜାଇ ଜୁଇ ଦୟଣା ଚମ୍ପା ମଲ୍ଲୀ ।
ତଗର ତଗର ଯେ ପୁନ୍ନାଗ କୁରୁବେଲ୍ଲୀ ॥
ନାନା ପୁଷ୍ପ ଫଳମାନ କେ କରୁ ଗଣିତା ।
ସ୍ୱର୍ଗର କି ଉପବନ ରଚିଲା ବିଧାତା ॥
ଇନ୍ଦ୍ର ଉପବନ ପ୍ରାୟ ଦିଶଇ ସେ ଶୋଭା ।
ନଦୀତଟେ ଦେଖି ଶ୍ରୀରାମ ଅତି ମନ ଲୋଭା ॥
ଶମ୍ବର ହରିଣ ରୁରୁ ମୃଗ ଯୂଥ ଯୂଥ ।
ବନ ପୋରୁଅ ମଇଁଷି କେ କରିବ ଅନ୍ତ ॥
ବ୍ୟାଘ୍ର ଗଣ୍ଡା ସିଂହ ଯେ ଅନେକ ମତ୍ତହସ୍ତୀ ।
ଶଶା ଶାଳିଆ ଶୂକର ଅନେକ ଅଛନ୍ତି ॥
ମର୍କଟଙ୍କ କୋଲାହଳ ବୃକ୍ଷ ଫଳ ଖାଇ ।
ମନୁଷ୍ୟଙ୍କୁ ଦେଖିଲେ ସେ ଆସନ୍ତି ଗୋଡ଼ାଇ ॥
ପକ୍ଷୀଏ ଭାଷନ୍ତି କୋଳାହଳ ମୃଦୁବାଣୀ ।
ଶୁଣିଣ ଶ୍ରୀରାମ ଯେ ହରଷ ହୋନ୍ତି ପୁଣି ॥
ମୟୂର ତିତ୍ତିର ଯେ କୁକ୍କୁଟ ଚକ୍ରବାକ ।
ସାରସ ହଂସ କୋକିଳ କାକ ଶୁକ ବକ ॥
ସରାଳ ଡାହୁକ ଯେ ଭାଷନ୍ତି ଧ୍ୱନି କରି ।
ବିବିଧ ଭାଷା ଭାଷନ୍ତି କାକତୁଆ ଶାରି ॥
କାମ୍ୟକ ଯେ ନୀଳକଣ୍ଠ ବନଭରତିଆ ।
ରାଜହଂସ ଆବର ଅଛନ୍ତି ପାଣିକୁଆ ॥
ଜାଇଫଳ ବୃକ୍ଷରେ ଯେ ବଳେ ଥାନ୍ତି ବସି ।
ମନୁଷ୍ୟ ଦେଖି ତଳକୁ ପଡ଼ନ୍ତି ସେ ଖସି ॥
ଉଟ ଗର୍ଦ୍ଦଭ ଭଲ୍ଲୁକ ଗଣ୍ଡା ଯେ ଗୟଳ ।
ବନକୁକ୍କୁଟ ମଥାରେ ଶୋହେ ରଙ୍ଗଚୂଳ ॥
ଭାଷନ୍ତି ଯେ ନାନା ପକ୍ଷୀ ନାନା ଧ୍ୱନି କରି ।
ଦେଖି ଶ୍ରୀରାମ ଲକ୍ଷ୍ମଣ ମୁନିଙ୍କି ପଚାରି ॥

( 5 )

## ଧନୁର୍ଭଙ୍ଗ

ଏଥିଅନନ୍ତରେ ତୁମ୍ଭେ ଶୁଣ ଶାକମ୍ଭରୀ ।
ରାମ ବଜେଇକଲେ ଯେ ଲକ୍ଷ୍ମଣ ଭୁଜ ଧରି ॥

ମଞ୍ଜୁଷା ଭିତରକୁ ଶ୍ରୀରାମ ଦେଲେ ଦୃଷ୍ଟି ।
ସିଂହ ଦେଖଇ ଯେସନେ କନ୍ଦରେ ମତ୍ତହସ୍ତୀ ॥
ଧନୁ ଦେଖିଣ ଶ୍ରୀରାମ ହେଲେ ତୋଷଚିତ୍ତ ।
ଜନକକୁ ଚାହିଁଣ ବୋଲନ୍ତି ରଘୁନାଥ ॥
ଭୋ ମହାମୁନି ହୋଇଲ ଯେବେ ସୁପ୍ରସନ୍ନ ।
ବାହାରକୁ କାଢ଼ି ଆଣିବାକୁ ଶରାସନ ॥
ସଦାଶିବ କୋଦଣ୍ଡ ଛୁଇଁଲେ ପାପ ଯାଉ ।
ହରଷଚିତ୍ତରେ ମୁନି ଆଜ୍ଞା ମୋତେ ହେଉ ॥
ଶ୍ରୀରାମଙ୍କ ବଚନେ ଯେ ବୋଲଇ ଜନକ ।
ଏ କଥାକୁ କେମନ୍ତ ତୁ ମଣୁ କଉଶିକ ॥
ଅକଳ ବଳ ଧନୁ ବାହାରେ ଲୋଡ଼େ ଆଣି ।
ଏଥିର ସଂଶୟ ମୁନି ଅଛି ତୁମ୍ଭେ ଜାଣି ॥
ବିଶ୍ୱାମିତ୍ର ବୋଇଲେ ମୁଁ କହିବାକୁ କିସ ।
ପ୍ରତ୍ୟକ୍ଷରେ ତୁହି ଋଷି ଅଟୁ ଜ୍ଞାନଦକ୍ଷ ॥
ଏ ଯେବେ ଧନୁକୁ ଦେଖିବାକୁ କଲେ ସଧ ।
ପାଇଲେ ସେ ଆଣୁ କିନା ନ କର ବିରୋଧ ॥
ଅସଂଖ୍ୟ ଏ କଥା ଗୋଟି ବୁଝିବାନା ଦେଖି ।
ଆଣି ପାଇଲେଟି ସିନା ବଳବନ୍ତ ଲେଖି ॥
ବୋଲଇ ଜନକ ବିଶ୍ୱାମିତ୍ର ମୁଖ ଚାହିଁ ।
ମହାଦେବ ବିନୁ ଯେ ଛୁଇଁଅନ୍ତା କେହି ନାହିଁ ॥
ଅନେକ ଦେଶର ଏଥେ ରାଜାମାନେ ଛନ୍ତି ।
ତୋଳି ନ ପାରଣ ଲଜ୍ଜା ପାଇଲେ ନୃପତି ॥
ଏ ବାଳକପୁଅ ଧନୁ ଧରିବ କେମନ୍ତେ ।
ମାୟା କଲେ ପରଲୋକ ଜାଣିବାନା ଏଥେ ॥
ଜନକର ମୁଖରୁ ଏସନ ବାଣୀ ଶୁଣି ।
ରାଜାମାନେ ତହିଁ ଯେ ବୋଲନ୍ତି ଉଚ୍ଚ ବାଣୀ ॥
ଭୋ ଜନକ କପଁା ତୁ ନ ବୋଲୁ ଧନୁ ଆଣ ।
ଦେଖିବା ଏହାର ବେଳେ କେଡ଼େ ବଡ଼ପଣ ॥
ଭରସା ନ ଥିଲେ କି ପର୍ବତ ମୁଣ୍ଡେ ବହି ।
ପୁଣ ପୁଣ ସଭାମଧ୍ୟେ ତୋଳିବି ବୋଲଇ ॥
ଆମ୍ଭମାନଙ୍କର ଭଙ୍ଗି ଅସିବା ଦେଖିଲା ।
ଭରସା ନ ଥିଲେ କି ମାନସ ବଳାଇଲା ॥
ବୋଲି ତୁମ୍ଭେ ମୁନିବର ଧନୁ ଦେନି ଆସୁ ।
ବାହାରକୁ ଆଣିଣ ଯେ କୋଦଣ୍ଡ ଆମଞ୍ଚୁ ॥

ସବୁ ନୃପତିଏ ଯହୁଁ ଦେଲେ ସନମତ ।
ହସିଣ ବୋଇଲେ ସେ ଜନକ ତପୋବନ୍ତ ॥
ତୁ ବାବୁ ଶ୍ରୀରାମ ଅଟୁ ଅଳପ ବୟସ ।
ଏ ଧନୁ ଧରିବାକୁ ପ୍ରାକର୍ମ ତୋର କସ ॥
ବଡ଼ ବଡ଼ ରାଜାମାନେ ରହିଲେଣି ଫୁଟି ।
ତୁ କସ କରିବୁ ଯେ କଅଁଳାପୁଅଗୋଟି ॥
ଏ ଧନୁର ଗୁଣ ଯେତେ ଅଛଇନା ଜାଣ ।
ଛୁଇଁବା ମାତ୍ରକେ କ୍ଷତ୍ରୀ ହୁଏ ହତପ୍ରାଣ ॥
କାଲେ ତୁ ବୋଲିବୁ ନକ ନ କହିଲେ ବୋଲି ।
ମୋହର ଯେ ଦୋଷ ନାହିଁ ଆଗହୁଁ କହିଲି ॥
ହସିକରି ଶ୍ରୀରାମ କହନ୍ତି କରଯୋଡ଼ି ।
ପାରିଲେ ସିନା ଆଣିବି ଧନୁକୁ ଉଚ୍ଛୁଡି ॥
ନୋହିଲେ ତା ପୁଣ ତୁମ୍ଭେ ନେବ ବାହୁଡ଼ାଇ ।
ଆଜ୍ଞା ଦିଅ ମୁନି ହୋ ପ୍ରସନ୍ନମୁଖ ହୋଇ ॥
ଶ୍ରୀରାମର ଏସନ କଣ୍ଠୁର ବାକ୍ୟ ଶୁଣି ।
ଜନକ ମନରେ ବିଚାରନ୍ତି ପୁଣପୁଣି ॥
ବିଶ୍ୱାମିତ୍ର ଏହାଙ୍କର କହଇ ଗାରିମା ।
ଏହି କଥା ପୂର୍ବେ ମୋତେ କହିଥିଲେ ବ୍ରହ୍ମା ॥
ଏ ଧନୁକୁ ଯତନ କରିଣ ଥୋଇଥିବୁ ।
ଜାନକୀର ସ୍ୱୟମ୍ବରେ ହରିଙ୍କି ଦେଖିବୁ ॥
ସେ କଥା ନିକଟ ଅବା ହୋଇଲାକ ଆସି ।
ଏତେକ ବିଚାରି ମୁନି କହିଲେକ ହସି ॥
ପାରିଲେ ଆଣ ବାବୁ କପାଇଁ ଆଜ୍ଞା ମାଗୁ ।
ତୁ ବାଳୁତପୁଅ ଧନୁ କଥା ତୋତେ ଲାଗୁ ॥
ଜନକର ବଚନ ଶୁଣିଣ ରଘୁସାଇଁ ।
ମଞ୍ଜୁଷା-ଦ୍ୱାରେ ବିକ୍ରମି ଯାଇ ଉଭାହୋଇ ॥
ସ୍ୱର୍ଗରେ ଦେବତାଗଣ ଅଛନ୍ତି ଅନାଇ ।
ରାଜାଗଣ ସମସ୍ତେ ଅଛନ୍ତି ଉଭାହୋଇ ॥
ହାବୁଡାହାବୁଡ଼ି ହୋଇ ସମସ୍ତେ ଦେଖନ୍ତି ।
ଏକଦୃଷ୍ଟି କରି ଯେ ନୃପତିଏ ଅଛନ୍ତି ॥
ମଞ୍ଜୁଷା ଭିତରେ ଯାଇଁ ରାମଚନ୍ଦ୍ର ପଶି ।
ବାମଭୁଜେ ଧନୁକୁ ସେ ଧରିଲେ ଆକର୍ଷି ॥
ବାହାର ହୋଇଣ ଯେ ଅଇଲେ ରଘୁନାଥ ।
ଦେଖିଲେ କୋଦଣ୍ଡ ରାଜଗଣେ ବାମହସ୍ତ ॥

ଅନନ୍ଦେ ଉତ୍ସୁକ ଯେ ହୁଅନ୍ତି ନର ନାରୀ ।
ତୋଳିଣ ଧଇଲେ ଧନୁ ଉଠେ ଧ୍ୱନି କରି ॥
ଦେଖିଣ ଯେ ବିଶ୍ୱାମିତ୍ର ପୁଲକଶରୀର ।
ସାଧୁ ସାଧୁ ଶବଦ ଯେ ଶୁଭେ ନିରନ୍ତର ॥
ଧନୁ ଧରି ଶ୍ରୀରାମ ଅଛନ୍ତି ଉଭା ହୋଇ ।
ସୁରଗଣ ମଧ୍ୟେ ଯେହ୍ନେ ଇନ୍ଦ୍ର ଶୋଭା ପାଇ ॥
ଦିଗଦିଗକୁ ଚାହିଁଣ ବୋଲନ୍ତି ଲକ୍ଷ୍ମଣ ।
ଦିଗପାଳମାନେ ତୁମ୍ଭେ ସମସ୍ତେ ଯେ ଶୁଣ ॥
ଭୋ ବାସୁକି ନାଗ ତୁ ଯେ ଅଟୁ ମହୀଧର ।
ଦେଖନ୍ତି ତ ଦିଗପାଳେ ହୋଇ ଆଗୁସାର ॥
ଅହୋ ମହାକୂର୍ମ ବାରେ ସ୍ଥିର ହୋଇ ରହ ।
ବଳ ଲଗାଇଣ ତୁ ଧନୁର ଭାର ସହ ॥
ଆଗୋ ବସୁମତି ତୁହି ସ୍ଥିର ହୋଇ ଥାସି ।
ଅବଶ ହୋଇଲେ କଷ୍ଟେ ହୋଇବୁଟି ଧ୍ୱଂସି ॥
ବଳ ଲଗାଇଣ ତୁମ୍ଭେ ଧୀର ହୋଇ ଥିବ ।
ଈଶ୍ୱରଙ୍କ କୋଦଣ୍ଡ ଶ୍ରୀରାମ ଆମର୍ଷିବ ॥
ଏସନକ ବୋଲିଣ ଶ୍ରୀରାମ ମୁଖ ଚାହିଁ ।
କରପଦ୍ମ ଯୋଡ଼ି ପୁଣ ଲକ୍ଷ୍ମଣ ବୋଲଇ ॥
ଭୋ ଦେବ ଶ୍ରୀରାମ ତୁମ୍ଭେ ମୋର ବୋଲ କର ।
ମଉଳ କୁଆଇଁ ତୁମ୍ଭେ ଏ ଧନୁ ନ ଧର ॥
ଏକଦୃଷ୍ଟି କରି ଚାହିଁଛନ୍ତି ନୃପବରେ ।
ପ୍ରଣାମ କଲା ପରାୟେ ଦିଶିବ ସଭାରେ ॥
ନିଷ୍କଲଙ୍କ ସୂର୍ଯ୍ୟବଂଶ ଆମ୍ଭର ଅଟଇ ।
ତୋହର ସଙ୍ଖିଲା ଏହି ସପ୍ତଦ୍ୱୀପା ମହୀ ॥
ଶୁଣିଣ ଶ୍ରୀରାମଙ୍କର ପୁଲକଇ କାୟେ ।
ବିଶ୍ୱରୂପ ଧରିଣ ବିକ୍ରମି ଉଭା ହୋଏ ॥
ବାମକରେ କୋଦଣ୍ଡ ଧରିଣ ଦାଶରଥି ।
ଗୁଣ ଦେବା ବୋଲିଣ ଯେ ବିଚାର କରନ୍ତି ॥
ଭୟପାଇ ବସୁମତୀ ବୋଲଇ ବଚନ ।
ବାରେ ରକ୍ଷା କର ମୋତେ ଶ୍ରୀରଘୁନନ୍ଦନ ॥
ଏ ଧନୁର ହୁଲ ଯଦି ଦେବୁ ମୋର ତହିଁ ।
କଷ୍ଟୟେ ଜୀବନ ମୁଁ ଛାଡ଼ିବି ରଘୁସାଇଁ ॥
ମେରୁ ଠାରୁ ଶତଗୁଣ ଏ କୋଦଣ୍ଡ ଗରୁ ।
ମୁହିଁ ଏହା ବହିବାକୁ ଅଟଇ ଯେ ଭୀରୁ ॥

ରାମଚନ୍ଦ୍ର ଶୁଣି ପୃଥ୍ୱୀଙ୍କ ଦୟା କଲେ ।
ନିଜ ବାମପାଦେ ଆଗଭିର ବଢ଼ାଇଲେ ॥
କନିଷ୍ଠ ଅଙ୍ଗୁଳି ନଖକୋଣର ଉପରେ ।
ଧନୁହୁଲ ବସାଇଲେ ନେଇ ରଘୁବୀରେ ॥
ଶରାସନ ମଉଳିକ ବାମକରେ ଧରି ।
ଗୁଣ ଦେବାନିମନ୍ତେ ସେ ଆଣିଲେ ଓଟାରି ॥
ରଠମଠ ଶବଦ ଯେ ଶୁଭିଲା କୋଦଣ୍ଡ ।
ଥରହର କମ୍ପଇ ମେଦିନୀ ନବଖଣ୍ଡ ॥
ଗୁଣକୁ ଶ୍ରୀରାମ ଯେ ଦକ୍ଷିଣ କରେ ଧରି ।
ଓଟାରି ଧନୁର ହୁଲ ମଧ୍ୟେ ନେଉଭରି ॥
ଯହୁଁ ଶରାସନ ନିହୁଡ଼ାଇ ଦେଲେ ଗୁଣ ।
ଦେଖି ଶିର ନୁଆଇଲେ ସକଳ ରାଜନ ॥
ବୋଇଲେ ନିଶ୍ଚୟ ଆସି ହରି ବିଜେ କଲା ।
ସମସ୍ତଙ୍କର ମନରୁ ଭ୍ରାନ୍ତି ଫିଟିଗଲା ॥
ଗୁଣ ଦେଇ ଧନୁକୁ ଧଇଲେ ସଜକରି ।
ସଭାଜନ ମନେ ଜାତ ଆନନ୍ଦଲହରୀ ॥
ବାମକରେ ଧରି ରାମ ଗୁଣ ଟଙ୍କାରନ୍ତି ।
ଦେଖି ଜନକର ଫିଟିଲା ଯେ ମନ ଭ୍ରାନ୍ତି ॥
ମନେ ବିଚାରିଲେ ଏହୁ ନିଶ୍ଚେ ବାସୁଦେବ ।
ନୋହିଲେ ଏ ଧନୁକେ ବା ଆନେ ଆମ୍ଭିବ ॥
ପ୍ରତ୍ୟକ୍ଷରେ ନାରାୟଣ ହୋଇଅଛି ଜାତ ।
ଏଡ଼େ ବଡ଼ ଧନୁ କେବା କରନ୍ତା ଆୟତ୍ତ ॥
ନିଶ୍ଚେ ଏହୁ ଜାନକୀର ହେବ ନିଜକାନ୍ତ ।
ଲକ୍ଷ୍ମୀ ନାରାୟଣ ବେନି ହୋଇଲେ ସମ୍ଭୂତ ॥
ଏଥୁ ଅନନ୍ତରେ ରାମ ଧନୁକରେ ଧରି ।
ଦକ୍ଷିଣକର୍ଣ୍ଣ ପର୍ଯ୍ୟନ୍ତେ ଆଣିଲେ ଓଟାରି ॥
କର୍ଣ୍ଣ ପରିଯନ୍ତେ ସେ ଯେ ଆଣନ୍ତେଣ ଗୁଣ ।
ଆନ୍ଦୋଳିତ ପୃଥିବୀ କମ୍ପିଲେ ରାଜଗଣ ॥
ଶ୍ରବଣରେ ମିଳି ଧନୁ କହଇ ଗୁପତ ।
ହେଲେ ନାଶ କଲ ସ୍ୱାମୀ ମୋର ପୁରୁଷାର୍ଥ ॥
ସଧୀରେ ହୁଳୁଡ଼ି ପୁଣି ରଖ ରଘୁବୀର ।
ତୋହର କୋପରେ କି ରହିବ ମୋ ଶରୀର ॥
କରୁଣାସାଗର ରାମ ପ୍ରତିକାର କର ।
ଶୁଣି ହୃଦଗତେ ବିଚାରନ୍ତି ରଘୁବୀର ॥

ବୋଲନ୍ତି କାର୍ମୁକ କପାଁ ହେଉଛୁ ନସତ ।
କଥା ନ ବୁଝିଣ କପାଁ ମନେ ହେଉ ଭୀତ ॥
ତୋତେ ଆଣ୍ଠୋସନା ଯେବେ କରବଇଁ ମୁହିଁ ।
ନନ୍ଦା ପାଇବ ନା ମୁହିଁ ରାଜଗଣ ତହିଁ ॥
ଧନୁ ପୁରାତନ ତୁ ଯେ ଅଟୁ କ୍ଷୀନବନ୍ତ ।
କାର୍ଯ୍ୟର ବେଳରେ କପାଁ ହେଉଛୁ ନସତ ॥
ତୋତେ ଘେନି କରେ ହର ଦକ୍ଷଯଜ୍ଞ ଧ୍ୱଂସି ।
ଦେବତାଙ୍କୁ କୋପିଲା ସେ କପିଲାସବାସୀ ॥
ସେ ପାପମାନ ଯେ ତୋର ଅଙ୍ଗେ ଅଛି ରହି ।
ଆଜ ଏ ସମସ୍ତ ପାପ ଦେବ ତୋର ଦହି ॥
ଯେତେଦିନ ଭୋଗ ତୋର ଆୟୁଷହିଁ ଥିଲା ।
କାହାର ବୋଲେ ଯେ ତାହା ଅନ୍ୟଥା ନୋହିଲା ॥
ଭୋଗରାଗ ଭୁଞ୍ଜିଲୁ ଈଶ୍ୱର ସମ ହୋଇ ।
ଜନକର୍ଷିର ଇଷ୍ଟଦେବତା ବୋଲାଇ ॥
ଏସନକ ଧାତା ପୂର୍ବେ କଲାକ ଭିଆଣ ।
ଜାନକୀର ସ୍ୱୟମ୍ବରେ ହରାଇବୁ ପ୍ରାଣ ॥
ସେ କଥା ନିକଟ ତୋର ହେଲା ଏବେ ଆସି ।
ଜାଣିଣ କୋଦଣ୍ଡ ତୁହି ହମନ କୁହସି ॥
ଶ୍ରୀରାମ-ବଚନେ ବୋଧ ହେଲା ଶରାସନ ।
ଗୁଣ ଆମଞ୍ଜନ ରାମ କଲେ ଘନ ଘନ ॥
ଦକ୍ଷିଣ କର୍ଣ୍ଣର ଯାଏ ଗୁଣ ଆଣୁ ଆଣୁ ।
ବଲ ତୁଟିଲାଟି ଜାଣ ଚେଡ଼େବଡ଼ ଧନୁ ॥
ଶ୍ରୀରାମ ବିକ୍ରମ ରୂପ ଦେଖି ଦେବୀ ସୀତା ।
ପଞ୍ଚମନ ଏକ କଲା ଜନକଦୁହିତା ॥
ନୟନଯୁଗଳେ ସୀତା ଦେଖିଲା ଏକାନ୍ତ ।
ମନରେ ସେ ବରିଲା ମୋର ଏହି କାନ୍ତ ॥
ସୀତାର ମାନସକୁମୁଦ କି ପ୍ରକାଶିଲା ।
ଧନୁର ଗୁଣକୁ ରାମ ଯହୁଁ ଆମଞ୍ଜିଲା ॥
ସ୍ୱର୍ଗେ ଜୟ ଜୟ ଯେ କରନ୍ତି ଦେବଗଣ ।
ଧନ୍ୟ ତୁହି ଶ୍ରୀରାମ ତୋ କ୍ଷତ୍ରିବୃତ୍ତ ପଣ ॥
ସଭା ରାଜଗଣ ଯେ ଆଶ୍ଚର୍ଯ୍ୟ ହେଲେ ତହିଁ ।
କେ ବୋଲଇ କେବଣ ଦେବତା ଏ ଅଟଇ
ଅପୂର୍ବ କଥା ଏ କାହିଁ ଶୁଣିଲା ନ ଥିଲା ।
ନୟନେ ଏ କଥା ଗୋଟି ଦେଖା ତ ହୋଇଲା ॥

ଏଥୁଅନନ୍ତରେ ଯେ ଶ୍ରୀରାମ ଧନୁ ଧରି ।
ପୁଣ ପୁଣ ଧନୁର୍ଗୁଣ ଆଣନ୍ତି ଓଟାରି ॥
ଆତଯାତ କରି ଧନୁ ଆକର୍ଷିଲେ ଯହୁଁ ।
ଛେଡ଼େବଡ଼ ଧନୁ ହୁଲ ଚଟିଲାକ ତହୁଁ ॥
ସମ୍ଭାଳଣ ଗାଢ଼େ ଯେ ଟାଣିଲେ ରଘୁନାଥ ।
ରଟମଟ ଶବଦ ଶୁଭିଲା ଘନ ଘନ ॥
ମଝିଠାରୁ ଭାଙ୍ଗିଲା ସେ ଦୁଇଖଣ୍ଡ ହୋଇ ।
ଦେଖି ରାଜଗଣ ମହାଭୟରେ ପଳାଇ ॥
ଧରଣୀ କମ୍ପିଲା ଯେ ଉଲୁକାପାତ ହୋଇ ।
ଆଦିତ୍ୟ ନ ଚଳିଲା ରହିଲା ସ୍ଥିର ହୋଇ ॥
ସପତ ସମୁଦ୍ରର ତରଙ୍ଗ ହୋଇ ସ୍ଥିର ।
ଡରେ ସ୍ତମ୍ଭୀଭୂତ ହେଲା ସ୍ୱର୍ଗେ ସୁନାସୀର ॥
ଶବ୍ଦ ଶୁଣି ପର୍ଶୁରାମ ଛାଡ଼ି ନିଜଗର୍ବ ॥
ବୋଇଲା କମ୍ପିତ ଏହୁ ଶବଦ ଅପୂର୍ବ ॥
ଧ୍ୟାନରେ ଜାଣିଲା ଶିବଧନୁ ଭଗ୍ନ ଗଲା ।
ଶ୍ରୀରାମ ଶିବସାୟକ ଆମଞ୍ଜନ କଲା ॥
ନିଶ୍ଚୟେ ଅଟନ୍ତି ସେହୁ ଦେବ ନାରାୟଣ ।
ମନରେ ଯେ ଶଙ୍କା କଲା ପର୍ଶୁରାମ ପୁଣ ॥
କପିଲାସକନ୍ଦରେଣ ଶଙ୍କର ଗଉରୀ ।
ବିଷାଦରେ ପାର୍ବତୀ ହରଙ୍କୁ କୋଳକରି ॥
ସଦାଶିବ ପାର୍ବତୀଙ୍କି କରି ସମ୍ବୋଧନ ।
ଶୁଣି ଲାଜ ଲାଜ ଯେ କରନ୍ତି ତ୍ରିଲୋଚନ ॥
ଏସନ ସମୟେ ପୁଣି ଭାଙ୍ଗିଲା କୋଦଣ୍ଡ ।
ଶବଦ ଶୁଭିଲା ଯେ ମେଦନୀ ନବଖଣ୍ଡ ॥
ଲକ୍ଷେକ ବଜ୍ର କି ପଡ଼ିଗଲା ଏକାବେଳେ ।
ତିନିପୁର ଟଳମଳ ହୋଇଲା ସେ କାଳେ ॥
କପିଲାସକନ୍ଦରକୁ ଶୁଭିଲା ଶବଦ ।
ଶୁଣିଣ ହର ପାର୍ବତୀ ଛାଡିଲେ ବିଷାଦ ॥
ଭଗ୍ନ ଧନୁ ଗୋଟା ରାମ ତଳକୁ ପକାନ୍ତେ ।
ଦଲ ଦଲ କମ୍ପିଲା ପୃଥିବୀ ଧନୁଘାତେ ॥
ଭୟ ପାଇ ପାର୍ବତୀ ଯେ ଗଲେକ ପଳାଇ ।
ତରସ୍ତେ ଈଶ୍ୱରଙ୍କୁ ଭିଡ଼ିଲେ ଦେବୀ ଯାଇଁ ॥
କୁଚକଲଶକୁ ଦେବୀ ଲଗାଇ ଭିଡ଼ିଲା ।
ଅପର୍ଣ୍ଣାଦେବୀ ମନରେ ମହାଭୟ କଲା ॥

ରଖ ରଖ ଭୋ ନାଥ ଯେ ବୋଲନ୍ତି ପାର୍ବତୀ ।
ସ୍ତୁତି ଦେଖି ଆନନ୍ଦେ ହସନ୍ତି ପଶୁପତି ॥
ମନମଧ୍ୟେ ବିଚାରିଲେ ଧନ୍ୟ ରଘୁନାଥ ।
ତୋହରେ ପାଇଲି ମୁଁ ଅନେକ ପୁରୁଷାର୍ଥ ॥
ଭାଙ୍ଗୁ ପଛେ କୋଦଣ୍ଡ ଯେ ନାହିଁ ମୋର ଖେଦ ।
ପାର୍ବତୀର ଆଲିଙ୍ଗନେ ଅନେକ ସମ୍ପଦ ॥
ସକଳ ସମ୍ପଦ ମୋର ହେଉକନା କ୍ଷୟେ ।
ଏ କଥାରେ ବହୁତ ହରଷ ମୋର ହୋଏ ॥
ପ୍ରସନ୍ନେ ଶଙ୍କର ଶ୍ରୀରାମଙ୍କୁ ବର ଦେଲେ ।
ଜାନକୀ ପ୍ରାପତ ତୋତେ ହେଉସି ବୋଇଲେ ॥
ଏଥୁଅନନ୍ତରେ ଯେ ଶୁଣିମା ରସବାଣୀ ।
ଅକଳ ଧନୁକୁ ଯେ ଭାଙ୍ଗିଲେ ରଘୁମଣି ॥
ସଭାମଧ୍ୟେ ଶ୍ରୀରାମ ଯେ ବିଜେ କଲେ ଯାଇଁ ।
ବିଶ୍ୱାମିତ୍ର ଚରଣେ ନମିଲେ ବେନି ଭାଇ ॥
ଆନନ୍ଦରେ ବିଶ୍ୱାମିତ୍ର ଆଶୀର୍ବାଦ କଲେ ।
ଶ୍ରୀରାମଙ୍କୁ କୋଳ କରି ସଭାରେ ବସିଲେ ॥
ମନେ ବିଚାରିଲେ ଯେ ଜନକ ନୃପଗୃହୀ ।
ଶ୍ରୀରାମଙ୍କୁ ବରମାଳା ଦେଇ ନେବା ବରି ॥
ସଖୀପରିମୁଖକୁ ଯେ ସୀତାଙ୍କୁ ଅଣାଇ ।
ଶ୍ରୀରାମଙ୍କ କଣ୍ଠେ ବନମାଳା ଦେବା ନେଇ ॥
ଦେଖଣାହାରୀ ମାନେ ଯେ ବେଢ଼ିଣ ଦେଖନ୍ତି ।
ଧନ୍ୟ ଧନ୍ୟ ଶ୍ରୀରାମ ବୋଲନ୍ତି ପ୍ରଶଂସନ୍ତି ॥
ବାଳୁତ ପୁତ୍ର ଗୋଟି କୋମଳ ତୋର ବାହୁ ।
ବଜ୍ରସମ କୋଦଣ୍ଡ ଭାଙ୍ଗିଲୁ କିହୁଁ କିହୁଁ ॥
ମଧୁର ମୂରତି ତୋର ଯାଇ ନିଉଛଣା ।
ତୁ ରାମ ହୋଇଲୁ ଆମ୍ଭ ସବୁରି ଦୁଲଣା ॥
ଶ୍ୟାମଳ ଏ ସୁନ୍ଦର ପବିତ୍ର ତୋର ଅଙ୍ଗ ।
ପାଦକୁ ତୋ ପଟାନ୍ତର ନୋହିବ ଅନଙ୍ଗ ॥
କାହୁଁ ତୋତେ ବିଧାତା ଯତନେ ଥୋଇ ଥିଲା ।
ଏତେକାଳେ ଜାନକୀର ବିଭା ଯୋଗ ହେଲା ॥
ଜନକର ସତ୍ୟକୃତ ପୁଣ୍ୟ ଏତେ କାଳେ ।
ଶିବଧନୁ ଭାଞ୍ଜିଲୁ ତୁ ନିଜ ଭୁଜବଳେ ॥
ଏସନକ ପ୍ରଶଂସା କରନ୍ତି ନର ନାରୀ ।
ବୋଲୁଛନ୍ତି ସଦାଶିବ ଶୁଣ ଗୋ ଗଉରି

ଏଥୁଅନନ୍ତରେ ସେ ଜନକ ତପସାଇଁ ।
ସତ୍ୟାନନ୍ଦଙ୍କୁ ଡାକିଣ ତାଙ୍କୁ ଆଜ୍ଞାଦେଇ ॥
ନଗରେ ଉତ୍ସବ ମୋର କରାଅ ବୋଇଲା ।
ଆଜରେ ସଂକଳ୍ପ ମୋର ସମ୍ପୂର୍ଣ୍ଣ ହୋଇଲା ॥
ରାଜାମାନଙ୍କୁ ଯେ ଭରଭୋଜନ କରାଅ ।
ତପୀ ବିପ୍ରମାନଙ୍କୁ ଦକ୍ଷିଣା ଦାନ ଦିଅ ॥
ଶୁଣି ସତ୍ୟାନନ୍ଦ ମନ୍ତ୍ରୀଗଣ ସଙ୍ଗେ ଘେନି ।
ଯଥାଯୋଗ୍ୟ ଅନୁକ୍ରମେ ଦେଲା ସବୁ ଚିହ୍ନି ॥
ଆପଣେ ଜନକର୍ଷି ଅନ୍ତଃପୁରେ ଗଲା ।
ସୁବର୍ଣ୍ଣମଣ୍ଡପ ପରେ ସୀତାଙ୍କୁ ଦେଖିଲା ॥
ପିତାଙ୍କୁ ଦେଖିଣ ସୀତା ଲଜ୍ଜ ଲଜ୍ଜ ହୋଇ ।
ସଖୀଜନ ଉହାଡ଼ରେ ରହିଲେକ ଯାଇଁ ॥
ଜନକର୍ଷି ବୋଇଲେ ଆସ ମୋର ମାୟେ ।
ତୋହର ସାଦୃଶେ ମୁହିଁ ବର ଲୋଡ଼ି ପାଏ ॥
ଦଶରଥ ନୃପତି ଯେ ଅଯୋଧ୍ୟାର ନାଥ ।
ସୂର୍ଯ୍ୟବଂଶୀ ରାଜା ସେ ତାହାର ଜ୍ୟେଷ୍ଠସୁତ ॥
ଶ୍ରୀରାମ ତାହାର ନାମ ଅଳପ ବୟସ ।
ସର୍ବଗୁଣେ ଅଟେ ଦେବରାଜାର ସାଦୃଶ ॥
କ୍ଷତ୍ରୀ ବୀରପଣେ ତାକୁ ନାହିଁ ସମସରି ।
ଅରଣ୍ୟେ ପଶି ତାଡ଼କା ଦଇଗୁଣୀ ମାରି ॥
ବିଶ୍ୱାମିତ୍ର ଯଜ୍ଞ ଏ ରଖିଲେ ବାଳକାଳେ ।
ନାଶିଲେ ଅନେକ ଦୈତ୍ୟ ବନେ ଭୁଜବଳେ ॥
ଶାପରେ ଅହଲ୍ୟା ଯେ ପାଷାଣ ହୋଇଥିଲା ।
ଶ୍ରୀରାମର ପାଦ ଲାଗି ମୁକତ ହୋଇଲା ॥
ସ୍ୱର୍ଗେ ସୁରଗଣ ଯେ ଅନେକ ସ୍ତୁତି କଲେ ।
ସ୍ୱୟଂ ନାରାୟଣ ବୋଲି ମୋତେ କହିଗଲେ ॥
ବିଶ୍ୱାମିତ୍ର ଯଜ୍ଞ ରଖି ଅସୁର ମାଇଲା ।
ଏ ପୁରକୁ ଆସି ଶିବସାୟକ ଭାଙ୍ଗିଲା ॥
ତୁହି ତ ପ୍ରତ୍ୟକ୍ଷେ ଗୋ ଦେଖିଲୁ ନୟନରେ ।
ଯେଉଁ ଧନୁ ଦେଖି  ୟ କଲେ ନୃପବରେ ॥
ଆସ ଆସ ମାଏ ଗୋ ତୁ ବିଳମ୍ବ ନ କର ।
ତୋହର ସାଦୃଶେ ପତି ଦେଲା ବେଦବର ॥
ମାହେନ୍ଦ୍ରଯୋଗେ ଶ୍ରୀରାମଚନ୍ଦ୍ରକୁ ଗୋ ବର ।
ଆନନ୍ଦେ ଉତ୍ସବେ ପୂର୍ଣ୍ଣ ହେଉ ମୋର ପୁର ॥

ପିତାଙ୍କର ମୁଖରୁ ଏସନ ବାଣୀ ଶୁଣି ।
ଉଠି ଉଭା ହୋଇଲା ସେ ଜନକଦୁଲଣୀ ॥
ସଲଜ୍ଜିତ ଭାବରେ ଆସଇ ଧୀର ଧୀର ।
ସଙ୍ଗତରେ ପରିବାରୀ ଅଛନ୍ତି ଅପାର ॥
ନବରତ୍ନମାଳା ଏକ ଦେବୀ କରେ ଧରି ।
ହେଲୁହେଲ ଚାଲଇ ସେ ଜନକକୁମାରୀ ॥
ଶ୍ରୀରାମର ସନ୍ନିଧେ ମିଳିଲେ ଦେବୀ ଯାଇଁ ।
ନିକଟ ହୋଇଲେ ସେ ନୃପତିଗଣେ ଚାହିଁ ॥
ହାବୁଡ଼ା ହାବୁଡ଼ି ହୋଇ ଦେଖନ୍ତି ଯେ ଜନ ।
ଲକ୍ଷ୍ମୀ ନାରାୟଣ ଦେଖି ହୋନ୍ତି ତୋଷମନ ॥
ପିତାର ବଚନେ ସଲଜ୍ଜିତ ହୋଇ ବାଳୀ ।
ହରଷଚିତ୍ତରେ କରେ ଧରି ରତ୍ନମାଳୀ ॥
ଶ୍ରୀରାମ କଣ୍ଠରେ ମାଳା ଲମ୍ବାଇଲେ ନେଇ ।
ଜୟ ଜୟ ଶବଦ କରନ୍ତି ସୁରସାଇଁ ॥
ଚାରିଚକ୍ଷୁ ହେଲା ଭେଟ ଲକ୍ଷ୍ମୀ ନାରାୟଣ ।
ମୁଖେ ମୁଖ ଭେଟ ମାଳା ଦେବାର ବେଳେଣ ॥
ଦେଖଣାହାରୀ ଲୋକେ ଯେ ଜୟ ଜୟ କଲେ ।
ପୁଷ୍ପବୃଷ୍ଟି ଇନ୍ଦ୍ରଦେବ ଆଗେ ଆରମ୍ଭିଲେ ॥
ରାଜାଗଣ କହିଲେ ଫିଟିଲା ମନୁ ଭ୍ରାନ୍ତି ।
ଲକ୍ଷ୍ମୀ ନାରାୟଣ ଏହି ବେନ ଯେ ବୋଲନ୍ତି ॥
ଏବେ ଜାଣ ତ୍ରିପୁର ହୋଇବାକ ସୁସ୍ଥ ।
ଅସୁରବଳକୁ ରାମ କରିବେ ନିପାତ ॥
ଦେଖିକରି ତ୍ରିପୁରେ ପ୍ରଶଂସା କରନ୍ତି ।
ସାଧୁ ସାଧୁ ମହିମା ସମାନ ନାହିଁ କ୍ଷିତି ॥
କୋଦଣ୍ଡ ଭାଙ୍ଗିଣ ରାମ ବଜେ ସଭା ମଧ୍ୟେ ।
ଜନକତନୟା ରହିଅଛନ୍ତି ସନ୍ନିଧେ ॥
ବାମଭାଗେ ବଜଯ୍ୟେ ଲକ୍ଷ୍ମଣ ଗୁଣମଣି ।
ଗହ ଗହ ଶବଦ ଶୁଭଇ ମୁଖବାଣୀ ॥
ସମସ୍ତେ ଦେଖିଣ ଶିରପରେ ହସ୍ତ ଦ୍ୟନ୍ତି ।
ଦେଖିଲୁଁ ଯେ ଲକ୍ଷ୍ମୀ ନାରାୟଣ ବେନମୂର୍ତ୍ତି ॥

( 6 )

ରାମ-ବିବାହ

ଆଜ୍ଞା ପାଇ କୁଶଧ୍ୱଜ ଅନ୍ତଃପୁରେ ଯାଇ ।
ମୃଦୁସୁନ୍ଦରୀକ ଯେ ତାଙ୍କ ବାରତା କହଇ ॥

ତୁ ଯାଇ କହ ଜନକରାଜା ପାଟରାଣୀ ।
ସୀତାଙ୍କୁ ବେଶ କରଣ ଦିଅନ୍ତୁ ସେ ଆଣି ॥
ତତକ୍ଷଣେ ମୃଦୁସୁନ୍ଦରୀ ଜଣାଇଲା ଯାଇ ।
ସୀତାଙ୍କୁ ବେଗେ ବେଶ କରାଅ ମହାଦେଈ ॥
ଆଜ୍ଞା ହୋଇଅଛି ଯେନସିବେ କୁଶଧ୍ୱଜ ।
କନ୍ୟାଙ୍କୁ ଦେଖିବେ ଦଶରଥ ମହାରାଜ ॥
ଶୁଣିଣ ଜନକର ସକଳ ରାଣୀମାନେ ।
ମୃଦୁସୁନ୍ଦରୀ ବଚନେ ହରଷ ହୋଇ ମନେ ॥
ସୁବର୍ଣ୍ଣ ପୀଢ଼ାରେ ନେଇ ବସାଇଲେ ସୀତା ।
ବେଢ଼ିଣ ଅଛନ୍ତି ତାଙ୍କୁ ସମସ୍ତ ବନିତା ॥
ପବିତ୍ର ଜଳରେ ସଉରଭ ଦ୍ରବ୍ୟ ଭରି ।
ସୁବର୍ଣ୍ଣକୁମ୍ଭରେ ଜଳ ଭରିଲେ ସୁନ୍ଦରୀ ॥
ଶତେକ ଘଟ ଯେ ଜଳ ବସାଇଲେ ନେଇ ।
ସୁଗନ୍ଧ ତଇଲ ସୀତା ଦେବୀ ଶିରେ ଦେଇ ॥
ଶ୍ରୀଅଙ୍ଗରେ ପୁଷ୍ପ ବାସତଇଲ ଘଷନ୍ତି ।
ତଳଅଇଁଲାକୁ ଦେଇ ଚକଣ କରନ୍ତି ॥
ଅଗର ଗନ୍ଧ ସଙ୍ଗରେ କସ୍ତୁରୀ ମିଶାଇ ।
ସୀତାଙ୍କ କେଶରେ ତାହା ଲଗାଇଲେ ନେଇ ॥
ତୀର୍ଥଜଳ ଚାନ୍ଦଣ ତଇଲ ଭାଗ ଲେଛି ।
ସରୁବାସ ଯେନଣ ଶ୍ରୀଅଙ୍ଗ ତାର ପୋଛି ॥
ନାନା ସୁଗନ୍ଧ ଦ୍ରବ୍ୟ ଲେପିଲେ ତହିଁ ନେଇ ।
ସର୍ବାଙ୍ଗ ସହିତେ ତାକୁ ମାର୍ଜନା କରାଇ ॥
ତୀର୍ଥଜଳ ଯେନ ପୁଣ ସଂମାର୍ଜନ୍ତି କେଶ ।
ମଥାକୁ ପୋଛନ୍ତି ପୁଣି ଯେନ ଛିନବାସ ॥
ସୁରଙ୍ଗ ହଳଦୀ ସଙ୍ଗେ ଟଭାରସ ଭରି ।
ପୁଣି ସୀତାଦେବୀଙ୍କର ଶ୍ରୀଅଙ୍ଗରେ ବୋଳି ॥
ସୁବାସ ଜଳ ଯେନଣ ଧୂଅନ୍ତି ତା କାୟେ ।
ବସ୍ତ୍ର ଯେନ ଶ୍ରୀଅଙ୍ଗ ପୋଛନ୍ତି ସର୍ବମାୟେ ॥
ଶୁଦ୍ଧସୁବର୍ଣ୍ଣ ସେ ରସାଣିଲା ପରି ଜାଣି ।
ତା ତହୁଁ ସହସ୍ରଗୁଣେ ଦିଶିଲା ତରୁଣୀ ॥
କେଶ ଶୁଖାଇଲେ ସେ ବଞ୍ଚଣା ଯେନ ବଞ୍ଚି ।
ଚକୁର ଚ୍ଛଟେର କେଶ ଅଟେ ମହାଘଞ୍ଚି ॥
କୃଷ୍ଣ ଚ୍ଛମରହୁ ସେ ଦିଶଇ ଅତିକଳା ।
ଶୋଭିତ ସୁସଞ୍ଚ ସ୍ୱର୍ଣ୍ଣ ଅଳଙ୍କାର ମାଳା ॥

ଗୁଞ୍ଜମାଳା ମୁଣ୍ଡମାଳା ଅଛଇ ସେ ଖୋସି ।
କେଶ ଶୋଭା ଦିଶିବାରୁ ଶୋଭା ଶୁଭ୍ରକେଶୀ ॥
କୁଟିଳ କୁନ୍ତଳ ତାର ଯମୁନା ତରଙ୍ଗ ।
କାମଦେବ ରଥର କି ଶୁଭ୍ରପତାକାଙ୍ଗ ॥
କେଶ ଶୋଧଣ କରନ୍ତି ବେଶ ସର୍ବ ନାରୀ ।
ହେମତରୁଣୀ ଘେନି ତା କେଶକୁ ଯେ ଚଇ ॥
ଭିତର ଉପର ସଳଖିଲେ ନାହିଁ କେଶ ।
ଝମ୍ପୁରେ ଖଞ୍ଜିଲେ ନାନାବିଧ ନାନାପୁଷ୍ପ ॥
ଚମ୍ପା ବକୁଳ କେତକୀ ଶ୍ୱେତା ଗୋଟା ମଲ୍ଲୀ ।
ଗୋଟା ନାଗେଶ୍ୱର ଯେ ମରୁଆ କୁରୁବେଲ୍ଲୀ ॥
ଶ୍ୱେତ କୁସୁମମାଳକୁ ଶତେଭାଗ କରି ।
ଉପରେ ଲେପିଲେ ନେଇ କର୍ପୂର କସ୍ତୁରୀ ॥
କେଶ କୋରେଇଲଣ ଯେ ବିବିଧ ପୁଷ୍ପ ଖୋଷି ।
ନୀଳମେଘରେ କି ବିହଙ୍ଗମମାଳା ଦିଶି ॥
ଖୋଷିଲେ କବରୀ ତହିଁ ଅତି ଯତ୍ନ କରି ।
ଉପରେ କେତକୀପାଖୁଡ଼ା ଯେ କେଇକେଇ ॥
ପଛକୁ ଓହୋଳି ଦିଶିଲାକ ଖୋସା ଯହୁଁ ।
ମୁଖଚନ୍ଦ୍ରମାକୁ କିବା ଗ୍ରାସିଅଛୁ ରାହୁ ॥
ଦିନମଣି ଗଗନରେ ଦିଶିଲା ମଳିନ ।
କେତେ ଦୁଃଖେ ବିଶ୍ୱକର୍ମା କଲାକ ଗଠନ ॥
କି ଅବା ବିଧାତା ଚନ୍ଦ୍ର ବୋଇତ ଲେଖିଲା ।
କବରୀର ଭାର ସୀତା ମୁଖକୁ ଶୋହିଲା ॥
ଖୋପାର ନାଭି ଗୋଟି ଭ୍ରମରୀଛନ୍ଦେ ବୁଲି ।
ତଥିପାଖେ ବେଢ଼ାଇଲେ ମୁକୁତାର ଜାଲି ॥
ଦିବ୍ୟ ବସନେକ ତହିଁ ଆଣିଲେ ବଗ୍ରଇ ।
ଶ୍ୱେତ ପୀତ ରଙ୍ଗ ଯେ ପତନ ସରୁଶାଢ଼ୀ ॥
ତାରାମଣ୍ଡଳକୁ ଜିଣି ମୁକୁତା ଯେ ପନ୍ତି ।
ପାଟଅଞ୍ଚଳେ ଖଞ୍ଜିଣି ଦିବ୍ୟ ଗଜମୋତି ॥
ସେ ବସ୍ତ୍ରକୁ ବାଛିଣ ଯେ ପିନ୍ଧାଇଲେ ନେଇ ।
ରତ୍ନଦ୍ୱୀପରୁ କି ଲକ୍ଷ୍ମୀ ଅଇଲେ ଓହ୍ଲାଇ ॥
ପାଟର ବିଛଣା ଯେ ମାଡଣ ଦେବୀ ବସି ।
ଜନନୀମାନେ ଯେ ଆଭରଣ ଘେନି ଆସି ॥
କର୍ଣ୍ଣରେ ଖଞ୍ଜିଲେ ଯେ ମୁକୁତା ଫେଁର କାପ ।
ହୀରାର ଯେ ଜ୍ୟୋତ୍ସ୍ନା ତହିଁ ଆଦିତ୍ୟର ତାପ ॥

କେବଣ ଠାବରେ ମଣି ଖଞ୍ଜା ଅଛୁ ହୋଇ ।
କାହିଁ ବସିଅଛୁ ପଦ୍ମରାଗ ମଣି ତହିଁ ॥
କାହିଁ ପୁଷ୍ପବିନ୍ଦୁ ଯେ କାହିଁରେ ଅରବିନ୍ଦ ।
ଚନ୍ଦ୍ରମା ଗଠନ କି ଫୁଟିଲା କୁରୁବିନ୍ଦ ॥
ଶ୍ରବଣ ଶିଖରେ ନେଇ ଖଞ୍ଜିଲା ବେଣ୍ଟୋଲା ।
ସରୁ କ୍ଷୁଦ୍ରମତି କାହିଁ ଅଛଇ ଖଞ୍ଜିଲା ॥
ଉପରେ ଯେ ନୀଲମଣି ଗୋଟିଏ ବସଇ ।
ଶରତର ଶଶି କି ଭ୍ରମର ଆକର୍ଷଇ ॥
ସୀତାଙ୍କ କର୍ଣ୍ଣରେ ସେ ବେଣ୍ଟୋଲା ଶୋଭାପାଇ ।
ସୁସଞ୍ଚ ନାସିକାପୁଟେ ବସଣୀ ବସାଇ ॥
ଗଜରାଜ ମୁକୁତା ଖଞ୍ଜିଲେ ଓହଲାଇ ।
ନିର୍ମଲ ମେଘରେ କି କାର୍ତ୍ତିକ ପୁଞ୍ଜ ଉଇଁ ॥
ସୀତାର ନାସାରେ ମଣିରତ୍ନ ଯେ ବିକାଶି ।
ନୀଲମେଘେ ବିଦ୍ୟୁଲ୍ଲତା କି ଜାଣି ପ୍ରକାଶି ॥
କଣ୍ଠେ ହୀରା ମିଶା ଯେ ସକଲ ସାର ମୋତି ।
ମଧ୍ୟେ ମଣିନାୟକ କି ଅରୁଣର ଜ୍ୟୋତି ॥
ତହିଁର ତଳରେ ଯେ ଦୋସର ସୁନାସୂତା ।
ମଧ୍ୟରେ ଅଛଇ ତହିଁ ବର୍ତ୍ତୁଲ ମୁକୁତା ॥
ଶୁକ୍ର ଜ୍ୟୋତି ଜିଣି କିବା କିରଣ ତାହାର ।
ତାହା ପାଶେ ଶୋହଇ ଯେ ନୀଲମଣି ହାର ॥
ଚଉସର ମାଲା ଯେ ଶୋହଇ ଗଜମୋତି ।
ସୁବର୍ତ୍ତୁଲ ମୁକୁତା ଶୋହଇ ତଥି କତି ॥
ଗୋଟିକିଆ ଗୁଣା ଯେ ମୁକୁତା କଣ୍ଠମାଲ ।
ଶୋଭା ପାଇଲା ସେ ସୀତାଦେବୀ ବକ୍ଷସ୍ଥଲ ॥
ରତ୍ନମୟ ପଦକ ଯେ ହୃଦର ଭୂଷଣ ।
ଶରଦର ପୂର୍ଣ୍ଣଶଶୀ ଦିଶିଲା ଭୂଷଣ ॥
ବାହୁରେ ତୋଡ଼ର ହୀରା ନୀଲା ରେ ଜଡ଼ିତ ।
ମଧ୍ୟରେ ଖଞ୍ଜି ଅଛଇ ଗଜମୋତି ଶତ ॥
ଦୁଇ ଭୁଜ ମଧ୍ୟରେ ଯେ ରତ୍ନବିଦମାଲୀ ।
ରତ୍ନ ପାଟସୂତାରେ ଗୁନ୍ଥିଲେ ନେଇ ବାଲୀ ॥
କରେଣ କଙ୍କଣ ଶୋହେ ଶିରରେ ଶିକୁଲି ।
ରତ୍ନ ଦୁଇ ଚୁଡ଼ି ଯେ ବିଜୁଲୀ ତେଜେ ଝଲି ॥
ଅଙ୍ଗୁଲିରେ ମୁଦ୍ରିକା ଯେ ସର୍ବ ଭିନ୍ନ ଭିନ୍ନ ।
ମତ୍ସ୍ୟ କୂର୍ମ ଆଦି ଦଶଅବତାର ଚିହ୍ନ ॥

କଟୀରେ କଟୀମେଖଳା ଖଞ୍ଜି ଯତ୍ନକରି ।
ବସିଲ୍କ ଓଡ଼ିଆଣି ଅଣ୍ଟାକୁ ଆବୋରି ॥
ଗଜମୋତି ହାର ଯେ ଲମ୍ବଇ ପାଶେ ତାର ।
ଦିନମଣି ମଳିନ ଦିଶଇ ଶୋଭାକର ॥
ପୟରେ ନୂପୁର ଦେଲେ ରତ୍ନମୟ କମ ।
ଚରଣ ଚଳନ୍ତେ ଯେ ବାଜଇ ରୁଣଝୁଣ ॥
ପାଦଅଙ୍ଗୁଷ୍ଠରେ ଯେ ମୁଦିକା ଝଟକନ୍ତି ।
ବିବିଧ ରତ୍ନମଣି ଯେ ତହିଁ ବିରାଜନ୍ତି ॥
ମାତାଗଣ ମଧ୍ୟରେ ଯେ ଉଭା ଚନ୍ଦ୍ରମୁଖୀ ।
ସୁରଭି ଅଗ୍ରତେ କି ନନ୍ଦିନୀ ଶୋଭା ଲେଖି ॥
ଶିରରେ ସିନ୍ଦୂରଟୋପି ତଥି ମୋତିମାଳି ।
ତ୍ରିଶାଖା ହୋଇଣ ସେ ଲଲାଟେ ଅଛି ଲୁଳି ॥
ତାମ୍ବୁଲ ଭୁଞ୍ଜାଇ ଦେଇ ରଞ୍ଜିଲେ କଜ୍ଜଳ ।
ସହଜେ ଲୋଚନ ତାର ନୀଳଉତ୍ପଳ ॥
କଜ୍ଜଳ ରଞ୍ଜିବାରେ ସେ ଦିଶିଲା ସୁନ୍ଦର ।
ପଦ୍ମଫୁଲ ଆବୋରି କି ଅଛଇ ଭ୍ରମର ॥
ମଦନ କାର୍ମୁକ ପୁଣ ଅଛଇ ଆବୋରି ।
ଦେଖିଣ ସେ ନାରୀମାନେ ମନରେ ବିଚାରି ॥
ସରୁକଜ୍ଜଳ ବ୍ୟାପିଲୀ ଦେଖ ଆଗୋ ଆସି ।
ସ୍ୱାମିର ସୌଭାଗୀ ଏ ହୋଇବ ଶଶୀହାସୀ ॥
ଏତେ ବୋଲି କପାଳରେ ଚନ୍ଦନ ଲେଖନ୍ତି ।
ସିନ୍ଦୂର-ବିନ୍ଦୁ ଯେ ତଥି ମଧ୍ୟରେ ଦିଅନ୍ତି ॥
କି ଅବା ଅରୁଣ ସେ ଚନ୍ଦ୍ରମା ମଧ୍ୟେ ରହି ।
ତେସନ ପଟାନ୍ତର ଦିଶଇ ଚନ୍ଦ୍ରମୁହିଁ ॥
ଅଲତା ରଙ୍ଗ ଦେଇଣ ଚରଣ ରଞ୍ଜିଲେ ।
ଶ୍ରୀଅଙ୍ଗରେ ଚତୁଃସମ ମିଶାଇ ଘଷିଲେ ॥
ଅଳକା ମଣ୍ଡିଲେ ନେଇ କେଶ କେଶ କରି ।
ବିକଚ କମଳଦଳେ ଭ୍ରମର ଆବୋରି ॥
ବିଚିତ୍ର ପାଟେକ ତହିଁ ଆବରଣ କଲେ ।
ଶ୍ରୀଫଳ ଗୋଟିଏ ଆଣି ତହିଁ ହସ୍ତେ ଦେଲେ ॥
କୋଳ କରିଣ ଆସି ସେ କୁଶଧ୍ୱଜ ନେଲା ।
ସଭାର ମଧ୍ୟରେ ସେ ଜନକ କୋଳ କଲା ॥

## ଅଯୋଧ୍ୟାକାଣ୍ଡ

### (1)

### ଶ୍ରୀରାମଙ୍କ ଅଭିଷେକର ଉଦ୍‌ଯୋଗ

ପ୍ରାତ ଅବକାଶେ ନରପତି ବଳେ ଏବେ ।
ବଶିଷ୍ଠ ଜାବାଳି କାଶ୍ୟପ ଯେ ବାମଦେବେ ॥
ଏମାନେ ଅଛନ୍ତି ବିପ୍ର ବହୁତ ଯେ ଘେନି ।
ଏମନ୍ତ ବେଳେ ଯେ ଆଜ୍ଞା ଦେଲେ ନୃପମଣି ॥
ଶ୍ରୀରାମଙ୍କୁ ହକାରି ଆଣ ଯା ଏଥୁ ଯାଇଁ ।
ଶୁଣି ତତକ୍ଷଣେ ଅଇଲେ ଯେ ରଘୁସାଇଁ ॥
ବେଗେ ସଜହୁଅ ଯିବା ମହାରାଜା ପାଶ ।
ଶୁଣିଣ ଶ୍ରୀରାମ ଯେ ହୋଇଲେ ହସହସ ॥
କାଲିର ଘୋଷଣା ବାର୍ତ୍ତା ପାଇ ସେ ଅଛନ୍ତି ।
ତେଣୁ ରଘୁନାଥେ ଶୁଣି ମଧୁରେ ହସନ୍ତି ॥
ନୃପତିର ଆଜ୍ଞା ବୋଲି ସୁମନ୍ତ୍ର କହନ୍ତି ।
ତତକ୍ଷଣେ ଶ୍ରୀରାମ ଯିବାକୁ ସଜହୋନ୍ତି ॥
ଅଶ୍ୱେକ ଆରୋହି ଧରାଇଲେ ପାଟଛତ୍ର ।
ଆବର ଗୋଡ଼ାଇଲେ ଯେ ଶ୍ରୀରାମର ପାତ୍ର ॥
ସୁମନ୍ତ୍ର ଅଶ୍ୱେକ ଚଢ଼ି ସଙ୍ଗେ ସଙ୍ଗେ ଯାନ୍ତି ।
ନବର ଦ୍ୱାରରେ ଯାଇଁ ପ୍ରବେଶ ହୁଅନ୍ତି ॥
ସାତଦ୍ୱାର ପର୍ଯ୍ୟନ୍ତେ ଅଶ୍ୱେ ରାମ ଗଲେ ।
ଅଷ୍ଟମ ଦ୍ୱାରରେ ଯାନ ବାହନ ଛାଡ଼ିଲେ ॥
ଶ୍ରୀରାମର ଭୃତ୍ୟ ଜନ ସେଠାବରେ ରହି ।
ରାଘବ ସୁମନ୍ତ୍ର ହାତ ଧରାଧରି ହୋଇ ॥
ଦଶଦ୍ୱାର ଅନ୍ତରେ ଦଶିଲେ ନୃପବର ।
ବିଜୟ କରି ଅଛନ୍ତି ସୁବର୍ଣ୍ଣ ପୀଢ଼ାର ॥
ପୁତ୍ରଙ୍କର ଆସନ୍ତେଣ ଦେଲେ ରାଜା ଦୃଷ୍ଟି ।
ଦେଖୁଣ ଶ୍ରୀରାମ ଯେ ପ୍ରଣାମ କରି ଉଠି ॥
ଶିରେ କର ଦେଇ ପୁଣି ବେଢ଼ା ଗୃହି ଗଲେ ।
ପୁଣ ପାୟେ ପଡ଼ି ଦରଶନ ଜଣାଇଲେ ॥
ନୃପତି ତାହା ଦେଖିଣ ହେଲେ ମହାତୋଷ ।
ବାମହସ୍ତ ଠାରିଦେଲେ ଉପରକୁ ଆସ ।
ପିତାର ଆଜ୍ଞା ଘେନଣ ଉପରକୁ ଗଲେ ॥
ନିକଟ ହୁଅନ୍ତେ ଯେ ମଥାରେ ହାତ ଦେଲେ ॥

ବଶିଷ୍ଠଙ୍କ ମୂଳରେ ଯେତେକ ତପୀଜନ ।
ତାହାଙ୍କୁ ଯେ ନମସ୍କାର କଲେ ରଘୁଗଣ ॥
ଦଶରଥ ବୋଲନ୍ତି ଯେ ଶୁଣହେ ଶ୍ରୀରାମ ।
ତୁମ୍ଭେ ଜ୍ୟେଷ୍ଠ ଶ୍ରେଷ୍ଠ ଯେ ଗରିଷ୍ଠ ଗୁଣଗ୍ରାମ ॥
ଚତୁର୍ଥ କାଳ ହୋଇଲା ଆସି ଯେ ଆମ୍ଭର ।
ରାଜ୍ୟର ଝଗଡ଼େ ପଣି ନପାରେ ଆବର ॥
ଏମହା ଭାର ମୁଁ ବହିବାକୁ ଭୟ କଲି ।
ଏମନ୍ତେ ଦଶ ସହସ୍ର ବରଷ ବହିଲି ॥
ପରଜା ପାଳିବୁ ବାବୁ ଏକସମ କରି ।
ଶତ୍ରୁର ଭୟ କଥାକୁ ମନେଥିବୁ ଧରି ॥
ପୁରାତନ ଅମାତ୍ୟ କଥାରେ ଦେବୁ ବୁଦ୍ଧି ।
ଅଗ୍ନିରେ ମୁଖେ କରିବୁ ନିତ୍ୟ ହୋମବିଧି ॥
ନିତ ନିତ ଗ୍ରହ ଶାନ୍ତି କରାଇବୁ ବାବୁ ।
ବ୍ରାହ୍ମଣ ଗୁରୁଙ୍କ ଠାରେ ପ୍ରିୟ ହୋଇଥିବୁ ॥
ରାଉତ ମାହୁନ୍ତ ରଥୀ ଆଦି ପଏକାରି ।
ଏମାନଙ୍କୁ ଥିବୁ ବାବୁ ଗଉରବ କରି ॥
ରଣେ ପିଠି କଲେ ବାବୁ କରିବୁ ଯେ ଦୟା ।
ସେବକ ଲୋକଙ୍କୁ ବାବୁ ନ କରିବୁ ମାୟା ॥
ଯେ ଯାହାର ନିଯୋଗ ତା ନିତ୍ୟ ବୁଝୁଥିବୁ ।
ଅନ୍ନ ବସ୍ତ୍ର ଅଇଶ୍ୱର୍ଯ୍ୟ ଦେବୁ ତାଙ୍କୁ ବାବୁ ॥
ଗାରିମା ସେବକ ବାବୁ ନ ଥୋଇବୁ କିତ ।
ଯେ ଗାରିମାବନ୍ତ ସେହି ଆଜ୍ଞାକୁ ଭାଙ୍ଗନ୍ତି ॥
ଆଜ୍ଞା ଭାଙ୍ଗିଲେରେ ବାବୁ କାର୍ଯ୍ୟ ନାଶ ଯାଇ ।
ସେ ଭୃତ୍ୟ ଥିଲେଟି ଜାଣ ବିଘ୍ନ ଉପୁଜଇ ॥
ହସ୍ତୀ ଘୋଡ଼ାଙ୍କର ବୁଝୁଥିବୁ ଅବଗୁଣ ।
ବକ୍ଷୋଇଙ୍କ ଦେବୁରେ ତହିଁର ଭାର ପୁଣ ॥
ସେ ଯେବେ ସାହା ବାବୁରେ ରାଜ୍ୟ ଭଲେ ଥାଇ ।
ଆଭରଣ ଭରଣ ସେ ଜାଣିଣ କରଇ ॥
ଗଜ ଅଶ୍ୱ ବଳୟର କାରଣଟି ଜାଣ ।
ଦିନ ବେଳ ଦେଖୁଥିବୁ ଏହାଙ୍କୁ ଶୁଭେଣ ॥
ତହିଁକ ତୁ ଅଳସ ଯେ ନ କରିବୁ ବାବୁ ।
ହସ୍ତୀ ଘୋଡ଼ାଙ୍କୁ ତୁ ଅବଗୁଣ ନ ଧରିବୁ ॥
ନଗରେ ଯେବେ ବାବୁରେ ରଖିବୁ ବଇଦ ।
ବ୍ୟାଧିଙ୍କ ଚହ୍ନି ବଗ୍ରିର ଦେବେ ଅଉଷଧ ॥

ନୀତି ସାଧନ କରିବୁ ତୁ ଗୁରୁ ସଙ୍ଗରେ ।
ଧନୁଶର ଛାଡ଼ି ତୁ ନ ହୋଇବୁ ଆଗରେ ॥
ବିଶ୍ୱାସୀମାନଙ୍କ ହାତେ ମର୍ଦ୍ଦନ ହୋଇବୁ ।
ମନ୍ତ୍ରୀ ଯେ ବିଶ୍ୱାସୀ ତାକୁ ଶିର ସମର୍ପିବୁ ॥
ବଣିକ ପଣ୍ଡିତେ ଗଉରବ ଯେ କରାଇ ।
ପାଣି ବିଷୋଇରେ ତାକୁ କରିବୁ ଯେ ଭୋଇ ॥
ଆପେ ମଣୋହି କରିବୁ ବିଚାରି ଜାଣିଣ ।
ବୈଦ୍ୟକୁ କହିବୁ ଦେହ ରୋଗର କାରଣ ॥
ବେଦ ବେଲ ପୁରାଣ ତୁ ଶୁଣୁଥିବୁ ନୀତି ।
ବିଷ୍ଣୁପୁରାଣରେ ବାଲୁ କରିବୁ ଭକତି ॥
ଅନ୍ତଃପୁର ଲୋକଙ୍କୁ ତୁ ନକରିବୁ କୋପ ।
ମୁହୁସୁଲିଙ୍କି ପଚାରି ବୁଝି ପୁଣ୍ୟ ପାପ ॥
ନିଦ୍ରାରେ ଅଲସ ଯେ ନୋହିବୁ ରଘୁନାଥେ ।
ଭଣ୍ଡାର ସମର୍ପିବୁ ନିର୍ଲୋଭୀ ଲୋକ ହାତେ ॥
ଖଳ ଲୋକ ହାତେ ରକ୍ଷା ଭାର ନ ଥୋଇବୁ ।
ଆପେ ଚଞ୍ଚଳ ପ୍ରକୃତି ସଦା ହୋଇଥିବୁ ॥
ବୃଦ୍ଧ ବ୍ରାହ୍ମଣ ଇନ୍ଦ୍ରିୟନିଗ୍ରହୀ ଯେ ହେବ ।
ଏହାଙ୍କୁ ଚରିତ୍ର କରୁଥିବ ହେ ରାଘବ ॥
ସ୍ତ୍ରୀଙ୍କ ସଙ୍ଗେ ନୋହିବ ବହୁତ ଲମ୍ପଟୀ ।
ରୋଗ ବଢ଼ଇ ଶରୀରେ ହୁଅଇ ଯେ କଷ୍ଟୀ ॥
ସଂଗ୍ରାମକୁ ସଜ ହେବା ଯେସନେକ ମତ ।
ତେସନେକ ସଜ ହୋଇ ଯିବୁ ରଘୁନାଥ ॥
ବୁଦ୍ଧିମନ୍ତ ଲୋକ ଯେ ସୁନାର ବେତ ଘେନି ।
ଦ୍ୱାର ଜଗି ରଖିଥିବେ ଦିବସ ରଜନୀ ॥
ଦୁଃଖୀ ଦରିଦ୍ର ତୋଷିବ ନିତ୍ୟ ଧନ ଦେଇ ।
ଦୁର୍ଭିକ୍ଷକାଳରେ ଅନ୍ନ ଦାନ ଦେବୁ ତୁହି ॥
ବରଷାଦିନରେ ନାବ ପଥୁକାଙ୍କୁ ଦେବୁ ।
ଅତି ଖାଲ ବାଟରେ ଯେ ଖଣା ଜଗାଇବୁଂ ॥
କେବଣ ଠାବରେ ଡଙ୍ଗା କେଉଁଠାରେ ଭେଲା ।
ଏ ଧର୍ମ କାର୍ଯ୍ୟ ବାବୁରେ ନ କରିବୁ ହେଲା ॥
ଲୋକେ ଧର୍ମେ ବର୍ତ୍ତିଲେଟି ଧର୍ମ ତୋତେ ପ୍ରାପ୍ତ ।
ଆବର କଥାଏ ମୋର ଶୁଣ ଆରେ ପୁତ୍ର ॥
ଗ୍ରହ ବକ୍ର ହେଲେ ବାବୁ ଦେବତା ପୂଜିବ ।
ବ୍ରାହ୍ମଣକୁ ଦାନ ଦେଇ ଅରିଷ୍ଟ ଖଣ୍ଡିବ ॥

ଜଳ ନ ମିଳିବା ଠାରେ ଖୋଳିବ ପୋଖରୀ ।
ଠାବେ ଠାବେ କୂପ ବାମ୍ପୀ ଦେଉଥିବୁ ଖୋଳି ॥
ଅପନ୍ତରିରେ ମଣ୍ଡପ ତୋଳାଇବୁ ବାବୁ ।
ଗ୍ରୀଷମ ଋତୁରେ ପାଣି ପଣା ଦାନ ଦେବୁ ॥
ଭୋଜନ ତୁ ଦେବୁ ବାବୁ ପୁଣ୍ୟ କାଳବେଳେ ।
ଗୋ ଦୋହନ କରାଇବୁ ଦେବତାଙ୍କ ଆଳେ ॥
ଭୃତ୍ୟଜନମାନଙ୍କର ନ ଦେଖିବୁ ଦୁଃଖ ।
ପଛେ ଯେମନ୍ତେ ପ୍ରଶଂସା କରନ୍ତି ଲୋକ ॥
ଗୁରୁଜନମାନଙ୍କର ସେବା କରିଥିବୁ ।
ଶତ୍ରୁରସଙ୍ଗତେ କେଭେ ପ୍ରୀତି ନ କରିବୁ ॥
ରାଗୀ ଲୋକ ସଙ୍ଗେ ଯେନ ନ ଭାଳିବୁ କଛି ।
ଏସନ ବୁଦ୍ଧିରେ ମନ୍ଦ ଅନେକ ଯେ ଅଛି ॥
ଦଣ୍ଡିଆ ରଖିବେ ନେଇ ଦଣ୍ଡ ସିଂହାସନ ।
ବ୍ରାହ୍ମଣକୁ ବାଳ ବାବୁ ନ ଦେବୁ ଶାସନ ॥
ସୁଜନ ଲୋକେ କରିବୁ ଗଡ଼େ ଅଧିକାରୀ ।
ଏକଥାମାନ ବାବୁରେ ମନେ ଥିବୁ ଧରି ॥
ବଣିଜାରଲୋକଙ୍କୁ ନଯୋଗେ ବରଗିବୁ ।
ପରଦେଶ କଲଙ୍କ ଡ଼ଗର ବରଗିବୁ ॥
ସେ ଯାହା କହିବ ତାହା ବୁଝିବୁଟି ସତ ।
ଦଣ୍ଡ ସାମ ଭେଦ ଆଦ କହିବ ସାମନ୍ତ ॥
ଯାହାର କଥାରେ ବହୁ ଜନ ଆସି ମିଳି ।
ବଳପତି ତାହାକୁ କରିବା ମନେ ଭାଳି ॥
ରାଉତର ବରତନ ଦେବୁ ଶେଷ କରି ।
ତେବେ ସମରେ ପଶିବେ ହୋଇ ଆଗସରି ॥
ମାଗନ୍ତାଜନଙ୍କୁ ତୁ ନ କରିବୁ ନିରାଶ ।
ତେବେ ସେ କୀରତି ରହିଇ ଯେ ଦଶଦଶ ॥
ଅଲୋଭୀ ମିତ ବାବୁରେ ନର୍ଲୋଭୀ କରଣ ।
ଏମାନଙ୍କୁ ଦେଶରେ ତୁ କରିବୁ ବରଣ ॥
ଗଡ଼ରେ ଥିବ ଯେହ୍ନେ ସକଳ ସଞ୍ଜାବଥି ।
ମତ୍ତସିଂହ ଜାଣି ଯୋଦ୍ଧା ହେବେ ମହାଯୋଧି ॥
ଆସ୍ଥାନେ ବସି ବୁଝିବୁ ଯାବତ ବଧାନେ ।
ପାତ୍ରଙ୍କୁ ଯେନ ବିଚାର କରିବୁ ଗୋପନେ ॥
ରାଏଁ ରାଜ୍ୟରେ ରଖିବୁ ଦେଖି ଯେଉଁଜନ ।
ଦୋସାଧୁପଣକୁ ସେହି ହେବ ଯେ ଭାଜନ ॥

ଦୁଷ୍ଟଜନମାନଙ୍କୁ ନ ରଖିବୁଟି କ୍ଷଣେ ।
ଅନ୍ୟାୟ ବଳେ କାଳେ ନ ଜାଣିବେଟି ଜନେ ॥
ଯଜ୍ଞ କରିବୁ ତୁ ଶୁଦ୍ଧ କାଳବେଳ ଜାଣି ।
ଦେବ ପିତୃଙ୍କୁ ତୋଷିବୁ ଦେଇ ଫୁଲପାଣି ॥
କଳାଜନମାନଙ୍କୁ ପରତେ ନ କରିବୁ ।
ବିପିନେ ପଶିଣ ତୁହି ମୃଗନ୍ତ ମାରିବୁ ॥
ଆବର ଅଛଇ ଅନେକ ଯେ ରାଜନୀତ ।
ସମସ୍ତ କହିବେ ତୋତେ ଏ ବଶିଷ୍ଠ ଯତି ॥
ଏସନ ସମୟେ ମଉଳଲା ଯେ ଆସ୍ଥାନ ।
ଯେ ଯାହାର ପୁରକୁ ଗଲେକ ସର୍ବଜନ ॥
ଏଥୁ ଉତ୍ତରେ ମଣ୍ଡନ୍ତି ନଗର ଯେ ପୁର ।
କସ୍ତୁରୀ ଲେପନ କରନ୍ତି ଯେ ଘର ଘର ॥
ତୋରଣ ଲମ୍ବାଇଲେ ଯେ ମୁକ୍ତାହାର ମାଳ ।
ନଗର ଉତ୍ସବରେ ଯେ ବାଜେ ବୀର ତୂର ॥
ମଙ୍ଗଳ ବିଧାନ ଯେ ସବୁରି ଦ୍ୱାରେ ଦ୍ୱାରେ ।
ପୂର୍ଣ୍ଣକୁମ୍ଭ ବସିଅଛି ହୋଇ ମାଳେ ମାଳେ ॥
ନଗ୍ର ନର ନାରୀ ଯେ ବିବିଧ ବେଶ ହୋଇ ।
ହରଷେ ରଙ୍ଗରେ ମିଳି ହାଟ ବାଟେ ଯାଇଁ ॥

## ( 2 )

## ରାମ-ବନବାସ

ଜାନକୀର ପୁରେ ଯାଇଁ ପ୍ରବେଶ ହୁଅନ୍ତି ।
ଦେଖି ଚରଣେ ପ୍ରଣାମ କଲେ ମହାସତୀ ॥
ରଘୁନାଥ ବୋଲନ୍ତି ଗୋ ବଇଦେହି ଶୁଣ ।
ପିତା ମୋତେ ବନକୁ ଗୋ କଲେକ ପ୍ରେରଣ ॥
ଚଉଦ ବରଷ ଘୋର ବନେ ମୁହିଁ ଥିବ ।
କନ୍ଦମୂଳ ଆହାରରେ ଦିନ ଗୋ ବଞ୍ଚିବ ॥
ଭରତ ରାଜା ହୋଇବ ଅଯୋଧ୍ୟା ନଗରେ ।
କେକୟୀ ଜନନୀଙ୍କର ଉପାୟେ ବୁଦ୍ଧିରେ ॥
ତୁ ସଖି ତାହାଙ୍କୁ ସେବା କରି ଏଥି ଥିବୁ ।
ଆମ୍ଭଙ୍କୁ ନ ଦେଖି ଅନ୍ତର ତ ନ ଧରିବୁ ॥
କାହାର ସଙ୍ଗତେ ତୁ ଗୋ ନ କରିବୁ କଳି ।
ତୋତେ ତୁହି ରକ୍ଷା କରିଥିବୁ ମଇଥିଳି ॥

ଆମ୍ଭର ଶୁଭ ଆଶୀଷ ଥିବୁ ବସି କହ ।
ଏସନ ଶୁଣିଣ ଯେ କହନ୍ତି ସୀତା ସତୀ ॥
କିପାଇଁ ଭୋଳାନାଥ ତୁମ୍ଭେ ହୋଇଲ ଯେ ବାଇ ।
ତୁମ୍ଭଙ୍କୁ ନ ଦେଖିଲେ କି ମୋର ପ୍ରାଣ ରହି ॥
ମୁହୂର୍ତ୍ତିକି ନିମିଷକ ବହି ଯେ ନ ଯାଇ ।
ଏ ତୁମ୍ଭର ଅଙ୍ଗର ମୁଁ ହୋଇ ଥାଇ ଛାଇ ॥
ତୁମ୍ଭେ ପ୍ରଭୁ ମୋତେତ ନ ଲୋଡ଼ ଯେବେ ନେଇ ।
ଅବଶ୍ୟ ମରିବ ନାଥ ମୁହିଁ ବିଷ ଖାଇ ॥
ଯେବଣ ଦିନରେ ତୁମ୍ଭେ ମିଥିଳାକୁ ଗଲ ।
ସେ ଦିନ ଭିତରେ ଶିବ ଧନୁ ଭଗ୍ନ କଲ ॥
ସେ ଦିନୁ ମୋର ପ୍ରାଣକୁ ରଖିଲ ଆକର୍ଷି ।
ଅନୁକ୍ଷଣେ ଥାଅ ତୁମ୍ଭେ ମୋ ହୃଦୟେ ବସି ॥
ଏବେ ତୁମ୍ଭେ ବନରେ ପାଇବ ଯାଇଁ ଦୁଃଖ ।
ମୁହିଁ ଏଥି ଥାଇଁ ନାଥ ପାଇବ କି ସୁଖ ॥
ଶ୍ରୀରାମ ବୋଇଲେ କିଛି ନ ଜାଣୁରେ ସହି ।
ବନ ବାସ କଷ୍ଟ ତୁ ଗୋ ନ ପାରିବୁ ସହି ॥
ବନ ପର୍ବତରେ ଆମ୍ଭେ ଯିବୁ କରନ୍ତର ।
ଜୀବ ଜନ୍ତୁମାନେ ଗୋ ଅନେକ ଭୟଙ୍କର ॥
ଦିନେ କି ଓଳିଏ କି ଗୋ ଯିବା ଯେ ଆସିବା ।
ଚଉଦ ବରଷ ଘୋର ବନସ୍ତେ ବଞ୍ଚିବା ॥
ଚନ୍ଦ୍ରଶାଳା ପୁରେ ତରୁ ଚନ୍ଦ୍ରପଟ ଦେଖି ।
ଦେହ ଧରିବୁ କେମନ୍ତେ ତହିଁ ଶଶିମୁଖି ॥
ତୋହର କଷ୍ଟରେ ହେବ ମୋର ମନେ ଚିନ୍ତା ।
ଏ କଥାକୁ ମନ ମଧ୍ୟେ ନ ଧର ଗୋ ସୀତା ॥
ଶାଶୁଙ୍କ ସଙ୍ଗତେ ତୁ ଗୋ ଅବିରତେ ଥିବୁ ।
ଚଉଦ ବର୍ଷେ ଅଇଲେ ଆମ୍ଭଙ୍କୁ ଦେଖିବୁ ॥
ଶ୍ରୀରାମଙ୍କ ମୁଖୁ ସୀତା ଶୁଣି ଏ ବଚନ ।
ବୋଇଲେ କ୍ରୋଧରେ ଆକ୍ଷି କରି ଥନଥନ ॥
ପିତା ମୋର ସତ୍ୟ ବାକ୍ୟେ ସମର୍ପିଲା ତୋତେ ।
ତୁ କିପାଁ ସ୍ୱାମୀ ନିରାଶ କରୁଅଛୁ ମୋତେ ॥
ତୁମ୍ଭେ ସ୍ୱାମୀ କଷ୍ଟେ ଯେବେ ହେବ ବନବାସୀ ।
ଜନ୍ମେ ଜନ୍ମେ ମୁହିଁ ତୁମ୍ଭ ପାଦର ଯେ ଦାସୀ ॥
ମୁହିଁ ଏଥେ ଥାଇଁ ଦେବ ଚାହିଁବି କା ମୁଖ ।
ମୋତେ ସଙ୍ଗତରେ ନିଅ ଆହେ ପଦ୍ମମୁଖ ॥

ମୁଁ କପାଁ ଏଥେ ରହିବ ତୁମ୍ଭେ ଛାଡ଼ି ଗଲେ ।
ନିଶ୍ଚେ ପ୍ରାଣ ହରାଇବ ଜାଣିଥାଅ ଭଲେ ॥
ନିଶ୍ଚେ ସ୍ତ୍ରୀ-ହତ୍ୟା ଯେ ଘେନିବ ରଘୁରାଜ ।
ତୁମ୍ଭେ ସଙ୍ଗେ ବନକୁ ନ ନେବ ଯେବେ ଆଜ ॥
ସୀତାର ଏପରି କାତର ବାଣୀ ଶୁଣି ।
କରେ କର ଦେଇ ଆଶ୍ୱାସନ୍ତି ରଘୁମଣି ॥
ନୁହସି ବିମୁଖ ଗୋ ମୋହର ପ୍ରାଣସହି ।
ତୋତେକି ଉପେକ୍ଷି ସଖି ଯାଇପାରେ ମୁହିଁ ॥
ଜନକ ମହର୍ଷି ଯେ ଦେଲେ ସତ୍ୟ ମନେ ।
ନିଶ୍ଚୟ ପ୍ରିୟା ଗୋ ତୋତେ ନେବ ଘୋର ବନେ ॥
ନିଜ ପତି ବଚନେ ହରଷ ଶୁଭ୍ରକେଶୀ ।
ତିନି ଜଣେ ଏକମନ ହୋଇ ତହିଁ ବସି ॥
କୌଶଲ୍ୟାପୁରରେ ପ୍ରବେଶ ହେଲେ ପୁଣି ଆସି ।
ନମସ୍କାର କରି ଯେ କହନ୍ତି ରଘୁବଂଶି ॥
ଯିବି ମାଗୋ ବନେ ସୀତା ଲକ୍ଷ୍ମଣଙ୍କୁ ଘେନି ।
ଶୁଦ୍ଧ ଚିତ୍ତରେ ଗୋ ଆଜ୍ଞା ଦେବାକି ଜନନୀ ॥
ଶୋକେ କଉଶଲ୍ୟା ସୀତାଙ୍କୁ ଯେ କୋଳେ ଧରି ।
ଶରୀରକୁ ଆଉଁଷିଣ ବଚନେ ତିଆରି ॥
ତୁ ଦେବୀ ଜାନକୀ ଗୋ ଶ୍ରୀରାମ ସଙ୍ଗେ ଯିବୁ ।
ଅପୂର୍ବ ପଦାର୍ଥ ଗୋ ଦେଖିଲେ ନ ମାଗିବୁ ॥
ସ୍ୱାମିଙ୍କ ଛାଡ଼ି ନ ଯିବୁ ଆନସ୍ଥାନେ କାହିଁ ।
ଭର୍ତ୍ତା ସେବା କରିବୁ ଗୋ ବନସ୍ତ୍ରୀ ଯେ ହୋଇ ॥
କନ୍ଦମୂଳ ଯେଉଁ ଦିନ ଯାହା ଗୋ ପାଇବୁ ।
ଆଗ ଦିନକୁ ଥୋକାଏ ତହୁଁ ଥୋଇ ଥିବୁ ॥
ନ ପାଇଲା ଦିନରେ ସେ ରଖିବ ଯେ ପ୍ରାଣ ।
ଏକଥା ସୀତା ଗୋ ଗୁହ୍ୟ ତଥ୍ୟ କରି ଜାଣ ॥
ସ୍ୱାମୀଙ୍କ ବିମୁଖ ନୋହିବୁଟି ଆଗୋ ମାଏ ।
ଯେମନ୍ତେ ତୁମ୍ଭର ଭଲ ରହିବ ଗୋ କାୟେ ॥
ସେ କଥାକୁ ଜାଣିଣ ତୁ ଥିବୁ ସେବା କରି ।
ସେ ତୋହର ପ୍ରାଣର ଅଟଇ ଅଧିକାରୀ ॥
ତୁ ତାହାର ଜୀବନ ଯେ ଅଟୁ ଚନ୍ଦ୍ରମୁଖୀ ।
ଯେମନ୍ତେ ଶ୍ରୀରାମ ବନେ ନୁହଇଟି ଦୁଃଖୀ ॥
ସେ କଥା ବିସ୍ମରି ଥିବୁ ଆଗୋ ଚନ୍ଦ୍ରମୁହିଁ ।
ତୁମ୍ଭଠାରୁ ରାମର ଯେ ଆନପ୍ରିୟା ନାହିଁ ॥

ଭୁ ତାହାର ଘରଣୀ ମା ସେ ତୋହର ସାଇଁ ।
ଚଉଦ ବରଷ ବଞ୍ଚି ଅରଣ୍ୟରେ ଯାଇଁ ॥
ଆମ୍ଭେ ତାର ମାତା କଷ୍ଟେ ନୋହିଲୁ କାରଣୀ ।
ମିଛେ ଯେ ବୋଲାଉ ଆମ୍ଭେ ରାଜା ପାଟରାଣୀ ॥
କାହିଁକ ଯିବଇଁ ମୁହିଁ କରବଇଁ କସ ।
ଖାଇଣ ମରିବ ମୁଁ ଯେ କାଳକୂଟ ବିଷ ॥
ବୃଦ୍ଧକାଳରେ ଯେ ଏକ ପୁତ୍ର ପାଇଥିଲି ।
ଦଇବର ବଳେ ତାକୁ ବନେ ହରାଇଲି ॥
ଏରାମ ବନକୁ ଯିବ ଧାତା ଏହା କଲା ।
ବାଳକ କାଳରୁ ପୁତ୍ର ମୋର କୋଳେ ଥିଲା ॥
ବନକୁ ଯାଅ ଗୋ ଦେବୀ ଜନକ-କୁମାରୀ ।
ରହିବ ବନସ୍ତେ ସ୍ୱାମୀ ପାଦ ସେବା କରି ॥
ପତିବ୍ରତା ସଙ୍ଗେ ଲେଖା ହେଲୁ ତୁହି ଜାଣି ।
ତୋହର ନାମ ପ୍ରଭାତେ ସୁମରିବେ ପ୍ରାଣୀ ॥
ସତୀ ସାଧ୍ୱୀରେ ଗଣା ହୋଇବୁ ଗୋ ମାତ ।
ପରମ ସାଧ୍ୱୀ ବୋଲି ବୋଲିବେ ଜଗତ ॥
ଏମନ୍ତେ କୌଶଲ୍ୟା ଯେ ବହୁତ ଛଆରିଲା ।
ଲକ୍ଷ୍ମଣକୁ ହକାରି ଯେ ଅନେକ କହିଲା ॥
ଯାଅ ବାବୁ ଲକ୍ଷ୍ମଣ ରାମକୁ ସେବି ଥାଅ ।
ଦୁଃଖ କାଳରେ ଯେ ଏକା ସଙ୍ଗେ ଦିନ ନିଅ ॥
ଶ୍ରୀରାମ କୋପିଲେ ବାବୁ କୋପ ନ କରିବୁ ।
ସୀତା ଦୋଷ କଲେ ବାବୁ ଦୋଷ ନଧରିବୁ ॥
ଏତେବୋଲି ଶ୍ରୀରାମମଉଳି ଦେବୀ ଧରି ।
ତିନି ଜଣଙ୍କର ମୁଖ ଆଘ୍ରାଣ ସେ କରି ॥
ଶୁଭଯୋଗେ ଯାଅ ବାବୁ ପିତା-ସତ୍ୟ ରଖି ।
ବାହୁଡ଼ିଣ ଆସି ଯେ ଆମ୍ଭଙ୍କୁ ପଛେ ଦେଖି ॥
ଏହାକହି କୌଶଲ୍ୟାର ନେତ୍ରୁ ବହେ ନୀର ।
ସମସ୍ତ ମାତା ମାନେ ଯେ ମନରେ ଆକୁଳ ॥
ମନ୍ଥଡ଼ୀର ମନରେ ଯେ ବହୁତ ହରଷ ।
ମୋତେ ଯେ ପାଇଲା ଏବେ ଯାଉ ବନବାସ ॥
ସୁରଗଣେ ସ୍ୱର୍ଗ ପୁରେ ବିଚରନ୍ତି ଥାଇ ।
ଚଉଦ ବର୍ଷେ ରାବଣ ଜୀଇବ ଯେ ନାହିଁ ॥
ଏଥୁଉତ୍ତରେ ଶ୍ରୀରାମ ଲକ୍ଷ୍ମଣ ଯେ ତିନି ।
ବାହାର ହୁଅନ୍ତି ଶୁଭ ଅନୁକୂଳ ଦିନ ॥

ଦଶରଥ ରାଜାଙ୍କୁ କରନ୍ତି ଦରଶନ ।
ଦେଖିଣ ରାଜାର ଯେ ଦହିଇ ପଞ୍ଚପ୍ରାଣ ॥

( 3 )

ଗୁହକର ମିଳନ

ରଥରେ ବସିଣ ରାମ ଚଡ଼ାଇ ଯେ ଗଲେ ।
ସରସ୍ୱତୀ ନଦୀତୀରେ ତକ୍ଷଣେ ମିଳିଲେ ॥
ତାହା ପାର ହୋଇ ପଶିଲେ ସେ ଘୋର ବନ ।
ଗଙ୍ଗାନଦୀ-କୂଳେ ରାମ ହୋଇଲେ ତକ୍ଷଣ ॥
ଶୃଙ୍ଗବେର-ପୁର ଅଟେ ତହିଁର ନିକଟ ।
ଗୁହ ନାମେ ଶବର ବସାଇ ତହିଁ ରାଷ୍ଟ୍ର ॥
ସେ ଶବର ଅଟଇ ଯେ ଶ୍ରୀରାମ-ମିତ୍ର ।
ଶ୍ରୀରାମ-ପାଶେ ମିଳିଲା ଆସି ସେ ତୁରିତ ॥
ସଙ୍ଗରେ ବଳ ତାହାର ଘେନି ଅପ୍ରମିତ ।
ବିପରୀତ ବେଶ ଯେ ସେମାନେ ମେଳିଛନ୍ତି ॥
କର୍ଣ୍ଣରେ ତାଡ଼କ ଯେ ବନ୍ଧିଆ ପୁଞ୍ଜି ପୁଞ୍ଜି ।
ଲଲାଟର ଶୋଭାକୁ ଯେ ଗୁଞ୍ଜ ମାଳୀ ରଞ୍ଜି ॥
କେ ଖୋସା ପାଇଛି କେହୁ ବାହେ ଯୁଡ଼ା ବାନ୍ଧି ।
କାହାର ବେଣୀ ଅଛଇ କେହି ମୁଣ୍ଡ ବାନ୍ଧି ॥
ପିଠି କତକ କାହାର ଲମ୍ବିଅଛି ଜୁଟ ।
ମନ୍ଦାର ଫୁଲ ସୁନ୍ଦର ଦଶେ କାହା କଣ୍ଠ ॥
କେ କାଣୀ କଉଡ଼ିମାନ ମାଳ ମାଳ କରି ।
ଶରଧା ନିମନ୍ତେ କେ କଟିରେ ଅଛି ଭରି ॥
କାହାର ବାହୁରେ ଯେ ଟସର ରଙ୍ଗ ସୂତା ।
ଅଜଗର ଚର୍ମ କାହା ଗଳାରେ ପଇତା ॥
ନାକ ଫୋଡ଼ି ପିତ୍ତଳ ମୁଦି ଭରି ଅଛଇ ।
ଲୁହା ସିକୁଳି କାହାର ଭୁଜରେ ଶୋହଇ ॥
କାହାର ଶିରେ ଟୋପର ମୟୂରର କଣ୍ଡା ।
ଭାଲୁଙ୍କର ଚର୍ମ କେହୁ ମଣ୍ଡିଅଛି ଅଣ୍ଟା ॥
କାହାର ଅଣ୍ଟାରେ ଘଣ୍ଟା-ମାଳ ଧ୍ୱନିକରି ।
କାହାର ଚରଣେ ପୁଣି ବାଜଇ ଘାଗୁରୀ ॥
ଖାଙ୍କର କେଶ କାହାର ତମା ଆଖି ।
ଭଲ ଭଲଲୋକେ ଯେ ଡ଼ରନ୍ତି ତାଙ୍କୁ ଦେଖି ॥

କାହାର କଣ ଆରକ ଦେହରେ ଲାଗଇ ।
ପିଙ୍ଗଳ କେଶ ଦେଖିଲେ ମନେ ତ୍ରାସ ପାଇ ॥
କାହା ନାକ-ପୁଡ଼ାରେ ବାହାର ଦଶେ ବାଳ ।
ତହିଁ ଗୁନ୍ଥା ହୋଇ ପ୍ରାୟେ ଦଶେ ଗୁଞ୍ଜାମାଳ ॥
ଦେହର ରୋମକୁ ଯେ ଦେଖିଣ ଭୟ କର ।
କାହାର କାହାର ଭାଷା ବୁଝିତ ନ ପାର ॥
କାହାର ବାଳରେ କେହୁ ଜଟ ପାରୁ ଅଛୁ ।
ଖଣ୍ଡି ଖଣ୍ଡି କରି ପୋଡ଼ି ମାଂସ କେ ଖାଉଛୁ ॥
ବିଭୂତିରେ ବିଲେପନ କାହାର ଶରୀର ।
ଗବ ଟେଲେ କାହା ମୁଣ୍ଡବାଳ ଜର ଜର ॥
କାହା ଶରୀରରେ ଶୋଭା ପାଏ ଇଟା ଗୁଣ୍ଡି ।
ରଙ୍ଗ ମାଟି ଯେନ କେ ଶରୀର ହୋଏ ମଣ୍ଡି ॥
କେହୁ ଲଟା ଗୁଡ଼ିଆଇ ହୋଇଥାଏ ପାଏ ।
ହାତୀ ଭଙ୍ଗା ଢ଼ାଲକୁ ଯେ ଭାଙ୍ଗିଣ ଥୋକାଏ ॥
ଧାଗଣା କାଠର କେହୁ କରଣ କୋଦଣ୍ଡ ।
ଗୋରୁ ଚମଡୁଣ ଯେ ନାହାଲ ବେନ କାଣ୍ଡ ॥
ଏକକରେ କୁଠାର କେ ଧନୁ କରେ ଘେନ ।
କେ କରେ ଘେନ ଅଛଇ ଭଙ୍ଗା ଢ଼ାଲ ବେନ ॥
ମୁଷଳ ମୁଦ୍ଗର ଶର ଯାଠିକ ପ୍ରହାର ।
ଶିକଳ ଲଗାଇ କେହୁ କୁକୁରକୁ ଧର ॥
ଅଣ୍ଟାର ମେଖଳା କେହ ଫିଙ୍କିଣ ଝୁଙ୍କନ୍ତ ।
ଗୁଣୀରରୁ କାଣ୍ଡକେ କାଢ଼ିଣ ସଳଖନ୍ତ ॥
କାଉଗିର କରଇ କେ ବାଟେ ଯାଉ ଯାଉ ।
ମାର ମାର ବୋଲି କେ ଯୁଝନ୍ତ ଧାଇଁ ଧାଇଁ ॥
ଦଶ ଲକ୍ଷ ପଦାତି ଘେନଣ ଗୁହ ବୀର ।
ଦରଶନ କଲା ଆସି ଶ୍ରୀରାମ ପୟର ॥
କର ଯୋଡ଼ିଣ ରାମଙ୍କୁ ପଚାରଇ ବାଣୀ ।
କେବଣ କାରଣେ ଏହି ବେଶେ ରଘୁମଣି ॥
ଶ୍ରୀରାମ ବୋଇଲେ ଶୁଣ ହେ ମୋହର ସଖା ।
ଯେବଣ କାରଣେ ମୁଁ ଯେ ଅଇଲଇଁ ଏକା ॥
ପିତା ଦଶରଥ ମୋତେ ରାଜ୍ୟ ଦେବା କଲା ।
କେକୟୀ ଜନନୀ ତାହା ପିତାଙ୍କୁ ମାଗିଲା ॥
ଚଉଦ ବରଷ ମୁଁ ବୁଲିବ ଘୋର ବନେ ।
ଭରତ ଯେ ଅଯୋଧ୍ୟାକୁ ପାଳିବ ବିଧାନେ ॥

ତେଣୁ ସେ ଭେ ମହିବ ଅଇଲୁ ଘୋର ବନେ ।
ସଙ୍ଗତରେ ସୀତା ଲକ୍ଷ୍ମଣ ଏ ବେନି ଜନେ ॥
ସୁମନ୍ତ୍ର ଯେ ବାହୁଡ଼ାଇ ନେବ ଏବେ ରଥ ।
ଆମ୍ଭେ ଆଶ୍ରୟ କରିବୁଁ ବନ ପରବତ ॥
ଶୁଣିଣ ସେ ମହା ବ୍ୟଥା ପାଇଲା ଶବର ।
ଶ୍ରୀରାମଚନ୍ଦ୍ର ହେ। ତୁମ୍ଭେ ମୋର ବୋଲକର ॥

( 4 )

ରାମଙ୍କ ଚିତ୍ରକୂଟ-ପ୍ରବେଶ

ଚିତ୍ରକୂଟ ସେଠାବଲୁ ଅଛୁ ପାଞ୍ଚ କୋଶ ।
ସାତ ଘଡମାନେ ତହିଁ ହୋଇଲେ ପ୍ରବେଶ ॥
ଦେଖିଲେକ ସେ ପର୍ବତ ଅତ୍ୟନ୍ତ ସୁସଞ୍ଚ ।
ମଞ୍ଚ କରି ସ୍ୱର୍ଗ କିବା ସ୍ୱର୍ଗ କରି ମଞ୍ଚ ॥
ଅତି ଅଗମ୍ୟ ସେ ସ୍ଥାନ ବଇକୁଣ୍ଠ ସମ ।
ସନ୍ତୋଷ ମନ ହୋଇଲେ ଦେଖିଣ ଶ୍ରୀରାମ ॥
ଅପୂର୍ବ ପାଷାଣ ତାକୁ ସମ ସରି ନାହିଁ ।
ଶୁଦ୍ଧ ସୁବର୍ଣ୍ଣ ଯେ ଜାତ ହେଉ ଅଛୁ ତହିଁ ॥
କେବଣ ଠାବରେ କଂସା ହୁଏ ଉତପନ ।
କେବଣଠାବରୁ ରୂପା ହୁଅଇ ଜନମ ॥
କାହିଁ ହୀରା ମାଣିକ୍ୟ ଯେ ନୀଳ ଉପୁଜଇ ।
କେବଣ ପଥର ଶୁଦ୍ଧ ସ୍ଫଟିକ ଅଟଇ ॥
କାହିଁ ପୋହଳା ଯେ କାହିଁ ବଇଦୂର୍ଯ୍ୟ ଜାତ ।
କାହିଁ ପୁଷ୍ପରାଗ କାହିଁ ମର୍କତ ସଂଜାତ ॥
କାହିଁ ମୁଗୁନ ପଥର କାହିଁ କାଇମାଟି ।
କାହିଁ ଶିଳାଜତୁ ହରିତାଳ ଯେ ଭ୍ରୁକୁଟି ॥
କାହିଁ ମଣି ଶିଳ କାହିଁ ପିଙ୍ଗଳ ଶରଳ ।
କାହିଁ ଶଙ୍ଖମଲମଲ ପଥର ପ୍ରବାଳ ॥
କାହିଁ ତମ୍ବା ସୀଂସା କାହିଁ ଟାଙ୍ଗଣା ସଂଜାତ ।
କେବଣଠାବରୁ ରତ୍ନ ହେଉଅଛୁ ଜାତ ॥
କେବଣ ପଥର ଯେ ସିନ୍ଦୂର ବର୍ଣ୍ଣ ଦିଶି ।
କେବଣ ଶୀଳା ଗୋଟି ଯେ ଦର୍ପଣ ସଦୃଶୀ ॥
କେବଣ ଶିଳା ନିନ୍ଦଇ ଦେବତାର ଜ୍ୟୋତି ।
କେବଣ ଠାବେ କୁଙ୍କୁମ ନିର୍ମଳ ଯେ ଦ୍ୟୁତି ॥

କାହିଁ ଗିରି ବଢ଼ି ଯାଉଅଛି ଉର୍ଦ୍ଧ୍ୱକୁହିଁ ।
ସୁମେରୁ ପରିୟେ ସେହି ଶୋଭା ପ୍ରକାଶଇ ॥
କେବଣ ଶିଳା ଚିକ୍କଣ ଅଛି ମନୋହର ।
ଅଛି ମନୋରମ ଗିରି ଦିଶଇ ସୁନ୍ଦର ॥
ପାରିଜାତ ପୁଷ୍ପ ଯେ ଦିଶନ୍ତି ପନ୍ତି ପନ୍ତି ।
ନାଗେଶ୍ୱର କରମଙ୍ଗା କଦମ୍ବ ଅଛନ୍ତି ॥
ପାଟଳୀ ଯେ ପାଲଧୁଆ ସିମୁଳି ମନ୍ଦାର ।
ତରାଟ ରଙ୍ଗଣୀ ଯେ କାଞ୍ଚନ କନିଅର ॥
କାହିଁ କୁରୁଅନା କାହିଁ ପୁନ୍ନାଗ ବକୁଳ ।
ଚମ୍ପା ଅଗସ୍ତି ଅଶୋକବୃକ୍ଷ ମାଳ ମାଳ ॥
ଜାଇ ଯୂଇ ତଗର ଯେ ମଲ୍ଲୀ ବଣମଲ୍ଲୀ ।
ଦୟଣା ମରୁଆ କୁନ୍ଦଲତା କୁରୁବେଲ୍ଲି ॥
ମଧୂକ କେତକୀ ବୃକ୍ଷ ଶୋଭା ଅନୁପମ ।
କନକଚମ୍ପା ଡୁଡୁରି ଜାମୁ ଯେ ଉପାମ ॥
ଅଁଏଳା ହରଡ଼ା ନିମ୍ବ ଭାଲିଆ ପଲାଶ ।
କରଞ୍ଜ କାଞ୍ଚନ ବେଣ କୋରେଇ ତାଲୀଶ ॥
ବଇଁଚ ଗଙ୍ଗଶିଉଳି ପିରିଖ ଯେ କସି ।
ମଞ୍ଜିସାର ଶିରିଷ ଯେ କେନ୍ଦୁ ବେଲ ମିଶି ॥
ଆମ୍ବ ଦାରିକ୍ଷ ଖଜୁରି ପଣସ ଓଣସ୍ତ ।
ଏସନେକ ବୃକ୍ଷମାନେ ଅଛନ୍ତି ସମସ୍ତ ॥
ଜୟନ୍ତି ସୁନାରି ଆଉ ଯେହ୍ୱଟ ବରୁଣ ।
କଇଥ ଯେ କରମଙ୍ଗା ଟଭା ଅଛୁ ଜାଣ ॥
ଆମ୍ବଡ଼ା ଲେମ୍ବୁ କମଳା ରଙ୍ଗଣୀ ତଗର ।
କାମିନୀ ହରଗଉରି ନଡ଼ିଆ ଅପାର ॥
ପାଣି ଅଁଏଳା ଯେ ସାନ ସାନ ଆମ୍ବ ତରୁ ।
ତାଳ ଶାଳ ପିୟାଶାଳ ଧଅ ଉଦମ୍ବରୁ ॥
ଲେମ୍ବଲ ମହୁଲା କେତେ ଶାହାଡ଼ା ମହୂଲ ।
ପିଜୂଳି ପିଆରି ଆତ ନେଉଆ ଜମ୍ବିଲ ॥
କରବୀର ବରକୋଳି ବିବିଧ ପ୍ରକାରେ ।
ଗୁଆ ରଣ ଗୁଣା କେତେ ଅଛି ସେ ବନରେ ॥
ବାହାଡ଼ା ଗୁଲୁଞ୍ଚି ଲତା ଦୁଧ ଯେ ତାରକ ।
ପିପ୍ପଳୀ ମରିଚ ନାନାବିଧ ଗନ୍ଧ ବୃକ୍ଷ ॥
ଲବଙ୍ଗ ଚନ୍ଦନ ଜାଇଫଳ ପନ୍ତି ପନ୍ତି ।
ଅଗର ଗଣ୍ଠିଅନା ଯେ ଅପାର ଅଛନ୍ତି ॥

କାକୋଲ କୋରୁଆ ହିଙ୍ଗୁ ବୃକ୍ଷ ଏଲାଇଚ ।
ଅଣ୍ଟଗନ୍ଧା ସପୁରୀ ଯେ କଦମ୍ବ କାଇଁଚ ॥
କାହିଁ ତାଳଚନ ବୃକ୍ଷ କାହିଁ ତେଜପତ୍ର ।
ଏସନେକ ବୃକ୍ଷରେ ସେ ବିପିନ ପବିତ୍ର ॥
ସିଂହ ଗଜ ଭଲ୍ଲୁକ ଅଛନ୍ତି ପନ୍ତ ପନ୍ତ ।
ମୃଗ ଶାର୍ଦ୍ଦୁଳ ମଇଁଷି ଅପାର ଅଛନ୍ତି ॥
ଗଣ୍ଡା ଗୟଳ ଖୁରାଣ୍ଟି ନାନାବର୍ଣ୍ଣ ମୃଗେ ।
ଚରନ୍ତି ହରଣୀ ବାହୁଟିଆ ଏକସଙ୍ଗେ ॥
ବଣ ଗୋରୁ ବଣ ମୂଷା ମାର୍ଜ୍ଜାର ବଲିଆ ।
ଶଶା ଶାଲୁଆପତନୀ ଶିଆଳୀ ବଲୁଆ ॥
ଶୁକ ଶାରୀ କାକଭୁଆ ରାବ ଘନ ଘନ ।
କୋକିଲ ଭାଷନ୍ତି କି ବସନ୍ତ ମଧୁବନ ॥
କୁମ୍ଭାଟିଆ ଡାହୁକ ଯେ ମୟୂର ଛତ୍ରରୀ ।
ବକ ଶାମଳ ପାରୁଆ ବାଦୁଡ଼ୀ ଗୁଣ୍ଡୁରୀ ॥
ଚକ୍ରବାକ ରାଜହଂସ ପାତିହଂସ କୁଆ ।
ହଳଦବସନ୍ତ ଗୃଧ୍ର ଉଲ୍ଲୁକ ମାଟିଆ ॥
ନାନାବର୍ଣ୍ଣ ପକ୍ଷୀମାନେ ଭନ୍ଦେ ଭନ୍ଦେ ଯାନ୍ତି ।
ହାଗୁଣୀ ପଛେ ଗୋଡ଼ାଇ ଅଛନ୍ତି ଯେ ହାତୀ ॥
ତାହାଙ୍କ ପଛରେ ଲାଗି ଆସଇ ଯେ ବାଘ ।
ଗଜଧାଡ଼ି ସଙ୍ଗେ ତାର ଆହାର ସରାଗ ॥
ତାହାଙ୍କୁ ଭକ୍ଷନ୍ତେ ସେ ହୁଅଇ ମହାବଳ ।
ତେଣୁ ସେହି ନ ଛାଡ଼ଇ ଗଜଙ୍କର ମେଳ ॥
ତେଣ୍ଟୋଇ କାକରଖାଇ ଡ଼ାମରା ଯେ କୁଜ ।
ବୃକ୍ଷେ ବସି ରବୁଛନ୍ତି ହୋଇ ପୁଞ୍ଜି ପୁଞ୍ଜି ॥
ଚକୁଆ ଚକୋର ପକ୍ଷୀ ଜଳେ ଖେଳୁଛନ୍ତି ।
ନୀଳକଣ୍ଠ ଚଢ଼ାଇ ଯେ ଗଗନେ ଉଡ଼ନ୍ତି ॥
ବେଣୁ ବୃକ୍ଷେ ବସି ଅଛୁ କଜଳପାତିଆ ।
ପାଣି-ମଧ୍ୟେ ବୁଡ ଖେଳୁଛନ୍ତି ପାଣିକୁଆ ॥
ତେନ୍ତୁଳ ବୃକ୍ଷରେ ବସି ଅଛନ୍ତି ବାଦୁଡ଼ୀ ।
ଶିଳା-ତଳେ ଲୁଚ ରହି ଅଛନ୍ତି ଘୁରୁଡ଼ୀ ॥
କାପ୍ତା ଭରତିଆ ପକ୍ଷୀ ଗୋବରା ଚଟେଇ ।
ବାୟା ଘରଚଟିଆ ଯେ ଝିଣ୍ଟିକା ଅଛଇ ॥
ଝିଣ୍ଟି ଝିଙ୍କର ଯାବକ ଅଛନ୍ତି ବହୁତ ।
ଭଦଭଦଳିଆ ସାତଭାଇଆ ବସନ୍ତ ॥

ବଣି ଗୁହୁକାଳିକା ଯେ ବକ ଶଙ୍ଖଚିଲ ।
ମରାଳ ସାରସ କାଣ୍ଠିବଗ ପଲ ପଲ ॥
ମନ୍ଦାକିନୀ ନଦୀ ଯେ ବହଇ ଝର ଝର ।
ପଦ୍ମବନ ଥିବାରୁ ସେ ଦିଶଇ ସୁନ୍ଦର ॥
ପକ୍ଷିମାନେ ଖେଳିବାରୁ ଜନ ମନ ହରେ ।
ପଦ୍ମ ଗନ୍ଧ ଲୋଭେ ଉଡୁ ଅଛନ୍ତି ଭ୍ରମରେ ॥
କାହିଁ ନୀଳ ଉତପଳ ଫୁଲ ଅଛୁ ଫୁଟି ।
କାହିଁ ରକତ କୁମୁଦ ପୁଷ୍ପ କୋଟି କୋଟି ॥
ସିଂହଡ଼ା କେଶୁର ଶଇବାଳ ଅଛୁ କାହିଁ ।
ପର୍ବତକୁ ବେଢ଼ି ନଦୀ ଯାଉଛନ୍ତି ବହି ॥
ଦୁଇ କୂଳେ ବୃକ୍ଷେ ରହିଛନ୍ତି ପନ୍ତି ପନ୍ତି ।
ନାନା ଜୀବମାନେ ତହିଁ ଶୋଭା ପାଉଛନ୍ତି ॥
ଜଳେ ଜଳଚଡ଼ାଇ ଯେ ଉଡ଼ନ୍ତି ବସନ୍ତି ।
ଏମନ୍ତ ବନ ଶୋଭାକୁ ଶ୍ରୀରାମ ଦେଖନ୍ତି ॥

(5)

## ଭରତଙ୍କ ମାମୁଘର-ବାହୁଡ଼ା

ଭରତ କହଇ କଉଶଲ୍ୟା ପାଦ ଧରି ।
ଭୋ ମାତା ଏଥିରେ ଦୋଷ ନାହିଁ ଗୋ ମୋହରି ॥
ମନ ଜ୍ଞାନ ବାକ୍ୟେ ଯେବେ ଜାଣଇ ମୁଁ ଏହା ।
ରାମ ବନ ଯିବେ ହେବ ମୁଁ ଅଯୋଧ୍ୟା-ନାହା ॥
ଏକଥାଟି ଯେବେ ମୁହିଁ ହୃଦେ ଥିବ ଧରି ।
ଶ୍ରୀରାମ ବନେ ଥିଲେ କି ମୁହିଁ ରାଜ୍ୟ କରି ॥
ପୁତ୍ର ନ ଥିବା ଲୋକ ଯେବଣ ଗତି ପାଇ ।
ଶ୍ରୀରାମଙ୍କୁ ଯେବେ ମୋ ମନରେ ପାପ ଥାଇ ।
ସେହି ଗତି ମୋତେ ମାତ ହେଉ ପରାପତ ।
ଯେହୁ ଅବା ହରଇ ଗୋ ପରରାଜ୍ୟବିତ୍ତ ॥
ସେ ଲୋକର ମଲେଟି ଯେବଣ ପାପ ହୋଇ ।
ଶ୍ରୀରାମଙ୍କୁ ଯେବେ ମୋର ମନେ ପାପ ଥାଇ ॥
ତାହାର ପାପ ମୋହର ଦେହରେ ଗୋ ହେଉ ।
ଚନ୍ଦ୍ରସୂର୍ଯ୍ୟ ସତ ହେଲେ ଏହା ଆନ ନୋହୁ ॥
ଅକାରଣେ ପ୍ରାଣିଙ୍କି ମାରନ୍ତି ଯେଉଁ ଜନ ।
ଏକ ସୂର୍ଯ୍ୟ ବେନି ବେଳ କରନ୍ତି ଭୋଜନ ॥

ପଞ୍ଚ ଦିନେ ସ୍ତ୍ରିରୀ ଭୋଗ କରନ୍ତି ଯେ ଜନ ।
ଯେବଣ କ୍ଷତ୍ରିୟ ପିଠି ଦିଏ ସଂଗ୍ରାମେଣ ॥
ଗର୍ଭବାସ ସ୍ତ୍ରିରୀଙ୍କ ଯେ ବଳେଣ ହରଇ ।
ରବିବାରେ ଆମିଷ ଯେ ଆହାର କରଇ ॥
ରାତ୍ରିକାଳେ ବେଲଫଳ ଯେହୁ ଜନ ଖାଇ ।
ଅପନ୍ତରା ସ୍ଥାନରୁ ଯେ ବୃକ୍ଷକୁ କଟାଇ ॥
ଉଆଁସ ସଙ୍କରାନ୍ତି ଯେ ଏକାଦଶୀ ଦିନ ।
ତଇଲ ଅଙ୍ଗେ ଦେଇଣ ଯେ କରନ୍ତି ସ୍ନାନ ॥
ସେ ପାପ ପାଇବେ ଶ୍ରୀରାମଙ୍କୁ ମାତୃ ଥିଲେ ।
ଛ ମାସ ଆୟୁଷ ଏକଠାବରେ ରହିଲେ ॥
କୀରତି ଭଗ୍ନ କରନ୍ତି ଜାଣ ଯେଉଁ ଜନ ।
ମନରେ ଭଜନ୍ତି ହାଦେ ନ ଜାଣି ଯେ କର୍ମ ॥
ମିଛ କଥା କହି ଗୃଷ୍ଟୁ କରନ୍ତି ଯେ ଜନ ।
ବାର ସଙ୍କରାନ୍ତି ଯେ ଭୁଞ୍ଜନ୍ତି ଶାଳୀଅନ୍ନ ॥
ଦେବତାଙ୍କୁ ନ ଦେଖି ଭୁଞ୍ଜନ୍ତି ଯେଉଁ ପ୍ରାଣୀ ।
ତୀର୍ଥ ଯାଇଁ ଅର୍ଚ୍ଚନା ନ କରେ ଯେହୁ ପ୍ରାଣୀ ॥
ଆପଣାର କୁଟୁମ୍ବଙ୍କୁ ଯେହୁ ନ ପୋଷନ୍ତି ।
ପରବାସୀ ମାକୁ ଯେହୁ ବଳେଣ ହରନ୍ତି ॥
ଗୁଣ ଛାଡ଼ିଣ ଯେ ଅବଗୁଣକୁ କରଇ ।
ପାଲଟା ଲୁଗାକୁ ଯେହୁ ଝାଡ଼ିଣ ପିନ୍ଧଇ ॥
ଦେବତା ଅତିଥିକୁ ଯେ ଅନ୍ନ ନ ଦିଅଇ ।
ନଦୀର ତୀରେ ଯେ କେଶ ଝାଡ଼ିଣ ବାନ୍ଧଇ ॥
ପାଦ ନ ପଖାଳି ଯେହୁ ଭୁଞ୍ଜଇ ଆହାର ।
ପୁତ୍ରକୁ ହିଂସା ଧରଇ ଯାହାର ମନର ॥
ଶତ୍ରୁମାନଙ୍କୁ ଯେ ଜନ କରଇ ବିଶ୍ୱାସ ।
ନ ଦେଖି ପ୍ରାଣିଙ୍କି ଯେ ଦିଅନ୍ତି ଅପଯଶ ॥
ଲୋକ ଲୁଚ୍ଛି ମାରଇ ଯେ ଖଳ ବଳ ପଣେ ।
ଆପଣାର ମାହାତ୍ମ୍ୟ ଯେ କହଇ ସୁମନେ ॥
ସଭାରେ ବନ୍ଧୁର ପକ୍ଷ ଦେନଇ ଯେ ନର ।
ନଏ ଡ଼ାକ କର ଯେ ନୁହଇ ଆଗୁଁସାର ॥
ପାଣିରେ ବସ୍ତ୍ର ଫେଡ଼ି ଉଲଗ୍ନ ହୁଏ ଯେହୁ ।
ମଥା ନ ପୋଛଇ ଯେହୁ ମହାପାପୀ ସେହୁ ॥
ଅନ୍ୟ ଜାତି ସ୍ତ୍ରିରୀ ସଙ୍ଗେ ଯେ ଜନ ରମନ୍ତି ।
ପରର ପଦାର୍ଥ ଯେହୁ ଲୁଚ୍ଚିଇ ଭକ୍ଷନ୍ତି ॥

ଯେ ଆପଣା ଜାତିକି ଲୁଚିଣ ବଖାଣନ୍ତି ।
ବିପ୍ର ହୋଇ ଯେବେ ଅସ୍ତ୍ର କରରେ ଧରନ୍ତି ॥
କ୍ଷତ୍ରି ହୋଇ ଯେବେ କ୍ଷତ୍ରି ବିଦ୍ୟାରେ ନ ପଶି ।
ଶୂଦ୍ର ହୋଇ ଯେବେ ବ୍ରାହ୍ମଣଙ୍କ ଧନ ଧ୍ୱଂସି ॥
ବୈଶ୍ୟ ନ ଜାଣଇ ଯେବେ ବାଣିଜ୍ୟର ଗତି ।
ପତି ପାଦେ ଯେବେ ପତ୍ନୀ ନୋହିଇ ଭକତି ॥
ପିତାଙ୍କୁ ପୁତ୍ର ଯେବେ ନ କରଇଟି ଭୟ ।
ପରଜା ପାଳନ ଯେବେ ନ କରଇ ରାୟ ॥
ପାଷାଣ୍ଡ ଜନଙ୍କର ଯେ ବଦନ ଚାହାନ୍ତି ।
ସୁଜ୍ଞାନୀ ଜନମାନଙ୍କୁ ଯେ ନିନ୍ଦା କରନ୍ତି ॥
ଦେବତାଙ୍କ ସ୍ଥାନରେ ଦିଅନ୍ତି ବଳି ଭୋଜା ।
ଦେଉଳ ଟୋଳାଇ ନ ଦିଅଇ ଯେଉଁ ରାଜା ॥
ଶରଣ ନ ସମ୍ଭାଦନ୍ତି ଯେବଣ ପୁରୁଷ ।
ବ୍ରାହ୍ମଣ ଯେବେ ନେଇଣ ବିକଇ ଗୋରସ ॥
ଗୋରୁ ହଜିଲେ ଯେ ନ ଖୋଜଇ ତିନିଦିନ ।
ବିଷ୍ଣୁଙ୍କୁ ଭକତି ନ କରଇ ଯେଉଁ ଜନ ॥
ସାଧୁତ ଲୋକଙ୍କୁ ଯେହୁ ଅଦୋଷେ ଗଞ୍ଜଇ ।
ଦକ୍ଷିଣକୁ ମୁଖ କରି ଯେ ଜନ ଭୁଞ୍ଜଇ ॥
ଦୁର୍ଭିକ୍ଷ କାଳରେ ଯେହୁ ନ ବିକଇ ଧାନ ।
ରାଜାଙ୍କୁ ଯେବଣ ଜନ ବୋଲନ୍ତି ଏମାନ ॥
ଆପଣାଠୁ ବଡ଼ ଯୁବତୀ ସଙ୍ଗେ ଯେ ମାତି ।
ଓଦାବସନରେ ଯେହୁ ଦେବତା ଦେଖନ୍ତି ।
ପୁଣ୍ୟ କାଳେ ଯେଉଁ ଜନ ନ ଦିଅନ୍ତି ଅନ୍ନ ।
ନୂଆ ଫଳ ଭୁଞ୍ଜନ୍ତି ନ କରି ଦେବାର୍ଚ୍ଚନ ॥
ସୂର୍ଯ୍ୟଙ୍କୁ ଅର୍ଘ୍ୟ ନ ଦିଅନ୍ତି ଯେବଣ ଜନ ।
ଲବଣ ନ ମିଶାଇ ଭୁଞ୍ଜନ୍ତି ଯେହୁ ଅନ୍ନ ॥
ଦେବତାଙ୍କୁ ଓଲଗି ଯେ ପୁଷ୍ପ ନ ଘେନନ୍ତି ।
ପର ଦୁଃଖ ଦେଖି ଯେହୁ ହରଷ ହୁଅନ୍ତି ॥
ଶ୍ରାଦ୍ଧ ଘରେ ଅନ୍ନ ଭୁଞ୍ଜିବାକୁ ଯେ ନ ଯାଇ ।
କନ୍ୟା ମାସେ ପିତୃଙ୍କୁ ଯେ ଅନ୍ନ ନ ଦିଅଇ ॥
ମିତ୍ରକୁ ବିଶ୍ୱାସ ନ କରନ୍ତି ଯେଉଁ ଜନ ।
ଅନ୍ତରେ କପଟ ରଖି କହେ ଯେ ବଚନ ॥
ବ୍ରାହ୍ମଣ ହୋଇ କରଇ ମଦରା ଆହାର ।
ବେଦାନ୍ତ ବ୍ରାହ୍ମଣ ହୋଇ କରେ ଅନାଚାର ॥

ଯେ ହରଇ ବିପ୍ରଧନ ପାଞ୍ଚ ମଷା ତନା ।
ଯେଉଁ ଜନ ନ କରଇ ବିପ୍ରଙ୍କୁ ବନ୍ଦନା ॥
ନିଜ ଜନନୀକ ଯେହୁ କରଇ ରମଣ ।
ଗୋଦଣ୍ଡା ଭାଙ୍ଗି କରଇ କୃଷି ଯେଉଁ ଜନ ॥
ଏସନକ ଲୋକଙ୍କ ସଙ୍ଗରେ ଯେହୁ ଥାଇ ।
ଏ ସର୍ବ ପ୍ରାପତ ଯେବେ ରାମେ କୂଟ ଥାଇ ॥
ଶ୍ରୀରାମଙ୍କୁ ଯେବେ ମୋ ମନରେ ଥିବ ମାୟା ।
ଏତେ କୃତ୍ୟ କଲେ ମୋର ମାତା ଯେ କେକୟୀ ॥

(6)

ଭରତଙ୍କ ଭରଦ୍ୱାଜ-ଭେଟ

ତୁମ୍ଭେ ଭୃତବୀର ଏ ମୋହର ବୋଲ ଶୁଣ ।
ତୁମ୍ଭର ଏ ଥାଟକୁ ମୁଁ ଦେବଇଁ ଭୋଜନ ॥
ଯେ ଯାହାର ବାଞ୍ଛା ପୂରୋଇବି ଏହିକ୍ଷଣି ।
ଭରତ ବୋଲଇ ମୁନିଙ୍କର ବୋଲ ଶୁଣି ॥
ଅପରମିତ ମୋ ଥାଟ ଲୋକ ଯେ ବହୁତ ।
ତୋତେ କପଁା ଯଞ୍ଚାଳ କରିବ ତପୋବନ୍ତ ॥
ମୁନି ବୋଇଲେ ହୋ ତୁମ୍ଭେ ନ ଜାଣ ଯେ କିଛି ।
ତପୋବଳରେ ଆମ୍ଭର ଉପାୟ ଯେ ଅଛି ॥
ଏତେବୋଲି ମୁନି ଗଲେ ମଢ଼ିଆରେ ପଶି ।
ହୋହିରି ଘର ଅଗ୍ନି ସନ୍ନିଧେ ଯାଇଁ ବସି ॥
ଦକ୍ଷିଣ କରରେ ଜପ କଲେ ଘେନି ଜଳ ।
ତତକ୍ଷଣେ ନିର୍ମାଣ ସେ କଲେକ ସକଳ ॥
ଭୃତ ଶତ୍ରୁଘ୍ନଙ୍କୁ ନୂଆ ନବର ଉଆସ ।
ଆବରଜନଙ୍କୁ ଯେହ୍ନା ଅନୁରୂପେ ବାସ ॥
ରାଜାର ନବରକୁ ମନ୍ତ୍ରିଲେ ଯତ୍ନ କରି ।
ବସ୍ତ୍ର ଚାମର କୁଙ୍କୁମ ସର୍ବ ଅଛି ପୂରି ॥
ସୁବର୍ଣ୍ଣର କଳଶ ଯେ ନେତର ଚାମର ।
ତୋରଣା ଲମ୍ବାଇଲେ ମୁକୁତା ମାଳ ମାଳ ॥
ସୁବର୍ଣ୍ଣ ବାଡ଼ରେ ନାନାଚିତ୍ର ଯେ ଲିଖନ ।
କେବଣ ପୁର ଦଶଇ ଅରୁଣ ଯେ ବର୍ଣ୍ଣ ॥
କେହି ହିଙ୍ଗୁଳ ବର୍ଣ୍ଣ କେ ସ୍ଫଟିକର ବର୍ଣ୍ଣ ।
କେବଣ ଘର ହୋଇଛି ମର୍କତେ ରଷାଣ ॥

ଦେଖିଣ ତା ଭରତଙ୍କର ହୋଇଲା ହରଷ ।
ବଇକୁଣ୍ଠ ପୁର କି ଦେବତାଙ୍କର ବାସ ॥
ଏତେକ ବୋଲି ଯାଇଁ ସେ ଜଗତରେ ଉଠି ।
ଦେଖିଲେକ ନବରତ୍ନ ମଣ୍ଡପ ଯେ ଗୋଟି ॥
ଗଜଦନ୍ତ ଖଟୁଲି ହୋଇଛି ତହିଁ ଦୋଳା ।
ତଳେ ପାଇ ଅଛନ୍ତି ଯେ ଚଉଦନ୍ତ ନୀଳା ॥
ଉପରେ ଶେଯାଇ ଅଛଇ ଯେ ଦିବ୍ୟ ଶେଯ ।
ଦେଖିଣ ଭରତ ବୀର ହୋଇଲେ ଆଶ୍ଚର୍ଯ୍ୟ ॥
ଚନ୍ଦୁଆ କରଣ ଚନ୍ଦ୍ରାତପ ପଟାନ୍ତର ।
ଚଉପାଶେ ମଣ୍ଡନ ଯେ ଶ୍ୱେତର ଚାମର ॥
ଭରତ ବୋଇଲା ଏ ଦେବତାଙ୍କ ଆସନ ।
ଶ୍ରୀରାମ ଯେ ବସିବାକୁ ଏଥିରେ ଭାଜନ ॥
ନମସ୍କାର କରି ଭରତ ବାହୁଡ଼ିଣ ଗଲା ।
ଆନ ପଲଙ୍କରେ ସୁଖେ ଶୟନ ଯେ କଲା ॥
ଶତ୍ରୁଘନଙ୍କୁହିଁ ଯେ ନବର ଗୃହ ଘର ।
ତହିଁରେ ରହିଲେ ଯାଇଁ ସୁମିତ୍ରା-କୁମର ॥
ମାୟାଲୋକେ ଆସିଣ ବଶିଷ୍ଠଙ୍କୁ ନିଅନ୍ତି ।
ଜାବାଳି କାଶ୍ୟପ ବାମଦେବଙ୍କୁ ରଖାନ୍ତି ॥
ସୁମନ୍ତ୍ର ସହିତେ ମନ୍ତ୍ରୀଗଣ ତହିଁ ଗଲେ ।
ଯେ ଯାହାର ଅନୁରୂପେ ଥାଟେ ଠାବ ଦେଲେ ॥
ତଇଳର ନଦୀ ଏକ ବହିଲେକ ତହିଁ ।
ଘୃତ ନଦୀ ଏକ ତାର ଥଳ କୂଳ ନାହିଁ ॥
ଥୋକାଏକ ଦୂରରେ ବହଇ ନଦୀ ସୁରା ।
ପର୍ବତ ସମାନେ ମାଂସ ବଖରା ବଖରା ॥
ଅଏଁଲା ହଳଦୀ ଗଦା ପର୍ବତ ସମାନ ।
ସୁଗନ୍ଧ ଯେ ଚତୁଃସମ ଅତି ଅନୁପମ ॥
ପୁଷ୍ପମାଳ କୁଢ଼ କୁଢ଼ ତାମ୍ବୁଲ ଭଙ୍ଗାଇ ।
ମାୟାଲୋକମାନେ ଯାଚ ଦିଅନ୍ତି ଯେ ନେଇ ॥
ଜଣକୁ ଏଗାର ଜଣ ଲେଖାଏଁ ଯେ ନାରୀ ।
ତଇଳ ଲଗାଇ ଦିଏ କେ ମର୍ଦ୍ଦନ କରି ॥
କାହାକୁ ବା ପାଞ୍ଚସ୍ତିରୀ କରନ୍ତି ତମାଳି ।
କାହାକୁ ସ୍ନାନ କରାନ୍ତି ମିଳି ଷଡ଼ ବାଳୀ ॥
ଦିବ୍ୟ ବସନ ପିନ୍ଧାନ୍ତି କେହି ମନ ମୋହି ।
ଚତୁଃସମ ଲେପି କେହି ଗଭା ଯେ ସଜାଇ ॥

ନବରତ୍ନ ଖଟ କେହି ଅଲଙ୍କାର ଦେଲେ ।
ମାୟା ବ୍ରାହ୍ମଣେ ଯେ ଅନ୍ନ ଆଣି ପରଶିଲେ ॥
ବସିଲ ଘୃତ ଆବର ଦେଲେ ଅଦା ଲୁଣ ।
ନିରାମିଷ ଆମିଷ ଯେ ଅନେକ ଛଉଣ ॥
ହେଙ୍ଗୁ ଜିରା ମରଚ ନଡ଼ିଆ ଦୁଧ ଛେନା ।
ଘୃତରେ କରି ନାନାଦି ପିଷ୍ଟକ ରଚନା ॥
ମାଛ ମାଂସ ଯେ ଛତା ଝୁଡ଼ା ଜଣ ପ୍ରତି ।
ପଣା ପଇଡ଼ ଯେ ଆଣି ବଳେ ଯାତ ଦ୍ୟନ୍ତି ॥
କ୍ଷୀରି କ୍ଷୀରଷା ଶାକର ପରସନ୍ତି ଆଣି ।
ଏମନ୍ତେ ଅନେକ ଦ୍ରବ୍ୟ କେ ପାରେ ବଖାଣି ॥
ନାଡ଼ୀ ସରପୁଳି ଯେ ଆରଷା ଛେନାପୁରି ।
କାକରା ଛେନା ଲଡୁ ଯେ ମାଲପୁଆ ପୁରି ॥
ସଜମରି ଘିଅ ଆଣି ଦ୍ୟନ୍ତି ବଡ଼ା ବଡ଼ା ।
ଗଜା କଚୁରି ପଣସ ଖୋସା ବରବରି ॥
କୋରି ରସଗୋଲା ଯେ ଅମୃତ ରସାବଳୀ ।
ମଣ୍ଡା ନାନମାନ ଅମୃତପାଣି କଦଳୀ ॥
ଝୁମ୍ପା ଝରିରେ ଯେ ଭରି ନାନାତୀର୍ଥ-ଜଳ ।
ତହିଁରେ ଦେଇ ସୁବାସ ଦ୍ରବ୍ୟ ଯେ ସକଳ ॥
ପଣସିଆ ମଣ୍ଡା ଯେ ଲବଣୀ ପାଣି ପଣା ।
କେ ଘୃତରେ ଭଜା କେହି ଘୃତରେ ଯେ ଛଣା ॥
ଫେଣା ଖୁଡୁମୁଆଁ ସର ନାନାବର୍ଣ୍ଣେ ପିଠା ।
ଖାଇ ଖାଇ ଲୋକଙ୍କୁ ଯେ ମାଡ଼ିଲାକ ଚଠା ॥
ପରଷନ୍ତି ଲୋକେ ଯେ ଭୁଞ୍ଜନ୍ତି ଛେନା ମଣ୍ଡା ।
କେହି ମୁଗମଣ୍ଡା କେହି ପେଷି ଖସାମଣ୍ଡା ॥
କାହାକୁ ନଡଆପୁର ମଣ୍ଡା ପରଷନ୍ତି ।
କାହା ଆଗରେ ପଣସ ଦୋରୁଅ ଭସାନ୍ତି ॥
ସାରେ କେ ଖଣ୍ଡ ଶାକର କେହି ଛତୁ ନାଲୀ ।
ଫେଣା ଖଣ୍ଡ ଖଜା ତଲ ମୁଁଆ ସରପୁଳି ॥
କେ ଭୁଞ୍ଜେ ମୁଗ ମରଚ ଦୁଧସରମାନ ।
ଛେନା ତରଡା ଗୋଟିକା ଲବଣୀ ଅଧାମ ॥
ଘୋଲଦହି ବସାଦହି କେ ଆଣି ଦେଅନ୍ତି ।
ନାନା ପ୍ରକାର ଚଟଣୀ କେହି ପରଷନ୍ତି ॥
ଅମୃତପାଣି କଦଳୀ କେହି ପାଉଁଶିଆ ।
ବନ୍ଧୁଲ ଗନ୍ଧତୁଳସୀ ସଙ୍କରି କାଠିଆ ॥

ମଇଁସିଆ ଚମ୍ପା ଆବ କଦଳୀ ଦିଅନ୍ତି ।
ନାସ୍ତି କରନ୍ତେ ବଳାଇ ପାଏଁ ପରଷନ୍ତି ॥
ପଇଡ କାକୁଡ଼ୀ ଗଜାମୁଗ ସୋହ୍ଲାଭଜା ।
ବଡ଼ ବଡ଼ ପାପୁଲୀ ଯେ ବଡ଼ ବଡ଼ ଗଜା ॥
ନୀଳବାଣ ଗଙ୍ଗବାଣ ଆଣି କେ ଦିଅନ୍ତି ।
ଦୁଧବାଣ ଆଦି କମ୍ବିଲ ପରଷନ୍ତି ॥
କମଳାଲେମ୍ବୁ ନାରଙ୍ଗ ଫଳ ମାଗୁଙ୍ଗୁଲ ।
ଖୁରୁଡ଼ ନଡ଼ିଆ ଖଣ୍ଡ ନଡ଼ିଆ ଯେ ତାଳ ॥
ତାଳଗଜା ତାଳସଜ ତାଳର ସୁଆଁଳୀ ।
ଆମ୍ବ ଖଜୁରୀ ଦାକ୍ଷ ବେତ ବରକୋଳି ॥
ଆଖୁ ଅଦା ନରକୋଳି କରମଙ୍ଗା ଓଉ ।
ପାଚିଲା ପିଜୁଳି ଯେ ମହୁଲ ଘିଅ ମହୁ ॥
କନ୍ତାରୀ ବଙ୍ଗାଳ କୁଣିଆରୀ ଯେ କଂସାରୀ ।
ପରଷନ୍ତି ସଙ୍ଗେ ସଙ୍ଗେ ଭଜା ତରକାରୀ ॥
ଯେ ଯାହା ଇଚ୍ଛା କରନ୍ତି ସେ ତାହା ପାଆନ୍ତି ।
ଲୋଭୀ ପେଟୁ ଲୋକେ ଯେ ଲୋଭେଣ ଖାଇଯାନ୍ତି ॥

---

### ଆରଣ୍ୟକ କାଣ୍ଡ

### ( 1 )

### ସୀତାହରଣ

ଏମନ୍ତ ସମୟରେ ଯେ ଲଙ୍କା ମହୀପତି ।
ବିଚାରଇ ଏ ସମୟେ ଆଣିବଇଁ ସତୀ ॥
ତେବେ ସିନା ରହିବ ଥିବ ମୋ କୀରତି ।
ଏ ସୀତା ସମାନ ଆଉ ନାହିଁ ରୂପବତୀ ॥
ଶ୍ରୀରାମ ଥିଲେ ଆଉ ନୁହଇ ଯେ ନେଇ ।
ଏମନ୍ତ ସମୟେ ମୁଁ ନେବଇଁ ବଇଦେହୀ ॥
କେମନ୍ତ ବେଶରେ ଯିବ ଜାନକୀର କତି ।
ମୋତେ ପୁଣ ଦେଖିକରି ଭୀତକରେ ସତୀ ॥
ସାକ୍ଷାତେ ସାଧବୀ ଏ ଅଟଇ ସୁକୁମାରୀ ।
ଅସୁର ଦେଖିଲେ ପୁଣ ଭୟ ନକ କରି ॥

ଏତେକ ପାଞ୍ଚି ମନରେ ରଥରୁ ଉତ୍ତରି ।
ରାକ୍ଷସ ରୂପ ଛାଡ଼ି ତପସ୍ୱୀ ରୂପ ଧରି ॥
ଦୁଇ କର ଦୁଇ ଯେ ଚରଣ ଏକ ମୁଖ ।
କି ଜାଣି ଦୁର୍ବାସାଋଷିଙ୍କର ରୂପରେଖ ॥
ଶିରରେ ଜଟା ବାନ୍ଧି ଯେ ନାଗବନ୍ଧ କରି ।
କର୍ଣ୍ଣରେ ତମ୍ବା କୁଣ୍ଡଳ ଅଛି ବେନି ଭିରି ॥
ସର୍ବାଙ୍ଗେ ବିଭୂତି କଣ୍ଠେ ତୁଳସୀର ମାଳ ।
ସ୍ଫଟିକର ଅଳଙ୍କାରେ ଶୋହେ ବାହୁମୂଳ ॥
କଷାବସ୍ତ୍ର ପିନ୍ଧିଣ ଦୋସରି ମୃଗଛାଲ ।
ଗୋମୟ ପାଉଁଶ ଚିତା କରିଣ କପୋଳ ॥
ବେଦକାଣ୍ଡି ପୋଥିଖଣ୍ଡି କାଖମୂଳେ ଅଛି ।
କରେ କୁଶବଟୁ ଯେହ୍ନ ବଣବାର ବଛି ॥
ଧୀରେ ଧୀରେ ଆସଇ ଯେ ଶଙ୍କା ମନେ କରି ।
ମଢ଼ିଆଦୁଆରେ ଉଭା ହୋଇ ବ୍ରହ୍ମଚାରୀ ॥
ଚତୁରବେଦ ଉଚ୍ଚାରି କର୍ଣ୍ଣାଟ ରାଗେ ଗାଇ ।
ଓଁକାର ଆଦି ଗାୟତ୍ରୀ ସାବିତ୍ରୀ ପଢ଼ଇ ॥
ସୀତା ଶ୍ରବଣେ ଶୁଣି ସୁସ୍ୱର ବେଦଧ୍ୱନି ।
ବିଚାରନ୍ତି କାହୁଁ ଯେ ଅଇଲେ ମହାମୁନି ॥
ଶ୍ରୀରାମଚନ୍ଦ୍ର ନାହାନ୍ତି କେ କରିବ ପୂଜା ।
ଏମନ୍ତ ବିଚାରିଣ ସେ ଅବନୀତନୁଜା ॥
ସମସ୍ୟା ନ କରି ଭିତରକୁ ଉଠିଗଲେ ।
ଦୋହରି ଅଗ୍ନିଭିତରେ ଯାଇଁଣ ପଶିଲେ ॥
ଏହାର ଗୃହରେ କି ମନୁଷ୍ୟ କେହି ନାହିଁ ।
ଏମନ୍ତ ବୋଲି କହନ୍ତେ ମାୟାଳଙ୍କସାଇଁ ॥
ଶୁଣି ସୀତା ମଢିଆଦ୍ୱାରେଣ ଉଭା ହୋଇ ।
ଲାଜରେ ସେ ସତୀ ଆଢ଼ ଉହାଡ଼ରେ ରହି ॥
ସଧୀରେ ବୋଇଲେ ତୁମ୍ଭେ କେଉଁ ଦେଶ ଯତି ।
ରାବଣ ବୋଇଲା ମୁହିଁ ପୁଲସ୍ତିର ନାତି ॥
ନିକଟରେ ଯହୁଁ ମୁଁ ଦେଖିଲି ତୁମ୍ଭ ମଠ ।
ଇଚ୍ଛା ବଳିଲା ଅଇଲି ତୁମ୍ଭର ନିକଟ ॥
ତେଣୁ କିଛି ପ୍ରାର୍ଥନା କରଇ ତୋତେ ମୁହିଁ ।
ମୋ ଘରେ ସ୍ୱାମୀ ନାହାନ୍ତି ବୋଲେ ବଇଦେହୀ
ମୃଗ ମାରି ଆଣିବାକୁ ଗଲେ ବେନିଭ୍ରାତ ।
ଥିଲେ ତୁମ୍ଭଙ୍କୁ କରନ୍ତେ ବହୁ ପୁରୁଷାର୍ଥ ॥

ରାବଣ ବୋଇଲା ତୁମ୍ଭେ କେବଣ ଦେଶର ।
କିମର୍ଥେ ଏ ବନେ ରହିଅଛ କରି ଘର ॥
ରାବଣ କହନ୍ତେ ସତୀ କହନ୍ତି ବଚନ ।
ଏ ମୋହର କଥା ତୁମ୍ଭେ ଶୁଣ ତପୀଜନ ॥
ଅଯୋଧ୍ୟାଦେଶରେ ଦଶରଥ ଯେ ନୃପତି ।
ତାହାଙ୍କର ପୁତ୍ର ନାମ ରାମ ମହାମତି ॥
କନିଷ୍ଠ ଲକ୍ଷ୍ମଣ ଭରତ ଶତ୍ରୁଘ୍ନ ଏ ତିନି ।
ତିନି ମାତାଠାରୁ ଚାରିଗୋଟି ପୁତ୍ର ଜନ୍ମି ॥
ଶ୍ରୀରାମଙ୍କ ଜନନୀ ଯେ କଉଶଲ୍ୟା ରାଣୀ ।
କୈକେୟୀ ଦେବୀଙ୍କ ପୁତ୍ର ଭରତ ନୃପମଣି ॥
ସୁମିତ୍ରାନନ୍ଦନ ଯେ ଲକ୍ଷ୍ମଣ ଶତ୍ରୁଘନ ।
ଋଷ୍ୟଶୃଙ୍ଗଙ୍କ ଚରୁରୁ ହୋଇଲେ ଏ ଜନ୍ମ ॥
ଶ୍ରୀରାମଙ୍କୁ ଆସି ବିଶ୍ୱାମିତ୍ର ଘେନଗଲେ ।
ବାରବରଷରେ ରାମ ତାଡ଼କା ବଧିଲେ ॥
ଅସୁରଙ୍କୁ ବିନାଶିଣ ରଖିଲେକ ଯଜ୍ଞ ।
ଦେବତାମାନଙ୍କୁ ଭୁଞ୍ଜାବନ୍ତି ହବିର୍ଭାଗ ॥
ବିପୁଳ ବନରେ ଗଉତମଙ୍କର ନାରୀ ।
ପତିଶାପରେ ଥିଲେ ପାଷାଣ ରୂପ ଧରି ॥
ରାମଚନ୍ଦ୍ରପାଦ ଲାଗି ନିଜ ଦେହ ପାଇ ।
ତହୁଁ ଦାଶରଥି ଯେ ମିଥିଲାପୁର ଯାଇ ॥
ଶିବଧନୁ ମୋର ପିତା ଯହିଁ ଥୋଇଥିଲେ ।
ହେଲେଣ ଦାଶରଥି ଯେ ତାହା ଆମ୍ପୁଣ୍ଟିଲେ ॥
ମୋତେ ବିଭା ହୋଇଣ ସେ ଅଯୋଧ୍ୟା ଆଇଲେ ।
ବାଟେ ଯାନ୍ତେ ପର୍ଶୁରାମ ଦର୍ପ ଚୂର୍ଣ୍ଣି କଲେ ॥
ନିଜପୁରେ ପ୍ରବେଶିଣ ଥିଲେ କେତେ କାଳ ।
ଦିନେ ବିଚାରିଲେ ଦଶରଥ ମହୀପାଳ ॥
ରାମଙ୍କୁ ରାଜା କରିବେ ବୋଲି ମନେ କଲେ ।
ଅଭିଷେକ ଯୋଗାଡ଼ ସମସ୍ତ ଭିଆଇଲେ ॥
ରାତ୍ରି ପାହିଲେ ହୁଅନ୍ତେ ରାଜା ମୋର ନାହା ।
ରାତ୍ରେ ନୃପତିଙ୍କି ସତ୍ୟ କରାଇ କୈକୟୀ ॥
ଶ୍ରୀରାମ ଯେ ଚଉଦ ବରଷ ବନ ଯାଉ ।
ତେଣୁ ବନକୁ ଆଇଲେ ରାମ ମହାବାହୁ ॥
ସଙ୍ଗତରେ ଅନୁଜ ଲକ୍ଷ୍ମଣଙ୍କୁ ଆଣିଲେ ।
ମୋତେ ଘେନିଣ ସେ ବନ ମଧ୍ୟକୁ ଆଇଲେ ॥

ଆସିବାର ବେଳେ ତାଙ୍କୁ ଅଠର ବରଷ ।
ଆଜକୁ ଶ୍ରୀରାମଙ୍କୁ ଯେ ବୟସ ତରୁଣ ॥
ଦଶ ବରଷ ବପିନେ ବନବାସ କଲୁଁ ।
ତିନି ବରଷ ହେଲା ଏ ବନସ୍ତେ ରହିଲୁଁ ॥
ଆମ୍ଭେ ତ ଅଇଲୁଁ ତେଣେ ଦଶରଥ ମଲେ ।
ବାହୁଡ଼ାଇ ନେବାକୁ ଭରତ ଆସିଥିଲେ ॥
ଚିତ୍ରକୂଟ ପର୍ବତରେ ମିଳିଲେକ ଆସି ।
ଅନେକ ମତେ ବଚନ କହିଲେ ବଣ୍ଧାସି ॥
ଭ୍ରାତହାତେ ରାମ ଯେ ପାଦୁକା ଦୁଇ ଦେଲେ ।
ଅନେକ ପ୍ରବୋଧି ଭରତଙ୍କୁ ବିଦାକଲେ ॥
ତାହା ଯେବେ ଅଯୋଧ୍ୟାରେ ରାଜା ହୋଏ ଭ୍ରାତ ।
ଏ ବଚନ ଶୁଣିଣ ବୋଇଲା ଦଶମାଥ ॥
ତୋର ପତି ଏବେତ କାହିଁକି ଯାଇଅଛି ।
ରାବଣ ବୋଲ ଶୁଣିଣ ବୋଲନ୍ତି ମୃଗାକ୍ଷୀ ॥
ଅପୂର୍ବ କନକମୃଗ ଅଇଲାକ ଚରି ।
ଅଦ୍ଭୁତ ହୋଇଣ ଯେ ବାଣୀ ଏକ ସ୍ଫୁରି ॥
ବେଗେ ଚଳି ଗଲେ ଲକ୍ଷ୍ମଣ ଯେ ତାହା ଶୁଣି ।
ଏ କଥାକୁ ଆମ୍ଭର ଯେ ବହୁତ ଭାଳେଣି ॥
ମୁହିଁ ଏହି ମଢ଼ିଆରେ ଅଛଇ ଏକଲା ।
ସ୍ୱାମୀ ମୋହର ନାହାନ୍ତି ସ୍ୱଅର୍ଥ ହୋଇଲା ॥
ତୁମ୍ଭେ ମୁନି ଏବେ ଯେ ଅଇଲ ଅଭ୍ୟାଗତ ।
କ୍ଷଣେ ମାତ୍ର ବିଶ୍ରାମିଣ ଥାଅ ତପୋବନ୍ତ ॥
ଶ୍ରୀରାମ ଅଇଲେ ଯେ କରିବେ ତୋତେ ପୂଜା ।
ଦଣ୍ଡେ ମାତ୍ର ରହି ମୁନି ବାହୁଡ଼ିଣ ନ ଯା ॥
ଲକ୍ଷ୍ମଣ ସହିତେ ସେ ଆସିବେ ବେନିଭାଇ ।
ଆରାଧନା କରିବେ ସେ ତୋତେ ସୁଖ ପାଇ ॥
ଯେଉଁ ଯେଉଁ କଥାମାନ କହେ ମହାସତୀ ।
ସେମାନ ସମସ୍ତ ନ ଶୁଣଇ ଲଙ୍କପତି ॥
ମନରେ ବିଚାରଇ କେମନ୍ତେ ନେବି ଏହା ।
ନପୁଣ ଆସି ମିଳଇ ଏହାର ଯେ ନାହା ॥
ଛନ ଛନ ଚତ୍ ଯେ ବିକୃତ ତାର ମତି ।
ଦେଖି ପଚାରନ୍ତି ଯେ ଜନକସୁତା ସତୀ ॥
ହେ ମୁନି ମୋହର ତୁମ୍ଭେ ପୁଚ୍ଛିଲ କୁଶଳ ।
ସୂର୍ଯ୍ୟବଂଶ ଭୂଆଷୁଣୀ ରାମ ମୋର ବର ॥

ତୁମ୍ଭେ କେବଣ କାରଣେ ଆସିଅଛ ଏଥି ।
କେବଣ କୁଳେ ଜାତ କେବଣ ତୋର ଜାତି ॥
କହ ମୋର ଆଗେ ମୁହିଁ ପ୍ରତେ ଯେହ୍ନେ ଯାଇଁ ।
ସୀତା ବୋଲ ଶୁଣିଣ ବୋଲଇ ଲଙ୍କସାଇଁ ॥
ଶୁଣ ଶୁଣ ଜାନକୀ ଗୋ ମୋହର ମହିମା ।
ପିତାଅଜା ମୋହର ଅଟନ୍ତି ବେଦବ୍ରହ୍ମା ॥
ମୁହିଁତ ରାବଣ ଲଙ୍କାର ଯେ ଅଧିପତି ।
ତ୍ରଇଲୋକ୍ୟରେ ବିଖ୍ୟାତ ମୋହର କୀରତି ॥
ବିଶ୍ରବା ମହର୍ଷି ଯେ ମୋର ଅଟେ ପିତା ।
ନଉକେଶୀ ରାକ୍ଷସୁଣୀ ଗର୍ଭଧାରୀ ମାତା ॥
କୁବେର ମୋହର ଯେ ଅଟଇ ଜ୍ୟେଷ୍ଠଭାଇ ।
କୁମ୍ଭକର୍ଣ୍ଣ ନାମେଣ ଯେ ଅନୁଜ ଅଛଇ ॥
ଛପନଗଣ୍ଡା ଯୁଗକୁ ମୋତେ ପୃଥ୍ୱୀ ଭୋଗ ।
ବ୍ରହ୍ମାର ବଚନେ ଅଛି ଏସନେକ ଯୋଗ ॥
ଆଜକୁ ବୟସ ମୋତେ ଶୁଣ ଆଗୋ ସୀତେ ।
ଷାଠିଏ କୋଟି ତିରଣ ସହସ୍ର ଅୟୁତେ ॥
ଏତେ ବରଷ ହେଲା ମୁଁ ଅଛି ଦେହ ଘେନ ।
ଭୁଜବଳେ ସାଧିଲି ମୁଁ ସମସ୍ତ ମେଦିନୀ ॥
ମୋତେ ପ୍ରୀତିରେ ଗୋ ବୋଧ ମାଗୁ ନାହିଁ ଆନ ।
ମୁହିଁ ସୁନ୍ଦର ପୁରୁଷ ଅଟେ ଦଶାନନ ॥
ଏଣୁ ମୁଁ ବୟସାଧିକ ହେଲି ରାମାବର ।
ସପତପୁର ଆବର ସପତସାଗର ॥
ମୋହର ଭୟେ କମ୍ପଇ ସକଳ ଜଗତ ।
ତୁ ଗୋ ଏଥେ ଥିବାର ମୁଁ ପାଇଲି ବାରତ ॥
ତେଣୁ କରି ଏଥକୁ ମୁଁ ଅଇଲି ଗୋ ସୀତା ।
ମୋହର ରାଣୀ ହୋଇ ଗୋ ହୁଅ ଜଗନ୍ମିତା ॥
ମୋହର ଭାରିଯା ହୁଅ ତୁ ଗୋ ବଇଦେହୀ ।
ମୋତେ ଘେନ ଘର କରି ହୁଅ ମହାଦେଈ ॥
ଦେହ ସାଦୃଶ୍ୟେଣ ତୋତେ ଅଲଙ୍କାର ଦେବି ।
ବିବିଧ ଭୋଗମାନ ଯେ ଯୋଗାଉଣ ଥିବି ॥
ମନ୍ଦୋଦରୀ ମୂଳେ ଯେ ଅନେକ ନାରୀ ଛନ୍ତି ।
ସମସ୍ତେ ସେବା କରିବେ ଆଗୋ ରୂପବତି ॥
ଏ ମୋହର ବଚନ ତୁ ନ କରସି ଆନ ।
ମୋତେ ଚିନ୍ତା ହେଲା ସଖି ପୀଡ଼ିଲା ମଦନ ॥

ଏ ତୋହର ଶରୀର ମୋହର ଦେହେ ଲାଗୁ ।
ଏ ବିରହତାପ ସଖି ତୋର ହେଉ ଭଙ୍ଗ ॥
ଶ୍ରୀରାମ ଯେ ପତିପଣେ ନ ଯୋଗାଇ ତୋତେ ।
ଅଳପ ଆୟୁଷ ତାର ଅଛଇ ଯୁଗତେ ॥
ମୁହିଁ ଏହି ତ୍ରୈଲୋକ୍ୟରେ ନୃପତି ଅଟଇ ।
ଏ ତୋର ରୂପକୁ ପତିପଣେ ମୁଁ ଖଟଇ ॥
ଶୁଣିଣ ଜାନକୀର ଯେ କମ୍ପଇ ଶରୀର ।
ରାଗେଣ ସର୍ବାଙ୍ଗଯାକ ହୁଏ ଥରହର ॥
କପାଳେ କର ମାରିଣ କହନ୍ତି ବଚନ ।
ଅବାଚ୍ୟ କଥାମାନ ତୁ କହୁ ଦଶାନନ ॥
ଶ୍ରୀରାମଙ୍କ ରୂପକୁ ତୁ ଅଟୁ କୀଟ ପୋକ ।
ଶ୍ରୀରାମଚନ୍ଦ୍ର କୋପିଲେ ନ ରହେ ତ୍ରୈଲୋକ୍ୟ ॥
ସିଂହର ଘରଣୀ କି ଶୃଗାଳ ପାରେ ହରି ।
ଏ କଥାତ ବିଚାରି ନ କରୁ ଦଶଶିରି ॥
ବଡ଼ହିଁ ଗରିଷ୍ଠ କ୍ଷତ୍ରି ତୁ ହୋଇ ବୀର ଅଟୁ ।
ତ୍ରୈଲୋକ୍ୟହିଁ ଜିଣିଲୁ ଶ୍ରୀରାମଙ୍କୁ ନ ଖଟୁ ॥
ଏଣେ ତୋହର ସମ୍ପତ୍ତି ଅଟଇ ଅପାର ।
ଶଚୀ ହରିପାରୁ କି ଦେଖିଲେ ବଜ୍ରଧର ॥
ଅଗ୍ନିଶିଖା ଧରିପାରୁ କି ନା ବଜ୍ର କରେ ।
ଉମା ନେଇ ପାରୁ କି ଦେଖିଲେ ଶୂଳଧରେ ॥
ଶ୍ରୀରାମ ଥାନ୍ତେ କି ମୋତେ ପାରୁ ତୁହି ହରି ।
କାଳଗରଳ ଖାଇଲେ ପାଇବୁ କି ତରି ॥
ଶ୍ରୀରାମର କୋପ ଯେ ପ୍ରଳୟ ଅଗ୍ନି ଜାଣି ।
ତହିଁ କେମନ୍ତେ ପଶି ତରିବୁ ବିଂଶପାଣି ॥
ଶ୍ରୀରାମର ମହିମା ଅଗାଧ ସିନ୍ଧୁଜଳ ।
ତହିଁ ପଶିଲେ କି ପାଇବୁ ତୁ ଥଳ କୂଳ ॥
ରାଘବ ପବନଟି ବହଇ ଅତିଖର ।
ଧୂଳପ୍ରାୟେ ତୁହି ଉଡ଼ିଯିବୁ ଦଶଶିର ॥
ଭଲେଣ ପଳାଅ ତୁହି କ୍ଷଣେହେଁ ନ ରହି ।
ଲକ୍ଷ୍ମଣ ନାରାଚେ ତଡ଼ିଯିବ ତୋର ଦେହି ॥
ଶ୍ରୀରାମ ଦୟାଳୁ ନୀରେଖକୁ ନ ମାରଇ ।
ଲକ୍ଷ୍ମଣ ବୀର ଯେ ଉପରୋଧ ନ କରଇ ॥
ପ୍ରାଣ ଘେନି ଏଥୁ ଯାଅ ତୁହି ଯେ ପଳାଇ ।
ପୂର୍ବେଣ ଶାପ ଯେ ତୋତେ ଅଛି ଲଙ୍କସାଇଁ ॥

ଦେବ ମାନବ ରାକ୍ଷସ ଯକ୍ଷ ବିଦ୍ୟାଧର ।
ପିଶାଚ ଉରଗ ଆଦି ଯେତେକ କିନ୍ନର ॥
ଏହାଙ୍କର ସଙ୍ଗରେ ସମର କଲେ କ୍ଷଣୁ ।
ମନୁଷ୍ୟ ରୂପେଣ ରାମ ଜନମିଲେ ତେଣୁ ॥
ରାଘବଙ୍କ ସଙ୍ଗତେ ନୁହସି ଖଡ଼ିଆଳ ।
ଦଶଦଗେ ହୋଇବ ତୋ ଦଶମୁଣ୍ଡ ବଳୀ ॥
ଆଉ କ୍ଷଣେମାତ୍ର ଏଥେ ଯେବେ ରହିଥିବୁ ।
ଏହିକ୍ଷଣି ତୋହର ପ୍ରାଣକୁ ହରାଇବୁ ॥
କୋପେଣ ରାବଣ ଯେ କହିଲା କଟୁବାଣୀ ।
ଏ ମୋହର ମହିମା ନାହିଁକି ତୁହି ଶୁଣି ॥
କୈଳାସ କନ୍ଦର ତୋଳିଲି ବାମକରେ ।
ତ୍ରିଦଶ ଦେବତାଙ୍କୁ ମୁଁ ଜିଣିଲି ସମରେ ॥
ପାତାଳେ ନାଗଲୋକଙ୍କୁ ଜିଣିଲଇଁ ମୁହିଁ ।
ତ୍ରିପୁରେ କେହି ମୋତେ ସରିସମ ନାହିଁ ॥
ଶ୍ରୀରାମ ଉପରବଂଶେ ଅନରଣ୍ୟ ରାୟେ ।
ସେ ମୋର ସଙ୍ଗତେ ରଣ କଲାକ ସମୟେ ॥
ଏକ ଚାପୋଡ଼କେ ତାର ପ୍ରାଣ କ୍ଷୟ କଲି ।
ପୃଥ୍ୱୀର ସମ୍ପଦ ଲଙ୍କାଗଡ଼ରେ ଥୋଇଲି ॥
ଏ ରାମ ନିର୍ବଳ ଯେଣୁ ବନକୁ ଅଇଲା ।
ବଳୀଆରପଣେ ଭରତ ନୃପତି ହୋଇଲା ॥
ମନ୍ତ୍ରୀ ଅମାତ୍ୟେ ଯେ ପୁଣ ନ ପୁଚ୍ଛିଲେ ଏହା ।
ଅଧର୍ମୀପଣ ହୋଇ ବୁଲଇ ତୋ ନାହା ॥
କେବଣହିଁ ଦେଶରେତ ଅଛ ଏହା ଶୁଣି ।
ଜ୍ୟେଷ୍ଠ ଥାଉଁ କନିଷ୍ଠ ହୋଇଛି ନୃପମଣି ॥
ପିତା ମାତା ବର୍ତ୍ତିର ବାହାର କରି ଦେଲେ ।
ଦେଶ କଟକ ସୀମାରେ ତାକୁ ନ ଥୋଇଲେ ॥
ପଶୁଜନଙ୍କ ପରାୟେ ବନରେ ବୁଲଇ ।
ତୋର ପ୍ରାୟେ ଯୁବତୀକି ଏ କଷ୍ଟ ଦିଅଇ ॥
ମୁହିଁ ଯେ ବୀରମର୍ଦ୍ଦନ ଲଙ୍କା ନୃପନାଥ ।
ଆସ ଆସ ସୁନ୍ଦରି ରେ ଧର ମୋର ହାତ ॥
ତୋର କର ଛୁଇଁଲେ ପାଇବି ବହୁସୁଖ ।
ଶୁଣିଣ ଜାନକୀ ଯେ ହୋଇଲେ କୋପମୁଖ ॥
ବୋଲନ୍ତି ଶୃଗାଳ ରେ ତୁ କପାଁଇ ଅଇଲୁ ।
ପୁରୁଷ ନାହିଁ ମୋହର ଘରେ ତୁ ପଶିଲୁ ॥

ଅସଂସ୍କାର ବଚନ କହିଲୁ ବହୁ ମୋତେ ।
ଆଜ ରାମଚନ୍ଦ୍ର ବାଣେ ମରିବୁ ନିଶ୍ଚିତେ ॥
ଶ୍ରୀରାମ ସିଂହ ଯେ ତୁହି ଅଟୁ ମତ୍ତହସ୍ତୀ ।
ନାରାଚମୁନରେ ବିଦାରିବେ ଦାଶରଥି ॥
ପ୍ରାଣ ଘେନି ପଳା ଯା ମରିବୁ ଏହିକ୍ଷଣ ।
ଦେଖିଲେ ମୁଣ୍ଡ ତୋହର କାଟିବେ ଲକ୍ଷ୍ମଣ ॥
ଦେବାସୁର ଜିଣି ପାରନ୍ତି ସେ ବେନିଭାଇ ।
କିପାଇଁ ତୁ ଧାରଣା ବସିଲୁ ପ୍ରାଣ ଦେଇ ॥
ଖର ଦୂଷଣ ତ୍ରିଶିରା ଯେତେ ତୋର ଥିଲେ ।
ଚଉଦସହସ୍ର ବଳ ଶ୍ରୀରାମ ମାଇଲେ ॥
ଲକ୍ଷ୍ମଣ ନାମେଣ ଯେ ଶ୍ରୀରାମ ସାନ ଭ୍ରାତ ।
ସୂର୍ପଣଖାର ନାସା ଶ୍ରବଣ କଲେ ହତ ॥
ଏତେ ସୁଖ ତୁହି ଯେ ନ ଛାଡ଼ ଦଶମାଥ ।
ଏତେ ଭରସାରେ ତୁ କହିଲୁ କେଉଁ ମତ ॥
ଯା ଯା ଶୃଗାଳ ରେ ତୋର ମୁଖ ଯେ ନ ଚାହିଁ ।
ଅନେକ ଭର୍ତ୍ସନା ଯେ ବୋଇଲେ ବଇଦେହୀ ।
ଶୁଣିଣ ରାବଣ ଯେ ଉଠିଲା କୋପକରି ।
ବୋଇଲାକ ଆଜ ରାମ ରଖୁ ତାର ନାରୀ ॥
ବାମ ଭୁଜ ସୀତାର ଡାହାଣ ଭୁଜେ ଧରି ।
ବିକଳେ ଜାନକୀ ଯେ ରୋଦନ ଉଚ୍ଛେ କରି ॥
ମଢ଼ିଆରୁ ବାହାରି ରଥରେ ବସାଇଲା ।
ଶ୍ରୀରାମ ନାମ ଧରି ଜାନକୀ ରାବ ଦେଲା ॥

( 2 )

### ଶବରଣୀର ଶ୍ରୀରାମ-ଦର୍ଶନ

ଯୋଜନ ପରିଯନ୍ତେ ଦକ୍ଷିଣମୁଖେ ଗଲେ ।
ଶବର ଶବରଣୀଙ୍କ ବାଟରେ ଦେଖିଲେ ॥
ଯାହା ସେ କବନ୍ଧ କହିଥିଲା ରୂପଗୁଣ ।
ଦେଖିଲେ ପ୍ରତ୍ୟକ୍ଷେ ତାହା ରଘୁକୁଳରାଣ ॥
ଶବର ଶ୍ରୀରାମଙ୍କୁ ବହୁତ ପୂଜା କଲା ।
ତାହାଙ୍କ କୁଳଗୋତ୍ରହିଁ ନାମ ପଚାରିଲା ॥
ରାମ ବୋଇଲେ ଅଯୋଧ୍ୟା ଦଶରଥସୁତ ।
ଆବର କଉଶଲ୍ୟା ଅଟନ୍ତି ମୋର ମାତ ॥

ଅନୁଜ ଲକ୍ଷ୍ମଣ ମୋର ସୁମିତ୍ରାଙ୍କ ଶିଷ ।
ପିତାଙ୍କର ଆଜ୍ଞାରେ ମୁଁ କଲି ବନବାସ ॥
ଗୋଦାବରୀକୂଳରେ ଘରଣୀ ହରାଇଲି ।
ତାହାଙ୍କୁ ମୁଁ ଏଥିକୁ ଯେ ଲୋଡ଼ିଣ ଅଇଲି ॥
ଶୁଣି ଶବରଣୀ ଯେ ବହୁତ ପୂଜା କଲା ।
ଶ୍ରୀରାମ ଲକ୍ଷ୍ମଣଙ୍କୁ ଘରକୁ ଘେନିଗଲା ॥
କମଣ୍ଡଲେ ଜଳ ଘେନି ଚରଣ ଧୋଇଲା ।
କୃଷ୍ଣାଜିନ ଛାଲି ଆଣି ଆସନ ସେ ଦେଲା ॥
ଶବରୀ ବୋଇଲା ତୁମ୍ଭେ ଶୁଣ ରଘୁନାଥ ।
ସଞ୍ଚି ମୁଁ ଅଛଇ ସ୍ୱାଦୁ ସୁପକ୍ୱପଦାର୍ଥ ॥
ତୋହର ଆସିବାକୁ ଅଛଇ ବାଟଚାହିଁ ।
ଇନ୍ଦ୍ରଦେବତା ମୋତେ ପଠିଆଇଲେ କହି ॥
ତେଣୁ କରି ଫଳ ମୂଳ ଅଛି ମୁହିଁ ସଞ୍ଚି ।
ତୁ ତାହାକୁ ମଣୋହି କର ହେ ରଘୁବଂଶୀ ॥
ଏହା କହି ଶବରୀ ଯେ ଛାମୁରେ ରଖିଲେ ।
ଦେଖିଣ ରଘୁନାଥ ଶବରୀକି ପୁଚ୍ଛିଲେ ॥
ଦନ୍ତମୁଦ୍ରାମାନତ ଏଥିରେ ଅଛି ବସି ।
ଭଲା ସଞ୍ଚିଅଛ ବେଲ ଜାଣିଣ ପ୍ରଶଂସି ॥
ଆଣ ଆଣ ସୁନ୍ଦରି ରେ ଫଳକୁ ତୋହର ।
ତୋହି ଯୋଗୁଁ ଉଦର ସନ୍ତୋଷ ହେଉ ମୋର ॥
ବେଗ ବେଗ ଶବରଣୀ ପରଷଇ ଆଣି ।
ଆନନ୍ଦେଣ ମଣୋହି କରନ୍ତି ରଘୁମଣି ॥
ଭୁଞ୍ଜିଣ ସନ୍ତୋଷ ଯେ ହୋଇଲେ ଚାପଧାରୀ ।
ପୁଣିହିଁ ଆମ୍ବ ଆଣିଣ ଦେଲାକ ଶବରୀ ॥
କରେ ଧରି ରାମଚନ୍ଦ୍ର ତଳେ ପକାଇଲେ ।
ଦନ୍ତମୁଦ୍ରା ନାହିଁ ଏଥି ବୋଲିଣ ବୋଇଲେ ॥
ଶରଣବତ୍ସଳ ଦାସଜନ ହିତକାରୀ ।
ଅପାର ମହିମା ଯାର କହିତ କେ ପାରି ॥
ସେ ଆମ୍ବ ଶବରଣୀ ଏମନ୍ତ ଭିଆଇଲା ।
ରାମ ଆସିବେ ବୋଲି ଯେ ବାରତା ପାଇଲା ॥
ଚୂତବନେ ପଶିଣ ସେ ସାଉଁଟଇ ଆମ୍ବ ।
ଦନ୍ତରେ ଚାପିଣ ଜାଣେ ଆମ୍ବିଲ ସୁଆଦ ॥
ମନ୍ଦକୁ ପକାଇ ଦେଇ ସାଇତଇ ଭଲ
ଏମନ୍ତ ଆଣି ସେ କରେ ସମସ୍ତଙ୍କୁ ଠୁଲ

ଅଜ୍ଞାନ ଲୋକ ଅଟଇ ସେହି ଶବରଣୀ ।
ଫୁଲାଏକ ଖାଇଣ ଯେ ଭଲ ମନ୍ଦ ଜାଣି ॥
ସ୍ୱାଦୁଫଳମାନ ଯେ ସମସ୍ତ ଠୁଲ କଲା ।
ସୁନ୍ଦର ଆମ୍ବଗୋଟି ନ ଚାଖିଣ ରଖିଲା ॥
ହୃଦପଦ୍ମ ମଧ୍ୟରେ ସେ କରଇ ବିଚାର ।
ଏ ଫଳକୁ ରଘୁନାଥ କରିବେ ଆହାର ॥
ଏତେ ବିଚାରଣ ତାକୁ ହୃଦରେ ଭରିଲା ।
ପରମପୁରୁଷ ତାହା ଭାବେ ଭୋଗ କଲା ॥
ଯେତେଗୋଟି ଆମ୍ବରେ ଥିଲାକ ଦନ୍ତଘାତ ।
ଭାବେଣ ଭୋଜନ ତାକୁ କଲେ ରଘୁନାଥ ॥
ସୁନ୍ଦର ଆମ୍ବକୁ ନେଇ ପଛେ ଯାହା ଦେଲେ ।
ଅମୁଦ୍ରା ବୋଲିଣ ତାହା ରାମ ନ ଭୁଞ୍ଜିଲେ ॥
ଶବରଣୀ କହୁଅଛି ବେନିକର ଯୋଡ଼ି ।
ହେ ରାମ ଏହାକୁ ଆଣିଲି ମୁଁ ଦୁଃଖେ ପଡ଼ି ॥
ଭଲ ଆମ୍ବ ଗୋଟିତ ଲେଛିଲ କିସପାଇଁ ।
ଶବରୀ ବୋଲ ଶୁଣି ବୋଇଲେ ରଘୁସାଇଁ ॥
ଭଲ ବୋଲି ତାହାକୁ ତୁ କେମନ୍ତେ ଜାଣିଲୁ ।
ଯେବେ ଭଲ ଦନ୍ତ ମୁଦ୍ରା କିପାଇଁ ନ ଦେଲୁ ॥
ଅମୁଦ୍ରା ପଦାର୍ଥ ଯେ ଭୁଞ୍ଜିବା ନ ଯୋଗାଇ ।
ଭୁଞ୍ଜିଲେଣ ଅବଶ୍ୟତ ବିରୋଧ ପଡ଼ଇ ॥
ଯେତୋଟି ଆମ୍ବରେ ତୋର ଦନ୍ତମୁଦ୍ରା ଥିଲା ।
ସେ ଆମ୍ବ ମୋତେ ଶବରୀ ଭଲ ଯୋଗାଇଲା ॥
ଅମୁଦ୍ରା ପଦାର୍ଥ ମୁହିଁ ନ କରଇ ଗ୍ରାସ ।
ଏତେବୋଲି ଆସନୁ ଉଠିଲେ ରଘୁଶିଷ୍ୟ ॥
ଲକ୍ଷ୍ମଣହିଁ ସୁପକ୍ୱ ପଦାର୍ଥ ଭୋଗ କଲେ ।
ଭୋଜନ ସାରିଣ ଦୁହେଁ ଆଚମନ କଲେ ॥
ମୃଗଛାଲେ ବସାଇ ବୋଇଲା ତୁମ୍ଭେ ଶୁଣ ।
ଦୟା ମୋତେ କର ଆହେ ପ୍ରଭୁ ନାରାୟଣ ॥
ତୁହି ରାମ ପରଂବ୍ରହ୍ମ ଶଙ୍ଖଚକ୍ରଧାରୀ ।
ଅବତାର ହୋଇଛୁ ଅସୁର ବଳ ମାରି ॥
ମୁନିମାନେ ମୋତେତ ଅଛନ୍ତି ଯାହା କହି ।
ତୋ ପଦ୍ମପାଦ ସେବିଣ ଉଦ୍ଧାର ହେବଇଁ ॥

ଶ୍ରୀରାମ ବୋଲନ୍ତି ମୁନିମାନେ କାହିଁ ଛନ୍ତି ।
ଶବରଣୀ କହେ ତୁମ୍ଭେ ଶୁଣ ରଘୁପତି ॥
ତପର ବଳରେ ସେହି ସ୍ୱର୍ଗପୁର ଗଲେ ।
ଯିବା ବେଳରେ ସେ ମୋତେ ଏମନ୍ତ ବୋଇଲେ ॥

( ୨ )

ଶ୍ରୀରାମଙ୍କର କ୍ଷୀର-ପାନ

ତେଣୁ ପ୍ରଭୁ ରଘୁନାଥ ବୁଲନ୍ତି ବନସ୍ତେ ।
ବନଘୋର ଲତା ବୃକ୍ଷ ଦୁର୍ଗମ ପର୍ବତେ ॥
ପମ୍ପାସରୋବର କୂଳେ ଯାଇଣ ମିଳନ୍ତି ।
ପଶ୍ଚିମ ଦେଶକୁ ରାମ ପଥ ବହିଯାନ୍ତି ॥
ଶ୍ରୀରାମ ବୋଇଲେ ବାବୁ ଶୁଣ ସଉମିତ୍ରି ।
ଭୋକେ ଶରୀର ବିଭ୍ରମ ବିଚଳିତ ମତି ॥
ଅନ୍ନଖାଇଲେ ଯେ ସ୍ଥିର ହୋଏ ସିନା କାୟେ ।
ନୋହିଲେ ଏ ଜୀବନକୁ ନାହିଁ ନା ଉପାୟେ ॥
ସୀତା ହଜିଲା ଦିନୁ ଆହାର ମୋର ନାହିଁ ।
ଶବରୀ ଦେଲାକ ଆମ୍ବ ବେଳେ ଅଛୁ ଖାଇ ॥
ଶ୍ରୀରାମ ବୋଲନ୍ତି ଆରେ ଶୁଣ ସଉମିତ୍ରି ।
ଅନ୍ନମୟ ପିଣ୍ଡକୁ ଯେ ଧରଇ ଧରିତ୍ରୀ ॥
ପୂର୍ବରୁ ଯଦ୍ୟପି ଆମ୍ଭେ ଅନ୍ନ ଦେଇଥାନ୍ତୁ ।
ତେବେ ସିନା ଭାଇ ଆରେ ଅନ୍ନ ଏବେ ପାନ୍ତୁ ॥
ଯେ ଯାହାକୁ ପ୍ରାପତ ଯେ ସେହି ତାହା ଖାଇ ।
ପୂର୍ବେ ଯାହା ଦେଇଥାଇ ତାହା ଏବେ ପାଇ ॥
ଆମ୍ଭେ ଭୋକଲେ ଯେ କାହୁଁ ପାଇବାକ ଭାତ ।
ଏତେ ବୋଲି ବିସ୍ମୟ ହୋଇଲେ ରଘୁନାଥ ॥
ଥୋକାଏକ ଦୂରେ ଯାଇଁ ଗୋଷ୍ଠେକ ଯେ ଦେଖି ।
ଶ୍ରୀରାମର ନିର୍ମଳ ହୋଇଲା ବେନିଅଖି ॥
ଲକ୍ଷ୍ମଣକୁ ବୋଇଲେ ଯେ ଆସ ଆରେ ଭାଇ ।
ଗୋଗୋଷ୍ଠକୁ ଯିବା ଚାଲ ଦୁଧ ମାଗି ଖାଇ ॥
ଏତେ ବିଚାରିଣ ଯେ ଗଲେକ ଭାଇ ବେନି ।
ମାଗି ନ ପାରନ୍ତି କ୍ଷୀର ଲଜ୍ଜାଭାବ ଘେନି ॥
ଲକ୍ଷ୍ମଣ ବୋଲନ୍ତି ଆମ୍ଭେ ଗୋପାଳଙ୍କୁ ମାରି ।
ସବୁ ଗୋରୁ ଆମ୍ଭେ ନେବା ଅବରଣ କରି ॥

ମୁହିଁ ଯେ ରଖିବ ଗୋରୁ କରିବ ଦୋହନ ।
ସୁଖେଣ ଗୋକ୍ଷୀର ଆମ୍ଭେ କରିବାକ ପାନ ॥
ବନେ ଥିବାଯାଏ ଏଥେ ଦୁଗ୍ଧ ଖାଉଥିବା ।
ଅଯୋଧ୍ୟାକୁ ଗଲେ ଯେ ବ୍ରାହ୍ମଣେ ଦାନ ଦେବା ॥
ଶ୍ରୀରାମ ବୋଇଲେ ମୋର ଏଣେ କାର୍ଯ୍ୟ ନାହିଁ ।
ଏତେ ଗୋରୁ ଆମ୍ଭେ ଦୁହେଁ ସମ୍ଭାଳିବା କାହିଁ ॥
ପରର ଆୟୁଷ ମୁହିଁ ହରିବଇଁ କେହ୍ନେ ।
ଅଦୋଷୀ ଲୋକଙ୍କୁ କପାଁ ମାରିବଇଁ ବନେ ।
ଗତ ଅର୍ଜ୍ଜିଲାର କର୍ମ ଭୁଞ୍ଜୁଅଛୁ ଏବେ ।
ଏ ଜନ୍ମେ ପାପ ସଞ୍ଚିବ ଆଗକୁ କି ଭାବେ ॥
ଏଡ଼େବଡ଼ପଣେ ମୋର ନାହିଁ ଏବେ କାର୍ଯ୍ୟ ।
ସୀତା ହରିନେଲା ବନୁ ବିଶ୍ରବାତନୁଜ ॥
ତାହାକୁତ କିଛି ମୁହିଁ ନ ପାରିଲି କରି ।
ଅଦୋଷୀ ଲୋକଙ୍କୁ କି ମୁଁ ଆସିଅଛୁ ମାରି ॥
କ୍ଷୁଧା ନିମନ୍ତେ ଯେ ତାଙ୍କୁ ମାଗିବାକୁ ପାଏ ।
ଦୟାବହି ଦେଲେ ଯେବେ ସୁସ୍ଥ କରି କାୟେ ॥
ବେଲକ ଆହାର କରି ଏଥୁ ଆମ୍ଭେ ଯିବା ।
ନ ଦେଲେ ସେ ସନ୍ତୋଷ ହୋଇଣ ବାହୁଡ଼ିବା ॥
ଏତେ ବୋଲି ରାମଚନ୍ଦ୍ର ମୁଦଗୋଟି କାଢ଼ି ।
ଗୋପାଳ ବୋଲି ଯେ ଡାକୁଛନ୍ତି ଗୋଷ୍ଠବେଢ଼ି ॥
ଆହେ ବରଜସୁତେ ଶୁଣିମା ଆମ୍ଭ ବାଣୀ ।
ଏ ମୁଦ ଅଟଇ ଯେ ଅମୂଲ୍ୟ ରତ୍ନମଣି ॥
ଏହା ଘେନି ଆମ୍ଭଙ୍କୁ ଯେ କିଛି ଦୁଧ ଦିଅ ।
କ୍ଷୁଧାରେ ଆତୁର ଆମ୍ଭ ବେନିଙ୍କର କାୟ ॥
ଗୋପାଳେ ଯେ ନ ଶୁଣନ୍ତି ଶ୍ରୀରାମଙ୍କ ରାବେ ।
କୋପେଣ ବଚନ କହୁଅଛନ୍ତି ରାଘବେ ॥
ଦୟାନିଧି ରାମଚନ୍ଦ୍ର କୋପ ନ କରନ୍ତି ।
ମଧୁରବଚନ କହୁଛନ୍ତି ରଘୁପତି ॥
ଏ ମଣିଗୋଟି ନେଇ ଆମ୍ଭଙ୍କୁ ଦିଅ କ୍ଷୀର ।
ତୁମ୍ଭର ପ୍ରସାଦେ ଦୁଇପ୍ରାଣୀ ହେଉଁ ସ୍ଥିର ॥
ଶୁଣିଣ ଉପହାସ ଯେ କରନ୍ତି ଗୋପାଳେ ।
କେବଣହିଁ ମଣି ସେ କେବଣ ଗଛେ ଫଳେ ॥
ଆମ୍ଭେ କପାଁ ତୁମ୍ଭଙ୍କୁ ମାଗଣା ଦୁଧ ଦେବୁଁ ।
ଏହାକୁ ବିକଣ ଆମ୍ଭେ କୁଟୁମ୍ବ ପୋଷିବୁଁ ॥

ଶୁଣିଣ ସଉମିତ୍ରି ଯେ କୋପମନ କଲେ ।
ତୁମ୍ଭ ଗାଈଦୁଧ ରକ୍ତ ହେଉ ଯେ ବୋଇଲେ ॥
ଲକ୍ଷ୍ମଣଙ୍କ ଶାପରେ ଯେ ହୋଇଲା ରୁଧିର ।
ଦୁହିଁବାର ଦୁଗ୍ଧ ସବୁ ରକ୍ତ ଭାର ଭାର ॥
ଦେଖିଣ ଗୋପାଳମାନେ ହୋଇଲେ ଚକିତ ।
ଗାଈଙ୍କର ଚରରୁ ଯେ ବାହାରିଲା ରକ୍ତ ॥
କେ ବୋଲଇ ଏବେତ କରିବା କିସ ବୁଦ୍ଧି ।
ଏତେବୋଲି ସମସ୍ତେ ଯେ ଧାଇଁଲେ ପ୍ରବୋଧି ॥
ଶ୍ରୀରାମଚନ୍ଦ୍ର-ଲକ୍ଷ୍ମଣ-ପାଦରେ ପଡ଼ନ୍ତି ।
ଅତିବିନୟି ହୋଇଣ ପାୟେ ପଡ଼ି ଶୋନ୍ତି ॥
ଆମ୍ଭେ ଗଉଡ଼ମାନେ ଯେ ବନସ୍ତରେ ଥାଉଁ ।
ଭଲ ମନ୍ଦ କଥାତ ଜାଣିବୁଁ ଆମ୍ଭେ କାହୁଁ ॥
କେଡ଼େ ଲୋକ ବୋଲି ଆମ୍ଭେ ନ ଜାଣୁ ଯେ ତାହା ।
ବେଲେ ରକ୍ଷାକର ହେ। କୋଦଣ୍ଡ ଚଉବାହା ॥
ଶୁଣିଣ ଶ୍ରୀରାମଚନ୍ଦ୍ର ହୋଇଲେ ସନ୍ତୋଷ ।
ବୋଇଲେକ କ୍ଷମାକଲୁଁ ତୁମ୍ଭର ଯେ ଦୋଷ ॥
ସ୍ୱାଦୁ ଦୁଗ୍ଧମାନ ଯେ ଦିଅନ୍ତୁ ତୁମ୍ଭ ଗାଈ ।
କ୍ଷୁଧାରେଣ ପୀଡ଼ା ଯେ ପାଇଲା ମୋର ଭାଇ ॥
ତେଣୁ ସେ କୋପ କରିଣ କହିଲେ ଏମନ୍ତ ।
ଯେଣୁ ବିନୟୀ ହୋଇଣ କହିଲ ଆମ୍ଭନ୍ତ ॥
ଦିଅନ୍ତୁ ଏବେ ସେ କ୍ଷୀର ହୁଅ ତୁମ୍ଭେ ସୁଖୀ ।
ଦୟାକଲୁ ମୁହିଁ ଯେ ତୁମ୍ଭର ଦୁଃଖଦେଖି ॥
କ୍ଷୁଧାର୍ତ୍ତୀ ହୋଇଣ ଯେ ମାଗିଲୁଁ ଆମ୍ଭେ ଦୁଧ ।
ତହିଁକି ଗଉଡ଼େ ତୁମ୍ଭେ କଲ ଯେ ବିରୋଧ ॥
ପ୍ରଥମ ବେଳେ ମାଗିଲୁଁ ଉପହାସ କଲ ।
କଳିଯୁଗେ ଭୁଞ୍ଜିବ ଏଥିର ତୁମ୍ଭେ ଫଳ ॥
ଗୋରସ ତୁମ୍ଭ ଘରଣୀ ବିଦେଶେ ବିକିବେ ।
ସମସ୍ତ ଗୋପାଳ ଖାଇ ନିଶ୍ଚିନ୍ତ ହୋଇବେ ॥
ଶୋକ ସନ୍ତାପ ତୁମ୍ଭଙ୍କୁ ନ କରିବେ କେହି ।
ରାଜାର ସେବକେ ବଳେ ସବୁନେବେ ବହି ॥
ଦୟା ନ ବସିବ ତାହାଙ୍କର ନିଜ ଅଙ୍ଗ ।
ତୁମ୍ଭ କଥାକୁ ସମସ୍ତେ ବୁଝିବେଟି ଖଙ୍ଗ ॥
ଏସନକ କଥାମାନ ଅବଶ୍ୟ ହୋଇବ ।
ଏ ଆମ୍ଭର ବଚନ ଯେ ନିଷ୍ଫଳ ନୋହିବ ॥

ଭାଗ୍ୟଥିଲା ଲୋକସିନା ପରକୁ ଦେଥିଇ ॥
ଅଭାଗ୍ୟବନ୍ତ ଲୋକ ଯେ ମାଗିବାକୁ ଯାଇ ।
ତୁମ୍ଭେ ଗଉଡ଼ମାନେ ଯେ ଅଟ ଭାଗ୍ୟବନ୍ତ ।
ଜାଣ ଦୁର୍ଭିକ୍ଷ କାଳ ନ ବାଧିବ ତୁମ୍ଭନ୍ତ ॥
ସାମାନ୍ୟ କର୍ମମାନ କ ବୋଲିବା ତୁମ୍ଭର ।
ଆମ୍ଭେ ମାଗୁଅଛୁଁ ସିନା ଅକର୍ମ ଆମ୍ଭର ॥
ଶୁଣିଣ ଗୋପାଳମାନେ ହେଲେ ତୋଷମତି ।
ଗାଈ ପାଞ୍ଚଗୋଟି ଯେ ଆଣିଲେ ରାମକତି ॥
ଶାଳପତ୍ର ଆଣିଣ ସିଇଁଲେ ଦୁଇ ଦନା ।
ଦୁଧ ଦେଇ ରାମଙ୍କୁ ଯେ କରନ୍ତି ପ୍ରାର୍ଥନା ॥
ହେ ରାମଚନ୍ଦ୍ର ଆମ୍ଭଙ୍କୁ ଦୟା କରିଥିବ ।
ଯାହା ସେ ବୋଇଲୁଁ ଆମ୍ଭେ ଦୋଷ ନ ଧରିବ ॥
ତୁମ୍ଭର ମୁଦ୍ରିକା ଆମ୍ଭେ କରିବୁଁ ଯେ କସ ।
ବନରେ ଥାଉଁ ଯେ ଆମ୍ଭ ଅପରରେ ଦେଶ ॥
ଭୁଞ୍ଜି ଶୀଘ୍ରେ ନଅ କନା ମଣି ଯେ ତୁମ୍ଭର ।
ଶୁଣିଣ ସନ୍ତୋଷ ଯେ ହୋଇଲେ ରଘୁବୀର ॥
ପମ୍ପାସରୋବର ଜଳେ ପଖାଳିଲେ ମୁଖ ।
ପୟଃପାନେ ବେନି ଭାଇ ହରିଲେ ଯେ ଭୋକ ॥
ଦକ୍ଷିଣଅଭିମୁଖେ ଯାନ୍ତେ ସେ ପଥବହି ।
ଗୋପାଳେ ଯେ ଗୋଡ଼ାଇଲେ କାର୍ପଣ୍ୟ ସେ ହୋଇ ॥

---

## କିଷ୍କିନ୍ଧ୍ୟାକାଣ୍ଡ

(1)

### ତାରାର ବାଳିପ୍ରତି ଯୁଦ୍ଧ-ନିଷେଧ

ଅନ୍ତଃପୁରେ ଥାଇଁ କରି ଶୁଣିଲାକ ବାଳି ।
ଘୃତକୁ ପାଇଲେ ଅଗ୍ନି ଯେସନେକ ଜଳି ॥
ତାରାକୁ ଘେନିଣ ସେ କରିଥିଲେ ଶୋଇଥିଲା ।
ଧଡ଼ ପଡ଼ ହୋଇ ରାୟେ ଉଠିଣ ବସିଲା ॥
ବସ୍ତ୍ର ଅସମ୍ଭାଳ ଯେ ପଲଙ୍କୁ ଯାଇ ଉଠି ।
ଆଗରେ ଯେ ଉଗାଳିଲା ତାରା ବରମୁଣ୍ଡୀ ॥

ଭୋ ନାଥ ଯେ ମୂର୍ଖ ବୁଦ୍ଧି ଜାଣି କ୍ଷମା କରୁ ।
କଥାର ଯେ ସନ୍ଧି ରାଜା ମନେ ନ ବିଚାରୁ ॥
ସହସ୍ରେ ବରଷ ପଳାଇଲା ସୁଗ୍ରୀବୀର ।
ଦୁଇ ଘାନ୍ତ ଆଇଲା ସେ ଆଜର ଭିତର ॥
ଇନ୍ଦ୍ର ଦେବତା ଯୁଝିବ ଯେବେ ତୋର ଗୁଲେ ।
ପ୍ରାଣହାରି ଥିବ ଯେ ତୋହର କୋପ କଲେ ॥
ସେ କଥା ପ୍ରତ୍ୟକ୍ଷେ ଜାଣଇ ଯେ ସୁଗ୍ରୀବୀର ।
କିଷ୍କିନ୍ଧ୍ୟା ପଶିଲା ଏଡ଼େ ଭରସା କି ତାର ॥
ବେଳେ ହାରି ଯାଇଁ ସେହି ପୁଣିହିଁ ଅଇଲା ।
କାହା ତହୁଁ ଆଜ ଏବା କୁବୁଦ୍ଧି ପାଇଲା ॥
ଚରଙ୍କର ମୁଖେ ମୁହିଁ ଶୁଣିଅଛି ଯାହା ।
ସାବଧାନ ହୋଇ କରି ଶୁଣ ପ୍ରାଣନାହା ॥
ଶ୍ରୀରାମ ନାମେ ଅଟଇ ତାର ଏକ ମିତ୍ର ।
ତାହାଙ୍କୁ ସରି ସମ ନୋହନ୍ତି ଶୂଳ ହସ୍ତ ॥
ସେହି ରାମ ପ୍ରତିଜ୍ଞା କଲେକ ଶସ୍ତ୍ର ଛୁଇଁ ।
ତୋତେ ମାରି ସୁଗ୍ରୀବଙ୍କୁ ରାଜ୍ୟ ଦେବା ପାଇଁ ॥
ଚର-ମୁଖେ ମୁହିଁ ପୁଣ ଶୁଣିଛି ଏମନ୍ତ ।
ଏକଥା ଭୋ ସ୍ୱାମୀଟି ଅଟଇ ହାଦେ ସତ ॥
ଯାହା ମୁହିଁ ସ୍ୱପନରେ ଦେଖିଲଇଁ ଆଜ ।
ସେ କଥା ଶୁଣ ଭୋ ଦେବ କପିକୁଳରାଜ ॥
ଦେବ ଦୈତ୍ୟେ ପଶିଣ ଭାଙ୍ଗିଲେ ଆମ୍ଭ ପୁରୀ ।
ଆବର ସ୍ୱପନ ମୁଁ ଦେଖିଲି ହତଶିରୀ ॥
ଆଜ ପୁଣ ତୋତେ ଜୟ ନାହିଁ କପିରାୟେ ।
ନ କରସି କୋପ ଭୁ ନ ଯାଅ ତହିଁ ଯାଏ ॥
ନଗ୍ର ନର ନାରୀ ଯେ ହୋଇଲେ ହୁର ଜୁର ।
ପିତା ପୁତ୍ରେ କେହୁ ପୁଣି ନପାଇଲେ ବାଉ ॥
ସ୍ୱପନ ଚେତଣ ମୁହିଁ ଉଠିଣ ବସିଲି ।
ଏକ ଯୁବତୀଏ ପୁଣ ରୋଦନ୍ତେ ଶୁଣିଲି ॥
ତେଣୁ ଯେ ବରସ ପୁଣ ହୋଇଲା ମୋ ଚିତ୍ତ ।
ଏକଥା ଦେଖିଣ ମୁଁ ଭୁଲଇ ପଞ୍ଚଭୂତ ॥
ଆଜପୁଣ ତୋତେ ଜୟ ନାହିଁ କପିରାୟେ ।
ନ କରସି କୋପ ଗୁ ନଯାଅ ତହିଁଯାଏ ॥
ଗଲେ ଯେ ଅବଶ୍ୟ ତୁହି ହରାଇବୁ ପ୍ରାଣ ।
ବଧବା ଦଶା ନ ଦିଅ ମୋତେ କପିରାଣ ॥

ଦୁଃଖୀ ହୋଇ ପୁଣ ମୁଁ ବଞ୍ଚିବ କେତେ ଦିନ ।
ତାମ୍ବୁଳ ବିନେ ଶୋଭା ନ ଦିଶିବ ବଦନ ॥
କଜ୍ଜ୍ୱଳ ନ ଦେନଲେ ନୟନ ଶୋଭା ନୋହେ ।
କୁସୁମ ନ ଖୋସିଲେ ଯେ କବରୀ ନ ଶୋହେ ॥
ଚନ୍ଦନ ଲେପନ ନ ହୋଇବ ଯେବେ ଅଙ୍ଗେ ।
ମଣ୍ଡନ ନୋହିବ ଯେବେ ଅଲଙ୍କାର ଯୋଗେ ॥
ଅଲତାହିଁ ନରଞ୍ଜିବ ମୋହର ଯେ ପାଦେ ।
ପତ୍ରାବଳୀ ନ ଥିବ ମୋହର କୁଚ ମଧ୍ୟେ ॥
ନୂପୁର ବିହୁନେ କିସେ ଶୋହଇ ଚରଣ ।
ବାହେ ବାହି ଯେବେ ମୁ ନୋହିବ ଆଭରଣ ॥
ଶୁକଳ ବସ୍ତ୍ର ପିନ୍ଧିଣ ଅଶୋଭା ଦିଶିବ ।
କାହାର କୋଳରେ ମୁହିଁ ସୁଖରେ ରହିବ ॥
କେ ମୋତେ ବିନୋଦ କରିବ ଯେ ଗୃହୁ କହି ।
କାହାର କୋଳରେ ପୁଣ ଥିବ ମୁହିଁ ଶୋଇ ॥
ନାସା ନ ଶୋହିବ ମୋର ବସଣି ବିହୁନେ ।
ଏତେକ ଦୁଃଖ ପୁଣି ମୁଁ ସହିବ କେସନେ ॥
ମୋହର ଶପଥ ତୁହି ନଯା ଆଜ ଯୁଝି ।
ଗଲେ ଯମପୁରେ ଯେ ଜୀବନ ଯିବ ବୁଝି ॥
ସୁଗ୍ରୀବ ସୋଦର ଯେ ତୋହର ସାନଭାଇ ।
ତାହାକୁ ତୁ ଯୁବରାଜ କର କପିସାଇଁ ॥
ସୁଖେ ଭୋଗ କର ପୁଣ ଅନ୍ତଃପୁରେ ରହି ।
ରାଜ୍ୟଭାର ସବୁ ସୁଗ୍ରୀବର ମୁଣ୍ଡେ ଦେଇ ॥
ନିଶ୍ଚିନ୍ତେଣ ଥିବା ଆହେ କିଷ୍କିନ୍ଧ୍ୟାର ସାଇଁ ।
ତାରାର ବଚନ ଶୁଣି ବାଳିଯେ ବୋଲଇ ॥

( 2 )

ଶ୍ରୀରାମଙ୍କ ପ୍ରତି ବାଳିର ତିରସ୍କାର

ମାତାପିତା ବଚୃର ନ ନେଲେ ତୋତେ କତ ।
ପରଜା ନ ପାଳିଲୁ ତୋହର ଦୁଷ୍ଟମତ ॥
ଅଜ୍ଞାନ ପୁରୁଷ ତୁହି କିଛିହିଁ ନ ଜାଣୁ ।
ବନଜୀବ ସଙ୍ଗତେ ପଶିଲୁ ଆସି ଏଣୁ ॥
ମୋତେ ତୁ ଯେ ମାଇଲୁ କେବଣ ଗୁଣ ପାଇଁ ।
କି ତୋହର ଶରୀରରେ ଧର୍ମ ବସି ନାହିଁ ॥

ଛଲ ହାଡ଼ ମାଉଁସ ଘେନଲେ କସ କାର୍ଯ୍ୟ ।
ଅବଗୃର ପଣ ତୋର ଜାଣିଲଇଁ ଆଜ ॥
ପୁରାଣ ବେଦ ଆଗମ ଶାସ୍ତ୍ର ଶୁଣି ନାହୁଁ ।
ମୋତେ ତୁହି ଆକାରଣେ ବନ୍ଧୁଲୁ ଟି ଯହୁଁ ॥
ପଞ୍ଚନଖିଆ ଯେ ପୁଣ ପାଞ୍ଚ ଜନ୍ତୁ ଖାଇ ।
ଆବର ଯେ ପାଞ୍ଚଜୀବ ଭକ୍ଷି ନ ଯୋଗାଇ ॥
ଗଣ୍ଡ ବ୍ୟାଘ୍ର ମର୍କଟ ଯେ ମନୁଷ୍ୟ କୁମ୍ଭୀର ।
ଏହି ପାଞ୍ଚ ଜନ୍ତୁ ପୁଣ ନ ଭକ୍ଷନ୍ତି ନର ॥
ଗୋଧି ନକୁଳ ଶଶା ଯେ ଗଣ୍ଡା ହିଙ୍କ ଖାଇ ।
ମୋତେ ଯେ ବଧିଲୁ ତୁ କେବଣ ଗୁଣ ପାଇଁ ॥
ଶ୍ରୀରାମ ବୋଇଲେ ଯେ ସୁଗ୍ରୀବ ମୋର ମିତ ।
ତୋତେ ମୁହିଁ ମାଇଲଇଁ ଏହାର ନିମିତ୍ତ ॥
ତାହାର ତୁ ଜ୍ୟେଷ୍ଠ ଭ୍ରାତ ଅଟୁ ଆହୋ ବାଳି ।
ଅନ୍ୟାୟିଲୋକଙ୍କୁ କି ସହଇ ମହୀସ୍ଥଳୀ ॥
ପିତା ତୋର ଏହାକୁ ଯେ ଯୁବରାଜ କଲା ।
ବାପର ବୋଲ ଯେ ତୋର ଗ୍ରାହ୍ୟ ନୋହିଲା ॥
ରାଜ୍ୟରୁ ବାହାର କରି ଏହାକୁ ତୁ ଦେଲୁ ।
ଭାଇବହୁ ରୋମାକୁ ତୁ ବଳେଣ ହରିଲୁ ॥
କିଷ୍କିନ୍ଧ୍ୟା କଟକ ଯେ ଏକାଏ ଭୋଗ କଲୁ ।
ସହୋଦର ଅନୁଜକୁ ମାରିବା ଇଚ୍ଛିଲୁ ॥
ପୁଣ୍ୟବନ୍ତ ପ୍ରାଣୀ ହୋଇ ଅନ୍ୟାୟ ଯେ କରୁ ।
ଅନ୍ୟାୟ ଦେଖିଲେ ଆମ୍ଭେ ଉପ୍ରୋଧ ନ କରୁ ॥
ତେଣୁ ଯେ ନାରାଚ ମୁହିଁ କଲଇଁ ପ୍ରହାର ।
ଯହୁଁ ଅନ୍ୟାୟ ମାର୍ଗେ ପଶିଲୁ ନୃପବର ॥
ଭରତ ଯେ ଅଯୋଧ୍ୟାରେ ହୋଇଲା ନୃପତ ।
ପିତାର ଆଜ୍ଞାରେ ଆମ୍ଭେ ବୁଲୁ ଅଛୁଁ ପୃଥ୍ୱୀ ॥
ଦୁଷ୍ଟ ଜନମାନଙ୍କୁ ଦେଖିଲେ ପ୍ରାଣେ ମାରୁଁ ।
ଅଗତି ଲୋକଙ୍କୁ ପୁଣ ଉପ୍ରୋଧ ନ କରୁଁ ॥
ପୃଥ୍ୱୀର ରାଜା ଯେ ଅଟଇ ସୂର୍ଯ୍ୟ ବଶ ।
ପାପୀ ବୋଲି ତୋତେ ଯେ କରଇ ପ୍ରାଣେ ନାଶ ॥
ବିଶେଷେ ତୁ ଶାଖା-ମୃଗ ଅଟୁ ଆହୋ ରାୟେ ।
ମୃଗୟା ବିନୋଦେ ଆମ୍ଭେ ବନସ୍ତେ ବିଜୟେ ॥
କଉତୁକେ ପୁଣ ନାନା ଜୀବଜନ୍ତୁ ନାଶୁଁ ।
ମୃଗର ଲେଖାରେ ତୋତେ ନାରାଚେକ ପେଷଁ ॥

ଯୋଗେ ପୁଣି ସୁଗ୍ରୀବ ହୋଇଲା ମୋର ମିତ ।
ତାହା ଶୁଭକଥାଯେ ଅଛଇ ମୋର ହିତ ॥
ରାବଣ ମୋହର ଯେ ସୀତାଙ୍କୁ ହରନେଲା ।
ଶୁଣି ମିତ୍ର ମୋହର ବହୁତ ଚନ୍ତା କଲା ॥
ଲଙ୍କାଗଡ଼ ପୋଡଣ ମାରିବ ଦଶଶିରୀ ।
ମୋତେ ପୁଣି ଆଣି ଦେବ ଜନକକୁମାରୀ ॥
ଏସନକ କଥା ତୁହି ବୁଝିବୁନା ବାଳି ।
ଏ ମୋହର ମିତ ଯେ ଅଛଇ ଶୁଦ୍ଧଶାଳୀ ॥
ଯେଉଁ ଦିନ ରାବଣ ସୀତାଙ୍କୁ ହରନେଲା ।
ଆକାଶମାର୍ଗରେ ରଥ ବାହି ଘେନ ଗଲା ॥
ଶୋକେ ପୁଣ ଜାନକୀ ଯେ ଅଳଂକାର କାଢ଼ି ।
ତହିଁରେ ବାନ୍ଧିଲା ଯହେଁ ଉପରଣ ଶାଢ଼ୀ ॥
ସୁଗ୍ରୀବଙ୍କୁ ଦେଖିଣ ତଳକୁ ପକାଇଲା ।
ମୋହର ମଇତ୍ର ତା ସାଇତି ଥୋଇ ଥିଲା ॥
ସେ ସକଳ ମଇତ୍ର ଯେ ଅଛୁ ମୋତେ ଦେଇ ।
ତେଣୁ ନାରାଚ ବନ୍ଧିଲ ଉପକାର ପାଇଁ ॥
ବାଳିବୀର ବୋଇଲା ତୁ ଅଟୁ ଯେ ଅଜ୍ଞାନ ।
ଅନର୍ଗଳ ତୋହ୍ଡ଼ର ବାନ୍ଧିଛି ଦଶାନନ ॥
ସୁଗ୍ରୀବ ବୋଲରେ କି ତାହାକୁ ହୋଏ ମାରି ।
ଯାହାର ମୁଖ ଦେଖି ବାସବ ଭୟ କରି ॥
ମୋର ତହୁଁ କଣନ୍ତା ଯେ ନାହିଁ ତାକୁ ଆନ ।
ମୋତେ ତୁହି ଯେବେ କରଥାନ୍ତୁ ସମାଧାନ ॥
ରାବଣକୁ ମାରି ମୁଁ ସୀତାକୁ ଆଣି ଦ୍ୟନ୍ତି ।
ସୁଗ୍ରୀବକୁହିଁ ଯେ ଗଉରବ କରି ଥାନ୍ତି ॥
ତୋତେ ଆଶା କରିବାର ପାଆନ୍ତା କାରଣ ।
ଏଣୁ ଯେ ବୋଇଲି ତୋତେ ନ ଜାଣିମାପଣ ॥
ଶ୍ରୀରାମ ବୋଇଲେ ତୁହି ଭାଇବୋହୂ ହରୁ ।
ରାଜା ହୋଇ ପୁଣ ଯେ ଅନ୍ୟାୟ କର୍ମ କରୁ ॥
ସେ ପାତକେ ଆମ୍ଭେ ଯେ ବନ୍ଧିଲୁ ତୋତେ ବାଣ ।
ତେଣୁ ସ୍ଵର୍ଗ ପ୍ରାପତ ହୋଇବ ତୋତେ ଜାଣ ॥
ବାଳି ବୋଇଲାକ ଆମ୍ଭେ ଅଟୁ ପଶୁ ଜାତି ।
ସେ ଦୋଷ ଆମ୍ଭଙ୍କୁ କି ଅଛଇ ରଘୁପତି ॥
ଅଜ୍ଞାନ ଜୀବ ଆମ୍ଭେ ଅରଣ୍ୟେ ପୁଣ ଥାଉଁ ।
କନ୍ଦ ଫଳ ଖାଇଣ ନିର୍ଝର ପାଣି ପିଉ ॥

ଆମ୍ଭର ଜ୍ଞାନଗୋଚର ନାହିଁ ସାଧୁ ମେଳା ।
କପାଇଁ ତୁ ଏକଥା କହୁଛୁ ରଘୁବଳା ॥
ଶ୍ରୀରାମ ବୋଇଲେ ତୁ ନୃପତ୍ଵପଣ କରୁ ।
ଜଗତେ ବୋଲନ୍ତି ତୁ ବଳିଷ୍ଠ ସବୁଠାରୁ ॥
ଅଷ୍ଟ ଲୋକ ପାଳ ପୁଣ ଧର୍ମ ଏକ ମୂର୍ତ୍ତି ।
ବିଷ୍ଣୁ ଅଂଶ ନଥିଲେ କି ହୁଅଇ ନୃପତ୍ଵ ॥
ତୋତେ ସିନା ପାପ ପୁଣ୍ୟ ଲାଗଇ ଅବଶ୍ୟ ।
ତୁ ସେ କପିବୀର ଅଟୁ ଶ୍ରୀମନ୍ତ ପୁରୁଷ ॥
ଶ୍ରୀରାମଙ୍କର ମୁଖରୁ ଏସନକ ବାଣୀ ।
ସନ୍ତୋଷ ହୋଇଲା ସେହୁ ବାଳି ରାଜ୍ୟେ ଶୁଣି ॥
ବୋଇଲା ଶ୍ରୀରାମ ଧନ୍ୟ ତୋହର ଯେ ପିତା ।
ଧନ୍ୟ ତୋର କଟକ ଯେ ଧନ୍ୟ ତୋର ମାତା ॥
ମୋତେ ଯେ ମାରି ପାରିଲୁ ଧନ୍ୟ ତୋର ବଳ ।
ଧନ୍ୟ ଧନ୍ୟ ଏ ମେଦନୀ ହୋଇଲା ସଫଳ ॥
ତୋହର ପ୍ରାଣ୍ୟେକ ଛବି ଦେଖିଲଇଁ ଯହୁଁ ।
ପୃଥ୍ଵୀକି ପ୍ରଶଂସା ମୁଁ ଯେ କରୁଅଛୁ ତହୁଁ ॥
ଦେବତା ଏ ସମ ଯେ ନୋହନ୍ତି ହାଦେ ମୋତେ ।
ତୁ ରାମ ବାଣ ବନ୍ଧିଲୁ କେବଣହିଁ ମତେ ॥
ବ୍ରହ୍ମା ବିଷ୍ଣୁ ମହେଶ କି ତୁ କେବଣଜନ ।
ମାନବ ଜନ୍ମ ହୋଇ ଯେ ଏଡ଼େ ତୋର ପ୍ରାଣ ॥
ଏତେକ ଶୁଣିଣ ରାମ ଧନୁଶର ଥୋଇ ।
ବାଳିକି ବଳପନ୍ତି କାର୍ପଣ୍ୟମତ ହୋଇ ॥
ସୁଗ୍ରୀବର ଭାଇ ତୁ ମୋହର ଅଟୁ ଜ୍ୟେଷ୍ଠ ।
ଏ ମୋହର ଦୋଷ ଯେ ନ ଧର କପିଶ୍ରେଷ୍ଠ ॥
ଏତେକ ଧାର୍ମିକ ବୋଲି ନ ଜାଣଇଁ ତୋତେ ।
ଯେତେକ ଅପ୍ରାଧ କଲି କ୍ଷମାକର ମୋତେ ॥
ନାରାଚ କାଢ଼ିଣ ପୁଣ ଦେବା ମଉଷଧି ।
ସୀତା ଆଣିବାକୁ ତୁ ଯେ କରସି ହୋ ବୁଦ୍ଧି ॥
ବାଳି ବୋଇଲାକ ମୁହିଁ ନ ଶୁଣଇଁ ଏହା ।
ତୁ ଶ୍ରୀରାମ ପ୍ରତ୍ୟକ୍ଷରେ ଅଟୁ ଚଉବାହା ॥
ପରମ ବ୍ରହ୍ମ ପୁରୁଷ ସ୍ଵୟଂ ବଣବାସୀ ।
ଅବତାର ହୋଇଲ ଅସୁର ବଳ ଧ୍ଵଂସି ॥
ମୋହର ଭାଗ୍ୟରେ ମୁହିଁ ଦେଖିଲଇଁ ତୋତେ ।
ତୁହି ଯେବେ ନାରାଚ ହୋ ପେଶିଲୁ କି ମୋତେ ॥

( 3 )

## ମାଲ୍ୟବନ୍ତରେ ବର୍ଷାକାଳ

ଏଥୁ ଅନନ୍ତରେ ଗୋ ପାର୍ବତୀ ଦେବି ଶୁଣ ।
ମାଲ୍ୟବନ୍ତ ପର୍ବତେ ରହିଲେ ରଘୁରାଣ ॥
ଶ୍ରୀରାମର ଚିତ୍ତ ହେଉଅଛି ଛନ ଛନ ।
ଜଳଧର ମେଘରେ ଯେ ଉଦ୍ଭବ ଗଗନ ॥
ଘଡ଼ଘଡ଼ି କରିଣ ଯେ ମାରଇ ବିଜୁଳି ।
ସନ୍ଧ୍ୟାକାଳେ ଆକାଶରେ ଉଦେ ଆର୍ଦ୍ରାବଳି ॥
ହାତିଶୁଣ୍ଢ ଉଇଁକରି ମେଘ ଗରଜନ୍ତି ।
ନିର୍ଘାତ ଶବଦ କରି ଚଡ଼କ ମାରନ୍ତି ॥
ପୂର୍ବଦିଗ ମେଘେ ଯାଇ ପଶ୍ଚିମେ ପଶନ୍ତି ।
ଶୀତଳ ପବନ ଯେ ବହଇ ଚଉକତି ॥
ଦକ୍ଷିଣ ମେଘୁର ଯେ ସମୁଦ୍ର ପାଣି ତୋଳି ।
ଉତ୍ତରଦିଗକୁ ହଂସେ ଜଳ ଘେନି ଚଳି ॥
ଇନ୍ଦ୍ର ଧନୁ ଉଇଁ ଅଛଇ ଯେ ଘନ ଘନ ।
ଅସ୍ତକାଳେ ଆଦିତ୍ୟ ଦିଶଇ ରଙ୍ଗବର୍ଣ୍ଣ ॥
ଦିବସେ ମଣ୍ଡଳାକାର ରାତ୍ରିରେ କୁହୁକ ।
ପ୍ରଚଣ୍ଡପବନ ଯେ ବହଇ ଝାଙ୍କ ଝାଙ୍କ ॥
କ୍ଷଣେ ଗୁଳୁଗୁଳି କ୍ଷଣେ ଶୀତଳ ଯେ କରେ ।
କ୍ଷଣେ କ୍ଷଣେ ଦିବାକର ଦିଶେ ଆକାଶରେ ॥
ସିନ୍ଧୁ ଗରଜଇ ପୁଣ ଦିଗ ରଙ୍ଗ ଦିଶେ ।
ଜଳଧର ଧୂମ ପୁଣ ଗଗନରେ ବସେ ॥
କୁସୁମ ବର୍ଣ୍ଣ ହୋଇଣ ଆଚ୍ଛାଦଇ ଖରା ।
ଜଳଜଳ ଦିଶଇ ଯେ ଗଗନର ତାରା ॥
ଚନ୍ଦ୍ରମା ମଣ୍ଡଳ ଯେ ଧୂସର ହୋଇ ଦିଶେ ।
ଭିତର ବାହାରେ ଯେ ନକ୍ଷତ୍ରଗଣ ମିଶେ ॥
ନିର୍ମଳ ଗଗନେ ଯେ କ୍ଷଣକେ ମେଘ ଉଇଁ ।
ପୁଣିହିଁ ଗର୍ଜିଣ ସେ ଶୂନ୍ୟରେ ଆଚ୍ଛାଦଇ ॥
ଦିବସେ ଗର୍ଜନ ଯେ କରଇ ଗମ ଗମ ।
ଭୂମିକମ୍ପ କରିଣ କରଇ ଦମ ଦମ ॥
ଆଷାଢ଼ମାସ ପ୍ରବେଶ ହୋଇଲାକ ଯହୁଁ ।
ଝିମିଝିମି କରିଣ ସେ ବରଷଇ ତହୁଁ ॥
ବିଜୁଳି ଦେଖାଇଣ ମାରଇ ଘଡ଼ ଘଡ଼ି ।
କଇଁଣି ପର୍ବତୁ ଶୃଙ୍ଗ ପଡ଼ିବକି ଝଡ଼ି

ଯହୁଁ ପ୍ରବେଶ ହୋଇଲା ଦୁଃସହ ବରଷା ।
ନାନା ପକ୍ଷୀମାନେ ତହିଁ ଭିଆଇଲେ ବସା ॥
ବୃକ୍ଷମାନେ ପଲ୍ଲବନ୍ତି କଅଁଳନ୍ତି ଲତା ।
ମୟୂର ଚଢ଼ାଇ ଯେ ମଦନେ ଉନମତ୍ତ ॥
ମୃଗଭୟ ଛାଡ଼ିଣ ଚରନ୍ତି ଏଣେ ତେଣେ ।
କୋକିଳ ଝିଙ୍କାରି ପଶିଲେ ଗହନ ବନେ ॥
ବୃକ୍ଷମାନ ଦିଶନ୍ତି ଯେ ନୂଆ ପରକାର ।
କଦମ୍ବ ପୁଷ୍ପମାନେ ଫୁଟନ୍ତି କାରନ୍ତର ॥
ଜାମୁଫଳ ପାଚି କରି ପଡ଼ନ୍ତି ଭୂମିରେ ।
ବନଫଳ ପାଚି ପଡ଼ୁଛନ୍ତି କେତେ ତଳେ ॥
ବନର କୁକ୍କୁଟ ମାନେ କାମେ ଖେଦା ଖେଦି ।
ପାତାଳ ଗଙ୍ଗା ନାମେ ଯେ ବହେ ତହିଁ ନଦୀ ॥
ଜଳଖୁମ୍ପା କାହାମ ଯେ ପାତିହଂସାବଳୀ ।
ଖିରହଂସ ବକ ଯେ କରନ୍ତି ଜଳକେଳି ॥
ଶ୍ରାବଣ ପ୍ରବେଶ ହୋଏ ଏଥୁଅନନ୍ତରେ ।
ଘୋରବୃଷ୍ଟି କରିଣ ବରଷେ ଜଳଧରେ ॥
ଅଖଣ୍ଡିତ ଧାରି ଯେ ନ ଦିଶେ ଦିଶ ଦିଶ ।
ବନ ପଲ୍ଲବଣ ପୁଣି ହୁଅଇ ଅଦୃଶ୍ୟ ॥
ନଦୀମାନେ ବଢ଼ନ୍ତି ଯେ ପୁରେ ପୁଷ୍କରଣୀ ।
ପର୍ବତ ଉପରୁ ଝରି ପଡ଼ଇ ଯେ ପାଣି ॥
ସୂର୍ଯ୍ୟଙ୍କ କିରଣ ତେଜ ନ ଦିଶେ ଗଗନେ ।
ବୃକ୍ଷେ କମ୍ପମାନ ହୁନ୍ତି ପ୍ରଚଣ୍ଡ ପବନେ ॥
ମାଲ୍ୟବନ୍ତ ପର୍ବତେ ଯେ ଶ୍ରୀରାମ ଅଛନ୍ତି ।
ଅନେକ ଦୁଃଖେଣ ସେ ବରଷା ବଞ୍ଚୁଛନ୍ତି ॥

( 4 )

### ମାଲ୍ୟବନ୍ତରେ ରାମଙ୍କର ସୈନ୍ୟ-କଳନା

ଚନ୍ଦ୍ରଗିରି ସୀମାରୁ ଯେ ସଉରାଷ୍ଟ୍ର ଯାଏ ।
ଘଞ୍ଚ ହୋଇ କରି ବଳ ଲଗାଲଗି ହୋଏ ॥
ଗୋଦାବରୀ ପେନ୍ନ ପୁଣ କୃଷ୍ଣ ବେଣୀ କୂଳେ ।
ଏଥି ପୂରିଲେକ ସେ ଯେ ଋକ୍ଷ କପି ବଳେ ॥
ପଞ୍ଚଧାରି ପର୍ବତ ଯମନଗିରି ଲାଇଁ ।
ବାରଣାବତ ଲାଗିଣ ଏକଖଣ୍ଡ ହୋଇ ॥

ଏକାମରବନଘେନ କପିଳାସ ଗିରି ।
ବିରଜାମଣ୍ଡଳରେ ଅଛନ୍ତି ଥାଟ ପୂରି ॥
ବଣା ହୋଇ ଯାଇଁ କରି ରହିଲେକ ଥାଟ ।
ବଣାଇ ନାମରେ ସେହୁ ହୋଇଲାକ ଗ୍ରନ୍ଥି ॥
ବାମଆଡେ ତହିଁ ପୁଣ ବାଟ ନ ପାଇଲେ ।
ବାମଣ୍ଡା ବୋଲିଣ ସେ ତହିଁର ନାମ ଦେଲେ ॥
ବେଣୀ ନଦୀକୂଳ ସେ ଯେ ହରଗଙ୍ଗାଲାଇ ।
ସୈନ୍ୟ ପୂରିଛନ୍ତି ସେ ଯେ ଛଡାଛଡ ନାହିଁ ॥
ରଣ କରି ଯାଇ ସେହୁ କଲେକ ବିସ୍ତର ।
ଭଣାଇ ନାମ ସେ ଯେ ହୋଇଲା ତାହାଙ୍କର ॥
ପାଣ୍ଡବ ବିପିନ ସେ ଯେ ଦେବଗିରି ଭେଟ ।
ପଶ୍ଚିମ ସମୁଦ୍ର ଯାଏ ପୂରିଛନ୍ତି ଥାଟ ॥
କାହିଁ ରଙ୍ଗବର୍ଣ୍ଣ ସେ କାହିଁ ପାଉଁଶ ରାଶି ।
କେବଣଠାରେ ସେହୁ ବିଭୂତି ବର୍ଣ୍ଣଦଶି ॥
କାହିଁରେ ସିନ୍ଦୂରବର୍ଣ୍ଣ କାହିଁ ହରିତାଳ ।
ଭୂମିପରେ ଶୋଇକ ଅଛରି ମେଘମାଳ ॥
କାହିଁ କଳାମଘେ ହୋଇ କାହିଁ ଧୂମ୍ରବର୍ଣ୍ଣ ।
କାହିଁ ରୂପା କାହିଁ ରେଣୁ ଦଶଇ ସୁବର୍ଣ୍ଣ ॥
କାହିଁ ସ୍ଫଟିକର ବର୍ଣ୍ଣ କାହିଁ କାଚ ଆଭା ।
ଋକ୍ଷ କପି ଦଶନ୍ତେ ମେଦନୀ ଦଶେ ଶୋଭା ॥
ମାଲ୍ୟବନ୍ତ ପର୍ବତେ ଥାଇଁଣ ରଘୁନାଥ ।
ଦେଖିଲେକ ସୈନ୍ୟ ପୂରି ଅଛନ୍ତି ଜଗତ ॥
ଅଗଣିତା ସୈନ୍ୟ କେହୁ ସଂକ୍ଷେପି ନ ପାରି ।
ଅର୍ବୁଦେକ କପି ସେ ଭୂମିରୁ ଅବତରି ॥
ସୁଗ୍ରୀବର ବୋଲେ ଦେବ ଶୁଣ ରଘୁପତି ।
ସୈନ୍ୟ ଅପ୍ରମିତ ପୂରି ଗଲେ ବସୁମତୀ ॥
ଯେ ତୋହର କାର୍ଯ୍ୟତ ବିସ୍ତରି ତାହା କର ।
କପିରାଜ ବିସ୍ତରେ ବୋଲନ୍ତି ରଘୁବୀର ॥
ଭୋ ମଇତ୍ର ଯାହା ତୁ ବୋଇଲୁ ଏହୁ ସତ ।
ଦିଗଦିଗକୁହିଁ ଏବେ ପେଷିବାକ ଦୂତ ॥
କେବଣ କଟକରେ ସେ ଯେ ରାବଣର ଘର ।
ଲଙ୍କା ନାମରେ ସେ ଯେ ଅଛି ଅନେକପୁର ॥
ରାବଣ ନାମରେ ସେ ଅନେକ ରାଜା ଅଛି ।
ଯେବଣ ରାବଣ ମୋର ନେଲାକ ମୃଗାକ୍ଷୀ ॥

ଜୀଇଛନ୍ତି କି ନାହିଁ ପୁଣ ଜନକ ଦୁହିତା ।
ଅନେକ ଯୁବତୀଙ୍କର ନାମ ଅଟେ ସୀତା ॥
ରାବଣ ଘର ଅଛନ୍ତି ଅନେକ ଯେ ମତେ ।
କିଅବା ତାହାଙ୍କୁ ହରିଲାଣି ସେ ଦଇତେ ॥
ହାନି ଲାଭ କଥାମାନ ଜାଣିବା ନିମନ୍ତେ ।
ସାଧିକଥା ପାଇଁ ଯେ ପେଷିବା ଏବେ ଦୂତେ ॥
ଯଦ୍ୟପି ରାବଣ ଯେ ସୀତାଙ୍କୁ ହରି ଥିବ ।
ଥାଟ ଦେନି ଯାଇଁ ଆଉ କି ଅବା କରିବ ॥
ଦୁଃଶୀଳା ଯୁବତୀ କିତ ନ ଆଣିବ ମୁହିଁ ।
ତହିଁକି ବୋଲଇ ଦୂତ ବରଗିବା ପାଇଁ ॥
କିଅବା ସୀତା ମୋ ଆତ୍ମଘାତୀ ହୋଇ ମଲା ।
ଯହୁଁ ସେହି ଦଶାନନ ବହୁ ଦୁଃଖ ଦେଲା ॥
ଏମନ୍ତ ହୋଇଲେ ଆମ୍ଭେ କିପାଇଁ ସେ ଯିବା ।
ନିର୍ଣ୍ଣୟ ପାଇଲେ ଆମ୍ଭେ ଏଥୁ ବାହୁଡ଼ିବା ॥
ଅପ୍ରମାଦେ ଜାନକୀ ସେ ପ୍ରାଣ ପାଇ ଥିବ ।
ତେବେ ସେ ଦୂତଙ୍କୁ ଦେଖି କାରୁଣ୍ୟ କରିବ ॥
ଦୂତଙ୍କର ଆଗରେ ସେ ହୋଇବ ବିକଳ ।
ଅବିକ୍ଷଣ ନୟନରେ ଥିବ ଅଶ୍ରୁଜଳ ॥
କାର୍ପଣ୍ୟ ହୋଇ ବୋଲିବ ନ୍ୟନ୍ତ ସ୍ୱାମୀ ମୋତେ ।
ଏସନେକ ବୋଲି ଯେବେ କହିବାକ ଦୂତେ ॥

---

## ସୁନ୍ଦରାକାଣ୍ଡ

(1)

### ହନୁମାନର ସୀତା-ଠାବ

ଶିଂଶପା ବୃକ୍ଷର ତଳେ ସୀତା ଉଭା ହୋଇ ।
ଦୁଃଖମନରେ ଭାଳଇ ଏହା ବଇଦେହୀ ॥
ଯୋଡ଼ୁ ଏ ଜୀବନ ମରିବାର ବଡ଼ ସୁଖ ।
ନ ଦେଖିଲି ଆଜଯାଏ ପ୍ରାଣନାଥ-ମୁଖ ॥
ଶ୍ରୀରାମର ବିଚ୍ଛେଦ ଆଜକୁ ଦଶମାସ ।
କାହାରି ମୁଖରୁ ନ ପାଇଲି ଯେ ସନ୍ଦେଶ ॥
ଏସନ ଭାଳନ୍ତେ ହନୁମନ୍ତ ଯେ ବୀର୍ଯ୍ୟବର ।
ଏହି ସେ ଜାନକୀ ଦେବୀ ଜନକକୁମାରୀ ॥

ଯେବଣ ଦିନେ ସୀତାଙ୍କୁ ଆଣିଲା ରାବଣ ।
ମୁହିଁ ଥିଲି ଋଷ୍ୟମୂକ ଗିରି ଶିଖରେଣ ॥
ରୋଦନ କରଇ ଶୂନ୍ୟେ ଯାଇ ମହାସତୀ ।
ରଘୁବଂଶେ ଶ୍ରୀରାମ ଅଟନ୍ତି ମୋର ପତି ॥
ଏସନ ଶୁଣି ଊର୍ଦ୍ଧ୍ୱକୁ ମୁ ଯେ ଦୃଷ୍ଟି ଦେଲି ।
ରାବଣର କୋଳେ ବଇଦେହୀଙ୍କ ଦେଖିଲି ॥
ଏହି ସେ ଜାନକୀ ଯେ ଅଟଇ ରାମ-ବାମା ।
ଆନ ପଟାନ୍ତରେ ନାହିଁ ନାହିଁନା ଉପମା ॥
ଏହି ଯେ ପରମଲକ୍ଷ୍ମୀ ଜଗତର ମାତା ।
ଜନକଘରେ ଉତ୍ପତ୍ତି ନାମ ଅଟେ ସୀତା ॥
ପତିର ବିଚ୍ଛେଦେ ଏହି ପତିବ୍ରତ ପାଳି ।
ଦୁଃଖେଣ ଦିନ ବଞ୍ଚଇ ଏଥେ ମଇଥିଳୀ ॥
ଶ୍ରୀରାମ କହିଲେ ମୋର ଆଗେ ଯିସ ଯିସ ।
ତହୁଁ ଶତେଗୁଣ ଏହ୍ନ ଅଟଇ ବିଶେଷ ॥
ଧନ୍ୟ ଧନ୍ୟ ଜାନକୀ ଏ ଧନ୍ୟ ଏହା ନେତ୍ର ।
ଧନ୍ୟ ଶ୍ରବଣ ଏହାର ଧନ୍ୟ ସର୍ବ ଗାତ୍ର ॥
ଧନ୍ୟ ନାସିକା ଏହାର ଧନ୍ୟ ପତିବ୍ରତ ।
ଧନ୍ୟ କବରୀର ଭାର ଧନ୍ୟ ଦୃଷ୍ଟିପାତ ॥
ଧନ୍ୟ ବକ୍ଷସ୍ଥଳ ଧନ୍ୟ ଏହା ମଧ୍ୟ କ୍ଷୀଣ ।
ଧନ୍ୟ ଏହାର ଯେ ନାଭି ଧନ୍ୟ ଯେ ଜଘନ ॥
ଧନ୍ୟ ଚରଣ ଅଙ୍ଗୁଷ୍ଠି ଧନ୍ୟ କର ବେନି ।
ଧନ୍ୟ ଗଉଧାରୀ ଧନ୍ୟ ଜନକ ଯେ ମୁନି ॥
ଧନ୍ୟ ଜନନୀ ତୁ କ୍ଷିତି ଧରିଲୁ ଉଦରେ ।
ଧନ୍ୟ ସେ ପୁର ବଢ଼ିଲୁ ତୁହି ଯେଉଁପୁରେ ॥
ଧନ୍ୟ ଶ୍ରୀରାମ ତୁ ଧନ୍ୟ ରାଜା ଦଶରଥ ।
ଧନ୍ୟ କଉଶଲ୍ୟା ତୋର ଗର୍ଭଧାରୀ ମାତ ॥
ଧନ୍ୟ ଅଯୋଧ୍ୟା ଯେ ଧନ୍ୟ ତହିଁ ନର ନାରୀ ।
ଧନ୍ୟ ସୀତା ତୁ ଯେ ଶ୍ରୀରାମଙ୍କୁ ବିଭାକରି ॥
ଧନ୍ୟ ସୁଗ୍ରୀବ ଯେ ଧନ୍ୟ କିଷ୍କିନ୍ଧ୍ୟା କଟକ ।
ଧନ୍ୟ ରାମ ତୋତେ ଯେ ଦେଖନ୍ତି ଯେତେ ଲୋକ ॥
ଧନ୍ୟ ମୋର ପିତା ଧନ୍ୟ ମୋହର ଜନନୀ ।
ଧନ୍ୟ ପିତା କେଶରୀ ମୋ ଧନ୍ୟ ମା ଅଞ୍ଜନୀ ॥
ଧନ୍ୟ ଦେଶ ଲୋକେ ଯେ ଶ୍ରୀରାମ ତୁମ୍ଭ ସାଇଁ ।
ଧନ୍ୟ ଲଙ୍କପତି ଧନ୍ୟ ତପକଲୁ କାହିଁ ॥

ରଘୁନାଥ ବାଣେ ଯେ ହୋଇବୁ ପ୍ରାଣେନାଶ ।
ସୁଖେଣ ପାଇବୁ ତୁ ଅକ୍ଷୟ ସ୍ୱର୍ଗବାସ ॥
ଏତେ ବୋଲି ହନୁ ଯେ ଭାଳଇ ପୁଣି ପୁଣି ।
ରାକ୍ଷସୁଣୀମାନେ ଯେ ଆସିବେ ଏହିକ୍ଷଣି ॥
ଏକାନ୍ତ ବେଳେ ମୁହିଁ ଯେ ସମାସ୍ୟା କରିବ ।
ସନ୍ଦେଶ ଘେନିଣ ଏଥୁ ବେଗେ ପୁଣି ଯିବ ॥
ଏତେ ବୋଲିଣ ଛାଡ଼ିଲା ଭ୍ରମର ଶରୀର ।
ତତକ୍ଷଣେ ହେଲା ଅତି ସାମାନ୍ୟ ବାନର ॥
ଡାଳରେ ବସିଣ ପତ୍ର ମଧ୍ୟେ ଲୁଚି ଦେଲା ।
ମନେ ମନେ ପୁଣି ସେହି ବିଚାର ବୋଇଲା ॥
ପୂର୍ବେତ ଜାନକୀ ଦେବୀ ମୋତେ ଦେଖି ନାହିଁ ।
ଶାପ ନ ଦିଅଇ ପୁଣ କୋପମୁଖ ହୋଇ ॥
ମାୟା ପ୍ରାୟେକ ନପୁଣ ମଣଇ ମୋ କଥା ।
ଏହି ବିଚାର ଗୋଟି ତ ଲାଗେ ବଡ଼ଚନ୍ତା ॥
ମୁହିଁ ନ କହିଲେ ତ ନ ଜାଣିମ ସେ ସତୀ ।
କେମନ୍ତେ ବାରତା ମୁଁ ଦେବଇଁ ରଘୁପତି ॥
ଝାଡ଼ବାଡ଼କୁ କହିଲା ପ୍ରାୟେକ କହିବ ।
ସମାସ୍ୟା ପାଇଲେ ଏଥୁଁ ଓହ୍ଲାଇଣ ଯିବ ॥
ଏତେ ବୋଲି ହନୁମତ ଏଣେ ତେଣେ ଚାହିଁ ।
ଦେଖିଲା ଏକା ହୋଇ ଅଛନ୍ତି ବଇଦେହୀ ॥
ମନେ ଭୟ ପାଇ ଯେ ବୋଲଇ ପୁଣି ପୁଣି ।
ଅଳ୍ପ ଅଳ୍ପ ହସଇ ସେ ମନେ ଲାଜଘେନି ॥
ସ୍ଥିର ହୋଇଣ କହଇ ସେହି ପୁଣି ପୁଣି ।
ମନେ ମନେ ବିଚାର କହଇ କପିମଣି ॥
ଅଯୋଧ୍ୟାରେ ରାଜା ଦଶରଥ ଦଣ୍ଡଧାରୀ ।
ତାହାଙ୍କ କୋଳରେ ଜାତ ହେଲେ ଚକ୍ରଧାରୀ ॥
ନାମ ରାମ ଲକ୍ଷ୍ମଣ ଅଛନ୍ତି ତାର ସୁତ ।
ବନସ୍ତକୁ ପେଷିଲା ଯେ କଇକେୟୀ ମାତ ॥
ଜନକର ଝିଅ ସୀତା ଶ୍ରୀରାମର ନାରୀ ।
ତାହାକୁ ଘେନିଣ ରାମ ହେଲେ ବନଚାରୀ ॥
ପଞ୍ଚବଟୀ ବନେ ରାମ ରହିଲେକ ଯହୁଁ ।
ରାବଣ ସୀତା ଚୋରାଇ ଆଣିଲାକ ତହୁଁ ॥
ଲୋଡ଼ିଣ ଶ୍ରୀରାମ ବନେ ନ ପାଇଲେ ନାରୀ ।
ବୃକ୍ଷ ଗିରିମାନଙ୍କୁ ସେ ଦେଖିଲେ ପଚାରି ॥

ଯାନ୍ତେଣ ଦେଖିଲେ ଋଷ୍ୟମୂକ ଯେ ପର୍ବତ ।
ସୁଗ୍ରୀବର ସଙ୍ଗେ ରାମ ହୋଇଲେ ମଇତ୍ର ॥
ମଇତ୍ର ଛଳେ ରାମ ବାଳିକି ବଧ କଲେ ।
କିଷ୍କିନ୍ଧ୍ୟା କଟକେ ଯେ ସୁଗ୍ରୀବ ରାଜା କଲେ ॥
ଥାଟ ଘେନ ମାଲ୍ୟବନ୍ତେ ଛନ୍ତି ରାମ ରହି ।
ଚାରିଦିଗକୁ ଯେ ରାମ ଦୂତ ପଠାଇ ॥
ଦକ୍ଷିଣକୁ ଆମ୍ଭେ ଯେ ଅଇଲୁଁ ଜଣ ଆଠ ।
କହିଲେ ନ ସରଇ ଆମ୍ଭର ଯେତେ କଷ୍ଟ ॥
ଅଶିଣ ଶୁକ୍ଳଦଶମୀରେ ଯେ ଅଇଲୁଁ ।
ସିନ୍ଧୁର ଉତ୍ତରକୂଳେ ଯାଇଣ ରହିଲୁଁ ॥
ଆଉର ସାତଜଣ ରହିଲେ ସିନ୍ଧୁକୂଳେ ।
ମୁହିଁ ଯେ ଲଙ୍କାକୁ ଅଇଲଇଁ ଧର୍ମବଳେ ॥
ଖୋଜିଲଇଁ ଶ୍ରୀରାମର ଘରଣୀ ଯେ ସୀତା ।
ଅଶୋକବନେ ଅଛୁ ଯେ ଜନକଦୁହିତା ॥
ଚାରିଦିଗେ ଯାହାକୁ କ ଲୋଡ଼ୁଛନ୍ତି ଦୂତ ।
ଦେଶ ବଦେଶ ଆଉର ବନ ପରବତ ॥
ପୂର୍ବ ପୁଣ୍ୟ ବଳରେ ମୁଁ ଭେଟ ଯେ ପାଇଲି ।
ଏ ମୋହର ଜନ୍ମକୁ ସଫଳ ହାଦେ କଲି ॥
ଏ ଦେହ ଶ୍ରୀରାମର ଯେ ଉପକାର କଲା ।
ଏ ମୋହର ପୂର୍ବ ଜନ୍ମ ଭାଗ୍ୟ ଯେ ଦଶିଲା ॥
ଯେବଣ ରୂପ ରାମ ଅଛନ୍ତି ମୋତେ କହି ।
ତହୁଁ ଶତଗୁଣେ ଯେ ଅଟଇ ବଇଦେହି ॥
ନିଶ୍ଚୟ ଜାନକୀ ଏ ଯେ ଜନକକୁମାରୀ ।
ଯେଣୁ ଲକ୍ଷ୍ୟ ଦେବାକୁ ଯେ ନାହିଁ ଆନନାରୀ ॥
ଯହୁଁ ହନୁମନ୍ତ ବୀର ଏମନ୍ତ ବୋଇଲା ।
ଶୁଣି କରି ସୀତା ଦେବୀ ହରଷ ହୋଇଲା ॥
ଚାରିଦିଗକୁ ଚାହିଁଲେ ଦୃଷ୍ଟି ଊର୍ଦ୍ଧ୍ୱଗତ ।
ମନେ ମନେ ବିଚାର କରଇ ମହାସତୀ ॥
କେ ମୋତେ ଶ୍ରୀରାମ ନାମ ଅମୃତ ସିଞ୍ଚିଲା ।
ଏତେ ବୋଲି ଦେବୀ ଯେ ବୃକ୍ଷକୁ ଦୃଷ୍ଟିଦେଲା ॥
କରଦୁଇ ଯୋଡ଼ିଣ ବୋଇଲେ ପୁଣି ପୁଣି ।
କେ ମୋତେ ଶୁଣାଇଲା ଯେ ଶ୍ରୀରାମର ବାଣୀ ॥
କେବଣ ମାହାତ୍ମା ତୁ ଯେ କଲୁ ମୋତେ ଦୟା ।
ତୁନି ହୋଇ ରହିଲୁ ଏ କେବଣହିଁ ମାୟା ॥

କାହାବୋଲେ ମଲା ପ୍ରାଣୀକି ତୁ ଜୀଆଇଲୁ ।
ରାମ ରାମ ବୋଲିଣ ତୁ ମୋ ଆଗେ କହିଲୁ ॥
କିଏ ତୁମ୍ଭେ ବାରେ ଦୟା କରକିନା ମୋତେ ।
ଛାମୁରେ ମିଳି କହି ଦେଖାଇଁ କିନା ତୋତେ ॥
ଯାହା ସେ ସ୍ୱପନେ ମୁହିଁ ଦେଖିଲଇଁ ଆଜି ।
ସତେ କି ମୋତେ ପ୍ରାପତ ହେବ ଶୁଭକାର୍ଯ୍ୟ ॥
ଯେବଣ ପୁରୁଷଙ୍କୁ ଚିନ୍ତଇ ଅହର୍ନିଶି ।
ସେ କଥା ପ୍ରାପତ ମୋତେ ହୋଇଲାକି ଆସି ॥
ଏ ମୋହର ପାପରାଶି କେବେ କ୍ଷୟ ଯିବ ।
ଏ ସମୁଦ୍ର ଡେଇଁ କେହ୍ନ ବାରତା କହିବ ॥
ଏ ଜନ୍ମେ ମୋହର କିଛି ଦୋଷ କଲା ନାହିଁ ।
ବାଲୁତ କାଲୁ ମୁଁ ଧର୍ମକଥାରେ ଯେ ଥାଇ ॥
ଶ୍ରୀରାମ ଯେ ମୋହର ଅଟନ୍ତି ପ୍ରାଣପତି ।
ତାଙ୍କ ବିନୁ ମୋର ନ ବଲଇ ଅନ୍ୟେ ମତି ॥
ଏ ସତ୍ୟ ହୋଇଲେ ନିଶ୍ଚେ ପାଇବି ବାରତା ।
ଏତେ ବୋଲି ବିସ୍ମୟ ହୋଇଲେ ଦେବୀ ସୀତା ॥
ହନୁ ବିଚାରେ ନିପୁଣ କରଇ ଏ କୋପ ।
ଏତେ ବୋଲି ହୋଇଲା ସାମାନ୍ୟ କପିରୂପ ॥
ଭ୍ରମର ପ୍ରାୟେକି ସେହି ବୃକ୍ଷରୁ ଖସିଲା ।
ଆକାଶୁ ଖସି ପଡ଼ିଲା ପ୍ରାୟକି ଦିଶିଲା ॥
ଜାନକୀର ଛାମୁରେ ଯେ ମିଳଇ ମାରୁତି ।
ପଚାରଇ ତୁମ୍ଭେ ଅଟ କାହାର ଯୁବତୀ ॥
କିପାଁ ଏତେ ଦୁଃଖ ପାଇଁ ଏଥେ ରହିଅଛ ।
ଦୟା ନ କରଇ କିବା ବିଶ୍ରବାର ବତ୍ସ ॥
କିପାଇଁ ରାବଣେ ଯେ ନ କଲ ତୁମ୍ଭେ ପ୍ରୀତି ।
କି ଅବା ତୁମ୍ଭଙ୍କୁ କୋପ କଲା ଲଙ୍କପତି ॥
ତୋହର ଶରୀର ଗୋଟି ଅଟଇ କୋମଲ ।
କିପାଁରେ ସୁନ୍ଦରୀ ତୋର ଚିତ୍ତ ସମାକୁଳ ॥
ଶୁଦ୍ଧ ସୁବର୍ଣ୍ଣ ପ୍ରାୟେକି ତୋ ତନୁ ଦିଶଇ ।
ଶରଦ ପୂର୍ଣ୍ଣିମା ପ୍ରାୟ ମୁଖ ବିକାଶଇ ॥
ବନ୍ଧୁକ ଓଷ୍ଠ ତୋହର ନୟନ ହରିଣୀ ।
କି ଅବା ତୁ ଲକ୍ଷ୍ମୀଦେବୀ ଶ୍ରୀରାମ-ଘରଣୀ ॥
ଅଟୁ ତୁହି ସଦାଶିବ-ବାମା କି ଗଉରୀ ।
ଇନ୍ଦ୍ରର ଶଚୀ ନୋହଇ ତୋତେ ରୂପେସରି ॥

ଚନ୍ଦ୍ରର ରୋହିଣୀ କିବା ଆଦିତ୍ୟର ଛାୟା ।
କି ଅବା ଶାପରେ ଧରିଅଛୁ ମାୟା କାୟା ॥
ଆନ କି ଭଜନ ଏତେଦୁଃଖ ପାରେ ସହି ।
ମାନବତରୁଣୀ ମାନେ ସହି ନ ପାରଇ ॥
ଶୁଦ୍ଧ ସୁବର୍ଣ୍ଣେ କି ରସାଣିଲା ଦଶୁ ନାରୀ ।
ତିନପୁରେ ତୋତେ କେହି ନାହିଁ ସମସରି ॥
ପ୍ରଣାମ କରଣ ମୁଁ ଯେ ବୋଲୁଅଛୁ ତୋତେ ।
କଏ ତୁମ୍ଭେ ସୁନ୍ଦରି ଗୋ କହିକିନା ମୋତେ ॥
ଶୁଣିଣ ବଇଦେହୀ ଯେ ହେଟମାଥ ହୋଇ ।
ଧୀରେ ଧୀରେ କହଇ ବଚନ ସୁଧା ତହିଁ ॥
ଜନକର ଝିଅ ମୁହିଁ ନାମ ମୋର ସୀତା ।
ଦଶରଥନନ୍ଦନ ଶ୍ରୀରାମର ବନିତା ॥
ପିତା ବୋଲେ ସ୍ୱାମୀ ମୋର ବନକୁ ଅଇଲେ ।
ମୋତେ ଲକ୍ଷ୍ମଣକୁ ଘେନ ଦଣ୍ଡକେ ରହିଲେ ॥
ତହୁଁ ଯେ ରାବଣ ମୋତେ ଆଣିଲାକ ହରି ।
ମାୟାରେ ସେ ପାମର ତପସୀ ରୂପ ଧରି ॥
ସୁବର୍ଣ୍ଣର ମୃଗେକ ଉପାୟେ ଭିଆଇଲା ।
ଲୋଭେ ଯେ ଶ୍ରୀରାମ ସେ କୁରଙ୍ଗୀ ମାରିଗଲା ॥
ଲକ୍ଷ୍ମଣ ବାହି ଯେ ମାୟା ରାବେକ ଶୁଭିଲା ।
ଶୁଣି ନୟନରୁ ଅଶ୍ରୁଜଳ ମୋ ଗଳିଲା ॥
ଲକ୍ଷ୍ମଣ ସହିତେ ଯହୁଁ ଗଲେ ମୋର ନାହା ।
ଏକା ଦେଖି ମୋତେ ଯେ ଆଣିଲା ବଂଶବାହା ॥
ତେଣୁ ଦୁଃଖୀପ୍ରାୟ ହୋଇ ମୁହିଁ ରହିଅଛୁ ।
ବ୍ୟାଧ ବନ୍ଧନ ଯେସନେ କରିଥାଇ ପକ୍ଷୀ ॥
ଆଜର ରଜନୀରେ ରାବଣ ଆସିଥିଲା ।
ଦୁଇମାସକୁ ଯେ ମୋତେ କଣ୍ଟଦେଇ ଗଲା ॥
ବୋଇଲା ତୋ ଶ୍ରୀରାମକୁ ଦେଖାଇବୁ ଆଣି ।
ନୋହିଲେ ମୋହର ତୁ ଯେ ହୋଇବୁ ଘରଣୀ ॥
ତ୍ରିଜଟା ନ ଥିଲେ ଯାଆନ୍ତାକ ମୋତେ ମାରି ।
ବେଲକ ରଖି ସେ ମଦାମ୍ୟାଣୀ ବୋଲକରି ॥
ମଲାପ୍ରାଣୀ ପ୍ରାୟେକ ହୋଇଣ ମୁହିଁ ଅଛୁ ।
ତୁ ଆସି ଜୀଆଇଲୁ ଅମୃତପାଣି ସିଞ୍ଚି ॥
ଅପୂର୍ବ ମୂରତି ମୁହିଁ ଦେଖିଲି ତୋହର ।
ଏ କଥାତ ଦେବତା ମାନବେ ଅଗୋଚର ॥

କର୍ଣ୍ଣରେ କୁଣ୍ଡଳ ତୋର ଶିରରେ ମୁକୁଟ ।
ପଞ୍ଚରତ୍ନମାଳା ଯେ ଶୋହଇ କଣ୍ଠତଟ ॥
ଏସନକ ରୂପ ଯେ ମୁଁ ଦେଖିଲି ତୋହର ।
କହ କହ କପି ତୁ ଯେ କାହାର କୁମର ॥

( 2 )

ହନୁମାନ ବନ୍ଦୀ

ଅସୁରେ ବୋଲନ୍ତି ରେ ପାମର ଦୁଷ୍ଟ କପି ।
କେଁ। ଆସି ପ୍ରବେଶ ହୋଇଲୁ ମହାପାପୀ ॥
କେ ବୋଲଇ ନିର୍ଲ୍ଲଜ୍ଜ ରେ ଲାଜ ତୋତେ ନାହିଁ ।
ମୋହର ଭାଇକ ରେ ମାଇଲୁ କସ ପାଇଁ ॥
କେ ବୋଲଇ ଏ ମୋହର ତନୟ ମାଇଲା ।
କେ ବୋଲଇ ମୋହର ଦାଦକ ନାଶକଲା ॥
କେ ବୋଲଇ ମୋହର ପଡଲେ ଦୁଇଶଳା ।
କେ ବୋଲଇ ମୋହର ଯେ ମଲାଟି ମଉଳା ॥
କେ ବୋଲଇ ମୋହର ମଇଁବକୁ ମାଇଲା ।
କେ ବୋଲଇ ମୋହର ଦାଅର ନାଶଗଲା ॥
କେ ବୋଲଇ ମୋହର ଯେ ନଣୋନ୍ଦଇ ମଲା ।
ଯୁବାକାଳେ ମୋ ନଣନ୍ଦ ବିଧବା ହୋଇଲା ॥
କେ ବୋଲଇ ଶ୍ୱଶୁର ମୋହର ପ୍ରାଣ ଦେଲା ।
ଏତେକ ସମ୍ପଦ ମୋର ହେଲେ ନାଶକଲା ॥
କେ ବୋଲଇ ମୋହର ଏ ମାଇଲା ଗୁରୁସ୍ତ ।
ପାଞ୍ଚପୁଅ ଘେନିଣ ମୁ କରିବ କେମନ୍ତ ॥
କେ ବୋଲଇ ମୋହର ଖୁଡ଼ୁତାଶୁର ମଲା ।
ଖୁଡ଼ୀଶାଶୁ ମୋହର ଯେ ବିଧବା ହୋଇଲା ॥
କେ ବୋଲଇ ମୋହର ଗୋ ମଲା ଦେଢ଼ଶୁର ।
କେ ବୋଲଇ ମୋହର ଗୋ ମଲାଟି ସୋଦର ॥
କେ ବୋଲଇ ମୋହର କୁଣିଆ ଆସିଥିଲା ।
ଯୁଦ୍ଧ ଦେଖିବାକୁ ଯାଇ ସେହି ପୁଣ ମଲା ॥
କେ ବୋଲଇ ମଲା ମୋର ସଉତୁଣୀ ଭାଇ ।
କେ ବୋଲଇ ମଲାଟି ଗୋ ମୋହର ଜୁଆଇଁ ॥
କେ ବୋଲଇ ଯୁଦ୍ଧେ ମଲା ଭଣୋଇ ମୋହର ।
କେ ବୋଲଇ ଭଣଜାକୁ ନାଶିଲା ବାନର ॥

କେ ବୋଲଇ କପିଗୋଟି ଅଟଇ ଅଦୃଶ୍ୟ ।
କେମନ୍ତେ ମାଇଲା ଏହି ଏତେକ ରାକ୍ଷସ ॥
କେ ବୋଲଇ ଆହୋ ଜମ୍ବୁମାଳିବୀର ମଲା ।
କେ ବୋଲଇ ଅକ୍ଷୟ୍ବୀର ଗୋ ନାଶଗଲା ॥
କେ ବୋଲଇ ମଲେ ପୁଣି ପାଞ୍ଚ ସେନାପତି ।
କେ ବୋଲଇ ମଲେ ଗୋ ଅନେକ ଘୋଡ଼ା ହାତୀ ॥
କେ ବୋଲଇ ରଥ କଟ୍ଟଡ଼ଇ ଏହି ଠୋଳ ।
କେ ବୋଲଇ ଏ ବାନରଗୋଟି ମହାବଳୀ ॥
କେ ବୋଲଇ ରାଜାର ଶାଳକଗଣ ମଲେ ।
କେ ବୋଲଇ କଙ୍କରଗଣ ଗୋ କ୍ଷୟ୍ଗଲେ ॥
କେ ବୋଲଇ ଏହାକୁ କପାଇଁ ଅଛୁ ଥୋଇ ।
ବେଗେ ଏହାକୁ ପ୍ରାଣରେ ମାରୁ ଲଙ୍କସାଇଁ ॥
କେ ବୋଲଇ ଏଥେ ଥାଇଁ କରିବା ଗୋ କିସ ।
ଏହା ହେତୁ ଅମଙ୍ଗଳ ହୋଇଲା ଏ ଦେଶ ॥
ଏସନକ ବୋଲି ସର୍ବେ ଗୋଡ଼ାଇ ଅଛନ୍ତି ।
ଶୁଣ ଆଗୋ ଶାକମ୍ଭରି ଶଙ୍କର କହନ୍ତି ॥
ଯହୁଁ ସେ ହନୁମନ୍ତକୁ ବାନ୍ଧି ଘେନିଗଲେ ।
ସହସ୍ରେ ଅସୁରୀ ଯାଇଁ ସୀତାଙ୍କୁ କହିଲେ ॥
ଶୁଣ ଶୁଣ ଜାନକୀ ଗୋ ଏ ଆମ୍ଭର ବାଣୀ ।
ଯେବଣ କପିର ସଙ୍ଗେ ଭାଳୁଥିଲୁ ପୁଣି ॥
ସେ ଯେଉଁ ପ୍ରବଳପଣ ମଧୁବନେ କଲା ।
ଜାଣିଣ ରାବଣରାଜା ସୈନ୍ୟ ପେଷିଦେଲା ॥
ଅଶୀ ସହସ୍ର କଙ୍କର ମାଇଲା ସେ କପି ।
ଶାଳକଗଣ ପେଷିଲା ରାଜ୍ୟେ ହୋଇ କୋପୀ ॥
ସେହୁ ବାନର ଯୁଦ୍ଧରେ ପ୍ରାଣ ହରାଇଲେ ।
ପୁଣି ଜମ୍ବୁମାଳୀ ବୀର ପ୍ରଶସ୍ତ ଅଇଲେ ॥
ବାନର ହାତରେ ବୀର ଜମ୍ବୁମାଳି ମଲା ।
ଧର୍ମେଣ ପ୍ରଶସ୍ତ ସେନାପତି ପଳାଇଲା ॥
ନୃପତି ଆଗରେ ଚରି ଜଣାଇଲା ଯାଇଁ ।
ଅକ୍ଷୟ୍କୁମରକୁ ସେ ଦେଲା ପଠାଇ ॥
ବହୁତ ସୈନ୍ୟ ଘେନିଣ ସେ ବୀର ଅଇଲା ।
ବାନର ସଙ୍ଗତରେ ଅନେକ ଯୁଦ୍ଧକଲା ॥
କେବେହେଁ ତାହାକୁ ଗୋ ସେ ନ ପାରିଲା ଜିଣି ।
ରାଜାର ପୁତ୍ରକୁ କପି ପକାଇଲା ହାଣି ॥

ଶୁଣିଣ ନୃପବର ଯେ ବିସ୍ମୟ ହୋଇଲା ।
ଇନ୍ଦ୍ରଜିତ ବୀରକୁ ରାବଣ ଆଜ୍ଞା ଦେଲା ॥
ସେହି ମେଘନାଦ ଅଟେ କ୍ଷତ୍ରିୟଙ୍କ ଶଲ ।
ତ୍ରିଭୁବନ ମଧ୍ୟରେ ଅଟେ ମହାମଲ୍ଲ ॥
ସେ ଆସି କପିଙ୍କ ବାନ୍ଧି ଧରି ନେଇଗଲା ।
ନାଗପାଶେ ବାନ୍ଧିଣ ଅନେକ କଷ୍ଟ ଦେଲା ॥
ରାବଣ ଛାମୁକୁ ନେଇଗଲା ତାକୁ ଧରି ।
ବିବିଧ ପ୍ରକାରେ ତାକୁ ବନ୍ଧନ ଯେ କରି ॥
ଶୁଣିଣ ଜାନକୀ ଦେବୀ ହୋଇଲେ ସ୍ତବଧ ।
ମନେ ଭାବିଲେ ନିପୁଣ ପଡ଼ିଲି ପ୍ରମାଦ ॥
ହନୁମନ୍ତ ନିପୁଣ ଯେ ପ୍ରାଣେ ଯାଇ ନାଶ ।
ଏତେ ବୋଲି ଦେବୀ ଯେ ରହିଲେ ଦଣ୍ଡଦଣ ॥
ଅଶୋକବନକୁ ଯେ ବୋଲନ୍ତି ଚନ୍ଦ୍ରମୁହିଁ ।
ତୁମ୍ଭଙ୍କୁ ଯେ ଆଶ୍ରେ କରି ରହିଅଛୁ ମୁହିଁ ॥
ତୁମ୍ଭେ ଯେବେ ଅଶୋକ ଗୋ ଶୋକ ମୋତେ ନୋହୁ ।
ଏହି ଉପକାର ମୋତେ କାଳେ କାଳେ ଥାଉ ॥

( ୪ )

ଲଙ୍କାପୋଡ଼ି

ନର ନର ନାରୀଏ ଯେ ବିକଳେ ବୋଲନ୍ତି ।
କେହି ଆୟୁ ଦାୟମାନ ନେଇଣ ପଳାନ୍ତି ॥
କେହୁ ହାତେ ଲୁଗା କେହୁ କାଖେ ପୁଅ ନେଇ ।
ପୋଖରୀ କୂଳକୁ ଉଡ଼ିରେ ପଳାନ୍ତି କାମିନୀ ॥
କେ ବୋଲଇ ବାପ ଆଲୋ କେ ବୋଲଇ କକା ।
କେ ବୋଲଇ ଆଲୋ ମୋତେ ଜଳେ ଧରି ପକା ॥
କେ ବୋଲଇ ଭାଇ ଆଲୋ କେ ବୋଲଇ ନନା ।
କେ ବୋଲଇ ମୋତେ ଯେ ସମ୍ଭାଳ ନାଥ କନା ॥
କେ ବୋଲଇ ଗଲା ଲୋକେ ବେଗହୋଇ ଆସ ।
କେବଣ ବାପୁଡ଼ା ଯେ ରହାଇଁ ଦଣ୍ଡଦଣ ॥
କେ ଆସି ନ ପାରି ଘରେ ପଶି ପୋଡି ମଲା ।
କେହୁ ତାଟକା ହୋଇଣ ପଡ଼ି ମୋହି ଗଲା ॥
କେବଣ ବାପୁଡ଼ା ଯେ ଦେଖିଣ ପ୍ରାଣହାରି ।
ବାଟ ନ ପାଇ ଭିତରେ ପଶି ପୋଡି ମରି ॥

କୁଅ ଭିତରେ ପଶିଲା କେହୁ ଯାଇଁ ତେଇଁ ।
ତହିଁ ପୋଡ଼ିମଲା ସେ ଯେ ଅଗ୍ନି ଜ୍ୱାଳା ପାଇ ॥
କେହୁ ପାଣି ପକାଇ ଲିଭାଇ ଦ୍ୟନ୍ତି ଘର ।
କେ ବୋଲନ୍ତି ଆସି ମୋତେ ବେଗକରି ଧର ॥
କେ ବୋଲଇ ରାବଣ ଯେ ଏହା ଅରଜିଲା ।
ସୀତାକୁ ଆଣି ସମ୍ପଦ ହେଲେ ନାଶ କଲା ॥
କେ ବୋଲଇ ବାବୁ ରେ ମୋହର ପୁଅ ନାହିଁ ।
କେ ବୋଲଇ କେଣେ ପଳାଇଲା ମୋର ଭାଇ ॥
କେ ବୋଲଇ ମୋହର ଜନନୀ ନ ଅଇଲା ।
କେ ବୋଲଇ ମୋହର ପିଅର କେଣେ ଗଲା ॥
କେ ବୋଲଇ ଲଙ୍କାକୁ ବେଢ଼ିଲା ହୁତାଶନ ।
ବାହାର ହୋଇ ଯିବାକୁ କେ ଅଛୁ ଭାଜନ ॥
କେ ବୋଲଇ ଆଜ ଏଥେ ମରିବା ନିଶ୍ଚିତ ।
କେ ବୋଲଇ ପୂର୍ବରେ ଗୋ ଏହି କଲା କୃତ୍ୟ ॥
ଏସନ ଯେବେ ପୂର୍ବରୁ ଅଛଇ ଭବିଷ୍ୟ ।
ଆଉ ଏହାକୁ ଭାଳିଲେ ହୋଇବ ବା କିସ ॥
ଲଙ୍କା ପୋଡ଼ିଯିବା କାଳେ ସମସ୍ତେ ମରିବା ।
ଏତେକ ପାପଯୋଗକୁ କି ବୁଦ୍ଧି କରିବା ॥
କେ ବୋଲଇ ଏକାକେ ବାନର ଏହା କରି ।
ଶ୍ରୀରାମ ଅଇଲେ କି ରହିବ ଲଙ୍କାପୁରୀ ॥
ଚଉକତି ସମୁଦ୍ର ଯେ କେଣେ ପଳାଇବା ।
ରାବଣର ପ୍ରସାଦେ ଯେ ସମସ୍ତେ ମରିବା ॥
ଏତେ କାଳ ନିଶ୍ଚିନ୍ତରେ ରହି ଯେ ଥିଲାଇଁ ।
ଏକାବେଳକେ ସମସ୍ତେ ପ୍ରାଣ ଯେ ହରାଇ ॥
କେ ବୋଲଇ ହୁତାଶନ ସମସ୍ତ ଲାଗିଲା ।
ପବନ ବହିବାରେ ଦ୍ୱିଗୁଣ ପୋଡ଼ି ଗଲା ॥
କେ ବୋଲଇ ଅଗ୍ନି ଯେ ଉଠଇ ଅନ୍ତରାଳେ ।
ଦଶଦିଗ ଧୂମମୟ ପବନର ବଳେ ॥
କେ ବୋଲଇ ହନୁମନ୍ତ ଥାଇଁ ଯେ ଆକାଶେ ।
ଲାଞ୍ଜ ବେଢ଼ାଇ ଦେଇଣ ଅଛୁ ଚଉପାଶେ ॥
ସୁବର୍ଣ୍ଣମୟ ଯେ ଲଙ୍କା ଅଙ୍ଗାର ହୋଇଲା ।
ଏକା ବାନର କ୍ଷଣକେ ଏତେ କୃତ୍ୟ କଲା ॥
ଏସନକ ବିକଳ ହୁଅନ୍ତି ନର ନାରୀ ।
ବ୍ୟାକୁଳେ କର ମାରନ୍ତି ବଧାଇ ସୁମରି ॥

ଦ୍ରବ୍ୟ ନାଶ ଯିବାରୁ ବୁକୁରେ କୋଡ଼ି ହାନ୍ତି ।
ମୂରଚ୍ଛି ନ ପାରିଣ ଥୋକାଏ ଦୂର ଯାନ୍ତି ॥
ଛାଡି ସହି ନ ପାରିଣ ଆସନ୍ତି ବାହୁଡ଼ି ।
କେହୁ ଭୂମିରେ ପଡ଼ନ୍ତି ହୋଇଣ କଣ୍ଟିଡ଼ି ॥
କାହାର ପଣନ୍ତେ ଯାଇ ଲାଗିଲାକ ଜୋଇ ।
ମଲି ମଲି ବୋଲି କେହୁ ବିକଳ ଯେ ହୋଇ ॥

---

## ଲଙ୍କାକାଣ୍ଡ

### ( 1 )

### ଶ୍ରୀରାମଙ୍କ ଉପଦେଶ ଓ ଲକ୍ଷ୍ମଣଙ୍କ ପ୍ରତିଜ୍ଞା

ପାଛୋଟି ନେଲେ ସୁଗ୍ରୀବ ଲକ୍ଷ୍ମଣ ଯେ ବୀର ।
ଜାମ୍ବବ ସହ ଲମ୍ଭିଲେ ଶ୍ରୀରାମ ପୟର ॥
ଦେଖି ହସ ହସ ହେଲେ ଅଯୋଧ୍ୟାର ସାଇଁ ।
ଆନନ୍ଦେ ବେନି ନେତ୍ରୁ ଅଶ୍ରୁଜଳ ଗଳଇ ॥
ଭାଇଙ୍କ କୋଳ କରିଣ କରନ୍ତି ରୋଦନ ।
ତୁ ମୋର ପ୍ରାଣସଖା ରେ ସୁମିତ୍ରାନନ୍ଦନ ॥
ଯେତେବେଳେ ତୋତେ ସେହି ମାଇଲା ଶକତି ।
ଅନ୍ଧକାରମୟ ମୋତେ ଦିଶିଲାକ ପୃଥ୍ୱୀ ॥
ନାକେ ପଶି ଯେହ୍ନେ ତାଳୁରେ ପଶଇ ପାଣି ।
ବୁଦ୍ଧି ହଜିଗଲା ମୋର ତେସନକ ଜାଣି ॥
ସେ ବାପ ପୋଏ ଅଛନ୍ତି ଜାଣ କ୍ଷତ୍ରିବର ।
ନୋହିଲେ ଆନେ କେହ୍ନେ ଜିଣିଲେ ବଜ୍ରଧର ॥
ସ୍ୱଭାବେ ଅସୁର ପୁଣି ତପେ ବଳୀୟାର ।
ବ୍ରହ୍ମାଣ୍ଡ ଭିତରେ ସେ ଅଛନ୍ତି ହନ୍ତକାର ॥
ଆର ବେଳେ ବାବୁ ରେ ନୋହିବୁ ଆଗୁଁସାର ।
ମାୟାଯୁଦ୍ଧ ଦଇତେ ଯେ ଜାଣନ୍ତି ଅପାର ॥
ବିଭୀଷଣ ସଙ୍ଗତେ ସମର କାଳେ ଥିବୁ ।
ଏ ଯେତେଣେ କଥଇ ବାବୁ ତୁହି ତେତେଣେ ଯିବୁ ॥
ଜାଣୁଟିକି ମିତ୍ରଘନ ମାଇଲାକ ଶୂଳ ।
ବିଭୀଷଣ ନୋହିଥିଲେ ପୂରନ୍ତାନି କାଳ ॥

ମାୟାକୁ ମାୟା ଜାଣଇ ଏହି ପଉଲସ୍ତି ।
ଅସ୍ତ୍ର ନ ଆସୁଣୁ ଆଗ ହେଲା ଊର୍ଦ୍ଧ୍ୱଗତି ॥
ଏହାର ବେଲେ ଯେ ପୁଣି ମେଣ୍ଟି ନୋହେ ତାହା ।
ଅସୁରମାନଙ୍କୁ ବାବୁ ମାୟାସିନା ସାହା ॥
ଏବେ ଯେ ବାବୁ ରେ ତୁ ମୋହର ବୋଲେ ଥିବୁ ।
ଏକା ହୋଇ ଇନ୍ଦ୍ରଜିତ ପାଶକୁ ନ ଯିବୁ ॥
ତୋହର ଜୀଇଥିଲେ ରେ ସବୁ ମୋର ଅଛି ।
ତୋହର ବିନୁ ମୋତେ ଯେ ଯଶ ନାହିଁ କିଛି ॥
ପ୍ରାଣର ଆଧାର ମୋର ଅଟୁ ତୁ ରେ ଭାଇ ।
ତୋତେ ନ ଦେଖିଲେ ପିଣ୍ଡେ ପ୍ରାଣ ମୋ ନ ଥାଇ ॥
ସୀତା ମୂରୁଛିଲି ମୁଁ ତୋହର ସଙ୍ଗେ ଥାନ୍ତେ ।
ସବୁ ସମ୍ପଦ ମୋହର ତୋହର ଜୀବନ୍ତେ ॥
ଯୁଦ୍ଧର ଭଙ୍ଗୀମାନ ତୁ ନ ଜାଣୁ ରେ ସାନ ।
ମେଘନାଦ କୁମର ଜିଣିଛି ମଘବାନ ॥
ରାବଣହୁ ଅଧିକ ବୋଲନ୍ତି ତ୍ରୈଲୋକ୍ୟ ।
ତୁ ତାର ତୁଲେ ଯୁଝିଲେ ମରିବ ମୁଁ ଶୋକେ
କହୁଁ କହୁଁ ରାମର ନୟନୁ ବହେ ଜଳ ।
ସେନା ସେନାପତି କପି ସଇନ ବିକଳ ॥
ଶୁଣିଣ ଲକ୍ଷ୍ମଣ ଯେ ଅରୁଣବର୍ଣ୍ଣ ନେତ୍ର ।
ଥରହର ହୋଇଣ କମ୍ପଇ ତାର ଗାତ୍ର ॥
ଦଶଦିଗକୁହିଁ ଯେ ବୋଲଇ କୋପ କରି ।
କପାଁ ତୁ ଡରାଇ ମୋତେ କହୁ ଶ୍ରୀପଧାରୀ ॥
କ୍ଷତ୍ରିୟର ପୁଅ ମୁହିଁ ମୂରୁଛିବି ରଣେ ।
ଅପଚୟ ଉପଚୟ ଅଛଇ ପୁରାଣେ ॥
ରାବଣର ଶୂଳକୁ ଯେ ଦେଖିଥିଲି ମୁହିଁ ।
ଇନ୍ଦ୍ରଜିତ ଶକତି ମାଇଲା ଆଡ଼େ ଥାଇ ॥
ତେଣୁ ତାକୁ ପ୍ରତିଅସ୍ତ୍ର ନ ପାରିଲି କରି ।
ଛାମୁରେ ମିଳି କି ଅସ୍ତ୍ର ପାରନ୍ତା ସେ ମାରି ॥
ରାମ ବୋଇଲେ ମୁଁ ଏହା ସ୍ନେହେ ଯେ କହିଲି ।
ଅସୁର ମାୟାଯୁଦ୍ଧରେ ଜାଣନ୍ତି ବୋଇଲି ॥
ଯୁଝିବେ ଯେବେ ସେମାନେ ଧର୍ମରେ ଯେ ରହି ।
ତିନିପୁର ଜିଣନ୍ତେ କେମନ୍ତେ କହ ସେହି ॥
ଲକ୍ଷ୍ମଣ ବୋଇଲେ ସେହି ଜାଣୁ ପଛେ ମାୟା ।
ମୁହିଁ ଯେ ନାରାଚେ ତାର ବିଦାରିବି କାୟା ॥

ଇନ୍ଦ୍ରଜିତ ଯୁଦ୍ଧ ଯେ ରହିଲା ମୋର ଭାଗେ ।
ପୁଣ ପୁଣ ପ୍ରତିଜ୍ଞା କରଇ ବାର ରାଗେ ॥
ଏବେ ଭେଟିଲେ କି ସେହି ଯିବ ପ୍ରାଣ ଘେନି ।
ଏ କଥାକୁ ସାକ୍ଷି ଥାଅ ଚନ୍ଦ୍ର ସୂର୍ଯ୍ୟ ବେନି ॥
ଯେବେ ଇନ୍ଦ୍ରଜିତର ମୁଁ ନ ଛେଦଇଁ ମାଥ ।
ଏ ଧନୁଶରକୁ ମୁହିଁ ନ ଧରିବି ହାତ ॥
ସୁଗ୍ରୀବ ବିଭୀଷଣ ଅଙ୍ଗଦ ହନୁମତ ।
ନଳ ନୀଳ ସୁଷେଣ ତାର୍କ୍ଷ୍ୟ ବାଳିସୁତ ॥
ଗନ୍ଧମାଦନ ସହ ଶରଭ ସେନାପତି ।
ରଣରାଜପୁତେ ଏଥେ ଯେତେକ ଅଛନ୍ତି ॥
ଋକ୍ଷ କପି ତୁମ୍ଭେମାନେ ଥାଅ ଏବେ ଜାଣି ।
ଇନ୍ଦ୍ରଜିତ ଯୁଦ୍ଧକୁ ନ ଭାଳୁ ରଘୁମଣି ॥
ସତ୍ୟ ସତ୍ୟ ମୁହିଁ ଯେ କହୁଛି ଏହିକେ ।
ରାମାୟଣ ଯୁଦ୍ଧରେ ପ୍ରତିଜ୍ଞା ମୋର ଦେଖ ॥
ଉଭୟ ବଳ ମଧ୍ୟେ କରିବି ଯିସ ରୀତି ।
ସାକ୍ଷୀ ହୋଇଥାଅ ଯେ ପକ୍ଷୀଣ ଯୂଥପତି ॥
ଯେବେ ସେ ଇନ୍ଦ୍ରଜିତ ସମରକୁ ଆସଇ ।
ପୁଣି କି ଲେଉଟି ଯିବ ନିଜ ବାସକୁହିଁ ॥
ବ୍ରହ୍ମାଦି ଦେବତାଏ କରିବେ ଯେବେ ରକ୍ଷା ।
ତଥାପି ନ ବର୍ତ୍ତଇ ସେ ରାବଣର ବଚ୍ଛା ॥
ଜାଣିବା ଇନ୍ଦ୍ରକୁ ଜିଣିଲା କେବଣ ରଣେ ।
ଦଣ୍ଡଦିଗପାଳକୁ ଜିଣିଲା କେଉଁ ବାଣେ ॥
ମୁହିଁ କୁହଇ ନା ସୁରଗଣଙ୍କ ସମାନ ।
ମୋହର ହାତେ ତାହାର ନଷ୍ଟୟ ଜୀବନ ॥
ଲକ୍ଷ୍ମଣ ପ୍ରତିଜ୍ଞା ଯେ କରନ୍ତେ ରାମ ହସି ।
ନିଶବଦ ହୋଇଣ ଅଛନ୍ତି ସର୍ବେ ବସି ॥

( 2 )

ଇନ୍ଦ୍ରଜିତ ଓ ଲକ୍ଷ୍ମଣଙ୍କ ଉକ୍ତିପ୍ରତ୍ୟୁକ୍ତି

ଆଶ୍ଚର୍ଯ୍ୟ ସଂଗ୍ରାମ ଯେ ଅପୂର୍ବ ମହାରଣ ।
ଧନ୍ୟ ଇନ୍ଦ୍ରଜିତ ଧନ୍ୟ ଧନ୍ୟ ତୁ ଲକ୍ଷ୍ମଣ ॥
ଧନ୍ୟ ଧନ୍ୟ ଅଟ ତୁମ୍ଭେ କ୍ଷତ୍ରି ବର ବେନି ।
ତ୍ରିଜଗପୁରେ ତୁମ୍ଭର ମହିମା ଅଟେ ଧନି ॥

ନାହିଁ ପଟାନ୍ତର ଏହି ବ୍ରହ୍ମାଣ୍ଡ ଭିତରେ ।
ଧନ୍ୟ ଆୟୁଧ ଅଛଇ ତୁମ୍ଭର ହସ୍ତରେ ॥
ଏସନକ ବୋଲି ପ୍ରଶଂସନ୍ତି ସୁରଗଣ ।
ଇନ୍ଦ୍ରଜିତ ଲକ୍ଷ୍ମଣ ସଂଗ୍ରାମ କଥା ଶୁଣ ॥
ଦୁହିଙ୍କର ଦେହରୁ ରୁଧିର ବହୁଅଛି ।
ଶକ୍ରାଜିତ ବୋଇଲା ଶୁଣ ହୋ ରଘୁବଂଶି ॥
ଯୁବାକାଳେ ସ୍ତ୍ରୀଶିଭୋଗ କରିବା ଛଡ଼ିଲୁ ।
ମରିବୁ ବୋଲି ତୁ ମୋର ଛାମୁରେ ପଡ଼ିଲୁ ॥
ତୁହି କିସ ଜାଣିବୁ ରେ ଯୁଦ୍ଧର ଯେ ମତ ।
ନ ଜାଣିଣ ହୁତାଶନେ ପଶିଲୁ ବାଳୁତ ॥
ଏହା ଶୁଣି ଲକ୍ଷ୍ମଣ ବୋଇଲେ ହସି କରି ।
ବାଳୁତ ମୋତେ ବୋଇଲୁ ଇନ୍ଦ୍ରର ଅରି ॥
ଆଜଯାଏ ଇନ୍ଦ୍ରଜିତ ନ ଜାଣୁ କି ମୋତେ ।
ତିନିଭୁବନକୁ ଦହି ପାରେ ମୁଁ କ୍ଷଣୀତେ ॥
ଗଣିଗଣି ପ୍ରାୟ ତୋତେ ମଣଇ ଅସୁର ।
ଏହି କ୍ଷଣି ପଠାଇବ ତୋତେ ଯମପୁର ॥
ଇନ୍ଦ୍ରଜିତ ବୋଇଲା ରେ ନ ଜାଣୁ କି ମୋତେ ।
ବିଭୀଷଣ ତୁମ୍ଭର କି କହି ନାହିଁ ତୋତେ ॥
ଶତେକ ବେଳ ଜିଣିଲି ମୁହିଁ ସୁରଆଳେ ।
ମୋହର ମୁଖ ଦେଖି ଡରନ୍ତି ଦଶପାଳେ ॥
ମେରୁ ପର୍ବତକୁ ମୁହିଁ କରିପାରେ ଧୂଳି ।
ସ୍ୱର୍ଗ ଛିନ୍ନାଇ ପକାଇପାରେ ମହୀସ୍ଥଳୀ ॥
ପୃଥ୍ୱୀ ବିଦାରି ପାରେଁ ମୁ ନାରାଚର ଘାଏ ।
ସାତସିନ୍ଧୁ ପାଣି ଉଡ଼ାଇବ ଶସ୍ତ୍ରବାୟେ ॥
ପାତାଳପୁର ମଣିଙ୍କୁ ଆଣି ମୁ ପାରଇଁ ।
ଏହିକ୍ଷଣି ତୋତେ ନାରାଚରେ ସଂହାରଇଁ ॥
ମୋହ ଛାମୁରେ ପଡ଼ିଣ କେହ୍ନେ ବର୍ତ୍ତିଯିବ ।
ଦେବତା ଦାନବ ଆଦି ପ୍ରାଣ କି ପାଇବ ॥
ଲକ୍ଷ୍ମଣ ବୋଇଲେ ଶୁଣ ପୁଣ ରେ ରାବଣି ।
ତୋହର କଥାମାନ ଅଛଇ ମୁହିଁ ଶୁଣି ॥
ମର୍ତ୍ତ୍ୟେ ଜନ୍ମ ହୋଇ ଯେ ସବୁଏ ନାଶଯାଇ ।
ଚର ହୋଇଣ ଯେ ଏଥେ ପଦାର୍ଥେକ ନାହିଁ ॥
ଯେହି ସେ ଏହି ସଂସାର ସର୍ଜିଲା ଦଇବ ।
ପ୍ରଳୟକାଳରେ ପୁଣି ସେହି ନାଶଯିବ ॥

ଚନ୍ଦ୍ର ସୂର୍ଯ୍ୟ ପୁଣି ଉଇଁ ଅସ୍ତ ହେଉଛନ୍ତି ।
ଯେ ଯାହାର କାଳେ ରହୁ ଭୋଗ କରୁଛନ୍ତି ॥
ଶୀତ ବରଷା ଗ୍ରୀଷମ ଶରଦ ଯେ କାଳ ।
ଆତଯାତ ହେଉଛନ୍ତି ଏ ମହୀମଣ୍ଡଳ ॥
ଦିବସ ସରିଲେ ପୁଣି ରାତ୍ରି ଆସି ହୋଇ ।
ରାତ୍ରି ପାହିଲେ ଯେ ପୁଣି ଦିବସ ହୁଅଇ ॥
ପୁଣିହିଁ ଦିବସ ପୁଣି ରାତ୍ରି ଯେ ହୁଅଇ ।
ତିଥି ବାର ନକ୍ଷତ୍ର ଯେ ମାସ ପକ୍ଷ ଯାଇ ॥
ଦ୍ୱୀପକେ ସମୁଦ୍ରେ ପୁଣି ସମୁଦ୍ରକେ ଦ୍ୱୀପେ ।
ଜନମକେ ନାମେ ପୁଣି ନାମକେ ସ୍ୱରୂପେ ॥
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ ତିନପୁର ହୋଇ ।
ବାଲି ମାଟି ପଥର ଅଟଇ ଏହି ମହୀ ॥
ପଥର ମାଟି ହୋଇ ମାଟିରୁ ବାଲି ଜାତ ।
ସନ୍ଧ୍ୟା ମଧ୍ୟାହ୍ନ ଯେ ପୁଣି ହୁଅଇ ପ୍ରଭାତ ॥
ସ୍ତ୍ରୀରି ପୁରୁଷ ଆବର ସତ ମିଛ ଅଛି ।
ଆତଯାତ ଜୀବନ ମରଣ ଗତାଗତି ॥
ଏକା ହୋଇକରି ଯେ ପଦାର୍ଥେ ଏଥି ନାହିଁ ।
ବେଦ ବଉଦ୍ଧ ବୋଲି ଅଛନ୍ତି ଏବେ କହି ॥
ଶାସ୍ତ୍ରାର୍ଥ ପରମାର୍ଥ ଏହି ଦୁଇ ମତ ।
ସତ୍ୟ ତ୍ରେତା ଦ୍ୱାପର ଯେ କଳି ଆତଯାତ ॥
ନିଶ୍ଚଳ ବୋଲିଣ ଯେ ଶୁଣିଲା ନାହିଁ କିଛି ।
ହାନି ଉପଚୟ ଯେ ସଭିଙ୍କ ଦେହେ ଅଛି ॥
ତୁ କେଡ଼େ ଏହି ବିଚାର କରୁ ହୋ ଅସୁର ।
ଏ ପୃଥ୍ୱୀର ନାମ ଯେ ଅଟଇ ମର୍ତ୍ତ୍ୟପୁର ॥
ଏଥି ଜାତ ହୋଇଲେ ନିଶ୍ଚୟ ପ୍ରାଣ ହାରି ।
ତୁ ବୋଇଲୁ ମୋତେ କେହି ନ ପାରଇ ମାରି ॥
ପୂର୍ବର ଭାଗ୍ୟ ଯେତେ ସମୟେ ଭୋଗ କଲୁ ।
ମରିବାର ବେଳେ ମୋର ସମ୍ମୁଖରେ ପଡ଼ିଲୁ ॥
ଆଜ ସେ ଜାଣିମା ତୋର ବୀରଶୂରପଣ ।
କାଟିବ ବାଣେ ତୋହର ଯେତେକ ପରାଣ ॥
କଥା କହୁଁ କହୁଁ ଦୁହେଁ ବିନ୍ଧୁଛନ୍ତି ଶର ।
ଦୁହିଁଙ୍କର ଶରୀର ରକତେ ଜର ଜର ॥
କୁହୁଡ଼ି ପ୍ରାୟେକ ଯେ ଦିଶଇ ରଣଭୂଇଁ ।
ଏକକୁ ଆରେକ ତହିଁ ଚହ୍ନାଚହ୍ନି ନାହିଁ ॥

ସାତ ସସ୍ର ନାରାଚ ବନ୍ଧିଲା ଇନ୍ଦ୍ରଜିତ ।
ଦେଖି ନିବାରିଲା ତାହା ସୁମିତ୍ରାର ସୁତ ॥
ଅଜୟ ଶସ୍ତ୍ର ବାଛି ବିନ୍ଧିଲା ରାମଭାଇ ।
ଶରପଥ ଚଳନ୍ତେଣ ଜଗତ ହଲଇ ॥
ଦୁଇ ଶସ୍ତ୍ର ମଧ୍ୟରେ ହୋଇଲେ ଭେଟାଭେଟି ।
ହାବୋଡ଼ା ବାଜିଣ ଯେ ପ୍ରଳୟ ଅଗ୍ନି ଉଠି ॥
ନିର୍ଘାତ ପ୍ରାୟେକ ଘୋର ଶବଦ ଶୁଭିଲା ।
ଶସ୍ତ୍ରଙ୍କର ତେଜେ ସୂର୍ଯ୍ୟକିରଣ ଲୁଚିଲା ॥
ଦୁଇ ଶସ୍ତ୍ର ବାଜିଣ ପଡ଼ିଲେ ଭୂମିତଳେ ।
ଉଲ୍କାପାତ ହୋଇଲା କି ପ୍ରଳୟେର କାଳେ ॥
ଏସନକ ଦେଖିଣ ଯେ ଋଷଭ ସୁଷେଣ ।
ଜାମ୍ବବ ଅଙ୍ଗଦ ହନୁମନ୍ତ ବିଭୀଷଣ ॥
ଶଉର ସେନାପତି ଯେ ଶତବାଳୀ ନୀଳ ।
ମହେନ୍ଦ୍ର ଦ୍ୱିବିଦ ହନୁମନ୍ତର ପିଅର ॥
ଗବୟ ଗବାକ୍ଷ କପି ଗନ୍ଧମାଦନ ।
ଦଧିମୁଖ ବଳିମୁଖ କୁମୁଦ କଞ୍ଚନ ॥
ସୁଶୋଧନ ଶରସେତୁ କୁନ୍ଦ ଆଉ ନଳ ।
ଧାଇଁଲେ ଏ ଯୂଥପତି ଘେନି ତରୁ ଶିଳ ॥
ଇନ୍ଦ୍ରଜିତ ରଥରେ ଯେ ଉଠିଲେକ ଯାଇଁ ।
ଚାରି ଘୋଡ଼ା ତାହାର ଯେ ମାଇଲେ ତୁହାଇ ॥
ଚକ୍ଷୁର ଛଟକେ ସେହି ବାହୁଡ଼ିଲେ ପୁଣି ।
ସାରଥିଙ୍କ ଲକ୍ଷ୍ମଣ ନାରାଚ ପେଷି ହାଣି ॥
ବିରଥୀ ହୋଇଲା ସେ ଯେ ରାବଣର ସୂତ ।
ଲକ୍ଷ୍ମଣଙ୍କୁ ଚାହିଁ ପୁଣି ବୋଇଲା ଦଇତ ॥
ବିରଥୀ ହୋଇଲ ମୁହିଁ ଆସେ ଚଢ଼ି ରଥ ।
ବିଭୀଷଣ ବୋଲେ ଶୁଣ ସୁମିତ୍ରାର ସୁତ ॥
ସେହି ରଥେ ବସି ଏହି ଦୁଇବେଳ ଗଲା ।
ନାଗପାଶେ ବାନ୍ଧିଲା ଯେ ବ୍ରହ୍ମଶସ୍ତ୍ର କଲା ॥
ଏବେ ମୋର ବୋଲ ତୁହି କର ସଉମିତ୍ର ।
ଏ ସେ ଇନ୍ଦ୍ରଜିତ ଯେ ଅଟଇ ମହାକ୍ଷତ୍ରି ॥
ଜିଣିତ ନାରାଚେ ଜଗତ ଜିଣି ପାରଇ ।
ସେ ରଥେ ବସିଲେ ଯେ କାହାକୁ ନ ଗଣଇ ॥
ଏବେ ଏହାକୁ ଓଗାଳି ଯୁଦ୍ଧ କର ହାଦେ ।
ମୁହିଁ ବୋଲୁଅଛି ଏହାକୁ ତୁ ଛାଡ଼ି ନ ଦେ ॥

ବିଭୀଷଣ କହନ୍ତେ ଜାଣିଲା ଇନ୍ଦ୍ରଜିତ ।
ମନେ ବିସ୍ମରିଲାତ ହୋଇଲା ବିପରୀତ ॥
ଶୃଗାଳ ଖୁଡ଼ୁତା ଯେ କହିଲା ମୃତ୍ୟୁଭେଦ ।
ଏତେ ବୋଲି ରାଗେ ଲେଉଟିଲା ମେଘନାଦ ॥
ଦିବ୍ୟରଥେକ ଆଣି ସାରଥି ସାଜିଦେଲା ।
ତହିଁ ମହାବୀର ଯେ ବିଜୟ ଯାଇଁ କଲା ॥
ବାଜୁ ସେହି ରଥବର ସବୁ ହୀରାମୟେ ।
ନବରତ୍ନେ ଜଡ଼ିତ ସେ ଚନ୍ଦ୍ର ସୂର୍ଯ୍ୟ ପ୍ରାୟେ ॥
କାଳାନ୍ତ ଧ୍ୱଜାନ୍ତ ଦିଗଦହନ ତରାଳ ।
ଦେଖି ରଘୁବଳ ଭୟେ ହୁଅନ୍ତି ବିହ୍ୱଳ ॥
କରେ ଧନୁ ଧରଣ ପଶିଲା ଆସି ରଣେ ।
ଭୋକିଲା ସିଂହ କି ବୁଲଇ ଯେ ଏଣେ ତେଣେ ॥
ବିଭୀଷଣକୁ ଚାହିଁ ବୋଲଇ ଇନ୍ଦ୍ରଜିତ ।
ଧିକ ହେଉ ନା ନିର୍ଲଜ୍ଜ ତୋହର ଜୀବିତ ॥
କ୍ଷତ୍ରି ହୋଇ ତୁ ଯେ ମରଣକୁ ଭୟ କଲୁ ।
ଶତ୍ରୁର ତହିଁ ଯାଇଣ ଶରଣ ପଶିଲୁ ॥
ସୁକେଶ ଦଇତର ବିଦ୍ୟୁତ ନାମେ ସୁତ ।
ତାହା ତନୟ ସୁମାଳି ମାଳି ମାଲ୍ୟବନ୍ତ ॥
ମାଳି ମାଲ୍ୟବନ୍ତକୁ ଶ୍ରୀହରି ନାଶ କଲେ ।
ସୁମାଳି ପଳାଇ ଯାଇଁ ପାତାଳେ ପଶିଲେ ॥
ତାହାର ଦୁହିତା ଯେ ଅଟଇ ନଉକେଶୀ ।
ତାହାକୁ ବିଭା ହେଲା ବିଶ୍ରବା ମହର୍ଷି ॥
ତା ତହୁଁ ତିନପୁତ୍ର ହୋଇଲ ଗୁମ୍ଭେ ଜାତ ।
ମାତା ଗୁଣ ଯେନଣ ଯେ ହୋଇଣ ଦଇତ ॥
ଜ୍ୟେଷ୍ଠଭାଇ ରାବଣ ଜିଣିଲା ତିନପୁର ।
କଟକ କଲାକ ଆଣି ସମୁଦ୍ର ଭିତର ॥
ଚଉଦ ଭୁବନର ଯେ ଧନ ବସ୍ତ୍ର ନାରୀ ।
ଲଙ୍କା ଗଡ଼େ ଆଣି ଠୁଳକଲା ଦଶଶିରୀ ॥
କୁମ୍ଭକର୍ଣ୍ଣ ମହାତ୍ମା ଯେ ନିଦ୍ରାଭୋଗ କଲା ।
ସବୁ ସମ୍ପଦ ରାବଣ ତୋତେ ସମର୍ପିଲା ॥
ଅକଣ୍ଟକ ରାଜ୍ୟଭୋଗ ତୁହି କରୁଥିଲୁ ।
ଅସମୟ ଦେଖିଣ ଯେ ଛାଡ଼ି ପଳାଇଲୁ ॥
ଶତ୍ରର ସଙ୍ଗେ ମିଶି କୁଟୁମ୍ବ ଛିଦ୍ର କହୁ ।
ଏତେକ ପାପଆତ୍ମା କେବଣ ଗୁଣେ ବହୁ ॥

ବିଶ୍ୱାସଘାତକ ତୁହି ଅଟୁ ରେ ଚଣ୍ଡାଳ ।
ଏତେ ବସତରେ ତୁ ଜୀଇଲୁ କେତେକାଳ ॥
ଧର୍ମଶାସ୍ତ୍ର ପୁରାଣ କି ଶୁଣି ନାହୁଁ କର୍ଣ୍ଣେ ।
ସୋଦର ବଧ କଲେ କେମନ୍ତ ହୋନ୍ତି ଜନେ ॥
ଏକାକେ ତୁ ଯାଇଣ କୁଟୁମ୍ବ ହରାଇଲୁ ।
ଆପେ ନ ମାରିଣ ପରହାତେ ମରାଇଲୁ ॥
ମୁହିଁ ତୋର ପୁରୁଷ ମୋତେ ଯେ ମନ୍ଦ ଚଳୁ ।
ଜ୍ୟେଷ୍ଠଭାଇ କୁମ୍ଭକର୍ଣ୍ଣ ମଲା ତୋର ହେତୁ ॥
ଲଙ୍କାଗଡ଼େ ରାଜା ତୁ ହୋଇବୁ ବୋଲି ଅଛୁ ।
ତେଣୁ ପାପିଷ୍ଠ ରେ କୁଟୁମ୍ବଙ୍କୁ ଛିଦ୍ର ପାଞ୍ଚୁ ॥
ଋକ୍ଷ ମର୍କଟଙ୍କୁ ତୁହି ପାଇଅଛୁ ସାହା ।
ତପୀ ବାପୁଡ଼ାର ହୋଇଛୁ ଡାହାଣ ବାହା ॥
ଏମନ୍ତ ବୁଦ୍ଧି କରି ରେ ମରାଇଲୁ ବଂଶ ।
ଏସନେକ ଭରସାରେ କୁଳ କଲୁ ନାଶ ॥
ନ ଜାଣୁ କି ମୋହର ରେ ବୀରଶୂର ପଣ ।
ଆଖି ଘେନି ଦେଖି ନାହୁଁ କରେ ମୋର ରଣ ॥
ସଂଗ୍ରାମଭୂମିରେ ମୁଁ କାହାକୁ ଅଛି ହାରି ।
ଏ କଥା କିପାଁ ରେ ତୁ କହିଲୁ ନ ବିଚାରି ॥
ଆଜ ତୋର ଜୀବକୁ ପେଷଇଁ ଯମଆଳ ।
ଏତେ ବୋଲି କରେ ଝମକାଇ କରବାଳ ॥

(3)

ଲକ୍ଷ୍ମଣ ଶକ୍ତିଭେଦରେ ଶ୍ରୀରାମଙ୍କ ଶୋକ ।

ଏଥି ଅନନ୍ତରେ ଯେ ଶ୍ରୀରାମଚନ୍ଦ୍ର ରାଘେ ।
ଲକ୍ଷ୍ମଣଙ୍କୁ କୋଳ କରି ଶୋକେ ତନୁ ଦହେ ॥
ଗଳାରେ ଗଳାକୁ ବାନ୍ଧି ଭୁଜେ ଭୁଜ ଛନ୍ଦି ।
ବଡ଼ କ୍ରୋଧଭରେ କଉଶଲ୍ୟାସୁତ କାନ୍ଦି ॥
ହା ହା ଦଇବ ରେ ତୁହି ଏହା ମୋତେ କଲୁ ।
ଉଦାର ଭାଇକି ମୋର ଏଡ଼େ କଷ୍ଟ ଦେଲୁ ॥
ରାଜ୍ୟ ଭୋଗ ଛାଡ଼ିଣ ଆଇଲା ମୋର ତୁଲେ ।
ବାହୁଡ଼ି ନ ଗଲା ସେ ଯେତେକ ଢାଆଇଲେ ॥
କନ୍ଦମୂଳ ଖାଇଣ ଦୁଃଖେଣ ଦିନ ନେଲା ।
ଚଉଦ ବରଷ ବନେ ଅନିଦ୍ରା ହୋଇଲା ॥

ରାତ୍ରେ ଉଜାଗର ସେ ହୋଇଣ ଜଗି ଥାଇ ।
ଦୁଃଖକୁ ସଂଖାଳି ତୁହି ଅଟୁ ମୋର ଭାଇ ॥
ସାବତଜନନୀର ଯେ ଅଟଇ ତନୟ ।
ହିଂସା ନ ବହଇ ଯେ ଏହାର ଧର୍ମକାର୍ଯ୍ୟ ॥
ଅର୍ଥଭାଗ ବାଣ୍ଟି ଯେ ନଅନ୍ତି ଭାଇମାନେ ।
କଷ୍ଟ ପାଇବ ବୋଲି ଅଇଲା ଘୋରବନେ ॥
ଆରେ ଆରେ ଲକ୍ଷ୍ମଣ ତୁ ମୋ ପ୍ରାଣ ସ୍ୱରୂପ ।
କାହିଁ ବସି ବାବୁ ତୁ ଅର୍ଜିଲୁ ଏଡ଼େ ପାପ ॥
ସର୍ବ ସୁଲକ୍ଷଣ ତୁହିଁ ଅଟୁ ମୋର ଭାଇ ।
ଘରକୁ ଗଲେ ଯେ ମୋତେ କି ବୋଲିବେ ଆଇ ॥
ଲକ୍ଷ୍ମଣ ଯେ କାହିଁ ବୋଲି ପଚାରିବେ ଆସି
କି ବୋଲି ବୋଲିବି ଆରେ ସୁମିତ୍ରାର ବସି ॥
ତୋହର ମଲେ କି ମୁହିଁ ଅଯୋଧ୍ୟାକୁ ଯିବ ।
ଇଷ୍ଟବନ୍ଧୁ ମୁଖକୁ ମୁଁ କେମନ୍ତେ ଚାହିଁବ ॥
ଜାନକୀ ନେବାରେ ମୋର ପ୍ରୟୋଜନ ନାହିଁ ।
ଏହା ସେ କରମେ ମୋର ଲିହିଅଛି ବିହି ॥
ଆପେ ସିନା ଜୀଇଥିଲେ ଭାର୍ଯ୍ୟା ପାଇସିନା ।
ଭାଇ ଉପୁଜଇ ବାପ ମାଆ ଥିଲେ ସିଂନା ॥
କେବଣ ବିଧାତା ଲାଗିଲୁ ତୁ ମୋତେ ବାଦେ ।
ରାଜ୍ୟଭ୍ରଷ୍ଟ କରି ବୁହାଇଲୁ ବନମଧ୍ୟେ ॥
ତହିଁ ପୁଣି ଘରଣୀକି ଆନ ଘେନଗଲା ।
ଏବେ ମୋର ସଖା ସହୋଦର ଭାଇ ମଲା ॥
ଅଇଲୁଁ ଯେ ତିନିଜଣ ଦୁଇ ଛାଡ଼ି ଗଲେ ।
ଅଗାଧ ଜଳେ ମୋହର ଭେଳା ବୁଡ଼ାଇଲେ ॥
ସୁକୁମାର ଶରୀର ବିଷମଶର ଫୁଟି ।
ଏଡ଼େ ଭାର କେସନେ ସହିଲା ଦେହଗୋଟି ॥
ଛାଇ ଜାଣି ମୋର ବାବୁ ସେବା କରି ଥାଇ ।
ଅଗମ୍ୟ ବନକୁ ମୁହିଁ ମୃଗ ମାରି ଯାଇ ॥
ଚଉଦ ବରଷ ଆମ୍ଭେ ବଞ୍ଚିଲୁ ଅରଣ୍ୟେ ।
ତହିଁରେ ଯେ ଦୁଃଖ ବୋଲି ନ ଧରିଲୁ ମନେ ॥
ସୀତା ହଜିଲା ଦିନୁ ହୋଇଲି ମୁହିଁ ବାଇ ।
ତହିଁକି ଅନେକ ତିଆରିଲୁ ମୋର ଭାଇ ॥
ତୋହର କଥା ଶୁଣି ଛାଡ଼ଇ ମୋର ଚିନ୍ତା ।
ତୋତେ ଦେଖି ପାଶୋରଇ ସୀତାର ଯେ କଥା ॥

ଦୁଃଖକୁ ତୁ ଦୁଃଖୀ ରେ ସୁଖକୁ ଉପକାରୀ ।
ଅଯୋଧ୍ୟା ନଗରେ ତୁହି ଅଟୁ ଅଧିକାରୀ ॥
ଅନୁଜ ଶତ୍ରୁଘ୍ନ ତୋର ପାଳୁଅଛୁ ପୃଥ୍ୱୀ ।
ମାରେଖ ଲୋକପ୍ରାୟେ ରେ ଭାଇ ମଲୁ ଏଥି ॥
ଛେଦଭେଦ କଥା ତୁ ନ ଜାଣୁ ମୋର ଭାଇ ।
ବେଲ ଜାଣି କଥା ମୋତେ ଦେଉ ଯେ ଶିଖାଇ ॥
ସୀତା ସ୍ୱୟମ୍ବର କାଲେ ମୋତେ ତୁ କହିଲୁ ।
ଶିର ନୁଆଁଇଣ ଧନୁ ନ ଧର ବୋଇଲୁ ॥
ରାଜାମାନେ ମିଳି ବସିଅଛନ୍ତି ବହୁତ ।
ପ୍ରଣମ କଲି ପ୍ରାୟେ ଦଶିବ ରଘୁନାଥ ॥
ତାହା ଶୁଣି ଧନୁ ମୁହିଁ ନ ଧରିଲି ଲଇଁ ।
କଥା ପଡ଼ିଲେ ଯେ ତୋତେ ମୁହିଁ ପଚାରଇଁ ॥
ସୀତା ଖୋଜୁଁ ଖୋଜୁଁ ବାଟେ ଅଇଲା କବନ୍ଧ ।
ଆକ୍ଷି ଥାଉଁ ଥାଉଁ ଯେ ମୁଁ ହୋଇଲଇଁ ଅନ୍ଧ ।
ସୂପଲେଖୀର ଯେ କାଟିଲୁ ନାସା ଶ୍ରବଣ ।
ପ୍ରଚଣ୍ଡ ଅଗ୍ନି ଜାଣି ଦଶଇ ତୋର ବାଣ ।
ଇନ୍ଦ୍ରଜିତ ପ୍ରାୟେକ ତୁ ଷନ୍ଧିକୁ ମାଇଲୁ ।
ଦେବତାମାନଙ୍କୁ ତୁ ଅଭୟ ବର ଦେଲୁ ॥
ଏବେ ଜୀବନ ହାରିଲୁ ରାବଣର ହାତେ ।
ମୁହିଁ ଏ ଦେହକୁ ବାବୁ ଧରିବି କେମନ୍ତେ ॥
ତୋତେ ଦେଖି ମୁହିଁ ସବୁ ଦୁଃଖ ପାସୋରିଲି ।
ରାବଣର ତହିଁ ଏବେ ବୁଦ୍ଧି ହରାଇଲ ॥
କେ ମୋତେ ସେବା ଯେ କରିବାକ ଦିବାନିଶି ।
କାଦ କରାଇଣ ଶୋକେ ଥିବ ଜଗି ବସି ॥
ମନ ଜାଣି କେହୁ ପରଷିବ ମୋତେ ବାବୁ ।
ତୋହର ସଙ୍ଗେ ଥିଲେ ସମ୍ପଦ ଅଛୁ ସବୁ ॥
ଦିଗପାଳ ସମାନେ ରେ ଅଟୁ ମୋର ଭାଇ ।
ଦେବାସୁରେ ତୋତେ ଜିଣିବାକୁ କେହି ନାହିଁ ॥
ସର୍ବଗୁଣେ ସୁଲକ୍ଷଣ ନାହିଁ ଆନେ ମୃତ୍ୟୁ ।
ବିଶ୍ୱାମିତ୍ର ମୁନି ମୋତେ କହିଛନ୍ତି ତତ୍ତ୍ୱ ॥
ତାହାଙ୍କର ବୋଲ କି ହୋଇବ ଏବେ ଆନ ।
କିପାଁ ଏଡ଼େ ଶକତ ମାଇଲା ଦଶାନନ ॥
ତୋହର ଛାମୁରେ କିପାଁ ନ ମଲି ରେ ମୁହିଁ ।
ତୋତେ ହରାଇଣ କିପାଁ ଜୀଇଣ ଥିବଇଁ ॥

ସୁଷେଣ ମୁଖ ଚାହିଁ ବୋଲନ୍ତି ରାମରାୟେ ।
ଲକ୍ଷ୍ମଣ ସଙ୍ଗତେ ମୁହିଁ ମରିବି ନିଶ୍ଚୟେ ॥
ଆଉ ଜୀଇଥାଇ ଏବେ ଚାହିଁବି କା ମୁଖ ।
ଏହାର ବିହୁନେ ମୋର ସବୁ କଥା ଦୁଃଖ ॥
ସୁଷେଣ ବୋଲେ ଦେବ ନ ମରେ ତୋର ଭାଇ ।
ମରିବାର ଲୋକ ପ୍ରାୟେ ଏହି ନ ଦିଶଇ ॥
ବଦନ ସୁନ୍ଦର ବେନି ନେତ୍ର ଅଛି ବୁଜି ।
ଡାଳିମ୍ବକୁସୁମ ଜାଣି ଅଧର ବିରାଜି ॥
ବେନି ଶ୍ରବଣ ଟେକ ଯେ ନାସିକା କଠିନ ।
ନିଜ ଭୁଜଦଣ୍ଡ ବେନି ଦିଶଇ ଗଠଣ ॥
ଅଙ୍ଗୁଳିମାନ ଫୁଟଇ ବହଇ ନିଶ୍ୱାସ ।
ସର୍ବାଙ୍ଗ ଶରୀରଯାକ ଅନଳ ସଦୃଶ ॥
ଅଷ୍ଟାଙ୍ଗ ଶରୀରେ ଦେବ ଦୋଷ ନାହିଁ କିଛି ।
ଶ୍ରୀରାମ ବୋଇଲେ ଏକ ଅବଗୁଣ ଅଛି ॥
ଦକ୍ଷିଣ ଭୁଜର କପାଁ ନ ଚଳେ ନାଟିକା ।
ଏହି କଥା ପାଇଁ ମୋତେ ଲାଗୁଛି ଚାଟକା ॥
ସୁଷେଣ ବୋଲେ ଦେବ ତହିଁକ ନାହିଁ ଡର ।
ଶ୍ୱାସ ମରଣମାନଙ୍କ ଏସନ ବେଭାର ॥
ଶସ୍ତ୍ରଘାତ ଆବର ଯେ ବଜ୍ର ପଡ଼ିଥିବା ।
ଅପଘାତ କଥା ଶୁଣି ଜ୍ଞାନ ହରାଇବା ॥
କିବା ଦଣ୍ଡିବାକୁ କେ ବସାଇଥିବେ ନେଇ ।
ସର୍ପଆଘାତ କିବା ଶିଉଳୀ ଥିବ ଛୁଇଁ ॥
ଅପବାଦ କଥା ଶୁଣି ହୋଇବ ଅଜ୍ଞାନ ।
ନାସା ତାଳୁକାର ମୃତ୍ୟୁ ଅଟଇ ଏସନ ॥
ନାଟିକା ନ ଚଳଇ ଜୀବନ ଥାଇ ରହି ।
କ୍ଷଣ କ୍ଷଣକରେ ଉଠି ବସେ ପ୍ରାଣ ପାଇ ॥
ଏହାର ଦେହରେ ଦେବ ଦୋଷ ନାହିଁ କିଛି ।
ଏକମାତ୍ର ଅବଗୁଣ କଥାଗୋଟି ଅଛି ॥
ବୁକୁ ଫାଟିଣ ଯେ ଶସ୍ତ୍ର ଯାଇଅଛି ଗଳି ।
ଏଥିକୁ ମନରେ ଭ୍ରାନ୍ତ କରେ ମହାବଳି ॥
ଶୁଣି କରି ଶ୍ରୀରାମ ଯେ ଅନାଇଲେ ହିଆ ।
ଅନ୍ଧକାର ହେତୁ ବାରି ନ ପାରିଲେ ତାହା ॥

( 4 )

ରାବଣବଧ

ସେ ଧ୍ୱନି ଶୁଣିଣ ରାମ ଉପରକୁ ଚାହିଁ ।
ଦାଶରଥିଙ୍କି ଦେଖିଣ ସୁରଗଣେ କହି ॥
ଭୋ ରାଘବ ତୋର ନାରାଚେ ରାବଣ ମରି ।
ଚଉଦଭୁବନର ଯେ ଉତପାତ ସରି ॥
ଶୁଣିଲେ ରଘୁନାଥ ସେ ବିବୁଧଙ୍କ ବାଣୀ ।
ରାବଣ ଶସ୍ତ୍ରକୁ ଦେବ ପକାଇଲେ ହାଣି ॥
ଦେଖିଣ ଦଶଶିର ବିନ୍ଧିଲା ଏକ ଶର ।
ଶ୍ରୀରାମ ଛେଦିଲେ ତାହା କଣ୍ଟିତ ମାତର ॥
ବାବଲ ବାଣେକ ଯେ ବିନ୍ଧିଲେ ରଘୁନାଥ ।
ଶସ୍ତ୍ର ଗଲିଗଲା ତଲେ ନ ପଡ଼ିଲା ମାଥ ॥
ଗର୍ଜ୍ଜଇ ରାଗେ ଦଇତ କମ୍ପଇ ବ୍ରହ୍ମାଣ୍ଡ ।
କୋପେଣ ହାଲଇ ସେହି ଦଶଗୋଟା ମୁଣ୍ଡ ॥
ପୁଣିହିଁ ଶ୍ରୀରାମ ଯେ ଅସୁର ଶସ୍ତ୍ର ପେଷି ।
ଦଶ ମଉଳି ରାମ ପକାଇଲେ ବିନାଶି ॥
ବେନି ସଲଖେଣ ତାର ବାଣ ଗଲିଗଲା ।
ଛିଡ଼ିଯାଇଁ ଦଶଶିର ଭୂମିରେ ପଡ଼ିଲା ॥
ପାଣିରେ ପିଟିଲେ ଯେହ୍ନେ ନୁହେ ବେନି ଭାଗ ।
ରାବଣ ଦେଖି ରାମ ପାଇଲେ ବଇରାଗ ॥
ପୁଣିହିଁ ଜଇନ୍ତା ନାମେ ଦେବଶସ୍ତ୍ର କଲେ ।
ତୋଟି ସଲଖେଣ ତାର ବାଣ ଗଳି ଗଲେ ॥
ନ ପଡ଼ିଣ ମୁଣ୍ଡ ଯେ ଲାଗିଲା ତତକ୍ଷଣ ।
କୋପେଣ ଘୋରଯୁଦ୍ଧ ଯେ କଲାକ ରାବଣ ॥
ଶ୍ରୀରାମ ପେଷିଲେ ପୁଣି ଅର୍ଧଚନ୍ଦ୍ର ଶର ।
ପଡ଼ିଣ ସେ ଦଶଶିର-ବେନି ସଲଖର ॥
ଦଶମୁଣ୍ଡ ଛିଡ଼ି ଲାଗି ଗଲାକ ଯେ ପୁଣି ।
ରାମ ରାବଣ ମାତଲି ବିଭିଷଣ ଜାଣି ॥
ଦେବେ ବିସ୍ମିରନ୍ତି ଯେ ରାବଣ ମହାବୀର ।
ନପୁଣ ଜାଅଇ ସେହି ଆଜର ସମର ॥
ଏ ଧାନ୍ତି ବର୍ତ୍ତିଲେ ସେହି ନ ଥୋଇବ କାହିଁ ।
ନିଶ୍ଚୟ ଏ ରସାତଳେ ପଡ଼ିବାକ ମହୀ ॥

ଏବେ ଯେ ଦେଖିଣ ଆମ୍ଭେ ମନେ ଭ୍ରାନ୍ତ କଲୁଁ ।
ଆଜର ସମରକୁ ଯେ ଆଶା କରଥିଲୁଁ ॥
ନପୂର୍ଣ ସେ ଲଙ୍କପତ ନୁହଇ ବନାଶ ।
ଏ ଘାନ୍ତ ନଷ୍ଟଯ଼ ଛଡ଼ିବୁଁ ଯେ ସ୍ୱର୍ଗବାସ ॥
ଏସନକ ବୋଲଣ ଭାଳନ୍ତ ସୁରଗଣ ।
ରାମ ରାବଣର ଯେ ସମର ଗରୁ ଠାଣ ॥
ଗୁଣ-ଟଙ୍କାର ପ୍ରଳୟ ମେଘ-ଘୋଷ ଜାଣି ।
ଶ୍ରାବଣ ବରଷା ଯେସନେ ବରଷଇ ପାଣି ॥
ତେସନକ ଶର ଯେ ବନ୍ଧନ୍ତ ବେନ ବୀର ।
ଉଦଯ଼ ହୋଇଅଛଇ ନାନାଜାତ ଶର ॥
ବ୍ରହ୍ମଣର ପରଶୁ ଯେ ପାଶୁପତ ଶର ।
ଅଗ୍ନିକାଳ ଶସ୍ତ୍ରକୁ ଡରନ୍ତ ଛନପୁର ॥
ବରୁଣ ପବନ ଇନ୍ଦ୍ର ଆଯ଼ୁଧ ସହିତେ ।
କୁବେର ଶଙ୍କର ଶସ୍ତ୍ର ଶୂଳ ପରଯନ୍ତେ ॥
କପିଲ ବମନା ସୋମନାଥ ଶସ୍ତ୍ର ଅଛି ।
ମୋହନା ବକାର ଘାଏ ସ୍ୱର୍ଗେ ସୁରେ ଲୁଚ ॥
ବଜ୍ରାଶର ଆବର ଯେ ବ୍ରହ୍ମଶିର କାଣ୍ଡ ।
ମେଘାଶର ଘାତରେ ଯେ କମ୍ପଇ ବ୍ରହ୍ମାଣ୍ଡ ॥
ଗରୁଡ଼ ବନତା ଆଦ ଯେତେ ଶସ୍ତ୍ର ଅଛି ।
ପନଗା ଶସ୍ତ୍ରର ଘାତେ ଚନ୍ଦ୍ର ସୂର୍ଯ୍ୟ ଲୁଚ ॥
ଗନ୍ଧର୍ବ ମାନବା ଶର ସୂର୍ଯ୍ୟ ସମ ଆଭା ।
ସାବତ୍ରୀ କାଳୀ ବାରୁଣୀ ଅଧାଚନ୍ଦ୍ର ଶୋଭା ॥
ବଜ୍ରମୁନା ଆଦ ଜଯ଼ା ବଜଯ଼ା ଶକତ ।
ଅମୋହଶକତ ବଜ୍ରଶକତ ମାରନ୍ତ ॥
ଲୋହମୁଦ୍ଗର ଗଦାବର ପଟ୍ଟଡନ୍ତ ।
ମହାମାଯ଼ା ଶୂଳ ବଜ୍ର ଗରୁହଂସ କାତ ॥
ଶିବଶୂଳ ଚକ୍ର ଯେ ଅପୂର୍ବ ଶରମାନ ।
ଏକକୁ ଆରେକ ଯେ ବନ୍ଧନ୍ତ ଘନ ଘନ ॥
ଏମନ୍ତେ ଯେ ଅପ୍ରମିତ ହୋଇଲା ସମର ।
ବାରୁଣା ଶସ୍ତ୍ର ପେଷିଲେ ରାବଣ ଉପର ॥
ବେକେ ଗଳଗଲା ସେ ଯେ ନ ଛଡ଼ିଲା ମୁଣ୍ଡ ।
ପୁଣି ବନ୍ଧଲେ ରାମ ତାଡ଼କାବଧ କାଣ୍ଡ ॥
ତୋଟିଠାରୁ ଛଡ଼ି ମୁଣ୍ଡ ପୁଣିହିଁ ଲାଗିଲା ।
ବେଳୁଁ ବେଳ ରାମର ଯେ ସାହାସ ଭାଙ୍ଗିଲା ॥

ରାବଣ ବୋଇଲା ତୁ ନ ଜାଣୁ ରଘୁନାଥ ।
ଶସ୍ତ୍ରରେ ଛେଦନ ଯେ ନୋହଇ ମୋର ମାଥ ॥
ମୁହିଁ ଯେବେ ମୁଣ୍ଡ ଛାଡ଼ିଗଲେ ମୃତ୍ୟୁ ପାନ୍ତି ।
ଏତେ କାଳଯାଏ କାହିଁ ପୁଣି ବର୍ତ୍ତିଥାନ୍ତି ॥
ଦେବତାଏ ବେଢ଼ି କରି ମାରନ୍ତେ ନା ମୋତେ ।
ଚଉଦଭୁବନ ଆନେ ସାଧିଲି କେମନ୍ତେ ॥
ଇନ୍ଦ୍ରଜିତ କୁମ୍ଭକର୍ଣ୍ଣ ପ୍ରାୟେ ମୋତେ ବୁଝୁ ।
ଦେବତାଙ୍କ ଶିଖାଇଲା କଥା ଘେନି ଯୁଝୁ ॥
ଆଜ ଏହିକ୍ଷଣି ମୁଁ ଘେନଇ ତୋର ପ୍ରାଣ ।
ଏତେକ ବୋଲି ସେ ବୃଷ୍ଟି କଲା ତୀକ୍ଷ୍ଣବାଣ ॥
ଦେଖିଣ ତା ନିବାରିଲେ କଉଶଲ୍ୟା ସୁତ ।
ବାଳିଙ୍କ ମାଇଲା ଶର ପେଷିଲେ ତୁରିତ ॥
ଛାଡ଼ି ଦଶମୁଣ୍ଡ ପୁଣି ଲାଗିଲାକ ବେଗେ ।
ସପ୍ତଶାଳାଭେଦୀ ବାଣ ପେଷିଲେକ ରାଗେ ॥
ଦଶମୁଣ୍ଡ ଗଳିଗଲା ନ ଛାଡ଼ିଲା ଶିର ।
କୋପେଣ ଘୋରଗର୍ଜ୍ଜନ କଲା ଦୈତ୍ୟବୀର ॥
ଆକାଶକୁ ଚାହିଁ ଦେବତାଙ୍କୁ ସେ ତର୍ଜଇ ।
ନିଶ୍ୱାସକେ ଦଶବେଳ ମନ୍ତ୍ର ସେ ପଢ଼ଇ ॥
ଧାଇଁ ଆଗରରେ ଯେ ବର୍ଷଇ ଶରମାନ ।
ଶ୍ରୀରାମ ଯେ ତାହାକୁ ଛେଦନ୍ତି ଘନ ଘନ ॥
ଖଳ ଖଳ ରୁଧିର ବାହାର ଚଉକତ ।
କାଳମୁଖା ଶରକୁ ଯେ ରାଘବ ପେଷନ୍ତି ॥
ଛାଡ଼ିଗଲା ଦଶମୁଣ୍ଡ ଲାଗିଲାକ ପୁଣି ।
ରାମ ବିଚାରନ୍ତି ମୁହିଁ ନ ପାରିଲି ଜାଣି ॥
ଏତେ ବୋଲି ପୁଣି ସେହି ଦଶ ବାଣ ମାରି ।
ଛାଡ଼ିଲାକ ଦଶବେକ ଅଛି ଦଶଶିରୀ ॥
ଏହିମତ ଶତେକ ଉତ୍ତର ଶତେ ବେଳ ।
ରାବଣର ମୁଣ୍ଡକୁ କାଟିଲେ ରଘୁବାଳ ॥
ଆଶ୍ଚର୍ଯ୍ୟ ହୋଇଣ ରାମ ମାତଳିଙ୍କ ଚାହିଁ ।
କେବଣ ପ୍ରକାର ଏହା ଜାଣୁଟିକ ତୁହି ॥
ବାବୁ କ୍ଷତ୍ରିୟ ଅଟଇ ଏହି ଲଙ୍କେଶ୍ୱର ।
ଶସ୍ତ୍ରରେ ଭେଦ ନୁହଇ ଏହାର ଶରୀର ॥
ମୋହ ପରି କ୍ଷତ୍ରି ସାତ ଦିନ ଯୁଦ୍ଧ କଲି ।
ଯୁଝି ଯୁଝି ଏବେ ମୁହିଁ ନିରସ୍ତ ହୋଇଲି ॥

କି ବୁଦ୍ଧି କରିବା ଏ କେମନ୍ତେ ନାଶ ଯାଉ ।
ମୋହର ତ ବୁଦ୍ଧିବଳ ନାହିଁ କିଛି ଆଉ ॥
ଶସ୍ତ୍ର ପରତାପେ ଯାଇଁ ଗଳିଯାଏ ମୁଣ୍ଡେ ।
କେବେହେଁ ମସ୍ତକ ନ ପଡ଼ଇ ଭୂମିଖଣ୍ଡେ ॥
ବଜ୍ରହୁଁ ଆଣ୍ଠି ଅଟଇ ଏହାର ଯେ ଦେହି ।
ଏହାପରି ଅସୁର ନ ଥିଲେ ପୂର୍ବେ କେହି ॥
ମହିଷାଅସୁର ଅଟଇ ଯେ ବଳବାନ ।
ଏକା ଶୂଳକେ ତାହାର ଗଲା ଯେ ଜୀବନ ॥
ହିରଣ୍ୟ ହିରଣ୍ୟାକ୍ଷ ଯେ ମଧୁ କଇଟଭ ।
ଶଙ୍ଖାସୁର ବୈରୋଚନ ଦୁଷ୍ଟ କଉଣପ ॥
ଶମ୍ଭୁ ନିଶମ୍ଭୁ ଶୁମ୍ଭ ଯେ ଅସୁର ପ୍ରଭୃତି ।
ବୃତ୍ରାସୁର ସହିତେ ଯେ ଥିଲେ ଏହି ପୃଥ୍ୱୀ ॥
କେହି ଏଡ଼େବଡ଼ ଉପଦ୍ରବହିଁ ନ କଲା ।
ମାଇଲେ ମରନ୍ତି ଏହା ଅଛଇ ଶୁଣିଲା ॥
ରକ୍ତବୀର୍ଯ୍ୟ ସଇନ ରକତୁ ହୋଏ ଜାତ ।
ଶସ୍ତ୍ର ପ୍ରହାରନ୍ତେ ପୁଣି ମଲା ସେ ଦଇତ ॥
ଶସ୍ତ୍ର ପ୍ରହାରନ୍ତେ କେଲେ ସିନା ନ ମରନ୍ତି ।
ଆର ବେଳ ଶସ୍ତ୍ର ମାଇଲେ ସେ ପ୍ରାଣ ଦ୍ୟନ୍ତି ॥
ଗରିଷ୍ଠ ଦାନବ ଏହି କେବେହେଁ ନ ମରି ।
ଏହି ବ୍ରହ୍ମାଣ୍ଡେ ଏହାକୁ କେହି ନୋହେ ସରି ॥
ଆହେ ମାତଳି ଏଥିର ଜାଣୁ କି ଉପାୟ ।
କେବଣ ପ୍ରକାରେ ମରିବ ଏ ଲଙ୍କରାୟ ॥
ଅନେକ ଯେ ଦେବଶସ୍ତ୍ର କଲେହେଁ ନ ମଲା ।
ଶୃଣ୍ଡାଳ ଦଇତ ମୋତେ ବହୁ ଦୁଃଖ ଦେଲା ॥
ମାତଳିକି କହୁଁ କହୁଁ ବନ୍ଧୁଛନ୍ତି ଶର ।
ରଣଗୋଳ ଧନୋଳ ଯେ ଅସଂଖ୍ୟ ଅପାର ॥
ମାତଳି ବୋଇଲା ଶୁ ହେ ଶୁଣ ରଘୁବୀର ।
ବ୍ରହ୍ମାର ବଚନେ ଜାଣ ଅଜୟ ଅସୁର ॥
ଭୋ ଶ୍ରୀରାମ ଏହାର ମହିମା ତୁ ନ ଜାଣୁ ।
ଆନ ଅସୁରର ସଙ୍ଗେ ରାବଣକୁ ଗଣୁ ॥
ସୃଷ୍ଟିକରତା ତାକୁ ଅଭୟ ବର ଦେଲା ।
ସେହି ପୁଣି ଲେଉଟି ଏହାକୁ ସେବା କଲା ॥
ଇନ୍ଦ୍ର ଦେବତା ଯେ ତୁମ୍ଭ ଦେବତାଙ୍କ ରାୟେ ।
ସେ ଏହା ଦ୍ୱାରପାଳ କିତରେ ବସିଥାଏ ॥

ରୁଦ୍ର ନୃତ୍ୟ କରେ ଅଗ୍ନି ଧୁଅଇ ଯେ ଶାଢ଼ୀ ।
ଏହାର ମହିମା ଦେବ କହିଲେ ନ ସରି ॥
ଯେବଣ ଦିନେ ଯାଇଁ ଏ ସ୍ୱର୍ଗେ ଯୁଦ୍ଧ କଲା ।
ପ୍ରଳୟ ମେଘ ଜାଣି ନାରାଚ ବୃଷ୍ଟି କଲା ॥
ଦଶଦିଗପାଳଙ୍କୁ ଆଣିଲା ବନ୍ଦୀ କରି ।
ପୁଷ୍ପକରଥ ଚଢ଼ି ବୁଲଇ ତିନିପୁରୀ ॥
ରାକ୍ଷସ ଇନ୍ଦ୍ରପଦରେ ବଳେ ବଳବନ୍ତା ।
ଦେବାସୁର ନରେ ନାହିଁ ଏହାକୁ ଜିଣନ୍ତା ॥
କେତେ ଦୁଃଖ ପାଇ ଦେବେ ତୋତେ ଆଶ୍ରେ କଲେ ।
ସୁରଗଣେ ବିଚ୍ଛିରି ମାନବ ଦେହ ଦେଲେ ॥
ତୁ ସେ ନାରାୟଣ ପୁଣି ନ ପାରିଲେ ମାରି ।
ଆନବେଳେ ଏହାକୁ ଯେ ନୋହଇ ସଂହାର ॥
ଏହାକୁ ଯୁଦ୍ଧରେ ଜିଣିବ ଯେବଣ ଜନ ।
ତାହାକୁ ସେବା କରିବେ ଜାଣ ସୁରଗଣ ॥
ସାମାନ୍ୟ ପ୍ରାୟ ଏହାକୁ ନ ମଣ ଗୋସାଇଁ ।
ମୁଣ୍ଡ କାଟିଲେ ଏହାର କେବେ ମୃତ୍ୟୁ ନାହିଁ ॥
ବ୍ରହ୍ମଶର ଘେନ ଦେବ ମର୍ମସ୍ଥାନେ ମାର ।
ହୃଦୟ ଫୁଟିଲେ ଯେ ମରିବ ନିଶାଚର ॥
ପୂର୍ବେ ଶିରକମଳ ଦେଇଣ ମନାଇଲା ।
ପ୍ରସନ୍ନ ହୋଇଣ ଯେ ବିଧାତା ବର ଦେଲା ॥
ତେଣୁ ମୁଣ୍ଡ କାଟିଲେ ଏ ଦୁଷ୍ଟ ଯେ ନ ମରି ।
ବେକ ଛିଡ଼ି ଗଲେ ମୁଣ୍ଡ ଭୂମିରେ ନ ପଡ଼ି ॥
ଆନେ ତୋଟି କାଟିବାକୁ କୁହନ୍ତି ଭଜନ ।
ତୋହରେ ସେ ଏ କଥା ହୋଇଲା ରଘୁନାନ ॥
ଏବେ ବ୍ରହ୍ମଶସ୍ତ୍ର ଘେନଣ ଯେ ବୁକୁ ଫୋଡ଼ ।
ଏହାର ବକ୍ଷସ୍ଥଳ ବଜ୍ରହୁଁ ଅଟେ ଗାଢ଼ ॥
ଶୁଣିଣ ଶ୍ରୀରାମ ଯେ ପ୍ରସନ୍ନ ମୁଖ ହୋଇ ।
ନନ୍ଦୀଘୋଷ ରଥରେ ବସିଲେ ଯାଇଁ ତେଇଁ ॥
ଘେନଲେ ସେ ଅଗସ୍ତିଙ୍କ ଦେଲା ବ୍ରହ୍ମଶର ।
ତତକ୍ଷଣେ ତୋଣୁ ତା କାଢ଼ିଲେ ରଘୁବୀର ॥
ଧନୁର୍ବେଦ ପଢ଼ିଣ ତା ବସାଇଲେ ଗୁଣେ ।
ଦେଖିଣ ଦଇତେ ପଳାଇଲେ ଏଣେ ତେଣେ ॥
ମଧ୍ୟାହ୍ନ ଆଦିତ୍ୟ ପ୍ରାୟେ ଶସ୍ତ୍ରଙ୍କର ତେଜ ।
ପ୍ରଳୟାଗ୍ନି କି ସଂସାର କରିବ ଦହିଯ ॥

ଆଦିତ୍ୟ ପ୍ରାୟେ ଦିଶିଲା ଶ୍ରୀରାମଙ୍କ ପ୍ରଭା ।
ବିଷ୍ଣୁ-ହସ୍ତେ ଯେସନେ ସୁଦର୍ଶନଚକ୍ର ଶୋଭା ॥
ବନ ପର୍ବତ ଯେ କମ୍ପିଲାକ ଦଶଦିଶ ।
ଏକାବେଳେ ସଂସାର କି ହୋଇବ ବିନାଶ ॥
ଶ୍ରୀରାମ-କୋପ ଦେଖି ଭାଳନ୍ତି ସୁରମୁନି ।
ବିକଳ ହୋଇଲେ ଯେ ଆତଙ୍ଗ ମନେ ଘେନି ॥
ଶ୍ରୀରାମ ନାରାଚ ପୁରେଇଣ ଉଚ୍ଛୁଡ଼ନ୍ତି ।
ମନ ପ୍ରାଣ ପବନ ଏକତ୍ର କରନ୍ତି ॥
ମୁଖ ବାଟରେ ଉଚ୍ଛୁଳି ପଡ଼ଇ ରକତ ।
ଅଖି ହୁଗୁଳିବା ପ୍ରାୟେ ଦିଶେ ରଘୁନାଥ ॥
ଉଚ୍ଛୁଡ଼ିବା ଘାଏ ଧନୁ ଗୋଟା ଲେଉଟି ହୋଏ ।
ଗୁଣ କେ ବାଉଁଶ ବୋଲି ବାରଣ ନ ଯାଏ ॥
ଚକ୍ର ପ୍ରାୟେକ ଦିଶଇ ସେହି ଶରାସନ ।
ବଳୟ ଭିତରେ କି ରହିଲା ବଳମାନ ॥
କଠ କଠ କରି ରାମ ବାମେ ଧନୁ ଧରି ।
ଦକ୍ଷିଣ କର୍ଣ୍ଣ ପର୍ଯ୍ୟନ୍ତେ ଆଣନ୍ତେ ଓଟାରି ॥
ଏସେନକ ସମୟେ ଶ୍ରୀରାମ-ବାମ-କର ।
ଦକ୍ଷିଣ ଭୁଜକୁ ସେହି କହଇ ଉତ୍ତର ॥
ସଂଗ୍ରାମ କାଳରେ କପାଁ ପଛକୁ ପଳାଉ ।
ତୋହର ପରି ଲୋକ ନଶତ କପାଁ ହେଉ ॥
ଦକ୍ଷିଣ ଭୁଜ ବୋଲଇ ତାକୁ ଏହା ଶୁଣି ।
ତୁ ଯାହା ବୋଇଲୁ ହୋ କୁହଇ ଏହୁବାଣୀ ॥
ମୁହିଁ ସଂଗ୍ରାମରେ କପାଁ ଦେବ ପଛଘୁଞ୍ଚା ।
କେଉଣସି କାଳରେ କୁହଇ ପଛଲୁଚି ॥
ଫଳା ମେଲିବାରେ ତୁହି ମୋତେ ପଛ କରି ।
କରବାଳ ଘେନି ମୁହିଁ ଆଗ ଥାଟ ମାରି ॥
ଯେବଣ କାରଣେ ମୁହିଁ ପଛକୁ ଅଇଲି ।
ଶ୍ରୀରାମଚନ୍ଦ୍ର ଦକ୍ଷିଣକର୍ଣ୍ଣରେ କହିଲି ॥
କରୁଣାସାଗର ଅଟନ୍ତି ଯେ ରଘୁନାଥ ।
ଛେଦିବେ କି ନ ଛେଦିବେ ଏହା ଦଶମାଥ ॥
ସତ ପଚାରିବାକୁ ଯେ ଆସିଅଛି ମୁହିଁ ।
ଆଜ୍ଞା ହୋଇଲେ ଶତ୍ରୁକୁ ମାରିବଇଁ ଯାଇଁ ॥
ଏସନକ ସମୟେ ଯେ ବିଶ୍ରବା-ତନୟ ।
ବ୍ରହ୍ମଶର ଦେଖିଣ ଯେ କଲା ମହାଭୟ ॥

ଭାଳିଲା ରଘୁନାଥ ଜାଣିଲେ ମୃତ୍ୟୁଭେଦ ।
ଏହିକ୍ଷଣି ସରିବ ମୋ ଏତେକ ସମ୍ପଦ ॥
ଏତେକ ବିଚାରି ଦଶଭୁଜେ ଧନୁ ଧରି ।
ଅପ୍ରମିତ ନାରାଚ ବନ୍ଧିଲା କୋପ କରି ॥
ଲକ୍ଷ ଲକ୍ଷ କୋଟି କୋଟି ବେଳେକେ ପେଷଇ ।
ପ୍ରଳୟକାଳେ ଯେସନେ ମେଘ ବରଷଇ ॥
ନନ୍ଦୀଘୋଷ ରଥ ଯେ କାଣ୍ଡରେ ଲୁଚିଗଲା ।
ମାତଳି ଦେହେ କୋଡ଼ିଏ ନାରାଚ ମାଇଲା ॥
ଲକ୍ଷେକ ନାରାଚ ସେ ଯେ ଶ୍ରୀରାମଙ୍କୁ ବିନ୍ଧି ।
ମହୀଁହୁଁ ଆକାଶ ପରଯନ୍ତେ ଶର ସନ୍ଧି ॥
ବିଭୀଷଣଙ୍କୁ ଲକ୍ଷେକ ହନୁଙ୍କୁ ଯେ ଶଏ ।
ଅଙ୍ଗଦଙ୍କୁ ଷାଠିଏ ବନ୍ଧିଲା ଲଙ୍କରାୟେ ॥
ସୁଗ୍ରୀବଙ୍କୁ ସହସ୍ରେକ ଜାମ୍ବବଙ୍କୁ ଅଶୀ ।
ନଳ ନୀଳଙ୍କୁ ଯେ ଦୁଇଶତ ବାଣ ପେଷି ॥
ସୁଷେଣେ ପଞ୍ଚାଶ ଗନ୍ଧମାଦନଙ୍କୁ ଷୋଳ ।
ହାଙ୍କିଣ ନାରାଚ ଯେ ବନ୍ଧଇ ଲଙ୍କପାଳ ॥
ତାରାକ୍ଷ୍ୟଙ୍କୁ ଚାଳିଶ ଯେ ରମଣଙ୍କୁ ଦଶ ।
ଶଉରି ସେନାପତିଙ୍କ ବିନ୍ଧି ଅଠାଇଶ ॥
ଶତବାଳି ଆଠଶତ ନଳଙ୍କୁ ଯେ ବାର ।
ମହେନ୍ଦ୍ରଙ୍କୁ କୋଡ଼ିଏ ଦ୍ୱିବିଦଙ୍କୁ ଏଗାର ॥
ସାରଣଙ୍କୁ ସାତଗୋଟା ପାରଶଙ୍କୁ ଚାରି ।
ବଳିମୁଖେ କାଳମୁଖେ ପାଞ୍ଚ ପାଞ୍ଚ ମାରି ॥
ଦଧିମୁଖେ ଦଶ କାଳଞ୍ଜନଙ୍କୁ ଯେ ଶଏ ।
ସମ୍ପାତିଙ୍କ ସତର ବନ୍ଧଇ ଦୈତ୍ୟରାୟେ ॥
ପବନଙ୍କୁ ଅୟୁତେ ଯେ କେଶରୀଙ୍କ ଅଶୀ ।
ଦଶକାଳବୃଦ୍ଧଙ୍କୁ ମାଇଲା ଅଠାଅଶି ॥
ବସନ୍ତଙ୍କୁ ଚଉଦ ଯେ ଡାଳମ୍ବଙ୍କୁ ବାର ।
ଚନ୍ଦନ ଋଷଭଙ୍କୁ ମାଇଲା ତେର ତେର ॥
ଯେତେ ଋକ୍ଷ କପି ରଣ ମଧ୍ୟେ ରହିଥିଲେ ।
ସମସ୍ତଙ୍କୁ ପାଞ୍ଚ ପାଞ୍ଚ ନାରାଚ ମାଇଲେ ॥
କାହାକୁ ବାବଲ କାହାକୁ ଯେ ଦିବ୍ୟ ଶସ୍ତ୍ର ।
କାହାକୁ ଅସୁରାସ୍ତ୍ର କାହାକୁ ପାଶୁପତ ॥
ବିଚାରିଲା ମୁହିଁ ଯେ ପଡ଼ିବି ରାମ-ବାଣେ ।
ମାରି ମରଇ ଯେବେ ଏଥିରୁ ଭଲ ଜଣେ ॥

ମାରକର ମଲା ବୋଲି ସମସ୍ତେ ଜାଣିବେ ।
କ୍ଷତ୍ରିପଣ କଲା ବୋଲି ପଛେ ସୁମରିବେ ॥
ଶ୍ରୀରାମ ଏ ବେଳେ ନ ପାରିବ ଶସ୍ତ୍ର ଛେଦ ।
ପ୍ରତିଶସ୍ତ୍ର କରିବାକୁ ନାହିଁ କାରେ ବୁଦ୍ଧି ॥
ଏତେବେଳେ ମୁହିଁ ମାରି ପାରିଲେ ପାରିବ ।
ଅଷ୍ଟସେନାରୁ ଆଜ ଗୋଟିଏ ସଂହାରିବ ॥
ଏତେ ବୋଲି ରାଗେଣ ସେ ଶରବୃଷ୍ଟି କଲା ।
ସବୁନ୍ତ ସେ ପାଞ୍ଚ ପାଞ୍ଚ କରଣ ମାଇଲା ॥
କାହାକୁ ବାବଲ ଯେ କାହାକୁ ଦିବ୍ୟଶସ୍ତ୍ର ।
ରୋଷେଣ ମାରଇ ସେ ଯେ ବଶ୍ରବାର ଶିଷ୍ୟ ॥
ଶ୍ରୀରାମଙ୍କୁ ଲକ୍ଷେ ବାଣ କୋପେଣ ମାଇଲା ।
ମନ୍ତ୍ରପଢ଼ି ବେଗକରି ବାଣ ପ୍ରହାରିଲା ॥
କୋଦଣ୍ଡ କାଣ୍ଡ ଛେଦିବା ପାଇଁ ଚକ୍ର ଶଏ ।
ବ୍ରହ୍ମଶସ୍ତ୍ରକୁ ସେ ଶସ୍ତ୍ର ପ୍ରତିଭୁଲ କଏ ॥
ଧନୁଗୁଣ ଖେଦିବାକୁ ଯେସେ ତୀକ୍ଷ୍ଣଶର ।
ବ୍ରହ୍ମବାଣ ଯେସେ ଛେଦିବାକୁ ରଘୁବର ॥
ଲଡ ଛାଡ଼ି ଗର୍ଜିଣ ବନ୍ଧିଲା ଯହୁଁ ବାଣ ।
ଧାଇଁଲେ ଶସ୍ତ୍ରମାନେ ଶବଦ ଗରୁଠାଣ ॥
ନାରାଚ ଶୂନ୍ୟେ ଆସନ୍ତେ ଲକ୍ଷ୍ମଣ ଚାହିଁଲେ ।
ଏକା ବାବଲଶରେ ସେ ଛେଦ ପକାଇଲେ ॥
ଦେଖିଣ ଦେବତାଏ ଯେ ସାଧୁ ସାଧୁ କଲେ ।
ଧନ୍ୟ ଧନ୍ୟ ଲକ୍ଷ୍ମଣ ତୁ ବୋଲିଣ ବୋଇଲେ ॥
ଏସନକ ସମୟେ ଶ୍ରୀରାମଚନ୍ଦ୍ର ରାୟେ ।
ଧନୁର୍ବେଦ ପଢ଼ିଣ ସେ ବ୍ରହ୍ମଶସ୍ତ୍ର କଏ ॥
ନାରାଚ ଛାଡ଼ିଲେ ସେ ହୁଁକାର ଧ୍ୱନିକରି ।
ଶସ୍ତ୍ର ତଳ ଆସନ୍ତେ କମ୍ପିଲା ବସୁନ୍ଧରୀ ॥
ଦଶଦିଗପାଳ ଦେଖି ବୁଜିଲେ ନୟନ ।
ଜଳି ଆସୁଅଛି କି ପ୍ରଳୟ ହୁତାଶନ ॥
ଯେତେକ ଶସ୍ତ୍ର ରାବଣ ପ୍ରତିଭୁଲ କଲା ।
କେବଣ ମତେ ତାକୁ ନିବାରି ନ ପାରିଲା ॥
ଭାଗ୍ୟଥିଲା ପ୍ରାଣିଙ୍କି ଯେ ନ କାଟଇ ଖଣ୍ଡା ।
ଭାଗ୍ୟଥିଲା କାଳରେ ସେ ଆଣ୍ଟାଏ ପ୍ରଚଣ୍ଡା ॥
ଯେବଣ କାଳେ ରାବଣ କନ୍ଦେ ଲକ୍ଷ୍ମୀ ଥିଲା ।
ବ୍ରହ୍ମାହିଁ ଆସି ତାକୁ ପ୍ରବୋଧ କହିଥିଲା ॥

ଏବେ ସେ ସରିଲା ନା ସକଳ ବଡ଼ପଣ ।
ମୁହିଁ ମୁହିଁ ଯୁଝନ୍ତି ଯେ ଋକ୍ଷ କପିଗଣ ॥
ବ୍ରହ୍ମଶସ୍ତ୍ର ସେ ପେଷନ୍ତେ ହୋଇଲା ବ୍ୟର୍ଥ ।
ଧାର୍ମିକ ପ୍ରାଣୀ ଅଟନ୍ତି ପ୍ରଭୁ ରଘୁନାଥ ॥
ଜଗତର ନମନ୍ତେ ଅସୁର ସଙ୍କେ ଯୁଝି ।
ଅଗସ୍ତିଙ୍କ ନାରାଚ ବିନ୍ଧିଲେ ସ୍ଥାନ ଖୋଜି ॥
ରାବଣର ହୃଦରେ ସେ ପଡ଼ିଲାକ ଯାଇଁ ।
ପିଠିଆଡେ ଗଲାଗଲା ଛିଦ୍ରଚ୍ଛିଦ୍ର ହୋଇ ॥
ଶସ୍ତ୍ର ବାହାରନ୍ତେ ପ୍ରାଣ ବାହାର ହୋଇଲା ।
ସମୁଦ୍ରେ ପଶି ନାରାଚ ସ୍ନାନ ଯାଇ କଲା ॥
ରକତ ଛଡ଼ାଇଣ କ୍ରୋଣରେ ଆସି ପଶି ।
ରଘୁନାଥ ଚକ୍ଷୁକୁ ଯେ କିଛିହିଁ ନ ଦିଶି ॥
ଦଶଦିଗ ଅନ୍ଧାର ଭାଳନ୍ତି ରାମରାୟେ ।
ଆତଙ୍ଗ ମନରେ ମାତଳିକ ପୁଚ୍ଛା କଏ ॥
କି ହୋ ଦେବଦୂତ ଏତ କେବଣଆକାର ।
କିପାଇଁ ଜଗତ ମୋତେ ଦିଶିଲା ଅନ୍ଧାର ॥
ଏହା ଶୁଣି ମାତଳି ଯେ ବୋଇଲାକ ବାଣୀ ।
ଶୁଣ ଦେବ ଠାକୁର ଅଯୋଧ୍ୟା ରଘୁମଣି ॥
ତୁ ଦେବ ରାବଣକୁ ମାରିଲୁ ବ୍ରହ୍ମବାଣ ।
ଆବର ବିଶେଷେ ସେହି ଅଟଇ ବ୍ରାହ୍ମଣ ॥
ବିଶ୍ରବାଋଷିର ରେତୁଁ ସେହି ଉପୁଜିଲା ।
ମାତାର ଦୋଷରେ ସିନା ରାକ୍ଷସ ହୋଇଲା ॥
ବ୍ରହ୍ମାର ନାତି ଅଟଇ ବିଶ୍ରବାର ସୁତ ।
ତପୀ ଋଷିଙ୍କର ଯେ ଅଟଇ ଶୁଦ୍ଧରେତ ॥
ବ୍ରହ୍ମକର୍ମ ଗୋଟା ଯେ ଅଛଇ ତାର ତହିଁ ।
ତୁହି ତାକୁ ସ୍ୱହସ୍ତରେ ମାରିଲୁ ଗୋସାଇଁ ॥
ତେଣୁ ସେହି ବ୍ରହ୍ମହତ୍ୟା ଲାଗିଅଛି ତୋତେ ।
ବ୍ରହ୍ମଶସ୍ତ୍ର ତେଜ ପୁଣି ଲାଗିଛି ଯୁକତେ ॥
ଆନ ହୋଇଲେ କି ପ୍ରାଣ ଆଜ ସେ ପାଆନ୍ତା ।
ରାବଣର ସଙ୍ଗତରେ ସେହି ମରଥାନ୍ତା ॥
ଶୁଣିଣ ଶ୍ରୀରାମଚନ୍ଦ୍ର ହୋଇଲେ ବିଷାଦ ।
ମୋତେ ନିକି ନ ରହିଁ ନ ପୁଚ୍ଛନ୍ତି ସମ୍ବାଦ ॥
କେମନ୍ତେହେଁ ସେହି ଦୋଷ ଯିବ ମୋର ପାର ।
ଶୁଣିଣ ଦେବଦୂତ ଯେ କରଇ ଉତ୍ତର ॥

ଭୋ ରାମଚନ୍ଦ୍ର ତୁ ମନେ କୁହସି ବିକଳ ।
ତୋହର ନାମଗୋଟିକ ମନେ ମନେ ଭଲ ॥
ତୋତେ କିପାଁ ପାପ ଯେ ଲାଗିବ ରଘୁପତି ।
ତୁହି ସିନା କରୁଅଛୁ ଏସନେକ ରୀତି ॥
ଅନନ୍ତ ବ୍ରହ୍ମାଣ୍ଡର ଠାକୁର ଚକ୍ରପାଣି ।
ତୋହରେ ସେ ସର୍ଜିଲା ଅଛଇ ଶରୀରଖାନି ॥
ଶୁଣି ରଘୁନାଥ ଯେ ପରମ ତୋଷମନ ।
ହୃଦପଦ୍ମେ ବିଚାର କଲେକ ତତ୍ତ୍ୱଜ୍ଞାନ ॥
ଜୀବ ପରମ ଆତ୍ମାକୁ ଏକମନ କଲେ ।
ପ୍ରକୃତିକ ଅନ୍ତର କରଣ ବିଚାରଲେ ॥
ମୁହିଁନି ଶ୍ରୀହରି ଯେ ଜଗତ ଅଧିପତି ।
ମୋହ ସୃଷ୍ଟିଲା ସିନା ଅଛଇ ସପ୍ତପୃଥ୍ୱୀ ॥
ପାପ ପୁଣ୍ୟ ବୋଲି ସିନା ମୁହିଁ ବିଚାରିଲି ।
ଧର୍ମ ଅଧର୍ମ ବୋଲିଣ ମୁହିଁ ସୃଷ୍ଟି କଲି ॥
ବେଦ ବଉଦ୍ଧ ମୋହର ଏହି ଦୁଇ ମତ ।
ମୁହିଁ ସିନା ଭିଆଇଲି ଦେବତା ଦଇତ ॥
ସନ୍ଥ ପ୍ରତିପାଳି ଦୁଷ୍ଟଜନ ବିନାଶଇ ।
ରାକ୍ଷସନ୍ତ ନାଶିଣ ଦେବତାନ୍ତ ବସାଇ ॥
ଏ ଯେ ରାବଣ ବହୁତ ଅନ୍ୟାୟ ଯେ କଲା ।
ମୋ ଘରଣୀ ଜଗନ୍ମାତା ଚୋରାଇ ଆଣିଲା ॥
ତେଣୁ ଯେ ନାରାଚେ ହରିଲି ଏହାର ପ୍ରାଣ ।
ମୁହିଁତ ଅପାପିପୁରୁଷ ଯେ ନାରାୟଣ ॥
ପାପକୁ ହରନ୍ତ ନରେ ମୋତେ ଆଶ୍ରେ କରି ।
ଜଗତ ରଖିଲି ମୁହିଁ ରାବଣକୁ ମାରି ॥
ଏ ମାୟାସଂସାର ସିନା ମୋହର ପାତନା ।
ନ ଜାଣି କଲୁଷ ତୁହି ହେଉଅଛୁ ବଣା ॥
କେ ମୃତ୍ୟୁ ପାଇଲା କେହୁ କାହାକୁହିଁ ମାରି ।
କେ ପାପ ପୁଣ୍ୟ ପାଇଲା କାହାକୁ ଆବୋରି ॥
ଯାଅସି କଲୁଷ ହେ ସୁହିଲୁ ତୋର ସେବା ।
ନୋହିଲେ ତୋତେ ମୁଁ ଶାପ ଦେଇଥାନ୍ତ ଅବା ॥
ପୂର୍ବେ ଯେ ମରୁତ ରାଜାଠାରେ ଥିଲା ଦୋଷ ।
ତାହାକୁ ଯେ ମୁହିଁ ଭୋଗ କଲି ହେ କଲୁଷ ॥
ନୟମ ପୂରିଲା ଏବେ ଯାଅ ଅଙ୍ଗୁ ଛାଡ଼ି ।
ଏତେ ବୋଲି ରାମ ଯେ ଆପଣା ନାମ ପଢ଼ି ॥

ତାରକମନ୍ତ୍ର ଯେ ଆପଣାର ନାମ ଗୋଟି ।
ସୁମରନ୍ତେ ମାତ୍ରେ ବ୍ରହ୍ମହତ୍ୟା ଗଲା ଫିଟି ॥
ଶ୍ରୀରାମ ଶରୀରୁ ଯେ ଛାଡ଼ିଲା ପାପରାଶି ।
ପଦ୍ମଦଳ ଲୋଚନଙ୍କୁ ଦଶଦିଗ ଦିଶି ॥
ଏଥୁଅନନ୍ତରେ ସେ ଯେ ଦଶାନନ ବୀର ।
ହୃଦୟ ଫୁଟି ଯହୁଁ ଗଲାକ ବ୍ରହ୍ମଶର ॥

( 5 )

## ସୀତାଙ୍କ ଅଗ୍ନି- ପରୀକ୍ଷା

ରାମଙ୍କୁ ନମସ୍କାର କଲେକ ବଇଦେହୀ ।
ଦୁଇଭିଡ଼ା ପଛକୁ ଘୁଞ୍ଚିଣ ଉଭାହୋଇ ॥
ହେ ଦଶରଥନନ୍ଦନ ବୋଲି ସୀତା କାନ୍ଦି ।
ମୁହିଁ ପଡ଼ିଥିଲି ଯେ ଅସୁରଘରେ ବନ୍ଦୀ ॥
ଏ କର୍ମ ବିଧାତା ପୁଣି ତୋତେ ମୋତେ କଲା ।
ମୋ ପ୍ରସାଦେ ତୋତେ ଯେ କଳଙ୍କ ଉପୁଜିଲା ॥
ଏତେ ବୋଲି ଦେବୀ ଯେ ରୋଦଇ ଉଚ୍ଚସ୍ୱରେ ।
ରାମ ମହୀରେ ଲୁହ ପକାନ୍ତି ଶୋକଭରେ ॥
ମୁଖେ ବସନ ଦେଇଣ କାନ୍ଦନ୍ତି ଲକ୍ଷ୍ମଣ ।
କାନ୍ଦନ୍ତି ରାଜା ସୁଗ୍ରୀବ ଜାମ୍ବବ ସୁଷେଣ ॥
ଅଙ୍ଗଦ ହନୁମନ୍ତ ଯେ ଗନ୍ଧମାଦନ ।
ମହେନ୍ଦ୍ର ଦ୍ୱିବିଧ ଗବାକ୍ଷ ଯେ ସୁଶୋଧନ ॥
ନଳ ନୀଳ ଗବୟ ଯେ ପବନ ସମ୍ପାତ ।
ଦଶକୋଟିବୃନ୍ଦ ଶତବଳ ଯେ କାନ୍ଦନ୍ତି ॥
ରମଣ କାଳଞ୍ଜନର ଶୋକ କହି ନୋହି ।
ଋକ୍ଷ କପି କାନ୍ଦନ୍ତେ ଉଛୁଳୁଅଛି ମହୀ ॥
ବିଭୀଷଣ ସଜନ ସହିତେ ମନ୍ଦୋଦରୀ ।
ଲଙ୍କାପୁର ଅସୁରୀଏ ହାହାକାର କରି ॥
ବାବୁ ବିଧାତାରେ ଏହି ପତିବ୍ରତା ସତୀ ।
ରଘୁନାଥ ଏହାର ଅନୁରୂପେ ଯେ ପତି ॥
ପୁବାକାଳେ ଦୁହେଁ ଯେ ହୋଇଲେ ଛଡ଼ାଛଡ଼ି ।
ତେରମାସେ ପୁଣି ଆସି ଏବେ ଭେଟ ପଡ଼ି ॥
ମୁରୁଛି ନୁଆରିଣ ରୋଦନ କରୁଛନ୍ତି ।
କାନ୍ଦି କାନ୍ଦି ଲୋକେ ଏହା ମନେ ବିଚାରନ୍ତି ॥

ଘଡ଼ିଏକ ପର୍ଯ୍ୟନ୍ତେ ରୋଦନ ସେ କଲେ ।
ଶୋକ ସମ୍ଭାଳିଣ ଶ୍ରୀରାମଚନ୍ଦ୍ର ବୋଇଲେ ॥
ଶୁଣସି ଜାନକି ଆଗୋ ଜନକଦୁଲଣି ।
ତୋହର ନିମନ୍ତେ ମାଇଲି ମୁଁ ବଂଶପାଣି ॥
ଅସୁର ବଳ ଧୂମାକ୍ର କରି ପକାଇଲି ।
ସୁଗ୍ରୀବର ଛଳରେ ମୁଁ ବାଳିକି ମାଇଲି ॥
ସମୁଦ୍ର ଭିତରେ ବାନ୍ଧିଲି ମୁଁ ସେତୁବନ୍ଧ ।
ଯଶ ପାଇବା ନିମନ୍ତେ ନାଶି ଦଶକନ୍ଧ ॥
ତୋହର ନିମନ୍ତେ ଜାଣ କଲଇଁ ଏସନ ।
ଦେବଗଣେ ଅଜେୟ ମାଇଲି ଦଶାନନ ॥
ରଘୁକୁଳର କଳଙ୍କ ଫେଡିବାର ଅର୍ଥେ ।
ଦଶକନ୍ଧ ଛେଦିଲି ବିଷମ ଶରଘାତେ ॥
ଅସୁରର ଘରେ ଗୋ ଯେବଣ ନାରୀ ଥିଲା ।
ସେ ପୁଣି କୁଳକୁ ଗୋ କେମନ୍ତେ ଯୋଗାଇଲା ॥
ମୁହିଁ ପରିଗ୍ରହ ଆଉ ନ କରଇଁ ତୋତେ ।
ତୁ ଜନକଦୁହିତା ନ ଯୋଗାଉ ଯେ ମୋତେ ॥
ଦଶଦିଗରେ ତୁ ଯେଣେ ପାରୁ ତେଣେ ଯାଅ ।
ଆଉ ତୁ ମୋତେ ଗୋ ମନେ ଆଶା ନ ବଢ଼ାଅ ॥
ଶ୍ରୀରାମ-ମୁଖରୁ ଯେ ଏସନ ଶୁଣି ବାଣୀ ।
ସ୍ତବଧ ହୋଇଲେ ଯେ ସକଳ ଲୋକ ଶୁଣି ॥
ଦେହରୁ ଛାଡ଼ି କି ଉଡ଼ି ଗଲା ତାଙ୍କ ପ୍ରାଣ ।
ସୁଗ୍ରୀବ ଅଙ୍ଗଦ ଜାମ୍ବବ ଯେ ବିଭୀଷଣ ॥
ହନୁମତ ନଳ ନୀଳ ଗନ୍ଧମାରଦନ ।
ସୁଷେଣ ଲକ୍ଷ୍ମଣ ବୀର ମହୀନ୍ଦ୍ର ଚନ୍ଦନ ॥
ଅଷ୍ଟସେନା ଥାବର ପଞ୍ଚଶ ଯୂଥପତି ।
ଋକ୍ଷ ରାକ୍ଷସ ଅନେକ କପି ଯେ ପ୍ରଭୃତି ॥
ସ୍ତମ୍ଭୀଭୂତ ହୋଇଣ ଚାହାଁନ୍ତି ଜଳ ଜଳ ।
ଉପ୍ରୋଧ ଛାଡ଼ି ବୋଇଲେ ଯହୁଁ ରଘୁବାଳ ॥
ଶୁଣି ବଇଦେହୀର ଯେ କପାଳ କଣ୍ଟିଲା ।
ହୃଦପଦ୍ମ ମଧ୍ୟରେ ସେ କଥାନ୍ତ ବାଣ୍ଟିଲା ॥
ବଗ୍ରିଲା ରାମର ହୋଇଲା କୋପ ମୋତେ ।
ଭୁଞ୍ଜିବି ନାହିଁ କି ମୁହିଁ ଅର୍ଜିଅଛୁ ଯେତେ ॥
ଏତେକ ଭାଳି ଦେବୀ ସ୍ତବଧ ହୋଇଅଛୁ ।
ପୁଣି ତମ ନ କର ବୋଇଲେ ରଘୁବଚ୍ଛ ॥

ତୁହି ଯେବେ ଦଣ୍ଡକେ ନ ଯିବୁ ରେ ନାରୀ ।
ଭରତ ଲକ୍ଷ୍ମଣ ଭ୍ରାତା ଅଛନ୍ତି ମୋହର ॥
ଏହାଙ୍କର ଘରଣୀ ହୋଇଣ ଘର କର ।
ଉଚିତ ନୋହିଲେ ବିଭୀଷଣଙ୍କୁ ତୁ ବର ॥
ଏ ଲଙ୍କା ନଗ୍ରକୁ ଗୋ ବିଳାସ ସୁଖେ ଥାଇ !
ତୋହଠାରେ ମୋହର ଗୋ କାର୍ଯ୍ୟ ଆଉ ନାହିଁ ॥
ସୁଗ୍ରୀବ ଅଙ୍ଗଦ ହନୁ ଜାମ୍ବବକୁ ଚାହିଁ ।
ଯେ ମନକୁ ରୁଚଇ ଗୋ ବର ତାଙ୍କୁ ଯାଇଁ ॥
ଶୁଣି ବଇଦେହୀ ଉଚ୍ଚେ ରୋଦନ ଯେ କଲା ।
ଶ୍ରୀରାମର ମୁଖ ଚାହିଁ ବଚନ ବୋଇଲା ॥
ଋଷିଙ୍କର କୁଳେ ମୁହିଁ ହୋଇଅଛୁ ଜାତ ।
ରଘୁନାଥଙ୍କୁ ଯେ ବିଭା ଦେଲେ ମୋର ତାତ ॥
ନଟନାରୀଙ୍କର ପ୍ରାୟେ ମୋତେ ତୁ ବଲହୁଁ ।
ଏତେକ ନ ଜାଣିମା ପଣେ କି ପ୍ରଭୁ କହୁ ॥
ଭୋ ଶତ୍ରୁଜିତ ମୁହିଁତ ନରେନ୍ଦ୍ରର ରାଣୀ ।
ଦୁଇକୁଳେ ବିଶୁଦ୍ଧା ଜଗତେ ମୋତେ ଜାଣି ॥
ଏବେ ଅବଗୁଣ ଯେନ ମୋତେ କୋପ କର ।
ହାନି ଲାଭ କଥାକୁତ ବିଚାର ନ କର ॥
ଭୋ ସ୍ୱାମି ମୋହର ବୋଲ ଏବେ ତୁହି ଶୁଣ ।
ଆନ ନାରୀଙ୍କର ପ୍ରାୟେ ମୋତେ ତୁ ନ ମଣ ॥
ଶ୍ରୀରାମ ବୋଇଲେ ଯେ କିମ୍ପାଇଁ କୋପ କର !
ନାରୀଜାତଙ୍କି ବିଶ୍ୱାସ ଯିବା କେଉଁପର ॥
କୁହଇ ମୁଁ କୁପୁରୁଷ ନ ନେବଇଁ ତୋତେ ।
ସତ୍ୟ କଥା କହୁଅଛୁ ମୁଁ ତୋର ଅଗ୍ରତେ ॥
ଶୁଣି କୋପ କରଣ ବୋଇଲେ ବଇଦେହୀ ।
ଆନ ନାରୀ ପ୍ରାୟ ମୋତେ ନ ମଣ ଗୋସାଇଁ ॥
ତୁ ଏବେ ପରୀକ୍ଷା କର ମନମଧ୍ୟେ ବୁଝ ।
ଇହଲୋକ ପରଲୋକ ଦୁଇ ଲୋକ ଶୁଝ ॥
ତିନିପୁର ଲୋକଙ୍କୁ ତୁ ଜଣସି ଗୋସାଇଁ ।
ଜଳନ୍ତା ଅନଳେ ମୁହିଁ ପଶିବି ଝସାଇ ॥
ଭୋ ଲକ୍ଷ୍ମଣ ବେଗେ ଅଗ୍ନି ଆରୋପଣ କର ।
କିପାଇଁ ତୁମ୍ଭେ ମୋତେ ଯେ ଅବଗୁଣ ଧର ॥
ଏ ମୋହର ପ୍ରାଣପତି ପ୍ରତେ ଯେତେ ଯାଇଁ ।
ତାହା ମୁହିଁ କରିବି ଯେ କଥା ଥାଉ ରହି ॥

କପାଇଁ ଅଗ୍ନିସଂଯୋଗ ନ କରୁ ଲକ୍ଷ୍ମଣ ।
ଅଗ୍ନି ଜାଳ ଦିଅ ମୁଁ ପଶିବି ଏହିକ୍ଷଣ ॥
ଶୁଣିଣ ସଉମିତ୍ରି ଶ୍ରୀରାମର ମୁଖ ଚାହିଁ ।
ଦୃଷ୍ଟି ଅନୁମତେ ଯେ ଶ୍ରୀରାମ ଦେଲେ କହି ॥
ରଘୁନାଥ ସନମତ ଜାଣିଲା ଲକ୍ଷ୍ମଣ ।
ଥାଟ ପେଷି କାଠ ବହି ଆଣିଲେ ବହନ ॥
ବୋଣ୍ଟ ଅଗ୍ନିବାଣ ଯେ କାଢ଼ିଣ ଜାଳି ଦେଲା ।
ପ୍ରଖର ଅନଳରାଶି ଜଳଣ ଉଠିଲା ॥
ବିଭୀଷଣ ଘରୁ ଘୃତ ଅଣାଇଲା ଧାଇ ।
ଜଳନ୍ତା ହୁତାଶନର ଉପରେ ଢ଼ାଳନ୍ତି ॥
ବିକରାଳ ହୋଇ ଅଗ୍ନି ଜଳିଲା ବହନ ।
ତପତର ଧାଏ ଦୂର ହୋଇଲେ ସଇନ ॥
ଦେଖିଣ ଜାନକୀର ପରମ ତୋଷ ଚିତ୍ତ ।
ପୂର୍ବମୁଖ ହୋଇଣ ବୋଲନ୍ତି ସେ ଏମନ୍ତ ॥
ଶ୍ରୀରାମନ୍ତୁ ମନରେ ମୋହର ଆନ ଥାଇ ।
ଭୋ ହୁତାଶନ ଦେବତା ପଙ୍କା ମୋତେ ଦହି ॥
ଏସନେକ ବୋଲିଣ ପାଣିକି ଯେହ୍ନେ ପଶି ।
ଜଳନ୍ତା ହୁତାଶନରେ ବଇଦେହୀ ଝାସି ॥
ଦେଖିଣ ହାହାକାର ସକଳ ଲୋକ କଲେ ।
ନିଶ୍ଚୟ ଜାନକୀ ପ୍ରାଣ ନାଶିବ ବୋଇଲେ ॥
କପାଇଁ ରଘୁନାଥ ଯେ କଲେ ପାପକର୍ମ ।
ଜାଣିଲେ ସବୁତେ ଲୋକଙ୍କୁ ହିଂସାସଇ ଧର୍ମ ॥
ଯାହାର ନାମନ୍ତେ ଗୋ ଏଡ଼େକ କର୍ମ ହେଲା ।
ସେ ମହାସତୀଙ୍କ ଅଗ୍ନି ମଧ୍ୟେ ପୋଡ଼ି ଦେଲା ॥
ରକ୍ଷଅସୁରୀଙ୍କର ବୋବାଳି ଅପ୍ରମାଣ ।
ବୋଇଲେ ଏତେ ନିର୍ଦ୍ଦୟ ଅଟେ ରାମରାଣ ॥
ଆମ୍ଭଙ୍କୁ ମାଣ୍ଡୁ ନ ଦେଲା ଅଗ୍ନି ସର୍ପଘଟ ।
କପାଇଁ ଜାନକୀକି ସେ ଦେଲା ଏଡ଼େ କଷ୍ଟ ॥
ମନ୍ଦୋଦରୀ ସହିତେ ଯେତେକ ନାରୀମାନେ ।
ଡରେ ଥରହର ଯେ ଭାଳନ୍ତି ମନେ ମନେ ॥
ବିଚାରନ୍ତି ଶ୍ରୀରାମର ନାହିଁ ନା ଉପ୍ରୋଧ ।
କପାଇଁ ସେ ରାବଣଙ୍କୁ ନ କରିବ ବଧ ॥
ଲଙ୍କା-ରାକ୍ଷସ-ରାକ୍ଷସୀ ରୋଦନ କରନ୍ତି ।
ଶ୍ରୀରାମଙ୍କୁ ମନେ ବଇରାଗ ସେ ଧରନ୍ତି ॥

ଏତେ ନିର୍ଦ୍ଦୟ ହୋଇଲା କଉଶଲ୍ୟାସୁତ
ଏହା ପରି ସ୍ତିରୀଙ୍କ ନ କଲା ସନମତ ॥
ଋକ୍ଷ କପି କାନ୍ଦନ୍ତି ଯେ କଲୁଁ ଏଡ଼େ ରଣ ।
ଏତେ ଦୁଃଖେ ପଡ଼ିବାର ହେଲା ଅକାରଣ ॥
ଭୋ ରଘୁନାଥ ଧଇଲୁ କପିଁ। ପାପବୁଦ୍ଧି ।
ହୁତାଶନେ ଧ୍ୱଂସିଲୁ ଯୁବତୀ ରତ୍ନନିଧି ॥
ଅଷ୍ଟାସେନା ଯେ ପଞ୍ଚଶ ଯୂଥପତି କାନ୍ଦି ।
ବସ୍ତ୍ରହିଁ ନ ସମ୍ଭାଳନ୍ତି କେଶହିଁ ନ ବାନ୍ଧି ॥
ସୁଗ୍ରୀବ ବିଭୀଷଣ ଅଙ୍ଗଦ ହନୁମନ୍ତ ।
ନଳ ନୀଳ ସୁଷେଣ ତାରାଖ୍ୟ ଜାମ୍ବବନ୍ତ ॥
ଓପ୍ରୋଧେ ଶ୍ରୀରାମଙ୍କୁ ଯେ ନ ବୋଲନ୍ତି କିଛି ।
ସବୁଙ୍କର ଦେହ ଯେ ଆଉଟି ହେଉଅଛି ॥
ଝଳ ଝଳ ନୟନରୁ ବହେ ଅଶ୍ରୁଜଳ ।
ବୁକୁରେ କୋଡ଼ି ହୁଅଇ ସୁମିତ୍ରାର ବାଳ ॥
ଶ୍ରୀରାମହିଁ ମନରୁ ମୂରୁଛି କୁଆଇଲେ ।
ସୀତା ସୀତା ବୋଲି ଆପେ କାନ୍ଦିଣ ଉଠିଲେ ॥
ହା ହା ଜାନକୀ ଗୋ ଭୂମି ଜନକଦୁହିତା ।
କଥାର ଛଟକେ ହରାଇଲି ଆଗୋ ସୀତା ॥
କି ପାପବୁଦ୍ଧି ଯେ ପ୍ରସରଲା ମୋର ଚିତ୍ତେ ।
କେବଣ ମୂର୍ଖପଣେ କହିଲି ଏହା ତୋତେ ॥
ଏ ଜନ୍ମେ ସଖି ଗୋ ତୋତେ ଦେଖିବି ଯେ ନାହିଁ ।
ତୋହର ପରି ସୁନ୍ଦରୀ ପାଇବଇଁ କାହିଁ ॥
କାହାର ବୋଲେ ମୁଁ ଏତେବଡ଼ କୃତ୍ୟ କଲି ।
ମୋ ପ୍ରାଣବଲ୍ଲଭୀକି ଅଖଡ଼େ ହରାଇଲି ॥
ଏସନେକ ବୋଲିଣ କାନ୍ଦନ୍ତି ରାମରାଣ ।
ରଘୁନାଥ କାନ୍ଦନ୍ତେ ଭାଳନ୍ତି ସୁରଗଣ ॥
କେବଣ ପ୍ରକାରେ ବୋଧ ହେବେ ରାମରାହୁ ।
କେବଣମତେ ଜାନକୀଦେବୀ-ପ୍ରାଣ ରହୁ ॥
ବ୍ରହ୍ମା ଆଦି ଦେବତାଏ ଏସନ ବିଚାରି ।
ରୁଦ୍ର ବୋଲନ୍ତି ଶୁଣ ଗୋ ଦେବ ଶାକମ୍ଭରି
ଜଳନ୍ତା ଅଗ୍ନିରେ ଯେ ପଶିଲେ ଦେବୀ ସୀତ
ଚଉଦଭୁବନ-ଲୋକେ ପାଉଛନ୍ତି ଚିନ୍ତା ॥
ଶ୍ରୀରାମଙ୍କର ବେଦନ କହିଲେ ନ ସରି ।
ଅଗ୍ନିକି ତେଜିଛି ଯେ ଗ୍ରହାନ୍ତି ରାବଣାରି ॥

ଧୂମର ଘାଏ କୁଆଡ଼ ଗୁଲେ ଦୃଷ୍ଟି ଦେଇ ।
କଂଥ ବୋଲ ବେଢ଼ିଣ ବୁକୁରେ କୋଡ଼ି ହୋଇ ॥
ଏସନ ବେଳେ ଜଳନ୍ତା ହୁତାଶନ ମଧ୍ୟେ ।
ପୁରୁଷେକ ଦଶିଲ ଦେଖିଲେ ସୁରସିଦ୍ଧେ ॥
ଅଗ୍ନିର ଭିତରୁ ସେହି ହୋଇଲା ବାହାର ।
ଅଗ୍ନିପ୍ରାୟେକ ଯେ ଦେହ ଦଶଇ ତାହାର ॥
ସୀତାଙ୍କୁ ଆଗ କରି ଶ୍ରୀରାମ ଆଗେ କହି ।
ଏ ସେ ଅପାପୀ ଅଟଇ ଜାଣ ବଇଦେହି ॥
ଏମନ୍ତ କୃତ୍ୟ ଦେଖି ଦେଖଣାହାରିମାନେ ।
ଉବୁରି ଉବୁର ହୋଇ ଧାମନ୍ତ ବହନେ ॥
ହୁତାଶନଙ୍କୁ ବେଢ଼ିଣ ଶୁଣନ୍ତ ସମ୍ବାଦ ।
ସମସ୍ତ ଲୋକେ ହୋଇଣ ଅଛନ୍ତି ସ୍ତବଧ ॥
ଅଗ୍ନିର ଭିତରେ ଥାଇ ବୋଲଇ ପୁରୁଷ ।
ଭୋ ଦେବ ଜାନକୀର ଯେ କିଛି ନାହିଁ ଦୋଷ ॥
ଏହା ମୁଁ ସମ୍ପୂର୍ଣ୍ଣରୂପେ କହୁଅଛି ତୋତେ ।
ମାନବ ଯୋନିରେ ତୁ ଯେ ନ ଚହ୍ନିଲୁ ମୋତେ ॥
ମୁହିଁ ତୋତେ ଜାଣଇ ତୁ ପରମପୁରୁଷ ।
ଅନନ୍ତ ମୂରତି ସ୍ୱୟଂ ବିଷ୍ଣୁ ପୀତବାସ ॥
ଏହି ସୀତା ଅଟଇ ପ୍ରତ୍ୟକ୍ଷେ କମଳିନୀ ।
ନିଷ୍କଳଙ୍କ ପ୍ରତିମା ଏ ବିଷ୍ଣୁପାଟରାଣୀ ॥
ଦେବସ୍ତ୍ରୀମାନେ କୁହନ୍ତି ଏହାଙ୍କୁ ସରି ।
ପରମବୈଷ୍ଣବୀ ଏହି ଜନକକୁମାରୀ ॥
ଅଗ୍ନିର ଶିଖାଙ୍କୁ ଏହି ଲଙ୍ଘିତ ପାରିବ ।
ଏ କଥା ଗୋଟି ଯେ ସତ୍ୟ ନ ଭାଳ ରାଘବ ॥
ସୀତା କମଳିନୀ ଜାଣ ଅଗ୍ନିର ସମାନ ।
ଏହା ଛୁଇଁବାକୁ କି ଭାଜନ ଦଶାନନ ॥
ମତ୍ତଗଜଗାମିନୀ ଏ କମଳଆନନୀ ।
ଦରିଦ୍ର ଜନଙ୍କର ଏ ଦୁଃଖବିନାଶିନୀ ॥
ମୁହିଁ ହାଦେ ବୋଲୁଛି ଏହାର ପାପ ନାହିଁ ।
ପ୍ରତିଗ୍ରହ କର ଏ ସୀତାଙ୍କୁ ତୋଷ ହୋଇ ॥
ସେ ପୁରୁଷ ବଚନେ ଶ୍ରୀରାମ ତୋଷ ହେଲେ ।
ଆସ ଆସ ଜାନକୀ ଗୋ ବୋଲିଣ ବୋଇଲେ ॥
ସୀତାଙ୍କୁ ସମର୍ପି ସେ ପୁରୁଷ ଅନ୍ତର୍ଦ୍ଧାନେ ।
ସାଧୁ ସାଧୁ ବୋଇଲେ ଦେଖଣାହାରିମାନେ ॥

ଅଗ୍ନିର ଭିତରୁ ସୀତା ହୋଇଲେ ବାହାର ।
ଶୁଦ୍ଧସୁବର୍ଣ୍ଣ ପ୍ରାୟେକ ରୂପ ଯେ ତାହାର ॥
ନିଷ୍କଳଙ୍କଚନ୍ଦ୍ରମା ପ୍ରାୟେକ ମୁଖ ଦିଶି ।
ଶ୍ରୀରାମ ଯେ କୋଳ କରି ଘେନିଗଲେ ଆସି ॥

---

## ଉତ୍ତରକାଣ୍ଡ

### (1)

### ଲବକୁଶଙ୍କର ରାମାୟଣ-ଗାନ

ଏତେ ବୋଲି ନେଇଣ ଗୁରୁଙ୍କୁ ସମର୍ପିଲେ ।
ସ୍ନେହଭରେ ବେନି ଆକ୍ଷି ଅନଥନ କଲେ ॥
ପୁତ୍ରଙ୍କୁ ସମର୍ପି ଦେଇ ସୀତା ତହୁଁ ଯାନ୍ତି ।
ଲେଉଟି ନ ଚାହିଁ ବାବୁ ପୁତ୍ରଙ୍କୁ ବୋଲନ୍ତି ॥
ଶୁଣିଣ ଲବକୁଶେ ଲେଉଟି ନ ଚାହିଁଲେ ।
ମାତାଙ୍କୁ ଓଳଗିଣ ମୁନିଙ୍କ ସଙ୍ଗେ ଗଲେ ॥
ହର ବୋଲନ୍ତି ଏ ଅନ୍ତେ ଶୁଣ ଗୋ ପାର୍ବତି ।
ସୀତାଙ୍କର ପୁତ୍ରଙ୍କୁ ଘେନିଣ ମହାଯତି ॥
ଆବର ଅଛନ୍ତି ଯେ ଅନେକ ତପସ୍ୱୀ ।
ଘେନିଗଲେ ସଙ୍ଗେ ଶିଷ୍ୟଗଣ ଆଦି କରି ॥
ବାଟେ ଯାଉଁ ମୁନି ଲବକୁଶଙ୍କୁ କହନ୍ତି ।
ଶୁଣ ବାବୁ ମୋହର ଯେ ସିଦ୍ଧାନ୍ତ ଭାରତି ॥
ଯେଉଁ ରାମାୟଣ ଶ୍ଳୋକ କରିଅଛୁଁ ଆମ୍ଭେ ।
ସିଂହଦ୍ୱାରେ ବସି ଗାଉଥିବ ତାହା ତୁମ୍ଭେ ॥
ଯେତେବେଳେ ଯହିଁ ଯେଉଁ ରାଗରେ ବସନ୍ତି ।
ସୁସ୍ୱରେ ଗୀତ ଗାଇବ ହୋଇ ସ୍ଥିରମତି ॥
ଆମ୍ଭର ଯୋଡ଼ିଲା ବୋଲି ପୁଚ୍ଛିଲେ କହିବ ।
କ୍ଷୁଧା ତୃଷା ଲାଗିଲେ ବସାକୁ ଚାଲିଯିବ ॥
ଶୁଣିଣ ବେନିଭାଇ ତା ସନମତ କଲେ ।
ଯେ ତୁମ୍ଭର ଆଜ୍ଞା ଅମ୍ଭେ ପାଳିବୁ ବୋଇଲେ ॥
ଏମନ୍ତ କହିଣ ପୋଏ ଯାନ୍ତି ତହୁଁ ଚଳି ।
ନଇମିଷ ଅରଣ୍ୟ ନିକଟେ ଯାଇଁ ମିଳି ॥

ଦୂରକୁ ଗହଗହ ଶୁଭଇ ମହାଗୋଳ ।
ଫରହର ଉଡ଼ନ୍ତି ଯେ ନେତର ଚମ୍ବାଳ ॥
ଅପ୍ରମିତ ଥାଟ ପୁଣି ତହିଁଛନ୍ତି ପୂରି ।
ରଥଗଜ ପଦାତିଙ୍କି କେହୁ ଗଣିପାରି ॥
ବାଟେ ଯାଉଣ ଦେଖନ୍ତି ନାନା ଖେଳରସ ।
ମିଶାମିଶି ହୁଅନ୍ତି ଯେ ରାକ୍ଷସ ମନୁଷ୍ୟ ॥
ବାଲମୀକ ମୁନିଙ୍କେ ଯେ ବଶିଷ୍ଠେ ଭେଟିଲେ ।
ଋଷିଙ୍କ ପାଇଁ ଯେ ଘର ତହିଁ ରୁହାଇଲେ ॥
ବସା ଜାଣି ଲବକୁଶ ତହୁଁ ଯେ ବାହୁଡ଼ି ।
ରାଜାଙ୍କ ସିଂହଦ୍ୱାରେ ବସିଣ ପାଠପଢ଼ି ॥
ବାଲ୍ମୀକ ପ୍ରବେଶ ହୋଇଗଲେ ସିଂହଦ୍ୱାରେ ।
ଯାଇଣ ମିଳିଲେ ଶ୍ରୀରାମଙ୍କ ସନ୍ନିଧିରେ ॥
ଦେଖିଣ ରଘୁନାଥ ଯେ ନମସ୍କାର କଲେ ।
କୁଶଳ ପୁଚ୍ଛିଣ ବସିବାକୁ ଠାବ ଦେଲେ ॥
ଏଥଅନନ୍ତରେ ସେ ଯେ ଲବକୁଶ ବେନି ।
ସିଂହଦ୍ୱାରେ ବସିଲେ ସେ ପୋଥି ଗୋଟି ଘେନି ॥
ଗୁଣ୍ଡକ୍ରି ରାଗେଣ ସେ ଯେ ଉଚ୍ଚାରିଲେ ଗୀତ ।
ତତକ୍ଷଣେ ମୋହିଲେ ସେ ସବୁଙ୍କର ଚିତ୍ତ ॥
ଏକକୁ ଆରେକର ଲାବଣ୍ୟ କଣ୍ଠସ୍ୱର ।
କୁମାର ବୟସ ଯୋଗୁଁ ଗାବନ୍ତି ମଧୁର ॥
ଶାରଦା ଦେବୀ ଯାହାର ଅଟଇ ଜନନୀ ।
ସେ କି ନ ଜାଣଇ ଗୀତର ରାଗ ରାଗିଣୀ ॥
କୋମଳକରି ଗାବନ୍ତି ଗୀତ ନାନାରସେ ।
ବେଢ଼ି ଲୋକମାନେ ତାହା ଶୁଣନ୍ତି ହରଷେ ॥
ଶ୍ରୀରାମର ମହିମା ଯେ ଜାନକୀର ବିଭା ।
ପରଶୁରାମ ଜିଣିବା ବନବାସ ଯିବା ॥
ଜାନକୀ ହରିଲି ବନେ ବାଳି-ପ୍ରାଣ-ବଧ ।
ସମୁଦ୍ରେ ବନ୍ଧ ବାନ୍ଧି ଛେଦିଲେ ଦଶକନ୍ଧ ॥
ଶେଷେ ବାଲମୀକମୁନି ଯୋଡ଼ିଲା କହନ୍ତି ।
ପଦେ ପଦେ ଶ୍ରୀରାମ-ଚରିତ ବଖାଣନ୍ତି ॥
ଶୁଣିଣ ଲୋକମାନେ ଯେ ହୋଇଲେ ଉସତ ।
ବୋଇଲେ ଅପୂର୍ବ ଅଟଇ ଏ ନୂଆ ଗୀତ ॥
ଚିନ୍ତା ହୋଇ ରଘୁନାଥ ଯିସ ଯିସ କଲେ ।
ଭବିଷ୍ୟତ ଗ୍ରନ୍ଥ ଏହା ବାଲମୀକ ରଚିଲେ ॥

ଏକର କହନ୍ତେ ଯେ ଆରେକ ତାହା ଜାଣି ।
ଯତନେହେଁ ଲୋକ ଯେ ଅଇଲେ ଗୀତ ଶୁଣି ॥
ଯେ ଯାହାର ଘର-ଦ୍ୱାର ତେଜି ସର୍ବଜନ ।
ସେ ଗୀତ ଶୁଣିବାକୁ ଯେ ଅନୁକ୍ଷଣେ ମନ ॥
ସନ୍ଧ୍ୟାବେଳେ ଯୋଏ ତହୁଁ ଘରକୁହିଁ ଯାନ୍ତି ।
ପୁଣିହି ସେ ସିଂହଦ୍ୱାରେ ପ୍ରଭାତେ ଗାବନ୍ତି ॥
ଏମନ୍ତେହେଁ କେତେକ ଦିନ ଯେ ତହୁଁ ଗଲା ।
ନୂଆ ଗୀତ ବୋଲି ଲୋକେ ଶବଦ ଶୁଭିଲା ॥
ସ୍ନେହେଗେଲେ ନୃପତିର ଲୋକେ ଶୁଣି ଯାନ୍ତି ।
ବାଟେ ଯାଉଁ ଯାଉଁ ଋଷିମାନେ ଯେ ଶୁଣନ୍ତି ॥
ପ୍ରଜାମାନେ ଯହୁଁ ଆସି ଶୁଣନ୍ତି କର୍ଣ୍ଣରେ ।
ଚରଗଣେ କହନ୍ତି ଯେ ଶ୍ରୀରାମ-ଆଗରେ ॥
ଭୋ ରଘୁନନ୍ଦନ ବୀରବର ଚକ୍ରବର୍ତ୍ତୀ ।
ଗ୍ରନ୍ଥେକ କରିଛନ୍ତି ବାଲ୍ମୀକି ମହାଯତି ॥
ଋଷିକୁମାର ଯେ ଦୁଇଗୋଟି ଆସିଛନ୍ତି ।
ସିଂହଦ୍ୱାରେ ବସିଣ ସେ ନିତ ଗୀତ ଗାନ୍ତି ॥
ଅନେକ ଦିନ ହେଲାଣି ଆସିବା ତାଙ୍କର ।
ସବୁ ଗୀତ ଦେବ ଅଟେ ଚରିତ ତୁମ୍ଭର ॥
ଋଷ୍ୟଶୃଙ୍ଗ-ଯଜ୍ଞ ଆଉ ତାଡ଼କା-ବିନାଶ ।
ଶିବଧନୁ-ଭଗ୍ନ ସୀତା-ବିଭା ବନବାସ ॥
ରାବଣ ବିଧ୍ୱଂସିବା ସହିତେ ଦେବଅଛି ।
ଅମୃତରସ ପ୍ରାୟେକ ଶ୍ରବଣର ରୁଚି ॥
ଚର କହନ୍ତେ ଶ୍ରୀରାମ ହେଲେ ସାବଧାନ ।
ହୋଇ ଦେବ ଏକଥା କହନ୍ତି ରାଜଗଣ ॥
ଏ ତୋର ଚରିତ ଗୀତ ବାଲ୍ମୀକି କଲା ।
ରାମାୟଣ ବୋଲିଣ ସେ ଗ୍ରନ୍ଥ ନାମ ଦେଲା ॥
ବାଳପୁଅ ଦୁଇଗୋଟି ନିତ୍ୟେ ଗାଉଛନ୍ତି ।
କିଜାଣି ଅମୃତରସ ଶ୍ରବଣେ ଦିଅନ୍ତି ॥
ମୁନିମାନେ କହିଲେ ଅମୃତରସବାଣୀ ।
ଶୁଣିଣ ହରଷ ଯେ ହୋଇଲେ ରଘୁମଣି ॥
ଭରତକୁ ଆଜ୍ଞା ଦେଲେ ବେଗେ ଆଣ ଯାଇଁ ।
ଆଜ୍ଞାପ୍ରମାଣେ ଭରତ ଗଲା ବେଗେ ଧାଇଁ ॥
ସିଂହଦ୍ୱାରେ ଯାଇଁ ଲବକୁଶକୁ ଭେଟିଲେ ।
ଠାକୁରଙ୍କର ହକରା ବୋଲିଣ ବୋଇଲେ ॥

ଶୁଣିଣ ଲୋକେ ବୋଇଲେ ବାବୁ ବେଗେ ଯାଅ ।
ରାଜାର ମନ ତୋଷିଣ ଧନ-ବସ୍ତ୍ର ପାଅ ॥
ଶୁର କହନ୍ତେଣ ଯେ ଉଠିଲେ ଲବକୁଶ ।
ନବରେ ପଶିଲେ ଯାଇଁ ମନରେ ହରଷ ॥
ଶ୍ରୀରାମଙ୍କ ସମ୍ମୁରେ ସେ ମିଳିଲେକ ଯାଇଁ ।
ନମସ୍କାର କରିଣ ଅଛନ୍ତି ଉଭା ହୋଇ ॥
ଦେଖିଣ ଶ୍ରୀରଘୁନାଥ ଆନନ୍ଦ ହୋଇଲେ ।
କସ ପୋଥି ଏ ଗୁମ୍ଫର ବୋଲି ଆଜ୍ଞା ଦେଲେ ॥
କୁଶ ଲବ ବୋଇଲେ ଏ ରାମାୟଣ ଗ୍ରନ୍ଥ ।
ଏହାକୁ ଯେ କଲେ ବାଲମୀକ ତପୋବନ୍ତ ॥
ପଞ୍ଚାଶ ସହସ୍ର ଶ୍ଳୋକ ଶୁଣି ପାପ ଯାଇ ।
ବ୍ରହ୍ମାର ବଚନେ ସାମବେଦୁଁ ଜାତ ଏହି ॥
ଶୁଣି ରଘୁନାଥେ ବୋଇଲେ ସେଠାରେ ବସ ।
ଶୁଣିବା ଗ୍ରନ୍ଥ ଗୁମ୍ଫର କର ପରକାଶ ॥
ଆଜ୍ଞା ପାଇ ପୋଏ ଯେ ବସିଲେ ଆଣ୍ଠୁଆଇ ।
କେଦାର ରାଗେ ଆଲାପ କଲେ ତୋଷ ହୋଇ ॥
ପ୍ରଥମେ ଗାଇଲେ ବାଲମୀକଙ୍କ ବନ୍ଦନା ।
ନାରଦର୍ଷି କରିବା ଗ୍ରନ୍ଥର ସୂଚନା ॥
ବ୍ରହ୍ମା ତିଆରିବା ସରସ୍ୱତୀର ପ୍ରସନ୍ନ ।
ଶୁଣିଣ ରଘୁନାଥ ପରମ ତୋଷ ମନ ॥
ଗାଅ ଗାଅ ବୋଲିଣ ବୋଇଲେ ପ୍ରଭୁ ହସି ।
ସଭାଲୋକମାନେ ଶୁଣି ବହୁତ ପ୍ରଶଂସି ॥
କ୍ରଉଞ୍ଚ ପକ୍ଷୀକି ବ୍ୟାଧ ମାରିବା କହିଲେ ।
ତହୁଁ ଶ୍ରୀରାମର ଯେ ଚରିତ ବଖାଣିଲେ ॥
ଦଶରଥ ରାଜାର ଯେ ଆସ୍ଥାନ-ଭିଲେଣି ।
ସୁମନ୍ତ୍ର କହିଲା ଯାହା ସମସ୍ତେହେଁ ଶୁଣି ॥
ଲୋମପାଦରାଜ୍ୟ-ଅନାବୃଷ୍ଟିର କାରଣ ।
ନାବ ଘେନି ଜରତାର ଯିବା ବର୍ତ୍ତରଣ ॥
ଋଷ୍ୟଶୃଙ୍ଗ ଆସିବା ଶାନ୍ତାକୁ ବିଭା ହେବା ।
ଲୋମପାଦରାଜ୍ୟରେ ଯେ ମେଘ ବରଷିବା ॥
ଅଯୋଧ୍ୟାରେ ଯଜ୍ଞ ଯେତେହେ କଲେ ଋଷ୍ୟଶୃଙ୍ଗେ ।
ବ୍ରହ୍ମା ଅଇଲେ ଯେ ସୁରଗଣଙ୍କର ସଙ୍ଗେ ॥
ପୂର୍ଣ୍ଣାହୁତବେଳେ ନାରାୟଣ ବଳେ କଲେ ।
ମାହେନ୍ଦ୍ର ବେଳେ ଯେ ଚରୁ ଦଶରଥ ନେଲେ ।

କୌଶଲ୍ୟା କେକୟୀ ଯେ ସୁମିତ୍ରା ତିନ ରାଣୀ ।
ତାହାଙ୍କୁ ଯେ ଚରୁ ସମର୍ପିଲେ ରଜା ଆଣି ॥
ତିନ ରାଣୀ ଭୁଞ୍ଜିଣ ହୋଇଲେ ଗର୍ଭବାସ ।
ଚତୁର୍ଦ୍ଧାମୂର୍ତ୍ତିରେ ବିଷ୍ଣୁ ପାଇଲେ ପ୍ରକାଶ ॥
ଶୁଣିଣ ଦଶରଥ ଯେ ଆନନ୍ଦ ହୋଇଲେ ।
ଅଷ୍ଟ ମାସ ହୁଅନ୍ତେ ରହଣି-ବିଧି କଲେ ॥
ଯଥାକାଳେ ପୁତ୍ର ଯେ ହୋଇଲେ ଉତପନ ।
ତିନିରାଣୀରୁ ଜନମ ଚାରି ଯେ ନନ୍ଦନ ॥
କଉଶଲ୍ୟାହୁଁ ରାମ କେକୟୀଠାରୁ ଭରତ ।
ଲକ୍ଷ୍ମଣ ଶତ୍ରୁଘ୍ନ ସୁମିତ୍ରା ତହୁଁ ଜାତ ॥
ଦିନେ ଦିନେ ପୋଏ ଯେ ବଢ଼ନ୍ତି ଚନ୍ଦ୍ର ଜାଣି ।
ଏକା ପେଟରୁ ଜାତ ପାଳନ୍ତି ତିନି ରାଣୀ ॥
ଏଥୁଅନନ୍ତରେ ଯେ ଗଲାକ କେତେ କାଳ ।
ପୁତ୍ରଙ୍କୁ ଯେ ବ୍ରତ କରାଇଲେ ମହୀପାଳ ॥
ଶାସ୍ତ୍ର ଶିଖାଇଣ ଅସ୍ତ୍ରଶସ୍ତ୍ର ଶିଖାଇଲେ ।
ଜାଣିଣ ବିଶ୍ୱାମିତ୍ର ନୃପତିଙ୍କି ମାଗିଲେ ॥
ରାମ ଲକ୍ଷ୍ମଣ ବେନି ତାହାଙ୍କ ସଙ୍ଗେ ଗଲେ ।
ବାଟେ ଯାଉଁ ଯାଉଁ ତାଡ଼କାକୁ ବଧ କଲେ ॥
ବାଟେ ଗାଧିସୁତ ଦିବ୍ୟ ଅସ୍ତ୍ର ଶିଖାଇଲେ ।
ସିଦ୍ଧ ବନେ ଯାଇଣ ସେ ଯଜ୍ଞ ଆରମ୍ଭିଲେ ॥
ହୋମ ରକ୍ଷି ରାମ ତହୁଁ ମିଥିଳାକୁ ଗଲେ ।
ବିପୁଳ ବନରେ ଅହଲ୍ୟାକୁ ମୁକ୍ତ କଲେ ॥
ବିଦେହଦେଶରେ ମିଳି ଶିବ-ଧନୁ ତୋଳି ।
ବିଭା ହୋଇଲେ ଯେ ତହିଁ ଜନକଦୁଲାଳୀ ॥
ଆସନ୍ତେ ପରଶୁରାମ ଉଗାଳିଲା ଯାଇ ।
ତାକୁହିଁ ହେଳେ ଜିଣିଲେ ରଘୁକୁଳସାଇଁ ॥
ବଇଷ୍ଣବ-ଧନୁ ସେ ଅକ୍ଷୟ ତୂଣି ଦେଲେ ।
ଶ୍ରୀରାମଙ୍କୁ ବହୁତ ପ୍ରିୟଭାବେ କହିଲେ ॥
ଅଯୋଧ୍ୟାରେ ପ୍ରବେଶିଣ କିଛିଦିନ ଅନ୍ତେ ।
ଭରତ ଶତ୍ରୁଘ୍ନ ଏ ଅଜାଘରେ ଯାନ୍ତେ ॥
ଦଶରଥ ଭାଳିଲେ ରାମକୁ ରାଜ୍ୟ ଦେବି ।
କାଲି ରାଜପଦେ ଅଭିଷେକ କରାଇବି ॥
ଭରତ ମାତାର ଦାସୀ ମନ୍ଥରୀ ତା ଶୁଣି ।
ଯାଇ ଜଣାଇଲା ଯହିଁ କେକୟୀ ଯେ ରାଣୀ ॥

ଖଳ ବୋଲକୁ ସେ ମହାରାଣୀ ପ୍ରତେ ଗଲା ।
ଦଶରଥ ରାଜାକୁ ସେ ସତ୍ୟ କରାଇଲା ॥
ରାମ ବନ ଯାଉ ଭରତ ହେଉ ନୃପବର ।
ଶୁଣିଣ ଦଶରଥର କମ୍ପିଲା ଶରୀର ॥
ପିତାର ବୋଲେ ଯେ ରାମ ବନସ୍ତକୁ ଗଲେ ।
ସଙ୍ଗତରେ ଜାନକୀ ଯେ ଲକ୍ଷ୍ମଣକୁ ନେଲେ ॥
ସୁମନ୍ତ୍ର ଛାଡ଼ିଣ ଯେ ଅଇଲେ ଗଙ୍ଗାକୂଳେ ।
ଶ୍ରୀରାମ ରହିଲେ ଯାଇଁ ଚିତ୍ରକୂଟ-ଶୈଳେ ॥
ଶ୍ରୀରାମକୁ ନ ଦେଖିଣ ଦଶରଥ ମଲେ ।
ବଶିଷ୍ଠ ଋଷି ତାହାଙ୍କୁ ତଇଲେ ଥୋଇଲେ ॥
ଅତି ଯତନରେ ତାହା ରଖାଇଣ ଥିଲେ ।
ବାରତାପାଇ ଭରତ ଶତ୍ରୁଘ୍ନ ଅଇଲେ ॥
ତଇଲରୁ କଢ଼ାଇଣ ମଡ଼ା ପୋଡ଼ାଇଲେ ।
ଶ୍ରାଦ୍ଧ-କ୍ରିୟା ପାଇଁ ନାନାଦ୍ରବ୍ୟ ଭିଆଇଲେ ॥
ପ୍ରେତ-କର୍ମ ସାରିଣ ହୋଇଲେ ଦେହଶୁଦ୍ଧି ।
ଭରତ ପଚାରିଲେ ବଶିଷ୍ଠ ତପୋନିଧି ॥
ମୁହିଁ ଏ ଦେଶରେ କିପାଁ ହେବ ନୃପବର ।
ବାହୁଡ଼ାଇ ଆଣିବଇଁ କୌଶଲ୍ୟାକୁମର ॥
ଏତେବୋଲି ଚତୁରଙ୍ଗ ବଳ ସଜ କରି ।
ରାମ ଦେଖିବାକୁ ଗଲେ ସର୍ବ ନରନାରୀ ॥
ସକଳେ ଯେ ଗଙ୍ଗାନଦୀ ସୁଖେ ହେଲେ ପାରି ।
ତୀରେ ଦେଖିଲେ ଯେ ଭରଦ୍ୱାଜ ତପସ୍ୱୀ ॥
ସେ ମୁନି ବୁହାଇ ତାଙ୍କୁ ଗଉରବ କଲେ ।
ଯେ ଯାହାର ଅନୁରୂପେ ସଞ୍ଚାମାନ ଦେଲେ ॥
ରାତ୍ରେ ତହିଁ ରହିଣ ପ୍ରଭାତେ ଚଳିଗଲେ ।
ଚିତ୍ରକୂଟ ପର୍ବତରେ ରାମଙ୍କୁ ଭେଟିଲେ ॥
ଅନେକ ପ୍ରବୋଧି ଆଣିବାକୁ କଲେ ମନ ।
କେବେହେଁ ନ ବାହୁଡ଼ିଲେ କୌଶଲ୍ୟାନନ୍ଦନ ॥
କେକୟୀନନ୍ଦନ ଯେ ଅନେକ କଷ୍ଟ କଲା ।
ଅନ୍ନ ଛାଡ଼ି କୁଶ ପାରି ତଳରେ ଶୋଇଲା ॥
ଦେବତାଏ ଆସି ଅନ୍ତରୀକ୍ଷେ ଡ଼ାକ ଦେଲେ ।
ରାମ ଗଲେ ଅଯୋଧ୍ୟା ଭାଙ୍ଗିଯିବ ବୋଇଲେ ॥
ତୁ ଶାପ ପାଇବୁଟି ହୋ କେକୟୀର ସୁତ ।
ଶୁଣି ଭୟକରି କର ଯୋଡ଼ିଲା ଭରତ ॥

ଶ୍ରୀରାମପାଦୁକା ଘେନ ବାହୁଡ଼ିଣ ଗଲେ ।
କଣ୍ଟକେ ନ ରହି ନନ୍ଦୀ ଗ୍ରାମରେ ରହିଲେ ॥
ଚିତ୍ରକୂଟରେ ଯେ ରାମ ବରଷେ ରହିଲେ ।
ଜାନକୀଙ୍କ ଘେନିଣ ଅନେକ କ୍ରୀଡ଼ା କଲେ ॥
ଧାତୁ-ଶିଳା-ଚିତା-କଥା କାକ-ଦୃଷ୍ଟି-କଥା ।
ଶୁଣିଣ ଶ୍ରୀରାମ ଯେ ହଲାଉଥାନ୍ତି ମଥା ॥
କେ ବୋଲଇ ଏଡ଼େ ଏ ସୁନ୍ଦର ପୁଅ ଦୁଇ ।
କଷା ବସ୍ତ୍ର ପରିଧାନ କରନ୍ତି କିପାଇଁ ॥
ସର୍ବାଙ୍ଗେ ବିଭୂତି କର୍ଣ୍ଣେ ତମ୍ବାର କୁଣ୍ଡଳ ।
ଗଳାରେ ଲମ୍ବଇ ସରୁ ରୁଦ୍ରାକ୍ଷର ମାଳ ॥
ଏସନକ ବୋଲି ଯେ ବୋଲନ୍ତି ଲୋକମାନେ ।
ଶୁଣିଣ ଆନନ୍ଦ ହେଲେ କୌଶଲ୍ୟାନନ୍ଦନେ ॥
ଯହିଁ ଯେଉଁ ଚରିତ ଶ୍ରୀରାମଚନ୍ଦ୍ର କଲେ ।
ସେ କଥାମାନ ଶୁଣିଣ ଆଶ୍ଚର୍ଯ୍ୟ ହୋଇଲେ ॥
ପ୍ରସନ୍ନ ହୋଇଣ ଦେଲେ ସହସ୍ରେ ସୁବର୍ଣ୍ଣ ।
ଆବର ଅଳଙ୍କାର ଯେ ନବରତ୍ନମାନ ॥
ଚନ୍ଦନ ବୋଳାଇଲେ ଦେବାଙ୍ଗ ବସ୍ତ୍ର ଦେଲେ ।
କାଲି ଆସି ବୋଲିବଟି ଆଉ ଯା ବୋଇଲେ ॥
ଶୁଣି ଲବ କୁଶ ଦୁହେଁ ବୋଇଲେ ବଚନ ।
କି କରିବୁଁ ଆମ୍ଭେ ଅଳଙ୍କାର ରତ୍ନମାନ ॥
ଏ ବସ୍ତ୍ରମାନ ଆମ୍ଭେ ଥୋଇବୁ ନେଇ କାହିଁ ।
ଆମ୍ଭେ ଯେ ଋଷିକୁମାର ବନ ମଧ୍ୟେ ଥାଇ ॥
କନ୍ଦ ଫଳ ଖାଉଁ ଯେ ବକଳ ପରିଧାନ ।
ରୁଦ୍ରାକ୍ଷରମାଳ ଆମ୍ଭ ଗଳାରେ ଭୂଷଣ ॥
ବିଭୂତି ଲେପନ କଣାବସନ ଯେ ପିନ୍ଧୁ ।
ମଥାର ଚୁଳକୁ ଯେ ଜଟାର ଛନ୍ଦେ ବାନ୍ଧୁ ॥
ଅରଣ୍ୟଭିତରେ ତପୀଙ୍କର ସଙ୍ଗେ ଥାଉ ।
ବନସ୍ତ ଭିତରେ ଯେ ନିର୍ଝରପାଣିପିଉ ॥
ଶୁଣିଣ ରଘୁନାଥ ଯେ ଆନନ୍ଦ ହୋଇଲେ ।
ବାଲୁତ ପୁତ୍ର ହୋଇଣ ଅଲୋଭ ହୋଇଲେ ॥
ସୁଗ୍ରୀ ପଚାରିଲେ ଏ କାହାର କଲା ଗ୍ରନ୍ଥ ।
କୁଶ ବୋଇଲେ କଲେ ବାଲ୍ମୀକି ତପୋବନ୍ତ ॥
ଗାରିମାରେ ମେରୁ ସମାନ ଯେବଣ ଋଷି ।
ତାର ବ୍ରହ୍ମଗର୍ଭ ଗ୍ରନ୍ଥ ବାହାର ହୋଇଛି ॥

ଏ ପୁଣ୍ୟ ଗ୍ରନ୍ଥ ଶୁଣି ଦୁରିତ କ୍ଷୟ କର ।
ପାତକ ବିନାଶ ଏକ ଏକ ଯେ ଅକ୍ଷର ॥
ବେଦରୁ ସମ୍ଭୂତ ଏ ପଞ୍ଚାଶସସ୍ର ଗ୍ରନ୍ଥ ।
ବାଲ୍ମୀକି ବଖାଣିଲ ବ୍ରହ୍ମାର ସନମତ ॥
ପୁନର୍ଜନ୍ମ ନୋହି ଶୁଣିଲେ ଏ ଗ୍ରନ୍ଥ କାବ୍ୟ ।
ପୁଅଙ୍କର କହୁ କହି ହସନ୍ତି ରାଘବ ॥

---

## କମଳଲୋଚନ ଚୌତିଶା ।

BY BALARAM DAS

କମଳଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ରଧାରୀ ॥
ଖଗଆସନେ ଖଗପତି । ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ॥
ଗରୁଡ଼ଆସନେ ମୁରାରି । ଗୋପରେ ରଖିଲେ ବାଛୁରି ॥
ଘନ କଠିନ କଳେବର । ଘଟଣ ଶ୍ରୀମୁଖ ସୁନ୍ଦର ॥
ନନ୍ଦନନ୍ଦନ ଗୋପୀନାଥ । ନସ୍ତରି ଯିବା ନରେ ଚନ୍ତ ॥
ଚନ୍ଦ୍ରମାପ୍ରାୟେକ ବଦନ । ଚାହିଁଲେ ଖଣ୍ଡେ ଦୁଃଖମାନ ॥
ଛତ୍ରୀ ଉତ୍ତମ ଶିରୋମଣି । ଛଟକେ ଆଣିଲେ ରୁକ୍ମଣୀ ।
ଜଗଜ୍ଜୀବନ ଦାଶରଥି । ଜାନକୀଦେବୀ-ପ୍ରାଣପତି ॥
ଝିନପତନ ଅଙ୍ଗେ ଶୋଭା । ଝଟକ ବିଦ୍ୟୁପ୍ରାୟେ ଆଭା ॥
ନୀଳନୀରଜଳେ ପଦ୍ମ ଆଖି । ନସ୍ତରି ଯିବା ନରେ ଦେଖି ॥
ଟେକିଲେ ଦୂବ-କରେ ଦାରୁ । ଟାଣପଣରେ ଭାଙ୍ଗେ ମେରୁ ॥
ଠଣ ସୁନ୍ଦର ଶିରୋମଣି । ଠିକେ କମଳା ଯାର ରାଣୀ ॥
ଡମରୁଧର ଯାକୁ ସେବା । ଡରେ ଖଟନ୍ତି ସର୍ବଦେବା ॥
ଢମ ଯେ କଲା ରାୟେ କଂସ । ଢାଳେ ଅସୁର ଗଲା ନାଶ ॥
ଅନନ୍ତ ନାମେ ଅନ୍ତ ନାହିଁ । ଅଣ ଅକ୍ଷରେ ଯାର ଦେହି ।
ତପନକୁଳେ ଅବତରି । ତାରିଲେ ଗଉତମନାରୀ ॥
ଥିବରପଣେ ମାୟା ଗତି । ଥୟ ନ ଜାଣେ ବେଦପତି ॥
ଦରିଦ୍ର ଦାମୋଦର ମିତ୍ର । ଦଣ୍ଡକେ ଦେଲେ କୋଟି ଅର୍ଥ ॥
ଧରଣୀଧରଶିରୋମଣି । ଧ୍ରୁବଙ୍କୁ ନସ୍ତାରିଲେ ପୁଣି ॥
ନୃସିଂହ ମାଧବ ମୁରାରି । ନଖେଣ ହିରଣ୍ୟ ବିଦାରି ॥
ପରମାନନ୍ଦ ପଦ୍ମନାଭ । ପୂରି ରହିଛୁ ସବୁଜୀବ ॥
ଫୁଲ୍ଲପଣକୁ ନୋହେ ସରି । ଫୁଲମାଳରେ ଦେହ ପୂରି ।
ବାଳକ ବଧ କଲ ହେଲେ । ବନ୍ଧ ବାନ୍ଧିଲ ସିନ୍ଧୁଜଳେ ।

ଭାଙ୍ଗିଲ ରତ୍ନମୟ ପୁର । ଭ୍ରାନ୍ତ ଛାଡ଼ିଲା ଦେବଙ୍କର ॥
ମାରିଲ ଅଜୟ ରାବଣ । ମହିମା କେ କରେ ବଖାଣ ॥
ଯାଦବବଂଶେ ଜାତ ହୋଇ । ଜଗତ ଉଦ୍ଧାରିବା ପାଇଁ ॥
ରଖିଲ ଜଳରେ ଗଜକୁ । ରାଗେଣ ଛେଦିଲ ଗ୍ରାହକୁ ॥
ଲାବଣ୍ୟମୂର୍ତ୍ତି ଲକ୍ଷ୍ମୀଧର । ଲୟ କରନ୍ତି ସୁର ନର ॥
ବଡ଼ିମାପଣେ ବଟୁ ଅଂଶ । ବ୍ରହ୍ମା ଶଙ୍କର ଯାର ଦାସ ॥
ଶ୍ରୀପତି ଶ୍ରୀକର ଶ୍ରୀଧର । ଶ୍ରୀଛୟା ଦେବୀ-ମନୋହର ॥
ସଂସାର ଭିତରେ ଉତ୍ତମ । ସାଧୁଙ୍କ ହିତରେ ଜନମ ॥
ଶ୍ୟାମସୁନ୍ଦରକଳେବର । ସକଳ-ଦେବ-ପରତ୍ପର ॥
ହରି ବୋଇଲେ ହରେ ଦୁଃଖ । ହରି-ଆନନ୍ଦ ମହାସୁଖ ॥
କ୍ଷମାସାଗର ପୀତବାସ । କ୍ଷନ୍ଦିଲେ ବଳରାମଦାସ ॥

---

## ମୃଗୁଣୀସ୍ତୁତି

### By BALARAM DAS

ରାମ ଯେ ରାମ ରାମ ନାମ ଶ୍ରୀରାମ ରାମ ।
ଯେଉଁ ନାମ ଧଇଲେ ନ ଦଣ୍ଡେ କାଳଯମ ॥
ଶ୍ରୀହରି ନାମକୁ ଏକା ଜପୁଥିବୁ ମନ ।
ଅଶେଷ ଦୁରିତମାନ ହୋଇବ ଦହନ ॥
ଯୋଗୀଜନମାନଙ୍କର ପରମକାରଣ ।
ସନ୍ଥଜନମାନଙ୍କ ଦୁରିତ-ନିବାରଣ ॥
ଏଥୁ ଅନନ୍ତରେ ସର୍ବେ ଶୁଣ ରସସାର ।
ମାଘ କୃଷ୍ଣପକ୍ଷ ଯେ ପଞ୍ଚମୀ ଗୁରୁବାର ॥
ଶୁକ ଏ ଦିନରେ ପରୀକ୍ଷିତଙ୍କ ଭବନେ ।
ଆଚମ୍ବିତେ ମିଳିଲେ ତାହାଙ୍କ ସନ୍ନିଧାନେ ॥
ଦଣ୍ଡକମଣ୍ଡଳୁ ହସ୍ତେ ଡୋର କଉପୀନ ।
ରୁଦ୍ରାକ୍ଷର ଜପ-ମାଳା ଭସ୍ମ ବିଲେପନ ॥
ହରିମନ୍ଦିରର ଚିତା ନାସା-ଅର୍ଦ୍ଧଯାଏ ।
ତମ୍ବାର କୁଣ୍ଡଳ ବେନିକର୍ଣ୍ଣେ ଶୋଭାପାଏ ॥
ତପତକାଞ୍ଚନ ଜିଣି ତନୁ ଅନୁପମ ।
କୋଟିଭାନୁ ଜିଣି ଯେ ଅନଳ ନୋହେ ସମ ॥
ଦୂରୁ ତାଙ୍କୁ ଦେଖି ରାଜା ଆନନ୍ଦିତ ମନ ।
ଆସନୁ ଉଠିଣ କଲେ ପାଶ୍ଚେଟି ଗମନ ॥

ପଦ ପରଣ ପରିଶ ଯାଏ ସେହୁ ଗଲେ ।
ମୁନିଙ୍କି ନମନ୍ତି ରାଜା ମନ୍ଦିରେ ମିଳିଲେ ॥
ଧୂପ ଦୀପ ନଇବେଦ୍ୟ ବସନ ଚାମର ।
ନାନା ଯତ୍ନେ ପୂଜା କଲେ ମୁନିଙ୍କ ପୟର ॥
ଦିବ୍ୟ ଆସନେ ମୁନିଙ୍କି ବସାଇଲେ ନେଇ ।
ବିନୟ ହୋଇଣ ରାଜା ବଚନ କହଇ ॥
ଭୋ ମୁନିପୁଙ୍ଗବ ତୁମ୍ଭେ ସର୍ବତାପହର ।
ପବିତ୍ର କର ହେ ମୁନି ମୋର କଳେବର ॥
କହି ବିଷ୍ଣୁ ପୁରାଣର ସେ ପବିତ୍ର କଥା ।
ତବ ମୁଖୁଁ ଶୁଣିଲେ ଖଣ୍ଡିବ ଭବବ୍ୟଥା ॥
କେମନ୍ତ ପ୍ରକାରେ ଯେ ହରିଣୀର ବିପତ୍ତି ।
କାହିଁ ଥାଇ ତାହା ଯେ ଜାଣିଲେ ଶିରୀପତି ॥
ସେ କଥା ବିସ୍ତାରି ମୋତେ କହିବା ଗୋସାଇଁ ।
ତବ ମୁଖୁଁ ଶୁଣିଲେ ଯେ ପ୍ରତେ ଯିବ ମୁହିଁ ॥
ପରୀକ୍ଷିତ-ବଚନେ ଆନନ୍ଦ ଶୁକମୁନି ।
ବୋଇଲେ ହେ ଧନ୍ୟ ରାଜା ଅଟୁ ବ୍ରହ୍ମଜ୍ଞାନୀ ॥
ଯାହା ପଚାରିଲୁ ଭାଗବତର ଚରିତ ।
ସାବଧାନ ହୋଇ ତୁମ୍ଭେ ଶୁଣ ନୃପସୁତ ॥
ସୁବାହୁ ବୋଲିଣ ଯେ ଏକଇ ଘୋରବନ ।
ହରପାର୍ବତୀଙ୍କର ସେ ଅଟେ କ୍ରୀଡ଼ାସ୍ଥାନ ॥
ତାରିବତୀ ହରିଣୀ ଚରଇ ତହିଁ ନିତି ।
ମହାଦେବ-ପ୍ରସାଦେ ନ ଥାଇଁ ଭୟ ଭ୍ରାନ୍ତି ॥
ଗର୍ଭବାସ ହେତୁ ତାର ଅଳସ ଗମନ ।
ସଙ୍ଗତେ ଅଛନ୍ତି ବେନି ବାଳୁତନନ୍ଦନ ॥
ଦଇବ ବିପାକ କଥା କେ କରିବ ଆନ ।
ଯାହା ସେ କପାଳେ ଧାତା କରିଛି ଲିଖନ ॥
ବିଧି ଅନୁସାରେ ହୁଏ କର୍ମର ଉଦିତ ।
କର୍ମ ଅନୁସାରେ ଜୀବ ହୁଏ ଆତଯାତ ॥
ଶୁଭକୁ ଅଶୁଭ ଯେ ଫଳଇ ଦୁଃଖରାଶି ।
ତାହା ନ ଜାଣିଲେ ଜୀବ ନୁହଇ ବିଶ୍ୱାସୀ ॥
ଫଳଦାତାର କରତା ଅଟନ୍ତି ଈଶ୍ୱର ।
ମାୟାନର ଆତଯାତ କରଇ ସଂସାର ॥
ଏକଦିନେ ହରିଣୀ ବନସ୍ତେ ଚରୁଥିଲା ।
ବିରୂପାକ୍ଷ ଶବର ଯେ ସେ ସ୍ଥାନେ ମିଳିଲା ॥

ଦେଖିଲା ହରିଣୀ ସଙ୍ଗେ ଛନ୍ତି ପିଲା ବେନି ।
ବିଧାତା ସୁମର ଯେ ମାଇଲା ମୂରଧୁନି ॥
ଚିନ୍ତାବଦନ ଉପାସକୁ ମିଳିଲା ଆହାର ।
ଏହିକ୍ଷଣି ମାରିଣ ମୁଁ ତୋଷିବି ଉଦର ॥
ବନ୍ଧୁଭାଇ ସୋଦର କୁଟୁମ୍ବ ସଙ୍ଗୋଳିବ ।
ଉଦରୁ ସମ୍ପୂର୍ଣ ପୁତ୍ର ନାତିଙ୍କି ଲୋଡ଼ିବ ॥
ଏମନ୍ତ ବୋଲି ଶବର ମନରେ ହରଷ ।
ବିଧାତା ସୁମର ଓଗାଳଇ ଦଣଦଣ ॥
ଚଉପାଶେ ଜାଲବାଡ଼ ପାତିଲା ହରଷେ ।
ପଛରେ ଦୋହରା ଅଗ୍ନି ଲଗାଇଲା ରୋଷେ ॥
ନଜେ ଧନୁ ଧରିଣ ଯେ ଦ୍ୱାର ନରୋଧିଲା ।
ଧରି ମାର ବୋଲିଣ ଶ୍ୱାନକୁ ପେଶି ଦେଲା ॥
ନିଶ୍ଚିନ୍ତ ହୋଇଣ ଯେ ହରିଣୀ ଚରୁଥିଲା ।
ମନୁଷ୍ୟର ରାବ ଶୁଣି ବଦନ ଟେକିଲା ॥
ଆଗ ପାଖରେ ଯେ ବ୍ୟାଧ ଦୁଇପାଶେ ଜାଲ ।
ପଛକଡ଼ରେ ଅନଳ ଜଳେ ପରଖର ॥
ରେ ରେକାର ଶବଦ ଶୁଭଇ ଗୁରୁଠାଣ ।
ଆଗକୁ ଚାହିଁଲା ବ୍ୟାଧ କରେ ଧନୁବାଣ ॥
ଲହଲହ ଜିହ୍ୱା ଶ୍ୱାନ ଆସୁଅଛି ଧାଇଁ ।
ମାର ଧର ବୋଲିଣ ସେ ଡାକଇ ଗୁହାଇ ॥
ଏହା ଦେଖି ତରସ୍ତ ଯେ ହୋଇଲା ହରିଣୀ ।
ମୂର୍ଚ୍ଛାଗତ ହୋଇଣ ସେ ପଡ଼ିଲା ଧରଣୀ ॥
ସଚେତ ହୋଇଣ ପୁଣ ମନେ ବିଚାରଇ ।
କେମନ୍ତ ପ୍ରକାରେ ଏଥୁଁ ପଳାଇବି ମୁହିଁ ।
ଆଗକୁ ଗଲେ ଶବର ବିନ୍ଧିବ ଯେ ଶର ।
ପଛକୁ ଗଲେଣ ପୋଡି ମରିବି ଅଗ୍ନିର ॥
ଆଗ ବଗେ ଗଲେ ଯେ ପଡିବି ଜାଲେ ଯାଇ ।
ଏଥି ରହିଥିଲେ ଶ୍ୱାନ ଧରିବ ମୋ ଦେହି ॥
ମୋହର ସଙ୍ଗତେ ଯେ ମରିବେ ବେନି ପୋଏ ।
ଆଉର ମରିବେ ମୋର ଗର୍ଭର ତନୟେ ॥
ମହାଘୋର ସଙ୍କଟେ ଯେ ପଡିଲା ଜୀବନ ।
ଉଦ୍ଧାରିଣ ରଖ ମୋତେ ପ୍ରଭୁ ଭଗବାନ ॥
ମଧୁଦୈତ୍ୟ ନାଶି ନାମ ଶ୍ରୀମଧୁସୂଦନ ।
ଦୁଃଖୀଲୋକବାନ୍ଧବ ଦରିଦ୍ର-ଲୋକ-ଧନ ॥

ପଥ ନ ଦିଶଇ ମୁଁ କରିବ କିସ ବୁଦ୍ଧି ।
ଆତଙ୍ଗେ ଡାକୁଛି ମୋତେ ରଖ ଦୟାନିଧି ॥
ରଖ ରଖ ଜଗନ୍ନାଥ ଦୁଃଖିର ସଙ୍ଗାତ ।
ତୁମ୍ଭେ ନ ରଖିଲେ ଆଜ ହୋଇଲି ଅନାଥ ॥
ଏମନ୍ତେ ପ୍ରଭୁଙ୍କ ପାଦେ ଲଗାଇଲା ଲୟ ।
ଜୟ ଜୟ ଦୀନବନ୍ଧୁ ଜୟ ବିଶ୍ୱକାୟ ॥
ଜୟ ଜୟ କୃପାନିଧି ଜଗତତାରଣ ।
ମହାଭୟ ନିବାରଣ ପ୍ରଭୁ ନାରାୟଣ ॥
ଜୟ ଜୟ ବିପଦଭଞ୍ଜନ ଦାଶରଥି ।
ସାତତାଳରୁ ରଖିଲ ଭରଦ୍ୱଆ ପକ୍ଷୀ ॥
ସାବତଜନନୀ ଛଳେ ଧ୍ରୁବ ଚଳିଲା ।
ଚଉଦଭୁବନ ଲୋକେ ଯାଇଣ ବସିଲା ॥
ଜୟ ଜୟ ବିଶ୍ୱପତି ଜଗତ କରତା ।
କଂସ ମାରି ତୁମ୍ଭେ ଯେ ରଖିଲ ମାତା ପିତା ॥
ରାବଣକୁ ମାରି ତୁମ୍ଭେ ଜାନକୀ ଆଣିଲ ।
ଲଙ୍କାଗଡ଼େ ରଜା ବିଭୀଷଣକୁ ଯେ କଲ ॥
ମନ୍ଦୋଦରୀ ରାଣୀଙ୍କି ଯେ କଲ ମହାସତୀ ।
ବିଭୀଷଣ ରଜାର ସେ ହେଲା ପ୍ରିୟବତୀ ॥
ଅମର କରି ରଖିଲା ତାକୁ ଯୁଗଯୁଗ ।
ଶରଣପଞ୍ଜର ତୁମ୍ଭେ ଅଟ ପଦ୍ମନାଭ ॥
ଗୋପୀ ଗୋପାଳ ରଖିଲ କରେ ଗିରି ଧରି ।
ବେଦ ଉଦ୍ଧାରି ରଖିଲ ଶଙ୍ଖାସୁର ମାରି ॥
ଅଜାମିଳ ଡାକିଲା ଯେ ରଖ ନାରାୟଣ ।
ତେଡ଼େବଡ଼ ପାପୀଙ୍କ ବୈକୁଣ୍ଠେ ଦେଲ ସ୍ଥାନ ॥
ଜୟ ଜୟ ଜଗନ୍ନାଥ ପ୍ରହ୍ଲାଦ ରଖିଲ ।
ନୃସିଂହ ରୂପେଣ ହିରଣ୍ୟକୁ ବଧାଇଲ ॥
ଜୟ ଜୟ ଜଗନ୍ନାଥ ବଳିଙ୍କ ଚପିଲ ।
ପାତାଳପୁରରେ ନେଇ ଗୋପ୍ୟ କରାଇଲ ॥
ଶ୍ରୀଚରଣ ଲଦିଲ ଯେ ଅହଲ୍ୟାର ଶିର ।
ପାଷାଣ-ଦେହରୁ ସ୍ତ୍ରୀରୀ ହୋଇଲା ବାହାର ॥
ଗଜ ଡାକିଲା ତାକୁ ରଖିଲ ନାରାୟଣ ।
ଚକ୍ରପେଷି ଗ୍ରାହକୁ କରିଲ ନିବାରଣ ॥
ତୁମ୍ଭ ଚରଣରେ ମୃଗୀ ଲଗାଇଛି ଲୟ ।
ଗର୍ଭିର ଭୟରେ ମୋତେ କରିବ ସଦୟ ॥

ପ୍ରଭୁ ଜଗତ-ତାରଣ ନ କର ହେ ଆନ ।
ତୁମ୍ଭ ଶ୍ରୀଚରଣତଳେ ଲଗାଇଛୁ ଧ୍ୟାନ ॥
ଜୀବନକୁ ଆଶା ଆଜ ନାହିଁ ଯେ ମୋହର ।
ଏ ବେଳ ବାଳୁତ ତୁମ୍ଭେ ରଖ ଚକ୍ରଧର ॥
ଅରକ୍ଷିତ-ବନ୍ଧୁ ତୁମ୍ଭେ ଦୁଃଖୀଲୋକ-ବନ୍ତ ।
ବ୍ୟାଧର ସଙ୍କଟୁ ମୋତେ ରଖ ଜଗନ୍ନାଥ ॥
ଏମନ୍ତେ ଅନେକ ସ୍ତୁତି କଲା ଯେ ହରିଣୀ ।
ବୈକୁଣ୍ଠେ ଥାଇଣ ତା ଜାଣିଲେ ଚକ୍ରପାଣି ॥
ଲକ୍ଷ୍ମୀଙ୍କର କୋଳେ ଯେ ଦେଇଣ ସୀମସ୍ଥାନ ।
ଆନନ୍ଦେ ଯୋଗନଦ୍ରାରେ ଥିଲେ ଭଗବାନ ॥
ସରସ୍ୱତୀ ବୀଣା ଧରି ବଜାଉ ଅଛନ୍ତି ।
ଗାନ୍ଧାର ରାଗେଣ ଗାଇ ଆଳାପ କରନ୍ତି ॥
କମଳା ବିମଳା ରହି ଆଲଟ ବିଞ୍ଚନ୍ତି ।
ସତ୍ୟଭାମା କାଳନ୍ଦୀ ଆବର ଜାମ୍ବବତୀ ॥
ରୁକ୍ମିଣୀ ସହିତେ ଯେତେ ଅଷ୍ଟପାଟ ଦେଈ ।
ଯେ ଯାହା ସେବାରେ ତହିଁ ଚରଣେ ସେବଇ ॥
ସୁବାହୁ ବନ ବୈକୁଣ୍ଠ ସହସ୍ର ଯୋଜନ ।
ଏତେଦୂରୁ ଡାକ ତା ଶୁଭଇ ଘନ ଘନ ॥
ନିକଟେ ଡାକିଲାପ୍ରାୟେ ଶୁଭେ ଅନୁପମ ।
ସହସ୍ରେକ ବଜ୍ର କି ପଡ଼ିଲା ଏକ ସ୍ଥାନ ॥
ଥର ହର ହୋଇଣ ଯେ ବୈକୁଣ୍ଠ କମ୍ପିଲା ।
ଅତି ଆରତରେ ଯହିଁ ମୃଗୁଣୀ ଡାକିଲା ॥
ମୃଗୁଣୀର ଆରତ ଯେ ଫେଡ଼ିବେ ଗୋସାଇଁ ।
ଭକତବତ୍ସଳ ଯେ କମଳାଦେବୀ-ସାଇଁ ॥
ବାସବକୁ ରାଇ ଆଜ୍ଞା ଦେଲେ ଦାଶରଥି ।
ଘୋରବନେ ହରିଣୀକି ପଡ଼ିଛି ବିପତ୍ତି ॥
ଘୋର ଜଳ ବରଷ ଅନଳ ଲିଭିଯାଉ ।
ବଜ୍ର ମାର ଶ୍ୱାନକୁ ବ୍ୟାଧକୁ ସର୍ପଖାଉ ॥
ବାତାଘାତେ ଜାଲବାଡ଼ ହେଉ ନାରଖାର ।
ବାସବରାୟେ ହୋ ତୁମ୍ଭେ ବେଗ ହୋଇ ଚଳ ॥
ଆଜ୍ଞା ପାଇ ଇନ୍ଦ୍ର ଯେ ବହନ ଚଳିଗଲେ ।
ସମ୍ବର୍ତ୍ତମେଘକୁ ତତ୍କ୍ଷଣେ ଆଜ୍ଞା ସେହୁ ଦେଲେ ॥
ପବନକୁ ବୋଇଲେ ତୁ ସଙ୍ଗେ ସଙ୍ଗେ ଥିବୁ ।
ଜଳବୃଷ୍ଟି ସହିତରେ ବତାସ ବହିବୁ ॥

ଶ୍ୱାନକୁ ବଜ୍ର ଯେ ଆମ୍ଭେ ମାରିବୁଁ ମରିବ ।
କଣ୍ଟିତେ ଶବରକୁ ଯେ ଉରଗ ଗିଳିବ ॥
ଏମନ୍ତ ଯେ ହରିଣୀର କଷ୍ଟ ହେବ ପାର ।
ସ୍ୱାମୀର କାର୍ଯ୍ୟ ଘେନଣ ଚଲ ଚିତପର ॥
ଆଜ୍ଞା ପରମାଣେ ତହୁଁ ଶ୍ୱେତମେଘ ଗଲେ ।
ସୁବାହୁ ବନରେ ଯାଇଁ ପ୍ରବେଶ ହୋଇଲେ ॥
ଘଡ଼ଘଡ଼ି ମାରେ ଯେ ବିଜୁଳୀ ଘନଘନ ।
ତାହା ଦେଖି ମୟୂର ମଣ୍ଡୁକ କରେ ସ୍ୱନ ॥
ଦଣଦଣ ଅନ୍ଧାରରେ କିଛିତ ନ ଦିଶି ।
ସୃଷ୍ଟି ପ୍ରଳୟ ପ୍ରବେଶ ହୋଇଲା କି ଆସି ॥
ଅଣଶ୍ୱାଣ ମୂର୍ତ୍ତି ଧରି ବହିଲା ପବନ ।
ଲିଭିଲା ଅନଳ ଯେ ଛୁଟିଲା ଜ୍ୱାଲମାନ ॥
ଶ୍ୱାନକୁ ବଜ୍ର ଶବରେ ଉରଗ ଗିଳିଲା ।
ଏମନ୍ତ ଯେ ହରିଣୀର କଷ୍ଟ ଦୂର ହେଲା ॥
ଏହା ଦେଖି ହରିଣୀ ହରଷଚିତ୍ତ ହୋଇ ।
ସାଧୁ ସାଧୁ ବିଧାତା ଯେ ବୋଲଣ ବୋଲଇ ॥
ନାରାୟଣ ସୁମରି ଚଳଇ ଧୀର ଧୀର ।
ନବରଙ୍ଗେ ଚଳିଲୁ ଛନ୍ତି ବାଳୁତକୁମର ॥
ପ୍ରବେଶ ହୋଇଲା ଯାଇଁ ଆପଣା ମନ୍ଦିର ।
ଶୁଣ ପରୀକ୍ଷିତରାଜା ଉତ୍ତରାକୁମର ॥
ଏମନ୍ତ ପ୍ରକାରେ ଅଟେ ହରିଣୀ ବିପତ୍ତି ।
ଶୁଣିଲେ ଖଣ୍ଡନ ହେବ ଅଶେଷ-ଦୁର୍ଗତି ॥
ଦୁଃସହ ବିପତ୍ତି ତାର ନ ଲାଗଇ ଦେହେଁ ।
ଅପୁତ୍ରିକ ଶୁଣିଲେ ଯେ ପୁତ୍ର ଜାତହୁଏ ॥
ଦରିଦ୍ରରେ ଧନ ଯେ ଅମୋକ୍ଷେ ମୋକ୍ଷଦାତା ।
ତନ୍ତ୍ରାର୍ଥୀମାନେ ପଢ଼ିଲେ ସିଦ୍ଧ ମନ୍ତ୍ର ତନ୍ତ୍ରା ॥
ସନ୍ଧ୍ୟାକାଳେ ପ୍ରାତଃକାଳେ ସ୍ମରନ୍ତି ଯେ ଜନ ।
ମହାଘୋର ସଙ୍କଟୁ ରଖନ୍ତି ଭଗବାନ ॥
ମୃଗୁଣୀର ସ୍ତୁତି ଏ ଅମୃତମୟ ରସ ।
ସମ୍ପୂର୍ଣ୍ଣ କରି ଶୁଣିଲେ ବୈକୁଣ୍ଠରେ ବାସ ॥
ବଳରାମ ଦାସ ଗୀତା-ଅନ୍ତରେ କହିଲେ ।
ଧନ୍ୟ ଧନ୍ୟ ମୃଗୁଣୀ ଯେ ବୋଲଣ ବୋଇଲେ ॥
ଜୟ ଜୟ ଜଗନ୍ନାଥ କମଳବିଳାସ ।
ଶ୍ରୀପାଦପଦ୍ମେ ଶରଣ ବଳରାମ ଦାସ ॥

# ମୃଗୁଣୀସ୍ତୁତି

## BY JAGANNATH DAS

ଶ୍ଳୋକଃ

ଅଗ୍ରେ ବ୍ୟାଧଃ କରଧୃତଶରଃ ପୃଷ୍ଠତୋ ଜାଲମାଲା,
ପାର୍ଶ୍ୱେ ବହ୍ନିର୍ଦହତି ବିପିନଂ ସନ୍ନିଧୌ ଶ୍ୱାନମେଳା ।
ଏଣୀଗର୍ଭାଦଲସଗମନା ବାଳକାଃ କ୍ରୋଡ଼ଲୀନା-
ସ୍ତିନ୍ତାଯୁକ୍ତା ବଦତି ମୃଗୀ କିଂ କରୋମି କ୍ୱ ଯାମି ।

ଭାଷା

ଦେଖ ଘଟନା ଦଇବ ଯୋଗର । ବ୍ୟାଧ ଶର ଧରି ଜଗେ ଆଗର ।
ପୃଷ୍ଠଭାଗେ ବନ ଦହେ ଅନଳ । ପାଖେ ମିଳି ଅଛନ୍ତି ଶ୍ୱାନମେଳ ।
ଏଣୀ ଗର୍ଭବତୀ । ତେଣୁ ବିସ୍ତାରେ ଅଳସରେ ଗତି ॥
ସଙ୍ଗେ ଅଛନ୍ତି ମୃଗଶିଶୁପଂକ୍ତି । ଯହିଁ ସ୍ନେହ ବଢ଼ଇ ପ୍ରାଣୁ ଅତି ।
କିସକରିବ କେଉଁଦିଗେ ଯିବ । କେଉଁ ଉପାୟେ ଅପାୟୁଁ ତରିବ ।
ଏମନ୍ତ ବୋଲଣ । ଚିନ୍ତାକୁଳ ହୋଇ କଲା ରୋଦନ ॥

ଶ୍ଳୋକଃ

ଏଣୀଚିନ୍ତାତ୍ୟଭିଗତଭୟା ଚେତସା ଶ୍ରୀନିବାସଂ,
ଶ୍ରୁତ୍ୱା ପୂର୍ବଂ ଜଳଚରଗ୍ରାହାଭ୍ରିୟମାଣଂ ଗଜେନ୍ଦ୍ରଂ ।
ସ୍ତୋତ୍ରଂ କର୍ତ୍ତୁଂଜପବିଧିହୃତଂ ଭାବନାଂ ନାସ୍ତି ଶକ୍ତିଃ,
ପାଦାମ୍ଭୋଜେ ଶରଣପତିତାଂ ରକ୍ଷ ବା ନୈବ ରକ୍ଷ ।

ଭାଷା

ଭୟ କାତର ମନରେ ମୃଗୁଣୀ । ଚିନ୍ତା କଲା ଗୋବିନ୍ଦ ଗୁଣ ଗୁଣି ।
ଆହେ ପ୍ରଭୁ ଜଗତଜନ-ବନ୍ଧୁ । ଦୀନ-ଉଦ୍ଧାରଣ କରୁଣାସିନ୍ଧୁ ।
ତୁମ୍ଭେ ଦୁଃଖ-ସିନ୍ଧୁ । କରୁଣା କଲେ କରିପାର ବିନ୍ଦୁ ॥
ପୂର୍ବେ ନକ୍ର ଧଇଲା ଗଜେନ୍ଦ୍ରକୁ । ଆର୍ତ୍ତସ୍ୱରେ ସେ ଡାକିଲା ତୁମ୍ଭଙ୍କୁ ।
ତୋର ଶ୍ରବଣ ତାହାର ଶୁଣିଲ । ଚକ୍ର ପେଷିଣ ନକ୍ରେ ବିନ୍ଧ ହେଲ ।
ଉଦ୍ଧାରି ଗଜକୁ । ଦେଲ ଦୁଇଜନେ ଦ୍ୱାରିସଜକୁ ॥
ମୁଁ ଯେ ସ୍ତୁତି ଜପ ହୋମ ଭାବନା । କରିବାରେ ଅଟେ ଶକ୍ତିବିହୀନା ।
ତେଣୁ ତୁମ୍ଭ ପାଦପଦ୍ମେ ଶରଣ । ଯାଉଅଛଇ ଆହେ ନାରାୟଣ ।
ରଖ ବା ନ ରଖ । ଆଉ ଆଶ୍ରୟ ନାହିଁ କଞ୍ଜମୁଖ ॥

ଶ୍ଳୋକ

ଆଦିଷ୍ଟୋନାମରମରଭର୍ତ୍ତା ଗର୍ଜ୍ଜିତୋ ମେଘମାଳା,
ଘୋରେ ନୀରେ ବହତି ମରୁତେ ଖଣ୍ଡିତା ଜାଲ୍‌ମାଳା ।
ସର୍ପାଘାତାନ୍ନରହତିରଭୂତ୍ ଶ୍ୱାନଯ୍ୟୋର୍ବଜ୍ରପୀଡ଼ା,
ମନ୍ଦଂ ମନ୍ଦଂ ଚଳତି ହରିଣୀ ସାଧୁ ସାଧୁ ବିଧାତା ।

ଭାଷା

ଏମନ୍ତେ ଏଣୀସ୍ତୁତି କର୍ଣ୍ଣେ ଶୁଣି । ଆଜ୍ଞା ଦେଲେ ବାସବେ ଚକ୍ରପାଣି ।
ତୁମ୍ଭେ ମେଘ ପେଶି ମୃଗୀ ରଖିବ । ବ୍ୟାଧ ପ୍ରଭୃତିଙ୍କି ତହିଁ ନାଶିବ ।
ଇନ୍ଦ୍ର ଏହା ଶୁଣି । ମେଘେ ଆଦେଶିଲେ ଯାଇଁ ତକ୍ଷଣି ॥
ଆଜ୍ଞାପାଇ ସେ କଲେ ଘୋରଧ୍ୱନି । କମ୍ପେ ଚରାଚର ସଙ୍ଗେ ମେଦନୀ ।
ଜଳ ବର୍ଷିଲେ ମୂଷଳଧାରରେ । ଅଗ୍ନି ଲିଭିଗଲା ଅବଲମ୍ବରେ ।
ବାତେ ଜାଲମାଳା । ଛିଡ଼ିଲା ସର୍ପାଘାତେ ବ୍ୟାଧ ମଲା ॥
ଶ୍ୱାନ-ଉପରେ ବଜ୍ରପାତ ହେଲା । ତେଣୁ ମୃଗୀ ଚିତ୍ତୁ ଭୟ ଛଡ଼ିଲା ।
ଧୀରେ ଧୀରେ କରଇ ଗୃହଗତି । ସଙ୍ଗେ ନିଜ ଶିଶୁମାନେ ଅଛନ୍ତି ।
ସାଧୁ ରେ ବିଧାତା । ତୋର ଅଛଇ ବିଚିତ୍ର କ୍ଷମତା ॥
ଏବେ ଭବସାଗରମଗ୍ନଜନେ । ଚିନ୍ତା କର ପ୍ରଭୁଙ୍କୁ ନିଜମନେ ।
ଯେହୁ ଅଛନ୍ତି ଜଗତଠାକୁର । ତିନି କାଳରେ ଅଜର ଅମର ।
ତାଙ୍କ ପାଦ ସ୍ମର । କହେ ଜଗନ୍ନାଥ ଭୂସୁର-ସାର ॥

---

# ଅର୍ଥକୋଇଲି

BY JAGANNATH DAS

(A portion only is given in the interest of chronology)

କୋଇଲି କେଶବ ଯେ ମଥୁରାକୁ ଗଲେ ।
କାହାବୋଲେ ଗଲେ ପୁନି ବାହୁଡ଼ି ନଇଲେ ଲେ ॥

ଅର୍ଜ୍ଜୁନ ଉବାଚ

ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ମହାବାହୁ ।
ପୁଚ୍ଛିବି କଥାଏ ପ୍ରଭୁ ମୋତେ ଆଜ୍ଞାହେଉ ॥
କେଶବ କୋଇଲି ନାଥ କାହାକୁ ଯେ କହି ।
ଏହା ମୋତେ ଶ୍ରୀହରି ପ୍ରସନ୍ନେ ଦେବା କହି ॥

ଶ୍ରୀଭଗବାନୁବାଚ

ପାର୍ଥର ବଚନେ ଯେ ବୋଲନ୍ତି ଭଗବାନ ।
ଉତ୍ତମ କଥାଏ ପାର୍ଥ ପଚାରିଲୁ ପୁଣ ॥
କୋଇଲି ବୋଲଣ ପାର୍ଥ ଜୀବକୁଟି କହି ।
ସେହି ଜୀବ ମୁହିଁ ଜାଣ ସର୍ବେ ଅଛଇ ॥
ଆପେ ଆସିଥିଲା ଜୀବ ଆପେ ଚଳିଗଲା ।
ସେହି ପୁତ୍ରଗୋଟି ଆଉ ବାହୁଡ଼ି ନଇଲା ॥
ଏହି ପୁତ୍ର ଗୋଟି ଯହୁଁ ବାହୁଡ଼ି ନଇଲା ।
ମଥୁରା ସ୍ୱରୂପ ପିଣ୍ଡ ପଡ଼ିଣ ରହିଲା ॥

କୋଇଲି ଖଣ୍ଡ କ୍ଷୀର ଦେବି ମୁଁ କାହାକୁ ।
ଖାଇବାର ପୁତ୍ର ଗଲା ମଥୁରାପୁରକୁ ଲୋ ॥

ପୁଣ ପୁଣ ଅର୍ଜୁନ ଯେ ଚରଣେ ପଡ଼ଇ ।
ଆବର କଥାଏ ମୋତେ କହ ଭାବଗ୍ରାହୀ ॥
ଖଣ୍ଡ କ୍ଷୀର କଥା ମୋତେ କହ ଭଗବାନ ।
ଶ୍ରୀହରି କହନ୍ତି ଏହା ଶୁଣ ହେ ଅର୍ଜୁନ ॥
ପିଣ୍ଡରେ ଥାଇଣ ଜୀବ ମହାସୁଖ ପାଇ ।
ଅନ୍ତର ହୋଇଣ ପୁନଃ ଅନ୍ୟସ୍ଥାନ ଯାଇ ॥
ଅକାଶେ ମିଶିଣ ଜୀବ ଅନ୍ୟପିଣ୍ଡେ ଗଲା ।
ହରିରସ ଖଣ୍ଡ କ୍ଷୀର ବଅର୍ଥ ହୋଇଲା ॥
ଶୁଣିକରି ଅର୍ଜୁନ ହୋଇଲା ତୋଷମନ ।
ପୁଣ ପୁଣ କୃଷ୍ଣ ଆଗେ କହଇ ବଚନ ॥

କୋଇଲି ଗଲା ପୁତ୍ର ବାହୁଡ଼ି ନଇଲା ।
ଗହନତ ବୃନ୍ଦାବନ ଶୋଭା ନ ପାଇଲା ଲୋ ॥

ଗହନତ ବୃନ୍ଦାବନ କାହାକୁ ଯେ କହି ।
ଏକଥା ବିସ୍ତାରି ମୋତେ କହ ଭାବଗ୍ରାହୀ ॥
ଅର୍ଜୁନମୁଖକୁ ଚାହିଁ କମଳଲୋଚନ ।
ଯାହା ପଚାରିଲୁ ଶୁଣ ପଣ୍ଡୁର ନନ୍ଦନ ॥
ଗହନ ବୋଲଣ ପାର୍ଥ ଜୀବକୁଟି କହି ।
ଗୋପପୁର ଦେହ ଗୋଠା ଶୋଭା ପାଉନାହିଁ ॥
ପିଣ୍ଡକୁ ପରମ ଯହୁଁ ଛାଡ଼ିକରି ଗଲା ।
ତେଣୁକରି ପିଣ୍ଡ ଗୋଠା ଭୂମିରେ ପଡ଼ିଲା ॥
ଏମନ୍ତ ପ୍ରକାରେ ପାର୍ଥ ଗ ଅକ୍ଷର ଅର୍ଥ ।
ଏକମନେ ଶୁଣ ତୁ ହେ ପଣ୍ଡୁରାଜାସୁତ ॥

କୋଇଲି ଘର ମୋର ନ ମଣନ୍ତି ନନ୍ଦ ।
ଘଟଣ ନ ଦିଶେ ପୁର ନ ଥିଲେ ଗୋବିନ୍ଦ ଲୋ ॥

ଘର ବୋଲିକରି ପାର୍ଥ ଯାହାକୁଟି କହି ।
ପାର୍ଥର ପିଣ୍ଡରେ ହସ୍ତ ଦେଲେ ଭାବଗ୍ରାହୀ ॥
ପରମ ଜୀବର ଅର୍ଥ ଶୁଣ ଫାଲଗୁନ ।
ଶାସ୍ତ୍ରର ବଚନର ତୋତେ କହିବା ଏକ୍ଷଣି ॥
ଘଟଣ ପୁରୁଷ ଯହୁଁ ଛାଡ଼ିକରି ଗଲା ।
ନନ୍ଦ ଯେ ପରମ ତହିଁ ନିଷ୍ଫଳ ହୋଇଲା ॥
ଜୀବ ଥିବାଯାଏ ପିଣ୍ଡ ଶୋଭା ପାଉଥାଇ ।
ଘଟଣ ପୁରୁଷ ଗଲା ଆସିବାକୁ ନାହିଁ ॥
ପରମକୁ ଜୀବ ଯହୁଁ ଘେନିକରି ଗଲା ।
ତେଣୁ କରି ଘର ଗୋଟା ଅଶୋଭା ଦିଶିଲା ॥

କୋଇଲି ନନ୍ଦ-ଦେହ ପାଷାଣେ ଗଢ଼ିଲା ।
ନୟନେ କଜ୍ଜ୍ୱଳ ଦେଇ ରଥେ ବସାଇଲା ଲୋ ॥

ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ଜଗନ୍ନାଥ ।
ନନ୍ଦ-ଦେହ ବୋଲି କର କାହୁଁ ହେଲା ଜାତ ॥
ଅର୍ଜ୍ଜୁନ ବଚନେ ଯେ ବୋଲନ୍ତି ଭଗବାନ ।
ନନ୍ଦ-ଦେହ ବୋଲି ପାର୍ଥ ଦେହକୁଟି ଜାଣ ॥
ଏ ଜୀବ ଛାଡ଼ିଣ ଯହୁଁ ଅନ୍ତରୀକ୍ଷେ ଗଲା ।
ନିରାଶ ହୋଇଣ ଆଉ ବାହୁଡ଼ି ନଇଲା ॥
ଯେତେବେଳେ ପିଣ୍ଡରୁଟି ଜୀବ 'ଛାଡ଼ି ଯାଇ ।
ବେନି ନୟନରୁ ଅଶ୍ରୁ ଯାଉଥାଏ ବହି ॥
କଜ୍ଜ୍ୱଳ ବୋଲିଣ ତାକୁ ଶାସ୍ତ୍ରେ ଅଛି କହି ।
ପୁଣ ପୁଣ ଅର୍ଜ୍ଜୁନ ଯେ ଦଇନୀ କରଇ ॥

କୋଇଲି ଲକ୍ଷ୍ମୀର ବଲ୍ଲଭ ନାରାୟଣ ।
ଲନ୍ଦତେଣ ନାମ ଦେଲେ ଗାର୍ଗବ ବ୍ରାହ୍ମଣ ଲୋ ॥

ଲକ୍ଷ୍ମୀପତି ନାରାୟଣ ଶୂନ୍ୟରେ ମିଶିଲା ।
ରାମପଦ ଗୋଟା ପଦ ନିଶବଦ ହେଲା ॥
ରାମପଦ ଚଳି ଗଲା ମଥୁରାପୁରକୁ ।
ଶୂନ୍ୟହୋଇ ଗଲା ଜୀବ ମୃତ୍ୟୁଭବନକୁ ॥
ଲ ଅକ୍ଷରର ଅର୍ଥ ଶୁଣ ଫାଲଗୁନ ।
ପିଣ୍ଡ ଯେ ବ୍ରହ୍ମାଣ୍ଡ ତୋତେ ଭେଟାଇଲୁ ଆଣି ॥

କୋଇଲି ବୃନ୍ଦାବନ ନ ଶୋଭଇ ମୋର ।
ବତ୍ସା କିଏ ଚରାଇବ ଯମୁନାର ତୀର ଲୋ ॥

ବିନୟ ହୋଇଣ ପୁଣ ପାର୍ଥ ପଚାରଇ ।
ବ ଅକ୍ଷର ଅର୍ଥ ମୋତେ କହ ଭାବଗ୍ରାହୀ ॥
ବୃନ୍ଦାବନ ଗୋଷ୍ଠ। ପାର୍ଥ ଦେହକୁଟି କହି ।
ବତ୍ସା ବୋଲି କରି ପାର୍ଥ ପ୍ରକୃତି ଅଟଇ ॥
ପିଣ୍ଡରୁ ପରମ ଜୀବ ଅନ୍ତର ହୋଇଲା ।
ବୃନ୍ଦାବନ ତେଣୁ କରି ଅଶୋଭା ଦିଶିଲା ॥
ବ ଅକ୍ଷର ଅର୍ଥ ଶୁଣି ଅର୍ଜ୍ଜୁନ ସନ୍ତୋଷ ।
କୃଷ୍ଣର ହୋଇଣ ପୁଣି କହେ କୃଷ୍ଣ-ଦାସ ॥

କୋଇଲି ଶ୍ରୀମନ୍ତ ପୁରୁଷ ମୋ ମାଧୋଇ ।
ଶିଖିରଙ୍ଗ ଗଲାଦିନୁ ନନ୍ଦ ହେଲେ ବାଇ ଲୋ ॥

ଶ୍ରୀନୀଳକନ୍ଦର ପାର୍ଥ ଜୀବର ଆସନ ।
ଶ୍ରୀମନ୍ତ ପୁରୁଷ ଗଲେ ପିଣ୍ଡ ହୁଏ ଲୀନ ॥
ନୀଳ ଯେ ମାଧବ ରୂପ କଣ୍ଠ ମଧ୍ୟେ ଥିଲା ।
ବ୍ରହ୍ମା ଶବଦେଙ୍କ ପ୍ରାଣ ସେହି ଛାଡ଼ିଗଲା ॥
ମୃତ୍ୟୁପିଣ୍ଡ କରି ଜୀବ ଛାଡ଼ିକରି ଗଲା ।
ନନ୍ଦର ପରମ ଜୀବ ଛାଡ଼ି ଚାଲିଗଲା ॥

କୋଇଲି ସାତଦିନ ଇନ୍ଦ୍ର ବୃଷ୍ଟି କଲା ।
ସପତବରଷ ପୁତ୍ର ମନ୍ଦର ଧଇଲା ଲୋ ॥

ସପତ ଦଣ୍ଡରେ ପିଣ୍ଡୁ ପ୍ରାଣ ଛାଡ଼ି ଯାଇ ।
ତେଣୁ କରି ସାତଦିନ ଶାସ୍ତ୍ରେ ଅଛି କହି ॥
ସାତବାର ଭିତରେ ଏ ଆତଯାତ ହୋଇ ।
ସପତ ବରଷେ ପାର୍ଥ ବ୍ରହ୍ମଜ୍ଞାନ ପାଇ ॥
ଜଳରୁ ଜନ୍ମଇ ପିଣ୍ଡ ଜଳରେ ଯେ ନାଶ ।
ସପତ ଦଣ୍ଡରେ ପାର୍ଥ ଘୋଟଇ ଆକାଶ ॥
ଶୁଣି କରି ଅର୍ଜ୍ଜୁନ ଯେ ହୋଇ ଦିବ୍ୟ ତୋଷ ।
ସ ଅକ୍ଷର ଅର୍ଥ ମୋତେ କହ ପୀତବାସ ॥

କୋଇଲି ଶଶୀ ଯେହ୍ନେ ଦିନୁ ଦିନୁ କ୍ଷୀଣ ।
ସେହିପରି କ୍ଷୀଣ ହେଲେ ନନ୍ଦ ଯେ ରାଜନ ଲୋ ॥

ଶଶୀ ଚନ୍ଦ୍ର ଯେହ୍ନେ ପାର୍ଥ ଆକାଶରେ ଥାଇ ।
କଳଙ୍କ ମିଶିଲେ ସେ ଯେ ନାଶହିଁ ନ ପାଇ ॥

ପିଣ୍ଡରେ ଥାଇଣ ଜୀବ ସେହିମତ ଜାଣ ।
ପ୍ରକୃତି ପୁରୁଷମାନେ ବେଢ଼ିଛନ୍ତି ପାଣ ॥
ଶଣୀ ପ୍ରାପ୍ତ ହେଲେ ପିଣ୍ଡ ବାହାର ହୁଅଇ ।
ଏକ ମନେ ଶୁଣ ତୁ ହେ। ଯୁଧିଷ୍ଠିର ଭାଇ ॥

କୋଇଲି ହାଇ ଯେ ମାରଇ ପୁତ୍ର ତୁଣ୍ଡ ।
ହୃଦରେ ଦେଖିଲେ ମାଏ ସପତ ବ୍ରହ୍ମାଣ୍ଡ ଲୋ ॥

ହରଷ ହୋଇଣ ପୁଣ ପାର୍ଥ ପଚ୍ଚରଇ ।
ହ ଅକ୍ଷର ଅର୍ଥ ମୋତେ କହ ଭାବଗ୍ରାହୀ ॥
ହରି ହର ବ୍ରହ୍ମା କେହି ରଖି ନ ପାରନ୍ତି ।
ହରଷ ହୋଇଣ ଜୀବ ପରମେ କହନ୍ତି ॥
ହରିନାମ ଭଜିଥିଲେ ବ୍ରହ୍ମଜ୍ଞାନ ପାଇ ।
ଅଶେଷ ବ୍ରହ୍ମାଣ୍ଡ ପାର୍ଥ ହରିନାମ କହି ॥

କୋଇଲି କ୍ଷନ୍ଦଣି ବନ୍ଦଣି ଭୁଜଦଣ୍ଡ ।
କ୍ଷମାକର ଦୋଷ ମୋର ଭଣେ ମାରକଣ୍ଡ ଲୋ ॥

କ୍ଷନ୍ଦଣି ଯେ ବୋଲାଯାଏ ମାୟା ଜନ୍ତୁଙ୍କର ।
କ୍ଷମା ଯେ କରୁଣାନିଧି ଏଥିର ବିଚ୍ଚର ॥
ଭୃତ୍ୟଜନମାନଙ୍କୁ ସେ ଦଣ୍ଡ ଦେବାପାଇଁ ।
ପିଣ୍ଡ ଯେ ବ୍ରହ୍ମାଣ୍ଡ ଏକ କରିଣ ବୁଝାଇ ॥
ଅର୍ଜୁନ ପଚ୍ଚରିଲେ ଶ୍ରୀହରି ଅର୍ଥ କଲେ ।
ଜଗନ୍ନାଥ ଦାସ ଏହା ପୁରାଣେ କହିଲେ ॥
କେଶବ କୋଇଲି ଅର୍ଥ ବ୍ରହ୍ମଜ୍ଞାନ ସାର ।
ଲବଣୀ-ସାଗରୁ ଏ ଯେ ହୋଇଛି ବାହାର ॥
ସାଧୁଜନମାନେ ମୋର ନ ଧରିବ ଦୋଷ ।
ଶ୍ରୀମୁଖରେ ଆଜ୍ଞା ଯାହା ଦେଲେ ପୀତବାସ ॥

## SELECTIONS FROM

# ଶ୍ରୀମଦ୍‌ଭାଗବତ

## BY JAGANNATH DAS.

### ପ୍ରଥମ ଅଧ୍ୟାୟ (FIRST SKANDA)

(1)

### ଗ୍ରନ୍ଥାରମ୍ଭ

ନମଇ ନୃସିଂହ-ଚରଣ । ଅନାଦି ପରମକାରଣ ॥
ଯାହାର ଆଦି ମଧ୍ୟ ଅନ୍ତେ । ବିଚାର ନ ଘଟେ ଜଗତେ ॥
ଇନ୍ଦ୍ରିୟ ଅର୍ଥ ଯେ ଜାଣଇ । ସତ୍ୟ ଯେ ନିତ୍ୟ ପ୍ରକାଶଇ ॥
ଆନନ୍ଦ ମନେ ବେଦସାର । ବ୍ରହ୍ମାରେ କଲା ଯେ ବିସ୍ତାର ॥
ଯାର ସ୍ୱରୂପ ହୃଦେଚିନ୍ତି । ବେଦପୁରୁଷେ ନ ଜାଣନ୍ତି ॥
ମୃତ୍ତିକାବିକାରେ ଯେମନ୍ତ । ଜଲେ ଅନଲେ ସୁଯନ୍ତ୍ରିତ ॥
ରୂପ, ଅରୂପ, ସ୍ଥିତ, ଛିନ । ଯାହା ଗୋଚରେ ଅନୁମାନ ॥
ସ୍ୱଭାବେ ନୁହେ ଯେ ଏମନ୍ତ । ଏ ସାଙ୍ଖ୍ୟ ଯୋଗିଙ୍କର ମତ ॥
ଆତ୍ମପ୍ରକାଶେ ଛନ୍ନ ହୋଇ । ନିରସ୍ତକୁହକ ବୋଲଇ ॥
ସତ୍ୟ ପରମାନନ୍ଦ ହରି । ଯାହା ଭାବିଲେ ଭବୁଁ ତରି ॥
ତାର ଚରଣେ ନିତ୍ୟ ଧ୍ୟାନ । କରି ତରନ୍ତି ସୁଜ୍ଞଜନ ॥
ସେ ହରି ନିଜହୃଦେ ଧରି । ପ୍ରବନ୍ଧେ ଗୀତ ନାଦ କରି ॥
ଅଶେଷ ଜଗତର ହିତେ । ବନ୍ଦଇ ଦାସ ଜଗନ୍ନାଥେ ॥
ନିର୍ମଲ ମୁନିଙ୍କର ମତେ । ହରି-ଚରିତ ଭାଗବତେ ॥
କହିବି ଅଛି ଯେତେ ଗୁଣ । ସୁଜନେ ସାବଧାନେ ଶୁଣ ॥
କପଟ ଧର୍ମ ଯହିଁ ନାହିଁ । ସ୍ୱଭାବେ ଶାସ୍ତ୍ର ସେ ବୋଲଇ ॥
ସେ ସାଧୁଜନଙ୍କର ଧର୍ମ । ମାୟାବର୍ଜିତ ଶୁଦ୍ଧ କର୍ମ ॥
ଯେ ଧର୍ମ ଯେହ୍ନୁ ଅନୁମାନ । ଏଣୁ ସଂସାରେ ଯେତେ ଜ୍ଞାନୀ ॥
ତାଙ୍କ ବିଚାରରେ ବସ୍ତୁ ଯେତେ । କହିବା ଶୁଣ ଏକଚିତ୍ତେ ॥
ଲକ୍ଷ ଅଲକ୍ଷ ଯେତେ ଜାଣି । ବୋଧ ବିଚାରରେ ପରମାଣି ॥
ଯେ ବସ୍ତୁ ଅଛି ଯହିଁ ପୂରି । ଯାହା ଚଲନ୍ତି ବ୍ରହ୍ମଚାରୀ ॥
ଶ୍ରବଣମାତ୍ରେ ମୋକ୍ଷ ପାଇ । ତ୍ରିତାପମାନ କ୍ଷୟ ଯାଇ ॥
ହୃଦରେ ବସଇ ତକ୍ଷଣ । ଅନାଦି ପ୍ରଭୁ ନାରାୟଣ ॥
ଏଣୁ ଅଧିକ ଅନ୍ୟ ଗ୍ରନ୍ଥେ । କି ପ୍ରୟୋଜନ ଏ ଜଗତେ ॥
ଏ ଭାଗବତର ମହିମା । କେ କହିପାରେ ଗୁଣସୀମା ॥

ସକଳ ବେଦ ହୋଇ ବୃକ୍ଷେ । ଫଳ ଫଳିଲେ ଅନ୍ତରୀକ୍ଷେ ॥
କେତେହେଁ ଦିନେ ପାଚିଲେ । ବୃକ୍ଷୁଁ ପଡ଼ିଲେ ବାୟୁ-ବଳେ ॥
ଶୁକ ଧାଇଁଲେ ତାହା ଦେଖି । ପକ୍ଷୀଙ୍କ ସଙ୍ଗତ ଉପେକ୍ଷି ॥
ତୋଷେ ଅଧର କ୍ଷତ କଲେ । ଭିତରେ ସୁରଙ୍ଗ ଦେଖିଲେ ॥
ତହୁଁ ଗଳିଲା ରସସାର । କି ଅବା ଦେବା ପଠାନ୍ତର ॥
ଅମୃତ ନିନ୍ଦେ ସ୍ୱାଦୁଗୁଣେ । ସୁଜନେ ପିବ ଅନୁକ୍ଷଣେ ॥
ଆନନ୍ଦେ କର ସୁଧାପାନ । ଯେଣୁ ପାଇବ ଦିବ୍ୟଜ୍ଞାନ ।
ଏ ଚାରି ରସଙ୍କର ମୂଳ । ନିଗମକଳ୍ପ ବୃକ୍ଷଫଳ ॥
ଯିବ ଜୀବନ-ଅନ୍ତଯାଏ । ଯେବେ ତରିବ ମାୟାମୋହେ ॥
ଏବେ ହୋ ଶୁଣ ସାଧୁଜନେ । ହରି-ଚରିତ ଶୁଦ୍ଧ ମନେ ॥
ସର୍ବ ଦେବଙ୍କ ରମ୍ୟସ୍ଥାନ । ନାମ ଯେ ନୈମିଷା ଅରଣ୍ୟ ॥
କଳିର ଆଗମନ ଦେଖି । ମୁନିଏ ସ୍ୱସ୍ଥାନ ଉପେକ୍ଷି ॥
ଶୌନକ ଆଦି ମୁନିଗଣେ । ମିଳିଲେ ନୈମିଷା ଅରଣ୍ୟେ ॥
କଳି-କଳୁଷେ ଭୟ କରି । ଏକାନ୍ତେ ମୁନିଏ ବିଚାରି ॥
ସଂକଳ୍ପ କରି ଏକଠୁଳେ । ସତ୍ର ଯଜ୍ଞକୁ ଆରମ୍ଭିଲେ ॥
ଜାଣନ୍ତି ଶୁଭେ ସର୍ବଦୀକ୍ଷା । ସ୍ୱର୍ଗାପର୍ଗେ କଲେ ଇଚ୍ଛା ॥
ସକଳେ ମିଳି ପ୍ରାତଃକାଳେ । କର୍ମ ସମ୍ପାଦିତ ଅନଳେ ॥
ସୂତ ମୁନିଙ୍କୁ ମଧ୍ୟ କରି । ସକଳେ ବସିଲେ ଆବୋରି ॥
ସକଳ ମୁନି ଶୁଦ୍ଧ ମନେ । କହନ୍ତି ଅମୃତ ବଚନେ ॥

ଋଷୟଃ ଉଚୁଃ

ଭୋ ସୂତ ଶୁଣ ସାବଧାନେ । ତୋର ମହିମା ଅନୁମାନେ ॥
ସର୍ବ ପୁରାଣ ଇତିହାସେ । ଶୁଣିଲୁ ତୁମ୍ଭର ଅଭ୍ୟାସେ ॥
ସଂସାରେ ଧର୍ମଶାସ୍ତ୍ର ଯେତେ । ସବୁ ଗୋଚର ତୁମ୍ଭମତେ ॥
ବ୍ୟାସ ମୁନିଙ୍କ ଶିଷ୍ୟ ତୁମ୍ଭେ । ଏ କଥା ଜାଣୁ ଭଲେ ଆମ୍ଭେ ॥
ପୂର୍ବେ ଯେ ଥିଲେ ବ୍ରହ୍ମମୁନି । ତାଙ୍କ ବଦନୁଁ ଅଛୁ ଶୁଣି ॥
ସକଳ ଶାସ୍ତ୍ର ତୁମ୍ଭ ତହିଁ । ବେଦପୁରାଣେ ଯେତେ କହି ॥
ବ୍ୟାସଙ୍କ ଅନୁଗ୍ରହ ଘେନି । ସକଳ ଶାସ୍ତ୍ରେ ତୁମ୍ଭେ ଜ୍ଞାନୀ ॥
ଦଇବେ ଅଛି ଏହିମତି । ଯେ ଶିଷ୍ୟ ଗୁରୁରେ ଭକତି ॥
ଶିଷ୍ୟର ହିତେ ଦୟାବହେ । ସକଳ ତତ୍ତ୍ୱଜ୍ଞାନ କହେ ॥
ଏଣୁ ବ୍ୟାସଙ୍କ ଶିକ୍ଷା ଯେତେ । ପ୍ରକାଶ ଆମ୍ଭର ଅଗ୍ରତେ ॥
ନିଶ୍ଚେ ଏମନ୍ତେ ଶ୍ରେୟ ଯେତେ । ଏ ଜୀବ ତରିବ ଯେମନ୍ତେ ॥
ଯେଣେ ତୁଟଇ ବିଷ୍ଣୁମାୟା । କହ ଆମ୍ଭଙ୍କୁ ଯେବେ ଦୟା ॥
ଏ କଳିଯୁଗେ ଯେତେ ପ୍ରାଣୀ । ଅଳ୍ପ ଆୟୁଷ ପରମାଣି ॥

ସ୍ୱଭାବେ ମନ୍ଦବୁଦ୍ଧି ହୋନ୍ତି । ପ୍ରାଣୀଙ୍କୁ ଉପଦ୍ରବ ଚନ୍ତି ॥
ଯୁଗ ବେଭାର ପରମାଣି । ସକଳ ଧର୍ମ ଆମ୍ଭେ ଜାଣି ॥
ଏ ପ୍ରଶ୍ନ ଶୁଭ ଆମ୍ଭମତେ । ସାର ଉଦ୍ଧାର ତୁମ୍ଭଚତ୍ତେ ॥
କହ କେମନ୍ତେ ପ୍ରାଣୀଙ୍କର । ଏ ଘୋର ମାୟାରୁ ନସ୍ତାର ॥
ଯେଜଣେ ପ୍ରସନ୍ନ ହୋଇ ହର । ଏ ଜୀବ ଆତ୍ମାକୁ ଉଦ୍ଧର ॥
ତୁମ୍ଭେ ଏ ପ୍ରଶ୍ନ ଯୋଗବଳେ । ପ୍ରକାଶ କର ମହୀତଳେ ।
କ ପ୍ରୟୋଜନେ ଜଗନ୍ନାଥ । ଦେବକୀ-ଉଦରେ ସମ୍ଭୂତ ॥
ସେ ପ୍ରଶ୍ନ କହ ଶୁଦ୍ଧଚତ୍ତେ । ଆମ୍ଭେ ପଚ୍ଚରୁଁ ଜନହିତେ ।
ଘୋର ସଂସାରେ ପ୍ରାଣୀ ପଡ଼ି । ଆତ୍ମା-ନସ୍ତାର ପଥଛାଡ଼ି ॥
ଯାହାର ନାମ ଉଚ୍ଚାରିଲେ । ସଙ୍କଟୁଁ ତରଯାନ୍ତି ଭଲେ ॥
ଯାର ଜୀବ ତେଜହରେ । ସେ ହର ନାମଶୁଣି ଡ଼ରେ ॥
ଯାର ଚରଣ ଆଶ୍ରେ କର । ପତତ ହୋନ୍ତି ବ୍ରହ୍ମଗ୍ୟାନୀ ॥
ଶୁଦ୍ଧ କରନ୍ତି ସର୍ବଜନେ । ଗଙ୍ଗା ଯେସନେ ସ୍ନାନ-ପାନେ ॥
ଯାହାର ଗୁଣଯଶ ଶ୍ଳୋକେ । ପୁଣ୍ୟେ ଭଣନ୍ତି ଏକେ ଏକେ ॥
କଳ-କଲୁଷ ନ ଲାଗଇ । କେବା ନ ତରେ ଏହା ଗାଇ ॥
ଯେ ଯଶ ଗାଇ ମୁନଗଣେ । ସୁଖେ ତରନ୍ତି ଭବବଣେ ॥
ଯେ ହର ବ୍ରହ୍ମାଣ୍ଡ ମଧ୍ୟରେ । ଲୀଳାଶରୀରେ ଅବତରେ ।
କଳ-ଆଗମ-ଭୟ ଦେଖି । ସକଳସମ୍ପଦ ଉପେକ୍ଷି ॥
ଏ ପୁଣ୍ୟକ୍ଷେତ୍ରେ ଶୁଭକ୍ଷଣେ । କୃଷ୍ଣର କଥା ଅନୁକ୍ଷଣେ ॥
କହ ତାରବୁ ଭବମାୟା । ହେ ମୁନ କର ତୁମ୍ଭେ ଦୟା ॥
ଆମ୍ଭର ପୂର୍ବ ପୁଣ୍ୟଫଳେ । ସଙ୍ଗ ହୋଇଲୁଁ ତୁମ୍ଭ ମେଳେ ॥
ଏ ଭୟଙ୍କର କଳକାଳେ । ଆମ୍ଭେ ଯେ ଅଛୁଁ ଭବଜଳେ ॥
ଏ ଜଳୁଁ କର ତୁମ୍ଭେ ପାର । ବୋଇତେ ଯେହ୍ନେ କର୍ଣ୍ଣଧାର ॥
ସେ ହର ବ୍ରାହ୍ମଣବତ୍ସଳ । ସର୍ବ ଦେବଙ୍କ ଆଦମୂଳ ॥
ସକଳ ଧର୍ମ ଯାର ସଙ୍ଗେ । ସୁଖେ ବହରେ ନାନାରଙ୍ଗେ ॥
କଳ-ଆଗମେ ଭଗବାନ । ପଶିଲେ ଆପଣା ଭୁବନ ॥
ସେ କାହିଁ ଶରଣ ପଶିବ । ଯେ ଧର୍ମ ସଂସାର ରଖିବ ॥
ସେ କଥା କହ ମୁନବର । ଆମ୍ଭ ସଂଶୟ ହେଉ ଦୂର ॥
ଆତ୍ମାର ମାୟା ଯୋଗବଳେ । ବହରେ ଅବନୀମଣ୍ଡଳେ ॥
ତାର ମହମା ଶୁଣି କତ୍ୟେ । ତୋଷ ନ ଲଭେ ଆମ୍ଭଚତ୍ତେ ॥
ଜହ୍ୱା ଯେସନେ ସୁଧାରସ । ଜୀବନ୍ତେ କୁହଇ ସନ୍ତୋଷ ॥
ଅନନ୍ତରୂପେ ଥାଇ ହର । ବାହ୍ୟ ଅନ୍ତରେ କର୍ମ କର ॥
ଏମନ୍ତେ ନଇମିଷେ ଯେତେ । ସକଳ ମୁନଙ୍କ ଅଗ୍ରତେ ॥
ଶୌନକ ଆଦ ମୁନଗଣେ । ଯେ ପ୍ରଶ୍ନ କଲେ ଜଣେ ଜଣେ ॥

ନିର୍ମଳ ବିଷ୍ଣୁର ଚରିତ । କୃଷ୍ଣ-ବିଷୟେ ଭାଗବତ ॥
ସୁଜନ ଜନଙ୍କର ହିତେ । କହଇ ଦାସ ଜଗନ୍ନାଥେ ॥

( 2 )

## ପାଣ୍ଡବଙ୍କ ପ୍ରତି ଅଶ୍ୱତ୍ଥାମାର ବ୍ରହ୍ମଶର

ଏବେ ହେ। ଶୁଣ ବିପ୍ରଗଣେ । ହରିଚରିତ ସାବଧାନେ ॥
ଭକତ ପରୀକ୍ଷିତ-କଥା । ପଣ୍ଡୁ-ତନୟଙ୍କ ବ୍ୟବସ୍ଥା ॥
କୁରୁପାଣ୍ଡବ-ଯୁଦ୍ଧ-ଅର୍ଥେ । ବୀରେ ମିଳିଲେ ବୀରପଥେ ॥
ଭୀମର ଗଦାଘାତ ବାଜି । ଦୁର୍ଯ୍ୟୋଧନର ଜାନୁ ଭାଜି ॥
ପଳାଇଗଲା ପ୍ରାଣ-ଡ଼ରେ । ଲୁଚିଲା ବ୍ୟାସ-ସରୋବରେ ॥
ଏମନ୍ତେ ହୋଇଲା ରଜନୀ । କୁଳେ ଭାଳଇ ଭୟ ଘେନି ॥
କାନ୍ଦଇ ଜୀବନ-ବିକଳେ । ଦ୍ରୋଣ-ନନ୍ଦନ ଦେଖି କୁଳେ ॥
କହଇ ରାଜା-ମୁଖ ଚାହିଁ । ମୋତେ ନ ବରିଲୁ ଯେ ତୁହି ॥
ଯୁଦ୍ଧେ ସକଳ ବୀର ମାରି । ଏ ଭୂମି ଅପାଣ୍ଡବ କରି ॥
ତୋତେ ବସାନ୍ତି ରାଜକୁଳେ । ଅଖଣ୍ଡ ଅବନୀମଣ୍ଡଳେ ॥
ଶୁଣି କହଇ ନୃପବର । ଏବେ ତୁ ନିପାଣ୍ଡବ କର ॥
ଏବେ କରିଲି ସେନାପତି । ଫେଡ଼ ତୁ ମୋହର ଦୁର୍ଗତି ॥
ଏମନ୍ତେ କହି ଅନ୍ଧବଳା । ତାହାର ହସ୍ତେ ଜଳ ଦେଲା ॥
ଦ୍ରୋଣ-କୁମର ବେଗେ ଉଠି । ଧନୁକୁ ଧରି ଦୃଢ଼ ମୁଷ୍ଟି ॥
ମନ୍ତ୍ରିଣ ନାରାଚ ପେଷିଲା । ପାଣ୍ଡବ-ଗୃହେ ସେ ପଶିଲା ॥
ଦ୍ରୌପଦୀ-ପଞ୍ଚସୁକୁମରେ । ଶୋଇ ଯେ ଥିଲେ ଅନ୍ତଃପୁରେ ॥
ପଶି କାଟିଲା ତାଙ୍କ ଶିର । ଶବଦ କଲା ମହାଘୋର ॥
ପୁଣି କମ୍ପିଲେ ଦିଗପାଳ । ପୂରିଲା ଭୂମି-ଅନ୍ତରାଳ ॥
ଅତି ଅନୀତି କର୍ମକଲା । ବିଧାତା ବଳେ ଦ୍ରୋଣବଳା ॥
ଦ୍ରୌପଦୀ ଶୟନ ଉପେକ୍ଷି । ପୁତ୍ର-ମରଣ ଦେଖି ଦୁଃଖୀ ॥
ବିକଳେ କରଇ ରୋଦନ । ତା ପାଶେ ଥିଲେ ଯେ ଅର୍ଜ୍ଜୁନ ॥
ଅନେକ ଶାନ୍ତିବାକ୍ୟ କହି । କହେ ଦ୍ରୌପଦୀ-ମୁଖ ଚାହିଁ ॥
ଦ୍ରୋଣ-କୁମର-ଶିର ବାଣେ । କାଟି ସ୍ଥାପିବି ତୋ ଚରଣେ ॥
ତେବେ ହରିବ ତୋର ଶୋକ । ତୁ ଏବେ ସ୍ଥିରଚିତ୍ତେ ଦେଖ ॥
ଏମନ୍ତେ ମଧୁର ବଚନ । ଶାନ୍ତ କରାଇ ତାର ମନ ॥
ଯାର ସାରଥୀ ଭଗବାନ । କେ ତାରେ କରେ ଅପମାନ ॥
ଗାଣ୍ଡିବ ଧନୁ ଧରି ହସ୍ତେ । ବସିଲା କପିଧ୍ୱଜ ରଥେ ॥
ବେଗେ ଧାଇଁଲା ସଜ ହୋଇ । ଦେବେ ଗଗନେ ଛନ୍ତି ଚାହିଁ ॥

ଅର୍ଜୁନେ ଦେଖି ଦ୍ରୋଣବଳା ।   କାତରେ ହୃଦୟ କମ୍ପିଲା ॥
ବେଗେ ପଳାଇ ଭୂମିଗତେ ।   ପଶିଲା ଗହନ ବନସ୍ତେ ॥
ପୁଣି ପଳାଇ ଘୋରବନେ ।   ରୁଦ୍ରଙ୍କ ଡରେ ଅନ୍ଧ ଯେହ୍ନେ ॥
ତକ୍ଷଣେ ଜଳେ ସ୍ନାନ କରି ।   ବ୍ରହ୍ମ ଅସ୍ତ୍ରକୁ ସେ ସୁମରି ॥
ସଂହାର ନ ଜାଣେ କାହାରେ ।   ପେଷିଲା ଅର୍ଜୁନ ଉପରେ ॥
ତାର ପ୍ରଚଣ୍ଡ ରୂପ ଚାହିଁ ।   କମ୍ପଇ ଅର୍ଜୁନର ଦେହି ॥
ଶସ୍ତ୍ରର ତେଜେ ଭୟ କଲା ।   ଗୋବିନ୍ଦ-ମୁଖକୁ ଚାହିଁଲା ॥
ପଡ଼ି ଅଭୟ ପାଦତଳେ ।   କହଇ ଜୀବନ ବିକଳେ ॥
ହେ କୃଷ୍ଣ କୃଷ୍ଣ ଯୋଗେଶ୍ୱର ।   ଶରଣଜନଙ୍କ ସୋଦର ॥
ଆଦିପୁରୁଷ ନିରଞ୍ଜନ ।   ପ୍ରକୃତିପରେ ତୋ ବିଶ୍ରାମ ॥
ଏଣୁ ମୋହର ଗତି ତୁହି ।   ତୋ ମାୟାବଳେ ନ ଜାଣଇ ॥
ଏ ଯେ ଆସଇ ବ୍ରହ୍ମଶର ।   ତେଜେ ଆଚ୍ଛାଦି ତିନପୁର ॥
କହ କି କରିବି ଗୋସାଇଁ ।   ତୋ ବିନୁ ଅନ୍ୟ ଗତି ନାହିଁ ॥

ଶ୍ରୀଭଗବାନ ଉବାଚ

ଅର୍ଜୁନ ବାକ୍ୟ ଶୁଣି ହସି ।   କହନ୍ତି ପ୍ରଭୁ ବ୍ରହ୍ମରାଶି ॥
ଏହା ନିବାରେ ଶସ୍ତ୍ର ନାହିଁ ।   କେହି ନ ଜାଣେ ଦେହବହି ॥
ତୁ ଯେ ସକଳ ଶାସ୍ତ୍ର ଜାଣୁ ।   ଚଞ୍ଚଳ ଚିତ୍ତେ ନ ପ୍ରମାଣୁ ॥

ଶ୍ରୀସୂତ ଉବାଚ

ଶୁଣି ଗୋବିନ୍ଦ-ମୁଖୁଁ ବାଣୀ ।   ଅର୍ଜୁନ ମନେ ମନେ ଗୁଣି ॥
ବ୍ରହ୍ମଶରକୁ ବ୍ରହ୍ମଶର ।   ଶୂନ୍ୟେ ପେଷିଲା ବୀରବର ॥
ସେ ବେନି ଶସ୍ତ୍ର ତେଜରାଶି ।   ପ୍ରଳୟାନଳ ପ୍ରାୟ ଦିଶି ॥
କୃଷ୍ଣ କହିଲେ ଶୁଣ ବୀର ।   ଶସ୍ତ୍ରେ ଏ ଶସ୍ତ୍ରକୁ ସଂହର ॥
ଯହୁଁ କହିଲେ ଚକ୍ରପାଣି ।   ତକ୍ଷଣେ ସଂହାରିଲେ ଆଣି ॥
ରଥୁଁ ଓହ୍ଲାଇ ମହାରୋଷ ।   ଧରିଲେ ଅଶ୍ୱଥାମା-କେଶ ॥
ପ୍ରଚଣ୍ଡରୂପେ ଶିରଜୁଣି ।   ଆକର୍ଷି ପାତିଲା ଧରଣୀ ॥
କର-ଚରଣ-ତନୁ ଛନ୍ଦେ ।   ବେଗେ ବାନ୍ଧିଲା ମାଲବନ୍ଧେ ॥
ବରୁଣ ପାଶକୁ ସୁମରି ।   ପଶୁଙ୍କ ପ୍ରାୟେ ବନ୍ଦୀ କରି ॥
ରଥ-ଦଣ୍ଡରେ ବାନ୍ଧେ ଆଣି ।   ଦେଖି କହନ୍ତି ଚକ୍ରପାଣି ॥
ମନେ ତୁ ଅନ୍ୟ ନ ବିଚାର ।   ବେଗେ ଏହାର ପ୍ରାଣ ହର ॥
ତୁ ଯେ ଦ୍ରୌପଦୀ-ଆଗେ ରହି ।   ପ୍ରତିଜ୍ଞା କଲୁ ଦେହ ବହି ॥
କହିଲୁ ନ କାନ୍ଦ ସୁନ୍ଦରୀ ।   ତୋର ରିପୁକୁ ମୁହିଁ ଧରି ॥
ତାହାର ଶିର କାଟି ବେଗେ ।   ଥାପିବି ତୋର ପାଦଯୁଗେ ॥

ମୁହିଁ ଯେ ଶୁଣିଥିଲି ରହି । ଏବେ ରଖିଲୁ କିସପାଇଁ ॥
ଏମନ୍ତେ ଧର୍ମ ଏ ସାକ୍ଷାତେ । କୃଷ୍ଣ କହିଲେ ନାନା ମତେ ॥
ଅର୍ଜ୍ଜୁନ ନ ଶୁଣଇ ତାହା । ଗୁରୁପୁତ୍ରଙ୍କୁ କର ଦୟା ॥
ତକ୍ଷଣେ ଉଠି ବୀର ପାର୍ଥ । ବନ୍ଧନ କରି ଗୁରୁପୁତ୍ର ॥
ଦ୍ରୌପଦୀ ଆଗେ ନେଇ ଦେଲା । ତୋ ରିପୁ ସମ୍ଭାଳ ବୋଇଲା ॥
ଦ୍ରୌପଦୀ ତାର ମୁଖ ଚାହିଁ । ତକ୍ଷଣେ ଚିତ୍ତେ ଦୟା ବହି ॥
ପୁତ୍ରଙ୍କ ମୃତ୍ୟୁ ହେତୁ ଏତ । ସ୍ୱଭାବେ ଦ୍ରୋଣଗୁରୁ-ସୁତ ॥
ଅନ୍ତରେ ନମସ୍କାର କଲା । ଅର୍ଜ୍ଜୁନ-ମୁଖକୁ ଚାହିଁଲା ॥
ବୋଲଇ ବେନି କର ଯୋଡ଼ି । ବନ୍ଧନ ଦିଅ ବେଗେ ଫେଡ଼ି ॥
ସ୍ୱଭାବେ ବିପ୍ର ଗୁରୁଜନ । ବିଶେଷେ ଦ୍ରୋଣଙ୍କ ନନ୍ଦନ ॥
ରହସ୍ୟ ଧନୁର୍ବେଦ ଗ୍ରାମ । ବିସର୍ଗ ସଂହାର ସଂଗମ ॥
ସକଳ ଅସ୍ତ୍ରଶସ୍ତ୍ର କଲା । ଯେ ଗୁରୁରୂପେ ଶିକ୍ଷା ଦେଲା ॥
ସେହି ଯେ ପୁତ୍ରରୂପେ ଜାତ । ଆତ୍ମାରୁ ଆପଣେ ସଂଭୂତ ॥
ସ୍ୱାମୀର ତହୁଁ ଅଧେ ଘେନ । ଜଗତେ ଏହାର ଜନନୀ ॥
ଏ ତୋର ଧର୍ମଗୁରୁକୁଳ । ଏହାକୁ ଭଲେ ପ୍ରତିପାଳ ॥
ଏହାର ଗୌତମୀ ଯେ ମାତା । ସେ ପୁଣ୍ୟବତୀ ପତିବ୍ରତା ॥
ରୋଦନ ନ କରୁ ସେ ଦୁଃଖେ । ମୋହଇ ପତି-ପୁତ୍ର-ଶୋକେ ॥
କ୍ଷତ୍ରିୟ ଯେବେ ମୂଢ଼ପଣେ । କୋପ କରଇ ବିପ୍ରଗଣେ ॥
ସେ କୋପେ ନିଜକୁଳ ଦହେ । ଏଣୁ କେ ବିପ୍ରେ ହିଂସାବହେ ॥

### ଶ୍ରୀକୁନ୍ତୀ ଉବାଚ

କହଇ କୃଷ୍ଣ-ମୁଖ ଚାହିଁ । ଭୋ ନାଥ କର ମୋତେ ତ୍ରାହି ॥
ଭୋ ନାଥ ନମୁ ତୋ ପୟର । ଆଦି ପୁରୁଷ ବିଶ୍ୱେଶ୍ୱର ॥
ପ୍ରକୃତିପରେ ତୋର ବାସ । ତେଣୁ ପ୍ରାଣିଙ୍କି ଅପ୍ରକାଶ ॥
ଜନ୍ତୁଙ୍କ ଅନ୍ତର-ବାହାରେ । ତୋ ବିନୁ ଅନ୍ୟ ନାହିଁପରେ ॥
ଆଚ୍ଛାଦି ମାୟା-ଯବନିକା । ନିର୍ଲ୍ଲେପିରୂପେ ଥାଉ ଏକା ॥
ଇନ୍ଦ୍ରିୟ ଗୁଲେ ଭୋଗ କରି । ଅବ୍ୟୟ ଆତ୍ମାରୂପେ ପୂରି ॥
ତୋହର ମାୟା ଯାର ଚିତ୍ତେ । ସେ ତୋତେ ଜାଣିବ କେମନ୍ତେ ॥
ନଟଙ୍କ ମଧ୍ୟେ ଯେ ନାୟକ । ସେ ଯେହ୍ନେ ନଟେ ମୋହେ ଲୋକ ॥
ନାନା କାଚ୍ଛେଣି ସେ ଭିଆଇ । ନୃତ୍ୟକାରକୁ ଯେ ନଚାଇ ॥
ଦେଖନ୍ତା ପ୍ରାଣୀ ମନମୋହେ । ସତ୍ୟ ବିଚାରେ କିଛି ନୋହେ ॥
ପରମହଂସ ଦୀକ୍ଷା ଗୁଣେ । ନିର୍ମଳ ଚେତା ମୁନିଗଣେ ॥
ଦୃଢ଼ ଭକତି ଯୋଗମତେ । ତୋ ପାଦେ ସେବେ ଅବିରତେ ॥
ପ୍ରଳୟ ଜଳେ ତୋର ବାସ । ନାଭିରୁ ପଙ୍କଜ ପ୍ରକାଶ ॥

ଦେବକୀ ଦେବୀ କଂସ-ଘରେ ।   ବନ୍ଦୀରେ ଥିଲେ ଶୋକଭରେ ॥
ମୁଁ ପଞ୍ଚପୁତ୍ର ଘେନି ଏବେ ।   ବନେ ବଞ୍ଚଇ ଦୁଃଖ ଭାବେ ॥
ଦେବକୀ ପ୍ରାୟେ ମୋତେ କରି ।   ଅଶେଷ ସଙ୍କଟୁ ଉଦ୍ଧରି ॥
ଦ୍ରୋଣପୁତ୍ରର ବ୍ରହ୍ମଶର ।   ତହୁଁ ରଖିଲୁ ବଂଶ ମୋର ॥
ଏଣୁ ବିପତ୍ତି ନିରନ୍ତର ।   ହେଉ ହେ ଜଗଦ୍‌ଗୁରୁ ମୋର ॥
ଯେଣୁ ତୋର ଦରଶନ-ଫଳେ ।   ଏ ଜୀବ ରହଇ ନିଶ୍ଚଳେ ॥
ପରମ ମୋହେ ଲଭେ ବାସ ।   ତୁ ନାଥ ଭକତ-ବିଶ୍ୱାସ ॥
ଉତ୍ତମ କୁଳେ ଜନ୍ମପାଇ ।   ବିଦ୍ୟା ସମ୍ପଦ ଯେବେ ଥାଇ ॥
ବୁଡ଼ଇ ମତ୍ତ ଗର୍ବ-ଚକ୍ରେ ।   ସେ ତୋତେ ଜାଣିବ କେମନ୍ତେ ॥
ତୁ ନାଥ ଆତ୍ମାରାମ ଶାନ୍ତ ।   ନମଇ କୈବଲ୍ୟର ନାଥ ॥
ତୁ ନାଥ କାଳରୂପ ହେଉ ।   ଅନାଦି-ନିଧନ ବୋଲାଉ ॥
ସମେ ତୁ ବିଭୁ ସର୍ବଦେହେ ।   ପ୍ରାଣିଏ ତୋର ମାୟା-ମୋହେ ॥
ତୋହର ଇଚ୍ଛା କେ ଜାଣିବ ।   ଶରୀରେ·ବହି ବ୍ରହ୍ମାଶିବ ॥
ତୋର ଚରିତ ଭଗବାନ ।   ଏ ନରଲୋକେ ବିଡ଼ମ୍ବନ ॥
ଯେଣୁ ତୋ ଶତ୍ରୁ ମିତ୍ର ନାହିଁ ।   ପ୍ରାଣୀ ଜାଣିବେ ତୋତେ କାହିଁ ॥
ତୁ ବିଶ୍ୱମାୟା ନରହରି ।   ଲୀଳା-ବିହାରେ ଦେହ ଧରି ॥
ପଶୁଙ୍କପରେ ହେଉ ଜାତ ।   ଋଷିଙ୍କପରେ ଋଷିସୁତ ॥
ଜଳଜନ୍ତୁଙ୍କ ମଧ୍ୟେ ତୁହି ।   ବିହରୁ ମୀନରୂପ ହୋଇ ॥
ଏ କଥା ଲୋକେ ବିଡ଼ମ୍ବନ ।   ତୁ ଆତ୍ମା ଆଦି ନିରଞ୍ଜନ ॥
ଦଧିମନ୍ଥନ ବେଳେ ଧରି ।   ଗୋଳେ ବାନ୍ଧିଣ ନନ୍ଦନାରୀ ॥
ପଚ୍ଛେ ଲୁଗୃଇ ଛାଟ ଗୋଟି ।   ତା ଦେଖି ଭୂମିରେ ତୁ ଲୋଟି ॥
ଚକ୍ଷୁଁ ଅଞ୍ଜନ ଘଷିକରେ ।   କାନ୍ଦି ପଡ଼ିଲୁ ତା ପୟରେ ॥
ତୋ ନାମ ଚତ୍ତ-ଭୟହର ।   ତୁ କମ୍ପା ଯଶୋଦାକୁ ଡ଼ର ॥
ତୁ ଦେବ ଯୋଗମାୟା-ଅଂଶେ ।   ଜନ୍ମିଲୁ ଯଦୁଁ ରାଜାବଂଶେ ॥
ସ୍ୱଭାବେ ଜନ୍ମ ନାହିଁ ତୋର ।   ଯେଣୁ ଖଣ୍ଡିବୁ ଭୂମିଭାର ॥
ଏଣୁ କହନ୍ତି ସାଧୁଜନ ।   ମଳୟେ ଯେସନେ ଚନ୍ଦନ ॥
ତୋ ଜନ୍ମ କରି ଅନୁମାନ ।   ଅପରେ ଯେତେ ସାଧୁଜନ ॥
ବୋଲନ୍ତି ବସୁଦେବ-ଘରେ ।   ଜନ୍ମିଲୁ ଭାରହରଣରେ ॥
ପୂର୍ବେ କଠୋର·ତପ କରି ।   ବର ମାଗିଲା ପୁତ୍ରହରି ॥
ତେଣୁ ଦେବକୀ-ଗର୍ଭେ ଜାତ ।   ତୁ ଅଟୁ ଅନାଥର ନାଥ ॥
ଅସୁରଙ୍କର ଡ଼ରେ ମହୀ ।   ବ୍ରହ୍ମା ସକ୍ଷାତେ ଦୁଃଖେ କହି ॥
ତାହାର ଅର୍ଥେ ପଦ୍ମାସନ ।   ଗଲେ ତୋହର ସନ୍ନିଧାନ ॥
ସର୍ବ ଦେବଙ୍କୁ ଘେନିଗଲେ ।   ତୋର ଚରଣେ ସ୍ତୁତି କଲେ ॥
କହିଲେ ତୋ ଚରଣ-ତଳେ ।   ନାବ ବୁଡ଼ଇ ଯେହ୍ନେ ଜଳେ ॥

ଜେମନ୍ତେ ବୁଡ଼ିଲା ଧରଣୀ । ଏହା ତୁ ରଚ ଚକ୍ରପାଣି ॥
ତେଣୁ ତୁ ନରରୂପ ଧର । ଭୂମି-ମଣ୍ଡଳେ ଅବତର ॥
ଅବିଦ୍ୟାକାମ କର୍ମବଳେ । ଜନ୍ତୁଏ ଦୁଃଖ ଭବଜଳେ ॥
ଅଛନ୍ତି କ୍ଳେଶ ତାଙ୍କ ଦେହି । ତାହାଙ୍କୁ ଉଦ୍ଧାରିବା ପାଇଁ ॥
ଧ୍ୟାନ-ଶ୍ରବଣ-ମନ୍ତ୍ରଗୁରୁ । ତେଣୁ ମହିମା-କଳ୍ପତରୁ ॥
ତୋର ଚରିତ କର୍ଣ୍ଣେଶୁଣି । ତୋହର ନାମ ମୁଖେ ଭଣି ॥
ମନ-ବଚନ ତୋତେ ଦ୍ୟନ୍ତି ! ହର୍ଷେ ପୁଲକେ ଲୋମପନ୍ତି ॥
ଏଣୁ ପଶନ୍ତି ଯେ ଚରଣେ । କଶ୍ଚିନ୍ତେ ଧ୍ୟାନ ସୁମରଣେ ॥
ତୋର ଚରଣ ତାଙ୍କ ରଖେ । ଭବପ୍ରମାଦୁଁ ତରେ ସୁଖେ ॥
ସେ ପାଦେ ପଶିଲି ଶରଣ । ମୋତେ ନ ଛାଡ଼ ନାରାୟଣ ॥
ଦୋଷ ଯେ କରି ରାଜକୁଳେ । ପଶିଲେ ତୋ ଚରଣ-ତଳେ ॥
କେବଳ ନାମ ରୂପ ତୋର । ମୋର ପୁତ୍ରଙ୍କ ସୁଖଘର ॥
ତୋ ଅବତାର ଯେବେ ଯିବ । ବିଧବା ପ୍ରାୟେକ ଦଶିବ ॥
ଏହାର ଗର୍ଭେ ଯେତେ ଜନ । ଗ୍ରାମ ଔଷଧି ଗିରିବନ ॥
ସମୁଦ୍ର ଆଦି ଜଳସ୍ଥାନେ । ବର୍ଦ୍ଧନ୍ତି ତୋ ଚରଣ-ଧ୍ୟାନେ ॥
ହେ ବିଶ୍ୱ ଆତ୍ମା ବିଶ୍ୱେଶ୍ୱର । ମୁଁ ତୋର ଚରଣେ କିଙ୍କର ॥
ପାଣ୍ଡବ କୁଳେ କୃଷ୍ଣ ବଶେ । ମୁଁ ଯେ ବନ୍ଧନ ଦୃଢ଼ ପାଶେ ॥
ତୁ ଯେବେ ଶରଣ-ସୋଦର । ଏ ସ୍ନେହପାଶ କର ଦୂର ॥
ହେ ନାଥ ଶ୍ରୀମଧୁସୂଦନ । ତୋର ଚରଣେ ମୋର ଧ୍ୟାନ ॥
ସର୍ବ ବିଷୟୁ ଦୂରେ ଚିନ୍ତ । ତୋର ଚରଣେ ରହୁ ମତ ॥
ଗଙ୍ଗାର ସ୍ରୋତ ସବୁଦେଶେ । ଯେସନେ ସିନ୍ଧୁଜଳେ ମିଶେ ॥
ଶ୍ରୀକୃଷ୍ଣ କୃଷ୍ଣ-ଶାଖା ତୁହି । ଦୁଷ୍ଟ-ନାଶନେ ତୋର ଦେହି ॥
ଅବନୀ ରଖି ଆଦିମୂଳ । ନାଶିଲୁ ଦୁଷ୍ଟ କ୍ଷତ୍ରିକୁଳ ॥
ତୋତେ ଚିନ୍ତିଣ ସେ ତରନ୍ତି । କଶ୍ଚିନ୍ତେ ତୋ ଦେହେ ପଶନ୍ତି ॥
ଗୋବିନ୍ଦ ଶରଣସୋଦର । ଭକ୍ତ ଜନଙ୍କ ସୁଖ-ଘର ॥
ତୋ ଅବତାର ଏ ଜଗତେ । ଗୋରୁ ବ୍ରାହ୍ମଣ ଦେବହିତେ ॥
ଅଖିଳ ଗୁରୁ ଯୋଗେଶ୍ୱର । ହେ ନାଥ ଶରଣ ତୋହର ॥

( 3 )

## ପାଣ୍ଡବଙ୍କ ସ୍ୱର୍ଗାରୋହଣ

### ଅର୍ଜୁନ ଉବାଚ

ସନ୍ଦେଶ ଶୁଣ ନରନାଥ । କୃଷ୍ଣେ ମୁଁ ହୋଇଲି ବର୍ଜିତ ॥
ମୋର ଜୀବନବନ୍ଧୁ ହରି । ତାର ବିୟୋଗେ ହତଶିରୀ ॥
ଯେତେକ ପ୍ରତାପ ମୋହର । ଦେଖ ପ୍ରତ୍ୟକ୍ଷେ ନୃପବର ॥

ସେ ତେଜ କୃଷ୍ଣସଙ୍ଗେ ଗଲା । ଜୀବନ ଥାଉ ଦେହମଲା ॥
ଯାହାର ପାଦେ ଅଗ୍ରେ କରି । ନିଜ ଗାଣ୍ଡୀବ କରେ ଧରି ॥
ଦ୍ରୌପଦ-ଗୃହେ ରାଜାମେଳେ । ବିବାହ ସ୍ୱୟମ୍ବର ବେଳେ ॥
ଯେତେ ମିଳିଲେ ରାଜାପୁତ୍ରେ । କନ୍ୟା ଲଭନ୍ତେ ଲୋଭଚିତ୍ତେ ॥
ହେଲେ ତାହାଙ୍କ ତେଜହରି । ଲକ୍ଷ ବିନ୍ଧି ଲଭିଲି ନାରୀ ॥
ଅମରଗଣ ଭୁଲେ ପୁଣି । କମ୍ପିତ ଇନ୍ଦ୍ର ତେଜଜିଣି ॥
ଜାରିକୁ ବାହୁବଳେ ଜିଣି । ରାଜାଙ୍କୁ ବନ୍ଦୀଘରୁ ଆଣି ॥
କପଟ ପାଶା କରିବାଦେ । କୌରବେ ତୋଟେ ସଭାମଧ୍ୟେ ॥
ଜିଣି ପାଞ୍ଚାଳୀ କେଶଧରି । ବିବସ୍ତ୍ର ସଭାମଧ୍ୟେ କରି ॥
ଭୟେ ପାଞ୍ଚାଳୀ ସୁମରିଲା । ସେ ବେଳେ ଶ୍ରୀକୃଷ୍ଣ ରଖିଲା ॥
ପୁଣି ଅଜ୍ଞାତ ବନବାସେ । ଦୁର୍ବାସା ଋଷିଙ୍କ ବିଶ୍ୱାସେ ॥
ଭୋଜନ-ଅନ୍ତେ ଭିକ୍ଷା-ଅର୍ଥେ । ଅୟୁତେ ବିପ୍ର ଘେନି ସାଥେ ॥
ଭୁଞ୍ଜିବା ପାଇଁ ସ୍ନାନ କରି । ତା ଜାଣି ପ୍ରଭୁ ନରହରି ॥
ଅତିଥିରୂପେ ବିଜେକଲା । ଶେଷେ ଯେ ଶାକ ଅନ୍ନଥିଲା ॥
କରି ପ୍ରସାଦ ତାହା ଖାଇ । ମୁନିଙ୍କ ମନ ମଧ୍ୟେ ଥାଇ ॥
ସନ୍ତୋଷ କଲା ଜଳ ମଧ୍ୟେ । ତକ୍ଷଣେ ବ୍ରାହ୍ମଣେ ଆନନ୍ଦେ ॥
ସନ୍ତୋଷେ ନିଜପୁର ଗଲେ । ସେ ଦୁଃଖୁଁ ସେ ରଖିଲେ ଭଲେ ॥
ଯେଉଁ ଗୋବିନ୍ଦ-ବନ୍ଧୁପଣେ । କୁରୁସାଗର ଘୋର ରଣେ ॥
ତରିଲି ଦୁସ୍ତର ସାଗର । ଦେବ ଦାନବେ ଅଗୋଚର ॥
ସମରେ ରିପୁଦଳ ଜିଣି । ଅନେକ ଧନ ରତ୍ନ ଆଣି ॥
ଯେ ହରି ମୋର ରଥେ ବସି । ଅଗାଧ କୁରୁବଳେ ଝାସି ॥
ଭୀଷ୍ମ ସରିତା-ସୁତ କୃପ । ଶଲ୍ୟ ସହିତେ ଯେତେ ନୃପ ॥
ତାହାଙ୍କ ଅଗ୍ରେ ରଥ କରି । ଅଶ୍ୱ-ରଶ୍ମୀ କରେ ଧରି ॥
ରିପୁ ଆୟୁଧ ଭୁଲେ ମନ । ହରିଲେ ନନ୍ଦର ନନ୍ଦନ ॥
ବିରାଟ ଗୋଧନହରଣେ । ମହା ଦୁସ୍ତରୁ ଘୋରରଣେ ॥
ସେ କୁରୁ ଦୁସ୍ତରସାଗରେ । ଭୀଷ୍ମ ସହିତେ ଯେତେ ବୀରେ ॥
ଅମୋଘ ଶର ବରଷନ୍ତି । ଦେବ ଦାନବେ ନାହିଁ ଭୀତି ॥
ଯାର ଚରଣେ ଆଶ୍ରେ କରି । ତାହାଙ୍କ ବଳ ଦର୍ପହରି ॥
ଗୋଧନ ନେଲି ନିଜପୁର । ସେ ହରି ମୋତେ କଲେ ଦୂର ॥
ଯାର ମହିମା ଏ ସଂସାରେ । ଭଜଣ ନିସ୍ତରନ୍ତି ନରେ ॥
ସ୍ୱଭାବେ ସେ ଯେ ସତ୍ୟବ୍ରତ । ସଂଗ୍ରାମେ ଥିଲା ଭୂମିଗତ ॥
ଯାହାର ପାଦପଦ୍ମ ଚିତ୍ତେ । ଜ୍ଞାନୀ ଯେ ଭଜୁଥାନ୍ତି ନିତ୍ୟେ ॥
ମହାରଥିଙ୍କ ଚିତ୍ତେ ଯାଇ । ପ୍ରବେଶ କଲା ଭାବଗ୍ରାହୀ ॥
ନୟନେ ମୋ ରୂପ ଦେଖନ୍ତି । ଦେଖନ୍ତେ କେହି ନ ମାରନ୍ତି ॥

ସେ କୃଷ୍ଣ ବସି ମୋର ପାଶେ । ଶୋଭିତ ଶୁକ୍ଳ ମନ୍ଦହାସେ ॥
ଡାକଇ ମୋର ନାମ ଧରି । ଅତି ଆନନ୍ଦେ ଦଇତାରି ॥
ହେ ପାର୍ଥ ହେ ସଖେ ଅର୍ଜୁନ । ହେ କୁରୁ-ନନ୍ଦନ ମୋର ପ୍ରାଣ ॥
ତାହାର ଗୁଣ-କର୍ମ ଯେତେ । ଦହନ୍ତି ମୋର ଅନ୍ତର୍ଗତେ ॥
ଶୟନ-ଆସନ-ଭୋଜନେ । ମୁହିଁ ଯେ ତାଙ୍କ ସନ୍ନିଧାନେ ॥
ସଙ୍ଗେ ବିହରି ସଖାପଣେ । ତା କରେ କର-କରଷଣେ ॥
ସେ ଅପରାଧ ମୋର ହରି । ନଧରେ ସ୍ନେହ ଚିତ୍ତେ ଭରି ॥
ସଖୀର ସଖୀ ଯେହ୍ନେ ସହେ । ପିତା ମାତାଙ୍କ ଯେହ୍ନେ ପୋଏ ॥
ନୃପେନ୍ଦ୍ର ଶୁଣ ମୋର ବାଣୀ । ମୋତେ ଠକିଲେ ଚକ୍ରପାଣି ॥
ମୋହର ସଖା ପ୍ରିୟ ହରି । ହୃଦୟ ଗଲା ଶୂନ୍ୟ କରି ॥
ଦେଖ ମୋହର କାରପଣ । ମାର୍ଗେ ଗୋବିନ୍ଦ ପତ୍ନୀଗଣ ॥
ଆବୋରି ନ ପାରିଲି ବଳେ । ତକ୍ଷଣେ ଉଠିଲେ ଗୋପାଳେ ॥
ସେହି ଗାଣ୍ଡୀବ ଧନୁ ମୋର । ସେହି ଅକ୍ଷୟ ତୂଣଭାର ॥
ସେହି ବିମାନ ଅଶ୍ୱ ଦେଖ । କ୍ଷଣକେ ହୋଇଲି ନିରେଖ ॥
ଶୁଣ ହେ ନୃପ ଶୁଦ୍ଧଚେତା । ବନ୍ଧୁବାନ୍ଧବାଦ ବାରତା ॥
ଅପରେ ଯେତେ ଯଦୁକୁଳେ । ନିଶ୍ଚିନ୍ତେ ଥିଲେ କୁଶସ୍ଥଳେ ॥
ବ୍ରାହ୍ମଣ ଶାପ-ଅବସାନେ । ମିଳିଲେ ଏରକାର ବନେ ॥
ବାରୁଣୀ ମଦ୍ୟ କଲେ ପାନ । ଭୋଳେ ହୋଇଲେ ହତଜ୍ଞାନ ॥
ଏରକା ମୁଷ୍ଟି କରେ ଧରି । ଏକ ଆରକେ ମରାମରି ॥
ଆତ୍ମାକୁ ନ ଜାଣନ୍ତି ଭୋଳେ । ନାଶିଲେ ବ୍ରହ୍ମଶାପ-ଫଳେ ॥
ଏଣୁ ଯାଦବ ବଳନାଶ । ରହିଲେ ସାତ ପାଞ୍ଚଶେଷ ॥
ଈଶ୍ୱର-କ୍ରୀଡ଼ା ଏ ଜଗତେ । ପ୍ରାଣୀ ଯେ ଈଶ୍ୱର-ଆୟତ୍ତେ ॥
ମାରନ୍ତି ଏକୁ ଆରେ ବଳେ । ଜଳର ଜନ୍ତୁ ଯେହ୍ନେ ଜଳେ ॥
ନିର୍ବଳ ଜନ୍ତୁଙ୍କୁ ଗିଳନ୍ତି । ନିଜ ମରଣ ନ ଜାଣନ୍ତି ॥
ଏହି ପ୍ରକାରେ ଯଦୁବଳେ । କଲି ଭିଆଇ ମଦଭୋଳେ ॥
ଯଦୁଙ୍କୁ ଯଦୁବଳେ ମାରି । ଭୂମିର ଭାର ଅପହରି ॥
ଏମନ୍ତେ ପାଣ୍ଡବ ଅର୍ଜୁନ । କୃଷ୍ଣ-ଚରଣେ ଦେଇ ମନ ॥
ସୁହୃଦ ଭାବ ଗାଢ଼େ ଚିନ୍ତି । ଲଭିଲା ସୁନିର୍ମଳ ଶାନ୍ତି ॥
ଥିଲା ଯେ ଅଶେଷ କଲ୍ମଷ । ଭକ୍ତିଭାବରେ ଗଲା ନାଶ ॥
ନିର୍ମଳ ବୁଦ୍ଧି ପ୍ରକାଶିଲା । ଗୋବିନ୍ଦ ବାକ୍ୟ ସୁମରିଲା ॥
ସଂସାର ମଧ୍ୟେ ରଥେ ଥାଇ । ଯେ ଗୀତା କୃଷ୍ଣ ମୁଖେ ଗାଇ ॥
ତାହା ସୁମରି ଶୁଦ୍ଧ ମନେ । ଶୋକ ଛାଡ଼ିଲା କୃଷ୍ଣ ଧ୍ୟାନେ ॥
ପ୍ରକୃତିଗୁଣେ ଗୁଣଲିଙ୍ଗ । ଅସଙ୍ଗ ସଙ୍ଗ ହେତୁଭଙ୍ଗ ॥
ଆତ୍ମାରମଣ ଅଂଶେ ହରି । ସେ କୃଷ୍ଣ ଗଲେ ନିଜପୁରୀ ॥

ଅର୍ଜ୍ଜୁନ-ମୁଖୁଁ ବାକ୍ୟଶୁଣି । ନବେଦ ନୃପଚୂଡ଼ାମଣି ॥
କୁନ୍ତୀ ଯେ ନଜ ପୁରେଥିଲେ । ଗୋବିନ୍ଦ-ବିୟୋଗ ଶୁଣିଲେ ॥
ତକ୍ଷଣେ ପାଇ ଦିବ୍ୟଜ୍ଞାନ । ଗୋବିନ୍ଦ-ପାଦେ ହେଲେ ଲୀନ ॥
ଯେଣୁ ଗୋବିନ୍ଦ ମହାତେଜ । ସ୍ୱଭାବେ ନଜ ଧାମଭୁଜ ॥
ତାର ମହିମା ନରଲୋକେ । ସାଧିବେ ଏକଲୁ ଆରକେ ॥
କହି ତରନ୍ତି ଭବବନ୍ଧୁଁ । କଳି-ଆଗମ ସେହି ଦିନୁଁ ॥
ମିଳିଲା ନରଲୋକେ ଆସି । ତକ୍ଷଣେ ଗ୍ରାମେ ଗ୍ରାମେ ପଶି ॥
ସକଳ ପୁରେ ପ୍ରାଣୀଚିତ୍ତେ । ଲୋଭ କପଟ ଦୟିମତେ ॥
ପ୍ରାଣୀ ହିଂସନେ ଧର୍ମ୍ମନାଶେ । ପ୍ରାଣୀଏ କଳିର ବିଶ୍ୱାସେ ॥
ନଷ୍ଠୁର ଚିତ୍ତ ସର୍ବଜନ । ତା ଦେଖି ଧର୍ମର ନନ୍ଦନ ॥
ସ୍ୱର୍ଗଗମନ ମନେ ଗୁଣି । ତକ୍ଷଣେ ପରୀକ୍ଷିତେ ଆଣି ॥
ଉତ୍ତମ ରାଜଚିହ୍ନ ଦେଖି । ସକଳ ଗୁଣ ଉପଲେଖି ॥
ଆତ୍ମାର ତୁଲ୍ୟ କରମଣି । ଅନେକ ତୀର୍ଥଜଳ ଆଣି ॥
ହସ୍ତିନାପୁରେ ନରଲୋକେ । ସ୍ଥାପିଲେ ନୃପ ଅଭିଷେକେ ॥
ଯାଦବ ବଂଶ ଶେଷ ଥିଲା । ବଜ୍ର ଯେ ଅନିରୁଦ୍ଧବଳା ॥
ମଥୁରାପୁର ଧର୍ମ୍ମପୀଠେ । ସ୍ଥାପିଲେ ସୁରସେନ ପାଟେ ।
ସକଳ ଭୋଗ ଦୂରକରି । ସଂସାର ବନ୍ଧୁ ଅପସରି ॥
ଆତ୍ମାରେ ଆତ୍ମା ଅଗ୍ନି ଜାଳି । ସର୍ବ ବିଷୟ ଘୃତଢାଳି ॥
ଜ୍ଞାନଗୋଚରେ ଅଗ୍ନିପାନ । ତକ୍ଷଣେ ଧର୍ମର ନନ୍ଦନ ॥
ଅଶେଷ କର୍ମ୍ମପାଶ ଛେଦି । ଯୋଗଶରୀର ରନ୍ଧ୍ରରୁଦ୍ଧି ॥
ମନ ବଚନ ଲୀନ କରି । ବାୟୁଧାରଣେ ପ୍ରାଣଧରି ॥
ବ୍ରହ୍ମନିର୍ବାଣେ ଥୋଇ ଚିତ୍ତ । ଉତ୍ତର ପଥେ ଉପଗତ ॥
ତିରବସନ ନିରାହାର । ମଉନ ମୁକ୍ତ କେଶଧର ॥
ଜଡ଼ ଉନ୍ମତ୍ତ ଭୂତପ୍ରାୟେ । ଲୋକେ ଦେଖାଇ ନଜକାୟେ ॥
ଜନ ବଦନକୁ ନ ଚାହିଁ । ଅନ୍ଧ ବଧିର ପ୍ରାୟେ ହୋଇ ॥
ହୃଦେ ନିବେଶି ବେନପାଣି । ଉତ୍ତରଦିଗେ ନୃପମଣି ॥
ପୂର୍ବେ ଅଶେଷ ମୁନିସନ୍ତେ । ମୋକ୍ଷ ହୋଇଲେ ଯେଉଁ ପଥେ ॥
ପରମବ୍ରହ୍ମ ଚିନ୍ତି ଚିତ୍ତେ । ପ୍ରସ୍ଥାନ କଲେ ସ୍ୱର୍ଗପଥେ ॥
ପଥେ ଚଳନ୍ତି ଚାରିଭାଇ । ରାଜାର ଅନୁପଥ ହୋଇ ॥
କୃଷ୍ଣ-ଚରଣେ ଚିତ୍ତ ଦେଲେ । ପରମଗତି ସେ ଲଭିଲେ ॥
ବିଦୁର ଥିଲେ ବନବାସେ । ପ୍ରଭାସ ତୀର୍ଥେ ମୋକ୍ଷ ଆଶେ ॥
ଗୋବିନ୍ଦ-ଚରଣେ ନିଶ୍ଚଳେ । ପ୍ରାଣ ଛାଡିଲେ ଯୋଗବଳେ ॥
ତକ୍ଷଣେ ଦ୍ରୁପଦକୁମାରୀ । ଭର୍ତ୍ତାର ପଥ ଅନୁସରି ॥
ଗୋବିନ୍ଦେ ଦେଇ ପଞ୍ଚପ୍ରାଣ । ପଥରେ ଛାଡ଼ିଲା ଜୀବନ ॥

ଏବେ ହୋ ଶୁଣ ବପ୍ରଜନେ । କୃଷ୍ଣ-ମହିମା ଶୁଦ୍ଧ ମନେ ।
ଗୋବିନ୍ଦ-ଚରଣକମଳେ । ପଣ୍ଡୁକୁମରେ ଭାବ ଭୋଳେ ।
ସଂସାର-ମାୟା ଦୂର କଲେ । ଜଗତଜନ ନିସ୍ତାରିଲେ ।
ପରମ ମଙ୍ଗଳ ଏ ବାଣୀ । ଯେ ପ୍ରାଣୀ ଶୁଦ୍ଧଚିତ୍ତେ ଶୁଣି ।
ସେ ଭକ୍ତିଲଭେ ଅପ୍ରମାଦେ । ଅନ୍ତେ ପଶଇ କୃଷ୍ଣପାଦେ ।
କୃଷ୍ଣ ମହିମା ସୁଧାରସ । କହଇ ଜଗନ୍ନାଥ ଦାସ ।

( 4 )

ଦକ୍ଷଯାଗ-ନାଶ (FOURTH SKANDA, Ch. V).

ମୈତ୍ରେୟ ଉବାଚ

ନାରଦ-ବାକ୍ୟେ କୋପମନେ । ରୁଦ୍ର ଉଠିଲେ ସାବଧାନେ ।
ଧାଇଁଲେ ରୁଦ୍ରଗଣ ଘେନ । ଚଳନ୍ତେ କମ୍ପଇ ମେଦନୀ ।
ଦକ୍ଷର ଯଜ୍ଞ ନାଶ ଅର୍ଥେ । କୋପ ବସିଲା ରୁଦ୍ରଚିତ୍ତେ ।
ସକଳ ପାରୁଷଦଗଣେ । ନାନା ଆୟୁଧ ତୀକ୍ଷ୍ଣବାଣେ ।
ଅଛି ଅସଂଖ୍ୟ କୋପଭର । ଧାଇଁଲେ ଘୋରନାଦ କରି ।
ରୁଦ୍ରବଦନେ କୋପ ଦେଖି । ବିବୁଧେ ବିଦଣ ଉପେଖି ।
କମ୍ପିଲେ ରୁଦ୍ରବୋଲ ଶୁଣି । ମହାପ୍ରଳୟ ପ୍ରାୟେ ମଣି ।
କୋପେ କାମୋଡ଼ି ଓଷ୍ଠପାଟି । ପ୍ରଚଣ୍ଡ ଦଶଇ ଭ୍ରୁକୁଟୀ ।
ଜଟାକଳାପେ ଅଗ୍ନି ଜଳେ । ଦେଖି କମ୍ପିଲେ ଦିଗପାଳେ ।
ରୁଦ୍ରର ଜଟାଭାର ମଧ୍ୟେ । ପୁରୁଷେ ଉଠେ ଘୋରନାଦେ ।
ହସେ ଗମ୍ଭୀର ଘୋରସ୍ୱନେ । ରୁଦ୍ରଗଣଙ୍କ ଅବଧାନେ ।
କୋପେ ଅଧର ସେ କାମୋଡ଼ । ରୁଦ୍ରଙ୍କୁ କହେ କରଯୋଡ଼ ।
ସହସ୍ରବାହୁ ମେଘସ୍ୱନେ । ଅନଳ ଜଳଇ ନୟନେ ।
କୋଟିଏ ସୂର୍ଯ୍ୟ ତେଜଯେହ୍ନେ । ଦେଖି ପଳାନ୍ତି ସର୍ବଜନେ ।
କରାଳଦଂଷ୍ଟ୍ରା ଶୋହେ ତୁଣ୍ଡେ । ଅଗ୍ନି ଜଳଇ ଶିଖାଖଣ୍ଡେ ।
ନାନା ଆୟୁଧ ଦଶେ କରେ । ମୁଣ୍ଡମାଳା ଯେ ଲମ୍ବେ ଉରେ ।
ରୁଦ୍ରଙ୍କୁ କହେ କରଯୋଡ଼ । କହଇ ଅଧର କାମୋଡ଼ ।
କହ ତୁ କି କରିବି ମୁହିଁ । ରୁଦ୍ର କହନ୍ତି ତାକୁ ଚ୍ହିଁ ।
ତୁ ମୋର ଗଣଙ୍କ ଈଶ୍ୱର । ତୁ ଏବେ ମୋର ବୋଲ କର ।
ଦକ୍ଷର ପ୍ରାଣ-ଯଜ୍ଞସଙ୍ଗେ । ବିନାଶ କର ରଣରଙ୍ଗେ ।
ତୁ ମୋର ଅଂଶ ଆତ୍ମାରୂପୀ । ସହସ୍ରଭୁଜ ଶୂନ୍ୟେ ବ୍ୟାପୀ ।
ଦକ୍ଷର ଯଜ୍ଞ ନାଶ କର । ଏହାର ପ୍ରାଣ ବେଗେ ହର ।
ଏମନ୍ତ ରୁଦ୍ର-ଆଜ୍ଞା ପାଇ । କୋପେ କମ୍ପିଲା ତାରଦେହୀ ।
ଜଳଇ ଅଛି କୋପାନଳେ । ନମିଲା ରୁଦ୍ର-ପାଦତଳେ ।

ସ୍ୱଭାବେ ରୁଦ୍ର-ଆତ୍ମା ସେହି । ତାର ମହିମା କେ ଜାଣଇ ॥
ଗର୍ଜଇ ଭୟଙ୍କରନାଦେ । ବେଗେ ଧାମଇ ବେନପାଦେ ॥
ଶୂଳ ବୁଲାଇ ଦକ୍ଷ କରେ । ନୂପୁର ବାଜଇ ପୟରେ ॥
ଧାମଇ ପବନହୁଁ ବେଗେ । ରୁଦ୍ର କୋପେ ଉତ୍ତର ଦଗେ ॥
ଶବଦେ ଦଶଦଗପୁରେ । ଧୂଳି ଉଡ଼ଇ ପାଦଭରେ ॥
ବପ୍ରେ ଯେ ଥିଲେ ଯଜ୍ଞଶାଳେ । ଧୂଳି ଦେଖନ୍ତି ଅନ୍ତରାଳେ ॥
ଉତ୍ତରଦଗେ ରେଣୁ ଦେଖି । ଉଠିଲେ ସୁଯଜ୍ଞ ଉପେଖି ॥
ଉତ୍ତରଦଗକୁ ଅନାଇ । କହନ୍ତି ଏକ ଆରେ ଚାହିଁ ॥
ଦେଖ ଦବସେ ଘୋରତମ । ଦଗ ନ ଦଶେ ବାତଭ୍ରମ ॥
ଏମନ୍ତେ ଦେବେ ବପ୍ରନାରୀ । ଦେଖନ୍ତି ହସ୍ତେ ହସ୍ତଧରି ॥
କହନ୍ତି କଏ ତମଘୋର । ଦଶଇ ଅତି ଭୟଙ୍କର ॥
ପ୍ରଚଣ୍ଡ ବହଇ ପବନ । ତମେ ଆଚ୍ଛାଦଲା ଗଗନ ॥
ଗୋରୁ-ଚରଣ-ଧୂଳି ନୋହେ । କପେ ତମସ କାହୁଁ ହୋଏ ॥
ଆଜ କ ପ୍ରଳୟ ହୋଇବ । ବାମ କ ହୋଇଲା ଦଇବ ॥
ପ୍ରସୂତି ଆଦ ବାମା ଯେତେ । ଉଠି ଚାହାଁନ୍ତି ଦୁଃଖଚତ୍ତେ ॥
ଏମନ୍ତେ ଶୁଣ ନରନାଥ । ଅଭୂତ ରୁଦ୍ରର ଚରତ ॥
ପ୍ରଚଣ୍ଡ ମଣ୍ଡଳ ଆକାରେ । ତୀକ୍ଷଣ ଶୂଳ ଧର କରେ ॥
ରୁଦ୍ର ଧାଇଁଲେ ଅତବେଗେ । ଦେଖି ପଳାନ୍ତି ଦଗଲାଗେ ॥
ସହସ୍ର ହସ୍ତ ଉର୍ଦ୍ଧ୍ୱେ କର । ନଟଙ୍କ ପ୍ରାୟେ ବେଶ ଧର ॥
ଚଣ୍ଡାଟ୍ଟହାସ୍ୟ ଶୋହେ ତୁଣ୍ଡେ । ଯେହ୍ନେ ବଜୁଳି ମେଘଖଣ୍ଡେ ॥
ଅସଂଖ୍ୟ ତେଜ ଯୋଗବଳ । ଦଶଇ ଭ୍ରୁକୁଟୀ କୁଟିଳ ॥
କରାଳଦଂଷ୍ଟ୍ର ଶୋହେ ତୁଣ୍ଡେ । ତେଜେ ନକ୍ଷତ୍ରଗଣ ଖଣ୍ଡେ ॥
ଦକ୍ଷକୁ ଚାହିଁ ସଭାଜନେ । କହନ୍ତି ଅତ ଦୁଃଖମନେ ॥
ଦେଖ ଏହାର କର୍ମଫଳ । ଆଜତ ନାଶିଲୁ ସକଳ ॥
ଉତ୍ପାତ ଭୟେ ଦୁଃଖମନେ । ଭୟେ ଲୁଚଲେ ସର୍ବଜନେ ॥
କେ କହୁ ଜନଙ୍କ ବକଳ । ତକ୍ଷଣେ ମିଳି ରୁଦ୍ରବଳ ॥
ନାନା ଆୟୁଧ ଘେନ କରେ । ବେଢ଼ିଲେ ବେଗେ ଯଜ୍ଞଘରେ ॥
ପିଙ୍ଗ ପିଙ୍ଗଳ ଦଶେ ବର୍ଣ୍ଣ । ସକଳେ କୁମାର-ଆନନ ॥
ଶବଦେ ଗଗନ ଉଚ୍ଛଳେ । ବେଗେ ମିଳଲେ ଯଜ୍ଞଘରେ ॥
କେହି ଭାଙ୍ଗିଲେ ଗୃହବାସ । ପତ୍ନୀଭୁବନ ଅବଶେଷ ॥
କେ ପାକଶାଳେ ପ୍ରବେଶନ୍ତି । କେ ଯଜ୍ଞପାତ୍ରକୁ ଲୁଟନ୍ତି ॥
କେ ଯଜ୍ଞକୁଣ୍ଡରେ ମିଳନ୍ତି । ମୂତ୍ରପୁରୀଷ ଉତ୍ସର୍ଗନ୍ତି ॥
କେ ବହୁ ଘୋରନାଦ କଲେ । ଯଜ୍ଞମେଖଳା ବେଦଭୁଲେ ॥
ଭାଙ୍ଗିଲେ ଅତ କୋପଭରେ । ଶୂଳ ବୁଲାଇ ଦକ୍ଷକରେ ॥

କେ ଧାଏଁ ମୁନିଙ୍କ ଉପରେ । ତର୍ଜନ ଅତି କୋପଭରେ ॥
ନାରୀଗଣଙ୍କ ମଧ୍ୟେ ପଶି । ରାହୁ ସଙ୍ଗତେ ଯେହ୍ନେ ଶଶୀ ॥
ଦେବେ ପଳାନ୍ତି ତାହା ଦେଖି । ଯଜ୍ଞର ବିଭାଗ ଉପେକ୍ଷି ॥
ତାହାଙ୍କୁ ରୁଦ୍ରଗଣେ ଧରି । ଭୃଗୁସମେତେ ବନ୍ଦୀ କରି ॥
ଭୃଗୁକୁ ମଣିମାନ ବାନ୍ଧେ । ତା ଦେଖି ପ୍ରଜାପତି କାନ୍ଦେ ॥
ଦକ୍ଷକୁ ବୀରଭଦ୍ର ଧରି । ପଶୁର ପ୍ରାୟେ ବନ୍ଦୀ କରି ॥
ରଣେ ଋପୁଗଣକୁ ଧରେ । ଓଷ୍ଠ କାମୋଡ଼ି କୋପଭରେ ॥
ଭୃଗୁକୁ ଧରି ନନ୍ଦୀଶ୍ୱର । ହୁଁକାରନାଦେ ମହାଘୋର ॥
ସେ ଯଜ୍ଞେ ଯେତେ ଜନ ଥିଲେ । ଋତ୍ୱିକ ଋଷି ବିପ୍ରଗୁଲେ ॥
ରୁଦ୍ର ଦେବତା ତେଜ ଦେଖି । ଭାଜିଲେ ଯଜ୍ଞକୁ ଉପେକ୍ଷି ॥
ଭୃଗୁ ଯେ ଯଜ୍ଞହୋମ କରି । ଘୃତ ହୁତାନ୍ତି ଶ୍ରୁବ ଧରି ॥
ତାହାଙ୍କ କେଶ ବାମହସ୍ତେ । ରୋଷେ ଧରିଲେ ବିଶ୍ୱନାଥେ ॥
ତାହାଙ୍କ ଧାତ୍ରୀ ଦକ୍ଷକରେ । ରୁଦ୍ର ଉପାଡ଼େ କୋପଭରେ ॥
ସ୍ୱଭାବେ ପଦ୍ମଯୋନି-ବଳା । ଯେ ଦାନ୍ତ ଦେଖାଇ ହସିଲା ॥
ଓପାଡ ଭୃଗୁ ଲମ୍ବଦାନ୍ତ । ତକ୍ଷଣେ ଭୂମିତଳେ ପାଡ ॥
ଚକ୍ଷୁ ଉପାଡ଼େ ନଖ-ଅଗ୍ରେ । ପୂର୍ବର ଶାପ ବଇରାଗେ ॥
ମଣି ଯେ ଶାପ ଦେଲା କାଳେ । ଅପମାନିତ କୋପାନଳେ ॥
ଦନ୍ତ ଦେଖାଇ କରି ହସେ । ସେ କଥା ସ୍ମରି ମହାରୋଷେ ॥
ମୁଷ୍ଟିପ୍ରହାରି ବାମକରେ । ଦନ୍ତ ଝାଡ଼ିଲେ କୋପଭରେ ॥
ଦକ୍ଷର ହୃଦେ କରି ଭିଡ । ରୁଦ୍ର ଯେ ଅଧର କାମୋଡ ॥
ଭୂମିରେ ପଡ଼ିଲେ ଉତ୍ତାନେ । କେ ତାହା କହିବ ବଚନେ ॥
ଅଜୟ ଏହାର ଶରୀର । ଦେଖି ବିସ୍ମିତ ଶୂଳଧର ॥
ଅକ୍ଷୟ ଭାଳି ତାର ଗତି । ବିସ୍ମୟେ ଭାଳି ପଶୁପତି ॥
ତୀକ୍ଷଣ ଖଡ଼ଗେ ଛେଦିଶିର । ଈଶ୍ୱର ହୋଇଲେ ବାହାର ॥
ଶିର ପଡ଼ିଲା ଅଗ୍ନିକୁଣ୍ଡେ । କୁଳେ ରହିଲା ମୃତ୍ୟୁପିଣ୍ଡେ ॥
ପିଶାଚଗଣ ଘେନି ସଙ୍ଗେ । ରୁଦ୍ର ନାଚନ୍ତି ରଣରଙ୍ଗେ ॥
ଦକ୍ଷ ସମ୍ପଦ ନାଶ କରି । ଦକ୍ଷିଣ କରେ ଶୂଳ ଧରି ॥
ଶଙ୍କର ହୋଇଲେ ବାହାର । ଦେଖି କମ୍ପିଲେ ସୁରନର ॥
ସେ ରୁଦ୍ରଚରଣ ପଙ୍କଜେ । ବ୍ରାହ୍ମଣ ଜଗନ୍ନାଥ ଭଜେ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଚତୁର୍ଥସ୍କନ୍ଧେ ଦକ୍ଷ ଯଜ୍ଞଭଗ୍ନେ
ନାମ ପଞ୍ଚମୋଽଧ୍ୟାୟଃ

( 5 )

## ଧ୍ରୁବ-ଚରିତ (Ch. VI).

### ମୈତ୍ରେୟ ଉବାଚ

ସାଧୁଜନେ ଦୃଢ଼ଚିତ୍ତେ କର ଏଥେଁ ଭାବ ।
ଏ ଦୃଢ଼ବୋଇତେ ଭବବାରିଧି ତରବ ॥
ବିଷ୍ଣୁର ଆଦେଶେ ସୃଷ୍ଟିକାଳେ ପଦ୍ମଯୋନି ।
ମିଥୁନପ୍ରକାରେ ସେହ୍ନୁ ଶିବଶକ୍ତି ଘେନି ॥
ନିଜ କଳେବର ବ୍ରହ୍ମା ବେନିଖଣ୍ଡ କଲେ ।
ସ୍ୱୟଂଭୁବମନୁ ଶତରୂପା ପ୍ରକାଶିଲେ ॥
ମୈଥୁନ-ପ୍ରବନ୍ଧେ ଉପୁଜିଲେ ପୁତ୍ରବେନି ।
ସୃଷ୍ଟିଅଂଶ ହେତୁ ତିନି କନ୍ୟା ସଙ୍ଗେ ଘେନି ॥
ପ୍ରିୟବ୍ରତ ଉତ୍ତାନପାଦ ନାମ ଆଦ୍ୟର ।
ସୁଗୁଣ ସୁରୂପ ରୂପେ ମୋହେ ତିନିପୁର ॥
କନ୍ୟା ଏକ ତହିଁ ପ୍ରଜାପତିର ସମ୍ମତ ।
ଯେଣୁ ବ୍ରହ୍ମା ଭିଆଇ ସର୍ଜିଲା ଏ ଜଗତ ॥
ସୃଷ୍ଟିପୂର୍ବେ ମନୁରୂପେ ବେନି ସହୋଦର ।
ପ୍ରଜା ସ୍ୱର୍ଗ ସୃଷ୍ଟିଲେ ସେ ଅନେକ ପ୍ରକାର ॥
ଉତ୍ତାନପାଦର ସେ ହୋଇଲେ ପତ୍ନୀବେନି ।
ସୁରୁଚି ସୁନୀତି ଯେ ସୁନ୍ଦରଗୁଣ ଘେନି ॥
ସେ ବେନିପତ୍ନୀଙ୍କର ମଧ୍ୟେ ସୁରୁଚି ସୁପ୍ରିୟା ।
ଉତ୍ତାନପାଦର ଚିତ୍ତେ ତାର ବଡ଼ ଦୟା ॥
ତାହାର ଉଦରେ ଯେଉଁ ବେନିପୁତ୍ର ହୁଏ ।
ରୂପ ଗୁଣ ସୁନ୍ଦରେ ଜଗତଜନ ମୋହେ ॥
ତାର ବହୁପ୍ରିୟ ଯେ ଉତ୍ତାନପାଦ ରାଜା ।
ଭୂଷଣ ବସନ ଆଦି କରେ ତାଙ୍କୁ ପୂଜା ॥
ନୃହେ ପ୍ରିୟବନ୍ତି ସେ ନିମିଷେ ନ ଛାଡ଼ଇ ।
ପତ୍ନୀ ସୁତ ସ୍ୱଭାବେ ଗୌରବ ଭାବ ବହି ॥
ସୁନୀତି ଅପ୍ରିୟ ତାର ସୁତ ଧ୍ରୁବ ନାମ ।
ରୂପଗୁଣେ ସୁନ୍ଦର ମୋହିତ କୋଟିକାମ ॥
ବେନିସୁତ ବେନିଧାତ୍ରୀ ଘେନିଥାନ୍ତି ନୃହେ ।
ପିତାର ସମୀପେ ଦ୍ୟନ୍ତି ରାଜସେବାମତେ ॥
ଏକ ଦିନେ ସୁରୁଚି ଉତ୍ତମ କର ଧରି ।
ନୃପତି ସମୀପେ ମିଳେ ପ୍ରିୟଭାବ କରି ॥

ଉତ୍ତମଙ୍କୁ କୋଳେଦେଇଁ ରହିଲା ଅନ୍ତରେ ।
ନୃପତି ସଭାର ମଧ୍ୟେ ପ୍ରିୟ-ଭାବଭରେ ॥
ଏମନ୍ତ ସମୟେ ଧାତ୍ରୀ ଧ୍ରୁବ ଘେନ ସଙ୍ଗେ ।
ରାଜାର ସମୀପେ ପ୍ରେମ ପୂର୍ବଭାବରଙ୍ଗେ ॥
ଉତ୍ତମଙ୍କୁ କୋଳେ ଦେଖି ଧ୍ରୁବ ସ୍ନେହ କଲା ।
ପିତାକୋଳେ ବସିବାକୁ ହସ୍ତ ପ୍ରସାରିଲା ॥
ତାହା ଦେଖି କୋପଚିତ୍ତ ସୁରୁଚି କହଇ ।
ଦୁର୍ଭାଗାତନୟ ତୋ ବଦନେ ଲାଜ ନାହିଁ ॥
ଆରୋହଣ କରି ଲୋଡୁ ନୃପସିଂହାସନେ ।
ଯେ ଆସନେ ସୁପୂଜିତ ଏ ତିନିଭୁବନେ ॥
ପୂର୍ବ ତପଫଳ ଦେଖ ଉତ୍ତମ କୁମର ।
ନୃପବୀର୍ଯ୍ୟେ ଉପୁଜିଲା ମୋହର ଉଦର ॥
ଏ ଯେ ନୃପ-ସିଂହାସନେ ବସିବାକୁ ଏକ ।
ଏ କଥା ବଦତି ଭଲେ ଜାଣନ୍ତି ତ୍ରୈଲୋକ ॥
ବିଷ୍ଣୁରେ କଠୋରତପ ପୂର୍ବେ ଯେ କରଇ ।
ତପବଳେ ଲଭେ ସେ ଦୁର୍ଲ୍ଲଭ ନରଦେହୀ ॥
ଯେଉଁ ତପେ ଯେତେ ଭୋଗ କରନ୍ତି ଜଗତେ ।
କହଇ ବାଳକପୁତ୍ର ଶୁଣ ଏକଚିତ୍ତେ ॥
ଯେଉଁ ତପେ ବସନ୍ତି ଯେ ଏ ରାଜ-ଆସନେ ।
କୋଟି ତପେ ପାଇଛନ୍ତି ବାସ ରାଜାମାନେ ॥
ଜାଣିଲି ମୁଁ ପୂର୍ବେ ତୋର କିଛି ତପ ନାହିଁ ।
ଏଣୁ ଅଭାଗିନୀ-ଗର୍ଭେ ଉପୁଜିଲୁ ତୁହି ॥
ଏହି ଅନୁମାନେ ତୋର ଅଳ୍ପପୁଣ୍ୟ ଜାଣ ।
ଶୁଭାଶୁଭ ଫଳ ଅନୁମାନେ ଏ ପ୍ରମାଣ ॥
ରାଜାର କୁମରଗଣେ ଏ ଜନ୍ମ ତୋହର ।
ନାନା ସୁଖଭୋଗେ ତୋର ନାହିଁ ଅଧିକାର ॥
ଦେଖ ଏ କୁମର ମୋର ଗର୍ଭେ ଜାତ ହୋଇଁ ।
ଏ ନୃପସିଂହାସନକୁ ଯୋଗ୍ୟ ଏ ଅଟଇ ॥
ନୃପାସନେ ବସିବାକୁ ଚିତ୍ତ ଯେବେ ତୋର ।
କମ୍ପା ଜନ୍ମ ନ ଲଭିଲୁ ମୋହର ଗର୍ଭର ॥
ଏମନ୍ତ ସଭାର ମଧ୍ୟେ ସୁରୁଚି-ବଚନ ।
ଶୁଣି ଧ୍ରୁବ ଶୋକଚିତ୍ତେ ହୋଇଲା ମଉନ ॥
ଅନ୍ତର୍ଗତେ କମ୍ପଇ ତାହାର ନିଜ ଦେହୀ ।
ଅଧୋମୁଖେ ରହିଲା ଭୂମିକି ଦୃଷ୍ଟି ଦେଇ ॥

ଅକୁଟିତ ଉଚିତ ନ କହେ ନୃପ ବାଣୀ ।
ସଭାମଧ୍ୟେ ଶୁଣି ସେ ସୁରୁଚି-ଗର୍ବବାଣୀ ॥
ତାହାର ଗୌରବେ ସେ ଯନ୍ତ୍ରିତଚିତ୍ତ ହୋଇ ।
ସଭାମଧ୍ୟେ ଏକବାକ୍ୟ ନ ପାରଇ କହି ॥
ଏମନ୍ତେ ନୃପତି ପୁଣ ଦେଖି ଧ୍ରୁବମନେ ।
ଧାତ୍ରୀସଙ୍ଗେ ନୃପସୂନୁ ଗମିଲେ ଭୁବନେ ॥
ମାର୍ଗେ ଯାନ୍ତେ ବ୍ୟାକୁଳେ ନ ଦଶେ ଦଶଦଶ ।
ସର୍ପପ୍ରାୟ ପୁଣ ପୁଣ ଛାଡ଼ଇ ନିଶ୍ୱାସ ॥
ମାତାର ସନ୍ନିଧେ ଧ୍ରୁବ ନିଜପୁରେ ଯାଇ ।
ଅଶ୍ରୁବହେ ଲୋଚନୁ କମ୍ପଇ ନିଜଦେହି ॥
ଅଶ୍ରୁକଣ୍ଠ କୁଣ୍ଠିତ ବଚନ ଗଦ ଗଦ ।
ନ ସ୍ଫୁରଇ ବାକ୍ୟ ମୁଖେ ଦୁଃଖମନ ଖେଦ ॥
ଏମନ୍ତେ ପୁତ୍ର-ବଦନ ସୁନୀତି ଅନାଇଁ ।
ଛନ୍ନଚିତ୍ତେ ପଚରଇ ଧାତ୍ରୀ-ମୁଖ ଚାହିଁ ॥
ତୁ ଯେ ପୁତ୍ର ଘେନିଗଲୁ ନୃପତି-ସମୀପେ ।
କିମ୍ପା ଏ ରୋଦନ କରେ ଅତି ମନତାପେ ॥
ମାତାର ବଚନ ଶୁଣି ନୃପତିନନ୍ଦନ ।
ଊର୍ଦ୍ଧ୍ୱ ମୁଖ ଚାହିଁ କହେ ବିକଳ ବଚନ ॥
ଜନନୀ ଜାଣିଲେ ପୁତ୍ର ଅପମାନ ପାଇ ।
ପିତାର ସମୀପେ କିବା ଅପମାନ ବହି ॥
ମୁଖଲକ୍ଷ୍ମୀ ଏହାରତ ନ ଦଶେ ସୁନ୍ଦର ।
ଅତି ଦୁଃଖେ ବୁଡ଼ିଲାଟି ମୋହର କୁମର ।
ବେନିକରେ ଆକ୍ରୋଶି ପୁତ୍ରକୁ କୋଳେ ଧରି ।
ମୂର୍ଦ୍ଧନି ଆଘ୍ରାଣ କରି ନିଶ୍ୱାସ ସଂହରି ॥
ଅତି ମ୍ଳାନମୁଖ ଦେଖି ପୁନଃ ପୁନଃ କୋଳେ ।
ଉଦରେ ଲଗାଇ ପୁଚ୍ଛେ ଅତି ସ୍ନେହଭରେ ॥
ମୁଖେ ଜଳ ସିଞ୍ଚି ସେ ବଦନୁ ପୋଛେ ଲୁହ ।
କିମ୍ପା ତୁ ରୋଦନ କରୁ ବେଗେ ବତ୍ସ କହ ॥
ରାଜାର କୁମର ତୁ ଦୁର୍ଲ୍ଲଭ ପ୍ରାଣିଙ୍କର ।
ସ୍ୱଭାବେ ସୁନ୍ଦର ଗୁଣ ନୀତି ମନୋହର ॥
ତୋତେ ଶୋକ ଦେବାକୁ କେ ଅଛଇ ଜଗତେ ।
କିପାଁ ତୁ ରୋଦନ କରୁ କହ ମୋ ଅଗ୍ରତେ ॥
ମାତାର ବଚନ ଶୁଣି ଧ୍ରୁବ ଦୁଃଖ ମନେ ।
ନିଶ୍ୱାସ-କୁଣ୍ଠିତ-କଣ୍ଠ ଅଶ୍ରୁତ ବଦନେ ॥

ଶୁଣ ଗୋ ଜନନୀ କହୁଁ ତୋହର ଅଗ୍ରତେ ।
ରାଜା ମହାଦେଈ ତୁମ୍ଭେ ବୋଲାଅ କେମନ୍ତେ ॥
ସୁରୁଚି ସମାନେ ତୋତେ ଜାଣନ୍ତି ଜଗତେ ।
ସେ ରାଜାର ପ୍ରିୟ ତୁମ୍ଭେ ଦୁର୍ଭାଗା କେମନ୍ତେ ॥
କେଉଁ ମତେ ଉତ୍ତମ ବୋଲାଇ ତାର ପୁଅ ।
ମୁଁ କପାଁ ଅଧମ ମାତା ସତ ମୋତେ କହ ॥
ନୃପସିଂହାସନେ ବସିବାକୁ ବେନଭାଇ ।
ସେ କପାଁ ହୋଇଲା ଯୋଗ୍ୟ ମୋତେ ଭୋଗ୍ୟ ନାହିଁ ॥
ସେ କମ୍ପା ଉତ୍ତମ ନାମ ବହିଲା ଜଗତେ ।
ତୋର ପୁତ୍ର ହୋଇ ମୁହିଁ ଅଧମ କେମନ୍ତେ ॥
ମୋହର ସୁକୃତ କପାଁ ଏମନ୍ତ ହୋଇଲା ।
ଉତ୍ତମ ଉତ୍ତମ ସୁଖ କେମନ୍ତେ ପାଇଲା ॥
ଏମନ୍ତେ ପୁତ୍ର-ବଚନ ଶୁଣିଣ ସୁନୀତ ।
ପୁତ୍ରର ବଚ୍ଚରପ୍ରଶ୍ନେ ଦୃଢ଼ ତାର ମତ ॥
ସୁବଧେ ରହି ନିଶ୍ୱାସ ପାଡ଼େ ଧୀରେ ଧୀରେ ।
ଶିଶୁ-କୋପ ଶାନ୍ତିଅର୍ଥେ କହଇ ମଧୁରେ ॥
ସ୍ୱଭାବେ ରାଜନୀତ ସେ କହେ ପୁତ୍ର ଚାହିଁ ।
କହିବା ସକଳ ମନୋଦୁଃଖ ଛାଡ଼ ତୁହି ॥
ଜାଣିଲୁ ନୃପସମୀପେ ଅପମାନ କଥା ।
ଶୁଣ ହେ ସାଧୁନନ୍ଦନ ଛାଡ଼ ମନୋବ୍ୟଥା ॥
ତୁ ଯେତେ କହିଲୁ ବାବୁ ସତ୍ୟ ଏ ପ୍ରତ୍ୟକ୍ଷେ ।
ସୁନୀତବଚନ ଶୁଣି ନୃପତିର ଚକ୍ଷେ ॥
ସୁରୁଚ ସୌଭାଗୀ ସେ ରାଜାର ପାଟରାଣୀ ।
ସବୁ ରାଜପତ୍ନୀଙ୍କ ଉପରେ ଶିରୋମଣି ॥
ଜନ୍ମାନ୍ତରେ ଯେଣୁ ସେ ଅନେକ ତପ କଲା ।
ତପବଳେ ସ୍ୱାମୀର ସେ ସୌଭାଗୀ ହୋଇଲା ॥
ଜାଣିଲି କଷ୍ଟପ୍ ମୋର ପୂର୍ବ ତପ ନାହିଁ ।
ସେ ଫଳେ ଦୁର୍ଭାଗୀ ମୁହିଁ ରାଜପତ୍ନୀ ହୋଇ ॥
ପୂର୍ବେ ତୋର ଭାଇ ଯେ ଉତ୍ତମ ତପ କଲା ।
ତପବଳେ ନୃପସିଂହାସନେ ସେ ବସିଲା ॥
ସୁରୁଚ ସୌଭାଗୀ ତପବଳେ ରାଜା-ରାଣୀ ।
ସର୍ବ ପତ୍ନୀମଧ୍ୟେ ସେ ବୋଲାଇ ଇଷ୍ଟରାଣୀ ॥
ଉତ୍ତମ ଉତ୍ତମ ପୁତ୍ର ପୁଣ୍ୟ ତା ଉଦର ।
ଜନ୍ମିଲା ଉତ୍ତମ ସିଂହାସନେ ଅଧିକାର ॥

ଶୁଣ ହୋ କୁମରମଣି ସ୍ଥିର କରି ମନ ।
ସାବଧାନ ହୋଇ ଶୁଣ ମୋହର ବଚନ ॥
ଯେବା ଭବେ ପୂର୍ବଜନ୍ମେ ନାନା ତପ କରି ।
ନାନାରୂପେ ଭୋଗ ଭୁଞ୍ଜେ ନାନା ଦେହ ଧରି ॥
ଚନ୍ଦ୍ରଜ୍ୟୋତି ପାଠଛନ୍ଦ ଚାମରସମେତେ ।
ନୃପସିଂହାସନେ ବସେ ବାଦ୍ୟ-ନାଦ ଗୀତେ ॥
ସିନ୍ଦୂରେ ମଣ୍ଡିତ ଶିର ଗଜବୃନ୍ଦ-ମେଳେ ।
ମନୋଗାମୀ ତୁରଙ୍ଗମ ଚତୁରଙ୍ଗବଳେ ॥
ଅନାଦି ବ୍ୟାଧି ଜୀବନେ ଜନ୍ମେ ଶିତସୀମା ।
ଉତ୍ତମ ସୁଜନେ ଯାର ସୁଚରିତ ମହିମା ॥
ଶୁଭରାଜ୍ୟେ ରାଜାପଦେ ଲଭେ ଅକଣ୍ଟକ ।
ରାଜା ଯଶ ଗୁଣେ ପୂରେ ଇହପରଲୋକ ॥
ହରିହର ଚରଣେ ସେବଇ ନିତ୍ୟେ ନିତ୍ୟେ ।
ଦୁଃଖୀଜନଙ୍କର ଦୟା ବହେ ହୃଦଗତେ ॥
ସୁନିର୍ମଳ କଳୁଷ ଜ୍ଞାନ ନିତ୍ୟେ ଯା ଚିତ୍ତେ ।
ସର୍ବଶାସ୍ତ୍ର ଅଭ୍ୟାସ କରଇ ଶୁଦ୍ଧମତେ ॥
ରିପୁରାଜବର୍ଗଜୟ ସତ୍ୟଗୁଣେ ମତି ।
କାରୁଣ୍ୟ ସଂପୂର୍ଣ୍ଣ ଦୃଷ୍ଟି ବାଣୀ ଶୁଦ୍ଧକୃତ ॥
ସର୍ବଦା ଯେ ନିରଳସ ଗୁରୁପାଦେ ଭକ୍ତି ।
ସର୍ବଜ୍ଞ ସୁଖ ଯେ ଜାତ ସଂଯୋଗରେ ଶକ୍ତି ॥
ଉପାସନା ମନୋସ୍ଫୂର୍ତ୍ତି ନିର୍ଦ୍ଧନ ବଚନ ।
ସଭାମଧ୍ୟେ ସୁପଣ୍ଡିତ ଅତିବିଦ୍ୟମାନ ॥
ପ୍ରଜାନ୍ତ ତାରଣ ମଧ୍ୟେ ଅତି ବୀରପଣ ।
ଇହ ପରଲୋକେ ହୋଏ ସୁଯଶ ସ୍ମରଣ ॥
ବନ୍ଧୁବର୍ଗେ ଧୀରପଣେ ଅନୁବ୍ରତେ ରହେ ।
ବାଣିଜ୍ୟେ ଚତୁରଭାବ ବାକ୍ୟେ ମନ ମୋହେ ॥
ଯୋଷିତେ ପ୍ରିୟରେ ମୃଦୁବଚନ ଭୂଷିତ ।
ବ୍ରାହ୍ମଣ ବିଷୟେ ଚିତ୍ତେ ଭଜେ ସୁବିନୀତ ॥
ସ୍ୱଧର୍ମେ ଜୀବନ ପୋଷେ ନିଜବୃତ୍ତି ବହି ।
ବୁଧଙ୍କର ଭବେ ଯେ ସାହିତ୍ୟେ ମନ ଦେଇ ॥
ଭାଗୀରଥୀ-ତଟରେ ବାସ ସୁତୀର୍ଥେ ମରଣ ।
ଅର୍ଥ ଭେକ୍ଷିଗଣ ମୁଖ୍ୟ ଅତିଥି ତୋଷଣ ॥
ବନ୍ଧୁଜନ ତୁଲେ ଭୋଗ କରେ ସମତୁଲେ ।
ଦାନ ଦକ୍ଷେ ଦିବସ ଯାହାର ଯାଇ ଭଲେ ॥

ନିଜବିଦ୍ୟା-ବ୍ୟସନେ ବର୍ତ୍ତଇ ନିରନ୍ତରେ ।
ନିତ୍ୟେ ସେବା କରେ ତାତ-ଜନନୀପୟରେ ॥
ଯଶ ଧର୍ମ ନିରନ୍ତରେ ସଞ୍ଚେ ଧନପ୍ରାପ୍ୟେ ।
ସ୍ୱର୍ଗ-ଅପବର୍ଗ-ବୁଦ୍ଧି ଅଳଂକାର ବହେ ॥
ନିତ୍ୟେ ମିଲେ ସାଧୁସଙ୍ଗ ମାତ୍ର ସର୍ବଭୂତେ ।
ଇତିହାସ ପୁରାଣାଦି ଶୁଣେ ଶୁଦ୍ଧଚିତ୍ତେ ॥
ବିପଦର କାଳେ ଧୀରଚିତ୍ତ ହୋଇ ଦ୍ରୁତେ ।
ସମ୍ପଦ-ଆଗମ-ବୁଦ୍ଧି ବହେ ଧୀରଗାଧେ ॥
ବିଦ୍ୟାପଢ଼ି ଗମ୍ଭୀର ସାଗର ପ୍ରାପ୍ୟେ ରହେ ।
ପାତ୍ରେ ଦାନ ସମ୍ପଦେ ଉଦାସ ଭାବ ବହେ ॥
ଯଶ ଧର୍ମ ସଞ୍ଚିବାରେ ନିତ୍ୟେ କରେ ମତି ।
ସ୍ୱର୍ଗାମୋଦ ଶୁଦ୍ଧଫଳ ସ୍ୱଭାବ ଯେ କୀର୍ତ୍ତି ॥
ସାଧୁସଙ୍ଗମେଳେ ଦୃଢେ ନିତ୍ୟ କରେ ଆଶା ।
ପିତୃ ମାତୃ ପ୍ରାପ୍ୟେ ଜୀବ ଯେବେ କରେ ବାଞ୍ଛା ॥
ଇତିହାସବାଣୀ ଯେହ୍ନୁ ପୁରାଣ ଶ୍ରବଣେ ।
ଉତ୍କଣ୍ଠା ସ୍ୱଭାବ ନିତ୍ୟେ ବହେ ଅନୁକ୍ଷଣେ ॥
ବିପଦ-ଆଗମେ ଯେ ଆପଣେ ବଞ୍ଚେ ଦିନ ।
ସଂପଦର କାଳେ ଭାଷେ ମଧୁରବଚନ ॥
ଗମ୍ଭୀରବଚନ କହେ ବଚନ ବିକାଶେ ।
ଉତ୍ତମ ଉଦାରବୁଦ୍ଧି ପ୍ରାପ୍ୟ ଉପଦେଶେ ॥
ଶମ ଦମ ମହତ ଯେ ଶରୀରେ ଧରଇ ।
ଏତେ ଗୁଣ ବହେ ଯାର ପୂର୍ବଭାଗ୍ୟ ଥାଇ ॥
ଏଣୁ ପୂର୍ବେ ତୋହର ମୋହର ତପ ନାହିଁ ।
ଏ ଜନ୍ମେ ଲୋଡ଼ିଲେ ପୁତ୍ର ପାଇବା ତା କାହିଁ ॥
ମନ ଅପମାନ ଯେ ଫଳଇ କର୍ମବଳେ ।
ଏହା ଜାଣି ପ୍ରାଣୀ ଚିତ୍ତେ ନ ରହେ ନିଶ୍ଚଳେ ॥
ଆପଣା ଅର୍ଜିଲା କର୍ମ ଆପଣେ ଭୁଞ୍ଜଇ ।
ବିଧାତା-ବଚନେ କର୍ମ ଅନ୍ୟଥା ନୁହଇ ।
ଏଣେ ତୁ ନ କର ଶୋକ କର୍ମକୁ ଆଦର ।
ମୋହର ବଚନେ ପୁତ୍ର କୋପ ତୁ ସଂହର ॥
ଏମନ୍ତେ ମାତାର ବାକ୍ୟ ସାବଧାନେ ଶୁଣି ।
ଧ୍ରୁ ବହିଁ ପଣ୍ଡିତବାକ୍ୟ ମନେ ମନେ ଗୁଣି ॥
ଜନନୀବଦନ ଚାହିଁ ବେନିକର ଯୋଡି ।
କହେ ସୁପ୍ରମୋଦବାକ୍ୟ ମାତାପାଦେ ପଡି ॥

## ଧ୍ରୁବ ଉବାଚ

କହଇ ମଧୁରବାଣୀ ଜନନୀ ଗୋ ଶୁଣ ।
ମୋତେ ତୁ ବାଳକପ୍ରାୟେ କେବେହେଁ ନ ମଣ ॥
ପରବ୍ରହ୍ମକୁ ର ବଶେ ଜନ୍ମ ଯେ ମୋହର ।
ଉତ୍ତାନପାଦର ବୀର୍ଯ୍ୟେ ତୋହର ଉଦର ॥
ତୁ ଯେ ବୋଲୁ ତପ ସର୍ବ ସଂପଦ-କାରଣ ।
କହିବ ତୋହର ଆଗେ ସ୍ଥିରମନେ ଶୁଣ ॥
ସଂସାର ଦୁର୍ଲ୍ଲଭପଦ ଯେବା ତପେ ପାଇ ।
ନିଗମ ଦୁର୍ଗମ ବନେ ସାଧିବଇଁ ମୁହିଁ ॥
ଏକାମାତ୍ର ଆଜ୍ଞା ମୋତେ ଦିଅ ଶୁଦ୍ଧଚିତ୍ତେ ।
ଆଶୀର୍ବାଦ ଦିଅ ତପ ସାଧଇଁ ଯେମନ୍ତେ ॥
ଏମନ୍ତେ ନିଷ୍ଠୁରବାଣୀ ଶୁଣି ପୁତ୍ରମୁଖେ ।
ସୁନୀତ କପୋଳେ କର ଦେଇ ମନୋଦୁଃଖେ ॥
ଏମନ୍ତେ ଧ୍ରୁବର ବାଣୀ ଦୃଢ଼ ଶୁଣି ମାତା ।
ପୁତ୍ରମୁଖ ଚାହିଁ ମନେ କଲା ଗରିଚିନ୍ତା ॥
ବୋଲଇ ମୋହର ଗର୍ଭୁଁ ଜାତ ଏ କୁମର ।
ରାଜାର ଆତ୍ମା ସମୃତ ତେଜେ ପରଖର ॥
କ୍ଷତ୍ରିୟ ସ୍ୱଭାବ ବହେ ଦୁର୍ଗମ ଚରିତ ।
ତପବଳେ ଶ୍ରବଣେ ଦ୍ରବିଲା ଅନ୍ତର୍ଗତ ॥
ତେଜ ବିରାଜଇ ଦେହେ ତପନ ପରାୟେ ।
ଅବଶ୍ୟ ଗମିବ ତପେ ଜାଣିଲି ନିଶ୍ଚୟେ ॥
ଏ କେବେହେଁ ନ ରହିବ ମୋହର ବଚନେ ।
ନ ଜାଣି ମୁଁ ଉପଦେଶ କହିଲି ଅଜ୍ଞାନେ ॥
ଏହାର ସୁନ୍ଦର ମୁଖ ନ ଦେଖି ସପକ୍ଷେ ।
ନିମିଷ କୋଟିଏଯୁଗ ହୋଇବ ପ୍ରତ୍ୟକ୍ଷେ ॥
କି ବୁଦ୍ଧି ଉପାୟ କରି କେମନ୍ତେ ରଖିବ ।
ଦୁର୍ଗମସଙ୍କଟୁ ଏବେ କେମନ୍ତେ ବଞ୍ଚିବ ॥
ଏମନ୍ତ ବିଚାରି ସେ ପୁତ୍ରର ମୁଖ ଚାହିଁ ।
କହଇ ସୁନୀତ ମନୋଦୁଃଖ ଖେଦ ବହି ॥
ଶୁଣ ପୁତ୍ର ସାବଧାନେ ମୋହର ବଚନ ।
କେବଳ ଅଟୁ ତୁ ପୁତ୍ର ରାଜାର ନନ୍ଦନ ॥
ତୋତେ ଆଜ୍ଞା ଦେବାରେ ମୋହର ଶକ୍ୟ ନାହିଁ ।
ତୁତ ସପ୍ତବର୍ଷ ସୁକୁମାର ତୋର ଦେହି ॥

ତଥାପି କହିବ ଶୁଣ ସାବଧାନ ଚିତ୍ତେ ।
ରଜାର ଭୁବନେ ଅଛୁ ସପତ୍ନୀ ଆୟତ୍ତେ ॥
ତାର ବାକ୍ୟ-ନର୍ଘାତେ ମୋହର ଚିତ୍ତ ଦହେ ।
ଗିରିରୁ ସ୍ରବନ୍ତପ୍ରାୟେ ଅଶ୍ରୁଧାର ବହେ ॥
ଏବେ ତୋର ବନଗତ ଶୁଣି ମୋର ମନ ।
ଅଧିକେ ଶ୍ରବଇ ଯେ ଲୋତକ ମୋ ନୟନ ॥
ନଦୀପ୍ରାୟେ ବହେ ବାରି କେବେହେଁ ନ ରହେ ।
କହ ପୁଏ ଏବେ ମୁଁ କି କରିବ ଉପାୟେ ॥
ସ୍ୱଭାବେ ମୁଁ ଏକପୁତ୍ରୀ ରଜାର ଭୁବନେ ।
ପ୍ରାଣ ଦେହ ଧରଇ ତୋହର ଦରଶନେ ॥
ମୋହର ତୁ ଅନ୍ଧଯଷ୍ଟି ତୋର ପଛେ ଥାଇ ।
ବାଡ ହସ୍ତୁଁ ଗଲେ ଅନ୍ଧ କେମନ୍ତେ ବଞ୍ଚଇ ॥
ପୁତ୍ରଜନ୍ମ ନୋହିଲା ମୋହର ମନେ ବ୍ୟଥା ।
ତୋର ପ୍ରାପ୍ତି ଅର୍ଥେ କେତେ ପୂଜିଲି ଦେବତା ॥
କୃଚ୍ଛ୍ର ଚାନ୍ଦ୍ରାୟଣ ଉପାସିକ ବ୍ରତ କଲି ।
ସେ ତପ ସାଧନେ ପୁତ୍ର ତୋତେ ମୁଁ ପାଇଲି ॥
ତୋର ମୁଖ ଚନ୍ଦ୍ରୋଦୟ ଦେଖି ମୋର ମନ ।
ସମୁଦ୍ର ତରଙ୍ଗ ପ୍ରାୟେ ଉଲ୍ଲୋଳ ନୟନ ॥
ଆନନ୍ଦେ ପୟସ ପୂରେ ମୋର ବେନସ୍ତନ ।
ଗଳତ ହୁଅଇ ଦେଖି ତୋହର ବଦନ ॥
ତୋର ମୁଖ ନ ଦେଖି ମୋହର ଅଙ୍ଗ ତାପେ ।
ତକ୍ଷଣେ ଶୀତଳ ହୋଏ ମିଳିଲେ ସମୀପେ ॥
ମୋହର ହୃଦରେ ତୁ ନିଦ୍ରିତ ସ୍ତନପାନେ ।
ବସ୍ତ୍ର-ଆରୋହିତ ଦୁଗ୍ଧ-ବୋଧିତ ବଦନେ ॥
ତୋହର ଶୀତଳବାକ୍ୟ କର୍ଣ୍ଣେ ଶୁଭେ ଯେବେ ।
ସପତ୍ନୀର ବାକ୍ୟତାପ ହୃଦରେ ନ ବାଧେ ॥
ବିଳମ୍ବ ତୋହର ନିଦ୍ରା ଦେଖି ମୋର ଚିତ୍ତ ।
ପଦ୍ମ ଯେହ୍ନେ ଚାହିଁ ଥାଇ ସୂର୍ଯ୍ୟର ଉଦିତ ॥
ବାଳକଙ୍କ ସଙ୍ଗେ କ୍ରୀଡ଼ା କରିବାର ଅର୍ଥେ ।
ଗୃହରୁ ବାହାର ହୋଇ ମିଳୁ ଯେବେ ପଥେ ॥
ତୋହର ବିଳମ୍ବେ ହୃଦେ ବେନସ୍ତନ ମୋର ।
ତଳୁଁ ଖେ ଝରଇ ଯେହ୍ନେ ମେଘ-ଜଳଧାର ॥
ତୁ ମୋର ତପସ୍ୟା ଅର୍ଥେ ଯେବେ ଯିବୁ ହଟେ ।
ମୋର ପଞ୍ଚପ୍ରାଣ ଯେ ମିଳିବ କଣ୍ଠତଟେ ॥

ଅଚ୍ଛାପେ ଢାପିବ ଯେ ତୋହର ଗମନେ ।
ଏମନ୍ତ କୁମର ଶୁଣି ଜନନୀ-ବଚନେ ॥
ବସ୍ତ୍ରର ପର୍ଯ୍ୟରେ ହୃଦେ କଲ ନମସ୍କାର ।
ମଙ୍ଗଳମୁହୂର୍ତ୍ତେ ଧ୍ରୁବ ହୋଇଲା ବାହାର ॥
ଜନନୀର ମନ ଯେ ପୁତ୍ରର-ପଛେ ଗଲା ।
ଚଳନ୍ତେ ରାଜାରପୁରେ କେହି ନ ଦେଖିଲା ॥
ବାଳକକାଳ ଆଦିତ୍ୟ ପ୍ରାୟେ ପଥେ ଯାନ୍ତେ ।
ଅନୁକୂଳ ପବନ ବହିଲା ଅକସ୍ମାତେ ॥
ପବନେ ଚଳିତ ବନ ଲତା ତରୁଗଣ ।
ହସ୍ତପ୍ରସାରିଲା ପ୍ରାୟେ କରନ୍ତି କଲ୍ୟାଣ ॥
କାନନେ ପଶିଲେ ଧ୍ରୁବ ଗୋବିନ୍ଦ ସୁମରି ।
ଜନନୀ-ଚରଣବେନି ହୃଦଗତେ ଧରି ॥
ଭୂମିକି ଅନାଇ ସେ ଅନେକ ଦୂର ଗଲା ।
ଗହନ କାନନେ ରାଜପଥ ନ ଜାଣିଲା ॥
ନ ଭକ୍ଷିଣ ତୃଷିତ ବାଧିତ ଦୁଃଖମନେ ।
ବୃକ୍ଷମୂଳେ ବସିଲା ଆଦିତ୍ୟ-ଅବସାନେ ॥
ବାଳକ ଭାବଇ ମନେ ଦଣ୍ଡଦଣ୍ଡ ରହି ।
କାହାକୁ ପୁଛିବ ମୋର ସଙ୍ଗେ କେହି ନାହିଁ ॥
ବେନିଚକ୍ଷୁ ବୁଜି ସେ କୃଷ୍ଣଙ୍କୁ ସୁମରଇ ।
ବନଜନ୍ତୁ ଭୟେ ଧ୍ରୁବ ପୁଣିହିଁ ଅନାଇ ॥
ତାର ପୂର୍ବତପବଳେ ସେ ଘୋର କାନନେ ।
ସାୟଂକାଳେ ସମୀପେ ମିଳିଲେ ମୁନିମାନେ ॥
ପର୍ବତ କାନନ ଦ୍ରୁମ ଜଳ ଅଗ୍ନି ପଥେ ।
ବାଳ ବୃଦ୍ଧ ବନିତା ଦୁର୍ବଳ ବ୍ୟାଧିଗ୍ରସ୍ତେ ॥
ପୂର୍ବ ଭାଗ୍ୟ ଥିଲେ ପ୍ରାଣୀ ଦୁସ୍ତରୁ ତରନ୍ତି ।
ଭାଗ୍ୟ-ହୀନେ ଗୃହେ ଯତ୍ନ କରନ୍ତେ ମରନ୍ତି ॥
ଦେଖ ତାର ଭାଗ୍ୟବଳ ସପ୍ତଋଷିଗଣେ ।
ସମୀପେ ମିଳିଲେ ଆସି ଭୟଙ୍କର ବନେ ॥
ରାଜାର କୁମର ଅବା କାହିଁ ବନବାସ ।
ଦୈବର ଘଟନ ଦେଖ ଧର୍ମର ବିଶ୍ୱାସ ॥
ଏଣୁ ନିଜକର୍ମକୁ କରିବ ନମସ୍କାର ।
ଯାହାର ଉପରେ ନାହିଁ ପ୍ରଭୁ ଅଧିକାର ॥
ଯାହାର ସେ ଶୁଭାଶୁଭ ପୁଣ୍ୟବଳ ଥାଇ ।
ମନେ ନ କଳ୍ପିଲେ ଅକସ୍ମାତେ ସେ ମିଳଇ ॥

ଭବିଷ୍ୟତେ ରଜ୍ଜୁବନ୍ଧେ କରି ଆକର୍ଷଣ ।
ନାନାସ୍ଥାନେ କରୁଥାଇ ଭବିଷ୍ୟ କରଣ ॥
ଶରୀର ସଂପଦ ବିତ୍ତ ବିବିଧ ଚେଷ୍ଟିତ ।
ତେଜୋବଳ ଉଦ୍ଦମ ଯେ ସହାୟ ପ୍ରମଥ ॥
ପୁଣ୍ୟବଳ ଥିଲେ ଯେ ସମସ୍ତ ଫଳ ପାଇ ।
ପୂର୍ବେ ନ ଅର୍ଜିଲେ ଲଭି ନ ପାଇଟି କାହିଁ ॥
ରକ୍ଷୁମିଳି ଗୃହିଁାନ୍ତେ ଦେଖିଲା ମୁନିଗଣ ।
ତେଜ ବିରାଜଇ ଯେସନେ ସୂର୍ଯ୍ୟର କିରଣ ॥
ଭାଗ୍ୟ ଜାତ ଆକ୍ରୋଶେ ମିଳିଲେ ସର୍ବ ମୁନି ।
ଲଲାଟେ ତିଳକ ଦଣ୍ଡପ୍ରଭା କରେ ଯେନି ॥
କୃଷ୍ଣାଜିନ ପରିଧାନ ପବିତ୍ର ଉତ୍ତରି ।
ଉନ୍ମୀଳଲୋଚନ ଅକ୍ଷସୂତ୍ର ଦଣ୍ଡଧାରୀ ॥
ଅକସ୍ମାତେ ମିଳିଲେ ଅଗାଧ କ୍ଷୀରନିଧି ।
ଆଦିଧାତା ଜାଣି ଜ୍ଞାନଗୁଣେ ଯେ ପ୍ରସିଦ୍ଧି ॥
ଅମୃତ ବଚନ କି ବଦନେ ବରଷନ୍ତି ।
କ୍ଷୀରସିନ୍ଧୁମଧ୍ୟେ ହଂସ ପ୍ରାୟେ ସେ ଦିଶନ୍ତି ॥
ଏମନ୍ତେ ମୁନିଙ୍କି ଧ୍ରୁବ ସନ୍ନିଧରେ ଦେଖି ।
ସମ୍ଭ୍ରମଚିତ୍ତେ ଉଠିଲା ଆସନ ଉପେଖି ॥
କପାଳେ କରସଂପୁଟ ଦେଇ ଦୃଢ଼ମନେ ।
ମୁନିଙ୍କି ପ୍ରଣାମ କଲା ଅଶ୍ରୁତବଦନେ ॥
ଆନନ୍ଦେ ମୁନିଙ୍କପାଦେ ଧ୍ରୁବ କର ଯୋଡି ।
କହଇ କୋମଳବାଣୀ ବିନୟ ଆଦରି ॥
ଉତ୍ତାନପାଦ ବୀର୍ଯ୍ୟରେ ସୁନୀତି ଉଦରେ ।
ଶରୀର ବହିଲି ମୁହିଁ ଏଘୋର ସଂସାରେ ॥
ଧ୍ରୁବନାମ ବୋଲାଇ ଅଧ୍ରୁବ ନାମ ମୋର ।
ନିର୍ମାଣମାନ ସେ ମୁହିଁ ମନ୍ଦିରୁ ବାହାର ॥
ଅନାଥ ହୋଇ ମିଳିଲି ଏ ଘୋର କାନନେ ।
ସନାଥ ହୋଇଲି ଏବେ ତୁମ୍ଭ ଦରଶନେ ॥
ନିରାଶ ଶରୀର ମୋର ଏଣେ କାର୍ଯ୍ୟ ନାହିଁ ।
ବଞ୍ଚିତ ହୋଇଲି ନୃପସିଂହାସନେ ମୁହିଁ ॥
ପୂର୍ବେ କୋଟିଜନ୍ମେ ମୁଁ ନକଲି ତପରାଶି ।
ଏବେ କଲି ଚିତ୍ତ ନୃପସିଂହାସନେ ବସି ॥
ଏଣୁ ମୁଁ ନିରାଶ ଚିତ୍ତେ ପଶିଲି ବନସ୍ତେ ।
ସ୍ଥିରଭାବେ ମନ ମୋ ନ ରହେ ଅନ୍ତର୍ଗତେ ॥

ଏମନ୍ତେ ଧ୍ରୁବର ବାଣୀ ଶୁଣି ମୁନିଗଣେ ।
ତାର ମୁଖ ଚାହିଁ ସେ କହନ୍ତି ଜଣେ ଜଣେ ॥
ସ୍ୱଭାବେ ମଧୁରାକୃତି ଦେଖି ତା ବଦନ ।
ସୁଧାରୁ ଅଧିକ କହେ ମଧୁର ବଚନ ॥
ଅତି ଦୟାଚତ୍ତେ ବସି ଧ୍ରୁବର ସମୀପେ ।
ଦୟାଚତ୍ତେ ମୁନିଏ ବୋଲନ୍ତି ଏକେ ଏକେ ॥

ଋଷିର୍ବାଚ

ଅହୋ ବାଳ ବଣାଳାକ୍ଷ ମହାରାଜସୁତ ।
ବୁଝିର ନ ପାରିଲୁଁ ତୋହର ଅନ୍ତର୍ଗତ ॥
ନିବେଦନ କାରଣ ଆମ୍ଭର ଆଗେ କହ ।
ତୋର ବାକ୍ୟେ ଆମ୍ଭଙ୍କୁହିଁ ଲାଗିଲା ସନ୍ଦେହ ॥
ସ୍ୱଭାବେ ବାଳକ ତୋର ଅର୍ଥ ଚିନ୍ତା ନାହିଁ ।
ରାଜପୁରେ ଜନନୀର ସଙ୍ଗେ ଥାଉ ତୁହି ॥
ଆଧି ବ୍ୟାଧି ନ ଦେଖୁଁତ ତୋହର ଶରୀରେ ।
ନିବେଦ-କାରଣ କହ ଆମ୍ଭର ଆଗରେ ॥
ଯୁବାକାଳେ ଭୋଗ ଯେବେ ନ ପାବନ୍ତି ନରେ ।
ସ୍ୱଭାବେ ବୈରାଗ୍ୟ ଜାତ ହୁଅଇ ଶରୀରେ ॥
ସପ୍ତଦ୍ୱୀପ ମଧ୍ୟରେ ତୁ କୁମର ସ୍ୱଭାବେ ।
କିକାରଣେ କାନନେ ପଶିଲୁ ବାଳଭାବେ ॥
ଯୁବା ନୋହୁ ବୃଦ୍ଧ ନୋହୁ ବ୍ୟାଧି ଦେହେ ନାହିଁ ।
ବାଳକାଳେ ଅରଣ୍ୟେ ପଶିଲୁ କାହିଁପାଇଁ ॥
ଏମନ୍ତ ପ୍ରକାରେ ଶୁଣି ମୁନିଙ୍କ ବଚନ ।
ଗଦଗଦ ବାକ୍ୟ କହେ ନୃପତିନନ୍ଦନ ॥
ଶୁଣ ହେ ସକଳ ବ୍ରହ୍ମ ମୁନିଗଣ ଧୀରେ ।
ନିବେଦ-କାରଣ କହେଁ ତୁମ୍ଭର ଛାମୁରେ ॥
ରାଜସେବା ଅର୍ଥେ ମୋତେ ଜନନୀ ପେଷିଲା ।
ମୋର ଧାତ୍ରୀ ପିତା-ଆଗେ ନେଇ ବସାଇଲା ॥
ପିତାର ଚରଣେ ମୁହିଁ ନମସ୍କାର କରି ।
ଉଭା ହୋଇ ଅଛୁ ମୁ ଧାତ୍ରୀର ବସ୍ତ୍ର ଧରି ॥
ମୋର ଭାଇ ଉତ୍ତମକୁ ଦେଖି ପିତାକୋଳେ ।
ମୁହିଁ ବସିବାକୁ ଯାଇ ଧରିଲି ଅଞ୍ଚଳେ ॥
ତାହା ଦେଖିଣ ସୁରୁଚି ମୋମାତ-ସପତ୍ନୀ ।
ଅନେକ ଭର୍ତ୍ସନା କଲା ସଉଗୁଣୀ ଘେନି ॥

ଆପଣାପୁତ୍ରକୁ କଲା ଉତ୍ତମ ସ୍ୱଭାବେ ।
ଅନେକ ନିନ୍ଦିଲା ମୋତେ ନିନ୍ଦିତ ପ୍ରସ୍ତାବେ ॥
ବୋଇଲା ଅଭାଗୀ ଗର୍ଭେ ଜନମ ତୋହର ।
ଦେଖ ଅତିଭାଗ୍ୟବନ୍ତ ମୋହର କୁମର ॥
ଏଗର୍ଭେ ଜନ୍ମିଲେ ନୃପ-ସିଂହାସନ ପାଇ ।
ମୋର ଗର୍ଭେ ଜନ୍ମ କପାଁନ ଲଭିଲୁ ତୁହି ॥
ତୋହର ମାତାର ପୂର୍ବେ କିଛି ପୁଣ୍ୟ ନାହିଁ ।
ସେ ଗର୍ଭେ ଜନ୍ମିଲୁ ସୁଖ ଲଭିବୁ ତୁ କାହିଁ ॥
ଦୁର୍ଭାଗାର ପୁତ୍ର ହୋଇ ନୃପ-ସିଂହାସନେ ।
ତୋର ପୁଣ୍ୟ ନାହିଁ ଏବେ ବସିବୁ କେସନେ ॥
ଏମନ୍ତପ୍ରକାରେ ମୋତେ ମାତା ନିନ୍ଦା କଲା ।
ଧିକ ଧିକ ଜନ୍ମ ବୋଲି ବହୁ ଝିଙ୍ଗାସିଲା ॥
ମୁ କାନ୍ଦି କହିଲି ନିଜ ଜନନୀ-ଅଗ୍ରତେ ।
ତପ କରିବାକୁ ମାତା ଆଜ୍ଞା ଦେଲେ ମୋତେ ॥
ବୋଇଲେ ସଂସାରେ ସାର ତପସ୍ୟା କାରଣ ।
ଉଚ୍ଚ ନୀଚ ମଧ୍ୟେ ଦେଖ ସଂସାର ଧାରଣ ॥
ନୃପସିଂହାସନେ ଯେବେ ବାଞ୍ଛା ଅଛି ତୋର ।
ଏବେ ନରଦେହେଁ ପୁତ୍ର ତପ ସିଦ୍ଧ କର ॥
ଏମନ୍ତେ ଜନନୀ-ମୁଖୁଁ ଉପଦେଶ ପାଇ ।
ତପସାଧେ ଘୋରବନେ ପ୍ରବେଶ ହେଲଇଁ ॥
ନିବେଦନ କାରଣେ କହିଲି ତୁମ୍ଭ ଆଗେ ।
ପଶି ବନେ ଭ୍ରମଇ ମୁଁ ବାଳକସ୍ୱଭାବେ ॥
ଏମନ୍ତ ଧ୍ରୁବର ବାକ୍ୟ ମୁନିଗଣେ ଶୁଣି ।
ଅନ୍ୟେ ଅନ୍ୟରେ ଚାହିଁ ସେ କହନ୍ତି ମନେ ଗୁଣି ॥
ଦେଖ ଏ କ୍ଷତ୍ରିୟ ତେଜ ସଂସାରେ ଦୁସ୍ତର ।
ପୁଣି ଧ୍ରୁବ-ମୁଖ ଚାହିଁ କହନ୍ତି ମଧୁର ॥
ଆମ୍ଭରେ କି ସାଧିକର୍ମ ତୋର ଉପକାର ।
ନିର୍ଣ୍ଣୟ କରଣ କହ ଆମ୍ଭର ଆଗର ॥
ତୋର ମନୋରଥ ଆମ୍ଭେ ଜାଣିବୁଁ କେମନ୍ତେ ।
ଭ୍ରାନ୍ତି ଛାଡ଼ି ବାଳ କହ ଆମ୍ଭର ଅଗ୍ରତେ ॥
ଶୁଣିମା ହେ ମୁନିଜନେ ମୋର ମନୋରଥ ।
ପିତାର ଦୁର୍ଲ୍ଲଭପୁତ୍ର ଉତ୍ତମ ମୋ ଭ୍ରାତ ॥
ପିତାର ସମୀପେ ବସେ ନୃପସିଂହାସନେ ।
ତାହାକୁ ମୋହର କିଛି ଆନ ନାହିଁ ମନେ ।

ତୁମ୍ଭେ ମୋତେ ସଖା ହୁଅ ଏ ଘୋର କାନନେ ।
ଉପଦେଶ କହ ମୁନି ନିସ୍ତର ଯେସନେ ॥
ଶରୀର ବାଳକ ମୋର ବୁଦ୍ଧି ବାଳ ନୋହେ ।
କହିଲି ତୁମ୍ଭର ଆଗେ ଉତ୍ତର ନିର୍ଣ୍ଣୟେ ॥
ମୋର ମନ କହେଁ ତୁମ୍ଭେ ଶୁଣ ମୁନିଗଣେ ।
ଯେବା ଅଂହକାରେ ମୁ ପଶିଲି ଘୋରବନେ ॥
ଯେ ତପକୁ ପୂର୍ବେ ତପେ କେହି ଲଭି ନାହିଁ ।
ଇନ୍ଦ୍ର ଆଦି ଦେବତାଙ୍କୁ ଗୋଚର ନୁହଇ ॥
ତ୍ରିଲୋକ ଉପରେ ସର୍ବ ବନ୍ଦିତ ଯେ ସ୍ଥାନ ।
ତହିଁ ବସିବ ନିଷ୍ଟିନ୍ତେ କଳ୍ପଇ ମୋ ମନ ॥
ମୋର ପିତୃ ପିତାମହେ ଯାହା ନ ପାଇଲେ ।
କଳ୍ପକଳ୍ପାନ୍ତରେ ଯାହା ନ ପାଇଲେ ଭଲେ ॥
ସେ ଭୁବନେ ଯେଉଁ ଭାବେ ବସିବଇଁ ମୁହିଁ ।
ତହିଁର ଉପାୟ ମୋତେ କହ ଭାବ ବହି ॥
ଧନ ରାଜ୍ୟ-ଭୋଗେ ମୋର ପ୍ରୟୋଜନ ନାହିଁ ।
ଏତେ କହି ମୁନିଙ୍କ ଚରଣେ ପ୍ରଣମଇ ॥
ଧ୍ରୁବର ବଚନ ଶୁଣି ସର୍ବ ମୁନିଗଣେ ।
ଅନ୍ୟୋନ୍ୟ ଅନ୍ୟରେ ମିଳି ସେ କହନ୍ତି ତୋଷମନେ ॥

( 6 )

ପ୍ରାକୃତିକ ବର୍ଣ୍ଣନା (Sk. X, Ch. XIX).

ଏମନ୍ତେ ଶୁଣ ପରୀକ୍ଷିତ । ସ୍ୱଭାବେ ସରଳ ବସନ୍ତ ॥
ନିଦାଘ କାଳ ଆଗମନ । ଘର୍ମ୍ମେ ତାପିତ ସର୍ବଜନ ॥
ସର୍ବଦା ବସନ୍ତ ପବନ । ସଧୀରେ ବହେ ଘନ ଘନ ॥
ବସନ୍ତ ନୁହେ ନା ଦୁର୍ଲ୍ଲଭ । ଯେ ବନେ ଶ୍ରୀରାମ ମାଧବ ॥
ନଦୀ-ନିର୍ଝର-ଜଳନାଦେ । ନିବିଡ଼ ଝିରଙ୍କ ଶବଦେ ॥
ନିର୍ଝର ଜଳକଣେ ମିଳି । ଅତି ଶୀତଳ ବନସ୍ଥଳୀ ॥
ନଦୀତରଙ୍ଗ ପୁଷ୍ପବନ । ପବନଯୋଗେ କମ୍ପମାନ ॥
ଜଳେ ଅଛଇ ପୁଷ୍ପଯେତେ । କମଳ କୁମୁଦ ସହିତେ ॥
ତାହାଙ୍କ ରେଣୁ ଘେନି ବଳେ । ପବନ ବହେ କୁତୂହଳେ ॥
ଏଣୁ ସେ ବୃନ୍ଦାବନ ଦେଶ । ନିଦାଘ ନ କରେ ସ୍ପରଶ ॥
ଘନ ଗହନ ବନଭୂମି । ତେଣୁ ନୁହନ୍ତି ଜୀବେ ଶ୍ରମୀ ॥
ଅତି ଗଭୀର ନଦୀଜଳେ । ଲହରୀ ବାଜି ଉଠେ ବଳେ ॥
ପଙ୍କେ ଦଶଇ ବେନିତଟ । ଭଙ୍ଗ ତରଙ୍ଗେ ଧୂଆଗୁଠ ॥

ପୁଣି ଏ ବନଭୂମି ଦେଶ । ଆଦିତ୍ୟ ନ କରଇ ଗ୍ରାସ ॥
ସ୍ୱଭାବେ କୁସୁମିତ ବନେ । ଚନ୍ଦ୍ର ମୟୂର ପକ୍ଷୀ-ସ୍ୱନେ ॥
କୋକିଳ ସାରସ ନିକର । ଭ୍ରମରଧ୍ୱନି ମନୋହର ॥

( 7 )

## ଯଦୁକୁଳପ୍ରତି ବ୍ରହ୍ମ-ଶାପ (Sk. XI, Ch. II).

ନମଇଁ ନୃସିଂହ-ଚରଣ । ଅନାଦି ପରମ-କାରଣ ॥
ଲୀଳାବିଧୃତ କଳେବର । ଦେବ ମାନବେ ଅଗୋଚର ॥
ମାୟା ସଂସାରେ ଯାର ଲୀଳା । ଯା ନାମ ଭବଜଳେ ଭେଳା ॥
କରୁଣାକଟାକ୍ଷ ପ୍ରକାଶେ । ଭକତଜନ-ଦୁଃଖ ନାଶେ ॥
ସେ ହରିଚରିତ ପ୍ରକାଶେ । ଶ୍ରୀଭାଗବତ ଏକାଦଶେ ॥
ଏ ଭାଗବତ ଧର୍ମକଥା । ହେଲେ ଖଣ୍ଡଇ ଭବବ୍ୟଥା ॥
ନାରଦ ବସୁଦେବ ବାଣୀ । ନିମିରାଜନ ନବ ମୁନି ॥
ଉଦ୍ଧବ-ନିସ୍ତାରଣ ବାଣୀ । ଯାହା କହିଲେ ଚକ୍ରପାଣି ॥
ସେ କଥା ପ୍ରାକୃତେ ପ୍ରକାଶ । ଆରମ୍ଭେ ଜଗନ୍ନାଥ ଦାସ ॥
ବ୍ୟାସନନ୍ଦନ-ମୁଖୁଁ ଶୁଣି । ନିର୍ମଳ ଭାଗବତ-ବାଣୀ ॥
ସାଧୁସଙ୍ଗମେ ଗଙ୍ଗାତୀରେ । ଶୁକଚରଣ ଧରି କରେ ॥
ଆନନ୍ଦେ କରି ଅଶ୍ରୁପାତ । ବୋଇଲେ ଅଭିମନ୍ୟୁସୁତ ॥
ଭୋ ମୁନି ନମେ ତୋ ପୟରେ । ମୋତେ ଉଦ୍ଧର ଏ ସଂସାରେ ॥
କହି ଶ୍ରୀକୃଷ୍ଣ-ଗୁଣମାନ । ପୁଣ କି କଲେ ଭଗବାନ ॥

### ଶ୍ରୀ ବାଦରାୟଣିରୁବାଚ

କହନ୍ତି ବ୍ୟାସଙ୍କ ତନୁଜ । ଶୁଣ ପରୀକ୍ଷ ମହାରାଜ ॥
ଦେବଙ୍କ ବ୍ୟାକୁଳେ ମୁରାରି । ଅଂଶେ ମନୁଷ୍ୟଦେହ ଧରି ॥
ଦୁର୍ଜନ ଦୁଷ୍ଟଗଣ ମାରି । ଅବନୀଭାର ହେଲେ ହରି ॥
ଲାବଣ୍ୟରୂପେ ଜନମୋହି । ପ୍ରାଣିନୟନେ ସୁଖ ଦେଇ ॥
ସେ ରୂପ କରି ଅନ୍ତର୍ଦ୍ଧାନ । ହରିଲେ ପ୍ରାଣୀଙ୍କର ମନ ॥
କୃଷ୍ଣ କୋମଳ ମୃଦୁବାଣୀ । ଯେ ଅବା କର୍ଣ୍ଣେ ଥିଲେ ଶୁଣି ॥
ତେଣେ ତାହାଙ୍କ ଚିତ୍ତ ହରି । ଅନ୍ତର ହୋଇଲେ ମୁରାରି ॥
କୃଷ୍ଣର ପାଦପଦ୍ମ ଚିହ୍ନ । ସୁନ୍ଦର ମନ୍ଥର ଗମନ ॥
ଯେ ଅବା ଦେଖିଥିଲେ ଜନ । ସେ ପାଦପଦ୍ମେ ଦେଇ ମନ ॥
ସେ ରୂପେ ତାଙ୍କ ମନ ହରି । ନିଜଭୁବନେ ବିଜେ କରି ॥
କୁରୁ-ପାଣ୍ଡବ ମଧ୍ୟେ ହରି । ମାୟା କନ୍ଦଳେ ଭେଦ କରି ॥
କପଟପାଶା ବନବାସ । ଆକର୍ଷି ଦ୍ରୌପଦୀର କେଶ ॥

ଭୀମଙ୍କୁ ବିଷଲଡ଼ୁ ଦେଇ । ଜତୁର ଘରେ ଅଗ୍ନି ଦାହି ॥
ଏ ଆଦି ଯେତେ କଷ୍ଟମାନ । ପାଣ୍ଡବେ ଦେଲା ଦୁର୍ଯ୍ୟୋଧନ ॥
ସେ ଅପମାନେ ମାନ ବହି । ସଙ୍ଗତେ ଘେନି ପାଞ୍ଚଭାଇ ॥
ନିମିତ୍ତ କରି ତାଙ୍କୁ ହରି । ଅନେକ ଅକ୍ଷୌହିଣୀ ମାରି ॥
ଭାର ନିବାରି ଭଗବାନ । ଅନ୍ତେ ଚଳିଲେ ନିଜସ୍ଥାନ ॥

### ପରୀକ୍ଷିଦୁବାଚ

ଅଖଣ୍ଡ ନିଜବଂଶ-କୋପେ । କିପାଁ ହରିଲେ ବ୍ରହ୍ମଶାପେ ॥
ଯାହାର ମାୟା ଯୋଗବଳେ । ଈଶ୍ୱର ଖେଳେ ମହୀତଳେ ॥
ସେ ବ୍ରହ୍ମଶାପ ନରହରି । ହେଲେ ପାରଇ ଆନ କରି ॥
ସର୍ବ ସମ୍ପଦ ନିଜପୁରୀ । ମାୟାର ବଳେ ତା ସଂହରି ॥
କଳି-ଭିଆଇ ନିଜବଂଶେ । ସଂହାରି ବିଶ୍ରାମିଲେ ଶେଷେ ॥
ଅନଳ ବନୁଁ ଜାତ ହୋଇ । ଯେହ୍ନେ ଲଭଇ ବନ ଦହି ॥
ଯେ ଯଦୁବଂଶ ମହୀତଳେ । କ୍ଷୟ କୁହନ୍ତି ରିପୁବଳେ ॥
ସେବନ୍ତି ଗୁରୁ-ବିପ୍ରପାଦେ । ଭେଦ କୁହନ୍ତି ବେଦବାଦେ ॥
କିପାଁ ଗୋବିନ୍ଦ ସଂହାରିଲେ । ନିଜଭୁବନେ ବିଜେ କଲେ ॥
କୃଷ୍ଣର ଯଶ ଗୁଣ ଯେତେ । ସଂସାରେ ଶୁଣି ଏକଚିତ୍ତେ ॥
ପାପୀ ତରନ୍ତି ତମ ଘୋର । ଏମନ୍ତ ମହିମା ଯାହାର ॥
ଭୋ ମୁନି କହି ତୋଷମନେ । ଏମନ୍ତେ ରାଜାର ବଚନେ ॥

### ଶୁକ ଉବାଚ

ବୋଲନ୍ତି ବେଦବ୍ୟାସ ସୁତ । ଶୁଣ ହେ କୃଷ୍ଣର ଚରିତ ॥
ଜନମୋହନ ମାୟାଧର । ପ୍ରକାଶି ମାୟା କଳେବର ॥
ନାନା ବିଚିତ୍ର କର୍ମ କରି । କନ୍ଦଲେ ନିଜବଂଶ ମାରି ॥
କାହାର ସାଧ୍ୟ ଏ ବେଭାର । ଶୁଣ ସୁମନେ ନୃପବର ॥
କଳି-କଳୁଷ ନିବାରଣ ସଂସାରେ ସ୍ଥାପି ଯଶ ଗୁଣ ॥
ଏବେ ଗୋବିନ୍ଦ କଲେ ଯେତେ । କହିବା ଶୁଣ ଏକ ଚିତ୍ତେ ॥
ଯାଦବବଳ ନାଶ ଅର୍ଥେ । ଗୋବିନ୍ଦ ବିଚାରିଲେ ଚିତ୍ତେ ॥
ବିପ୍ରେ ଯେ ଥିଲେ ନିଜଦେଶେ । କୃଷ୍ଣର ଦର୍ଶନ-ଲାଳସେ ॥
ବିଶ୍ୱାମିତ୍ରଙ୍କୁ ଆଗ କରି । ଶ୍ରୀ ବାମଦେବ ବ୍ରହ୍ମର୍ଷୀ ॥
ଭୃଗୁ ଅଙ୍ଗିରା ଯେ ଦୁର୍ବାସ । ବଶିଷ୍ଠ ନାରଦ ବିଶେଷ ॥
ମିଳିଲେ ପିଣ୍ଡାରକ ତୀର୍ଥେ । ଶ୍ରମେ ବୁଲନ୍ତି ବନପଥେ ॥
ଏମନ୍ତେ କୃଷ୍ଣର କୁମରେ । ଆନନ୍ଦେ ସମୁଦ୍ର ତୀରେ ॥
ସକଳେ ଏକସ୍ଥାନେ ମିଳି । ରଙ୍ଗେ କରନ୍ତି ନାନାକେଳି ॥

ଶାମ୍ବକୁ ନାରୀବେଶ କରି । ଅନେକ ଅଳଙ୍କାରେ ଭରି ।
ପ୍ରସବଗର୍ଭି ପ୍ରାୟ କରି । ଉଦରେ ଲୌହପାଏ ଭରି ।
ଗ୍ଲେଇ ଚରଣ ମନ୍ଥରେ । ଶ୍ରମେ ଘୂର୍ମିତ କଳେବରେ ।
ମୁନିଙ୍କ ଦେଖି ଲଜ୍ଜପାଇ । ଅନ୍ତରେ ଅଧୋମୁଖ ହୋଇ ।
ରହିଲା ଲତା-ଅଭ୍ୟନ୍ତରେ । ଏମନ୍ତେ କୃଷ୍ଣର କୁମରେ ।
ମୁନିଙ୍କ ପାଶେ ଯାଇ ଧୀରେ । କରଯୁଗଳ ଦେଇ ଶିରେ ।
କୋମଳ ମଧୁର ବଚନେ । ବୋଲନ୍ତି ଶୁଣ ବିପ୍ରଜନେ ।
ଯାଦବବଂଶ ନାରୀ ଏହି । ଅନେକ ଦିନ ଗର୍ଭି ବହି ।
ପ୍ରସବ ନୋହେ କି କାରଣେ । କହିଲୁଁ ତୁମ୍ଭର ଚରଣେ ।
ଲାଜେ ନ ରହେ ତୁମ୍ଭ ଆଗେ । ଚଳି ନ ପାରେ ଶ୍ରମଭାଗେ ।
ତୁମ୍ଭେ ସର୍ବଜ୍ଞଜନ ସାର । କି ଅଛି ଗର୍ଭିରେ ଏହାର ।
ପୁତ୍ର ଦୁହିତା କିବା ଜାତ । ମାୟା ନ କରି କହ ସତ ।
ଶୁଣିଣ ତାଙ୍କର ବଚନ । କୋପେ ବୋଇଲେ ମୁନିଜନ ।
ଏ ନାରୀ ଗର୍ଭିବାସ ବାଣୀ । ଆମ୍ଭେ ଜାଣିଲୁଁ ପରମାଣି ।
ଏହାର ଗର୍ଭେ ଅଛି ବାଳ । କଷ୍ଟର ଲୌହର ମୁଷଳ ।
ଆଜ ଏ ଗର୍ଭି ପ୍ରସବିବ । ତୁମ୍ଭର ବଂଶ ବିନାଶିବ ।
କୁଳସମୂଳେ କରି ନାଶ । ଭୂମିରେ ଯେତେ ଯଦୁବଂଶ ।
ଏମନ୍ତ କହି ଗଲେ ମୁନି । କୃଷ୍ଣକୁମରେ ତାହା ଶୁଣି ।
ବଜ୍ର ପଡ଼ିଲା ଯେହ୍ନେ ମୁଣ୍ଡେ । ଶାମ୍ବକୁ ଘେନ ରାଜଦାଣ୍ଡେ ।
ତକ୍ଷଣେ ଲୌହପାଏ ଫେଇ । ପେଟ ଖୋଜନ୍ତି ହସ୍ତ ଦେଇ ।
କର୍କଶ ପିଙ୍ଗଳ ପିଚ୍ଛଳ । ଦେଖିଲେ ଲୌହର ମୁଷଳ ।
ଗର୍ଭୁ ପଡ଼ିଲା ବଜ୍ରପ୍ରାୟେ । ଦେଖି କମ୍ପିଲେ ମହାଭୟେ ।
ଲୌହମୁଷଳ ତେଜଭରେ । ଚକ୍ଷୁ ବୁଜିଲେ କଳକରେ ।
ବୋଲନ୍ତି କଲୁଁ ମନ୍ଦକର୍ମ । କିବା ବୋଲିବେ କୃଷ୍ଣ ରାମ ।
ଏମନ୍ତେ ଗୋବିନ୍ଦର ସୁତେ । ଲୌହମୁଷଳ ଘେନ ହସ୍ତେ ।
ଉଗ୍ରସେନର ସଭାତଳେ । ମିଳିଲେ ହୃଦୟ ଚଞ୍ଚଳେ ।
ଲୌହମୁଷଳ ତଳେ ଥୋଇ । କହନ୍ତି ସଭାମୁଖ ଚାହିଁ ।
ଆମ୍ଭେ ଯେ କ୍ରୀଡ଼ା କଉତୁକେ । ଖେଳନ୍ତେ ତୀର୍ଥ ପିଣ୍ଡାରକେ ।
ଶାମ୍ବକୁ ନାରୀବେଶ କରି । ଉଦରେ ଲୌହପାଏ ଭରି ।
ମୁନିଙ୍କି ପଚାରିଲୁଁ ଭାବେ । ଏ ଗର୍ଭି-ପ୍ରସବ-ପ୍ରସ୍ତାବେ ।
ଶୁଣି କୋପିଲେ ମୁନି ଭ୍ରମେ । ବନ-ଗହନ-ପଥଶ୍ରମେ ।
ବୋଇଲେ ଗର୍ଭେ ଅଛି ବାଳ । କଷ୍ଟର ଲୌହର ମୁଷଳ ।
ଭୂମିରେ ଯଦୁବଂଶ ଯେତେ । ଏ ଲୌହେ ମରିବେ ସମସ୍ତେ ।
ନାଶ କରିବ ଯଦୁକୁଳ । ଏ ଜାତ ଲୌହର ମୁଷଳ ।

ତକ୍ଷଣେ ଗର୍ଭ ଫେଡ଼ି ଦେଖି । ଭୟେ ବୁଜିଲୁଁ ଆମ୍ଭେ ଆଖି ॥
ଏମନ୍ତେ କହି ସଭାମଧ୍ୟେ । କୁମରେ ବସିଲେ ବିଷାଦେ ॥
ଶୁଣି ସକଳ ପୁରଜନେ । କହନ୍ତି ଦୁଃଖିତବଦନେ ॥
ନିଷ୍ଠୁର ବିପ୍ର-କୋପାନଳ । ଦହିବ ଭୁବନମଣ୍ଡଳ ॥
କେ ତାହା ଅନ୍ୟଥା କରିବ । ବ୍ରହ୍ମା ଶଙ୍କର ବାସୁଦେବ ॥
ଶୁଣି ବିଷାଦ ସଭାଜନ । ବଦନୁ ନ ସ୍ଫୁରେ ବଚନ ॥
ତା ଦେଖି ରାଜା ଉଗ୍ରସେନ । ଭୀମକୁ ବୋଲଇ ବଚନ ॥
ଏ ଲୋହ ଗିରିଶିଖେ ନେଇ । ଘଷ ସମୁଦ୍ରଜଳ ଦେଇ ॥
ବିଶେଷ କରି ଲୋହ ଘଷ । ଯେମନ୍ତ ନ ରହଇ ଶେଷ ॥
ତକ୍ଷଣେ ରାଜା ଆଜ୍ଞା ପାଇ । ମୂଷଳ ଘେନି ବେଗେ ଯାଇ ॥
ପର୍ବତେ ସମୁଦ୍ରର ଜଳେ । ଲୌହ ଘଷିଲେ ଭୁଜବଳେ ॥
ଘଷନ୍ତେ ଲୋହଚୂର୍ଣ୍ଣ ହୋଇ । ପଡ଼ନ୍ତି ସମୁଦ୍ରରେ ଯାଇଁ ॥
ଅନେକ ଦିନ ଘଷି ରୋଷେ । ଅଳପ ରହେ ଅବଶେଷେ ॥
ଅଙ୍ଗୁଳି ଛାଡ଼େ ଘରଷଣେ । ନିଷ୍ଠୁର ନିଃଶେଷ କରଣେ ॥
ଲୋହ ପଡ଼ନ୍ତେ ଘୋର ପାଣି । ଆହାର ପ୍ରାୟ ତାହା ମଣି ॥
ମୀନ ଗିଳିଲା ଅତି ବେଗେ । ସେ ମୀନ ମତ୍ସ୍ୟଗଣ ସଙ୍ଗେ ॥
ଚରନ୍ତେ ସମୁଦ୍ରର କୂଳେ । ଜାଲେ ପଡ଼ିଲା ରାତ୍ରିକାଳେ ॥
ଧୀବର ନେଇ ମୀନ ଏକା । ଜରା ଶବରେ ଦେଲା ଦେଖା ॥
ମୀନ କାଟନ୍ତେ ତାର ଘରେ । ଲୋହ ଦେଖିଲା ତା ଉଦରେ ॥
କର୍କଶ ପିଙ୍ଗଳ ପ୍ରଚଣ୍ଡ । ଜଳଇ ଯେସନେ ମାରତଣ୍ଡ ॥
ଦେଖି ଶବର ତୋଷ ହୋଇ । ନାରାଚ କଲା ତାହା ନେଇ ॥
ବାଣର ମୂଳେ ତୀକ୍ଷ୍ଣ ଫଳ । ତେଜେ କି ଜଳଇ ଅନଳ ॥
ଯେ ଲୋହଚୂର୍ଣ୍ଣ ପଡ଼ିଥିଲା । ସମୁଦ୍ରଜଳରେ ଭାସିଲା ॥
ତୀରେ ଲାଗନ୍ତେ ଲୋହଚୂର୍ଣ୍ଣ । ଜନ୍ମିଲା ଏରକାର ବନ ॥
ତୀକ୍ଷ୍ଣ ତ୍ରିଶିର ସେ ସ୍ୱଭାବେ । ଯେଣେ ଯାଦବେ ନାଶ ଯିବେ ॥
ଯେ କାଳରୂପୀ ଭଗବାନ । ଜାଣଇ ସକଳ ବିଧାନ ॥
ଖେଳଇ ମାୟାମୟକଳ୍ପେ । ସେ ପ୍ରଭୁ ତରେ ବ୍ରହ୍ମଶାପେ ॥
କୁଳ ବିନାଶ ହେତୁ କରି । ଅବନୀଭାର ହେଲେ ହରି ॥
ନିଜଭୁବନେ ଅବଧାନ । ନିର୍ଲେପ ପ୍ରଭୁ ଭଗବାନ ॥
ବୋଲଇ ବିପ୍ର ଜଗନ୍ନାଥ । ଶ୍ରୀ ଏକାଦଶେ ଭାଗବତ ॥
ଜାହ୍ନବୀତୀରେ ରାଜା ଆଗେ । ଶୁକ କହିଲେ ବ୍ରହ୍ମଭାଗେ ॥
ସଂସାର-ତାରଣ ଏ ବାଣୀ । ସୁଜନେ ତର ଏହା ଶୁଣି ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ବିପ୍ରଶାପକଥନଂ ନାମ ପ୍ରଥମୋଽଧ୍ୟାୟଃ

( ୪ )

### ବସୁଦେବଙ୍କ ଘରେ ନାରଦଙ୍କ ପ୍ରବେଶ (Sk. XI, Ch. II).

ଶ୍ରୀ ଶୁକ ଉବାଚ

ଶୁଣ ପରୀକ୍ଷ ମନସ୍ଥିରେ । ଅଦ୍ଭୁତ ଦ୍ୱାରକା ନଗରେ ॥
ଗୋବିନ୍ଦ ଭୁଜଦଣ୍ଡବଳେ । ଯାଦବେ ଥାନ୍ତି ସୁଖଭୋଳେ ॥
ବାସବଆଦି ଦେବଗଣେ । ଯହିଁ ସେବନ୍ତି ଅନୁକ୍ଷଣେ ॥
ଯହିଁ ନାରଦ ଥାନ୍ତି ନିତି । କୃଷ୍ଣମହିମା ଭାବି ଚିନ୍ତି ॥
ମର୍ତ୍ତ୍ୟେ ମନୁଷ୍ୟ ଦେହ ଧରି । କେ କୃଷ୍ଣଭାବ ପରିହରି ॥
ଭବ ବିରଞ୍ଚି ଯାର ନିତ୍ୟେ । ପାଦ ସେବନ୍ତି ହୃଦଗତେ ॥
ନାରଦମୁନି ଦିନକରେ । ମିଳିଲେ ବସୁଦେବ-ଘରେ ॥
ନାରଦ-ଆଗମନ-ଭାବ । ଦେଖି ମିଳିଲେ ବସୁଦେବ ॥
ପବିତ୍ରଜଳେ ପାଦ ଧୋଇ । ଆସନେ ବସାଇଲେ ନେଇ ॥
ଚରଣେ କରି ନମସ୍କାର । ଭାବେ ବୋଇଲେ ଯଦୁବୀର ॥

ବସୁଦେବ ଉବାଚ

ଧନ୍ୟ ଜୀବନ ଆଜ ମୋର । ଦେଖିଲି ଚରଣ ତୁମ୍ଭର ॥
ତୁମ୍ଭେ ଯେ ଲୋକପରିତ୍ରାଣେ । ବ୍ରହ୍ମାଣ୍ଡେ ଭ୍ରମ ଅନୁକ୍ଷଣେ ॥
ପିତା-ମାତାଙ୍କ ଆଗମନ । ପୁତ୍ରଙ୍କୁ କଲ୍ୟାଣ ଯେସନ ॥
ବିଷ୍ଣୁଭକତ ଜନ ଦେଖି । ନିର୍ମଳ ହୁଏ ଚର୍ମଆଖି ॥
ଜନ୍ତୁଙ୍କୁ ଦେବଙ୍କ ଚରିତ । ସାଧଇ ଦୁଃଖସୁଖ ଅର୍ଥ ॥
ସେ ଦେବଚରିତ-ପ୍ରସାଦ । ସାଧୁଙ୍କୁ ନ କରେ ବିଷାଦ ॥
ଯେଣୁ ଭକତଜନ ନିତ୍ୟେ । ଭାବେ ଭଜନ୍ତି ପ୍ରାଣୀହିତେ ॥
ମନୁଷ୍ୟେ ସୁଖଭୋଗ ଚିନ୍ତି । ନାନାଦି ଦେବତା ପୂଜନ୍ତି ॥
ଦେବେ ତାହାଙ୍କ ଉପକାରେ । ଭଜନ୍ତି ଭକ୍ତି ଅନୁସାରେ ॥
ସ୍ୱଭାବେ ଦେବେ ଛାୟାରିତ । ବସନ୍ତି କର୍ମର ଆୟତ୍ତ ॥
ତେଣୁ ସେ କର୍ମ ଅନୁସାରେ । ପ୍ରାଣୀଙ୍କି ତୋଷୁଥାନ୍ତି ବରେ ॥
ଫଳଇ କର୍ମ ଅନୁମତେ । ପ୍ରାଣୀ ଭୁଞ୍ଜନ୍ତି ଏ ଜଗତେ ॥
ବିଷ୍ଣୁ-ଭକତ ପ୍ରାଣୀଙ୍କର । ଜଗତେ ନାହିଁ ଆତ୍ମ ପର ॥
ଦୟା କରନ୍ତି ସବଲୋକେ । ଦିନ ହରନ୍ତି ଦୁଃଖ ସୁଖେ ॥
ଆଜ ମୁଁ ଦେଖି ତୁମ୍ଭ ପାଦ । ଲଭିଲି ସକଳ ସମ୍ପଦ ॥
ତଥାପି ବୈଷ୍ଣବର ଧର୍ମ । ବିଷ୍ଣୁ ଅର୍ପିତ ଯେତେ କର୍ମ ॥
ଏହା ଶୁଣିବି ଇଚ୍ଛା ମୋର । ପୁଚ୍ଛଇଁ କହ ଧର୍ମସାର ॥
ଯାହାର କଥନ ଶ୍ରବଣ । ଜନ୍ମ-ମରଣ-ନିବାରଣ ॥
ପୂର୍ବେ ମୁଁ ତପ ଯୋଗବଳେ । ସେବିଲି ବିଷ୍ଣୁ-ପାଦତଳେ ॥

ବିଷ୍ଣୁ ଯାଚିଲେ ମୋତେ ବର । ମୋର ଅଦୃଷ୍ଟ ବଳୀୟାର ॥
ମୋକ୍ଷ ନ ମାଗି ପୁତ୍ର-ଆଶେ । ପଡ଼ିଲି ମୋହଜଡ଼ପାଶେ ॥
ଏବେ ଉପାୟ ତୁମ୍ଭେ କର । ଯେମନ୍ତେ ତୁଟେ ଭ୍ରମ ମୋର ॥
ବସୁଦେବର ବାକ୍ୟ ଶୁଣି । ମନଆନନ୍ଦେ ବ୍ରହ୍ମମୁନି ॥

( ୭ )

## ନିମି ଓ ନବ ବିପ୍ର-ସଂବାଦ (Sk. XI, Ch. II).

### ନାରଦ ଉବାଚ

ବୋଲନ୍ତି ଧନ୍ୟ ଯଦୁବୀର । ଧନ୍ୟ ଏ ବଚନ ତୋହର ॥
ତୋ ଚିତ୍ତ ଭାଗବତଧର୍ମେ । କଲ୍ପିଲା ପୂର୍ବ ପୁଣ୍ୟ-କର୍ମେ ॥
ଶୁଣ ଏ ଧର୍ମର ମହିମା । କେ କହିପାରେ ଗୁଣସୀମା ॥
ଯେବେ ଶ୍ରବଣେ ଏହା ଶୁଣି । ମନ ବଚନେ ପରମାଣି ॥
ଯଦ୍ୟପି ଗୁରୁ ବିପ୍ରଦ୍ରୋହୀ । ତହୁଁ ପତିତ ଯେବେ ହୋଇ ॥
ତାର ଶ୍ରବଣେ ଯେବେ ପଶେ । ସର୍ବ କଳୁଷ ଦେହୁଁ ନାଶେ ॥
ଧନ୍ୟ ଯାଦବ ତୋ ଜୀବନ । କୃଷ୍ଣରେ ନିବେଶିଲୁ ମନ ॥
କୃଷ୍ଣର ଶ୍ରବଣ କୀର୍ତ୍ତନ । ଅଶେଷ ଦୁରିତ ଦହନ ॥
କହିବା ଶୁଣ ସାବଧାନେ । ଯେ ଇତିହାସ ପୁରାତନେ ॥
ପୂର୍ବେ ହୋ ବିଦେହମଣ୍ଡଳେ । ନିମିରାଜାର ଯଜ୍ଞକାଳେ ॥
ଦିବ୍ୟ ପୁରୁଷ ନବଋଷି । ମିଳିଲେ ଯଜ୍ଞଶାଳେ ଆସି ॥
ସେ ନବଋଷି ମହାଜନ । ଶୁଣ ହୋ ତାହାଙ୍କ ବିଧାନ ॥
ବ୍ରହ୍ମାର ଶରୀରୁଁ ସମ୍ଭବ । ଯେ ମନୁ ନାମ ସ୍ୱାୟମ୍ଭୁବ ॥
ତାର ତନୟ ପ୍ରିୟବ୍ରତ । ସୁଗୁଣ ସାଧୁ ଶୁଚିମନ୍ତ ॥
ପ୍ରିୟବ୍ରତର ପୁତ୍ର ଦୁଇ । ଅଗ୍ନିଧ୍ର ଅଗ୍ନିବାହୁ ହୋଇ ॥
ଅଗ୍ନିଧ୍ର ସୁତ ନାଭି ନାମ । ସୁନ୍ଦର ସର୍ବଗୁଣଧାମ ॥
ଋଷଭ ତାହାର କୁମର । ସେ ବିଷ୍ଣୁ ଅଂଶେ ଅବତାର ॥
ତାର ମହିମା ଗୁଣ ଯେତେ । ଅନ୍ତ କେ କରିବ ଜଗତେ ॥
ଅଶେଷ ମହିମା ତାହାର । ଭରତ ତାହାର କୁମର ॥
ଶତେକ ପୁତ୍ରେ ଜ୍ୟେଷ୍ଠ ସେହି । ତା ପରେ ଊନଶତ ଭାଇ ॥
ସକଳେ ବେଦବିଦ୍ୟ ଶୂର । ପବିତ୍ର ପୁଣ୍ୟ କଳେବର ॥
ଭରତ ଥାଇ ପୁଣ୍ୟକାମେ । ଭାରତଭୂମି ଯାର ନାମେ ॥
ଭବନେ ରାଜଭୋଗ ଭୁଞ୍ଜି । ବନେ ପଶିଲା ରାଜ୍ୟ ତେଜି ॥
ତପେ ତୋଷିଲା ଭାବଗ୍ରାହୀ । ଜାତିସ୍ମର ସେ ଜାତ ହୋଇ ॥
ଏମନ୍ତେ ତିନି ଜନ୍ମ ଅନ୍ତେ । ପଶିଲା କୃଷ୍ଣ ପାଦଗତେ ॥
ଅଶେଷ ଦୁଃଖ ନାଶ ଗଲା । ଜନ୍ମ ମରଣ ପାସୋରିଲା ॥

ଆଉ ଯେ ଉନଶତ ଭାଇ । ତାଙ୍କ ମହିମା ଶୁଣ ଗୁହି ॥
ତାହାଙ୍କ ମଧ୍ୟେ ନବ ସୁତ । ସାଧୁ ସୁଗୁଣ ଶୁଚିମନ୍ତ ॥
ହୋଇଲେ ନବଦ୍ୱୀପେ ରାଜା । ସୁଖେ ପାଳିଲେ ଜନ ପ୍ରଜା ॥
ଏକ ଅଧିକ ଅଶୀ ସୁତେ । ବେଦ ଅଭ୍ୟାସି ଦୃଢ଼ଚିତ୍ତେ ॥
ତପେ ଆରାଧି ନାରାୟଣ । ଜଗତେ ହୋଇଲେ ବ୍ରାହ୍ମଣ ॥
ଶେଷେ ଯେ ନବ ସୁତେ ଥିଲେ । ନିର୍ଗୁଣ ଯୋଗ ଅଭ୍ୟାସିଲେ ॥
ସେ ଅଧିଜ୍ଞାନୀ ସାଧୁ ଧୀର । ଜଟା ବିଭୂତି ଦିଗମ୍ବର ॥
ମିତ୍ର ଅରିପକ୍ଷ ସମ । ଶୁଣ ହେ ତାହାଙ୍କର ନାମ ॥
ସେ କବି ହବି ଅନ୍ତରୀକ୍ଷ । ଏ ତିନି ଜ୍ଞାନୀ ଧ୍ୟାନେ ଦକ୍ଷ ॥
ପ୍ରବୁଦ୍ଧ ସୁପିପ୍ପଳାୟନ । ଷଷ୍ଠରେ ଆବିର୍ହୋତ୍ର ନାମ ॥
ଦ୍ରୁବିଡ଼ ଚମସ ଏ ଦୁଇ । କରଭାଜନ ନବଭାଇ ॥
ତାହାଙ୍କ ମନ କୃଷ୍ଣଦେହେ । କପଟେ ଥାନ୍ତି ଏକସ୍ନେହେ ॥
ଦେଖନ୍ତି ସର୍ବଜୀବ ଦେହେ ! ଏକା ଗୋବିନ୍ଦ ଭିନ୍ନ ନୁହେ ॥
ହୋଇଣ ଅବ୍ୟାହତ ଗତି । ଏମନ୍ତେ ନବବିପ୍ରେ ଥାନ୍ତି ॥
ସିଦ୍ଧ ଗନ୍ଧର୍ବ ସୁରମେଳେ । ଯକ୍ଷ ରାକ୍ଷସ ରସାତଳେ ॥
ଏ ଆଦି ନାନା ଦେଶ ପୁରେ । ଭ୍ରମନ୍ତି ନବ ସହୋଦରେ ॥
ଶିବ ସୁରଭିଲୋକେ ଥାନ୍ତି । ବ୍ରାହ୍ମଣ-ଭୁବନେ ପଶନ୍ତି ॥
ଯଜ୍ଞଶାଳକୁ ଆଗମନ । କରନ୍ତେ ନବ ମୁନିଗଣ ॥
ସମ୍ଭ୍ରମେ ତେଜିଣ ଆସନ । ଉଭା ହୋଇଲା ଯଜମାନ ॥
ଦେଖିଲା ଦିବ୍ୟ ତେଜୋମୟେ । ରବି ଶଶାଙ୍କ ସମ ନୁହେ ॥
ଅଗ୍ନି ଯେ କୁଣ୍ଡମଧ୍ୟେ ଥିଲା । ବିପ୍ରଙ୍କ ସଙ୍ଗତେ ଉଠିଲା ॥
ଆନନ୍ଦମନେ ନୃପବର । ପଡ଼ିଲା ମୁନିଙ୍କ ପୟର ॥
ପ୍ରଣାମ କରି ତାଙ୍କ ପାଦେ । ଆସନେ ବସାଇ ଆନନ୍ଦେ ॥

ନିମିରୁବାଚ

କରଯୁଗଳ ଶିରେ ଦେଇ । ବୋଲନ୍ତି ନିସ୍ତରିଲି ମୁହିଁ ॥
ତୁମ୍ଭ ଚରଣଯୁଗ ଦେଖି । ନିର୍ମଳ କଲି ଚର୍ମ ଆଖି ॥
ତୁମ୍ଭେ ଯେ ନବ ବିପ୍ରବର । ନିଶ୍ଚେ କୃଷ୍ଣଙ୍କ ଅନୁଚର ॥
ସଂସାରେ ତୁମ୍ଭର ଭ୍ରମଣ । ଅଶେଷ ଜନ ପରିତ୍ରାଣ ॥
ଏ ଯେ ମନୁଷ୍ୟ-କଳେବର । ଦୁଲଭ କ୍ଷଣିକ ଭଙ୍ଗୁର ॥
ତଥାପି ମନୁଷ୍ୟ-ଶରୀରେ । ଯେ ଭଜେ ଗୋବିନ୍ଦ-ପୟରେ ॥
ତାହାଙ୍କୁ ଭଜନ୍ତି ଯେ ପ୍ରାଣୀ । ତରନ୍ତି ଭବତରଙ୍ଗିଣୀ ॥
କ୍ଷଣେ ନିମେଷେ ଲବେ ଲେଶେ । ଯେବେ ସେ ସାଧୁଜନପାଶେ ॥
ଚିତ୍ତେ ଚିନ୍ତଇ ବିଷ୍ଣୁଭାବ । ତାହାକୁ ବୋଲି ନିଧିଲାଭ ॥

ସେ ଲଭି ଭୁମୃର ବଚନ । ମୁଁ ଯେବେ ଶୁଣି ତା ଭାଜନ ॥
ଯେ ଧର୍ମ ଆଚରିଲେ ପ୍ରାଣୀ । ନିଶ୍ଚେ ଲଭନ୍ତି ଚକ୍ରପାଣି ॥
ସେ ହରି ତାଙ୍କ ବଶେ ଥାଇ । ଏ ମାୟା ତାଙ୍କୁ ନ ଲାଗଇ ॥
ଏମନ୍ତେ ନିମି-ବାକ୍ୟ ଶୁଣି । ବୋଲନ୍ତି ନବ ମହାମୁନି ॥
ଶୁଣ ହେ ରାଜା ଏକଚିତ୍ତେ । ଯାହା କହିବୁଁ ଭାଗବତେ ॥

କବିରୁବାଚ

କବି ବୋଲନ୍ତି ରାୟେ ଶୁଣ । ଯେ ଧର୍ମେ ଚିତ୍ତ ମୋ ନିର୍ଗୁଣ ॥
ନାନାପ୍ରକାରେ ହରିପାଦେ । ଯାହାର ଚିତ୍ତ ଅପ୍ରମାଦେ ॥
ଭଜଇ ଜାଣି ବିଷ୍ଣୁମାୟା । ସେ ହରି ତାକୁ କରେ ଦୟା ॥
ବିଷ୍ଣୁର ଅଭୟ-ଚରଣ । ମଙ୍ଗଳ କୁଶଳ କଲ୍ୟାଣ ॥
ଅଶେଷ ଦୁଃଖ ନାଶ କରେ । ନିତ୍ୟେ ଯେ ବିଷ୍ଣୁନାମ ଧରେ ॥
ଦେହ ସମ୍ପଦ ଦାର ସୁତ । ଏଥେଁ ମୋହିତ ଯାର ଚିତ୍ତ ॥
କାମସଂକଳ୍ପ ଦିନେ ଦିନେ । ବଢ଼ଇ ବିଷୟ ଚିନ୍ତନେ ॥
ମାୟାରେ ମନ ଅଗୋଚର । ଭ୍ରମଇ ଅଶେଷ ପ୍ରକାର ॥
ବିଷ୍ଣୁର ଅଭୟ-ଚରଣ । ଅଶେଷ ମଙ୍ଗଳ-କାରଣ ॥
ହରିଚରଣ-ସେବାଅର୍ଥେ । ଯେବା ଉପାୟ ବେଦପଥେ ॥
ଭାବ ଅଭାବ ମନେ ଗୁଣି । ମୂର୍ଖେ ତରନ୍ତି ତାହା ଶୁଣି ॥
ଏ ଭାଗବତ-ଧର୍ମସାର । ଏ ଧର୍ମେ ଲଭି ଚକ୍ରଧର ॥
ଏଣେ ଯେ ବନ୍ଦେ କୃଷ୍ଣପାଦ । ତାହାଙ୍କୁ ନ ପଡ଼େ ପ୍ରମାଦ ॥
ହୃଦେ ଗୋବିନ୍ଦ ପାଦ ଧ୍ୟାୟି । ନୟନ ବୁଜି ଯେବେ ଧାଇଁ ॥
ପଥ ନ ଜାଣି ଯେବେ ଛୁଟେ । ସେ ପ୍ରାଣୀ କେବେହେଁ ନ ପଡ଼େ ॥
ବେଦ ବଚନ ଧର୍ମଶାସ୍ତ୍ର । ଏ ବେନି ବିପ୍ରଙ୍କର ନେତ୍ର ।
ଏକ ନ ଥିଲେ କଣା ହୋଇ । ଦୁଇ ଅଭାବେ ଅନ୍ଧ ସେହି ॥
ଏମନ୍ତ ବିପ୍ର ଯେବେ ଚିନ୍ତେ । ଦୃଢ଼େ ଭାବଇ ହୃଦଗତେ ॥
ତାହାର ଅମଙ୍ଗଳ ନାହିଁ । ସକଳ ପାପୁଁ ସେ ତରଇ ॥
ଏ ଧର୍ମ ଭାଗବତ-ମତ । ଈଶ୍ୱର-ବଚନ-ନିର୍ମିତ ॥
ଏହା ଯେ ନ କରନ୍ତି ପ୍ରାଣୀ । ଧର୍ମେ ସଂଶୟ ମନେ ଗୁଣି ॥
ମନ ବଚନ ଦେହେ ଚିନ୍ତି । ଯେ ଅନ୍ୟ ଧର୍ମ ଆଚରନ୍ତି ॥
ଜୀବର ସ୍ୱଧର୍ମ ଏ ଭାବ । ହରି ଚରଣେ ସମର୍ପିବ ॥
ଏ ଭାଗବତ-ଧର୍ମ-ଗୁଣ । ଈଶ୍ୱର-ବଚନ ପ୍ରମାଣ ॥
ଏଣେ ସକଳ ଜ୍ଞାନ ପାଇ । ଅଜ୍ଞାନତମ କ୍ଷୟ ଯାଇ ॥
ଶୁଣ ବିଦେହ-ମହୀପତି । ଯେ ହରି ଭାବ ନ ଜାଣନ୍ତି ॥
ନାନାପ୍ରକାର ତପ କରେ । ସେ ପ୍ରାଣୀ ସଂସାରୁ ନ ତରେ ॥

ହରି-ବିମୁଖ ପ୍ରାଣୀ ଯେତେ । ସେ ଥାନ୍ତି ପଶୁଙ୍କ ସଙ୍ଗତେ ॥
ତାହାଙ୍କୁ ମୋହେ ବିଷ୍ଣୁ-ମାୟା । ବିଷୟରସେ ବଢ଼େ ସ୍ନେହା ॥
ଦେହକୁ ବସ୍ତୁ ପ୍ରାୟ ମଣି । ବଇରୀ ମିତ୍ର ନ ପ୍ରମାଣି ॥
ଭ୍ରମଇ ଶୋକ-ମୋହ-ପଥେ । ଅଜ୍ଞାନ-ଭ୍ରମ-ବୁଦ୍ଧି ଗ୍ରସ୍ତେ ॥
ତେଣୁ ସଂସାର-ମୋହେ ପଡ଼ି । ଦୁଃଖ-ସଙ୍କଟେ ଥାନ୍ତି ଜଡ଼ି ॥
ଯାର ମାୟାରେ ଏତେ ଗତି । ଏ ଭାବ ବୁଧଜନେ ଚିନ୍ତି ॥
କୃଷ୍ଣ ଭଜନ୍ତି ଏକମନେ । ନିର୍ମଳ ଧର୍ମ-ଆତ୍ମଜ୍ଞାନେ ॥
ମନେ ଭାବନ୍ତି ଜ୍ଞାନଲାଭେ । ଯେସନେ ଗୁରୁ-ଶିଷ୍ୟ-ଭାବେ ॥
ଜୀବ-ଅଜ୍ଞାନଭାବ ଦେଖ । ଦୁଃଖକୁ ମଣେ ମହାସୁଖ ॥
ଯେସନେ ସ୍ୱପ୍ନ ମନୋରଥେ । ଭ୍ରମଇଁ ନିଦ୍ରାର ଆୟତ୍ତେ ॥
ମଣଇ ସତ୍ୟପ୍ରାୟେ ତାହା । ନିଦ୍ରାବୋଧନେ ସର୍ବ ମାୟା ॥
ଏ ମନ କୃଷ୍ଣପାଦେ ଦେଲେ । ଏ ମାୟା ନ ଲାଗଇ ଭଲେ ॥
ଦୁର୍ଗମ ପଥ ଏ ଭଜନ । ଭୟେ ଭାଜିଲେ ଯୋଗୀଜନ ॥
ଏବେ କହିବା ଶୁଣ ରାୟ । ଯେ ହରି-ଭଜନ-ଉପାୟ ॥
କୃଷ୍ଣର ଜନ୍ମ-କର୍ମ ଯେତେ । ନାନା ଚରିତ ଏ ଜଗତେ ॥
ଶ୍ରବଣେ ସ୍ମରଣେ ମଙ୍ଗଳ । ତାରଇ ଭୁବନମଣ୍ଡଳ ॥
ସେ ନାମଭାବେ ଚିତ୍ତ ଜଡ଼ି । ହୃଦରୁ ଲାଜ ଭୟ ଛାଡ଼ି ॥
ଉଚ୍ଚେ ଡାକିବ ନାମ ଗୁଣ । ଶୁଭିବ ସକଳ ଶ୍ରବଣ ॥
ଆନନ୍ଦେ ତୋଳି ବେନିକର । କଣ୍ଠଗର୍ଜ୍ଜନ ଉଚ୍ଚୈଃସ୍ୱର ॥
ଉନ୍ମତ୍ତ ପ୍ରାୟେ ନୃତ୍ୟ କରେ । ଲୋକ ବେଭାର ପରିହରେ ॥
ଗଗନ ସମୀରଣ ଜ୍ୟୋତି । ଯେ ଅବା ସଲିଳ ଧରିତ୍ରୀ ॥
ନଦୀ ସରିତ ତରୁଗଣ । ପର୍ବତ ସ୍ଥାବର ଜଙ୍ଗମ ॥
ଏ ସବୁ କୃଷ୍ଣଙ୍କ ଶରୀର । ଜନ୍ତୁଙ୍କ ବାହ୍ୟ ଅଭ୍ୟନ୍ତର ॥
ନିଶ୍ଚୟ ଜାଣି ଦୃଢ଼ଚିତ୍ତେ । ପ୍ରଣାମ କରୁଥିବ ନିତ୍ୟେ ॥
ଅମୃତ ବିନୟ ବଚନ । କହି ତୋଷିବ ପ୍ରାଣୀମନ ॥
ଏ ଭାବେ ଲଭେ କୃଷ୍ଣପାଦ । ହରଇ ବିଷୟ-ବିଷାଦ ॥
ଏ ଭାବେ ପୂର୍ବ ତପଫଳେ । ଜନ୍ମଇ ଭାରତମଣ୍ଡଳେ ॥
ନିର୍ମଳ ଜ୍ଞାନ ହୃଦଗତେ । ଯେବେ ଚିନ୍ତଇ ଏକଚିତ୍ତେ ॥
ଦୁର୍ଲ୍ଲଭ କର୍ମ ଏ ବଚନ । ଯେ କରେ ଶ୍ରବଣ କୀର୍ତ୍ତନ ॥
ଅନେକ ଜନ୍ମେ ଏହା ସାଧି । ନିଗମବାକ୍ୟ ଏ ପ୍ରସିଦ୍ଧି ॥
ଶୁଣ ହେ ରାଜା ମନ ଦେଇ । ଉତ୍ତମ ଶିଷ୍ୟେ ଏହା କହି ॥
ଭକତିଯୋଗ ପ୍ରାଣୀଙ୍କର । ଶ୍ରବଣ-କୀର୍ତ୍ତନ-ଗୋଚର ॥
ଏଣେ ହେ ତତ୍ତ୍ୱଜ୍ଞାନେ ସ୍ମରେ । ବିଷୟ-ରସ ନ ସୁମରେ ॥
ବଢ଼ଇ ଦିନେ ଦିନେ ଜ୍ଞାନ । ଜନ୍ତୁକୁ ଭୋଜନ ଯେସନ ॥

ଅନ୍ନ-ଭୋଜନେ ପ୍ରତିଗ୍ରାସ । କ୍ଷୁଧା ପିପାସା ହୁଏ ନାଶ ॥
ସନ୍ତୋଷେ ତୁଷ୍ଟି ପୁଷ୍ଟି ଲଭେ । ନିତ୍ୟ ଆନନ୍ଦ ସୁଖ ଲଭେ ॥
କୃଷ୍ଣ ଭଜନ ଏହିମତେ । ଜ୍ଞାନୀ ସାଧନ୍ତି ଏ ଜଗତେ ॥
ଜନ୍ମଇ ବିଷୟବୈରାଗ୍ୟ । ମାୟାଜଡ଼ିତ ସୁଖ ତ୍ୟାଗ ॥
ଅଜ୍ଞାନ ହରେ ଦିବ୍ୟଜ୍ଞାନେ । ଏ ଅନୁଭବ ଅଭ୍ୟାସନେ ॥
ଆନନ୍ଦ-ରସ ପାଇ ନିତି । ଚିତ୍ତେ ପ୍ରବେଶ ହୁଏ ଶାନ୍ତି ॥
ଶାନ୍ତି ଭଜଇ ସୁଖଭରେ । ତୃଷ୍ଣାୟତାପରୁ ନିସ୍ତରେ ॥
ଏମନ୍ତ କବିର ବଚନ । ଶୁଣି ବିଦେହ ତୋଷମନ ॥
ସୁଖ ସଂକଳ୍ପେ କୃତକୃତ୍ୟ । କହଇ ବିପ୍ର ଜଗନ୍ନାଥ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ନିମିନବଯୋଗସଂବାଦେ
ନାମ ଦ୍ୱିତୀୟୋଽଧ୍ୟାୟଃ

( 10 )

Sk. XI, Ch. III. (Same subject continued).

ରାଜୋବାଚ

ଏମନ୍ତେ ବିଦେହ-ରାଜନ । ମନେ ବିଚାରି ତତ୍ତ୍ୱଜ୍ଞାନ ॥
ଆନନ୍ଦେ ଶିରେ କର ଦେଇ । ବୋଲନ୍ତି ନିସ୍ତରିଲି ମୁହିଁ ॥
ତୁମ୍ଭେ ନିର୍ମଳ ମୁନିଗଣ । କହ ହେ ଭକତ-ଲକ୍ଷଣ ॥
କିରୂପେ ଭ୍ରମନ୍ତି ଜଗତେ । କୃଷ୍ଣଭଜନ ଅନୁମତେ ॥
କିବା କହନ୍ତି ବାକ୍ୟସାର । କି ଧର୍ମ କରନ୍ତି ଆଚାର ॥
ତାହାଙ୍କୁ ଜାଣିମା କେମନ୍ତେ । କହ ସୁଦୟା ଯେବେ ମୋତେ ॥

ହବିରୁବାଚ

ହବି ବୋଲନ୍ତି ତାହା ଶୁଣି । ଶୁଣ ବିଦେହ-ନୃପମଣି ॥
କୃଷ୍ଣ-ଭଜନ ଏ ସଂସାରେ । ପ୍ରଚରେ ତ୍ରିବିଧ ପ୍ରକାରେ ॥
ଉତ୍ତମ ମଧ୍ୟମ ପ୍ରାକୃତ । ଯାହାର ଲକ୍ଷଣ ଯେମନ୍ତ ॥
ତାହା କହିବା ଶୁଣ ଏବେ । ରାଜନ ପଚାରିଲୁ ଯେବେ ॥
ସକଳ ଦେହେ ନାରାୟଣ । ବସନ୍ତି ଅନାଦି-କାରଣ ॥
ସେ ନାରାୟଣ ଦେହେ ଯେତେ । ବସନ୍ତି ଭାବ ଅନୁମତେ ॥
ଏ ଭାବେ ଦୃଢ଼ ଯାର ମନ । ସେ ପ୍ରାଣୀ ଭକତ ଉତ୍ତମ ॥
ଜନ୍ମ-ମରଣେ ଯାର ମନ । ନ ମଣେ କ୍ରିୟା-ଅଭିମାନ ॥
ସ୍ୱଜାତି, କୁଳ, ଧର୍ମ, ବର୍ଣ୍ଣ । ଏ ଅହଙ୍କାରେ ନୋହେ ଛନ୍ନ ॥
ଉତ୍ତମ ଲକ୍ଷଣ ତା ଜାଣି । ଭକତମଧ୍ୟେ ପରମାଣି ॥
ଯାହାର ସୁତ, ବିତ୍ତ ; ଦେହେ । ପରମ ଆତ୍ମ୍ୟ ବୁଦ୍ଧି ହୁଏ ॥

ସକଳ ଜୀବେ ସମ ବୁଦ୍ଧି । ଉତ୍ତମଭାବେ ଏ ପ୍ରସିଦ୍ଧି ॥
କେବେହେଁ ନୁହେ ଜ୍ଞାନଭ୍ରମ । ସେ ପ୍ରାଣୀ ନାରାୟଣ ସମ ॥
ସିଦ୍ଧ ଯୋଗୀନ୍ଦ୍ର ମୁନିଗଣେ । ଚିନ୍ତନ୍ତି ଯେ ହରି-ଚରଣେ ॥
ଭବ ବିରିଞ୍ଚି ଯାର ପାଦେ । ଧ୍ୟାନେ ଭଜନ୍ତି ଅପ୍ରମାଦେ ॥
ସେ ପ୍ରଭୁ ପାଦ ନିତ୍ୟେ ଚିନ୍ତି । ଲବ ନିମିଷେ ନ ଛାଡ଼ନ୍ତି ॥
ନୁହନ୍ତି ମାୟାରେ ମୋହିତ । ସେ ପ୍ରାଣୀ ମହାଭାଗ୍ୟବନ୍ତ ॥
ବିଷ୍ଣୁ ଭକତେ ସେ ପ୍ରଧାନ । ତା ଦେଖି ନିସ୍ତରନ୍ତି ଜନ ॥
କୃଷ୍ଣର ପାଦ-ନଖପନ୍ତି । ଚନ୍ଦ୍ରକିରଣ ପ୍ରାୟ ଜ୍ୟୋତି ॥
ସେ ଯାର ହୃଦରେ ପ୍ରକାଶେ । ଅଶେଷ ଘୋର ଦୁଃଖ ନାଶେ ॥
ମଧ୍ୟମଭାବ ଏବେ ଶୁଣ । ଯେବେ ଅର୍ଚ୍ଚଇ ନାରାୟଣ ॥
ହରିର ପାଦେ ସେବା କରେ । ଭକ୍ତିସମ୍ମତ ବୁଦ୍ଧି ଧରେ ॥
ସଂସାର ମଧ୍ୟେ ଯେତେ ଜନ । ସମସ୍ତ ହୃଦେ ଭଗବାନ ॥
ସତ ଅସତ କର୍ମ କରେ । ଏ ଭାବେ ହେତୁ ନ ବିଚାରେ ॥
ସ୍ୱପ୍ରିୟ ଆନନ୍ଦ ପ୍ରମାଣେ । ଅସତମୂର୍ଖ ବୋଲି ଜାଣେ ॥
ସ୍ୱପ୍ରଜ୍ଞାଭାବେ ଦୟା କରେ । ଅହଂ ପଣ୍ଡିତ ହେତୁ ଧରେ ॥
ଯେ ପ୍ରିୟାପ୍ରିୟ ଶତ୍ରୁମିତ୍ର । ଏ ସର୍ବ କୃଷ୍ଣ ଏ ସର୍ବତ୍ର ॥
ଏଣେ ନ ହୋଇ ଅହଂକାରୀ । ମନରେ ଦୋଷ ଗୁଣ ଧରି ॥
ମାତ୍ର ନ ଧରେ ଗୁଣଦୋଷ । ଘେନ ଆପଣା ଶ୍ରେଷ୍ଠ ଅଂଶ ॥
କର୍ମ କରଇ ବିଧିମତେ । ଫଳ-ଆକାଂକ୍ଷା କରି ଚିତ୍ତେ ॥
ପଢ଼େ କହଇ ଦୁଇମତ । ଆପଣା ନାହିଁ ସେ କର୍ତ୍ତୃତ୍ୱ ॥
ପ୍ରତିଷ୍ଠା-ଗୁଣେ କରେ ଶ୍ରମ । ଏଣୁ ସେ ବୋଲାଇ ମଧ୍ୟମ ॥
ପ୍ରାକୃତଭାବ ଏବେ ଶୁଣ । ଯେବେ ପୂଜଇ ନାରାୟଣ ॥
କେବଳ ଲୌକିକର ମତେ । ଶ୍ରଦ୍ଧା ନ ଥାଇ ଅନ୍ତର୍ଗତେ ॥
ନ ସେବେ ବିଷ୍ଣୁର ଭକତ । ଇତର ଦେଖେ ସର୍ବମତ ॥
ମନରେ ଅହଂକାର ଭରି ! ଦଣ୍ଡେ ବିଚାରେ ଭକ୍ତିକରି ॥
ଏହା ପ୍ରକୃତବୋଲି କହି । ତଥାପି ଭକ୍ତ ସେ ବୋଲାଇ ॥
ଏଣୁ ଯେ ଯେତେ ଭାବେ ଭଜେ । ହରି ତା ହୃଦୟ ନ ତେଜେ ॥
ଚିତ୍ତେ ଚିନ୍ତିଲେ କ୍ଷଣମାତ୍ର । ହରଇ ଅଶେଷ ଦୁରିତ ॥
ସେ ହରିପାଦ ହୃଦେ ଧରି । ଭକତ ଦୁସ୍ତରୁ ନିସ୍ତରି ॥
ଶୁଣ ବିଦେହ-ମହୀପତି । ବିବିଧ ବୈଷ୍ଣବଙ୍କ ରୀତି ॥
ଏକାଦଶରେ କୃଷ୍ଣରସ । କହିଲା ଜଗନ୍ନାଥ ଦାସ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ତ୍ରିବିଧ-ବୈଷ୍ଣବକଥନଂ
ନାମ ତୃତୀୟୋଽଧ୍ୟାୟଃ

( 10 )

Sk. XI, Ch. IV. (Same subject continued).

ନମିରୁବାଚ

ବୋଲନ୍ତି ନମି ପୁଣ୍ୟଦେହା । ଜଗନ୍ମୋହନୀ ବିଷ୍ଣୁମାୟା ॥
ଏରୂପେ ସଂସାରେ ପ୍ରଚରେ । ପ୍ରାଣୀ କେମନ୍ତେ ତହୁଁ ତରେ ॥
ଗୋବିନ୍ଦ-କଥା ସୁଧାପାନ । ଶୁଣି ସନ୍ତୋଷ ନୁହେ ମନ ॥
ବିଷ୍ଣୁମାୟାରେ ମୁହିଁ ଭ୍ରମି । ଜନ୍ମ-ମରଣ-ପଥଶ୍ରମୀ ॥
ତାପେ ତାପିତ ମୋର ଦେହ । ଅମୃତ-ପାନ ମୋତେ ଦିଅ ॥
ହରି-କଥନେ ମୋତେ ରଖ । ତା ଶୁଣି ବୋଲେ ଅନ୍ତରୀକ୍ଷ ॥

ଅନ୍ତରୀକ୍ଷ ଉବାଚ

ଶୁଣ ରାଜନ ଶୁଦ୍ଧଚେତା । ଯେ ବିଷ୍ଣୁ-ମାୟାର ବ୍ୟବସ୍ଥା ॥
କେ ଜାଣିପାରେ ତା ସଂସାରେ । ଶୁଣ କହିବା ତୋ ଗୋଚରେ ॥
ଅନାଦି ପୁରୁଷ ଅନନ୍ତ । ଯେମନ୍ତ ସୃଜିଲ ଜଗତ ॥
ନିର୍ଲେପ ପ୍ରଭୁ ଭଗବାନ । ମାୟାର ପରମକାରଣ ॥
ସଂସାରେ କ୍ରୀଡ଼ା-ଇଚ୍ଛା କରି । ଭାବେ ଈଶ୍ୱର-ରୂପ ଧରି ॥
ଈଶ୍ୱର-ତେଜ ଅନ୍ତରାଳ । ତକ୍ଷଣେ ଉପୁଜିଲ କାଳ ॥
କାଳଶକ୍ତିରୁ ଆତ୍ମା ଜାତ । ସେ ନୁହେ ବିଷ୍ଣୁ ମାୟାଗ୍ରସ୍ତ ॥
ଆତ୍ମା ସମୀପେ ଆଶ୍ରା କରି ॥ ଜୀବ ଉପୁଜେ ମାୟା ଧରି ॥
ସେ ଜୀବ ଈଶ୍ୱର-ଆୟତ୍ତ । ତ୍ରିଗୁଣ ମାୟାରେ ଜନ୍ମିତ ॥
ଏ ଜୀବ ମାୟା ଦେହେ ଥାଇ । ପ୍ରକୃତିରୂପେ ସମ୍ଭବଇ ॥
ସେ ପୁଣ ମାୟା ମୋହ ଆଦି । ଜଗତ-କାରଣ ପ୍ରସିଦ୍ଧି ॥
ସେ ମାୟା ଜୀବକୁ ଅନାଇ । ଈଶ୍ୱରବଶେ କ୍ଷୋଭ ପାଇ ॥
ଯେସନେ ନୀରବିମ୍ବ ଜଳେ । ରୂପ ପ୍ରକାଶେ ବାୟୁବଳେ ॥
ସେରୂପ ବିରାଟ ପୁରୁଷ । ଈଶ୍ୱର ମାୟାରେ ପ୍ରବେଶ ॥
ତାହାର ମଧ୍ୟେ ଲିଙ୍ଗରୂପେ । ଜୀବ ଭ୍ରମଇ ମାୟାକଳ୍ପେ ॥
ଜୀବ ବିଷୟ-ଭୋଗ ଅର୍ଥେ । ନାନା ପ୍ରପଞ୍ଚେ ଏ ଜଗତେ ॥
ସୃଷ୍ଟି କରଇ ଭଗବାନ । ଯେ ମାୟା ପ୍ରକାରେ ପ୍ରଧାନ ॥
ପ୍ରବେଶ ହୁଏ ତାର ମଧ୍ୟେ । ବେଦ-ବିଧାନ ଅନୁବାଦେ ॥
ବସଇ ଜୀବର ସମୀପେ । ନିର୍ଲେପ ଅନ୍ତର୍ଯ୍ୟାମୀରୂପେ ॥
ଜୀବକୁ ଭୁଞ୍ଜାଇ ଭୁଞ୍ଜଇ । ଅନ୍ତରେ ସାକ୍ଷୀରୂପେ ଥାଇ ॥
କରେ କରାଇ ସର୍ବ କର୍ମ । ଯେ ବେଦ-ବିହି ନିଜ ଧର୍ମ ॥
ସଙ୍ଗ ନୁହଇ କର୍ମଫଳେ । ନଳିନୀଦଳ ଯେସନେ ଜଳେ ॥
ଜୀବ ଈଶ୍ୱରେ ବଶ ହୋଇ । ଇନ୍ଦ୍ରିୟ ଅର୍ଥେ ଭୋଗ ପାଇ ॥
ଦେହକୁ କରେ ଅହଙ୍କାର । ବୋଲଇ ସର୍ବକର୍ମ ମୋର ॥

ଏଣୁ ଏ ଈଶ୍ୱର ଅଧୀନେ । ପଡ଼ିଲ ଶରୀର ବନ୍ଧନେ ॥
ବୋଲଇ କରୁଅଛୁ ମୁହିଁ । ମୋଠାରୁ କର୍ତ୍ତା ଭିନ୍ନ ନାହିଁ ॥
ଦେହ-ବନ୍ଧନେ ହୋଇ ଭ୍ରମ । କରଇ ନାନାମତେ କର୍ମ ॥
ଦେହ-ସଂଯୋଗେ କର୍ମ ଯେନ । ଜନ୍ମ ଲଭଇ ନାନା ଯୋନ ॥
ଅଶେଷ ଦେହ କର୍ମେ ଭଜେ । ଦୁର୍ଗମ ଦୁଃଖ ସୁଖ ଭୁଞ୍ଜେ ॥
ଯାବତ ମାୟା ନୁହେ ହତ । ତାବତ ଦୁଃଖ ସୁଖେ ଗ୍ରସ୍ତ ॥
ଭବ-ସଙ୍କଟେ ଏହିମତେ । ଭ୍ରମଇ ଦୁଃଖ-ସୁଖପଥେ ॥
ଏ ବସ୍ତୁ ମାୟାର ବିଧାନ । ଶୁଣ ହେ ବିଦେହ-ରାଜନ ॥
ଯେ ନିରାକାର ଆଦିକନ୍ଦ । ନିର୍ଗୁଣ ନିତ୍ୟ ସୁଖାନନ୍ଦ ॥
ପ୍ରଳୟକାଳେ ତେଜୋରାଶି । ବେଗେ ବ୍ରହ୍ମାଣ୍ଡ ମଧ୍ୟେ ପଶି ॥
ଅନାଦିନିଧନ ସେ ହରି । ସୃଷ୍ଟି-ପ୍ରଳୟ-ଅଧିକାରୀ ॥
ଶତବରଷ ବେଦମତେ । ଜଳ ନ ବରଷେ ଜଗତେ ॥
ଦ୍ୱାଦଶ ସୂର୍ଯ୍ୟ ଶୂନ୍ୟେ ରହେ । ତିନ ଭୁବନ ତେଜେ ଦହେ ॥
ଅନନ୍ତମୁଖୁଁ ଅଗ୍ନି ଜାତ । ଦହଇ ପାତାଳ ସମେତ ॥
ଦହନ-ଅନ୍ତେ ମେଘମାଳ । ମିଳନ୍ତି ଗଗନମଣ୍ଡଳ ॥
ସମ୍ବର୍ତ୍ତ ନାମ ସେ ବହନ୍ତି । ଶତବରଷ ବରଷନ୍ତି ॥
ଧାରା ବରଷେ ଘୋରବାୟେ । ପ୍ରମାଣ ହସ୍ତୀଶୁଣ୍ଡପ୍ରାୟେ ॥
ଜଳ ବଢ଼ିଲେ ସୃଷ୍ଟି ନାଶ । ତା ଦେଖି ବିରାଟପୁରୁଷ ॥
ତକ୍ଷଣେ ଛାଡ଼ି ତ୍ରିଭୁବନ । ବ୍ରହ୍ମ-ଶରୀରେ ହୁଏ ଲୀନ ॥
ଭୂତବିକାର ପଞ୍ଚଗୁଣ । ତ୍ରିଗୁଣ ଅହଙ୍କାର ପୁଣ ॥
ମହତ ଦେହେ ବିଶ୍ରାମଇ । ପ୍ରଳୟ ନ ପାରଇ ସହି ॥
ସେ ପୁଣି ମାୟା-ଅବସାନ । ପ୍ରକୃତି-ଦେହେ ହୁଏ ଲୀନ ॥
ପ୍ରକୃତି ପ୍ରଳୟର ଶେଷେ । ମିଳେ ପରମଆତ୍ମା-ପାଶେ ॥
ଏ ମାୟା ଜଗତମୋହିନୀ । ଖେଳଇ ଜୀବଆତ୍ମା ଯେନି ॥
ଏ ବସ୍ତୁ ମାୟାର ଭିଆଣ । ସୃଷ୍ଟି, ପାଳନ, ସଂହାରଣ ॥
ଏମନ୍ତେ ଅନ୍ତରୀକ୍ଷ ବାଣୀ । ନିମି ବୋଲଇ ତାହା ଶୁଣି ॥

ନିମିରୁବାଚ

ଦୁର୍ବୋଧ ଈଶ୍ୱରର ମାୟା । ମୂଢ଼ କେମନ୍ତେ ଜାଣେ ତାହା ॥
ସେ ମାୟା ନିସ୍ତାର କେମନ୍ତେ । ଉପାୟ ଥିଲେ କହ ମୋତେ ॥

ପ୍ରବୁଦ୍ଧ ଉବାଚ

ପ୍ରବୁଦ୍ଧ ବୋଲେ ଶୁଣ ରାୟ । କହିବା ଯେ ଅବା ଉପାୟ ॥
ଦୁଃଖ ବିନାଶେ ସୁଖ ପାଇ । ଭୁଞ୍ଜେ ଅଖଣ୍ଡ ତନୁ ବହି ॥

ଏମନ୍ତେ ଥାଇ ଗୃହବାସେ । କର୍ମ କରଇ ଫଳଆଶେ ॥
କାମିନୀ ସଙ୍ଗେ କରେ ଭାବ । କେବଳ ଦୁଃଖମାତ୍ର ଲଭ ॥
ମରଣ-ପଥ-ହେତୁ ଧନ । ତାର ଅର୍ଜ୍ଜନେ ନିତ୍ୟ ମନ ॥
ଅନେକ ଦୁଃଖେ ତା ସଞ୍ଚଇ । ନିଶି ଦିବସେ ମନ ଦେଇ ॥
ନିରତେ ହୃଦୟ ନିର୍ଦ୍ଦୟ । ଏଣୁଟି ଧନ ଦୁଃଖମୟ ॥
ଦୁଃଖେ ସଞ୍ଚିତ ଯେତେ ଧନ । ସେ ନୁହେ ସୁଖେ ପ୍ରୟୋଜନ ॥
ସୁତ, ତନୟ, ଦାରା, ଦାସ । ଏ ସବୁ ବିଜୁଳି ପ୍ରକାଶ ॥
ଏହାଙ୍କ ସ୍ନେହେ ବନ୍ଦୀ ହୋଇ । ପୋଷଇ ଦୁଃଖଭାର ବହି ॥
ଏ ପୁଣି ଯାନ୍ତି କର୍ମପଥେ । ଶୋକ-ସନ୍ତାପ ଦେଇ ଚିତ୍ତେ ॥
ଏହାଙ୍କ ସଙ୍ଗେ ଲଭ ଏହି । ଏ ଭାବ ମୂଢ଼ ନ ଜାଣଇ ॥
ଉଭୟ କୁଳ କରେ ନାଶ । ଏହି କାରଣେ ଗୃହବାସ ॥
ଗୃହୀ ସ୍ୱଭାବେ ପୁଣ୍ୟ କରି । ସ୍ୱର୍ଗେ ବସନ୍ତି ଦେହ ଧରି ॥
ଭୁଞ୍ଜନ୍ତି ନିଜ କର୍ମଫଳ । ସେ ପୁଣି ନୁହନ୍ତି ନିଶ୍ଚଳ ॥
କ୍ରମଶେ ଭୋଗ କ୍ଷୀଣ ହୋଇ । କର୍ମ ସରିଲେ ଭୋଗ କାହିଁ ॥
ପୁଣି ପଡ଼ନ୍ତି ଘୋରତମେ । ଗତ ଆଗତ ପଥଶ୍ରମେ ॥
ଏ କଥା ବୁଝି ଗୁରୁପାଦେ । ଆଶ୍ରା କରିବ ଅପ୍ରମାଦେ ॥
ଉତ୍ତମ ଗୁରୁ ଆଶ୍ରା କରି । ଗୁରୁ-ବଚନ ଶିରେ ଧରି ॥
ଯେ ଗୁରୁ ଜାଣେ ବେଦତତ୍ତ୍ୱ । ନିର୍ଗୁଣ ଆତ୍ମାଜ୍ଞାନେ ରତ ॥
ସମଦରଶୀ ନିଷ୍ଠାପର । ତପ-କର୍ଷଣ ସହେ ଧୀର ॥
ନିରତେ ଥାଇ ପରହିତେ । ଈଶ୍ୱର-ମାୟା ଜାଣି ଚିତ୍ତେ ॥
ଏମନ୍ତ ଗୁରୁପାଦେ ଭକ୍ତ । ହିଂସା କପଟ ଦୂରେ ତେଜ ॥
ସେବା କରିବ ଦୃଢ଼ଚିତ୍ତେ । ଯେଗୁରୁ ଶିଷ୍ୟ ଭାବମତେ ॥
ପ୍ରଥମେ ବିଷୟ-ଅସଙ୍ଗୀ । ପ୍ରେମପୁଲକେ ତନୁଭଙ୍ଗୀ ॥
ମନ ନ ଥିବ ଅନ୍ୟ ସଙ୍ଗେ । ଚିତ୍ତ ନିବେଶି ଗୁରୁଅଙ୍ଗେ ॥
ସାଧୁ ସଙ୍ଗତେ ଥିବ ନିତ୍ୟେ । ଜନ୍ତୁଙ୍କୁ ଦୟା ହୃଦଗତେ ॥
ନିରତେ ପ୍ରେମ ମିତ୍ରଭାବ । ଏ ଆଦି ଯତନେ ସାଧିବ ॥
ଶଉଚ-ତପ-ଦୟା-ଗୁଣ । ମଉନ-ବେଦ-ଅଭ୍ୟାସନ ॥
କପଟତ୍ୟାଗ ଶମ ଦମ । ଏ ଆଦି ବ୍ରହ୍ମଚର୍ଯ୍ୟ କର୍ମ ॥
ଜଗତ ବିଷ୍ଣୁ-ଭାବେ ଚହିଁ । ଉଦାସମତେ ଦେହ ବହି ॥
ନିର୍ଲ୍ଲୋଭେ ସବୁ ସଙ୍ଗେ ଥିବ । ସ୍ୱଭାବ କର୍ମହିଁ କରିବ ॥
ଗୃହ ଆରମ୍ଭି ଗୃହୀମେଳେ । ନ ପଶି ରହିବ ମାରେଲେ ॥
କର୍ମେ ଈଶ୍ୱର ଯାହା ଦେବ । ସେ ଭାବେ ଉଦର ପୋଷିବ ॥
ପରମଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ ॥
ଅନ୍ୟ ଶାସ୍ତ୍ରର ଗୁଣ-ଦୋଷ । ମୁଖେ ନ କରିବ ପ୍ରକାଶ ॥

ମନ ବଚନ ଯେତଣେ ଦମି । ସେ ଶାସ୍ତ୍ରେ ହେଉଥିବ ଶ୍ରମୀ ।
ସତ୍ୟ କହିବ ନତ୍ୟ ଗୁଣ୍ରେ । କେବେହେଁ ନ ଥିବ ପାଷଣ୍ତ୍ରେ ।
କୃଷ୍ଣର ଜନ୍ମ କର୍ମ ଗୁଣ । କରତେ ଗାୟନ ଶ୍ରବଣ ।
ଦେହ ସ୍ୱଭାବେ କରି କର୍ମ । ବେଦ-ବଚନ-କୁଳଧର୍ମ ।
ସକଳ କୃଷ୍ଣେ ସମର୍ପିବ । ନଷ୍କାମ ଚତ୍ତେ ସୁଖେ ଥିବ ।
ସ୍ୱଧର୍ମେ କରି ଯଜ୍ଞ ଦାନ । ଯେ ବସ୍ତୁ ପରମ ଆତ୍ମନ ।
ଯେ ଅବା ସୁତ ଦାରା ଧନ । କୃଷ୍ଣେ କରିବ ସମର୍ପଣ ।
ସର୍ବ ସମ୍ପଦ କୃଷ୍ଣେ ଦେଇ । ଉଦାସୀମତେ ଦେହ ବହି ।
ଯତ୍ନ କରିବ ଦୃଢ଼ବନ୍ଧେ । କୃଷ୍ଣ ସନ୍ତୋଷ ଭାବ ଶ୍ରଦ୍ଧେ ।
ଗୁରୁ-ବଚନ ଶିରେ ଧରି । ସୁସାଧୁ ସଙ୍ଗ ସେବା କରି ।
କୃଷ୍ଣର କଥା ଅନ୍ୟୋଅନ୍ୟେ । କରତେ ଶ୍ରବଣ-କଥନେ ।
ସେବା କରିବ ବିଷ୍ଣୁଜନେ । ପବିତ୍ର ବନୟ ବଚନେ ।
କୃଷ୍ଣ-ଚରିତ ସାଧୁଜନେ । ଶ୍ରବଣ ସ୍ମରଣ ପ୍ରସନ୍ନେ ।
ନର୍ମଳ କୃଷ୍ଣର ଚରିତ । ଯେ ନାମେ ଜଗତ ପବିତ୍ର ।
କ୍ଷଣେ ବଞ୍ଚଇ ଅନୁବାଦେ । ବିଷ୍ଣୁ-ଭକତ ଜନ୍ମେ ହୃଦେ ।
କଣ୍ଠ-କୁଣ୍ଠିତ ଜଡ଼ମତ । ଦେହ ପୁଲକେ ରୋମପନ୍ତ ।
ଚତ୍ତେ ଗୋବନ୍ଦ ଗୁଣ ସ୍ମରେ । ରୋଦନ କରେ ଉଚ୍ଚୈଃସ୍ୱରେ ।
କ୍ଷଣେ ହସଇ କ୍ଷଣେ ନାଚେ । ଘନଗର୍ଜନ କରେ ଉଚ୍ଚେ ।
କ୍ଷଣକେ ଗାଏ ଗୁଣଗାଥା । ହୁଙ୍କାରେ ଅଲୌକକ କଥା ।
କ୍ଷଣକେ ହରିଗୁଣ ଗୁଣି । ଚକ୍ଷୁ ସଂହାରି ହୋଏ ତୁନି ।
ଏ ନାନା ଧର୍ମଭାବ ଶିକ୍ଷା । ଗୁରୁ-ସେବନେ ପାଇ ଦୀକ୍ଷା ।
ନଶ୍ଚଳ ଚତ୍ତେ କୃଷ୍ଣପାଦେ । ଭକତ ଲଭେ ଅପ୍ରମାଦେ ।
ସେ ନାରାୟଣ ପରାୟଣ । ଏମନ୍ତେ ଅବଦ୍ୟା ହରଣ ।
ଏମନ୍ତେ ଶୁଣି କୃଷ୍ଣରସ । ନମି ମନରେ ହୋଇ ତୋଷ ।
ବୋଲଇ ମୁନଗଣ ତହିଁ । ଆନନ୍ଦେ ଶିରେ କର ଦେଇ ।
ଅନାଦ ପ୍ରଭୁ ନାରାୟଣ । ସଂସାର ପରମ କାରଣ ।
ଏକ ଅନେକ ରୂପ ଧରି । ପୁରାଣ ପୁରୁଷ ମୁରାରି ।
ତୁମ୍ଭେ ଯେ ମୋତେ ଦୟାବହି । ସେ ନାରାୟଣ ରୂପ କହ ।
ଦେଖି ରାଜାର ସାଧୁପଣ । ପିପ୍ପଲାୟନ ବୋଲେ ଶୁଣ ।

### ପିପ୍ପଲାୟନ ଉବାଚ

ସେ ନାରାୟଣ-ବର୍ଣ୍ଣ-ଚିହ୍ନ । କହି ପାରିବ କେଉଁଜନ ।
ଯା ମାୟା ସଂସାର କାରଣ । ସୃଷ୍ଟି-ପାଳନ-ସଂହାରଣ ।
ହେତୁ ଅହେତୁ ସେ ବୋଲାଇ । ସ୍ୱପ୍ନ ଜାଗ୍ରତେ ଭେଦ ନୋହି ।

ସୁଷୁପ୍ତି ବୋଧହିଁ ନ ଜାଣି । ବାହ୍ୟ ଅନ୍ତର ପରମାଣି ॥
ଦେହ ଇନ୍ଦ୍ରିୟ ପଞ୍ଚପ୍ରାଣ । ଏ ଆଦି ଅନ୍ତର କାରଣ ॥
ତେଣେ ବିଷୟ ସଞ୍ଚରନ୍ତି । ଯାହାର ଆଶ୍ରୟେ ଜୀଅନ୍ତି ॥
ବ୍ରହ୍ମାଣ୍ଡ କୋଟି କୋଟିମାନେ । ଘଟନ କରେ ନିଜଗାନେ ॥
ଭୂତ ଭବିଷ୍ୟ ବର୍ତ୍ତମାନ । ସର୍ଜଇ କରି ଅନୁମାନ ॥
ସମ୍ପୂର୍ଣ୍ଣେ ସର୍ବଜୀବେ ବସେ । କାହାର ସଙ୍ଗତେ ନ ମିଶେ ॥
ମନ ବଚନ ଯାର ଦେହେ । ପଶି ନ ପାରନ୍ତି ଉପାୟେ ॥
ନୟନେ ଯାହା ନ ଦେଖଇ । ଇନ୍ଦ୍ରିୟଗଣେ ଭେଦ କାହିଁ ॥
ଆବର ମନ ବୁଦ୍ଧି ପ୍ରାଣ । ଯାହାର ଦେହେ ହୋନ୍ତି ଲୀନ ॥
ସେ ପୁଣି ନ ପାରନ୍ତି ଚିହ୍ନି । ଅନେକ ଦୂରେ ସେ ରହନ୍ତି ॥
ଅଗ୍ନି-କଣିକା ତେଜବଳେ । ଯେହ୍ନେ ଉଡ଼ଇ ଅନ୍ତରାଳେ ॥
ପବନେ ଦଶଦଗେ ଯାନ୍ତି । ପୁଣି ଅନଳେ ନ ପଶନ୍ତି ॥
କୋଟି ବ୍ରହ୍ମାଣ୍ଡ ଏହି ମତେ । ଯାହାର ଦେହେ ହୋନ୍ତି ନିତ୍ୟେ ॥
ଏମନ୍ତେ ମହିମା ଯାହାର । ତାହାଙ୍କୁ କେ କରେ ଗୋଚର ॥
ଶବଦ ବ୍ରହ୍ମ ଥାଇ ଦୂରେ । ସେ ପୁଣି ବୁଦ୍ଧି ଅନୁସାରେ ॥
ନାନା ପ୍ରପଞ୍ଚ ଏ ଜଗତେ । ବିଧି-ନିଷେଧ ଜ୍ଞାନପଥେ ॥
ଜଗତେ ଭ୍ରମାଇ ଭ୍ରମଇ । ସେ ତାକୁ ତତ୍ତ୍ୱେ ନ ଜାଣଇ ॥
ପ୍ରଥମେ ଏକ ବ୍ରହ୍ମ ଥିଲା । ଦ୍ୱିତୀୟେ ପ୍ରକୃତି ହୋଇଲା ॥
ପ୍ରକୃତି ତହୁଁ ପୁତ୍ର ଜାତ । ଯାହାକୁ ବୋଲି ଜ୍ଞାନତତ୍ତ୍ୱ ॥
ତାର ସମୀପେ ଜୀବ ଜାତ । ସେ ଜୀବ କର୍ମର ଆୟତ୍ତ ॥
ସେ ବ୍ରହ୍ମ ଥାଇ ଏକତ୍ୱରେ । ମାୟାରେ ନାନାଶକ୍ତି ଧରେ ॥
ଖେଳଇ ନାନାରୂପ ଧରି । ସୁଖ ଆନନ୍ଦେ ମୋଦ ଭରି ॥
ତୁ ଯେବେ ବୋଲୁ ବ୍ରହ୍ମ ଏକ । ସେ ପୁଣି ପ୍ରକାଶେ ଅନେକ ॥
କ୍ରୀଡ଼ାର ଅନ୍ତେ ସର୍ବ ନାଶେ । କେବଳ ରହେ ଅବଶେଷେ ॥
କିପାଁ ନୁହଇ ବ୍ରହ୍ମବଧ । ଆଗମ-ନିଗମ-ପ୍ରମାଦ ॥
ଏମନ୍ତ କରୁ ଯେବେ ମନେ । ଶୁଣ କହିବା ସାବଧାନେ ॥
ନିତ୍ୟ ନିର୍ଗୁଣ ଭଗବାନ । ସେ ନୁହେ ଆଦି ଅବସାନ ॥
ଯାହାର କ୍ଷୟ ବୃଦ୍ଧି ନାହିଁ । ଅଳପ ବହୁତ ନୁହଇ ॥
ଯେ ନିତ୍ୟ ଏକରୂପେ ଥାଇ । ଆଧି ଉପାଧି ଯାର ନାହିଁ ॥
ନିତ୍ୟ ଆନନ୍ଦମୟ ସାକ୍ଷୀ । ସଂସାରେ ଏତେ ମାତ୍ର ଲେଖି ॥
ମନର କଳ୍ପନା ଜଗତ । ଯେରୂପ ଦେଖି ନାନାମତ ॥
କୀଟ ପତଙ୍ଗ ତରୁ ତୃଣେ । ବସଇ ଶରୀର ପ୍ରମାଣେ ॥
ସମେ ବସଇ ସର୍ବଦେହେ । ସ୍ଥୂଳ ନୟନେ ଭେଦ ନୋହେ ॥
ଏ ରୂପେ ବ୍ରହ୍ମ ପରମାଣି । ଯାହା ନୟନେ ଦେଖି ପୁଣି ॥

ମନେ ଗୋଚର କରୁ ଯେତେ । ସତ୍ୟ ନୁହନ୍ତି ଏ ସମସ୍ତେ ॥
ସେ ନାରାୟଣ ପଦ୍ମପାଦ । ହରଇ ବିଷୟ-ବିଷାଦ ॥
ସେ ପାଦ ଯାକୁ ଦୟା କରେ । ଭକ୍ତି ଜନ୍ମଇ ତା ହୃଦରେ ॥
ଘୋର କଲୁଷ ଦେହୁ ନାଶେ । ନିର୍ମଳ ହୃଦୟ ପ୍ରକାଶେ ॥
ଦର୍ପଣେ ପ୍ରତିବିମ୍ବ ଯେହ୍ନେ । ବ୍ରହ୍ମ ପ୍ରକାଶେ ତାର ମନେ ॥
ଏମନ୍ତରୂପ ଭଗବାନ । ତୁ ଏବେ ଶୁଦ୍ଧମନେ ଶୁଣ ॥
ଏ କଥା ସାଧୁ ମୁଖୁ ଶୁଣି । ରାଜା ଯେ ମନେ ପରମାଣି ॥
ନିମି ଯେ ଶୋକ ଗଦଗଦେ । ଆନନ୍ଦେ ନମି ମୁନିପାଦେ ॥

ନିମିରୁବାଚ

ବୋଲଇ ଶିରେ ଦେଇ କର । କୋମଳ ବଚନ ଗମ୍ଭୀର ॥
ହେ ମୁନି କହ କର୍ମଯୋଗ । ଯେଣେ ଖଣ୍ଡଇ ଭବରୋଗ ॥
ଯେ କର୍ମେ ସର୍ବକର୍ମ ନାଶେ । ପରମବ୍ରହ୍ମ ପରକାଶେ ॥
ଜୀବ ନିସ୍ତରେ ଯାହା କରି । ଅନ୍ତେ ଲଭଇ ନରହରି ॥
ସେ ଯୋଗ କହ ମୁନିଗଣେ । ନମଇଁ ତୁମ୍ଭର ଚରଣେ ॥
ଏ କଥା ପିତାଙ୍କୁ ମୁଁ ପୂର୍ବେ । ସ୍ନେହେ ପୁଛିଲି ପୁତ୍ରଭାବେ ॥
ସେ ମୋତେ ନ ଦେଲେ ଉତ୍ତର । ଏବେ ସୁଦୟା ତୁମ୍ଭେ କର ॥
ଆବିରହୋତ୍ର ତାହା ଶୁଣି । ବୋଲଇ ଶୁଣ ନୃପମଣି ॥

ଆବିର୍ହୋତ୍ର ଉବାଚ

ଯେ କର୍ମ ଅକର୍ମ ବିକର୍ମ । ଏ ତିନ କହନ୍ତି ନିଗମ ॥
ଈଶ୍ୱର-ବାକ୍ୟେ ଗୃହି ବେଦ । ବ୍ରହ୍ମା ଶଙ୍କରେ ନୁହେ ଭେଦ ॥
ଏଣେ ମୋହିତ ସର୍ବଜନ । ନ ବୁଝି ବେଦର ବଚନ ॥
ମରମମୁଖେ ଧର୍ମ କହେ । ଯେହ୍ନେ ପୁତ୍ରକୁ ବାପ ମାଏ ॥
ଔଷଧ କଟୁ ତିକ୍ତ ଆଣି । କହନ୍ତି ନାନା ଗୃଟୁବାଣୀ ॥
ମଧୁର ବସ୍ତୁ ଥୋଇ ତଳେ । ଲୋଭେ ଭୁଞ୍ଜାନ୍ତି ତାକୁ ବଳେ ॥
ତେଣୁ ହରଇ ତାର ରୋଗ । ଆନନ୍ଦେ କରେ ସୁଖଭୋଗ ॥
ବେଦବଚନ ଏହି ମତେ । ଯାହା କହନ୍ତି ଏ ଜଗତେ ॥
କହନ୍ତି ନାନା ମତେ ବାଣୀ । କର୍ମର ଫଳ ପରମାଣି ॥
ଯେ ଫଳଲୋଭେ କରେ କର୍ମ । କର୍ମେ ତା ହୁଏ ମତିଭ୍ରମ ॥
ଏହାକୁ କର୍ମ ବୋଲି ଜାଣ । ଏ ଧର୍ମ ନିଗମ-ପ୍ରମାଣ ॥
ଯେ ନ କରଇ ବେଦବାଣୀ । ନାନାପ୍ରକାରେ ଧର୍ମ ଶୁଣି ॥
କରନ୍ତି ମୂର୍ଖବାକ୍ୟେ ରତି । ସେ ନର ନରକେ ପଡ଼ନ୍ତି ॥
ଏହା ଅକର୍ମ ବୋଲି ଜାଣି । ବିକର୍ମ ଶୁଣ ନୃପମଣି ॥

ଭେଦ କରନ୍ତି ବେଦପଥେ । ପାଷଣ୍ଡଗୁରୁ-ବାକ୍ୟମତେ ।
ନିନ୍ଦନ୍ତି ବେଦବାକ୍ୟ ନିତ୍ୟେ । ପାଷଣ୍ଡ-ବାଦ ଅନୁମତେ ।
ଉଭୟ ଲୋକ ତାର ନାହିଁ । ନର୍କେଣେ ଥାନ୍ତି ଦୁଃଖ ସହି ।
ବିକର୍ମ ମତ ଏ ବିଚାର । ଏବେ ହେ। ଶୁଣ ନୃପବର ।
ଯେ କର୍ମ କହେ ବେଦମତେ । ଆନନ୍ଦେ ତାହା ଧରି ଚିତ୍ତେ ।
କର୍ମେ ସମ୍ପାଦି କର୍ମଫଳ । ଯେ ଭାବେ ହୃଦୟ ନିର୍ମଳ ।
ସେ ଫଳ କୃଷ୍ଣପାଦେ ଦେଇ । ଚିତ୍ତେ ଯେ ଭକ୍ତିଭାବ ବହି ।
ତାହାଙ୍କୁ ବୋଲି ମହାମତି । ଦୁର୍ଲ୍ଲଭ ମୁକ୍ତି ସେ ଲଭନ୍ତି ।
ଏମନ୍ତ ଈଶ୍ୱରର ବାଣୀ । ବ୍ରହ୍ମବଚନେ ପରମାଣି ।
ବେଦ ଧରନ୍ତି ଶ୍ରୁତିଫଳ । ଏ ଆଦି ଧର୍ମ ବୃକ୍ଷମୂଳ ।
ଏଣୁ ଏ ବେଦମାର୍ଗେ ତରି । ଏକାନ୍ତେ ବିଷ୍ଣୁ ଆଶ୍ରେ କରି ।
ଗୁରୁବଚନ ପରମାଣେ । ବିଷ୍ଣୁ-ଭକତି-ତୀକ୍ଷ୍ଣବାଣେ ।
ଏଣୁ ଏ ମାୟାଜାଲ ଛେଦି । ଚିତ୍ତୁଁ ସଂଶୟ-ଗ୍ରନ୍ଥି ଭେଦି ।
ନିର୍ଭୟେ ସଂସାରେ ଭ୍ରମନ୍ତି । ସେଶଷ୍ଟୁ ମାୟାରୁ ତରନ୍ତି ।
ଏବେ ହେ। ଶୁଣ ନରନାଥ । ଭକ୍ତିଲକ୍ଷଣ ପରମାର୍ଥ ।
ଗୁରୁବଚନ ଧରି ଶିରେ । ଈଶ୍ୱରରୂପ ଅନୁସାରେ ।
ପ୍ରତିମା କରି ନାନାମତେ । ଯେ ବିଧିବିଧାନ-ଉକତେ ।
ଦାରୁ ପାଷାଣ ଧାତୁମୟେ । ଲେଖ ଲେପନ ଯେତେ ହୁଏ ।
ଏ ଆଦି ଯେତେ ଅନୁମାନେ । ଆଗମ-ନିଗମ-ବଚନେ ।
ଯେ ରୂପ ଦେଖି ରହେ ମନ । ଭାବେ ଭଜନ୍ତି ସାଧୁଜନ ।
ଏମନ୍ତେ ପ୍ରତିମା କରାଇ । ଉତ୍ତମ ଶୁଭସ୍ଥାନ୍ୟେ ଥୋଇ ।
ନିର୍ମଳ ଜଳ-ନଦୀକୂଳେ । ନିରୁପଦ୍ରବ ଭୂମିସ୍ଥଳେ ।
ନିର୍ମିତ କଳ୍ପିତ ଆସନେ । ବସି ସ୍ଥାପିବ ଶୁଦ୍ଧମନେ ।
ଏ ଆଦି ନିଗମ ବଚନେ । ଯେ ବା ମିଳିବ ବର୍ତ୍ତମାନେ ।
କୁଶ ଚର୍ମାଦି ଆସନରେ । ବସିଣ ନିଶ୍ଚଳ ମନରେ ।
ପ୍ରଥମେ ପବନ ନିରୋଧି । ଯେ ବିଧିମତେ ଭୂତଶୁଦ୍ଧି ।
ପଞ୍ଚାଶବର୍ଣ୍ଣେ ଦେହ ନ୍ୟାସ । ଶ୍ରୀ ଗୁରୁ-ବଚନ-ପ୍ରକାଶ ।
ବାମ ପାରୁଶେ ଗୁରୁ ଥୋଇ । ଦକ୍ଷିଣେ ଆଚାର୍ଯ୍ୟ ବସାଇ ।
ଏ ବେନି କରି ନମସ୍କାର । ଗଙ୍ଗା ଯମୁନା ଗଣେଶ୍ୱର ।
ଏହାଙ୍କୁ ନମସ୍କାର ଅର୍ଥେ । ମନ୍ତ୍ରେ ଅକ୍ଷତ ଦେଇ ହସ୍ତେ ।
କରିବ ଦଶଦିଗ ରକ୍ଷା । ଯେ ଦିଗବନ୍ଧୀ ମନ୍ତ୍ରଦୀକ୍ଷା ।
ପୂଜାର ଉପହାର ଭାବେ । ଯେବା ମିଳିବ ଯଥାଲାଭେ ।
ପ୍ରଥମେ ଜଳ ଅର୍ଘ୍ୟକରି । ଶଙ୍ଖେ ଅକ୍ଷତ ପୁଷ୍ପ ଭରି ।
ଅଙ୍ଗ ମେଦିନୀ ଦ୍ରବ୍ୟମାନ । ସେ ଜଳେ କରିବ ପ୍ରୋକ୍ଷଣ ।

ଆଧାର ଆଦିଶକ୍ତି ଧ୍ୟାନେ । ପୂଜିବ ନିଷ୍ଫଳ ଆସନେ ।
ହୃଦୟ-ପଦ୍ମ-ଅଧିଷ୍ଠାନେ । ପୁଷ୍ପେ ପୂଜିବ ମନ୍ତ୍ରଧ୍ୟାନେ ।
ଧର୍ମାଦି ଚତୁର ଚରଣେ । ପାର୍ଶ୍ୱେ ଆଗ୍ନେୟ ପରମାଣେ ।
ମଧ୍ୟେ କମଳଦଳ ଯେତେ । କର୍ଣ୍ଣିକା କେଶର ସହିତେ ।
ସ୍ୱମନ୍ତ୍ରେ ରବି ସୋମାନଳ । ପୂଜିବ ତୃତୀୟ ମଣ୍ଡଳ ।
ସତ୍ୟାଦି ଗୁଣେ ନ୍ୟାସ କରି । ମଧ୍ୟେ ପୂଜିବ ଆତ୍ମାଶ୍ରୀ ।
ଚତୁର ତତ୍ତ୍ୱ ଶକ୍ତି ନବ । ପୂର୍ବାଦି ଧ୍ୟାନେ ତା ପୂଜିବ ।
କେଶର-ମୂଳେ ମନ୍ତ୍ର ସ୍ମରି । ଧ୍ୟାନେ ପୂଜିବ ମୁଦ୍ରା ଧରି ।
ପ୍ରତିମା ଦେହେ ନିଜଅଙ୍ଗେ । ନ୍ୟାସ କରିବ ମନ୍ତ୍ରଭାଗେ ।
ହୃଦରେ ମନ୍ତ୍ରନ୍ୟାସ କରି । ଧ୍ୟାନେ ପୂଜିବ ନରହରି ।
ଅର୍ଘ୍ୟ-ଚନ୍ଦନ-ପୁଷ୍ପଶୁଦ୍ଧି । ଆସନ-ଆଚମନ-ବିଧି ।
ଧୂପ-ଦୀପାଦି-ବିଧିମାନ । ଭୋଜନ ଦ୍ରବ୍ୟ ସମର୍ପଣ ।
ଅଙ୍ଗ ଉପାଙ୍ଗ ଆଦି ଯେତେ । ପୂଜିବ ପାରିଷଦ ମତେ ।
ବସ୍ତ୍ର ଭୂଷଣ ଆଦି ଯେତେ । ମନ୍ତ୍ରେ ପୂଜିବ ଶୁଦ୍ଧଚିତ୍ତେ ।
ଏମନ୍ତେ ପୂଜି ନରହରି ! ପ୍ରଣାମ ଦଣ୍ଡବତ କରି ।
କୃଷ୍ଣଙ୍କୁ ନମି ପୁଣ ପଛେ । ଈଶ୍ୱର ନମିବ ପ୍ରତ୍ୟକ୍ଷେ ।
ଧ୍ୟାନେ କୃଷ୍ଣଙ୍କୁ ଶିରେ ଧରି । ମନ୍ତ୍ର ହୃଦୟପଦ୍ମେ ଭରି ।
ଏମନ୍ତେ ନିତ୍ୟ ପୂଜାକରି । ଦୃଢ଼େ ଭକତି ହୃଦେ ଧରି ।
ପ୍ରତିମା ନ ପାରିବ ଯେବେ । ଶୁଣ କହିବା ପୂଜାଭାବେ ।
ସୂର୍ଯ୍ୟେ ଅନଳେ କିବା ଜଳେ । ଅଥବା ହୃଦୟ-କମଳେ ।
ଯେବେ ନ ପାରେ ଏତେ ମତ । ଗୃହେ ଯେ ଅତିଥି ଆଗତ ।
ତାହାଙ୍କୁ ବିଷ୍ଣୁଭାବେ ମଣି । ପୂଜିବ ଦେଇ ଅନ୍ନପାଣି ।
ଏମନ୍ତେ ବିଷ୍ଣୁ-ପୂଜା କରି । ଏ ଭବଜଳୁଁ ଯାନ୍ତି ତରି ।
ସୁଖ ପ୍ରସନ୍ନ ନିରବଧି । ହେଲେ ଲଭନ୍ତି ସର୍ବ ସିଦ୍ଧି ।
ଏ ଭାବେ ଈଶ୍ୱରର ବାଣୀ । ଏହା ଯେ ଏକାଦଶେ ଶୁଣି ।
କୃଷ୍ଣେ କରନ୍ତି ଦୃଢ଼ ଚିତ୍ତ । ଫୁଟନ୍ତି ମାୟାପାଶେ ଗ୍ରସ୍ତ ।
ଖଣ୍ଡଇ ଭବଭୟ ତ୍ରାସ । କହଇ ଜଗନ୍ନାଥ ଦାସ ।
ନିର୍ମ୍ମଳ ଭାଗବତ-ବାଣୀ । ଶୁଣି ତରିବେ ଭବୁଁ ପ୍ରାଣୀ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ କର୍ମ୍ମଯୋଗକଥନେ
ପୂଜାବିଧିବର୍ଣ୍ଣନଂ ନାମ ଚତୁର୍ଥୋଽଧ୍ୟାୟଃ ।

( 12 )

Sk. XI, Ch. V. (Same subject continued.)

ରାଜୋବାଚ

କହନ୍ତି ଶୁକ ମୁନିବର । ଶୁଣ ପରୀକ୍ଷି ନୃପବର ॥
ରାଜା ବୋଲଇ ମନେ ଗୁଣି । ମୁନିଙ୍କ ତତ୍ତ୍ୱ ପରମାଣି ॥
ନିର୍ଗୁଣ ନିରଞ୍ଜନ ହରି । ଧରଣୀତଳେ ଦେହ ଧରି ॥
ଯେ କର୍ମ କଲେ ତ୍ରିଭୁବନେ । ଯେ ଅବତାର ଯେବା ସ୍ଥାନେ ॥
ସେ କଥା କହ ମୁନିଗଣ । ସନ୍ତୋଷ ନୁହେ ମୋ ଶ୍ରବଣ ॥
ଏମନ୍ତେ ରାଜା ସାଧୁ-କଥା । ଶୁଣି ଦ୍ରବିଡ଼ ଶୁଦ୍ଧଚେତା ॥
ରୋମ ପୁଲକ କଲା ତନୁ । ଅଶ୍ରୁ ଗଳଇ ତା ନୟନୁ ॥

ଦ୍ରବିଡ଼ ଉବାଚ

ବୋଲଇ ଶୁଣ ମହୀନାଥ । ଅଶେଷ କୃଷ୍ଣର ଚରିତ ॥
କେ ତାହା ଅନୁମାନ କରି । ମୁଖେ କହିବ ଚିତ୍ତେ ଧରି ॥
ବାଳକ ସମ ବୁଦ୍ଧି-ହୀନ । ଜଗତେ ଅଛୁ କେବା ଜନ ॥
ପଣ୍ଡିତପଣେ ବାଦ କରି । ହୃଦରେ ଅହଙ୍କାର ଭରି ॥
କହିବ କୃଷ୍ଣ-ଗୁଣ ବଳେ । କେ ଅଛୁ ଭୁବନ-ମଣ୍ଡଳେ ॥
ମୃତ୍ତିକାଖଣ୍ଡ ଚୂର୍ଣ୍ଣ କରି । ଯେ ଗଣିପାରେ ମନେ ଧରି ॥
ସେ କାହିଁ ହରିର ମହିମା । ମୁଖେ କହିବ ଗୁଣ-ସୀମା ॥
ବ୍ରହ୍ମାଣ୍ଡ ରଚି ପଞ୍ଚଭୂତେ । ଅଂଶେ ତାହାର ମଧ୍ୟଗତେ ॥
ପଣେ ବିରାଟରୂପ ଧରି । ଆଦି ଅନନ୍ତ ନରହରି ॥
ତିନିଭୁବନ ଦେହେ ଧରେ । ସୃଷ୍ଟି-ପାଳନ-ଅନ୍ତ କରେ ॥
ପ୍ରଥମେ ରଜୋଗୁଣ ଧରି । ବିଧାତାରୂପେ ଅବତରି ॥
ସୃଷ୍ଟି କରଇ ନାନାମତେ । ବିଧି-ବିଧାନ ବେଦତନ୍ତ୍ରେ ॥
ପାଳଇ ଯଜ୍ଞପତିରୂପେ । ଜୀବ ଖେଳଇ ମୋହକଳ୍ପେ ॥
ଈଶ୍ୱରରୂପେ ତମୋଗୁଣେ । ଦହଇ ସୃଷ୍ଟି ସଂହାରଣେ ॥
ଯେ ଗୁଣମୟ ନିରାକାର । ଏଣୁ ତ୍ରିଗୁଣୟ ରୂପ ତାର ॥
ପୂର୍ବେ ଯେ ଦକ୍ଷ ପ୍ରଜାପତି । ତାର କୁମାରୀ-ନାମ ମୂର୍ତ୍ତି ॥
ଧର୍ମ୍ମର ପତ୍ନୀ ଯେ ଯୁଗତେ । ବିଷ୍ଣୁ ଯାହାର ଗର୍ଭଗତେ ॥
ଅରୂପ ହୋଇ ରୂପରାଶି । ସେ ନରନାରାୟଣ ଋଷି ॥
ତପ ଆରମ୍ଭି ଘୋରବନେ । ବସିଲେ ବଦରୀଆଶ୍ରମେ ॥
କଳ୍ପେ ପର୍ଯ୍ୟନ୍ତ ତପ କରି । ମନ ପବନ ହୃଦେ ଧରି ॥
ଦେଖି ତାହାଙ୍କ ତପ ଘୋର । ସ୍ୱର୍ଗେ କମ୍ପିଲା ସୁନାସୀର ॥
ଭୟେ ଚିନ୍ତଇ ପୁରନ୍ଦର । ନିଶ୍ଚେ ଘେନିବ ମୋର ପୁର ॥
ମୋ ପଦ ହରିବ ଏ ବଳେ । ଏମନ୍ତ ଭାଳି ସେ ବିକଳେ ॥

ବିଚାରି ଦେବଙ୍କ ସଙ୍ଗତେ । ତପ ସମାଧି ବିଘ୍ନ ଅର୍ଥେ ॥
ଉପାୟ କଲା ଶଚୀପତି । ଯେଣୁ ସ୍ୱଭାବେ ମନ୍ଦମତି ॥
କନ୍ଦର୍ପ ଚାଇ ପୁରନ୍ଦର । ବୋଇଲା ଯାଅ ମର୍ତ୍ତ୍ୟପୁର ॥
ବସନ୍ତ ପବନକୁ ଚାହିଁ । ବୋଲଇ ସଙ୍ଗେ ଚଳ ତୁହି ॥
ତୁତ ସ୍ୱଭାବେ ମନ୍ଦ ଗନ୍ଧ । ଘେନିଣ ଅପସରାବୃନ୍ଦ ॥
କୋକିଳ-ଧ୍ୱନି-ଗୀତ ସ୍ୱନେ । ନୃତ୍ୟ କରିବ ବିଦ୍ୟମାନେ ॥
ନାନା ପ୍ରକାରେ ମନ ହରି । ତପ-ସମାଧି ଭଗ୍ନ କରି ॥
ବହିନ ଆସି ସ୍ୱର୍ଗସ୍ଥାନେ । ଏମନ୍ତ ଇନ୍ଦ୍ରର ବଚନେ ॥
ମଧୁରଧ୍ୱନି ଗୀତ-ସ୍ୱନେ । ମିଳିଲେ ନାରାୟଣ-ସ୍ଥାନେ ॥
ବସନ୍ତେ ପୁଷ୍ପିତ କାନନ । ଦେଖି ହରଇ ପ୍ରାଣିମନ ॥
କନ୍ଦର୍ପ ନାରାୟଣେ ଚାହିଁ । ପୁଷ୍ପକୋଦଣ୍ଡେ ଗୁଣ ଦେଇ ॥
ପଞ୍ଚ ନାରାଚ ଅତିତମେ । ବିନ୍ଧିଲା କୃଷ୍ଣଙ୍କୁ ମରମେ ॥
ଲଳିତ ବହଇ ବସନ୍ତ । ଗମ୍ଭୀର ନାଦେ ଶୁଭେ ଗୀତ ॥
ଦେଖିଣ ତାହାଙ୍କ ଉପାୟ । ଧ୍ୟାନେ ଜାଣିଲେ ଦେବରାୟ ॥
ଇନ୍ଦ୍ର ଯେ ଭୟ କରି ଚିତ୍ତେ । ମୋର ସମାଧି ଭଗ୍ନ ଅର୍ଥେ ॥
ଏହାଙ୍କୁ ପେଷି ଉଦବେଗେ । ମନ ବିଷାଦେ ଅଛି ସ୍ୱର୍ଗେ ॥
ଏହା ବିଚାରି ନାରାୟଣ । ବୋଇଲେ ଇନ୍ଦ୍ରଗଣେ ଶୁଣ ॥
ରଙ୍ଗଅଧରେ ମନ୍ଦହସି । ତାହାଙ୍କୁ ବୋଲନ୍ତି ଆଶ୍ୱାସି ॥
ଭୟ ନ କର ତୁମ୍ଭେ ଚିତ୍ତେ । ଉପାୟ କର ନାନାମତେ ॥
ମୋହର ତପ ଭଗ୍ନ କରି । ଇନ୍ଦ୍ରକୁ ଯେବେ ତୁମ୍ଭେ ଡରି ॥
ଆଜି ତୁମ୍ଭର ଆଗମନ । ଧନ୍ୟ ମଙ୍ଗଳ ମୋର ସ୍ଥାନ ॥
ଏମନ୍ତ କହି ଭଗବାନ । ତକ୍ଷଣେ ହୋଇଲେ ମଉନ ॥
ତା ଦେଖି ଇନ୍ଦ୍ରଗଣ ଡରେ । ନମିଲେ ବିଷ୍ଣୁଙ୍କ ପୟରେ ॥
ଭୟେ କମ୍ପନ୍ତି ମୁଖ ଚାହିଁ । ବୋଲନ୍ତି ଶୁଣ ଭାବଗ୍ରାହୀ ॥
ଏ ଯେ ବିଚିତ୍ର କଥା ତୋର । ତୁ ଧର୍ମ ପ୍ରଭୁ ନିରାକାର ॥
ନିର୍ଗୁଣ ନିର୍ବିକାର ଦେହୀ । ପ୍ରକୃତି ତୋତେ ନଜାଣଇ ॥
ତୋହର ଅଭୟ ଚରଣ । ସେବନ୍ତି ଆତ୍ମଜ୍ଞାନଗଣ ॥
ଯୋଗିଙ୍କ ହୃଦୟ-କମଳେ । ତୋହର ଆସନ ନିଶ୍ଚଳେ ॥
ତୋର ଚରଣେ ଯେ ସେବନ୍ତି । ଦେବେ ତାହାକୁ ବିଘ୍ନ ଚିନ୍ତି ॥
ବୋଲନ୍ତି ଜପ-ଯଜ୍ଞ-ତ୍ୟାଗୀ । ଏ ଯେ ହୋଇବ ମୋକ୍ଷଭାଗୀ ॥
ଏଣୁ ଡରନ୍ତି ଦେବଗଣ । କରନ୍ତି ବିଘ୍ନ ଆଚରଣ ॥
ଯେ ଅନ୍ୟ ଦେବତା ଭଜନ୍ତି । ତାହାକୁ ବିଘ୍ନ ନ କରନ୍ତି ॥
ସମସ୍ତେ ମିଳି ଅଗ୍ନି-କୁଣ୍ଡେ । ଘୃତ ସମିଧ ଭକ୍ଷି ତୁଣ୍ଡେ ॥
ଯଜ୍ଞ ଭୋଜନେ ସୁଖେ ଥାନ୍ତି । ତାହାକୁ ଦୟା ସେ କରନ୍ତି ॥

ଯେ ତୋର ଚରଣେ ସେବନ୍ତି । ସକଳ ଧର୍ମ ସେ ତ୍ୟଜନ୍ତି ।।
ଏକାନ୍ତଚିତ୍ତେ ସୁଖେ ଥାଇ । ଅନ୍ୟ ଦେବଙ୍କୁ ନ ଗଣଇ ।।
ତେଣୁ ସେ ଦେବେ କୋପଭରେ । ବିଘ୍ନ ଆଚରନ୍ତି ତାହାରେ ।।
ଯେ ତୁମ୍ଭ ଚରଣେ କଙ୍କର । ତାହାଙ୍କୁ ତୁମ୍ଭେ ଦୟାକର ।।
ବିଘ୍ନ ତାହାଙ୍କ ପାଦେ ନମେ । ଅନ୍ୟ ସଂସାରେ ଯାଇ ଭ୍ରମେ ।।
କ୍ଷୁଧା ପିପାସା ଶୀତ ଜ୍ୱର । ଦୁର୍ଜୟ ଶୋକ ଭୟଙ୍କର ।।
ମଦନ ଲୋଭ ଆଦି ଆମ୍ଭେ । ଥାଉଁ ନରତେ ପ୍ରାଣିସଙ୍ଗେ ।।
ବିଘ୍ନ ଆଚରୁ ଶତ୍ରୁପଣେ । ଯେ ଧର୍ମ କରେ ଅନୁକ୍ଷଣେ ।।
ଆମ୍ଭର ହିଂସା ଏହିମତ । ଯେ ପ୍ରାଣୀ ତୁମ୍ଭର ଭକତ ।।
ତାହାଙ୍କୁ ଦେଖି ଆମ୍ଭେ ଡରି । ସେ ପ୍ରାଣୀ ଭବୁଁ ଯାନ୍ତି ତରି ।।
ବାଛୁରି ଖୋଜେ ଜଳ ଥିଲେ । ତାହା ଯେସନେ ଲଙ୍ଘି ଭଲେ ।।
ସେ ଘୋର ତପ ଆଚରନ୍ତି । ତାହାଙ୍କୁ ଆମ୍ଭେ ବିଘ୍ନ ଚିନ୍ତି ।।
କଠୋର ତପ କରି ନାଶ । ଯେ ହୋନ୍ତି କାମଲୋଭେ ବଶ ।।
ଛାଡ଼ନ୍ତି ତପ ଧର୍ମ ଭୟେ । ପଡ଼ନ୍ତି ବିଷ୍ଣୁମାୟା ମୋହେ ।।
ଏମନ୍ତ କହୁଁ ଇନ୍ଦ୍ରଗଣେ । ବିଷ୍ଣୁ ସମୀପେ ତତକ୍ଷଣେ ।।
ଅଦ୍ଭୁତ ନାରୀ ରୂପରାଶି । ବିଜୁଳୀ ଯେହ୍ନେ ମେଘୁଁ ଖସି ।।
ସେବନ୍ତି ନାରାୟଣ ପାଶେ । ତା ଦେଖି ଇନ୍ଦ୍ରଗଣ ତ୍ରାସେ ।।
କମ୍ପନ୍ତି ଜୀବନ କାତରେ । ନୟନ ବୁଜି ଦୁଇ କରେ ।।
ସେ ରୂପରାଶି ଦେହ ଗନ୍ଧେ । ଆଘ୍ରାଣ କରି ନାସାରନ୍ଧ୍ରେ ।।
ହରିଲା ତାହାଙ୍କର ମନ । ରୂପକୁ ଚାହିଁ ହତଜ୍ଞାନ ।।
ମୋହେ ପଡ଼ିଲେ ମହୀସ୍ଥଳେ । କନ୍ୟାଙ୍କ ରୂପ ଗନ୍ଧବଳେ ।।
ତା ଦେଖି ପ୍ରଭୁ ବ୍ରହ୍ମରାଶି । ରଙ୍ଗ ଅଧରେ ମନ୍ଦ ହସି ।।
ବୋଲନ୍ତି ଦେବଗଣେ ଚାହିଁ । ଭୟ ନ କର ତୁମ୍ଭେ କେହି ।।
ମୋର ନିକଟେ କନ୍ୟା ଯେତେ । ଅଛନ୍ତି ସେବା ଅନୁମତେ ।।
ତାହାଙ୍କ ପାଦେ ସେବା କରି । କନ୍ୟା ଗୋଟିଏ ମାଗ ବରି ।।
ସେ ଯେବେ ଦ୍ୟନ୍ତି ଏକ ନାରୀ । ତା ଘେନି ଚଲ ସ୍ୱର୍ଗପୁରୀ ।।
ସେ ହେଉ ସ୍ୱର୍ଗେ ଅଳଙ୍କାର । ରୂପେ ମୋହିବ ପୁରନ୍ଦର ।।
ତକ୍ଷଣେ ଆଜ୍ଞା ଶିରେ ଧରି । କନ୍ୟାଙ୍କ ପାଦେ ସେବା କରି ।।
କନ୍ୟାଏ ଲଭି ତାଙ୍କ ମଧ୍ୟେ । ସ୍ୱର୍ଗେ ମିଳିଲେ ଅପ୍ରମାଦେ ।।
ଇନ୍ଦ୍ର ସମୀପେ ଦେଲେ ନେଇ । ଉର୍ବଶୀ ନାମ ଯେ ବୋଲାଇ ।।
ଦେଖି ସାନନ୍ଦ ପୁରନ୍ଦର । ରୂପେ ମୋହିଲା ସ୍ୱର୍ଗପୁର ।।
ପ୍ରଣାମ କରି ଶଚୀନାଥ । କହିଲେ ସକଳ ବୃତ୍ତାନ୍ତ ।।
ଇନ୍ଦ୍ର ଆନନ୍ଦ ତାହା ଶୁଣି । ନିଷ୍ଠେ ଜାଣିଲା ଚକ୍ରପାଣି ।।
ବିସ୍ମୟ ଛାଡ଼ି ଦମ୍ଭ ମନେ । ରହିଲା ଇନ୍ଦ୍ର ନିଜସ୍ଥାନେ ।।

ଏବେ ହେ ଶୁଣ ନରେଶ୍ୱର । ବିଷ୍ଣୁର ଅଂଶେ ଅବତାର ॥
ପରମହଂସ ରୂପ ହୋଇ । ଅଶେଷ ଜ୍ଞାନମୟ ଦେହି ॥
ଯେ ଅବା କଲେ ଏ ଜଗତେ । ଏବେ ତୁ ଶୁଣ ଏକଚିତ୍ତେ ॥
ତୃତୀୟେ ଦତ୍ତାତ୍ରେୟ ହୋଇ । ଜ୍ଞାନ ମଙ୍ଗଳ ମୂର୍ତ୍ତି ଦେହି ॥
ବ୍ରହ୍ମାର ମନୁଁ ଅବତରି । ଚତୁଃସନକ ରୂପ ଧରି ॥
ପୁଣି ଋଷଭ ଅବତାର । ଆମ୍ଭେ ହେ ତାହାଙ୍କ କୁମର ॥
ସେ ପୁଣି ହୟଗ୍ରୀବ ହୋଇ । ସେରୂପେ ବେଦ ଉଦ୍ଧାରଇ ॥
ମଧୁକୈଟଭ ସଂହାରିଲେ । ବ୍ରହ୍ମାଙ୍କୁ ସଙ୍କଟୁ ତାରିଲେ ॥
ପଞ୍ଚମେ ମୀନରୂପ ହୋଇ । ଧରଣୀ ନାବ ସଙ୍ଗେ ବହି ॥
ପ୍ରଳୟ ଜଳେ ଶଙ୍ଖା ମାରି । ସେ ରୂପେ ନିଗମ ଉଦ୍ଧାରି ॥
ପ୍ରଳୟ ବୃଷ୍ଟିଜଳେ ଭାସି । ଭୂମି ପାତାଳେ ଥିଲା ପଶି ॥
ଶୂକର ରୂପ ଧରି ହରି । ଭୂମି ତୋଳିଲେ ଦନ୍ତୋପରି ॥
ଇନ୍ଦ୍ର ସମ୍ପଦ ଲାଭ ଅର୍ଥେ । ଦେବ ଦାନବ ଅନୁମତେ ॥
ଗମ୍ଭୀର କ୍ଷୀରସିନ୍ଧୁ ମଧ୍ୟେ । ମନ୍ଦର ଆଣି ସୁଖସାଧେ ॥
ଜଳେ ପକାନ୍ତେ ମହାଗିରି । ହରି ତା କୂର୍ମ୍ମରୂପେ ଧରି ॥
ଅମୃତ ଆଦି ନାନା ଦ୍ରବ୍ୟ । ଇନ୍ଦ୍ରକୁ ଦେଲେ ହରି ସର୍ବ ॥
ଗଜ କୁମ୍ଭୀର ଯୁଦ୍ଧକାଳେ । ସେ ହରି ରୂପ ଅନ୍ତରାଳେ ॥
ଚକ୍ରେ କୁମ୍ଭୀର ମୁଣ୍ଡ ହାଣି । ଗଜ ଉଦ୍ଧାରି ଚକ୍ରପାଣି ॥
କଶ୍ୟପଋଷି ଯଜ୍ଞମେଳା । ଷାଠିସହସ୍ର ବାଳଖିଲ୍ୟା ॥
ନିତ୍ୟେ ବୁଲନ୍ତି ବନ ଦାଣ୍ଡେ । କାଠ ବହନ୍ତି କନ୍ଧେ ମୁଣ୍ଡେ ॥
ଦିନେକ ଧେନ ଏକଡ଼ାଳେ । ଷାଠିସହସ୍ର ଏକମେଳେ ॥
ବହି ଆଣନ୍ତି ବାହୁବଳେ । ବୁଡ଼ିଲେ ଗୋଷ୍ପଦସଲିଳେ ॥
ସମସ୍ତେ ହୋଇ ଏକମୁଖ । ଡାକନ୍ତି ନାରାୟଣ ରଖ ॥
ଦେଖିଣ ତାହାଙ୍କ ବିକଳ । ଦୟାସାଗର ଆଦିମୂଳ ॥
ତକ୍ଷଣେ ଦିବ୍ୟରୂପ ଧରି । ବିପ୍ରଙ୍କୁ ସଙ୍କଟୁଁ ଉଦ୍ଧରି ॥
ଦେବ ଅସୁର ଯୁଦ୍ଧକାଳେ । ବାସବ ନିଜ ଭୁଜବଳେ ॥
ବଜ୍ରେ ଛେଦିଲା ବୃତ୍ରକନ୍ଧ । ତେଣୁ ଲଭିଲା ବ୍ରହ୍ମବଧ ॥
ବିରତ କଲା ମନେ ଦୁଃଖ । ଡାକିଲା ନାରାୟଣ ରଖ ॥
ତକ୍ଷଣେ ଧର୍ମରୂପ ଧରି । ଇନ୍ଦ୍ରଙ୍କୁ ସଙ୍କଟୁ ଉଦ୍ଧରି ॥
ସତ ଉଦ୍ଧାର ହେତୁ କରି । ନୃସିଂହେ ହିରଣ୍ୟ ସଂହାରି ॥
ଦୟାସାଗର ଦାମୋଦର । ଦାନ ଦେଲେ ଛଳପୁର ॥
ଅଦ୍ଭୁତ ବାମନ ଶରୀରେ । ମିଳିଲେ ବଳି ଯଜ୍ଞଦ୍ୱାରେ ॥
ସେରୂପେ ମୋହି ତାର ମନ । ଦାନେ ହରିଲେ ତ୍ରିଭୁବନ ॥
ପାଦେ ତାହାର ଶିର ଚାପି । ପାତାଳପୁରେ ନେଇ ସ୍ଥାପି ॥

ଇନ୍ଦ୍ରର ମନ କଲେ ଶୁଭ । ସୁଖେ ସେ ଭୁଞ୍ଜଇ ଦୁର୍ଲ୍ଲଭ ॥
ସେ ପୁଣି ଭୃଗୁବଂଶେ ହରି । ପରଶୁରାମ ରୂପ ଧରି ॥
ଏକବିଂଶତିବାର କୋପେ । ଅବନୀ ଭ୍ରମି ବିଶ୍ୱରୂପେ ॥
କ୍ଷତ୍ରିୟ କୁଳ ସଂହାରଣ । କଲେ ଅନାଦି ନାରାୟଣ ॥
ରାବଣ ରାମରୂପେ ମାରି । ସଙ୍କଟୁ ଜାନକୀ ଉଦ୍ଧରି ॥
ଧରଣୀ ମଧ୍ୟେ ଯଶ ଥୋଇ । ପ୍ରାଣୀ ତରଇ ଯାହା ଗାଇ ॥
ପୁଣି ଅନନ୍ତ ଅବତାରେ । ହଳ ମୂଷଳ ଧରି କରେ ॥
ଘୋର ଦାନବ ଦର୍ପ ହରି । ସୁଖେ ସ୍ଥାପିଲେ ବସୁନ୍ଧରୀ ॥
ପ୍ରବୋଧ ବୁଦ୍ଧ ଅବତାରେ । ଜ୍ଞାନ ବିସ୍ତାରି ଏ ସଂସାରେ ॥
ଅନ୍ତେ ଆରୋହି କଳ୍କିରୂପେ । ମ୍ଲେଚ୍ଛ ସଂହାରି ମହାକୋପେ ॥
ଏମନ୍ତ ନାନାରୂପ ଧରେ । ସେ ହରି ଜଗତେ ବିହରେ ॥
କେ ତାର ଗୁଣ କର୍ମ ମୁଖେ । ସଂଖ୍ୟା କରିବ ଶତକଳ୍ପେ ॥
କେ ଅବା କହିବ ସଂକ୍ଷେପେ । ହେ ରାଜା ତୋହର ସମୀପେ ॥
ନାରଦ ବସୁଦେବ ମେଳେ । ଶୁକ ପରୀକ୍ଷ ଗଙ୍ଗାକୂଳେ ॥
ଏ ଷଡ଼ ପ୍ରଶ୍ନେ ଏକାଦଶ । କହିଲା ଜଗନ୍ନାଥ ଦାସ ॥
ଶ୍ରୀଭାଗବତ ଧର୍ମକଥା । ଶୁଣି ଛାଡ଼ିବ ମନୋବ୍ୟଥା ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ନିମି
ନବବିପ୍ର ସମ୍ବାଦେ ନାମ ପଞ୍ଚମୋଽଧ୍ୟାୟଃ ।

## ( 13 )

## ବର୍ଣ୍ଣଭେଦ-ଭକ୍ତିଯୋଗ (Sk. XI, Ch. VI).

### ବିଦେହ ଉବାଚ

ବୋଲଇ ବିଦେହ-ରାଜନ । ହେ ମୁନି ଶୁଣ ମୋ ବଚନ ॥
ଏ ଭୂମିମଧ୍ୟେ ଦୁଷ୍ଟଲୋକେ । ବିଷ୍ଣୁଙ୍କୁ ନ ଭଜନ୍ତି ଥୋକେ ॥
କାମ ସଂକଳ୍ପ ଲୋଭେ ଜଡ଼ି । ଅଜ୍ଞାନ ମୋହେ ଥାନ୍ତି ପଡ଼ି ॥
ଧର୍ମ ଅଧର୍ମ ନ ଜାଣନ୍ତି । ଅନ୍ତେ ଲଭନ୍ତି ଅଧୋଗତି ॥
ଏ ବଡ଼ ସଂଶୟ ମୋ ହୃଦେ । ଛେଦ କଲୁଷ ଜ୍ଞାନଭେଦେ ॥

### ଚମସ ଉବାଚ

ଚମସ ଶୁଣି ତା ବଚନ । କହନ୍ତି ସଭା ବିଦ୍ୟମାନ ॥
ବିଷ୍ଣୁର ମୁଖ ଭୁଜ ଊରୁ । ଅଭୟ ପାଦପଙ୍କଜରୁ ॥
ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ । ଜନ୍ମିଲେ ସ୍ୱଭାବେ ତ୍ରିଗୁଣେ ॥
ଏଣୁ ସେ ବିଷ୍ଣୁ ପିତା ମାତା । ଗୁରୁ ବାନ୍ଧବ ଇଷ୍ଟଦାତା ॥
ଏମନ୍ତ ସ୍ୱାମୀ ସେବା ତେଜେ । ଲୋଭେ ଯେ ଅନ୍ୟଦେବ ଭଜେ ॥

ସେ ପ୍ରାଣୀ ପତିତ ପାମର । ଅନ୍ତେ ପଡ଼ଇ ତମ ଘୋର ॥
ବଦନ ଥାଉଁ ହରି-ବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ॥
ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥାନ୍ତି ପାପ-ଆଚରଣେ ॥
ମ୍ଳେଚ୍ଛ ପତିତ ଦୁରାଚାର । ସ୍ତ୍ରୀ ଶୂଦ୍ର ଆଦି ଯେତେ ନର ॥
ସେ ଯେବେ ସାଧୁଙ୍କୁ ଦେଖନ୍ତି । କଲୁଷ-ପଙ୍କୁ ଉଦ୍ଧରନ୍ତି ॥
ବ୍ରହ୍ମ କ୍ଷତ୍ରିୟ ବୈଶ୍ୟ ଜନ । ସ୍ୱଭାବେ ଧନ୍ୟ ତିନି ବର୍ଣ୍ଣ ॥
ବିଷ୍ଣୁ-ଚରଣ ସନ୍ନିଧାନେ । ଏ ଥାନ୍ତି ନିଗମ ବଚନେ ॥
ବ୍ରାହ୍ମଣ ବେଦ ପଢି ବଳେ । କୁଳ-ସମ୍ପଦ ଧନଛଳେ ॥
ମତ୍ତଇ କରି ଅହଂକାର । ସ୍କନ୍ଧେ ବହଇ ବେଦଭାର ॥
ଧର୍ମ ଅଧର୍ମ ମାର୍ଗ ବହି । ଆତ୍ମାକୁ ପଣ୍ଡିତ ବୋଲାଇ ॥
ସଭାର ମଧ୍ୟେ ଗୃଷ୍ଟୁ କହି । ହସି ହସାଇ ଜନ ମୋହି ॥
ସ୍ୱଭାବେ ରଜୋଗୁଣେ ଖଣ୍ଡେ । ସଂକଳ୍ପ କରେ କର୍ମକାଣ୍ଡେ ॥
ଧନ ତନୟ ସୁଖ ଆଶେ । ଶରୀର ଅନ୍ତେ ନର୍କେ ପଶେ ॥
ଅଳପ କାର୍ଯ୍ୟେ କ୍ରୋଧ ବହେ । କାଳ ଭୁଜଙ୍ଗ ପ୍ରାୟ ହୁଏ ॥
ସ୍ୱଭାବେ କାମ କ୍ରୋଧ ବଳେ । ନିତ୍ୟେ ଅସାଧୁ ସଙ୍ଗେ ମିଳେ ॥
ଏଣୁ ସେ ବିପ୍ର ଆଦି ବର୍ଣ୍ଣ । ପାପୀ ଦୁର୍ଜନ ମତିହୀନ ॥
ବିଷ୍ଣୁ ଜନଙ୍କୁ ଦେଖି ପାଶେ । ନିନ୍ଦା କରଇ ଉପହାସେ ॥
ହସି ବୋଲଇ ହାସ୍ୟ ବାଣୀ । ନିକଟେ କୃଷ୍ଣ-କଥା ଶୁଣି ॥
ଗୃହେ ଗୃହିଣୀ ଅଙ୍ଗ ସଙ୍ଗେ । ଚିତ୍ତ ବୁଡ଼ାଇ କାମଭୋଗେ ॥
ଆଶା ବନ୍ଧନେ ଧନ ସଞ୍ଚେ । ମାୟାସଂକଳ୍ପେ ଦିନ ବଞ୍ଚେ ॥
ପିଣ୍ଡ ପରାଣ ତୃଷାମାତ୍ରେ । ପଶୁ ହିଂସଇ ହିଂସାଶାସ୍ତ୍ରେ ॥
ବେଦ ଉଦ୍ଦେଶେ ଜନ୍ତୁ ମାରି । ପୂଜଇ ନାନା ଯଜ୍ଞ କରି ॥
ଦାନ ଦକ୍ଷିଣା ବିଧିହୀନେ । କୁକର୍ମ କରଇ ଅଜ୍ଞାନେ ॥
ପଶୁ-ମାରଣେ ପାପ ଯେତେ । ଦେଖି ନ ଦେଖଇ ଅଗ୍ରତେ ॥
ସମ୍ପଦେ ବଢ଼େ ଅଭିମାନ । ଐଶ୍ୱର୍ଯ୍ୟ-ମଦଗିରେ ମଗ୍ନ ॥
ବିଦ୍ୟା-ପଠନ-ଦାନ ବଳେ । ସମ୍ପଦ ଦେଖଇ ନିଶ୍ଚଳେ ॥
ସମ୍ପଦମଦେ ଅନ୍ଧ ହୋଇ । ସାଧୁ ଅସାଧୁ ନ ଗଣଇ ॥
ବିଷ୍ଣୁ ବୈଷ୍ଣବ ଜନ ଚାହିଁ । ନିନ୍ଦା କରଇ ଗର୍ବ ବହି ॥
ଏ ଭାବେ ସର୍ବ ନାଶ କରେ । ନରକେ ପଡ଼ଇ ନିର୍ଭରେ ॥
ସକଳ ଜୀବ ମଧ୍ୟେ ହରି । ବସେ ଅନନ୍ତ ରୂପ ଧରି ॥
ବିଷ୍ଣୁର ମାୟାମାତ୍ର ଭ୍ରାନ୍ତି । ଏହା ପାମରେ ନ ବୁଝନ୍ତି ॥
ଯାର ମହିମା ବେଦ ଭଣେ । ଯୋଗୀନ୍ଦ୍ର ଯେ ହରି-ଚରଣେ ॥
ନିତ୍ୟେ ନିର୍ମଳ ଚିତ୍ତେ ଚିନ୍ତି । ଧ୍ୟାନ ଧାରଣେ ନ ଦେଖନ୍ତି ॥
ସେ ହରି ନ ଭଜଇ ଚିତ୍ତେ । କୁବୁଦ୍ଧି ଭାବ ଅବିରତେ ॥

କୁତ୍ସିତ-କଥା-ରତ ନିତ୍ୟେ । ନାନା କୁପଥ ମନୋରଥେ ॥
ମନ ଭ୍ରମଇ ଭ୍ରମୁଥାଇ । ଦୁର୍ଗମ ପଥ ନ ଚିହ୍ନଇ ॥
ନାରୀ ସେବନ ମାଂସ ମଦେ । ଲୋକବେଭାର ଅନୁବାଦେ ॥
ବେଦ ନ କହେ ଯାହା ମୁଖେ । ପ୍ରାଣୀ ତା କରେ ଆତ୍ମାସୁଖେ ॥
ଧର୍ମ ଅଧର୍ମ ବେନିପଥେ । ବେଦ କହଇ ଯାହା ନିତ୍ୟେ ॥
ଆଦି ଇଶ୍ୱର ଆଜ୍ଞା ଏହୁ । ଏଥୁ ଅଧିକ କେବା କହୁ ॥
ସେ ବେଦପଥ ଛାଡ଼ି ବଳେ । କର୍ମ କରଇ ଆତ୍ମାଭୋଳେ ॥
ବିଭା ସଂଯୋଗେ ଅନୁବନ୍ଧେ । ନାରୀ ସେବଇ କାମଅନ୍ଧେ
ଛାଡ଼ି ନ ପାରି ହୀନଚିତ୍ତେ ॥ ସେବଇ ମଦ ମାଂସନିତ୍ୟେ ॥
ପଶୁ ମାରଇ ଯଜ୍ଞଲକ୍ଷ୍ୟେ । ଯେ ବେଦ-ବିଧି ପିତୃପକ୍ଷେ ॥
ଏ ବେନି ବେଦବିଧି-ବାଣୀ । ନିତ୍ୟ ଅସତ୍ୟ ପରମାଣି ॥
ଯେବେ କରିବ ଧର୍ମମତେ । ଯେ ବେଦବିଧି ଅନୁମତେ ॥
ବେଦ-ନିଷେଧ ଏ ପ୍ରସିଦ୍ଧି । ଏହା ନ ଜାଣେ ପଶୁବୁଦ୍ଧି ॥
ଧନ ଅର୍ଜନେ ଧର୍ମ କରି । ଧର୍ମେ ପ୍ରାପତ ନରହରି ॥
ଧନ ଅର୍ଜନେ ଦେହ ଧରେ । ମରଣ-ସଂକଟେ ନ ଡ଼ରେ ॥
ଯଦ୍ୟପି ଯଜ୍ଞର ବିଧାନ । ମାଂସ ଭକ୍ଷଣ ସୁରାପାନ ॥
ତଥାପି ସୁରା ବେଦମତେ । ଆଘ୍ରାଣ କରି ନାସାଗ୍ରତେ ॥
କେବେହେଁ ନ କରିବ ପାନ । ଏ ବିଧି ବେଦର ବିଧାନ ॥
କେବଳ ଯଜ୍ଞେ ପଶୁ ବଧ । ଅନ୍ୟତ୍ର ବଧେନ୍ତି ପ୍ରମାଦ ॥
ନାରୀ ସଙ୍ଗମ ଋତୁମତେ । କେବଳ ପୁତ୍ରଜନ୍ମ ଅର୍ଥେ ॥
ଅନ୍ୟଥା ରତି ସୁଖମତେ । ପ୍ରସଙ୍ଗ ନ କରି ଏକାନ୍ତେ ॥
ଜୀବର ସୁଧର୍ମ ଏ ବାଣୀ । ସକଳ ବେଦବାକ୍ୟେ ଭଣି ॥
ଏହା ନ ବୁଝି ମୂଢ଼ ପ୍ରାଣୀ । ଦୁଃଖକୁ ସୁଖ ପ୍ରାୟ ମଣି ।
କରଇ ଜ୍ଞାନହୀନ କର୍ମ । ଏଣୁ ସଂସାରେ ହୁଏ ଭ୍ରମ ।
ମୂର୍ଖସ୍ୱଭାବ ମୂଢ଼ ପ୍ରାଣୀ । ଆତ୍ମାକୁ ପଣ୍ଡିତ ବଖାଣି ॥
କେବଳ ଦେବତା ବଣ୍ଧାସେ । ନ ଜାଣି ଯଜ୍ଞେ ପଶୁ ହିଂସେ ॥
ପଶୁଏ ଥାନ୍ତି ପଶୁମେଳେ । ତାର ଜୀବନ ଅନ୍ତକାଳେ ॥
ଧରି ଭକ୍ଷନ୍ତି ତାର ମାଂସ । କେବଳ ଅସ୍ଥି ରହେ ଶେଷ ॥
ଯାହାକୁ ମାରି ସୁଖଭୋଳେ । ସେ ତାକୁ ହିଂସେ ଅନ୍ତକାଳେ ।
ଏଣୁ ପଣ୍ଡିତଜନ ମଧ୍ୟେ । ପାପ ଲଭନ୍ତି ପଶୁବଧେ ॥
ସକଳ ଜୀବେ ନରହରି । ବସଇ ଆତ୍ମାରୂପ ଧରି ॥
ସମେ ବସଇ ସର୍ବଦେହେ । ମୂଢ଼ ନ ଜାଣେ ମାୟାମୋହେ ॥
ସ୍ୱଭାବେ ମୃତ୍ୟୁ କଳେବର । ଦେହକୁ ବୋଲଇ ମୋହର ॥
ସୁଖାନୁଭବେ ଜୀବ ମାରେ । କେବଳ ବିଷ୍ଣୁ ଦ୍ରୋହ କରେ ॥

ଦୁଷ୍ଟ ପତିତ ବୋଲି ତାରେ । ପଡ଼େ ନରକ-ଅନ୍ଧକାରେ ॥
ପଣ୍ଡିତପଣେ ବାଦ ତନ୍ତ୍ର । ଦମ୍ଭେ ନ ବୁଝେ ମୋକ୍ଷଗତି ॥
ବଞ୍ଚିତ ହୁଏ ବିଷ୍ଣୁ ନାମ । ସଞ୍ଚଇ ଧର୍ମ ଅର୍ଥ କାମ ॥
କରଇ ନାନାକର୍ମ ନିତ୍ୟେ । ଛଳେ ନ ରହେ ସ୍ଥିରଚିତ୍ତେ ॥
କର୍ମେ ହରଇ ପ୍ରାଣି-ପ୍ରାଣ । ତାହାର କାହିଁ ପରିତ୍ରାଣ ॥
ଚିତ୍ତେ ନ ବହେ ଦୟା ଶାନ୍ତି । ତାହାକୁ ବୋଲି ଆତ୍ମାଘାତୀ ॥
ପାଷଣ୍ଡଭାବେ ଅନୁମାନ । ଆତ୍ମାକୁ ବୋଲେ ତତ୍ତ୍ୱଜ୍ଞାନୀ ॥
ମନ କଳ୍ପଇ ଯେତେ ଫଳେ । ଦଇବ ହରେ ତାହା ବଳେ ॥
ବଞ୍ଚିତ ଇହ ପରଲୋକେ । ନିତ୍ୟେ ବଞ୍ଚଇ ମହାଦୁଃଖେ ॥
ଦୁଃଖେ ସଞ୍ଚିତ ଦାରା ସୁତ । ଧନ ସମ୍ପଦ ପଶୁ ଭୃତ୍ୟ ॥
ଏ ସବୁ ଛାଡ଼ି ଅନ୍ତକାଳେ । ଚଳଇ ନିଜ ପାପଫଳେ ॥
ନରକେ ପଡ଼ି ଦୁଃଖ ଭୁଞ୍ଜେ । ଯମ-ଯାତନା ଘୋରପୁଞ୍ଜେ ॥
ହରି-ବିମୁଖ ଯେଉଁ ପ୍ରାଣୀ । ନ ତରେ ଭବ-ତରଙ୍ଗିଣୀ ॥
ଏମନ୍ତ ମୁନିବାକ୍ୟ ଶୁଣି । ରାଜା ବୋଲଇ ମନେ ଗୁଣି ॥

### ରାଜୋବାଚ

ଭୋ ମୁନି ପ୍ରଭୁ ଭଗବାନ । ଯୁଗାନୁସାରେ ବହେ ନାମ ॥
ବର୍ଣ୍ଣିହିଁ ଯୁଗ ଅନୁସାରେ । ଭକତ ଭଜନ ପ୍ରକାରେ ॥
କେବଣ ଯୁଗେ କେଉଁରୂପେ । ଶରୀର ବହେ ମାୟାକଳ୍ପେ ॥
ଜୀବ ଉଦ୍ଧାରେ ଚକ୍ରପାଣି । କରଭାଜନ ବୋଲେ ଶୁଣି ॥

### କରଭାଜନ ଉବାଚ

ବୋଲଇ ଶୁଣ ନରନାଥ । ଅଶେଷ କୃଷ୍ଣର ଚରିତ ॥
କଳି-କଲୁଷ-ସଂହାରଣ । ଯେ କରେ ଶ୍ରବଣ କୀର୍ତ୍ତନ ॥
ଯେ ରୂପ ବହେ ସେ ସ୍ୱଭାବେ । ତ୍ରେତା ଦ୍ୱାପର କଳିଯୁଗେ ॥
ଇଚ୍ଛାନୁସାରେ ଅବତରେ । ସ୍ୱଭାବେ ନାନାରୂପ ଧରେ ॥
ବିଧି-ବିଧାନ ନାନାମତେ । ସେ ରୂପ ପୂଜନ୍ତି ଜଗତେ ॥
ଯେ ଯୁଗେ ଯେବା ଅବତାର । ଯେ ନାମ ବର୍ଣ୍ଣି ଦାମୋଦର ॥
ସୁଖେ ବିହରେ ନରଲୋକେ । ଶୁଣ କହିବା ଏକେ ଏକେ ॥
ପ୍ରଥମେ ଶୁକ୍ଳବର୍ଣ୍ଣ ଦେହେ । ଜଟା-କଳାପ ମୁଣ୍ଡେ ବହେ ॥
ଦେହେ ଉତ୍ତରୀ ଅକ୍ଷମାଳ । ବସନ ବୃକ୍ଷର ବଲ୍କଳ ॥
ଆଜାନୁଲମ୍ବେ ଭୁଜଗିରି । ତ୍ରିଦଣ୍ଡ କମଣ୍ଡଳୁଧାରୀ ॥
ଏମନ୍ତ ରୂପ ଭଗବାନ । ଦେଖି ପୂଜିଲେ ସାଧୁଜନ ॥
ଯେ ହରି ସର୍ବଜନ-ହିତ । ଶୁଚି ପବିତ୍ର ଶାନ୍ତ ଦାନ୍ତ ॥
ତପ ଆଚରି ଶମ ଦମେ । ପ୍ରାଣ ସଂଯମି ମହାଶ୍ରମେ ॥

ଯେ ଭଜେ ତାହାଙ୍କ ଚରଣେ । ବୈକୁଣ୍ଠ ସମ୍ପୂର୍ଣ୍ଣ ଲକ୍ଷଣେ ॥
ଧର୍ମସ୍ୱରୂପ ନାରାୟଣ । ଏବେ କହିବା ନୃପ ଶୁଣ ॥
ଦିବ୍ୟ ସ୍ୱରୂପ ଭଗବାନ । ପରମାନନ୍ଦ ଦିବ୍ୟ ଜ୍ଞାନ ॥
ଏ ରୂପ ଧରେ ସତ୍ୟଯୁଗେ । ଭକତ-ଜନ-ଅନୁରାଗେ ॥
ଶୋଣିତ ବର୍ଣ୍ଣ ତ୍ରେତାଯୁଗେ । ବିଷ୍ଣୁ ସମୃତ ଭୂମିଭାଗେ ॥
ସୁନ୍ଦର ଚତୁର୍ଭୁଜ ଧରେ । ସୁବର୍ଣ୍ଣବର୍ଣ୍ଣ କେଶ ଶିରେ ॥
ପବିତ୍ର ମେଖଳା ଉତ୍ତରୀ । ସୁନ୍ଦର ଶ୍ରୁବ ସ୍ରୁକ ଧରି ॥
ଯଜ୍ଞମୂରତି ଦାମୋଦର । ସର୍ବଦେବତା କଲେବର ॥
ଅଶେଷ-ଭୁବନ-ଈଶ୍ୱର । ଅଜ୍ଞାନୀଜନେ ଅଗୋଚର ॥
ସେ ରୂପ ଦେଖି ବିପ୍ରଗଣେ । ନିଗମପଥ ଆଚରଣେ ॥
ଯଜ୍ଞେ ପୂଜିଲେ ଭଗବାନ । ଯେ ଯଜ୍ଞ ବେଦର ବିଧାନ ॥
ସେ ବିଷ୍ଣୁ ଯଜ୍ଞ ପୃଶ୍ନିଗର୍ଭି । ସ୍ୱଭାବେ ନାମ ସର୍ବଦେବ ॥
ସେ ଉରୁକ୍ରମ ବୃଷାକପି । ଏମନ୍ତ ନାମ ନିତ୍ୟେ ଜପି ॥
ଦ୍ୱାପରଯୁଗେ ଶ୍ୟାମବର୍ଣ୍ଣ । ପୀତବସନ ପରିଧାନ ॥
ନିଜ ଆୟୁଧ ନିଜକରେ । ଶ୍ରୀବତ୍ସ କୌସ୍ତୁଭ ଉରରେ ॥
ଏ ଆଦି ଲକ୍ଷଣେ ଲକ୍ଷିତ । ଅଶେଷ ଭୁବନେ ପୂରିତ ॥
କାମକୁ ନିନ୍ଦେ କଲେବର । ସମ୍ପଦ ରାଜରାଜେଶ୍ୱର ॥
ସେ ରୂପ ଦେଖି ମୁନିଜନେ । ପୂଜନ୍ତି ଯନ୍ତ୍ର ମନ୍ତ୍ର ଧ୍ୟାନେ ॥
ସେ ସର୍ବ ଦେବମୟ ହରି । ପୂର୍ଣ୍ଣଶବଦେ ସ୍ତୁତିକରି ॥
ଶ୍ରୀ ବାସୁଦେବ ନମୋଽସ୍ତୁତେ । ଶଙ୍କରଷଣ ବୋଲି ତୋତେ ॥
ପ୍ରଦ୍ୟୁମ୍ନ ଅନିରୁଦ୍ଧ ତୁହି । ଏ ଚ୍ୟୂହରୂପ ଏକଦେହୀ ॥
ନମସ୍ତେ ପ୍ରଭୁ ଜଗନ୍ନାଥ । ଯାର ଶରୀର ଏ ଜଗତ ॥
ତୁ ବିଶ୍ୱନାଥ ବିଶ୍ୱପତି । ମହାପୁରୁଷ ସର୍ବଗତି ॥
ଦ୍ୱାପର ଯୁଗରେ ଏମନ୍ତେ । ବିଷ୍ଣୁଙ୍କୁ ପୂଜନ୍ତି ଜଗତେ ॥
ଦ୍ୱାପରଯୁଗ ଶେଷକାଳେ । କଳି ଆଗମ ଅନ୍ତରାଳେ ॥
ରୂପ ପ୍ରକାଶେ ଚକ୍ରପାଣି । ଯେସନେ ଇନ୍ଦ୍ରନୀଳମଣି ॥
କୃଷ୍ଣମୂରତି ଭଗବାନ । କେବଳ ନାମ-ସଂକୀର୍ତ୍ତନ ॥
କୃଷ୍ଣର ରୂପ ଗୁଣ ଯେତେ । ଧ୍ୟାନେ ନିରୋପି ଶୁଦ୍ଧଚିତ୍ତେ ॥
ପ୍ରତିମା କରି ନାନା ମତେ । କୃଷ୍ଣ ପୂଜନ୍ତି ଯଜ୍ଞସୂତ୍ରେ ॥
ଅଙ୍ଗ ଉପାଙ୍ଗ ମନ୍ତ୍ର ତନ୍ତ୍ରେ । ବିଷ୍ଣୁର ପାରିଷଦ ଯେତେ ॥
ସକଳ ପୂଜି ସାବଧାନେ । ସ୍ତୁତି କରିବ ଏ ବଚନେ ॥
ହେ ମହାପୁରୁଷ ମୁକୁନ୍ଦ । ବନ୍ଦେ ତୋ ଚରଣାରବିନ୍ଦ ॥
ମୁନି କରନ୍ତି ଯାର ଧ୍ୟାନ । ହରଇ ପରିଭବମାନ ॥
ଅଭୀଷ୍ଟଫଳ କାମଧେନୁ । ତୀର୍ଥନିବାସ ଯା ଚରଣୁ ॥

ଭିବ ବରଣ୍ଣି ଯାକୁ ଚିତ୍ତେ । ସ୍ତୁତି କରନ୍ତି ଅବିରତେ ॥
ଶରଣଜନର ରକ୍ଷଣ । ଭୃତ୍ୟ-ଆରତି-ନିବାରଣ ॥
ପ୍ରଣୀତଜନ ଯେ ପାଳଇ । ଏ ଭବଜଳେ ନାବ ହୋଇ ॥
ଯେ ରାଜଲକ୍ଷ୍ମୀ ଦେବଗଣେ । ଧ୍ୟାନେ ଚିନ୍ତନ୍ତି ଅନୁକ୍ଷଣେ ॥
ମନୁଷ୍ୟଦେହ ମର୍ତ୍ତ୍ୟେ ଧରି । କେ ଅବା ପାରେ ଦୂର କରି ।
ପିତୃବଚନ ଶିରେ ଧରି । ଯେ ରାଜ୍ୟ ଦୂରେ ପରିହରି ॥
ଧର୍ମିଷ୍ଠଗୁଣେ ପଶି ବନେ । ଯନ୍ତ୍ରିତ ପ୍ରିୟାର ବଚନେ ॥
ଧାଇଁଲା ମାୟାମୃଗ ଅର୍ଥେ । ବନ-ଗହନ-ଘୋରପଥେ ॥
ସେ ପଦେ ମୋର ନମସ୍କାର । ଧ୍ୟାନେ ଖଣ୍ଡଇ ତମଘୋର ॥
ଯୁଗକୁ ଯୁଗ ଏହିମତେ । ପରମାନନ୍ଦ ଏ ଜଗତେ ॥
ଧରଣୀ ମଧ୍ୟେ ଅବତରି । ଭ୍ରମଇ ନାନାରୂପ ଧରି ॥
ସେ ରୂପ ପୂଜି ନର ନାରୀ । ମାୟା-ସଂସାରୁ ଯାନ୍ତି ତରି ॥
ଯେ ପ୍ରାଣୀ ପଣ୍ଡିତ ବୋଲାଇ । ଗୁଣଙ୍କ ସବି ସାରଗ୍ରାହୀ ॥
ସକଳ ଶାସ୍ତ୍ର ଅନୁମାନେ । ନିର୍ମଳଚିତ୍ତେ ମହାଜ୍ଞାନେ ॥
ବେଦ ବିଚାରି ବ୍ରହ୍ମଭାଗ । ସେ ବୋଲେ ଧନ୍ୟ କଳିଯୁଗ ॥
ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ । କୃଷ୍ଣର ନାମ ସଂକୀର୍ତ୍ତନେ ॥
କଳିକଲୁଷେ ଦୁଷ୍ଟଚିତ୍ତେ । ଗୃହ-କଷଣେ ଅବିରତେ ॥
ନାନା ସଙ୍କଟେ ଯେବେ ଥାନ୍ତି । ସଂସାରେ ନାହିଁ ତାଙ୍କ ଭ୍ରାନ୍ତି ॥
ଲବେ ନିମିଷେ କ୍ଷଣେ ଲେଶେ । ଯେ ଅବା ଥିବେ ଯେଉଁଦେଶେ ॥
କୃଷ୍ଣର ନାମ ଉଚ୍ଚେ ଗାଇ । ଲୋମପୁଲକ ତନୁ ବହି ॥
ନୟନୁ ବହି ଅଶ୍ରୁଜଳ । ଲଭନ୍ତି କୋଟିତୀର୍ଥ ଫଳ ॥
ଏ ବଡ଼ ଲାଭ ଏ ଜଗତେ । କୃଷ୍ଣଭଜନ ନାନାମତେ ॥
ମୁଖେ ଉଚ୍ଚାରି ନିତି ନିତି । ଅଶେଷ ପାପୁଁ ତରିଯାନ୍ତି ॥
ସତ୍ୟଯୁଗର ପ୍ରଜାଗଣ । ଭବିଷ୍ୟମତେ ପରିମାଣ ॥
କରି କଳ୍ପିନ୍ତି ସୁଖଭୋଗ । ଆମ୍ଭେ ଜନ୍ମିବୁଁ କଳିଯୁଗ ॥
ବ୍ରାହ୍ମଣଆଦି ଚାରିବର୍ଣ୍ଣେ । ତରିବେ ନାମ ସଂକୀର୍ତ୍ତନେ ॥
ତାହାଙ୍କ ମଧ୍ୟେ ଆମ୍ଭେ ଥାଇ । ଗୁଣ୍ଡେ ଗୋବିନ୍ଦ ନାମ ଗାଇ ॥
ଭକତମୁଖୁଁ କୃଷ୍ଣ ଶୁଣି । ତରିବୁଁ ଭବତରଙ୍ଗିଣୀ ॥
ଗୋବିନ୍ଦ-ଚରଣାରବିନ୍ଦ । ସ୍ୱାଦୁ, ସୁଗନ୍ଧ, ମକରନ୍ଦ ॥
ମନଭ୍ରମରେ କରି ପାନ । ଯେ ଅବା ଥିବେ ସାଧୁଜନ ॥
ତାହାଙ୍କ ସଙ୍ଗେ ମିତ୍ରପଣେ । ସେବିବୁଁ କୃଷ୍ଣର ଚରଣେ ॥
ଏମନ୍ତ ଚିତ୍ତେ କରି ଆଶା । କଳିକି କରନ୍ତି ପ୍ରଶଂସା ॥
ମୁଖେ ଧରନ୍ତି କୃଷ୍ଣନାମ । ଶ୍ରବଣମାତ୍ରେ ଅଭିରାମ ॥
ପ୍ରବେଶ କରି ପ୍ରାଣିମଧ୍ୟେ । ଜନ୍ମ-ମରଣ-ପଥ ଚ୍ଛେଦେ ॥

ନାରଦ ଉବାଚ

ଏମନ୍ତେ ନବ ମୁନିଗଣେ । ରାଜାକୁ ଚାହିଁ ଜଣେ ଜଣେ ।
କହିଲେ ଭାଗବତ ଧର୍ମ । ଯେରୂପେ ବିଷ୍ଣୁ-ସେବା-କର୍ମ ॥
ଶୁଣି ସାନନ୍ଦ ଦଣ୍ଡଧାରୀ । ଲୋମପୁଲକ ତନୁ କରି ॥
ନୟନୁ ଅଶ୍ରୁଜଳ ଝରେ । ନିର୍ମଳ ବାହ୍ୟ ଅଭ୍ୟନ୍ତରେ ॥
ମୁନିଙ୍କ ଚରଣେ ପୂଜିଲା । ଆନନ୍ଦେ ନୟନ ବୁଜିଲା ॥
ତକ୍ଷଣେ ସଭା ବିଦ୍ୟମାନେ । ମୁନି ଚଳିଲେ ଅନ୍ତର୍ଦ୍ଧାନେ ॥
ଯେ ଧର୍ମ କହିଗଲେ ମୁନି । ନିମି ହୃଦରେ ତାହା ଘେନି ॥
ଭାବ ହୋଇଲା ଭବୁ ପାର । ଏବେ ହୋ ଶୁଣ ଯଦୁବୀର ॥
ତୁ ଏବେ ଏହି ଧର୍ମ କରି । ଅନ୍ତେ ଲଭିବୁ ନରହରି ॥
ତୁ ଧନ୍ୟ ଧନ୍ୟ ତୋ ଜୀବନ । ଯାହାର ପୁତ୍ର ଭଗବାନ ॥
ଲଭିଲୁ ପୂର୍ବ ତପଫଳେ । ଏଣୁ ତୋ ଯଶ ମହୀତଳେ ॥
ବିଖ୍ୟାତ ତିନି ଭୁବନରେ । ଯେ ଯଶ ଗାଇ ପ୍ରାଣୀ ତରେ ॥
ଆସନ ଭୋଜନ ଶୟନେ । ନିରତେ ଦେଖୁ ତୁ ନୟନେ ॥
ଏ ମୋର ପୁତ୍ର ବୋଲି ଭୋଳେ । ଚୁମ୍ବନ ଦେଇ ଧରୁ କୋଳେ ॥
ବ୍ରହ୍ମକୁ କରୁ ଆଲିଙ୍ଗନ । ଏଣୁ ତୁ ତ୍ରିଭୁବନେ ଧନ୍ୟ ॥
ଦନ୍ତ ନିକଟ ବିଦୂରଥ । ଶାଲ୍ୱ ସହିତେ ଚେଦିନାଥ ॥
କଂସ ମଗଧେଶ୍ୱର ଯେତେ । ଦୁଷ୍ଟ ଯେ ଥିଲେ ଭୂମିଗତେ ॥
କୃଷ୍ଣେ ବଇରୀଭାବ ବହି । ପଶିଲେ କୃଷ୍ଣ ଦେହେ ଯାଇ ॥
ସେ ହରି-ଚରଣ-କମଳେ । ଯେ ଚିନ୍ତେ ସ୍ନେହଭାବଭୋଳେ ॥
ତାହାର ଗତି କେବା ଜାଣି ! ବ୍ରହ୍ମା ଶଙ୍କର ପରମାଣି ॥
କୃଷ୍ଣର ପୁତ୍ର ତୁ ନ ମଣ । ସେ ଯେ ଅନାଦି ନାରାୟଣ ॥
ଆଦିପୁରୁଷ ତୋର ଘରେ । ମାୟାମନୁଷ୍ୟ ରୂପ ଧରେ ॥
ହେଲେ ଅସୁରବଳ ମାରି । ଆପଦୁଁ ଅବନୀ ଉଦ୍ଧାରି ॥
ସ୍ୱଭାବେ ଜନ୍ମ ଯାର ନାହିଁ । ମନ ବଚନେ ଭେଦ କାହିଁ ॥
ସେ ହରି ଦେବକୀ-ଉଦରେ । ଜନ୍ମ ଲଭିଲେ ତୋର ଘରେ ॥
ତୋ ଯଶ ଜଗତେ ବିସ୍ତାରି । ସେ ପୁଣି ଯିବେ ନିଜପୁରୀ ॥
ଏମନ୍ତେ ନାରଦର ବାଣୀ । ଦେବକୀ-ବସୁଦେବ ଶୁଣି ॥
ତନୁ ପୁଲକ ଲୋମରାଜି । ଭାବ ଗଦ୍ଗଦେ ଚକ୍ଷୁ ବୁଜି ॥
କୃଷ୍ଣଙ୍କୁ ପୁତ୍ରଭାବେ ମଣି । କିଛି ନ ବୋଲି ହେଲେ ତୁନି ॥

ଶ୍ରୀ ଶୁକ ଉବାଚ

ବୋଲନ୍ତି ଶୁକ ମୁନିବର । ସେ ନବ ଋଷଭକୁମର ॥
ନିମିର ଯଜ୍ଞଶାଳେ ଯାଇ । ଯେ ଇତିହାସ ଗଲେ କହି ॥

ଧ୍ୟାନେ ଗୁପତ ପୁରାତନ । ବିଶେଷେ ନାରଦ-ବଚନ ॥
ଯେ ଏହା ଶ୍ରବଣେ ଶୁଣନ୍ତି । କି ଅବା ବଦନେ ଗୁଣନ୍ତି ॥
ସକଲ ପାପପଙ୍କୁ ତରି । ଅନ୍ତେ ଲଭନ୍ତି ନରହରି ॥
ଶ୍ରୀ ଏକାଦଶ ଭାଗବତ । କହିଲା ଦାସ ଜଗନ୍ନାଥ ॥
ହରି ଚରିତ ଗୀତବନ୍ଧେ । ସଂକ୍ଷେପେ ଏକାଦଶସ୍କନ୍ଧେ ॥
ଅମୃତ ରସମୟ ଗୀତ । ଶୁଣନ୍ତେ ଜଗତ ପବିତ୍ର ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ବସୁଦେବ-
ନାରଦ ସମ୍ବାଦେ ବର୍ଣ୍ଣଭେଦଭକ୍ତିଯୋଗ କଥନଂ
ନାମ ଷଷ୍ଠୋଽଧ୍ୟାୟଃ ।

( 14 )

## ଅବଧୂତ-ଯଦୁରାଜ-ସଂବାଦ (Sk. XI, Ch. X).

### ଅବଧୂତ ଉବାଚ

ଶୁଣ ହେ ଯଦୁ ନୃପବର । ଯେ ଅବା ଅନୁଭବ ମୋର ॥
ଗୁରୁ-ବଚନ ମୋର ଯେତେ । ସବୁ କହିବି ତୋ ଅଗ୍ରତେ ॥
ଏ ଯେତେ ଦ୍ରବ୍ୟ ପରିଗ୍ରହ । ଜାଣ ତୁ ସର୍ବ ଦୁଃଖମୟ ॥
ଏ ଘେନ ଜ୍ଞାନୀ ଅକିଞ୍ଚନେ । ନିଶ୍ଚିନ୍ତେ ରହେ ସୁଖମନେ ॥
ପକ୍ଷୀଙ୍କ ମଧ୍ୟେ ବଲୀୟାର । ସ୍ୱଭାବେ ପ୍ରଚଣ୍ଡ କୁରର ॥
ନିତ୍ୟେ ମାରଇ ନାନା ପକ୍ଷୀ । ଜୀବନ ପୋଷେ ମାଂସ ଭକ୍ଷି ॥
ତାର ମହିମା ଜନେ ଶୁଣି । ବନ୍ଦୀ କରନ୍ତି ଘରେ ଆଣି ॥
ସେ ପୁଣି ନିତ୍ୟେ ପକ୍ଷୀ ମାରେ । ମାଂସ ଭକ୍ଷଇ ନେଇ ପରେ ॥
କେବଲ ଶ୍ରମମାତ୍ର ସାର । ନ ଭକ୍ଷେ ଉଚିତ ଆହାର ॥
ମୁହିଁ ତାହାର ଦୁଃଖ ଚାହିଁ । ତା ଠହୁଁ ଗୁରୁଶିକ୍ଷା ପାଇ ॥
ନ କରି ବସ୍ତୁ ପରିଗ୍ରହ । ଏକା ଭ୍ରମଇ ଶୂନ୍ୟ ଦେହ ॥
ନାହିଁ ମୋ ମନେ ଅପମାନ । ପୁତ୍ର, କଲତ୍ର, ଗୃହ, ଧନ ॥
ଆତ୍ମାକୁ ରମଇ ମୁଁ ନିତ୍ୟେ । ନିଶ୍ଚିନ୍ତେ ଭ୍ରମଇ ଜଗତେ ॥
ଶିଶୁର ନାହିଁ ପରାପର । ସମସ୍ତ ଏକଇ ବିଚାର ॥
ଯେଣୁ ତା କିଛି ଚିନ୍ତା ନାହିଁ । ତେଣୁ ମୁଁ ଗୁରୁ-ଶିକ୍ଷା ପାଇ ॥
ଏବେ ହୋ ଶୁଣ ମନସ୍ଥିରେ । ପୂର୍ବେ ଯେ ଅବନ୍ତି ନଗରେ ॥
ସୁସାଧୁ ସୁନ୍ଦର ଶରୀରେ । କନ୍ୟାଏ ଥିଲା ବିପ୍ରଘରେ ॥
ସେ କନ୍ୟା ବିଭା-ଅର୍ଥେ ବରି । ବିପ୍ରେ ମିଳିଲେ ପାଞ୍ଚ ଚାରି ॥
କନ୍ୟାର ପିତା ସଙ୍ଗମେଳେ । ବିବାହ-ପ୍ରସ୍ତାବ ବିଚାରିଲେ ॥
ବିଚାର କରି କନ୍ୟା ମାତା । ନିକଟେ ବସାଇ ଦୁହିତା ॥

ବୋଲଇ କନ୍ୟା-ମୁଖ ଚାହିଁ । ତଣ୍ଡୁଳ ଆଣେ ଧାନ୍ୟ ଦେଇ ॥
ବେଗେ ତୁ କୁଟ ବୋଲ ଭଈ । ତା ଶୁଣି ବ୍ରାହ୍ମଣକୁମାରୀ ॥
ଗୋଲ ମୂଷଳ ଏକକରି । କୁଟଇ ବେନିକରେ ଧରି ॥
ଭୁଜେ ତା ବଳୟ କଙ୍କଣ । କୁଟନ୍ତେ ଶୁଭେ ରୁଣ ଝୁଣ ॥
ପୁଣି କୁମାରୀ ଲଜ୍ଜା ପାଇ । ଅଧେ କଙ୍କଣ ହସ୍ତୁ ଫେଇ ॥
ପୁଣ କୁଟନ୍ତେ ଧୀରେ ଧୀରେ । ହସ୍ତ କଙ୍କଣ ନାଦ କରେ ॥
କୁମାରୀ ମନେ ବିଚାରଇ । ସଙ୍ଗ-ଗହଳେ ଗୋଳ ହୋଇ ॥
ଏମନ୍ତ ବିଚାରିଣ ଥୋକେ । ପୁଣି ଫେଇଲା ଏକେ ଏକେ ॥
ବେନି କଙ୍କଣ ବେନି କରେ । କୁଟନ୍ତେ ଶବଦ ନ କରେ ॥
ଯହିଁ ଅନେକ ସଙ୍ଗ ମିଳି । ଅବଶ୍ୟ ଉପୁଜଇ କଳି ॥
ଏଣୁ କୁମାରୀ ଅନୁରାଗେ । ଗୁରୁବଚନ ଶିକ୍ଷା-ଭାଗେ ॥
ଏକାନ୍ତେ ଭ୍ରମୁଥାଇ ମୁହିଁ । କେବେହେଁ ସଙ୍ଗ ନ କରଇ ॥
ଏଣୁମୁଁ ଅଭ୍ୟାସି ପବନ । ନିରୋଧି ଏ ଚଞ୍ଚଳ ମନ ॥
ବୈରାଗ୍ୟ-ଯୋଗ-ଅଭ୍ୟାସନେ । ବୁଲଇ ଆତ୍ମା-ସଂଯମନେ ॥
ହରିର ପାଦେ ନିବେଦନ । ତେଣୁ ନିଶ୍ଚଳ ମୋର ଧ୍ୟାନ ॥
ସ୍ୱଭାବେ ରଜୋଗୁଣ ଛାଡ଼ି ସତ୍ତ୍ୱ ସଂଯୋଗେ ଚିତ୍ତ ଜଡ଼ି ॥
ସତ୍ୟକୁ ଜାଣି ସତ୍ତ୍ୱଗୁଣେ । ନିର୍ମାଣି ପରମ କାରଣେ ॥
ନିଶ୍ଚଳେ ଥାଇ ଶୁଦ୍ଧ ମନେ । ବାହ୍ୟ ଅନ୍ତରେ ସ୍ମରଣେ ॥
ଯେସନେ ଶରକୃତ ପଥେ । ଶର ବନ୍ଧଇ ହେଠମାଥେ ॥
ତାର ନିକଟେ ରାଜା ଗଲା । ସେ ତାହା ଜାଣି ନ ପାରିଲା ॥
ଏଣୁ ତାହାର ଚିହ୍ନୁ ଦେଖି । ମୁଁ ଏବେ ଗୁରୁଶିକ୍ଷା ଶିଖି ॥
ଏକାନ୍ତ ମୁନିପ୍ରାୟ ଧୀରେ । ମୋ ଚିତ୍ତ ନ ରହଇ ଘରେ ॥
ଏଣୁ ମୁଁ ସାବଧାନ ଚିତ୍ତେ । ନିରତେ ଭ୍ରମଇ ଜଗତେ ॥
ଯେବେ ମଉନବ୍ରତୀ ନର । ନ ଛାଡ଼େ ଉଚିତ ବେଭାର ॥
ଏ ଘେନି ଗୃହାରମ୍ଭ ଛାଡ଼ି । ଅଳପ ଧନେ ମନ ବଢ଼ି ॥
ପିତୃ-ଅତିଥି-ସେବା-ଅର୍ଥେ । ଆଚରି ଥିବ ଲୋକମତେ ॥
ଆତ୍ମା-କାରଣେ ବ୍ୟର୍ଥ ଘର । କେବେହେଁ ନ କରି ତତ୍ପର ॥
ଶରୀର ରଖଇ-ନୀରୋଲେ । ସର୍ପ ଯେସନେ ନାନାବିଲେ ॥
ଏଣୁ ମୁଁ ସର୍ପଦୀକ୍ଷା ଧରି । ଗୃହସ୍ଥ ଆଶ୍ରମ ନ କରି ॥
ଥୟ ନ କରି ଏକସ୍ଥାନ । ବଞ୍ଚଇ ନାନାତୀର୍ଥେ ଦିନ ॥
ଦେଖ ଏ ବିଷ୍ଣୁ ମାୟା କରି । ଜଗତେ ଖେଳଇ ମୁରାରି ॥
ପୁଣି ସଂହାରି କାଳରୂପେ । ନିଶ୍ଚିନ୍ତେ ରହେ ଆତ୍ମାସୁଖେ ॥
ସ୍ୱଭାବେ ବୋଲାଇ ଈଶ୍ୱର । ସେ ହରି ସର୍ବଶକ୍ତି ଧରି ॥
ପ୍ରକୃତି-ପୁରୁଷ-ଅନ୍ତର । ସ୍ୱଭାବେ ନାହିଁ ପରାପର ॥

ଉପାଧି-ବର୍ଜିତ ଈଶ୍ୱର । ଫେଣ ବିକାଶେ ଯେହ୍ନେ ନୀର ॥
ସୃଷ୍ଟି ଇଚ୍ଛଇ ଯେତେ ବେଳେ । ସୃଜଇ ମାୟା ଯୋଗବଳେ ॥
ତ୍ରିଗୁଣମୟୀ ବିଷ୍ଣୁମାୟା । ବେଦ ବେଦାନ୍ତ କହେ ଯାହା ॥
ସେ ମାୟା ନାନା ମୂର୍ତ୍ତି ଧରି । ବ୍ରହ୍ମାଣ୍ଡ ମଧ୍ୟେ ଅଛି ପୂରି ॥
ସେ ମାୟାବଳେ ନାରାୟଣ । ଜଗତ କରେ ପୁଣ ପୁଣ ॥
ଯେସନେ କୀଟ ଊର୍ଣ୍ଣନାଭି । ନିଜ ବଦନୁ ସୂତ୍ର ଭାବି ॥
ଜାଲ ନିର୍ମାଇ ରାତ୍ରମୁଖେ । ମଧ୍ୟେ ବିହରେ ନାନା ସୁଖେ ॥
ଏକାନ୍ତେ ରାତ୍ରେ କ୍ରୀଡ଼ା କରେ । ସୂର୍ଯ୍ୟ-ଉଦୟେ ତା ସଂହରେ ॥
ଏରୂପେ ସୃଷ୍ଟି-ଲୀଳା କରି । ସଂସାରେ ଖେଳେ ନରହରି ॥
ଏବେ ହେ। ଶୁଣ ନରପତି । ସଂସାରେ ଜୀବଆତ୍ମା-ଗତି ॥
ଦେହ ବିଯୋଗକାଳେ ଜନ୍ତୁ । ମନେ ଚିନ୍ତଇ ଯେତେ ହେତୁ ॥
ଏକାନ୍ତ ସ୍ନେହବଶ ଭୟେ । ନିଶ୍ଚଳ ଧ୍ୟାନ ଯହିଁ ରହେ ॥
ଜନ୍ମଇ ସେହି ରୂପ ଧରି । ଯେସନେ କୀଟ ପେଷକାରୀ ॥
କୀଟ ଆଣଇ ନାନାରୂପେ । ନିଜ ଭୁବନେ ନେଇ ସ୍ଥାପେ ॥
ସେ କୀଟ ପ୍ରାଣଯିବାବେଳେ । ଯାହାକୁ ଦେଖିଥାଇ ଡୋଳେ ॥
ଭୟେ ଚିନ୍ତଇ ତାର ରୂପ । ଜନ୍ମଇ ଯେନ ସେହିରୂପ ॥
ମୋହର ମନ ସେହିମତେ । କୃଷ୍ଣ-ଚରଣେ ଅବିରତେ ॥
ନିଶ୍ଚଳେ ଥାପି ଅବଧାନେ । ବୁଲଇ ମୁହିଁ ପର୍ଯ୍ୟଟନେ ॥
ଏମନ୍ତେ ଗୁରୁ ମୋର ଯେତେ । ତାହାଙ୍କ ଉପଦେଶମତେ ॥
କାୟ, ବଚନ, ମନେ ଧରି । ଭ୍ରମଇ ଅବନୀ ବିହରି ॥
ଆତ୍ମାର ଗୁରୁ ମୁଁ ଆପଣେ । ତେଣୁ ଧରଇ ତାକୁ ମନେ ॥
ଦେହରେ ଜନ୍ମ ମୃତ୍ୟୁ ଦୁଇ । ବିଷ୍ଣୁ-ମାୟାରେ ପ୍ରବର୍ତ୍ତଇ ॥
ଏ ବୋଲି ବୁଦ୍ଧି ମୋର ମତି । ଏ ଦେହେଁ ନ କରେ ପୀରତି ॥
ଅନେକ ଜନ୍ମ କର୍ମଭୋଗେ । ମୋହର ଜନ୍ମ ବଇରାଗ୍ୟେ ॥
ଉଦାସୀମତେ ଦେହେ ଥାଇ । ଗୁରୁଙ୍କ ଉପଦେଶ ଧ୍ୟାୟି ॥
ପୁତ୍ର, କଳତ୍ର, ଦାସୀ, ଦାସେ । ଏହାକୁ ପୋଷି ଦେହ-ଆଶେ ॥
ଦେହର ସଙ୍ଗେ ଏ ରହନ୍ତି । ମରଣେ କେହି ନ ଗମନ୍ତି ॥
ନିୟତ କର୍ମ ସଙ୍ଗ କରି । ଅନ୍ଧ ଯେସନେ ଯଷ୍ଟି ଧରି ॥
ବୃକ୍ଷଙ୍କ ଧର୍ମ ପ୍ରାୟେ ଦେହୀ । ଅବଶ୍ୟ ଜନ୍ମିଲେ ମରଇ ॥
ଏଣୁ ଅନିତ୍ୟ ଦେହେ ମୁହିଁ । କେବେହେଁ ବିଶ୍ୱାସ ନ ଯାଇ ॥
ଇନ୍ଦ୍ରିୟେ ଏହାକୁ ଆବୋରି । ଭୁଞ୍ଜନ୍ତି ଜଣେ ଜଣେ କରି ॥
ଶ୍ମଶାନେ ମୃତପିଣ୍ଡ ଯେହ୍ନେ । ଶ୍ୱାନ ଶୃଗାଳଙ୍କ ବଦନେ ॥
ରସ-ଲାଳସେ ଜିହ୍ୱା ଧରେ । ଆହାର ଅର୍ଥେ କର୍ମ କରେ ॥
ନିଜ ସ୍ୱଭାବେ ଷଡ଼ରସେ । ଭ୍ରମଇ ନାନା ଦେଶେ ଦେଶେ ॥

ତୃଷାର ଇଚ୍ଛାବଳେ ପୁଣି । ମାଗଇ ସୁଶୀତଳ ପାଣି ।
ନ ପାଇ କରେ ବହୁ ତ୍ରାସ । ଏମନ୍ତେ ପ୍ରାଣ ଯାଏ ନାଶ ।
ଇନ୍ଦ୍ରିୟ ଧରେ ପୁଣି ବଳେ । ଭ୍ରମଇ ସେ ମୈଥୁନ-ଫଳେ ।
ଅମୃତପ୍ରାୟ ଯୋନି ଦରଶେ । ଏଣୁ ଭ୍ରମଇ କାମବଶେ ।
ଶୀତ ତପତ-ଧର୍ମ ଧରେ । ଅଗ୍ନି, ପବନ ଆଶ୍ରେ କରେ ।
କ୍ଷୁଧା-ଅନଳେ ଧରେ ପେଟ । ଆତ୍ମାକୁ କରେ ଛଟପଟ ।
ଯାବତ ନ ପୂରେ ଉଦର । ତାବତ ଜ୍ଞାନ କାହିଁ ତାର ।
ଶ୍ରବଣ ଧରେ ପୁଣି ପୁଣି । ସ୍ତୁତି-ନନ୍ଦନ-ବାକ୍ୟ ଶୁଣି ।
ନାସିକା ଧରେ ଗନ୍ଧ-ଆଶେ । ଏଣୁ ଭ୍ରମଇ ଶୁଭବାସେ ।
ଚକ୍ଷୁ ଧରଇ ରୂପ ଅର୍ଥେ । ଏଣୁ ଭ୍ରମଇ ନାନାପଥେ ।
ଅନ୍ତେ ଧରଇ କର୍ମଗ୍ରଣି । ବେଷ୍ଟିତ ହୁଏ କାଳପାଶି ।
ଏଣୁ ଏ ସାଧାରଣ ଦେହେ । ଜ୍ଞାନୀଙ୍କି ବସ୍ତୁଜ୍ଞାନ ନୁହେଁ ।
ବହୁତ ସପତଣୀ ଯେହ୍ନେ । ସ୍ୱାମୀ ମାରନ୍ତି ଅପମାନେ ।
ଜୀବର ଅଳପ ଶକତ । ଶତେ ଯୁବତୀ ଏକପତ ।
କାମିନୀଗଣେ ବନ୍ଦୀ ହୋଇ । ସେ ଯେହ୍ନେ ଅଳପେ ମରଇ ।
ଏଣୁ ଏ ଦେହେ ମାୟା ଜଡ଼େ । ନିଜ ନିସ୍ତାର-ପଥ ହୁଡ଼େ ।
ଏଣୁ ଏ ବିଷ୍ଣୁର ରଚନା । କୀଟହୁଁ ବ୍ରହ୍ମାଦି କଳ୍ପନା ।
ଆତ୍ମା-କ୍ରୀଡ଼ନେ ନରହରି । ପୂର୍ବେ ଅନେକ ସୃଷ୍ଟି କରି ।
ସଂସାରେ ଖେଳି ନାନାମତେ । ସନ୍ତୋଷ ନ ପାଇଲେ ଚିତ୍ତେ ।
ଏଣୁ ମାନବ ସୃଷ୍ଟି କଲା । ଯହିଁ ବିଶ୍ରାମ ସର୍ବ ଲୀଳା ।
ବ୍ରହ୍ମାଦି ସକଳ ଶରୀରେ । ବିଜ୍ଞାନ-ବିଷୟ-ଗୋଚରେ ।
ମନୁଷ୍ୟ-ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ।
ଅଶେଷି କୋଟି ଯୋନି ଭ୍ରମେ । ବିପାକ ଅବଶେଷ କର୍ମେ ।
କେବଳ ସୁଖ-କର୍ମ-ଭୋଗେ । ନିଶ୍ଚେ ଗୋବିନ୍ଦ ଅନୁରାଗେ ।
ଦୁର୍ଲ୍ଲଭ ମନୁଷ୍ୟ ଶରୀର । ସ୍ୱଭାବେ ଅନିତ୍ୟ ସଂସାର ।
ଦେହ ଲଭଣ ମହୀସ୍ଥଳେ । ଅନେକ ଶୁଭକର୍ମ ଫଳେ ।
ଭାଗ୍ୟେ ଦୁର୍ଲ୍ଲଭ ଦେହ ପାଇ । ଯାହାର ଜ୍ଞାନ ପ୍ରକାଶଇ ।
ଜଗତ ଦେଖି ବିଷ୍ଣୁମୟେ । ସେ ଯେ ନ ପଡ଼େ ମାୟାମୋହେ ।
ମନୁଷ୍ୟ-ମୁଣ୍ଡେ ମୃତ୍ୟୁ ବସେ । ଆତ୍ମାକୁ ଅନୁକ୍ଷଣେ ଗ୍ରାସେ ।
ଯାବତ ମୃତ୍ୟୁ ଅଛି ଦୂରେ । ସୁନ୍ଦର ଯୁବା କଳେବରେ ।
ସାଧିବ ସକଳ ଶକତ । ଯେଣେ ଜନ୍ମିବ ବିଷ୍ଣୁଭକ୍ତି ।
ଏ ଜୀବ ବନ୍ଦୀ କର୍ମପାଶେ । ସାଧିବ ବନ୍ଧନ ଉଣ୍ଧାସେ ।
ଏରୂପେ ହୃଦୟେ ନିବେଦେ । ଆତ୍ମାକୁ ଈଶ୍ୱର ଅଭେଦେ ।
ଦେଖିବ ଜ୍ଞାନଚକ୍ଷୁଦ୍ୱାରେ । ଦୁର୍ଲ୍ଲଭ ମନୁଷ୍ୟଶରୀରେ ।

ସକଳ ସଙ୍ଗ ପରିହରି । ଏଣୁ ମୁଁ ଏହି ରୂପ ଧରି ॥
ସୁଦୂରେ ତେଜି ଅହଂକାର । ଆନନ୍ଦେ ଭ୍ରମଇ ସଂସାର ॥
ଏମନ୍ତେ କହି ଅବଧୂତ । ଅତି ଗମ୍ଭୀର ଗୁଣଯୁତ ॥
ଶୁଣି ଆନନ୍ଦ ଯଦୁରାଜା । ତାର ଚରଣେ କରି ପୂଜା ॥
ସ୍ତୁତି କରନ୍ତେ ସାବଧାନେ । ବ୍ରାହ୍ମଣ ଗଲା ଅନ୍ତର୍ଦ୍ଧାନେ ॥
ବିଚାରି ତାହାର ବଚନେ । ରାଜା ପଶିଲା ଘୋରବନେ ॥
ସକଳ ସଙ୍ଗ ଦୂରେ ତେଜି । ଧ୍ୟାନେ ଗୋବିନ୍ଦପାଦେ ଭଜି ॥
ଯୋଗେ ବିନାଶି କଳେବର । ଲଭିଲା ଗୋବିନ୍ଦ-ପୟର ॥
ଉଦ୍ଧବ-କୃଷ୍ଣର ସମ୍ବାଦ । ଶୁଣନ୍ତେ ଖଣ୍ଡଇ ପ୍ରମାଦ ॥
ପରୀକ୍ଷେ ଶୁକମୁନି କହେ । ସୁଜନେ ଏଣେ କର ଲୟେ ॥
ଏ ଚଉବିଂଶ ଗୁରୁବାଣୀ । ଉଦ୍ଧବେ କହେ ଚକ୍ରପାଣି ॥
ଏ କଥା ପରମ ଆନନ୍ଦେ । ସଂକ୍ଷେପେ ଏକାଦଶସ୍କନ୍ଧେ ॥
ପ୍ରାକୃତ ବନ୍ଧେ ଭାଗବତ । କହଇ ଦାସ ଜଗନ୍ନାଥ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଅବଧୂତ
ଯଦୁରାଜ ସମ୍ବାଦେ ନାମ ଦଶମୋଽଧ୍ୟାୟଃ ।

( 15 )

## ଉଦ୍ଧବ-ଶ୍ରୀକୃଷ୍ଣ-ସଂବାଦ (Sk. XI, Ch. XI).

ଶ୍ରୀ ଭଗବାନୁବାଚ

କହନ୍ତି ପ୍ରଭୁ ପଦ୍ମପାଣି । ଶୁଣ ଉଦ୍ଧବ ସାଧୁବାଣୀ ॥
ତୁ ଅଟୁ ଭକତ-ପ୍ରଧାନ । ତୋତେ ପ୍ରସନ୍ନ ମୋର ମନ ॥
ମୁହିଁ କହିଲି ଧର୍ମ ଯେତେ । ଆଗମ-ନିଗମ-ଉକତେ ॥
ସେ ଧର୍ମ ଦୃଢ଼ କରି ମନେ । ସାଧନ କର ସାବଧାନେ ॥
ଯେବଣ ଧର୍ମ କୁଳଧର୍ମ । ଯେ ବର୍ଣ୍ଣ, ଆଚାର ଆଶ୍ରମ ॥
କର୍ମ କରିବ କର୍ମ ତେଜି । ସାତ୍ତ୍ୱିକ୍ୟେ ମୋର ପାଦେ ଭଜି ॥
ଜୀବକୁ ଦୟା ଶୁଦ୍ଧଚିତ୍ତେ । ମହାଗହନ ଏ ଜଗତେ ॥
ଆରମ୍ଭମାନ ବିବର୍ଜଇ । ସର୍ବ ବିକାର ମାୟାମୟୀ ॥
ସ୍ୱପନେ ନାନା ଉପଭୋଗ । ସେ ଯେହ୍ନେ ଆତ୍ମାର ସଂଯୋଗ ॥
ମଣଇ ସତ୍ୟପ୍ରାୟେ ତାହା । ଦୃଷ୍ଟିଶ୍ରବଣେ ବିଷ୍ଣୁମାୟା ॥
ଯେତେ ଦେଖଇ ନାନା ରଙ୍ଗେ । ବିଫଳ ହୁଏ ନିଦ୍ରାଭଙ୍ଗେ ॥
ଏ ମାୟା ତ୍ରିଗୁଣେ ଜଡ଼ିତ । ବ୍ରହ୍ମାଦି ପ୍ରପଞ୍ଚ ଜଗତ ॥
ଏଣୁ ପ୍ରବୃତ୍ତି-ଧର୍ମ ଏଡ଼ି । ନିବୃତ୍ତି-ଧର୍ମେ ଚିତ୍ତ ଜଡ଼ି ॥
ସାଧୁ-ସଙ୍ଗମେ ସେବା କରି । ଧର୍ମେ ସାଧିବ ଶିକ୍ଷାଧରି ॥

ସୁତ, କଳତ୍ର, ଧନ, ପ୍ରାଣ । ଯେ ମୋତେ କରେ ସମର୍ପଣ ॥
ଏମନ୍ତେ ଗୁରୁସେବା କରି । ଚିତ୍ତେ ମୋହିବ ରୂପଧରି ॥
ତେଜିବ ମାନ ଅହଙ୍କାର । ମଦ-ମତ୍ସର ଯେ ବିକାର ॥
ସୁହୃଦ-ଭାବ ଶୁଦ୍ଧ ଚିତ୍ତେ । ନିର୍ମଳ ହୃଦୟ ବିଭୂତେ ॥
ଜ୍ଞାନ-ଅଭ୍ୟାସେ ଅବିରତ । ଚଞ୍ଚଳ ନ କରିବ ଚିତ୍ତ ॥
ସମତା ଦୃଷ୍ଟି ସତ୍ୟ ଭଷା । ନିତ୍ୟେ କରିବ ଏଣେ ଆଶା ॥
ଗଗନ ଯେହ୍ନେ ସର୍ବଶୂନ୍ୟ । ସେ ରୂପେ ହୋଇ ଉଦାସୀନ ॥
ବିମୁକ୍ତବନ୍ଧ ମହାଶୟ । ସମ୍ପଦ ବିପଦ ସଂଶୟ ॥
ସର୍ବ ଦେଖିବ ବିଷ୍ଣୁମୟ । ଧରିବ ଉଦାସୀନ ଦେହ ॥
କେବେହେଁ ନୁହିଁ ଅଭିମାନୀ । ଆତ୍ମା-ପରତେ ତତ୍ତ୍ୱଜ୍ଞାନୀ ॥
ଦେହକୁ ଦେଖୁଥିବ ଭିନ୍ନେ । କାଷ୍ଠ ଯେସନେ ହୁତାଶନେ ॥
ଏମନ୍ତେ ଗୁରୁବାକ୍ୟ ଜାଣି । ଅବସ୍ତୁ ପ୍ରାୟ ସର୍ବ ମଣି ॥
ଜଗତ ଦେଖି ବିଷ୍ଣୁମୟ । ଛାଡ଼ିବ ସକଳ ସଂଶୟ ॥
କର୍ମକରଣେ ଫଳ ପାଇ । ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ॥
ସ୍ୱତନ୍ତ୍ର ନୋହେ ସର୍ବକାଳେ । ଦୁଃଖେ ଭ୍ରମଇ ଏ ଶୟଳେ ॥
ଜୀବର ଦେହେ ବନ୍ଧ ପାଶ । କେବେହେଁ ନାହିଁ ସୁଖ ଲେଶ ॥
ନିଗୂଢ଼ ବନ୍ଧନ ପୟରେ । ବନ୍ଦୀ ଯେସନେ ବନ୍ଦୀଘରେ ॥
କାଳ ବଞ୍ଚଇ ଦୁଃଖ ସହି । ମୂର୍ଖ ପଣ୍ଡିତ ଭେଦ ନୋହି ॥
ଦାରୁଣ ଦୁଃଖ, ସୁଖ ମଣେ । ଦୁଃଖକୁ ସୁଖପ୍ରାୟ ଗଣେ ॥
ଏମନ୍ତେ ବୃଥା ଅହଙ୍କାରେ । ଜୀବ ଭ୍ରମଇ ନିରନ୍ତରେ ॥
ଏ ଯେବେ ଦୁଃଖ ସୁଖ ବୁଝେ । ସକଳେ ମୃତ୍ୟୁ ସଙ୍ଗେ ଯୁଝେ ॥
ବୁଦ୍ଧି-ବିବେକ-ଜ୍ଞାନବଳେ । ମରଣ ଜିଣିପାରେ ହେଳେ ॥
ଏହା ନ ବୁଝି ମୂଢ଼ଜନେ । ତପ କରନ୍ତି ଦୃଢ଼ମନେ ॥
ଏହାର ପୂର୍ବତପ-ଫଳେ । ଯଦ୍ୟପି ଅର୍ଥ-କାମ ମିଳେ ॥
ତେବେହେ ଦୁଃଖ ନୋହେ ନାଶ । ଭୁଞ୍ଜନ୍ତେ ଲଭେ ବହୁ କ୍ଳେଶ ॥
ଯାହାକୁ ବାନ୍ଧି ନେଇ ପଥେ । ଶ୍ମଶାନେ ଶିରଚ୍ଛେଦ ଅର୍ଥେ ॥
ତାହାର ଯେତେ ସୁତ, ଅର୍ଥ । ରକ୍ଷଣେ ନୁହନ୍ତି ସମର୍ଥ ॥
ସଂସାରେ ଦେଖି ଶୁଣି ଯେତେ । ବିଶ୍ୱରେ ଦୁଃଖ ଏ ସମସ୍ତେ ॥
ମାନ-ମତ୍ସର-ମୋହ-ଲୋଭ । ବିନାଶ-ଅପଚୟ-ଭାବ ॥
ଏ ସର୍ବ ଦୁଃଖର କାରଣ । ଉଦ୍ଧବ ଏହା ଭଲେ ଜାଣ ॥
କର୍ମ୍ମର ଫଳ ନାନାଗତ । ଏଣୁ ତୁ ବୁଝି ଦିଅ ମତ ॥
ବିଧି-ବିଧାନ ନାନା ଦାନ । ଯଜ୍ଞେ ଦେବତା-ଆରାଧନ ॥
ସେ ପୁଣ୍ୟବଳେ ସ୍ୱର୍ଗେ ଯାଇ । ଭୁଞ୍ଜଇ ଦିବ୍ୟ ଦେହ ବହି ॥
ନାନା ପ୍ରକାରେ ସୁଖ ଯେତେ । ଭୋଗ କରଇ ନାନାମତେ ॥

କର୍ମ୍ମ କରିଛି ରହିରଥେ । ଫଳ ଭୁଞ୍ଜଇ ମନୋରଥେ ॥
ଗନ୍ଧର୍ବ-କିନ୍ନର-ଯୁବତି । ରଥ-ପାରୁଶେ ପନ୍ତି ପନ୍ତି ॥
ବିବିଧ ନୃତ୍ୟ ଗୀତ ଗାନ । କରି ତୋଷନ୍ତି ତାର ମନ ॥
ଦିବ୍ୟ ଯୁବତୀଗଣ ସଙ୍ଗେ । ବିମାନେ ରମେ ନାନାରଙ୍ଗେ ॥
କ୍ଷୁଦ୍ର କିଙ୍କିଣୀ ନାଦ-ଧୀରେ । ଲଳିତ ମଙ୍ଗଳ ସୁସ୍ୱରେ ॥
ଯାବତ କର୍ମ୍ମଫଳ ପୁରେ । ତାବତ ସ୍ୱର୍ଗ ଭୋଗ କରେ ॥
ପୁଣି ପଡ଼ଇ କର୍ମ୍ମକ୍ଷୟେ । ସଂସାରେ ବିଷ୍ଣୁ ମାୟାମୋହେ ॥
ଏଣୁ ଅର୍ଜ୍ଜିତ କର୍ମ୍ମପାକେ । ଜୀବ ଭ୍ରମଇ ଦୁଃଖସୁଖେ ॥
ସାଧୁସଙ୍ଗତେ ଏତେ ଭାବ । ଉଦ୍ଧବେ କହିଲେ ମାଧବ ॥
ସୁକର୍ମ୍ମେ ସାଧୁସଙ୍ଗ ପାଇ । କୁକର୍ମ୍ମେ ଅସାଧୁ ମିଳଇ ॥
ପୂର୍ବ ବିପାକ କର୍ମ୍ମଫଳେ । ଅସାଧୁ-ସଙ୍ଗ ନିତ୍ୟେ ମିଳେ ॥
ଅଧର୍ମ ବଢ଼େ ଦିନେ ଦିନେ । କରନ୍ତେ କୁସଙ୍ଗ-ମିଳନେ ॥
ଯେ ନାମେ ରତ ନାରୀଯୁତ । ପାଷଣ୍ଡ, କୃପଣ, କୁତ୍ସିତ ॥
ଜଡ଼ପୀଡ଼ନେ ନିତ୍ୟେ ହିଂସା । ଦୁଃଖଗହନେ କରେ ଆଶା ॥
ଯଜ୍ଞ ଆରମ୍ଭି ବିଧିହୀନେ । ପଶୁମାରଣ ଅବଧାନେ ॥
କଳ୍ପିତ ପିତୃଯଜ୍ଞ-ଛଳେ । ପଶୁକୁ ବଧ କରେ ବଳେ ॥
ପୂଜଇ ଭୂତପ୍ରେତଗଣେ । ଆତ୍ମାର ହିଂସା ସେ ନ ମଣେ ॥
ଜୀବମାରଣ କର୍ମ କଲେ । ନରକେ ପଡ଼େ ଅନ୍ତକାଳେ ॥
ମାୟା ଯନ୍ତ୍ରିତ ନାନାଯୋନି । ଭ୍ରମଇ ନିଜ ଆତ୍ମା ଘେନି ॥
ସ୍ଥାବର ଆଦି ଗୃହ ଦେହେ । ପଶୁ ପତଙ୍ଗ କୀଟ ହୁଏ ॥
ଶ୍ୱାନ, ଶୃଗାଳ, ବାଜୀ, ଗଜେ । ଏମନ୍ତେ ନାନାଯୋନି ଭଜେ ॥
ଅଶେଷ କୋଟି ଯୋନି ଭ୍ରମି । ଅର୍ଜ୍ଜିତ କର୍ମେ ପଥଶ୍ରମୀ ॥
ଏମନ୍ତେ ଦୁଃଖ ଅବଶେଷେ । କିଞ୍ଚିତ ଧର୍ମ୍ମର ବିଶ୍ୱାସେ ॥
ଦୁର୍ଲ୍ଲଭ ମନୁଷ୍ୟ-ଶରୀରେ । ଦେହ ଲଭଇ ମର୍ତ୍ତ୍ୟପୁରେ ॥
ଭାଗ୍ୟେ ଦୁର୍ଲ୍ଲଭ-ଦେହ ଧରି । ପୁଣି ଭ୍ରମଇ କର୍ମ କରି ॥
କର୍ମ୍ମଟି ନାନା ଦୁଃଖ ଦେଇ । କିଞ୍ଚିତ ସୁଖ ନାହିଁ ତହିଁ ॥
କର୍ମ କରନ୍ତେ ପାଏ ଦେହ । ଏଣୁଟି କର୍ମ ଦୁଃଖମୟ ॥
କୁବେର ବରୁଣ ଅନଳ । ଏ ଆଦି ଦଶ ଦିଗପାଳ ॥
ମୋ ତହୁଁ ଜନମ ଲଭନ୍ତି । ଭୟେ ନିକଟେ ନ ରହନ୍ତି ॥
ଦେଖ ଏ କଳ୍ପ-ଅଧିକାରୀ । ସ୍ୱଭାବେ ମୋର ଅଂଶଧାରୀ ॥
ବ୍ରହ୍ମା ମୋହର ଅଂଶ ବହି । ସକଳ ସୃଷ୍ଟି ସେ କରଇ ॥
ଗୁଣ ସକାଶୁଁ ସୃଷ୍ଟି ସୃଜେ । ଏଣୁ ବିଷୟ ଜୀବ ଭୁଞ୍ଜେ ॥
ଏଣୁ ଏ ଜୀବ କର୍ମମୟେ । ଅକର୍ମେ ଦଣ୍ଡେହେଁ ନ ରହେ ॥
ଯାବତ ବିଷୟର ଗତି । ଗୁଣ କଳ୍ପିତ ଭାବ ଚିନ୍ତି ॥

ତାବତ ନାନାବିଧ ରୂପେ । ଜୀବ ଭ୍ରମଇ ମୋହକଳ୍ପେ ॥
ଯାବତ ନାନାଭାବେ ଛନ୍ନ । ତାବତ ଜୀବ ପରାଧୀନ ॥
ଈଶ୍ୱର ତହୁଁ ଭିନ୍ନ ପାଇ । ଭ୍ରମଇ ମାୟାମୟ ହୋଇ ॥
ଅନେକ ଭୂମି ଶ୍ରମେ ଫୁଟେ । କେବେହେଁ ମାୟା ତା ନ ଛୁଟେ ॥
ଏମନ୍ତେ ଗୋବିନ୍ଦର ବାଣୀ । ଉଦ୍ଧବ ବୋଲେ ତାହା ଶୁଣି ॥
ପ୍ରଣାମ କରି କୃଷ୍ଣପାଦେ । ବୋଲେ ଆନନ୍ଦ ଗଦଗଦେ ॥
ଶୁଣ ହେ ପ୍ରଭୁ ଦାମୋଦର । ତ୍ରିଗୁଣେ ଜାତ ଏ ଶରୀର ॥
ଜୀବନ ଅଛି ଦେହମଧ୍ୟେ । ନିର୍ଲେପ ପରମ ଆନନ୍ଦେ ॥
ଗୁଣେ ବନ୍ଧନ ନାହିଁ ତାର । ସ୍ୱଭାବେ ନିତ୍ୟ ନିର୍ବିକାର ॥
ତାର ବନ୍ଧନେ ତିନି ଗୁଣେ । ତୁ ନାଥ ବୋଲୁ କି କାରଣେ ॥
କେମନ୍ତେ ନୋହେତ ବନ୍ଧନ । କହ ହେ ଦେବକୀନନ୍ଦନ ॥
କିରୂପେ ଥାଇ ଅନ୍ତର୍ଗତେ । ସଂସାରେ ବିହରେ କେମନ୍ତେ ॥
କେତେ ଲକ୍ଷଣେ ତାକୁ ଜାଣି । କେମନ୍ତେ ଭକ୍ଷେ ଅନ୍ନ-ପାଣି ॥
କିରୂପେ ପ୍ରଚରଇ ଜନେ । ଆସନ-ଭୋଜନ-ଶୟନେ ॥
ନିଷ୍ଠଳେ ରହେ କେଉଁସ୍ଥାନେ । କହ କେଶବ ତୋଷମନେ ॥
ତୁ ନାଥ ମୋର ପ୍ରାଣପତି । ଭକ୍ତବତ୍ସଳ ଦାଶରଥି ॥
ଅଚ୍ୟୁତ ଅନନ୍ତ ମୁରାରି । ବଳେ କେ ପାରେ ଜୀବ ଧରି ॥
ସଂସାରେ ବନ୍ଧ ମୋହ ଦୁଇ । କେମନ୍ତେ କଳିବି ତାର ଦେଖି ॥
ଏକ ଅନେକ ଅବା କେତେ । କହ ଗୋବିନ୍ଦ ଶୁଦ୍ଧଚିତ୍ତେ ॥
ମୋହର ଚିତ୍ତେ ଭ୍ରମ ଯେତେ । କହିଲି ତୋହର ଅଗ୍ରତେ ॥
ମୋ ଘଟେ ଜ୍ଞାନଦୀପ ଜାଳି । ଅଜ୍ଞାନ ଖଣ୍ଡ ବନମାଳୀ ॥
ବୋଲଇ ବିପ୍ର ଜଗନ୍ନାଥ । କୃଷ୍ଣଚରଣେ ଦେଇ ଚିତ୍ତ ॥
ଉଦ୍ଧବ ପଚାରିଲେ ମୋତେ । ଶ୍ରୀ ଏକାଦଶେ ଭାଗବତେ ॥
ସୁଜନେ ଦିଅ ଏଥେ ଚିତ୍ତ । ମୁଁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ ॥
ପ୍ରତିଜନ୍ମରେ ମୋର ମତି । ଦଣ୍ଡେ ନ ଛାଡ଼ୁ ତୁମ୍ଭ ଭକ୍ତି ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଶ୍ରୀକୃଷ୍ଣ-ଉଦ୍ଧବ ସଂବାଦେ ନାମ ଏକଦଶୋଽଧ୍ୟାୟଃ ।

(16)

## ଜୀବାତ୍ମାର ତତ୍ତ୍ୱଜ୍ଞାନ (Sk. XI, Ch. XII).

ଶ୍ରୀ ଭଗବାନୁବାଚ

ଶୁଣି ଉଦ୍ଧବର ବଚନ । କହନ୍ତି ଶ୍ରୀ ମଧୁସୂଦନ ॥
ତୁ ଯାହା କରୁ ହୋ ପ୍ରଶ୍ନ । ଜୀବ-ଆତ୍ମାର ତତ୍ତ୍ୱଜ୍ଞାନ ॥

ଜୀବର ବନ୍ଧ ମୋକ୍ଷ ବେନି । ବିଶ୍ୱର ଯେତେ ଶାସ୍ତ୍ର ଘେନି ॥
କେବେହେଁ ନ ପାଇ ତା ଅନ୍ତ । ଏଣୁ ସେ ବୋଲାଇ ଅନନ୍ତ ॥
ବସ୍ତୁ ବିଶ୍ୱରେ ବନ୍ଧ ମୋକ୍ଷ । ଜୀବକୁ ନ ଲାଗେ ପ୍ରତ୍ୟକ୍ଷ ॥
ଜନ୍ମ ମରଣ ଶୋକ ମୋହ । ସୁଖ ଦୁଃଖ ଆଦି ସଂଶୟ ॥
କେବଳ ମାୟା ଭ୍ରମ ଏହି । ଏଣେ ଜୀବର ଭେଦ ନାହିଁ ॥
ସ୍ୱପ୍ନେ ଦେଖଇ ପ୍ରାଣୀ ଯାହା । ନିଦ୍ରାବୋଧନେ ସବୁ ମାୟା ॥
ବିଦ୍ୟା ଅବିଦ୍ୟା ମୋର ଦେହ । ବନ୍ଧ ମୋକ୍ଷହିଁ ମାୟାମୟ ॥
ଏ ବିଶ୍ୱର ମଧ୍ୟେ ମୋର ଅଂଶ । ଜୀବନ ସ୍ୱରୂପେ ପ୍ରକାଶ ॥
ଅବିଦ୍ୟାବଳେ ବନ୍ଦୀ ହୋଇ । ହୀନ କୁମତିଭାବେ ଗୃହୀ ॥
ତେଣୁ ଭ୍ରମଇ ମାୟାଭ୍ରମେ । କର୍ମେ ଅର୍ଜିତ ପଥଶ୍ରମେ ॥
ଜନ୍ମଇ ମାୟା ଅହଂକାରେ । ନିଜ ମହିମା ନ ସୁମରେ ॥
ସ୍ୱଭାବେ ନିତ୍ୟ ତାର ମୁକ୍ତ । ଯଦ୍ୟପି ଜୀବ ବିଦ୍ୟାଯୁକ୍ତ ॥
ନିଜ ସ୍ୱଭାବେ ରହେ ଧୀରେ । ପରମ ଆନନ୍ଦେ ବିହରେ ॥
ଏଣୁ ଏ ବେନି ଅଂଶ ହୁଏ । ବନ୍ଧ ବିମୁକ୍ତ ଭାବ ବହେ ॥
ଏକଇ ବୃକ୍ଷେ ହଂସ ଦୁଇ । ବସନ୍ତି ପ୍ରିୟଭାବ ବହି ॥
ସ୍ୱଭାବେ ବେନି ଶାଖେ ଥାନ୍ତି । ଏକ ଆରେକ ନ ଦେଖନ୍ତି ॥
ସମାନ ଶକ୍ତି ସେ ବହନ୍ତି । ବନ୍ଧ ବିମୁକ୍ତ ବେନି ଗତି ॥
ସେ ବୃକ୍ଷେ ଯେତେ ଫଳ ଫଳେ । ଏକ ଭୁଞ୍ଜଇ ତାହା ବଳେ ॥
ଏକ ବଞ୍ଚଇ ଉପବାସେ । ନିର୍ଲେପ-ନିରଞ୍ଜନ-ଆଶେ ॥
ନିତ୍ୟ ଆନନ୍ଦେ ପରିପୂର୍ଣ୍ଣେ । ସକଳ ଦେଖଇ ନୟନେ ॥
ନ ଜାଣେ ପୁଣି ନିଜ ପର । ଏଣୁ ନିର୍ମଳ ଜ୍ଞାନ ତାର ॥
ଯେ ହଂସ ବୃକ୍ଷଫଳ ଖାଇ । ଲୋଭେ ବନ୍ଧନ ତାର ଦେହୀ ॥
ଅଜ୍ଞାନେ ନ ଜାଣଇ କିଛି । ଏମନ୍ତେ ବେନି ଆତ୍ମା ଲକ୍ଷି ॥
ଅବିଦ୍ୟା ସଙ୍ଗେ ଜୀବ ବନ୍ଦୀ । ବିଦ୍ୟା-ଉଦୟେ ଜ୍ଞାନ ବୁଦ୍ଧି ॥
ଦେହେ ବସଇ ଯେ ପ୍ରତ୍ୟକ୍ଷେ । ନିତ୍ୟେ ନ ଥିଲା ପ୍ରାୟେ ଇଚ୍ଛେ ॥
ସେ ଭାବେ ଥାନ୍ତି ଯେତେପ୍ରାଣୀ । ପଣ୍ଡିତ ବୋଲି ତାଙ୍କୁ ଜାଣି ॥
ଦେହ ନ ଥିଲା ଥିଲାପ୍ରାୟେ । ଯେ ମଣେ ସେ ବିସ୍ମିତକାୟେ ॥
ସ୍ୱପ୍ନ-ଜାଗିଲେ ଯେହ୍ନେ ମିଛ ॥ କୁମତି ମଣେ ତା ପ୍ରତ୍ୟକ୍ଷ ॥
ଏଣେ ବିଷୟ ଇନ୍ଦ୍ରିଗଣେ । ଭୁଞ୍ଜନ୍ତି ବିଧି-ବିଶ୍ୱରଣେ ॥
ଜୀବ ସେ ଉଦାସୀନ ରୂପେ । ବସଇ ଏହାଙ୍କ ସମୀପେ ॥
ଏଣୁ ପରମ ନାମ ତାର । ନିର୍ଗୁଣ ନିତ୍ୟ ନିରାକାର ॥
ଯେ ଭାବେ ଅହଂକାରେ ମିଶେ । ଇନ୍ଦ୍ରି ବିଷୟରସେ ରସେ ॥
କୁମତି ଅଦୃଷ୍ଟ-ଅଧୀନ । କର୍ମର ଫଳେ ସେ ବନ୍ଧନ ॥
ଏଣ ଏ ଗୁଣ କର୍ମମୟେ । ପ୍ରକାଶେ ଦାତା ଭୋକ୍ତାପ୍ରାୟେ ॥

ଏଣୁ ପରମ ନାମ ତାର । ନିର୍ଲେପ ନିତ୍ୟ ନିରାକାର ॥
କେବେହେଁ ନ କରିବ ସଙ୍ଗ । ସମୁଦ୍ରେ ଯେସନେ ତରଙ୍ଗ ॥
ସର୍ବବିଷୟ ପରବଶ । କେବେହେଁ ନ ଯିବ ବିଶ୍ୱାସ ॥
ଆସନ ଶୟନ ମାର୍ଜ୍ଜନେ । ଭୋଜନ ପାନ ଅବଧାନେ ॥
ଶ୍ରବଣ ଗମନ ସ୍ପର୍ଶନେ । ପ୍ରପଞ୍ଚରୂପ ଦରଶନେ ॥
ଏ ସର୍ବଭାବେ ଉଦାସୀନ । ଯେ କରେ ସେହି ମହାଜନ ॥
ନିର୍ଲୋଭିମାନ ଗୃହୀ ଦେହେ । କରି ଭ୍ରମିବ ସବୁଠାଏ ॥
ସଂକଳ୍ପ ନ ଭାବିବ ମନେ । ଗୃହ-ଶରୀର-ଅଭିମାନେ ॥
କେ କରେ ହିଂସା ଅହଂକାର । କେ ପୁଣି କରେ ନମସ୍କାର ॥
କେ ଅବା କରେ ନିନ୍ଦା ସ୍ତୁତି । କେ ଉପହାସେ ବା ହସନ୍ତି ॥
ଅଦୃଷ୍ଟ ମାନ ଅବଧାନେ । ଚିତ୍ତ ବୋଧିବ ସାବଧାନେ ॥
ସମେ ଦେଖିବ ସର୍ବ ଅଂଶେ । ଭେଦ ନ କରି ଗୁଣ ଦୋଷେ ॥
ଚିତ୍ତ ନିରୋଧି ଏ ଶରୀରେ । ଯେ କିଛି ନ ବୋଲେ ନ କରେ ॥
ତାହାକୁ ବୋଲିବ ପଣ୍ଡିତ । ସେ ଆତ୍ମାରମେ ଜଡ଼ବତ ॥
ସେ ଯେବେ ଏତେ ଗୁଣ ଘେନି । ପରମାନନ୍ଦଙ୍କୁ ନ ଚିହ୍ନି ॥
ସକଳ ଶାସ୍ତ୍ର ବ୍ୟର୍ଥ ତାର । କେବଳ ଶ୍ରମମାତ୍ର ସାର ॥
କୁଧେନୁ ବାନ୍ଧି ଗୃହେ ଯେହ୍ନେ । ନିରାଶ ହୋନ୍ତି କ୍ଷୀରପାନେ ॥
ଦୁଷ୍ଟା ଭାରିଯା ଦୋଷ ଦେଖି । ଯେ ଗୃହେ କାମଲୋଭେ ରଖି ॥
ସକଳ ଧର୍ମ ତାର ନାଶ । ନରକ ତାର ଗୃହବାସ ॥
ଯାର ଶରୀର ପରାଧୀନ । କୁପୁତ୍ର-କୁତ୍ସିତ-ବଚନ ॥
ମୋ ନାମ ନ ଗୁଣେ ଯେ ମୁଖେ । ଲୋଭେ ଯେ ଘରେ ଧନ ରଖେ ॥
ପାତ୍ରେ ନ କରେ ସମର୍ପଣ । କୁମତି କୁତ୍ସିତ କୃପଣ ॥
ଦୁଃଖୀହିଁ ଦୁଃଖୀ ସେ ବୋଲାଇ । ଉଭୟଲୋକେ ସୁଖ ନାହିଁ ॥
ମୋର ନିର୍ମଳ ଯଶ ନାମ । ଯେ ଅବା ଅଛି ଗୁଣଗ୍ରାମ ॥
ଯେ ବା ପଣ୍ଡିତ ଇହଲୋକେ । ମୋ ନାମ ନିତ୍ୟେ ଭଣେ ମୁଖେ ॥
ତତ୍ତ୍ୱବସ୍ତୁରେ ଛୁଟେ ଭ୍ରାନ୍ତି । ଭବସାଗରୁ ତରିଯାନ୍ତି ॥
ବୋଲନ୍ତି ଜଗତଜୀବନ । ଏ ଯୋଗତତ୍ତ୍ୱ ଗୂଢ଼ ଜ୍ଞାନ ॥
ଯେ ଏହା ଚିତ୍ତେ ନ ଧରଇ । ନାନାଭିମାନ ଦମ୍ଭ ବହି ॥
କୁତ୍ସିତ କଥାରତ ନିତ୍ୟେ । ନାନା କୁପଥ ମନୋରଥେ ॥
ମନ ଭ୍ରମାଇ ଭ୍ରମୁଥାନ୍ତି । ଦୁର୍ଗମ ଦୁଃଖପଥ ଚିନ୍ତି ॥
ତୁ ଯେବେ ମନ ମୋର ଦେହେ । ଧରି ନ ପାରୁ ମାୟାମୋହେ ॥
ତେବେ ସକଳ କର୍ମ ମୋତେ । ସମର୍ପି ରହ ଦୃଢ଼ଚିତ୍ତେ ॥
ସକଳ ଧର୍ମ ଏ ଜଗତେ । ଭାବ କହିବ ତୋ ଅଗ୍ରତେ ॥
ମୋହର ଜନ୍ମ କର୍ମ ନାମ । ସତ୍ୟ ପବିତ୍ର ଗୁଣ ଧାମ ॥

ଆବର ଗୁଣ ଅଛି ଯେତେ । ଉଦ୍ଧବ ଶୁଣ ଶୁଦ୍ଧଚିତ୍ତେ ॥
ଶ୍ରବଣ ସ୍ମରଣ କୀର୍ତ୍ତନ । ଯେ ମୋର ଧର୍ମ-ଆଚରଣ ॥
ତାହା ସମର୍ପି ମୋର ପାଦେ । ସଂସାରୁ ତର ଅପ୍ରମାଦେ ॥
ଏରୂପ ଉପାସନା କର । ନିଶ୍ଚେ ଲଭିବୁ ମୋ ଶରୀର ॥
ସାଧୁଙ୍କ ସଙ୍ଗ କର ନିତି । ଲଭିବୁ ନିର୍ମ୍ମଳ ଭକତି ॥
ଭକତି କରି ଶୁଦ୍ଧ ଚିତ୍ତେ । ଜ୍ଞାନ ଲଭିବୁ ତୁ ସାକ୍ଷାତେ ॥

( 17 )

ଭକ୍ତି-ସାଧନା (Sk. XI, Ch. XV).

ଉଦ୍ଧବ ଉବାଚ

ଭକ୍ତି-ଲକ୍ଷଣ ଶୁଣି କର୍ଣ୍ଣେ । ଉଦ୍ଧବ କହେ ତୋଷମନେ ॥
ହେ ନାଥ କମଳଲୋଚନ । ଶୁଣି ମୁଁ ତୋହର ବଚନ ॥
ସଂଶୟ କରି ହୃଦଗତେ । ଏବେ ମୁଁ ପଚାରଇ ତୋତେ ॥
ଭକ୍ତିଲକ୍ଷଣ ଧର୍ମ ଯେତେ । ତୁମ୍ଭେ କହିଲ ସର୍ବ ମୋତେ ॥
କେତେ ପ୍ରକାରେ ତାକୁ ସାଧି । ଭକ୍ତି-ଲକ୍ଷଣ ନାନାବିଧି ॥
ଜଗତେ ବିପ୍ରେ ଛନ୍ତି ଯେତେ । ମୋକ୍ଷ-ଲକ୍ଷଣ ବେଦମତେ ॥
ନାନାପ୍ରକାରେ ସେ କହନ୍ତି । ଏଣୁ ଲାଗଇ ମୋତେ ଭ୍ରାନ୍ତି ॥
ମୋକ୍ଷ-ଲକ୍ଷଣ ଧର୍ମ ଏକ । କି ଅବା ଅଛଇ ଅନେକ ॥
କି ଅବା ସକଳ ପ୍ରମାଣ । ସଂଶୟ ଛେଦ ନାରାୟଣ ॥
ଏ ସର୍ବ ତୁମ୍ଭର ଗୋଚର । ଭକତ ବିନୁ ନାହିଁ ସାର ॥
ତୁମ୍ଭେ ଯେ ସର୍ବ କହ ମୋତେ । ଚିତ୍ତେ ମୁଁ ଧରିବ କେମନ୍ତେ ॥
ବୋଇଲ ସର୍ବ ଧର୍ମ ତେଜ । ନିରତେ ମୋର ପାଦ ଭଜ ॥
ଏହିଟି ସର୍ବ ମୁଖ୍ୟ ଧର୍ମ । ଏଣେ ଭ୍ରମଇ ଭବଭ୍ରମ ॥
ତୁମ୍ଭର ବଚନେ ଅଧିକେ । ଲୋକେ କହନ୍ତି ଏକେ ଏକେ ॥
ନାନାପ୍ରକାରେ ସେ କହନ୍ତି । ବେଦ ପୁରାଣ ଭାବେ ଚିନ୍ତି ॥
ଏକାନ୍ତ ଭକତଲକ୍ଷଣ । ସତ୍ୟ ବା ସକଳ ପ୍ରମାଣ ॥
ଏଣୁ ସଂଶୟ ମୋର ଚିତ୍ତେ । ନିଶ୍ଚୟ କହ ନାଥ ମୋତେ ॥

ଶ୍ରୀ ଭଗବାନୁବାଚ

ଏମନ୍ତ ଭକ୍ତ-ବାକ୍ୟ ଶୁଣି । ହସି କହନ୍ତି ଚକ୍ରପାଣି ॥
ଉଦ୍ଧବ ଏକମନେ ଶୁଣ । ଯେ ଆଦ୍ୟ ପରମ କାରଣ ॥
ବେଦ-ବଚନ ସୃଷ୍ଟି-ଅନ୍ତେ । ପ୍ରଳୟ ନାଶିଲା ଜଗତେ ॥
ପୁଣି ସଂସାର ଆଦ୍ୟ କାଳେ । ମୁହିଁ ବ୍ରହ୍ମାଙ୍କୁ ଯୋଗବଳେ ॥

କହିଲ ସର୍ବ ବେଦ-ବାଣୀ । ଯେ ବ୍ରହ୍ମା ନିଜ ପୁତ୍ରେ ଆଣି ॥
ନାମ ତା ସ୍ୱାୟମ୍ଭୁବ ମନୁ । ଦ୍ୱିତୀୟେ ପଦ୍ମଯୋନି ତନୁ ॥
ତାହାଙ୍କୁ ସର୍ବ ବେଦ ଦେଲା । ସେ ପୁଣି ଧରି ନ ପାରିଲା ॥
ଥିଲେ ଯେ ସପ୍ତର୍ଷିଗଣେ । ତାହାଙ୍କୁ ଦେଲେ ଜଣେ ଜଣେ ॥
ଭୃଗୁ ଅଙ୍ଗିରା ଆଦିକରି । ଅଭ୍ୟାସେ ବେଦ ସେ ବିସ୍ତାରି ॥
ସେ ପୁଣି ଗୁହ୍ୟକ ଚାରଣେ । ଆନନ୍ଦେ ଦେଲେ ସାଧୁପଣେ ॥
ଏମନ୍ତେ ସିଦ୍ଧ ବିଦ୍ୟାଧରେ । ରାକ୍ଷସ ଗନ୍ଧର୍ବ କିନ୍ନରେ ॥
କି ଦେବ ଯକ୍ଷ ନାଗ କପି । କ୍ରମେ ଏହାଙ୍କ ମଧ୍ୟେ ବ୍ୟାପି ॥
ଏରୂପେ ସର୍ବ ମୁଖେ ଭଣି । ମୁଁ ତାହା ଦୂରେ ଥାଇ ଶୁଣି ॥
ବେଦୁଁ ହୋଇଲା ନାନାଗତି । ତା ତତ୍ତ୍ୱ କେହି ନ ଜାଣନ୍ତି ॥
ସ୍ୱଭାବେ ତ୍ରିଗୁଣେ ସଂଯୁତ । ଏଣୁ ପ୍ରକୃତି ଭିନ୍ନମତ ॥
ଯାହାଙ୍କୁ ଯେମନ୍ତ ଦିଶଇ । ସେ ଭାବେ ବେଦ ଅଭ୍ୟାସଇ ॥
ଏଣୁ ପ୍ରକୃତି ଭିନ୍ନମତେ । ଅର୍ଥ ନ ଜାଣନ୍ତି ସମସ୍ତେ ॥
କେହୁ ପାଷଣ୍ଡ ମତେ ଜାଣି । କୁତର୍କ ଖଣ୍ଡେ କେ ବଖାଣି ॥
ଏମନ୍ତେ କରି ନାନାମତେ । ବେଦ ବିସ୍ତରନ୍ତି ଜଗତେ ॥
ଏରୂପେ ଶ୍ରଦ୍ଧା ଅନୁମତେ । କର୍ମ କରନ୍ତି ନାନାମତେ ॥
ଫଳଇ କର୍ମ-ଅନୁସାରେ । ବିପାକ ଲଭନ୍ତି ସଂସାରେ ॥
ଯେ ଧର୍ମ ମାର୍ଗ ଆଚରନ୍ତି । କେ ଅବା କାମ୍ୟ କର୍ମ ଚିନ୍ତି ॥
କେ ସତ୍ୟ ଶମ ଦମ ଦାନେ । କେ ଯଜ୍ଞ ତୀର୍ଥ ଅନୁମାନେ ॥
କାହାର ଚିତ୍ତେ ତ୍ୟାଗ-ଯୋଗ । କେ ଅଷ୍ଟ ଅଇଶ୍ୱର୍ଯ୍ୟ-ଭୋଗ ॥
କେ ବ୍ରତ ନିୟମ ଆଚରେ । ଏମନ୍ତେ ଅନେକ ପ୍ରକାରେ ॥
କର୍ମ ସାଧନ୍ତି ଫଳ ଲୋଭେ । ଗୁଣ-ବୈରାଗ୍ୟ-କ୍ରିୟା-ଦମ୍ଭେ ॥
କର୍ମ ସରିଲେ ଫଳ କ୍ଷୟେ । ଲବଧ କ୍ଲେଶମାତ୍ର ରହେ ॥
ଏଣୁ ସଂସାର ଘୋର ବନେ । ବୃଜିନ-ଅନଳ-ଦହନେ ॥
ପ୍ରାଣୀ ହୁଅନ୍ତି ଆତ ଯାତ । ନ ଜାଣି ବେଦର ବୃତ୍ତାନ୍ତ ॥
ଏ ବୋଲି ବୁଝ ଗୁ ନିରତେ । କେବଳ ଆଶ୍ରେ କରି ମୋତେ ॥
ମୁଁ ଆତ୍ମା-ପ୍ରିୟସଖା ହୋଇ । ସକଳ-କର୍ମ-ଫଳ ଦେଇ ॥
ମୁଁ ଗତି ପତି ହର୍ତ୍ତା କର୍ତ୍ତା । ମୁହିଁ ସେ ସର୍ବଲୋକ-ପିତା ॥
ମୋତେ ଭଜନ୍ତି ପ୍ରାଣୀ ଯେତେ । ସୁଖେ ତରନ୍ତି ସେ ନିଶ୍ଚିନ୍ତେ ॥
ଜନ୍ମ-ମରଣେ ନାହିଁ ଭ୍ରାନ୍ତି । ହେଲେ ସଂସାରୁ ତରିଯାନ୍ତି ॥
ବିଷୟ-ସୁଖେ ଯାର ଚିତ୍ତ । କର୍ମ ଭୁଞ୍ଜନ୍ତେ ସେ ବଞ୍ଚିତ ॥
ଯେ ପ୍ରାଣୀ ଅକିଞ୍ଚନ ମତ । ଶମ ସୁଶାନ୍ତ ଶାନ୍ତ ଦାନ୍ତ ॥
ମୋର ଆନନ୍ଦରସେ ରସେ । ସୁଖସମୁଦ୍ରେ ନିତ୍ୟେ ଭାସେ ॥
ମୁଁ ଯାକୁ ହୁଅଇ ସଦୟେ । ତାହାର କାହିଁ ଦୁଃଖ ଭୟେ ॥

ଦେଖଇ ଅନ୍ତର ବାହାରେ । ସକଳ ସୁଖ ଦେଶାନ୍ତରେ ॥
ମୋହର ଭାବେ ଯେ ରମଇ । ତାର ସମ୍ପଦେ କାର୍ଯ୍ୟ ନାହିଁ ॥
ବ୍ରହ୍ମା ପଦକୁ ନାହିଁ ଇଚ୍ଛା । ନ କରେ ଇନ୍ଦ୍ରପଦ ବାଞ୍ଛା ॥
ସପତଦ୍ୱୀପେ ରାଜପଦ । ନ ବାଞ୍ଛେ ମୂର୍ତ୍ତିଯୋଗସିଦ୍ଧ ॥
ପାତାଳ-ଭୋଗେ କାର୍ଯ୍ୟ ନାହିଁ । ନିର୍ବାଣ-ପଦ ନ ବାଞ୍ଛଇ ॥
ମୋତେ ସମର୍ପି ସୁତ ବିତ୍ତ । ନୁହଇ ମାୟାରେ ମୋହିତ ॥
ସେ ମୋର ଯେତେ ପ୍ରିୟ ହୋଇ । କହଇ ଶୁଣ ମନ ଦେଇ ॥
ବ୍ରହ୍ମା ଯେ ମୋହର ନନ୍ଦନ । ତାକୁ ନ ରମେ ମୋର ମନ ॥
ମୋହର ଆତ୍ମା ପଶୁପତି । ତେଣେ ମୋହର ନାହିଁ ପ୍ରୀତି ॥
ମୋହର ଭାଇ ହଳପାଣି । ଲକ୍ଷ୍ମୀ ଯେ ମୋହର ଘରଣୀ ॥
ନିତ୍ୟେ ବସଇ ବକ୍ଷସ୍ଥଳେ । ବିଖ୍ୟାତ ଭୁବନ-ମଣ୍ଡଳେ ॥
ତୁ ଯେ ମୋହର ପ୍ରିୟତମ । କେହି ନୁହନ୍ତି ତୋର ସମ ॥
ସ୍ୱଭାବେ ନିରପକ୍ଷ ଶାନ୍ତ । ତପସ୍ୱୀ ରିପୁ-ବିବର୍ଜିତ ॥
ସମଦରଶୀ ପ୍ରେମପ୍ଳୁତ । ଦୟାସାଗର ପରହିତ ॥
ଏମନ୍ତ ପ୍ରାଣୀଙ୍କର ପଛେ । ନିତ୍ୟେ ମୁଁ ବୁଲଇ ପ୍ରତ୍ୟକ୍ଷେ ॥
ଆବୋରି ଥାଇ ବେନିପାଶେ । ତାର ଚରଣ-ରେଣୁ-ଆଶେ ॥
ସେ ପ୍ରାଣୀ ବହେ ଯେତେଗୁଣ । ଉଦ୍ଧବ ଏକମନେ ଶୁଣ ॥
ସ୍ୱଭାବେ ଅକିଞ୍ଚନ ଦେହେ । ସକଳ ଭୂତେ ଦୟା ବହେ ॥
କାମକୁ ଜିଣି ପ୍ରେମପ୍ଳୁତ । କେବଳ ସୁଶାନ୍ତ ମହତ ॥
ସେ ମୋର ସୁଖ ଅନୁମାନେ । କେ ତାର ମହିମା ବଖାଣେ ॥
ତା ଅନୁଭବ ସେ ଜାଣଇ । କେ ତାହା ମୁଖେ ପାରେ କହି ॥
ଏମନ୍ତେ ଯେ ମୋର ଭକତ । ସେ ଯେବେ ବିଷୟ ବାଞ୍ଛିତ ॥
ଅଜିତ ଇନ୍ଦ୍ରିୟଙ୍କ ଦୋଷେ । ଯେବେ ବିଷୟରସେ ରସେ ॥
ମୋର ଭକତି ଭବବଳେ । ବିଷୟ ନ ଲାଗେ ନିଷ୍ଠଳେ ॥
ଆନନ୍ଦେ ବିହରଇ ସୁଖେ । ମୋ ନାମ ନିତ୍ୟେ ଭଣେ ମୁଖେ ॥
ଯେତେ ଏ ଦାନ-ବ୍ରତ ତ୍ୟାଗ । ଧର୍ମ-ଆଚାର ସାଙ୍ଖ୍ୟଯୋଗ ॥
ଏ ମୋତେ ନ ପାରନ୍ତି ଧରି । ନାନା ପ୍ରକାରେ ବଶ କରି ॥
ଭକତଜନେ ବଶ ମୁହିଁ । ତାର ରକ୍ଷଣେ ମୋର ଦେହି ॥
ମୁଁ ଯେ ସଂସାର ଅଚ୍ଛିନ୍ଦ । ଭକତ ପାରେ ମୋତେ ବାନ୍ଧି ॥
ଦୁର୍ଜ୍ଜୟ ଦେହେ ମୋର ଶୂନ୍ୟ । ଭକତ ଭାବେ ମୁଁ ବନ୍ଧନ ॥
ଭକତଜନଙ୍କର ପାଶେ । ନିତ୍ୟେ ମୁଁ ଥାଇ ଭାବବଶେ ॥
ଏଣୁ ଭକତ ଏ ସଂସାରେ । ଅଶେଷ ଜନ୍ମ ପାପ ହରେ ॥
ଚଣ୍ଡାଳ ପତିତ ପାମର । ମ୍ଳେଚ୍ଛ ଅଧମ ଦୁରାଚାର ॥
ଏ ଆଦି ପ୍ରାଣୀଜନ ଯେତେ । ଯେବେ ମୋ ଭକତ-ଅଗ୍ରତେ ॥

ଦଇବ-ଯୋଗେ ସଙ୍ଗ-ମେଳେ । ମିଳନ୍ତି ପୂର୍ବ ପୁଣ୍ୟବଳେ ॥
ଦର୍ଶନ ସ୍ପର୍ଶନ ଶ୍ରବଣେ । ନିର୍ମଳ ହୁଅନ୍ତି ତତ୍କ୍ଷଣେ ॥
ପାପ ନ ରହେ ତାଙ୍କ ମନେ । ରବି ସମୀପେ ତମ ଯେହ୍ନେ ॥
ଯେ ପ୍ରାଣୀ ଦୟା ସତ୍ୟଯୁତ । ତପୀ ଧାର୍ମିକ ବିଦ୍ୟାବନ୍ତ ॥
ମୋର ଭକତି ଯେବେ ନାହିଁ । ପବିତ୍ର ନୋହେ ତାର ଦେହି ॥
ସେ କାହିଁ ସଂସାରୁ ତରିବ । ଯେବେ ନ ପାଏ ମୋର ଭାବ ॥
ନିରତେ ଅଙ୍ଗ ପୁଲକିତ । ନୟନୁ ଅଶ୍ରୁଜଳ ପାତ ॥
ଅନ୍ତ ଦ୍ରବଇ ତା ନିରତେ । ମତି ଚଞ୍ଚଳ ବିପରୀତେ ॥
ଜଗତ ମୋର ରୂପ ଜାଣେ । ନିଜ ଶରୀର ନ ପ୍ରମାଣେ ॥
ବୋଲନ୍ତି ପ୍ରଭୁ ଚକ୍ରପାଣି । ଏତେ ଲକ୍ଷଣେ ଭକ୍ତ ଜାଣି ॥
ଭକତି ବିନ୍ତ ଅନ୍ତର୍ଗତ । କେବେହେଁ ନୁହଇ ପ୍ରଶସ୍ତ ॥
ବୋଲଇ ଗଦ ଗଦ ବାଣୀ । କ୍ଷଣକ୍ଷଣକେ ହସେ ପୁଣି ॥
କ୍ଷଣକେ କରଇ ରୋଦନ । ଉଚ୍ଚେ ଡାକଇ ମୋର ନାମ ॥
ନାଚଇ ଉନ୍ମତ୍ତ ଆଚରି । ଲଜ୍ଜା ସଙ୍କୋଚ ଦୂର କରି ॥
ମୋର ଭକତ ମୋର ମିତ । ସେ କରେ ଜଗତ ପବିତ୍ର ॥
ମୋର ସେବକ ଏ ଲକ୍ଷଣ । ଉଦ୍ଧବ ଭଲେ ଏହା ଜାଣ ॥
ନିର୍ମଳମତି ତାର ନିତ୍ୟ । ଭ୍ରମଇ ଉଦାର ଚରିତେ ॥
ଅନଳେ ଦହନ୍ତେ ସୁବର୍ଣ୍ଣ । ନିର୍ମଳ ହୁଏ ଦିନୁ ଦିନ ॥
ଭକତଜନ ସେହିମତେ । ନିର୍ମଳ ହୋନ୍ତି ଏ ଜଗତେ ॥
ଏରୂପେ ଭକ୍ତି ଯୋଗବଳେ । ଯେ ପ୍ରାଣୀ ଛନ୍ତି ଜନମେଳେ ॥
ଅଶେଷ ବାସନା ତାଙ୍କର । ମନରୁ ଛାଡ଼ି ହୋନ୍ତି ଦୂର ॥
ଅଞ୍ଜନ ରଞ୍ଜୁଥିଲେ ନିତ୍ୟ । ମଳ ନ ରହେ ଯେହ୍ନେ ନେତ୍ର ॥
ବିସ୍ମୟ ସ୍ମରଣ ନିରତେ । ଯେହ୍ନେ ବିଷୟ ଜଡ଼େ ଚିତ୍ତେ ॥
ମୋର ସ୍ମରଣ ଯାର ଚିତ୍ତେ । ତା ଦେହେଁ ଥାଇ ମୁଁ ନିରତେ ॥
ଏ ବୋଲ ବୁଝି ମୋତେ ଭଜ । ଅଶାନ୍ତି ଧ୍ୟାନ ବେଗେ ତେଜ ॥
ମୋ ରୂପ ଦେଖେ ସର୍ବଠାବେ । ମୋର ଚରଣ ଭଜେ ଭାବେ ॥
ସ୍ତ୍ରୀସଙ୍ଗ ସ୍ତ୍ରୀସଙ୍ଗୀଙ୍କ ସଙ୍ଗ । ଦୂରେ କରିବ ପରିତ୍ୟାଗ ॥
ସକଳ ଚିନ୍ତା ଦୂର କରି । ମୋତେ ଚିନ୍ତିବ ଚିତ୍ତେ ଭରି ॥
ନିରୋଳେ ବସି ଏକସ୍ଥାନେ । ନିଶ୍ଚିନ୍ତ କଳ୍ପିତ ଆସନେ ॥
ମୋର ମଧୁର ରୂପ-ଧ୍ୟାନେ । ବସି ଚିନ୍ତିବ ସ୍ଥିରମନେ ॥
ସ୍ତ୍ରୀସଙ୍ଗ ସ୍ତ୍ରୀସଙ୍ଗୀଙ୍କ ସଙ୍ଗେ । କାମ ବଢ଼ଇ ନାନାରଙ୍ଗେ ॥
ଏଣୁ କୁସଙ୍ଗ ଦୂର କରି । ହୃଦେ ମୋ ଭାବ ଅନୁସରି ॥
ଆତ୍ମାର ହିତ ନିତ୍ୟ କର । ହସି ବୋଲନ୍ତି ଦାମୋଦର ॥

### ଉଦ୍ଧବ ଉବାଚ

ଉଦ୍ଧବ ଶୁଣି କୃଷ୍ଣ-ବାଣୀ ।   କପୋଳେ ଦେଇ ବେନିପାଣି ॥
ବୋଲଇ ଶୁଣ ଭଗବାନ ।   ତୁମ୍ଭେ କହିଲ ତୁମ୍ଭ ଧ୍ୟାନ ॥
କିରୂପେ ଜଗତ ବିଖ୍ୟାତ ।   କହ ହେ ତ୍ରିଭୁବନନାଥ ॥
ଭକ୍ତବତ୍ସଳ ଭଗବାନ ।   ବିକଚ କମଳଲୋଚନ ॥
ଯେ ଜ୍ଞାନେ ଯୋଗିଜନ ଚିନ୍ତି ।   ଘୋର ସଂସାରୁ ତରିଯାନ୍ତି ॥
କିରୂପେ କରି ତୋତେ ଧ୍ୟାନ ।   କହ ହେ ଦେବକୀନନ୍ଦନ ॥
ଶୁଣ ଉଦ୍ଧବ ବାଣୀ କର୍ଣ୍ଣେ ।   କୋମଳ ଗମ୍ଭୀର ବଚନେ ॥

### ଶ୍ରୀ ଭଗବାନୁବାଚ

ବୋଲନ୍ତି ପ୍ରଭୁ ଜଗନ୍ନାଥ ।   ଶୁଣ ଉଦ୍ଧବ ଧ୍ୟାନତତ୍ତ୍ୱ ॥
ସମ ଆସନେ ବସି ଧୀରେ ।   ସମୀର ସମ କଳେବରେ ॥
ଜାନୁଯୁଗଳେ ବେନିପାଣି ।   ଦୃଢ଼େ ସ୍ଥାପିବ ବେଳ ଜାଣି ॥
ବେନି ନୟନ ନାସା ଅଗ୍ରେ ।   ନିଶ୍ଚଳେ ସ୍ଥାପିବ ସମଗ୍ରେ ॥
ପବନ ତୋଳି ନାସାଦ୍ୱାରେ ।   ପୂରକ କୁମ୍ଭକ ପ୍ରକାରେ ॥
ଅଳପ ଅଳପ ସାଧନେ ।   ଚିତ୍ତ ସ୍ଥାପିବ ସଂଯମନେ ॥
ଓଁ କାର ପବନ ନିଶ୍ଚଳୁଁ ।   ତୋଳିବ ହୃଦୟ-କମଳୁଁ ॥
ଉତ୍ତମ ଘଣ୍ଟାନାଦ-ସ୍ୱନେ ।   ମନ-ପବନ ଏକଧ୍ୟାନେ ॥
ମୃଣାଳ-ସୂତ୍ର-ମାର୍ଗେ ଧରି ।   ନିଶ୍ଚଳେ ଅନାହତେ ପୂରି ॥
ଲବ ନିମିଷ ଦଣ୍ଡ ଘଡ଼ି ।   ନିତ୍ୟେ ସାଧିବ ଦୁଃଖେ ପଡ଼ି ॥
ଏରୂପେ ଅନ୍ତର ବାହାରେ ।   ନିତ୍ୟେ ସାଧିବ ନିରନ୍ତରେ ॥
ଏମନ୍ତେ ସାଧି ଏକମାସେ ।   ପ୍ରାଣପବନ ସ୍ଥାପିବ ସେ ॥
ହୃଦୟ-ପଦ୍ମ-ମଧ୍ୟଭାଗେ ।   ଯେ ଅଷ୍ଟଦଳ ଅଷ୍ଟଦଗେ ॥
ମଧ୍ୟ ପାଖୁଡ଼ା ତାର ଶିଖେ ।   ନିତ୍ୟେ ଲମ୍ବଇ ଅଧୋମୁଖେ ॥
ଧ୍ୟାନେ ଚିନ୍ତିବ ହୃଦମଧ୍ୟେ ।   ଯେ ଅଷ୍ଟଦଳ ତାର ଉର୍ଦ୍ଧ୍ୱେ ॥
ସୂର୍ଯ୍ୟମଣ୍ଡଳ ଚିନ୍ତାକରି ।   ସୋମମଣ୍ଡଳ ହୃଦେ ଭରି ॥
ତାହାର ମଧ୍ୟେ ହୁତାଶନ ।   ତା ମଧ୍ୟେ ସୁବର୍ଣ୍ଣ-ଆସନ ॥
ତାର ଉପରେ ଦିବ୍ୟ ରୂପ ।   ଚିନ୍ତିବ ମୋହର ସ୍ୱରୂପ ॥
ଆଜାନୁ ଲମ୍ବେ ଭୁଜ ଚାରି ।   ଶଙ୍ଖ-କମଳ-ଚକ୍ରଧାରୀ ॥
ସୁମୁଖ ସୁନ୍ଦର କପୋଳ ।   ବିକଚପଦ୍ମ ପ୍ରାୟ ଡୋଳ ॥
ଶ୍ରବଣେ ମକର କୁଣ୍ଡଳ ।   ହୃଦେ ଲମ୍ବଇ ବନମାଳ ॥
ଶ୍ୟାମ ଜଳଦ-କଳେବର ।   କଣ୍ଠେ କୌସ୍ତୁଭ ମଣିସାର ॥
ହୃଦରେ ଶ୍ରୀବତ୍ସର ଚିହ୍ନ ।   ପୀତବସନ ପରିଧାନ ॥
ମଞ୍ଜୁ ମଞ୍ଜୀର-ପାଦଯୁଗେ ।   ରତ୍ନମେଖଳା କଟିଭାଗେ ॥

ଯଜ୍ଞୋପବୀତ କନ୍ଧେ ଶୋହେ । ସୁନ୍ଦର ତନୁ ମନ ମୋହେ ॥
ଏରୂପେ ଧ୍ୟାନ ମୋତେ କର । ଚଞ୍ଚଳ ଇନ୍ଦ୍ରିୟ ନିବାର ॥
ବୁଦ୍ଧିକି କର ଆଗୁସାର । ପଣ୍ଡିତ ଜନଙ୍କ ବେଭାର ॥
ସର୍ବ ସର୍ଗମୁଁ ମନ ମାର । ନିଶ୍ଚଳେ ମୋତେ ଧ୍ୟାନ କର ॥
ମୋ ରୂପ ଚିନ୍ତିବ ନିରତେ । ଅନ୍ୟ ନ ସୁମରିବ ଚିତ୍ତେ ॥
ପୁଣି ସେ ରୂପ ଥୋଇ ପାଶେ । ଚିତ୍ତ ନିବେଶିବ ଆକାଶେ ॥
ଏରୂପେ ହୃଦୟ-କମଳେ । ବ୍ରହ୍ମ ପ୍ରକାଶିବ ନିଶ୍ଚଳେ ॥
ସେ ବ୍ରହ୍ମ ଚିତ୍ତ ସ୍ଥିର ଯେବେ । ମୋ ରୂପ ନ ଚିନ୍ତିବ ତେବେ ॥
ସେ ବ୍ରହ୍ମରୂପ ସର୍ବଭୂତେ । ଆତ୍ମାକୁ ପ୍ରକାଶିବ ନିତ୍ୟେ ॥
ମନ-ସଂଯମ ଏହିମତେ । ମୋ ରୂପ ଦେଖିବ ଜଗତେ ॥
ଏରୂପେ ଭ୍ରମ ଯିବ ତୋର । କହିଲେ ବ୍ରହ୍ମାଣ୍ଡ-ଠାକୁର ॥
ବୋଲଇ ଦାସ ଜଗନ୍ନାଥ । ଶ୍ରୀ ଏକାଦଶେ ଭାଗବତ ॥
ଶୁକ-ପରୀକ୍ଷିଙ୍କ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥
କଳି-କଲୁଷ-ଭୟ ନାହିଁ । ସୁଜନେ ତର ଏହା ଗାଇ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଶ୍ରୀକୃଷ୍ଣ ଉଦ୍ଧବ
ସମ୍ବାଦେ ଭକ୍ତିଯୋଗକଥନଂ ନାମ ପଞ୍ଚଦଶୋଽଧ୍ୟାୟଃ ।

( 18 )

## ମୁକ୍ତି-ସାଧନା (Sk. XI, Ch. XX)

ଶ୍ରୀ ଭଗବାନୁବାଚ

କହନ୍ତି ପ୍ରଭୁ ଭଗବାନ । ଶୁଣ ହେ ଭକତପ୍ରଧାନ ॥
ଉତ୍ପତ୍ତି-ସ୍ଥିତି-ତତ୍ତ୍ୱଜ୍ଞାନ । ଯେ ଅନୁମାନ ବିଚକ୍ଷଣ ॥
ବିମଳମତି ଧୀରବାଣୀ । ଜଗତ ମାୟାମାତ୍ର ଜାଣି ॥
ସେ ଜ୍ଞାନ ଦେଇ ମୋ ଚରଣେ । ଭାବେ ଖଟିବେ ଭୃତ୍ୟପଣେ ॥
ମୋତେ ଭଜନ୍ତି ଜ୍ଞାନୀଜନ । ମୁଁ ତାଙ୍କ ଇଷ୍ଟ ପ୍ରିୟଧନ ॥
ଯେ ମୋତେ ଜ୍ଞାନବନ୍ଧେ ଧରେ । ସେ ସର୍ବ କାମ ପରିହରେ ॥
ତୀର୍ଥ-ଗମନ-ଜପ-ଦାନ । ଯଜ୍ଞେ ଦେବତା-ଆରାଧନ ॥
ଏ କୋଟି କୋଟି ବ୍ରତଧର୍ମ । ଏ ଆଦି ଯେତେ ପୁଣ୍ୟକର୍ମ ॥
ନାନା ପ୍ରକାରେ ତପ କର । ଜ୍ଞାନକଳାକୁ ନୁହେ ସର ॥
ଉଦ୍ଧବ ବୁଝି ଏହା ମନେ । ତୁ ମତେ ଭଜ ତତ୍ତ୍ୱଜ୍ଞାନେ ॥
ମୋତେ ଭଜଣ ଖଣ୍ଡ ଭ୍ରମ । ଏବେ ତୁ ଛାଡ଼ ସର୍ବ ଧର୍ମ ॥
ପୂର୍ବେ ଅଶେଷ ମୁନିଗଣେ । ଜ୍ଞାନେ ସେବିଲେ ମୋ ଚରଣେ ॥
ସଂଶୟ ଛାଡ଼ି ଶୁଦ୍ଧମନେ । ଗମିଲେ ବୈକୁଣ୍ଠ-ଭୁବନେ ॥

ଉଦ୍ଧବ ଦେଖ ଏ ସଂସାର । ସ୍ୱଭାବେ ବିବିଧ ପ୍ରକାର ।
ଏ ସର୍ବ ମାୟା ନାନାମତେ । ଆଣ୍ଟେ ଯେ କରେ ତୋଷଚିତ୍ତେ ।
ଏ ମାୟା ପ୍ରଳୟେ ନ ଥାଇ । ପୂର୍ବେ ତା କେହି ନ ଜାଣଇ ।
ମଧ୍ୟେ ବିଳସେ ନାନାରୂପେ । ଯୋଗେ ମୋହିନୀ ମାୟାକଳ୍ପେ ।
ଏଣୁ ଏ ଆଦି ମଧ୍ୟ ଅନ୍ତ । କେବଳ ମାୟାମାତ୍ର ସତ୍ୟ ।
ଉଦ୍ଧବ କୃଷ୍ଣମୁଖୁଁ ଶୁଣି । ଜ୍ଞାନ-ମହିମା ପରମାଣି ।
ଜ୍ଞାନ-ବୈରାଗ୍ୟ-କର୍ମ ଯେତେ । ପୁଚ୍ଛିଲା କୃଷ୍ଣପାଦଗତେ ।

ଉଦ୍ଧବ ଉବାଚ

ହେ ବିଶ୍ୱେଶ୍ୱର ନାରାୟଣ । ଅନାଦି ପୁରୁଷ ପୁରାଣ ।
ତୁ ବିଶ୍ୱରୂପୀ ବିଶ୍ୱଦେହି । ଭକ୍ତ-ଲକ୍ଷଣ ମୋତେ କହି ।
ବିଶୁଦ୍ଧ ବିଜ୍ଞାନ-କାରଣ । ଯାହା ବାଞ୍ଛନ୍ତି ମୁନିଗଣ ।
ଘୋର ସଂସାରେ ମାୟାଭ୍ରମେ । ମୁଁ ଯେ ତୃଷିତ ପଥଶ୍ରମେ ।
ତୋହର କଥାମୃତ ମୋତେ । ପାନ କରାଅ ଶ୍ରୁତିପଥେ ।
ତୋ ପାଦପଦ୍ମ ଛତ୍ରପ୍ରାୟେ । ଶୀତଳ ମଧୁଧାରା ବହେ ।
ସେ ପାଦପଦ୍ମେ ମୋର ଆଶା । ଭବାବ୍ଧି-ତରଣେ ଭରସା ।
ଏ କାଳସର୍ପ ମୋ ଶରୀରେ । କୋପେ ଦଂଶଇ ନିରନ୍ତରେ ।
ମୁଁ ମୂଢ଼ ନିଜପଥ ଛାଡ଼ି । ଭ୍ରମଇ ଅନ୍ଧକୂପେ ପଡ଼ି ।
ତୁ ନାଥ ଶରଣସୋଦର । ଏ କୂପୁଁ କୃପାରେ ଉଦ୍ଧର ।
ତୋର ବଚନ ସୁଧାଧରେ । ବରଷା କର ମୋଶରୀରେ ।
ଏମନ୍ତ ଭକ୍ତବାକ୍ୟ ଶୁଣି । ହସି କହନ୍ତି ଚକ୍ରପାଣି ।

ଶ୍ରୀ ଭଗବାନୁବାଚ

ଶୁଣ ଭକତ ସାମରଥା । ଯେ ପୂର୍ବେ ଇତିହାସ-କଥା ।
କୁରୁ-ପାଣ୍ଡବ ଯୁଦ୍ଧ ଅନ୍ତେ । ଏ କଥା ଭୀଷ୍ମଙ୍କ ଅଗ୍ରତେ ।
ପାଣ୍ଡୁ-କୁମର ଯୁଧିଷ୍ଠିର । ଧର୍ମେ ସେ ଜିଣିଲା ସମର ।
ଜ୍ଞାତି-ବାନ୍ଧବ-କୁଳକ୍ଷୟେ । ବ୍ୟାକୁଳ-ସଂଶୟ ହୃଦୟେ ।
ପୁଚ୍ଛିଲେ ମୋର ବିଦ୍ୟମାନେ । ଯେ ପ୍ରଶ୍ନ ଭୀଷ୍ମ-ସନ୍ନିଧାନେ ।
ସେ ମୋକ୍ଷଧର୍ମେ ଯାହା କହି । ଶ୍ରବଣେ ଶୁଣିଅଛି ମୁହିଁ ।
ଏବେ ତୁ ସାବଧାନେ ଶୁଣ । ବୈରାଗ୍ୟ-ମୁକତି-ଲକ୍ଷଣ ।
ଭୀଷ୍ମ-ବଦନୁ ଅଛି ଶୁଣି । ଶୁଣ କହିବା ପରମାଣି ।
ଜଗତ-କାରଣ ପ୍ରଶସ୍ତେ । ଶାସ୍ତ୍ର କହନ୍ତି ନାନାମତେ ।
ଯେ ତତ୍ତ୍ୱ ସର୍ବ ଏକମତେ । ବିପ୍ର ଜାଣିବା ସାକ୍ଷାତେ ।
ଯେ ତତ୍ତ୍ୱଜ୍ଞାନ ମୋର ମତ । ତା ବିନୁ କିଛି ନୋହେ ସତ୍ୟ ।

ଯେ ତତ୍ତ୍ୱଜ୍ଞାନ ପୁରାତନ । ଜଗତ-ଉତ୍ପତ୍ତି-କାରଣ ॥
ଜନ୍ମ-ମରଣ ଏ ଜଗତେ । ଦୁଃଖ ସନ୍ତାପ ଆଦି ଯେତେ ॥
ଆଦ୍ୟନ୍ତ ମଧ୍ୟ ପରମାଣ । ଏ ସବୁ ମିଥ୍ୟା ବୋଲି ଜାଣ ॥
ଯାହାକୁ ଆଦି ଅନ୍ତ ମଧ୍ୟେ । ବିନାଶ ନ ଦେଖି ପ୍ରମାଦେ ॥
ସେ ସତ୍ୟ ଜ୍ଞାନତତ୍ତ୍ୱ ଜାଣି । ଅଧିକ ମିଥ୍ୟା ପରମାଣି ॥
ନୟନେ ଦେଖି ଶୁଣି କର୍ଣ୍ଣେ । ଯେ ଅବା କରି ଅନୁମାନେ ॥
ବିକଳ୍ପ ସଂକଳ୍ପ-କାରଣ । ବିଶ୍ୱରେ ନୋହେ ଏ ପ୍ରମାଣ ॥
କର୍ମର ଫଳ ଏ ଜଗତ । କର୍ମ ସରିଲେ ହୁଏ ହତ ॥
ସ୍ଥାବରୁ ବ୍ରହ୍ମଲୋକ ଯାଏ । କର୍ମ ସରିଲେ ହୋନ୍ତି କ୍ଷୟେ ॥
ପ୍ରଥମେ କହିଲି ମୁଁ ତୋତେ । ଭକ୍ତି-ଯୋଗ-ମହିମା ଯେତେ ॥
ଯେ ଭକ୍ତି ମୁକ୍ତିର କାରଣ । ଏବେ କହିବା ଆର ଶୁଣ ॥
ମୋହର କଥାମୃତବାଣୀ । ଯେ ଶ୍ରଦ୍ଧାଚିତ୍ତେ ନିତ୍ୟ ଶୁଣି ॥
ବଦନେ କରଇ କୀର୍ତ୍ତନ । ସ୍ତୁତିରେ ଗାଏ ଅନୁକ୍ଷଣ ॥
ମୋର ପୂଜାରେ ଏକାମତ । ଆଦରେ କରେ ନାନାସ୍ତୁତ ॥
ମୋର ବ୍ୟାପାରେ ତତପର । ସାଷ୍ଟାଙ୍ଗେ କରେ ନମସ୍କାର ॥
ଉଦ୍ଧବ ଯେ ମୋର ଭକତ । ଅଧିକେ ପୂଜାକର୍ମେ ରତ ॥
ମୋତେ ଦେଖିବ ସର୍ବଭୂତେ । କରତେ ଥିବ ପ୍ରାଣିହିତେ ॥
ମୋର କାରଣେ କର୍ମ ଯେତେ । ଆଦରେ କରୁଥିବ ନିତ୍ୟେ ॥
ମୋର ମହିମା ଯେତେ ଗୁଣ । କୀର୍ତ୍ତନ କରୁଥିବ ପୁଣ ॥
ଅଧିକ କର୍ମ କରେ ଯେତେ । ଅନ୍ତରେ ସମର୍ପିବ ମୋତେ ॥
ଆଶା ନ କରି କର୍ମଫଳେ । ଶରଣ ମୋ ପାଦକମଳେ ॥
କର୍ମେ ମିଳିବ ଯେତେ ଭୋଗ । ମୋ ପ୍ରୀତିଅର୍ଥେ ପରିତ୍ୟାଗ ॥
ମୋ କାର୍ଯ୍ୟଅର୍ଥେ କରି ପୁଣ । ଯେ ଅବା ଯଜ୍ଞ ତପୋଦାନ ॥
ଅର୍ପଣ କରି ସବୁ ମୋତେ । ବ୍ରହ୍ମଆନନ୍ଦମୟ ଚିତ୍ତେ ॥
ଦେହ ଜୀବନ ଦେଇ ମୋତେ । ବନ୍ଦିବ ମୋର ପାଦଗତେ ॥
ଏ ସବୁ ଭକତ ଉପାୟେ । ଯେ ଅବା ସାଧେ ନିଜ ଦେହେ ॥
ତାରଭକତ ମୋର ପାଦେ । ନିଶ୍ଚଳ ହୁଏ ଅପ୍ରମାଦେ ॥
ତାର ସାଧନା ସିଦ୍ଧି ଯେତେ । ମୋ ତହୁଁ ଅଛି ଆନ କେତେ ॥
ଯେ ପ୍ରାଣୀ ମୋହର ଚରଣେ । ଦଣ୍ଡେ ନିମିଷେ ଅବା କ୍ଷଣେ ॥
ମନ ନିଶ୍ଚଳ କରି ଯେବେ । ଜ୍ଞାନ-ବୈରାଗ୍ୟ ଲଭେ ତେବେ ॥
ମୋ ପାଦଭକ୍ତି-ଉପାଦାନେ । ଦେଖଇ ଆତ୍ମା ତତ୍ତ୍ୱଜ୍ଞାନେ ॥
ହୃଦରେ ଭକତ ଉଦୟେ । ବୈରାଗ୍ୟ ଦେଖଇ ବିଷୟେ ॥
ଅଣିମା ଆଦି ଅଷ୍ଟନିଧି । ନିକଟେ ଥାନ୍ତି ନିରବଧି ॥
ଏମନ୍ତେ କୃଷ୍ଣବାକ୍ୟ ଶୁଣି । ଉଦ୍ଧବ ଯୋଡ଼େ ବେନିପାଣି ॥

ବୋଲଇ କୃଷ୍ଣମୁଖ ଚାହିଁ । ଭୋ ନାଥ ଶୁଣ ଭାବଗ୍ରାହୀ ॥
ତୋହର ଅଭୟ ଚରଣେ । ମୁହିଁ ପୁଚ୍ଛଇ ଦାସପଣେ ॥
ଯମ ନିୟମ ଶମ ଦମ । ଯେତେ ପ୍ରକାର ଯଥାକ୍ରମ ॥
ତିତିକ୍ଷା ଧୃତି ତପୋଦାନ । କହ ହେ ପ୍ରଭୁ ଭଗବାନ ॥
ଶଉଚେ ରତ ସତ୍ୟ ତ୍ୟାଗ । ଧନ ଦକ୍ଷିଣା ଯଜ୍ଞଭାଗ ॥
କିରୂପେ ବିଦ୍ୟା ଲଜ୍ଜା ଶ୍ରୀ । କି ସୁଖ ଦୁଃଖ ଲାଭ କଇ ॥
କେ ସାଧୁମାର୍ଗ କେ କୁପଥ । କେ ମୂର୍ଖ କେ ଅବା ପଣ୍ଡିତ ॥
କାହାକୁ ବୋଲି ସ୍ୱର୍ଗଲୋକ । କିଏ ବା ଅଟଇ ନରକ ॥
ଧନାଢ୍ୟ ଜାଣିବା କେମନ୍ତେ । ଦୁଃଖୀ ଦରିଦ୍ର ଅବା କେତେ ॥
କାହାକୁ ବୋଲି ବନ୍ଧୁଘର । କେ ଅବା କୃପଣ-ଈଶ୍ୱର ॥
ଏ ଆଦି ପଚାରଇ ତୋତେ । ଭୋ ନାଥ କହ ଦୟାଚିତ୍ତେ ॥
ମୋ ଚିତ୍ତ-ସଂଶୟ ପ୍ରମାଣୁ । ଏ ପ୍ରଶ୍ନ ପଚାରିଲି ତେଣୁ ॥
ଯେ ଅବା ଘଟେ ଯେଉଁମତେ । ଭୋ ନାଥ କହ ଯଥୋଚିତେ ॥
ପୁରୁଷସିଂହ ଚକ୍ରପାଣି । ଏମନ୍ତ ଭୃତ୍ୟମୁଖୁ ଶୁଣି ।
ଚିତ୍ତେ ସକଳ ଅବଧାରି । କହନ୍ତି ପ୍ରଭୁ ଦଇତ୍ୟାରି ॥

### ଶ୍ରୀ ଭଗବାନୁବାଚ

ଶୁଣ ଉଦ୍ଧବ ଏକଚିତ୍ତେ । ଯେ ପ୍ରଶ୍ନ ପଚାରିଲୁ ମୋତେ ॥
ବଚନ ମଧ୍ୟେ ସତ୍ୟବାଣୀ । ନିର୍ଲୋଭ ପରଧନ ଜାଣି ॥
ଲଜ୍ଜା, ସକଳ ସଙ୍ଗତ୍ୟାଗ । ଧନ-ସଞ୍ଚୟନେ ବୈରାଗ୍ୟ ॥
ମଉନ, ବ୍ରହ୍ମଚର୍ଯ୍ୟ ଗୁଣ । ଧଇର୍ଯ୍ୟ ଆସ୍ତିକ-କାରଣ ॥
ଜୀବେ ଅହିଂସା, ଭୟ, କ୍ଷମା । ଯମ ଦ୍ୱାଦଶ ଏ ମହିମା ॥
ଶଉଚ ଜପ ତପୋଦାନ । ଆନନ୍ଦେ ମୋହର ଅର୍ଚ୍ଚନ ॥
ଆଚାର୍ଯ୍ୟ-ସେବା ତୀର୍ଥ-ଗତି । ଶ୍ରଦ୍ଧାରେ ପୂଜିବ ଅତିଥି ॥
ସକଳ ଚେଷ୍ଟା ପରହିତେ । ସୃଷ୍ଟି ଅବଲମ୍ବନ ଚିତ୍ତେ ॥
ନିୟମ ଦ୍ୱାଦଶ ଏ ଜାଣ । ଏଣେ ଜୀବର ପରିତ୍ରାଣ ॥
ମୋ ଦେହେଁ ଥିବ ବୁଦ୍ଧି ମନ । ଇନ୍ଦ୍ରିୟ-ସଂଯମଟି ଦମ ॥
ଜିହ୍ୱା ଉପସ୍ଥ ବନ୍ଧ ଧୃତି । ତିତିକ୍ଷା ସର୍ବ-ଦୁଃଖ-ଶାନ୍ତି ॥
ପରକୁ ଦଣ୍ଡ ତ୍ୟାଗ ଦାନ । ତପୋବର୍ଜ୍ଜନ ସଙ୍ଗ କାମ ॥
ନିଜ ସ୍ୱଭାବେ ଯେବେ ଜିଣି । ଶଉର୍ଯ୍ୟ ବୋଲି ତାକୁ ଭଣି ॥
ସମାନ ଦୃଷ୍ଟି ସର୍ବଭୂତେ । ଯେ ସତ୍ୟପଥ ମୋର ମତେ ।
ସକଳ କର୍ମଫଳ-ତ୍ୟାଗ । ଶଉଚ-ଲକ୍ଷଣ-ସ୍ୱଭାବ ॥
ସଂସାରେ ସନ୍ନ୍ୟାସ-ଲକ୍ଷଣ । ଉତ୍ତମ ତ୍ୟାଗ ଏହା ଜାଣ ।
ଧନାଢ୍ୟ ବୋଲି ଏ ଶୟିଲେ । ସେ ନିତ୍ୟ ଇଷ୍ଟଧର୍ମ ପାଲେ ॥

ଦକ୍ଷିଣା ଜ୍ଞାନ ଉପଦେଶ । ମୁଁ ଯଜ୍ଞରୂପେ ହୃଷୀକେଶ ॥
ସୁଦୃଢ଼େ ପବନ-ଧାରଣ । ପରମାତ୍ମା ଯୋଗେ ଏ ଲକ୍ଷଣ ॥
ଭାଗ୍ୟ ଯେ ଈଶ୍ୱର ତା ଭାଗ । ମୋର ଭକତ ବଡ଼ ଲାଭ ॥
ପ୍ରାଣୀବିଷୟେ ଭେଦ-ବୁଦ୍ଧି । ନ କରେ ସେ ବିଦ୍ୟା-ପ୍ରସିଦ୍ଧି ॥
ନିନ୍ଦିତ କର୍ମେ ଯେ ଡରଇ । ଉଦ୍ଧବ ଜାଣ ଲଜ୍ଜା ସେହି ॥
ସକଳଭାବେ ଅନପେକ୍ଷ । ଈଶ୍ୱର ଭାବଟି ପ୍ରତ୍ୟକ୍ଷ ॥
ସମେ ଯେ ଦୁଃଖ ସୁଖ ମଣି । ସେ ମହାସୁଖୀ ନିତ୍ୟେ ଭଣି ॥
ନିରତେ କାମ-ଭୋଗ-ସୁଖ । ତାହାକୁ ବୋଲି ମହାଦୁଃଖ ॥
ଯେ ଆତ୍ମା ବନ୍ଧ ମୋକ୍ଷ ଜାଣେ । ସେ ପ୍ରାଣୀ ପଣ୍ଡିତ ବଖାଣେ ॥
ଦେହକୁ ବୋଲି ବନ୍ଧୁଘର । ଏଣେ ଯେ କରେ ଅହଙ୍କାର ॥
ତାହାକୁ ମୂର୍ଖବୋଲି ଜାଣି । ହସି କହନ୍ତି ଚକ୍ରପାଣି ॥
ମୋତେ ଭଜଇ ଯେ ଯେମନ୍ତେ । ଉତ୍ତମ ପଥ ଏ ଜଗତେ ॥
ତେଣେ ଚଞ୍ଚଳ ଯାର ଚିତ୍ତ । ଉଦ୍ଧବ ସେହି ସେ କୁପଥ ॥
ଯାର ହୃଦରେ ତମୋଗୁଣ । ସେ ପ୍ରାଣୀ ନରକ-ଲକ୍ଷଣ ॥
ପ୍ରାଣୀ-ପରମବୁଦ୍ଧି ମୁହିଁ । ଗୁରୁଙ୍କ ପ୍ରାୟେ ହିତ କହି ॥
ଉଦ୍ଧବ ଏ ଉତ୍ତମ ଘର । ଅଟେ ମନୁଷ୍ୟ କଲେବର ॥
ମୋ ସର୍ବଗୁଣେ ଯାର ମନ । ତାର ସମୀପେ ସର୍ବ ଧର୍ମ ॥
ମୋ ଭାବେ ଚିତ୍ତ ଯାର ନାହିଁ । ସଂସାରେ ଦରିଦ୍ରଟି ସେହି ॥
ଅଜିତ ଇନ୍ଦ୍ରିୟ ଯାହାର । ସଂସାରେ କୃପଣ ସେ ନର ॥
ତ୍ରିଗୁଣେ ସଙ୍ଗ ଯାର ନାହିଁ । ଉଦ୍ଧବ ଈଶ୍ୱରଟି ସେହି ॥
ଯେ ପ୍ରଶ୍ନ କଲୁ ବୀର ତୁହି । କହିଲି ଶୁଣ ମନଦେଇ ॥
ଅଧିକ ବିଶେଷ ବର୍ଣ୍ଣନ । ପ୍ରସ୍ତାବେ ନାହିଁ ପ୍ରୟୋଜନ ॥
ସକଳ ଭାବେ ଗୁଣ ଦୋଷ । ଏଣୁ ଏ ଜଗତ ଅଶେଷ ॥
ବୋଲଇ ବିପ୍ର ଜଗନ୍ନାଥ । ଶ୍ରୀ ଏକାଦଶେ ଭାଗବତ ॥
ଉଦ୍ଧବ ପୁଚ୍ଛିଲେ ଯେମନ୍ତ । ଅଚ୍ୟୁତ କହିଲେ ତେମନ୍ତ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ
ସମ୍ବାଦେ ଜ୍ଞାନଭକ୍ତିଯୋଗ କଥନଂ ନାମ ବିଂଶୋଽଧ୍ୟାୟଃ ।

## (19)

## ଭକ୍ତି ଯୋଗକଥନ (Sk. XI, Ch. XXI).

### ଉଦ୍ଧବ ଉବାଚ

ଉଦ୍ଧବ କୃଷ୍ଣ-ମୁଖ ଚାହିଁ । ବୋଲଇ ଶିରେ କର ଦେଇ ॥
ଭୋ ନାଥ ବେଦ ତୋର ବାଣୀ । ବିଧି-ନିଷେଧ ମାର୍ଗେ ଭଣି ॥
କର୍ତ୍ତବ୍ୟ କର୍ମେ ଗୁଣ ହୋଇ । ନିଷେଧ-ଦୋଷ ଉପୁଜଇ ॥

ସ୍ୱର୍ଗ ନରକ ବେନି ମାର୍ଗେ । ଉପନିଷଦ ବ୍ରହ୍ମଭାଗେ ॥
କର୍ମ ସାଧନ୍ତି ନାନାମତେ । ଅନ୍ତେ ଗମନ୍ତି ବେନିପଥେ ॥
ଏ ବେଦ ଜଗତ-ଈଶ୍ୱର । ସଂସାରଚକ୍ରେ ମୂଳାଧାର ॥
ଏ ବେଦ ସର୍ବଭୂତ ଆଖି । ବାହ୍ୟ-ଅନ୍ତର-କର୍ମସାକ୍ଷୀ ॥
ଯେ ମାର୍ଗେ ଗୁଣ ଦୋଷ ସାର । ଏଣେ ନ ଗୁଠଇ ସଂସାର ॥
ତୋ ମୁଖୁଁ ମୁହିଁ ପୂର୍ବେ ଶୁଣି । ଏ କଥାମାନ ପରମାଣି ॥
ସଂଶୟ କଲି ଭ୍ରମଚିତ୍ତେ । ଭୋନାଥ କହ ମୋ ଅଗ୍ରତେ ॥
ଏମନ୍ତେ ଉଦ୍ଧବ-ବଚନ । ଶୁଣି କହନ୍ତି ଭଗବାନ ॥

ଶ୍ରୀ ଭଗବାନୁବାଚ

ଉଦ୍ଧବ ଏକଚିତ୍ତେ ଶୁଣ । ଯେ ଯୋଗ ଲୋକ-ପରିତ୍ରାଣ ॥
ଭକତି, କର୍ମ, ଜ୍ଞାନ ଘେନି । ଏମନ୍ତେ ଯୋଗମାର୍ଗ ତିନି ॥
ଏ ତିନିପଥ ଅନ୍ୟମତେ । ଉପାୟ ନ ଦେଖି ଜଗତେ ॥
ଏ କଥା ଶୁଣ ମନ ଦେଇ । ଉତ୍ତମଶିଷ୍ୟେ ଏହା କହି ॥
ଏ ତିନି ଯୋଗ ତୋର ଆଗେ । ଶୁଣ କହିବା ବେଦଭାଗେ ॥
କର୍ମର ଫଳ ତ୍ୟାଗକରି । ବିଷ୍ଣୁର ଭାବେ ଚିତ୍ତଧରି ॥
ଦିନ ବଞ୍ଚଇ ଦୃଢ଼ଭାବେ । ସେ ଅଧିକାରୀ ଜ୍ଞାନଯୋଗେ ॥
ଯାହାର କାମଭୋଗ ଚିତ୍ତେ । ନିବର୍ତ୍ତ ନୁହେ କଦାଚିତେ ॥
ତାହାର କର୍ମଯୋଗସାର । ବେଦ-ନିର୍ମିତ ଏ ସଂସାର ॥
ବିଷୟରସୁଁ ଯାର ଚିତ୍ତେ । ବୈରାଗ୍ୟ ସମ୍ଭବେ କିଞ୍ଚିତେ ॥
ତାହାକୁ ବୋଲି ଜ୍ଞାନଯୋଗୀ । ନିର୍ଲେପ ଜ୍ଞାନେ ସୁଖଭୋଗୀ ॥
ମୁଁ ଯାକୁ କରଇ ସଦୟ । ତାହାର ମହାଭାଗ୍ୟୋଦୟ ॥
ମୋ ନାମ ଶ୍ରବଣ-କୀର୍ତ୍ତନେ । ଶ୍ରଦ୍ଧା ଉପୁଜେ ଯାର ମନେ ॥
ତାବତ ବେଦ ଅଧିକାରେ । କର୍ମ କରିବ ଏ ସଂସାରେ ॥
ଏ ତିନି ଯୋଗ ବୀର ତୋତେ । କହିଲି ସ୍ୱକର୍ମ ଉଚିତେ ॥
ସ୍ୱଧର୍ମ ସ୍ୱଭାବ ଯୁଗତେ । ଯଜ୍ଞାଦି କର୍ମ କରେ ଯେତେ ॥
ସେ କର୍ମଫଳ-ଆଶା-ତେଜେ । କେବଳ ମୋ ଚରଣେ ଭଜେ ॥
ଉଦ୍ଧବ ରହେ ସେ ନିଶ୍ଚିନ୍ତେ । ନ ଗମେ ଦୁଃଖ-ସୁଖପଥେ ॥
ସ୍ୱର୍ଗ-ସମ୍ପଦେ ଆଶା ନାହିଁ । ନରକେ ପଡ଼ିବ ସେ କାହିଁ ॥
ମୋ ଭାବେ ରହେ ସେ ନିଶ୍ଚିନ୍ତ । କୁକର୍ମ ନ ଭଜେ ତା ଚିତ୍ତ ॥
ମୁହିଁ ବସଇ ତାର ଅଙ୍ଗେ । ସକଳ ସିଦ୍ଧି ଘେନି ସଙ୍ଗେ ॥
ଉଦ୍ଧବ ଚିତ୍ତେ ଅନୁମାନ । ଏ ମୋ ବିଶୁଦ୍ଧ ତତ୍ତ୍ୱଜ୍ଞାନ ॥
ଏଣୁ ଯେ ସ୍ୱର୍ଗବାସୀ ଜନେ । ନିତ୍ୟ ଚିନ୍ତନ୍ତି ଦୁଃଖମନେ ॥
ଭାରତଭୂମି ମଧ୍ୟେ ଯାଇ । ମନୁଷ୍ୟ-ଦେହ ଆମ୍ଭେ ପାଇ ॥

ଭକତି ଯୋଗେ ଅନୁକ୍ଷଣେ । ଭଜିବୁଁ ଶ୍ରୀକୃଷ୍ଣ-ଚରଣେ ॥
ନରକବାସୀ ଏହିମତେ । ନିତ୍ୟ ଚିନ୍ତନ୍ତି ହୃଦଗତେ ॥
ଦୁର୍ଲ୍ଲଭ ମନୁଷ୍ୟ-ଶରୀର । ନରକ-ନିସ୍ତାରଣ-ଦ୍ୱାର ॥
ଆମ୍ଭେ ପାଇବୁଁ ତାହା କାହିଁ । ପୂର୍ବ ଅର୍ଜିଲ ପୁଣ୍ୟ ନାହିଁ ॥
ଏମନ୍ତେ ସ୍ୱର୍ଗ ନର୍କେ ଥାଇ । ନିତ୍ୟେ ଚିନ୍ତନ୍ତି ଚିତ୍ତେ ଧ୍ୟାଇ ॥
କର୍ମ-ସାଧନ ତହିଁ ନାହିଁ । ଏଣୁ ବାଞ୍ଛନ୍ତି ନରଦେହି ॥
ମନୁଷ୍ୟେ ସାଧି କର୍ମ୍ମଯୋଗ । ସ୍ୱର୍ଗ ନରକ ବେନି ଭୋଗ ॥
ଏ ବୋଲି ବୁଝି ବୁଧଜନେ । ଏ ବେନି ଦେଖନ୍ତି ସମାନେ ॥
ସଂସାର ଈଶ୍ୱରଙ୍କ ମାୟା । ନିତ୍ୟେ ଚିନ୍ତିବ ହୃଦେ ଏହା ॥
ସ୍ୱର୍ଗ ନରକ ବେନି ପଥ । କେବେହେଁ ନ କରିବ ଚିତ୍ତ ॥
ମନୁଷ୍ୟ-ଦେହେଁ ମୂଢ଼ ନର । ଅଜ୍ଞାନେ ଭ୍ରମଇ ସଂସାର ॥
ଯେବେ ମନୁଷ୍ୟ ଦେହ ପାଇ । ଆତ୍ମାର ଗତି ନ ଜାଣଇ ॥
ବିଷୟ ସଙ୍ଗେ ଯାର ଆଶ । ସେ ଦେହେଁ ପ୍ରୟୋଜନ କିସ ॥
ଯେ ଦେହ ନରକ ନିପାତେ । ତାହା ନ ଇଚ୍ଛି କଦାଚିତେ ॥
ଏଣୁ ଏ ନର ଦେହ ପାଇ । ଯାବତ ମୃତ୍ୟୁ ନ ଘଟଇ ॥
ତାବତ ଜ୍ଞାନ ବଇରାଗ୍ୟେ । ମୋର ଭକତି ଯୋଗମାର୍ଗେ ॥
ବେଗେ ମରଣ ମୁହଁଖୁଁ ତାର । ମନୁଷ୍ୟ ଦେହ ନୋହେ ଚିର ॥
ଏ ଦେହ ସର୍ବସିଦ୍ଧି-ହେତୁ । ସଂସାର ଭବସିନ୍ଧୁ-ସେତୁ ॥
ଏ ଦେହା ବୃକ୍ଷେ ହଂସ ବସେ । ଅଜ୍ଞାନେ ଲୋଭ-ଫଳ-ଆଶେ ॥
ବୃକ୍ଷ ଆବୋରି ଯମଦୂତେ । ଅମୋଘଖଡ୍ଗ ଘେନି ହସ୍ତେ ॥
ରାତ୍ର ଦିବସେ କାଟି ବଳେ । ବୃକ୍ଷେ ଉପାଡ଼ନ୍ତି ସମୂଳେ ॥
ଏଣୁ ଏ ବୃକ୍ଷେ ହଂସପକ୍ଷୀ । ଯମ-କିଙ୍କର-ଘାତ ଲକ୍ଷି ॥
ଏ ଫଳ ଲୋଭ ଛାଡ଼ି ମନେ । ସୁଜ୍ଞାନୀ ନିଜ-ସୁଖ-ପୁଣ୍ୟେ ॥
ରାତ୍ର ଦିବସେ ଯମଦୂତେ । ଆୟୁଷ ହରନ୍ତି ନିରତେ ॥
ଏ ବୋଲି ବୁଝି ବୁଧନରେ । ଆକୁଳ କଲ୍ପିତ ଅନ୍ତରେ ॥
ଏ ଦେହ-ଧର୍ମ ଦୂର କରି । ଅଜ୍ଞାନ-ଚେଷ୍ଟା ପରିହରି ॥
ଶାନ୍ତ ଶମାଦି ପୂର୍ବଜ୍ଞାନେ । ନିତ୍ୟ ନିର୍ଗୁଣ ଆତ୍ମଧ୍ୟାନେ ॥
ସର୍ବ ଶରୀର ମଧ୍ୟେ ସାର । ଦୁର୍ଲ୍ଲଭ ନର-କଳେବର ॥
ସୁଲଭ ନାବରୂପ ଘଟେ । ବନ୍ଧନ ଭବସିନ୍ଧୁ-ତଟେ ॥
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର ॥
ଏମନ୍ତ ନାବ ଥାଉଁ କୂଳେ । ଯେବା ନ ତରେ ଭବଜଳେ ॥
ସେ ନର ହୀନ ମୂଢ଼ମତି । ତାହାକୁ ବୋଲି ଆତ୍ମଘାତି ॥
ସଂସାରକୂପେ ଯେ ପତିତ । ଦୁର୍ଲ୍ଲଭ ଦେହେଁ ସେ ବଞ୍ଚିତ
ଏଣୁ ନିବର୍ତ୍ତି ହୋଇ ପ୍ରାଣୀ । ସର୍ବ ବିଷୟ ପରମାଣି ॥

ଅଭ୍ୟାସ-ବଳେ ଅନ୍ତର୍ଗତେ । ମନ ରୁନ୍ଧିବ ଦୃଢ଼ଚିତ୍ତେ ॥
ଏ ମନ ସ୍ୱଭାବେ ଚଞ୍ଚଳ । କେବେହେଁ ନ ରହେ ନିଶ୍ଚଳ ॥
ପବନଗତି-ଅନୁରୁନ୍ଧେ । ଶମ-ସାଧନ ଦୃଢ଼ବନ୍ଧେ ॥
ପବନଦ୍ୱାରେ ମନ ଥୋଇ । ଆସନ ଦୃଢ଼ବନ୍ଧେ ଦେଇ ॥
ଅଭ୍ୟାସେ ବଶ ହୋନ୍ତି ତାର । ପ୍ରାଣ ଇନ୍ଦ୍ରିୟ ଅହଙ୍କାର ॥
ଚଞ୍ଚଳମନ ଏକ କରି । ସାଧିବ ସତ୍ତ୍ୱଗୁଣ ଧରି ॥
ପରମ ଯୋଗ ଏ ସାଧନ । ଅଭ୍ୟାସେ ମନ ନିରୋପଣ ॥
ଚଞ୍ଚଳ ତୁରଙ୍ଗ ଯେସନେ । କ୍ରମେ ସୁସାଧ୍ୟ ଦିନେ ଦିନେ ॥
ଅଳପ ଅଳପ ଅଭ୍ୟାସେ । ମନ ପବନ ସ୍ଥାପି ବସେ ॥
ନିଶ୍ଚିନ୍ତେ ରହେ ଦେହ ବହି । ସଂସାରେ ସାକ୍ଷୀ ପ୍ରାୟ ହୋଇ ॥
ଦେଖଇ ଜନ୍ତୁଙ୍କ ମରଣ । ଏ ଭବସାଗର-ତରଣ ॥
ପ୍ରସନ୍ନ ହୁଏ ଯେବେ ମନ । ଅସତ୍ୟ ଦେଖେ ତ୍ରିଭୁବନ ॥
ଗୁରୁ-ବଚନେ ମନ ସ୍ଥିର । ବିଷୟେ ବୈରାଗ୍ୟ ଯାହାର ॥
ନିରତେ ନିଷ୍ଠେ ସ୍ଥିରମନା । କର୍ମେ ଖଣ୍ଡଇ ଦୁର୍ବାସନା ॥
ସଙ୍କଳ୍ପ ତୁଟେ ନିରବଧି । ଶମାଦି ଯୋଗପଥ-ସିଦ୍ଧି ॥
ମନକୁ ତତ୍ତ୍ୱଜ୍ଞାନେ ଆଣି । ଭକତିଯୋଗ ପରମାଣି ॥
ମୋ ରୂପ କରି ଉପାସନା । କୀର୍ତ୍ତନ ଅର୍ଚ୍ଚନ ବନ୍ଦନା ॥
ମନ ସଂଯମ କରି ହୃଦେ । ଆନନ୍ଦେ ଦିଏ ମୋର ପାଦେ ॥
ଆନନ୍ଦେ ଭ୍ରମଇ ଶୟଳେ । ଯେସନେ ଦୁଷ୍ଟସଙ୍ଗ ମେଳେ ॥
ଯେବେ ନିନ୍ଦିତ କର୍ମ କରେ । ସେ ପାପ ମୋର ଧ୍ୟାନେ ହରେ ॥
ମୋ ନାମ ଶ୍ରବଣ-କୀର୍ତ୍ତନେ । ଶ୍ରଦ୍ଧା ଉପୁଜେ ଯାର ମନେ ॥
ନିର୍ଦ୍ୱନ୍ଦେ ସର୍ବକର୍ମ ତେଜେ । କେବଳ ଦୃଢ଼େ ମୋତେ ଭଜେ ॥
ସଂକଳ୍ପ ଭୋଗ ଦୁଃଖମୟେ । ଯାହା ଛାଡ଼ନ୍ତେ ସୁଖ ହୋଏ ॥
ଯେବା ମିଳିବ ଅକସ୍ମାତେ । ଆନନ୍ଦେ ସମର୍ପିବ ମୋତେ ॥
ପୀରତି କରି ମୋ ଚରଣେ । ଭାବେ ଭଜିବ ଅନୁକ୍ଷଣେ ॥
ମୋ ଦୃଢ଼ଭକତ ସମାଜେ । ମୁଁ ତାଙ୍କ ହୃଦୟପଙ୍କଜେ ॥
ବସଇ କାମ ଦୂର କରି । ନିର୍ମଳ ଜ୍ୟୋତିରୂପ ଧରି ॥
କାମ ନ ରହେ ତାଙ୍କ ଦେହେ । ସଂସାରୁ ତରେ ସେ ଉପାୟେ ॥
ଯେବେ ସକଳଭୂତେ ଏକେ । ମୁଁ ବସିଥିଲା ପ୍ରାୟ ଦେଖେ ॥
ସଂଶୟଗ୍ରନ୍ଥି ତାର ହୃଦେ । ମୁହିଁ ଖଣ୍ଡଇ ଅପ୍ରମାଦେ ॥
ସକଳ କର୍ମ ତତକ୍ଷଣେ । ଦହଇ ମୋହର ସ୍ମରଣେ ॥
ଏ ଭାବେ ବୁଝି ନିରବଧି । ଯତ୍ନେ ଭକତିଯୋଗ ସାଧି ॥
ଏଣୁ ଭକତିଯୋଗ ଯେତେ । ଯେ ଯୋଗୀ ଭଜେ ଦୃଢ଼ଚିତ୍ତେ ॥
ସେ ମହାଶୟ ଏ ଜଗତେ । ଜ୍ଞାନେ ବୈରାଗ୍ୟ ଅନୁମତେ ॥

ଏଣୁ ସଂସାରେ ଯୋଗିଜନେ । ନିର୍ବାଣ-ପଦ-ଉପାଦାନେ ।
ଜ୍ଞାନେ ବୈରାଗ୍ୟ ଦୂର କରି । ମୋର ଭକତି ଅନୁସରି ॥
ସର୍ବ ସଂଶୟ ନାଶ କରି । ମାୟାସଂସାରୁ ଯାନ୍ତି ତରି ।
ଏଣୁ ଭକତ ମୋର ବେଗେ । କଳ୍ପଇ ସ୍ୱର୍ଗ ଅପବର୍ଗେ ॥
ତାର ଅଧିକ ବାଞ୍ଛା ଯେତେ । ତା ପାଦେ ଖଣ୍ଡନ୍ତି ସମସ୍ତେ ॥
ଏଣୁ ମୋ ଭାବ ଯେ ଜାଣଇ । ତାର କଳ୍ପନା ଆଉ ନାହିଁ ॥
ମୁହିଁ ସମ୍ପଦ ଦେଲେ ତାରେ । ତକ୍ଷଣେ ଦୂରେ ପରିହରେ ।
ସକଳ ଭାବେ ସେ ଉଦାର । ମୁଁ ନିରପେକ୍ଷ ଜ୍ଞାନ ତାର ।
ଏଣୁ ନିଷ୍କାମ ଯାର ଗତି । ସେ ଲଭେ ଏକାନ୍ତ ଭକତି ॥
ମୋର ଭକତ ଯେଉଁ ନର । ଶୁଭ ଅଶୁଭ ନାହିଁ ତାର ॥
ସଂସାରେ ନାହିଁ ଗୁଣ ଦୋଷ । ସେ ପ୍ରାଣୀ ମୋହର ବଶ୍ୟାସ ॥
ଏଣୁ ଭକତିଯୋଗ-ପଥେ । ଯେ ପ୍ରାଣୀ ଆଶ୍ରେ କରେ ମୋତେ ॥
ସର୍ବ ସଂକଳ୍ପ ତାର ମିଳେ । ଯେ ମୋତେ ଭଜଇ ନିଶ୍ଚଳେ ॥
ଏଣୁ ମୁଁ ତୋହର ବଚନେ । ଜ୍ଞାନ ବୈରାଗ୍ୟ ଅନୁମାନେ ।
କହିଲି ଭକତି-ଲକ୍ଷଣ । ଉଦ୍ଧବ ସାବଧାନେ ଶୁଣ ॥
ପାମର ହୀନ ଜଗନ୍ନାଥ । ଗୀତ ପ୍ରବନ୍ଧେ ଭାଗବତ ।
ଯାହା କହିଲା ଜନହିତେ । ସୁଜନେ ଶୁଣ ଏକଚିତ୍ତେ ॥
ଉଦ୍ଧବ-ମାଧବ-ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଭକ୍ତିଯୋଗ-ତତ୍ତ୍ୱଜ୍ଞାନକଥନଂ ନାମ ଏକବିଂଶୋଽଧ୍ୟାୟଃ ।

## ( 20 )

### ଉଦ୍ଧବ-ଶ୍ରୀକୃଷ୍ଣ-ସଂବାଦ (Sk. XI, Ch. XXIII).

#### ଉଦ୍ଧବ ଉବାଚ

ଉଦ୍ଧବ ଶିରେ ଦେଇ କର । ବୋଲଇ ଶୁଣ ଦାମୋଦର ॥
ବେଦ ବିଚାର ତତ୍ତ୍ୱ ଜାଣି । ଯେବେ ସଂସାରୁ ତରେ ପ୍ରାଣୀ ॥
ସେ ତତ୍ତ୍ୱ ଏକ ବା ଅନେକ । କହ କେଶବ ଗୁ ବିବେକ ॥
ନାନାପ୍ରକାରେ ମୁନିଗଣେ । କହନ୍ତି ତତ୍ତ୍ୱ-ବିଚାରଣେ ॥
କେ ଷଟ ସପ୍ତ ଚାରି ଭଣେ । କେ ଏକାଦଶ ପରମାଣେ ॥
କେ ପଞ୍ଚବିଂଶ ଷଡ଼ବିଂଶେ । କେହି କହନ୍ତି ସପ୍ତଦଶେ ॥
କେ ମାନେ ନବ ଏକାଦଶ । କାହାର ମତେ ତ୍ରୟୋଦଶ ॥
କେ ବୋଲେ ଷଡ଼ଦଶ ମତେ । ଏଣୁ ସଂଶୟ ମୋର ଚିତ୍ତେ ॥
ମୁଁ ପୁଣି ତୋହର ସମ୍ମତେ । ପ୍ରସ୍ତାବେ ପୁଚ୍ଛିଲଇଁ ତୋତେ ॥

ନବ ତୃତୀୟ ଏକାଦଶ । ସଂଖ୍ୟା ପୁରାଣ ତ୍ରୟୋଦଶ ॥
ତ୍ରିନବ ଏକାଦଶ ବଦନେ । ନ ଶୁଣି ଭୁମ୍ଭର ବଚନେ ॥
ନାନାପ୍ରକାରେ ମୁନିଗଣେ । କହନ୍ତି ତତ୍ତ୍ୱ ବିସ୍ତରଣେ ॥
ଏ ସର୍ବ ସତ୍ୟ କେବା କେତେ । କି ନୁହେ ନାନା ଭେଦମତେ ॥
ଏମନ୍ତେ ଉଦ୍ଧବ-ବଚନ । ଯେ ତାର ତତ୍ତ୍ୱଗତ ଭ୍ରମ ॥

ଶ୍ରୀ ଭଗବାନୁବାଚ

ପୁଣି କହନ୍ତି ଚକ୍ରପାଣି । ଶୁଣ ହୋ ମୁନିଗଣ ବାଣୀ ॥
ମୁକ୍ତି ଲଭନ୍ତି ସର୍ବସ୍ଥାନେ । ଯେ ଅବା ଯେତେ ପରିମାଣେ ॥
କେବେହେଁ ନୁହେ ଦୁର୍ଘଟନ । ସେ ସତ୍ୟ ଏ ତିନିଭୁବନ ॥
ସଂସାରେ ମୁନିଗଣ ଚିତ୍ତ । ମୋର ମାୟାରେ ବିମୋହିତ ॥
ନାନାପ୍ରକାରେ ତର୍କବଳେ । ତତ୍ତ୍ୱ ବଖାଣନ୍ତି ଶସ୍ତୁଳେ ॥
କୁତର୍କ-ବିବାଦ ପ୍ରକାରେ । ବଚନେ ନାନା ଶକ୍ତି ଧରେ ॥
ତେଣୁ ଏ ଅନେକ ପ୍ରକାରେ । ତତ୍ତ୍ୱ ବିସ୍ତରନ୍ତି ସଂସାରେ ॥
ଏଣୁ ବଚନ ଏହାଙ୍କର । ତୁଚ୍ଛ ଗୁ ଅନେକ ପ୍ରକାର ॥
ମୁଁ ଯାହା କହିଅଛୁ ତୋତେ । ସଂସାରେ ସତ୍ୟମାନ୍ୟ ଏତେ ॥
ବିବାଦେ ତର୍କ ବଢ଼େ ନିତ୍ୟେ । ଏଣୁ କହନ୍ତି ନାନାମତେ ॥
ମୁନି-ବଚନ ସୁଘଟନ । ତେଣୁ ସେ ନୁହଇ ଖଣ୍ଡନ ॥
ସ୍ୱଭାବେ ମୋର ମାୟା ଯେନ । ମୁକ୍ତି କହନ୍ତି ଯେତେ ମୁନି ॥
ତାଙ୍କ ବଚନ ମହାସ୍ଥଳେ । ମୁହିଁ ସ୍ଥାପଇ ଭକ୍ତିବଳେ ॥
ଈଶ୍ୱର ପୁରୁଷଙ୍କ ଗାତ୍ରେ । ବିଚ୍ଛେଦ ନାହିଁ ତିଳମାତ୍ରେ ॥
ବିକଳ୍ପ କଳ୍ପନା ଗୋଚରେ । ଅସତ୍ୟ କ୍ୱାଚହିଁ ନ କରେ ॥
ତଥାପି ତାହାଙ୍କ ବଚନ । ମୁହିଁ ସେ କରଇ ସ୍ଥାପନ ॥
ମୁକ୍ତି କହନ୍ତି ସ୍ୱତନ୍ତ୍ରଭେଦେ । ପଣ୍ଡିତ ସ୍ୱଭାବ ବିବାଦେ ॥
ଏମନ୍ତେ ମୁନିଙ୍କ ବଚନେ । ଯେତେ ଘଟଇ ଅନୁମାନେ ॥
ଶାସ୍ତ୍ର ବିସ୍ତରନ୍ତି ସଂସାରେ । ଏମନ୍ତେ ଅନେକ ପ୍ରକାରେ ॥
ନ୍ୟାୟ-ବଚନ ମୁକ୍ତିବଳେ । କର୍ଣ୍ଣେ ଶୁଣନ୍ତି କୁତୂହଳେ ॥
ପଣ୍ଡିତ ଜନଙ୍କ ବଚନ । କେବେହେଁ ନୁହେ ଅଘଟନ ॥
ଏମନ୍ତେ ଗୁଣମୟ ବାଣୀ । ଉଦ୍ଧବ କୃଷ୍ଣମୁଖୁଁ ଶୁଣି ॥
ପୁଣି ସଂଶୟ କରି ମନେ । ପୁଚ୍ଛଇ କୃଷ୍ଣ-ସନ୍ନିଧାନେ ॥
ପ୍ରକୃତି ପୁରୁଷ ସ୍ୱଭାବେ । ଈଶ୍ୱର ତହିଁ ଭିନ୍ନ ଯେବେ ॥
ଆଶ୍ରେ କରନ୍ତି ଅନ୍ୟେ ଅନ୍ୟେ । ନିତ୍ୟେ ବସନ୍ତି ଯଥାସ୍ଥାନେ ॥
ପ୍ରକୃତି ପୁରୁଷର ଦେହେଁ । ବସଇ ଜୀବନର ପ୍ରାୟେ ॥
ପୁରୁଷ ପ୍ରକୃତି ନ ଛାଡ଼େ । ଏଣୁ ଏ ଥାନ୍ତି ଏକଜଡ଼େ ॥

ଚିତ୍ତେ ଏ ସଂଶୟ ମୋହର । ଛେଦ ହେ କମଳାରବର ॥
ଗୋବିନ୍ଦ କମଳଲୋଚନ । ପରମ ପୁରୁଷ-ଉତ୍ତମ ॥
ତୋର ମାୟାରେ ଜୀବ ଯେତେ । ବିମୋହେ ଯନ୍ତ୍ରିତ ଜଗତେ ॥
ଯାହାକୁ ହେଉ ତୁ ସଦୟ । ଜ୍ଞାନ ତା ହୃଦରେ ଉଦୟ ॥
ତୁ ଆତ୍ମା ସର୍ବ ଜୀବପତି । ସୁଗୁରୁ ଜ୍ଞାନଗମ୍ୟ ଗତି ॥
ଏମନ୍ତ ଶୁଣି ତା ବଚନ । କହନ୍ତି ଦେବକୀ-ନନ୍ଦନ ॥
ପ୍ରକୃତି ପୁରୁଷଙ୍କ ଗୁଣ । ସଂଯୋଗ-ବିଯୋଗ-କାରଣ ॥
ସକଳ ଗୁଣ ଭେଦ ଯେତେ । ବିସ୍ତାରି କହୁଅଛି ତୋତେ ॥
ତୁ ତାହା ଚିତ୍ତେ ଭଲେ ସ୍ମର । ଶୁଣି ଉଦ୍ଧବ ଯୋଡ଼େ କର ॥
ବୋଲଇ ବିନୟ-ବଚନ । ଭୋ ନାଥ କର ଅବଧାନ ॥
ତୋର ବିମୁଖ ଯେତେ ପ୍ରାଣୀ । ତାହାଙ୍କୁ ନିଜକର୍ମେ ଆଣି ॥
ନାନା ଯୋନିରେ ଜାତ କରେ । ତେଣୁ ଶରୀର ପ୍ରାଣୀ ଧରେ ॥
ଭ୍ରମନ୍ତି ନିଜକର୍ମ ପଥେ । ଦୁଃଖ ଦୁରିତ ଭୋଗଅର୍ଥେ ॥
ଶରୀର ଧରନ୍ତି କେମନ୍ତେ । ଛାଡ଼ନ୍ତି ନିଜକର୍ମ ଅନ୍ତେ ॥
ନାନା ବିପାକେ ଭୁଞ୍ଜେ କର୍ମ । ଗତ ଆଗତ ପଥଶ୍ରମ ॥
ଭୋ ନାଥ ଭକତବତ୍ସଳ । କରୁଣାସିନ୍ଧୁ ଆଦିମୂଳ ॥
ନମୋ ଗୋବିନ୍ଦ ଦାମୋଦର । କହ ସଂଶୟ ଯାଉ ମୋର ॥
ଉଦ୍ଧବ-ବାକ୍ୟେ ଯଦୁନାଥ । ଜୀବର ଗତି ପରମାର୍ଥ ॥
କହନ୍ତି ଉଦ୍ଧବଙ୍କୁ ଚାହିଁ । ଶୁଣ ହେ ଏକଚିତ୍ତ ହୋଇ ॥
ମନଟି ହୁଏ କର୍ମମୟ । ନାନାପ୍ରକାରେ ସୃଜେ ଦେହ ॥
ପ୍ରାଣୀଜୀବନ ଅନ୍ତକାଳେ । ମନ ଭ୍ରମଇ ଅନ୍ତରାଳେ ॥
ପ୍ରାଣ ସଙ୍ଗତେ ଯାହା ଭାବେ । ସେ ଅନୁସାରେ ଜନ୍ମ ଲଭେ ॥
ସେ ଆତ୍ମା ମନ ପଛେ ପଛେ । ସ୍ୱଭାବେ ବୁଲଇ ପ୍ରତ୍ୟକ୍ଷେ ॥
ଏଣୁ ସେ ମନ ଥାଏ ଯହିଁ । ଏ ଜୀବଆତ୍ମା ମିଳେ ତହିଁ ॥
ଏ ଆତ୍ମା ଅହଙ୍କାରେ ବନ୍ଦୀ । ଅଦୃଷ୍ଟବଶ ନିରବଧି ॥
ଏଣୁ ଏ ନାନା ମନୋରଥେ । ବିଷୟ ଜ୍ଞାନ ଅବିରତେ ॥
ଧ୍ୟାନେ ଚିନ୍ତଇ ସ୍ୱର୍ଗବାସ । ତେବେହେଁ ଇନ୍ଦ୍ରପଦେ ଆଶ ॥
ଭୂମିରେ ଚିନ୍ତେ ରାଜପଦ । ନାନାପ୍ରକାରେ ଭୋଗେ ଶଧ ॥
ଏମନ୍ତେ ଚିନ୍ତଇ କରତେ । ମନ ଭ୍ରମଇ ନାନାମତେ ॥
ଏମନ୍ତ ଚିତ୍ତ ଯହିଁ ରହେ । ଜ୍ଞାନ ହରଇ ପୂର୍ବଦେହେ ॥
ମନ ନିଶ୍ଚଳ ଜୀବସଙ୍ଗେ । କର୍ମ ମିଳଇ ତାର ଆଗେ ॥
ସେ ପରଦେହେ ଯେବେ ପଶେ । ଏକାନ୍ତେ ମନ ତହିଁ ମିଶେ ॥
ଆତ୍ମା ସଙ୍ଗତେ ରହେ ଧୀରେ । ପୂର୍ବ ଶରୀର ସେ ପାସୋରେ ॥
ଲଭଇ ପରଦେହ ସଙ୍ଗ । ତେବେ ପାସୋରେ ପୂର୍ବଅଙ୍ଗ ॥

ମନ ସଙ୍ଗତେ ଚଳେ ପ୍ରାଣ । ଏମନ୍ତେ ଲଭଇ ମରଣ ।
ପୂର୍ବ ଶରୀର ପରିତ୍ୟାଗି । ନୂତନ ଦେହେ ଅନୁରାଗୀ ।
ସେ ଦେହେ ରହେ ଆତ୍ମଭାବେ । ପ୍ରାଚୀନ ପ୍ରକୃତି ସ୍ୱଭାବେ ।
ଜୀବର ଜନ୍ମ ଏ ପ୍ରକାର । ଶରୀରୁଁ ଶରୀର ବାହାର ।
ଏ ଜୀବ ସ୍ୱପ୍ନ ମନୋରଥେ । ଯେରୂପେ ଭ୍ରମୁଥାଇ ନିତ୍ୟେ ।
ନିଦ୍ରା ଅବସାନ ସଚେତେ । ଯେମନ୍ତେ ପାସୋରଇ ଚିତ୍ତେ ।
ସେହି ପ୍ରକାରେ ପୂର୍ବଦେହୀ । ପାସୋରେ ପରତିକୁ ପାଇ ।
ଜନ୍ମ ମରଣ ନୈନମତ । ବସ୍ତୁରେ ଏ ନୁହନ୍ତି ସତ୍ୟ ।
ଜନ୍ମାଦି ମରଣ ପର୍ଯ୍ୟନ୍ତେ । ଜୀବର ଧର୍ମ ବୋଲି ଏତେ ।
ଏ ନୈନ ମାର୍ଗ ଅନୁସରି । ଉଦ୍ଧବେ କହିଲେ ମୁରାରି ।
ବୃକ୍ଷ ପର୍ବତ ଛାୟା ଯେହ୍ନେ । ନିଶ୍ଚଳ ଜଳ ଅନିକ୍ଷନେ ।
ଜଳ ଚଳିଲେ ଯେହ୍ନେ ଚଳେ । ଭ୍ରମଇ ଅବନୀମଣ୍ଡଳେ ।
ସ୍ୱପ୍ନ ଅନର୍ଥ ଦେଖି ଯେତେ । ମିଥ୍ୟା ବିଶ୍ୱର କର ଚିତ୍ତେ ।
କେବେହେଁ ନୁହଇ ଏ ସତ୍ୟ । ଏ ମୋହ-ମାୟା ବିକଳ୍ପିତ ।
ଏଣୁ ଗୁ ଭ୍ରମ ପରିହର । ଚଞ୍ଚଳ ଚିତ୍ତ କର ସ୍ଥିର ।
ଏଣୁ ଏ ଲୋକଧର୍ମ ଯେତେ । ମିଥ୍ୟା ବିଶ୍ୱର ଯେ ନିଶ୍ଚିନ୍ତେ ।
ଯେ ଅବା ସ୍ତୁତି ଅପମାନ । ଏହାକୁ ଉଦ୍ଧବ ନ ଘେନ ।
କେବା କରଇ ଅଭିମାନ । ଭର୍ତ୍ସନ ତର୍ଜନ ତାଡ଼ନ ।
କେ ଅବା କରେ ନିନ୍ଦା ସ୍ତୁତି । କେ ଉପହାସେ ବା ହସନ୍ତି ।
କେ ଅବା ବଳେ ଧନ ନାଶେ । କେ ମାରେ କେବା ବାନ୍ଧେ ରୋଷେ ।
ଭୋଜନପାତ୍ରେ ଧୂଳି ଦିଅନ୍ତି । କେ ବଳେ ତୋଳି କଚାଡ଼ନ୍ତି ।
ତଥାପି ଧୀର ମହାଶୟ । ନିଷ୍କାମ ଗଭୀର ହୃଦୟ ।
ଯେ ପ୍ରାଣୀ ସ୍ତୁତି ନିନ୍ଦା ସହେ । ଅଦୃଷ୍ଟ ମାନ ସ୍ଥିରେ ରହେ ।

## ଉଦ୍ଧବ ଉବାଚ

ଉଦ୍ଧବ କର୍ଣ୍ଣେ ତାହା ଶୁଣି । ବୋଲଇ ଶୁଣ ଚକ୍ରପାଣି ।
ଏ ବଡ଼ ସଂଶୟ ମୋ ଚିତ୍ତେ । ଏମନ୍ତ କେ ଅଛି ଜଗତେ ।
କେ ପାରେ ଏତେ ଦୁଃଖ ସହି । ମର୍ତ୍ତ୍ୟେ ମନୁଷ୍ୟ-ଦେହ ବହି ।
ଯାହାର ମର୍ମ୍ମ ଅଭ୍ୟନ୍ତରେ । ଭେଦଇ କୁବଚନଶରେ ।
କେ ଚିତ୍ତ ନିରୋଧିବ ସହି । ଏମନ୍ତ ପ୍ରାଣୀ ନ ଦେଖଇ ।
ଯେ ଅଛି ସର୍ବ ଶାସ୍ତ୍ରମତେ । ଯୋଗ ଅଭ୍ୟାସି ଦୃଢ଼ଚିତ୍ତେ ।
ନିନ୍ଦା ସ୍ତବନ ନୈନ ପଥେ । ସେହି ଭ୍ରମଇ ଏ ଜଗତେ ।
ଯେ ଅବା ଛନ୍ତି ସାଧୁଜନେ । ଯେ ପାଦସୁଧା-ମଧୁପାନେ ।
ଚିତ୍ତ ଆନନ୍ଦ ଭୋଳମତି । ଏ କର୍ମ ସେ ଅବା ସହନ୍ତି ।

ସ୍ତୁତି କନ୍ଦନେ ଯେ ପ୍ରକାରେ । ଯେ ଦୁଷ୍ଟ ବଚନ ପ୍ରହାରେ ॥
ଏ ବଡ଼ ଭ୍ରମ ମୋର ଚତ୍ତେ । ଭୋ ନାଥ ସହିବ କେମନ୍ତେ ॥
ବୋଲଇ ଦାସ ଜଗନ୍ନାଥ । ପ୍ରାକୃତବନ୍ଧେ ଭାଗବତ ॥
ଉଦ୍ଧବ କହେ କୃଷ୍ଣ ପାଶେ । ସୁଜନେ ମଜ୍ଜ ଏହି ରସେ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ସର୍ବଂସହ-ପ୍ରଶ୍ନେ ନାମ ତ୍ରୟୋବିଂଶୋଽଧ୍ୟାୟଃ ।

( 21 )

ଭବିଷ୍ୟ-ରାଜବଂଶ (Sk. XII, Ch. I).

ଶ୍ରୀ ଶୁକଉବାଚ

ମଗଧ ଦେଶରେ ପ୍ରକାଶେ । ବୃହଦ୍ରଥ ରାଜାର ବଂଶେ ॥
ପୁରଞ୍ଜୟ ନାମେ ରାଜନ । ହୋଇବ କଛୁଦନ ପୁଣ ॥
ତା ମନ୍ତ୍ରୀ ଶୁନକ ବ୍ରାହ୍ମଣ । ସେ ପୁରଞ୍ଜୟକୁ ମାରଣ ॥
ଆପଣା ପୁତ୍ରକୁ ସ୍ଥାପିବ । ବଳେ ପୃଥିବୀ ଆକର୍ଷିବ ॥
ତାହାର ନାମ ଯେ ପ୍ରଦ୍ୟୋତ । ପାଳକ ତାର ନଜ ପୁତ୍ର ॥
ବିଶାଖ ତାହାର କୁମର । ରାଜକ ଜନ୍ମ ତା ବୀର୍ଯ୍ୟର ॥
ନନ୍ଦବର୍ଦ୍ଧନ ତା ତନୟେ । ପାଞ୍ଚ ପୁରୁଷ ରାଜା ହୋଏ ॥
ଶଏ ଅଷ୍ଟତ୍ରିଂଶ ବରଷ । ରାଜା ପଣେ ଭୋଗ ବିଳାସ ॥
ନନ୍ଦବର୍ଦ୍ଧନ ମନ୍ତ୍ରୀ ନାମ । ଶିଶୁନାଗ ପୁଣ ତା ନାମ ॥
ନନ୍ଦବର୍ଦ୍ଧନକୁ ସେ ମାରି । ମନ୍ତ୍ରୀ ହୋଇବ ଦଣ୍ଡଧାରୀ ॥
ତା ସୁତ କାକବର୍ଣ୍ଣ ନାମ । ତା ସୁତ କ୍ଷେମଧର୍ମୀ ଜାଣ ॥
କ୍ଷେତ୍ରଜ୍ଞ ଅଟେ ତାର ସୁତ । ବିଧିସାର ତାହାର ପୁତ୍ର ॥
ଅଜାତଶତ୍ରୁ ତା କୁମର । ଦର୍ଭିକ ତାହାର ବୀର୍ଯ୍ୟର ॥
ଦର୍ଭିକ ବୀର୍ଯ୍ୟରୁ ତନୟ । ପ୍ରକାଶ ନାମ ତା ଅଜୟ ॥
ନନ୍ଦବର୍ଦ୍ଧନ ତାର ସୁତ । ମହାନନ୍ଦ ତହୁଁ ସମ୍ଭୂତ ॥
ଶୈଶୁନାଗ ରାଜା ବଂଶରେ । ଦଶ ପୁରୁଷ ରାଜ୍ୟ କରେ ॥
ତନଶ ଷାଠିଏ ବରଷ । ପାଳିଲେ ଆର୍ଯ୍ୟାବର୍ତ୍ତ ଦେଶ ॥
ସେ ମହାନନ୍ଦ ଯେ ରାଜାର । ଶୂଦ୍ରା ନାମ୍ନୀ ଭାର୍ଯ୍ୟା ତାହାର ॥
ତା ଗର୍ଭୁଁ ହୋଇବ କୁମର । ନନ୍ଦ ନାମ ହୋଇବ ତାର ॥
ମହାପଦ୍ମ ନାମ ଅପରେ । ରାଜା ହୋଇବ ବାହୁବଳେ ॥
ତାପୀ ହୋଇବେ ରାଜକୁଳ । ଯୁଦ୍ଧେ ହୋଇବ ମହାମଲ୍ଲ ॥
ସକଳ କ୍ଷତ୍ରିୟ ବିନାଶ । ସେ ରାଜା କରିବ ଅବଶ୍ୟ ॥
ଏହାର ପରେ ହେବେ ପୁଣ । ପାରିଦଣ୍ଡ ଯେତେ ରାଜନ ॥

ଶୂଦ୍ରପ୍ରାୟ ସେ ଅଧାର୍ମିକ । ହୋଇ ପାଳିବେ ପ୍ରଜା ଲୋକ ॥
ଏହା ନନ୍ଦନ ଗଉତମ । ଏକଷଷ୍ଟି ବର୍ଷ ରାଜନ ॥
ଶୂଦ୍ରେ ହୋଇବେ ସର୍ବେ ରାଜା । ଅଧର୍ମେ ପୀଡ଼ିବେ ପରଜା ॥
ଅଧାର୍ମିକ ପଣେ ରାଜନ । କରିବେ ପରଜା କର୍ଷଣ ॥
ଅଳପ ଦିନେ ନାଶ ଯିବେ । ଅଧର୍ମମିଥ୍ୟା ମତ୍ତଗର୍ବେ ॥
ଚବ୍ବିଶ ବରଷ ରହିବ । ସେ ପୁଣି ଅବସାନେ ଯିବ ॥
ପୁଣି ସେ ରାଜା ଅବସାନେ । ଯାତନା ଶମନ-ଭୁବନେ ॥
ଏକଛତ୍ରେଁ ନନ୍ଦରାଜନ । ସୂର୍ଯ୍ୟାର ପ୍ରାୟ ବିଦ୍ୟମାନ ॥
ସର୍ବାଧିକାରୀ ରାଜା ହୋଇ । ପାଳନ କରିବ ସେ ମହୀ ॥
ନନ୍ଦର ଅଷ୍ଟସୁତ ହୋଇ । ସୁମାଲ୍ୟ ଆଦି ଅଷ୍ଟ ଭାଇ ॥
ଶତେ ବର୍ଷର ପୃଥ୍ୱୀପତି । ହୋଇ ପାଳିବେ ବସୁମତୀ ॥
ଚାଣକ୍ୟ ନାମରେ ବ୍ରାହ୍ମଣ । ତାହାଙ୍କୁ କରିବ ନିଧନ ॥
ତାହାଙ୍କ ଅଭାବରେ ପୁଣ । ମଉର୍ଯ୍ୟେ ହୋଇବେ ରାଜନ ॥
ଚାଣକ୍ୟ ମନ୍ତ୍ରିଦ୍ୱାରା ଜାଣ । ଚନ୍ଦ୍ରଗୁପ୍ତ ହେବ ରାଜନ ॥
ତାହାଙ୍କୁ ଅଭିଷେକ କରି । ବାରିସାର ପୁତ୍ର ଏହାରି ॥
ତା ସୁତ ଅଶୋକବର୍ଦ୍ଧନ । ସୁଯଶା ତାହାର ନନ୍ଦନ ॥
ତା ପୁତ୍ର ନାମ ଯେ ସଙ୍ଗତ । ଶାଳିଶୁକ ନାମ ତା ସୁତ ॥
ତା ସୁତ ନାମ ସୋମଶର୍ମ୍ମା । ତା ସୁତ ନାମ ଶତଧନ୍ୱା ॥
ବୃହଦ୍ରଥ ଯେ ତା ତନୟେ । ତା ପୁତ୍ର ଦଶରଥ ହୋଏ ॥
ଏ ଦଶ ପୁରୁଷେଣ ଭୋଗ । ଶଏ ସପତତ୍ରିଂଶ ଯୋଗ ॥
ବୃହଦ୍ରଥର ସେନାପତି । ପୁଷ୍ପମିତ୍ର ନାମେ ବିଖ୍ୟାତି ॥
ରାଜାଙ୍କୁ ମାରି ରାଜା ହେବ । ଶୁଙ୍ଗବଂଶରେ ତା ସମ୍ଭବ ॥
ପୁଷ୍ପମିତ୍ରଜ ଅଗ୍ନିମିତ୍ର । ସୁଜ୍ୟେଷ୍ଠ ନାମେ ତାର ସୁତ ॥
ବସୁମିତ୍ର ଯେ ସୁତ ତାର । ଭଦ୍ରକ ପୁଳିନ୍ଦ ଆବର ॥
ପୁଳିନ୍ଦ ତହୁଁ ଯେ ତନୟେ । ଉଦ୍ଘୋଷ ନାମେ ଜାତ ହୋଏ ॥
ବଜ୍ରମିତ୍ର ତାହାର ପୁତ୍ର । ଭାଗବତ ତାହାର ସୁତ ॥
ଦେବଭୂତି ତାର ସନ୍ତତି । ଶୁଙ୍ଗବଂଶେ ଦଶ ଉତ୍ପତ୍ତି ॥
ଏ ଶଏ ଦ୍ୱାଦଶ ବରଷ । ରାଜା ପଣେ ଭୋଗ ବିଶେଷ ॥
ଦେବଭୂତି ରାଜାର ମନ୍ତ୍ରୀ । କଣ୍ୱ ନାମରେ ସେ ବିଖ୍ୟାତି ॥
ରାଜାଙ୍କୁ ମାରି କଣ୍ୱରାଜା । ସମୟେ ପାଳିବେ ପରଜା ॥
ତା ସୁତ ବସୁଦେବ ନାମ । ଭୂମିତ୍ର ତାହାର ନନ୍ଦନ ॥
ତା ସୁତ ନାମ ନାରାୟଣ । ସୁଶର୍ମୀ ଏହାର ନନ୍ଦନ ॥
ଏ କଣ୍ୱ ପଞ୍ଚରାଜ୍ୟେ ଯୋଗ । ତିନଶ ପଞ୍ଚାଳିଶ ଭୋଗ ॥
ସୁଶର୍ମୀ ନାଶି ରାଜା ଏକ । ବଳି ନାମରେ ତା ସେବକ ॥

ସେ ଅନ୍ତର୍ଯ୍ୟାମୀ ମନ୍ତ୍ରୀ ନାମ । ବଜ୍ରକୁ ମାରଣ ରାଜନ ॥
ତା ଅନ୍ତେ ଭଇ କୃଷ୍ଣ-ନାମ । ରାଜା ହୋଇବେ ବଦ୍ୟମାନ ॥
ଶ୍ରୀ ଶାନ୍ତକର୍ଣ୍ଣି ତାର ପୁତ୍ର । ପୌର୍ଣ୍ଣମାସ ତା ତହୁଁ ଜାତ ॥
ତା ସୁତ ନାମ ଲମ୍ବୋଦର । ଚବଳକ ଯେ ତା କୁମର ॥
ତା ପୁତ୍ର ନାମ ମେଘସ୍ୱାତ । ଦୃଢ଼ମାନ ତାର ସନ୍ତତ ॥
ଅନଷ୍ଟକର୍ମୀ ତାର ପୁଅ । ତା ପୁତ୍ର ନାମ ଯେ ହାନେୟ ॥
ତଲ ତାହାର ଅଟେ ସୁତ । ପୁରୁଷଭେରୁ ତାର ପୁତ୍ର ॥
ସୁନନ୍ଦନ ଯେ ତା କୁମର । ତା ସୁତ ନାମ ଯେ ଚକୋର ॥
ଚକୋର ତହୁଁ ଜାତ ହେବ । ବଟକ ନାମ ସେ ଧରିବ ॥
ତା ସୁତ ନାମ ଶିବସ୍ୱାତ । ଶୁଣ ହେ ତାହାର ସନ୍ତତ ॥
ତା ସୁତ ନାମ ଯେ ଗୋମତ । ପୁରୀମାନ ତାର ସନ୍ତତ ॥
ତା ସୁତ ନାମ ମେଦଶିରୀ । ତା ସୁତ ଶିରସ୍କନ୍ଧ ବୀରୀ ॥
ଯଜ୍ଞଶ୍ରୀ ପୁତ୍ର ନାମ ତାର । ବିଜୟ ତାହାର କୁମର ॥
ଭାଗ୍ୟ ଅଟଇ ତା ସନ୍ତତ । ତା ପୁତ୍ର ନାମ ଯେ ଲୋମତ ॥
ତିରିଶି ପୁରୁଷ ଆନନ୍ଦେ । ଭୁବନ ହେବେ ଯେ ସ୍ୱଚ୍ଛନ୍ଦେ ॥
ଚ୍ୟରିଶ ଛପନ ଅବଧି । ଏମନ୍ତେ କଲେ ରାଜବିଧି ॥
ଏଥୁ ଅନ୍ତରେ କଥା ଶୁଣ । ଅଭୃତା ନଗରୀରେ ପୁଣ ॥
ସପ୍ତ ଆଭିର ରାଜା ହେବେ । ଦଶ ଗର୍ଦ୍ଦଭି ଏହି ଭବେ ॥
ଯୋଡଶକଙ୍କ ଏଥି ପରେ । ରାଜା ହୋଇବେ ଏ ସଂସାରେ ॥
ଧର୍ମାର୍ଥପଣ ନ କରିବେ । ଅଧର୍ମ ମାର୍ଗେ ଦିନ ନେବେ ॥
ଅତ୍ୟନ୍ତ ଲୋଭେ ଗ୍ରସ୍ତ ହେବେ । ପ୍ରଜାଙ୍କ ଅତି ଦୁଃଖ ଦେବେ ॥
ମ୍ଳେଚ୍ଛ ଆଚାର ତାଙ୍କ କର୍ମ । ସଂସାରେ ନ ସ୍ଥାପିବେ ଧର୍ମ ॥
ଏ ଯେଣୁ ମେଲଚ୍ଛ ହୋଇବେ । ଏ ଭୂମି ମ୍ଳେଚ୍ଛ ଆକର୍ଷିବେ ॥
କଳଙ୍କି ବଂଶ ଅନ୍ତେ ପୁଣ । ହିନ୍ଦୁ ଜନମ ଉତପନ ॥
ଦଶ ପୁରୁଷ ରାଜାପଣ । ତିନିଶ ସପ୍ତବର୍ଷ ଜାଣ ॥
ଏଅନ୍ତେ ହୋଇବେ ଯବନ । ଆଠ ପୁରୁଷ ସେ ରାଜନ ॥
ଚଉଦ ପୁରୁଷ ତୁରୁଷ୍କ । ରାଜାପଣେ ସେ ଅଭିଷେକ ॥
ପୁଣି ଯେ ଶୁରଣ୍ଡିକ ବଂଶ । ହୋଇବେ ସେ ଦଶ ପୁରୁଷ ॥
ଏଣୁ ସକଳ ଧର୍ମ ଯିବ । ବର୍ଣ୍ଣ ଆଶ୍ରମ ନ ରହିବ ॥
ଏ ଅନ୍ତେ ମଉଲ ମୁଗୁଲ । ପୃଥ୍ୱୀକି ହୋଇବେ ସେ ଶଲ ॥
ଏଗାର ପୁରୁଷ ରାଜନ । ହୋଇବେ ମୁଗୁଲ ବଂଶେଣ ॥
ରାଜା ହୋଇବେ ସବୁ ଦେଶ । ଇନ୍ଦ୍ରପ୍ରସ୍ଥରେ ସେ ପ୍ରକାଶ ॥
ଖୁରୁଷାଣି ଜନମ ଆଦି । ଗୃହ ଜାତରେ ସେ ପ୍ରସିଦ୍ଧି ॥
ଛୟାଳିଶି ପୁରୁଷେ ପୁଣ । ଏଗାରଶତ ଏକ ଊନ ॥

ଏଥୁ ଅନ୍ତରେ ନୃପବର । କଳଙ୍କଲା ନାମେ ନଗର ॥
ଭୂତନନ୍ଦ ଯେ ରାଜା ହେବ । ଦ୍ୱିତୀୟେଂ ବନ୍ଦିର ହୋଇବ ॥
ଶିଶୁନନ୍ଦ ନାମେ ରାଜନ । କରିବ ପ୍ରଜା ସେ ପାଳନ ॥
ତାହାର ଭାଇର ବଂଶରେ । ଶିଶୁନନ୍ଦ ନାମ ତାହାରେ ॥
ପ୍ରବୀର ତାହାଙ୍କର ପୁତ୍ର । ମହାପଦ୍ମ ତାହାଙ୍କ ସୁତ ॥
ତାହାର ପୁତ୍ର ପଦ୍ମ ନାମ । ପାଞ୍ଚପୁରୁଷ ସେ ରାଜନ ॥
ଶଏ ଷଠଦଶ ବର୍ଷେଣ । ଭୋଗ କରିବେ ଏବେ ଶୁଣ ॥
ବାହ୍ଲିକ ଦେଶରେ ରାଜନ । ବାହ୍ଲିକ ନୃପତି ତା ନାମ ॥
ପୁଷ୍ପମିତ୍ର ପୁତ୍ର ତାହାର । ଏ ପୁଣ ହେବ ନୃପବର ॥
ଦୁମିତ୍ର ତାହାର ସନ୍ତତି । ସୁମିତ୍ରା ତହୁଁ ଉତପତ୍ତି ॥
ସୁବଲ ତାହାର ତନୟେ । ସୁବାହୁ ତାର ପୁତ୍ର ହୋଏ ॥
ସୁବୀର୍ଯ୍ୟ ତାହାର ସନ୍ତତି । ସୁଶର୍ମା ତହୁଁ ଉତପତି ॥
ସୁଯୋଗ ତାହାର କୁମର । ସୁତେଜା ସୁତ ଯେ ତାହାର ॥
ସୁହୋତ୍ର ତାହାର ଯେ ସୁତ । ଦର୍ଶନକର୍ମୀ ତାର ପୁତ୍ର ॥
ଦମ ଯେ ତାହାର ସନ୍ତତି । ଏ ତେର ପୁରୁଷ ନୃପତି ॥
ସାତଶଛଠି ବରଷ । ଏହୁ ପାଳିବେ ରାଜ୍ୟ ଦେଶ ॥
ଏମନ୍ତେ ଅନ୍ଧକୁ ଯେ ପୁଣ । ଶତ ପୁରୁଷ ସେ ରାଜନ ॥
ଏମନ୍ତେ କୋଶଳ ଦେଶରେ । ସାତ ପୁରୁଷ ନୃପବରେ ॥
ଏ ଅନ୍ତେ ବିଦୁର ନବରେ । ସପ୍ତ ପୁରୁଷ ନୃପବରେ ॥
ଏ ଅନନ୍ତରେ ସେ ରାଜନ । ହୋଇବେ କଷେଧ ଦେଶେଣ ॥
ସାତ ପୁରୁଷ ହେବେ ରାଜା । ଏମାନେ ପାଳିବେ ପରଜା ॥
ଏ ଯେ ରାଜନ ଅଠାଇଶ । ଚଉଦ ସଭୁର ବରଷ ॥
ଏ ଅନ୍ତେ ମଗଧ ଦେଶେଣ । ବିଶ୍ୱସ୍ଫୂର୍ଜି ନାମେ ରାଜନ ॥
ପୁରଂଜୟର ସମ ବଳୀ । ଅତି ଗ୍ରାସିବ ଯୁଗ କଳି ॥
ସେ ଅତି ଅଧାର୍ମିକ ପଣ । କରିବ ପରଜା କଷଣ ॥
ଏକ ଆଗ୍ରର ଯେ କରିବେ । ବର୍ଣ୍ଣ ଧର୍ମ ସେ ନ ରଖିବେ ॥
ମେଲଚ୍ଛ ଜୀବନ ଶବର । ଚଣ୍ଡାଳ ନାନା ବର୍ଣ୍ଣାଗ୍ରର ॥
ସବୁ ଜାତି ଏକତ୍ର କରି । ଅଧାର୍ମିକ ପଣ ଆଚରି ॥
କର୍ମ ଧର୍ମ ସବୁ ଛଡାଇ । ଦୁଷ୍ଟ ଆଚରଣ ବଢ଼ାଇ ॥
ବଲବନ୍ତରେ ଜିଣି ମହୀ । ସବୁ କ୍ଷତ୍ରିୟ ମାରି ସେହି ॥
ପଦ୍ମାବତୀ ନାମ ନଗରେ । ରାଜା ହୋଇବ ତେଜଭରେ ॥
ହସ୍ତିନା ଦ୍ୱାରକା ମଥୁରା । ଗଙ୍ଗା ପ୍ରୟାଗ ସୌରାଷ୍ଟ୍ରା ॥
କୁରୁକ୍ଷେତ୍ର ଏ ଯେ ଅଯୋଧ୍ୟା । ଗୁଆଳି ଅବନ୍ତି ବିବୁଧା ॥
ଶୂର ଯେ ଆବର ଅର୍ବୁଦ । ଏ ଅନ୍ତେ ହୋଇବେ ନରେନ୍ଦ୍ର ॥

ତାହାର ସମୟରେ ପୁଣ । ନାଶିବ ସର୍ବ ଗୁଣମାନ ॥
ବ୍ରାହ୍ମଣ ସଂସାର ଏ ହୀନ । ଶୂଦ୍ର ପ୍ରାୟେକ ଆଚରଣ ॥
କରିବେ ଶୂଦ୍ର ଧର୍ମ କର୍ମ । ବେଦ ବିଦ୍ୟାରେ ହେବେ ଭ୍ରମ ॥
ଏ ପୁରଞ୍ଜୟ ବଂଶେ ପୁଣ । ଚଉଦପୁରୁଷ ରାଜନ ॥
ସାତଶ ଅଶୀ ଯେ ବରଷ । ରାଜାପଣେ ପାଳିବେ ଦେଶ ॥
ଏ ଅନ୍ତେ ପୁଣ ସେ ରାଜନ । ହୋଇବେ ଯେମନ୍ତ ଭୁବେଣ ॥
ଚନ୍ଦ୍ରଭାଗା ଯେ ସିନ୍ଧୁ-ତଟ । କୌନ୍ତି ଯେ କାଶ୍ମିର ନିକଟ ॥
କାଞ୍ଚିକାବେରୀ ନୀଳଗିରି । ଶୂଦ୍ରେ ହୋଇବେ ଅଧିକାରୀ ॥
ମ୍ଳେଚ୍ଛଶରୀରେ ରାଜାହେବେ । ଅଧାର୍ମିକ ପଣେ ବର୍ତ୍ତିବେ ॥
ଗୋରୁ ବ୍ରାହ୍ମଣଙ୍କ ମାରିବେ । ମିଥ୍ୟା ବାଦରେ ଧନ ନେବେ ॥
ହିଂସା ଗ୍ରାମ୍ୟଧର୍ମ ଆଚରି । ସତ୍ୟଗୁଣକୁ ନ ବିଚାରି ॥
ଅଳପ ଦାନ ସେହୁ ଦେବ । ଅଳପେ କ୍ରୋଧ ସେ କରିବେ ॥
ଅଦୋଷେ ଦଣ୍ଡିବେ ପ୍ରାଣିଙ୍କି । ବିଚାର ନୋହିବ କାହିଁକି ॥
ସ୍ତିରୀ ବାଳକ ଗୋ ବ୍ରାହ୍ମଣ । ମାରି କରିବେ ରଣଭଣ ॥
ପରଦ୍ରବ୍ୟ ବଳେ ହରିବେ । ପ୍ରାଣିଙ୍କି ରୋଷ ସେ ବହିବେ ॥
ଅଳପ ସମ୍ପତ୍ତି ହୋଇବ । ଉଦୟ ଅସ୍ତ ପ୍ରାୟେ ଯିବ ॥
ଅଳପଦିନେ ଯିବେ ନାଶ । ଦୟା ଅଯଶେ ରଖି ବଂଶ ॥
ଯମଭୁବନ ସେ ଦେଖିବେ । ଅନ୍ତେ ନର୍କଗତିକ ଯିବେ ॥
ଅସଂଖ୍ୟ କରି କ୍ରିୟାହୀନ । ରଜ ତମରେ ଯୁକ୍ତ ମନ ॥
ସେ ମ୍ଳେଚ୍ଛରୂପ ରାଜାମାନ । ପ୍ରଜାଙ୍କୁ କରିବେ ଭର୍ତ୍ସନ ॥
ସେ ଦିନେ ପ୍ରଜାମାନେ ପୁଣ । ଦେଖିଣ ରାଜା ଆଚରଣ ॥
ଅବିଦ୍ୟା ଅକର୍ମେ ବର୍ତ୍ତିବେ । ସେ ରାଜଭାଷାହିଁ କହିବେ ॥
ପ୍ରଜାଏ ଅନ୍ୟେ ଅନ୍ୟେ ହୋଇ । ଆପଣାଛଏଁ ନାଶ ଯାଇ ॥
ଏକ ଆରକେ ଗର୍ବ କରି । ମରିବେ ହିଁସା ଭାବ ଧରି ॥
ରାଜାଏ ପ୍ରଜାଙ୍କୁ ନାଶିବେ । ଗୁହାରି କଲେ ନ ଶୁଣିବେ ॥
ଶୁକ କହନ୍ତି ତୋଷମନେ । ଶୌନକ ମୁନି ସନ୍ନିଧାନେ ॥
କହଇ ଜଗନ୍ନାଥ ଦାସ । କଳିର ଆଗତ ଭବିଷ୍ୟ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦ୍ୱାଦଶସ୍କନ୍ଧେ ଭବିଷ୍ୟ କଥନେ ରାଜବଂଶାନୁକୀର୍ତ୍ତନେ ନାମ ପ୍ରଥମୋଽଧ୍ୟାୟଃ

# ତୂଳାଭିଣା

## By JAGANNATH DAS

ପାର୍ବତୀ ବସି ଏକଦିନେ । କହନ୍ତି ବସି ଶିବ-ସନ୍ନିଧାନେ ॥
ହେ ପ୍ରଭୁ କରୁଣା-ସାଗର । କେମନ୍ତେ ହୋଇଲା ସଂସାର ॥
ତାହାର ତତ୍ତ୍ୱ ମୋତେ କହ । ଯେଣେ ଖଣ୍ଡିବ ଭବମୋହ ॥

### ଈଶ୍ୱରୋବାଚ

କହିବା ଶୁଣ ଗୋ ପାର୍ବତି । ମହାଶୂନ୍ୟରୁ ହେଲା ଜ୍ୟୋତି ॥
ଜ୍ୟୋତିରୁ ସ୍ଥୂଳରୂପ ହେଲା । ସ୍ଥୂଳରୁ ବିନ୍ଦୁ ପ୍ରକାଶିଲା ॥
ବିନ୍ଦୁରୁ ଅର୍ଦ୍ଧମାତ୍ରା ଜାତ । ତାତହୁଁ ଓଁକାର ସମ୍ଭୂତ ॥
ଓଁକାର ବ୍ରହ୍ମରୁ ଜଗତ । ଶୁଣ ପାର୍ବତୀ ! ଦେଇ ଚିତ୍ତ ॥
ଶୁଣି ପାର୍ବତୀ ତୋଷ ହେଲେ । ଈଶ୍ୱର-ଚରଣେ ପଡିଲେ ॥

### ପାର୍ବତ୍ୟୁବାଚ

ବୋଲନ୍ତି ଆଦିଶକ୍ତି ବାମା । ଭୋ ନାଥ କହ ତୁଳାଭିଣା ॥
ଓଁକାର ବ୍ରହ୍ମଟି ଜଗତ । ବୁଝାଇ କହ ବିଶ୍ୱନାଥ ॥

### ଈଶ୍ୱର ଉବାଚ

ଶୁଣ ମୋହର ପ୍ରିୟତମା । ତୋତେ କହିବା ତୁଳାଭିଣା ॥
ଆନକୁ ନ କହନ୍ତି ମୁହିଁ । ତୁ ମୋର ପଞ୍ଚପ୍ରାଣ ସହି ॥
ଅଣାକାର ଯେ ଜ୍ୟୋତିରୂପ । ସେଠାରେ ନାହିଁ ରେଖରୂପ ॥
ଧୂମ୍ରବର୍ଣ୍ଣିର ପ୍ରାୟେ ଦିଶେ । ଅନ୍ଧକାରଟି ସେ ପ୍ରକାଶେ ॥
ବ୍ରହ୍ମାଣ୍ଡ ଅନ୍ଧକାର ହୋଇ । ଜ୍ୟୋତିରୂପରେ ସଂହରଇ ॥
ସେଠାରୁ ଓଁକାର ଜନ୍ମିଲା । ଉକାର ସକାର ଯେ କଲା ॥
ସକାରୁ ହୋଇଲା ମକାର । ମକାରୁ ଜନ୍ମିଲା ଉକାର ॥
ଅନ୍ଧକାରଟି ଗୋପ୍ୟ ହେଲା । ଓଁକାର ବ୍ରହ୍ମ ପ୍ରକାଶିଲା ॥
ଏମନ୍ତେ ହୋଇଲା ଦିବସ । ଦିବସୁ ଜଗତ ପ୍ରକାଶ ॥
ଅର୍ଥରେ ଏବେ କହିଦେବା । ତୋ ମନୁ ସଂଶୟ ଫେଡିବା ॥

ଅର୍ଥ । ଶୁଣ ଗୋ ପାର୍ବତି ! ଅନ୍ଧକାର ଯେ ହୋଇ, ସେକୁହୁକ ବର୍ଣ୍ଣଟି ॥ ଜ୍ୟୋତି ବର୍ଣ୍ଣଟି କୁହୁକ ବର୍ଣ୍ଣ । ଧୂମ୍ରବର୍ଣ୍ଣଟି ଯେ ଅନ୍ଧକାର ହୋଇଲା ॥ ସେ ବିନ୍ଦୁକୁ ଉକାର ଶବ୍ଦ କହି ; ସ୍ଥୂଳରୂପ କହି ସେ ଉକାର ଶବ୍ଦୁଁ ॥ ସକାର ଶବ୍ଦ ହେଲା । ସକାର ଯେ ଶକ୍ତି ସେ ; ଶକ୍ତି ଯେ ଅର୍ଦ୍ଧମାତ୍ରା ॥ ସେ ; ମକାର ଶବ୍ଦ ହେଲା । ଏହିରୂପେଟି ଅନ୍ଧକାର ଯାଇ ଦିବସ ହେଲା ॥

### ପାର୍ବତ୍ୟୁବାଚ

ପୁଣି ଯେ ପଚାରନ୍ତି ଉମା । ଭୋ ନାଥ କହ ତୂଳାଭଣା ॥
ମହାମନ୍ତ୍ର ଯେ ତତ୍ତ୍ୱସାର । କହିବା ତହିଁର ବିଚାର ॥
କାହାକୁ ମହାମନ୍ତ୍ର କହି । ତ୍ରୟବୀଜଟି କେ ବୋଲାଇ ॥
ମହାମନ୍ତ୍ରର ପିତା ମାତା । କେ କେ ହେ କହ ଜଗତ୍ପିତା ॥
ସ୍ତ୍ରୀଏକେ ପୁରୁଷକେ ହେଲା । କେମନ୍ତେ କାହୁଁ ଜନମିଲା ॥
ମହାମନ୍ତ୍ରର ଭେଦ ଯେତେ । ସନ୍ତୋଷେ କହ ମୋ'ଅଗ୍ରତେ ॥

### ଈଶ୍ୱର ଉବାଚ

ଶୁଣ ପାର୍ବତୀ ଦେଇ ମନ । ତୋତେ କହିବା ବ୍ରହ୍ମଜ୍ଞାନ ॥
ମହାମନ୍ତ୍ରର ତତ୍ତ୍ୱ-ଭେଦ । ଉତ୍ପତ୍ତିସ୍ଥିତି-ତତ୍ତ୍ୱ-ବୋଧ ॥
ଯେତେକ ପ୍ରଶ୍ନ କଲୁ ତୁହି । ଆନକୁ ନ କହନ୍ତି ମୁହିଁ ॥
ତୋତେ କହିବା ଗୋ ପାର୍ବତୀ ॥ ତୁ କାହିଁ ନ କରିବୁ ଖ୍ୟାତି ॥
ଅବ୍ୟକ୍ତ ବ୍ରହ୍ମ ଶୂନ୍ୟ ଜ୍ୟୋତି । ତା ପାଦୁଁ ବ୍ରହ୍ମ ଉତପତ୍ତି ॥
ସେ ବିନ୍ଦୁ ତ୍ରୟଭାଗ ହେଲା । ତ୍ରୟବୀଜ ସେ ବୋଲାଇଲା ॥
ତ୍ରୟବୀଜରୁ ଷଡକ୍ଷର । ତ୍ରିଗୁଣ ବୋଲିଣ ବିଚାର ॥
ଓଁକାର ଗୋଟିଏ ହୋଇଲା । ଅଧେ ଅଧେକ ପୁଣ ହେଲା ॥
ସେ ବିନ୍ଦୁ ଶୂନ୍ୟେ ଅଛିରହି । ଅର୍ଦ୍ଧମାତ୍ରାଟି ଅଛି ବହି ॥
ମାତ୍ରାର ତଳେ ସେ ଓଁକାର । ତହୁଁ ସେ ତ୍ରିଗୁଣ ବିଚାର ॥
ଓଁକାରୁ କ୍ଲୀଂ ଜାତ ହୋଇ । କ୍ଲୀଂରୁ ଶ୍ରୀଂ ଜାତକହି ॥
ଶ୍ରୀଂରୁ ହ୍ରୀଂ ଜାତ ହେଲା । ତ୍ରୟବୀଜ ସେ ବୋଲାଇଲା ॥
ବିରାଠ ସୁରାଠ ମୁରାଠ । ଏ ତିନକ୍ଷରେ ଯାଇଁ ଭେଠ ॥
ସକଳ ମନ୍ତ୍ର ଯନ୍ତ୍ର ଏହି । କ୍ଲୀଂରୁ କୃଷ୍ଣ ଜାତ ହୋଇ ॥
ଶ୍ରୀଂରୁ ରାମ ବେନି କହି । ହ୍ରୀଂରୁ ହରେ ଜାତ ହୋଇ ॥
ଏ ଷଡକ୍ଷରର ବିଚାର । ଏମନ୍ତେ ମହାମନ୍ତ୍ର-ସାର ॥
ଏ ଷଡକ୍ଷର ମହାମନ୍ତ୍ର । ଶୁଣ ଏହାଙ୍କ ତାତ ମାତ ॥
କ୍ଲୀଂ ଅକ୍ଷର ପିତା କହି । ଶ୍ରୀଂ ଅକ୍ଷର ଗୁରୁ ହୋଇ ॥
ହ୍ରୀଂ ଅକ୍ଷର ମାତା ହେଲା । ମହାମନ୍ତ୍ରକୁ ଜାତ କଲା ॥
ଶୁଣ ପାର୍ବତି ! ମନ ଦେଇ । କହିବା ଗୁରୁ ଶିଷ୍ୟ ପେଇଁ ॥
କ୍ଲୀଂ ଅକ୍ଷର ଜଗନ୍ନାଥ । ଶ୍ରୀଂଟି ଗୁରୁ ଜାଣ ତତ୍ତ୍ୱ ॥
ହ୍ରୀଂ ଅକ୍ଷର ଶିଷ୍ୟ କହି । ଏମନ୍ତେ ଗୁରୁ ଶିଷ୍ୟ ହୋଇ ॥
ସ୍ତ୍ରୀଈ ପୁରୁଷ ଏବେ ଶୁଣ । କହିବା ତୋତେ ବୁଝାଇଣ ॥
କ୍ଲୀଂଟି ପୁରୁଷ ବୋଲାଇ । ଶ୍ରୀଂବୀଜଟି ରାଧା ହୋଇ ॥

ହ୍ରୀଁବୀଜ ଯେ ଶବ ଜାଣ । ଷଡ଼ ଅକ୍ଷର ଏବେ ଶୁଣ ।
କ୍ଳ ଅକ୍ଷର ଗୋଟି ପୁରୁଷ । ଷ୍ଣଟି ଯେ ସ୍ତ୍ରୀଙ୍କ ସଦୃଶ ।
ଗ୍ଅକ୍ଷର ସ୍ତ୍ରୀ କହି । ମଅକ୍ଷର ପୁରୁଷ ବୋଲାଇ ।
ହଟି ଯେ ହୋଇଲା ଅଗ୍ନିର । ରେ ଅକ୍ଷର ଯେ ସ୍ତ୍ରୀ ସାର ।
ସ୍ତ୍ରୀ ପୁରୁଷ ତତ୍ତ୍ୱ ସାର । ଶୁଣ ଗୋ ତ୍ରିଗୁଣ ବିଚାର ।
କ୍ଳଷ୍ଣଟି ବୋଲି ସତ୍ତ୍ୱଗୁଣ । ଗ୍ରମଟି ବୋଲି ରଜଗୁଣ ।
ହରେ ବେନି ଅକ୍ଷର କହି । ତମଗୁଣଟି ସେ ବୋଲାଇ ।
ଏମନ୍ତେ ତିନି ଗୁଣ ଜାଣ । କହିବା ବିଷ୍ଣୁଦେବା ଶୁଣ ।
ଏ ତିନି ମୂର୍ତ୍ତି ବୋଲି ପୁଣ । ଶୁଣ ପାର୍ବତି ! ଦେଇ ମନ ।
କ୍ଳୀଁ ଅକ୍ଷର ବିଷ୍ଣୁ କହି । ଶ୍ରୀଁଟି ବ୍ରହ୍ମରୂପ ହୋଇ ।
ହ୍ରୀଁଟି ଶବ ବୋଲି ପୁଣ । ଏ ତିନି ମୂର୍ତ୍ତି ବୋଲି ଜାଣ ।

## ଗୁପ୍ତଭାଗବତ

### By JAGANNATH DAS

### ଦ୍ୱିତୀୟ ଅଧ୍ୟାୟ

ରାଜୋବାଚ

ହେ ଶୁକ ହୁଅ ସାବଧାନ । କଥା ପରମ ତତ୍ତ୍ୱ ଜ୍ଞାନ ।
ଗୁପତ ଏହା ରଖିଥିଲ । ବେଳୁଁ ତା ମୋତେ ନ କହିଲ ।
ଗୁପତ ସଂଶୟ ଯେ ମାନ । କହିବା ମୋତେ ସାବଧାନ ।
ଚବିଶତିଥି ଏକାଦଶୀ । କହ ହେ ଗୁଜ୍ଞାନ ବିଶେଷି ।
କଲେ କି କି ଧର୍ମ ହୁଅଇ । ନ କଲେ କି ଗତି ଲଭଇ ।
ଏଥି ସନ୍ଦେହ ମୋତେ କହ । ମନରୁ ଫିଟୁ ମୋ ସନ୍ଦେହ ।

ଶ୍ରୀଶୁକ ଉବାଚ

ଶୁକ କହେ ପରୀକ୍ଷ ଶୁକ । ଏ ଭାଗବତ ଗ୍ରନ୍ଥରେଣ ।
ମନ ନିବେଶି କୃଷ୍ଣପାଦେ । ତରିବୁ ଏ ଭବପ୍ରମାଦେ ।
ଏକାଦଶୀ-ନିର୍ଣ୍ଣୟ ଶୁଣ । କହିବି ଯଥାର୍ଥ ଭାବେଣ ।
ଫାଲ୍‌ଗୁନ ମାସ ଏକାଦଶୀ । ଯେ କରେ ତା ପାତକ ନାଶି ।
ତାହାର ଜନ୍ମ ମୃତ୍ୟୁ ନାହିଁ । ସେଟି ସାକ୍ଷାତେ ହରିଦେହୀ ।
ଚୈତ୍ରରେ ସେ ହରିବାସର । କରଇ ଯେହୁ ଶୁଚିନର ।
ସେ ମଧୁମାସଟି ବୋଲାଇ । ମଧୁ ସମୁଦ୍ରକୁ ଲଭଇ ।
ବୈଶାଖ ଏକାଦଶୀ ଦିନ । ତା ପୁଣ୍ୟ ନ ଯାଇ କଳନ ।

ପୃଥିବୀରେ ଯେତେ ରେଣୁ ଅଛୁ । ତା ପୁଣ୍ୟ ସେହି ମତ ଲେଖି ।
ସୌରାଷ୍ଟ୍ରରାଜ୍ୟେ ନୃପବର । ଥିଲା ସେ କଳଙ୍କୀ ନଗର ॥
ତହିଁ ଯେ ଏକଇ ବ୍ରାହ୍ମଣ । କାଶୀ ମିଶ୍ର ଯେ ତାର ନାମ ॥
ସେ ବିପ୍ର ନିଯୁକ୍ତ ଯେ ହୋଇ । ହରି ଯେ ବାସରେ ପାଳଇ ॥
ସେ ଅତି ଦରିଦ୍ର ବ୍ରାହ୍ମଣ । ଶାନ୍ତ ସୁଶୀଳ ବୁଦ୍ଧିମାନ ॥
ଭିକ୍ଷା ମାଗି ଦିନ କାଟଇ । ଆନନ୍ଦେ ଉଦର ପୋଷଇ ॥
ଏମନ୍ତେ କେତେକାଳ ଗଲା । କାଳେ ସେ ମୃତ୍ୟୁକୁ ଲଭିଲା ॥
ଯମ ଆଜ୍ଞାରେ ଦୂତେ ନେଲେ । କୃତାନ୍ତ ଆଗେ ଉଭା କଲେ ॥
ଏମନ୍ତେ କାଳ ଦଣ୍ଡଧାରୀ । ଚିତ୍ରଗୁପ୍ତଙ୍କୁ ହକାରି ॥
ପାଞ୍ଜି ଦେଖି ସେ ବିଚାରଣ । କହିଲେ ଯମ ସନ୍ନିଧାନେ ॥
ଶୁଣ ଦଇବସୁତ ତୁମ୍ଭେ । ଶୁଣ ବ୍ରାହ୍ମଣ କଥା ଏବେ ॥
ହରିବାସରେ ନାଶ ଗଲା । ଅନେକ ପୁଣ୍ୟ ଅରଜିଲା ॥
ଏହାକୁ କି ଦଣ୍ଡ ଉଚିତ । କହହେ ପ୍ରଭୁ ଜଗନ୍ନାଥ ॥
ଶୁଣିଣ ଯମ ଯେ କହଇ । ତାଠାରେ ଅଧିକାର ନାହିଁ ॥
ବିଷ୍ଣୁ ଲୋକରେ ବେଗେ ନେଇ । ବିପ୍ରଙ୍କୁ ଛାଡଆସ ଯାଇ ॥
ବିମାନେ ବିପ୍ରଙ୍କୁ ବସାଇ । ବୈକୁଣ୍ଠେ ଛାଡଆସ ଯାଇ ॥

# ମହାଭାରତ

## BY SARALA DAS

### ଗ୍ରନ୍ଥାରମ୍ଭ

( 1 )

ଜମ୍ବୁଦ୍ୱୀପ-ଭ୍ରତଖଣ୍ଡେ ଉତ୍ରାଷ୍ଟ୍ର-ମଣ୍ଡଳେ ।
ଉତ୍ତରେଣ ଲଙ୍ଗ ଯେ ଭୂରାଜ-ନଦୀକୂଳେ ॥
ଜୟୃ ନୀଳ-ଭ୍‌ବନ ଦକ୍ଷିଣ ବାରାଣସୀ ।
କୁଶସ୍ଥଳ ଦ୍ୱାରକା ଯେ କ୍ଷେତ୍ର ପୂର୍ଣ୍ଣବାସୀ ॥
ଯମେଶ୍ୱର ଲଙ୍ଗ ତହିଁ ମହୋଦଧି-ତଟେ ।
ନୀଳ ସୁନ୍ଦର ପର୍ବତ ଶ୍ରୀକଳପବଟେ ॥
ବିଜୟେ ରାମ କୃଷ୍ଣ ସୁଭଦ୍ରା ମହାବ୍ରହ୍ମ ।
ଗୃହଲକ୍ଷ ବଢଣ ଶକାବ୍ଦ ମହାତମ ॥
କଳିକାଳ-ଧ୍ୱଂସନକୁ ଭୋଗଗୋଟି ପୂଜା ।
ପ୍ରଣମିତେ ଖଣ୍ଡିର କପିଳେଶ୍ୱର ରାଜା ॥
ନୀଳ ସୁନ୍ଦର ଗିରି ଉତ୍ତରଦଗ କୋଣେ ।
ସାରସ୍ୱତ ଭୂମି ଭ୍ରତଖଣ୍ଡ ଅଇଶାନେ ॥
ଚନ୍ଦ୍ରଭାଗା ବୋଲିକର ନଦୀ ଏକଗୋଟି ।
ବୃଦ୍ଧ ମାତଙ୍ଗ ପାରୁଶେ ମହୋଦଧି ଭେଟି ॥
ସେ ନଦୀ ତୀରରେ ପର୍ଶୁରାମ ଘାଟ ହୋଇ ।
କନକାବତୀ ନାମେ ପାଟଣା ପ୍ରକାଶଇ ॥
ତା ଉତ୍ତରେ ଅନୁଜ ଶରଳ ବୋଲି ଗ୍ରାମେ ।
ବିନଯେ ମାହେଶ୍ୱରୀ ଶାରଳା ଚଣ୍ଡୀନାମେ ॥
ମହା ଯୋଗେଶ୍ୱରୀ ସେ ପରମ ବଇଷ୍ଣବୀ ।
ପ୍ରତ୍ୟକ୍ଷ ବରଦ୍ୟନ୍ତ୍ରୀ ସେ ପରମା ସାଧବୀ ॥
ବାକ୍ୟ ସାରୁକ୍ୟ ଅଟେ ସେ ଦେବୀ ମହାମାଈ ।
ପାଷାଣ ରୂପ ତା ଭାଷା ପାଷାଣ ଫୁଟଇ ॥
ସର୍ବମଙ୍ଗଳା ରୂପୀ ମାତା ଯେ ମତ୍ତଭୋଳା ।
ଗ୍ରନ୍ଥାର୍ଥ ଶୁଣଇ ସେ ରହସ୍ୟ-କୁତୁହଳା ॥
ଶାରଳା ଚଣ୍ଡୀ ନାମ ଅଟଇ ସେହି ଦେବୀ ।
ତାହାର ଦାସ ମୁଁ ଯେ ଶାରଳା ଦାସ କବି ॥
ପ୍ରସନ୍ନେ ଆଜ୍ଞା ମୋତେ ଦେଲେ ସେ ଶାକମ୍ଭରୀ ।
ଲଭି ତୁ ଯଶ ମହାଭାରତ ଗ୍ରନ୍ଥ କରୁ ॥

ଶୁଣିଣ ବୁଧଜନେ ନ ଧର ଆନ ମନ ।
ତୁମ୍ଭେ ପଣ୍ଡିତ ମୁଁଯେ ସ୍ୱଭାବେ ମୂର୍ଖଜନ ॥
ଏକଲୟ କରି ଯେ ଶୁଣ ହେ ସାବଧାନ ।
ଫୁଟିବ ଦୁଷ୍କୃତ ପାତକ ହେବ ଦହନ ॥
କୁମ୍ଭଋଷି-ନନ୍ଦନ ଅଗସ୍ତି ମହା ଋଷି ।
ମହାବ୍ରହ୍ମ ଦେବ ସେ ଅମୃତ ରସ ଭାଷି ॥
ବୈବସ୍ୱତ ମନୁ ଅଗସ୍ତିଙ୍କି ପୁଚ୍ଛା କଲା ।
କହ ମହାପଣ୍ଡିତ ଅମୃତ ରସଲୀଳା ॥
ଶ୍ରୀ ମହାଭାରତ ନାମ ହୋଇଲା କେମନ୍ତେ ।
ଏହା ତଦନ୍ତ କରଣ କହ ଦେବା ମୋତେ ॥
ଶୁଣ ବୈବସ୍ୱତ ମନୁ ଆଗହୁଁ ଚରିତ ।
ଦେବତାମାନେ ଥାଇଁ ବୁଝିଲେ ସର୍ବ ଗ୍ରନ୍ଥ ॥
ତୁଳଦଣ୍ଡ କଲେ ଦ୍ୱାଦଶ ଯୋଜନ କାଠି ।
ତନଣତ କରି କଲେକ ବେନ ତକୁଟି ॥
ବିଷ୍ଣୁ ବ୍ରହ୍ମା ପୁରାଣକୁ ଆଦି କୋଟି କୋଟି ।
ସବୁ ପୁରାଣ ଦେଲେ ତୁଳ ଦଣ୍ଡର କାଠି ॥
ଅଷ୍ଟାଦଶ ପୁରାଣ ପଞ୍ଚାଶ ଦଶ ଲକ୍ଷ ।
ରାମାୟଣ ଗ୍ରନ୍ଥ ଚଣ୍ଡି ଯୁଦ୍ଧାଦି ପ୍ରତ୍ୟକ୍ଷ ॥
ବିଷ୍ଣୁ ପୁରାଣ ମାର୍କଣ୍ଡ ପୁରାଣ ସମେତେ ।
ଶିବପୁରାଣ ମତ୍ସ୍ୟ ନାରଦ ଯେ ଉକତେ ॥
ଏ ଗୃହ ପୁରାଣ ଆଦି ସମସ୍ତ ପୁରାଣ ।
ଏମାନ ବସାଇ ତୁଳ-ଦଣ୍ଡ ବାଡ଼କେଣ ॥
ଆର ବାଡ଼େ ଅଷ୍ଟାଦଶ ପର୍ବକୁ ଥୋଇଲେ ।
ସମସ୍ତ ଗ୍ରନ୍ଥରୁ ମହାଭାର ଏ ହୋଇଲେ ॥
ଭାରତଗ୍ରନ୍ଥ ଯହୁଁ ହୋଇଲା ମହାଭାର ।
ତେଣୁ ମହାଭାରତ ନାମ ଦେଲେ ଅଙ୍ଗିରା ॥
ତେଣୁକରି ହୋଇଲା ମହାଭାରତ ନାମ ।
ତୁଳନ୍ତେ ହୋଇଲା ଯହୁଁ ମହାଭାର ସମ ॥
ବୈବସ୍ୱତମନୁ ପାଦେ ହୋଇଲେ ପ୍ରଲମ୍ବ ।
ତପ ପ୍ରସନ୍ନେ ଅର୍ଜିଲ ଅନେକ ସମ୍ପଦ ॥
ହସ୍ତେ ଅର୍ଘ୍ୟ ଘେନ ପଖାଳିଲେ ପାଦବେନ ।
ମୋକ୍ଷକୁ କାରଣ ମୋତେ କର ମହାମୁନ ॥
ବସନ ମାଳା ଗନ୍ଧପୁଷ୍ପ ଆଉ ଚନ୍ଦନ ।
ଧୂପ ଦୀପ ଉପହାର ନାନା ଦ୍ରବ୍ୟମାନ ॥

ଏତେକ ଦେଇଣ ସେହୁ ମନୁ ମହାରାଜା ।
ଅନେକ ମତେ ମୁନିଙ୍କି କଲେ ପାଦପୂଜା ॥
ଘଟକୁମ୍ଭର ମୋତେ ପ୍ରତିକାର କରିବା ।
ତୋହର ପାଦରେ ମୋର ଅହର୍ନିଶି ସେବା ॥

( 2 )

ତପତୀ-ସମ୍ବରଣ-ଉପାଖ୍ୟାନ (Adi-Parva).

ବଦନ୍ତି ମହାମୁନି ଶୁଣହେ ଯୁଗପତି ।
କନ୍ୟା ଏକ ଦେଲା ପୁଣି କୌଶଳ-ନୃପତି ॥
ହିନ୍ଦୁ ଦେଶରେ ସେ ପଶ୍ଚିମ ସଉରାଷ୍ଟ୍ରଇ ।
ତାହାର ଦୁହିତା କୃଷ୍ଣନାଥ ନାମ ଅଛଇ ॥
ପ୍ରବାଲସେନ ବୋଲିଣ ସେ ହିନ୍ଦୁ ନୃପତି ।
ଅଷ୍ଟମେ ବିବାହ ହେଲେ ତାହାର ଦୁହିତି ॥
ଏହେନ ନବ ଜାତିରୁ ନବକନ୍ୟା ପ୍ରଦାନ ।
ନବପୁତ୍ର ଜନ୍ମିଲେ ଯଜାତି ବିଦ୍ୟମାନ ॥
ମାନବକୁଳକୁ ରାଜା ଅଟେ ବୁଦ୍ଧସେନ !
ମାନବ କୁଳରୁ କନ୍ୟାଏ ହେଲା ପ୍ରଦାନ ॥
ଗୋପାଳ ନୃପତି ନାମ ରିଭୁଧ୍ୱଜ ବୀର ।
ଯୁଗାବତୀ ବୋଲିଣ ଯେ ଦୁହିତା ତାହାର ॥
ସସାଗରା ପୃଥିବୀ ସେ ନବଭାଗ କଲେ ।
ନବଖଣ୍ଡ ମେଦିନୀ ନବପୁତ୍ରଙ୍କୁ ଦେଲେ ॥
ରାଜାର ଜ୍ୟେଷ୍ଠ ପୁତ୍ର ନାମ ଗୁରୁନୃପତି ।
ଓଡ଼ାଣି ଭାରିଯା ତାର ଅଛଇ ସନ୍ତତି ॥
ମାତାଙ୍କର ଭାଗ ଯେ ଓଡରାଷ୍ଟ୍ର ମଣ୍ଡଳେ ।
ତେଣୁ ଓଡ଼ଣାକୁ ଓଡ଼ରାଷ୍ଟ୍ର ଯେ ବୋଇଲେ ॥
ପୁରରବା ନନ୍ଦନ ଯେ ପବନ ନୃପତି ।
ତା ନନ୍ଦନ ଅନୁପମ ନୃପ ଚକ୍ରବର୍ତ୍ତୀ ॥
ଥାଟ ସୈନ୍ୟ ନ ଥାଇ ସେ ଏହାଙ୍କର କୁଳେ ।
ଏକା ନବଖଣ୍ଡ ମେଦିନୀ ସେ ସାଧିକଲେ ॥
ଆପଣେ ଭିଆଇଲେ ସପତ ଦ୍ୱୀପା ପୃଥ୍ୱୀ ।
ମହା ପୁରୁଷ ଏ ଅନୁପମ ଚକ୍ରବର୍ତ୍ତୀ ॥
ଅନୁପମ ନନ୍ଦନ ସେ ଅଛଇ ଭୂମିର ।
ଦୁଷ୍ମନ୍ତ ବୋଲି କରଣ ପୁତ୍ରେକ ଏହାର ॥

ମନ୍ଦର-ଦେଶ-ରାଜା କଉସ୍ତୁଭ ନୃପତି ।
ତା ଦୁହିତା ନାମ ଅଟଇ ମନ୍ଦାରବତୀ ॥
ଦୁଷ୍ମନ୍ତର ମହିମା ଯେ ନ ଯାଇ କହଣ ।
ସମୁଦ୍ର ଘୁଞ୍ଚାଇଲା ସେ ଅଶିସସ୍ର ଯୁଣ ॥
ସମୁଦ୍ର ମଧ୍ୟେ ନେଇ ଶୁଭ ଖମ୍ବ ପୋତିଲା ।
ସେହିଠାବରୁ ସମୁଦ୍ର ଲଙ୍ଘି ନ ପାରିଲା ॥
ଦୁଷ୍ମନ୍ତର ନନ୍ଦନ ଅଟଇ ବୀର ଭ୍ରତ ।
ସମୁଦ୍ର ଘୁଞ୍ଚାଇ ନେଲା ସେ ଯୋଜନ ସାତ ॥
ସାତ ସାତ ଯୋଜନେ ଖଣ୍ଡେ ଲେଖାଏଁ କଲା ।
ତହୁଁ ଭ୍ରତଖଣ୍ଡ ନାମ ଏହାର ହୋଇଲା ॥
ଏଣେ ଭିଆଇଲେ ସେହି ଗ୍ରାମକେଶୀ ମାୟେ ।
ନଳ ମାପେ ମୂଲ ପୃଥ୍ୱୀ ବାଣ୍ଟି କରି ଦିଏ ॥
ଭ୍ରତଙ୍କର ନନ୍ଦନ ଯେ ହୋଇଲେ ଭୂମନୁ ।
ସର୍ବ ଶାସ୍ତ୍ର ସାଧିଲେ ଭୂତ ଭବିଷ୍ୟ ଜ୍ଞାନୁ ॥
ଏ ପୃଥ୍ୱୀକି ପୁଣି ଭାଗ ଭାଗ ମୂଲ କଲେ ।
ମଣ୍ଡଳ ଖଣ୍ଡ କରି ନବ ସୃଷ୍ଟି ଭିଆଇଲେ ॥
ଭୂମନୁ ନନ୍ଦନ ଉପୁଜିଲେ ବୀରଭ୍ରତ ।
ସେଠି ଭିଆଇଲେ ଯୁଦ୍ଧପାଇଁ ଅମନାତ୍ୟ ॥
ଏହାଙ୍କର ନନ୍ଦନ ଉପୁଜିଲା ବିଭୂକ୍ଷ ।
ଖଣ୍ଡ ମଣ୍ଡଳ କରି ଭିଆଇଲେକ ଦକ୍ଷ ॥
ବିଭୂକ୍ଷର ନନ୍ଦନ ଶମ୍ଭୁ ରାଣ ନୃପତି ।
ଦିଗପାଳମାନ ସେହି ବରିଲା ସବୁନ୍ତ ॥
ତ୍ରିଦଶ ଦେବତାମାନେ ବସିଲେ ଆସନେ ।
ତାପତି ସ୍ୱୟମ୍ବର କରିତ ବିଦ୍ୟମାନେ ॥
ନବ ସାଗର ଆଦି ଯେ ବ୍ରହ୍ମଲୋକ ଘେନ ।
ମଳୟ ମଣ୍ଡଳେ ଯେ ପ୍ରବେଶ ପଦ୍ମଯୋନି ॥
ଚଉଦ କୋଟି ଶିବଗଣ ସେ ସଙ୍ଗେ ଘେନ ।
ବୃଷପୃଷ୍ଠେ ବିଜେ କଲେ ତ୍ରିଲୋଚନ ପୁଣି ॥
ଅଳକାଭୁବନେ ସ୍ଥିତ କୁବେର ଦେବତା ।
ଧନପତି ଘେନି ବିଜେ ସମ୍ବାରେ ଶକତା ॥
ଅଳକାମଣ୍ଡଳ ସେ ତେଜିଣ ଅମରାଧି ।
ଐରାବତ ଆରୋହଣ ଦେବ ଜମ୍ଭଭେଦୀ ॥
ଚଉଷଠୀ ପୁଷ୍ପ ଘେନି ସେ ଅମରଗଣ ।
ବିଜୟେ ସୁରନାଥ ସଭାରେ ସମ୍ପ୍ରବେଶ ॥

ଅଣଗୃଶ ପବନ ମୂଳେ ଯକ୍ଷ କିନ୍ନର ।
କାଳଗଣ ଘେନି ବନ୍ଦେ କଲେ ନାଶକର ॥
ମଧୁକର ମଳୟ ଯେ ବସନ୍ତ ଅନନ୍ତ ।
ବନ୍ଦେ ସକରୁଣା ନାଥ ଗଗନାଦି ପଥ ॥
ଗର୍ଜନନାଦ କରି ନରନାଥ ନୃପତି ।
ଏମନ୍ତେ ବନ୍ଦେ ଯାଇ ମଣ୍ଡଳ ଚକ୍ରବର୍ତ୍ତୀ ॥
ମେଘମାଳ ସହିତେ ନୃପତି ହେମବନ୍ତ ।
ସେ ପ୍ରବେଶ ହୋଇଲେ ମନ୍ଦର ପରବତ ॥
ଗନ୍ଧର୍ବ କିନ୍ନର ସୁର ଦକ୍ଷ ସିଦ୍ଧ ମୁନି ।
ସ୍ୱୟମ୍ବର କଲେ ଦେବତାମାନଙ୍କୁ ଘେନି ॥
ଏସନେକ ସ୍ୱୟମ୍ବର ଦେଖି ବିବୁଧାଦି ।
ଦେବତାଙ୍କୁ ସମ୍ବର୍ଦ୍ଧନା କଲେକ ଅନାଦି ॥
ତ୍ରିଦଶ ଦେବ ସରବେ ବସିଲେ ଆସ୍ଥାନେ ।
ବଚନ କରତାର ଶୁଣିମା ରାଜାମାନେ ॥
ଏ ମୋହର ଦୁହିତା ଯେ ଅଟଇ ତାପତୀ ।
ସ୍ୱୟମ୍ବର ନିମନ୍ତେ ବରଲଇଁ ସବୁନ୍ତ୍ର ॥
ଯାହାର କଣ୍ଠରେ ନେଇ ଦେବ ପୁଷ୍ପମାଳ ।
ସେ ତାହାର ବଲ୍ଲଭ ହୋଇବ ପ୍ରତିପାଳ ॥
ତ୍ରିଦଶ ଦେବେ ଶୁଣିଣ ଆନନ୍ଦିତ ମନେ ।
ବିଜୟେ ବୃନ୍ଦାଅର୍କେ ସର୍ବେ ପଦ୍ମଆସନେ ॥
ବଦତି କରତାର ଶୁଣ ଆଗୋ ତାପତୀ ।
ତୋହର ନିମନ୍ତେ ଆଗୋ ବରଲ ସବୁନ୍ତ୍ର ॥
ଯାହାର କଣ୍ଠରେ ତୁ ଗୋ ଦେବୁ ପୁଷ୍ପ ମାଳ ।
ସେ ତୋ ବଲ୍ଲଭ ହେବ ଗୋ ସତ୍ୟ ପ୍ରତିପାଳ ॥
ଯାହାକୁ ଇଚ୍ଛା ତୋହର ବର ଗୋ ସ୍ୱଚିତ୍ତେ ।
ପାରିଜାତ ପୁଷ୍ପମାଳା ଦିଅ ତାର କଣ୍ଠେ ॥
ପିତାର ନିଷ୍ଠ ବଚନ ଶୁଣିଣ ତାପତୀ ।
ମାଳା ଘେନି ମିଳିଲା ସେ ସୁରନାଥ କତି ॥
ତାପତିର ତେଜ ଅଟଇ ଅନଳ ପ୍ରାୟେ ।
ଭୟେଣ ଅନ୍ତର ତହୁଁ ହେଲେ ସୁରରାୟେ ॥
ଇନ୍ଦ୍ରଦେବ ଯହୁଁ ତହୁଁ ଅନ୍ତର ହୋଇଲା ।
ମାଳା ଘେନି ସେ କୁବେର ସନ୍ନିଧେ ମିଳିଲା ॥
କତିକି ଆସନ୍ତେ ସେହି ସ୍ୱର୍ଗର ଅବଳା ।
ତାପତିର ତେଜ ଲାଗି ହେଲା ମହାଜ୍ୱାଳା ॥

କୁବେର ଦେବ ତହୁଁ ସଭାରେ ନ ରହିଲେ ।
ଉଠିଣ ଆପଣାର ଭୁବନରେ ମିଳିଲେ ॥
ତହୁଁ ମାଳା ଘେନିଣ ଚଳିଲେ ସୁରଯାମୀ ।
ସନ୍ନିଧିରେ ଦେଖିଲେ ସେ ଦେବ ପଦ୍ମଯୋନି ॥
ତାପତୀର ତେଜ ମହା ଅନଳର ପ୍ରାୟେ ।
ମରାଳ ଆରୋହି ପିତା ହେଲେ ଅନ୍ତର୍ଦ୍ଧାୟେ ॥
ପିତାଙ୍କୁ ନ ଦେଖି ସେ ଦିନକର-କୁମାରୀ ।
ମାଳା ଘେନି ଯାଇଣ ଭେଟିଲା ତ୍ରିପୁରାରି ॥
ସଦାଶିବ କଣ୍ଠକ ସେ ଚଳନ୍ତେ ଅବଳା ।
ରୁଦ୍ରଙ୍କର ଶରୀରେ ଲାଗିଲା ମହାଜ୍ୱାଳା ॥
ଭୟରେ ଘୁଞ୍ଚିଲେ ତହୁଁ ସେ ପଞ୍ଚମଉଳି ।
ଶିବଗଣ ଘେନି କଇଲାସେ ଗଲେ ଚଳି ॥
ପୁଣି ମାଳା ଘେନିକରି ଚଳିଲେ ତାପତୀ ।
ବିଜୟେ ସୁନ୍ଦରୀ ଯାଇଁ ହେମବନ୍ତ କତି ॥
ଦେଖିଣ ଭୟ ମନରେ କଲେ ହେମବନ୍ତ ।
ବିମାନ ଆରୋହି ତହୁଁ ଗଲେ ଶୂନ୍ୟପଥ ॥
ତାପତୀର ତେଜ ଦେଖି କରି ବୃନ୍ଦାଅର୍କେ ।
ଯେ ଯାହାର ମନ୍ଦିରେ ମିଳିଲେ ଦେବଲୋକେ ॥
ଆଦିତ୍ୟ ବୋଇଲେ ସ୍ୱୟମ୍ବରହିଁ ସରିଲା ।
କେହିତ କନ୍ୟାକୁ ମୋର ବରହିଁ ନୋହିଲା ॥
କନ୍ୟା ହୋଇ ପିତା ଘରେ ହେଲେ ରଜୋବତୀ ।
ପିତୃଲୋକମାନେ ଯେ ହୁଅନ୍ତି ନର୍କଗତି ॥
ଏସନକ ବିଚାର କରନ୍ତେ ଦେବଧର୍ମ ।
ଅଶ୍ୱଏକ ଚଢ଼ିଣ ମିଳିଲା ଶମ୍ବୁରାଣ ॥
ମାଳା ଘେନି ତାପତୀ ତାହାର ଆଗେ ମିଳି ।
ନୃପତିର ହୃଦେ ନେଇ ଦେଲା ପୁଷ୍ପମାଳି ॥
ଭୁଜରେ ଶମ୍ବୁରାଣ କଲାକ ନେଇ କୋଳ ।
ଦେଖିଣ ପରମ ତୋଷ କଶ୍ୟପଙ୍କ ବାଳ ॥
ଆନନ୍ଦ ହୋଇଣ ସେହୁ ପଞ୍ଚମନେ ଭାଳି ।
ଧନ୍ୟ ଶମ୍ବୁରାଣ ବୋଲି ଜୟ ଜୟ ବୋଲି ॥
ଅନେକ ସମ୍ଭାରେ ସେହି ରଜା ଅଧିପତି ।
ତାପତୀଙ୍କ ବିବାହ ଯେ ହେଲା ଯଥାରୀତି ॥
ଶମ୍ବୁରାଣ ବିଳସଇ ସୁନ୍ଦରୀ ତାପତୀ ।
କୁରୁନାମେ ପୁତ୍ରେକ ହୋଇଲା ଉତପତ୍ତି ॥

ଶୁଣସି ମହାରଜା ହୋଇ ପରମଶାନ୍ତ ।
ତେଣୁ ସେହୁ କୁରୁବଂଶ ହୋଇଲା ବିଖ୍ୟାତ ॥

( 3 )

## ଧୃତରାଷ୍ଟ୍ର-ଗାନ୍ଧାରୀ-ସଂବାଦ (Adi-Parva).

ଗାନ୍ଧାରୀ ପୁଚ୍ଛିଲେ ଧୃତରାଷ୍ଟ୍ରଙ୍କ ଅଗରେ ।
ଏଡ଼େ ବିରସ କିପାଇଁ ହୋଇଲ ମନରେ ॥
କଥାଏ ପଚାରଇଁ କହ ମୋର ଆଗରେ
ଧୃତରାଷ୍ଟ୍ର ବୋଇଲେ, ଶୁଣଆଗୋ ଗାନ୍ଧାରୀ ।
ପାଣ୍ଡୁଙ୍କ ସମ୍ପଦ ମୁହିଁ ଦେଖିତ ନ ପାରି ॥
ମୁହିଁ ଆଗେ ଜ୍ୟେଷ୍ଠ ପାଣ୍ଡୁ, ମୋହର ସାନୁଜ ।
ପୃଥ୍ୱୀରେ ବିକାଶିଲା ଯେ ପାଣ୍ଡୁ ମହାତେଜ ॥
ଅନେକ ସମ୍ପଦ ତାର କହିତ କି ପାରି ।
ମରଣ ଭଲ ଏହା ମୁଁ ସହିତ ନ ପାରି ॥
ଭଲ ଦିନ ଖୋଜ ଗୋ ପ୍ରୟାଗ-ତୀର୍ଥେ ଯିବା ।
ତ୍ରିବେଣୀ-ସଙ୍ଗମେ ଗୋ ସୁନ୍ଦରି ଝାସ ଦେବା ॥
କ୍ଷତ୍ରିୟ ହୁଅଇ ଯେବେ ପରଦୋଷକାରୀ ।
ରାଜା ହୋଇ ଯେବେ ସଂଗ୍ରାମକୁ ଭୟ କରି ॥
ଦେବତା ହୋଇଣ ଯେବେ ନ କରିବ ଦୟା ।
ତୀର୍ଥବାସୀ ହୋଇ ଯେବେ ହୃଦେ କରେ ମାୟା ॥
ସୁନ୍ଦରୀ ସ୍ତିରୀ ହୋଇ ଯେବେ ହୁଏ ଦୁର୍ଭାଗୀ ।
ଇନ୍ଦ୍ରିୟ ନିଗ୍ରହ ନ କରେ ଯେବଣ ଯୋଗୀ ॥
ଏମାନେ ନୁହନ୍ତି ଗୋ ପଣ୍ଡିତ ବିଜ୍ଞବନ୍ତ ।
ଏକଥାମାନ ସେ ଆଗୋ ଜାଣଇ ତଦନ୍ତ ॥
ଗାନ୍ଧାରୀ ବୋଇଲେ ଏହୁ ତ ଯୁକତ କଥା ।
କପାଳେ ଯା ଲିଖିତ ହୁଅଇ କି ଅନ୍ୟଥା ॥
ଯାହା ଅରଜି ଥାଇ ତାହାହିଁ ସିନା ଭୁଞ୍ଜି ।
ସାଧୁ ପୁଣ୍ୟବନ୍ତ ଦୁହେଁହି ମଣ୍ଡଳ ମଝି ॥
ସ୍ୱାମୀ ସୁକୃତ ବୋଲିଣ ଯେବଣ ପୁରୁଷ ।
ନାନା ରୂପ ଧରଇ ସେ ନୁହଇ ବିନାଶ ॥
ଖଞ୍ଜ କୁବୁଜ ହୋଇଣ ଅପାରଗ ଗୋଠା ।
ବଳବନ୍ତ ସୁନ୍ଦର ପୃଥୁଳ ରୂପ ସେଠା ॥
ସୁନ୍ଦର ପୁରୁଷ ସେ କ୍ଷତ୍ରୀ ପଣ୍ଡିତ ବେଶ ।
କ୍ଷଣକେ ବାଳୁତ କ୍ଷଣେ ମନରେ ବିରସ ॥

ଚେତନ ପୁରୁଷ ନ ଚେତଇ ତତକ୍ଷଣ ।
ସକଳ ବ୍ରହ୍ମାଣ୍ଡେ ସେ ପୁରୁଷ ଏକଜଣ ॥
କୁତୂହଳେ ଖେଳନ୍ତି ସେ ନାନା ରୂପ ଧରି ।
କ୍ଷଣେ କଳା କ୍ଷଣେ ଗୋରା ଶ୍ୟାମଳାଭି ଧରି ॥
କ୍ଷଣେ ଖଞ୍ଜ ପଙ୍ଗୁ ଯେ କ୍ଷଣେ କୁବୁଜ ଅନ୍ଧ ।
ନାନା ବର୍ଣ୍ଣ ରୂପକୁ ଧରଇ ତାର ସଧ ॥
ସେ ମହାତ୍ମା ଧରନ୍ତି ଯେତେବେଳେ ଯେ ରୂପ ।
ମନୁଷ୍ୟମାନେ କୁହନ୍ତି ରୂପ ଯେ ବିରୂପ ॥
ଛାଡ ମନାଭିମାନ ନ ଧର ଆନ ଚିତ୍ତେ ।
ଦୁଃଖ-ସୁଖ-ଶରୀର କରୁଥାଇ ଏକଚିତ୍ତେ ॥
କାହା ଆକୃତି ଦେଖି ମନେ କୁହ ବିକଳ ।
ସୁଦଶାକୁ ଦଶା ଯେ ଅଲପ ହୁଏ କାଳ ॥
ଚଇତନ ପୁରୁଷ ନାଥ ଏକତ୍ୱ କରି ।
ପାଣ୍ଡୁ ପର ବୋଲଣ ଯେ ନ ହରି ଶରୀର ॥
ଏ ସଂସାର ଯାକ ଯେବେ କରିବୁ ଏକତ୍ୱ ।
ତେବେ ସେ ଡର ଏଥିରୁ ପାଇବୁ ମୁକତ ॥
ଧୃତରାଷ୍ଟ୍ର ବୋଲେ ଗୋ ତୁ କହିଲୁ ଯେମନ୍ତ ।
ପର ସମ୍ପଦ ମୁଁ ଦେଖି ନ ପାରେଁ ସଙ୍ଗାତ ॥
ଗାନ୍ଧାରୀ ବୋଇଲେ ସେହୁ ଅଟଇ ଅକଥା ।
ପାପୀ ଲୋକେ ମଣନ୍ତି ଯେ ଏସନ ବ୍ୟବସ୍ଥା ॥
ବିକୃତ-ନାୟକ ସେ ଅଟନ୍ତି ଜନ୍ମପତି ।
ଆୟୁଷ ବିକୃତିଣ ମଧ୍ୟେ ଦଅଇ ଶାସ୍ତି ॥
ପଙ୍ଗୁ ଯେ ବଧିର ଖଞ୍ଜ କୁବୁଜା ଅଦୃଶ୍ୟ ।
ପରମ ଶାସ୍ତି ଏମାନ ଅଟଇ ଅବଶ୍ୟ ॥
ତାଙ୍କର ପ୍ରକୃତି ଆଉ ହିଂସା ଭାବ ଘେନ ।
ଅନିତ୍ୟ ସଂସାର ଏ ଅଟଇ ଦେବ ସ୍ୱାମୀ ॥
ପର-ହିଂସା ପରମନ୍ଦ ଛାଡ଼ ଧୃତରାଷ୍ଟ୍ର ।
ଅନିତ୍ୟ ସଂସାର ଏହି ମାୟାମୟ ପଟ ॥
ଏହା ଦୂର କରି ଶାନ୍ତି କର ମନୋବାଞ୍ଛା ।
ସୋଦର ସମ୍ପଦକୁ ନ କର ମନେ ହିଂସା ॥
ଅନେକ ମତରେ ସେ ଗାନ୍ଧାରୀ କହଆଇ ।
ମନରେ ଶାନ୍ତେ ସେ ଧୃତରାଷ୍ଟ୍ରର କୁହଇ ॥
ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ସମ୍ବାଦ ସମନ୍ୱୟ ।
ଶୁଣିକରି ଶାନ୍ତ ହୋଇଛନ୍ତି ପାଣ୍ଡୁରାୟେ ॥

ଧାତ୍ରକାରେ ବଜେ କଲେ ପାଣ୍ଡୁ ରାଜା ସ୍ୱାମୀ ।
ଧୃତରାଷ୍ଟ୍ର-ଚରଣେ ହୋଇଲେ ପରଣମି ॥

( 4 )

ଭୀମର ବାଲ୍ୟଲୀଳା (Adi-Parva).

କହନ୍ତି ଅଗସ୍ତି ଶୁଣ ଆହେ ମହାରଥୀ ।
ଭୀମକୁ ଶୁଆଇ କୋନ୍ତି ଭୋଜର ଦୁହିତା ॥
ବ୍ରାହ୍ମଣ-ବସ୍ତ୍ର ଯୋଗାଡ଼ ବେଗେ କରି ସାରି ।
ପୁତ୍ରଙ୍କୁ ଶୁଆଇ ଦେବୀ ଭୋଜର କୁମାରୀ ॥
ମାଦ୍ରୀ କୁନ୍ତି ଦୁଇ ଦେବୀ ଗଲେ ତହୁଁ ସ୍ନାନେ ।
ପାଣ୍ଡୁ ରହିଛନ୍ତି ସେହି ଉଦ୍ଦାଳକ ବନେ ॥
ବ୍ରାହ୍ମଣଶାଳେ ବେଗେ ପଶିଲାକ ମାରୁତ ।
ପାକ-ଶାଳରେ ଯାଇଁଣ ପଶିଲା ତୁରିତ ॥
ଭାତ ତିଅଣ ଯେତେକ ଥିଲା ପାକଶାଳେ ।
ସବୁଥିରୁ ଅଧେ ଅଧେ ଭୁଞ୍ଜିଲା ତତ୍‌କାଳେ ॥
ଲେଉଟି ଯାଇଣ ସେହିଠାବରେ ଶୋଇଲା ।
ସ୍ନାହାନ ସାରିଣ ଦେବୀ କୁନ୍ତି ପ୍ରବେଶିଲା ॥
ପାଣ୍ଡୁ ବଜେ କଲେ ପୁଣି ନିତ୍ୟକର୍ମ ସାରି ।
ମଣୋହି କୋଠିରେ ଯାଇ ବଜେ ଦଣ୍ଡଧାରୀ ॥
କୁନ୍ତି ଯାଇ ବଜେ କଲେ ବ୍ରାହ୍ମଣଶାଳବେ ।
ଦେଖିଲେ ଅଧେ ଅଧେ ନାହିଁ ସେହି ହାଣ୍ଡିରେ ॥
ବାହୁଡ଼ି କହିଲେ ଯାଇ ପାଣ୍ଡୁଙ୍କ ଆଗରେ ।
ମଣୋହି ଯୋଗାଡ଼ ଅଧେ ନାହିଁତ ହାଣ୍ଡିରେ ।
ପାଣ୍ଡୁ ବୋଇଲେତ ସିଝାଇଲା ପକ୍ୱ ଅନ୍ନ ।
ବସୋଇଲେ ଅଳପ ହୁଅଇ ଯେ ବଧାନ ॥
ଆହୁତକୁ କିଛି କିଛି ଦିଅନ୍ତି ଯତନେ ।
ଦେବତାପିତୃ ଦେଇଣ କଲେକ ଭୋଜନେ ॥
ଏହିମତେ ବାଳୁତ ଭୁଞ୍ଜଇ ନିତ ନିତ ।
ଦିନୁ ଦିନ ଆହାରେ ତା ବଢ଼ିଲା ପୀରତି ॥
ଖାଉ ଖାଉ ଏହିପରି ଅଳପ ରହିଲା ।
ଏପରି ଭାବେ ବରଷେ ପରଯନ୍ତେ ଗଲା ॥
ଜ୍ୟୈଷ୍ଠ କୃଷ୍ଣପକ୍ଷ ଚତୁର୍ଥୀ ଶଉରୀବାର ।
ଉତ୍ତରାଷାଢ଼ା ଧନୁ ଅଟଇ ସେ ଦିନର ॥

ବଷ୍ଠି ନାମେ କରଣ ବ୍ୟତିପାତ ଯେ ଯୋଗ ।
ଋଷଭ ସଂକ୍ରାନ୍ତିକ ବାରଦିନ ଭୋଗ ॥
ସେ ଦିନ ବଡ଼ ଗ୍ରାସ ବଢ଼ିଲା ବାଳଶିଷି ।
ମହାଗ୍ରାସ କରଣ ସମସ୍ତ ଗଲା ଗ୍ରାସି ॥
ଭୁଞ୍ଜି ଭୁଞ୍ଜି କୁମର ସମସ୍ତ ମନଇଚ୍ଛା ।
ଯୋଗାଡ଼ ସରିଲା ସବୁ ହାଣ୍ଡିମାନ ତୁଚ୍ଛା ॥
ବାହୁଡ଼ି ଶୋଇଲା ଯାଇ ଶଯ୍ୟାର ଉପରେ ।
ସ୍ନାନ ସାରି କୁନ୍ତୀ ବଜେ କଲେ ସେହିଠାରେ ॥
କେମନ୍ତ ଚରିତ ବୋଲି ପୁଚ୍ଛି ମହୀପତି ।
ଯୋଗାଡ଼ ବେଗେ ଯାଇ କର ଗୋ ଶୀଘ୍ର କୁନ୍ତୀ ॥
କୁନ୍ତୀ ବୋଇଲେ ଦେବ ହେ ମଣୋହି-ଯୋଗାଡ଼ ।
କିଛିହିଁ ନାହିଁ ଦେବ ଯେ ଭଣ୍ଡାର ଭିତର ॥
ପାଣ୍ଡୁ ବୋଇଲେ ତୁ ସ୍ଥିର ହୁଅ ଆଗୋ ପ୍ରିୟା ।
ତଦନ୍ତ କରଣ ଦେବ ବୁଝିବାକ ଏହା ॥
ଶୀତଳ ଦ୍ରବ୍ୟମାନ ଭୁଞ୍ଜିଲେ ନୃପମଣି ।
ଦିନଅସ୍ତ ଗଲା ପୁଣି ପାହିଲା ରଜନୀ ॥
ପାଣ୍ଡୁ ରାଜା ବୋଲେ ଆଜ କ୍ଷୁଧା ବଡ଼ ଲାଗି ।
ଦ୍ୱିଗୁଣ ରାନ୍ଧଣା ଯୋଗାଡ଼ କର ଗୋ ବେଗି ॥
ନାଜପତି ବୋଲେ ଦେବୀ ରାନ୍ଧଣା ଯେ କଲେ ।
କପାଟ ପାଡ଼ି କୁନ୍ତୀ ମାଦ୍ରୀ ସ୍ନାନକୁ ଗଲେ ॥
କହନ୍ତି ଅଗସ୍ତି ଶୁଣ ଆହେ ନରନାଥ ।
ଭୀମସେନ ବାଳୁତର କୌତୁକ ଚରିତ ॥
ଶୋଇଲା ଠାବରୁ ଗୁଲୁଘୁଞ୍ଚା ଦେଇ ଉଠି ।
ରାନ୍ଧଣାଶାଳେ ପଶି ପାଗମାନଙ୍କୁ ଝୁଣ୍ଟି ॥
ପାଣ୍ଡୁ ଗୁପ୍ତ ହୋଇ ରହି ଥିଲେ ପରବତେ ।
ଝଟତି କପାଟ ଫେଡ଼ି ପଶିଲେ ଯୁକତେ ॥
ମଢ଼ଫୁଲ ଘରେ ପଶିଲେକ ଗୁପ୍ତ ହୋଇ ।
ଦେଖିଲେ ଭୀମସେନ ପାଗ ସକଳ ଖାଇ ॥
ହାଣ୍ଡିକ ଉପରେ କର ତଳେ ତୁଣ୍ଡ ପାତେ ।
ପାଣ୍ଡୁରାଜା ବସିଥିଲେ ସେଠାରେ ଗୁପତେ ॥
ଏହା ଦେଖି ପାଣ୍ଡୁ କୋପ ସହି ନ ପାରିଲେ ।
ହାଣିବ ବୋଲି ରାଜ୍ୟେ ଖଣ୍ଡା ବେଗେ ଟୋଳିଲେ ॥
ହାଣ୍ଡିଶାଳକୁ ରାଜ୍ୟେ ଆଣନ୍ତେ ଅସିବର ।
ବାହାର ହୋଇ ପଳାଏ ବାଳୁତ କୁମର ॥

ଅସିପତ୍ର ଯେନ ପାଣ୍ଡୁ ଅଛନ୍ତି ଗୋଡ଼ାଇ ।
ପବନକୁ ଖରତର ବାଲୁତ ପଳାଇ ॥
ଘନ ଅରଣ୍ୟ-ମଧ୍ୟରେ କୁମର ପଛରେ ।
ମହାବେଗେ ଗୋଡ଼ାଇଛି ପାଣ୍ଡୁ ନରବରେ ॥
ଭୀମ ପଳାନ୍ତି ପାଣ୍ଡୁ ଗୋଡ଼ାନ୍ତି ପଛକତ ।
ପାଣ୍ଡୁ-ପଛେ ଅଗ୍ନି ଦ୍ୱିଜରୂପେ ଧାଇଁ ଛନ୍ତି ॥
ପାଣ୍ଡୁ ବୋଇଲେ ଆମ୍ଭର ଅବଶ୍ୟ ନୟମ ।
ନଶ୍ଚୟ ତୋହର ଶିର ଛେଦବଇଁ ଭୀମ ॥

( 5 )

କୁରୁପାଣ୍ଡବଙ୍କର ହିଁମାଣିଖେଳ (Adi-Parva).

କହନ୍ତି ଅଗସ୍ତି ବୈବସ୍ୱତ-ସନ୍ନିଧାନେ ।
ଅନେକ ଉତ୍ସବ ହେଲା ହସ୍ତିନା-ଭୁବନେ ।
ବଳରାମଙ୍କର ଠାକୁଁ ଗଦା-ବଦ୍ୟା ପାଇ ।
କାକୁ ନ ଗଣନ୍ତି ଦୁର୍ଯ୍ୟୋଧନ ଶତେ ଭାଇ ॥
ଆଖଡ଼ାରେ ପଶିଣ ଗଦା-ଯୁଦ୍ଧ କରନ୍ତି ।
ଭୀମ ଦୁଃଶାସନର ଯେ ହୋଇଲା ଅପ୍ରୀତି ॥
କର୍ଣ୍ଣ ଅର୍ଜ୍ଜୁନ ଦୁଇର ହୋଇଲା ଅଭାବ ।
ଦୁର୍ଯ୍ୟୋଧନ ଯୁଧିଷ୍ଠିଙ୍କ କରନ୍ତି ସୁଭାବ ॥
ଇନ୍ଦ୍ରପ୍ରସ୍ଥ ଆଖଡ଼ାରେ କୁତୂହଳ ବୃତେ ।
ରସେ ଭିଆଇଲେ ହିଁମିଟି ଖେଳ ପକ୍ଷାନ୍ତେ ॥
ଯୁଧିଷ୍ଠି ଦୁର୍ଯ୍ୟୋଧନ ହୋଇଲେ ମୂଳଗଣ୍ଡି ।
ଭୀମ ଦୁଃଶାସନକୁ ସେ ଦୁହେଁ ହେଲେ ମଣ୍ଡି ॥
ଭୀମ ପଡ଼ିଲା ଯୁଧିଷ୍ଠିଦେବଙ୍କର କତ ।
ଦୁର୍ଯ୍ୟୋଧନ-ପାଶେ ଦୁଃଶାସନ ଯେ ପଡ଼ନ୍ତି ॥
କର୍ଣ୍ଣ ଅର୍ଜ୍ଜୁନ ଦୁହେଁ ହୋଇଲେ ବେନି ଭାଗେ ।
ପଞ୍ଚା ପଞ୍ଚ ହୁଅନ୍ତି ସେ ଯେ ଯାହାର ଯୋଗେ ॥
ଶଲ୍ୟ ସହଦେବ ଦୁହେଁ ପୁଣି ଗଣ୍ଡି ହେଲେ ।
ଯୁଧିଷ୍ଠିରେ ସହଦେବ ଅନ୍ୟ ପକ୍ଷେ ଶଲ୍ୟେ ॥
ନକୁଳ ଅଶ୍ୱଥାମା ଗଣ୍ଡି ବାଛିଲେ ଯେ କର୍ମେ ।
ଯୁଧିଷ୍ଠିର ନକୁଳ ଅନ୍ୟରେ ଅଶ୍ୱଥାମେ ॥
ଏସନେକ ଗଣ୍ଡି ବାଛିଲେ ଯେ ସମକକ୍ଷେ ।
ଯୁଧିଷ୍ଠି ଭୀମ ଅର୍ଜ୍ଜୁନ ମାଦ୍ରି ବେନି ବକ୍ଷେ ।

ଦୁଃଶା ବୋଲେ ଭୀମ-ଭୁଲେ ପାଞ୍ଚ ଯେ ହୋଇଲ ।
ଆମ୍ଭଙ୍କୁ ନୀରସ ଅଶ୍ୱତ୍ଥମାଙ୍କୁ ଯେ ଦେଲ ॥
ଭୀମସେନ ହସିଲା ଦୁଃଶାସନ ବଚନେ ।
ତୁମ୍ଭର କତ ହୁଅନ୍ତୁ ସବୁ ଭାଇମାନେ ॥
ଶଲ୍ୟ କୃପ ଅଶ୍ୱତ୍ଥାମା କର୍ଣ୍ଣର ସହିତେ ।
ତୁମ୍ଭ କତରେ ହୁଅ ପାଞ୍ଚଉତ୍ତରେ ଭ୍ରାତେ ॥
ପୂର୍ବ୍ବଦଗେ ହୋଇଲେ ଯୁଧିଷ୍ଠି ପାଞ୍ଚଭାଇ ।
ମଧ୍ୟରେ ବେନସ୍ତମ୍ଭ ଗାର କରି ଯୋଡାଇ ॥
ପୂର୍ବେ ଯୁଧିଷ୍ଠିର ଦୁର୍ଯ୍ୟୋଧନ ପଶ୍ଚିମରେ ।
ଲାଗିଲା ଉଛବାଚ ଯେ ହିମାଣିର ଖେଳେ ॥
ପ୍ରଥମେ ରାଗ ଧରି ଗୋଡ଼ାଏ ଦୁଃଶାସନ ।
ପଳାନ୍ତି ପଞ୍ଚଭ୍ରାତ ଯେ ହରଣ ବିଧାନ ॥
ବନପତି ଦେଖି ଯେହ୍ନେ ଖେଦଇ ହରିଣୀ ।
ନିଃଶ୍ୱାସରେ ମାଇଲା ଦୁଃଶା କୁମରମଣି ॥
ରେ ରେ କାର କରଣ ସେ ମାଇଲାକ କ୍ଷେପି ।
ଚଗ୍ରଏକ କ୍ଷେପିଣ ମାଇଲା ଯୁଧିଷ୍ଠିଙ୍କି ॥
ଆସାଷ୍ଟମେ ପଡ଼ିଲେ ଦୁଃଶାର ପାଦଘାତେ ।
ନାସିକା ବେନ ପୁଡ଼ାରୁ ବାହାର ଶୋଣିତେ ॥
ମାରି ଦୁଃଶାସନ ଯହୁଁ ଅଇଲା ଲେଉଟି ।
ଆରେ ଦୁଃଶାସନ ବୋଲି ଭୀମ ଯାଏ ଛୁଟି ॥
ମଧ୍ୟଦାଣ୍ଡରେ ସେ ମାଇଲା ଦୁଃଶାସନଙ୍କୁ ।
ନାତ ପ୍ରହାରରେ ସେ ଭାଙ୍ଗିଲା ତାର ବୁକୁ ॥
ଦୁର୍ଯ୍ୟୋଧନ ପଳାଏ ଯେ ଗୋଡ଼ାଏ ମାରୁତି ।
ଏକା ଚିପୁଡ଼ାକରେ ପଡ଼ିଲା କୁରୁପତି ॥
ଦୁର୍ଜ୍ଜୟ ଦୁବାଲ ଆଉ ଦୁରାସର ମୂଳେ ।
କ୍ଷଣକେ ନାତେ ଲେଖାଁଏ ମାରେ କୁରୁହଳେ ॥
ଶଲ୍ୟ ପଳାନ୍ତି ଭୀମର ଆସିବାର ଜାଣି ।
ଅସମ୍ଭାଳେ ଲୋଡ଼ନ୍ତି ସେ ଗୁପ୍ତସ୍ଥାନ ପୁଣି ॥
ଚଗ୍ରଏକ ମାରଣ ହାବୋଡ଼ିଲା ପଛକୁ ।
ପାଦ ପ୍ରହାର ମାଡ଼ି ବସିଲା ଶଲ୍ୟ ବୁକୁ ॥
ବାମ ପାଦ ପଡ଼ିଲା ଶଲ୍ୟଙ୍କ ମଧ୍ୟଖଣ୍ଡେ ।
ଡାହାଣ ପାଦ ପଡ଼ିଲା ପୁଣି ତାଙ୍କ ମୁଣ୍ଡେ ॥
ଘନ ଘନ ହୋଇଣ ଯେ ବହଇ ଶୋଣିତ ।
ପଡ଼ିଲେ ଶଲ୍ୟ ବୀର ଯେ ମୃତ୍ୟୁ ଶବବତ ॥

ସବୁ କୁରୁ ପଡ଼ିଲେ ଯେ ଅଷାଷ୍ଟମ ହୋଇ ।
ଶଲ୍ୟ କୃପ ଅଶ୍ୱତ୍ଥାମା କାର ଚେତା ନାହିଁ ।
କହନ୍ତି ମନୁରାଜାଙ୍କୁ ମୁନି ଯେ ଅଗସ୍ତି ।
ଅଜଠାରୁ କୁରୁ ପାଣ୍ଡବଙ୍କର ଅପ୍ରୀତି ।

( 6 )

ସ୍ୱୟମ୍ବରର ସଭା (Adi-Parva).

ବ୍ରାହ୍ମଣ ରୂପ ତହୁଁ ଧଇଲେ ପାଞ୍ଚବୀରେ ।
ଏକଚ୍ଛ କରି ବସନ ପିନ୍ଧିଲେ କଟିରେ ।
ନବଗୁଣ ପଇତା ଯେ କନ୍ଧରେ ଉତ୍ତରୀ ।
ଅଧ୍ୟୟନ ମନ୍ତ୍ର ପୋଥି ହାତେ ଛତ୍ର ଧରି ।
ଦ୍ୱାଦଶ ବର୍ଣ୍ଣିରେ ଚିତା ଶ୍ରୀବତ୍ସ ଲକ୍ଷଣ ।
କାଖରେ ବେଦକାଣ୍ଡି ଯେ ସ୍ୱରୂପେ ବ୍ରାହ୍ମଣେ ।
କାନ୍ଧରେ ଛତା ପ୍ରୋକ୍ଷଣି କରେ ଶ୍ରୁବଶ୍ରୁଚ ।
ଧୀରେ ଧୀରେ ଚାଲନ୍ତି ବୀରବର ସେ ପଞ୍ଚ ।
ମାଜଲା ରତନ ଜାଣି ଦିଶେ କୁଶ ବଡ଼ି ।
ଶିଳା ଶାଳଗ୍ରାମ ଦେବତା ବିଜୟ ପେଡ଼ି ।
ଗଡ଼ୁ ତମ୍ବାପାତ୍ରି କରେ ଶୋଭେ ଜପାମାଳ ।
କଣ୍ଠେ ଶୋଭିତ ଯେ ତୁଳସୀ ରୁଦ୍ରାକ୍ଷ ମାଳ ।
କ୍ଷତ୍ରିବୃତ୍ତି ଛାଡ଼ିକରି ବ୍ରାହ୍ମଣ ସ୍ୱରୂପେ ।
ସଭାକୁ ପାଣ୍ଡବେ ଚଳିଯାନ୍ତି ଗୁପ୍ତରୂପେ ।
ଯଦ୍ୟପି ଚଳନ୍ତି ବୀରେ ଗୁପ୍ତ କରି କାୟ ।
ସ୍ୱରୂପ ବିକାଶଇ ନିର୍ଧୂମ ଅଗ୍ନି ପ୍ରାୟ ।
ଛାୟାମଣ୍ଡପ ଦକ୍ଷିଣେ ବ୍ରାହ୍ମଣଙ୍କ ସଭା ।
ମହାସମ୍ଭବେ ବିଜେ ଆଦିତ୍ୟ-ଜ୍ୟୋତି ପ୍ରଭା ।
ବ୍ରାହ୍ମଣଙ୍କ ସଭାରେ ବିଜୟ ପାଞ୍ଚ ବୀର ।
ପ୍ରତ୍ୟକ୍ଷେ ବିଜୟେ କି ବ୍ରହ୍ମା ଇନ୍ଦ୍ର କୁବେର ।
ଅନେକ ଉତ୍ସବ ହୁଏ ଦ୍ରୁପଦ-ଭୁବନେ ।
ରାଜା ସର୍ବେ ପ୍ରବେଶିଲେ ପଞ୍ଚଦଶ ଦିନେ ।
ନିଜ ହସ୍ତେ ଅର୍ଘ୍ୟ ଦେଇଣ ଧୃଷ୍ଟଦ୍ୟୁମନ ।
ସମସ୍ତ ନୃପତିଙ୍କ କରଇ ସମ୍ବୋଧନ ।
ଶିରେ ମଣିମୁକୁଟ ହୃଦରେ ରତ୍ନମାଳ ।
କର୍ଣ୍ଣେ କୁଣ୍ଡଳ ଲୋଳଇ ଗଜମୁକ୍ତା ଫଳ ।

ଭୁଜେ କଟକୀ ବାହୁଟି ଚରଣେ ନୂପୁର :
ହାର କଙ୍କଣ ଯେ ମଣିମୟ ଦିବ୍ୟସାର ॥
ଶରୀରେ ମୃଗନାଭି ଚତୁଃସମ ଲେପନ ।
ଶିରେ ଆଭରଣ ଯେ ସୁସଜ୍ଞ ପୁଷ୍ପମାନ ॥
ଏକ ରାଜାକେ ବରଣ ଦେଲା ଏହି ବିଧି ।
ଲକ୍ଷେ ରାଜାଙ୍କୁ ଦ୍ରୁପଦ ଏରୂପେ ସମ୍ବୋଧି ॥
ସମସ୍ତ ରାଜାଙ୍କୁ ବରଣ କରେ କୁମର ।
ଅର୍ଘ୍ୟ ଘେନି ଦ୍ରୁପଦ ଯେ ମିଳିଲେ ସଭାର ॥
ଅର୍ଘ୍ୟ ଘେନି ଥୋଇଲା ସଭାର ମଧ୍ୟସ୍ଥାନେ ।
ଶତସହସ୍ର ଦଣ୍ଡ ପ୍ରଣାମ କରେ ବିଧାନେ ॥
ଜରାସନ୍ଧ ବୋଇଲା ଶୁଣ ଆହେ। ଦ୍ରୁପଦ ।
କେବଣ ତୋହର କହ ସେ ସବୁ ସଂବାଦ ॥
ଦ୍ରୁପଦ ବୋଲେ ଦେବ ସାବଧାନେ ଶୁଣିମା ।
ଅଗ୍ନିରୁ ଜାତ ମୋହର ଦ୍ରୌପଦୀ ସୁଧର୍ମା ॥
କୋଟିଏ ଋଷି ଘେନି ମହାତ୍ମା ବେଦବ୍ୟାସ ।
ଯାଗ କରୁଁ ମହା ଅନଳରୁ ସେ ପ୍ରକାଶ ॥
ମୋହ ମନକାମନା କଲି ତାହାର ପାଇଁ ।
ଦୈବବଶେ ବର ନ ପାଇଲି ମଧ୍ୟ ଭୂଇଁ ॥
କନ୍ୟାର ସମାନ ବର ନ ପାଇଲି ଯହୁଁ ।
ସ୍ୱୟମ୍ବର ଭିଆଣ ଯେ କଲଇଁକି ତହୁଁ ॥
ମୋର ପୂର୍ବ ଭାଗ୍ୟେ ଦୁହିତା ଉପୁଜାଇଲି ।
ଲକ୍ଷେ ନୃପତିଙ୍କି କେତେ ପୁଣ୍ୟରେ ପାଇଲି ॥
ବର ଅଟ ତୁମ୍ଭେମାନେ ସମସ୍ତ ନୃପତି ।
କାକୁ ଆସ୍ତି କରିବ କାକୁ କରିବ ନାସ୍ତି ॥
ମହାଲଖ ପାତିଲି ଏ ମୋ ବ୍ରତ ନିମନ୍ତେ ।
ଇଚ୍ଛାବରେ ଦୁହିତାକୁ ନୁହଇ ଯୁକତେ ॥
ଏ ମୋହର ଲଖକୁ ଯେ ବିନ୍ଧିବ ଗୋସାଇଁ ।
ଲଖର ଚରିତ ଶୁଣ ସାବଧାନ ହୋଇ ॥
ରାଧାଚକ୍ର ବୁଲଇ ଯେ ସହସ୍ରେକ ଧାର ।
କନକ ମତ୍ସ୍ୟ ଅଛଇ ତହିଁର ଉପର ॥
କୁରାଳ ଚକ୍ର ପ୍ରାୟ ବୁଲଇ ଅନୁବ୍ରତେ ।
ତଳେ ଧନୁଏ ଅଛି ଲକ୍ଷେ ବଳ ଯୁକତେ ॥
ରାଧାଚକ୍ର ବୁଲୁଅଛି ଶତେ ତାଳ ଉଚ୍ଚେ ।
ତାଳେ ଉଚ୍ଚରେ ପଟାଏ ଅଛି ଯେ ସୁସଞ୍ଚେ ॥

ଲକ୍ଷେବଲ ଧନୁଧର ସେ ପଟାରେ ଉଠି ।
ତହିଁ ତଳେ ଅଛି ତୀର୍ଥଜଳ ଘଟ ଗୋଟି ॥
ତହିଁ ଦୃଷ୍ଟି ଦେଇ ଉପରକୁ କରି ମୁଷ୍ଟି ।
ଚକ୍ରଭେଦ ମାତ୍ର ବାମ ଚକ୍ଷୁ ଯିବ ଫୁଟି ॥
ଏହେନେକ ସ୍ୱରୂପେ ଯେହୁ ଲାଖ ବନ୍ଧିବ ।
ଏ ମୋର ଦୁହିତା ଦ୍ରୌପଦୀର ବଭା ହେବ ॥
କେଶିନୀ ନାମରେ ଯେ ଏକଇ ମୃଦୁସୁଲ୍ଲୀ ।
କନ୍ୟାକୁ ସ୍ନାନ କରାନ୍ତି ପରିବାରୀ ମିଳି ॥
ତଇଲ ଅଏଁଲା ଚନ୍ଦନ ଶିରରେ ବୋଳି ।
ସୁବାସିତ ଜଳ ଢାଳି କାବେରୀ ପଖାଳି ॥
ଘୋଟିକର କୁଙ୍କୁମ ଯେ ଲେପନ୍ତି ଶରୀରେ ।
ମୃଗନାଭି କସ୍ତୁରୀ ଲେପିଲେ ତଥି ପରେ ॥
ଅଲଟ ଚାମର ଧରି ସୁଖାବନ୍ତି କେଶ ।
ଅଙ୍ଗେ ପରିଧାପନ କରାନ୍ତି ଝିନବାସ ॥
ଜାଇ ଯୂଈ ମଲ୍ଲି ଆଉ ମାଲତୀ ସେବତୀ ।
ସୁବେଶ କରି କାବେରୀ ସଜାଇଲେ ଝାଟି ॥
ସୁସଞ୍ଚ ପରିମଳ ଗନ୍ଧ କରେ ସୁବାସ ।
ଲୁବ୍ଧ ମଧୁପ କୁରୁଳୁଛନ୍ତି ଚଉପାଶ ॥
ତହିଁର ପରେ ଖଞ୍ଜିଲେ ମୁକୁତାର ଜାଲି ।
ଲଲାଟ ପଟିରେ ଗୋରଚନା ଚିତା ବୋଳି ॥
କର୍ଣ୍ଣରେ ତଡ଼କା ଆଉ ନାସାରେ ବଣଣି ।
ହୃଦୟରେ ରତ୍ନହାର ଝଲକନ୍ତି ପୁଣି ॥
ଭୁଜରେ ଶୋଭିତ ଯେ କଙ୍କଣ ସୁନା ଚୁଡ଼ି ।
ଅଙ୍ଗୁଳିରେ ଅଷ୍ଟରତ୍ନ ଜଡ଼ା ମୁଦି ଜଡ଼ି ॥
ପାଦରେ ନୂପୁର ଯେ କିଙ୍କିଣି ତହିଁ ହାର ।
ନ ସହଇ ସୁନ୍ଦରୀ ବହୁତ ରତ୍ନ-ଭାର ॥
ମିଳିଣ ସଖିକଲାପ କରନ୍ତି ତିଳକ ।
ବେଶ ଭୂଷଣଙ୍କୁ ଦେବୀ ବୁଝିଲେ ବିମୁଖ ॥
ଉପରେ ପରିଧାପକ ଦାସୀ ନେତ ଗୋଟି ।
ଅନଳ ତେଜ ଜାଣି ବିକାଶଇ ତନୁଟି ॥

( 7 )

## ଯୁଧିଷ୍ଠିରଙ୍କ ପ୍ରତି ଭୀଷ୍ମଙ୍କର ଉପଦେଶ (Santi-Parva).

ବୈବସ୍ୱତ ମନୁ ଆଗେ ବଦନ୍ତି ଅଗସ୍ତି ।
କୃଷ୍ଣ ସଙ୍ଗେ ଗଲେ ଯେ ପାଣ୍ଡବ ପାଞ୍ଚମୂର୍ତ୍ତି ॥
ଏଥୁ ଅନନ୍ତରେ ଯେ ବୋଇଲେ ଜନାର୍ଦ୍ଦନ ।
ଅଭିଷେକ ବିଧିମାନ କର ଆୟୋଜନ ॥
ଶୁଣି ଯୁଧିଷ୍ଠିର ବୋଇଲେ ହେ ଦେବ ହରି ।
ଭୀଷ୍ମଙ୍କ କହିଲେ ସିନା ରାଜା ହୋଇ ପାରି ॥
ତହୁଁ ଭୀଷ୍ମଙ୍କ ପାଖକୁ କଲେ ଯେ ଗମନ ।
ସୈନ୍ୟ ସଖା ନାହିଁ କେହି ସେହି ଷଡ଼ଜଣ ॥
ଯହିଁ ଭୀଷ୍ମ ଦେବ କରିଥିଲେ ଶରଶଯ୍ୟା ।
ସେଠାରେ ପ୍ରବେଶ ଯାଇଁ ହେଲେ ଧର୍ମରାଜା ॥
ଭୀଷ୍ମ ଆଗରୁ ଆଚରି ଥିଲେ ମୌନବ୍ରତ ।
ଯୁଧିଷ୍ଠିଙ୍କି ଦେଖି ପୁଣି ଫିଟାଇଲେ ନେତ୍ର ॥
ଭୀଷ୍ମଦେବ କହିଲେ ଯେ ଯୁଧିଷ୍ଠିଙ୍କି ଚାହିଁ ।
ସୁଖେ ନିଷ୍କଣ୍ଟକ ରାଜ୍ୟ କର ବାବୁ ଯାଇଁ ॥
କପାଇଁ ହୋ ଧର୍ମରାଜା ଅଇଲୁ ମୋ ପାଶ ।
ବଦନ୍ତି ଯୁଧିଷ୍ଠି ଶୁଣ କୁରୁକୁଳ-ଈଶ ॥
ଆମ୍ଭହିତେ ଦେବ ତୁମ୍ଭେ ତେଜିଲ ଜୀବନ ।
ତ୍ରିଭୁବନେ କଏ ଅଛି ତୁମ୍ଭଙ୍କୁ ସମାନ ॥
ଯୁଗଥିଲେ ତୁମ୍ଭଙ୍କୁ ଜିଣନ୍ତା ଅବା କଏ ।
ଆମ୍ଭଙ୍କୁ ତୁମ୍ଭର ସଦା ଚିତ୍ତେ ଦୟା ଥାଏ ॥
ପ୍ରଥମ ଯୁଦ୍ଧେ ଯେ ଆଜ୍ଞା ଦେଇଥିଲ ଦେବ ।
ଶତ୍ରୁ ମାରି ପଞ୍ଚକଟକରେ ରାଜା ହେବ ॥
ମହତ ବଚନ କେଭେ ନୁହଇ ଅନ୍ୟଥା ।
ହସିଲେ ଯେ ଭୀଷ୍ମ ଶୁଣି ଯୁଧିଷ୍ଠିଙ୍କ କଥା ॥
ପ୍ରହସିତ ହୋଇ ଭୀଷ୍ମ ଦଅନ୍ତି ଉତ୍ତର ।
ଏବେ ନିଷ୍କଣ୍ଟକ ହେଲା ସୁଖେ ରାଜ୍ୟ କର ॥
ନାନା ଉପଭୋଗ କର ସୁଖେ ରାଜା ହୋଇ ।
ଶ୍ରୀକୃଷ୍ଣ ପ୍ରସନ୍ନେ ତୋତେ କିଛି ଭୟ ନାହିଁ ॥
ନିପାତ ହୋଇଲେ ଏବେ ଧୃତରାଷ୍ଟ୍ରପୁତ୍ରେ ।
ଏହା ହେବ ବୋଲି ସନ୍ଦେହ ଥିଲା ମୋ ଚିତ୍ତେ ॥

ଧର୍ମ ପ୍ରତିପାଳି ସୁଖେ ରାଜ୍ୟ କର ଯାଇଁ ।
ଅଧର୍ମ କଲେଟି ସହି ନ ପାରଇ ମହୀ ॥
ଏପରି ପ୍ରଜା ପାଳିବୁ ନୋହିବ କେ ଦୁଃଖୀ ।
ପ୍ରଜା ରକ୍ଷା କଲେ ସିନା ରାଜା ଅଟେ ସୁଖୀ ॥
ରାଜ୍ୟ ପ୍ରତିପାଳନେ ସେ ଇନ୍ଦ୍ର କରେ ବୃଷ୍ଟି ।
ରାଜାର ପାଳନେ ସିନା ରକ୍ଷା ହୁଏ ସୃଷ୍ଟି ॥
ପ୍ରଜାଙ୍କୁ ପାଳିବା ଅଟେ ରାଜାର ଯେ ବିଧି ।
ପ୍ରଜା-ସୁଖେ ଥିଲେ ସେ ରାଜାର ସର୍ବ ସିଦ୍ଧି ॥
ଦୋଷାଦୋଷ ବିଚାରି କରିଣ ଦଣ୍ଡ ଦେବୁ ।
ଦେଖି ତାହା ସୁଖୀହେବେ ପ୍ରଜାମାନେ ସବୁ ॥
ବିଚାରି କରି ଦେଖିବୁ ବଧ୍ୟ କି ଅବଧ୍ୟ ।
ଯେ କରେ ସଦା ଅବଧ୍ୟ ପକାଇବୁ ଛେଦ ॥
ଦୋଷୀଙ୍କି ଦଣ୍ଡିଲେ ତୋତେ ନ ଲାଗିବ ଦୋଷ ।
ତେବେ ଲକ୍ଷ୍ମୀ ନିଶ୍ଚଳେ ରହିବେ ତୋର ଦେଶ ॥
କୋଡିଏ ହାତରେ ଯେ କରିବୁ ଏକ କାଠି ।
ପଚାଶ ଗୁଣ୍ଠରେ ମାଣେ ବିଂଶମାଣେ ବାଟି ॥
ବାଟିକର ତିନିଏ ଯେ ଯେନିଥିଲେ ସଞ୍ଜା ॥
ଆମ୍ଭ ଆଗ୍ଭୁ ଯେନି ବଞ୍ଚି ବୋଲିବେ ଯେ ପ୍ରଜା ॥
ପ୍ରଜାମୁଖେ ଶୁଭେ ଯାର ଜୟ ଜୟ ଧ୍ୱନି ।
ଯମ ତାକୁ ଦଣ୍ଡି ନ ପାରଇ ପାଶ ଯେନି ॥
ରାଜ୍ୟ କଳି-ନିବାରଣେ ଭାଇଙ୍କି ପେଷିବୁ ।
ରାଜ୍ୟର ଖବର ଛିନିବାର ବୁଝିଥିବୁ ॥
ଉତ୍ତମଲୋକ ଦେଖିଣ ମନ୍ତ୍ରୀ ଯେ କରିବୁ ।
କିନ୍ତୁ ତାର ହାତେ ଦଣ୍ଡବିଧି ଯେ ନ ଦେବୁ ॥
କୃଷିକାରି କି ଯେ ଧନ ଦ୍ୱାରା ନ ଦଣ୍ଡିବୁ ।
ନିର୍ଦ୍ଦୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ॥
ଶ୍ରେଷ୍ଠ ଘୋଡା ଦେବୁ ବୃଦ୍ଧ ରାଉତର ହାତେ ।
ପଞ୍ଚିଶ ବର୍ଷ ପଦାତି କରିଥିବୁ ନିତ୍ୟେ ॥
ସତର ବରଷର ହୋଇଥିବ ଯେ ଗଜ ।
ବଳିଷ୍ଠ ମାହୁନ୍ତ ତାକୁ କରୁଥିବ ସଜ ॥
ଅଶ୍ୱ ଗଜ ପଦାତି ନିରତେ ସାଜି ଥିବୁ ।
ବେଳା ଅନୁସାରେ ଅବକାଶ ଯେ କରିବୁ ॥
ବ୍ରାହ୍ମଣ-ମୁଖରୁ ଯେ ପୁରାଣ ଶୁଣୁଥିବୁ ।
ନାରୀମାନଙ୍କୁ କଦାଚ ବିଶ୍ୱାସ ନ ଯିବୁ ॥

ଅସୁର-ଭୋଗ-ତୀର୍ଥରେ ସ୍ନାନ ନ କରିବୁ ।
ଧନ ସଞ୍ଚିବାକୁ ସଦା ଲୋଭୀ ଯେ ନୋହିବୁ ॥
ବେଳକାଳ ଜାଣି ଧନ ପ୍ରଜାଙ୍କୁ ଯେ ଦେବୁ ।
ଅଜ୍ଞାତ ବଚନେ ନ କରି ବିଶ୍ୱାସ ନ ଯିବୁ ॥
ପାରିଧିକ ବରାବର ନ ଖେଳିବୁ ରାଜା ।
ଦେବ ବ୍ରାହ୍ମଣଙ୍କୁ ନିତି କରୁଥିବୁ ପୂଜା ॥
ଧର୍ମିକଙ୍କୁ କରାଇବୁ ବ୍ରତ ଏକାଦଶୀ ।
ବିଦେଶୀ ଦୂତଙ୍କୁ ନଗ୍ରେ ନ ଦେବୁ ଯେ ପଶି ॥
ପରଦାରା ପରଧନେ ଲୋଭୀ ଯେ ନୋହିବୁ ।
ବିବାହିତା ନାରୀ-ସଙ୍ଗ କେବଳ କରିବୁ ॥
ଯଥା ଯଜ୍ଞ କରି ଦେଉଥିବୁ ଯେ ଆହୁତି ।
ଦଣ୍ଡ ବହିବୁ ଯେ ଉପଗତ ଶତ୍ରୁ ପ୍ରତି ॥
ଦୁଷ୍ଟ ଦାନବ ଦେଖିଲେ କରିବୁ ବିନାଶ ।
ତହିଁରେ ରାଜାକୁ ଲେଶ ମାତ୍ର ନାହିଁ ଦୋଷ ॥
ପରଦାରା ଧନ ନ କରିବୁଟି ହରଣ ।
ରଖିବୁ ଯେ ବିକଳରେ ପଶିବ ଶରଣ ।
ବିଶ୍ୱାସୀ ମନ୍ତ୍ରୀକି ରାଜ୍ୟଭାର ସମର୍ପିବୁ ॥
ସମୁଦାୟ ଅଧିକାର କେବେହେଁ ନ ଦେବୁ ।
କଷ୍ଟ ଯେପରି ନ ପାନ୍ତି ଗୋରୁ ଯେ ବ୍ରାହ୍ମଣ ॥
ଏ କଥାକୁ ସଦା ରହିଥିବୁ ସାବଧାନେ ।
ତୀର୍ଥ-ଅନ୍ନଛତ୍ର ଦେଉଥିବୁ ହେ ନୃପତି ॥
ସ୍ଥାନ ଅନୁରୂପେ ରଖିଥିବୁ ସେନାପତି ।
ଗଜ ଅଶ୍ୱ ନିମନ୍ତେ ଯେ ଦେଉଥିବୁ ଧନ ॥
ଗୋଚର କରି ବହୁତ ଛାଡ଼ିଦେବୁ ସ୍ଥାନ ।
ଗୁଣ ଜାଣି ଲୋକଙ୍କୁ ଯେ କରୁଥିବୁ ପୂଜା ॥
କବିଙ୍କଠାରେ କୃପଣ ନୋହିବୁ ହେ ରାଜା ।
ଏ ବିଧିରେ କହି ଭୀଷ୍ମ ରାଜବିଧିମାନ ॥
ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁଲେ ବହନ ॥

( ୪ )

ମହାଯାତ୍ରା (Swargārohaṇa-Parva).

ଯୁଧିଷ୍ଠିର ବୋଲନ୍ତି ଶୁଣ ବୃକୋଦର ।
ନଦୀ ପାରି ହୋଇ ଯିବା କେମନ୍ତ ପ୍ରକାର ॥
ସ୍ୱାମୀଙ୍କ ଆଜ୍ଞାରେ ବୃକୋଦର ହେଲା ପାରି ।
ସେ ସମୟେ କେ ଡ଼ାକିଲା ରେ ରେ କାର କରି ॥

ତାହା ଶୁଣି ଯୁଧିଷ୍ଠିର କାତର ହୋଇଲେ ।
ବୃକୋଦର ଡ଼ାକ ଅର୍ଜ୍ଜୁନକୁ ଆଜ୍ଞା ଦେଲେ ॥
ଅର୍ଜ୍ଜୁନ ଡାକଲେ ଦେବ ଆସ ହେ ବାହୁଡ ।
ନ ଆସିଣ ଭୀମସେନ ଦେଲା ଏକ ରଡ ॥
ପୁଣି କେ ଡାକଲା ଉଚ୍ଚେ ଆରେ ରେ ପାଣ୍ଡବେ ।
ଯୁଧିଷ୍ଠିର ଅର୍ଜ୍ଜୁନ ନକୁଳ ସହଦେବେ ॥
ନୟନ ବୁଲାଇ କହେ ତୁମ୍ଭେମାନେ କେ ରେ ।
ଜାଣିବା ତୁମ୍ଭର ବଳ ଏଣିକି ଆସ ରେ ॥
ତହୁଁ ସହଦେବ ପୁଚ୍ଛା କଲେ ଯୁଧିଷ୍ଠିର ।
କେବଣ ବୃତ୍ତାନ୍ତ ଏହା କହ ହେ ସତ୍ୱର ॥
ତାହା ଶୁଣି ସହଦେବେ ଦିଅଇ ଉତ୍ତର ।
ଆହେ ପ୍ରଭୁ ଯୁଧିଷ୍ଠିର ଶୁଣ ମୋ ଉତ୍ତର ॥
ସତ୍ୟଯୁଗେ ମାନଧାତା ଯଜ୍ଞ ଏଥି କଲେ ।
ମହୀମଣ୍ଡଳର ରାଜା ସବୁ ନିମନ୍ତ୍ରିଲେ ॥
ଏହି ସ୍ଥାନେ ଋଷିଗଣେ ରାଜା ଡକାଇଲେ ।
ଅମୋକ୍ଷ ଏ ଭୂମି ଜାଣି କେହି ନ ପଶିଲେ ॥
ମାନ୍ୟ ଗଉରବ ନାହିଁ ସବୁ ଏକାକାର ।
ଦ୍ୱିଜ ଚଣ୍ଡାଳ ଯେ ଏକ ନୁହଇ ଅନ୍ତର ॥
ଭୋଜନ କରଲେ ଦେବ ନୁହଇ ଅଇଁଠା ।
ମଦ୍ୟ ମାଂସ ଏକଏରେ କରନ୍ତି ଯେ ଲଠା ॥
ଅନୁକ୍ଷଣେ ଏଠାବାସୀ ରମଣ କରନ୍ତି ।
କେଉଁ ଥିରେ ସେମାନଙ୍କ ନ ଥାଇ ଯେ ଭ୍ରାନ୍ତି ॥
ସେହି ହେତୁ ଏ ସ୍ଥାନରେ ଯାଗ ଯେ ନ ହେଲା ।
ଅମୋକ୍ଷ ହୋଇଣ ଏହି ସ୍ଥାନ ଯେ ରହିଲା ॥
ତାହା ଶୁଣି ଯୁଧିଷ୍ଠିର ବୋଲନ୍ତି ଏ ବାଣୀ ।
ସେହି ସ୍ଥାନେ କେଉଁ ପରି ଯିବା ଅମ୍ଭେ ପୁଣି ॥
ସେହି ସ୍ଥାନେ ଗଲେ ନିଶ୍ଚେ ହେବ ମହା ଦୋଷ ।
ଏହା କହି ଡାକଲେ ସେ ଭୀମ ଫେରି ଆସ ॥
ନିସ ଫୁଲାଇଣ ଭୀମ ବୁଲାଏ ଲଉଡ ।
ଆସ ତୁମ୍ଭେ ତାହାକୁ ମୁଁ ମାରିବ କଚଡ ॥
ତହୁଁ ହସି ଯୁଧିଷ୍ଠିର କହନ୍ତି ବଚନ ।
ଲେଉଟି ଆସିବ କେଉଁ ପରି ଭୀମସେନ ॥
ସହଦେବ ଅର୍ଜ୍ଜୁନ ହେ ଯାଅ ଏହିକ୍ଷଣି ।
ଗାଢେ ଧରି ଭୀମକୁ ଯେ ଘେନିଆସ ପୁଣି ॥

ତହୁଁ ସହଦେବ ପାର୍ଥ ଗଲେ ଭାଇ ବେନ ।
କୋଲକର ଭୀମଙ୍କୁ ସେ ଅଇଲେକ ଘେନ ॥
ଭୀମସେନ ବୋଲେ ଦେବ ଏ ସ୍ଥାନେ ନ ରହି ।
ଏହା ପାର ହେଲେ ପିତା ପୁତ୍ର ଦେଖା ନାହିଁ ॥
ଦେବ ! କଥା ଜାଣି ନ ଶୁଣନ୍ତି ଶାସ୍ତ୍ରବାଟ ।
ରନ୍ଧାଶାଳେ ଭୁଞ୍ଜିଲେ ନ କଅନ୍ତି ଉଚ୍ଛିଷ୍ଟ ॥
ଗୋ ବ୍ରାହ୍ମଣ ମାରନ୍ତି ସେ ନ ଜାଣନ୍ତି ହତ୍ୟା ।
ନ ଜାଣନ୍ତି ତହିଁ ଦେବ ହରି-ହର-କଥା ॥
ଏହି ନଦୀ ପାର ହୋଇ ନ ଗମନ୍ତି ଜନ୍ତୁ ।
ଶ୍ରବଣରେ ହସ୍ତ ଦେଇ ଏଥୁ ବାହୁଡନ୍ତୁ ॥
ତହୁଁ ସବେ ଫେରି ଆସି ଏକାମ୍ରର ବନେ ।
ଭୃତବାସ ଦକ୍ଷିଣେ ରହିଲେ ଏକଦିନେ ॥
ଭୀମସେନ ଅନ୍ନପୁତା କଲା ଯେ ରନ୍ଧନ ।
ବିନ୍ଦୁହ୍ରଦେ ସ୍ନାନ ସାରି କଲେ ତା ଭୋଜନ ॥
ଚନ୍ଦ୍ରୋତ୍ପଳା ପାର ହୋଇ ପାଞ୍ଚଭାଇ ଗଲେ ।
ପଶ୍ଚିମ ଦିଗକୁ ତହୁଁ ଯାତ୍ରା ଆରମ୍ଭିଲେ ॥
ବୈତରଣୀ ନଦୀତୀରେ ରହି ପାଞ୍ଚଗୋଟି ।
ଚଳନ୍ତି ପାଣ୍ଡବେ ତହୁଁ ପଶ୍ଚିମ ମୂରତି ॥
ତହୁଁ ଯାଇଁ ପ୍ରୟାଗରେ ରହି ପାଞ୍ଚଦିନ ।
ସାରିଲେ ଶ୍ରାଦ୍ଧଆଦି ଯେ ପିତୃକାର୍ଯ୍ୟ ମାନ ॥
ଯଥାବିଧି ସେହିଠାରେ ବାଳପିଣ୍ଡ ଦେଲେ ।
ଶ୍ରୀଗଦାଧର ପ୍ରତ୍ୟକ୍ଷେ ପିତୃକାର୍ଯ୍ୟକଲେ ॥
ଗୟାଶ୍ରାଦ୍ଧ ସେହିଠାରେ ସମସ୍ତଙ୍କ କଲେ ।
ପାପ ନାଶ ପିତୃଲୋକେ ସ୍ୱର୍ଗେ ବସାଇଲେ ॥
ତାହାପରେ ପାଞ୍ଚଜଣ ସେହିଠାରୁ ଆସି ।
ପ୍ରବେଶ ହୋଇଲେ ଯାଇ କ୍ଷେତ୍ର ବାରାଣସୀ ॥
ମକରର କୃଷ୍ଣପକ୍ଷ ପ୍ରତିପଦା ଦିନ ।
ପୁଷ୍ୟାନକ୍ଷତ୍ର ଯେ ଗୁରୁବାର ବିଦ୍ୟମାନ ॥
ବାଳବ ନାମେ କରଣ ବ୍ୟତିପାତ ଯୋଗ ।
ମକରର ସଂକ୍ରମଣ ସେ ଦିନର ଭୋଗ ॥
ପାଣ୍ଡବେ ବିଜୟ କଲେ ଯାଇଁ କାଶୀପୁରେ ।
ଏକମାତ୍ର ଦ୍ରୋପଦୀ ଅଛନ୍ତି ସଙ୍ଗତରେ ॥
ମଣିକର୍ଣ୍ଣିକାରେ ତହୁଁ ସ୍ନାହାନ କରିଲେ ।
କାଶୀ ବିଶ୍ୱନାଥେ ଯାଇଁ ଦରଶନ କଲେ ॥

# କପଟପାଶା

## By BHĪMĀ DHĪVAR

### ପ୍ରଥମ ଛନ୍ଦ

ରାଗ—କଳିଙ୍ଗଗୌଡ଼ା

ଜୟ ଜୟ ବିଘ୍ନରାଜ ଗଉରୀ-ନନ୍ଦନ ।
ସ୍ଥୁଳ ଉଦର ନାଥ ଇନ୍ଦୁର-ବାହନ ହେ ।
ଗଜମୁଖ ଏକଦନ୍ତ କପୋଳେ ସିନ୍ଦୂର ।
ଯୋଗେଶ୍ୱର ପୁରୁଷ ତୁ କେ କରୁ ଗୋଚର ହେ ।
ଯଜ୍ଞବିଘ୍ନ ଆରମ୍ଭେ ପ୍ରଥମେ ତୋର ପୂଜା ।
ଗଙ୍ଗାଧର ତାତ ତୋର ଜନନୀ ଗିରିଜା ହେ ।
କର ଅନୁଗ୍ରହ ମୋତେ ଅମ୍ବିକା-ନନ୍ଦନ ।
କହିବାକୁ ଇଚ୍ଛା ମୋର ଭାରତ-ବିଧାନ ଯେ ।
କୁରୁପତି ଯୁଧିଷ୍ଠିର ପଶାଖେଳ-ରସ ।
କହିବାକୁ ଇଚ୍ଛା, ଛନ୍ଦପ୍ରତିବନ୍ଧ ଭାଷ ଯେ ।
ବନ୍ଦଇଁ ଗୋ ଶାରଦା ଝଙ୍କଡପୁର-ବାସୀ ।
ତୋର ଆଜ୍ଞା ହେଲେ ମୂର୍ଖ ପଣ୍ଡିତରେ ମିଶି ଗୋ ।
ତୋ ଚରଣେ ରହୁ ମା ଗୋ ସର୍ବଦା ଭକତି ।
ଭୀମା ଧୀବରକୁ ଦିଅ ଏହି ସଦଗତି ଗୋ ।

### ଦ୍ୱିତୀୟ ଛନ୍ଦ

ରାଗ—ବଙ୍ଗଳାଶ୍ରୀ

ଏଥୁ ଅନନ୍ତରେ ବଲଙ୍କ ଦେଶରେ ବୈବସ୍ୱତମନୁ ରାଜା ।
ଅଗସ୍ତି-ଚରଣ ଧରି ନୃପରାଣ କଲେ ଧୂପ ଦୀପ ପୂଜା ।
ଉତ୍ତମ ପଦାର୍ଥ ଦେଇ ନୃପତି-ଚରଣେ ହୋଇ ବିନୟୀ ।
କରପଦ୍ମ ଯୋଡ଼ି ମୁନିପାଦେ ପଡ଼ି ମଧୁର ବାଣୀ ଭାଷଇ ।
ତୁମ୍ଭେ ବ୍ରହ୍ମବେତ୍ତା କର୍ତ୍ତା ମୋକ୍ଷଦାତା ସକଳ ଶାସ୍ତ୍ରର ଜ୍ଞାତା ।
ଭାରତ-ଚରିତ୍ର ପରମପବିତ୍ର କହ ଫିଟୁ ମନୋବ୍ୟଥା ।
ଯୁଧିଷ୍ଠିର ଦେବ ଦୁର୍ଯ୍ୟୋଧନ ସଙ୍ଗେ କପଟ ପାଶାରେ ହାରି ।
ତଦନ୍ତେ କି କଲା ଗାନ୍ଧାରୀର ବଳା କହ ମୋତେ ବ୍ରହ୍ମଚାରୀ ।
ଅଗସ୍ତି ବୋଲନ୍ତି ଶୁଣ ମହୀପତି କହିବା ତହୁଁ ଚରିତ ।
ରାଜ୍ୟ ଦଣ୍ଡସିଂହାସନ ସହିତରେ ହାରିଲେ ଧର୍ମଙ୍କ ସୁତ ।

ଭୀମ ଅରଜୁନ ନକୁଳ ସହିତେ ସହଦେବ ମନ୍ତ୍ରୀବର ।
ଦ୍ରୁପଦ-କୁମାରୀ ସହିତରେ ହାର ଅମୂଲ୍ୟ ରତ୍ନଭଣ୍ଡାର ॥
ଅତି ଲଜ୍ଜାଭରେ ନୃପତି-ସଭାରେ ଚଳେ ଛନ୍ତି ପାଣ୍ଡବଭାଇ ।
ଭୀଷ୍ମ ଦ୍ରୋଣଗୁରୁ କର୍ଣ୍ଣ ସଙ୍ଗେ ମାନଗୋବିନ୍ଦ ବସି ଅଛଇ ॥
ଶୀଘ୍ରକରି ଦୁଃଶାସନ ମୁଖ ଚାହିଁ ଆଜ୍ଞାଦେଲା କୁରୁଗଣ ।
ବାରୁଣାବନ୍ତକୁ ଯାଇଁ ଦ୍ରୌପଦୀର କେଶ ଧରି ବେଗେ ଆଣ ॥
ହୋଇ ଏକନାରୀ ପଞ୍ଚଭର୍ତ୍ତା କରି ବୋଲାଉଛି ମହାସତୀ ।
କେଡ଼େ ଶୋଭାବନ ଦେଖୁ ସର୍ବଜନ ଘେନଆସ ମୋର କତି ॥
ଦୁର୍ଯ୍ୟୋଧନ-ବାଣୀ ଦୁଃଶାସନ ଶୁଣି ଧାଇଁଲା ଅତି ପ୍ରଖରେ ।
ବୋଲେ ଭୀମା ହିନ ପ୍ରବେଶ ହୋଇଲା ବାରୁଣାବନ୍ତ-ନଗରେ ॥

ତୃତୀୟ ଛାନ୍ଦ

ରାଗ—ଗୁର୍ଜ୍ଜରୀ

ଶୁଣ ଆହେ ସୁଜନରେ ବାରୁଣାବନ୍ତ ନଗର
ହସ୍ତିନାକୁ ଦ୍ୱାଦଶ ଯୋଜନ ଅଟଇ ।
ପବନହୁଁ ଖରତର ଧାଇଁଲା ସେ ଦୁଃଶାବୀର ।
ପ୍ରବେଶ ହେଲା ବାରୁଣାବନ୍ତରେ ଯାଇଁ ।
ପାଦଘାତେ ମହୀ ଚମକେ ।
ଆରେ ଆରେ ପାଣ୍ଡବାରେ ବୋଲିଣ ଡାକେ ॥
ଭୟ ପାଇ ନଗରଲୋକେ ପଳାଇଣ ଗଲେ ଥୋକେ
ସିଂହଦ୍ୱାରେ ଦୁଃଶାସନ ପଶିଲା ଠେଲି ।
ଦ୍ୱାରେ ଦ୍ୱାରମାନେ ଥିଲେ କୁନ୍ତୀଙ୍କ ଆଗେ କହିଲେ
ଦୁର୍ଯ୍ୟୋଧନ-ଭ୍ରାତ ଦୁଃଶା ଆସୁଛି ପେଲି ।
ଶୁଣି କୌନ୍ତଭୋଜକୁମାରୀ ।
ଯାଇଁ ସିଂହଦ୍ୱାର ମାଡ ବସିଲେ ନାରୀ ॥
କୁନ୍ତୀ ବୋଇଲେ ରେ ବାବୁ ରହ ରହ କଥା ସବୁ
ପଚାରିବା କପାଁ ଗୃହ ଭିତରେ ପଶୁ ।
ସିଂହର ଭୁବନେ ଆସି ଶୃଗାଳ ପଶଇ ହସି
କହ ଏ ଚରିତ ମନୁ ସଂଶୟ ନାଶୁ ।
ଦୁଃଶା କର ଯୋଡି ଜଣାଏ ।
ମନକୃତ୍ୟ କଲେ ମାଗୋ ତୁମ୍ଭର ପୋଏ ॥
ଯୁଧିଷ୍ଠି ହସ୍ତିନା ଗଲେ ମାନଗୋବିନ୍ଦର ତୁଲେ
ପଶାଖେଳ ରସେ ମାତି ହୋଇଲେ ଭୋଳ ।

ରାଜ୍ୟ ଦଣ୍ଡସିଂହାସନ ନକୁଳ ଭୀମ ଅର୍ଜ୍ଜୁନ
ଦ୍ରୌପଦୀ ସହିତେ ପୀଢ଼ କଲେ ସକଳ ।
ହାରିଲେ ସେ ଧର୍ମଙ୍କସୁତ ।
ଜିଣିଲେ ମାନଗୋବିନ୍ଦ ଶୁଣ ଗୋ ମାତ ॥
ଆଜ୍ଞା ମୋତେ ଛନ୍ତି ଦେଇ ରାଜା ଭାନୁମତୀସାଇଁ
ଦ୍ରୌପଦୀର କେଶ ଧରି ଘେନି ମୁଁ ଯିବି ।
ଆଗୋ ମାତଃ ଛାଡ଼ ଦ୍ୱାର ଯିବଇ ଭିତର ପୁର
ଉତ୍ତର ହୋଇଲେ ପରାଭବ ପାଇବ ।
କୁନ୍ତିଦେବୀ ପୁଚ୍ଛିଲେ ସବୁ ।
କେଉଁ ପୀଢ଼େ ଦ୍ରୌପଦୀଙ୍କ ହାରିଲେ ବାବୁ ॥
ଦୁଃଶାସନ ବୋଲେ ମାତଃ ପ୍ରଥମେ ଧର୍ମଙ୍କ ସୁତ
ହାରିଲେ ସପତଘର ଧନ ଭଣ୍ଡାର ।
ଦ୍ୱିତୀୟରେ ପୀଢ଼ କରି ଦଣ୍ଡସିଂହାସନ ହାରି ।
ତୃତୀୟେ ହାରିଲେ ତୁମ୍ଭ ଭୀମ କୁମର ।
ଚତୁର୍ଥେ ହାରିଲେ ଅର୍ଜ୍ଜୁନ ।
ପଞ୍ଚମେ ହାରିଲେ ମାଗୋ ମାଦ୍ରୀନନ୍ଦନ ॥
ଷଷ୍ଠବେଳେ ପୀଡକରି ହାରିଲେ ଦ୍ରୋପଦୀ ନାରୀ
ସପ୍ତବେଳେ ହାରି ଅଙ୍ଗ ହେଲେ ମଉନ ।
କୁନ୍ତୀ ବୋଇଲେ ଦ୍ରୋପଦୀ ପ୍ରଥମ ବିବାହୀ ସତୀ
ପ୍ରଥମପୀଡେ ହାରିଲେ ନଥନ୍ତ ପୁଣ ।
ଭାଇ ଭାଇ କରିଛ ଗୋଳ ।
ଏ ଛାର କଥାକୁ ଦୁଃଶା କରୁ କଠାଳ ॥
ସୋଦରେ ସୋଦରେ ପୂଣି ହେଉଛନ୍ତି ହଣାହଣି
କହି ଦ୍ରୋପଦୀ କ ଦୋଷ କରିଛି ତହିଁ ।
ଶୁଣି କରି ଦୁଃଶାସନ ବୁଲାଇ ବେନିନୟନ ଆଡ଼
ହୁଅ ବୋଲି କୁନ୍ତି ଦେବୀଙ୍କି କହି ।
ଠେଲି କରେ ଦେଲା ପକାଇ ।
କବାଟ କଣରେ ଦେବୀ ପଡିଲେ ଯାଇଁ ॥
କୁନ୍ତି ଡାକ ଦେଲେ ହରି ଆହେ ଶଙ୍ଖ ଚକ୍ରଧାରୀ
ଦ୍ୱାରକା ଛାଡି କି ନିଜ ଧାମକୁ ଗଲ ।
କେତେ କେତେ ଶଙ୍କଟରୁ ରଖିଛ ମୋହ ପୁତ୍ରଙ୍କୁ
ଏବେ ଯୁଧିଷ୍ଠିରଠାରେ ଦୟା ଛାଡିଲ
ପଞ୍ଚପୁତ୍ର ମଲେ କି ମୋର ।
ଥିଲେ କପାଁ ଦୁଃଶସନ ପଶନ୍ତା ଘର ॥

କୁନ୍ତୀ ଉଚ୍ଛେ କଲେ ହୁରି ଦ୍ରୁପଦ ରାଜକୁମାରୀ
ସୁଭଦ୍ରାଙ୍କୁ ଘେନ ଯାଇଁ ଭିତରେ ପଶ ।
ବଳତ୍କାରେ ଦୁଃଶାସନ ପଶିଲା ଆମ୍ଭ ଭିବନ
ଗୁପତଭାବରେ ରହି ହୁଅ ଅଦୃଶ୍ୟ ।
ତାହା ଶୁଣି ସୁଭଦ୍ରାଦେଈ ।
ଚନ୍ଦ୍ରଶାଳା ପୁରେ ବେଗେ ଲୁଚିଲେ ଯାଇଁ ।
ଦ୍ରୌପଦୀ ଯେ ଭୟ ପାଇ ଆକୁଳେ ଅଙ୍ଗ ଥରଇ
ତରତର ହୋଇ ଉଠି ଗଲେ ପଳାଇ ।
କେଶ ପାସ କଟିବାସ ଫିଟିବହେ ଖରଶ୍ୱାସ
ରୋଷାଇଶାଳ ମଧ୍ୟରେ ଲୁଚିଲେ ଯାଇଁ ।
ବ୍ୟାଧ ଭୟେ ଯେହ୍ନେ ମୃଗୁଣୀ ।
ଚଞ୍ଚଳନୟନ ମୁଖୁ ନ ସ୍ଫୁରେ ବାଣୀ ।
ପୁରେ ପୁରେ ଦୁଃଶାସନ ଖୋଜଇ ସର୍ବଭୁବନ
ନେଵପୁର ବାସପୁର ତାଳମ୍ବପୁର ।
ହୀନପୁର ରତ୍ନପୁର କଉସ୍ତୁଭମଣିପୁର
ଇନ୍ଦ୍ର ଅବକାଶପୁର ଖୋଜଇ ବୀର ।
ଯୁଧିଷ୍ଠିର ଶୁଅନ୍ତି ଯେ ପୁରେ ।
ଇନ୍ଦ୍ରପୁର ସମନୋହେ ତାଙ୍କୁ ଲକ୍ଷରେ ।
ଚରିକ୍ରୋଶ ଦୀର୍ଘ ପ୍ରସ୍ଥ ଅଟଇ ସେ ପୁର-ସ୍ଥିତ
ହୀରା ନୀଳା ଖଞ୍ଜାଅଛି ଅଷ୍ଟରତନ ।
କ୍ଷୁଦ୍ର ମୋତି କେରା କେରା ଲମ୍ବିଛି ମୁକୁତାହାରା
ପ୍ରବାଳର ସ୍ତମ୍ଭ ହୋଇଅଛି ଶୋଭନ ।
ଦିବ୍ୟ ପାଟବସ୍ତ୍ର ଚାନ୍ଦୁଆ ।
ମର୍କତ ଚାମରମାନ ଲମ୍ବିଛି କୂଆ ।
ସେ ପୁରରେ ଦୁଃଶାସନ ନ ପାଇ ଦ୍ରୌପଦୀ ଚହ୍ନ
ବସ୍ମୟ ହୋଇ ବହନ ଲେଉଟି ଆସେ ।
ଖୋଜ ନ ପାଇଣ ଭେଟ ରୋଷାଇଶାଳ ନିକଟ
ଆଣ୍ଠୁ ଭରା ଦେଇ ଚାହେଁ ଚାରି ପାରୁଶେ ।
ପୂର୍ବଦିଗେ ଉଦେ କି ଭାନୁ ।
ସେହିମତ ଦିଶୁଅଛି ଦ୍ରୌପଦୀ-ତନୁ ।
ଦେଖିଣ ଦୁଃଶା ଚକିତ ବୋଲଇ କି ଦିନନାଥ
ଆକାଶକୁ ଛାଡି ଆସି ଏଥି ରହିଲା ।
କି ଅବା ରାହୁର ଭୟେ ଶଶଧର ଏଥି ରହେ
କେବଣ ଚରିତ ମୋତେ ଜଣା ନ ଗଲା ।

ପୁଣି ଗଲା ପହଣ୍ତେ ଗୃହ ।
　　　　　　　　ନିକଟେ ଜାଣିଲା ବୀର ଦ୍ରୌପଦୀ ବୋଲି ॥
ଶୁଣ ହେ ସୁଜନଜନ ମୁଁ ଛାର ପାମର ହୀନ
　　　　　　　　କହିବାକୁ ଯୋଗ୍ୟ ନୁହେ ମହାଭାରତ ।
ଅର୍ଥିଙ୍କୁ ଅର୍ଥ ମିଶାଇ ପଦକୁ ପଦ ପକାଇ
　　　　　　　　ଛନ୍ଦପ୍ରତିବନ୍ଧରେ ମୁଁ କଲଇଁ ଗୀତ ।
ସାଧୁଜନମନ ନ ଘେନ ଦୋଷ ।
　　　　　　　　କହେ ହୀନ ଭୀମା କୃଷ୍ଣ-ଚରଣେ ଆଶ ॥

## ଚତୁର୍ଥ ଛାନ୍ଦ

ରାଗ—ରଣବଜେ, ହରିଚଉତିଶା ବାଣୀରେ

କର୍ଣ୍ଣମନ ଦେଇ, ଶୁଚିମନ୍ତ ହୋଇ, ଶୁଣ ଜନେ କୃଷ୍ଣରସ ।
କଳାକର ମୟୂ, ଅନ୍ଧାର ପରାୟୂ, ଦ୍ରୌପଦୀ-ଦୁଃଖ ବିନାଶ ହେ । ଶୁଣ ।
ଭଜ ନରତେ ପଦ୍ମଚରଣ ହେ । ଫେଡ଼ ଦ୍ରୌପଦୀର ଏ କଷଣ ହେ ।
　　　　　　　　ତୁମ୍ଭ ବିନା ନାହିଁ ପରିତ୍ରାଣ ହେ ॥
ଶେଷାଇଶାଳରେ, ଦୁଃଶାସନ ବୀର, ଦ୍ରୌପଦୀ ଦେଖିଲା ଯାଇଁ ।
ତାହାଙ୍କର କେଶ, ଧରିବ ବୋଲିଣ, ହସ୍ତକୁ ଦେଲା ବଢ଼ାଇ ସେ । ବୀର ।
ଦେବୀ ଦ୍ରୌପଦୀ ଦେଲେ ଉତ୍ତର ରେ ।　ଦୁଃଶା ନ ଛୁଁଅ ଅଙ୍ଗ ମୋହର ରେ ।
ପାକାସ୍ଥରଣ ମୋହ ଶରୀର ରେ ।　ଏଥି ଛୁଁଇଲେ ଦୋଷ ଅପାର ରେ ॥
ମୂର୍ଖ ଦୁଃଶାସନ, ବୋଲଇ ବଚନ, ନିର୍ଲଜ୍ଜି ହୋଇଲୁ ବାଇ ।
ମିଛେ ରିଜୋବତୀ, ବୋଲିଣ ଯୁବତୀ, ମୋତେ ଲୋଡ଼ୁଛୁ ଭଣ୍ଡାଇ ଗୋ । କହ ।
କେଉଁ ଦୋଷ ଛୁଇଁଲେ ତୋ ଦେହ ଗୋ । ମୋତେ ଲାଗିଲା ବଡ ସନ୍ଦେହ ଗୋ ।
ଆଜ କାହିଁ ଯିବୁ ରହ ରହ ଗୋ ॥
ଦୁଃଶାସନ କହେ, ସ୍ତ୍ରୀରୀ ମାଏ ତୁତ, ପୁଣ୍ୟକୁ ନାହିଁ ବିଶ୍ୱାସ ।
ତମ୍ବାପ୍ରାୟ ବେନି, ନୟନକୁ କରି, ଧରିଲା ଦ୍ରୌପଦୀ କେଶ ସେ । ବାଳ ।
ରାହୁ ଗ୍ରାସେ କି ଚନ୍ଦ୍ରମଣ୍ଡଳ ସେ ।　ଖରେ ଘେନି ଗଲା ଅନ୍ତଃପୁର ସେ ।
ସତୀ-ଚରଣ ନ ପଡ଼େ ତଳ ସେ ।　ବୋଲେ ରଖ ରଖ ଆଦିମୂଳ ସେ ॥
ରକ୍ଷା କର ପ୍ରଭୁ, ଜଗତଈଶ୍ୱର, କରୁଣାସିନ୍ଧୁ ମୁରାରି ।
ତୁମ୍ଭେ ଦୀନବନ୍ଧୁ, ନ ରଖିଲେମୋତେ, ଅନାଥ ହୋଇଲି ନାରୀ ହେ । ହରି ।
ଦୁଃଶା ବଳେ ନେଉଅଛୁ ଧରି ହେ ।　କାହା ଆଗେ କରିବ ଗୁହାରି ହେ ।
　　　　　　　　ଏହି ସଙ୍କଟରୁ କର ପାରି ହେ ।
ପବନହୁଁ ଖରେ, ଦୁଃଶାସନ ବୀର, ହସ୍ତିନା ପ୍ରବେଶେ ଯାଇଁ ।
ଦ୍ରୌପଦୀ ବୋଲନ୍ତି, ସଭାକୁ ନ ନିଅ, ପରମୁଣ୍ଡା ତୋର ଯାଇଁ ରେ । ବୀର ।

ତୋତେ ଶପଥ ଅଛି ମୋହର ରେ । ଭୀଷ୍ମ ଦ୍ରୋଣ ଅଛନ୍ତି ସଭାର ରେ ।
ଲଜ୍ଜା ହୋଇବ ମୋତେ ଅପାର ରେ ॥
ସଭା ନିକଟରେ, ରଖି ଦୁଃଶାସନ, ଦୁର୍ଯ୍ୟୋଧନ ପାଶେ ଗଲା ।
ଭୋ ଦେବ ନୃପତି, ଆଜ୍ଞାରେ ଦ୍ରୌପଦୀ, ଆଣିଲି ବୋଲି ବୋଇଲା ହେ । କହି ।
ଏବେ କି କରିବ ଆଜ୍ଞା ଦିଅ ହେ । ପାକାମ୍ବରଣ ହୋଇଛି ଦେହ ହେ ।
ଦୁର୍ଯ୍ୟୋଧନ ହସେ ଠହ ଠହ ଯେ ॥
ଶୁଣି କୁରୁପତି, ଶକୁନିକି ଚାହିଁ, ବୋଲଇ ହେ ମାମୁ ଶୁଣ ।
ପାକାମ୍ବରଣତ, ହୋଇଛି ଦ୍ରୌପଦୀ, ଆଣିବାର ଅକାରଣ ସେ । ନାରୀ ।
ଆଜ ହୋଇଅଛି ରଜୋନାରୀ ସେ । ତାକୁ ଛୁଇଁଲେ ଲୁଚଇ ଶିରୀ ସେ ।
ଆଜ ମୁଖ ନ ଚାହିଁ ତାହାର ହେ ॥
ଶକୁନି ବୋଲଇ, ଶୁଣ ନୃପସାଇଁ, ଏତେ ନିର୍ଲଜ୍ଜୀ ଯୁବତୀ ।
ଏକ ସ୍ତ୍ରୀରୀ ହୋଇ, ପାଞ୍ଚଭର୍ତ୍ତା ବହି, ବୋଲାଉଛି ମହାସତୀ ସେ । ମୂଢ଼ୀ ।
ଆମ୍ଭଠାକୁ ଆଣ ଏହି ଘଡି ସେ । ପକା ପିନ୍ଧିଲା ବସନ ଫେଡି ସେ ।
ଦୁଃଶାଶୁଣି ଗଲା ତଡବଡ ସେ ॥
ଦ୍ରୌପଦୀର କେଶ, ଧରି ଦୁଃଶାସନ, ସଭା ଭିତରକୁ ନେଲା ।
ଦୁର୍ଯ୍ୟୋଧନ ବୋଲେ, ପଞ୍ଚଭର୍ତ୍ତା ଥାଉଁ, ଜଣେ ତୋତେ ନ ରଖିଲା ଗୋ । ଚିନ୍ତ ।
ତୋତେ ରଖନ୍ତୁ ପାଞ୍ଚ ଗେରସ୍ତ ଗୋ । ତୋର ପରମାନନ୍ଦ ଅଚ୍ୟୁତ ଗୋ ।
କିପାଁ ହେଉଛୁ ଏତେ ଆରତ ଗୋ ॥
ଅନବରତରେ, ପଞ୍ଚପାଣ୍ଡବଙ୍କୁ, ରଖନ୍ତି ନନ୍ଦକହ୍ନାଇ ।
କାହିଁ ଅଛି ତୋର, ଦେବଚକ୍ରଧର, ଚିନ୍ତା ନ କରୁ କିପାଇଁ ତା । ଶୁଣି ।
ଦେବୀ ଦ୍ରୌପଦୀ ବୋଲନ୍ତି ବାଣୀ ତା । ନିନ୍ଦା କରୁ କିପାଁ ଚକ୍ରପାଣି ତା ।
କହୁଅଛି ପୁରାତନ ବାଣୀ ତା । ଭୀମା ଧୀବର ଏ ରସେ ଭଣି ତା ॥

### ପଞ୍ଚମ ଛାନ୍ଦ

ରାଗ—ରକ୍ତକେଲୀ

କୁରୁ ସଭାରେ ଦ୍ରୌପଦୀ କହନ୍ତି । ସାବଧାନ ହୋଇ ଶୁଣ ନୃପତି ।
କିପାଁ ନିନ୍ଦୁଛ ପ୍ରଭୁ ନାରାୟଣ । ତାଙ୍କ ମହିମା ନାହିଁ କି ଶୁଣିଣ ।
ସତ୍ୟ ଯୁଗ କଥା ଗୋଟି କହିବା । ତୁମ୍ଭ ମନରୁ ସଂଶୟ ଦହିବା ।
ସିଂହ ଶୃଗାଳ ଏ ବେନି ଚରିତ । ଏକମନେ ଶୁଣ ହେ ନରନାଥ ।
ଏକ ବନ ମଧ୍ୟରେ ସିଂହ ଥାଇ । ତହିଁ ପୁଷ୍କରଣୀ ଏକ ଅଛଇ ॥
ଅତି ତୃଷାର୍ତ୍ତ ହୋଇ ଶଶା ଗଲା । ଜଳଘାଟରେ ସିଂହକୁ ଭେଟିଲା ।
ଯାହାଠାରୁ ଯେ ବଳୀୟାର ହୋଇ । ତାକୁ ଦେଖିଲେ ପ୍ରାଣେ ଡରୁଥାଇ ।
ସିଂହ ନିକଟେ ଶଶାକୁ ଦେଖିଲା । ତାକୁ ଭକ୍ଷିବ ବୋଲି ଗୋଡ଼ାଇଲା ।
ଶଶା ପଳାଇ ପବନହୁଁ ଖରେ । ଭୟେ ପଶିଲା ଶୃଗାଳ ବିଲରେ ।
ତହି ମଧ୍ୟରେ ଦେଖିଲା ଶୃଗାଳ । ଶଶା ପାଞ୍ଚିଲା ପୂରିଲା ମୋ କାଳ ।

ସିଂହ ଭୟରେ ପଶିଲି ବଳରେ । ଏବେ ପଡ଼ିଲି ଶୃଗାଳ-ମୁଖରେ ॥
ମୋର ନିଶ୍ଚୟ ହୋଇଲା ମରଣ । ଶଶା ଡ଼ାକିଲା ରଖ ନାରାୟଣ ॥
ତୁମ୍ଭେ ନ ରଖିଲେ ହେଲି ଅନାଥ । ଏଥୁଁ ନାହିଁ ପ୍ରଭୁ ଆଉ ଆରତ ॥
ଶଶା ଆରତ ଗୋବିନ୍ଦ ଶୁଣିଲେ । ରକ୍ଷାକଲୁ ଆଜ ବୋଲି ବୋଇଲେ ॥
ଶଶା-କର୍ଣ୍ଣେ ବିଜେ କଲେ ଗୋବିନ୍ଦ । ତାକୁ ଦଶିଲା ସବୁକଥା ଛନ୍ଦ ॥
ଯହୁଁ ଶୃଗାଳ ଦେଖିଲା ଶଶାକୁ । ବଡ଼ ହରଷ ହୋଇଲା ମନକୁ ॥
ତାକୁ ଖାଇବା କଥାମୂଳ କଲା । ତୁରେ କାହିଁକି ଅଇଲୁ ବୋଇଲା ॥
ଶଶା ବୋଲେ ଦେବ ଶୁଣ ଉତ୍ତର । ସର୍ବଜନ୍ତୁ ପେଷିଲେ ତୁମ୍ଭ ପୁର ॥
ମୋତେ ବୋଇଲେ ଶଶା ବେଗେ ଯିବୁ । ଗର୍ତ୍ତ ମଧ୍ୟରୁ ଶୃଗାଳ ଆଣିବୁ ॥
ସେ ଯେ ନୃପତି ହୋଇବେ ବନରେ । ସର୍ବେ ସେବିବୁଁ ତାହାଙ୍କ ପୟରେ ॥
ସର୍ବଜନ୍ତୁଙ୍କ ପରେ ହେବେ ରାଜା । ଆମ୍ଭେ ହୋଇବା ତାହାଙ୍କ ପରଜା ॥
ତେଣୁକରି ଅଇଲି ତୁମ୍ଭ ପାଶ । ବନେ ନୃପତି ହେବ ବେଗେ ଆସ ॥
ଶୁଣି ଶୃଗାଳ ହରଷ ହୋଇଲା । ଶଶା-ମୁଖକୁ ଅନାଇ ବୋଇଲା ॥
ଯେତେବେଳେ ରାଜାପଣେ ବସିବ । ତୋତେ ମନ୍ତ୍ରୀପଣେ ଶାଢ଼ୀ ବାନ୍ଧିବ ॥
ଚାଲ ଗର୍ତ୍ତରୁ ହୁଅସି ବାହାର । ଶଶା ବୋଲେ ଦେବ ହୁଅ ଆଗର ॥
ତୁମ୍ଭେ ନୃପତିପଣକୁ ଭାଜନ । ଛାର ସେବକ କି ଆଗେ ଗମନ ॥
ତୁମ୍ଭେ ବିଜେ କର ଦେବ ଆଗରେ । ମୁହିଁ ଯାଉଛି ତୁମ୍ଭର ପଛରେ ॥
ଶଶା-କପଟ ଜାଣି ନ ପାରିଲା । ଗର୍ତ୍ତ ମଧ୍ୟରୁ ବାହାର ହୋଇଲା ॥
ସିଂହ ଜଗି ବସିଥିଲା ଦ୍ୱାରକୁ । ଶୀଘ୍ର ମାଡିବସିଲା ଶୃଗାଳକୁ ॥
ଶଶା ଗୋବିନ୍ଦ ଆଶ୍ରୟ ନେବାରୁ । ପ୍ରାଣ ପାଇଲା ଦୁହିଙ୍କ ମୁଖରୁ ॥
ତୁମ୍ଭେ ହରିନନ୍ଦା କର ନୃପତି । ତାଙ୍କୁ ଚିନ୍ତିଲେ ନ ଥାଇ ଦୁର୍ଗତି ॥
ଶୁଣି ଦୁର୍ଯ୍ୟୋଧନ ରୋଷେ କହିଲା । ଦୁଃଶାସନ-ମୁଖ ଚାହିଁ ବୋଇଲା ॥
ଫେଡ଼ ଦ୍ରୌପଦୀ-ଅଙ୍ଗରୁ ବସନ । ସଭାଜନେ ଦେଖନ୍ତୁ ଯଉବନ ॥
ହରି କେମନ୍ତେ ଏହାକୁ ରଖିବ ॥ ଫେଡ଼ ବସନ ମନୁ ପ୍ରତେ ଯିବ ॥
ଏହା ଶୁଣି ଦୁଃଶାସନ ଉଠିଲା । ଯାଇ ଦ୍ରୌପଦୀ ସନ୍ନିଧେ ମିଳିଲା ॥
ଦୁଃଶା ଅଙ୍ଗରୁ କାଢ଼ନ୍ତେ ବସନ । ସତୀ ବୋଲେ ରହ ରହ ବଚନ ॥
ବସି ଅଛନ୍ତି ମୋ ପଞ୍ଚଭର୍ତ୍ତାଏ । ଏତେବେଳେ ମୁ କହିବ କଥାଏ ॥
ଦେବୀ ଚାହିଁ ଯୁଧିଷ୍ଠିର-ବଦନ । ଅତି ଆରତେ କରନ୍ତି ରୋଦନ ॥
ସତୀ ଯୁଧିଷ୍ଠି ଦେବଙ୍କ ଚରଣ । ଭୀମ ଆଦି ନରନ୍ତରେ ଶରଣ ॥

ଷଷ୍ଠ ଛାନ୍ଦ

ରାଗ—ଚିନ୍ତାଦେଶାକ୍ଷ

ଯୁଧିଷ୍ଠିରଙ୍କି ଚାହିଁ ଚନ୍ଦ୍ରମୁଖୀ । ଛଳ ଛଳ କଲେ ବେନି ଆଖି ।
ଭୋଦେବ ତୁମ୍ଭର, ପରାଧୀନ ଠାକୁର, ଥାଉଁ ହେଲି ମୁହିଁ ନିରମାକ୍ଷୀ ହେ । ଭୋ ଦେବ ॥

ତୁମ୍ଭେ ବୋଲାଅ ଯେ ଧର୍ମରାଜା । ସର୍ବ ନୃପତି କରନ୍ତି ପୂଜା ।
ମହାସଭାତଳେ, ବିବସ୍ତ୍ର କରୁଛି, ତୁମ୍ଭଙ୍କୁ କି ନୋହିବ ଏ ଲଜ୍ଜା ହେ ॥
ପୁଣି ଅର୍ଜ୍ଜୁନ-ମୁଖକୁ ଚାହିଁ । ଶୋକେ ଗଦ ଗଦ ହୋଇ କହି ।
ବାସବନନ୍ଦନ ମୋଠାରେ ବିମନ ଏବେ ପ୍ରସନ୍ନ ନୁହ କିପାଁଇ ହେ । ବିବସ୍ତ୍ର ॥
ତୁମ୍ଭେ ଦ୍ୱିତୀୟ କୃଷ୍ଣ ବୋଲାଅ । ମୋର କଷଣ କିରୂପେ ସହ ।
ଧିକ ବୀରପଣ, ଧିକ ତୁମ୍ଭପ୍ରାଣ, ଜୀବେ ଅଛ କି ମରିଛ କହ ହେ ॥
ଦେବୀ ଦ୍ରୌପଦୀ ଠାରୁ ଏ ବାଣୀ । ବୀର ଅର୍ଜ୍ଜୁନ ଶ୍ରବଣେ ଶୁଣି ॥
ନ ଜାଣି ଧିକ୍କାର, କରୁ ଯୋଷାମଣି, ମୋର ପ୍ରତିଜ୍ଞା ନାହିଁ କି ଶୁଣି ଗୋ । ସୁନ୍ଦରି ।
ପୂର୍ବେ ଗୋସିଂହ ଦୈତ୍ୟ ଅଇଲା । ଗର୍ବେ ସତ୍ୟଭାମା ହରି ନେଲା ।
ରଖ ହେ ଅର୍ଜ୍ଜୁନ, ବୋଲି ସତ୍ୟଭାମା, ଅତି ଉଚ୍ଚସ୍ୱରେ ଡାକ ଦେଲା ଗୋ ।
ମୋର କର୍ଣ୍ଣେ ସେ ଡାକ ସମ୍ଭାରି । ପୁଣି ଶରଧନୁ ଦେଲି କହି ।
ଶରେ ଶର ଭେଦ, ରଖିଲି ଆଚ୍ଛାଦ, ନ ପାଇଲା ଆଉ ଦୈତ୍ୟ ଯାଇ ଗୋ ।
ଯୁଦ୍ଧେ ଗୋସିଂହ ଦୈତ୍ୟକୁ ମାରି । କଷ୍ଟୁଁ ସତ୍ୟଭାମାକୁ ଉଦ୍ଧରି ।
ରୈବତଗିରିରେ, କୃଷ୍ଣଙ୍କୁ ଭେଟିଲି, ଦେଲି ସତ୍ୟଭାମା ନେଇ କରି ଗୋ ॥
ସଖି ମୋତେ ନ କର ଧିକ୍କାର । କୁରୁ ସୈନ୍ୟହିଁ କେତେ ମାତର ।
ଶରେ ୧ ସବୁ, ମୋହିତ କରନ୍ତି, ଆଜ୍ଞା ନାହିଁ ଯୁଧିଷ୍ଠିରଙ୍କର ଗୋ ।
ବୀର ଅର୍ଜ୍ଜୁନ-ମୁଖୁଁ ଏ ବାଣୀ । ଦେବୀ ଦ୍ରୁପଦକୁମାରୀ ଶୁଣି ।
ନକୁଳ-ମୁଖକୁ, ଅନାଇ ବୋଇଲେ, ପଣ୍ଡୁ-ନନ୍ଦନଙ୍କ ପାଟରାଣୀ ହେ । ନକୁଳ ।
ଆହେ ବାବୁ ଅଶ୍ୱିନୀକୁମାର । ତୁମ୍ଭେ ବୀରମଧ୍ୟେ ବଳୀଆର ।
ମୋତେ ସଭାତଳେ, ଉଲଗ୍ନ କରୁଛି, ତୁମ୍ଭେ ପାଇଲେହେଁ ରକ୍ଷାକର ହେ ॥
ତୁମ୍ଭେ ଅଶ୍ୱିନୀସୁତ ବୋଲାଅ । କରେ ନବନଶି କୁନ୍ତ ବହ ।
ଧିକ ବୀରପଣ, ଧିକ ତୁମ୍ଭ ପ୍ରାଣ, ଏହା ଦେଖି ଯା ଧରିଛ ଦେହ ହେ ॥
ଶୁଣି ନକୁଳ ବୋଲେ ବଚନ । ସଖି କର୍ମରେ ଯାହା ଲିଖନ ।
ବିଧାତା ପୁରୁଷ, କରିଥାଇ ତାହା, କେହି କରି ନ ପାରିବ ଆନ ଗୋ ॥
ସଖି ମୋତେ ନ କର ହିଂସା । ଯେବେ ଆଜ୍ଞାଦିଅନ୍ତେ ଧର୍ମଶିଷ୍ୟ ।
କୁରୁସୈନ୍ୟଙ୍କୁ ମୁଁ, କୁନ୍ତମୁନେ ଗୁନ୍ଥି, ପେଶି ଦିଅନ୍ତି ଶମନପାଶ ଗୋ । ସୁନ୍ଦରି ।
ପୁଣି ସହଦେବ-ମୁଖ ଚାହିଁ । ଶୋକେ ବୋଲୁଛନ୍ତି ଚନ୍ଦ୍ରମୁହୀଁ ।
ତୁମ୍ଭେ ମନ୍ତ୍ରୀବର ଯୁଧିଷ୍ଠିରଙ୍କର ଭୂତ ଭବିଷ୍ୟ ଦିଅ ବତାଇ ହେ । ସୁମନ୍ତ୍ରୀ ।
ସୁମନ୍ତ୍ରୀ ଅଛ ଏତେ ଆଶ୍ଚର୍ଯ୍ୟ ଶକତି । ନ ଜାଣ କି ପଡିବ ବିପତ୍ତି ।
ଆଗନ୍ତୁ ମୋଠାର, ନ କଲ ଗୋଚର, ଏବେ ହରିବ କିଏ ଦୁର୍ଗତି ହେ ॥
ମନ୍ତ୍ରୀବର ବୋଲେ ସଖି ଶୁଣ । ଏବେ ଦେବତା କୂଟ ଭିଆଣ ।
ତୁମ୍ଭଙ୍କୁ କଷଣ, ନୋହିଲେ ସୁମୁଖି, ନ ମରିବେଟି ସେ ଦୁଷ୍ଟଗଣ ଗୋ । ସୁନ୍ଦରି ।
ଏ ଯେ ଦୁର୍ଯ୍ୟୋଧନ ଶତଭାଇ । ମହା ମହାବୀରଛନ୍ତି ରହି ।
ତୁମ୍ଭଙ୍କୁ କଷଣ, ଦେଲେ ଦେବଗଣ, ଏହିମାନଙ୍କର ନାଶ ପାଇଁ ଗୋ ॥

ସଖି ମନରେ ବିରସ କୁହି । ଦଣ୍ଡେ ମାତ୍ର ଦୁଃଖ ସହି ରହି ।
ତୁମ୍ଭେତ ଜଗତ-ଜନଙ୍କର ମାତ, କପାଁ ମନରେ କରୁଛ କୋହ ଗୋ । ସୁନ୍ଦରି ॥
ଶେଷେ ସହଦେବ ମନ୍ତ୍ରୀବାଣୀ । ବାମା ଏରୂପେ କଷ୍ଟୁର ଶୁଣି ।
ଅନାଥା ତରୁଣୀ, ପ୍ରାୟ ହୋଇ ପୁଣି, ବେନି ନୟନୁ ବୁହାଇ ପାଣି ସେ । ସୁନ୍ଦରି ।
ସତୀ ଚନ୍ତାସାଗରେ ବୁଡିଲା । ଶରୀରରୁ ଜ୍ଞାନ ହାରିଗଲା ।
ଚନ୍ଦ୍ରମା ବଦନ, ହୋଇଲା ମଳିନ, ଭୀମା ଦୀନ ଏ ରସେ ଭଣିଲା ହେ ସୁଜନେ ॥

## ସପ୍ତମ ଛାନ୍ଦ

### ରାଗ—କାଳୀ

ମୁନି କହନ୍ତି ଶୁଣ ନୃପତି କହିବା ବିବ୍ୟରସ ।
ହେଠବଦନ ପବନାନନ ବସିଛି ଭ୍ରାତ ପାଶ ॥
ମନେ ବିରସ ଖରନିଶ୍ୱାସ ନଖେ ଚିରଇ ଗାର ।
ବେନି ନୟନୁ ଲୋତକ ଖସି ପଡ଼ୁଛି ଝର ଝର ॥
କପୋଳେ କର ଦେଇଣ ବୀର ହୃଦରେ ଗରୁଚିନ୍ତା ।
ସନ୍ତାପଜଳେ ବୁଡିଲା ତାଳେ ଦେଖି ଦ୍ରୌପଦୀ-ବ୍ୟଥା ॥
ଦ୍ରୌପଦୀ ବୋଲେ ଭୀମଙ୍କୁ ଚାହିଁ ପବନ ସୁତ ଦେଖ ।
ତୋପରି ବୀର ଥାଉଁ ମୋହର ହେଉଛି ଏଡ଼େ ଦୁଃଖ ॥
ଏ ଦୁଃଶାସନ ପାମର ହୀନ ଧରିଲା ମୋର କେଶ ।
ତୁ ନେତ୍ର ଯେନି ଦେଖୁ ପାବନି ନ ପାଉ ମନେ ରୋଷ ॥
ବାଉନ ଭାର ଗଦା ତୋହର ନାହିଁକି କରେ ଘେନି ।
ସିଂହ ଘରଣୀ ଶୃଗାଳ ଆଣି କରୁଛି ହୀନମାନୀ ॥
ଭୀମ ବୋଲଇ ଶୁଣ ରେ ସତି ମୋହର କେଉଁ ଦୋଷ ।
ମୋ ବୀରପଣ ପ୍ରତିଜ୍ଞା ଠାଣ ଯୁଧିଷ୍ଠି କଲେ ନାଶ ॥
ବାରେ ଅନାଇ ଯେବେ ସେ ଠାରି ଦିଅନ୍ତେ ମୋତେ ଚକ୍ଷୁ ।
ହସ୍ତିନାପୁର କରନ୍ତି ଜୁର ତୋହର ଦେଖୁଁ ଦେଖୁଁ ॥
କଦଳିବନ ଯେହ୍ନେ ପବନ-ଘାତେ ପଡ଼ଇ ଲୋଟି ।
ରଥୀ ସାରଥି ଗଜ ପଦାତି କ୍ଷଣକେ ଦିଅନ୍ତି ପିଟି ॥
ଏ ସତ ଭାର ଗଦା ମୋହର ବୁଲାଇ ବେନିକର ।
ଏ ଦୁର୍ଯ୍ୟୋଧନ ସହିତେ ସୈନ୍ୟ ପେଷନ୍ତି ଯମପୁର ॥
ଦ୍ରୌପଦୀ ବୋଲେ ଆହେ ପାବନି ଧିକ ତୁମ୍ଭର ପ୍ରାଣ ।
ନିର୍ଲ୍ଲଜ ହୋଇ ଜୀଅ କପାଁଇ ପାଣ୍ଡବ ପାଞ୍ଚଜଣ ॥
ଲଜ୍ଜା ତୁମ୍ଭର ନାହିଁ ମୁଖର ଜଣେ ରଖିଲ ନାହିଁ ।
ତୁମ୍ଭଙ୍କୁ ଥାଣ୍ଡେ କରିଣ ମୁହିଁ ଅନାଥ ହୋଇଲଇଁ ।

ତୁମ୍ଭେ ମହତ ବୋଲି ବହୁତ ଆଶ୍ରେ ମୁଁ କରିଥିଲି ।
ଅନାଥା ନାରୀ ପରାୟେ ହୋଇ ବ୍ୟର୍ଥେ ଦିନ ନେଲି ॥
ଲକ୍ଷେ ନୃପତି ମଧ୍ୟରୁ ମୋତେ କପଁ। ଆଣିଲି ଜଣି ।
ପଞ୍ଚଗୁରୁସ୍ତ ଥାଉଁ ମୋ କେଶ ଧରିଲା ଦୁଃଶା ପୁଣି ॥
ଧିକ ତୁମ୍ଭର ଗଦା କୋଦଣ୍ଡ ଧିକ ତୁମ୍ଭର ବାହା ।
ପାମର ଦୁଃଶା ଉଲଗ୍ନ କରେ ଜଣେ ନୋହିଲ ସାହା ॥
ଦ୍ରୌପଦୀଙ୍କର ଏ କଷ୍ଟ ଗିରଶୁଣିଣ ବୃକୋଦର ।
ସହି ନ ପାରି ଉଠିଲେ ବୀର ଦେଇଣ ଆଣ୍ଠୁ ଭର ॥
ରେ ରେ ଶବଦ କରଣ ବୀର ଛାଡ଼ିଲା ଦୀର୍ଘ ରଡ଼ି ।
କି ଅଦଭୂତ ହୋଇ ମନ୍ଦର ଗିରି ପଡ଼ିଲା ଝଡ଼ି ॥
ଲକ୍ଷଯୋଜନ ଯମଭୁବନ ଆସ୍ଥାନ ଟେକି ଗଲା ।
ମେରୁ ସହିତେ ଭୂମି ସପତପାତାଳ କମ୍ପିଗଲା ॥
ଭୀଷ୍ମ ଦ୍ରୋଣହିଁ ସହିତେ ତହିଁ ସଭାରେ ବସିଥିଲେ ।
ଭୀମ-ତର୍ଜନ-ଗର୍ଜନ ଶୁଣି ଆସ୍ଥାନ ଛାଡ଼ିଗଲେ ॥
ଭୀଷ୍ମ କହନ୍ତି ଦ୍ରୋଣ ଶୁଣନ୍ତି ଭୋ ଗୁରୁ ଦେବ ଦେଖ ।
ଏ ଭୀମସେନ କୁପିତ ମନ ଦେଖି ଦ୍ରୌପଦୀ-ଦୁଃଖ ॥
ଏକା ଯୁଧିଷ୍ଠିରଦେବ ଆଜ୍ଞାଟି ଯେବେ ତାହାକୁ ଦେବ ।
ଦୁର୍ଯ୍ୟୋଧନର ସହିତେ ସୈନ୍ୟ କ୍ଷଣକେ ବିନାଶିବ ॥
ରଣେ ଶରଣ ହୋଇଲେ ଭୀମ ଦ୍ୱିଗୁଣ କରି ମାରେ ।
କ୍ଷତ୍ରିଙ୍କ ପରେ ଦ୍ୱିତୀୟ ଯମ ବୋଲନ୍ତି ବୃକୋଦରେ ॥
ଦୁର୍ଯ୍ୟୋଧନର ସଭାନିକଟେ ଥିଲା ଯେ ଦୁଃଶାସନ ।
ଭୀମ-ତର୍ଜନ-ଗର୍ଜନ ଶୁଣି ମିଳିଲା ସନ୍ନିଧାନେ ॥
କ୍ରୋଧେ ବୋଲଇ ଭୀମକୁ ଟିହିଁ କରେ ପାମର ବାଇ ।
ଗତ ଆଗତ କଥାର ମତ ଜାଣିଲୁ କରେ ତୁହି ॥
ଯେବେ ସେବକ ମତର ଲୋକ ହୋଇଲ ପାଞ୍ଚଜଣ ।
ନିର୍ଲଜ୍ଜ ହୋଇ ଜୀଇ କପାଇଁ କରୁଛ ଏଡ଼େ ଠାଣ ॥
ଯେ ଯେଉଁ ସେବା ତାହା କହିବା ପାଣ୍ଡବ ପାଞ୍ଚଭାଇ ।
ପ୍ରମାଣ କଥା ଗୋଠାକୁ କମ୍ପା ଦ୍ୱନ୍ଦ କରୁଛୁ ତୁହି ॥
ଧର୍ମଯୁଧିଷ୍ଠି ନ ପାରେ ଉଠି ବସିଲାଠାରେ ଥାଇ ।
ରଥ-ଦଉଡ଼ା ଯେତେକ ଲୋଡ଼ା କଟେ୍ୟ ବଳିବ ସେହି ॥
ଅର୍ଜୁନ ବୀର ବୋଷଘରର ହୋଇବ ସୁପକାର ।
ତୁ ବୃକୋଦର ଭିତର ପୂରେ ଦେବୁ କରତେ ନୀର ॥
ନକୁଳବୀର ସିଂହଦୁଆର ଜଗିଣ ବସିଥିବ ।
ଲାରଜାତକା ପାଣ୍ଡବେ ଆମ୍ଭ ସେବାରେ ଦିନ ନେବ ॥

ଏମନ୍ତ୍ରୀବର ପଣ୍ଡୁକୁମର ଆମ୍ଭର ସାନଭାଇ ।
ଅର୍ଦ୍ଧେକ ରାଜ୍ୟ ଏହାଙ୍କୁ ଦେଇ କରିବା ନୃପସାଇଁ ॥
ଭୀମ ବୋଲଇ ଦୁଃଶାଳୁ ଚାହିଁ ଯୁଧିଷ୍ଠି-ଆଜ୍ଞା ନାହିଁ ।
ନୋହିଲେ ଚୃପୋଡ଼େକେ ତୋ ଶିର ଦଅନ୍ତି ମୁଁ ଛିଣ୍ଡାଇ ॥
ଶୁଣିଣ ଦୁଃଶା ଅତ୍ୟନ୍ତ ଘୋଷା ହୋଇଲା ପରଚଣ୍ଡା ।
ବୋଇଲା ତୋର ଗଦାରେ ଶିର କରିବ ମସିଗୁଣ୍ଡା ॥
ତା ଶୁଣି ଭୀମ କୋପ କରିଣ ବୋଲଇ ରେ ପାମର ।
ଗଦାପର୍ବରେ ଆଦ୍ୟ ସମରେ ଛେଦିବ ତୋର ଶିର ॥
ଏମନ୍ତ କହି ବୀର ଗୁହାଇ ଧଇଲା ବେନି ଗଦା ।
ରେ ରେ ଶବଦ କରିଣ ବୀର ମାଇଲା ବେନି କୁଦା ॥
ମାନଗୋବିନ୍ଦ ଦେଖିଣ ଦ୍ୱନ୍ଦ ସଭାଜନଙ୍କୁ ଚାହିଁ ।
ବୋଇଲେ ଏବେ ନିସତ ହେଲେ ଯୁଧିଷ୍ଠି ନୃପସାଇଁ ॥
ତା ସାନଭାଇ ଦ୍ୱନ୍ଦ ଭିଆଇ ହେଉଛି ଛଟପଟ ।
ନିସତ ହେଲେ ମୁଖେ ବୋଇଲେ ନେଉତା ରାଜ୍ୟ ରାଷ୍ଟ୍ର ॥
ଶୁଣି ଯୁଧିଷ୍ଠି ସଭାରୁ ଉଠି ବୋଇଲେ ଆରେ ଭୀମ ।
କଥା ନ ଜାଣୁ ତୁ ଅକାରଣେ କପାଁ କରୁଛୁ ତମ ॥
ତୋ ମୂର୍ଖବୁଦ୍ଧି ଆଜ ଅବଧି ନ ଗଲା କିଛି ଛଡ଼ା ।
ଜାଣିଲି ତୋର ମୂର୍ଖ ବଗୃର ତୁ ହେଲୁ ଘରବୁଡ଼ା ॥
ଦ୍ରୌପଦୀ ପରି ଶତେ ଯୁବତୀ ମିଳିବେ ଆରେ ଭାଇ ।
ନିଜ ସୋଦର ମରାଇ ଭାଇ ପାଇବା ଆଉ କାହିଁ ॥
ଭ୍ରାତ ସୋଦର ଦ୍ୱନ୍ଦ ଆମ୍ଭର କରୁଛୁ କିସ ପାଇଁ ।
ଶୁଣି କୁପିତ ପବନସୁତ ଯୁଧିଷ୍ଠି-ମୁଖ ଚାହିଁ ॥
ଅନ୍ଧରାଜନ ଶତେନନ୍ଦନ ମାଡ଼ି କରିବ ପଦା ।
କାହାର ବଳେ କି କରି ପାରେ ହସ୍ତେ ମୋ ଥିଲେ ଗଦା ॥
ପାର୍ଥ କହଇ ଧର୍ମ ନୁହଇ ଆମ୍ଭର ଜ୍ୟେଷ୍ଠଭାଇ ।
ତାହାଙ୍କ ଆଜ୍ଞା ମେଣ୍ଟନ କଲେ ପଶ୍ଚାତେ ଦୁଃଖ ପାଇ ॥
ନୁହ କାତର ନୁହ ଅସ୍ଥିର ନୁହ ହେ କୋପ ମୂର୍ତ୍ତି ।
ଅର୍ଜ୍ଜୁନ ବୋଲେ ପବନସୁତ ବସିଲା ହୋଇ ଶାନ୍ତ ॥
ନକ୍ଷତ୍ର ମଧ୍ୟେ ଚନ୍ଦ୍ର ଯେସନ ବିରାଜି ଦିଶୁଥାଇ ।
ଚାରି ଭାଇଙ୍କ ମଧ୍ୟରେ ବୀର ସେହିରୂପେ ଦିଶଇ ॥
ଭୀମ ବୋଲଇ ଦ୍ରୌପଦୀ ଚାହିଁ ନ କର ମୋତେ ମାନ ।
ଯେବଣ କରେ କେଶ ତୋହର ଧରିଛି ଦୁଃଶାସନ ॥
ଛେଦିବ ଶିର ଭୁଜ ତାହାର ଶପଥ ଦୁଧିଷ୍ଠିର ।
ଯାଇଁ ପାଶରେ ବୋଲିଣ ବୀର ହୃଦେ କାଟିଲା ଗାର ॥

ଦେଖି କଷ୍ଟ ର ପାଣ୍ଡବଙ୍କର ସତୀ ମନରେ ବ୍ୟଥା ।
ପାଇଣ ଦେବୀ ବସିଲେ ଭାବ ସୁମରି ଜଗନ୍ନିତା ॥
ମନ-ପବନ-ଚୈତନ୍ୟ-ଧ୍ୟାନ ଗୋବିନ୍ଦ-ପାଦେ ଦେଇ ।
ମନ ବିରସ କହେ ଏ ରସ ଭୀମାଧୀବର ଧ୍ୟାୟି ॥

### ଅଷ୍ଟମ ଛାନ୍ଦ

ରାଗ—ସଙ୍ଗମଣିଅଶ୍ରି ବାଣୀ

ଏଥୁ ଅନନ୍ତରେ ଶୁଣ ଦିବ୍ୟ ବଚନ ।
ଦ୍ରୌପଦୀ ଡ଼ାକିଲେ ରଖ ଶ୍ରୀଭଗବାନ ॥
ତୁମ୍ଭେ ନ ରଖିଲେ ମୁଁ ଯେ ହେଲି ଅନାଥ
ରଖ ରଖ ଜଗନ୍ନାଥ ଦୁଃଖିସଙ୍ଗାତ ॥
କୁରୁସଭା-ତଳେ ମୋର ଯାଉଛି ମାନ ।
ଏତେବେଳେ ରକ୍ଷାକର ଦୁଃଖନାଶନ ॥
ଲଗାଇଲେ ପଦ୍ମପାଦ-ତଳରେ ଧ୍ୟାନ ।
ଦ୍ୱାରକାରେ ଜାଣିଲେ ଯେ ଶ୍ରୀଭଗବାନ ॥
ସତ୍ୟଭାମା ସଙ୍ଗେ ପଶା ଖେଳନ୍ତି ହରି ।
ଦ୍ରୌପଦୀର ଡ଼ାକ ପ୍ରଭୁ ଶ୍ରବଣ କରି ॥
ରଖିଲୁ ରଖିଲୁ ଆମ୍ଭେ ବୋଲି ବୋଇଲେ ।
ଅଜାନୁଲମ୍ବିତଭୁଜ ବେଗେ ଟେକିଲେ ॥
ସତ୍ୟଭାମା ବୋଲୁଛନ୍ତି ଶ୍ରୀକୃଷ୍ଣେ ଚାହିଁ ।
କେଉଁଠାରେ କାହାକୁ ରଖିଲ ଗୋସାଇଁ ॥
ପଞ୍ଚଆଠ ଦାନ ମୋର ପଡ଼ୁଛି ସାର ।
କାହାକୁ ରଖିଲ କହ ପ୍ରାଣଈଶ୍ୱର ॥
ଗୋବିନ୍ଦ ବୋଇଲେ ପଶାଖେଳ ନୁହଇ ।
ଦ୍ରୌପଦୀ ଡ଼ାକିଲେ କୁରୁସଭାରେ ଥାଇଁ ॥
ଦୁର୍ଯ୍ୟୋଧନ ସଙ୍ଗେ ଧର୍ମ ପଶା ଖେଳିଲେ ।
ଅବିବେକ ପଣେ ଦ୍ରୌପଦୀଙ୍କି ହାରିଲେ ॥
ବିବସ୍ତ୍ର କରୁଛି ତାଙ୍କୁ ଦୁଃଶା ପାମର ।
ଦ୍ରୌପଦୀ ଡ଼ାକିଲେ ମୋତେ ରଖ ଠାକୁର ॥
ସତ୍ୟଭାମା ବୋଇଲେ ଏ ମିଥ୍ୟାବଚନ ।
ହସ୍ତିନାକୁ ଦ୍ୱାରକା ଯେ ଲକ୍ଷେ ଯୋଜନ ॥
ଏତେଦୂର କି ପ୍ରକାରେ ଶୁଭିଲା ଡ଼ାକ ।
ମିଛେ ମୋତେ ଭଣ୍ଡାଉଛ ପ୍ରାଣନାୟକ ॥

ଯେବେ ଦ୍ରୌପଦୀର ତୁମ୍ଭେ ହୋଇଛ ସାହା ।
ମୋ ମନେ ପରତେ ତୁହ୍ମେ ଦେଖାଅ ତାହା ॥
ଗରୁଡ଼କୁ ସୁମରିଲେ ରୁକ୍ମଣୀନାହା ।
ରମ୍ୟକଦ୍ୱୀପରେ ପକ୍ଷୀ ଜାଣିଲା ତାହା ॥
ଗରୁଡ଼ ବୋଇଲେ ତାଙ୍କ ପତ୍ନୀଙ୍କ ଗୃହିଁ ।
ଅମୃତ ଭୋଜନ ମୋତେ ପିତା ଲାଗଇ ॥
ମଦନା ବୋଲଇ ଶୁଣ ପ୍ରାଣଈଶ୍ୱର ।
ପ୍ରମାଦ ପଡ଼ିଲା ଅବା ଦ୍ୱାରକାପୁର ॥
ଶୁଣିକରି ଖଗବର ବେଗେ ଚଳିଲା ।
ଲକ୍ଷେକଯୋଜନ ଡେଣା ବିସ୍ତାରି ଦେଲା ॥
ଗୋବିନ୍ଦ ସୁମରି ପକ୍ଷୀ ଗଲାକ ଚଳି ।
କ୍ଷଣକଭିତରେ ଯାଇଁ ଦ୍ୱାରକା ମିଳି ॥
ଆସ୍ଥାନ ଉପରେ ବସିଛନ୍ତି ଗୋସାଇଁ ।
ପଦ୍ମପାଦତଳେ ପକ୍ଷୀ ପଡ଼ିଲା ଯାଇଁ ॥
ଉଠ ଉଠ ବୋଲି ପ୍ରଭୁ ଧଇଲେ ତୋଳି ।
ଦେଖିଣ ହରଷ ସଙ୍କୋଚିତ ହୁଲାଲୀ ॥
ଗରୁଡ଼ ବୋଲଇ କିପାଁ କଲ ସ୍ମରଣ ।
କି କାର୍ଯ୍ୟ କରିବି କହ ଲକ୍ଷ୍ମୀରମଣ ॥
ଗୋବିନ୍ଦ ବୋଇଲେ ବାବୁ ପିଠି ବିସ୍ତାର ।
ଆମ୍ଭଙ୍କୁ ଘେନିଣ ଯିବୁ ହସ୍ତିନାପୁର ॥
ଶୁଣିକରି ଖଗେଶ୍ୱର ପିଠି ବିସ୍ତାରି ।
ସତ୍ୟଭାମା ଘେନି ପ୍ରଭୁ ବିଜୟ କରି ॥
ପ୍ରବେଶ ହୋଇଲେ ଯାଇଁ ହସ୍ତିନାପୁରେ ।
ଅଦୃଶ୍ୟ ହୋଇ ରହିଲେ ଅନ୍ତରୀକ୍ଷରେ ॥
ମଥା ଟେକି ଦ୍ରୌପଦୀ ଯେ ଦେଲେ ଅନାଇଁ ।
ଗରୁଡ଼-ପିଠିରେ ବିଜେ ତ୍ରୈଲୋକ୍ୟ ସାଇଁ ॥
ଚର୍ମନେତ୍ରେ ଘେନି ଦେବୀ କଲେ ଦର୍ଶନ ।
ନମସ୍ତିରି ନମସ୍ତିରି ବୋଲି ବଚନ ॥
କୋଟି କୋଟି ଜନ୍ମେ ଯେତେ ପାତକ ମୋର ।
ଶ୍ୱେତପଦ୍ମଡ଼ୋଳା ଦେଖି ହୋଇଲା ଦୂର ॥
ଦ୍ରୌପଦୀ ଡ଼ାକିଲେ ପ୍ରଭୁ ପଦ୍ମଲୋଚନ ।
ତୁମ୍ଭଘେନି ବଡ଼ଲୋକ ପଣ୍ଡୁ-ନନ୍ଦନ ॥
ରାଜସୂୟ ଯାଗକାଳେ ଦେବ ଅନନ୍ତ ।
ପ୍ରତିହାରୀପଣେ ତୁମ୍ଭେ ଧଇଲ ବେତ ॥

ମହିମା ମହିମା ନାହିଁ ବୋଲୁ ଯେ ଥାଅ ।
ଏବେ ଯୁଧିଷ୍ଠିରଠାରେ ଦୟା ନ ବହ ॥
କପଟପାଶାରେ ଜିଣି ରାଜ୍ୟ ସମ୍ପଦ ।
ସଭାତଳେ ବସାଇଛି ମାନଗୋବିନ୍ଦ ॥
ମୋହର ଏ ଦୁଃଖ ପ୍ରଭୁ କହିବ କେତେ ।
କେଶ ଧରି ଦୁଃଶାସନ ଆଣିଲା ମୋତେ ॥
ବିବସ୍ତ୍ର କରୁଛି ମୋତେ ଦୁଃଶା ପାମର ।
ତୁମ୍ଭେ ନ ରଖିଲେ ମୁଁ ଯେ ହେବ କାହାର ॥
ଗୋବିନ୍ଦ ବୋଇଲେ ଛାଡ଼ ମନ-ବେଦନା ।
ଏ ଛାର କଥାକୁ କପାଁ କର ଭାବନା ॥
ଯେତେ ବସ୍ତ୍ର ଅଭ୍ୟାଗତେ ଦେଇଛ ଦାନ ।
ଆଦିତ୍ୟଙ୍କ ଠାରେ ରଖାଇଛନ୍ତି ସେମାନ ॥
ସମ୍ପଦକାଳେ ଯେ ଯାହା ଦାନ କରଇ ।
ବିପଦକାଳରେ ତାହା ତାକୁ ମିଳଇ ॥
ଆଦିତ୍ୟଙ୍କୁ ସୁମରଣା କର ସରାଗେ ।
ଶତେଗୁଣ ହୋଇ ତାହା ମିଳିବ ବେଗେ ॥
ଗୋବିନ୍ଦଙ୍କ ଆଜ୍ଞା ପାଇ ଦ୍ରୌପଦୀ ସତୀ ।
ଆଦିତ୍ୟଙ୍କୁ ଚିହ୍ନିଁ ମନେ କରନ୍ତି ସ୍ତୁତି ॥
ହେ ପ୍ରଭୁ ଛାୟାରମଣ ! ହୁଅ ପ୍ରସନ୍ନ ।
ଅନୁଗ୍ରହ କରି ମୋତେ ଦିଅ ବସନ ॥
ଏ ମାୟାସଂସାର ପ୍ରଭୁ ତୁମ୍ଭର ଲୀଳା ।
ହାହାକାର ଦୀନବନ୍ଧୁ ବୁଡିଲା ଭେଳା ॥
ଏ କଷଣୁ ପ୍ରଭୁ ମୋତେ କର ଉଦ୍ଧାର ।
ଶରଣ ମାଗୁଛି ପାଦେ ଭୀମା ପାମର ॥

### ନବମ ଛାନ୍ଦ

ରାଗ—କଳହଂସ କେଦାର

ଶୁଣ ସୁଜନେ ମନ ଶ୍ରବଣ ଦେଇ ।
ଯାହା ଶୁଣନ୍ତେ କଲମଷ ଖଣ୍ଡଇ ହେ ॥
କୃଷ୍ଣ ଚରିତ ଏହି ପୀୟୂଷରସ ।
କରନ୍ତେ ସାଧୁଜନେ ଏ ରସେ ରସ ହେ ॥
ଆଦିତ୍ୟ ରଥ ଶୂନ୍ୟେ ଯାଉ ଯେ ଥିଲା ।
ଦ୍ରୌପଦୀ-ସ୍ତୁତି ଶୁଣି ସ୍ତମ୍ଭିତ ହେଲା ଯେ ॥

ପୁଚ୍ଛନ୍ତି ଦୀନନାଥ ସାରଥି ଚାହିଁ ।
କିପାଁଇ ଶୂନ୍ୟେ ରଥ ଚଳଇ ନାହିଁ ହେ ॥
କେଉଁ ପାପିଷ୍ଠ ମୋର ଛୁଇଁଲା ଯାନ ।
କିପାଁଇ ରଥ ନ କରଇ ଗମନ ହେ ।
ସାରଥି ବୋଲେ ଦେବ ଶୁଣ ଏମନ୍ତ ।
ଦ୍ରୌପଦୀ ଡ଼ାକୁଛନ୍ତି ହୋଇ ଆରତ ହେ ॥
ସତୀଙ୍କ ଆଣି କୁରୁସଭା ମଧ୍ୟର ।
ଉଲଗ୍ନ କରୁଅଛି ଦୁଃଶା ପାମର ହେ ।
ଦ୍ୱାରକା ତେଜି ଆସିଛନ୍ତି ଶ୍ରୀପତି ।
ବସନ ପାଇଁ ଦେବୀ କରନ୍ତି ସ୍ତୁତି ॥
ଶୁଣି ତା ଦୀନନାଥ ହୋଇ ସନ୍ତୋଷ ।
ଛାୟା ମାୟା ଦୁହିଁଙ୍କି ଚାଇଲେ ପାଶ ଯେ ।
ବୋଇଲେ ବେନିଜଣେ ଯାଅ ବହନ ।
ଆମ୍ଭ ଭଣ୍ଡାରୁ ନେଇ ଦିଅ ବସନ ଯେ ॥
ପାଟପତନୀ ଝୀନବସନ ଶାଢ଼ୀ ।
ଛପନକୋଟି ବସ୍ତ୍ର ନିଅ ସଜାଡି ଗୋ ।
ଦ୍ରୌପଦୀ-ସନ୍ନିଧାନେ ବହନ ଚଳ ।
ଉଲଗ୍ନ କରୁଅଛି ଦୁଃଶା ପାମର ଯେ ॥
ଅଦୃଶ୍ୟ ହୋଇ ଦେବୀ-ପାଶେ ରହିବ ।
ବିବସ୍ତ୍ର କାଳେ ବସ୍ତ୍ର ଖଞ୍ଜାଇଦେବ ଗୋ ।
ଯେତେ ବସନ ଦୁଃଶାସନ କାଢ଼ିବ ।
ଖଣ୍ଡିକୁ ଖଣ୍ଡେ ଅଙ୍ଗେ ବେଢ଼ାଇ ଦେବ ଗୋ ॥
ଶୁଣି ସେ ଛାୟା ମାୟା ବହନ ଗଲେ ।
ଭଣ୍ଡାରୁ ବସ୍ତ୍ର ଘେନି ବାହାର ହେଲେ ଯେ ।
ପ୍ରବେଶ ହେଲେ ଯାଇଁ ଦ୍ରୌପଦୀ-ପାଶ ।
କହଇ ଭୀମା କୃଷ୍ଣ-ଚରଣେ ଆଶ ଗୋ ॥

### ଦଶମ ଛାନ୍ଦ

ରାଗ—ସାହାଡ଼ାସ୍ୱାକେଦାର

ସଭାରେ ଦୁର୍ଯ୍ୟୋଧନ ରାଜନ ।   ଡ଼ାକିଲା ଆରେ ରେ ଦୁଃଶାସନ !
କର ଗମନ ଫେଡ଼ ଦ୍ରୌପଦୀ-ଅଙ୍ଗୁ ବସନ ରେ ।
*   *   *   *   *   *   *   *
କେମନ୍ତ କରି ଆଜ ରଖିବେ ଶ୍ରୀ ଭଗବାନ ରେ ।
ଏମନ୍ତ ଆଜ୍ଞା ଯହୁଁ ଦେଲା ରାଜନ ହେ ।   ଶୁଣି ଉଠିଲା ଦୁଃଶା ପାମର ସ୍ଥାନ ଯେ ।

କରେ ଉଲ୍ଲୁଣ୍ଡ ଅଙ୍ଗୁ ବସନ ।   କାଢ଼ଇ ଧୃତରାଷ୍ଟ୍ରନନ୍ଦନ ।
ଖଣ୍ଡେ କାଢନ୍ତେ ଖଣ୍ଡେକ ପୁଣି ଦେଖେ ନୟନ ଯେ ॥
ଦେଖିଣ ଦୁଃଶାସନ ଚକିତ ।   କହଇ ଦୁର୍ଯ୍ୟୋଧନ-ଅଗ୍ରତ
ଭୋ ଦେବ ଶୁଣିମା ହେଉଭାନୁମତୀର କାନ୍ତ ହେ ।
ଦ୍ରୌପଦୀ-ଅଙ୍ଗରୁ ବସ୍ତ୍ର ।   ଏକ କାଢ଼ନ୍ତେ ଏକ ପୁଣି ଉଦିତ ।
ଏ ଆଚମ୍ବିତ କଥା ତଦନ୍ତ ବୁଝ କେମନ୍ତ ହେ ।
ଶକୁନି-ମୁଖ ଚାହିଁ ଗାନ୍ଧାରୀ-ସୁତ ଯେ ।   ବୋଲଇ ମାମୁ କହ ଏଥି ତଦନ୍ତ ଯେ ।
ଶକୁନି କହେ ନୃପତିନାଥ ।   ପଞ୍ଚପାଣ୍ଡବ ତାର ଗେରସ୍ତ ।
ପାଞ୍ଚଙ୍କ ପାଇଁ ପାଞ୍ଚପ୍ରକାର ପିନ୍ଧଇ ନେତ ହେ ॥
ଏମନ୍ତ କୁଟକପଟବାଣୀ ।   ପାଞ୍ଚ କହିଲା ଯହୁଁ ଶକୁନି ।
ଶୁଣି ହରଷ ହୋଇଲା କୁରୁକୁଳରାଜ ଯେ ।
ଏହି ବଚନ ଶୁଣି ରାଜନ ।   ଦୁଃଶାଙ୍କୁ ଚାହିଁ ବୋଲେ ବଚନ ।
ଉଠ ବହନ ତ୍ୱରିତ ଯାଇଁ ଫେଡ଼ ବସନ ରେ ।
ଶୁଣି ତା ଦୁଃଶା ଉଠିଲା ତ୍ୱରିତେ ଯେ ।   ପୁଣି କାଢ଼ିଲା ଅଙ୍ଗୁବସ୍ତ୍ର ବହୁତ ଯେ ।
ପ୍ରଥମ ଖଣ୍ଡ ପକାନ୍ତେ କାଢ଼ି ।   ଦ୍ୱିତୀୟ ଖଣ୍ଡ ଅଛଇ ଜଡ଼ି ।
ଏମନ୍ତେ କାଢ଼ି ପକାଇ କ୍ଷିତି ଭାବଇ ଚିତ୍ତ ଯେ ॥
ନଟକାରଙ୍କ ପରାୟେ ହୋଇ ।   ଯେସନ ସତୀ-ମତି ଭ୍ରମଇ ।
କୁଲାଳଚକ୍ର ମୃତ୍ତିକା ଦେଇ ଯେସନେ ଭ୍ରମାଇ ଯେ ।
ପଡ଼ୁଛି ପାଟପଟନୀ ନେତ ।   ରଙ୍ଗ ଶୁକଳ ଅନେକ ବସ୍ତ୍ର ।
କୋଟି କୋଟି ବସନ ଦୁଃଶା କାଢ଼ି ପକାଇ ଯେ ।
ବସ୍ତ୍ର ଫେଡିଲା ବାର ଦ୍ୱାଦଶଘଡି ଯେ । ଟାଟକା ହୋଇ ଆଉ ନ ପାରେ କାଢ଼ି ଯେ
ଅନାଇଥିଲା କୁରୁରାଜନ ।   ଦେଖିବ ବୋଲି ସତୀ-ବଦନ ।
ଯହିଁକି ଚାହେଁ ତହିଁ ବସନ ଅଛଇ ଜଡ଼ି ଯେ ॥
ସଭାରେ ଥିଲେ ଗଙ୍ଗାନନ୍ଦନ ।   ବୋଇଲେ ଶୁଣ କୁରୁରାଜନ ।
କେତେହେଁ ହୀନମାନ କରୁଛ ନାରୀରତନ ଯେ ।
ଯାହାକୁ ସାହା ଶ୍ରୀ ଭଗବାନ ।   ତୁ କି ତାହାକୁ ଅଟୁ ଭର୍ଜନ ।
ଅନଳନେତ୍ରେ ଚାହିଁଲେ ତୁହି ହେବୁ ଦହନ ଯେ ।
ଆମ୍ଭ ବଚନ କର କୁରୁରାଜନ ଯେ ।   ନ କାଢ଼ ଆଉ ସତୀ ଅଙ୍ଗୁ ବସନ ଯେ ।
ଭାନୁମତୀ ଯେ ତୋହର ପାଟ୍ଟ-ରାଣୀ ସେ କେତେ ପିନ୍ଧିଛି ପାଟ
ଏ ଅଟେ ଗୋବିନ୍ଦଙ୍କ କପଟ ବୁଝ ରାଜନ ହେ ॥
ଭୀଷ୍ମବଚନ ଶୁଣି ରାଜନ ।   ଡ଼ାକିଲା ଆରେ ରେ ଦୁଃଶାସନ ।
ନ କାଢ଼ କୃଷ୍ଣା-ଅଙ୍ଗୁ ବସନ ଘେନ ବଚନ ଯେ ।
ଦ୍ରୌପଦୀ ଦେବୀ କୁପିତମନ ।   ବୁଲାଇ ଯଦି ଅଗ୍ନି ନୟନ ।
ଚାହିଁଲେ ସବୁ ହେବେ ଦହନ ଆସ୍ଥାନ-ଜନ ଯେ ।

ଈକ୍ଷଣ କରି ଦେବୀ ସଭା-ବଦନ ଯେ । ଭାବନ୍ତି ବସିଛନ୍ତି ମୋ ଗୁରୁଜନ ଯେ ।
ପୁଣି ଚନ୍ଦ୍ରରୁ ସର୍ବେ ପୁରୁଷ । ଏହାଙ୍କୁ ଯେବେ କରିବି ନାଶ ।
ଏଥିରେ ନ ଲଭିବି ମୁଁ ଯଶ ବୁଝି ଏସନ ଯେ ॥
ଏରୂପେ ମନେ ମନେ ବିଚାରି । ପ୍ରଳୟ ଅଗ୍ନି ନେତ୍ର ବିସ୍ତାରି ।
ଚିହ୍ନାନ୍ତେ ଦୁର୍ଯ୍ୟୋଧନ-ନବରେ ପଡିଲା ଯାଇଁ ଯେ ।
ପବନଘାତ ପାଇ ହୁତାଶ । ପୋଡିଲା ନଗ୍ର ପୁର ଉଆସ ।
ଦେବୀ-ବଚନେ ସେ ରାଣୀହଂସପୁର ଦହଇ ଯେ ।
ସମସ୍ତ ନାରୀମାନେ ସଭୟ ହୋଇ ଯେ । ବ୍ୟସ୍ତେ ବସନ ଘେନି ଗଲେ ପଳାଇ ଯେ ।
ଭାନୁମତୀର ଅଙ୍ଗରେ ଅଗ୍ନି । ବେଗାନ୍ତେ ବସ୍ତ୍ର ପକାଇ ଫିଙ୍ଗି ।
ପ୍ରାଣଭୟରେ ସଭା ମଧ୍ୟରେ ମିଳିଲେ ଯାଇଁ ହେ ॥
ସଭାରେ ଥିଲେ ବହୁ ରାଜନ । ହସିଲେ ମୁଖେ ଦେଇ ବସନ ।
ଦ୍ରୋଣ ବୋଲନ୍ତି କୁରୁରାଜନ ବଚନ ଶୁଣ ହେ ।
ପରକୁ ଯେହୁ ଚିନ୍ତଇ ମନ୍ଦ । ତାହାର ମନ୍ଦ ଚିନ୍ତେ ଗୋବିନ୍ଦ ।
ଅନ୍ତକାଳରେ ସେହି ଲଭଇ ଅତି କଷଣ ହେ ।
ଗୁ ନୃପନାଥ ମନେ କଲୁ ଗରବ ହେ । ଗର୍ବଗଞ୍ଜନବାନା ପ୍ରଭୁ କେଶବ ହେ ।
ସଭାର ତଳେ ଦ୍ରୌପଦୀ ଆଣି । ବିବସ୍ତ୍ର କଲୁ ନୃପତି-ମଣି ।
ତୋହର କୁଳବଧୂ ଉଲଙ୍ଗ ଦେଖିଲେ ସର୍ବେ ହେ ॥
ଏମନ୍ତ ଦ୍ରୋଣଗୁରୁଙ୍କ ବାଣୀ । ଶୁଣିଣ ସେହି ନୃପତିମଣି ।
ଲୋକ ମୁଖରେ ଲବଣ ଜାଣି ହେଲା ମଉନ ଯେ ।
ଭ୍ରାତାମାନେ ବହିନ ଯାଇଁ । ଧୃତରାଷ୍ଟ୍ରର ଅଗ୍ରେ ଜଣାଇ ।
ଭୋଦେବ ଗୁମ୍ଭ ଜ୍ୟେଷ୍ଠ ତନୟ ମହିମା ଶୁଣ ହେ ।
ଯୁଧିଷ୍ଠିର ଦେବ ସଙ୍ଗେ ପାଶାରେ ମାତି ହେ । ରାଜ୍ୟ ଧନ ଭଣ୍ଡାର ସମସ୍ତ ଜିତି ହେ ।
ସଭାର ତଳେ ଦ୍ରୌପଦୀ ଆଣି । ବିବସ୍ତ୍ର କଲା ନୃପତିମଣି ।
ଅନଳ ନେତ୍ରେ ଚିହ୍ନାନ୍ତେ ସତୀ ପୁର ଦହନ୍ତି ଯେ ॥
ଶୁଣି ବୋଲଇ ଅନ୍ଧ ରାଜନ । ମୋହର ବଂଶ ହେଲେ ନିଧନ ।
କୁଳବଧୂଙ୍କୁ ସଙ୍ଗରେ ଘେନି ଯାଏ ନରେଶ ଯେ ।
ହସ୍ତରେ ଘେନି ସୁବର୍ଣ୍ଣଥାଳୀ । ସୁବେଶ ହୋଇ ଚଳିଲେ ବାଳୀ ।
ଜୟ ଶବଦ ଦେଇଣ ହେଲେ ଦ୍ରୌପଦୀ ପାଶ ହେ ।
ବନ୍ଦାପନା କରିଲେ ମାନ୍ୟ ବିଶେଷ ହେ ।
ସାନ୍ତ୍ୱନା କରି ପୁରକୁ ନେଲେ । ରତ୍ନପଲ୍ୟଙ୍କେ ଆସନ ଦେଲେ ।
ବିବିଧ ଉପହାରେ କଲେ ସନ୍ତୋଷ ଯେ ॥
ସେଠାରୁ ଦେବୀ ଗୌରବ ପାଇ । ରତନ ପଲ୍ୟଙ୍କରୁ ଓହ୍ଲାଇ ।
ଆନନ୍ଦ ମନେ ନିଜ ସଦନେ ବିଜୟ କଲେ ଯେ ।

ଆଗ ପଛରେ ଚଳନ୍ତି ଦାସୀ । ପ୍ରବେଶ ହେଲେ ବାରୁଣୀ ଆସି ।
ଭିତରପୁର ରତ୍ନପଲ୍ୟଙ୍କେ ଯାଇଁ ବସିଲେ ଯେ ।
ଏଯେ କପଟପାଶା ଅମୃତରସ ଯେ । ସୁଜନଜନେ ଏହି ରସରେ ରସ ହେ ।
କୁହେଁ ମହତ ଜାତି କୈବର୍ତ୍ତ । ଶୁଦ୍ଧ ଅଶୁଦ୍ଧ ନ ଘେନ ଚତ୍ତ ।
କହଇ ଭୀମା ପ୍ରଭୁ ଚରଣେ ସର୍ବଦା ଆଶ ହେ ॥

---

## ହରିବଂଶ

### By RAJA KṚṢṆA SINHA

ଜନ୍ମେଜୟ କହିଲେ ବଇଶମ୍ପାୟନ ଆଗେ ।
ବଇଶମ୍ପାୟନ କହିଲେ ତାହାଙ୍କୁ ସରାଗେ ॥
ପୁଣ୍ୟପାପନାଶନ ହରିବଂଶ କଥା ।
ଯେ ଶୁଣିଛି ତାହାର ନାହିଁ ଭବବ୍ୟଥା ॥
ଅବ୍ୟକ୍ତ କାରଣ ପ୍ରଧାନ ଯାକୁ କହି ।
ତହିଁରୁ ମହାତତ୍ତ୍ୱ ସର୍ଜ୍ଜିଲେ ଲକ୍ଷ୍ମୀସାଇଁ ॥
ମହାତତ୍ତ୍ୱକୁଟି ବୋଲନ୍ତି କୁଶଧର ।
ମୋ କହିବାରୁ ଏହା ରାଜନ ମନେ କର ॥
ସେ ମହାତତ୍ତ୍ୱ ନାରାୟଣଙ୍କୁ ଆଶ୍ରେ କର ।
ସଂସାର ସର୍ଜ୍ଜନା କଥାରୁ ହେଲେ ପାର ॥
ବ୍ରହ୍ମରୂପ ମହାତତ୍ତ୍ୱରୁ ଅହଙ୍କାର ।
ଜନ୍ମି ପଞ୍ଚଭୂତକୁ ସର୍ଜ୍ଜିଲେ ନରବର ॥
ପଞ୍ଚଭୂତରୁଟି ହୋଇଲେ ସର୍ବପ୍ରାଣୀ ।
ବିସ୍ତାରି କହିବା ଶୁଣ ହେ ନୃପମଣି ॥
ପ୍ରାଣିଙ୍କର ସର୍ଜ୍ଜନା ଶୁଣଇ ଯେଉଁ ଲୋକ ।
ଲଭଇ ସେ ପୁଣ୍ୟଧନ ଯଶ ଯାକ ॥
ବୃଷ୍ଣିବଂଶ ଜନମ କହିବା ପାଇଁ ମୁହିଁ ।
କହିବି ପ୍ରାଣିଙ୍କର ସର୍ଜ୍ଜନା ବଡାଇ ॥
ବିଷ୍ଣୁ ପ୍ରଜାମାନଙ୍କୁ ସରଜିବା ପାଇଁ ।
ଆପଣ ଜଳ ସରଜିଲେ ପ୍ରୀତି ବହି ॥
ସେ ଜଳେ ଆପଣା ବୀଜକୁ ରଖିଲେ ।
ଏଣୁ ଜଳନାର ନାମ ବୋଲାଇଲେ ॥

ନରତ ଭଗବାନ ଜଳ ସରଜନା ।
କରିବାରୁ ତା ନାମ ନାର ହେ ମହାମନା ॥
ଜଳ ଆଶ୍ରେକର ରହିବାରୁ ହରି ।
ନାରାୟଣ ନାମ ହେଲା ତାହାଙ୍କର ॥
ନାରାୟଣ ବୀଜ ଜଳରେ ଉପଗତ ।
ହୋଇବାରୁ ବ୍ରହ୍ମାଣ୍ଡ ହେଲା ତହିଁ ଜାତ ॥
ବ୍ରହ୍ମାଣ୍ଡରୁ ବ୍ରହ୍ମା ଜନମ ହୋଇଲେ ।
ବରଷେ ରହି ତହିଁ ତାକୁ ଦ୍ୱିଖଣ୍ଡ କଲେ ॥
ସେ ଦ୍ୱିଖଣ୍ଡ ମର୍ତ୍ତ୍ୟ ସ୍ୱର୍ଗ ବୋଲାଇଲା ।
ମଧ୍ୟଯାକ ଆକାଶ ନାମକୁ ବହିଲା ॥
ତଳଖଣ୍ଡେ ମହୀ ଦଶଦଗ ଯାକ ।
ସରଜନା କରି ସାବଧୀ ନାୟକ ॥
କାଳ ମନ ବଚନ କାମକ୍ରୋଧ ରତ ।
ସରଜନା ଇଚ୍ଛା କରନ୍ତେ ବେଦପତ ॥
ସାତ ପ୍ରଜାପତିଙ୍କି କଲେ ସରଜନା ।
କହିବା ତାଙ୍କ ନାମ ଶୁଅ ଏକମନା ॥
ପୁଲସ୍ତି ଅତ୍ରି କ୍ରତୁ ପୁଲହ ବଶିଷ୍ଠ ।
ଅଙ୍ଗିର ମରୀଚ ଏ ସାତ ଋଷି ଶ୍ରେଷ୍ଠ ॥
ବ୍ରହ୍ମାଙ୍କର ସମାନ ଏହାଙ୍କୁଟି କହି ।
ବ୍ରହ୍ମାଙ୍କ ବୋଲେ ସୃଷ୍ଟିକଲେ ସେ ପ୍ରୀତ ବହି ॥
କ୍ରୋଧରୁ ବ୍ରହ୍ମାରୁଦ୍ର ଦେବଙ୍କୁ କରି ଜାତ ।
ସରଜିଲେ ସନତକୁମାର ତପୋବନ୍ତ ॥
ସାତ ପ୍ରଜାପତି ରୁଦ୍ରଙ୍କୁ ସଙ୍ଗେ ଧରି ।
ପ୍ରଜାସର୍ଜନାରେ ହୋଇଲେ ଅଧିକାରୀ ॥
ଊର୍ଦ୍ଧ୍ୱରେତା ହୋଇ ସନତ କୁମାର ।
ବ୍ରହ୍ମା ଭାବନାରେ ସାରଲେ ବାସର ॥
ବିଜୁଳି ବଜ୍ରାଶନି ମେଘେ ଇନ୍ଦ୍ରଧନୁ ।
ପର୍ଜ୍ଜନ୍ୟାଦି ସର୍ଜ୍ଜିଲେ ବ୍ରହ୍ମା ବିଷ୍ଣୁ ସୂନୁ ॥
ଋକ୍ ଯଜୁ ସାମ ବେଦକୁ ଯାଗପାଇଁ ।
ମୁଖୁଁ ଜାତ କରି ସେ ହେଲେ ବେଦ ସାଇଁ ॥
ଏ ବାହାରେ ବ୍ରହ୍ମାଙ୍କ ଅଙ୍ଗରୁ ନାନା ପ୍ରାଣୀ ।
ଜାତ ହୋଇ ମହୀରେ ହେଲେ ଶ୍ରେଣୀ ଶ୍ରେଣୀ ॥
ଶିଶିନାରାୟଣଙ୍କର ଭଗିନୀ ବିଗର୍ତ୍ତ ।
ରଜାଙ୍କର ଜାଣ ଅଠନ୍ତ ଦୁହିତ ॥

ତାଙ୍କୁ ଗର୍ଗ ମହାଋଷି ବଭ୍ର ହେଲେ ।
ନ କରି ଭୋଗତାଙ୍କୁ ଊର୍ଦ୍ଧରେତା ହେଲେ ॥
ଏ ସକାଶୁଁ ଶିଶିନାରାୟଣ କ୍ରୋଧ ହୋଇ ।
ଗର୍ଗଙ୍କୁ ବୋଇଲେ ହେ ନପୁଂସକ ତୁହି ॥
ଗର୍ଗ ତାହା ସହି ନ ପାରି ଶିବଙ୍କୁ ।
ବହୁତ ସେବା କରି ମାଗିଲେ ବରକୁ ॥
ମୋ ବୀଜରେ ଯେଉଁ କୁମର ହୋଇବ ।
ମଥୁରାବାସିଙ୍କରେ ଅଜେୟ ହୋଇବ ॥
ଶିବ ଏହା ଶୁଣି ବୋଇଲେ ତୁମ୍ଭ ସୁତ ।
ହେବ ସେ ରୂପେ ହେ ଗର୍ଗ ତପୋବନ୍ତ ॥
ଯବନ ଦେଶ ରାଜା ଏ ବର ଶୁଣି ପାରି ।
ଗର୍ଗକୁ ଦେଲା ଗୋପାଳୁଣୀ ନାମେ ନାରୀ ॥
ସେ ନାରୀଙ୍କ ଗର୍ଗ ସଂଭୋଗ କରନ୍ତେ ।
ଗର୍ଭ ରହି ଗଲା ଜାଣ ହେ ମହାମତେ ॥
ସେ ଗର୍ଭ ଯେଉଁ କାଳେ ଜନମ ହୋଇଲା ।
କାଳ ଯବନଟି ତା ନାମ ବୋଲାଇଲା ॥
ଯବନରାଜାଙ୍କର ହୋଇ ସେ କୁମର ।
ହବନ ପ୍ରାଣିଙ୍କର ହେଲା ସେ ଈଶ୍ୱର ॥
ଦିନେ ସଭାମଧ୍ୟେ ଯୁଦ୍ଧକାମୀ ହୋଇ ।
କେ ମୋ ପରିଅଛି ପୁଚ୍ଛେ ହସି ଦେଇ ॥
ନାରଦ ବୋଇଲେ ହେ ବୃଷ୍ଣିମାନେ ଭଲ ।
ଯୋଧା ବୋଲି ଶୁଣୁ ଥାଇ ହେ ମହାମଲ୍ଲ ॥
ଏହା ଶୁଣି ଯବନ ନଣଦୁଇ ମୋଡ ।
ବସିଲା ରଥବର ମଧ୍ୟକୁ ଯାଇମାଡ ॥
ସଙ୍ଗତରେ ଘେନ ଅକ୍ଷୌହିଣୀ ସେନା ।
ବାହାରିଲା ମଥୁରା ଦେଶକୁ ମହାମନା ॥
ବୃଷ୍ଣିମାନେ ଶୁଣି ଯବନ ଆସିବାର ।
ପଳାଇଲେ କୁଶ ସ୍ଥଳକ ନରବର ॥
ସେ ଦିନୁ କୁଶସ୍ଥଳୀ ଦ୍ୱାରକା ବୋଲାଇଲେ ।
ମୋ କହିବାରୁ ରାଏ ଜାଣିଥାଅ ଭଲେ ॥
କୃଷ୍ଣ ଏକା ମଥୁରାପୁର ଦ୍ୱାରେ ଥାଇ ।
ଯବନଙ୍କୁ ଦେଖି ଦେଲେ ହେ ନରସାଇଁ ॥
ଯବନ ତାଙ୍କ ସଙ୍ଗେ ଆରମ୍ଭନ୍ତେ ଯୁଦ୍ଧ ।
ପଳାଇଲେ ସେଠାରୁ ଭାବ ସେ ଅବଧ ॥

କନ୍ଦରରେ ମୁଚୁକୁନ୍ଦ ଶୋଇ ଥିଲେ ।
ସେଠାକୁ ଯାଇଁ କୃଷ୍ଣ ଅନ୍ତର୍ଦ୍ଧାନ ହେଲେ ॥
କୃଷ୍ଣ ବୋଲି ମନେ କରି ସେ ଯବନ ।
ମୁଚୁକୁନ୍ଦ ଉପରେ ସେ ମାରିଲା ଚରଣ ॥
ମୁଚୁକୁନ୍ଦ ରଜା ଛାଡିଣ ନିଦ୍ରାଟି ।
ଚାହାଁନ୍ତେ ଜଳିଗଲା ଯବନ ବେଠାଟି ॥

## ମହାଭାରତ

BY RAJA KṚṢṆA SINHA

### ଧୃତରାଷ୍ଟ୍ରଙ୍କ ବିଳାପ

ଯେଉଁ କାଳୁ ଏହା ଶୁଣିଲି ସଞ୍ଜୟ ।
ମହାଧନୁ କରେ ଟିଙ୍କି ଧନଞ୍ଜୟ ॥
ଲକ୍ଷବିନ୍ଧି ପୃଥ୍ୱୀମଧ୍ୟେ ପକାଇଲେ ।
କୃଷ୍ଣାଙ୍କୁ ହରିଲେ ସେ ନୃପେ ଚାହୁଁଥିଲେ ॥
ଦ୍ୱାରକାରେ ଯାଇ ବଳେ ସୁଭଦ୍ରାଙ୍କୁ ।
ବିଭା ହୋଇ ଅର୍ଜୁନ ଆଣିଲେ ଘରକୁ ॥
ଏମନ୍ତ ହେଲେ ରାମ କୃଷ୍ଣ ଦୁଇ ବୀର ।
ଆସିଲେ ତାହାଙ୍କର ଇନ୍ଦ୍ରପ୍ରସ୍ଥ ପୁର ॥
ବୃଷ୍ଟି କରୁଛିଲେ କ୍ରୋଧରେ ମଘବାନ ।
ଦିବ୍ୟ କାଣ୍ଡବନ୍ଧି ତା ରୁନ୍ଧିଲେ ଅରଜୁନ ॥
ଖାଣ୍ଡବ ବନ ଅଗ୍ନି ମୁଖେ ଭୁଞ୍ଜିଦେଲେ ।
ଅର୍ଜୁନଙ୍କଠାରେ ବଡ଼ ସୁଖକଲେ ॥
ଜତୁଘରୁ ପଞ୍ଚପାଣ୍ଡବେ ମୁକ୍ତ ହେଲେ ।
କୁନ୍ତୀ ମଧ୍ୟ ତାଙ୍କ ସଙ୍ଗତରେ ଥିଲେ ॥
ସେମାନଙ୍କ କାର୍ଯ୍ୟ ସିଦ୍ଧ ହେବାପାଇଁ ।
ବହୁତ ଉଦ୍‌ଯୋଗ ବିଦୁର କଲେ ଯାଇଁ ॥
ମାଗଧ ମାନଙ୍କ ଉପରେ ନରପତି ।
ଜରାସନ୍ଧ ନାମେ ଅଟଇ ତାର ଖ୍ୟାତି ॥
କ୍ଷତ୍ରିୟ ମାନଙ୍କ ମଧ୍ୟରେ ବଳବନ୍ତ ।
ଜଳନ୍ତା ଅଗ୍ନି ପରି ତେଜରେ ଶୋଭିତ ॥

ଭୀମ ଶୂନ୍ୟ ହସ୍ତେ ତାହାଠାକୁ ଗଲେ ।
ବାହୁଯୁଦ୍ଧ କରି ତାହାକୁ ମାରିଲେ ॥
ପାଣ୍ଡୁସୁତେ ଦିଗବିଜୟ ଆରମ୍ଭିଲେ ।
ବଳେ ରଜାମାନଙ୍କୁ ଜିଣି ବଶକଲେ ॥
ଅତି ଶ୍ରେଷ୍ଠ ଅଟଇ ରାଜସୂୟ ଯାଗ ।
ହେଲେ ତାହା କଲେ ପାଣ୍ଡବେ ମହାଭାଗ ॥
ଦ୍ରୁପଦଙ୍କସୁତା ଦୁଃଖରେ କାନ୍ଦୁଥିଲେ ।
ଋତୁ ହୋଇଥିଲା ଏକ ବସ୍ତ୍ରେ ଥିଲେ ॥
ନାଥବନ୍ତ ହେଲେହେଁ ଅନାଥ ଲୋକ ପରି ।
ସଭାମଧ୍ୟେ ତାହାଙ୍କୁ ଆଣିଲେ ଯେ ଧରି ॥
ମନ୍ଦବୁଦ୍ଧି ମୋର କୁମାର ଦୁଃଶାସନ ।
କାଢୁଥିଲା ଦ୍ରୌପଦୀ ଦେହରୁ ବସନ ॥
ତେତେବେଳେ ତାଙ୍କର ଅଙ୍ଗରୁ ସେ ବାସ ।
ଶେଷ ନୋହି ବାହାର ହୋଇଲା ଅଶେଷ ॥
ଶକୁନି କପଟରେ ପଶାଖେଳ କରି ।
ଯୁଧିଷ୍ଠିର ରାଜ୍ୟ ସମ୍ପତ୍ତି ନେଲା ହରି ॥
କଳ୍ପତରୁ ଅଟନ୍ତି ତାଙ୍କର ଭାଇମାନେ ।
ଅନୁଗତ ହୋଇ ରହିଲେ ମଉନେ ॥
ଧର୍ମରେ ତ ବୁଦ୍ଧି ତାଙ୍କର ଥାଏ ଭଲେ ।
ଜ୍ୟେଷ୍ଠ ଭାଇ ଭୁଲେ ପ୍ରୀତି କରିଥିଲେ ॥
କ୍ଲେଶ ପାଇ ପାଣ୍ଡବେ ବନକୁ ବାହାରିଲେ ।
ଗଲାବେଳେ ନାନା ଚେଷ୍ଟା କରି ଗଲେ ॥
ବନରେ ଯୁଧିଷ୍ଠିର ବାସ କରି ଥିଲେ ।
ସହସ୍ରେ ଦ୍ୱିଜ ତାଙ୍କୁ ଭିକ୍ଷା ମାଗି ଗଲେ ॥
ସେମାନଙ୍କୁ ଅନ୍ନ ଭୁଞ୍ଜାଇଲେ ସେହି ।
ଏ କଥା ଏ ମହୀରେ କେହି କରି ନାହିଁ ॥
ଦେବତାମାନଙ୍କର ଦେବତା ଅଟନ୍ତି ।
ତ୍ରୟମ୍ବକ ନାମ ତାହାଙ୍କର ଖ୍ୟାତି ॥
କିରାତ ରୂପକୁ ସେ କପଟେ ଧରିଥିଲେ ।
ଅରଜୁନ ତାହାଙ୍କୁ ଯୁଦ୍ଧରେ ତୋଷିଲେ ॥
ତାହାଙ୍କଠାରୁ ପାଶୁପତ ଅସ୍ତ୍ରମୁଣ୍ଡି ।
ପାଇଲେ ଅରଜୁନ ବୀରଗଣମଣି ॥
ସ୍ୱର୍ଗଲୋକେ ଯାଇ ଅର୍ଜୁନ ରହିଲେ ।
ଇନ୍ଦ୍ରଙ୍କଠାରୁ ଦିବ୍ୟ ଅସ୍ତ୍ର ଶିକ୍ଷା କଲେ ॥

କାଳକେୟ ପୌଲୋମମାନେ ବରପାଇ ।
ମହାଗର୍ବକୁ ସେ ହୃଦରେ ଥିଲେ ବହି ॥
ଦେବତାମାନଙ୍କେ ସେ ଅଜେୟ ଅଟନ୍ତି ।
ନାଶିଲା ତାଙ୍କୁ ଶରେ ସୁଭଦ୍ରାଦେବୀ ପତି ॥
କର୍ଣ୍ଣିର ଶିଖାଇବା ବୁଦ୍ଧି ଯେନ ମନେ ।
ଘୋଷଯାତ୍ରା କରିଗଲେ ମୋ ସୁତମାନେ ॥
ଗନ୍ଧର୍ବେ ତାଙ୍କୁ ବାନ୍ଧି ଯେନ ଗଲେ ।
ଅର୍ଜ୍ଜୁନ ଟି ତହିଁରୁ ଫିଟାଇ ଆଣିଲେ ॥
ଶତ୍ରୁମାନଙ୍କର ଗରବ ଗଞ୍ଜନ ।
କୁନ୍ତୀଦେବୀଙ୍କର ଆନନ୍ଦ ବର୍ଦ୍ଧନ ॥
ପାଣ୍ଡବମାନଙ୍କରେ ଅଟନ୍ତି ଜୟକାରୀ ।
ବିଜୟ କିରୀଟି ନାମ ଯେ ତାହାଙ୍କର ॥
ଅସୁର ସଂହାରିବା ପାଇଁ ସେ ବୀର ।
ଗଲେ ଏ ମହୀଦେଶ ଛାଡ଼ି ସ୍ୱର୍ଗପୁର ॥
ତହିଁରେ କୃତକାର୍ଯ୍ୟ ହୋଇଣ ଆସିଲେ ।
ସବୁର ମୁଖରୁ ସେ ପ୍ରଶଂସା ଶୁଣିଲେ ॥
ମନୁଷ୍ୟମାନଙ୍କରେ ଅଗମ୍ୟ ସେ ଦେଶ ।
ଭାଇଙ୍କ ସଙ୍ଗେ ଯୁଧିଷ୍ଠିର ନରଈଶ ॥
କୁବେର ଦେବଙ୍କର ସଙ୍ଗେ ଦେଖା ହୋଇ ।
ହୋଇଲେ ଯେ ଅତିଶୟରେ ତୋଷ ସେହି ॥
ଧର୍ମରାଜାଙ୍କର ସଙ୍ଗରେ ଆହେ ସୁତ ।
ପକ୍ଷୀରୂପେ ଧର୍ମ ହୋଇଲେ ସମାଗତ ॥
ସେ ଯେଉଁ କଥାମାନ ଏହାଙ୍କୁ ପଚାରିଲେ ।
ଏ ତାହାଙ୍କୁ ସବୁ ଫିଟାଇ କହିଲେ ॥
ଆଚ୍ଛନ୍ନରୂପ ହୋଇ ପାଣ୍ଡବ ମହାବୀରେ ।
ଦ୍ରୁପଦ ନନ୍ଦନାଙ୍କୁ ଘେନି ସଙ୍ଗତରେ ॥
ଯାଇ ରହିଲେ ଯେ ବିରାଟ ଦେଶରେ ।
ଜାଣି ନ ପାରିଲେ ତା ମୋ ସେବକନରେ ॥
ବିରାଟଙ୍କ ଘରେ ଅର୍ଜ୍ଜୁନ ଯେବେ ଥିଲେ ।
ମୋ ଲୋକରୁ ଶ୍ରେଷ୍ଠ ଲୋକଙ୍କୁ ଜିଣିଲେ ॥
ମତ୍ସ୍ୟ ଦେଶରେ ଯେ ବିରାଟ ନୃପତି ।
ଉତ୍ତରା ହୋଇ ନାମ ତାଙ୍କର ଦୁହିତା ॥
ତାହାଙ୍କୁ ଭୂଷଣରେ ଭୂଷିତ ସେ କଲେ ।
ବୀରବର ଅର୍ଜ୍ଜୁନଙ୍କୁ ଅଣିଦେଲେ ॥

ଅର୍ଜ୍ଜୁନ ତାଙ୍କପୁତ୍ର ଅଭିମନ୍ୟୁ ପାଇଁ ।
ଦେଖିଲେ ସେ ଅତିଶୟ ତୋଷ ହୋଇ ॥
ଆମ୍ଭଠାରେ ପାଣ୍ଡବେ ଖେଳରେ ହାରିଲେ ।
ଅଶ୍ୱଗଜ ମହୀ ରଥ ଧନୁ ଭୁଲେ ॥
ସ୍ୱଜନ ମାନଙ୍କର ସଙ୍ଗଛାଡ଼ି କରି ।
ରହିଲେ ସେ ଯାଇ ଅରଣ୍ୟେ ବାସ କରି ॥
ତେମନ୍ତ ହେଲେ ପାଣ୍ଡୁସୁତମାନେ ଭଲେ ।
ସାତ ଅକ୍ଷୌହିଣୀ ସୈନ୍ୟ ମଧ୍ୟ କଲେ ॥
ବସୁଦେବଙ୍କର ନନ୍ଦନ ବାସୁଦେବ ।
ଲକ୍ଷ୍ମୀଦେବୀଙ୍କର ଅଟନ୍ତି ପ୍ରାଣଧବ ॥
ଇନ୍ଦ୍ରାଦି ଦେବେ ତାଙ୍କ ବଳଙ୍କୁ ମାନନ୍ତି ।
ଏ ପରି ଆଉ କେହି ନୋହିବେ ବୋଲନ୍ତି ॥
ପାଣ୍ଡବଙ୍କ କାର୍ଯ୍ୟରେ ସକଳ ପ୍ରକାରେ ।
ସେ ହରି ପରବେଶ ନହିଲେ କରନ୍ତିରେ ॥
ନାରଦ ବଚନରେ ମୋତେ ଛନ୍ତି କହି ।
ବ୍ରହ୍ମଲୋକ ଦେଖି ଯାଇଥିଲି ମୁହିଁ ॥
ନର-ନାରାୟଣ କୃଷ୍ଣ ଅରଜୁନ ।
ଏ କଥାରେ କିଛି ନାହିଁ ପରିଭିନ୍ନ ॥
ଲୋକମାନଙ୍କର ବିଚାରି ଯେ ହିତ ।
କୁରୁଙ୍କଠାରେ କୃଷ୍ଣ ହେଲେ ଉପଗତ ॥
ବହୁତରୂପେ ଶାନ୍ତି ବଚନ କହିଲେ ।
ଶାନ୍ତ କରି ନ ପାରି ବାହୁଡ଼ି ସେ ଗଲେ ॥
କର୍ଣ୍ଣ ଦୁର୍ଯ୍ୟୋଧନ ଦୁର୍ବିଚାରି ପଣେ ।
କୃଷ୍ଣଙ୍କୁ ମାରିବାକୁ ବିଚାରିଲେ ମନେ ॥
ସେକାଳେ ସେହରି ମାଧବମୁରାରି ।
ଗୋପୀଜନ ମଧ୍ୟେ ରାସ-ନାଟକାରୀ ॥
ଆପଣାର ରୂପକୁ ବହୁତ ପ୍ରକାରେ ।
ଦେଖାଇଲେ କୁରୁମାନଙ୍କୁ ସଭାରେ ॥
କୃଷ୍ଣ ଯିବାକାଳେ ରଥ ଆଗେ ରହି ।
କାନ୍ଦୁଥିଲେ କୁନ୍ତୀ ବିକଳମତି ହୋଇ ॥
ତାହାଙ୍କୁ ସେ ସାନ୍ତ୍ୱନା କରାଇଲେ ପୁଣି ।
କେଶବ କେଶିରିପୁ ଶଙ୍ଖଚକ୍ରପାଣି ॥
ପାଣ୍ଡବମାନଙ୍କର ହିତ ମନେ ଧରି ।
କୃଷ୍ଣ ଭୁଲେ ଭୀଷ୍ମ ହୋଇଲେ ବିଚାରି ॥

ଦ୍ରୋଣମଧ୍ୟ ତାଙ୍କ ମଙ୍ଗଳ ବର୍ତ୍ତିଲେ ।
ଅନୁବରତରେ ଆଶିଷ ତାଙ୍କୁ କଲେ ॥
ସୂତ-ସୁତ କର୍ଣ୍ଣ ଭୀଷ୍ମଙ୍କୁ କହିଲେ ।
ଯୁଦ୍ଧ ମୁଁ ନ କରିବି ତୁମ୍ଭେ ଜୀଇଥିଲେ ॥
ଯୁଦ୍ଧରେ ମୋର ସେନା ପାଳଣା ନ କର ।
ଅଲଗା ହୋଇ ଗଲେ କର୍ଣ୍ଣ ଧନୁର୍ଦ୍ଧାରୀ ॥
ହେଲେ ଏକଠାବ ଅର୍ଜ୍ଜୁନ ନନ୍ଦସୂନୁ ।
ଅପ୍ରମେୟ ବଳ ଗାଣ୍ଡୀବ ମହାଧନୁ ।
ଭାରତ-ଯୁଦ୍ଧ ଆଦ୍ୟେ ସୈନ୍ୟ ସନ୍ନିଧାନେ ॥
ରଥେ ଥାଇ ଅର୍ଜ୍ଜୁନ ବିକଳ ହେଲେ ମନେ ।
ବେଳକୁ ବେଳ ମହାଶୀର୍ଣ୍ଣତା ଭଜିଲେ ।
କୃଷ୍ଣ ବିଶ୍ୱରୂପ ତାହାଙ୍କୁ ଦେଖାଇଲେ ॥
ନିତ ନିତ ଯୁଦ୍ଧରେ ଭୀଷ୍ମ ମହାରଥୀ ।
ମାରନ୍ତି ପାଣ୍ଡବଙ୍କ ଅଯୁତ ସଂଖ୍ୟା ରଥୀ ॥
ପ୍ରଧାନ ହୋଇ କରି ତହିଁରେ ଯେ କେହି ।
ପାଣ୍ଡବଙ୍କ ଆଡ଼ରୁ ଗୋଟିଏ ମଲେ ନାହିଁ ॥
ଧାର୍ମ୍ମିକ ଗଙ୍ଗା ଦେବୀଙ୍କର ଯେ ନନ୍ଦନ ।
କହିଲେ ଯୁଦ୍ଧେ ନିଜ ମରଣ ବିଧାନ ॥
ପାଣ୍ଡୁସୁତମାନେ ତା ଶୁଣି ହୃଷ୍ଟ ହେଲେ ।
ସମସ୍ତେ ସେହିରୂପେ ବର୍ତ୍ତିର ଯେ କଲେ ॥
କେଉଁଣସି ଲୋକେ ଧରି ନ ପାରନ୍ତି ।
ଶୂରଙ୍କର ମଧ୍ୟରେ ଶୂର ସେ ବୋଲନ୍ତି ॥
ଶାନ୍ତନୁ ନୃପଙ୍କର ଅଟନ୍ତି ସେ ସୁତ ।
ତାହାଙ୍କୁ ବୋଲନ୍ତିଟି ଜଗତେ ଦେବବ୍ରତ ॥
ଶିଖଣ୍ଡିଙ୍କି ଆଗ କରି ଅରଜୁନ ।
ଘେନଲେ କାନ୍ତେ ତେଡ଼େ ଲୋକର ଜୀବନ ॥
ସୋମଦ୍ଧ ସଇନ୍ୟଙ୍କୁ ଯୁଦ୍ଧେ ଶେଷ କଲେ ।
ବୃଦ୍ଧ ଭୀଷ୍ମ ଶରଶଯ୍ୟାରେ ଶୋଇଲେ ॥
ଶରଶଯ୍ୟାରେ ଭୀଷ୍ମ ବୋଇଲେ ଅରଜୁନ ।
ଜୀବନ ଶାନ୍ତି ପାଇଁ ଦିଅହେ ଜୀବନ ॥
ଅରଜୁନ ପୃଥ୍ୱୀକି ଶରରେ ଭେଦିଲେ ।
ସେ ଜଳରେ ଭୀଷ୍ମଙ୍କୁ ତୃପ୍ତମତି କଲେ ॥
ଚନ୍ଦ୍ର ସୂର୍ଯ୍ୟ ପବନ ଇନ୍ଦ୍ରଙ୍କ ସହିତେ ।
ପାଣ୍ଡବଙ୍କ ଜୟ ପାଇଁ ଏ ସମସ୍ତେ ॥

ଅନୁକୂଳ ହୋଇ ତାହାଙ୍କୁ ରହିଲେ ।
ଶ୍ୱାପଦେ ନଇ ପୁଣି ଆମ୍ଭଙ୍କୁ ଡ଼ରାଇଲେ ।
ଅସ୍ତ୍ରଯୋଧୀ ଦ୍ରୋଣ ବିବିଧ ଅସ୍ତ୍ର ବନ୍ଧି ।
ହେଉଥିଲେ ଯୁଦ୍ଧଭୂମିକି ସେ ରୁନ୍ଧି ॥
ତେବେ ହେଲେ ପାଣ୍ଡବଦଳରୁ ଶ୍ରେଷ୍ଠ ହୋଇ ।
ଗୋଟିଏ ତହିଁରୁ କେବେ ମଲେ ନାହିଁ ॥
ମହାରଥୀ ମୋହର ସଂଶପ୍ତକମାନେ ।
ଅର୍ଜୁନଙ୍କୁ ମାରିବା କରିଥିଲେ ମନେ ॥
ସେମାନଙ୍କ ପ୍ରାଣ କଷ୍ଟରୁ କାଢ଼ି ମାରି ।
ଅରଜୁନ ଯୁଦ୍ଧରେ ପାଇଲେ ଜୟଶିରୀ ॥
ବ୍ୟୂହ କରି ଦ୍ରୋଣ ଜଗିଥିଲେ ଦ୍ୱାର ।
ଅଭେଦ୍ୟ ଅଟଇ ସେ ଆନମାନଙ୍କର ॥
ସୁଭଦ୍ରାଙ୍କ ସୁତ ଅଭିମନ୍ୟୁ ତହିଁ ।
ପଶିଗଲେ ସମସ୍ତ ବୀରଙ୍କୁ ବଳଆଇ ॥
ଯେତେଥିଲେ ମୋହର ମହାରଥୀ ପୂରି ।
ବିଜୟଙ୍କୁ ଜୟସେ ନପାରିଲେ କରି ॥
ବାଳକ ତ ଅଟନ୍ତି ସୁଭଦ୍ରାଙ୍କ ସୁତ ।
ତାହାଙ୍କୁ ମାରି ତୁଷ୍ଟ ହୋଇଲେ ବହୁତ ॥
ମୋ ପୁତ୍ରମାନେ ତାହା ଦେଖିଣ ସମରେ ।
ଆକାଶ ପୂରାଇଲେ ଗର୍ଜି ହରଷରେ ॥
ଜୟାଇଁ ସିନ୍ଧୁଦେଶ ନୃପତିଙ୍କି ପୁଣି ।
କ୍ରୋଧକଲା ଗାଣ୍ଡୀବପାଣି ବୀରମଣି ॥
ଦୁଷ୍କର ପ୍ରତିଜ୍ଞାକୁ କଲା ଅରଜୁନ ।
ସିନ୍ଧୁଦେଶ ନୃପର ନେବାକୁ ଜୀବନ ॥
ସମସ୍ତ ଶତ୍ରୁମାନେ ନୟନେ ଚାହିଁଥିଲେ ।
ଅର୍ଜୁନ ସେ ପ୍ରତିଜ୍ଞା ସତ୍ୟ କରି କଲେ ॥
ଅର୍ଜୁନଙ୍କ ଘୋଡ଼ା ଯୁଦ୍ଧରେ ଶ୍ରାନ୍ତ ହେଲେ ।
କୃଷ୍ଣ ତାଙ୍କୁ ପାଣି ପିଆଇ ଯେ ଗଲେ ॥
କାହିଁ ଖେଦକୁ ସେ ମନରେ ନବହି ।
କପିଧ୍ୱଜ ରଥେ ଏକା ଥିଲେ ରହି ॥
ତେବେ ସବୁ ଯୋଦ୍ଧାମାନଙ୍କୁ କବାରିଲେ ।
କେହି ତାଙ୍କୁ କିଛି କରି ନ ପାରିଲେ ॥
ପୁଣି କୃଷ୍ଣ ଅଶ୍ୱଙ୍କୁ ବାନ୍ଧିଲେ ରଥରେ ।
ଯୁଦ୍ଧକୁ ବାହାରି ଯେ ହେଲେ ସେ ଦୁରିବାରେ ॥

ଦ୍ରୋଣଙ୍କର ସୈନ୍ୟେ ବହୁତ ଥିଲେ କର ।
ଯୁଯୁଧାନ ତାହାବଳେ ମନ୍ଥି କର ॥
କୃଷ୍ଣ ଅରଜୁନ ଥିଲେ ଯେଉଁଠାରେ ।
ପରବେଶ ହୋଇଲେ ଯାଇ ସେହିଠାରେ ॥
କର୍ଣ୍ଣ ଭୀମ ଯୁଦ୍ଧେ ହେଲେ ଭେଟାଭେଟି ।
ମାଇଲେ ଭୀମ ପେଟେ କର୍ଣ୍ଣ ଧନୁ ଗୋଟି ॥
ବଚନ ମାତ୍ର କରେ ଭୀମକୁ ଦେଲେ ଗାଳି ।
ନ ମାଇଲେ ଯୁଦ୍ଧରେ କର୍ଣ୍ଣ ମହାବଳୀ ॥
ଦ୍ରୋଣ କୃତବର୍ମା କୃପ କର୍ଣ୍ଣ ଦ୍ରୋଣି ।
ମଦ୍ରଦେଶ ଈଶ୍ୱର ଶଲ୍ୟ ଶୂରମଣି ॥
ସିନ୍ଧୁଦେଶ ନୃପତି ଯୁଦ୍ଧରେ ପ୍ରାଣ ଦେଲା ।
ଏ କଥା ଏ ସବୁଇ ଦେହେ ସୁହାଗଲା ॥
ଶଚୀପତି ବର ଦେଇଣ କର୍ଣ୍ଣକୁ ।
ଶକତି ଦେଲେ ଏକ ବୀରର ବଧକୁ ॥
ସେ ଶକତି କର୍ଣ୍ଣ କୃଷ୍ଣଙ୍କ ମାୟାରେ ।
ମାଇଲେ ଯେ ଘଟଉତ୍କଚ ହୃଦରେ ॥
ଦ୍ରୋଣଗୁରୁ ରଥ ଉପରେ ଶସ୍ତ୍ର ଥୋଇ ।
କେବଳ ମାତ୍ରଥିଲେ ଗତପ୍ରାଣ ହୋଇ ॥
ଆପଣାର କ୍ଷତ୍ରିୟ ଧର୍ମକୁ ଲଙ୍ଘିଲା ।
ଦ୍ରୁପଦସୁତ ତାଙ୍କ ମୁଣ୍ଡକୁ କାଟିଲା ॥
ସହଦେବ ଅଗ୍ରଜ ଦ୍ରୋଣିଙ୍କର ଭୁଲେ ।
ଦୁଇରଥି ଯୁଦ୍ଧେ ସମାନ ହୋଇଲେ ॥
ଦ୍ରୋଣନନ୍ଦନ ଦ୍ରୋଣି ମହାବୀର ।
କଲେ ନାରାୟଣ ଅସ୍ତ୍ର ଅସ୍ତ୍ରୀବର ॥
ତେବେହେଁ ପାଣ୍ଡବଙ୍କ ନୋହିଲାଟି କ୍ଷୟ ।
ନ ପାଇଲେ ଦ୍ରୋଣ କୁମର ବଜୟ ॥
ଦୁଃଶାସନକୁ ମୋ ମାଡ଼ି ବସି ବଳେ ।
ପିଇଲା ରକ୍ତ ଭୀମ ଚଢ଼ି ବକ୍ଷଃସ୍ଥଳେ ॥
ମୋ ଯୋଦ୍ଧାଏ ସବୁ ଆତଙ୍କେ ଚାହିଁଥିଲେ ।
ପ୍ରତକାର କେ କଛ କର ନ ପାରଲେ ॥
ଯୁଦ୍ଧେ କାହାର ସେ ନୁହେ ଧରଷଣ ।
କର୍ଣ୍ଣ ମହାରଥୀ ରଥିଙ୍କର ଗଣ ॥
ଧନଞ୍ଜୟଠାରୁ ଜୟକୁ ନ ପାଇଲେ ।
ଆପଣେ ମଧ୍ୟ ପ୍ରାଣଗୋଟି ହରାଇଲେ ॥

ଅସହାୟ ହୋଇ ଯୁଧିଷ୍ଠିର ଥିଲେ ।
ତାହାଙ୍କୁ ମାରିବାକୁ ଏମାନେ ବେଢ଼ିଲେ ॥
ଦ୍ରୋଣପୁତ୍ର କୃତବର୍ମା ଦୁଃଶାସନ ।
ତଥାପି ଜିଣିଲେ ଯେ ଧର୍ମଙ୍କ ନନ୍ଦନ ॥
ଆହେ ସୁତ ଧର୍ମରାଜ ଯୁଧିଷ୍ଠିର ।
ପ୍ରାଣ ନେଲେ ରଣେ ମଦ୍ର ନୃପଙ୍କର ॥
କୃଷ୍ଣଗୁରୁଲେ ସଂଗ୍ରାମ କରିବା ଶରଧା ।
ବହିଥାନ୍ତି ମନେ ଯେ ଶଲ୍ୟ ମହା ଯୋଦ୍ଧା ॥
ଗାନ୍ଧାର ଦେଶ ପ୍ରଜାଙ୍କର ମହୀପାଳ ।
ଶକୁନି ଶଳା ମୋର କଳହର ମୂଳ ॥
ମାୟାବଳକୁ ସେ ମାତ୍ରକ ଆଶ୍ରେ କରି ।
ପଶା ଖେଳିବାକୁ ଶରଧାଥାଏ ଧରି ॥
ସେ ପାପୀ ସଙ୍ଗେ ସହଦେବ କରି ରଣ ।
ହେଲେ ଘେନିଗଲେ ତାହାର ପରାଣ ॥
ଦୁର୍ଯ୍ୟୋଧନ ମୋର ବିରଥୀ ହୋଇଲା ।
ଉତ୍ସାହ-ଶକ୍ତି ଗୋଟି ମନୁ ଭାଙ୍ଗି ଦେଲା ॥
ଅତିଶ୍ରାନ୍ତ ହୋଇ ହ୍ରଦର ଭିତରେ ।
ଜଳସ୍ତମ୍ଭି ଦେଇ ଶୋଇଲା ତହିଁରେ ॥
ପାଣ୍ଡବେ ସେ ଶୋଇବା ହ୍ରଦଠାକୁ ଗଲେ ।
ଶ୍ରୀକୃଷ୍ଣଙ୍କୁ ମଧ୍ୟ ସଙ୍ଗେ ଘେନି ଗଲେ ॥
ଅସହିଷ୍ଣୁ ଅଟଇ ନୃପ ଦୁର୍ଯ୍ୟୋଧନ ।
ତାହାକୁ ବହୁତ ସେ କଲେ ଭର୍ତ୍ସନ ॥
ଦୁର୍ଯ୍ୟୋଧନ ଭୀମସେନ ଦୁଇଜଣରେ ।
ଆରମ୍ଭ କଲେ ଗଦାଯୁଦ୍ଧ ଏ ଅନ୍ତରେ ॥
ନାନା ପ୍ରକାରେ ଆଶ୍ଚର୍ଯ୍ୟ ମଣ୍ଡଳ ।
କରୁଥିଲେ ତହିଁ ସେ ବେନି ମହାବଳ ॥
ଶ୍ରୀକୃଷ୍ଣଙ୍କ ବୁଦ୍ଧି ଘେନି ଭୀମସେନ ।
ନେଲେ ଦୁର୍ଯ୍ୟୋଧନ ନୃପତି ଜୀବନ ॥
ଦ୍ରୌପଦୀଙ୍କ ପାଞ୍ଚପୁତ୍ରେ ଶୋଇଥିଲେ ।
ଦ୍ରୋଣପୁତ୍ର ଯାଇ ତାହାକୁ ମାରିଲେ ॥
ଏଡ଼େ ମହା ବିକୃତ କର୍ମ କରି ବୀର ।
ଲୋକରେ ଅପକୀର୍ତ୍ତି ପାଇଲେ ଅପାର ॥
ଭୀମ ମହାବଳୀ ମହାକ୍ରୋଧ ହେଲେ ।
ଦ୍ରୋଣଗୁରୁ ପୁତ୍ର ପଛରେ ଗୋଡ଼ାଇଲେ ॥

କ୍ରୋଧେ ଦ୍ରୋଣି ଐଷିକ ଅସ୍ତ୍ରକୁ ପେଷିଲେ ।
ସେ ଅସ୍ତ୍ରେ ଉତ୍ତରା ଗର୍ଭକୁ ନାଶିଲେ ॥
ଅର୍ଜ୍ଜୁନ ନାଶ ପାଇଁ ବ୍ରହ୍ମଶିର ଅସ୍ତ୍ର ।
ପ୍ରୟୋଗ କଲେ ଦ୍ରୋଣପୁତ୍ର ବଳବନ୍ତ ॥
ସ୍ୱସ୍ତିମନ୍ତ୍ର ପଢ଼ି ଦିବ୍ୟାସ୍ତ୍ର ପ୍ରହାରି ।
ଦେଲେ ଅର୍ଜ୍ଜୁନ ସେ ଅସ୍ତ୍ରକୁ ନିବାରି ॥
ଅଶ୍ୱତ୍ଥାମା ଦେଲେ ମଣି ରତନକୁ ।
ଜିଣି ନ ପାରିଲେ ପାଣ୍ଡବ ମାନଙ୍କୁ ॥
ଦ୍ରୋଣ ନନ୍ଦନର ପାଇ ଅସ୍ତ୍ରତ୍ରାସ ।
ବିରାଟ ନନ୍ଦନୀର ହେଲା ଗର୍ଭନାଶ ॥
ବ୍ୟାସ ମହାଋଷି କୃଷ୍ଣ ନରହରି ।
ଶାପଦେଲେ ଦ୍ରୋଣ ପୁତ୍ରକୁ କୋପକରି ॥
ଏହା ସବୁ ଶୁଣି ସଞ୍ଜୟ ମୋ ମନରେ ।
ବିଜୟ ହେବା ଆଶା ନଥିଲା କିଞ୍ଚିତରେ ॥

## ଜତୁଗୃହ ଦାହ

ବଳରେ ଅଧିକତ ହୋଇଲେ ଭୀମସେନ ।
ସେହିରୂପେ ବିଦ୍ୟାରେ ବଳିଲେ ଅର୍ଜ୍ଜୁନ ॥
ଦୁଷ୍ଟ ଦୁର୍ଯ୍ୟୋଧନ ନିତ ତାହା ଦେଖି ।
ଅତି ସନ୍ତାପରେ ହେଉଥାଏ ଦୁଃଖୀ ॥
ଶକୁନି କର୍ଣ୍ଣ ଦୁହେଁ ଉପାୟମାନଙ୍କରେ ।
ପାଣ୍ଡବଙ୍କ ନାଶ ଚିନ୍ତିଲେ ମନରେ ॥
ପାଣ୍ଡବମାନେ ବିଦୁରଙ୍କମତେ ଥାଇ ।
ଉପାୟ କରୁଥାନ୍ତି ତହିଁକ ଯତ୍ନ ବହି ॥
ଦୁର୍ଯ୍ୟୋଧନ ହେଲେ ଅତି ସନ୍ତପତ ।
ଅଟନ୍ତି ସେ ଯେଣୁ ଦୁର୍ମ୍ମତି ଯୁକତ ॥
ବାପଙ୍କପାଶେ ଯାଇ ଏକାନ୍ତେ ଭେଟିଲେ ।
ନାନାପରକାରେ ପୂଜାବିଧି କଲେ ॥
ପୁରଜନଙ୍କର ପାଣ୍ଡବଙ୍କରେ ପ୍ରୀତି ।
ଶୁଣିତ ଦୁଃଖଯୁତ ହୋଇଥିଲା ମତି ॥
ସେ କଥାବାପୁ ଆଗେ କଲେ ନିବେଦନ ।
ଯେଣୁ ଅତି କୁମତି ଅଟନ୍ତି ଦୁର୍ଯ୍ୟୋଧନ ॥
ପୁରଜନମାନେ ଭୀଷ୍ମଙ୍କୁ ଗୁରୁଙ୍କୁ ।
ଅତିକ୍ରମି ପଟି ଇଚ୍ଛନ୍ତି ପାଣ୍ଡବଙ୍କୁ ॥

ଏ କଥା ମଧ୍ୟ ଭୀଷ୍ମଙ୍କର ସନମତ ।
ରାଜ୍ୟ ଇଚ୍ଛା ତାଙ୍କର ହୋଇଛି ଦୂରତ ॥
ହସ୍ତୀନାବାସୀ ଆମ୍ଭ ପୀଡ଼ା ଇଚ୍ଛା କର ।
ଅଛନ୍ତି ଆହେ ଧୃତରାଷ୍ଟ୍ର ଦଣ୍ଡଧାରୀ ॥
ପାଣ୍ଡୁପୁତ୍ରେ ଯେବେ ଏ ରାଜ୍ୟ ପାଇବେ ।
କ୍ରମରେ ପୁତ୍ରନାତି କୁଳରେ ରଜାହେବେ ॥
ରାଜ ବଂଶ ଆମ୍ଭେ ହୋଇବା ବାହାର ।
ଆଦର କାହିଁ ପାଇଁ କରିବେଟି ନର ॥
ତାର ଅନ୍ନ ଖାଇ ପାଇବା ଆମ୍ଭେ ଦୁଃଖ ।
ଏଥିକି ବିଚାରିତ କର ନୃପଶିଖ ॥
ପୂର୍ବେ ଯେବେ ରାଜ୍ୟ ପାଇଥାନ୍ତ ତୁମ୍ଭେ ।
ଏବେ କପାଁ ଭୋଗ ନ କରନ୍ତୁ ଆମ୍ଭେ ॥
ପୁତ୍ରମୁଖୁଁ ଏହା ଶୁଣି ନରମଣି ।
କଣିକଙ୍କ ବଚନ ମନେ ମନେ ଗୁଣି ॥
ଶୋକରେ ସେ ଅତି ଆରତ ହୋଇଲେ ।
ଆପଣାର ଚିତ୍ତକୁ ଦୁଇଭାଗ କଲେ ॥
ଦୁର୍ଯ୍ୟୋଧନ କର୍ଣ୍ଣ ଶକୁନି ଦୁଃଶାସନ ।
ଏକଠା ହୋଇ ବସି ଭାଳିଲେ ବହନ ॥
ତଦନ୍ତେ ଧୃତରାଷ୍ଟ୍ର ମୁଖକୁ ଚାହିଁଲେ ।
କରଯୋଡ଼ି ଦୁର୍ଯ୍ୟୋଧନ ଜଣାଇଲେ ॥
ଉପାୟରେ ବାରଣାବତକୁ ପାଣ୍ଡବଙ୍କୁ ।
ପଠିଆଇ ଦିଅ ଆସୁଛି ମୋ ମନକୁ ॥
ତେବେ ପାଣ୍ଡବ ସକାଶରୁ ଭୟ ।
ନୋହିବ ଆମ୍ଭମାନଙ୍କରଟି ଉଦୟ ॥
ପୁତ୍ରଠାରୁ ଶୁଣି ଏରୂପେ ବଚନ ।
ମୁହୂର୍ତ୍ତେ ଚିନ୍ତା କରି ଅମ୍ବିକା-ନନ୍ଦନ ॥
କହିଲେ ଆହେ ପୁତ୍ର ଶୁଣ ମୋ ଉତ୍ତର ।
ଧର୍ମରେ ତ ପାଣ୍ଡୁ ଅଟନ୍ତି ତତପର ॥
ମୋତେତ ଧର୍ମରେ ସେ ସେବା କରିଥାନ୍ତି ।
ମୋ ବୋଲରୁ କେବେ ବାହାର ନୁହନ୍ତି ॥
ମୋଠାରେ ସେ ରାଜ୍ୟ ସମର୍ପିଥାନ୍ତି ନିତି ।
ତାହାଙ୍କ ପୁତ୍ରେ ସେହି ପରତ ଅଟନ୍ତି ॥
ଗୁଣମାନଙ୍କର ଅଟନ୍ତି ଆକର ।
ପରଦେଶେ କୀର୍ତ୍ତି ଖ୍ୟାତ ତାହାଙ୍କର ॥

ଆମ୍ଭ ପୁରଜନେ ତା ଜାଣି ଭଲ କରି ।
ତାହାଙ୍କଠାରେ ସ୍ନେହଥାନ୍ତି ମନେ ଧରି ॥
ହେ ପୁତ୍ରେ ପାଣ୍ଡୁପୁତ୍ରେ ଏରୂପେ ବଳୟାର ।
କରୂପେ ବଳେଷ୍ଟି କରିବା ଅପକାର ॥
ପିତୃକ୍ରମରେ ତ ପ୍ରାପତ ରାଜ୍ୟ ତାଙ୍କୁ ।
ପାରିବା ନାହିଁ ଆମ୍ଭେ ତାଙ୍କୁ ଖେଦିବାକୁ ॥
ନିଃସହାୟ ନୁହନ୍ତି ପାଣ୍ଡୁଙ୍କ କୁମର ।
ବଳରେ ସେ କୁରୁଙ୍କ ପ୍ରତି ବଳୟାର ॥
ପାଣ୍ଡୁ ଯେଉଁକାଳେ ରାଜା ହୋଇଥିଲେ ।
ହସ୍ତିନାବାସୀଙ୍କି ସେ ସୁଖେ ପୋଷିଥିଲେ ॥
ଉତ୍ତମ ମନ୍ତ୍ରୀ ବାଛି ରଖିଥିଲେ କେତ ।
ଜାଣନ୍ତି ଯେଣୁ ପାଣ୍ଡୁ ଉତ୍ତମ ରାଜନୀତ ॥
ଏହି ସକାଶରୁ ଆହେ ଦୁର୍ଯ୍ୟୋଧନ ।
ପୂର୍ବକାଳୁଁ ଏ ଲୋକେ ତାଙ୍କର ଅଧୀନ ॥
ଯୁଧିଷ୍ଠିରଙ୍କର ପାଇଁ ସେ ଆମ୍ଭଙ୍କୁ ।
ମାରି ପକାଇବେ ଆସୁଛି ମନକୁ ॥
ବାପଙ୍କଠାରୁ ଶୁଣି ଏମନ୍ତ ବଚନ ।
ହସି ଜଣାଇଲେ ତାହାଙ୍କୁ ଦୁର୍ଯ୍ୟୋଧନ ॥
ଏ କଥା ମୁଁ ତାତ ଉତ୍ତମ କରି ଜାଣି ।
ଦ୍ରବ୍ୟ ଦେଇ ପୂଜିଛି ହସ୍ତିନା ନରଶ୍ରେଣୀ ॥
ନିଶ୍ଚେ ସେ ଲୋକମାନେ ହେବେ ମୋ ସହାୟ ।
ଏ କଥାରେ କିଛି ନାହିଁହେ ସଂଶୟ ॥
ସମସ୍ତ ଦ୍ରବ୍ୟ ଯାକ ମୋଠାରେ ଅଛନ୍ତି ।
ମନ୍ତ୍ରୀମାନେ ମଧ୍ୟ ମୋତେ ଭଜିଛନ୍ତି ॥
ଏବେ ପାଣ୍ଡବଙ୍କୁ ଅଣାଅ ଡକାଇ ।
କହିବା କୋମଳରେ କଥା ସ୍ନେହଥାଇ ॥
ବାରଣାବତ ନାମେ ଅଛି ଯେଉଁ ପୁର ।
ତହିଁକି ଯାଅବୋଲି ହୋଇଣ ସତ୍ୱର ॥
ସେମାନେ ଗଲେ ଆମ୍ଭେ ନିର୍ଭୟ ହୋଇବା ।
ମହାସୁଖେ ନୃପ ଆସନେ ବସିବା ॥
ଯେବେ ଦୃଢ଼ମୂଳ ହେବେ ରାଜ୍ୟଯାକ ।
ତେବେ ପାଣ୍ଡୁପୁତ୍ରେ ରହିବେ ହୋଇ ଲୋକ ॥
ଧୃତରାଷ୍ଟ୍ର ଶୁଣି ବୋଇଲେ ଦୁର୍ଯ୍ୟୋଧନ ।
ଏ କଥା ହୃଦେ କରିଥିଲି ମୁଁ ଆଜନ୍ମ ।

ପାପକୁ ଭୟ କରି ପ୍ରକାଶ ନ କଲି ।
ତୁମ୍ଭଠାରୁ ଶୁଣି ଏହା ମୁଁ କହିଲି ॥
ଭୀଷ୍ମ ଦ୍ରୋଣ ବିଦୁର ଗୁରୁ କୃପଦ୍ଵିଜ ।
ଏହାଙ୍କର ଏମନ୍ତ ନୁହିଲି ତନୁଜ ॥
କୁରୁ ପାଣ୍ଡୁଙ୍କରେ ସମାନ ତାଙ୍କ ପ୍ରୀତି ।
ଧର୍ମକୁ ତ ସେମାନେ ଲବେ ନ ଛାଡ଼ନ୍ତି ॥
ଏଣୁ କରି ଏଡ଼େ ବିଷମ କଥାମାନ ।
ଇଚ୍ଛା ନ କରିବେ ଆହେ ଦୁର୍ଯ୍ୟୋଧନ ॥
ଏ କଥା ଆମ୍ଭେ ଯେବେ କରିବା ନିଶ୍ଚୟେ ।
ଜଗତରେ ନିନ୍ଦା କରିବେ ସଭିଏ ॥
ଦୁର୍ଯ୍ୟୋଧନ ଶୁଣି ବୋଇଲେ କୁରୁପତି ।
ମଧ୍ୟସ୍ଥ ହୋଇ ଭୀଷ୍ମ ଦୁଇକୁଳେ ଛନ୍ତି ॥
ନ ଛାଡ଼ିବେ ମୋତେ ତ ଦ୍ରୋଣଙ୍କ କୁମର ।
ପୁତ୍ରସ୍ନେହେ ଦ୍ରୋଣ ହୋଇବେ ମୋହର ॥
ଦ୍ରୋଣ ଅଶ୍ୱଥାମା ଦୁହିଁଙ୍କ ବାତ୍ସଲ୍ୟରେ ।
କୃପାଚାର୍ଯ୍ୟ ରହିବେ ଆମ୍ଭର ପଟରେ ॥
ବିଦୁରତ ପୁଣି ଅଟନ୍ତି ଆମ୍ଭର ।
ଅନ୍ତରରେ ହୋଇ ଥାଆନ୍ତି ତାଙ୍କର ॥
ପାଣ୍ଡବଙ୍କର ପାଇଁ ଆମ୍ଭର ଅଧିକାରୀ ।
ହୋଇ ନ ପାରନ୍ତି କେବେ ସେ ଦଣ୍ଡଧାରୀ ॥
ପାଣ୍ଡବଙ୍କୁ ବିଶ୍ୱାସ ଦେଖାଇ କୁନ୍ତୀଗୁଲେ ।
ବାରଣାବତେ ପେଷ ନୃପମଣି ଭଲେ ॥
ପାଣ୍ଡବଙ୍କ ସକାଶୁଁ ମୋର ଶୋକଦ୍ରୁମ ।
ହୃଦରେ ବଢ଼ିଅଛି ଆହେ ନୃପୋତ୍ତମ ॥
କହି ଏହା ଧୃତରାଷ୍ଟ୍ରଙ୍କୁ ଦୁର୍ଯ୍ୟୋଧନ ।
ସଙ୍ଗତରେ ଘେନି ଭାଇ ଦୁଃଶାସନ ॥
ହସ୍ତିନାପୁର ଲୋକେ ଡକାଇ ଆଣିଲେ ।
ବହୁତ ରତ୍ନ ବସ୍ତ୍ର ଧନ ତାଙ୍କୁ ଦେଲେ ॥
ଧୃତରାଷ୍ଟ୍ରଙ୍କର କୁଶଳ ମନ୍ତ୍ରୀ ଯେତେ ।
ବାରଣାବତକୁ ସେ ପ୍ରଶଂସିଲେ ନିତ୍ୟେ ॥
ପରସ୍ପରେ କଥା ହୋଇଲେ ଏପରି ।
ବଡ଼ ରମଣୀୟ ବାରଣାବତ ପୁରୀ ॥
ବାରଣାବତେ ମହାଦେବଙ୍କ ଉତ୍ସବ ।
କରୁଛନ୍ତି ଭକ୍ତିରେ ବହୁତ ମାନବ ॥

ତାଙ୍କଠାରୁ ଏହା ପାଣ୍ଡୁପୁତ୍ରେ ଶୁଣି ।
ଯିବାକୁ ସେହିଠାକୁ ମନ କଲେ ପୁଣି ॥
କଉତୁକ ପାଇ ସେ କଥା କଥା ହେଲେ ।
କରୂପେ ଦେଖିଯିବା ବୋଲି ବସ୍ଥିରଲେ ॥
ତାହା ଜାଣିପାଇ ଅମ୍ବିକା କୁମର ।
ପାଣ୍ଡବଙ୍କୁ ଡାକି କହିଲେ ଏ ଉତ୍ତର ॥
ଅହେ ବାବୁମାନେ ମୋହର ଲୋକ ଯେତେ ।
ପ୍ରଶଂସନ୍ତି ବାରଣାବତକୁ ସମସ୍ତେ ॥
ବଡ଼ ରମଣୀୟ ହୋଇଛି ସେ ପୁର ।
ଦେଖିବା ଇଚ୍ଛାଥିଲେ ଯାଅ ହେ ସତ୍ୱର ॥
ବ୍ରାହ୍ମଣ ଅନ୍ଧ ଦୀନଜନ ଯେତେ ଜନ ।
ଏମାନଙ୍କୁ ବାବୁ ବହୁତ ଦିଅ ଧନ ॥
ଯେବେ ତୁମ୍ଭ ମନ ତୃପତ ହୋଇବ ।
ତେବେ ହସ୍ତିନାକୁ ଲେଉଟି ଆସିବ ॥
ଧୃତରାଷ୍ଟ୍ରଙ୍କର ମନୋରଥ ଜାଣି ।
ଆପଣା ସହାୟକୁ ମନେ ମନେ ଗୁଣି ॥
କାହାକୁହିଁ ସହାୟ ନ ଦେଖି ଯୁଧିଷ୍ଠିର ।
ଯିବାକୁ ଇଚ୍ଛା କଲେ ତହିଁକି ସତ୍ୱର ॥
ଭୀଷ୍ମ ଦ୍ରୋଣ ବିଦୁର ବାହ୍ଲୀକ ସେ ମହତ୍ତ୍ୱ ।
ଭୂରିଶ୍ରବା ଆଚାର୍ଯ୍ୟପୁତ୍ର ଶାରଦ୍ୱତ ॥
ଧୃତରାଷ୍ଟ୍ରଙ୍କର ଭାରଯା ଗାନ୍ଧାରୀ ।
ଯେତେ ଥିଲେ ହସ୍ତିନାପୁରେ ଘର କରି ॥
ମନ୍ତ୍ରୀ ପୁରୋହିତ ସଙ୍ଗେ ଯେତେ ଦ୍ୱିଜ ।
ଏମାନଙ୍କୁ ଚାହିଁ ପାଣ୍ଡୁଙ୍କ ତନୁଜ ॥
ମୁଖ ଶୁଖାଇଣ ଏ ବଚନ ଭଣି ।
ଆଜ୍ଞା ଦେଲେ ଆଜ ହସ୍ତିନା ନରମଣି ॥
ବଡ଼ ରମଣୀୟ ବାରଣାବତ ପୁରୀ ।
ତହିଁକି ଆମ୍ଭେମାନେ ଯିବୁ ଯାତ୍ରାକରି ॥
ପ୍ରସନ୍ନ ହୋଇ ତୁମ୍ଭେ ଆଶିଷ ଆଜକର ।
ଯେ ରୂପରେ ହୋଇବ ମଙ୍ଗଳ ଆମ୍ଭର ॥
ଯୁଧିଷ୍ଠିରଙ୍କର ଶୁଣି ଏ ବଚନ ।
ଆଶିଷ କଲେ ଜନେ ହୋଇଣ ପ୍ରସନ୍ନ ।
ଅହେ ଯୁଧିଷ୍ଠିର ବାଟରେ ତୁମ୍ଭର ।
ଅମଙ୍ଗଳମାନ ନାଶନ୍ତୁ ସର୍ବାମର ॥

ଏହା ଶୁଣି ପାଣ୍ଡବେ ମଙ୍ଗଳ କର୍ମ କରି ।
ବାହାରିଲେ ବେଗେ ବାରଣାବତପୁରୀ ॥
ଏମନ୍ତେ ଧୃତରାଷ୍ଟ୍ର ବୋଲନ୍ତେ ପାଣ୍ଡବଙ୍କୁ ।
ଦୁରାତ୍ମା ଦୁର୍ଯ୍ୟୋଧନ ପାଇଣ ହର୍ଷକୁ ॥
ଏକାନ୍ତରେ ପୁରୋଚନକୁ ଡାକିଲେ ।
ହାତ ଧରି ତାକୁ ବଚନ କହିଲେ ॥
ଆହେ ପୁରୋଚନ ଏ ପୃଥ୍ୱୀ ମୋହର ।
ଯେଉଁରୂପେ ସେରୂପେ ଅଟଇ ତୁମ୍ଭର ॥
ତୁମ୍ଭ ବିନୁ ମୋହର ବିଶ୍ୱାସୀ କେହି ନାହିଁ ।
ଏବେ ଏ ପୃଥ୍ୱୀ ରକ୍ଷା କରି କହୁଥାଇ ॥
ଯେରୂପେ ମୁଁ ତୁମ୍ଭଙ୍କୁ କହିବ ବିସ୍ତର ।
ସେ କଥା ମନେ ରଖିଥିବ ମନ୍ତ୍ରୀବର ॥
ମୋ ଶତ୍ରୁମୂଳ ତୁମ୍ଭେ ଉପୁଡ଼ାଇ ଦେବ ।
ତହିଁକି କହିବ ଯା ତାହାଟି କରିବ ॥
ଧୃତରାଷ୍ଟ୍ର ରଜା ବାରଣାବତକୁ ।
ପେଷିଲେ ଆଜ୍ଞା ଡାକି ପାଣ୍ଡବମାନଙ୍କୁ ॥
ସେମାନେ ସୁଖେ ଯାଇ ତହିଁ ବିହରିବେ ।
ପାଶୁପତ ଉତ୍ସବ ଦର୍ଶନ କରିବେ ॥
ଚଢ଼ି ଗଧଯୋଗ୍ୟ ଦିବ୍ୟ ରଥବର ।
ତହିଁକି ବେଗେ ତୁମ୍ଭେ ଯିବାର ବିସ୍ତର ॥
ନଗର ପ୍ରାନ୍ତେ ତହିଁ ଚତୁଃଶାଳା ଘର ।
ମନୋରମ କରି ନିର୍ମାଣ ବେଗେ କର ॥
ଆୟୁଧ ରଖିବାକୁ ଘର ମଧ୍ୟଥିବ ।
ସେ ଘରେ ତୃଣସର୍ଜ୍ଜରସକୁ ରଖାଇବ ॥
ଘିଅ ବସା ଜଉ ମାଲ୍ପା ମାଟିରେ ।
ଚକଟି କରି କାନ୍ଥ ଛଟିବ ଯତ୍ନରେ ॥
ସେ ଘର ତୃଣପଟେ ତଇଲ ଘିଅଛଣି ।
ଜଉ କାଷ୍ଠ ରଖାଇବ ଯତ୍ନେ ପୁଣି ॥
ତା ଦେଖି ପଚାରିଲେ ପାଣ୍ଡବେ ତୁମ୍ଭଙ୍କୁ ।
ବନାଇ କହିବଟି ସେ କଥା ତାହାଙ୍କୁ ॥
ସେ ଘରେ କୁନ୍ତୀ ତୁଲେ ପୁତ୍ରଙ୍କୁ ଆଦରେ ।
ରଖାଇବ ପୂଜା କରିଣ ବିଧିରେ ॥
ସେ ଘରେ ଦିବ୍ୟ ଯାନ ଆସନ ଭିଆଇ ।
ଥୋଇଥିବ ତୁମ୍ଭେ ପାଣ୍ଡବଙ୍କ ପାଇଁ ॥

ବିଶେଷ ସାବଧାନେ ବାରଣାବତ ଜନ ।
ମାନଙ୍କୁ ଏ କଥାଟି କରିବ ଗୋପନ ॥
ପାଣ୍ଡବେ ଯେଉଁ ଦିନ ସେ ଘର ଭିତରେ ।
ନିର୍ଭୟ ହୋଇ ଶୋଇଥିବେ ବିଶ୍ୱାସରେ ॥
ସେହି ଦିନ ସେ ଘର ଦ୍ୱାରକୁଟି ଯାଇ ।
ଜଳନ୍ତା ଅଗ୍ନି ନେଇ ଦେବ ହେ ଲଗାଇ ॥
ଏରୂପେ ପୋଡ଼ି ପାଣ୍ଡୁଙ୍କୁ ମରେ ଗଲେ ମରି ।
ଆମ୍ଭଙ୍କୁ କେବେ ନିନ୍ଦା ନୋହିବ କାହାରି ॥
କହିଲେ ଦୁର୍ଯ୍ୟୋଧନ ଏରୂପେ ବଚନ ।
ପ୍ରତିଜ୍ଞା କରି ଗଲା ମନ୍ତ୍ରୀ ପୁରୋଚନ ॥
ଗଧଯୋଖ ରଥ ଉପରେ ବସିଲା ।
ବାରଣାବତେ ଯାଇ ପ୍ରବେଶ ହୋଇଲା ॥
ଯେ ରୂପେ ଦୁର୍ଯ୍ୟୋଧନ କହିଥିଲେ ତାକୁ ।
ବାରଣାବତେ କଲା ସେ ରୂପେ ଘରକୁ ॥
ଏଥୁ ଅନ୍ତେ ପାଣ୍ଡବମାନେ ସଜ ହେଲେ ।
ପବନୋପରି ଘୋଡ଼ା ରଥରେ ଯୋଡ଼ିଲେ ॥
ମଙ୍ଗଳ ତା ଧରି ବଦନ-ନନ୍ଦନରେ ।
ନମିଲେ ପାଣ୍ଡୁସୁତେ ଭୀଷ୍ମଙ୍କ ପାଦରେ ॥
ଧୃତରାଷ୍ଟ୍ର ନୃପଙ୍କ ପାଦ ପୂଜା କଲେ ।
ଦ୍ରୋଣ କୃପ ବିଦୁର ବୃଦ୍ଧ କ୍ଷାତ୍ର ଗୁରୁଲେ ॥
ସମବୟସରେ ଯେତେ ଲୋକ ଥିଲେ ।
ପାଣ୍ଡବେ ସେମାନଙ୍କୁ ଆଲିଙ୍ଗନ କଲେ ॥
ପାଣ୍ଡବଙ୍କୁ ସାନ ଯେତେ କ୍ଷାତ୍ରଜନ ।
ସେମାନେ ତାଙ୍କ ପାଦେ ନମିଲେ ବହନ ॥
ଯେତେ ମାତୃବର୍ଗ ନାରୀ ତହିଁ ଥିଲେ ।
ସେମାନଙ୍କୁ ପାଣ୍ଡବେ ନମସ୍କାର କଲେ ॥
ଦାସଜନମାନଙ୍କୁ ସଙ୍ଗତରେ ଧରି ।
ରଥ ଚଢ଼ିଗଲେ ବାରଣାବତ ପୁରୀ ॥
ବିଦୁର ଭୀଷ୍ମ ଆଦି ପୁରଜନ ଯେତେ ।
କାନ୍ଦି କାନ୍ଦି ଗୋଡ଼ାଇଲେ ସେ ସଙ୍ଗତେ ॥
କେଉଁମାନେ ପାଣ୍ଡବମାନଙ୍କ ଦୁଃଖ ଦେଖି ।
ଏ ବଚନମାନ ବୋଇଲେ ହୋଇ ଦୁଃଖୀ ॥
ଧୃତରାଷ୍ଟ୍ର ରଜା ହୋଇଲେ ବଡ଼ ମୂର୍ଖ ।
ଅଧର୍ମର କଥା ମଣିଲେ ଏବେ ସୁଖ ॥

ଯୁଧିଷ୍ଠିର ଅଟନ୍ତି ଅତି ଧର୍ମକାରୀ ।
ପାପକଥା ନ ରଚେ ମନକୁ ତାହାଙ୍କର ॥
ବଳମାନଙ୍କରେ ଶ୍ରେଷ୍ଠ ଭୀମସେନ ।
ଅର୍ଜ୍ଜୁନ ତ ଧାନୁଷ୍କ-ମସ୍ତକ-ମଣ୍ଡନ ॥
ମାଦ୍ରୀପୁତ୍ର ଦୁହେଁ ଧର୍ମାତ୍ମା ଅଟନ୍ତି ।
ପାପସ୍ୱପନେ ତ ଏମାନେ ନ ଜାଣନ୍ତି ॥
ପିତୃକ୍ରମ ରାଜ୍ୟ ପାଣ୍ଡବମାନଙ୍କର ।
ଜାଣି ହିଂସା କଲେ ଅମ୍ବିକା-କୁମର ॥
ଧୃତରାଷ୍ଟ୍ରଙ୍କର ଏ ଅଧର୍ମ୍ମ ରୀତି ।
ଜାଣି ଭୀଷ୍ମ କାହିଁକି ସମ୍ମତି କରୁଛନ୍ତି ॥
ହସ୍ତିନାରୁ ପାଣ୍ଡବେ ବାହାର ଯାଆନ୍ତି ।
ଭୀଷ୍ମ ନିବର୍ତ୍ତାଇ ରଖୁତ ନାହାନ୍ତି ॥
ଶାନ୍ତନୁ ନୃପଙ୍କର ଅଟନ୍ତି କୁମର ।
ବିଚିତ୍ରବୀର୍ଯ୍ୟ ନାମେ ଯେଉଁ ନରବର ॥
ପୁତ୍ରପରି ଆମ୍ଭଙ୍କୁ ପାଳନା କରୁଥିଲେ ।
ପାଣ୍ଡୁ ମଧ୍ୟ ନୃପତି ହୋଇ ତା ଆଚରିଲେ ॥
ପାଣ୍ଡୁ ରାଜାଙ୍କର ହୁଅନ୍ତେ ସ୍ୱର୍ଗଲାଭ ।
ଧୃତରାଷ୍ଟ୍ରଙ୍କର ରାଜ୍ୟରେ ହେଲା ଲୋଭ ॥
ପାଣ୍ଡୁକୁମରଙ୍କୁ ସାନ ଦେଖି କରି ।
ସହି ନ ପାରନ୍ତି ମନେ ହିଂସା ଧରି ॥
ଆମ୍ଭେମାନେ ଏବେ ହସ୍ତିନା ଛାଡ଼ିବା ।
ଯୁଧିଷ୍ଠିର ଯହିଁ ରହିବେ ତହିଁଯିବା ॥
ଲୋକଙ୍କର ମୁଖରୁ ଏରୂପେ ଶୁଣି ।
ଚିନ୍ତିଏ ଚନ୍ତା କରି ଯୁଧିଷ୍ଠିର ଭଣି ॥
ଧୃତରାଷ୍ଟ୍ର ଆମ୍ଭ ପିତା ମାନ୍ୟଗୁରୁ ।
ତାହାଙ୍କ ଆଜ୍ଞା ନକ୍କ ଆମ୍ଭେ ଭାଙ୍ଗିପାରୁଁ ॥
ସେ ଯାହା ବୋଲୁଥିବେ କରିବୁଁ ନିଃଶଙ୍କରେ ।
ଏ ବ୍ରତ ଗୋଟି ଆମ୍ଭେ କରିଛୁଁ ମନରେ ॥
ଆମ୍ଭର ମିତ୍ର ଅଟ ତୁମ୍ଭେ ତ ସମସ୍ତେ ।
ଏବେ ଯାଅ ଲେଉଟି ଘରକୁ ତ୍ୱରିତେ ॥
ଯେଉଁକାଳେ ଆମ୍ଭର ଯେଉଁ କର୍ମ ହେବ ।
କହୁଅଛୁଁ ସେ କଥା ତୁମ୍ଭେ କରୁଥିବ ॥
ଯୁଧିଷ୍ଠିରଙ୍କର ଏ ବଚନ ଶୁଣି ।
ତାଙ୍କୁ ପ୍ରଦକ୍ଷିଣ କରି ସେହିକ୍ଷଣି ॥

ବହୁତ ଆଶିଷକୁ ତାଙ୍କର ବିଶ୍ୱର ।
ଆସିଲେ ସେ ବାହୁଡ଼ି ଘରକୁ ଯେ ଯାହାର ॥
ପୁରଜନମାନେ ଲେଉଟି ଯହୁଁଗଲେ ।
ପାଣ୍ଡବଙ୍କୁ ବୋଧି ବିଦୁର କହିଲେ ॥
ସମସ୍ତ କଥାରେ ସେ ତ ଅଟନ୍ତି ଚତୁର ।
ସେପରି ଚତୁର ତ ଅଟନ୍ତି ଯୁଧିଷ୍ଠିର ॥
ତାହାଙ୍କୁ ସେ ଦେଖାଇ କହିଲେ ଏମନ୍ତ ।
ନୀତି ଶାସ୍ତ୍ର ମତରେ ଜାଣି ପରତତ୍ତ୍ୱ ॥
ବିପତ୍ତିରୁ ତୁମ୍ଭେ ଯେମନ୍ତେ ତରିବ ।
ଶାସ୍ତ୍ରକୁ ଅନୁସରି ସେରୂପ କରିବ ॥
ଲୋହ ନୋହି ତୀକ୍ଷ୍ଣ ଶସ୍ତ୍ର ବୁଦ୍ଧି ଅଟେ ।
ପରର ମର୍ମ୍ମକୁ ସେ ଗଡ଼ କରି କାଟେ ॥
ଯେଉଁ ଲୋକ ତାହା ଜାଣଇ ଭଲକରି ।
ଶତ୍ରୁଘେନ ନାଶ ନୁହଇ ତାହାର ॥
ମହାରଣ୍ୟେ ବିଲେ ଯେ ଘର କରିଥାଏ ।
ତାକୁକ ଅଗ୍ନି ନାଶ କରଣେ କ୍ଷମହୁଏ ॥
ଏହା ଜାଣି ଆତ୍ମାକୁ ରଖଇ ଯେଉଁ ନର ।
ସବୁକାଳେ ଜୀବନ ରହଇ ତାହାର ॥
ଚକ୍ଷୁ ବିନା ଲୋକକୁ ମାର୍ଗ ନ ଦିଶଇ ।
ସେହିରୂପେ ଦିଗ ଜାଣିତ ନୁହଇ ॥
ଏହି ସକାଶରୁ ଆହେ ଯୁଧିଷ୍ଠିର ।
ବାରଣାବତ ବାଟ ଜାଣିବା ବିଶ୍ୱର ॥
ଅଧୀର ହେଲେ ଲୋକେ ସମ୍ପତ୍ତି ନ ଲଭଇ ।
ଏହା ବୁଝିଥିବ କହିଲି ମୁଁ ବୁଝାଇ ॥
ଅହିତ ଲୋକ ଯାହା କରୁଥିବ ହିତ ।
ତହିଁକ ଜଗିଥିବ କୁନ୍ତୀଦେବୀ ସୁତ ॥
ବିଷୟୀଭୂତ ହେଲେ ଶତ୍ରୁ ଲୋକାସ୍ତର ।
କରିବ ହିଁକି ପର ଦମୁହାଁ ବିବର ॥
ଏମନ୍ତ ବିବଇରେ ଯେହୁ ଥାଏ ରହିଁ ।
ତାହାକୁ ଅଗ୍ନି ଅବା କି କରି ପାରଇ ॥
ବୁଲିଲେ ସବୁ ବାଟ ହୋଇ ଯାଏ ବଣା ।
ନକ୍ଷତ୍ର ଯୋଗେ ଗ୍ରହେ ଦିଗକୁ ହେବଣା ॥
ଯେ ପଞ୍ଚ ଇନ୍ଦ୍ରିୟଙ୍କୁ ଯତ୍ନରେ ।
ସଂଯତ କରି ରଖେ ଆପଣା ବୁଦ୍ଧିରେ ॥

ସେହି ଲୋକ ନ ପାଏଟି ଦୁଃଖ ।
ଜାଣ ହେ ଯୁଧିଷ୍ଠିର ନରଙ୍କର ଶିଖ ॥
ବିଦୁରଙ୍କଠାରୁ ଏ ସଙ୍କେତ ଶୁଣି ।
ଜାଣିଲି ବୋଲି ଯୁଧିଷ୍ଠିର ତାଙ୍କୁ ଭଣି ॥
ଯାଉଛୁ ବୋଲି ତାଙ୍କୁ ଅନୁଜ୍ଞା ମାଗିଲେ ।
ବିଦୁର ତାଙ୍କଠାରୁ ମେଲାଣି ହୋଇଲେ ॥
ନିଜପୁରେ ଯାଇ ହୋଇଲେ ପ୍ରବେଶ ।
ପାଣ୍ଡବଙ୍କଠାରେ ରଖାଇ ମାନସ ॥

Typical Selections from Oriya Literature

SECTION II.

# EARLY MEDIEVAL PERIOD.

## DURING MOSLEM RULE.

1569—1750 *A.D.*

# ଓଡ଼ିଆ ସାହିତ୍ୟ-ପରିଚୟ

## ଗୀତ

By SALBEG

( 1 )

ସତେକି ମୋ ଜୀବ ଥିବ ଯିବ ବୃନ୍ଦାବନ ।
ଦର୍ଶନ କରିବ ଯାଇ ନନ୍ଦର ନନ୍ଦନ ॥   ଘୋଷା
ଯିବ ଗୃଣ୍ଡେ ଶ୍ୟାମକୁଣ୍ଡେ କରିବ ସ୍ନାହାନ ।
ରାଧାକୁଣ୍ଡୁ ପଙ୍କଲାଗି ମଥାରେ ଚନ୍ଦନ ॥
ରାସସ୍ଥଳୀ ନିକଟେ କରିବ ଶୟନ ।
ତୁଣ୍ଡେ ହରି ନ ବୋଇଲେ ଶୁଣୁଥିବ କର୍ଣ୍ଣ ॥
ମାଧୁକରି ଭିକ୍ଷାମାଗି ବଞ୍ଚୁଥିବ ଦିନ ।
ପରିକ୍ରମା କରୁଥିବ ଗିରି ଗୋବର୍ଦ୍ଧନ ॥
କହେ ସାଲବେଗ ହୀନ ଜାତିରେ ଯବନ ।
ଶ୍ରୀରଙ୍ଗା ଚରଣ ତଳେ ରହୁ ମୋର ମନ ॥

---

( 2 )

ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ ।
ମୋ ଆରତ ନଳିନୀ-ବନକୁ କର-ଦଳନ ॥
ଗଜରାଜ ଚିନ୍ତା କଲା ଥାଇଁ ଘୋର ଜଳେଣ !
ଚକ୍ର ପେଶି ଗ୍ରହା ନାଶି ଉଦ୍ଧରିଲ ଆପଣ ॥
ଘୋର ବନେ ମୃଗୁଣୀକି ପଡ଼ିଥିଲା କଷଣ ।
କେଡ଼େ ବଡ଼ ବିପତ୍ତିରୁ କରିଅଛ ତାରଣ ॥
କୁରୁ-ସଭାତଳେ ପୁଣି ଦ୍ରୌପଦୀର ଜଣାଣ ।
କୋଟିବସ୍ତ୍ର ଦେଇ ହେଲେ ଲଜ୍ଜାକଲ ବାରଣ ॥
ରାବଣର ଭାଇ ବିଭୀଷଣ ଗଲା ଶରଣ ।
ଶରଣ ସମ୍ଭାଳି ତାକୁ ଲଙ୍କେ କଲ ରାଜନ ॥

ପ୍ରହ୍ଲାଦ ପିତା ସେ ଯେ ବଡ଼ ଦୁଷ୍ଟ ଦାରୁଣ ।
ସ୍ତମ୍ଭରୁ ବାହାରି ତାକୁ ବଦାରିଲ ତକ୍ଷଣ ॥
କହେ ସାଲବେଗ ହୀନ ଜାତିରେ ମୁଁ ଦମନ ।
ଶ୍ରୀରଙ୍ଗା ଚରଣ ତଳେ କରୁଅଛୁ ଜଣାଣ ॥

( 3 )

ଶ୍ୟାମଗୋରି, ଆଜତ ବେଶ ବଡ଼ ଚୋରି ।   ଘୋଷା
ତ୍ରିଭଙ୍ଗୀ ଛନ୍ଦେ ଉଭା   କରେ ମୁରଲୀ ଶୋଭା
ଏ କୁଳ ବୁଡ଼ାଇବୁ ପରିରେ ।
ଶିଖିଲ ପ୍ରାୟ କରି   ଡାକୁଛୁ ନାମ ଧରି
ଏ ଗୋପେ ନ ରଖିବୁ ପରିରେ ।
ଚୋର ଚୂଳକୁ ଅନା   ଉଡ଼ୁଛୁ ନେତ ବାନା
ତୁ ନନ୍ଦ ରଜାପୁଅ ପରିରେ ।
ଯାଉଛୁ ରଜଦାଣ୍ଡେ   ପଡ଼ିବୁ କାମକାଣ୍ଡେ
ତୁ କାମେ ମରିଯିବୁ ପରିରେ ।
କହେ ସାଲବେଗ ହୀନ   ରାଧା କୃଷ୍ଣ ପାଦେ ଧ୍ୟାନ
ମୁଁ ମୂଢ଼ ଜାତିରେ ଯବନ ।

( 4 )

ସଖୀ, କୁଞ୍ଜବନେ ବଂଶୀ କେ ବଜାଇଲା ଗୋ ।   ପଦ ।
ଶୁଷ୍କ ତରୁମାନେ ଥିଲେ   ଧ୍ୱନି ଶୁଣି ପଲ୍ଲବିଲେ
ପବନ ସ୍ତମ୍ଭିତ ହୋଇ ରହିଲା ଗୋ ।
ପାଷାଣ ହୁଅନ୍ତି ପାଣି   ଯମୁନା ଟେକେ ଉଜାଣି
ଜଳ ତେଜି ମୀନ କୂଳେ ରହିଲା ଗୋ ।
ବାଜି ଧୀରେ କ୍ଷୁଦ୍ର ଘଣ୍ଟି   ଲଜ୍ଜାବନ୍ଧ ଗଲା ଫିଟି
ବସନ ପିନ୍ଧନ୍ତେ ତର ନୋହିଲା ଗୋ ।
ଋଷିଙ୍କ ଆସନ ଟଳି   ରସରେ ପଡ଼ିଲା ଢଳି
ବ୍ୟାଘ୍ର ପଛେ କୁରଙ୍ଗୀ ଗୋଡ଼ାଇଲା ଗୋ ।
କହେ ସାଲବେଗ ହୀନ   ଜାତିରେ ଅଟେ ଯବନ
ରାଧାକୃଷ୍ଣ ପଦେ ଚିତ୍ତ ରହିଲା ଗୋ ।

# କଳାକଳେବର ଚୌତିଶା

BY BHAKAT CHARAN DAS

ରାଗ ରାମକେରୀ

କଳା କଳେବର କହ୍ନାଇ ସଙ୍ଗେ ରୋହିଣୀସୁତ ।
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ॥
ଖସି ପଡ଼ୁଛି କି ଆକାଶୁ କି ଏ ଗଙ୍ଗା ଯମୁନା ।
କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶଗଲା ପୂତନା ॥
ଯମୁନା ନିକଟ ବନରେ ଘୋର ବରଷା କାଳ ।
ଗିରି ବାମକରେ ଧଇଲେ ନନ୍ଦ ଯଶୋଦାବାଳ ॥
ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମଜାତି ।
ଘେନି ବତ୍ସାବୃନ୍ଦ ବାଳକେ ବନେ ବୁଲନ୍ତି ନିତି ॥
ଉଇଁ ଆସୁଛି କି ପୂର୍ଣ୍ଣିମା ଶଶୀ ମଧୁସାଗରୁ ।
ଉଠ ମଧୁପୁର-ଯୁବତୀ ଓଗାଳିବା ଆଗରୁ ॥
ଚନ୍ଦନ ବେଶ ମୁଁ କରନ୍ତି ମୋର ହେଉଛି ମନ ।
ଚଉ କେ ଧରିବ ଯୁବତୀ ଚାହିଁ ଚନ୍ଦ୍ରବଦନ ॥
ଛନକା ପଶିଲା ଛାତିରେ ଜାତି କୁଳ ଉପେକ୍ଷି ।
ଛାଡ଼ିବେ ଜୀବନ ଯଶୋଦା ଗୋପେ କୃଷ୍ଣ ନ ଦେଖି ॥
ଜହର ସଙ୍ଗତେ ମହୁରା ଆସି ହେଲା ନୟତ ।
ଯୁବତୀକୁଳକୁ ଦଇବ କଲା ଏ ହନ୍ତସନ୍ତ ॥
ଝଡ଼ି ପଡ଼ୁଛି କି ଝୁଣ୍ଟିଆ ଝସକେତନ ଘାତେ ।
ଝାଳ ବିନ୍ଦୁ ବିନ୍ଦୁ ଶ୍ରୀମୁଖୁଁ ବହୁଅଛି ନିରତେ ॥
ନୟନ ଉପରେ ଭ୍ରୂଲତା କିଏ କାମକମାଣ ।
ନୁହନ୍ତି ଏ ପୋଏ କାହାରି ସବୁ ଗୋପୀଙ୍କ ପ୍ରାଣ ॥
ଟୋପି ଟୋପି ଗୋପୀ ଚନ୍ଦନ ମଣ୍ଡିଛନ୍ତି କି ସଜେ ।
ଟେକି ବାରେ ଚାହାଁ ମଥୁରା ଦାଣ୍ଡେ ଗୋବିନ୍ଦ ବିଜେ ॥
ଠାବେ ଠାବେ ଗୋଳ ରହିଲା ସିଙ୍ଘା ବେଣୁ ବଇଁଶୀ ।
ଠିଆ ହୋଇ ଭକ୍ତଦାସ ତା ଦାଣ୍ଡେ ଦେଖନ୍ତି ଆସି ॥
ଡାକନ୍ତି ଏକକୁ ଆରେକ ଆସ ଜୀବଜୀବନ ।
ଡୋଳାରେ ଏରୂପ ଦେଖିବା ବିଜେ ମଧୁସୂଦନ ॥
ଢଳ ଢଳ କୃଷ୍ଣ ନାଚନ୍ତି ଭଙ୍ଗି ଦେଖ ମିତଣି ।
ଢାଳନ୍ତି କିରୂପେ ଡୋଳାକୁ କେଉଁ ଛଟକେ ଅଣି ॥
ଅଳକାରେ ସବୁକାଇଁର ମଣ୍ଡିଛନ୍ତି କି କରେ ।
ଅଣହେଲା ପାଉଥିବେ ଗୋ ନନ୍ଦଗଉଡ଼ ଘରେ ॥

ତିଳକ ଉପରେ କସ୍ତୁରୀ ଗୋରୋଚନା ରଞ୍ଜିଛି ।
ତେରଛଇଁ ଚାହିଁ ଦେବାରୁ ତରଳାଇ ଦେଉଛି ॥
ଥକାହୋଇ ଥୋକେ ରହିଲେ ଥୋକେ ଗଲେ ଗୋଡ଼ାଇ ।
ଥିର ମଦନ ସଂଘାତରେ କାମ ଦେଲେ ଭୁଲାଇ ॥
ଦୁଃଖୀଲୋକଙ୍କର ସଙ୍ଖାଳ ସେତ ଦରିଦ୍ର ଧନ ।
ଦଧି ଦୁଧ ସରଖିଆ ଗୋ ତେଣୁ ବଡ଼ ଲାବଣ୍ୟ ॥
ଧରଣୀ ମଣ୍ଡିଳା ପରାୟେ ହୋଇଛନ୍ତି କି ଉଭା ।
ଧଳା କଳା ବେନି ଭାଇ ଗୋ ଦୁହେଁ ଦୁହିଙ୍କି ଶୋଭା ॥
ନାସା ବନ୍ଧା ଅପ୍ରତିଆଣି ସେ ଗୋ ଯଶୋଦାସୁତ ।
ନ କଲି ଦରିବ ନରେନ୍ଦ୍ର ଘରେ ଏ ପୁଅ ଜାତ ॥
ପୁଅ ହୋଇ ଏଡ଼େ ସୁନ୍ଦର ନାହିଁ କାହାର ଘରେ ।
ପାହିଲା କି ଯୋଗେ ରଜନୀ ଆଜ ମଧୁ ନଗରେ ॥
ଫୁଲରେ ଏହାଙ୍କ ଶରଧା ଫୁଲେ ଦଶନ୍ତି ତୋରା ।
ସ୍ଫୁରୁତ କି ବାମ ନୟନ ମୋତେ ଚାହିଁବେ ପରା ॥
ବୁଦ୍ଧିବଣାହେଲା ଶୁଣିଣ ଅମୃତ ଜଣା ବାଣୀ ।
ବସି କେତେକାଳ ଗଢ଼ିଲା ତାକୁ କେଉଁ ବନ୍ଧାଣୀ ॥
ଭଜିବାକୁ ହେଲା ଭଜନମାଳ କଲା ଏରୂପ ।
ଭଜିବ କି ଭକ୍ତଦାସ ତା କ୍ଷୟ କରିବ ପାପ ॥
ମନ୍ଦବୁଦ୍ଧି କଲେ ନନ୍ଦ ଗୋ ସେତ ଆମ୍ଭ କରମ ।
ମିଛ ନନ୍ଦପୁଅ ବୋଲନ୍ତି ମଥୁରାରେ ଜନମ ॥
ଯଦୁକୁଳ ଚନ୍ଦ୍ର ବୋଲଣ ସେ ଗୋ ଯଦୁବିହାରୀ ।
ଜାତି ଯଉବନ ଜୀବନ ସବୁ ନେଲା ଆମ୍ଭର ॥
ରାମକୃଷ୍ଣ ବେନିଭାଇ ଗୋ ଦୁହେଁ ଦୁହିଁଙ୍କ ତୋରା ।
ରଙ୍ଗେ ନାଚ ଆସୁଛନ୍ତି ଗୋ ଯେହ୍ନେ ଗଗନେ ତାରା ॥
ଲାଜଭୟ ତେଜି କରିବା କୃଷ୍ଣ ସଙ୍ଗେ ପୀରତି ।
ଲାଭ ହେଉଥିବ ଆମ୍ଭର ହସୁଥିବା ଗୋ ନିତି ॥
ବଲୀନ ଦଶେ କି ମଲନ ବାହୁ ଶ୍ରୀଭୁଜ ସ୍ଥୂଳ ।
ବନ୍ଧୁଲୁକ ହଂସକେତନ ମିଶି ହେଲା ତରଳ ॥
ଶ୍ରୀମନ୍ତ ବଡାଇ ଏ ପୁଅ ଲକ୍ଷ୍ମୀ ଏହାଙ୍କ ଦାସୀ ।
ଶ୍ରୀମୁଖ ଏ ପରା ଦଶୁଛି କବା ପୂର୍ଣ୍ଣିମୀ ଶଶୀ ॥
ସର ଲବଣୀ ଗୋଟିକା ଯେ ଖାଇ ନନ୍ଦର ବସି ।
ସବୁ ଗୋପୀଙ୍କର ମନକୁ ବଂଶୀସ୍ୱନେ ମୋହୁଛି ॥
ସଧୀରେ ପବନ ବହଇ ସରୁ କଟିମେଖଳା ।
ଶିବ ଡ଼ମରୁ କି କୈଳାସୁ ଶ୍ୟାମ ବଦନ କଳା ॥

ହେଲେ ହେବୁଁ ପଛେ କୁଳଟା ହାର କରବୁ ଗଲେ ।
ହସୁଥିବୁଁ ତାଙ୍କ ସଙ୍ଗରେ ବସୁଥିବୁଁ ଗୋ କୋଳେ ॥
ଛାଡ଼ି ଲଜ୍ଜା ଭୟ ତା ରୂପ ଦରପଣେ ମାଜିବା ।
ଛାର କହେ ଭକ୍ତଦାସ ତା ଧ୍ୟାୟେ ରଜନୀ ଦିବା ॥

---

## ମନବୋଧ ଚୌତିଶା

By BHAKAT CHARAN DAS

କହଇ ମନ ଆରେ ମୋ ବୋଲ କର ।
କଳାଶ୍ରୀମୁଖ ବାରେ ଦେଖିବା ଗୃଳ ରେ ॥
କେତେଦିନକୁ ମନ ବାନ୍ଧିଛୁ ଆଣ୍ଠ ।
କି ଧେନ ଯିବୁ ତୋର ଛୁଟିଲେ ଘଟ ରେ ॥
ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି ।
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ରେ ॥
ଖଟ ପଲଙ୍କେ ମନ ଶେଯାଇଁ ଶୋଉ ।
ଖଳଦୁର୍ଗନ୍ଧ ହେବ ଏ ତୋର ଦେହୁ ରେ ॥
ଗଲେଣି ତୋ ସଙ୍ଗତୁଁ ଯେତେକ ଜନ ।
ଗଣ୍ଠିରେ ବାନ୍ଧି ନେଲେ କେ କେତେ ଧନ ରେ ॥
ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ ।
ଗାଢ଼େ ମଳିଣ ନିତ୍ୟ ଧନ ଅର୍ଜିଲୁ ରେ ॥
ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ ।
ଘଟ ଛୁଟିଲେ ତୋତେ ବୋଲିବେ ଭୂତ ରେ ॥
ଘରଘରଣୀ ଦେହ ଜଳାଉ ଥିବେ ।
ଘେନି ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବେ ରେ ॥
ଉଦ୍ଧାର ହେବୁ ଯେବେ ଭବସାଗରୁ ।
ଉପାୟ କର ଭଜ ଏବେ ଶ୍ରୀଗୁରୁ ରେ ॥
ଊଣା ହେଉଛୁ ଦିନୁ ଦିନୁ ଆୟୁଷ ।
ଆଉ ଏଣିକି ଅଛୁ କେତେ ବୟସ ରେ ॥
ଚନ୍ଦ୍ରପ୍ରତିମା ପ୍ରାୟେ ଦିଶୁ ସୁନ୍ଦର ।
ଚର ଭିତରେ ଦେଖ କି ନାମଖାର ରେ ॥
ଚର୍ମ୍ମ ବେଢ଼ିଛି ସିନା ଚଉରାଶିକି ।
ଚଉ ତୁ ଦିଅ ନୀଳଗିରି ବାସିଙ୍କି ରେ ॥

ଛାର ଦେହକୁ ମନ କରୁଛୁ ସଜ ।
ଛନ୍ଦ କପଟ ତେଜ ଗୋବିନ୍ଦ ଭଜ ରେ ॥
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା !
ଛଖଣ୍ଡି କାଠ ହେବ ତୋ ପାଇଁ ଗୋଡା ରେ ॥
ଯମ ଯେ ନ ଜାଣଇ ବାଳୁତ ଯୁବା ।
ଜୀଇବୁ ବୋଲି ମନେ କରୁଛୁ ଅବା ରେ ॥
ଜଣେହେଁ ଏଥୁଁ କେହି ନାହିଁ ଅମର ।
ଜଗନ୍ନାଥଙ୍କୁ ଭଜ ହେବୁ ଉଧାର ରେ ॥
ଝୋଲି ଗନ୍ତା ପାଛୁଡା ପିନ୍ଧାକୁ ରଖୁ ।
ଝାଉସଂସାରେ ମନ ନ ବୁଝି ପଶୁ ରେ ॥
ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ ।
ଝଡ଼ିଲା ପତ୍ର ବୃକ୍ଷେ ଲାଗିଛି କାହିଁ ରେ ॥
ନିଶୀ ଦିବସେ ଥିର ନୋହୁନା ମନ ।
ନିଦ୍ରାରେ ଦେଖୁଅଛୁ ଯଥା ସ୍ୱପନ ରେ ॥
ନ ଯିବେ ସଙ୍ଗେ କେହି ଯିବୁ ତୁ ଏକା ।
ନାମ ମାତ୍ର ଅଟଇ ପଥକୁ ସଖା ରେ ॥
ଟାଣ କରୁଛୁ ମନ ସବୁ ମୋହର ।
ଟଳି ପଡିଲେ କେହି ନୋହେ କାହାର ରେ ॥
ଟେଗରଭିତରେ ଯେହ୍ନେ ଅପୂର୍ବ ନାରୀ ।
ଟୋପ ଚଉଁରା ଅଛି ତୋ ଦେହେଁ ପୂରି ରେ ॥
ଠିକେ ମୁଁ କହୁଅଛି କର ମୋ କଥା ।
ଠିକେ ତୋ ଦେହେଁ ଅଛି ଶୂନ୍ୟ ଦେବତା ରେ ॥
ଠକ ଯିବୁଟି ଠିକ ମୁଣ୍ଡ ପଡ଼ିଲେ ।
ଠିକେଣ ଗୁରୁସେବା କର ତୁ ଭଲେ ରେ ॥
ଡାକ କହୁଛି ମନ ଡାକ ଗୋବିନ୍ଦ ।
ଡର ଜଞ୍ଜାଳ ଯାଉ ତୋହର ହୃଦ ରେ ॥
ଡେରଥାନ୍ତି ଶ୍ରବଣ ଭକ୍ତ ଡାକକୁ ।
ଡଙ୍ଗା ଯେହ୍ନେ ଜଳରେ ଗ୍ରହାଁ ପଛକୁ ରେ ॥
ଢୋଲ ଯେସନେ ଢାଉଁ ଢାଉଁ ବାଜଇ ।
ଢାଲେ ତହିଁ ଭିତରେ କିଛିହିଁ ନାହିଁ ରେ ॥
ଢାଙ୍କି ରହିଛି ଦେହ ସବୁଟି ତୁଚ୍ଛ ।
ଢଳି ପଡ଼ିଲେ ସବୁ ଯେବଟି ମିଛ ରେ ॥
ଏଣେ ତୁ ଦେଇଥିଲେ ତେଣେ ପାଇବୁ ।
ଅଣ ଆସୁତ୍ ବେଳେ କି ଘେନି ଯିବୁ ରେ ॥

ଅଣବଣ୍ଡାସୀ ହୋଇ ରହିବୁ ଦିନେ ।
ଅନେକ ଦୁଃଖ ଦେବେ ଯମଭୁବନେ ରେ ॥
ତୁ ଯେ ବୋଲୁ ମୋହର ଅର୍ଜିଲା ଧନ ।
ତୋ ଦେହ ନୋହେ ତୋର ଦେଖ ଏମାନ ରେ ।
ତୋହର ସଙ୍ଗୁ ମନ ଗଲେଣି କେତେ ।
ତୁ ମିଥ୍ୟା କଥାକୁ ତ ଯାଉ ପରତେ ରେ ॥
ଥିଲେ ଏ ସଂସାରରେ ଯେତେ ନୃପତି ।
ଥୟ କରି କେ ଭୋଗ କଲା ଏ ପୃଥ୍ୱୀ ରେ ॥
ଥୋଇଲା ଧନ ତୋର ଖଣ୍ଡି ଖାଇବେ ।
ଥାନେ ତୋହର ଘର କରି ରହିବେ ରେ ॥
ଦେହେଁ ପୂରିଛି ତୋର ଅଶେଷ ରୋଗ ।
ଦିନାନ୍ତରକେ ସିନା ଏ ସୁଖ ଭୋଗ ରେ ॥
ଦଣ୍ଡେହେଁ କେହି ତୋତେ ରଖିବ ନାହିଁ ।
ଦଣ୍ଡ ଯେ ଥିବ ଯମଡ଼ଗର ନେଇ ରେ ॥
ଧର୍ମ ଅଧର୍ମ କଥା ନ ଜାଣୁ ତୁହି ।
ଧନ୍ଦ ହେଉଛୁ ଧନ ଅର୍ଜିବା ପାଇଁ ରେ ॥
ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ ।
ଧର୍ମରେ ଆତଯାତ ହେଉଛୁ ମହୀ ରେ ॥
ନିନ୍ଦିତ କର୍ମ କଲେ ନିନ୍ଦା ପାଇବୁ ।
ନରକେ ପଡ଼ି କେତେ ଦୁଃଖ ସହିବୁ ରେ ॥
ନିମିଷେ ମାତ୍ରେ ମୁଖେ ନ ବୋଲୁ ହରି ।
ନାଶ ହେଉଛୁ କିପାଁ ଅଛୁ ଆବୋରି ରେ ॥
ପାହିଲା ନିଶୀ ଯେହ୍ନେ ରବି ଉଦୟ ।
ପଦ୍ମଲୋଚନ ସବୁ ଦେହେଁ ଉଦୟ ରେ ॥
ପ୍ରଭୁଙ୍କୁ ଆଶ୍ରେ କରି ତରିବୁ ଯେବେ ।
ପାଦପଦ୍ମରେ ଚିତ୍ତ ଦିଅ ତୁ ଏବେ ରେ ॥
ଫୁଲ୍ ଯେସନେ ଫୁଲେ ଫୁଲେ ବହରେ ।
ଫୁଲ୍ ସମୀରେ ଆଉ ନ ଦିଶେ ତାରେ ରେ ॥
ଫଳ ସଂସାରେ ଲାଭ ହରି ଭଜନ ।
ଫାଶ ଗଳାକୁ କିପାଁ କରୁଛୁ ଧନ ରେ ॥
ବେଳକୁ ବେଳ ତୋତେ କହୁଛି ମୁହିଁ ।
ବାନ୍ଧିଣ ନେବ ଯମ କି ଦୁଃଖ ଦେଇ ରେ ।
ବିକଳେ କାନ୍ଦୁଥିବୁ ଆକୁଳ ହୋଇ ।
ବେଳହୁଁ ଆଶ୍ରେ କରି ଭଜ ଗୋସାଇଁ ରେ ।

ଭେଲା ବୁଡ଼ିବ ହେଲା କଲେ କହୁଛି ।
ଭଙ୍ଗା ନାବରେ କେବା ସିନ୍ଧୁ ତରୁଛି ରେ ॥
ଭାବକୁ ନିକଟ ସେ ଅଭାବେ ଦୂର ।
ଭକତ ଦାସ କହେ ଜୀବନ ସ୍ଥିର ରେ ॥
ମିଥ୍ୟା-ମାୟା ସଂସାର ନୋହେ କାହାର ।
ମଲା ବୋଲିଣ ଦିନେ ପଡ଼ିବ ହୁରି ରେ ।
ମହୀ ଭିତରେ କେହି ଦେଖିବ ନାହିଁ ।
ମଲା ବୋଲି କାନ୍ଦୁଛନ୍ତି ମରିବୁ ତୁହି ରେ ॥
ଜନମ ହେଲେ ପ୍ରାଣି ଅବଶ୍ୟ ମରି ।
ଯଶ ରଖିବୁ ଯେବେ ଭଜ ଶ୍ରୀହରି ରେ ।
ଯମ ବାନ୍ଧି ନେବଟି ହେବୁ ମେଲାଣି ।
ଜଗନ୍ନାଥ ମହିମା ଏଡ଼ିକି ଆଣି ରେ ॥
ରଙ୍ଗ ପସରା ସିନା ଭବସାଗର ।
ରଙ୍ଗ ଭିତରେ ଅଛି କି ନାରଖାର ରେ ॥
ରୂପ ପ୍ରତିମାକୁ ତ ପରତେ ନ ଯା ।
ରହିବେ ନାହିଁ କେହି ରାଜା ପରଜା ରେ ॥
ଲୋଚନେ ଦେଖି କର୍ଣ୍ଣେ ଶୁଣୁଛୁ ନିତି ।
ଲୋଭ କରି ଅର୍ଜିଲୁ ଧନ ସମ୍ପତ୍ତି ରେ ॥
ଲୋଭଟି ସବୁ ନାଶ କରାଇ ମନ ।
ଲୋଡ଼ିଲେ ନ ପାଇବୁ ଆଉ ଜୀବନ ରେ ॥
ବ୍ୟର୍ଥେ ବହିଅଛୁ ଦୁର୍ଲ୍ଲଭ ଦେହ ।
ବିଷୟ ବିଷେ ଆଉ ନ ବଳା ସ୍ନେହ ରେ ॥
ବୁଡ଼ିଯିବଟି ମୂଳ ଲାଭ ସରବ ।
ବେଳହୁଁ ଆଶ୍ରେ କରି ଭଜ ମାଧବ ରେ ॥
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ମନ ।
ସରିଲେ ନ ପାଇବୁ ଆଉ ଜୀବନ ରେ ॥
ଶ୍ରୀକୃଷ୍ଣ ନାମ ଗୋଟି କର ଭଜନ ।
ଶ୍ରୀକୃଷ୍ଣ ପାଦପଦ୍ମେ କର ତୁ ଧ୍ୟାନ ରେ ॥
ସନ୍ତୋଷ ଚିତ୍ତେ ତୁହି ହରିଙ୍କି ଭଜ ।
ସଂସାରେ ପଡ଼ି ଆଉ ନ ପାଅ ଲାଜ ରେ ॥
ସବୁଟି ମିଛ ହରି ନାମଟି ସତ ।
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ଚିତ୍ତ ରେ ॥
ସତ୍ୟ ମଣୁଛୁ ତୁହି ଭବ ସାଗର ।
ସରି ଯାଉଛି ପରମାୟୁ ତୋହର ରେ ॥

ସନ୍ତୋଷ ହୋଇ ବୃତେ ଭଜ ଶ୍ରୀହରି ।
ଶୋକ ସାଗରୁ ଯେବେ ହୋଇବୁ ପାରି ରେ ॥
ହୁଡ଼ିଲେ ଯେତେ ଜନ ହରି ନାମକୁ ।
ହୀନଗତିକି ଗଲେ ବୁଡ଼ି ତଳକୁ ରେ ॥
ହଜିଲେ ଦେହ ଆଉ ପାଇବୁ ନାହିଁ ।
ହାଟ ବସାଇଥିବେ ତୋ ଦେହ ପାଇଁ ରେ ॥
କ୍ଷୟ ଦୁର୍ଲ୍ଲଭ ଦେହ ହୋଏ ଆୟୁଷ ।
କ୍ଷୟ ନଯିବ ନାମ ହୃଦରେ ଘୋଷ ରେ ॥
କ୍ଷର ଦେହକୁ ମନ ନ ଯା ବିଶ୍ୱାସ ।
କ୍ଷର ଦୁର୍ବୁଦ୍ଧି କହେ ଭକତ ଦାସ ଯେ ॥

---

# ମଥୁରାମଙ୍ଗଳ

BY BHAKAT CHARAN DAS

## ପ୍ରଥମ ଛାନ୍ଦ

ରାଗ ଚକ୍ରକେଳି

### କଂସର ଅକ୍ରୂରଙ୍କୁ ମଥୁରା ଗମନର ଆଦେଶ

ଜୟ ଗୋବିନ୍ଦ ଗୋକୁଳ ସୁନ୍ଦର । ଜୟ ରାମଅନୁଜ ଦାମୋଦର ॥
ଜୟ କଂସାରି ଜଗତତାରଣ । ଜୟ ମାଧବ ମନ୍ଦରଧାରଣ ॥
*  *  *  *  *  *  *  *
ନାନାରୂପ ଅରୂପ ତୁହି ହେଉ । ପ୍ରାଣୀମାନଙ୍କୁ ହିତେ ଦୟାବହୁ ॥
ଗୋରୁ ବ୍ରାହ୍ମଣ ରକ୍ଷଣେ ତୋ ଜାତ । କେହି ନ ଜାଣେ ଆଦ୍ୟ ମଧ୍ୟ ଅନ୍ତ ॥
ସବୁ ଆତ୍ମାରେ ତୁହି ଆତ୍ମାରାମ । ତୋର ବିହୀନେ ନାହିଁ କର୍ମାକର୍ମ ॥
ତୁ ସେ ଆଦି ଅନାଦି ନିରାକାର । ଶ୍ରୁତି ସ୍ମୃତିଙ୍କ ନାହିଁ ଗୋଚର ॥
ତୋର ଆଜ୍ଞା ଶିରେ ଧରି ବିରଞ୍ଚି । ଚତୁର୍ଦ୍ଦଶଭୁବନ ଅଛି ରଚି ॥
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତା । ତୋର ସର୍ଜ୍ଜିଲାରୁ ଏହୁ ବକତା ॥
ତୋର ନ କଲା ଆଉ ନାହିଁ କେହି । ତୁ ସେ ସବୁ କରତା ଭାବଗ୍ରାହୀ ॥
ଏଣୁ ମନରେ କରଇଁ ବିଚାର । ତୋହ ବିନା କେ ଗତି ନାହିଁ ଆଉ ॥
ଯେବେ ସୁଦୟା କରିବ ମୋହରେ । ମନ ରଖାଇ ପଙ୍କଜପୟରେ ॥
ଆଉ ସମ୍ପଦେ ନାହିଁ ପ୍ରୟୋଜନ । ଭକ୍ତି ବିନେ ଦରିଦ୍ର ମୋ ଜୀବନ ॥
ବୃଦ୍ଧଜନଙ୍କ ମୁଖରୁ ଶୁଣିଲି । କୃଷ୍ଣ ଭଜିଲେ ତରନ୍ତି ଜାଣିଲି ॥

ଜ୍ଞାନ ସ୍ମରଣ ପଠନ ଶ୍ରବଣେ । ପୂର୍ବେ ତରିଅଛନ୍ତି ମୁନିଗଣେ ।
ସେହୁ ହୋଇଛି ପୁରାଣେ ଲିଖନ । ମିଥ୍ୟା ନୁହଇ ପ୍ରମାଣ ବଚନ ॥
ନିଶି ଦିବସେ ଯେ ହରି ଭଜନ୍ତି । ଭବକଲୁଷ ସନ୍ତାପ ତ୍ୟଜନ୍ତି ॥
ଏଣୁ ବିଚାର କରଇଁ ମନରେ । କପାଁ ମରୁଛି ଏ ଭବଜଳରେ ॥
ଧନ ଜନ ଜୀବନ ଚିର ନୋହେ । ପାପ-ଅନଳ ପିଣ୍ଡ-କାଷ୍ଠ ଦହେ ॥
ଏତ ସକଳ ଦ୍ରବ୍ୟ ପ୍ରବର୍ତ୍ତଇ । କାମ କାମିନୀମଦରେ ମତ୍ତଇ ॥
ମୋହ ମୋହିତ କଲା ଦିବା ନିଶି । ମର୍ମେ ଘୋଟି ରହିଲା ପାପରାଶି ॥
ତଳ ନୁହଇ ଯାତନାରେ ପଡ଼ି । ଦିନୁ ଦିନୁ ଆୟୁଷ ଗଲା ଝଡ଼ି ॥
ଏଣୁ ବିଚାର କରି ମୋର ଚିତ୍ତେ । ବୁଦ୍ଧି ନ ଦିଶେ ତରିବ କେମନ୍ତେ ॥
କୃଷ୍ଣଚରିତ ଅମୃତବାରିଧି । କଳି କଲୁଷରୋଗକୁ ଔଷଧି ॥
ତହୁଁ କିଛି ପ୍ରସଙ୍ଗେ ମୁଁ କହିବି । ଦୁଷ୍ଟ ପାତକଭାଗକୁ ଦହିବି ॥
ଗୀତ କରି ରଚିବି ହରିଲୀଳା । ଦୟା କର ହେ ସ୍ୱାମି ନନ୍ଦବଳା ॥
ଯେଉଁ ରୂପେ କଂସ କେଶୀ ବଧିଲ । ଏଥିପରେ ନାନା ଦୁଷ୍ଟ ସାଧିଲ ॥
ତାହା କହିବାକୁ ମୋର ବିଚାର । ରାଗ ବନ୍ଧରେ କରିବି ପ୍ରଚାର ॥
ମୋର ହୃଦରେ ବସି ଦିଅ କହି । ଭକ୍ତିଚରଣ ଏତେକ ମାଗଇ ॥
ଏଥୁ ଅନ୍ତରେ ଶୁଣ ହେ ସୁଜନ । ଶୁକ କହନ୍ତି ରାଜନ ଆଗେଣ ॥
ପରୀକ୍ଷିତ ଶୁଣି ହୋଏ ଉସତ । କୃଷ୍ଣଚରିତ ନାମ ଭାଗବତ ॥
ଦଶମସ୍କନ୍ଧ ଚରିତ ବର୍ଣ୍ଣନ । ଯେଉଁ ମତେ କଂସ ଜନ୍ମ ମରଣ ॥
ମହାପ୍ରତାପୀ ଦୁର୍ମିଳନନ୍ଦନ । ଇନ୍ଦୁମତୀ ଗର୍ଭେ ହେଲା ଜନମ ॥
ଗୋରୁ ବ୍ରାହ୍ମଣଙ୍କୁ ଦେଲା କଷଣ । ଡରେ ଦେବତା ପଶିଲେ ଶରଣ ॥
ଧର୍ମ ନାଶି ଅଧର୍ମକର୍ମ କଲା । ଦିନୁ ଦିନୁ ଜୀବଙ୍କୁ ଦୁଃଖ ଦେଲା ॥
ଦେଖି ସହି ନ ପାରିଲେ ଅମର । ସର୍ବେ ମେଳ ହୋଇ କଲେ ବିଚାର ।
କିସ କରିବା ବୋଲେ ସୁନାସୀର । ବେଳୁଁବେଳ ଦୁଷ୍ଟ ହେଲା ଅସୁର ॥
କାହା ଆଗେ କହିବ ବୋଲେ ମହୀ । ଇନ୍ଦ୍ରବଚନେ ପିତାମହ କହି ॥
କ୍ଷୀରସାଗରେ ହୋଇଛନ୍ତି ହରି । ଚାଲ ଅମରେ କରିବା ଗୁହାରି ॥
ଆମ୍ଭ ଅର୍ଥେ ହୋଇବେ ଅବତାର । ତେବେ ଦୁଷ୍ଟ ରାକ୍ଷସ ଯିବ ମାର ॥
ଏଥି ବାହାରେ ଅନ୍ୟ ଗତି ନାହିଁ । ବେଦବର ଉଠିଲେ ଏତେକହି ॥
ସର୍ବ ଦେବତା ସଙ୍ଗରେ ଘେନାଇ । କ୍ଷୀରସାଗର ତଟେ ହେଲେ ଯାଇ ॥
ଅତି ଆରତେ ଡାକନ୍ତି ଅମର । ଦେବ ରକ୍ଷା କର ମହୀ ତୋହର ॥
ଯେତେ ନରଖିବ ନାଶ ଗଲୁଁଣି । ଦୈତ୍ୟ ସ୍ୱର୍ଗଭୁବନ କଲା ଲୁଟି ॥
ଗୋରୁ ବ୍ରାହ୍ମଣ ସୁଜନ ନାଶିଲା । ମହା ଅଧର୍ମେ ମହୀକି ଗ୍ରାସିଲା ॥
ସୁରଗଣ ବିକଳ କର୍ଣ୍ଣେ ଶୁଣି । ଦୟାସାଗର ପ୍ରଭୁ ଚକ୍ରପାଣି ॥
ଆଜ୍ଞା କଲେ ସକଳ ସୁରେ ଯାଅ । ଦୈତ୍ୟ ମାରିବ ଅଳ୍ପଦିନ ରହ ॥
ବସୁଦେବ ଘରେ ହେବ ଜନମ । ବଳି କଂସକୁ ନାଶିବ ବହନ ॥

ଶୁଣି ଦେବେ ବାହୁଡ଼ିଲେ ସାନନ୍ଦେ । କିଛିଦିନାନ୍ତେ ପ୍ରଭୁ ଆଦିକନ୍ଦେ ॥
ଦେବକୀର ଉଦରେ କଲେ ବାସ । ଜନ୍ମ ଲଭିଲେ ରହି ଦଶମାସ ॥
ବସୁଦେବ ଗୋପେ ଛାଡ଼ି ଥଇଲା । ତହୁଁ ଯେତେ ଯେତେ ଲୀଳା ହୋଇଲା ॥
ଦିନୁ ଦିନୁ ବଢ଼ିଲେ ନନ୍ଦଘରେ । ଚନ୍ଦ୍ର ଯେସନେ ଶୁକଳପକ୍ଷରେ ॥
ସାତଦିନରେ ମାଇଲେ ପୂତନା । ଯାର ନାମ ଅଟଇ ବଜ୍ରସେହ୍ନା ॥
ତୃଣ ଶକଟ ବକ ଅଘାସୁର । ମାରି ତାରିଲେ କୁବେରକୁମର ॥
କାଳୀ କାଳିନ୍ଦୀହ୍ରଦରେ ଦଳିଲେ । ବନଅନଳ କଣ୍ଠେ ଗିଳିଲେ ॥
ବତ୍ସ ବାଳକ ହରିଲେ ବିଧାତ । ନିଜ ଅଙ୍ଗରୁ ସର୍ବ କଲେ ଜାତ ॥
ନନ୍ଦରାଜାକୁ ହରିଲା ବରୁଣ । ତାକୁ ଆଣିଦେଲେ ରମାରମଣ ॥
ଇନ୍ଦ୍ର ବିବାଦେ ତୋଳି ଗୋବର୍ଦ୍ଧନ । ଗୋପ ରଖିଲେ ଜଗତଂଜୀବନ ॥
ବୃନ୍ଦାବନରେ କରନ୍ତି ନିବାସ । ସଙ୍ଗେ ଘେନି ଅନେକ ଗୋପଶିଷ ॥
ବସ୍ତ୍ରଚୋରି ଆଦି ଯେତେ ଚରିତ । କେହୁ କହିବ କରି ଆଦି ଅନ୍ତ ॥
ରାସେ ରସିଲେ ଗୋପୀଙ୍କ ସଙ୍ଗତେ । ଏହିମତ ବିହାର ଯେତେ ଯେତେ ॥
କେଶୀପିଣ୍ଡମନ୍ଥିଲେ ବାହୁବଳେ । ପ୍ରାଣେ ମାଇଲେ ଯେତେଦୈତ୍ୟଗଲେ ॥
ତାହା ଶୁଣି ଡରିଲା କଂସାସୁର । ଭୟେ କମ୍ପି ହୋଇଲା ଥରହର ॥
ମନ୍ତ୍ରୀ ଅକ୍ରୂରକୁ ଘେନି ଭାଳଇ । କ୍ରୋଧେ ନୟନୁ ଲୋତକ ଗଳଇ ॥
କହେ କାତରେ ହୋଇ ଛନ୍ନ ଛନ୍ନ । ମିତ୍ର ଶୁଣିମା ମୋହର ବଚନ ॥
ମୁନିବର ନାରଦ ଗଲେ କହି । ତେଣୁ କରି ଅସ୍ଥିର ମୋର ଦେହି ॥
ନନ୍ଦନନ୍ଦନ ମୋହର ବଇରି । ତାଙ୍କୁ କେମନ୍ତେ ପକାଇବି ମାରି ॥
ଯେତେ ଗଲେ ସଂହାରିବା ନିମିତ୍ତେ । ତାଙ୍କୁ ମାଇଲା ଗୋବିନ୍ଦ କଣ୍ଠେ ॥
କେତେ ଉପାୟ କଲି ତାଙ୍କ ପାଇଁ । ତହିଁ କିଛି ନୋହିଲେ ବେନି ଭାଇ ॥
ବିଷ ସ୍ତନେ ଭରି ଗଲା ପୂତନା । ଜାଣି ତାକୁ ମାଇଲା ନନ୍ଦକହ୍ନା ॥
ପୁଣି ତୃଣ ଶକଟ ବେନି ଗଲେ । ସେହି ନାଶିଲେ ବାହୁଡ଼ି ନଇଲେ ॥
ବକ ଅଘ ବ୍ୟୋମ ବତ୍ସାସୁରକୁ । କେଶୀ କଦମ୍ବା ଧେନୁକ ବରକୁ ॥
ମାରି ନିଶ୍ଚିନ୍ତେ ଛନ୍ତି ବେନିଭାଇ । କିସ କରିବି ଶୁଣ ମନ୍ତ୍ରି ସାଇଁ ॥
ମୋର ବିଶ୍ୱାସୀ ତୁ ଯେଣୁ କହୁଛୁ । ଆଣି ଦେବୁ ନନ୍ଦର ବେନିବଛୁ ॥
କାଲି ପ୍ରଭାତେ କରିବୁ ଗମନ । ରାମ କୃଷ୍ଣ ଆଦି ନନ୍ଦରାଜନ ॥
ବରଷକ କର ତାର ବସାଣ । ଏହା ଘେନାଇ ଆପଣା ସଙ୍ଗେଣ ॥
ମୋହ ଛାମୁରେ କରାଇବ ଭେଟ । ବଳେ ଧରି ମାରିବ ନନ୍ଦଗୃଠ ॥
ତେବେ ସୁଖେ ଭୁଞ୍ଜିବି ନାନା ଭୋଗ । ଯେତେକାଳ ପର୍ଯ୍ୟନ୍ତେ ଥିବଯୋଗ ॥
ବ୍ୟାଘ୍ର ଅଳପ ହୋଇ ସଞ୍ଚରଇ । ହେଳା ମାତ୍ରକେ ପରାଣେ ମାରଇ ॥
ଶୂନ୍ୟ ମଣ୍ଡଳେ ମେଘ ପ୍ରକାଶଇ । ଛିଦ୍ର ହୋଇ ବହୁତ ବରଷଇ ॥
ଭସ୍ମ କୋଷରେ ଅଗ୍ନି କଣା ଥାଇ । ମନ୍ଦ ପବନେ ବଳିଷ୍ଠ ହୁଅଇ ॥
ହେଲେ ସଂସାର କରଇ ଦହଜ । ସେହି ପ୍ରକାରେ ନନ୍ଦର ତନୁଜ ॥

ତାଙ୍କୁ ବେଲହୁଁ ଉପାୟେ ମାରିବା । ନ ମାରିଲେ ଆପେ କାଲେ ମରିବା ॥
ତେଣୁକରି କହିଲେ ମନ୍ତ୍ରିବର । ମୋର ଅର୍ଥେ ଉପାୟ ତୁମ୍ଭେ କର ॥
ଏତେ ବୋଲି ବେନି କର ଧରିଲା । ଶୋକେ ଆଲିଙ୍ଗନ କରି କହିଲା ॥
କରେ ବହୁତ ପ୍ରକାରେ ବିନତି । କହୁଁ କହୁଁ ପ୍ରବେଶ ହେଲା ରାତି ॥
ନିଜ କରେ ଲେଖନ-ପତ୍ର ଧରି । ଆଜ୍ଞାପତ୍ରିକା ଲେଖି ଦଣ୍ଡଧାରି ॥
ମୁଦି ଅକ୍ରୂର କରେ ସମର୍ପିଲା । ଯାଅ ବୋଲି ହରଷେ ଆଜ୍ଞା ଦେଲା ॥
ମନ୍ତ୍ରୀ ଗଲାରେ ଲମ୍ବାଇଲା ହାର ଚିତ୍ତଆନନ୍ଦେ ହୋଇଲା ବାହାର ॥
କଂସରାଜାହିଁ ନିଶ୍ଚିନ୍ତେ ରହିଲା । କାଲ ଚକ୍ରେ ପଶି ମୋହ ହୋଇଲା ॥
ସ୍ନାନ ମାର୍ଜନ ଭୋଜନ ଶୟନ । କିଛି ନ ରୁଚଇ ବିଷ ସମାନ ॥
ଯେଉଁ ଦିଗକୁ ଦିଅଇ ଅନାଇ । ସେହି ଦିଗେ ବିଜେ ନନ୍ଦ କହ୍ନାଇ ॥
ଶୋଇ ସ୍ୱପନେ ଚମକି ପଡ଼ଇ । କହି ବଚନ କ୍ଷଣକେ ହୁଡ଼ଇ ॥
ଝାଇଁ ମାରଇ ନିଶ୍ୱାସ ପ୍ରଖର । ସ୍ୱପନରେ ଦେଖଇ ନିଜଶିର ॥
ଶଙ୍ଖଶବଦ ନିଶ୍ୱାସ ପବନ । କଲେ ଦକ୍ଷିଣ ଦିଗକୁ ଗମନ ॥
କଣ୍ଠେ ମନ୍ଦାର ମାଲ ବିଭୂଷଣ । କରି ମହିଷଯାନ ଆରୋହଣ ॥
ଚରମରେ ପଡ଼ିଅଛି କବରୀ । ଫିଟି ପବନେ ଉଡ଼େ କେଉ କେଉ ॥
ଚଉଦିଗେ ଶୃଗାଳ ପେଚ୍ଚ ଶ୍ୱାନ । ଗୃଧ୍ର ଅହି ମାର୍ଜାରଙ୍କ ନିସ୍ୱନ ॥
ପ୍ରାଣ ନ ରହଇ ଯେଉଁ ସ୍ୱପନେ । କଂସ ଦେଖିଲା ତା ବେନି ନୟନେ ॥
ଚେତି ଉଠି ମନରେ ବିଚାରଇ । ସ୍ୱପ୍ନ ସତ ନୋହେ ବେଦ ଭାଷଇ ॥
ମନେ ଏମନ୍ତ ବିଚାରି ଶୋଇଲା । ନିଶି ପାହିଣ ପ୍ରଭାତ ହୋଇଲା ॥
ଜାଣି ଅକ୍ରୂର ଉଠିଲା ଆସନୁ । ପୂର୍ବଦିଗେ ଦେଖିଲା ଉଦେଭାନୁ ॥
ନିତ୍ୟକର୍ମ ସାରି ହେଲା ବାହାର । ଭକ୍ତ ଦାସ ସାଜେ ରଥ ତାହାର ॥

### ତୃତୀୟ ଛନ୍ଦ

ରାଗ ବଙ୍ଗଲାଶ୍ରୀ

### ନନ୍ଦଙ୍କୁ କଂସର ପତ୍ର

ଲେଖିଅଛି କଂସ ହୋଇ ମହାରୋଷ ଆହେ ଗୋପପତି ନନ୍ଦ ।
ଆଜ୍ଞା ପ୍ରମାଣେ ତତକାଳେ ଚଳିବୁ ନୋହିଲେ ଛେଦିବି କନ୍ଧ ॥
ଜାଣୁତ ମୋହର ବଲବୀର୍ଯ୍ୟ ଯେତେ ଅରିକୁଲ କେତୁ ।
ପ୍ରତିଜ୍ଞାରେ ରଣି ତେଜି ଜଳୁରାଣ ପୁତ୍ରେ ହେଁ ଲଭନ୍ତି ମୃତ୍ୟୁ ॥
କୋପ କଲେ ମହୀ ଦୋହଲି ଉଠଇ ମେରୁ ହୁଏ ଥରହର ।
ରାଣ ଦେଲେ ଜନ୍ତୁପତି ଭୟ କରେ ଆଉମାନେ କେତେ ଛାର ॥
ବଧାଘାତେ ଚନ୍ଦ୍ରକୂଟ ମହୀଧର କରିମୁଁ ପାରିଇଁ ଚୂନା ।
ଅରିର ନାସନବାନା ମୁଁ ବହିଇ ଶରଣକୁ ବଜ୍ରସେହ୍ନା ॥

ଦାନପଣକୁ ସୁନାଶୀର ପର୍ଯ୍ୟେ ଗମ୍ଭୀରପଣେ ଜଳଧି ।
ପଣ୍ଡିତପଣେ ଦେବ ଗୁରୁ ହାରଇ ବେଦ ବେଦାନ୍ତର ବିଧି ॥
ଧାର୍ମିକପଣେ କେହି ସମ ନୁହଇ ପରଜା ପାଳନେ ତାତ ।
ମୋର ଦେଶରେ ଭୟ କରି ପ୍ରଚଣ୍ଡ ହୋଇ ନ ବହଇ ବାତ ॥
ଅଗ୍ନି ଦେବତା ଶିଖାମାନ ନଉନ ଦେଖି ମୋର ତେଜ ବଳ ।
ସୁଜନଙ୍କୁ ରଖି ଦୁର୍ଜ୍ଜନ ମାରଇଁ ଏ କଥା ମୋହର ମୂଳ ॥
ଗଡ଼ ଦେଖି ବଡ଼ କ୍ଷତ୍ରିମାନେ ଆଡ଼ ହୁଅନ୍ତି ବହୁତ ଦୂରୁ ।
କଟକାଇ କଲେ ଅମରେ ପଳାଇ ଯାଆନ୍ତି ଅମର ପୁରୁଁ ॥
ଯାଦବକୁଳ କୁମୁଦବନ ପ୍ରାୟ ମୁଁ ତହିଁକ ନଶାମଣି ।
ସୁନ୍ଦରପଣେ କାମ ସରି ନୁହଇ ସହିଷ୍ଣୁ ପଣେ ଧରଣୀ ॥
ଯୁଦ୍ଧ ନ କରି ଯୋଦ୍ଧାମାନ ଜିଣିଲି ବ୍ରହ୍ମାଣ୍ଡ ହୋଇଲା ମୋର ।
ଏହିଠାରେଥାଇ ଦର୍ଶନେ ନ ଆସୁ ଏଡ଼େ ଗାରିମା ତୋହର ॥
ରତି ଗୋଠାକେ ସବିଜନ୍ତୁ ମରିବେ ଛନପୁରେ ଥିବେ ଯେତେ ।
ଦୟା କରି ତାଙ୍କୁ ଶରଣ ରଖିଲି ଯେଣ ଆଶ୍ରେ କଲେ ମୋତେ ॥
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୁଜ ସମସ୍ତେ ମୋହର ବଶ ।
ମହାଦୁଷ୍ଟମାନେ ଛଡି ପଳାଇଲେ ଶୁଣି ମୋର ଧନୁର୍ଘୋଷ ॥
ଛର ଗଉଡ଼ ଅଟ୍ଟ ଭୁ ଏଡ଼େ ବଡ଼ ନ ଦେଉ ମୋହର କର ।
ଯେବେ ଦେବ ଧାପ ରଖିବ କେ ବାପ ଅନଳେ ଦହିବ ପୁର ॥
ଶ୍ୱଶୁର ମୋର ଜରାସନ୍ଧ ଦଇତ୍ୟ ସଖା ମୋର ବୀରକେଶୀ ।
ଏକା ନିମିଷକେ ଚରାଚର ମହୀ ପକାଇ ପାରଇ ଧ୍ୱଂସି ।
ଶୂର ନାରକା ବ୍ୟୋମା ଅମ୍ବା କଦମ୍ବା ସଙ୍ଘାତ ଦ୍ରୁ ବନ୍ଦବୀର ।
ଚୃଣୂର ମୁଷ୍ଟିକ ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର ॥
କେବଳ ଶିରୀଷ କୁସୁମକୁ ମହାପ୍ରବଳ ବରଷା ଲୋଡ ।
ସେହି ପ୍ରାୟୁ ମୁହିଁ ସେହି ପ୍ରାୟ ଭୁହି ଶିଶିରେ ଯେ ସିବୁ ସତ ॥
ଏବେ ମୋର ଧନୁଉତ୍ସବେ ଯେନାଇ ସଙ୍ଗେ ବେନି ସୁତ ଆସ ।
ସମସ୍ତ ଦୋଷ ତୋର କ୍ଷମା ହୋଇଲା ମନେ ନ କରିବୁ ତ୍ରାସ ॥
ରମ୍ଭା ଅଳୁ ଦଧି ଶତେ ଭାର ନେଇ ଗୋଟିକା ଅଧାମ ଆଦ ।
ସଙ୍ଗେ ଗୋପାଳ ଦଶଶତ ଆଣିବୁ କରିବେ ସେ ଯଥାବିଧି ॥
ରାମ କୃଷ୍ଣ ବେନି ଭାଇଙ୍କି ଅକ୍ରୂର ସଙ୍ଗେ ସଙ୍ଗ କରି ଦେବୁ ।
କେତେଡ଼େ ହେଲେଣି ତୋର ବେନି ନନ୍ଦନ ତାହାଙ୍କୁ ଆମ୍ଭେ ଦେଖିବୁଁ ॥
ସେହି ଦେଖିବେ ମୋର ଧନୁଉତ୍ସବ ଶୁଭକଥା ସିନା ତୋତେ ।
ବଡ଼ଲୋକଙ୍କ ସଙ୍ଗେ ସଙ୍ଗ ହୋଇବେ ଭୟ ନ ରହିବ ଚିତ୍ତେ ।
ବୃଦ୍ଧଶରୀର କେତେ ଦିନ ବଞ୍ଚିବୁ ମିଥ୍ୟା ମାଟି କଳେବର ।
ତୋହ ଥାଉଁ ଥାଉଁ କୁମର ଦୁହିଙ୍କି ମୋ ସଙ୍ଗେ ପରିଚେ କର ॥

ଶାଢ଼ୀବନ୍ଧାଇ ରାଜ୍ଜନପଣ ଦେଇ ସୁଖେ ଗୃହେ ବସିଥାଅ ।
ଆମ୍ଭର ଯେତେ ହାନି ଲାଭ ହୋଇବ କରିବେ ତୋହର ପୁଅ ।।
କାଲି ପାହିଲେ ଧନୁପୂଜା ହୋଇବ ଅଳସ ନ କର ଆସ ।
ଏମନ୍ତ ବୋଲି ଚିଠାଉ ଲେଖିଅଛୁ ପଢ଼ି ହେଲେ ନନ୍ଦ ଘୋଷ ।।
ବିସ୍ମୟଚିତ୍ତରେ ହୃଦୟ ଭିତରେ କଲା ମହାଘୋର ଭୀତି ।
ଯହୁଁ ଶୁଣିଲେ ମଥୁରା ଯିବେ ଦୂତ ସଙ୍ଗେ ରାମ ଶିଖୀପଚ୍ଛ ।।
ପରିଜନ ରାଇ ବୋଲେ ଗୋପସାଇଁ ଗୋପରେ ଘୋଷଣା ଦିଅ ।
କାଲି ପାହିଲେ ମଥୁରାପୁର ଯିବେ ସମ୍ଭାର ସଜାଡ଼ି ଥାଅ ।।
ଏତେକ ଭାଷି ଅକ୍ରୂରକୁ ଚରଚି କରଇ ବରଜ ରାଜା ।
ବୋଲେ ବଇରାଗୀ ଭଂକିତ ଚରଣ ଗୋପରେ ବାଜଇ ବାଜା ।।

## ପଞ୍ଚମ ଛାନ୍ଦ

ରାଗ ମଧୁପ ଚଉଦଶା ବୃତ୍ତେ

### ଗୋପୀମାନଙ୍କ ବିଳାପ

କହୁଛନ୍ତି ଗୋପୀ ଗୋବିନ୍ଦଙ୍କୁ । ଚାହିଁ ଶ୍ରୀମୁଖ ଅରବିନ୍ଦକୁ ।
ମଥୁରା ଗଲେ ଅକ୍ରୂର ସଙ୍ଗେ ରଙ୍ଗେ ଗୋପୀମାନଙ୍କୁ ଦେବ କାହାକୁ ହେ । ମୋହନ ।।
ତୁମ୍ଭ ପଛେ ପଛେ ଜୀବ ଯିବ । କାହିଁପାଇଁ ଏ ପିଣ୍ଡରେ ଥିବ ।
ଯାହା ବାହା ସାହା ପାଇ ବଞ୍ଚିଥିଲୁ ସେହୁ ଯେବେ କଂସପୁର ଯିବ ହେ । ମୋହନ ।।
ବିଷ ଦେଇ ନାଶ କରି ଯାଅ । ନିର୍ଲଜ୍ଜାଳେ ମଧୁପୁରେ ଥାଅ ।
ତିଳେ ଅନ୍ତର ହୋଇଲେ ମରୁଥାଉଁ ଏବେ ଦୁଇ ଚାରିଦିନ କହ ହେ । ମୋହନ ।।
ଯେତେବେଳେ ଯାଅ ବୃନ୍ଦାବନେ । ସଙ୍ଗେ ଗୋପାଳ ବାଳକ ମାନେ ।
ବତ୍ସ ଚରାଇ ବାହୁଡ଼ି ଆସିବାକୁ ପଥ ଚାହିଁ ଥାଉଁ ଗୋପୀମାନେ ହେ । ମୋହନ ।।
ଗୋପେ ପଶି ଆସି ଯେତେବେଳେ । ପ୍ରାଣ ପଶଇ ହୃଦୟସ୍ଥଳେ ।
ଚନ୍ଦ୍ର ଦେଖି ଯେହ୍ନେ କୁମୁଦବିପିନ ମହାଆନନ୍ଦେ ଫୁଟଇ ଜଳେ ହେ । ମୋହନ ।।
ରବି ଦେଖି ଯେହ୍ନେ ଅରବିନ୍ଦ । ଚକ୍ଷୁ ପାଇଲେ ଯେସନେ ଅନ୍ଧ ।
ଚିରକାଳଦୁଃଖୀ ରତନ ଲଭିଲେ ଯେହ୍ନେ ହୁଅଇ ସେହ୍ନ ଆନନ୍ଦ ହେ । ମୋହନ ।।
ନବଲାବଣ୍ୟ ବାରିଦତନୁ । ଦେଖି ଦୁଃଖ ଦୂର କରୁଁ ମନୁ ।
ଜୀବନଜଡ଼ୋଲା ଦେଖିଲେ କି ଡୋଲା କେବେ ପାସୋରି ପାରିବ ମନୁ ହେ । ମୋହନ ।।
କର୍ଣ୍ଣ ଡେରି ଶୁଣୁଥାଉଁ ବଂଶୀ । କାମକାଣ୍ଡେ ହେଉଥାଉଁ ଧ୍ୱଂସି ।
ଏବେ ସେମାନ ଆହୁଁ ଶୂନ୍ୟ ହୋଇବ କି କରିବୁଁ ବୃନ୍ଦାବନ ବାସୀ ହେ । ମୋହନ ।।
ଇନ୍ଦ୍ର ବିବାଦୁଁ କେହ୍ନୁ ରଖିବ । ଗୋବର୍ଦ୍ଧନ କେ କରେ ଟେକିବ ।
ଷଣ୍ ଶକଟ ତୃଣ ବକ ନିବାରି ବନଅନଳୁଁ କେହ୍ନୁ ତାରିବ ହେ । ମୋହନ ।।

ନନ୍ଦରାଣୀ ବାନ୍ଧିବ କାହାକୁ । ଜଳୁଁ କେ ଆଣି ଦେବ ନନ୍ଦକୁ ।
କାଳୀଫଣାରେ କେହ୍ନୁ ନୃତ୍ୟ କରିବ କେହ୍ନୁ ତାରିବ ମଣିଚୂଡ଼କୁ ହେ । ମୋହନ ॥
ବାଟ ଜଗି କେ ମାଗିବ ଘାଟ । ତାଳି ଦେଲେ କେ କରିବ ନାଟ ।
କେହ୍ନୁ ଲବଣି ଚୋରି କରି ଖାଇଲେ ରାଣୀ କାହାକୁ ପିଟିବ ଛାଟ ହେ । ମୋହନ ॥
ନିଶାକାଳେ କେ ବାଇବ ବଂଶୀ । ବନେ ନେବ ଗୋପଶୁଭ୍ରକେଶୀ ।
କାହ୍ନା ସଙ୍ଗେ ରଙ୍ଗେ ରାସମଣ୍ଡଳରେ ପୁହାଇବୁଁ ଆମ୍ଭେ ସୁଖେ ନିଶି ହେ । ମୋହନ ॥
କାହ୍ନାଚୁଳରେ ଖଞ୍ଜିବୁଁ କଆ । କାହ୍ନା ହିଆରେ ଭିଡିବୁଁ ହିଆ ।
କାହ୍ନା ଛାମୁରେ ଆମ୍ଭେ ଲାଜ ବହଣ ଅନାଇଁ ଯେ ହୋଇବୁଁତ ଠିଆ ହେ । ମୋହନ ॥
କାହ୍ନା ନାମେ ଗାଉଥିବୁଁ ଗୀତ । କାହ୍ନା ସଙ୍ଗରେ ଖେଳିବୁଁ ଜୁତ ।
କାହାକୁ ଦ୍ୱାରବନ୍ଧ ଧରି ଅଳପ ହସି କହିବୁଁ କହିତ ସତ ହେ । ମୋହନ ॥
କେହ୍ନୁ ନେତ୍ରପ୍ରାନ୍ତେ ଠାରୁଥିବ । ନିଧୁବନକୁ କଢ଼ାଇ ନେବ ।
ଶଶିଖଣ୍ଡ ଗଣ୍ଡଦେଶରେ ଆମ୍ଭର କେହ୍ନ ପୁଣ ପୁଣତ ଚୁମ୍ବିବ ହେ ମୋହନ ॥
ଭୃତ ଛଡାଇବ କେ ରାଧାଙ୍କୁ । କେହ୍ନୁ ହରିବ ଦୁଃଖବାଧାକୁ ।
କେହ୍ନୁଁ ବୃନ୍ଦାବତୀ ସଙ୍ଗେ ବିହରିବ ବୃନ୍ଦାବନେ ଖୋଜିବୁଁ କାହାକୁ ହେ । ମୋହନ ॥
କେଳିକଦମ୍ବ କେହି ବଞ୍ଚିବ । ତୁମ୍ଭ ବିଚ୍ଛେଦେ ପ୍ରାଣ ମୁଞ୍ଚିବ ।
ଯମଭଗିନୀ ଯମୁନା ଅଜଠାରୁ କୃଶ ହୋଇ ସେ ଦୂରେ ଘୁଞ୍ଚିବ ହେ । ମୋହନ ॥
ଖଗ ମୃଗ ମହୀରୁହମାନେ । ପ୍ରାଣ ହାରିବେ ତୁମ୍ଭ ବିହୁନେ ।
ଗୋପଭୁବନ ଅସୁନ୍ଦର ଦିଶିବ କାନ୍ତ ନ ଥିଲେ ନାରୀ ଯେସନେ ହେ । ମୋହନ ॥
ତାପୀ ହୋଇବୁଁ ସକଳ ଭୀରୁ । ଦିନୁ ଦିନୁ ଚିନ୍ତା ହେବ ଗୁରୁ ।
ଶାନ୍ତିପୀରତିକ ବାଡ଼ ହେଲା କଂସଦୂତ ଏମନ୍ତ ମନେ ବିଚାରୁଁ ହେ । ମୋହନ ॥
କାହ୍ନାସଙ୍ଗରେ ଫଗୁ ଖେଳିବୁଁ । କାହ୍ନା କଥାକୁ କର୍ଣ୍ଣ ଡେରିବୁଁ ।
କାହ୍ନାପାଇଁ ରତ୍ନପଲଙ୍କ ପକାଇ ଆସିବାକୁ ଗୃହେଁ ବସିଥିବୁଁ ହେ । ମୋହନ ॥
କାହ୍ନା ମୁଖରେ ଦେବୁଁ ତାମ୍ବୂଳ । କାହ୍ନା ନୟନେ ଦେବୁଁ କଜ୍ଜ୍ୱଳ ।
କାହ୍ନାର ରୁଚିର ଚିକୁରକୁ ବେଣୀ କରି ସାଜିବୁଁ ଚୂର୍ଣ୍ଣକୁନ୍ତଳ ହେ । ମୋହନ ॥
ତୁଲ୍ୟ ବୟସ ବାଳକ ମେଳେ । ଖେଳୁଥାଅ ଯେ ଯମୁନାକୂଳେ ।
କାହାକୁ ଦେଖିବା ପାଇଁ ଗୋପଗୋଈ ଜଳ ନିମିତ୍ତ ଚଳିବୁଁ ମେଳେ ହେ । ମୋହନ ॥
କଥା ନ କହ କାହିଁକି ହରି । ଅକ୍ରୂର କି ବଳେ ନେବ ଧରି ।
ଘେନିବୁଁ ଜୀବନ ଭାଙ୍ଗିବୁଁ ତା ଯାନ କଥା ରହିଥାଉ ତିନପୁରୀ ହେ । ମୋହନ ॥
ଶୁଣି ବୋଲନ୍ତି ଗୋକୁଳ ବନ୍ଧୁ । ଦୁଃଖ ନ କର ଗୋ ବ୍ରଜବଧୂ ।
ତୁମ୍ଭ ପ୍ରସାଦେ ଯାତ୍ରା ଦେଖି ଆସିବୁଁ ହରି ରଖିବେ ସର୍ବ ଆପଦୁଁ ଗୋ । ଗୋପୀଏ ॥
ନନ୍ଦରାଣୀ କରନ୍ତି ରୋଦନ । କୋଳେ ଧରିଣ ନିଜ ନନ୍ଦନ ।
ଚରଣ ଧରି ଭକ୍ତଦାସ କାନ୍ଦଇ ବେଢ଼ି କାନ୍ଦନ୍ତି ସକଳ ଜନ ସେ । ମୋହନ ॥

## ଷଷ୍ଠ ଛାନ୍ଦ

### ରାଗ ବସନ୍ତ

### ଯଶୋଦାଙ୍କ ବିଳାପ

ଆରେ ବାବୁ ଶ୍ୟାମଘନ, ତୁ ଗଲେ ମଧୁଭୁବନ, କାହା ମୁଖ ଅନାଇ ବଞ୍ଚିବ ।
ହେବ ଦଶଦିଗ ଶୂନ୍ୟ, ଅସ୍ଥିର ହେବ ଜୀବନ, ନିଶି ଦିବସରେ ଝୁରୁଥିବ ରେ । ଜୀବଧନ ।
ଜୀବନ ବିହୁନେ ଯେହ୍ନେ ହଂସ । ରାଜା ବିନେ ଯେହ୍ନେ ଗ୍ରାମଦେଶ ରେ ॥
କାହା ଅଙ୍ଗେ ଚତୁଃସମ ଲେପିବ କରି ସୁସମ, ନିଦ୍ରାରେ କେ ହେଉଥିବ ଘାରି ।
କାହାକୁ ଅଞ୍ଜନ ଦେବ, ବସ୍ତ୍ରପାତ ଶୁଆଇବ, ପିତାକୁ ମାଗିବ କେହ୍ନୁ ହରି ରେ । ଜୀବଧନ ।
ଏ କଥା ସୁମରି ଯିବି ମରି, ନିଶ୍ଚେ ଯେବେ ଯିବୁ ମଧୁପୁରୀ ରେ ॥
ବାନ୍ଧିବ କାହାର କେଶ, କୁସୁମେ କରି ସୁବେଶ, କାହା ଲଲାଟରେ ଦେବ ଚିତା ।
କାହାର କର୍ଣ୍ଣେ କୁଣ୍ଡଳ, ଖଞ୍ଜିବିରେ ମୋର ବାଳ, କାହା ପାଇଁ କରୁଥିବ ଚିନ୍ତା ରେ ।
ଜୀବଧନ ।
କାହା ଅଙ୍ଗୁ ଧୂଳି ଦେବ ପୋଛି, କାହାକୁ ବା ପିନ୍ଧାଇବ କାଛି ରେ ॥
ଏଯେତେବେଳେ ବନେ ଯାଉ, ସଙ୍ଗେ ମୋର ପ୍ରାଣ ନେଉ, ନିମିଷେ ବିଚ୍ଛେଦ ନ ସହିଁ
ବେ ଯିବୁ ମଥୁରାକୁ ମତେ ସମର୍ପି କାହାକୁ ଚନ୍ଦ୍ରମୁଖ ନ ଦେଖିଲେ ମୁହିଁ ରେ । ଜୀବଧନ ।
ଜୀବନ ହାରିବ ଗଣ୍ଡିଜଳେ, ତୁ ମତେ ଅନ୍ତର ହେଲେ ତଳେ ରେ ॥
ସରି ଲବଣୀ ଅଧାମ, ପକ୍ୱରମ୍ଭା ସୁଧାସମ, ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ ।
ଯେତେରୂପେ ନାଳଆଇଁ, ପରଷଇଁ ବଳଆଇଁ, କୋପେ ଉଠି ପାକ ଭାଣ୍ଡ ଭାଙ୍ଗୁ ରେ ।
ଜୀବଧନ ।
ଏବେ ଦୂର ହୋଇବ ସେ କଥା, କି ନ କରେ ଦାରୁଣ ବିଧାତା ରେ ॥
ଛାଇକି ଅନାଇଁ ଡରୁ ଧାଇଁ ମୋତେ କୋଳ କରୁ ବସନେ ଘୋଡ଼ାଇ ମୁଖଗୋଟି ।
ହେଉଥାଉ ଥରହର, ଦେଖିଲେ ଅନ୍ଧାରଘର, ଉଛପା ବିଛୁ ନ ପାରୁ ଉଠି ରେ ।
ଜୀବଧନ ।
ମଧୁପୁରେ ହସ୍ତୀ ଘୋଡ଼ାମାନ, ଗର୍ଜିଲେ ନ ଡରୁ ଶ୍ୟାମ ପୁଣ ରେ ॥
କାନ୍ଥେ ଦେଖି ଚିତ୍ରପନ୍ତି, ନାନା ଭୟଙ୍କର ମୂର୍ତ୍ତି, ଭୟେ ଯାଉ ସେ ଘରୁ ପଳାଇ ।
ଏବେ କଂସପୁରି ଯିବୁ ରାକ୍ଷସମାନ ଦେଖିବୁ ଡରି କାହାକୁ ଧରିବୁ ଯାଇଁ ରେ । ଜୀବଧନ ।
ମାତା ବୋଲି ଡାକିବୁ କାହାକୁ ସାହା ବାହା ଆହା କେ ବୋଲିବାକୁ ରେ ॥
ନିଶାକାଳେ ମୋର କୋଳେ,ଶୋଇଥାଉ ଶ୍ରମବଳେ, ସ୍ୱପନରେ ଦେଖୁ କିସ କିସ ।
ମା ବୋଲି ଚମକି ପଡୁ କର୍ଣ୍ଣେ ଦୁଇଭୁଜ ଭିଡୁ ପୁଣି ଶୋଉ ଘୋଡହୋଇ ବାସ ରେ ।
ଜୀବଧନ ।
ସେ କଥା ସୁମରି ମରିଯିବି, ଉଠ ବୋଲି କାହାକୁ ଡାକିବି ରେ ॥
ପ୍ରଭାତ କାଳେ କେ ମୋତେ, ଡାକିବ କ୍ଷୁଧାଆରତେ, କାହାକୁ ଭୁଞ୍ଜାଇ ଦେବ ସରି ।
କେ ଧରି ମନ୍ଥନଦଣ୍ଡ, ଭାଙ୍ଗିବ ମୋ ଦଧିଭାଣ୍ଡ, କାହାକୁ ବାନ୍ଧିବ ଅର୍ଜ୍ଜୁନ ରେ । ଜୀବଧନ ।
କାହା ନାମେ ଗାଉଥିବ ଗୀତ, କାହାକୁ ଡାକିବେ ଗୋପସୁତ ରେ ॥

କାହା ନାମେ ଗୋପନାରୀ, କରିବେ ମୋତେ ଗୁହାରି, କାହା କରୁ ଛଡ଼ାଇବ ମାଟି ।
କେହୁ ଭଣ୍ଡି ଦେଖାଇବ, ଖେଳେ କେହୁ ଭୋଖାଇବ, ଅଧାମ କାହା ଅଧରେ ଦେବ
ରେ । ଜୀବଧନ ।

କାହାକୁ ବୋଲିବ ଝୁଲି ହାଣ୍ଡି, କାହାକୁ ଡାକିବ କରି ପାଣ୍ଡି ରେ ॥
ଗାଈ କେ ଚରାଇ ନେବ, ରାମ ସଙ୍ଗେ ବନେ ଯିବ, ନାନାରଙ୍ଗେ କେ ବାଇବ ବଂଶୀ ।
କରିବ କେ ବାଳକେଳି, ମଧ୍ୟେ ନାଚୁଥିବ ଡଳି, କାହାକୁ ଚାହିଁବେ ବ୍ରଜବାସୀ ରେ ।
ଜୀବଧନ ।

ଅସୁନ୍ଦର ଦିଶିବ ଭୁବନ, ଆଉ କାହିଁ ଦେଖିବିଁ ସେମାନ ରେ ॥
କେ ଆଣି ଦେବ ପୁଅକୁ ଦାଣ୍ଡେ ଖୋଜିବ କାହାକୁ କାହାକୁ ଦେଖିବ ନୀପମୂଳେ ।
କେହୁ ବନେ ପଳାଇବ, ନନ୍ଦଙ୍କ ଆଗେ କହିବ, ଆଜ ମୋତେ ମାଏ ମାରୁଥିଲେ ରେ ।
ଜୀବଧନ ।

ତହିଁ ପାଇଁ ଚଳିହେବେ ତାତ, ମୋତେ କ୍ରୋଧେ ଦଣ୍ଡିବେ ବହୁତ ରେ ॥
ଏତେ ବୋଲି ନନ୍ଦରାଣୀ, ନୟନୁ ବୁହାଇ ପାଣି, ଚୁମ୍ବ ଦେଇ ଶ୍ୟାମଗଣ୍ଡସ୍ଥଳେ ।
ନୀଳାମ୍ବର ମୁଖଚାହିଁ, ବୋଲନ୍ତି ମୋ ବାପ ଭାଇ, କାଲି ଯିବ ମଥୁରାମଣ୍ଡଳେ ରେ ।
ବଳରାମ ।

ସଙ୍ଗେ ସଙ୍ଗେ ଘେନିଥିବୁ ହରି, ଢ଼ଳିବଟି ଦେଖି କଂସପୁରୀ ରେ ॥
ତୁ ଯେ ବଳେ ବଳିଆର, ନବଳ ମୋର କୁମର, ନ ଜାଣଇ ଚତୁରାଇପଣ ।
ନପୁଣ ହୋଇବ ବଣା, ଜାଣି ନ ପାରିବ ଠଣା, ଏଣୁ କରି କହୁଅଛୁ ପୁଣ ରେ । ବଳରାମ ।
ଯହିଁ ଗଲେ ନ ଛାଡ଼ିବୁ କ୍ଷଣେ, ଭଡେ ନ ପଶିବୁ ବଳପଣେ ରେ ॥
ସେ ନୋହେଟି ଗୋପପୁର, ଗୋପୀମାନଙ୍କର ଘର, କାହିଁ ନ କରିବ ହୁରି କ୍ରୁର ।
ଦାରୁଣ ନୃପତି କଂସ, ଶୁଣିଲେ କରିବ ରୋଷ, ଶୁଭେ ଯାଇ ଆସ ଗୋପପୁରୀ ରେ ।
ବଳରାମ ।

ଆସିବାକୁ ପଥ ଚାହୁଁଥିବ, ଉଚ୍ଛୁର ହୋଇଲେ ଧାଇଁଯିବ ରେ ॥
ଏ ବାଣୀ ଶୁଣି ରୋହିଣୀ, କାନ୍ଦଣ ଲୋଟେ ଧରଣୀ, ରାମ ରାମ ବୋଲି ବାହୁନଇ ।
କୋଳେ ଧରି ନିଜ ସୁତ, ବୋଲଇ ହୋଇ ଆରତ, ଚନ୍ଦ୍ରମୁଖ ଗୋଟି ଲୁଚିଯାଇ ରେ ।
ବଳରାମ ।

ମନ୍ଦକଂସ ବୁଦ୍ଧି ଭିଆଇଲା, ଆମ୍ଭଙ୍କୁ ଏ ଦଶା ଦିଆଇଲା ରେ ॥
ଶୁଣି ଅକ୍ରୂର ପ୍ରଜ୍ୱଳି, ନନ୍ଦକୁ ଦେଉଛି ଗାଳି, ସାଜ ସାଜ ପାହିଲା ରଜନୀ ।
ସାଜିଲେ ଯେ ବୋଲେ ନନ୍ଦ, କେବଳ ରାମ ଗୋବିନ୍ଦ, ସଜ ହେଉଛନ୍ତି ମନ୍ତ୍ରିମଣି ହେ ।
କଂସଦୂତ ।

ଶୁଣି ବୋଲେ ସାଜ ବେଗ କରି, ଉଚ୍ଛୁରେ କୋପିବ ଦଣ୍ଡଧାରୀ ହେ ॥
ସାଜିଲେ ଗୋକୁଳକୁଳ, ପଡ଼ିଲା ଗୋପେ ଚହଳ, ପୁରି ନର ନାରୀ ଧାଇଁଛନ୍ତି ।
ଉଠିଲେ ନନ୍ଦନନ୍ଦନ, ବସିଲେ ଅକ୍ରୂର ଯାନ, ଗୋପନାରୀ ଓଗାଳି ଅଛନ୍ତି ଯେ ।
ଶ୍ୟାମବନ୍ଧୁ

ପିନ୍ଧିଛନ୍ତି ବିଚିତ୍ର କାଚ୍ଛେଣୀ, କୋଟିଏ କାମକୁ ପାରେ ଜିଣି ସେ ॥

ରାମ ସଙ୍ଗ ଅଛିଶୋଭା, ଦେଖି ମନ ନେଇ ଲୋଭା, ଗୋପପୋଏ ସେହିମତି ସଙ୍ଗ ।
ବେନ ମତ୍ତସିଂହ ସଙ୍ଗେ, ମତ୍ତଗଜ କବା ରଙ୍ଗେ, ଡେହେଲ ଶୋଭା ବରଜ ତରୁଜ ସେ ।
ଗୋପୀମାନେ ।

ଚଉପାଶେ ସିଂହର ଘରଣୀ, ଦେଖି ଶୋଭା ପାଉଛି ଧରଣୀ ସେ ॥
ଗହଲ ଗୋକୁଳ ଦାଣ୍ଡ, ଆନନ୍ଦ ହୋଇ ବ୍ରହ୍ମାଣ୍ଡ, ବିଚାରଇ ଯିବ ଏବେ ଭାରା ।
ମଥୁରାକୁ ଯିବେ ହରି, ମାରିବେ କଂସକୁ ଧରି, ଏତେ ବୋଲି ଆନନ୍ଦିତ ଧରା ସେ ।
ବସୁମତୀ ।

ଯହୁଁ ରଥେ ବଜେ ଗୋପୀନାଥ, ଭକ୍ତ ଦାସ ହୋଇବ ଅନାଥ ହେ ॥

## ନବମ ଛାନ୍ଦ

### ଆଷାଢଶୁକ୍ଳ ବାଣୀ

### କୃଷ୍ଣଙ୍କ ମଥୁରା ଗମନରେ ଗୋପୀମାନଙ୍କ ଦଶା

ଗୋବିନ୍ଦବିଚ୍ଛେଦେ ବରଜନାରୀ । କୁରଙ୍ଗନୟନୁ ବହଇ ବାରି ।
ଫିଟିଲା କବରୀ ଗୁଟିଲା ହାର । ଶୁଖିଲା ରଙ୍ଗିମା-ଛବି ଅଧର ।
ଅଙ୍ଗୁ ବହେ ଝାଳ । ପାଣ୍ଡୁର ଦିଶେ ହେମ-ଗଣ୍ଡସ୍ଥଳ ॥
କାହା ବଦନୁ ନ ସ୍ଫୁରଇ ବାଣୀ । କାହାର ନ ଚଳଇ ପାଦ ପାଣି ।
କାହାର ହିଆ ହୋଏ ଦମଦମ । କାହା ନାସାରୁ ନ ବହେ ପବନ ।
କେ ଭୂମିରେ ପଡ଼େ । କେହୁ ବେନବାହୁ ହୃଦରେ କୋଡ଼େ ॥
କେ ନେଇ ଶିରେ ମାରଇ ପଥର । କେହୁ ବୋଲେ ସଖି ମଲି ଏଥର ।
କେ ବୋଲେ କାହିଁକି ପରାଣ ଅଛି । ଦାରୁଣ ଯମ ପକା ପାଞ୍ଜି ପୋଛି ।
ମୁଁ ହୁଅଇଁ ନାଶ । କେ ବୋଲେ ଆସ ଗୋ ଖାଇବା ବିଷ ॥
କେ ବୋଲେ ଝାସିବା ଯମୁନାଗର୍ଭେ । କେ ବୋଲେ ଅନଳ ଜାଳିବା ପିଣ୍ଡେ
କେ ବୋଲେ କଣ୍ଠେ ଚଳାଇବା ଛୁରୀ । କେ ବୋଲେ ଆଖି ପକାଇବା ଖୋଳି ।
ଅନ୍ଧ ହେଲେ ଭଲ । କେ ବୋଲେ ଅକ୍ରୂର ମାରିବା ଚାଲ ॥
କି କରିବ କରୁ ନୃପତି କଂସ । ରହିବା ନାହିଁ ପଛେ ତାର ଦେଶ ।
ସମ୍ପଦେ ଆମ୍ଭର ନାହିଁ ଭରସା । ଅନ୍ୟ ଦେଶେ ଯାଇଁ କରିବା ବସା ।
ଆମ୍ଭ କୃଷ୍ଣ ଥାଉ । ନୋହିଲେ ଅକ୍ରୂର ବାହୁଡି ଯାଉ ॥
କାହାର ହାର ହୋଇଲା ଶିଥିଳ । କାହାର ଖସିଲା କଟି ଦୁକୂଳ ।
କାହା କବରୀ ଚରଣରେ ଲୋଟେ । ସ୍ୱରଭେଦେ କାହା କଣ୍ଠ ନ ଫିଟେ ।
କରନ୍ତି ବିଳାପ । ଘୋଟି ଯାଉଅଛି ସନ୍ତାପ-ଆପ ॥
କେ ବୋଲେ ରସିକସାଗର ହରି । ମାରିତ ଯାଉଛି କୁଳକୁମାରୀ ।
କେ ବୋଲେ ରାହୁବଇରିବଦନ । କେ ବୋଲେ ଷଣ୍ଢ ଶକଟମର୍ଦ୍ଦନ ।
କେ ବୋଲେ ବକାରି । କେ ବୋଲେ କାଳୀ ଗର୍ବଖର୍ବକାରୀ ॥

କେ ବୋଲେ ପୁତନା ପରାଣଖିଆ । କୁ ଶ ପରାୟେ କରୁଛ ହିଆ ।
ଛଳରୁ ଅର୍ଦ୍ଧେ ନ କର କରୁଣା । କୃପାସିନ୍ଧୁ ପଣ ଯାଉଛି ଜଣା ।
        ଶୁଷ୍କନଦୀ ମତ । ଏବେ ସେ ଜାଣିଲୁଁ ତୁମ୍ଭ ଚରିତ ॥
ଦୀନଜନେ ଦୟା ନ କର ହରି । ଦୀନବନ୍ଧୁ ନାମ ବହି କି କରି ।
ଆଉଁ ଯେ ବୋଲିବ ଦୀନବାନ୍ଧବ । ମହତ୍ତ୍ୱ ତାର ସାରିବୁଁ ମାଧବ ।
        କହୁଅଛୁଁ ସତ । କଇତବ ବନ୍ଧୁ ନାମ ବହିତ ॥
ଗୋପୀଙ୍କ ଆରତବଚନ ଶୁଣି । ସୁଦାମଙ୍କୁ ଚାହିଁ ମୁରଲୀପାଣି ।
ବୋଇଲେ ଗୋପୀଙ୍କି କର ସନ୍ତୋଷ । ନିଶ୍ଚିନ୍ତେ ରହିଥାନ୍ତୁ ନିଜବାସ ।
        ମୋ ଆସିବା ଯାଏ । କ୍ଷୁଣ ନ କରିବେ କନକକାୟେ ॥
ଶୁଣି ଗୋପାଳେ କହିଲେ ଗୋପୀଙ୍କି । ଅକ୍ରୁର ରଥ ବାହିଲା ଚମକି ।
ନିରାଶେ ରହିଲେ ବିରହନାରୀ । ଜଳ ଶୁଖିଲେ ଯେସନେ ସଫରୀ ।
        ସେହିମତ ହୋଇ । ଏକ ଆରକେ ମୁଖ ଚାହାଁଚାହିଁ ॥
ବସନ୍ତ ଗଲେ ଯେହ୍ନେ ଦିଶେ ବନ । ବରଷାଶେଷେ ଯେହ୍ନେ ନଦୀମାନ ।
ଅନ୍ଧାରପକ୍ଷେ ଯେହ୍ନେ କଳାକର । ପଦ୍ମ ଯେସନେ ପଡ଼ିଲେ ଶିଶିର ।
        ହୋଇଯାଏ କ୍ଷୀଣ । ଚନ୍ଦ୍ର ବିନେ ଯେହ୍ନେ କୁମୁଦବନ ॥
କାନ୍ତ ବିହୀନେ ଯେସନେ ରମଣୀ । ଧର୍ମ ବିହୀନେ ଯେସନେ ଧରଣୀ ।
ବେଦ ବିହୀନେ ଯଥା ଦ୍ୱିଜବର । ଧନର ବିହୀନେ ଯେସନେ ନର ।
        ହେଲେ ଗୋପନାରୀ । ରାଜ୍ୟ ବିହୀନେ ଯେହ୍ନେ ଦଣ୍ଡଧାରୀ ॥
ବିଦ୍ୟା ପାସୋରିଲେ ଯେହ୍ନେ ପଣ୍ଡିତ । ମାତା ବିହୀନେ ଯେସନେ ବାଳୁତ ।
ଚକ୍ଷୁ ବିହୀନେ ଶୋଭାବନ୍ତ ଜନ । ଭୂଷଣ ବିନେ ଯେହ୍ନେ ନାରୀଗଣ ।
        ଦିଶେ ଅସୁନ୍ଦର । ବୃକ୍ଷ ବିହୀନେ ଯେହ୍ନେ ଗିରିବର ॥
କୃଷ୍ଣ ବିହୀନେ ସେହିମତ ଗୋପୀ । ଚିନ୍ତା ରତ୍ନାକରେ ହୋଇଲେ ତାପୀ ।
ଦିଗ ନ ଦିଶି ଦିଶିଲା ଅନ୍ଧାର । ଅମାବାସ୍ୟାରେ ଯେସନେ ଚକୋର ।
        ହୁଅନ୍ତି ଅଜ୍ଞାନ । କୁଲାଳଚକ୍ର ପ୍ରାୟେ ଭ୍ରମେ ମନ ॥
ସକଳ ବିଷୟ ମଣନ୍ତି ବିଷ । ହରଷ ତ୍ୟଜି ଲଭିଲେ ବିରସ ।
ଶିରୀଷକୁସୁମ ଯେସନେ ହିମେ । ବ୍ରଜେଶ ବିନୁ ବ୍ରଜନାରୀମାନେ ।
        ହୋଇ ଗଲେ କୃଶ । ଭୃଙ୍ଗ ବିନୁ ଯେହ୍ନେ ଚମ୍ପକପୁଷ୍ପ ॥
ହାର ହେଲା ଗରୁ ବସନ ଅହି । ଚନ୍ଦନ କର୍ପୂର ରୁଚଇ ନାହିଁ ।
କାମହୁତାଶନେ ଜଳଇ ଅଙ୍ଗ । କୃଷ୍ଣ ବିଚ୍ଛେଦେ ଦ୍ୱିଗୁଣ ଅନଙ୍ଗ ।
        ମରମେ ସନ୍ଧିଲା । ପ୍ରାଣ ନେବାରୁ ଅଧିକ ହୋଇଲା ॥
ଆରତେ କାନ୍ଦନ୍ତି ହରିଣୀନେତ୍ରୀ । ବାତୁଳ ପରାୟେ କନକଗାତ୍ରୀ ।
ଚଉଦିଗକୁ ଦିଅନ୍ତି ଅନାଇ । ହା କୃଷ୍ଣ ବୋଲି ପଡ଼ନ୍ତି ବୁଲାଇ ।
        ପ୍ରଖର ନିଶ୍ୱାସ । କ୍ଷଣକୁ କ୍ଷଣ ଉଡ଼ଇ ସାହାସ ॥
ବସିଲେ ନ ପାରନ୍ତି ଦିମ୍ଭେ ଉଠି । ଉଠିଲେ ଯାଆନ୍ତି ମହୀରେ ଲୋଟି ।

ଏକ ଆରକେ ଧରାଧରି ହୋଇ । ବଚନ କହିଲେ ମାରଇ ଝାଇଁ ।
ବହେ ଶ୍ରମଝାଳ । ଫିଟି ପଡ଼ଇ କବରୀ ଅଞ୍ଚଳ ॥
କାନ୍ଦ ଲୋଡ଼ିଲେ କାନ୍ଦି ନ ପାରନ୍ତି । ଆରତେ ଶୂନ୍ୟକୁ କୋଳ କରନ୍ତି ।
ଶ୍ୟାମଘନ ସଙ୍ଗ ପ୍ରସଙ୍ଗ ମାନ । ଚତ୍ତେ ଚମ୍ବେଇ ବୁଜନ୍ତି ନୟନ ।
ଥରଥର ତନୁ । ବାଉଳ ଯେହ୍ନେ ନ ଦେଖିଲେ ଭାନୁ ॥
କହଇ ଭକତଚରଣ ଦାସ । ଗୋବିନ୍ଦ ବିନା ଗୋପୀଏ ନିରାଶ ।
ସଦନେ ପ୍ରବେଶ ହୋଇଲେ ଯାଇ । ରଙ୍ଗିମାଚରଣଯୁଗଳ ଧ୍ୟାୟି ।
ନିଶି ଦିବସରେ । ଦୁଃଖେ ରହିଲେ ଆସିବା ଆଶାରେ ॥

## ଦ୍ୱାଦଶ ଛାନ୍ଦ

ରାଗ କଲ୍ୟାଣ—ଅବକାଶ ବୃତ୍ତେ

### କଂସର ମନ୍ତ୍ରଣା

ମନ୍ତ୍ରୀ ମେଳାଣି ଅନ୍ତେ କଂସାସୁର । ଅସୁରଙ୍କୁ ରାଇ କରେ ବିଚାର ॥
ବୋଲଇ ଶୁଣ ହେ ବଳିଷ୍ଠମାନେ । ନନ୍ଦନନ୍ଦନ ଆସି ମଧୁବନେ ॥
ସେହିଠି ପୁତନାକୁ ମାଇଲେ । କାଳିନ୍ଦୀହ୍ରଦେ କାଳିକ ଦଳିଲେ ।
ଶକଟ ତୃଣ ବକ କଲେ ହତ । ବତ୍ସା ବ୍ୟୋମ ଷଣ୍ଢ କେଶୀ ସହିତ ।
ଏହିରୂପେ ଯେତେ ଦନୁଜ ଗଲେ । ତାହାଙ୍କୁ ମାରି ଗୋପପୁରେ ଥିଲେ ।
ଏବେ ମୁଁ ତାଙ୍କୁ ଆଣିଲି ଧରି । ତାଙ୍କୁ କେମନ୍ତେ ପକାଇବା ମାରି ॥
ସାନ କୁହନ୍ତି ସେ ବେନି ସୋଦର । ଇନ୍ଦ୍ର ଜିଣିଲେ ତୋଳି ଗିରିବର ॥
ଧେନୁକ ବୀର କେଡ଼େ ବଳିଆର । ତାକୁ ମାଇଲା ଭାଇ ହଳଧର ॥
ଏଣୁ ମୁଁ ଭୟ କରଇ ମନେ । ଭୋ ବୀରେ କହ ମାରିବା କେସନେ ।
ଏହା ଶୁଣି ଦୁଷ୍ଟମାନେ ବୋଲନ୍ତି । ଭୟ ନ କର ଆହେ ଭୋଜପତି ।
ଛାର ବାଳକେ କି ଜାଣନ୍ତି ଯୁଦ୍ଧ । ମୁଥ ମାରି ପ୍ରାଣେ କରିବୁଁ ବଧ ।
କୁହନ୍ତି ରାଜକୁମାର ସେହୁ । ମାଲଙ୍କ ବିଧାନ ଜାଣିବେ କାହୁଁ ।
ଆଡ଼ଣ ତାଡ଼ଣ ସରଳ ଯିବା । ଅଦୃଶ୍ୟ ହୋଇ ଠାଣି ଧରିଥିବା ।
ଉଲଟ ପଞ୍ଝାଣ ଡ଼ାକିବାଠାର । ମୁଥ ପଞ୍ଝାଣ ପ୍ରହାର ପୟର ।
ମୁଣ୍ଡକୁ ମୁଣ୍ଡ ମାରିବା ଗତି । ସେ କାହିଁ ଜାଣିବେ ଗଉଡ଼ଜାତି ।
ପାଦେ ପାଦ ଛନ୍ଦା କର୍କଶ ଭିଡ଼ । ପଡି ଉଠିବା ଜଗି ପିଠି ବାଡ଼ ।
ମର୍ମ୍ମସ୍ଥାନକୁ ଲୁଚାଇ ରଖିବା । ସମ୍ମୁଖେ ଥାଇ ପଛକୁ ଡେଇଁବା ।
ସାଧନ ଏହି ପ୍ରକାରେ ଯେତେ । ଭୋ ଦେବ ତୋ ଆଗେ କହିବୁଁ କେତେ ।
ମୁଷ୍ଟି ଉଞ୍ଚାଇ ଦେଇ ନ ମାରିବା । ଆଗେ ଦେଖାଦେଇ ପଛେ ଧରିବା ।
ବାହାସ୍ଫୋଟ ମାରି ଝାଡ଼ିବା ଅଙ୍ଗ । ପାଖେ ରଖିଥିବା ଆପଣା ସଙ୍ଗ ।
ରାଜନ ମାଲବିଜ୍ଞାଣ କଥା । ଚଉଷଠି ବନ୍ଧେ ଯେଉଁ ବ୍ୟବସ୍ଥା ॥

ଏତେ ପ୍ରକାରେ ସାଧିଥିଲୁଁ ଆମ୍ଭେ । ଆଗରେ କାରେ ନ ରହନ୍ତି ଦମ୍ଭେ ।
କାଠ ପ୍ରାୟ କରି ମୋଡ଼ିବୁଁ ଶିର । ବହନ ଆଜ୍ଞା ଦିଅ ନୃପବର ।
ଏ ବାଣୀ ଶୁଣି ବୋଇଲା କଂସ । ମୁଁ ବୁଦ୍ଧି ଦେଉଛି ସକଳେ ବସ ।
ଯାହା କହିଲ ସେ କଥା ପ୍ରମାଣ । ତୁମ୍ଭ ସଙ୍ଗରେ କେ କରିବ ରଣ ।
କେବଳ ଅଭାଗ୍ୟ ହୋଇବ ଯେବେ । ସାଧନାମାନ କେହି ନ ରହିବେ ।
ଏଣୁ ମୁଁ କହୁଅଛି ତୁମ୍ଭଙ୍କୁ । ଯେମନ୍ତେ ମାରିବ ନିଜ ଶତ୍ରୁଙ୍କୁ ।
ସିଂହ-ଦୁଆରେ କୁବଳୟା ଥିବ । ପାରିବ ଯେବେ ଦୁହିଙ୍କି ମାରିବ ।
ସେଠାରୁ ବଳି ଆସିଲେ ଗୋବିନ୍ଦ । ତୃତୀୟ ଦ୍ୱାରେ ଥିବ ମଲ୍ଲବୃନ୍ଦ ।
ସାଧନା କରି ସାଧିବ ଇପ୍ସୁ । ଉଦ୍ଧାରିବ ମୋତେ ମଲ୍ଲେ ସନ୍ତାପୁଁ ।
ରଙ୍ଗସଭାରେ ବସିଥିବେ ରାଜା । ବାଜୁଥିବ ନାନାଜାତିରେ ବାଜା ।
ଦେବକୀ ବସୁଦେବ ଆଦି ଥିବେ । ବେନିପୁତ୍ରଙ୍କ ମରଣ ଦେଖିବେ ।
ଖଡ଼ଗ ଧରି ଥିବଇଁ ମୁହିଁ । ଗାଢ଼ ପଡ଼ିଲେ ଯେ ପଡ଼ିବ ଧାଇଁ ।
ମଣ୍ତଣି କରି ଯାଇ ଧନୁଘର । ପ୍ରହରୀ ଜଗିଥିବେ ଛନପୁର ।
ନପୁଣ ଗୋପାଳେ କରନ୍ତି ଜୁର । ଧନୁମଣ୍ତଣି ଯାତ୍ରା ହେବ ମୋର ।
ତହିଁକି କରିଥିବ ଅକଠ । ମାଛି ଗଳିବାକୁ ନ ଥିବ ବାଠ ।
ନନ୍ଦ ଯଶୋଦାଙ୍କୁ ଘେନାଇ ଆସି । ଆସିଛନ୍ତି ଯେତେ ବରଜବାସୀ ।
ମଞ୍ଚାରେ ବସାଇଥିବ ସଭିଙ୍କି । ସୁତଙ୍କ ମରଣ ଦେଖିବେଟିକି ।
ଏମନ୍ତ ଯହୁଁ କହିଲା କଂସ । ଶୁଣି ରାକ୍ଷସେ ହୋଇଲେ ହରଷ ।
ସମସ୍ତ ଜନ ମନକୁ ଅଇଲା । ଯେଉଁ କଥା ନରବର କହିଲା ।
ଠାବେ ଠାବେ ସେହି ପ୍ରକାରେ କଲେ । ଯେ ଯାହାମତେ ଜଗିଣ ରହିଲେ ।
କହଇ ଭକ୍ତଚରଣ ଦାସ । ପବନକୁ ପାଉଅଛନ୍ତି ପାଶ ।

### ତ୍ରୟୋଦଶ ଛାନ୍ଦ

ରାଗ ଆହାରୀ

### କୃଷ୍ଣଙ୍କ କଂସଭବନ ପ୍ରବେଶ

ଏଥୁ ଅନନ୍ତରେ ବରଜ ବରଜ ସଙ୍ଗେ ମଧୁବନେ ରହିଲେ ।
ବସନ ସଦନ ସାଜିଲେ ବହନ ନାନା ରନ୍ଧନମାନ କଲେ ।
ଭୋଜନ କଲେ ସେ ନନ୍ଦର ନନ୍ଦନ ।
ଗୋପସୁତମାନେ ବେଢ଼ି ରହିଛନ୍ତି ଚନ୍ଦ୍ର ପାଶେ ତାରା ଯେସନ ।
ହସି ବନମାଳି ବୋଲନ୍ତି ମଥୁରା କଟକ ବୁଲିଣ ଦେଖିବା ।
ଚାଲ ସକଳେ ଏକମେଳ ହୋଇଣ ବହନ ଯାଇଣ ଆସିବା ।
ଗୋବିନ୍ଦ ବଚନେ ସଜ ହେଲେ ସୁତେ ।
ଯୋଡ ଯୋଡ ହୋଇ କର ଛନ୍ଦାଛନ୍ଦି ଦେଖି ହସନ୍ତି ଗୋପୀନାଥେ ।

କରେ କାଠତାଳ ପଛରକାହାଳ ବେଣୁ ବଇଁଶୀ ଶିଙ୍ଗା ବାଜେ ।
ମଥୁରାଭୁବନ କି ଭାଗ୍ୟ କରିଛି ଆଜ ଦେଖିବ ଦେବରାଜେ ।
ରୋହିଣୀ ନନ୍ଦନ ହୋଇଲେ ଆଗର ।
ଧୀରେ ଧୀରେ ବଜେ ପ୍ରଭୁ ଦେବରାଜେ ମେଦନୀ ଦିଶୁଛି ସୁନ୍ଦର ॥
ଶିରେ ଭୁଜଙ୍ଗଭୁକପୁଚ୍ଛ ଶୋହୁଛି ନନ୍ଦଇ ଇନ୍ଦ୍ରଶରାସନ ।
ଅଳକାପନ୍ତି ବାଳଅଳି ଗଞ୍ଜଇ ଦେଖି କେ ନୋହିବ ଉଚ୍ଛନ୍ନ ।
ଭ୍ରୂଲତା କି ଅବା ମଦନ କୋଦଣ୍ଡ ।
ମନସିଜ କର ଆଦରଣ ପ୍ରାୟ ଶୋଭାପାଉଛି ବେନି ଗଣ୍ଡ ॥
ତିଳଫୁଲ ନାସା ଦକ୍ଷିଣ ପୁଡ଼ାରେ ଶୋହୁଛି ବର୍ତ୍ତୁଳ ମୁକୁତା ।
କଳାକର କୋଳେ କି ଅବା ନିଶ୍ଚଳେ ଉଦେ ହୋଇଅଛି ସବିତା ।
କର୍ଣ୍ଣରେ କୁଣ୍ଡଳ କିଏ ମାରତଣ୍ଡ ।
ଅଞ୍ଜନଲତାକୁ ଗୁଣ କରିଅଛି କିବା ନୟନ ପଞ୍ଚକାଣ୍ଡ ॥
ପଦ୍ମଲପନକୁ ଉଦ୍ଧରି ଧରିଛି ଅଧର ରଞ୍ଜିତ ମନ୍ଦାର ।
କୁଳବତୀ ଦେଖି ଚେତା ହରାଇବେ ଘୋଟିବ ମଦନଅନ୍ଧାର ।
କଣ୍ଠରେ ମୁକୁତା ମାଳା ଝଟକନ୍ତି ।
ମତ୍ତଦନ୍ତି ଶୁଣ୍ଡ ଜାଣିଭୁଜଦଣ୍ଡ ଆଜାନୁ ବଳି ଦିଶୁଛନ୍ତି ॥
କଟିପ୍ରଦେଶରେ କନକବସନ ଅନେକ ବିଜୁଳି ଗଞ୍ଜଇ ।
ଓଡ଼ିଆଣି ଠାଣି ମନ ନିଏ କିଣି ଜାନୁ ରମ୍ଭା ଠାଣି ଜିଣଇ ।
ଚରଣ ଯୁଗରେ ଅପୂର୍ବ ମଞ୍ଜୀରି ।
ଧୀରଗମନକୁ ମଧୁର ନିସ୍ୱନ କରଇ ଜନମନ ଚୋରି ॥
ଏହି ପ୍ରକାରେ ଶୋଭିବନ ଦିଶନ୍ତି ରାମ କହ୍ନାଇ ଗୋପାଳାଦି ।
ସଙ୍ଗେ ଦେବବୃନ୍ଦ ଘେନି କି ମେଦନୀ ମଣ୍ଡି ଆସଇ ଜମ୍ଭଭେଦୀ ।
କି ଅବା ବିଜୟେ ମଦନରାଜନ ।
ଦେଖି ନୟନ ମନ ବଶ ହେଉଛି ଶୋଭା ଦିଶେ ମଧୁ ଭୁବନ ॥
ମଥୁରା ଗଡ଼ ଦ୍ୱାରେ ଯାଇ ହୋଇଲେ ଦେଖିଲେ ଅପୂର୍ବ ପାଚେରି ।
ଲୁହାର କଳଣି ତମ୍ବାର କବାଟ ଜଗି ରହିଛନ୍ତି ପାହାରି ।
ସଦନ ଉପରେ ଉଡ଼ଇ ପତାକା ।
ନର ଅସୁର ଅମରଗଣ ଖଣ୍ଡିଦୂରୁଁ ଦେଖି ହେବେ ତାଟକା ॥
ଦ୍ୱାର ଦେଖି ତାମରସବଦନୀୟ କରନ୍ତି ବହୁତ ପ୍ରଶଂସା ।
ଧନ୍ୟ ମାମୁ କଂସ କେତେ ତପ କରି ଏ ପୁରେ କରିଅଛୁ ବସା ।
ଯେସନେ କନକ ପଞ୍ଜୁରୀ ଭିତର ।
କାକ ରଖିଥାଇ ପୟପାନ ଦେଇ ସେ କିକ ଜାଣେ ସୁଖ ତାର ॥
ନାନାପ୍ରକାରେ ବିଚାର କରୁ ଥାଇ କେମନ୍ତେ ଯିବ ସେ ପଳାଇ ।
ସେହିରୂପେ ମଧୁନଗର ଏ ନରବର କଂସକୁ ନ ରୁଚଇ ।

ଦଇବ ବାରେ ଯେବେ ହେବ ଅନ୍ତର ।
ପଛେ ପଛେ କାଳଚକ୍ର ଗୋଡ଼ାଇବ ବାନ୍ଧିନେବ ଯମଡ଼ଗର ॥
ଦୁର୍ଜନ ଲୋକକୁ ସୁଜନ ନ ରୁଚେ ମୂର୍ଖଙ୍କୁ ନ ରୁଚଇବେଦ ।
ବିରହୀ ନାରୀଙ୍କି ପତି ନ ରୁଚଇ କୋଳ ନ ଜାଣେ ରମ୍ଭାସ୍ୱାଦ ।
କୁକୁର ଯଜ୍ଞଶାଳେ ଥିଲେ ଯେମନ୍ତ ।
ଦର୍ପିଷ୍ଠ ଦୁମିଳାନନ୍ଦନକୁ ମଥୁରା ଦଣ୍ଡଇ ତେମନ୍ତ ॥
ଦଇବ ବହିଲା ଅଭାଗ୍ୟ ହୋଇଲା ମୋତେ ଅଣାଇଲା ଧରାଇ ।
କାଳବେଳ ଆସି ନିକଟ ହୋଇଲା ମରିବ ସମ୍ପତ୍ତି ହରାଇ ।
କେବଳ ଆଜକ କରୁ ବଇଭୋଗ ।
ରାତ୍ର ପାହିଲେ ସବୁ ଦୁଃଖ ହୋଇବ ଉଗ୍ରସେନକୁ ହେବ ଯୋଗ ॥
ଏମନ୍ତ ବିଚାରି ଦ୍ୱାରକି ପଚାରି କହ ରାଜାଙ୍କ ସବୁଶୁଭ ।
ଆମ୍ଭେ ଆସିଥିଲୁଁ ଦର୍ଶନ ନିମିତ୍ତ ଭେଟାଇବ ଯେବେ ଦଇବ ।
କହିବୁଁ ଆମ୍ଭ ଦୁଃଖ ସୁଖ ଯେତେକ ।
ଭୟ କରୁଅଛୁଁ କିଛିହିଁ ନ ଜାଣୁ ଆମ୍ଭେ ସାନ ବ୍ରଜବାଳକ ॥
ହରିବାଣୀ ଶୁଣି ଦ୍ୱାରପାଳ ଭଣି କାହିଁକି କହିଲ ଏମନ୍ତ ।
ସାନବଡ଼ ହେଲେ କି କାର୍ଯ୍ୟ ହୋଇବ ଯେଉଁ ଜନ ବୁଦ୍ଧି ଯେମନ୍ତ ।
କୃଷ୍ଣ ହେ ତୁମ୍ଭେତ ତେମନ୍ତ ନ ଦିଶ ।
ଜାଣିଲୁଁ ବୁଦ୍ଧିବଳ ଅଛି ପ୍ରବଳ ସମାନ ନୋହିବ ଗିରୀଶ ॥
ଏତେ କହି ଦ୍ୱାର ଛାଡ଼ିଦେଉଁ ଧାଇଁ ପଶିଲେ ଜଗତଜୀବନ ।
ସଙ୍ଗେ ସଙ୍ଗେ ରାମ ଗୋପାଳ ଡକୁଛେ ବାଜଇ ନାନାବାଦ୍ୟମାନ ।
ଚମକି ପଡ଼ିଲା ମଥୁରାକଟକ ।
ବୋଲେ ବଇରାଗୀ ଭକ୍ତଚରଣ ଦେଖି ମନ ହେଲା ଅଟକ ॥

ଷୋଡ଼ଶ ଛାନ୍ଦ

ରାଗ—କେଦାର କାମୋଦ

ରାମକୃଷ୍ଣଙ୍କର ପୁଷ୍ପ ଚନ୍ଦନ ଲାଗି ଏବଂ କୁବୁଜାର ସୁନ୍ଦରୀତ୍ୱ ପ୍ରାପ୍ତି

କୃଷ୍ଣଙ୍କୁ ବେଶ କରି ସୁଦାମା ମାଳୀ ।
ଚୂଳେ ଖଞ୍ଜିଲା ନେଇ କେତକୀକଳୀ ଯେ ।
ଆସେ କି କେଶ-ରାହୁ ରସନା ମେଲି ।
ମୁଖଚନ୍ଦ୍ରକୁ ଦେବ କିଅବା ଗିଳି ଯେ ॥
ବେଢ଼ାଇ ଦେଲା ନବବକୁଳଦାମ ।
ଶୋଭାକୁ ଶକ୍ରଚାପ ନୋହିବ ସମ ଯେ ।
ଭୁଜଙ୍ଗଭୁକପୁଚ୍ଛ ତହିଁ ଉପରେ ।
କୋଟି ଚନ୍ଦ୍ରିକା ସମ ନୋହିବ ତାରେ ଯେ ॥

ରଙ୍ଗ-କୁସୁମବେଣୀ ପଛକୁ ପଡ଼ି ।
ଯମୁନା ଜଳେ ରକ୍ତକୁମୁଦଧାଡ଼ି କି ।
ସେହି ପ୍ରକାରେ ଦିଶୁଅଛି ଶୋଭନ ।
ପୁଣ ଗଳାରେ ମାଳା ଜାତିକୁସୁମ ଯେ ॥
ଅତି ସୁସଞ୍ଚ ଦିଶେ ଉର ଲପନ ।
ଦେଖି ରମ୍ଭା ତେଜିବ ସ୍ୱର୍ଗଭୁବନ ଯେ ।
ରାମକୁ ସେହିରୂପେ ବହିନ ସାଜି ।
ଭଲା ସେ ମାଳକାର ଖଞ୍ଜିଲା ହେଜି ଯେ ॥
କି ଅବା ମତ୍ତଗଜ କୁସୁମ ବେଶ ।
ସେହି ପ୍ରକାରେ ରାମ ଗୋବିନ୍ଦ ଦୃଶ୍ୟ ଯେ ।
ଦେଖିବା ନାହିଁ କାହିଁ ଏତେ ବଚନ ।
ଦେଖି ବର୍ଣ୍ଣିବାକୁ ବା କେ ଅଛି ପାନ ଯେ ॥
କରି ସୁବେଶ ମାଳୀ ମାଗିଲା ବର ।
ଅସ୍ତୁ ହେଉ ବୋଇଲେ ବରଜବର ଯେ ।
ସେଠାରୁ ବିଜେ କଲେ ବେନି ସୋଦର ।
ବେଢ଼ି ଅଛନ୍ତି ଚଉପାଶେ କୁମର ଯେ ॥
ଦେଖିଣ ମଧୁପୁର ନାରୀ ପୁରୁଷ ।
କାହାର ମନେ ଆଉ ନାହିଁ ହରଷ ଯେ ।
ପତି ତନୟ ଗୃହ ଲଜ୍ଜାକୁ ଏଡ଼ି ।
କନ୍ୟାସ୍ତ୍ରମ୍ଭ ପରାୟେ କାମିନୀ ଧାଡ଼ି ଯେ ॥
ଚାହିଁଲେ ହରି ଆଗେ କୁବୁଜା ଆସେ ।
ତନବାଙ୍କ ଶରୀର ପ୍ରପଞ୍ଚ ଦିଶେ ଯେ ।
ଘେନିଛି କଂସ ଅଙ୍ଗଲାଗି ଚନ୍ଦନ ।
ଚାହିଁ ହସନ୍ତି ସବୁ ଗୋପନନ୍ଦନ ଯେ ॥
କୃଷ୍ଣ ବୋଲନ୍ତି ଆଗୋ ଶୁଣ କୁବୁଜା ।
କିସ ନେଉଛୁ ଦେଖା ଦେଖୁଁ ମନୁଜା ଗୋ ।
ଆମ୍ଭର ଯୋଗ୍ୟ ହେଲେ ଆମ୍ଭେ ରଖିବୁଁ ।
ନୋହିଲେ ନେଇ କଂସ ରାଜାକୁ ଦେବୁଁ ଗୋ ॥
ରାମଅନୁଜ ବାଣୀ ଶୁଣିଲା ଯହୁଁ ।
ବକ୍ର ନୟନେ ଚାହିଁ କହିଲା ତହୁଁ ଯେ ।
କଂସର ଗନ୍ଧକାରୀ ଅଟଇ ମୁହିଁ ।
କାତି କାତି ତାହାକୁ ଖଟାଏଁ ନେଇଁ ହେ ॥
ତୁମ୍ଭେ ମାଗିଲ ମୋତେ ଛାର ଚନ୍ଦନ ।
ଦୁଇଭାଇଙ୍କି କାତି ଦେବି ଭୂଷଣ ହେ ।

ମୋହର କଥା ଏକ ଅଛି ମାଗୁଣି ।
ଦେବଟି ମୋତେ କଷ୍ଟେ ମୁରଲୀପାଣି ହେ ॥
ହରି ବୋଇଲେ ଆଗ ଦିଅ ଗୋ ଗନ୍ଧ ।
ଯେଡ଼ା ଫେଡ଼ିଲା ହୋଇ ଅଛି ଆନନ୍ଦ ଯେ ।
ପ୍ରଥମେ ଚତୁଃସମ ଅଙ୍ଗେ ଲେପିଲା ।
ଗୋବିନ୍ଦ ଅଙ୍ଗେ ନେଇଁ ଆଗେ ବୋଇଲା ଯେ ॥
ଶିର ଗର୍ଭରେ ସିଞ୍ଚିଦେଲା ଅଲପ ।
ତପ ସେ କରିଥିଲା କେତେ କଲପ ଯେ ।
ଲଲାଟପଟେ ଲେଖେ ଅପୂର୍ବ ଚିତା ।
ଦେଖି ବୁଡ଼ିବ ଊର୍ଦ୍ଧ୍ୱରେଖାଙ୍କ ଚେତା ଯେ ॥
ଗଣ୍ଡଦେଶରେ କଲା ଚିତ୍ର ମକରୀ ।
ଚନ୍ଦ୍ରକୁ ବେଢ଼ିଲେ କି ସେ ତାରାବଳୀ ଯେ ।
ଏହିରୂପେ ରାମଙ୍କୁ ସୁବେଶ କଲା ।
ବଧିମତରେ ଗୋପକୁମରେ ଦେଲା ଯେ ॥
ଦେଖି ପ୍ରସନ୍ନଚିତ୍ତେ ଶକଟଭଞ୍ଜା ।
ସଲଖିଦେଲେ ଧରି କୁବୁଜା ଖଞ୍ଜା ଯେ ।
କର ଲଗାନ୍ତେ ତନୁ ହେଲା ସୁନ୍ଦର ।
ନୟନ ଇନ୍ଦୀବର ମୁଖଚନ୍ଦର ଯେ ॥
ନାସିକା ତିଳଫୁଲ ଠାଣି ଆଣିଇ ।
କର୍ଣ୍ଣ ଯୁଗଳ କାମପାଶ ଜିଣିଇ ଯେ ।
ଗଣ୍ଡ ଉପମା ହେମ-ଆଦରଶକୁ ।
ବଚନ ସମ ହେବ ପିକଘୋଷକୁ ଯେ ॥
ଓଷ୍ଠ ସୁରଙ୍ଗ ପକ୍ୱବିମ୍ବ କି ଅବା ।
ଦଶନ ଲକ୍ଷ କୁନ୍ଦ ହୀରାକୁ ଦେବା ଯେ ।
କଣ୍ଠ ତାହାଣବର୍ତ୍ତ ସାରଙ୍ଗ ପରି ।
ଉରଜ ବେନି କି ଏ ମାରବଇରୀ ଯେ ॥
ବାହୁ ବଳଣ ଜିଣି ହେମବଳୟ ।
ଅଶୋକକଢ଼ୀ ପ୍ରାୟ ଅଙ୍ଗୁଳିପନ୍ତି ଯେ ।
ଗୃହିଅଙ୍କ ମଧ୍ୟମ କଟିକି ଲକ୍ଷ୍ୟ ।
ବେନି ଜଘନ କି ଏ କଦଳୀବୃକ୍ଷ ଯେ ॥
ଚରଣପଦ୍ମଠାଣି ଅପୂର୍ବ ଶୋଭା ।
ଦେଖି ଭ୍ରମରଗଣେ ହୋଇବେ ଲୋଭା ଯେ ।
ଆପଣା ରୂପରାଶି କୁବୁଜା ଗୃହିଁ ।
ବସ୍ତ୍ରରେ ଏହା ନେଇଁ ଯୋଇବ କାହିଁ ଯେ ॥

କାହାକୁ ସମର୍ପିବି ଅପୂର୍ବ ଧନ ।
ଏ ଧନ ଦେଲେ ସିନା ନନ୍ଦନନ୍ଦନ ଯେ ।
ଏହା ଅର୍ଜିଲା ବସ୍ତୁ ଏହାକୁ ଦେବ ।
ନ ନେବ ଯେବେ ଅଗ୍ନି ଜାଳ ମରିବ ଯେ ॥
ଏତେ ବଚିର ନାରୀ ଛାଡ଼ିଲା ଲାଜ ।
ଧାଇଁ ଧରିଲା ଯାଇଁ ଗୋବିନ୍ଦଭୁଜ ଯେ ।
ବୋଲେ ଶୁଣିମା ହେଉ ବ୍ରଜମୋହନ ।
ଯାହା ମାଗୁଛି ତାହା ଦିଅ ବହନ ଯେ ॥
ବଧୂବଦନେ ବନମାଲୀ ଭାଷନ୍ତି ।
କି ବର ମାଗୁଅଛୁ ମାଗ ଯୁବତୀ ରେ ।
ଦେବଇଁ ସତ୍ୟ ମୋର ଆରେ କୁବୁଜା ।
ବାଲୀ ବୋଇଲା ହେବ ତୁମ୍ଭ ଭାରିଯା ହେ ॥
ଏ ନବ ଯଉବନ ତୋହର ସିନା ।
ଦେଖ ମୁଁ ଦିଶୁଅଛି କେମନ୍ତ କନା ହେ ।
ରୋପିଲା ବୃକ୍ଷ ଫଳ ଆପଣେ ଭୁଞ୍ଜି ।
ଜାଣି ବରଞ୍ଜି ତାହା ଅଛଇ ଖଞ୍ଜି ହେ ॥
ଭୋଗ ନ କଲେ ତାଙ୍କୁ ବୋଲି ଅଯୋଗ୍ୟ ।
ଲାଜ ହୁଅଇ ପରେ ହୋଇଲେ ଭୋଗ୍ୟ ଯେ ।
ତୁ ସିନା ରୂପବତୀ କରିଛୁ ମୋତେ ।
ଏଣୁ ଯୋଗ ଏ ହରି କହୁଛି ତୋତେ ଯେ ॥
କହି ନ ଛାଡ଼ୁ କର ଧରି ଶ୍ରୀହରି ।
ଦେଖି ସଙ୍କୋଚ କଲେ କୁଞ୍ଜବିହାରୀ ଯେ ।
ବୋଲନ୍ତି ସଙ୍ଗେ ମୋର ଅଛନ୍ତି ହଲୀ ।
ଲଜ୍ଜା କି ନାହିଁ ତୋତେ ମଥୁରାବାଳ ରେ ॥
ଆଗେ ମୁଁ କଂସ ଦର୍ପ କରଇ ଚୂର ।
ବନ୍ଧୁଜନମାନଙ୍କ ସନ୍ତାପ ହରି ଯେ ।
ତେବେ ଆସିବି ତୋର ପୁରକୁ ମୁହିଁ ।
ପୁର ମଣ୍ଡଣି କରୁଥାଅ ଯା ତୁହି ଗୋ ॥
ଶୁଣି କୁବୁଜା ମନେ ଆନନ୍ଦ ହେଲା ।
ମେଲାଣି ମାଗି ନିଜଭୁବନେ ଗଲା ହେ ।
ସାଜିଲା ନାନା କଉତୁକେ ମନ୍ଦିର ।
ଯେସନେ ଦିଶେ ବାରସ୍ପତି ସୁନ୍ଦର ଯେ ॥
ଗୋବିନ୍ଦ ଆସିବାକୁ ବଢ଼ାଇ ଆଶ ।
ଆପଣେ ହେଲା ବାଲୀ ବିଚିତ୍ର ବେଶ ଯେ ।

ବାନ୍ଧିଲା କବରୀଦେଶେ ଲଗାଇ ଜୁଡ଼ା ।
ମଲ୍ଲିକଲିକା ସଙ୍ଗେ ଜାତିପାଖୁଡ଼ା ଯେ ।
ଶିରେ ସିମନ୍ତ ଚୂର୍ଣ୍ଣକୁନ୍ତଳ ସାଜି ।
ଭାଲେ ସିନ୍ଦୂର ନେତ୍ରେ ଅଞ୍ଜନ ରଞ୍ଜି ଯେ ।
ନାସେ ବସଣି କର୍ଣ୍ଣେ ହେମତାଟଙ୍କ ।
କଣ୍ଠେ ମୁକୁତାମାଳ କରେ ଝଟିକ ଯେ ।
ଉରଉପରେ ପତ୍ରାବଳୀ ଲେଖନ ।
କଟିରେ ଆଚ୍ଛାଦିଲା ବସ୍ତ୍ର ସୁକ୍ଷ୍ମନ ଯେ ।
ବେନିଭୁଜରେ ଶୋହେ ସୁବର୍ଣ୍ଣ ଚୁଡ଼ି ।
ଅଙ୍ଗୁଳିମାନଙ୍କରେ ମୁଦ୍ରିକାଧାଡ଼ି ଯେ ।
ପାଦେ ଯାବକ ଲେଖି ଖଞ୍ଜି ନୂପୁର ।
ମନ୍ଦଗତିକି ନାଦ କଲା ମଧୁର ଯେ ।
ଶେଯ ଶେଯାଇ ବସି ରହିଲା ବାମା ।
ବୋଲେ ଆସିବେ କିକ ବଚନ୍ଦ୍ରକର୍ମୀ ଯେ ।
ଭକ୍ତଚରଣ ଦାସ କହଇ ରସେ ।
କୁବୁଜା ମନ ପେଷି ଗୋବିନ୍ଦ ପାଶେ ଯେ ।
ଲଯ୍ୟ ଲଗାଇ ଚନ୍ଦ୍ରେ ଦିବସ କଣି ।
ବୋଲଇ କିକ ହେବ ଶ୍ରୀକୃଷ୍ଣଦାସୀ ଯେ ।

ବାଂଶ ଛାନ୍ଦ

ରାଗ—ବସନ୍ତ, ଆଷାଢ଼ ଶୁକ୍ଳ ବାଣୀ

କଂସ ଭେଟିକୁ ଯିବାବେଳେ ତାଙ୍କୁ ଦେଖି ମଥୁରା ରାଣୀଙ୍କ ବର୍ଣ୍ଣନ

ଏଥୁ ଅନନ୍ତରେ ମୋହନରାୟ । ମଥୁରା ଦାଣ୍ଡେ କରନ୍ତି ବିଜୟ ।
ଘନଘନ ଶିଙ୍ଗା ମୁରଲି ବାଜେ । ସମ୍ବର ଯୁଦ୍ଧେ କି ମଦନ ସାଜେ ।
ସେହି ମତ ଶୋଭା । ଦେଖି ନର ନାରୀ ହୁଅନ୍ତି ଲୋଭା ।
ଧାଇଁଲେ ମଥୁରାନାଗରୀମାନେ । ପ୍ରଦୀପ ଦେଖିଲେ ପତଙ୍ଗ ଯେହ୍ନେ ।
କାଲିଠାରୁ ହୋଇଥିଲେ ଉଚ୍ଛନ୍ନ । ରୁଚୁ ନ ଥିଲା ଅଶନ ବସନ ।
କରୁଥିଲେ ଧ୍ୟାନ । ଅନିଦ୍ରା ହୋଇ ନ କରି ଶୟନ ।
ଲଜ୍ଜା ବାଲିବନ୍ଧ ପ୍ରାୟେ ଭାଙ୍ଗିଲା । ଆନନ୍ଦଜଳ ବଳି ବହିଗଲା ।
କାଷ୍ଠ ତୃଣ ପ୍ରାୟ ପତି ତନୟ । ସମ୍ଭାଳି ନ ପାରି ପ୍ରବଳ ପୟ ।
ସେହି ଭାସିଗଲେ । କେହି ନିରୋଧ କରି ନ ପାରିଲେ ।
କାହାର ନାରୀ କାହାର ନନ୍ଦିନୀ । କାହା ଭଗିନୀ କାହାର ଜନନୀ ।
କାହାର ଖୁଡ଼ୀ କାହାର ମଉଲାଣୀ । ଏହି ପ୍ରକାରେ ଅନେକ ରମଣୀ ।
କରନ୍ତି ଗମନ । ରତି କି ଧାଏଁ ଦେଖନ୍ତେ ମଦନ ।

କୃଷ୍ଣ ସମୀପେ ହୋଇଲେ ପ୍ରବେଶ । ମଙ୍ଗଳ ଦେଖି କି ମଙ୍ଗଳୀ ତୋଷ ।
କଣ୍ଠି ଦେଖି ଯେହ୍ନେ କଣ୍ଠିଣୀବୃନ୍ଦ । ନିଶାପତିଙ୍କ ଭେଟିଲା କୁମୁଦ ।
ତେସନ ଆନନ୍ଦ । ଦିନେଶ ଦେଖି ଯେହ୍ନେ ଅରବିନ୍ଦ ॥
ପନ୍ତ ପନ୍ତ ହୋଇ ଚାହାଁନ୍ତି ତୋଳେ । ବଚନ କହି ନ ପାରନ୍ତି ଭୋଳେ ।
ଥର ଥର ହୋଇ କମ୍ପଇ ତନୁ । ମରମେ ବିନ୍ଧିଲା ବୀର ଅତନୁ ।
ଶ୍ୟାମରୂପ ଚାହିଁ । ସମ୍ଭାଳି କୁହନ୍ତି ଚନ୍ଦ୍ରମା ମୁହିଁ ॥
କେ ବୋଲେ ଦେଖ ଗୋ ପରାଣସଖି । ଆଖି ଦେଖି ଲୋଭେ ରହୁଛି ଲାଖି ।
କେଉଁ ଦଇବ ଗଢୁଥିଲା ବସି । ଯୁବତୀ-ପରାଣ ନେଉଛି ଶୋଷି ।
ଚାହିଁବାର ଭଙ୍ଗୀ । ହୃଦେ ବାଜେ କି କାମ କୁନ୍ତ ଫିଙ୍ଗି ॥
କେ ବୋଲେ ଏମନ୍ତ ମଣଇଁ ମୁହିଁ । କାମକୁ ହର ପକାଇଲେ ଦହି ।
ଅନେକ କାଳଯାଏ ମରିଥିଲା । ଭାଗ୍ୟବଳେ ନିଜ ପ୍ରାଣ ପାଇଲା ।
ଉଠି ପଳାଇଲା । ରୁଦ୍ରତରେ କାହିଁ ରହି ନୋହିଲା ॥
ସେ ରୂପ ଛାଡି ଏ ରୂପ ବହିଲା । ନବନାଗରୀଙ୍କ ମନ ମୋହିଲା ।
ଏହା ଶୁଣି ବୋଲେ ଆଉ ସଜନୀ । ଏହା କାହିଁକି କହିଲୁ ମିତଣି ।
ମନକୁ ନଇଲା । ମୁ ଯାହା ବୋଲୁଛି ଶୁଣ ଅବଳା ॥
କୋଟି କୋଟି କାମ ହୋଇବେ ଯେବେ । ପାଦତଳକୁ ସମାନ ନୋହିବେ ।
କାମକୁ ଦେଖିଲେ କାମୀ ଡରନ୍ତି । ଯୋଗୀମାନେ ଯୋଗ ତେଜି ଚଳନ୍ତି ।
ସେ ଏଡେ ଦୁର୍ଜନ । କାହିଁ ବ୍ରହ୍ମଯାଏ କରେ ଅଜ୍ଞାନ ॥
ଏ ନନ୍ଦ ନନ୍ଦନ ଅପୂର୍ବ ଧନ । ଜାଣିଲେ ଚିନ୍ତାମଣିର ସମାନ ।
ଯେ ଯେଉଁରୂପେ ଭାବଇ ଅନ୍ତରେ । ସେ ସେହିରୂପେ ମିଳଇ ତାହାରେ ।
ବାଞ୍ଛା କଳ୍ପତରୁ । କାମଛାର ସଙ୍ଗେ ସମାନ କରୁ ॥
ଶୁଣି ଆଉ ବାଳୀ ବୋଲେ ବଚନ । କହିଲ ସିନା ନ ରସଇ ମନ ।
ସାକ୍ଷାତ କନ୍ଦର୍ପ ଲକ୍ଷଣ ଅଛି । ସ୍ଥାନେ ସ୍ଥାନେ ଶସ୍ତ୍ରମାନ ଥୋଇଛି ।
ଏଣୁ ମଣିସତ । କର୍ପା ଆମ୍ଭଙ୍କୁ ଭାଙ୍ଗୁଅଛୁ ମିତ ॥
ତାହା ପଡବ ବୋଲି ହରରିପୁ । ବାଳକ ପରାଯେ କରିଛି ବପୁ ।
ସକଳ ଶସ୍ତ୍ର ଅଙ୍ଗେ ଲୁଚାଇଛି । କାମ ନାମ ଛାଡ଼ି ଶ୍ୟାମ ହୋଇଛି ।
କହିଲ ମୁଁ ସତ । ଏକା ରତି ନାହିଁ ଏହି ବଚନ ॥
ଭ୍ରୂଲତା ଶରାସନ ହୋଇଅଛି । ପିଠିଆଡ଼ରେ ଗୁଣ ଚଢ଼ାଇଛି ।
ମୁଖ କମଳ ନେତ୍ର ନୀଳୋତ୍ପଳ । ଲଲାଟ ଚନ୍ଦନଚିତା ବକୁଳ ।
ଓଷ୍ଠ ଯେ ଅଶୋକ । ଦନ୍ତ କି ଅବା ନୂଆଲୀ ଶାୟକ ॥
ଏଥି ଉତ୍ତାରୁ ଅନ୍ୟ ଶସ୍ତ୍ରମାନ । ଠାବେ ଠାବେ ଥୋଇଅଛି ଯୋଜିଣ ।
କର୍ଣ୍ଣ ମୋହପାଶ କୁଣ୍ଡଳ ଚକ୍ର । ଛେଦନ କରେ ନାରୀ-ମାନ ନକ୍ର ।
କଷଣୀ ପିଛଡ଼ା । ନାସା କରବାଳ ସଦନଛଡ଼ା ॥
ଗଣ୍ଡ ଆଦରଶ ଅଧର ଜବା । କଣ୍ଠେ ଜୟଶଙ୍ଖ ଥୋଇଛି କିବା ।

ବେଣୀ ଅହିବର ରହିଛି ପଡ଼ି । ଭୁଜବେନ କି ମୋହନ ଦଉଡ଼ି ।
ନଖପନ୍ତି ଭଲ୍ଲ । ନବୀନା ନାଗରୀହୃଦୟ-ଶଲ ॥
ଏମାନ ଥୋଇ ନ ବାନ୍ଧ ମାରୁଛି । ଗୃହୁଁ ଗୃହୁଁ ଚେତା ହରି ନେଉଛି ।
କେବଳ ବଚନେ ଅମୃତ ରଖି । ମାରି ତାରୁଛି ଶୁଣ ଜଳଜାକ୍ଷି ।
କୁମ୍ଭକାର କୀଟ । ଯେସନେ ତେସନ ନନ୍ଦର ଗୃଟ ॥
ଏହା ଶୁଣି ବୋଲେ ଆର ବନିତା । ତୁମ୍ଭ ସମାନେ ନାହିଁ ନିର୍ଲଜ୍ଜିତା ।
ଭୁଞ୍ଜିବାବେଳେ ବାରତା ପଗୃର । କାନ୍ତସଙ୍ଗ ନୋହୁ ଖୋଜ ସଞ୍ଚାର ।
ବିତମ୍ବଣଗତି । ବିଦ୍ୟା ନ ପଢ଼ି ସମ୍ଭାଳୁଛ ପୋଥି ॥
ତୀର୍ଥ ନ ଯାଇ ତୀର୍ଥବାସୀ ହୁଅ । ଧନ ନ ଥାଇ ଖୋଲୁଅଛ କୁଅ ।
ବନ୍ଧ୍ୟା ହୋଇ ପୁତ୍ରବତୀ ବୋଲାଅ । କୁମ୍ଭ ନ ଥାଇ ଜଳ ଆଣି ଯାଅ ।
ଦାସୀପଣ କରି । ସତୀଙ୍କ ନିନ୍ଦ ବୋଲଣ ଦୁଗୃରୀ ॥
ଛାଡ଼ ଏ ସକଳ ବିଷୟମାନ । ଦର୍ଶନ କର ମଦନମୋହନ ।
ଇଷ୍ଟଦେବଙ୍କୁ ସେବାରେ ମନାଅ । ବିନୟୀ ହୋଇ ଚରଣେ ଜଣାଅ ।
ମାଗ ଏହି ବର । ନନ୍ଦସୁତ ହେବେ ପ୍ରାଣଈଶ୍ୱର ॥
କାଶୀପତିପାଦେ କର ଭକତି । ଗୋବିନ୍ଦ ଯେମନ୍ତେ ହୋଇବେ ପତି ।
ଯେବେ ପାଇବା ନ ଛାଡିବା କ୍ଷଣେ । ଯହିଁ ଗଲେ ତହିଁ ଯିବା ଗହଣେ ।
ଏ ଉପାୟ କର । ଘର ବରି ଲଜ୍ଜା କର ଅନ୍ତର ॥
ଏହା ଶୁଣି ବୃଦ୍ଧନାରୀଏ ଭାଷି । ଭଲ କହିଲୁ ଧନ୍ୟରେ ସୁକେଶି ।
ଏ ଯେଉଁ ନବଲାବଣ୍ୟମୂରତି । ଦେଖିଲେ ମନ ଧାଉଛି ପିରତି ।
ଯେସନେ ସଫରୀ । ଆନନ୍ଦେ ଗଣ୍ଡସଲିଳେ ବିହରି ॥
ବୟସ ଗଲାଣି କରିବି କିସ । ଅଙ୍ଗ ଥରଥର ଶୁକଳ କେଶ ।
ଚକ୍ଷୁ ଦୁର୍ବଳ କହି ନ ପାରଇ । ଉଠିଲେ ପଡଇ ମାରଇ ଝାଇଁ ।
ଦାରୁଣ ବିଧାତା । ଏହୁ କାଳକୁ କଲା ଏ ଅବସ୍ଥା ॥
ସେ କାଳ ବୟସ ଥାଆନ୍ତା ଯେବେ । ନିଶ୍ଚୟ ହରିଙ୍କି ବରନ୍ତି ତେବେ ।
ଏକାଳେ ଯାହା ହେଉଅଛି ମନ । ତାହା ଜାଣଇ ମଦନ ରାଜନ ।
ନ ଜାଣଇ ଆନ । ମାତା ଜାଣେ ଯେହ୍ନେ ନନ୍ଦନ ମନ ॥
ଦେଖ ଏ ଶ୍ରୀକୃଷ୍ଣବଦନ ଗୋଟି । ଜଳେ କି ପଙ୍କଜ ରହିଛି ଫୁଟି ।
ମଧୁର ବାଣୀ ବିମ୍ବାଧରେ ଭାଷେ । ଝରଝର ମକରନ୍ଦ ବରଷେ ।
ବେତନ୍ତ୍ର ମଧୁପ । କାହିଁ ତପ କଲେ କେତେ କଲପ ॥
ଏ ମୁଖେ ଚୁମ୍ବିବ ଯାହା ବଦନ । ଧନ୍ୟ ସେ ହୋଇବ ତାହାର ଜୀବନ ।
ଏ ଗଣ୍ଡ ଯାହା ଗଣ୍ଡରେ ଲାଗିବ । ଇନ୍ଦ୍ରପଦକର କି କାର୍ଯ୍ୟ ହୋଇବ ।
ହେବ ଯେଉଁ ସୁଖ । ଦେଖି କାମଦେବ ମୋଡିବ ମୁଖ ॥
ଯାହାକୁ ବଚନ କହିବ ହସି । ତାହାକୁ ବୋଲିବା ରମଣୀଶଶୀ ।
ଦେଖଏ ବିଳନ ବିଶାଳଭୁଜ । ଦେଖି କରୀବର ପାଇବ ଲାଜ ।

ନ ରହିବ ଦେଶେ । ରହିଲେ ଆଉ ନ ରହିବ ବାସେ ॥
ଯାହାକୁ ଏ ବାହୁଯୁଗେ ଭିଡିବ । ପଲଙ୍କରେ ନିରନ୍ତର ପଡିବ ।
ରହସାନୁବାସୀ ସୁଖ ଯେତେକ । ଏ ସୁଖ ପାଇଲେ ସେ ସୁଖ ଥିକ ।
ପାଦେ ଫିଙ୍ଗିଦେବ । ଅମୃତ ପାଇଲେ ଗୁଡ଼ କି ହେବ ॥
ଅନା ସଖି ତା ବିପୁଳ ହୃଦକୁ । ତହିଁ ବୋଳିଛନ୍ତି ମୃଗମଦକୁ ।
ଚନ୍ଦନ ଘନସାରକୁ ମିଶାଇ । କେଦେଇଅଛି ମନକୁ ରସାଇ ।
ପାଉଅଛି ଶୋଭା । ଶମ୍ଭୁ ଦେଖି ମନେ ହୋଇବ ଲୋଭା ॥
ଏ ଉର ଯାହା ଉରରେ ଲାଗିବ । କାମ ସନ୍ତାପ ଭୁଇଁରେ ଭାଜିବ ।
ଦେଖ ମଧ୍ୟମର ବିଚିତ୍ର ଠାଣି । ତହିଁରେ ପୀତପଟ୍ଟ ଓଡ଼ିଆଣି ।
ଡମରୁ ଆକାର । ଦେଖି କାତର ନୋହେ କାହାନ୍ତର ॥
ଏ କଟି ଆଶ୍ରୟ ପାଇବ ଯେହୁ । ସଂସାର ମଧ୍ୟେ ଧନ୍ୟ ହେବ ସେହୁ ।
ଘର ବର ଲଜ୍ଜା ବିବେକ ପଣ । ସକଳ ତେଜି ହେବ ଅଚେତନ ।
ନ ରହିବ ବୁଦ୍ଧି । ନିରତେ ବଢ଼ିବ ଭାବ ପୟୋଧି ॥
ଦେଖ ଶ୍ୟାମଘନ ବେନିଜଘନ । ମର୍କତରମ୍ଭା କି ବିପରୀତେଣ ।
ଏ ଜାନୁ ଆରୋହିବ ଯେଉଁ ନାରୀ । ତାହା ତପସ୍ୟା କହିତ କି ପାରି ।
ସେ ଯୁବତୀ ବର । ତାକୁ କେ ସମ ହେବ ତିନିପୁର ॥
ପାଦପଦ୍ମ ପଦ୍ମପରାୟେ ଛବି । କେହୁ ପାଇବ ସେ ପାଦକୁ ଭାବି ।
ଯେଉଁ ନାରୀ ତାହା ମର୍ଦ୍ଦିବ କରେ । ଆନନ୍ଦେ ପକାଇ ବିପୁଳ ଉରେ ।
ଧନ୍ୟହେବ ସେହୁ । ତାହା ସମ ସୁଖି ନ ଥିବେ କେହୁ ॥
ଏକାଳେ ମୋ ମନ ହେଉଛି ଏତେ । ତୁମ୍ଭ ମନମାନ ହେଉଛି କେତେ ।
ଦାରୁଣ ଧାତା ବଡ଼ ଅବିବେକୀ । ମୋତେ ଏମନ୍ତ ସେ କଲା କାହିଁକି ।
ନ ରଖନ୍ତି ଲାଜ । ଧାଇଁ ଧରନ୍ତି ମୁଁ ଗୋବିନ୍ଦ ଭୁଜ ॥
ଏତେ କହି ବୃଦ୍ଧା ହୋଇଲା ତୁନି । ପୁଣ ବୋଇଲା ଏକଇ କାମିନୀ ।
ଆମ୍ଭଙ୍କୁ ଏମନ୍ତ କଲ୍ୟାଣ କର । ବର ହୁଅନ୍ତୁ ବରଜ ସୁନ୍ଦର ।
ଆନେ ଗତି ନାହିଁ । ଶୁଣି ବୃଦ୍ଧା ବୋଲେ ପାଇବ କାହିଁ ॥
କେ ବୋଲେ ଚଳ ଗଙ୍ଗା ଗୟା ଯିବା । କେ ବୋଲେ ପ୍ରୟାଗ ତୀର୍ଥ କରିବା ।
କେ ବୋଲେ କାଶୀରେ ସାଧିବା ବସି । କେ ବୋଲେ ସାଗରେ ହୋଇବା ଝାସି ।
ଯେମନ୍ତେ ଲଭିବା । କେ ବୋଲେ ହର-ଗଉରୀ ସେବିବା ॥
ଏହି ପରକାରେ କରନ୍ତି ମନ । ଦେଖି ଗୋବିନ୍ଦ ନୀରଜବଦନ ।
ପଛରେ ଲୋକେ ଅଛନ୍ତି ଗୋଡ଼ାଇଁ । କାମ କି ରତିକି ନଏ କଢ଼ାଇ ।
ସେହିପରି ଦିଶେ । କବିହୃଦୟକୁ ଏମନ୍ତ ଆସେ ॥
ଗେଲେ ଗେଲେ ରାମ ଗୋବିନ୍ଦ ବେନି । ଚଳନ୍ତେ ଶୋଭା ଧରଣୀ-ସରଣୀ ।
କଂସ ସିଂହଦ୍ୱାରେ ହୋଇଲେ ଯାଇଁ । ନାଚନ୍ତି ପୋଏ ମୁରଲୀ ବଜାଇ ।
ଦେଖି ହସ୍ତିପାଳ । ବୋଲଇ ଗୋଳ ନ କରରେ ବାଳ ॥

ରାଜାଲୋକ ବାଣୀ ଶୁଣିଲେ ଯହୁଁ । କୁମରେ ବାଦ୍ୟ ବୁହାଇଲେ ତହୁଁ ।
ଅନାଉଛନ୍ତି ପୁର-ନର-ନାରୀ । ଆଗକୁ ହୋଇଲେ କୁଞ୍ଜବିହାରୀ ।
ବୋଲନ୍ତି ବଚନ । ମାହୁନ୍ତ କପଁ। କହିଲୁ ଏସନ ।
ଛାଡ଼ିଦିଅ ପଥ ଭିତରେ ଯିବୁଁ । ଯାଇଁ ରାଜାଙ୍କୁ ଦର୍ଶନ କରିବୁଁ ।
ଉଛୁର ହୋଇଲେ କରିବେ ରୋଷ । ନଷ୍ଟହୋଇବ ଦର୍ଶନ ରୋରସ ।
ହାତୀ କାଢ଼ିନିଅ । ବୋଲେ ଭକ୍ତଦାସ କମ୍ପୁଛି ଦେହ ॥

ଦ୍ୱାବିଂଶ ଛାନ୍ଦ

ରାଗ—ଆହାରୀ

ମଲ୍ଲଙ୍କ ସଙ୍ଗେ ଯୁଦ୍ଧ, ମଲ୍ଲଗଣ ଓ କଂସନୃପତିର ନିଧନ

କୃଷ୍ଣ ଚାଣୁର ସମର ଗୁରୁତର ଥର ଥର ଧରା କମ୍ପିଲା ।
କୃଷ୍ଣ ବଳବୀର୍ଯ୍ୟ ଜାଣି ନିଶାଚର ବଶ୍ୟରେ ମରଣ ହୋଇଲା । କାହିଁକି ।
କଳଟି ରାଜନ ବଚନ ।
ହରି କୋପାନଳ ଅଛିହଁ ପ୍ରବଳ ଦହିବ ମୋ ତୃଣ-ଜୀବନ ॥
ଏତେବେଳେ ଯେବେ ନିସତ ହୋଇବ ନିନ୍ଦା କରିବେ ରାଜାମାନେ ।
ସମରେ ଜୀବନ ହୋଇଲେ ନିଧନ ସୁଖେ ବସିବି ସ୍ୱର୍ଗସ୍ଥାନେ । ଏମନ୍ତ ।
ଭାଳି କରେ ଗାଢ ସମର ।
ମୁଷ୍ଟିକ ମୁଷ୍ଟି ପରି ତାଳ ହୁଅନ୍ତେ ଶବଦେ କମ୍ପେ ତିନିପୁର ॥
ବାହେ ଭିଡାଭିଡ ମୁଣ୍ଡେ କୋଡାକୋଡ଼ି ହସ୍ତାକୁ ହସ୍ତା ପ୍ରହାରନ୍ତି ।
ଜାନୁକୁ ଜାନୁ ପଦକୁ ପାଦେ ଛନ୍ଦି ପଡ଼ି ଉଠି ପୁଣ ଗଡ଼ନ୍ତି । ନାସିକା ।
ପବନ କି ଅବା ବତାସ ।
ଅଙ୍ଗକୁ ଅଙ୍ଗ ଠେସାଠେସି ହୁଅନ୍ତେ ବାହାର ହୁଅଇ ହୁତାଶ ॥
ଯେତେ ସାଧନ କଂସକୁ କହୁଥିଲେ ସେ କାହିଁ ହୋଇଲା ଅନ୍ତର ।
କୁଳବତୀ ଯେହ୍ନେ ବହୁଳତ ହୁଏ କେ କଲେ ମୋହନୀମନ୍ତ୍ରର । ଗୋବିନ୍ଦ ।
ଅଙ୍ଗଲାଗି ହେଲା ତେସନ ।
ମତ୍ତ-ନକୁଳକୁ ନୟନେ ଦେଖିଲେ ମୃତ୍ତିକାମାର୍ଜ୍ଜାରୀ ଯେସନ ॥
ବିଷ୍ଣୁ ରଥଘାତ ପାଇଲେ ଯେମନ୍ତ ନିସତ ହୁଅଇ କୁଣ୍ଡଳୀ ।
ମତ୍ତଦ୍ୱୀପରିପୁ ସମ୍ମୁଖେ ପଡିଲେ ଯେହ୍ନେ କାତର ହୋଏ ଛେଳି । ମାତଙ୍ଗ ।
ସଙ୍ଗରେ କିବା ଯୁଝେ ଖର ।
ବନପତି ସଙ୍ଗେ ଛାର ଶଶା ସମ ମୂଷିକ ମାର୍ଜ୍ଜାର ସଙ୍ଗର ॥
ବକ ଶାମାଲ କାହିଁ ସମ ହୋଇବେ ସମୁଦ୍ର ସଙ୍ଗେ କ୍ଷୁଦ୍ରନଦୀ ।
ଶ୍ୟେନ ସଙ୍ଗରେ ଆନ ଖଗ ତୁଲ କି ନରେଶ ସଙ୍ଗେ ଜମ୍ବୁଦ୍ୱୀପ । ତେମନ୍ତ ।
କୃଷ୍ଣ ସଙ୍ଗେ ଦୁଷ୍ଟ ଅସୁର ।
ବେଳକୁ ବେଳ ତନୁ କ୍ଷୀଣ ହେଉଛି ନିସତରେ ଉଭା ଆଗର ॥

ଦେଖି ପୁରନରନାରୀ ବଶ୍ୱରନ୍ତି କଂସଠାରୁ ନାହିଁ ଦାରୁଣ ।
କେଉଁ ସୁଖ ଶିରୀ ଅର୍ଜିବ ଏ ନନ୍ଦନନ୍ଦନ ଦୁହିଁଙ୍କ ମାରଣ । ଭୋ ଦେବ ।
ଧର୍ମ ଯେବେ ସତ ହୋଇବ ।
ରାମ ଗୋବିନ୍ଦଙ୍କୁ ସଙ୍କଟୁ ରଖିବ କଂସକୁ ସମୂଳେ ଦହିବ ॥
ମଞ୍ଚାରେ ଅନାଇଁ ଜନକ ଜନନୀ ହୃଦରେ କରନ୍ତି ବିଚାର ।
କରିବୁଁ ନାନା ଦେବମାନ ଅର୍ଚ୍ଚନା ଏଥିରୁ ବଞ୍ଚିଲେ କୁମର । ବ୍ରାହ୍ମଣ ।
ମୁଦେଖେ ଦେବୁ ମିଷ୍ଟଭୋଜନ ।
ଏତେ ଭାଳ ନେତ୍ରୁ ଅଶ୍ରୁ ବରଷାନ୍ତି ମହୀକି ଲମ୍ବାଇ ଆନନ ॥
ତାତ ମାତ ନର ନାରୀଙ୍କ ବିକଳ ଜାଣିଲେ ଜଗତ ଜୀବନ ।
ମତ୍ତମାଲ ଶିରେ ମୁଥେ ପ୍ରହାରିଲେ ଗିରି ପରେ ବଜ୍ର ଯେସନ । ଶବଦ ।
ଶୁଭି ରଙ୍ଗସଭା ଚମକ ।
ବୀରମାନଙ୍କ ମନେ ପଡେ ହୋଇଲା ଯମରାଜ ବଳେ କଳକ ॥
ଗୋବିନ୍ଦ ପ୍ରହାର ବାଜ ଝର ଝର ଶୋଣିବହେ ଫାଟି ମୂର୍ଦ୍ଧନ ।
ଜ୍ଞାନ ହାରି ମହୀ ଉପରେ ଶୋଇଲା ଆନନ୍ଦ ହେଉଛି ଅବନୀ । କ୍ଷଣକେ ।
ପୁଣିଚେତା ପାଇ ଉଠିଲା ।
ଗୋପିନାଥ ହୃଦେ ବଜ୍ର ସମ କରି ମୁଷ୍ଟିଏ ନେଇ ପ୍ରହାରିଲା ॥
ପ୍ରହାରିଲେ ମତ୍ତହସ୍ତୀକି କୁସୁମମଣ୍ଡା ସେ ହୁଅଇ ଯେମନ୍ତ ।
ସେହିରୂପେ ଶ୍ରୀକୃଷ୍ଣଙ୍କୁ ଯେ ଲାଗିଲା ଦୁଷ୍ଟରାକ୍ଷସ ମୁଥଘାତ । ସେ ମୁଥ ।
ସହି ଦକ୍ଷକର ଧଇଲେ ।
ଚକ୍ରଗତ କରି ବୁଲାଇ କର୍ପାତ ପ୍ରାୟେ ଭୂମିରେ କଚାଡିଲେ ॥
ଛାଡିଲା ଜୀବନ ହୋଇଲା ଯେ ଲୀନ ଗୋବିନ୍ଦ ଶ୍ରୀଅଙ୍ଗ ଦେଶରେ ।
କାମନା ପୂରିଲା ଶାନ୍ତିକ ଭଜିଲା ପାତକ ଖଣ୍ଡିଲା ସତ୍ୱର । ପାମର ।
ମରନ୍ତା ନାହିଁ କ କାଳରେ ।
ସ୍ୱପୁ ଭାବରେ ଶ୍ରୀକୃଷ୍ଣ କରେ ମଲା ରହିଲା ଅପୂର୍ବ ଧାମରେ ॥
ଚାଣୁର ନିଧନ ଦେଖି ତମ ତମ ହୋଇଲେ ରୋହିଣୀନନ୍ଦନ ।
ମୁଷ୍ଟିକ ମୁଣ୍ଡରେ ମୁଣ୍ଡ ପ୍ରହାରିଲେ ଗିରିପରେ ଯେସନ । ଫାଟିଲା ।
ମୂର୍ଦ୍ଧନ ଛାଡ଼ିଲା ପ୍ରାଣକୁ ।
ପାଇଲା ସୁଗତି ପରମମୁକତି ହରିଲା କଳ୍ମଷ ବାଧାକୁ ॥
ଅସୁରକୁ ମାରି ଅସୁରଅରିର ମୁହୂର୍ତ୍ତେ ବିଶୋଇ ନାହାନ୍ତି ।
କୁଳୁଟେ ନାମେ ଏକ ଦୁଷ୍ଟ ପ୍ରବେଶ ହୋଇଲା ରାମଚନ୍ଦ୍ର କତି । ତାହାକୁ ।
ମୁଷ୍ଟିଘାତେ ରାମ ମାଇଲେ ।
ଆଉ ଯେତେ ମାଲେ ପ୍ରଖରେ ଧାଇଁଲେ ସେହି ତାଙ୍କର ସଙ୍ଗେଗଲେ ॥
ଦେଖି କଂସାସୁର କମ୍ପେ ଥରହର ବୋଲଇ ଶୁଣ ହେ ଡଗର ।
ନନ୍ଦ ଯଶୋଦା ଦେବକୀ ବସୁଦେବ ବହନ ବସାଅ ଶୂଳର । ଯେତେକ ।

ଯାଦବ ସର୍ବ ନାଶ କର ।
ରାମ କୃଷ୍ଣ ଦୁଇ ଭାଇଙ୍କି ସ୍ୱହାତେ ମୁହିଁ ପେଶିବ ଯମପୁର ॥
ଏହା ଶୁଣି ହରି ଧାଇଁଲେ କେଶରୀ ଯେସନେ ଧରଇ ଗଜକୁ ।
କିବା ଖଗବର ଫଣୀଙ୍କ ଗ୍ରାସିଲା ଫଣୀ ଗ୍ରାସିଲା କି ବେଙ୍ଗକୁ । ହେମନ୍ତ ।
ପରାୟେ ଝାମ୍ପିଲେ ମୋହନ ।
ମଞ୍ଚାରେ ଉଠିଲେ ଦେଖି କଂସ ବୀର କୃପାଣ ଧରିଲା ବହନ ॥
ଗୃହିଁ ପୀତବାସ ବାମକରେ କେଶ ଧଇଲେ ହୋଇ କୋପମୂର୍ତ୍ତି ।
ଦଇତ ଦଇତ୍ୟାରିମୁଖ ଅନାଇ ଜୀବନ ଛାଡ଼ିଲା ତଡ଼ତ । ନିର୍ବାଣ ।
ମୁକତିପଥରେ ପଶିଲା ।
ଅଶେଷ ଜନ୍ମର କଲୁଷ ଯେତେକ ଗୋବିନ୍ଦ ଦର୍ଶନେ ନାଶିଲା ॥
କଂସର କେଶ ଧରି ବ୍ରଜସୁନ୍ଦର ଡେଇଁଲେ କେଶରୀ ପରିରେ ।
ତଳେ ପଡିଲେ କଂସକୁ ତଳକରି ଶାମଳ କି ବକଉପର । ଯତନେ ।
ବୋଲନ୍ତି ଜଗତଜୀବନ ।
ଛାଡ ଛାଡ ମାମୁ ଉଚିତ ନୁହଇ ମୁଁ ତୁମ୍ଭ ଭଗିନୀ ନନ୍ଦନ ॥
ଛାଡ ତା ବାଲ ନାଚନ୍ତି ନନ୍ଦବାଲ ସଙ୍ଗରେ ଗୋପାଳଶାବକ ।
କୁସୁମ ବରଷି ଜୟ ଜୟ ଭାଷି ଆନନ୍ଦ ହେଲେ ଛନଲୋକ । ଗନ୍ଧର୍ବେ ।
ଗାଇଲେ ନାଚିଲେ କିନ୍ନର ।
ବୈଶ୍ୱାନର ଶିଖାମାନ ପ୍ରକାଶିଲା ସଧୀରେ ବହିଲା ସମୀର ॥
ବିଦ୍ୟାଧରକୁଳ ହରଷ ହୋଇଲେ ସ୍ତୁତି କରଇ ବେଦବର ।
ବସୁମତୀ ମତି ଯାହା ହେଉଅଛି ତାହା ଜାଣନ୍ତି ଗଦାଧର । ବରୁଣ ।
ଅରୁଣ କୁବେର ଶଶାଙ୍କ ।
ଅତି ଆନନ୍ଦରେ ନିମଗ୍ନ ହୋଇଲେ ଶଙ୍କା ଛାଡ ହେଲେ ନିଃଶଙ୍କ ॥
କୃତ୍ତିବାସ ରଙ୍ଗେ ତାଣ୍ଡବ କରନ୍ତି ସରିଲା ଯହୁଁ ଦୁଃଖଭାର ।
ଅଙ୍ଗ ଉଲ୍ଲସାଇ କୁଣ୍ଡଳଧାରଣ ମୁଖ କଲା ପଦ୍ମଆକାର । ଗୋବିନ୍ଦ ।
ରଖିଲେ ସକଳ ଅମର ।
ବୋଲଇ ଭକତଚରଣ ଅଶେଷ ଜନଙ୍କ ସମ୍ପଦସାଗର ॥

### ଷଡ଼ବିଂଶ ଛାନ୍ଦ

ରାଗ—କଲଶା

ଉଦ୍ଧବଦର୍ଶନେ ଗୋପୀଙ୍କ ବଚ୍ଚର ଓ ତାଙ୍କଠାରୁ କୃଷ୍ଣକଥା ଶ୍ରବଣ

ଏଥୁ ଅନନ୍ତରେ ଗୋପୀ ଦେଖିଲେ ଉଦ୍ଧବ ।
ଚହ୍ନିଲେ ନୁହନ୍ତି ପ୍ରାଣଈଶ୍ୱର ମାଧବ ॥

ବୁଡ଼ିଲେ ଦୁଃଖସାଗରେ ହରାଇଲେ ଜ୍ଞାନ ।
ଅମାବାସ୍ୟାନିଶି ଦେଖି ଚକୋର ଯେସନ ॥
କେ ବୋଲଇ ଦେଖ ସଖି କର୍ମର ଭବିଷ୍ୟ ।
ପିୟୂଷ ବିଚାରିଥିଲୁଁ ବଦଳିଲା ବିଷ ॥
କି ବୁଦ୍ଧି କରିବା ନ ଦିଶଇ ଦିଶଦିଶ ।
ଭଗ୍ନଗୃହକୁ ପ୍ରହାର କଲା ଅଶନିବାଣ ॥
ଶୁଖିଲା ସମିଧ ପ୍ରାୟ ତନୁ ହୋଇଥିଲା ।
ଉଦ୍ଧବ ତହିଁକି ଅଗ୍ନି ପରାୟ ହୋଇଲା ॥
ଦଇବବିଗ୍ରହ ନନ୍ଦନନ୍ଦନ ସକଳ ।
ସେ ଆସିଲେ ନିଭିଯିବ ନଇଲେ ପ୍ରବଳ ॥
ଏହା ଶୁଣି ବୋଇଲା ଆରତେ ନିତମ୍ବିନୀ ।
ଏମନ୍ତ କହିଲୁ କିଂକେ ହାଟକ-ଅଙ୍ଗିନୀ ।
ଲଲାଟପଟରେ ଯାହା ଲିହିଛି ବିରଞ୍ଚି ।
କେ କରିବ ଆନ ତାହା ଉପାୟ କାହିଁଛି ॥
ସେହି ଅନୁକ୍ରମେ ଦ୍ରୋଣଘନ ଉଠାଇଲା ।
ନୀର ନ ଦେଇ ଅଶନି ନିଠାଇ ମାଇଲା ॥
ପଡ଼ି ଚୂରି ହେଲା ଆମ୍ଭ ମନମହୀରୁହ ।
ଏତେ ଭାଷି ମଦାଳସୀ ଆରମ୍ଭିଲା କୋହ ॥
ଆର ପ୍ରେମଶୀଳା ବୋଲେ ଶୁଣ ରେ ଲଳନା ।
ଘୃତ ଛଣା ସଜଳସ ଅଗ୍ନିରେ ଜାଳ ନା ॥
ନ ପକାଅ କୁବୁଜାଙ୍କ ପ୍ରାଣପତି କଥା ।
ଏତେ କହି କ୍ରୋଧେ ସେ ମହୀକି କଲା ମଥା ॥
ଏମନ୍ତ ଦେଖିଲା ଯହୁଁ ଆର ଖଞ୍ଜନାକ୍ଷୀ ।
ଉଦ୍ଧବଙ୍କୁ ଅନାଇଁ ସେ କହେ ହୋଇ ଦୁଃଖୀ ॥
ବିଧାତା କି କଲା ଧନ ଦେଖାଇ ହରିଲା ।
ମୃଗତୃଷ୍ଣା ଜଳ ପ୍ରାୟେ ଆଶାରେ ମାଇଲା ॥
ଶୁଣି ତିଲୋତ୍ତମା ବୋଲେ ଶୁଣରେ ସଙ୍ଗାତ ।
ଏକଥା ହୋଇଲା ଗଜ ଗିଳିଲା କପିଥ ॥
ସେ ଯେହ୍ନେ ଶୂନ୍ୟ ଉଦର ବାହାରକୁ ତୋରା ।
ତୃଷାର୍ତ୍ତିଙ୍କି ତୁଚ୍ଛକୁମ୍ଭ ଦେଲା ପ୍ରାୟ ହେଲା ॥
ସରଳାଙ୍ଗୀ ବୋଲେ ଆଗୋ କହୁଛି ଶୁଣିମା ।
ଭଗ୍ନ ବୃକ୍ଷ ପ୍ରାୟ କଥା ମନକୁ ଆଣିମା ॥
ହୃଦୟ ଶୀତଳ ଅଙ୍ଗ ଶୋଭା ଦିଶୁଥିଲା ।
ଫଳିବା ବେଳକୁ ମୁଖ ତଳକୁ ହୋଇଲା ॥

ଏମନ୍ତ କହିଲା ଯହୁଁ ପୂର୍ଣ୍ଣ-ଚନ୍ଦ୍ରାନନୀ ।
ତହିଁକି ଉତ୍ତର ଦେଲା ଅଶୋକ କାମିନୀ ॥
ମୁଁ ଜାଣଇଁ ଯୋତକାର ପ୍ରାୟ ସଖି ହେଲା ।
ଆଶା କରି ଥିଲୁଁ ଧନକ୍ରମେ ବୁଡ଼ିଗଲା ॥
ଗୋପିଙ୍କ ବିକଳ ଶୁଣି ବିଚାରେ ଉଦ୍ଧବ ।
ଧନ୍ୟ ଏ ଗଭୀରନାରୀ ମହିମା ଦୁର୍ଲ୍ଲଭ ॥
ଭାବେ କିଣିଛନ୍ତି ଦୀନବାନ୍ଧବ କୃଷ୍ଣଙ୍କୁ ।
ନ ଜାଣି କି ହରି ପେଶିଛନ୍ତି ବୋଧିବାକୁ ॥
ଏତେ ଭାଳି ବୋଲନ୍ତି ଶୁଣ ଗୋ ବ୍ରଜବାଳୀ ।
ବ୍ୟର୍ଥେ କିପାଁଇ ନିନ୍ଦା କର ବନମାଳୀ ॥
ପତିତପାବନବାନା ଅଟଇ ଯାହାର ।
ସର୍ବଅଙ୍ଗେ ଥାଇ ଏକା ନୁହଇ କାହାର ॥
ଏକମନ ହୋଇ ଶୁଣ କହଇ ବୃତ୍ତାନ୍ତ ।
ଯହିଁ ପାଇଁ ପେଶିଛନ୍ତି ମୋତେ ସେ ଅନନ୍ତ ॥
ଶୁଣି ଗୋପସୀମନ୍ତିନୀ ପନ୍ତି ପନ୍ତି ହୋଇ ।
ବସିଲେ ପୁର ପ୍ରାଙ୍ଗଣେ ଉଦ୍ଧବଙ୍କୁ ଚାହିଁ ॥
ଭଦ୍ରା ସରଣୀ କୁମୁଦ ମାନସହାରିଣୀ ।
ହୀରା ନୀଳା କମଳା ବିମଳା ସୁଲକ୍ଷଣୀ ॥
କୃଷ୍ଣାକ୍ଷୀ ବିଷଘ୍ନିକା ଯେ ଅଶୋକମାଳିନୀ ।
ସମ୍ମୁଖେ ରହିଲେ ଏତେ ହାଟକବରନୀ ॥
ମେଧା ସୁମେଧା ଯେ ସୀତା ସରଳା ସହିତା ।
ଲବଙ୍ଗଲତିକା ଚମ୍ପା ମାଧବୀ ଶ୍ରୋଣିତା ॥
ଦକ୍ଷିଣ ଆବୋରି ବସିଗଲେ ଏ ନାୟିକା ।
ରୂପ ଗୁଣେ ବଳଆରକେଳିରେ ପତାକା ॥
ପଦ୍ମା ମଞ୍ଜୁଳା କୁଶଳା ଆବର ରଙ୍ଗିଣୀ ।
ବିଳମ୍ବିନୀ ଶମ୍ବିକା କୁଟୁମ୍ବୀ ନିତମ୍ବିନୀ ॥
ଉତ୍ତରଦିଗେ ବିଜୟ ଯେ ନାରଦକେଶୀ ।
ରୂପରେ ମୋହିତ କରିପାରନ୍ତି ଏ କାଶୀ ॥
ତାରକା ବକୁଳା ଜାତିମାଳା ଶତାବଳୀ ।
ଏ ଚାରି ରହିଲେ ପଛ ପାରୁଶ ଆବୋରି ॥
ମଧ୍ୟରେ ଗୋବିନ୍ଦଦୂତ କହନ୍ତି ବାରତ ।
ବୃନ୍ଦାଆଦି ଗୋପୀମାନେ ଶୁଣନ୍ତି ସମସ୍ତ ॥
ବୃନ୍ଦା ପଚାରନ୍ତି କିସ କହିବ ହେ କହ ।
ଗୋବିନ୍ଦ ବିଷୟକୁ ଶୁଣାଇ ରଖ ଦେହ ॥

ଆଉ କଥାମାନ ଥାଉ ତହିଁ ନାହିଁ ଲାଭ ।
ଶୁଣି ଅଶ୍ରୁନେତ୍ର ହୋଇ କହନ୍ତି ଉଦ୍ଧବ ॥
ଶୁଣ ବ୍ରଜବଧୂମାନେ ମାଧବ ଆସିବେ ।
ତୁମ୍ଭମାନଙ୍କର ଦୁଃଖ ନକଟେ ନାଶିବେ ॥
କୁହିତ ଆରତ ସତ କହିଲୁଁ ତୁମ୍ଭଙ୍କୁ ।
ଏ ଶୁଭବାରତା ଦେଇଅଛନ୍ତି ଗୋପକୁ ॥
ଶୁଣି ଭଦ୍ରା ବୋଲନ୍ତି ଶୁଣ ହେ ହରଗ୍ରୀବ ।
ସତ କହ କେତେ ଦିନେ ଆସିବେ ଶ୍ରୀଧର ॥
ତେତେଦିନ ଯାଏ ପିଣ୍ଡେ ପ୍ରାଣ ରଖିଥିବୁଁ ।
ଭକତଚରଣ କହେ ନଇଲେ ମରିବୁଁ ॥

ସପ୍ତବିଂଶ ଛାନ୍ଦ

ରାଗ—ପଞ୍ଚମ ବରାଡ଼ି ବିପ୍ରସିଂହା ଚଉଦଶା ବାଣୀ

ଉଦ୍ଧବ ଓ ଗୋପୀମାନଙ୍କ କଥୋପକଥନ

ଗୋପିକା ବଚନ ଶୁଣି ଉଦ୍ଧବ କହନ୍ତି ବାଣୀ ଆସିବେ ଅଳପ ଦିନେ ଶ୍ୟାମ ।
ଆରତ କୁହ ଗୋ ବାଳ ଅନ୍ତର୍ଯ୍ୟାମୀ ବନମାଳୀ ସର୍ବଘଟେ ତାହାଙ୍କ ବିଶ୍ରାମ ଗୋ ।
ଗୋପୀମାନେ ।
କାହାର କୁହନ୍ତି ସେହୁ ବଶ । ଭକତି ଜନଙ୍କୁ ଏକାଦୃଶ୍ୟ ॥
ରୂପ ରେଖ ନାହିଁ କିଛି ଚନ୍ଦ୍ରମା ପ୍ରାୟେ ବ୍ୟାପିଛି ସେ ଯେହ୍ନେ ଦିଶଇ ଜଳଘଟେ ।
ସେ ଘଟ ବିନାଶ ଗଲେ ଶୂନ୍ୟ ହୋଏ ଶାସ୍ତ୍ର ବୋଲେ ପୁଣ ଅନ୍ୟ ଘଟେ ଯାଇ
ଘୋଟେ ଗୋ । ଗୋପୀମାନେ ।
ଏଣୁ ରୂପ ହୋଇ ରୂପ ନୋହି । ଭାବେ ପାଇ ଅଭାବେ ନ ପାଇ ଗୋ ॥
ସେ ବ୍ରହ୍ମକୁ କର ଧ୍ୟାନ କାମନା ହେଉ ଦହନ ହୃଦରେ ଦେଖିବ ନିରଞ୍ଜନ ।
ଏ ଯେ ମିଥ୍ୟା କଳେବର କ୍ଷଣକେ ହୋଏ ଭଙ୍ଗୁର ଏଣୁ କହୁଅଛି ତାଙ୍କୁ ଚିହ୍ନ ଗୋ ।
ଗୋପୀମାନେ ।
ଷଡ଼ଚକ୍ର ଭେଦିଲେ ପାଇବ । ଚକ୍ଷୁବୁଜି ହୃଦରେ ଚାହିଁବ ଗୋ ॥
ମଣିମୟ ମଣ୍ଡପରେ ରତ୍ନସିଂହାସନପରେ ପଞ୍ଚାଶଦଳ ପାଖୁଡ଼ା ପଦ୍ମ ।
ତା କେଶର ମଧ୍ୟେ ହରି ଚତୁର୍ଭୁଜ ରୂପ ଧରି ସେହି ପ୍ରଭୁ ପାଦେ କର ସଦ୍ମ ଗୋ ।
ଗୋପୀମାନେ ।
ତେବେ ସିନା ମିଳିବେ ତୁମ୍ଭଙ୍କୁ । ଭୟ ନ ରହିବ ଏ ଭବକୁ ଗୋ ॥

ଉଦ୍ଧବ ବଚନ ଶୁଣି ବୋଲନ୍ତି ଗୋପରମଣୀ ଏ ଯେଉଁ ଜ୍ଞାନକୁ ବୁଝାଇଲ ।
କ୍ଷୀରଭାଣ୍ଡେ ଦଧି ଦେଲେ ନାଶଯାଇ ସେହ୍ନ ଭଲେ ସେ ଜ୍ଞାନ କଥା କପଁା କହିଲ
ହେ । ହରିଦୂତ ।

ଆମ୍ଭର ଭକତି ରତ୍ନାକର । ଜ୍ଞାନନଦୀ ତହିଁ ସମ କର ହେ ।
ଅଭାଗ୍ୟ ହୋଇଲା ଯେଣୁ ସେ କଥା ଶୁଣିଲୁଁ ତେଣୁ ଆମ୍ଭ ଆଗେ ଏହା ନ କହିବ ।
ବ୍ରହ୍ମାଙ୍କୁ ଭାବନ୍ତି ଯେହ୍ନୁ ଏ ଭାବ ଜାଣନ୍ତି ସେହ୍ନୁ ଆମ୍ଭେ ତ ନ ଜାଣୁ ତୁମ୍ଭ ଭାବ ହେ ।
ହରିଦୂତ ।

ଯେସନେ କପିଥ ଗଜ ଖାଇ । ପୁଣି ତାହା ବାହାର କରଇ ହେ ।
ଦେଖିଲେ ଦିଶେ ସୁନ୍ଦର ନ ଥାଇ କିଛି ଭିତର ସେହିପରି ରସହୀନ ଜ୍ଞାନ ।
ସେ କଥାକୁ କେତେ ଭଣ ଏ ବେନି ଆନ ନ ଜାଣ ହୀରା ସଙ୍ଗେ କଚକାକୁ ଗଣ ହେ ।
ହରିଦୂତ ।

ସେହି ପୁଣି କ୍ଷଣମାତ୍ର ସଢ଼େ । ରୂପ ରେଖ ଯାଏ କେଉଁଆଡ଼େ ।
ତେମନ୍ତ ମୁକତିଗତିର ପ୍ରେମ ବିନେ ଦିନ ହରି ଭକତିପଙ୍କରେ ଭ୍ରମୁଥାଇ ।
ଦାସରୁ ଅଟନ୍ତି ହୀନ ସେ ଗୁଡ଼ାକ କେତେ ଘେନ ଆମ୍ଭଙ୍କୁ ସେମାନ ନ ରୁଚଇ ହେ ।
ହରିଦୂତ ।

ଯେଉଁ ଜନ ସୁଧା ଥିବ ଖାଇ । ସେ କାଙ୍କ ମହୁଲ ପାଶେ ଯାଇଁ ହେ ।
ଚନ୍ଦ୍ରାମଣି କଣ୍ଠେ ଯାର ସଦା ହୋଇଥାଇ ହାର ସେ କାଙ୍କ ଲେଖଇ ଆନ ରତ୍ନ ।
ଜାତିପୁଷ୍ପ ଯେ ଘେନଇ ସେ କାଙ୍କ ବାସଙ୍ଗେ ସ୍ନେହୀ ସେହି ମତି ତୁମ୍ଭ ବ୍ରହ୍ମଜ୍ଞାନ ହେ ।
ହରିଦୂତ ।

କେବଳ ସେ ରସର ଭଣ୍ଡାର । ବ୍ରହ୍ମଜ୍ଞାନ ତାହାର କିଙ୍କର ହେ ।
ଆମ୍ଭ ବୋଲକର ଏବେ ଦିନ ବଞ୍ଚି ଭକ୍ତିଭାବେ ନାମରୂପ ବୟସ ଭୂଷଣ ।
ନାନାରଙ୍ଗେ ସେବା କରି ଶାନ୍ତି ଲୋଭ ହୃଦେ ଧରି ଦମ୍ଭ ଲଜ୍ଜା ଖ୍ୟାତି ପରାଧୀନ ହେ ।
ହରିଦୂତ ।

ଏମାନ ତେଜିଲେ ପାଇ ପ୍ରେମ । ବ୍ରହ୍ମଜ୍ଞାନେ ବ୍ୟର୍ଥରେ ଭ୍ରମ ହେ ।
ତଥାପି ମଧୁର ରସେ ଜ୍ଞାନ ଯେବେ ଆସିମିଶେ ତାକୁ ସେ କରଇ ବେଗେ ନଷ୍ଟ ।
ପତିବ୍ରତାନାରୀ ରଙ୍ଗେ ଜାରପୁରୁଷର ସଙ୍ଗେ-ସଂଯୋଗ ହେଲେ ଯେମନ୍ତ ଭ୍ରଷ୍ଟ ହେ ।
ହରିଦୂତ ।

ସେହିମତି ଭକ୍ତିରସେ ଜ୍ଞାନ । ଆମ୍ଭେମାନେ ନ ଜାଣୁ ସେମାନ ।
ଜାଣୁ ଯାହା ଶୁଣ ତାହା ତୁମ୍ଭେତ ପବିତ୍ରଦେହା ତେଣୁ କରି କହିବା ସେ କଥା ।
ଅନ୍ୟ ଜନ ହେଲେ ତାକୁ ନ କହନ୍ତୁ ଭଜୁଁ ଯାକୁ ସେତ ଆମ୍ଭ ସଂପୁଟରେ କଥା ହେ ।
ହରିଦୂତ ।

ବ୍ରହ୍ମଜ୍ଞାନୀ ନ ଜାଣନ୍ତି ତାହା । ଶୁଷ୍କନଦୀ ପ୍ରାୟେ ତାଙ୍କ ହିୟା ହେ ।
ସେହିରୂପ ତାଙ୍କ ମନ ଜାଣିଲୁଁ ଶୁଣ ବଚନ ବ୍ରହ୍ମ ବୋଲି କହିଲା ବେଲରୁ ।

ସଚ୍ଚିଦାନନ୍ଦ ଅଙ୍ଗରୁ ସର୍ବ ବ୍ରହ୍ମ ସେହିଠାରୁ ତାଙ୍କ ବିନେ କିଛି ନ ପଚାରୁଁ ହେ ।
ହରିଦୂତ ।

ସେହି ବ୍ରହ୍ମଙ୍କୁ ନ ଜାଣୁ ଆମ୍ଭେ । ତାଙ୍କ ଭାବ କଥା ଜାଣ ତୁମ୍ଭେ ହେ ॥
କାଳିନ୍ଦୀ ହ୍ରଦରେ ପଶି ଯେହୁ କାଳିଦର୍ପ ଧ୍ୱଂସି ଯେ ଭାଙ୍ଗିଲେ ଶକଟ ଅର୍ଜ୍ଜୁନ ।
ପୂତନାର ପ୍ରାଣଗ୍ରାସି ଷଣ୍ଢ ବକ ଅଘ ନାଶି ସେ ନାଗର ମୂଳ ଆମ୍ଭ ବ୍ରହ୍ମ ହେ ।
ହରିଦୂତ ।

ଆନ ବ୍ରହ୍ମେ ନ ରୁଚଇ ମନ । ତୁମ୍ଭେ କପାଁ କହୁଛ ଏମାନ ହେ ॥
ଯେହୁ ଗିଳି ଦାବାନଳ ରଖିଲେ ବରଜ କୁଳ ଇନ୍ଦ୍ରଛଳେ ଟେକି ଗୋବର୍ଦ୍ଧନ ।
ଆମ୍ଭ ବ୍ରହ୍ମ ସେହି ଜାଣୁ ଆନ ବ୍ରହ୍ମକୁ ନ ଗଣୁ ନିତ୍ୟେ ଭଜୁଁ ତାହାଙ୍କ ଚରଣ ହେ ।
ହରିଦୂତ ।

ସ୍ୱରୂପ କହିଲୁଁ ତୁମ୍ଭ ଆଗେ । କେବେହେଁ ନ ପଶୁଁ ବ୍ରହ୍ମଭାଗେ ହେ ॥
ତୁମ୍ଭେ ଯେ ବୋଇଲ ସର୍ବହୃଦରେ ବ୍ରହ୍ମରଠାବ ତେବେ ଆଉ ଭଜୁଛ କାହାକୁ ।
ତୁମ୍ଭର ଶରୀରେ ଅଛି ବୋଲାଇ ପରମପକ୍ଷୀ କେହ୍ନେ ପୁଣ ପେଶିଛ ତୁମ୍ଭଙ୍କୁ ହେ ।
ହରିଦୂତ ।

କାହା ବୋଲେ ଗୋପକୁ ଅଇଲ । କାହା ଆଜ୍ଞା ଆମ୍ଭଙ୍କୁ କହିଲ ହେ ॥
ଏତେ ଭାଳି କୃଷ୍ଣଦୂତ ବୋଲନ୍ତି ଶୁଣ ଉଚିତ ଆମ୍ଭେ ଆସିଥିଲୁଁ ଦୂତପଣେ ।
ବାରତା କହିବା ପାଇଁ ପେଶିଥିଲେ ଭାବଗ୍ରାହୀ ତୁମ୍ଭେ କଳି କର ଜଣେ ଜଣେ ଗୋ ।
ଗୋପୀମାନେ ।

ଏ କଥା କି ଅଟଇ କୁଶଳ । ଏବେ ତୁମ୍ଭ କଥା ତୁମ୍ଭେ ପାଳ ଗୋ ॥
ଏହା ଶୁଣି ଗୋପନାରୀ କହନ୍ତି ମନେ ବିଚାରି ତୁମ୍ଭେ ସିନା ଲଗାଇଛ ଦ୍ୱନ୍ଦ ।
ସିଂହ ସଙ୍ଗେ ଗଜ ଲେଖ ସିନ୍ଧୁ ସଙ୍ଗେ ନଦୀ ଯୋଖ ଏ କାହିଁ ହୋଇବ ସମଭାବ ହେ ।
ହରିଦୂତ ।

ଏଣୁ ସିନା କହିଲୁଁ ତୁମ୍ଭଙ୍କୁ । ତୁମ୍ଭେ ଦୁଃଖ କରୁଛ କାହାକୁ ହେ ॥
ଏବେ ଆମ୍ଭ କଥା ଶୁଣ କହିବୁଁ ଗୋବିନ୍ଦ ଗୁଣ ଯେତେ କରିଥିଲେ ଏଥେ ଥାଇଁ ।
କହିଲେ କେ ପ୍ରତେ ଯିବ ଜାଣନ୍ତି ସିନା ମାଧବ ଆନ ଜାଣିବାକୁ କେହି ନାହିଁ ହେ ।
ହରିଦୂତ ।

ତହୁଁ କିଛି ଜାଣିଅଛୁଁ ଆମ୍ଭେ । ଏବେହେଁ ଥୋକାଏ ଶୁଣ ତୁମ୍ଭେ ହେ ॥
ଉଦ୍ଧବ ବୋଲନ୍ତି ଶୁଣି ପେଶିଛନ୍ତି ବେଣୁପାଣି ତୁମ୍ଭଙ୍କୁ ପ୍ରବୋଧି ଯିବାପାଇଁ ।
ଶୁଣି ହସିଲେ ଗୋପିନୀ ଏବେତ ପାରିଲୁଁ ଜାଣି ଆମ୍ଭ ବ୍ରହ୍ମ ସବୁରି ଗୋସାଇଁ ହେ ।
ହରିଦୂତ ।

ତୁମ୍ଭ ବ୍ରହ୍ମ କୃଷ୍ଣ ବୋଲଛନ୍ତି । ଆଜ୍ଞା ପାଇଁ ସମସ୍ତ କରନ୍ତି ହେ ।
ଏମନ୍ତ ଶୁଣିଲେ ଯହୁଁ ଉଦ୍ଧବ ନିର୍ବେଦ ତହୁଁ ମନମଧ୍ୟେ କରନ୍ତି ବିଚାର ।
ଏଡ଼େ କଥାମାନ କିଂକେ ଜାଣିଲେ କହିଲେ ଠିକେ ନିଶ୍ଚୟ ଏ ଗୋବିନ୍ଦ ଶରୀର ଏ ।
ଗୋପୀମାନେ ।

ଯାଙ୍କ ପରି ନାହାନ୍ତି ସଂସାରେ । ବ୍ରହ୍ମା ଶେଷ ଶଙ୍କର ଅମରେ ସେ ॥

ଅଶେଷ ଭୁବନେ ପୂରି ରହିଛନ୍ତି ବ୍ରହ୍ମଗୃହୀ ଊର୍ଦ୍ଧ୍ୱରେତା ଯୋଗିମାନେ ।
ସେମାନେ ଯାକୁ ନ ପାନ୍ତି ଜ୍ଞାନଯୋଗେ ଭ୍ରମିହୋନ୍ତି ତାଙ୍କୁ ବଶ କଲେ ଗୋପୀମାନେ
ଯେ । ଧନ୍ୟ ଧନ୍ୟ ।

କି ଉପମା ଦେବା ବୁଦ୍ଧି ନାହିଁ । ଏହାଙ୍କ ସମାନ ହେବେ କେହି ହେ ॥
ଏତେ ଭାଳୁଁ ବ୍ରଜବାଳୀ ନୟନୁ ଲୋତକ ଗଳି ଗଦ ଗଦ ହୋଇ କହେ ବାଣୀ ।
ପୂର୍ବ ଭାବମାନ ଗୁଣି ଉଠେ ପ୍ରେମତରଙ୍ଗିଣୀ କୃଷ୍ଣ ବୋଲି ଲୋଟିଲା ଧରଣୀ ସେ ।
କୁନ୍ଦଲତା ।

ଦେଖି କୋଳେ ଧରିଲା ସମ୍ଭାଳି । ହୃଦକୁ ଲଗାଇ ପ୍ରାଣଆଳୀ ସେ ॥
ଦେଖି ଭଦ୍ରା ଆଗସରି ହୋଇଣ କହେ ଚତୁରୀ ଆହେ ଗୋବିନ୍ଦଡଗର ଶୁଣ ।
କି କହିବୁଁ ତାଙ୍କ ଗୁଣ ମନେ ପଡ଼ି ଦହେ ପ୍ରାଣ ଯେସନେ ଅନଳେ ଦହେ ତୃଣ ହେ ।
ହରିଦୂତ ।

ସେହିମତ ହୋଇଅଛୁ ତନୁ । ଆଜ ଏକା ନୋହେ ଗଲାଦିନୁ ହେ ॥
ଦିନେ ଏହି ବୃନ୍ଦାବନେ ଡାକିଲେ ମୁରଲୀସ୍ୱନେ କୁଳବତୀ ଶୁଣି ହେଲୁଁ ବାଇ ।
ନିଶାକାଳେ ଗଲୁଁ ବନେ ସ୍ୱରୂପ ଦେଖି ନୟନେ ବଶ ହେଲୁଁ ସବୁ ଗୋପଗୋଈ
ହେ । ହରିଦୂତ ।

ନାନାରଙ୍ଗେ କଲେ ରାସଲୀଳା । ଶାନ୍ତ ହେଲୁଁ ସକଳ ଅବଳା ସେ ॥
ଏମନ୍ତ କହନ୍ତେ ଭଦ୍ରା ଶୁଣି କହେ ଲୋପାମୁଦ୍ରା ମୋହିଠାରୁ ଶୁଣ ହେ ଉଦ୍ଧବ ।
ଏହି ନୀପମୂଳେ ଦିନେ ବସିଥିଲେ ନନ୍ଦକାହ୍ନ ଉଦୟ କି କନ୍ଦର୍ପ ସମ୍ଭବ ହେ ।
ସାୟମଣି ।

ତହିଁ ଥାଇ ଅତି ମନୋହର । ଯାହା କଲେ ରହିଛି ମନର ହେ ॥
ଆହୁରି ଦିନେ ଜଳରେ ଜଳକେଳି କରିବାରେ ଯାହା କଲେ କି କହିବୁ ତାହା ।
ଦିନଦିନକର କଥା ମନେ ପଡ଼ି ହୋଏ ବ୍ୟଥା ଦାରୁଣ ବଧାତା କଲା ଏହା ହେ ।
ହରିଦୂତ ।

କାହାକୁ କହିବୁ କର୍ମ ଊଣା । ତାଙ୍କ ପ୍ରଭୁପଣ ଗଲା ଜଣା ହେ ॥
ଏତେ ଭାଷି ଚନ୍ଦ୍ରାନନୀ ମହାଙ୍କ ଅନାଇଁ ଭୁବ ହେମମାଳା ବୋଇଲା ତହିଁକି ।
ତୁ ଯାହା କହିଲୁ ଧନ ପ୍ରମାଣ ଅଟେ ଏ ବାଣୀ ଉପାୟ କି ଅଛି ତହିଁକି ଗୋ ।
ରସବତୀ ।

କହିଇଁ ମୁଁ ଶୁଣ ସାବଧାନେ । ଶୁଣନ୍ତୁ ଅଛନ୍ତି ଯେତେ ଜନେ ଗୋ ॥
କୃତ୍ତିବାସ ନରାକାର କୁବେର କୁଳଶଧର ବ୍ୟାସ ବିନାୟକ ଶଚୀନାରୀ ।
ଯେଉଁରୂପେ ତାଙ୍କ ଗତି ସଂସାରେ ତା ଜାଣିଛନ୍ତି କୃଷ୍ଣକଥା ହେଲା ସେହିପରି ଗୋ ।
ରମ୍ଭାଗାତ୍ରୀ ।

ତାଙ୍କୁ କେହୁ ବାଛିବ ଶୟୁଲେ । ବାଛିଲେ ମାରନ୍ତି ବାହୁବଳେ ସେ ॥
ବଡ଼େ ସବୁ ପାର ଯାଇ ସାନରେ କେବେ କି ହୋଇ ଏହି କଥା ମନେ ଧରିଥିବ ।

ଏମନ୍ତ କହି ମହିଳା ବାଣୀକି ମୁଦି ରହିଲା ଆଗସରି ହୋଇ ଆନ ଭାବ ସେ ।
କମଳାକ୍ଷୀ ।
ଅଧର କମ୍ପାଇ କହେ ରାଗେ । ବାସ ଭିଡ଼ି ବସି ଦୂତଆଗେ ସେ ॥
ଶୁଣ ହେ ଗୋବିନ୍ଦ ଚର ଯାହା କଲେ ଗିରିଧର କାହାବେଳେ କରିପାରେ ତାହା ।
କଣ୍ଟ କରି ଗଲେ ବୃନ୍ଦାବନରେ ଆସିବୁ ଫେରି ଏବେ ହେ କୁବୁଜାଙ୍କ ନାହା ସେ ।
ନନ୍ଦବାଳ ।
କେଉଁ ଗୁଣେ ରସିଲେ ତାହାକୁ । ଗଲେ ମନେ ନ କଲେ ଗୋପକୁ ହେ ॥
ଏହା ଶୁଣି ସୁରଙ୍ଗିଣୀ ଦରହାସେ କହେ ବାଣୀ ଏହା କପଁ। କହିଲୁ ନବୀନା
ଯାହାକୁ ଯେ ଦ୍ରବ୍ୟ ରୁଚେ ସେ କାହିଁ ତାହାକୁ ମୁଞ୍ଚେ ମଧୁକର ସ୍ୱଭାବକୁ ଅନା
ଗୋ । ଶୋଭାପାଙ୍ଗି !
ସେ ଯେମନ୍ତେ କମଳ ଚୁମ୍ବୁଥାଇ । ପୁଣି ଯାଇ ବାସଙ୍ଗେ ବସଇ ଗୋ ॥
ସେହିରୂପେ ନନ୍ଦବଳା ଆମ୍ଭ ଠାରେ କରି ହେଳା କୁବୁଜାଙ୍କୁ ପ୍ରାଣପ୍ରିୟା କଲା ।
ତଥାପି ତାହାଙ୍କ ସଙ୍ଗ କଲେ ଦେବ ଶିରୀରଙ୍ଗ ଲାଗି ତନୁ ସୁନ୍ଦର ହୋଇଲା ସେ ।
କୁନ୍ଦହାସୀ ।
ଆଉ କପଁ। ଚେତିବ ସେ ସୁଖ । ଗୋପକୁ ଛାଡିଲା ଏବେ ଦେଖ ଗୋ ॥
ଧନ୍ୟ ମଥୁନାରୀମାନେ ଭଣ୍ଡିଲେ ଯନ୍ତ୍ର କୁଷ୍ଣାନେ ଧନ୍ୟ ସେହୁ ଜାଣନ୍ତି ଔଷଧି ।
ବଚନେ ଭୁଲାଇ ଦେଲେ ସ୍ତମ୍ଭନ ମୋହନ କଲେ କାହୁଁ ଏଡ଼େ ବଦ୍ୟା କଲେ ସିଦ୍ଧି
ସେ । ଯଦୁନାରୀ ।
ପରଧନେ ବଡ଼ପଣ କଲେ । ଯାହାର ଧନ ସେ ଝୁରି ମଲେ ଗୋ ॥
ଏତେ କହି ମଲ୍ଲିହାସୀ ମଥାକି ଅନାଇଁ ବସି କର ଊର୍ଦ୍ଧ୍ୱ କରି କହେ ଲୀଳା ।
ଉଦ୍ଧବ ଶୁଣିମା ହେଉ ଯାହା କଲେ ମହାବାହୁ ତାଙ୍କୁ ବୋଲି ସିନା ପାରଗଲା ହେ ।
ଶୁଦ୍ଧଚେତା ।
କି କହିବୁଁ ତୁମ୍ଭର ଛାମୁରେ । ଏ କଥା କହିବୁ ତାଙ୍କୁ ଥରେ ହେ ॥
ଏତେ କହି ପିକଭାଷୀ ମଥାକି ଅନାଇ ବସି କାନ୍ତିମାଳା କହଇ ବଚର ।
ଶୁଣ ହେ ଯାଦବ ବୀର ଯାହା କଲେ ଚକ୍ରଧର ମନୁ ନକ ହୋଇବ ପାସୋର ହେ ।
ଶୁଦ୍ଧଚେତା ।
କହିବଟି ଗଲେ ମଥୁରାକୁ । କୁବୁଜାଙ୍କ ନାଗରବରଙ୍କୁ ହେ ॥
ଦେଖିଲା ବଚନ କଥା ମୁଖୁଁ ନ ଛୁରିଲା କଥା ପଦ୍ମରେ ବସିଲେ ଚମ୍ପାକଢ଼ୀ ।
ଆନନ୍ଦେ ବହ୍ୱଳ ହୋଇ ଜ୍ୟୋତ୍ସ୍ନାନଖରେ ବସିଲା ଦେଖି ଗୋପୀ ଚରଣ ଛୁଞ୍ଚାଡ଼ି ସେ ।
ଷଟ୍‌ପଦ ।
ଉଡଯାଇ ପୁଣ ବାହୁଡ଼ିଲା । ଗନ୍ଧ ଲୋଭେ ଚରଣ ଚୁମ୍ବିଲା ସେ ॥
ଏହା ଦେଖି ଚନ୍ଦ୍ରାନନା କୃଷ୍ଣଦୂତ ପ୍ରାୟେ ମଣି କ୍ରୋଧକରି ବୋଲଇ ବଚନ ।
ଯାଅ ରେ କାଳିଆ ଭୃଙ୍ଗ ଯହିଁଥିବେ ତୋ ଶ୍ରୀରଙ୍ଗ କପଁ। ଅଛୁ ଆମ୍ଭର ଭୁବନ ରେ ।
ଷଟ୍‌ପଦ ।
ତୁମ୍ଭରେ ବିଶ୍ୱାସ ଆଉ ନାହିଁ । ଚରଣ ଧରୁଛୁ କାହିଁ ପାଇଁ ରେ ॥

କୋକିଲ କାଳିଆ ଫଣୀ ତୋର ଜାତି ରାହୁ ଶନି ଗୋବିନ୍ଦ ସହିତେ ଛଅଗୋଟି ଜଣ ।
କେବେହେଁ ବିଶ୍ୱାସି ନୁହି ଆରୋପିତ ପଛେ କହି ଏବେ ତୁମ୍ଭ ଗୁଣମାନ ଶୁଣ ରେ ।
ମଧୁକର ।

ତୁ ଯେହ୍ନେ ଉତ୍ତମ ପୁଷ୍ପ ଦେଖି । ମଧ୍ୟେ ବସୁ ହୋଇ ମହାସୁଖୀ ରେ ॥
ନାନାରଙ୍ଗେ ପ୍ରୀତି କରୁ ତାର ମକରନ୍ଦ ହରୁ ତୋର ମନ ହୁଅଇ ତୃପତ ।
ପ୍ରାନ୍ତେ ତାକୁ ଛାଡ଼ି ଦେଉ ଅନ୍ୟ ପୁଷ୍ପ ପାଶେ ଯାଉ ସେହିମତ କଲେ ଶିରିପତି ରେ ।
ମଧୁକର ।

କାହା ଆଗେ କହିବୁଁ ଗୁହାରି । କଳେଶ ହୋଇଲୁଁ ବ୍ରଜନାରୀ ॥
ଯେସନେ କଳାକୁଣ୍ଡଳୀ ଶାବକ ଦିନରୁ ପାଳି ନିତ୍ୟ ପୟ ଆହାର ଖୁଆଇ ।
କ୍ରମେ ସେ ହୋଏ ପ୍ରବଳ ଉଦ୍ଗାର କରେ ଗରଳ ପାଳକର ଜୀବନ ନିଅଇ ରେ ।
ମଧୁକର ।

ଏହି ବିଷକୁଣ୍ଡି ସେ ଜାଙ୍ଗଲୀ । ପରଶ ମାତ୍ରକେ ଯିବ ଝୁଲି ରେ ॥
ଏବେ ଶୁଣ ପିକ ଗୁଣ ସେ ଯାହା କରଇ ପୁଣ କାଳେ ନିଜ ମାତାକୁ ଛାଡ଼ଇ ।
ଦ୍ରୋଣଘରେ କାଳ ବଞ୍ଚେ ବଡ଼ ହେଲେ ପୁଣ ମୁଞ୍ଚେ ପୂର୍ବ ନିଜ କର୍ମ ଆଦରଇ ରେ ।
ଷଟପଦ ।

ପାଳି କାକ ହୁଅଇ ନିରାଶ । ସେହିମତ କଲେ ଶ୍ରୀନିବାସ ହେ ॥
ଦିନେଶ କିରଣ ଚିହ୍ନି ପଦ୍ମିନୀ ଆନନ୍ଦ ହୋଇ ଜଳେ ଥାଇ ବିକାଶଇ ରଙ୍ଗ ।
ମାନସେ ବିଚାର କରେ ସଙ୍ଗ ହେବା ଆଶେ ଝୁରେ ବୋଲେ କି ସମର୍ପି ହେବା ଅଙ୍ଗ
ସେ । ତାମରସ ।

ଦୂରେ ଥାଇ ତାର ପ୍ରୀତି ଏତେ । ସେ ପୁଣି ବାରି ଶୁଖିଲେ ପୋଡେ ହେ ॥
ସେହିମତ ଆଶା କରି ରହିଲୁ ଗୋକୁଳନାରୀ ମାରଦଣ୍ଡ ପ୍ରାପ୍ତ ନାଶ କଲେ ।
ପ୍ରୀତିଜଳ ଶୁଖିଗଲା ଅଙ୍ଗ-କର୍ଦ୍ଦମ ଫାଟିଲା ଗୋପୀଜନମାନେ ନାଶ ଗଲେ ରେ ।
ମଧୁକର ।

ଏହି ରୀତି ତୁମ୍ଭମାନଙ୍କର । ଦୂର ହୋ ତୁ ଛାଡ଼ ମୋ ପୟର ରେ ॥
ଏବେ ତୁ ମଥୁରା ଯାଅ ମିତ୍ରଙ୍କ ପାରୁଶେ ଥାଅ କିମ୍ପୁଣି କ୍ରୀଡ଼ାରେ ଚୁମ୍ବୁଥିବୁ ।
ଯେବେ ସେ କରିବେ ଆଜ୍ଞା ଯିବୁ ନ କରି ଅବଜ୍ଞା ମଥୁରାନାରୀଙ୍କି ଯା କହିବୁ ରେ ।
ମଧୁକର ।

ସତ ଘ୍ରାଣ କରି ଆସିଅଛୁ । ଯତନେ ମୋ ଚରଣ ଚୁମ୍ବୁଛୁ ଗୋ ॥
ଶୁଣରେ ଅସିତ ଅଳି ଯାହା କଲେ ବନମାଳୀ ମନରୁ ପାଶୋର ଯାଉ ନାହିଁ ।
ପ୍ରଦୀପ ପଛେ ଅନ୍ଧାର କେବେହେଁ ନୋହେ ଅନ୍ତର ଛାୟା ଯେହ୍ନେ ଅଙ୍ଗ ଭିନ୍ନ ନୋହି
ରେ । ମଧୁକର ।

ସେହିରୂପେ ଗୋପୀ କୃଷ୍ଣ ପ୍ରୀତି । କ୍ଷୀର ନୀର ଯେମନ୍ତ ହୁଅନ୍ତି ରେ ॥
ସେ ଏବେ କଲେ ଅନ୍ତର କୁବୁଜାନାଗରବର ଯେଉଁଦିନ ଠାରୁ ସେ ହୋଇଲେ ।

କାମ ଜ୍ୱରକୁ ଔଷଧି ପାଇଲେ କରୁଣାନିଧି ଗୋପାଙ୍ଗନା ଅପଥ୍ୟ ହୋଇଲେ ରେ ।
ମଧୁକର ।

ଏ କଥା ଏମନ୍ତ ହେବ ସିନା । ଯାଅ ତୋ କୃଷ୍ଣଙ୍କୁ କହି ଜନା ରେ ॥
ତଥାପି କହୁଛୁଁ ତୋତେ ଯାଅ ବା ନ ଯାଅ ପ୍ରତେ କଳାରେ ବିଶ୍ୱାସ ଯିବୁ ନାହିଁ ।
ବୋଲିବୁ ନାହିଁ ମୋ ମିତ୍ର ଜାଣିଥା ପଙ୍କଜନେତ୍ର କି କଲେ ଆମ୍ଭର ମିତ୍ର ହୋଇ
ରେ । ମଧୁକର ।

ଏଣୁକରି କହୁଅଛୁ ତୋତେ । କଳାଜନେ ନ ଯିବୁ ପରତେ ରେ ॥
ଦେଖ କଳାନନ୍ଦବଳା ଆମ୍ଭ ଜାତିକୁଳ ନେଲା କାଳେ କାଳେ ରଖିଲା ଦୁଷଣ ।
ଫୁଲଗର୍ଭ ପ୍ରାପ୍ୟେ କରି ଫିଙ୍ଗିଦେଲା ଭୋଗିସାରି କେ ସହିବ ଏ ଦୁଃଖ କଷଣ ରେ ।
ମଧୁକର ।

ଶରଦ କୋକିଳ ପ୍ରାପ୍ତ ହେଲୁଁ । ପ୍ରୀତି କୁଳ ମର୍ଯ୍ୟାଦା ତେଜିଲୁଁ ରେ ॥
ଚନ୍ଦ୍ରକୁ ଆଶ୍ରୟ କଲା ଶଶ ଯେଉଁରୂପେ ମଲା ସେହିରୂପେ ମରିବୁଁ ଗୋପିନୀ ।
କଲଙ୍କ ବହିବେ ହରି କଥା ଥିବ ଯୁଗକ୍ଷୟ ପଣ୍ଡିତେ ନିନ୍ଦିବେ କର୍ଣ୍ଣେ ଶୁଣି ରେ ।
ମଧୁକର ।

ଏଡ଼େ ବଡ଼ କଥା ଆଚରିଲା । କରକାର ପ୍ରାପ୍ତ କଷ୍ଟଢ଼ିଲା ହେ ॥
ଯେଉଁବନ୍ଧୁ ଦାବାନଳ ଗିଳିଦେଲା ନନ୍ଦବାଳ ସେହିବନ୍ଧୁ ଭୁଲୁ ଥାଉଁ ଚତ୍ତେ ।
ଏତ ନୁହଇ ମନୁଷ୍ୟ କେଉଁ ଦେବତା ପ୍ରକାଶ ହୋଇ ଗୋପେ ରହିଛୁ ଗୁପତେ ରେ ।
ମଧୁକର ।

ସର୍ପଶିରେ ନାଚେ କି ମାନବ । କାହିଁ ବୋଲେ ବିଷ ସୁଧା ହେବ ରେ ॥
ଯେଉଁରୂପେ ଡରୁଥିଲୁ ସେହିରୂପେ ଏବେ ମଲୁଁ ଆଉ ତାହା କହି ହେବ କିସ ।
ଯେଉଁ ପ୍ରାଣ ଯହିଁ ବଢ଼େ ତହିଁ ତାକୁ ନିନ୍ଦା ପଡ଼େ ଅବଶ୍ୟ ଜୀବନେ ଯାଇ ନାଶ
ରେ । ମଧୁକର ।

ବିଧିବସଗରବେ ହେଲୁଁ ବାଇ । ଆମ୍ଭେ ନାଶ ନ ଯିବୁଁ କିପାଇଁ ରେ ॥
ନ ମାନିଲୁଁ ଗୁରୁଜନ ନ କଲୁଁ ପତିବଚନ ନ ମାନିଲୁଁ ଭଲ ମନ୍ଦ ବୋଲି ।
ନ ଜାଣିଲୁଁ ଦିବା ନିଶି କରତେ ତା ସଙ୍ଗେ ରସି କୁଳଟା ହୋଇଲୁ ବ୍ରଜବାଳୀ ରେ ।
ମଧୁକର ।

ତହିଁରୁ ମିଳିଲା ଏହି ସୁଖ । ମିଥ୍ୟା ନୋହେ ସାକ୍ଷାତରେ ଦେଖ ରେ ॥
ଜାଣିଥିଲେ ତାଙ୍କ ରୀତି ନ କରନ୍ତୁ ଏତେ ପ୍ରୀତି କପଟିଆ ଫାନ୍ଦରେ ପଡ଼ିଲୁ ।
ସୁଧାବୃକ୍ଷ ବୋଲି ତାକୁ ଆଶ୍ରୟ କଲୁଁ କାଳକୁ ଫଳିଲା ଗରଳ ଖାଇ ମଲୁ ରେ ।
ମଧୁକର ।

କର୍ମକୁ ବୋଲିବା ସିନା ମନ୍ଦ । ନୋହିଲେ କି ତେଜନ୍ତେ ଗୋବିନ୍ଦ ରେ ॥
କୃପଣସାମନ୍ତ ବାଣୀ ଶୁଣି ଯେଉଁ ଲୋଭୀ ପ୍ରାଣୀ ମହାକଷ୍ଟେ ବଞ୍ଚଇ ଦିନକୁ ।
କାଳେ ସେ ନିରାଶ ହୋଇ ସେହିମତ ହେଲୁଁ ଗୋଈ ଆଶ୍ରେ କରି ମାଧବ ବୋଲିକୁ ।
ମଧୁକର ।

ଆସିବାକୁ କରିଛନ୍ତି ଭରସା । କେତେ ଦିନେ ଯିବ ଏହି ଦଶା ରେ ॥
ମଧୁପ ଶୁଣିବୁ ଯେବେ କର୍ଣ୍ଣେକର ଦେବୁ ତେବେ ଯେଉଁ ଦୁଃଖ ଦେଇ ଯାଇଛନ୍ତି ।
କାଷ୍ଠ ପାଷାଣ ହୋଇଲେ ସରିଯିବ ସିନା ଭଲେ ନିର୍ଲଜ୍ଜୀ ଗୋପୀଏ ଜୀଇଛନ୍ତି ରେ ।
ମଧୁକର ।

କାହାବେଳେ ସହିବୁ ଏ ବେଦନା । କି କହିବୁଁ ପ୍ରତକ୍ଷରେ ଅନା ରେ ॥
ଛାଡ଼ିଲୁଁ ବେଶ ଭୋଜନ ନିରତେ କରୁଁ ରୋଦନ ବୃନ୍ଦାବନଚନ୍ଦ୍ର ଗଲାଦିନୁ ।
ଗୁଣି ଗୁଣି ପୁଣି ଦିନ ନ ସରି ହୋଇଲୁଁ କ୍ଷୀଣ ପଦ୍ମ ଯେହ୍ନେ ନ ଦେଖିଲେ ଭାନୁ ରେ ।
ମଧୁକର ।

ଏହି ବଡ଼ ସମ୍ପଦ ହୋଇଲା । କହି ବାଳୀ ଅତିକ୍ରୋଧ କଲା ସେ ॥
ଏମନ୍ତ ବୋଲି ସେ ବାଳୀ ଯା ବୋଲି ଚରଣ ଟେକି ଖଣ୍ଡେ ଦୂରେ ପଡ଼ିଲା ମଧୁପ ।
ଉଠିଲା ଝଙ୍କାର ନାଦେ ଉଡ଼ିଲା ଗଗନମଧ୍ୟେ ଦେଖି ବୃନ୍ଦ ତେଜି ମନୁ କୋପ ସେ ।
ଚମ୍ପାଗାନ୍ଧୀ ।

ସଖୀଙ୍କି ଦେଖାଇ ଦେଲା ବାଳୀ । ଦେଖ ଅଳି ସେହି ଦିଗେ ଚଳି ଗୋ ॥
ଏମନ୍ତ ଚରିତ୍ର ଦେଖି ଉଦ୍ଧବ ବୁଜିଲାଆଖି ବିଚାରଇ ଧନ୍ୟ ଏ ଗୋପିକା ।
ଏତେ ଭାବ କୃଷ୍ଣଠାରେ ନ ଦେଖିବା ତିନିପୁରେ ଏହା ଭାଳି ହୋଇଲା ଚାଟକା ସେ ।
ଯଦୁବୀର ।

ଆସନୁ ଉଠିଲା ଗଦଗଦେ । ନମସ୍କାର କଲା ଗୋପୀପାଦେ ସେ ॥
ଦେଖି ଗୋପୀ ଧାଇଁପଡି ଟେକି ଧରି କରଯୋଡ଼ି ବୋଲନ୍ତି ଉଦ୍ଧବ ହେଲ ବାଇ ।
ତୁମ୍ଭେ ଯେ ଗୋବିନ୍ଦ ଭକ୍ତ ଜାଣ ନା ଶାସ୍ତ୍ରର ତତ୍ତ୍ୱ ଏ କର୍ମ ତୁମ୍ଭର ନ ଯୋଗାଇ ହେ ।
ଶୁଦ୍ଧଚେତା ।

ଆମ୍ଭେମାନେ ସ୍ୱଭାବେ ଯୁବତୀ । ଏହା ଶୁଣି ଉଦ୍ଧବ ବୋଲନ୍ତି ଯେ ॥
ଶୁଣ ଗୋବିନ୍ଦପ୍ରିୟେ କୃଷ୍ଣଭକ୍ତି ତୁମ୍ଭ ଦେହେ ଯେଣୁ ଅଛି ତେଣୁ ତୁମ୍ଭେ ବଡ଼ ।
ଆମ୍ଭେ ନ ଜାଣୁ ସେ ରସ ଶେଷ ବିରିଞ୍ଚି ମହେଶ ଯେଉଁ ପ୍ରେମ ଅଟେ ମହାଗୁଢ଼ ଗୋ ।
ଗୋପୀମାନେ ।

ତୁମ୍ଭେ ତା କରିଛ ଦେହ ବହି । ତୁମ୍ଭ ସମ ହେବୁଁ ଆମ୍ଭେ କାହିଁ ଗୋ ॥
ଏହା ଭାଷି ପ୍ରେମଭରେ ପୁଣି ଗୋପୀପାଦ ଧରେ ପ୍ରେମେ ତନୁ କମ୍ପେ ଥରହର ।
ଆନନ୍ଦେ ବୋଲଇ ହରି ଉଠି ନାଚେ କର ଟେକି ପ୍ରେମମଦେ ଜରଜର ସେ ।
ହରିଦୂତ ।

ଗୋପୀଙ୍କ ବଦନ ଚାହିଁ କାନ୍ଦେ । ଜ୍ଞାନ ଛାଡ଼ି ଭକ୍ତିପାଦେ ବନ୍ଦେ ସେ ॥
ଦେଖି ଗୋପୀମାନେ ଉଠି ଉଦ୍ଧବର କର ଗୋଟି ଧରି କୁଞ୍ଜବନେ ଘେନିଗଲେ ।
ବୋଲନ୍ତି ଦେଖ ଉଦ୍ଧବ ଏହିଠାବରେ ମାଧବ ଘାଟ ଜଗି କେତେ ରଙ୍ଗ କଲେ ହେ ।
ହରିଦୂତ ।

କହିଲେ ସରିବ ନାହିଁ ତାହା । ଦାନପଣେ କଲେ ଯାହା ଯାହା ସେ ॥
ଏହି କଦମ୍ବମୂଳରେ ଏହି ଯମୁନାକୂଳରେ ଏହି କୁଞ୍ଜେ ବସନ୍ତ ସମୟେ ।

କରୁଥିଲେ ଯେତେ ଲୀଳା ଏବେ ସେ ସ୍ୱପନ ହେଲା ଏତେ ଭାଷି କମ୍ପାଇଲା କାୟେ
ସେ । ମଲ୍ଲିହାସୀ ।

ତୋଳାକୁ ପୂରାଇ ଲଲାଟରେ । ପଡ଼ି ଗଡ଼େ ଯମୁନାତଟରେ ସେ ॥
ଦେଖି ପାଶ ବ୍ରଜାଙ୍ଗନା ଧରି କଲା ସମ୍ଭାଳଣା ଉଦ୍ଧବେ ଅନାଇଁ ଶ୍ୱାସ ଛାଡ଼ି ।
ହାହା ବ୍ରଜରାଜ ସୂନୁ ଏତେ ଦଶା ଗୁମ୍ଫ ବନୁ ଏତେ ବୋଲି ପଡିଲା କଚାଡ଼ି ସେ ।
ନାଗ୍ରୀବର ।

କୃଷ୍ଣଗୁଣ ବାଉନ କାନ୍ଦଇ । ଭୃଙ୍ଗ ସଖୀ ଗଳାରେ ଛନ୍ଦଇ ସେ ॥
ଉଠିଲେ ହୁରି ଲଳନା କେତକୀଦଳବରନା ପୁଣି ଉଦ୍ଧବଙ୍କୁ ଦେଖାବନ୍ତି ।
ଏହି କାଳନ୍ଦରେ ଡେଇଁ ପଶିଲେ ସଘନ ହୋଇଁ ପଦ୍ମ ତୋଳି କାଳୀ ମର୍ଦ୍ଦିଛନ୍ତି ସେ ।
ପ୍ରାଣନାଥ ।

ଏହିବନେ ଗିଳିଲେ ଅନଳ । ରକ୍ଷା କଲେ ଗୋରୁ ଗୋପକୁଳ ସେ ॥
ଏହି ଗିରି ଗୋବର୍ଦ୍ଧନ ଟେକିଥିଲେ ଶ୍ୟାମଘନ ପାସୋରି ନୋହିବ ଉପକାର ।
ସାତଦିନ ସାତନିଶି ଆଖଣ୍ଡଳ କୋପେ ଆସି ବରଷିଲା ଶିଳା ନୀରଧାର ସେ । ଶଶିବର ।

ବଜ୍ରଆଦି ଯେତେକ ମାଇଲା । ସେ ସଙ୍କଟ କିଛିହିଁ ନୋହିଲା ॥
ଦେଖ ହେ ଭକତସାର ବନେ ବସି ଏହିଠାରେ କଉତୁକ କରି ବଂଶୀ ବାଇ ।
ଶୁଣି ଧ୍ୱନି କର୍ଣ୍ଣପୁଟେ ଧାଇଁଲୁ ଗୋପୀ ଉଚାଟେ ଘର ବର ଲଜ୍ଜା ଦୂରେ ଥୋଇ ହେ ।
ହରିଦୂତ ।

ଏବେ ମନେ ପଡୁଛି ସେ କଥା । କୁନ୍ତ ବାଜିଥିଲେ ଯେସନେ ବ୍ୟଥା ହେ ॥
ଏହିରୂପେ କେଳି ସ୍ଥାନ ଦେଖାଇ ଆକୁଳମନ ଏକସ୍ଥାନେ ବସିଲେ ସକଳେ ।
ସମୟ ଦେଖି ଉଦ୍ଧବ ଲେଖି ଯେ ଥିଲେ ମାଧବ ସେ ପତ୍ରିକା ବୃନ୍ଦ କରେ ଦେଲେ
ସେ । ହରିଦୂତ ।

ବୋଲନ୍ତି ଶୁଣ ଗୋ ବ୍ରଜବାଳୀ । ପତ୍ର ଲେଖିଛନ୍ତି ବନମାଳୀ ଗୋ ॥
ଶୁଣି ଗୋପୀ ତୋଷ ହୋଇ ଚନ୍ଦ୍ରାବଳୀ କରେ ଦେଇ ଧରି ବାଳୀ ହୃଦେ ଲଗାଇଲା ।
ତନୁ କରି କମ୍ପମାନ ମୁଦ ଭାଙ୍ଗିଲା ବହନ ଚୁମ୍ବ ଦେଇ ଆନନ୍ଦ ହୋଇଲା ସେ ।
କାଶହାଣୀ ।

ଯାହା ହେଲା କି କହିବ ତାହା । ମନରେ ସୁମରି ପ୍ରାଣନାହା ସେ ॥
ଖଟଞ୍ଜେ ଧଇଲେ ଯତନେ ପଢ଼ିଗଲେ ମନେ ମନେ ଦେଖି ସଙ୍ଗ ସଖୀମାନେ ଭାଷି ।
ବୋଲନ୍ତି ବସ୍ତାରି କହ ଶୁଣି ଶାନ୍ତ ହେଉ ଦେହ କିସ ଲେଖିଛନ୍ତି ବ୍ରହ୍ମରାଶି ଗୋ ।
ଜୀବେଶ୍ୱର ।

ଶୁଣି ରାଜସୁତା ଉଚ୍ଚେ କହି । ଭକତ ଚରଣ ନ ମୁଞ୍ଚଇ ଗୋ ॥

## ଊନବିଂଶ ଛାନ୍ଦ

### ରାଗ—କଲ୍ୟାଣ ଅହାରୀ

### ଗୋପୀମାନଙ୍କ ଚିଠାଉ

କେତେ ଦିନେ ନନ୍ଦମନ୍ଦିରେ ଆନନ୍ଦେ ରହିଲେ ଶ୍ୟାମଘନଦୂତ ।
ମେଲାଣି ହୋଇ ଗୋପଭୂପ ଛାମୁରୁ ସାଜିଲା ଚଢ଼ି କରି ରଥ ।
        ଅନେକ ଅଲଙ୍କାର ଦେଲା ଗୋପେଶ ।
ଗୋବିନ୍ଦ ଛାମୁକୁ ଉଦନ୍ତ ଉତ୍ତର କହିଲେ ଯେତେ ନୋହେ ଶେଷ ॥
ଉଦ୍ଧବ ମଥୁରା ଯିବା ସଜ ଦେଖି ବିଚାର କଲେ ବ୍ରଜନାରୀ ।
ଆମ୍ଭ ବେଦନା ଗିରିଧାରୀ ଛାମୁକୁ ଲେଖିବା ସଖି କଥା ଶୁଣ ।   ଶୁଣି ସେ ।
        କରିବେ ହୃଦେ ଅବା ଦୟା ।
ଏତେ ଭାଳ ସର୍ବଗୋପୀ ସୀମନ୍ତିନୀ ଆନନ୍ଦେ ପ୍ରଫୁଲ୍ଲିତ ହିୟା ॥
ଚକୋରନୟନୀ ଚନ୍ଦ୍ରମାବଦନୀ ଶୁରୁଶୁମୀକର ବରନା ।
କରିକୁମ୍ଭସ୍ତନା କରକରଦନା କଳାକରହାସୀ ନବୀନା ।
        କୁଟିଳା କୁନ୍ତଳାମରାଳ-ଗମନା ।
ବୀଣାଜିଣାଭାଷୀ ବୃଷଭାନୁଜେମା ଆଗେ କହିଲେ ବ୍ରଜାଙ୍ଗନା ॥
ଲେଖଗୋ ଗୋବିନ୍ଦ ଛାମୁକୁ ଚିଠାଉ ଏ ଆମ୍ଭର ଯେତେ ବିଷୟ ।
ଶୁଣି ଗୁଣବତୀ ଆନନ୍ଦ ହୋଇଲା ବୋଲେ ଲେଖନ ପତ୍ର ଦିଅ ।
        ଶୁଣି ସେ ସୁରଙ୍ଗିଣୀ ବେଗେ ଉଠିଲା ।
ତକ୍ଷଣେ କରେ ସମର୍ପଣ କରାଇ ଲିହ ବୋଲି ପାଦେ ଲୋଟିଲା ॥
ଶୁଣି ଚନ୍ଦ୍ରାନନୀ ଧଇଲେ ଲେଖନୀ ବାମକରେ ପତ୍ର ଶୋହିଇ ।
ପ୍ରଥମେ ଗୋପୀନାଥ ପାଦେ ଶରଣ ବୋଲି ଖଞ୍ଜନାକ୍ଷୀ ଲିହଇ ।
        ଗୋକୁଳ ସୁନ୍ଦର ବରଜ ନନ୍ଦନ ।
ନବଜଳଧର ବରଣ ଯଶୋଦାନନ୍ଦନ ଜଗତବନ୍ଦନ ॥
ଅନାଥର ନାଥ ହୋଇଣ ଅନାଥ କରିଗଲ ହିଟନାଗର ।
ସାରସନୟନ ମୁରଲୀବଦନ ଦୁଃଖହର କୃପାସାଗର ।
        ଦୂରିତ ଦହନ ମଦନ ମୋହନ ।
ପୂତନା ଷଣ୍ଡ ଶକଟ ତୃଣ ବକ ଯାମଳାର୍ଜ୍ଜୁନ ଭଞ୍ଜନ ॥
ଏମାନଙ୍କ ଦଣ୍ଡ ଯେତେ ବଡ଼ ତାହା ଆପଣେ ଜାଣିଛ ଗୋବିନ୍ଦ ।
ତେତେ ବିପତ୍ତିମାନଙ୍କରୁ ସମ୍ଭାଳି ରଖିଛ ବୃନ୍ଦାବନଚନ୍ଦ୍ର ।
        ଏବେ ସେ ଲେଉଟିଲେ କିସ କରିବୁଁ ।
କେଅବା ରଖିବ ଅରକ୍ଷ ଗୋପୀଙ୍କି କରେଖି ହୋଇ ପ୍ରାଣ ଦେବୁଁ ॥
ତୁମ୍ଭ ଗଲଦିନୁ ଯାହା ହୋଇଲାଣି ତାହା ଜାଣନ୍ତି ନାହିଁ କେହି ।
ତୁମ୍ଭ ବିନୁ ତିନଲୋକରେ କେ ଅଛି ଜାଣିବାକୁ ନନ୍ଦକହ୍ନାଇ ।

ଏଣିକି ଥରେ ବଜେ ହେବ ଏଥିକି ।
ଛାମୁରେ ତୁମ୍ଭର ବସି ଶୁଣାଇବୁଁ ଦୁଃଖରତ୍ନାକରପୋଥିକି ॥
ଅଶନ ବିଷ ବସନ ଅହି ସମ ଝଟକ ଗଲାନି ଅଙ୍ଗର ।
ତାଟଙ୍କ ହାରଭାର ବହି ନ ପାରୁଁ ତୁମ୍ଭ ଅଭାବରୁ ନାଗର ।
କୃଷ୍ଣ ହେ ନ ଯାଉଁ ଯମୁନା ଜଳକୁ ।
ଯେବେ ଯାଉଁ ତେବେ ନେତ୍ର ବୁଜିଥାଉଁ ନ ଚାହୁଁ କଦମ୍ବମୂଳକୁ ॥
ନିଶାକାଳେ ନିଶାକରକୁ ନ ଚାହୁଁ ନ ଘେନୁ କର୍ପୂର ଚନ୍ଦନ ।
ଝର ପରି ହୋଇ କରତେ ନୟନୁ ଲୋତକଝରଇ ମୋହନ ।
ନାଥ ହେ ଏଣୁ ନ ଘେନୁଛୁଁ ଅଞ୍ଜନ ।
ମସ୍ତକେ ସିନ୍ଦୂର ବିନ୍ଦୁକୁ ନ ଘେନୁ ନ କରୁ ମକରୀଲେଖନ ॥
କବରୀ ନ ସାଜୁଁ ଅଙ୍ଗକୁ ନ ମାଜୁଁ କୃଶ ହେଲୁଣି ଗୋପୀକୁଳ ।
ଅଧରରଙ୍ଗିମା ବଚନ ଭଙ୍ଗିମା ତୁମ୍ଭ ବିନୁ ସବୁ ନିଷ୍ଫଳ ।
ନାଥ ହେ ଦିବାନିଶି ଏକ ସମାନ ।
ସଦନ ବନ ପ୍ରାୟେକ ନ ରୁଚଇ ଶୀତଜଳ ଅଗ୍ନି ଯେସନ ॥
ପ୍ରତିପଦନିଶିରେ ଚକୋର ଯେସନେ ହୋଇଥାଏ ଚନ୍ଦ୍ର ନ ଦେଖି ।
ତହୁଁ ଅଧିକ ଦଶାକୁ ଲଭିଲୁଣି ତୁମ୍ଭ ବିହୁନେ ପଙ୍କଜାକ୍ଷୀ ।
ନାଥ ହେ କେଉଁ ଅଭାଗୀ ନାରୀ ଆମ୍ଭେ ।
ପ୍ରାଣ ନ ଯାଇ କେଉଁଗୁଣେ ରହିଛି ନିର୍ଲଜପଣେ ମହାଦମ୍ଭେ ॥
ପୂର୍ବେ କେତେ ତପ କରିଥିଲୁଁ ଦିନା କେତେ ସଙ୍ଗ ହୋଇ ବଞ୍ଚିଲୁଁ ।
ସେ ସୁକୃତ କ୍ଷୟ ହୋଇଲାରୁ ଏବେ ପାଇଲା ନିଧି ହରାଇଲୁଁ ।
ନାଥ ହେ ଆମ୍ଭ ସମ ଦୁଃଖୀ ନ ଥିବେ ।
ଏଡ଼େ ନିର୍ଲଜ୍ଜ କେଉଁ ଜନେ ହୋଇବେ ଏତେ କଷ୍ଟେ ଦେହ ରଖିବେ ॥
କା ଆଗେ କହିବୁଁ ଯାହା ହେଉଅଛି କହିଲେକେ ଅବା ଶୁଣିବ ।
ଏକା ତୁମ୍ଭ ବିନା ଏଦୀନ ଗୋପୀଙ୍କ କଥା କେ ମନରେ ଘେନିବ ।
ନାଥ ହେ ଏତେକ କେବଳ କହିବ ।
ମଥୁରାନାରୀଙ୍କ ସଙ୍ଗ ଦିନେ ଛାଡ଼ି ଦର୍ଶନ ମାତ୍ର ଦେଇଯିବ ॥
ତୁମ୍ଭ କୃପାସିନ୍ଧୁ ପ୍ରାୟ ଘୋଟିଥିଲା ବୁଡ଼ିଥିଲୁଁ ଗୋପୀ-ସଫରୀ ।
ସଫଳାନନ୍ଦନ ଅଗସ୍ତି ହୋଇଣ ଶୋଷିଲା ଅହଙ୍କାର କରି ।
ନାଥ ହେ କେମନ୍ତେ ବଞ୍ଚିବୁଁ ବିଚାର ।
ଯାହା କହିଥିଲ ତାହା ପାସୋରିଲ ଚତୁରକୁ କପାଁ ନ ପଚାର ॥
ଆମ୍ଭ ଭାଗ୍ୟକୁ ରସଦାନୀ ଜୀମୂତ ପ୍ରବଳ ହୋଇ ଉଦେ ହେଲା ।
କଂସତଗର ତହିଁକି ମହାବାତ ମଥୁରାଦିଗେ ଉଡାଇଲା ।
ନାଥ ହେ ନରାଣ ହୋଇଲୁଁ ଗୁଆଲୀ ।
ସତେ ନିକି ଆଉ ଲେଉଟି ସାଜିବ କୃପା ଜଳକୁ ଦେବ ତାଳି ॥

କୁମ୍ଭନନ୍ଦନ ଯେଉଁରୂପେ ପର୍ବତମାନଙ୍କୁ ସତ୍ୟ କରାଇଲେ ।
ଦକ୍ଷିଣେ ଯାଇ ନିଶ୍ଚିନ୍ତ ହୋଇ ରହି କେବେହେଁ ବାହୁଡ଼ି ନଇଲେ ।
ନାଥ ହେ ସେହିରୂପେ ହେଲା ପରାୟେ ।
ତୁମ୍ଭେ ଅଗସ୍ତି ଆମ୍ଭେମାନେ ଶିଖରୀ ସତ୍ୟକୁ ବହିଅଛୁଁ କାୟେ ॥
ତଥାପି ବଡ଼ଲୋକଙ୍କର ବିଚାର ଏମନ୍ତ ପରାୟେ ଦିଶଇ ।
ଦିଗବାସ ବିଧୁ ଶଶୀ ସୁରପତି ଏହାଙ୍କଠାରେ ପ୍ରବର୍ତ୍ତଇ ।
ତାହାଙ୍କୁ କେ ଅବା ନିନ୍ଦିବ ମହୀରେ ।
ଆଉ ସେମାନ କହି କିସ ହୋଇବ ରହିଲ କୁବୁଜା ସ୍ନେହରେ ॥
ତୁମ୍ଭେ ସେହିରୂପେ କଲେହେଁ କେ ଅବା ନିନ୍ଦା କରିବ ବଡପଣ ।
ଏଣୁ କରି ମନେ ବିଚାର କରୁଛୁଁ ଆମ୍ଭେ ପୁଣି ଆହେ ମୋହନ ।
ନାଥ ହେ ଦୀନଜନେ ଦୟା କରିବ ।
ତେବେ ସିନା ଦୀନବାନ୍ଧବ ନାମକୁ କାଳେ କାଳେ ନିଷ୍ଠେ ରହିବ ॥
ଦଇବେ ଆମ୍ଭେ ଆହୀରୀନାରୀ ସିନା ଭଲ ମନ୍ଦ ଦୁଇ ନ ଜାଣୁ ।
ମହତ୍ପୁରୁଷ ହୋଇଣ ଆପଣ ନିରାଶ କଲ ଜାଣୁ ଜାଣୁ ।
ନାଥ ହେ କି କରିବୁଁ କର୍ମ ଅସାର ।
ଦଇତ୍ୟାରି ହୋଇ ଦଇତ୍ୟ ପରାୟ ମାରିବାକୁ କଲ ବିଚାର ॥
ନାଥ ହେ କୁବୁଜା ଔଷଧି ହୋଇଲା ।
କାହାକୁ କହିବୁଁ ଦାରୁଣ ଦଇବ ଦେଲା ସମ୍ପଦକୁ ହରିଲା ॥
ଜାଣିଅଛୁଁ ଯେତେ ପ୍ରକାର ବିପଦୁଁ ଆମ୍ଭଙ୍କୁ ଯେ ରକ୍ଷା କରିଛ ।
ଏବେ ସେହି ରୂପେ ତତକାଳେ ଆସି ଆଶା ପୂରାଅ ନନ୍ଦବତ୍ସ ।
ନାଥ ହେ ଯହିଁ ଥିଲେ ଆମ୍ଭେ ତୁମ୍ଭର ।
କୃପାସିନ୍ଧୁ ଥାଉଁ ଥାଉଁ ତୃଷାଭରେ ମରୁଅଛୁଁ ଗୋପୀ ନିକର ॥
ପ୍ରତିପାଳିଲା ଜନଙ୍କୁ ନାଶ କଲେ ନିଶ୍ଚୟ ହୋଇବ ଦୂଷଣ ।
ଜ୍ୟେଷ୍ଠ କନିଷ୍ଠ ମଧ୍ୟମ କମ୍ବା ହିତ କେବେହେଁ ନୁହଇ ଭୂଷଣ ।
ନାଥ ହେ ତୁମ୍ଭେ କି ନ ଜାଣ ସେମାନ ।
ଆମ୍ଭେ ସିନା ବନଗୃହୀ ନାରୀମାନେ ନ ଜାଣୁ କେ ଜ୍ଞାନ ଅଜ୍ଞାନ ॥
ତୁମ୍ଭେ ଥିଲା ଦିନେ ବାମଦେବ ପ୍ରାୟେ କାମକୁ ନିତି ଭଜୁଥାଉଁ ।
ଯହୁଁ ବାମ ହେଲ ବିରଜ ସୁନ୍ଦର ନିରତେ ତାକୁ ପୂଜୁଥାଉଁ ।
ନାଥ ହେ ଭୟ କରି ହୃଦଦେଶରେ ।
ନ ପୁଣ ପଞ୍ଚବିଶିଖ ପ୍ରହାରଇ ପୂର୍ବ କଲା କଥା ରୋଷରେ ॥
ତଥାପି ଯେବଣ ସୁନ୍ଦରୀ ତୁମ୍ଭର ଚନ୍ଦ୍ରବଦନ ଦେଖିଥିବ ।
ବଚନମାଧୁରୀ ସୁମରି ସୁମରି ପ୍ରାଣ କିକ ରଖି ପାରିବ ।
ଆସିବାର ହେଲେ ବହନ ଆସିବ ନୋହିଲେ ଏମନ୍ତ କରିବ ।
କର୍ପୂର ଲେମ୍ବୁ ପଇଡ଼ ଏକ ଦୂତ ଗୋଟିକ ହାତେ ଦେବ ।

ନାଥ ହେ କେବଳ କରିବୁଁ ଗୁହାରି ।
ଆମ୍ଭ ବିଷୟ ଏତେକେହେଁ ସରିବ ନିଶ୍ଚିନ୍ତ ହେବ ବନମାଳୀ ॥
ପୁଣ ବିଚାରୁଛୁଁ ତୁମ୍ଭ ବିମ୍ବାଧରୁ ଅମୀୟ ଆମ୍ଭଙ୍କୁ ଦେଇଛ ।
ବିଷ ଭକ୍ଷିଲେ ନ ମରି ଜ୍ୱାଳା କଲେ କି କରିବୁଁ ହେ ନନ୍ଦବତ୍ସ
ଅନଳ ଉପରେ ଅନଳ ପଡ଼ିବ ।
କେ ସହି ପାରିବ ଏ ଘୋର ବିପତ୍ତି ଦ୍ୱିଗୁଣେ ଶରୀର ପୋଡ଼ିବ ॥
ଆମ୍ଭ ବିଷୟ ଉଦ୍ଧବଙ୍କ ମୁଖରୁ ଶୁଣିମ ସେ ଯାହା କହିବେ ।
ମନେ ବିଚାରିବ ବରଜବନିତା କେମନ୍ତଟି ସୁଖୀ ହୋଇବେ ।
ନାଥ ହେ ଦୁଃଖ-ସାଗରରେ ଭାସୁଛୁଁ ।
କେବଳ ତବ ନାମ କରି ଆଶ୍ରୟ ଘୋରବିପତ୍ତି ବିନାଶୁଛୁଁ ॥
ଏହି କଥାଗୋଟି ମନରେ କପରି କେମନ୍ତ ପ୍ରକାରେ ରହିବୁଁ ।
ଦୟାକରି ଯେବେ ଥରେ ଭେଟହେବ ମୁଖ ଦେଖି ପ୍ରାଣେ ବଞ୍ଚିବୁଁ ।
ନାଥ ହେ ତେବେ ସର୍ବଦୁଃଖ ସରନ୍ତା ।
ଦାରୁଣ ଅତନୁ ଯାହା ଦହୁଅଛି ସେ କଥା କେବେହେଁ କୁହନ୍ତା ॥
ଜାଣିଥିଲୁଁ ବଡ଼ଲୋକଙ୍କ ବଚନ ପାଷାଣଗାର ପ୍ରାୟ ହୋଏ ।
ଏବେ ଜାଣିଲୁଁ ସଲିଳଗାର ପ୍ରାୟ ସେ ଯେହ୍ନେ ମୁହୂର୍ତ୍ତେ ନ ରହେ ।
ନାଥ ହେ ଜାଣିଥିଲେ କେହୁ ଛାଡ଼ନ୍ତା ।
କଇତବପଣ କରି ଛାଡ଼ିଗଲ ନାମ ବହି ସୁଖ କରନ୍ତା ॥
ଏବେ ଆଜଠାରୁ ଦୀନବନ୍ଧୁ ନାମ ଛାଡ଼ି ସୁଖିବନ୍ଧୁ ହୋଇବ ।
କହୁଅଛୁଁ ସତ ଯେ ବୋଲିବ ଦୀନବନ୍ଧୁ ଆମ୍ଭ ପରି ସେ ହେବ ।
ନାଥ ହେ ଏ ନକ ତୁମ୍ଭର ବେଭାର ।
ସୁନାରୀ ପରାୟ ପ୍ରୀତି କରି ପ୍ରାନ୍ତକାଳକୁ କଲ କୁବିଚାର ॥
ସେ ଯେହ୍ନେ ଧନ ଲଭିବା ପରଯତ୍ନେ ନାନାମତେ ମୁଖେ କହଇ ।
କି କରମ ତାଙ୍କ ସଞ୍ଚିଲା ପଦାର୍ଥ ଘେନ ପ୍ରାସଦେଇ ଚଳଇ ।
ନାଥ ହେ ସେହିମତ ତୁମ୍ଭ ବିଚାର ।
ତଥାପି ସୁନାରୀମାନଙ୍କୁ ଭଣ୍ଡିଲ ଆମ୍ଭେତ ସୁନାରୀ ନକର ॥
ଶୁଣିଛୁଁ ଅତି ଧାର୍ମିକପଣ କଲେ ପୁଣ ଅଧର୍ମ ଆଚରନ୍ତି ।
ଅତିଶୟ ଦାନପଣ ଯେ କରନ୍ତି ସେ ପୁଣି କୃପଣ ହୁଅନ୍ତି ।
ତେଣୁ ସେ କୈତବଗୁଣ ନ ଛାଡନ୍ତି ।
ଦାମୀ ଧାର୍ମିକ ହୋଇ କିସ ହୋଇବ ଯେଣୁ ବଚନ ନ ପାଳନ୍ତି ॥
ଏବେ ତତକାଳେ ଗୋପକୁ ଆସିବ ନଇଲେ ଜୀବନ ଗଲାଟି ।
ଯୁଗେ ଯୁଗେ ସ୍ତ୍ରୀହତ୍ୟା ଦୋଷ ତୁମ୍ଭ ନାମରେ ପ୍ରକଟ ହେଲାଟି ।
ନାଥ ହେ ଏହା ବିଚାରିବା ହୋଇବ ।
ଆମ୍ଭ ଗୁଣଟି ରସିକରତ୍ନାକର ଆଉ ବିଳମ୍ବ ନ କରିବ ॥

ସେ ଦେଶେ କ ଷଡ଼ଋତୁଏ ନାହାନ୍ତି ନାହାନ୍ତି କ ଷଡ଼ରାଗାୟକ ।
ଚନ୍ଦ୍ର କୋକିଳ କେକୀ କେକା ସାରସ ଜୀମୂତଗର୍ଜ୍ଜନ ତାହୁକ ।
ନାଥ ହେ ନୟନେ କ ଦେଖି ନ ଶୁଣ ।
ସେ ଦେଶେ କ ଫୁଲଧନୁ ଧରି କାମଦେବ ନ କରଇ ଭ୍ରମଣ ।।
ତଥାପି ଏ ଶ୍ରେଣୀ ଥିଲେହେଁ କ ହେବ ମଧୁପୁରନାରୀ ଅଛନ୍ତି ।
ଯେତେ କଥା ଏହା ଦେଖି ଯାତହୋଏ ତୁମ୍ଭଙ୍କୁ କ କରି ପାରନ୍ତି ।
ତହିଁକି ଭୟ ନାହିଁ ତୁମ୍ଭ ମନରେ ।
ଆଉ ସେମାନ କହି କସ ହୋଇବ ରହିଲ କୁବୁଜା ଭାବରେ ।।
ଏତେକ ଲେଖି ନବୀନ ନୀରଜାକ୍ଷୀ କଉତୁକ କରି ମଣ୍ଡିଲେ ।
କୁସୁମ ମଣ୍ଡାଭିତରେ ଥୋଇ ବାଲୀ କ କ ମନରେ ବିଚାରିଲେ ।
ତା ପରେ ଉରଗ ଗୋଟିଏ ଲିହିଲେ ।
ପୁଣି ଅଞ୍ଜନାନନ୍ଦନ ଚନ୍ଦ୍ରଚୂଡ଼ ତଥି ପାରୁଶେ ବସାଇଲେ ।।
ଗୁପତ କରି ଉଦ୍ଧବଙ୍କ ହସ୍ତରେ ଦେଲେ ସେ ପୀନପୟୋଧରୀ ।
ଗୋପୀନାଥଙ୍କ ସ୍ମୁରେ ଦେବ ବୋଲି ବୋଇଲେ ବରଜଙ୍କଶୋରୀ ।
ମଥୁରା ନାରୀମାନେ ଥିଲେ ନ ଦେବ ।
ବୋଲେ ବଇରାଗୀ ଭକତରେଣ ଜଣାଗଲେ, ଦ୍ୱନ୍ଦ ହୋଇବ ।।

## ବଂଶ ଛନ୍ଦ

ସ୍ୱର—ପଞ୍ଚମ ବସନ୍ତୀ—ବସନ୍ତିଂହା ବାଣୀ

### ଶ୍ରୀକୃଷ୍ଣଙ୍କ ଆଗେ ଉଦ୍ଧବଙ୍କର ଗୋପସମ୍ବାଦ କଥନ

ଗୋପୀଙ୍କ ଉଦନ୍ତ ଘେନ ଉଦ୍ଧବ ହୋଇ ମେଲାଣି ମଥୁରା ନଗରେ ପରବେଶ ।
ଶ୍ରୀକୃଷ୍ଣ ପାରୁଶେ ହେଲା ଚରଣେ ପ୍ରଣାମ କଲା ଦେଖି ଦୀନବନ୍ଧୁ ହେଲେ ତୋଷ
ସେ । ବ୍ରଜବୀର ।
ଆଲିଙ୍ଗନ କରି ବସାଇଲେ । ଗୋପର କୁଶଳ ପଚାରିଲେ ସେ ।
ଶୁଣ ହେ ଭକତବର ଯାଇଥିଲ ଗୋପପୁର କହ ଗୋପୀ କ କରୁଅଛନ୍ତି ।
ସେ ଯେ ମୋର ପ୍ରାଣ ସମ ବହି କରାଇଲା ବାମ ଦବା କଣୀ କରୂପେ ଅଛନ୍ତି
ସେ । ଗୋପୀମାନେ ।
ଉତ୍ପାତ ନାହିଁନା ବୃନ୍ଦାବନେ । ସୁଖେ ଛନ୍ତିଟିକ ଜୀବମାନେ ହେ ।
ନନ୍ଦ ଯଶୋଦା ସହିତେ ମୋର ପ୍ରୀୟସଖୀ ଯେତେ କୁଶଳ ତାଙ୍କରଟିକ କହ ।
ଗୋବିନ୍ଦ ବଚନ ଶୁଣି ଉଦ୍ଧବ ଯୋଡ଼ିଲେ ପାଣି ପ୍ରେମେ ଥରହର କମ୍ପେ ଦେହ
ସେ । ଯଦୁବୀର ।
କହେ ଗୋପୀଙ୍କର କଥାମାନ । କ୍ଷଣେ କ୍ଷଣେ ବୁଜଇ ନୟନ ସେ ।

ଶୁଣ ହେ କରୁଣାସିନ୍ଧୁ ଧନ୍ୟ ହେ ବରଜବନ୍ଧୁ ଯାହା ମୁଁ ଦେଖିଲି ତାହାଙ୍କର ।
ଅଶେଷ ଭୁବନେ ପୂରି ଯେତେ ଛନ୍ତି ବ୍ରତାଚାରୀ ସତୀ ଯତି ଶଙ୍କର ଅମର ସେ ।
-ଶେଷଆଦି ।

ସମାନ ନୁହନ୍ତି ତାଙ୍କ ସଙ୍ଗେ ।  ଧନ୍ୟ ମୁଁ ଦେଖିଲି ନେତ୍ରଯୁଗେ ହେ ॥
ମୋଠାରେ ସୁଦୟା କରି ପେଶିଲ ବରଜପୁରୀ ଭାଗ୍ୟବଳେ କଲି ଦରଶନ ।
ଏବେ ଏହି କୃପାକର ଆଜ୍ଞା ଦିଅ ଶିରୀଧର ଫେରିଯିବି ସେହି ବୃନ୍ଦାବନ ହେ ।
ଦୀନବନ୍ଧୁ ।

ଗୋପୀଙ୍କ ସଙ୍ଗରେ ବଞ୍ଚୁଥିବି ।  ଏଥେ ଥାଇ କି ସୁଖ ଭୁଞ୍ଜିବି ହେ ॥
କରୁଥିବି ତାଙ୍କ କର୍ମ ସାଧୁଥିବି ତାଙ୍କ ଧର୍ମ କହୁଥିବି ତାଙ୍କର ପରିଚୟେ ।
ହେଉଥିବି ତାଙ୍କ ବେଶ କରୁଥିବି ବ୍ରଜେ ବାସ କରୁଥିବି ତବରୂପ ଧ୍ୟାୟେ ହେ ।
ଦୀନବନ୍ଧୁ ।

କୃଷ୍ଣ ବୋଲି ଗାଉଥିବି ମୁଖେ ।  ଥିବି ସେ ଗୋପୀଙ୍କ ପାଖେ ପାଖେ ହେ ॥
ଏତେ କହି ଯଦୁମଣି ନୟନୁ ବରଷେ ପାଣି ଦେଖି ପଚାରନ୍ତି ନନ୍ଦବଳା ।
କି କହି ଅଛନ୍ତି ଗୋପୀ ତାହା ସେ କହି ସଂକ୍ଷେପି ଶୁଣିଲେ ତୁଟିବ ଦୁଃଖକଳା ।
ହେ । ଯଦୁମଣି ।

ଗୋପୀଙ୍କ ସମାନେ ଦୁଃଖୀ ନାହିଁ ।  ଗୋବିନ୍ଦ ବଚନ ଶୁଣି କହି ସେ ॥
କି କହିବି ଗୋପକଥା କହିଲେ ଲାଗଇ ବ୍ୟଥା ଅଶୋଭା ଦିଶଇ ବୃନ୍ଦାବନ ।
କାନ୍ଦୁଛନ୍ତି ଗୋପୀମାନେ କୃଶ ହୋଇ ଦିନେ ଦିନେ କ୍ଷୀର ନ ଦିଅନ୍ତି ଧେନୁମାନ
ହେ । ଦୀନବନ୍ଧୁ ।

କୃଷିମାନ ନ ଫଳଇ ଭଲେ ।  ବୃଷ୍ଟି ନ କରନ୍ତି ମେଘମାଳେ ହେ ॥
କୂପେ ନ ଦିଅନ୍ତି ଜଳ ବୃକ୍ଷେ ନ ଫଳନ୍ତି ଫଳ ସୁଗନ୍ଧପବନ ନ ବହଇ ।
ଏକା ତୁମ୍ଭ ବିଚ୍ଛେଦରୁ ସାହା ହେଲା ମହାଗରୁ କାହାର ମନେ ହରଷ ନାହିଁ
ହେ । ଦୀନବନ୍ଧୁ ।

ରଜନୀ ଦିବସେ ଝୁରୁଛନ୍ତି ।  ମହାକଷ୍ଟେ ଗୋପୀଏ ବଞ୍ଚନ୍ତି ହେ ॥
ନ ଘେନନ୍ତି ଗନ୍ଧ ପୁଷ୍ପ ନାନାଅଲଙ୍କାରେ ବେଶ ସୁସ୍ୱାଦୁ ପଦାର୍ଥ ନ ଭୁଞ୍ଜନ୍ତି ।
ନ ପିନ୍ଧନ୍ତି ଝୀନବାସ ଉଚ୍ଚେ ଛାଡ଼ନ୍ତି ନିଶ୍ୱାସ ହାହା ଗୋବିନ୍ଦ ବୋଲି ରୋଦନ୍ତି
ହେ । ଦୀନବନ୍ଧୁ ।

କ୍ଷଣେ କ୍ଷଣେ ଗଡ଼ନ୍ତି ମହୀରେ ।  ନ ଶୁଣନ୍ତି କହିଲେ କର୍ଣ୍ଣରେ ସେ ॥
ବୃକ୍ଷ ନ ଥିଲାର ଗିରି ଦିଶଇ ଯେମନ୍ତ ହରି ପଲ୍ଲବ ବିହୀନେ ଯେହ୍ନେ ଲତା ।
ଜଳ ବିନେ ଯେହ୍ନେ ମୀନ ସୂର୍ଯ୍ୟ ବିନେ ପଦ୍ମବନ କାନ୍ତବିନେ ଯେସନେ ବନିତା
ହେ । ଦୀନବନ୍ଧୁ ।

ସେହିରୂପେ ହୋଇଛନ୍ତି ଗୋପୀ ।  କେ କହିବ ସେ ଦୁଃଖ ସକ୍ଷେପି ହେ ॥
ଶଙ୍ଖାରି ତାମ୍ବୁଳିମାନେ କାଚରା ବଣିକଗଣେ ସୁନାରି ସହିତେ ପାଞ୍ଚଜାତି ।

ଗୋପପୁରୁଁ ପଳାଇଲେ ଅନ୍ୟ ଅନ୍ୟ ଦେଶେ ଗଲେ ଯେଣୁ ଗୋପୀ ସୁବେଶ
ନୁହନ୍ତି ହେ । ଦୀନବନ୍ଧୁ ।

ତାଙ୍କ ସଙ୍ଗେ ଗଲା ମାଳାକାର । ଯହିଁ ବିକା ନ ଗଲା ତାହାର ହେ ॥
ପୁଣି ଦେଖିଲି ବିଚିତ୍ର ଯେତେ ଦ୍ରବ୍ୟ ପଦ୍ମନେତ୍ର ବୃକ୍ଷର କୋମଳପତ୍ର ଛବି ।
ବୃନ୍ଦାବନେଣ ମିଳନ୍ତି ଶୁଣିମା ହେଉ ଶ୍ରୀପତି ତବ ବନେ ବିରହିସାଧବୀ ହେ ।
ଦୀନବନ୍ଧୁ ।

ବିରହଅନଳେ ତାପୀ ହୋଇ । ଶଯ୍ୟାକର ତହିଁପରେ ଶୋଇ ହେ ॥
ରାଜହଂସଶ୍ରେଣୀ ମୃଗ ଚନ୍ଦ୍ରମା ଗଜ ଅର୍ଣ୍ଣିଙ୍ଗ ବନପ୍ରିୟ ଆଦି କତି କତି ।
ଶାରଙ୍ଗ ନ କରେ ସ୍ୱନ ହୋଇଣ ଆନନ୍ଦମନ ଦେଖି ଦୁଃଖୀ ବିରହିଯୁବତୀ ହେ ।
ଦୀନବନ୍ଧୁ ।

କି କହିବି ଗୋପର ଉଦନ୍ତ । କ୍ଷୀଣ ହୋଇ ଅଛନ୍ତି ସମସ୍ତ ହେ ॥
ଚମ୍ପା ଜାତି କୁରୁବକ କଅଳୀ ମଲ୍ଲୀ ଅଶୋକ ଏ ଆଦି ଯେତେକ ପୁଷ୍ପମାନ ।
ଫୁଟନ୍ତି ଝଡ଼ନ୍ତି ତଳେ ପଡ଼ନ୍ତି ଅତି ପ୍ରବଳେ ଯେଣୁ ଗୋପୀ ନୁହନ୍ତି ମଣ୍ଡନ ହେ ।
ଦୀନବନ୍ଧୁ ।

ଗୋପପୁର ବାରତା ଏମନ୍ତ । ଶୁଣିଲେ ଶ୍ରବଣେ ଦେବ ହସ୍ତ ହେ ॥
ପୁଣିହିଁ ଅତି ବିଚିତ୍ର ଦେଖିଲି ପଙ୍କଜନେତ୍ର ଯମୁନା ପ୍ରବଳ ହୋଇଅଛି ।
କୂଳକୁ ଲଙ୍ଘି ତରଙ୍ଗ ଶୁଣି ବୋଲନ୍ତି ଶ୍ରୀରଙ୍ଗ କହ ଏଥି କି ବିଷୟ ଅଛି ହେ ।
ଯଦୁବୀର ।

ଶୁଣି କହେ ଶିରେ ଦେଇ ପାଣି । ଶୁଣ ସାବଧାନେ ସେ କାହାଣୀ ହେ ॥
ତବ ବିଚ୍ଛେଦରୁ କରି ରୋଦନ୍ତି ବିରହିନାରୀ ନୟନୁ ଲୋତକ ବହି ଯାଇ ।
ମିଶଇ ଯମୁନା ସଙ୍ଗେ ତେଣୁ ସେ ବଢ଼ଇ ରଙ୍ଗେ କୂତାନ୍ତ ଭଗିନୀ ଦୋଷ ନାହିଁ
ହେ । ଦୀନବନ୍ଧୁ ।

ବୃନ୍ଦାବନ କଥା ନ ପଚର । ମନେ ପଡି କମ୍ପଇ ମୋ ଉର ହେ ॥
ଏ ବାଣୀ ଶୁଣି ଗୋବିନ୍ଦ ବୁଜି ନେତ୍ରଅରବିନ୍ଦ ହୃଦରେ ସୁମରି ଗୋପୀଭାବ ।
ଟିକାକ ଅନ୍ତରେ ଧନ୍ୟ ସେ ଗୋପନବାସୀ ମୋହଠାରେ ଏଡ଼େବଡ଼ ଭାବ ସେ ।
ଗୋପୀମାନେ ।

ସତେକ କରିବେ ସୁରଶ୍ରେଷ୍ଠ । ସେମାନଙ୍କ ସଙ୍ଗେ ହେବ ଭେଟ ହେ ॥
ଏତେବୋଲି ଭାବଗ୍ରାହୀ ଉଦ୍ଧବେ ମେଲାଣି ଦେଇ ନିଜପୁରେ ରହିଲେ ମାଧବ ।
ସେ ଗୋବିନ୍ଦ ପାଦଯୁଗେ ଯେ ଭଜଇ ଅନୁରାଗେ ସେହି ଜନ ସଂସାରୁ ତରିବ
ହେ । ନରମାନେ ।

ଆନ ଦେବ ଦେବୀ ଦୂରେ ତେଜି । କରବଧି ହରିରସେ ମଜ୍ଜି ହେ ॥
ଦେଖ ଏ ଅନିତ୍ୟ ଅଙ୍ଗ କ୍ଷଣକେ ହୁଅଇ ଭଙ୍ଗ ଚିର ହୋଇ କେବେହେଁ ନ ରହେ ।
ଧନ ଜନ ତାତ ମାତ ଏ ଯେନ ବଜୁଳମତ କେହି କାହା ସଙ୍ଗରେ ନ ଯାଏ ହେ ।
ନରମାନେ ।

ଏଣୁ ଭଜ ଗୋବିନ୍ଦ ଚରଣ । ନ ପାଇବ ଯମର କଷଣ ହେ ॥

ସର୍ବ ଜୀବେ ଦୟା କହ ମୁଖେ ହରେକୃଷ୍ଣ କହ କାମ କ୍ରୋଧ ଆଦି ଲୋଭ ମୋହ ।
ମଦ ମାତ୍ସର୍ଯ୍ୟ ସଂହର ତେଜ ଏ ଷଡ଼୍‌ରିପୁର ସଦାକାଳେ କରନ୍ତି ଏ କୋହ ହେ ।
ନରମାନେ ।

ବାସୁଦେବ ସ୍ମରଣେ ଘୁଞ୍ଚନ୍ତି । ଯେ ଭଜନ୍ତି ତାହାଙ୍କୁ ମୁଞ୍ଚନ୍ତି ହେ ॥
ଦେଖୁଅଛତ ସାକ୍ଷାତେ ମରିଯାଉଛନ୍ତି ଯେତେ କେହି କିଛି ସଙ୍ଗେ ନ ନିଅନ୍ତି ।
ବିଅର୍ଥେ ହେଉଛ ବଣା ଚକ୍ଷୁ ଥାଉଁ ହୁଅ କଣା ଭଜ ଯାହା ଗୁରୁ କହିଛନ୍ତି ହେ ।
ନରମାନେ ।

ଯେବେ ଭୟ ଅଛଇ ଯମକୁ । ତେବେ ଆଶ୍ରେ କର ଗୋବିନ୍ଦଙ୍କୁ ହେ ॥
ନିର୍ଦ୍ଦୟ ସେ ଜନ୍ତୁରାଜା କରଇ ଯେତେ ତରଜା ତିଳେ ସେ ଉପ୍ରୋଧ ନ କରଇ ।
ଶୁଣୁ ଅଛତ ପୁରାଣେ କୃଷ୍ଣ ନ ଭଜିଲା ଜନେ ନରକରେ ତାହାଙ୍କୁ ବୁଡ଼ାଇ ହେ ।
ନରମାନେ ।

ଏହା ଜାଣି ଛାଡ ସର୍ବମାନ । କର ରାଧା ଗୋବିନ୍ଦଙ୍କ ଧ୍ୟାନ ହେ ॥
ଭକତ ଚରଣ ଦାସ ହୋଇଲା ବଡ଼ ନିରାଶ ଯେଣୁ ନ ପାଇଲା ସାଧୁସଙ୍ଗ ।
ସଂସାରସାଗରେ ଜଡ ନରତେ ରହିଲା ବୁଡ଼ି ମଲା ବାଜି ବିଷମ ତରଙ୍ଗ ହେ ।
ସାଧୁମାନେ

ଦେଖି ଦୟା ଅଧମକୁ କର । ତୁମ୍ଭ ପାଦ ଦିଅ ମୋର ଶିର ହେ ॥

---

## ଆରତ ତ୍ରାଣ ଚୌତିଶା

BY DINAKRISHNA DAS

ରାଗ—କାମୋଦୀ

କୃପାସିନ୍ଧୁ ବଦନ କରି ଅବଲୋକନ କେଉଁ କରମହୀନ ଜନ ।
କାକୁସ୍ଥତର ହୋଇ କରଯୋଡ଼ି ଜଣାଇ ଗରୁଡ଼ସ୍ତମ୍ଭ ସନ୍ନିଧାନ ହେ । ମହାପ୍ରଭୁ ।
କୃପାସରିତପତି ହୋଇ । କରମହୀନଜନ ତହିଁ ।
କରୁଣା କଲ ନାହିଁ କିପାଁ ହେ ଭାବଗ୍ରାହୀ କହ ମୁଁ ବିଚାରି ମଣଇଁ ହେ । ମହାପ୍ରଭୁ ॥
ଖିଳ ବ୍ରହ୍ମାଣ୍ଡୋଦରେ କର୍ମହୀନ ଜନରେ ଯେଣୁ ମୋ ସମ ଆନ ନାହିଁ ।
ଖଗତିଳକକାନ୍ତ ସେ କାରଣୁ ଏମନ୍ତ ଖେଦଆରତେ କହିଲଇଁ ହେ ମହାପ୍ରଭୁ ।
ଖଣ୍ଡିଲ ନାହିଁ ଯେଣୁ ମୋର । ଖେଦକରୁଣାରତ୍ନାକର ।
ଖିଳବ୍ରହ୍ମାଣ୍ଡଧର ଖଣ୍ଡି ନାହିଁ କାହାର କେଉଁ ବିପତ୍ତି ବିଶ୍ୱମ୍ଭର ହେ ମହାପ୍ରଭୁ ॥

ଗଜରାଜକୁ ଜଳେ ଗ୍ରାହ ଗ୍ରାସିବାକାଳେ ଡାକିଲା ରଖ ଆଦିମୂଳ ।
ଗୁରୁତର ଆତଙ୍ଗ ଜାଣିଣ ତା ଶ୍ରୀରଙ୍ଗ ରଥାଙ୍ଗ ପେଷି ତତକାଳ ହେ । ମହାପ୍ରଭୁ ।
 ଗ୍ରାହ ଜୀବନେ ନିବାରିଲ । ଗଜ ବିପତ୍ତିରୁ ତାରିଲ ।
ଗରୁତ୍ମାନକେତନ ମମ କର୍ମକୁ ଦେଖି ନିରାଶ ନିରବଧି ହେଲି ହେ । ମହାପ୍ରଭୁ ।
ଘନଶ୍ୟାମ ହେ ଘନବିପଦବିନାଶନ ବିଶ୍ୱରୁ ଥାଇ ମନେ ମୋର ।
ଘୋର ବିପତ୍ତି ଛାର କେତେ ମାତ୍ର ଯାହାର ପ୍ରଭୁ ମହିମା ଅକୂପାର ହେ । ମହାପ୍ରଭୁ ।
 ଘନେ ଏ କଥା ମନେ ଥିଲା । ଘୃଣା କି କାରଣେ ହୋଇଲା ।
ଘୋର ବିପତ୍ତି ମୋର ହୋଇ ଘଟକୁମ୍ଭର ମହିମାବାରିଧି ଶୋଷିଲା ହେ । ମହାପ୍ରଭୁ ।
ନୀରକ୍ଷ-ନିସ୍ତାରଣ କାରଣେ ପ୍ରହରଣ କରକମଳରେ ବହିଛ ।
ନିଧନ ସମୟରେ ନୀରକ୍ଷଜନଠାରେ ନିର୍ଦ୍ଦୟ ହୃଦୟ ହେଉଛ ହେ । ମହାପ୍ରଭୁ ।
 ନୀଳାଚଳରେ ତୁମ୍ଭେ ଥିବ । ନୀରକ୍ଷ ଜନ ନାଶ ଯିବ ।
ନିଖିଳ-ନିକେତନ ନବପଞ୍ଚଭୁବନ ମଧ୍ୟରେ କେମନ୍ତ ଶୁଭିବ ହେ । ମହାପ୍ରଭୁ ।
ଚତୁଃବର୍ଗ ଯାହାର ଚରଣେ ପରିଚର ଚଞ୍ଚଳା ଯାର ଆଜ୍ଞାକାରୀ ।
ଚିହ୍ନି ଯାହା ଶ୍ରୀମୁଖ ଚ୍ୟୁତ ଦୁରିତ ଦୁଃଖ ସେ ପ୍ରଭୁ ଭୃତ୍ୟହିଁ ଭିଖାରି ହେ
 ମହାପ୍ରଭୁ ।
 ଚତୁର୍ଦ୍ଦଶଭୁବନ-ପ୍ରାଣି । ଚକିତ ହେବେ ଏହା ଶୁଣି ।
ଚିତ୍ର ନୋହେ କି ଏହୁ କଥା ହେ ମହାବାହୁ ନୀଳଶଇଳଚୂଡ଼ାମଣି ହେ । ମହାପ୍ରଭୁ ।
ଛାଡ଼ି ସକଳ ଆଶ ତୁମ୍ଭ ପଦ-ସାରସ ଭରସା କରିଛୁ ସନ୍ତତେ ।
କ୍ଷୋଭସାଗରେ ପଡ଼ି ମରିବାକାଳେ ବୁଡ ଛାଡ଼ିତ ଦେଉଅଛ ମୋତେ ହେ । ମହାପ୍ରଭୁ ।
 କ୍ଷିତିମଣ୍ଡଳେ ତୁମ୍ଭ ବିନା । କ୍ଷଣେହେଁ ନାହିଁ ବ୍ରଜସେହ୍ନା ।
ଛଦ୍ମ ନୋହେ ଉଚିତ କହୁଛି ପ୍ରଭୁ ସତ୍ୟ ନିଶ୍ଚେ ଏତେବେଳକୁ ସିନା ହେ । ମହାପ୍ରଭୁ ।
ଜଗତ ଅନୁରାଗେ ଜାତ ଅବନୀଭାଗେ ଦଇବେ ଜଗତର ନାଥ ।
ଜଗତଜନଙ୍କର ଭିତରୁହିଁ ବାହାର ମୁହିଁ କି କାରଣେ ଅନାଥ ହେ । ମହାପ୍ରଭୁ ।
 ଜଗନ୍ନାଥ ନାମ ବହିଛ । ଜନଆରତି ନ ସହିବ ।
ଜଗତପତି ହୋଇ ଅନୀତି କଲାଠାଇଁ ଆଉ କେ କା ଆଗେ କହିବ ହେ । ମହାପ୍ରଭୁ ।
ଝଲିଛି ଏ ବଚନ ନବପଞ୍ଚଭୁବନ ଆରତିଭଞ୍ଜନ ଶ୍ରୀହରି ।
ଝଞ୍ଜିକା ମଣି ଅଛି କିପାଁ ମୋ ବିଷୟରେ ବିନାଶକାଳେ ଦଇତାରି ହେ । ମହାପ୍ରଭୁ ।
 ଝାଡ଼େ ଡାକିଲା ଗର୍ଭିଣୀ । ଝଟିତରେ ତା ଡାକ ଶୁଣି ।
ଝିମିଟେ ସେ ବିପତ୍ତି ହରିଲ ହେ ଶ୍ରୀପତି ଜନେ ନିର୍ଦ୍ଦୟ କିପାଁ ପୁଣି ହେ ! ମହାପ୍ରଭୁ ।
ନିର୍ଦ୍ଦୟା ଥିଲେ ଚିତ୍ତେ କହ ହେ ପ୍ରଭୁ ମୋତେ ମୋ ଜୀବ ପ୍ରତିଆଶା ଫିଟୁ ।
ନିଶ୍ଚେ କରୁଣାନିଧି ହେଲେ ନିର୍ଦ୍ଦୟନିଧି ବୋଲି ତ୍ରିଭୁବନେ ପ୍ରକଟୁ ହେ । ମହାପ୍ରଭୁ ।
 ନିଶ୍ଚେ ନିର୍ଦ୍ଦୟ ହେବ ଯେବେ ନିଖିଳେ ଆଉ ନିକ ଥିବେ ।
ନାଗନୃପତି ସୁର ସମୀର ନିଧିଧର ଯେ ଯାହା ସତ୍ୟକୁ ଲଙ୍ଘିବେ ହେ । ମହାପ୍ରଭୁ ।
ଟିକାଏ ବିଳମ୍ବିତ ନ କରି ପାଣ୍ଡୁସୁତ ଯୋଷିତ ସଙ୍କଟୁ ତାରିଲ ।

ଟେକ ଦୁଃସହ ଘୋର ଦାରିଦ୍ର ସୁଦାମାର ଦର୍ଶନ ମାତ୍ରକେ ହରିଲ ହେ । ସଦାପ୍ରଭୁ ।
ଟେକ କରୁଣା କଟାକ୍ଷରେ । ଟିକାଏ ବିଲୋକିଲେ ମୋରେ ।
ଟଳବିକ ମହିମାସାଗର ସୁଖସୀମା ଏମନ୍ତ ବିଚାରି ମନରେ ହେ । ମହାପ୍ରଭୁ ॥
ଠାବ ନ କଲି ଚିତ୍ତେ କେଉଁ ଦୋଷକୁ ମୋତେ ନିରାଶ କରୁଛ ଗୋସାଇଁ ।
ଠାକୁର ହୋଇ ଭୃତ୍ୟଠାରେ କଲେ ଏମନ୍ତ ଆଉ କା ଆଗେ କହିବଇଁ ହେ ।
ମହାପ୍ରଭୁ ।
ଠୁଳବିପତ୍ତି ଦେଖି ମୋର । ଠିକେ ବା କରୁଛ ଅନ୍ତର ।
ଠଣ ପଦ୍ମଚରଣ ବିନୁ ପ୍ରତିକାରଣ ଅଛୁ କେ ବ୍ରହ୍ମାଣ୍ଡ ଭିତରେ ହେ । ମହାପ୍ରଭୁ ॥
ଡେରିଥିଲି ଶ୍ରବଣ ଗଜ ଆଦି ବ୍ରାହ୍ମଣ ଡ଼ାକିଲା ମାତ୍ରକେ ଶୁଣିଲ ।
ଡୋଳା ଗୋଚରେ ଥାଇ ଡାକିଲେ ନ ଶୁଭଇ କର୍ଣ୍ଣେ କି କୁହର ମୁଦିଲ ହେ ।
ମହାପ୍ରଭୁ ।
ଡାକ ବାଜୁଛି ଜଗତରେ । ଡ଼ାକିଲେ ନ ଶୁଣ କର୍ଣ୍ଣରେ ।
ଡରିଲ କି ମୋହର ବିପଦ ଦେଖି ଘୋର ତେଣୁ ବା ନ ଶୁଣୁଛ ବାରେ ହେ ।
ମହାପ୍ରଭୁ ॥
ଢାଲେ ତୁମ୍ଭ ବାହାରେ ଅଛୁ କେ ଜଗତରେ କା ଆଗେ ଜଣାଇବି ଆଉ ।
ଢାଲେ ବିପଦାର୍ଣ୍ଣବେ ଭାସୁଛି ଭୃତ୍ୟ ଏବେ ତୁମ୍ଭ ପରି ଏ ପ୍ରଭୁ ଥାଉଁ ହେ । ମହାପ୍ରଭୁ ।
ଢମାଳି ପ୍ରାୟେ ମୋ ଉତ୍ତର । ଢାଳେ ନ ମଣ ଚକ୍ରଧର ।
ଢଳ ନ ଯାଉ ଜୀବ ଦେଇ କରୁଣାନାବ ଉଦ୍ଧରିଧର ବିଶ୍ୱମ୍ଭର ହେ । ମହାପ୍ରଭୁ ॥
ଆହେ ହେ ମହାବାହୁ ବିପଦଚନ୍ଦ୍ରରାହୁ ଆଜ୍ଞା ଯେ ଦେଇଛ ଶ୍ରୀମୁଖେ ।
ଆରତି ଜନ ହେଲେ ଆରତରେ ଡାକିଲେ ମୁଁ ତାହା ନ ସହିଇ ରେଖେ ହେ ।
ମହାପ୍ରଭୁ ।
ଆଉ ଆରତି ମୋହପରେ । ଅଛୁ କେ ବ୍ରହ୍ମାଣ୍ଡ ଭିତରେ ।
ଆରତତ୍ରାଣ ତାହା ଜାଣ ହେ ଚଉବାହା ପ୍ରତ୍ୟୟ ନାହିଁ ମୋ ମନରେ ହେ ।
ମହାପ୍ରଭୁ ।
ତୁମ୍ଭେ ତ୍ରିତାପହର ତ୍ରିଭୁବନ ଈଶ୍ୱର ଆରତଜନ ନିସ୍ତାରଣ ।
ତେଣୁ କରି ମୋହର ଭରସା ନିରନ୍ତର ଯେଣୁ ମୁଁ ପତିତଭୂଷଣ ହେ । ମହାପ୍ରଭୁ ।
ତଥାପି କରୁଣାନିଧାନ । ତ୍ରାହି ନ କଲେ ଦୀନଜନ ।
ତେଣୁ ତୁମ୍ଭର ଦୀନବନ୍ଧୁ ନାମ କେତନ ତେଜ ତ୍ରିଭୁବନମୋହନ ହେ । ମହାପ୍ରଭୁ ॥
ଥୟ ନୋହୁଛି ମନ ଯେହ୍ନେ ବିଜୁଳୀ ଘନ ନଳିନୀଦଳବନ ପ୍ରାୟ ।
ଥିଲା ଯେଉଁ ପ୍ରଭୁଙ୍କୁ ଆଶା ଉଦ୍ଧାରିବାକୁ ଦେଖି ସେ ପ୍ରଭୁଙ୍କୁ ନିର୍ଦ୍ଦୟ ହେ । ମହାପ୍ରଭୁ ।
ସ୍ଥୁଳେ କେ ଅଛୁ ଜଗତରେ । ଥୟ ବା କେ କରିବ ମୋରେ ।
ସ୍ଥିତି ଆଦି ପ୍ରଳୟେ ଯାହା ଆଜ୍ଞାରେ ହୁଏ ସେ ପ୍ରଭୁ ନ ରଖିଲାଠାରେ ହେ ।
ମହାପ୍ରଭୁ ॥
ଦୟାସାଗର ବୋଲି ଦମ୍ଭ ତେଜି ଭଜିଲି ଅମ୍ବୁଜ-ଚରଣେ ତୁମ୍ଭର ।

ଦେଲେ ଯାହା ବିବୁଧପତିପଦ ବିଶୁଦ୍ଧ ମୋ କର୍ମେ ଦୟାହିଁ ଦୁସ୍ତର ହେ । ମହାପ୍ରଭୁ ।
ଦୀନବନ୍ଧୁ ନାମ ତୁମ୍ଭର । ତ୍ରିସପ୍ତ ଲୋକରେ ବିସ୍ତାର ।
ଦେଖୁ ଦେଖୁ ଦୁର୍ଗତି ଦେଉଛ ଦଣ୍ଡ ଅତି ଏ କୃପା ହୋଇବ କାହାର ହେ ।
ମହାପ୍ରଭୁ ॥
ଧରଛ ଏହି ସୁଖ ମନେ ହେ ପଦ୍ମମୁଖ ଅଭୟ ପଞ୍ଜରେ ପଶିଲେ ।
ଧରି ଦାରୁଣ ମୂର୍ତ୍ତି ହୋଇ ସଙ୍କୋଚ ଅତି ବିଷମ ବିପଦ ଗ୍ରାସିଲେ ହେ । ମହାପ୍ରଭୁ ।
ଧରି ଯାହା ନାମ ମନରେ । ଧ୍ରୁବ ପ୍ରହ୍ଲାଦ ନିସ୍ତାରିଲେ ।
ଧରି ହୃଦେ ଭରସା ପତିତ ପ୍ରତିଆଶା କରିଛ ରଜନୀ ବାସରେ ହେ । ମହାପ୍ରଭୁ ॥
ନିଗୂଢ଼ ସଙ୍କଟକୁ ପେଷ ସୁଦର୍ଶନକୁ ଏବେ କି କାରଣେ ନ ପେଷ ।
ନିଶ୍ଚେ ମୀରକ୍ଷ ନାଶ ଗଲେ ହେ ହୃଷୀକେଶ ଏଥି କି ହୋଇବ ପୌରୁଷ ହେ ।
ମହାପ୍ରଭୁ ।
ନ ସହି ଆଉତ ବିଳମ୍ବ । ନିସ୍ତାରିଛ ନୃତ କଦମ୍ବ ।
ନିଧନ ସମୟରେ ମୀରକ୍ଷ ଜନଠାରେ ଏବେ କି କାରଣେ ବିଳମ୍ବ ହେ । ମହାପ୍ରଭୁ ॥
ପରିହରି ସକଳ ଆଶା ହେ ଆଦ୍ୟମୂଳ ପଶିଛି ଶରଣ ତୁମ୍ଭର ।
ପ୍ରଭୁ ତ ଅବଗ୍ୟର କରି ଦେଉଛ ଘୋର-ବିପଦ ସଙ୍କଟ ମୁଖର ହେ । ମହାପ୍ରଭୁ ।
ପରାପର ତୁମ୍ଭର ନାହିଁ । ପରମ ଦୟାଳୁ ଗୋସାଇଁ ।
ପତିତଗତି ହୋଇ ପତିତଜନ ଠାଇଁ ଏଡ଼େ ନିର୍ଦ୍ଦୟ କାହିଁ ପାଇଁ ହେ । ମହାପ୍ରଭୁ ।
ଫେଡି କହିବ କେତେ ଭରସା ଅଛି ଯେତେ ତୁମ୍ଭ ଶ୍ରୀଚରଣେ ମୋହର ।
ଫୁଲେନ୍ଦୀବରେକ୍ଷଣ ତୁମ୍ଭେ ତ ତାହା ଜାଣ ଜାଣି କରୁଛ କିପାଁ ଦୂର ହେ । ମହାପ୍ରଭୁ ।
ଫନ୍ଦା ମୁଁ କରିଛି ତୁମ୍ଭଙ୍କୁ । ଫାଇଁ ଦୁସ୍ତରୁ ତରିବାକୁ ।
ଫଣିଶୟନ ଦୀନବାନ୍ଧବ ହୋଇ ଭିନ୍ନ ନ କର ମୀରକ୍ଷଜନକୁ ହେ । ମହାପ୍ରଭୁ ॥
ବନଜ-କର ଯାନ-ଚରଣ ବିଲୋକନ କରି ପ୍ରମୋଦ ହେଉଥାଇ ।
ବିଷମ ସମୟରେ ମୋହ ପକ୍ଷପାତରେ ପ୍ରତିକାର କରିବା ପାଇଁ ହେ । ମହାପ୍ରଭୁ ।
ବିଷମ ସଙ୍କଟ ପଡ଼ିଲା । ବାରେ କି ଚକ୍ର ନ ଭେଦିଲା ।
ବିନାଶିବାରୁ ଗାଢ଼ ବିପତ୍ତିମାନ ଦାଢ଼ ଚକ୍ର ବା ବକ୍ରକୁ ଭଜିଲା ହେ । ମହାପ୍ରଭୁ ॥
ଭୂମୀଭାର ହରଣେ ପତିତ ନିସ୍ତାରଣେ ଭୃତ୍ୟଙ୍କୁ ଉଦ୍ଧାରିବା ପାଇଁ ।
ଭାବେ ନୀଳକନ୍ଦରେ ବିଜେ କରିଛ କରେ କମ୍ବୁ ଚକ୍ର ଭୂଷିତ ହୋଇ ହେ ।
ମହାପ୍ରଭୁ ।
ଭକ୍ତବତ୍ସଳ ତୁମ୍ଭ ବାନା । ଭବଭୟକୁ ବିଜ୍ରସେନା ।
ଭବସାଗରେ ଯେବେ ଭୃତ୍ୟ ଭାସିବ ଏବେ ସେ ନିନ୍ଦା ତୁମ୍ଭଙ୍କୁହିଁ ସିନା ହେ ।
ମହାପ୍ରଭୁ ॥
ମହାପ୍ରଭୁ ଅନ୍ତର କରିଲେହେଁ ମୋହର ତୁମ୍ଭ ବିହୁନେ ଅନ୍ୟ ନାହିଁ ।
ମୃଗ ଧୃତ ଚକୋର ଶୃତକ ଜଳଧର ମୀନ ଜୀବନ ପ୍ରାପ୍ୟ ହୋଇ ହେ । ମହାପ୍ରଭୁ ।
ମୋତେ ଯେବେ ଦୟା ନୋହିବ । ମୋ ଜୀବ କ୍ଷଣେ ନ ରହିବ ।

ମହତ କରି କହୁଅଛ ହେ ମହାବାହୁ ସବୁରି ସଂଶୟ ରହିବ ହେ । ମହାପ୍ରଭୁ ।
ଯାହା ନାମ ସ୍ମରଣେ ମରଣଭୟ କ୍ଷଣେ ନୋହେ ଦଣ୍ଡଧର ଦଣ୍ଡକୁ ।
ଜଗତ ନିସ୍ତାରଣ ଥାଉଁ ଏତେ ଦାରୁଣ ହୋଇବ ବିପତ୍ତିକାଳକୁ ହେ । ମହାପ୍ରଭୁ ।
ଜୀବ ଯିବାର ବଡ଼ ସୁଖ । ଜୀଇବା ସମ ନାହିଁ ଦୁଃଖ ।
ଯାହା ସାମନ୍ତ ଚଉବର୍ଗରେ ଅଧିକାରୀ ତାହା ସେବକର ଏ ଦୁଃଖ ହେ । ମହାପ୍ରଭୁ ।
ରାଜୀବପଦ ଯାର ପାଷାଣ କରେ ନର ଶୋକ କଲୁଷ ନିବାରଣ ।
ରଙ୍କ ପ୍ରାୟେ ତାହାର ପରିଚ୍ଛର ହେବାର ଏ କି ପ୍ରଭୁଙ୍କୁ ଭୂଷଣ ହେ । ମହାପ୍ରଭୁ ।
ରମା ଯାହାର ପ୍ରିୟବତୀ । ରସାଦି ତ୍ରୈଲୋକ୍ୟର ପତି ।
ରତି ଏତ ସୁନ୍ଦର ନୋହିଲା ମୋ ଉତ୍ତର ଏମନ୍ତ ପ୍ରଭୁର ଏ ରୀତି ହେ । ମହାପ୍ରଭୁ ।
ଲଲାଟର ଲିଖନ କେ କରି ପାରେ ଆନ ଏମନ୍ତ ଆଜ୍ଞା ହେବ ଅବା
ଲଭି ତୁମ୍ଭଙ୍କୁ ପତି ପଣେ ହେ ରମାପତି କର୍ମକୁ କପାଁ ଆଦରିବା ହେ । ମହାପ୍ରଭୁ ।
ଲୀଳା ମାତ୍ରକେ ଏ ସଂସାର । ଲୂତା ପ୍ରାୟେ କରି ସଂହାର ।
ଲୋକ କର୍ମକୁ ଏହୁ କଥା ହେ ମହାବାହୁ ଏହା କି ବିଚ୍ଛିର ମନରେ ହେ । ମହାପ୍ରଭୁ ।
ବିଟପ୍ର କରି ଗୁରୁପୁତ୍ର ଶମନପୁରୁଁ ଇଷିତ ମାତ୍ରକେ ଆଣିଲ ।
ବିଂଶକର ଅମରବର କରିଣ ଦୂର ବନାଶି ବଧିକ ଜିଣିଲେ ହେ । ମହାପ୍ରଭୁ ।
ବିଷମ ସଙ୍କଟୁ ଉଦ୍ଧର । ବିଶ୍ୱସଂସାରୁ ପାରି କର ।
ବିଶେଷ ବାଞ୍ଛାନିଧି ବାଂଛ କର ପ୍ରସିଦ୍ଧି ବୋଲି ଅନେକ ବାଂଛ ମୋର ହେ ।
ମହାପ୍ରଭୁ ।
ସେବକ ହୋଇ କରି ପ୍ରଭୁ କୋପକୁ ଡରି ଭରସି ଯେବେ ନ କହିବ ।
ଶୁଣ ମହିମାମେରୁ ଏ ଦୁଃଖ ଜଳଧିରୁ କେମନ୍ତ ପ୍ରକାରେ ତରିବ ହେ । ମହାପ୍ରଭୁ ।
ସବାଜ୍ଞ ପୁରୁଷ ଗୋସାଇଁ । ସକଳ ଜୀବ ହୃଦେ ଥାଇ ।
ସେବକ ଦୁଃଖ ଜାଣି ଦୟା ନ କଲେ ପୁଣି ଅଉ ଜାଣନ୍ତା ଅଛି କେହି ହେ ।
ମହାପ୍ରଭୁ ।
ଶେଷ ବିରଞ୍ଚି ଶିବ ସୁର ଆଦି ବାସବ ଶୁକ ସନକ ସନାତନ ।
ସେବେ ଯେଉଁ ପୟରେ କୋଟି ଅଂଶଲକ୍ଷରେ ମୁଁ ଦାସପଣେ କି ଭାଜନ ହେ ।
ମହାପ୍ରଭୁ ।
ସବୁ ଭରସା ଅଛି ଏଣୁ । ଶରଣ ନିସ୍ତାରଣ ଯେଣୁ ।
ଶୁଣିଅଛି ଆହୁରି କଥାଏ ତପ୍ର କରି ସୁମେରୁସମ କରି ରେଣୁ ହେ । ମହାପ୍ରଭୁ ।
ଶୁଣି ତୁମ୍ଭ ଭରସା-ବିଶ୍ରାମ ନାମେ ଆଶା ନିବେଶି ଅଛି ଶ୍ରୀଚରଣେ ।
ସୁଖ-ସାଗର ହୋଇ ଦୁଃଖ-ସାଗରେ ନେଇ ମେଲି ଦେଉଛ ଅକାରଣେ ହେ ।
ମହାପ୍ରଭୁ ।
ସେବିଛି ତୁମ୍ଭ ପାଦ ଦୁଇ । ଶୋକସିନ୍ଧୁ ତରିବା ପାଇଁ ।
ଶ୍ରୀବତ୍ସଲାଞ୍ଛନ ହେ କର ପ୍ରତିକାରଣ କରୁଣା କଟାକ୍ଷେ ଅନାଇଁ ହେ । ମହାପ୍ରଭୁ ।
ହୃଦୟେ ଅଛି ମୋର ଏ ସଂସାର-ସାଗର ତରିବ ତୁମ୍ଭ ମହିମାରୁ ।

ହେଉଅଛି ସଂଶୟେ ଯେଣୁ ମୋର ବିଷୟେ ଅକରୁଣା ମହିମାମେରୁ ହେ ।
ମହାପ୍ରଭୁ ।

ହୋଇଲା କର୍ମ ମୋ ବଇରୀ । ହୃଦୟେ ନୁହଇ ମୋହରି ।
ହେତୁ କର୍ମର ତୁମ୍ଭେ ଚେଣୁକରି ଅଦମ୍ଭେ ତୁହାରି କଲି ଦଇତାରି ହେ । ମହାପ୍ରଭୁ ।
କ୍ଷମାସାଗର ବୋଲି ଛାମୁରେ ସିନା ମୁହିଁ ଜଣାଉଅଛି ଏଣୁବାରେ ।
କ୍ଷଣେହେଁ ମୋହ ମନ ନ ରହେ ତୁମ୍ଭ ଧ୍ୟାନ ଗୁଣ ଗାୟନମାନଙ୍କରେ ହେ ।
ମହାପ୍ରଭୁ ।

କ୍ଷୋଭ ଯେବେ ମନେ ନୁହନ୍ତା । କ୍ଷଣେହେଁ ନାମ କେ ଜପନ୍ତା ।
ଛାର ଦୀନପାମର କୃଷ୍ଣ କପିଁାଇ ଛାର ଭବସାଗରକୁ ତରନ୍ତା ହେ । ମହାପ୍ରଭୁ ।

---

# ନାବକେଳି

## By DINAKRISHNA DAS

ଏମନ୍ତ ବିଚାର କରନ୍ତେ ଏଣେ । ନାବ ଗୋଟାଏକ ଦଶିଲା ତେଣେ ।
କୃଷ୍ଣ ବୋଲି ତାଙ୍କୁ ନ ଜାଣୁ କେହି । ମାୟାରୂପେ ଛଳ କେଉଟ ହୋଇ ।
ଅହ୍ଲାଲ ଦଉଡ଼ି ବାନ୍ଧିଛି ଟାଣି । ଦଦରା ନାବରୁ ବହୁଛି ପାଣି ।
ପାକଲା ଦଉଡ଼ି କନ୍ଧରେ ପାଡ଼ି । ନାବ ପୂର୍ବମଂଗେ ବସିଛି ମାଡ଼ି ।
କରେଣ ବହିଁଶି କଙ୍କଣ ଆଭା । ମୟୂରଖୁଣ୍ଟାର ମଥାରେ ଶୋଭା ।
ମୀନ ଖାଲୁଆଏ ଅଛି ପାଖର । ଜାଲ ପଡ଼ିଅଛି ନାବ ଭିତର ।
ତମାଳ କର ଗୀତ ପଦେ ଗାଇ । ସ୍ଥିର କରି ନାବ ଦେଉଛି ବାହି ।
ଏଡ଼େ ହଟିୟା ଗୋ ନନ୍ଦର ବସି । ବୃଦ୍ଧରୂପ ଧରି ନାବ ବାହୁଛି ।
ଅତି ପରପଞ୍ଚ ଖାଙ୍କର କେଶ । ଦେଖି ନ ଯୋଗାଏ ଏମନ୍ତ ବେଶ ।
ବେନନୟନରୁ ପେଚଡ଼ା ବହେ । ବାଙ୍କନୟନେ ଟେରିଆରେଁ ଚାହେଁ ।
ଗୋଦଡ଼ ହୋଇଛି ଡାହାଣ ଗୋଡ଼ । ବୁକୁରେ ପଡ଼ିଛି ପାକଲା ଥୋଡ଼ ।
କଳା ଦେହ ତାର ବସ୍ତ୍ରର ମୋଟା । ଦନ୍ତନାହି ବୁଢ଼ା ପାକୁଆ ଗୋଟା ।
ବଚନ କହିଲେ କୋମଳ ଭାଷେ । ହସିଲେ ବୁଢ଼ା ପରପଞ୍ଚ ଦଶେ ।
ତାହା ଦେଖି ଆମ୍ଭେ ଉଷତ ହୋଇ । ନାବ ଆଣ ବୋଲି ଡାକିଲୁଁ ଗୋଇ ।
ଜଣେ ଜଣେ ତୋତେ କଉଡ଼ି ଦେବୁଁ । ପାରି କରିଦେଲେ ମଥୁରା ଯିବୁଁ ।
ଆମ୍ବିଳ ହୋଇଲା ବିକା ଗୋରସ । ଆଉ ଘଡ଼ିକେ ସବୁ ଯିବ ନାଶ ।
ସକାଳପହରୁ ଅଛୁଁ ଅନାଇଁ । ବେଗେ ନାବ ଆଣ କେଉଟ ଭାଇ ।
ଅନେକ ପ୍ରକାରେ ଡାକିଲୁଁ ତାକୁ । କେଭେ ନ ଆସିଲା ଆମ୍ଭପାଖକୁ ।

ବଦନ ଟେକ କଣିଆଇଁ ଗୃହେଁ । ଏଣିକ ବୋଇଲେ ତେଣିକ ଯାଏ ॥
କାଲି ଯେସନେ ଥାଇ ପାଶେ ରହି । ଡାକ ଡାକ ମଲେ ଶୁଣଇ ନାହିଁ ॥
ମନେ ତାପ କରି ଅତି ଅହଙ୍କାରେ । ଗାଳିଦେଲୁଁ ତାକୁ ନାନାପ୍ରକାରେ ॥
ପଡ଼ି ନ ମଲୁରେ ଜାଡୁଆଗୋଠା । କାଲି ହୋଇଲୁ କି ଆରେ କେଉଟା ॥
ଡାକ ଡାକ ଆମ୍ଭେ ମରୁଛୁଁ ଏଣେ । ସର୍ପ ଖାଉ ତୋର ବେନି ଶ୍ରବଣେ ॥
ଦଇବ ଯେମନ୍ତ ହୋଇବ ସତ । ବୁକୁରେ ତୋର ମାଡ଼ିବସୁ ଭୂତ ॥
ନାବ ମଂଗଖଣ୍ଡ ପଡ଼ିବ ଛୁଡ଼ି । ମହିନଈରେ ତୁ ମରିବୁ ବୁଡ଼ି ॥
ଅହ୍ଲାଲ ଦଉଡ଼ି ଛୁଡ଼ିଣ ଯାଉ । ନାବ ବୁଡୁ ତୋତେ କୁମ୍ଭୀର ଖାଉ ॥
ଏକମୁଖ ହୋଇ ସର୍ବ ଗୁଆଲୀ । ନାନାପ୍ରକାରେ ଦେଉଅଛୁଁ ଗାଳି ॥
ଏମନ୍ତ ଶ୍ରୀକୃଷ୍ଣତ ଲଯ୍ୟ କଲେ । କେ ତୁମ୍ଭେ ବୋଲିଣ କୋପେ ବୋଇଲେ ॥
ଦଦରା ନାବରେ ଅଛଇଁ ଚଢ଼ି । କାହିଁକି ମରୁଛ ବୋବାଳି ପାଡ଼ି ॥
ଆମ୍ଭେତ ତୁମ୍ଭର ତରାଇ ନୋହୁ । ମୀନ ମାରିବାକୁ ନଦୀରେ ଥାଉଁ ॥
ଭାତ ବରତନ ଦେଇଛ କେତେ । ତହିଁକି ତେଜ ଲୋ କାଢୁଛ ଏତେ ॥
ଗୋପୀଏ ବୋଇଲେ ତରାଇ ଭାଇ । ଉଚିତ କଥାକୁ ଚଲୁ କପାଁଇ ॥
ତୋହ ଦୁଃଖ ମୂଲ କଉଡ଼ି ଦେବୁଁ । ପାରି କରିଦେଲେ ମଥୁରା ଯିବୁଁ ॥
ପଣେ ପଣେ ଦେଲେ ଅଣ୍ଟଇ ସିନା । କାହିଁକି ଭାଲୁଛୁ କେଉଟ ନନା ॥
ତୋହ ପେଟଭାତ ନ ଦେବୁ ନକ । ବେଗେ ପାରିକର ସର୍ବ ଗୋପୀଙ୍କି ॥

## ଅଲଙ୍କାରବୋଲି

### By DINAKRISHNA DAS

ଦିନେ ହୋଇଲେ କାଚରାମୂରତି । ଦିନେ କୁଞ୍ଜବନେ ହେଲେ ନୃପତି ॥
ଦିନେ ମୂଷା ହୋଇ ଖୋଷା କାଟିଲେ । ଦିନେ ମାର୍ଜ୍ଜାରୀସ୍ୱରୂପ ଧଇଲେ ॥
ଦିନେ ଗୁଣିଆ ହୋଇଲେ ଗୋପରେ । ଦିନେ ଭୃତ ହେଲେ ରାଧାମନ୍ଦିରେ ॥
ଦିନେ ମାଳୀ ହୋଇ ଫୁଲ ଗୁନ୍ଥିଲେ । ଦିନେ ଶଙ୍ଖାରିମୂରତି ଧଇଲେ ॥
ଦିନେ ହୋଇଲେ ଅପୂର୍ବମୂରତି । ଦିନେ ଦିନେ ନଟବର ହୁଅନ୍ତି ॥
ଦିନେ ରଙ୍ଗଣୀମୂରତି ଧଇଲେ । ଦିନେ ପାଟୁଆଲବେଶ ହୋଇଲେ ॥
ତହିଁ ବିଚାରି କରନ୍ତି ଶ୍ରୀହରି । ଆଜ ରାଧାକୁ ଭେଟିବି କପରି ॥
ଯେଉଁ କଥାରେ ରସନ୍ତି କାମିନୀ । ଆଜ୍ଞା ସେହି ପଦାର୍ଥ ଯିବା ଘେନି ॥
ଏତେ ବିଚାରି ମନରେ ଶ୍ରୀପତି । ରଙ୍ଗେ ହୋଇଲେ ସୁନାରି ମୂରତି ॥
କପଟରେ ରଚିଲେ ଅଲଙ୍କାର । ଯହିଁ ଶରଧା ହେବ ରାଧିକାର ॥

ରଙ୍ଗବସ୍ତ୍ର ପାଗ ମୁଣ୍ଡେ ବାନ୍ଧିଲେ । ସୁନାଜରି ଫେର ତହିଁ ଭିଡ଼ିଲେ ।
ଭାଲେ ଚନ୍ଦନଚିତା ମନୋହର । ନାସାପୁଟେ ସୁନାଦଣ୍ଡି ରୁଚିର ।
କର୍ଣ୍ଣତଟେ ମୁକୁତା ହୀରବଲ୍ଲୀ । ଦେଖି ପାଷାଣ ଯିବତ ତରଳି ।
ଦନ୍ତ ପାନେ ପାଟ ଶୋଭା ଦିଶୁଛି । ତହିଁ ସୁନାଖିଲମାନ ମରିଛି ।
କଣ୍ଠତଟରେ ସୁନାକଣ୍ଠିମାନ । କରେ ସୁନାକଙ୍କଣ ଶୋଭାବନ ।
ସୁନାମୁଦି ସମସ୍ତ ଅଙ୍ଗୁଳିରେ । ନାନା ରତନ ବସିଛି ଯହିଁରେ ।
କାଖେ ନକ୍‌ଲି କାଠି ଶୋଭାବନ । ତାକୁ ନିନ୍ଦଇ କୋଟିଏ ମଦନ ।
ରଙ୍ଗ ହଂସାବଳୀ ଫେଟା ପିନ୍ଧିଲେ । ଖାପ ଖଣ୍ଡିଆ ଅଣ୍ଟାରେ ବାନ୍ଧିଲେ ।
ଯଷ୍ଟି ଘେନିଅଛନ୍ତି ବାମକରେ । କମ ବଉଦିଆ ଛତା କାନ୍ଧରେ ।
ବେନି ଗୋଡ଼େ ମଖମଲ ପାଣ୍ଡୋଇ । ଜରି କାମରେ ସୁନ୍ଦର ଦିଶଇ ।
ରାଧା ବୋଲନ୍ତି କୃଷ୍ଣଙ୍କୁ ଉତ୍ତର । ବାବୁ ଅଣିଛ କି କି ଅଲଙ୍କାର ।
କୃଷ୍ଣ ବୋଇଲେ କହିଲେ କି ହେବ । ନ ଦେଖିଲେ କି ମନକୁ ଆସିବ ।
ଯେବେ ଥୋକାଏ ଶୁଣିବ କହିବା । କାହାପାଇଁ ଭୁମ୍ଭ ବୋଲ ଭାଙ୍ଗିବା ।
ମୁହିଁ ଯେତେ ଅଲଙ୍କାର ଅଣିଛି । ବାହୁନିବାକୁ ତହିଁ ନାହିଁ କିଛି ।
ସବୁ ମୋହର ଗଢ଼ା ଅଲଙ୍କାର । କମ ବାହାର ଭିତର ସୁନ୍ଦର ।
ଅଛି ଝୁମକ ଝୁଣ୍ଟିଆ ଅପାର । କମ ଗଣ୍ଡି ବଳା ନାନାପ୍ରକାର ।
ଅଛି ବାଜେଣି ନୂପୁର ଅପାର । ପାଦେ ଥିଲେ ମୋହିଥିବ ସଂସାର ।
ବଳା ବହୁତ ଅଛି ଆଠଅଂଶା । ପାଦେ ନାଇଲେ ପାଇବ ପ୍ରଶଂସା ।
ଅଛି ବହୁତ ରତନ ପାହୁଡ଼ । କେତେ ଯତନେ ହୋଇଛି ନିବାଡ଼ ।
କମ ଚକ୍ରବାଙ୍କି ଅଛି ଅପାର । ବାମ ପାଖକୁ ଦିଶିବ ସୁନ୍ଦର ।
ଅଛି ଗୁଞ୍ଜିର ଅଗୁଳ ଅନେକ । ତାକୁ ଘେନିବ ନ ଘେନିବା ଲୋକ ।
ଅଛି ବହୁତ କମ ନୂଆ ଚୂଡ଼ି । ହିରା ବସିଛି ତହିଁ ଧାଡ଼ି ଧାଡ଼ି ।
ଅଛି ଅପାର କମ ନୂଆ ତାଡ଼ । ରସବନ୍ତୀ ଧଇର୍ଯ୍ୟ ବନ୍ଧ ଗଡ଼ ।
ଅଛି ଅପାର ଜାଡ଼ି ବଦମାଳି । ଭୁଜେ ବାନ୍ଧିଲେ ପଡ଼ିବ ଉଜ୍ଜ୍ୱଳି ।
ଅଛି ତେଉଁରିଆ ମାଳି ଅପାର । ତାଡ଼ ତଳକୁ ଦିଶିବ ସୁନ୍ଦର ।
ଅଛି କାଞ୍ଚନ ସୁନାସୁତାମାନ । ଯେଉଁ ମନକୁ ଠୁଲେ ବାଛି ଘେନ ।
ଅଛି ବହୁତ ଗଠନ କଙ୍କଣୀ । ବାଛି ଘେନ ଗୋ ବରଜତରୁଣୀ ।
ମାଳି ଅପାର ଅଛି ଚମ୍ପସରି । ତାକୁ ଘେନିବାକୁ ନାହିଁ ସୁନାରୀ ।
ମାଳି ଅପାର ଅଛି ସୋରିଷିଆ । ତହିଁ ସୁନ୍ଦର ମଥୁରାପୁରିଆ ।
ମାଳି ବଉଳ ମଞ୍ଜିଆ ଅପାର । ମାଳି ଲମ୍ବ ଅଛି ହାତ ଏଗାର ।
ଅଛି ଯୋଡ଼ିମାଳି ଅତି ଯତନ । ସାନ ବଡ଼ ନାହିଁ ସବୁ ସମାନ ।
ସରୁ ନକ୍ଷତ୍ର କଣ୍ଠିମାଳି ଅଛି । ମାନ କଥା କହୁନାହିଁ ହସୁଛି ।
ଅଛି ଗରଗଡ଼ିଆ ଗଣ୍ଠି ମାଳି । ଗଣ୍ଠି ପଡ଼ିନାହିଁ ସୁନାଶିକୁଳି ।
ଅଛି ରସୁଣିଆମାଳି ଅନେକ । ସୁନା କୋଡ଼ିଏମାଢ଼ିରୁ ଅଧିକ ।

ସୁରମୋହିନୀ ଗୋ ବାଛି ତୁ ଘେନ । ଓଷା ବରତକୁ ଲୋଡ଼ା ସେମାନ ॥
ଚେଟଗ୍ କଣ୍ଠିମାଳ ଅଛି ଯତନ । ତହିଁ ଲାଗିଛି ଗୋହିମାଛିମାନ ॥
ମାଳ ଦଶଅବତାର ଅପାର । ମାଳ ଝୁମ୍ପାବନ୍ଧା ନାନାପ୍ରକାର ॥
ମାଳ ଅଏଁଲାମଞ୍ଜିଆ ବହୁତ । ସେହି ମାଳକ କଉଡ଼ି ନାହିଁତ ॥
ଅଛି ଅର୍ଦ୍ଧଚନ୍ଦ୍ରଗୁଣା ଅନେକ । ତହିଁ ମାଣିକ୍ୟ ହୋଇଛି ନାୟକ ॥
ଅଛି ବଳୁଳ ପର ଗୁଣାମାନ । ନାକ ତଳକୁ ଦଶିବ ଯତନ ॥
ଅଛି ବଳୁଳ ଗୁଣା ଗୋ ସୁକେଶି । ବାଛି ଘେନ ତା ସମସ୍ତେ ପ୍ରଶଂସି ॥
କମ ପଦ୍ମକେଶରୀ ଗୁଣା ଅଛି । ବାହୁନବାକୁ ତହିଁ ନାହିଁ କଛି ॥
ଅଛି ଗଣନା ନାହିଁ ନୂଆଗୁଣା । ଗୁଣା ଗୋଟିଏ ନୁହଇ ପୁରୁଣା ॥
ଅଛି ତ୍ରିଲୋଚନ ଗୁଣା ଅନେକ । ତହିଁ ଶରଧା ଯୁବତୀମାନଙ୍କ ॥
କମ ସିଂହଢ଼ା ଗଢ଼ିଅଛି ଆଣି । ତହିଁ କର ଦେବ କେଉଁ ବଖାଣି ॥
ବଳା ଗୁଣାକୁ କେହି ନ ପଡବ । ଗୁଣା ଭାଙ୍ଗିଲେ ନାଡ଼ ରହିଥିବ ॥
ଅଛି ବହୁତ କମ ଘଷା ଗୁଣା । ଗୁଣା ଗୋଟିଏ ନୁହଇ ପୁରୁଣା ॥
ଅଛି ନୂଆ ଫୁଲଗୁଣା ଅପାର । ମନ୍ଦହାସୀକ ଦଶିବ ସୁନ୍ଦର ॥
ଅଛି ଓଲଟମୁହାଁ ନାକଚଣା । ଥଣ୍ଟ ମାଣିକ୍ୟ ଆଖି ଦୁଇତେଣା ॥
ଅଛି କଣ୍ଠି ନାକଚଣା ଅପାର । ସବୁ କମ ଭିତରୁ ସେ ବାହାର ॥
ଅଛି ସରୁ ନାକଚଣା ଅପାର । କହ ଶରଧା କାହିଁକି କାହାର ॥
ଅଛି ସବୁ ନାକଚଣା ଅନେକ । ହୀରା ନୀଳା ଦୁଇଗୋଟି ମାଣିକ ॥
ଅଛି ବଉଳକୋଳି ନାକଚଣା । ସେଯେ ନାଗରୀମାନଙ୍କର ଗୁଣା ॥
ଆମ୍ବକେଶରିଆ ନାକଚଣା ଅଛି । ସବୁ ଏକାତୁଲେ ଗଢା ହୋଇଛି ॥
ଅଛି ମୁକୁତା ଥୋପି ନାକୁଆସି । ଆଗ କର ଘେନବ ତା ପ୍ରଶଂସି ॥
ଅଛି ଅପାର କମପଟିଆମ । କର୍ଣ୍ଣ ପୃଷ୍ଠକୁ ହେବ ଅଭିରାମ ॥
ଅଛି ନୂଆ କମକାପ ଅନେକ । ଖସା ବସିଛି ଗୃହପାଖପାକ ॥
ଅଛି ଗଣ୍ଠିଆ କମ ଗୃହଜାତ । ଠୁଲ ଚଉଦମାଢ଼ ତେର ରତି ॥
ଅଛି ବଗଡ଼ାଏ କଦାବନ୍ଧିଆ । ଶଏବରଷେ ହୋଇଥିବ ନୂଆ ॥
ଅଛି ମାଣିକ୍ୟ ତାଟଙ୍କ ବହୁତ । ମଝି ବେଢ଼ରେ ବସିଛି ମର୍କତ ॥
ଅଛି ଅପାର କମ ଫିରଫିରା । ଫଳକାନକୁ ସେହି ସିନା ଚୋରା ॥
ଅଛି ଦକ୍ଷିଣି ବଳାବଳଗୁଣା । ମୂଲ ବାରସୁନିଆ ତେରଅଣା ॥
ଅଛି ହିରାବସା ପେଡ଼ି ଝଲକା । ସୁନା ସାତମାଢ଼ ଦୁଇପଦକା ॥
ଅଛି ଫୁଲ ତନଜାତ ଅନେକ । ଫୁଲ ମଝିରେ ବସିଛି ମାଣିକ ॥
ଅଛି ସୁନ୍ଦର ଝଲକା ଅପାର । କାନେ ଥିଲେ ମୋହୁଥିବ ସଂସାର ॥
ଅଛି ହୀରା ମାଣିକ୍ୟ ମଲ୍ଲିକଢ଼ୀ । ମୂଲ ସହସ୍ରସୁନିଆ କଉଡ଼ି ॥
ଅଛି ଗଠନ ଦାନ୍ତିଆ ଅପାର । ତହିଁ ଶରଧା ହାଟୁଆଣିଙ୍କର ॥
ଅଛି ବହୁତ କମ ଚନ୍ଦ୍ରଝୁମ୍ପା । ଲଗାଇଲେ ସେ ଯୁବାହୃଦକମ୍ପା ॥

ଅଛୁ ଅଲକାପାନ୍ତି ଯେମନ ବାଛୁ ।   ଘଷା ଚୁନ ଗୃହପାଖେ ବସିଛୁ ॥
ଅଛୁ ସହକଆ କମ ପଥର ।   ସେଯେ ଲୋଠଣୀ ଯୁଡ଼ାକୁ ସୁନ୍ଦର ॥
ଅଛୁ ଆହୁର ହାତ ସୁନା ଦୂବ ।   ତାଙ୍କୁ ଦେଖିଲେ ଘର ପାଶୋହବ ॥
ଅଛୁ କମ ଚଉହ ମୂର୍ତ୍ତିମାନ ।   ଖୋଷା ତଳକୁ ହଣିବ ଶୋଭନ ॥
ଅଛୁ ଗଛିଆଣି କମ ଅପାର ।   କହ କାହିଁକି ଶରଧା ତୁମ୍ଭର ॥

---

# ରସକଲ୍ଲୋଳ

## By DINAKRISHNA DAS

### ପ୍ରଥମ ଛାନ୍ଦ

ରାଗ—ସଙ୍ଗମଛଆହାର

କର ସାଧୁଜନମାନେ ମନକୁ ଏକ ।
କର ଧୀରେ ଧ୍ୟାନ ନୀଳାଚଳନାୟକ ॥
କମନୀୟ ଶ୍ରୀମୁଖ ଚନ୍ଦ୍ରରୁ ଅଧିକ ।
କଲେ ଦର୍ଶନ ନ ରହେ କଲୁଷ ଶୋକ ॥
କମଳନୟନ କୋଟି ସୁଖଦାୟକ ।
କଳାଡୋଳା ଚୁମ୍ବିଲା ଭ୍ରମର ପ୍ରାୟକ ॥
କପାଳେ ସୁବର୍ଣ୍ଣଗାନ୍ଧରେଖା ଝଲକ ।
କେଉଁ ଲୋକ ଅଙ୍ଗ ନ କରଇ ପୁଲକ ॥
କହି ନୁହଇ ସୁରଙ୍ଗଅଧର ଠେକ ।
କବ ଜଡ଼ ହୋଏ ଯାହା କହ ବଲୋକ ॥
କର୍ଣ୍ଣେ ମକରକୁଣ୍ଡଳ ଭାଲେ ଝଲକ ।
କରେ କଟଠୀ ବାହୁଠୀ ହୃଦେ ପଦକ ॥
କମ୍ବୁକଣ୍ଠେ କଉସ୍ତୁଭମଣି ନାୟକ ।
କଲୁଷ ଅନ୍ଧକାରକୁ ଦିନ-ନାୟକ ॥
କଳିତ ଲଳିତ ଫୁଲମାଳ ଅନେକ ।
କରଇ ଅବଶ୍ୟ ବଶ ତ୍ରୈଲୋକ୍ୟ-ଲୋକ ॥
କଳ୍ପବୃକ୍ଷେ ନାନାରତ୍ନ ଫଳ ପ୍ରାୟକ ।
କଳାପି-କଳାପେ ଶୋଭା ଶ୍ରୀଅଙ୍ଗଯାକ ॥
କରେ ଶଙ୍ଖ ଚକ୍ର କଷ୍ଟ ଦୁଷ୍ଟମାରକ ।
କର୍ପୂର ଚନ୍ଦନକୁ ଆହ୍ଲାଦକାରକ ॥

କନକକଙ୍କିଣୀ ପୀତାମ୍ବରଧାରକ ।
କରୁଣା-କଟାକ୍ଷେ ସୁର ନର ତାରକ ॥
କମ୍ବୁକଣ୍ଠକ ମଧ୍ୟରେ ନାଗର ଏକ ।
କଉତୁକ କଥାମାନଙ୍କରେ ରସିକ ॥
କମଳ-ନେତ୍ର କମଳା-ପ୍ରାଣନାୟକ ।
କଳାପବଢରେ ଲୀଳା-କର ଅନେକ ॥
କଲେ ଇଚ୍ଛା ମନେ ହେବା କଂସଅନ୍ତକ ।
କରିବା ଉଣ୍ଡାସ ମହୀଭାର ଅନେକ ॥
କପଟେ ହୋଇବା ନନ୍ଦବ୍ରଜବାଳକ ।
କଉତୁକେ ବୋଲାଇବା ପଶୁପାଳକ ॥
କର ଏ ବର୍ଗର କଇବଲ୍ୟଦାୟକ ।
କଂସ ଆଦି ମାରିବାକୁ ହେଲେ ଉତ୍ସୁକ ॥
କଚ୍ଛପ ଆଦି ମତ୍ସ୍ୟ ଅବତାର ଯାକ ।
କରିବାକୁ ଜାତ ଜଗନ୍ନାଥ ଜନକ ॥
କହି ନୋହେ ତାହାଙ୍କ ମହିମା ଯେତେକ ।
କରନ୍ତୁ କୃତାର୍ଥ ଜୀବ ହରି ପାତକ ॥
କମଳସମ୍ଭବ ଭବ ସୁରନାୟକ ।
କଉଣପ ଆଦି ଲୋକ ଯାହାର ଲୋକ ॥
କରୁଣାସାଗର ସାଗରଜା-ନାୟକ ।
କର ଅଭୟ ଅଭୟବରଦାୟକ ॥
କଷ୍ଟ ମହୀଧର ମହୀଧର-କଣ୍ଟକ ।
କଲମଷ ବାରଣ ବାରଣ ଅନ୍ତକ ॥
କର ଆଜ୍ଞା ସୁର-ସୁର ପ୍ରଭୁ ଏତେକ ।
କହୁ ଦୀନକୃଷ୍ଣ କୃଷ୍ଣକଥା ଅନେକ ॥

ଦ୍ୱିତୀୟ ଛାନ୍ଦ

ରାଗ—ଶ୍ରେଷ୍ଠ

କର ଆହେ ସାଧୁ-ଜନମାନେ ମନେ ଏକଧ୍ୟାନ କର୍ଣ୍ଣ ଦେଇଁ କମଳନୟନକଥାକୁ ।
କଳିକଲୁଷ ସଂଘାତ ଉପରେ କରି ସଂଘାତ,
ସଂଶୟ ନ ଥାଉ କାଳଦଣ୍ଡ ବ୍ୟଥାକୁ ।
କଳାକରେ ଅନ୍ଧାର ପ୍ରାୟେ । କୃଷ୍ଣକଥାଶ୍ରବଣରେ ଦୁରିତ କ୍ଷୟେ ॥
କଉଣପକୁଳେ ଭାରୀ ହୋଇ ଧରଣୀ-ସୁନ୍ଦରୀ ବିନୟ ହୋଇ ବ୍ରହ୍ମାଙ୍କ ଆଗେ କହିଲା ।
କଂସପ୍ରତାପରେ ଦେହ ହୋଇଲା ଅତି ଦୁଃସହ,
କି କରିବି ଏବେ କହ ବୋଲି ବୋଇଲା ।

କୁଶକେତୁ ଶୁଣି ଏ କଥା । କହିଲେ ଜଗନ୍ନାଥଙ୍କୁ ଅବନୀ ବ୍ୟଥା ॥
କମଳ-ମୁଖୀ-କମଳା-କଣ୍ଠ-ମରକତମାଳା ଆଜ୍ଞା ଦେଲେ କରୁଣାକଟାକ୍ଷେ ଅନାଇଁ ।
କିଛି ନ ବିଚାରି ତୁମ୍ଭେ ଯଦୁକୁଳେ ଯାଇ ଆମ୍ଭେ,
ଜାତ ହେବୁଁ କଂସ ପ୍ରାଣ ନେବା ପାଇଁ ।
କର ତୁମ୍ଭେ ଏବେ ଗମନ । କରିବାକୁ ଗୋପକେଳି ଆମ୍ଭର ମନ ॥
କୃପାସିନ୍ଧୁ ଆଜ୍ଞା ପାଇ ପରମ ଆନନ୍ଦ ହୋଇ ପଦ୍ମ-ଯୋନି ପରିବେଶ ହୋଇଲେ ପୁରେ ।
କିଛିଦିନ ଅନ୍ତେ ହରି କୋଟିକାମ ରୂପ ଧରି,
ରହିଲେ ଯାଇଁ ଦେବକୀ ଦେବୀ ଗର୍ଭରେ ।
କେତେ ଦିନେ ହୋଇଲେ ଜାତ । କେ ଅବା କହିବ ତାହାଙ୍କର ଚରିତ ॥
କରେ ଶଙ୍ଖ ଚକ୍ର ଧରି କଂସଠାରେ କ୍ରୋଧ କରି ବାଳ-କାଳୁଁ ବୀରବେଶ କଲେ ପ୍ରକାଶ ।
କଣ୍ଠେ କଉସ୍ତୁଭମଣି କୋଟି ଶଶଧର ଜିଣି,
କିରଣ ପ୍ରକାଶ ପାପଅନ୍ଧାର ନାଶ ।
କଟିତଟେ ପୀତବସନ । କଳାମେଘକୋଳରେ ବିଜୁଳି ଯେସନ ॥
କର୍ଣ୍ଣେ ମକରକୁଣ୍ଡଳ ଝଟକେ ଗଣ୍ଡମଣ୍ଡଳ ମସ୍ତକରେ ମଣିମୟ ମୁକୁଟ ଶୋହେ ।
କଳିତ ଲଳିତ ହୃଦ-ଦେଶରେ ଶ୍ରୀବତ୍ସପଦ,
ଭାବଗ୍ରାହୀ ନାଥ ଭକ୍ତିଭାବରେ ବହେ ।
କୋଟିକାମ ନିନ୍ଦେ ଶ୍ରୀଅଙ୍ଗ । କରେ କଙ୍କଣ ଚରଣେ ନୂପୁର ସଙ୍ଗ ॥
କରି ଏରୂପ ଦର୍ଶନ କଲେ ସ୍ତୁତି ନିବେଦନ ଜନକ ଜନନୀ ଅତି ଆଶ୍ଚର୍ଯ୍ୟ ହୋଇ
କହୁଁ କହୁଁ ମାୟା କରି ସେରୂପ ସଂହରି ହରି,
ବାଳମୁକୁନ୍ଦସ୍ୱରୂପ ହେଲେ ଗୋସାଇଁ ।
କଂସର ଯେତେକ ପ୍ରହରୀ । କାଳନିଦ୍ରାରେ ଚେତନ ନାହିଁ କାହାରି ॥
କଲାକାଳେ କନ୍ୟାଦାନ ବସୁଦେବେ ଉଗ୍ରସେନ କଉତୁକେ କଂସ ରଥ ବାହୁ ଯେ ଥିଲା ।
କୋମଳ ଗମ୍ଭୀର ବାଣୀ ଆକାଶମଣ୍ଡଳୁଁ ଶୁଣି,
ଭଗ୍ନୀ ଭଣଓଇଙ୍କି ନେଇ ଶାଙ୍କୁଳି ଦେଲା ।
କାଳେ ସେ ଚରଣୁଁ ଫିଟିଲା । କରିବାକୁ ବିଜେ ଶୁଭଲଗ୍ନ ଘଟିଲା ॥
କରେ ଧରି ପୁତ୍ର ଧୀରେ ଗମନ କରନ୍ତି ଖଟରେ ଉଗ୍ରସେନ ଆସି ଓଗାଳିଲା ଆଗରେ ।
କରେ ଶଙ୍ଖ ଚକ୍ର ଧରି ଦରଶନ ଦେଇ ହରି,
ପ୍ରବେଶ ହୋଇଲେ ଗୋପେ ନନ୍ଦମନ୍ଦିରେ ।
କି କି ହୋଇ ଦଇବଯୋଗେ । କୁମାରୀ ହୋଇଲା ନନ୍ଦଙ୍କର ସେ ଲାଗେ ॥
କରି ତାହା ପ୍ରତିଦାନ ସତ୍ୱରେ କରି ଗମନ ପ୍ରବେଶ ହୋଇଲେ ବସୁଦେବ ମନ୍ଦିରେ ।
କୁଆଁ କୁଆଁ ବାଣି ଶୁଣି ଉଠିଲେ ରକ୍ଷକଶ୍ରେଣୀ,
କହିଲେ କଂସକୁ ଯାଇ ନିଶୀଶେଷରେ ।
କଠୋର ହୃଦୟ ଦଇତ । କରିବାକୁ ନାଶ ତା ଅଇଲା ତୁରିତ ॥

କ୍ରୋଧଭରେ ବୋଲେ ବାଣୀ ଦଅ ସେ ବାଳକ ଆଣି କାଳ ମୋର ଜନମିଛୁ,
ତୁମ୍ଭକୋଳରେ ।
କହିଛନ୍ତି ଦେବଗଣ ଅବଶ୍ୟ ତୁମ୍ଭର ପ୍ରାଣ,
ନେବ ଏହାର ଅଷ୍ଟମଗର୍ଭ ବଳରେ ।
କରଇ ମୁଁ ତାହାକୁ ନାଶ । କଲେ ହେଲା ଶତ୍ରୁଠାରେ ନ ପାଇ ଯଶ ॥
କରଯୋଡ଼ି ବସୁଦେବ ବୋଲଇ ଶୁଣ ହେ ଦେବ କୁମର କୁହଇ ସେ ହୋଇଛୁ କୁମାରୀ ।
କରୁଣାହୃଦୟ ହୁଅ ମୋତେ ସେ ଦୁହିତା ଦଅ,
ବଞ୍ଚିଲେ ତୁମ୍ଭର ଏ ନୋହେ ବଇରୀ ।
କଲେହେଁ ଅନେକ ଯତନ । କଳା ଧଳା କରିବାକୁ କେବା ଭାଜନ ॥
କର୍ପୂର ଚନ୍ଦନ ଦେଇ ଲଶୁନ ରୋପିଲେ ନେଇ କେତେବେଳେ ନ ଛାଡ଼େ କୁତ୍ସିତବାସନା ।
କୁଟିଳ ଦୁଷ୍ଟ ନାସ୍ତିକ ମହାପାପୀ ଅବିବେକ,
ଲୋକଙ୍କ ସ୍ୱଭାବ ସେହି ପ୍ରକାର ସିନା ।
କୋକିଳ ବଚନ ମଧୁର । କରଇ ବିଯୋଗିଜନ-ମନ ବିଧୁର ॥
କଳା ମନରେ ବିଚାରି ବିଷ୍ଣୁମାୟା ଅଗୋଚର କାମିନୀରୂପେ ମାରିଛୁ ବିଲୋଚନ ।
କରିଛୁ ଶିବଙ୍କୁ ଯାହା କର୍ଣ୍ଣେ ଶୁଣିଅଛୁ ତାହା,
କେମନ୍ତେ ମୁଁ ଏହାକୁ କରିବି ମୋଚନ ।
କାତ୍ୟାୟନୀ ଯୁବତୀ ହୋଇ । କଉଣପୁରୁଷକୁ ସେ କ କରି ନାହିଁ ॥
କରେ ଧରି କୁମାରୀଙ୍କ କଚାଡ଼ନ୍ତେ ଶିଳେ ଠେକି ଆକାଶମଣ୍ଡଳେ ଦେବୀ ଯାଇଁ ରହିଲେ ।
କାରଣ ନ ଥାଇ ମୋତେ କୋପ ଯେ କଲୁ ତୁ ଚିତ୍ତେ,
କାଳେ କାଳକୁ ଦେଖିବୁ ଏତେ ବୋଇଲେ ।
କହି ହେଲେ ଅନ୍ତରହିତ । କୁଳାଳଚକ୍ର ପ୍ରାୟକ ଭ୍ରମିଲା ଚିତ୍ତ ॥
କଲା ଶୁଣି ସୁବିଚାରି କେଶୀ ଅଘା ବକାସୁର ଶକଟା ତୃଣାବର୍ତ୍ତକ ପୂତନା ଡାକ ।
କରିବ ତୁମ୍ଭେ ଏତେକ କଅଁଳାପୁଅ ଯେତେକ,
ମାରିବାକୁ ଯେ ଯାହାରେ ରହିବ ଠାକ ।
କଂସ ଆଜ୍ଞା ପାଇଣ ଦୃତେ । କଲେ ବାଳକନାଶନ ଉପାୟ ଚିତ୍ତେ ॥
କମଳନୟନ ହରି ଗୋପପୁରେ ବଢ଼େ କରି କଲେ ନାନା ଉତ୍ସବ ଆନନ୍ଦ ଭିଆଣ ।
କେତେଠାରେ କେତେ ଗୀତ କେତେରୂପେ ହୋଏ ନୃତ୍ୟ,
କହିବାକୁ ବଚନେ କେ ଅଛି ସିହାଣ ।
କଲେ ସୂତିଗୃହ ବିଧାନ । କେ କହିବ ନନ୍ଦ ଦେଲେ ଯେତେକ ଦାନ ॥
କନକଦୀପ ଆବଳୀ ବେନି ପାରୁଶରେ ଜାଳି ଗୃରୁ ଚନ୍ଦ୍ରାତପମାନ ନେଇ ମଣ୍ଡିଲେ ।
କର୍ପୂର ଚନ୍ଦନ ଛଟା ପକାଇ ସେ ପୁର ତୋଟା,
କରାଇ ଅଳକାପୁର ପଟା ମଣ୍ଡିଲେ ।
କନ୍ୟା ସ୍ତ୍ରୀମ୍ଭେ ଖଟାଇ ଦୋଳୀ । କୁମରକୁ ଶୁଆଇ ଦେଲେ ହୁଳହୁଳୀ ॥
କାମପାଳ ଆଗ ହୋଇ ଜନମି ଯେ ଥିଲେ ତହିଁ କ୍ରମେ ବେନିଭାଇ ଯାଇଁ
ହୋଇଲେ ସଙ୍ଗ ।

କାଳିନ୍ଦୀ ସୁର-ସରିତ ହୋଇଲା ପ୍ରାୟେ ଏକତ୍ୱ,
କମନୀୟ ଦଶେ କଲା ଧଲା ଶ୍ରୀଅଙ୍ଗ ।
କରିବାକୁ କଲୁଷ ନାଶ । କଲା ବିହି ମନେ ବେନି ତୀର୍ଥ ପ୍ରକାଶ ।
କରିଛି ପବିତ୍ର ସ୍ଥାନ ତୀର୍ଥ ଜଳେ କଲେ ସ୍ନାନ ଏ ତୀର୍ଥ ନାମରେ ନାନା ଦୁରିତ ନାଶ ।
କଇବଲ୍ୟ ଲଭି ହେଲେ ନ ପଡ଼ି ଜଠରଜାଲେ,
ବଇକୁଣ୍ଠେ ବସି ବଇକୁଣ୍ଠ ସଦୃଶ ।
କରି ଏହିକଥା କୀର୍ତ୍ତନ । କରୁଥାଇ ଦୀନକୃଷ୍ଣ ଦିନ କର୍ତ୍ତନ ।

## ତୃତୀୟ ଛାନ୍ଦ

### ରାଗ—କେଦାର ଚକ୍ରକେଳି

କର୍ଣ୍ଣେ ନନ୍ଦସୁତ ହେବା ଶୁଣିଲେ । କଳାକରମୁଖୀ ଗୋପୀ ଧାଇଁଲେ ।
କୋଟିନିଧି ପାଇଲା ପରି ହୋଇ । କେଉଁ ଗୋପୀ ଆନନ୍ଦରେ ଗମଇ ।
କରୁଥିଲା କେ ଗୃହକର୍ମମାନ । କଲା ଶ୍ରବଣମାତ୍ର କରେ ଆନ ।
କଲା ଭୂଷଣ କେହୁ ବିପରୀତ । କରାଇଲା ବିଭ୍ରମ ସ୍ନେହ ଚିତ୍ତ ।
କରୁଥିଲା କେ କୁନ୍ତଳ ମାର୍ଜନ । କରାଇଲା ଉଚ୍ଚାଟ ତା ବର୍ଜନ ।
କେଶମାର୍ଜନୀ କରେ ଧରି କରି । କରିବରଗତି ଦେଲା ବିସ୍ତାରି ।
କେତେରୂପେ ଧାଇଁଲେ ଗୋପବାଳୀ । କେ କହିବ ଅବା ତା ମନେ ଭାଳି ।
କାଦମ୍ବିନୀ କୋଳେ ଯେହ୍ନେ ବିଜୁଳି । କରେ ଝଟକ ସବୁ ଦିଗେ ମିଳି ।
କଳଧଉତଲତା ବାତେ ଯେହ୍ନେ । କାମିନୀଙ୍କ ଗମନେ ଅଙ୍ଗ ତେହ୍ନେ ।
କାହାକବରୀରୁ ଫୁଲ ଖସଇ । କବିମନକୁ ଏମନ୍ତ ଆସଇ ।
କଳାକର କି ରାହୁ କବଳରୁ । କ୍ରମେ ଗଳି ପଡ଼ୁଅଛୁ ଗଳରୁ ।
କଳାମେଘୁଁ ଚନ୍ଦ୍ର ହୋଏ ବାହାର । କରେ ଚରମରେ କିବା ବିହାର ।
କାହାନିତମ୍ବବିମ୍ବ ଅତିଗୁରୁ । କଟି ସରୁ କେଶରୀମଧ୍ୟଠାରୁ ।
କଳହଂସ ପ୍ରାୟେ କରେ ଗମନ । କରେ ହଂସକ ହରଷରେ ସ୍ୱନ ।
କାବ୍ୟ ତାର ମୁକୁତାହାର ଛିଳେ । କିଛୁ-ଭୁଜ ସରିତ ସେ ଉଛୁଳେ ।
କେତେରୂପେ ଧାଇଁଲେ ଗୋପନାରୀ । କହିବାକୁ ତା ବଚନେ ନ ପାରି ।
କାନ୍ତାକଦମ୍ବ ହୋଇ ଏକମେଳ । କଲେ ଦର୍ଶନ ଯାଇ ନନ୍ଦବାଳ ।
କଳାମେଘ ପାଶରେ ଚନ୍ଦ୍ର ପ୍ରାୟେ । କୁମାରଙ୍କ ଶ୍ରୀଅଙ୍ଗ ଶୋଭିପାଏ ।
କେଉଁ ଗୋପୀ ଅନାଇଁ ସୁଚକିତ । କେହୁ ହୋଇଲା ଚିତ୍ରପଟ ମତ ।
କାହା ଅଙ୍ଗ ହୋଇଲା ପୁଲକିତ । କଲା ଆନନ୍ଦ ଅଶ୍ରୁଜଳ ଜାତ ।
କେ ବୋଲଇ ଯଶୋଦା ଭାଗ୍ୟବନ୍ତ । କୋଳେ ଧରିଲା ପ୍ରତ୍ୟକ୍ଷେ ଅନନ୍ତ ।
କେ ବୋଲଇ ନନ୍ଦ କି ତପ କଲା । କେତେ ପ୍ରକାରେ କେତେ ଦାନ ଦେଲା ।
କେ ବୋଲଇ କଳ୍ପତରୁ ଅଙ୍କୁର । କେ ବୋଲଇ କନ୍ଦର୍ପ ଅବତାର ।

କରିଥିଲେ ଯେ କପର୍ଦ୍ଦୀ ଅନଙ୍ଗ । କ୍ରମେ ଧରିଲେ ଏତେକାଳେ ଅଙ୍ଗ ॥
କେ ବୋଲଇ ଶୁହିଁ ସଖୀ ନିଶ୍ଚଳେ । କେତେ ଲକ୍ଷଣ ଅଛି ପାଦତଳେ ॥
କମ୍ବୁ ଚକ୍ର ମୀନ ପଦ୍ମ କୁଳିଶ । କଳଶାଦି କାର୍ମୁକ ଅଷ୍ଟାଦଶ ॥
କେ ବୋଲଇ କବିବାଠ ପଡ଼ିଲା । କ୍ରମେ ବିଧାତା ତାହାଙ୍କୁ ଛଡ଼ିଲା ॥
କରୁଥିଲେ ଯହିଁକି ଯାହା ଲକ୍ଷ୍ୟ । କାଳେ ସବୁ ଅସି ହେଲା ଅଲକ୍ଷ୍ୟ ॥
କରୁଥିବାରୁ ଜଳରେ ତପସ୍ୟା । କେତେ ଥିବ ପଦ୍ମର ପ୍ରତିଆଶା ॥
କଳାନିଧି ମହେଶଙ୍କୁ ସେବଛି । କିଛି ହୋଇବ ଅବା ସେହି ଲକ୍ଷି ॥
କଣ୍ଠୀରବ ଭଜିଅଛି ଶିବାଙ୍କୁ । କର୍ମେ ଥିଲେ ପାଇବ ଉପମାକୁ ॥
କଳାକମଳ କଜ୍ଜଳ ତମାଳ । କଳାମେଘ ମଧବା-ମଣି-ମାଳ ॥
କଳିନ୍ଦ କନ୍ୟା କମଳ ଅତସୀ । କୁହୁନିଶୀ ନବତ ତମଶ୍ରେଣି ॥
କଳାମଧ୍ୟେ ଏ ହୋଇଥିଲେ ଗୁରୁ । କୁମାରଙ୍କ ରୂପ ନ ଦେଖିବାରୁ ॥
କୁନ୍ଦ କର୍ପୂର କୁମୁଦ ଗୋକ୍ଷୀର । କମ୍ବୁ ଶମ୍ଭୁ ପର୍ବତ ଗଙ୍ଗା-ନୀର ॥
କଳଧଉତ ସ୍ଫଟିକ ତୁଷାର । କାଶ ସାଗରଫେନ ଶଶଧର ॥
କର ଏଥୁଁ ପୁଣ୍ଡ୍ରରୂପ ଲୋକନ । କହୁଁ କହୁଁ ଏ ଦିଶିଲା ନଉନ ॥
କବି ଏହାଙ୍କୁ ଏହାଙ୍କ କାନ୍ତିକ । କଲେ ଲକ୍ଷ୍ୟ ବୋଲିବା ଅବିବେକୀ ॥
କାଚ କାଞ୍ଚନେ ତୁଳନାପରାଏ । କବିବାଣୀ ନିକଟରେ ସେ ହୋଏ ॥
କାଇଁଥିକୁ ଯେ ସୁନାସଙ୍ଗେ ତୁଳ । କ୍ରମେ ମୂଲ ବେଳକୁ ପଡ଼େ ବଳ ॥
କବିବଚନେ କରେ ତାରତମ । କୁବେରକୁ ବୋଲଇ କୋଟିକାମ ॥
କେଉଁଠାରେ କନ୍ଦର୍ପ ହୋଏ ନିନ୍ଦା । କେତେ କହିବ ତାଙ୍କ ମିଛ ଫନ୍ଦା ॥
କହୁଁ କହୁଁ କୁମାର ଯେ ରୋଦନ୍ତି । କଳକଣ୍ଠ କଣ୍ଠ ହେଲେ ନିଦନ୍ତି ॥
କହି ଶେଷ କେ କରିବ ସେ ସୁଖ । କବି ହୋଇଲେ ଦଶଶତ ମୁଖ ॥
କହି ଯାହାର ମହିମା ଅନନ୍ତ । କରି ନାହାନ୍ତି ଆଜଯାଏ ଅନ୍ତ ॥
କୁମାରଙ୍କ ଶୋଭାକୁ ମନେ ଧେନ । କଷ୍ଟେ ଗମିଲେ ବରଜକାମିନୀ ॥
କମନୀୟ କୃଷ୍ଣ-କଥା ପ୍ରସଙ୍ଗ । କାଳସର୍ପକୁ ସେ କଥାପ୍ରସଙ୍ଗ ॥
କାଳକାନ୍ତାରକୁ ଯେ ସୁନାସୀର । କରେ ଯାହାକୁ ଚିନ୍ତା ସୁନାସୀର ॥
କଲେ ଜାତ ତ ସର୍ବତୋମୁଖକୁ । କଲେ ଭ୍ରମଯେ ସର୍ବତୋମୁଖକୁ ॥
କଷ୍ଟସରିତକୁ ଯେ ପାଥରଥ । କାଳେ ଯେ ବାହୁଥିଲେ ପାର୍ଥରଥ ॥
କୁମ୍ଭୀର ଯେ ମାରିବାରେ ବାରଣ । କଷ୍ଟ କଲେ ଯେ କୃପାରେ ବାରଣ ॥
କଲେ କୀର୍ତ୍ତନ ଯା ନାମ ସଂଘାତ । କାଳେ ପାପୀ ନ ଦେଖଇ ସଂଘାତ ॥
କରୁଣାରେ ଯେ ବରୁଣଶରଣ । କରେ ଅଶରଣ ଲୋକ ଶରଣ ॥
କାମିଲୋକର ଯେ ପାରିଜାତକ । କଲେ ହରଣ ଯେ ପାରିଜାତକ ॥
କରି ଫଣିମଣିବର ଶୟନ । କରିଅଛନ୍ତି ସୁଖେ ଯେ ଶୟନ ॥
କରେ ଶୋଭିତ ଯାହାର ଶଙ୍ଖାରି । କୃଷ୍ଣ କଷ୍ଟ ହରିବେ ସେ ଶଙ୍ଖାରି ॥

## ଚତୁର୍ଥ ଛାନ୍ଦ

### ରାଗ ଆହାରୀ

କର୍ଣ୍ଣ ଦେଇ ଶୁଣ ଆହେ ସାଧୁଜନେ ।
କୁମାରଙ୍କ ଜନମିଲା କେତେଦିନେ ॥
କୁଚକୁମ୍ଭେ ଦେଇ କାଳକୂଟ ବିଷ ।
କ୍ରୂରକର୍ମଣୀ ପୂତନା ପରବେଶ ॥
କଳା କୁଟିଳ କୁନ୍ତଳେ ଖୋସା ଖୋସି ।
କମନୀୟ ଫୁଲମାଳ ଅଛି ମିଶି ॥
କପାଳରେ ସିନ୍ଦୂରମଣ୍ଡଳ ଚିତା ।
କଟାକ୍ଷରେ ମୋହୁଅଛି ଊର୍ଦ୍ଧ୍ୱରେଖା ॥
କର୍ଣ୍ଣେ ତାଟଙ୍କ ଭ୍ରମରୀ ଫୁଲ ଶୋହେ ।
କଣ୍ଠେ କଣ୍ଠ-ଆଭରଣମାନ ବହେ ॥
କରି ତାମ୍ବୂଳବୋଳରେ ଓଷ୍ଠ ରଙ୍ଗ ।
କରୁଅଛି ପୁରୁଷଙ୍କ ଧୈର୍ଯ୍ୟ ଭଙ୍ଗ ॥
କରି ନାସା ଆଭରଣ ନାସାପୁଟେ ।
କଜ୍ଜଳ ପରିପୂରିତ ନେତ୍ରତଟେ ॥
କର୍ଣ୍ଣସରି ଯାଏ ଲାଗିଅଛି ଲାଞ୍ଛି ।
କାମୀ ଦେଖିଲେ ହୋଇବେ କାମେ ଗଞ୍ଜି ॥
କରେ ତାଡ଼ ଚୂଡ଼ୀ କଳଧୌତ ରଜେ ।
କଣି କଣି ପାହୁଡ଼ ଚରଣେ ବାଜେ ॥
କରତଟେ ଡଉଁରିଆ ମାଳ ବାନ୍ଧି ।
କଳାମେଘି ଶାଢ଼ୀଏକ ଅଛି ପିନ୍ଧି ॥
କରିବରଗତି ପ୍ରାୟେ ଗତିଭଙ୍ଗୀ ।
କି ସେ ମନମଥମହାନଦୀ-ତରଙ୍ଗୀ ॥
କେତେବେଳେ କୋଣିଆଁଇ ଗୃହେଁ ବାଳୀ ।
କାଖେ ଘେନି ଅଛି ବିଷଲଡ଼ୁ ଥାଳୀ ॥
କେହୁ କାହାକୁ ପଚାରେ ଡାକି କରି ।
କାହାର ଏ ଅପୂରୁବ ଯୁବାନାରୀ ॥
କେ ବୋଲଇ ହୋଇବ ଏ ଅପସରୀ ।
କେଉଁ ଯୁବତୀ ନୋହିଲେ ଏଡ଼େ ଗୋରୀ ॥
କେ ବୋଲଇ ଧନ୍ୟ ଏହି ରୂପରାଶି ।
କାହିଁ ବିହି ଏହା ଗଢ଼ିଥିଲା ବସି ॥

କଏ ସ୍ତମ୍ଭନ ମୋହନ ବଶବନ୍ତ ।
କଇତବରେ ହୋଇଛ ମୂର୍ତ୍ତିମନ୍ତ ॥
କହୁଁ କହୁଁ ନନ୍ଦପୁରେ ପରବେଶ ।
କୁମାରଙ୍କୁ ଦେଖି ହୋଏ ହସ ହସ ॥
କାଖୁଁ ବିଷଲଡ଼ୁଥାଳୀ ଥୋଇ ଚଳେ ।
କଥା ହୋଏ ନନ୍ଦଯୁବତୀଙ୍କ ମେଳେ ॥
କର୍ଣ୍ଣେ ଶୁଣିଲା ବେଳୁଁ ପୁତ୍ର ଜନନ ।
କରୁଥାଇଁ ଆସିବାକୁ ନିତ ମନ ॥
କଲା ଏତେଦିନେ ଯୋଗ ଆସିବାକୁ ।
କୁମାରଙ୍କୁ ଦେଖି ଫୁଲୁଅଛି ବୁକୁ ॥
କରାଇବି ମୁଁ ଏହାଙ୍କୁ କ୍ଷୀରପାନ ।
କଲେ ସନ୍ତୋଷରେ ତୁମ୍ଭେ ଅବଧାନ ॥
କଉତୁକକଥା ଶୁଣି ନନ୍ଦରାଣୀ ।
କୋଳେ ଦେଲା ନବଘନରୂପ ଆଣି ॥
କଳାବଦନେ ଦିଅନ୍ତେ ସ୍ତନ ନେଇଁ ।
କବଳମାଏକେ ପ୍ରାଣ ଦେଲେ ପିଇଁ ॥
କହୁଁ କହୁଁ ନିଜରୂପ ପ୍ରକାଶିଲା ।
କାୟା ବିସ୍ତାର କରି ଅସୁରୀ ମଲା ॥
କୃତାର୍ଥ ହୋଇ ସେ ବିଷ୍ଣୁଲୋକେ ଗଲା ।
କାଳଦଣ୍ଡଘାତରେ ସେ ନ ପଡ଼ିଲା ॥
କୃଷ୍ଣନାମ ସବୁଆଡ଼େ ବାଜିଗଲା ।
କେତେ ଭକ୍ତିରେ କେ କେତେ ପୂଜାକଲା ॥
କଞ୍ଜ ଶିବ ଆବିର୍ଭାବ ଯେଉଁ କୃଷ୍ଣ ।
କୃଷ୍ଣ ଚନ୍ଦ୍ର ସେ କୃଷ୍ଣଙ୍କୁ ମହାତୁଷ୍ଟ ॥

## ପଞ୍ଚମ ଛନ୍ଦ

ରାଗ—ଗୁଜ୍ଜରୀ—ପଢତାଳ

କୃଷ୍ଣ ବାଳକଲୀଳା ଏକମନେ । କର୍ଣ୍ଣ ନିବେଶି ଶୁଣ ସାଧୁଜନେ ।
କଳିକଳୁଷମାନ କ୍ଷୟ ଯାଉ । କାଳ ଦଣ୍ଡିବାକୁ ଭୟ ନ ଥାଉ ।
କୃତାର୍ଥ ; କର ମାନବଜନ୍ମ । କଣ୍ଠରେ ନିରନ୍ତର ଧର ନାମ ॥
କଳାକର-କଳା ବଢ଼ିଲା ପ୍ରାୟେ । କ୍ରମେ ବଢ଼ିଲେ ଯଶୋଦାଙ୍କ ପୋଏ ।
କର ଜାନୁରେ କରନ୍ତେ ଗମନ । କଟିତଟେ କରେ କିଙ୍କିଣୀ ସ୍ୱନ ।
କୁଟିଳ ; ନୀଳକୁନ୍ତଳ ଲୁଲେ । କମଳେ ଯେସନ ଭ୍ରମରମାଳେ ॥

କମ୍ବୁ କଣ୍ଠେ କଣ୍ଠଭୂଷଣ ଶୋହେ । କରେ କଙ୍କଣ ଜଗଜ୍ଜନ ମୋହେ ।
କଜ୍ଜଳେ ପୂରିତ ବେନି ଲୋଚନ । କୋକିଳକୁ ଜିଣେ କଳବଚନ ।
କୁଙ୍କୁମେ ; ଶୋଭା କଲା ଶ୍ରୀଅଙ୍ଗ । କରେ ଉପହାସ କୋଟିଅନଙ୍ଗ ॥
କେତେବେଳେ ନନ୍ଦପ୍ରାଙ୍ଗଣେ ବୁଲି । କରିକଳଭ ପରି ହୋଇ ଝୁଲି ।
କେତେବେଳେ ଧୂଳି ହୁଅନ୍ତି ବୋଳି । କରେ ଝାଡ଼ି ମାଏ ହୁଅନ୍ତି ଚଳି ।
କାନ୍ଦନ୍ତି ; ବାଣୀ କର୍କଶ ପାଇ । କପଟେ ଯଶୋଦା ଶାନ୍ତ କରାଇ ॥
କେତେବେଳେ ପଙ୍କେ ପଡ଼ନ୍ତି ଯାଇଁ । କରି ହୃଦେ ମାରି ଯଶୋଦା ଧାଇଁ ।
କରି କରି ହୋଇ ଗୋପୀ ହସନ୍ତି । କରେ ତୋଳି ଯଶୋଦାଙ୍କୁ ଦିଅନ୍ତି ।
କରାନ୍ତି ; କ୍ଷୀରପାନ ଜନନୀ । କଉତୁକରେ କେ ଯାଆନ୍ତି ଧେନି ॥
କରନ୍ତି ଗେଲ ନାନା ସୁଖ ପାଇ । କେହୁ ବୋଲଇ ମୋର ବାପ ଭାଇ ।
କଞ୍ଜଲୋଚନୀୟା କଳାକହ୍ନାଇ । କଳାମୁଖରୁ ଲୁଚ୍ଛି ହୋଇ ଯାଇ ।
କାହିଁକି ; କାନ୍ଦୁଥାଅ ମୋ ଧନ । କେ ଏତେ ତୁମ୍ଭଙ୍କୁ କରାଏ ମାନ ॥
କେ ବୋଲେ ନବଘନଶ୍ୟାମଳୀୟା । କୁଟିଳ-ନୀଳ-ଚୂର୍ଣ୍ଣକୁନ୍ତଳୀୟା ।
କଣ୍ଠର ଅମୂଲ୍ୟ ମର୍କତମାଳି । କୋଟିଦୁଃଖହାରୀ ସୁଖସଞ୍ଚାଳି ।
କପଟୀ ; ଧାତ୍ରୀ-ପରାଣଶୋଷୀୟା । କୂଠମନ୍ଦିର ଏ ବାଘନଖୀୟା ॥
କେ ବୋଲେ ମୋହର କୁସୁମଗଭା । କଜ୍ଜଳରେଖା ମୋ-ନୟନଶୋଭା ।
କପାଳର ଚିତୁ କସ୍ତୁରୀଚିତା । କୁଳଉଦ୍ଧାରଣ ଯଶୋଦା-ମାତା ।
କାହିଁରେ ; ନନ୍ଦ କଲେ କି ତପ । କେଉଁଭାଗ୍ୟରୁ ପାଇଲେ ଏରୂପ ॥
କାହା-କାଖରୁ କେ ଛଡ଼ାଇ ନେଇ । କୋଳେ ଧରି ମୁଖେ ଚୁମ୍ବନ ଦେଇ ।
କରେ ତୋଳି କୁଚଶିରେ ଲଗାଇ । କମଳ-ଚରଣଶୀତଳ ପାଇଁ ।
କହଇ ; ନନ୍ଦ ଚନ୍ଦ୍ର ଚନ୍ଦାନ । କି ଗୁଣରୁ ଏହା କରି ବନ୍ଦନ ॥
କରନ୍ତି ଏହିରୂପେ ଭାବ କେତେ । କହିବାକୁ ସେ ଅଗୋଚର ମୋତେ ।
କଳି ନୁହଇ ସମୁଦ୍ରତରଙ୍ଗ । କମଳନେତ୍ର ବାଳଲୀଳାରଙ୍ଗ ।
କଲେ ସେ ; ଦିନେ କିରୂପେ ଗୋଳ । କ୍ରୋଧେ ଯଶୋଦା ଖଟାଇଲେ ରୋଳ ॥
କମଳକୁମାର-କୁମାର ଶାପେ । କୁବେରପୋଏ ଥିଲେ ବୃକ୍ଷରୂପେ ।
କଇବଲ୍ୟଦାମୀ ଯଶୋଦାସୁତ । କଲେ ତାଙ୍କୁ ଲୀଳାମାତ୍ରେ ମୁକତ ।
କେବେହେଁ ; ଦିନେ ଚାଲିଲେ ହରି । କରି ଆନନ୍ଦ ଜାତ ଗୋପପୁରୀ ॥
କ୍ରମେ କରି ସଖାମାନଙ୍କୁ ସଙ୍ଗ । କଉତୁକେ ଦିନ ନେଲେ ଶ୍ରୀରଙ୍ଗ ।
କେଉଁ ପୁରେ ପଶି ଲବଣୀ ହରି । କାହିଁ ଦହି ଦୁଧ ଏକତ୍ର କରି ।
କେ ଯାଇଁ ; ଯଶୋଦାଙ୍କୁ କହନ୍ତି । କେ ଅବା ସ୍ନେହଭାବରେ ସହନ୍ତି ॥
କେଉଁ ଗୋପୀ କୋପେ ବୋଲଇ ଶୋକେ । କେମନ୍ତେ ଆଉ ରହିବା ଏ ଲୋକେ ।
କୃଷ୍ଣ ପ୍ରତାପ ତ ନୋହିଲା ସହି । କେ ଅବା ଶୁଣିବ କହିବା କାହିଁ ।
କଂସକୁ ; ଯେବେ ନୋହିଲା ଭୟ । କେଉଁ ଲୋକ ଏଥି ହୋଇବ ଥୟ ॥
କାଳଯାକ ହେଲା ଗୋପରେ ଡକା । କଅଁଳା ପୁଅର ଚୋରି ଜୀବିକା ।

କେଉଁ ଛଟକେ ମନ୍ଦିରେ ପଶଇ । କି କରି ସର ଲବଣୀ ଭକ୍ଷଇ ।
କାହିଁ ମୁଁ ; ଦେଖି ନାହିଁ ଏପୁଅ । କ୍ରୋଧରେ ହସାଇ ଆରମ୍ଭି ଝୁଅ ॥
କନାଇ ହସାଇ ବିନା କାରଣେ । କିକି କରି ଚାହେଁ ନୟନକୋଣେ ।
କଳକଣ୍ଠିତ ଭାବକୁ ବଢ଼ାଇ । କହୁଁ କହୁଁ ମୋଠ୍‌ଠାଇତକୁ ପାଇଁ ।
କାଳିତ ; ଆମ୍ଭ ଆଗରେ ଜାତ । କାହୁଁ ଶିଖିଲେ ଏ ଏତେ ଚରିତ ॥
କହୁଁ କହୁଁ ଗୋପୀ ଏହି ପ୍ରସଙ୍ଗ । କି କି ହୋଇ ମିଳିଗଲେ ଶ୍ରୀରଙ୍ଗ ।
କରେ ଧରି ନବନୀତ ସମ୍ବଳ । କରୁଛନ୍ତି କଳେ କଳେ କବଳ ।
କୁଟିଳ ; ନୀଳ ଅଳକା ଲୁଳେ । କମଳେ ଶୋଭା ଯେହ୍ନେ ଶଇବାଳେ ॥
କଳାକଳେବର ଧୂଳିଧୂସର । କଟିରେ କିଙ୍କିଣୀ ନାହିଁ ଅମ୍ବର ।
କାକର ପ୍ରାୟ ଝାଳ ବିନ୍ଦୁ ବିନ୍ଦୁ । କଳିତ କରିଛି ଶ୍ରୀମୁଖ ଇନ୍ଦୁ ।
କମଳେ ; ଭୃଙ୍ଗ ଖେଳିଲା ପ୍ରାୟେ । କଳାଡୋଳା ଚଳେ ଅପାଙ୍ଗଯାଏ ॥
କୃଷ୍ଣଙ୍କୁ ଦେଖି ଡାକିଲେ ଯୁବତି । କେ ବୋଲେ ଆସ ହେ ସୁଖସମ୍ପତ୍ତି ।
କଞ୍ଜନୟନ ଅଳକା-ବଳୀୟା । କୁମୁଦଦାମୀ ଘନଶ୍ୟାମଳୀୟା ।
କଣ୍ଠର ; ଦିବ୍ୟ ମର୍କତମଣି । କରି ନାଚ ଆମ୍ଭେ ଦେବୁଁ ଲବଣୀ ॥

କରେ ଗୋପୀମାନେ ଧରିଲେ ତାଳ । କମଳନୟନ ନାଚନ୍ତି ଭଲ ।
କଟିକିଙ୍କିଣୀ କିଣି କିଣି ବାଜେ । କନକନୂପୁର ଚରଣେ ସାଜେ ।
କହିବ ; କେତେ ସେ ନାଚିଛିବ । କବି ଜଡ଼ ହୋଇ ରହେ ଯା ଭାବ ॥
କେ ନେଇ ଶ୍ରଦ୍ଧାରେ ଦିଅନ୍ତି ସର । କରନ୍ତି ମଣୋହି ଶ୍ରୀଦାମୋଦର ।
କେ ବୋଲଇ ମୁଁ ଲୁଚିଯାଇଁ କିନା । କେ ବୋଲେ ଶ୍ରୀଅଙ୍ଗ ଫୁଟିବ ସିନା ।
କରି ଯା ; ବିଜେ ଘରକୁ ଏବେ । କାତର ହୋଇ ମାଏ ଲୋଡ଼ୁଥିବେ ॥
କେଉଁ ଗୋପୀ କରେ ଲବଣୀ ଦେଇ । କାଖରେ ବସାଇ ପୁରକୁ ନେଇ ।
କରେ ଯଶୋଦାଙ୍କ ଆଗରେ ଉଭା । କେ କହିବ ଅବା ସେକାଳ ଶୋଭା ।
କୋଳରେ ; ମାଏ ଧରିଲେ ନେଇ । କାହିଁଥିଲୁ ବୋଲି ଚୁମ୍ବନ ଦେଇ ॥

କରି ଶ୍ରୀଅଙ୍ଗେ ତଇଳ ମର୍ଦ୍ଦନ । କଲେ ଝୀନବସନରେ ମାର୍ଜ୍ଜନ ।
କଉଷେୟକାଛ ପିନ୍ଧାଇ ଦେଇ । କରପଦ୍ମେ ଦିବ୍ୟ ଅନ୍ନ ଭୁଞ୍ଜାଇ ।
କରାଇ ; ଆଚମନ ସଧୀରେ । କଲେ ଶ୍ରୀମୁଖପୋଛ ବସନରେ ॥

କେତେ କହିବ ବାଳଲୀଳା-ଭାବ । କହିଲେ ପଦ ବହୁତ ହୋଇବ ।
କଳପେ ବସି କଳପିଲେ ଯାହା । କହି ନ ପାରିବେ ଗିରିଜାନାହା ।
କୋଟିଏ ; କୋଟି କୀଟେ ମୁଁ ଏକ । କେତେ ମୋର ବୁଦ୍ଧି କେତେ ବିବେକ ॥
କେ ଅବା ଲେଖିବ ଗଗନତାରା । କେ ଅବା ଗଣିବ ବରଷାଧାରା ।
କେ ସଂଖ୍ୟା କରିବ ସିନ୍ଧୁଲହରୀ । କେ ପାରିବ ପୟୋନିଧି ପହଁରି ।
କେ ଅବା ; ଏହା କରି ପାରିବ । କୃଷ୍ଣମହିମା କହି ନ ପାରିବ ॥
କୃଷ୍ଣନାମରେ ପାପ କ୍ଷୟ ଯେତେ । କରି ନ ପାରେ ପାପୀ ପାପ ତେତେ ।

କ୍ଷୁଧରପ୍ରମାଣେ ଭୁଲାକୁ ଶିଖି ।   କଣମାତ୍ରକେ ନ ଦଅଇ ରଖି ।
କରନ୍ତେ ; ଜନେ କୃଷ୍ଣ କୀର୍ତ୍ତନ ।   କର୍ଣ୍ଣରେ ଶୁଣ କୃଷ୍ଣକଥାମାନ ॥
କୃଷ୍ଣଚରିତ୍ରମହିମା ଏମନ୍ତ ।   କର ଅମୃତବନ୍ଦୁ ମୂର୍ତ୍ତିମନ୍ତ ।
କମ୍ପୁ ଚକ୍ର ଧରି ହୃଦେ ବହିରି ।   କରନ୍ତୁ ଜଠରଜ୍ୱାଳାରୁ ପାରି ।
କରଇ ; ନାହିଁ ଯେ ତାଙ୍କ ସେବା ।   କୃତଘ୍ନ ସେହି ଲୋକକୁ ବୋଲିବା ॥
କୃଷ୍ଣକଥାରେ ଯାର ସ୍ନେହ ନାହିଁ ।   କାଲେ ସଂଘାତକୁ ଦେଖିବ ସେହି ।
କାଳଦଣ୍ଡେ ସଂଘାତ ସେ ହୋଇବ ।   କଷ୍ଟସଂଘାତକୁ ନଶ୍ଚେଁ ପାଇବ ।
କହଇ ; ଦୀନକୃଷ୍ଣ ସେ କଥା ।   କେବେହେଁ ହୋଇବ ନାହିଁ ଅନ୍ୟଥା ॥

## ଷଷ୍ଠ ଛାନ୍ଦ

### ରାଗ—କୌଶିକ

କର୍ଣ୍ଣ ମନ ଦେଇ ଶ୍ରଦ୍ଧାବନ୍ତ ହୋଇ ଶୁଣ ଜନେ କୃଷ୍ଣଚରିତ ।
କଳାକରକରେ ଅନ୍ଧକାର ପ୍ରାୟେ କ୍ଷୟ ଯାଉ ସବୁଦୁରିତ ।
        କଞ୍ଜନୟନ, ଅଞ୍ଜନବରନ କେଶବ ।
କାମପାଲ ସଙ୍ଗେ ଘେନ ନାନା ରଙ୍ଗେ କରନ୍ତି ବାଲଲୀଳାଭାବ ॥
କେତେବେଳେ ବଳେ ଗୋପସୁତମେଳେ ନବନୀତ ଘେନ ପଳାନ୍ତି ।
କେତେବେଳେ ଗୃହକର୍ମରୁ ବିରହ କରି ଜନନୀଙ୍କି ଚଳାନ୍ତି ।
        କେତେବେଳେ ସେ, କୋଳକ ଗୋଲକରି ରାଗେ ।
କେତେବେଳେ କାନ୍ଦି କର୍ଣ୍ଣେ କର୍ଣ୍ଣ ଛନ୍ଦି କାଖରେ ବସନ୍ତି ସରାଗେ ॥
କେତେବେଳେ ନନ୍ଦକାନ୍ଧେ ବସି ଚନ୍ଦ ମାଗନ୍ତି ରଜନୀସମୟେ ।
କରି ମନ ତୋଷ ଚନ୍ଦ୍ରମାମୁ ଆସ ଆସ ବୋଲନ୍ତି ନନ୍ଦରାୟେ ।
        କେତେବେଳେ ସେ, କଉତୁକେ ହୋଇ ଉତ୍ସାହା ।
କାମି କାମଦୁହା ଗୋଧନସୋରେହା ହୋଇ ଶିଖିଲେ ଗାଇଦୁହାଁ ॥
କମଳନୟନ ନୟନ-ମଣ୍ଡନ କ୍ରମେ ପାଇଲେ ବତ୍ସା ରଖି ।
କଳାକରମୁଖୀ ଗୋପୀମାନେ ଦେଖି ମନେ ହୁଅନ୍ତି ମହାସୁଖୀ ।
        କେଉଁ ଗୋପିକା, କାରୁଣ୍ୟରସକୁ ବୁହାଇ ।
କୃଷ୍ଣସ୍ନେହ ଘେନ ଯଶୋଦାଙ୍କୁ ମାନୀ ହୋଇ ସଖୀଆଗେ କହଇ ॥
କେଉଁ ସୁଖ ନାହିଁ ନନ୍ଦଘରେ ଏହି ପୁଅ ଯାଏ ବୃନ୍ଦାବନକୁ ।
କରୁଣାହୃଦୟ ନୁହନ୍ତି ନିର୍ଦ୍ଦୟ ଧିକ ଏହାଙ୍କର ଧନକୁ !
        କେଉଁ ବିଧାତା, କଲା ଏମନ୍ତ ଅବିଚାର ।
କୋଟିଲକ୍ଷ୍ମୀ ଯାହା ସେବାକୁ ଉତ୍ସାହା ସେ କରେ ବନକୁ ସଞ୍ଚାର ॥
କୋମଳଚରଣ ନନ୍ଦଇ ଅରୁଣ କେତେ ଲକ୍ଷଣ ଅଛି ଦେଖ ।
କେମନ୍ତ ଉଜ୍ଜ୍ୱଳ ନକ୍ଷତ୍ରମଣ୍ଡଳ ପରାୟେ ତାରତର ନଖ ।

କେଉଁ ଉପମା, କରି ଜାନୁ ଜଙ୍ଘ ଯୁଗଳୁ ।
କରିକଲଭର କରକୁ ଯିଙ୍କାର ଶିଶୁ ମରକତ-ରମ୍ଭାକୁ ॥
କେମନ୍ତ ମଧ୍ୟମ ଅତି ମନୋରମ ଦିଶେ ବିପୁଳବକ୍ଷସ୍ଥଳ ।
କୁବଳୟମାଳେ କୋକନଦ ଝୁମ୍ପାପ୍ରାୟେ ଶୋଭା ବାହୁ ଯୁଗଳ ।
କେବେ ନୋହିବ, କଥନ କଣ୍ଠ କର୍ଣ୍ଣ ନାସା ।
କବି କବି ହୋଇ କହିବ ବୋଇଲେ ମୁଖରୁ ନ ଆସିବ ଭାଷା ॥
କଲଙ୍କ ରହିତ କଳାକରଜିତ ଶ୍ରୀମୁଖ ସୁଖ-ନିକେତନ ।
କେତେକାଳ ବିହି କଉତୁକ ବହି ଗଢ଼ିଲା ଏ ରୂପ ରତନ ।
କରିଥିଲେ ହେଁ, କୁମାର ଦରିବ ଆମ୍ଭର ।
କରନ୍ତାଇ ଇଷ୍ଟ ଦେବତାରୁ ଶ୍ରେଷ୍ଠ ବସାଇଁ ପଲଙ୍କ ଉପର ॥
କେମନ୍ତ ସୁନ୍ଦର କଳା-କଳେବର କେମନ୍ତ ସୁରଙ୍ଗ ଅଧର ।
କେମନ୍ତ ନୟନ କଟାକ୍ଷର ଧନ୍ୟ ଲଲାଟପାଟୀ ମନୋହର ।
କେଡ଼େ ଯତନେ, କହିବା ହସି ଚତୁରତା ।
କେମନ୍ତପ୍ରକାରେ ନାଚଇ ସଧୀରେ କାମଧନୁ ଜିଣି ଭ୍ରୂଲତା ॥
କମଳସମ୍ଭବ ଭବ ଆଦି ଦେବ ସ୍ତୁତି ଯାହାଙ୍କୁ ଗୁଚ୍ଛମାଦି ।
କମଳୀ ଧବଳୀ ନୀଳୀ କୁଞ୍ଜଗଲୀ ଗାଇ ଡାକିବାକୁ ସେ ପାଦି ।
କାଳ ବଳରେ, କାହାରି ଆୟତ୍ତ ନ ଥାଇ ।
କେମନ୍ତ ନୋହିଲେ ଶ୍ରୀବନ୍ତ ହୋଇ ସେ କନ୍ଦେ ପଶୁରକ୍ଷୁ ବହଇ ।
କେ ବୋଲଇ ବଡ ହେଲେହେଁ ଗଉଡ଼ଘରେ ବଢ଼ିଲେ ଯେତେବେଳୁଁ ।
କଠାଉ ଦଉଡ଼ୀ ଶିକା ଭାର ବାଡ଼ୀ ଆସ୍ଥା ହେଲାଣି ତେତେବେଳୁଁ ।
କାହୁଁ ଖାଇବେ, କହ ନ ରଖିଲେ ଗୋଧନ ।
କେ ବୋଲେ ଯେ ଯାହା ଜୀବିକା ସେ ତାହା ନ କଲେ କେହିଁ ନେବ ଦିନ ।
କମଳନୟନ ବନକୁ ଗମନ କରନ୍ତେ ପଡ଼େ ଏହି କଥା ।
କେ ହୋଏ ହରଷ କେ ହୋଏ ବିରସ କେ ଲଭେ ମନେ ମହାବ୍ୟଥା ।
କାମପାଳଙ୍କୁ, କେଶବ ଧେନୁ ସଙ୍ଗତରେ ।
କଉତୁକେ ବତ୍ସା ରଖୁଁ ରଖୁଁ ବତ୍ସାସୁରକୁ ପିଟିଲେ ବୃକ୍ଷରେ ॥
କେତେଦିନେ ହରି ବକଅଣ୍ଟ ଚିରି କାଳ-ସଦନ ଦେଖାଇଲେ ।
କରି ଗୋପସୁତମାନଙ୍କୁ ଚକିତ ବିଚିତ୍ର ମନେ ରଖାଇଲେ ।
କ୍ରମେ ବିନାଶ, କଲେ ସେ ଅଘା-ଅସୁରକୁ ।
କଲୁଷ ପକାଇ ସୁରପୁରେ ଯାଇ ସମାନ ହୋଇଲା ସୁରକୁ ॥
କଳା ଧଳା ବେନି ଭାଇ ବଡ଼ ଦାନୀ ଧାର୍ମିକ ବିବେକ ସୁଶୀଳ ।
କାଳକୁ କବଳ କରିଦେଲେ ତାଳ ପଡ଼ିଏ ତାଳବନପାଳ ।
କରି ଅସୁର, କୁଳକୁ ନିର୍ମୂଳ କେଶବ ।
କୁଞ୍ଜକାନନରେ ବିରଜସଙ୍ଗରେ କରନ୍ତି ନାନାରୂପେ ଭାବ ॥

କେ କେକୀ ପରିପ୍ରାୟେ ନାଚ ନାଚ ଯାଏ କେ ବକ ପରାଏ ବସନ୍ତି ।
କେ ଭୃଙ୍ଗ ଝଙ୍କାର ଶୁଣି ଅହଙ୍କାର କରି ହୁଙ୍କାର ବିସ୍ତାରନ୍ତି ।
କେହୁ ସାଦରେ, କେକଶିଶୁ ପଛେ ଗୋଡ଼ାନ୍ତି ।
କେ କାହା କରରେ କର ମାରି ଖରେ ପଳାଇ ପ୍ରତିଜ୍ଞା କରନ୍ତି ।
କେତେବେଳେ ବାହୁ ଯୁଦ୍ଧ କରି କେହୁ ଭିବେ ହୁଅନ୍ତି ଧରାଧରି ।
କେତେବେଳେ ଫଳ ସମରେ ଚଞ୍ଚଳ କେତେବେଳେ ଆଖିବୁଜାଳି ।
କେତେବେଳରେ, କୃଷ୍ଣ ହୁଅନ୍ତି ନରପତି ।
କରେ ପୁଷ୍ପଛତ୍ର ଧରି ସଖାପନ୍ତି ମଣିମା ମଣିମା ବୋଲନ୍ତି ।
କଉତୁକେ ଖେଳ ଖେଳୁଁ ଖେଳୁଁ ବଳଦେବଙ୍କୁ ନିଅନ୍ତେ ପ୍ରଲମ୍ବ ।
କି କି କରି ଜାଣି ଭଙ୍ଗି ତାର ଆଣି ପରାଣ ନେଲେ ଅବଲମ୍ବ ।
କୁଞ୍ଜବିହାରି, କଥା ଅଦ୍ଭୁତ ପୁଣି କଲେ ।
କରାଳୁଁ କରାଳ ଅତ୍ୟନ୍ତ ପ୍ରବଳ ତମଦାବାନଳ ଗିଳିଲେ ।
କୁଶକେରୁ ମନ ଭ୍ରମାଇଲେ ବନଭୋଜନ ବତ୍ସାହରଣରେ ।
କଲେ ଅତି ଖର୍ବ ସୁରପତିଗର୍ବ ଗୋବର୍ଦ୍ଧନ ଉଦ୍ଧରଣରେ ।
କରି ଉଣ୍ଡାସ, କନ୍ଦଳଜାକ ନନ୍ଦବାଳ ।
କଉତୁକେ ବନବିହାରୀ ଗୋଧନ ରଖନ୍ତି ଘେନି କାମପାଳ ।
କୁମୁଦ ପ୍ରମୋଦ କମଳଙ୍କ ନଦ-ସମୟେ ଘରକୁ ଆସନ୍ତି ।
କମନୀୟ ବେଶ ଧରି ପୀତବାସ ସୁନ୍ଦରୁ ସୁନ୍ଦର ଦିଶନ୍ତି ।
କେକକଳାପ, କଳାପେ ରଞ୍ଜିତ ମୁକୁଟ ।
କାଦମ୍ବିନୀକାଳେ କଳାମେଘ କୋଳେ ଇନ୍ଦ୍ରଧନୁ ଯେହ୍ନେ ପ୍ରକଟ ।
କର୍ଣ୍ଣେ କମନୀୟ ମହାମଣିମୟ ମକରକୁଣ୍ଡଳ ଟଳନ୍ତି ।
କମଳ ଉଭୟ ପାଶେ ସୁଖୋଦୟ ଯୁଗଳ ମିନ କି ଖେଳନ୍ତି ।
କାବ୍ୟ ତାରରୁ, କାନ୍ତି ମୋତି ନାସେ ଲୁଲଇ ।
କରିବାରୁ ସଙ୍ଗ ଅଧର ସୁରଙ୍ଗ ଲୋହିତ ଅଙ୍ଗକୁ ବହଇ ।
କଣ୍ଠେ ତାର ହାର କାଳିନ୍ଦୀ-ବିହାର କରେକି ରାଜହଂସ ପନ୍ତି ।
କାଳିକା କୋଳରେ ନାଦ ରହିତରେ ବଳାକା-ବଳକି ଚଳନ୍ତି ।
କଟିତଟରେ, କମନୀୟ ପୀତବସନ ।
କନକ କିଙ୍କିଣୀଶ୍ରେଣୀ ତହିଁ ପୁଣି କରନ୍ତି ମଧୁର ନିସ୍ୱନ ।
କରେ ସୁବଳୟ ଫୁଲ କୁବଳୟ ଅଙ୍ଗେ ମଣ୍ଡିତ ଗୋରୁଧୂଳି ।
କଦମ୍ବକୁସୁମ ଶୋଭିକୁ ସୁସମ ଦିଶଇ ରଙ୍ଗ ଜାମୁଡ଼ାଳି ।
କନ୍ଧେ ଉତ୍ତରୀ, କୃତ ବନମାଳା ଲମ୍ବିତ ।
କୁସୁମରସରେ ମାତି ମଧୁକରେ ମହାସୁଖ ଭରେ ଚୁମ୍ବିତ ।
କେ ବେଣୁ ଶୃଙ୍ଗରେ ବିବିଧ ରଙ୍ଗରେ ଗୀତ ଶବଦମାନ କରେ ।
କେ କାହାକୁ ବଳି ପତରକାହାଳୀ ବଜାନ୍ତି ମହାମନୋହରେ ।

କଉତୁକେ କେ, କରେ କରତାଳ ବଜାଇଁ ।
କରେ କେ ଗଉଡ଼ ନାଟ କେ ଗଉଡ଼ଗୀତ ଆନନ୍ଦ ମନେ ଗାଇ ॥
କରି ଅଗ୍ରସର ସୁରଭୀ ନିକର ପଛେ ବିଜେ ଯଦୁଚନ୍ଦ୍ରମା ।
କରି ଏହି ଲୟ ବରଜଜନୟ ଗ୍ରହଗଣ ପ୍ରାୟେ ଉପମା ।
କଳାନିଧାନୀ, କି ଗୋପୀ ତୃଷିତଚକୋରୀ ।
କରନ୍ତି ନୟନ ଚଞ୍ଚୁ-ଦ୍ୱାରେ ପାନ ଶୋଭା-ଅମୃତ ପୂର୍ଣ୍ଣ କରି ॥
କେ ଡାକେ ଧବଳୀ କେ ଡାକେ କମଳୀ କେ ଡାକେ ନୀଳୀ ପରିମଳୀ ।
କେ ବୋଲଇ ହଂସୀ କେ ବୋଲଇ ବଂଶୀପ୍ରିୟ ବଉଳୀ କୁଞ୍ଜଗଲୀ ।
କେତେ ପ୍ରକାରେ, କେ ଡାକେ କେତେ ନାମଧରି ।
କେ କହିବ ଶୋଭା ଜନ-ମନଲୋଭା ଯେମନ୍ତ ସମୁଦ୍ରଲହରି ॥
କଳାପୀ କଳାପ କଳାପ କଳାପେ କମନୀୟ ବେଶ ଯାହାର ।
କଲେ ଅପରାହ୍ନରେ ଅବଶ୍ୟ ଦୁଆରେ ଗୋପସୁତ କଲେ ବିହାର ।
କଉତୁକରେ, କଲି ଅତି ମନ ହରଷେ ।
କଲା ତାଙ୍କୁ ଦୀନକୃଷ୍ଣ ଦରଶନ କବାଟଫିଟା ଅବକାଶେ ॥

## ସପ୍ତମ ଛାନ୍ଦ

ରାଗ—ପଞ୍ଚମବରାଡ଼ୀ—କଳସାବାଣୀ

କମଳ ନୟନ କୃଷ୍ଣ ଶ୍ରୀନନ୍ଦନନ୍ଦନ ।
କିଶୋରୀ ଗୋପୀଙ୍କ କୁଚ କର୍ପୂର ଚନ୍ଦନ ।
କୋଟି କାମରୂପଧର ତ୍ରୈଲୋକ୍ୟବନ୍ଦନ ।
କାମିଜନମାନଙ୍କର ଶ୍ରୀହରିଚନ୍ଦନ ॥
କାଳିନ୍ଦୀଜଳକଲ୍ଲୋଳ କଉତୁକକାରୀ ।
କଦମ୍ବତଳବିହାରୀ କଳ ବେଣୁଧାରୀ ।
କେକିପୁଚ୍ଛମଣ୍ଡନ କନକନିଭ ବାସ ।
କାମକେଳି କରିବାକୁ କଲେ ଅଭିଳାଷ ॥
କପଟକୁଶଳ କାମରୂପୀ ଯଦୁପତି ।
କେତେବେଳେ ଧରୁଥାନ୍ତି କେମନ୍ତ ମୂରତି ।
କେତେବେଳେ କାଚରି ଶଙ୍ଖାରି କଇବର୍ତ୍ତ ।
କେତେବେଳେ ମାଳୀ କେତେବେଳେ କଳାଭୃତ ॥
କେତେବେଳେ ହୋଇଥାନ୍ତି କଳାମେଘ ପ୍ରାୟେ ।
କଳାପ ମୁକୁଟ ଇନ୍ଦ୍ରକୋଦଣ୍ଡ ପରାୟେ ।
କାବ୍ୟତାର ମୋତିହାର ବଳାକାମଣ୍ଡଳୀ ।
କନକ-ନିଭ ବସନ ଝଟକ ବିଜୁଳି ॥

କିଙ୍କିଣୀ ମଞ୍ଜୁଳ ରବ ମଧୁର ନିର୍ଘୋଷ ।
କହିବା ଶ୍ରୁତିରି ବରଷଇ ଘନରସ ।
କାହାର ନୟନଶ୍ରୁତିକି ନ ରୁଚଇ ।
କେଉଁ ଗୋପୀ ମନ ମତ୍ତ-କେକୀ ନ ନାଚଇ ॥
କେଉଁ ଦିନ ହେଉଥାନ୍ତି ନଟବରବେଶ ।
କପାଳେ କସ୍ତୁରୀଚିତା କର୍ଣ୍ଣେ ଅବତଂସ ।
କଟାକ୍ଷେ ସ୍ତମ୍ଭନ ବଶ ଉଚ୍ଚାଟକୁ ରଖି ।
କଥାପ୍ରସଙ୍ଗେ ମୋହନ୍ତି କଳାକରମୁଖୀ ॥
କେଉଁ ଦିନ ସର୍ବାଙ୍ଗଚନ୍ଦନ ପୀତବାସ ।
କସ୍ତୁରୀ ତିଳକ ଗଣ୍ଡକପାଳେ ପ୍ରକାଶ ।
କୃକାଟିକା ନିକଟକୁ କମନୀୟ ଜୁଡ଼ା ।
କେତକୀ ପାଖୁଡ଼ା ବେଢ଼ା ନାରୀଧରବୁଡ଼ା ॥
କେତେବେଳେ ବହିର ଚନ୍ଦ୍ରମାରଜନୀରେ ।
କରନ୍ତି ଜଗତ ବଶ ପାଣିବଂଶୀ ଦ୍ୱାରେ ।
କର୍ଣ୍ଣେ ଶୁଣି ଗୋପସୁତେ ହୁଅନ୍ତି ବାହାର ।
କରଇ ଯେହ୍ନେ ନାଗକୁ ନାଗେଶ୍ୱର ସ୍ୱର ॥
କେଉଁ ଗୋପୀଙ୍କ ଅନାଇ ପରିହାସ କରି ।
କୁଚକୁମ୍ଭେ ଜୀବନତ ନେଉଅଛୁ ହରି ।
କହଇ କୁରଙ୍ଗଦୃଶା ଯେ ଯାହାର କର୍ମ ।
କଲେ ସେ ତାହାର ଧର୍ମ ନ କଲେ ଅଧର୍ମ ॥
କାହାକୁ ବୋଲନ୍ତି ତୋର କଟି ଅତିସରୁ ।
କୁଚ ତୋ ମେରୁପର୍ବତଠାରୁ ଅତିଗୁରୁ ।
କରିବର ପ୍ରାୟେ ଏଥି ଗମନ ତୁ କରୁ ।
କେଉଁ ଲୋକ ତୋତେ ଏଥି ବୋଲୁଥାଇ ଭୀରୁ ॥
କୁବଳୟଦୃଶା ହସି ବୋଇଲା ହେ ହରି ।
କେତେବେଳେ ଫଳକି ଲତାକୁ ହୁଏ ଭାରି ।
କରେ ଧଇଲ ପର୍ବତ ନୋହିଲା ସେ ଚନ୍ଦ୍ର ।
କହୁଥାଅ କି କରି କଥା ହେ ପଦ୍ମନେତ୍ର ॥
କୃଷ୍ଣ ହସି ବୋଇଲେ ମୁଁ ପାଇଲି ପାଇଲି ।
କି କହିବ ଅଧିକ ତୋ କୋପୁର ହୋଇଲି ।
କାମିନୀ ବୋଇଲା ମୁହିଁ ତୁମ୍ଭ ଦାସୀ ସିନା ।
କରିଥିବ କୃପା ମୋତେ ଲୁଚ୍ଛି ଯାଇ କିନା ॥
କୁସୁମଲଟ କଠିନ କାଠକୁ କାଟଇ ।
କୋମଳ ଭାବରୁ କରି ଫୁଲକୁ ଖଟଇ ।

କରଇ ଯେ ନାରୀଙ୍କ ଏରୂପେ ଆଶ୍ୱାସନା ।
କୋଟି ବ୍ରହ୍ମାଣ୍ଡେ ନାଗରବର ସେହି ସିନା ॥
କୃଷ୍ଣ ଗୋପୀଙ୍କର ଯେଉଁ ଯେନାଯେନ ବାଣୀ ।
କହି ଶେଷ କରିବାକୁ କେ ଅଛି ଧରଣୀ ।
କଠୋର ରସିକେ ଏଥି ଭାବ ନ ଜାଣନ୍ତି ।
କମଳ ମଣ୍ଡୂକ ପ୍ରାଏ ତାହାଙ୍କର ଗତି ॥
କଳାକର ଉଦେ ହେଲେ ଚନ୍ଦ୍ରମଣି ଦ୍ରବେ ।
କେତେବେଳେ ଅକର୍ମଶିଳାରୁ ନୀର ସ୍ରବେ ।
କୋମଳ କରି ଗାଇଲେ ପଦ୍ମତୋଳା ଗୀତ ।
କରେ କି ମାଟିମର୍ଜାର ଫଣିଫଣା ନୃତ୍ୟ ॥
କାହାକୁ ବୋଲନ୍ତି ହରି କି ଭାଗ୍ୟ ତୋହର ।
କୁଚ ଛଳେ ବାହୁମୂଳେ ରଖିଛୁ ଶଙ୍କର ।
କାବ୍ୟ ତାର ମୋତିହାର ଗଙ୍ଗାଧାରେ କରି ।
କି ଶୋଭା ଦିଶନ୍ତି ଆହା ଅନଙ୍ଗବଇରି ॥
କମଳପାଣି ଲାଗି ହୁଅନ୍ତି ଟିକି କଢ ।
କହ କହ ରସବତୀ ବରଜଯୁବତୀ ।
କେବଳ କଥାଏ ମୁଁ ଦେଖିଲି ବିପରୀତ ।
କରି ନାହିଁ ଅର୍ଦ୍ଧଇନ୍ଦୁ ଅମ୍ବରେ ଶୋଭିତ ॥
କଳ୍ପନା କରୁଛି ନାଭି ସୋମସୂତ୍ର ପ୍ରାୟେ ।
କେଉଁ ମହେଶ୍ୱରର ତ ଆଗରେ ନ ଥାଏ ।
କେବଳ ଏ ଦିନେ ମୋତେ ହୋଇଲେ ପ୍ରସନ୍ନ ।
କରନ୍ତି ମୁଁ ପାଣିଲାଗି ହେଲେ ତୋଷମନ ॥
କନ୍ଦର୍ପପରୀକ୍ଷା ଆଗେ କହି କରି ମୋତେ ।
କରୁ କି ନା ନୂଆମାଳ କୃପାଥିଲେ ଚିତ୍ତେ ।
କେଶରିମଧ୍ୟମା ବୋଲେ କରାଇବା ସେବା ।
କଲି ଯେବେ ମନୋରଥ ସ୍ୱୟମ୍ଭୁ ସେବିବା ॥
କନ୍ଦର୍ପକେଳିକୁଶଳା ହୋଇଥିବ ବାଳା ।
କରୁଥିବ ଗତି ଭ୍ରୂଭଙ୍ଗ କଟାକ୍ଷ ଲୀଳା ।
କର୍ଣ୍ଣରେ କୁଣ୍ଡଳ ହେଉଥିବ ଦୋଳାୟିତ ।
କଲେ ତା ଦର୍ଶନ ନୋହେ କେଉଁ ସୁଖ ଜାତ ॥
କୋଣିଆଇଁ ଶୃହୁଁଥିବ ନାସିକା ଫୁଲାଇ ।
କହୁଥିବ ବକ୍ରବାଣୀ ଅଳପ ଗେଲାଇ ।
କର୍ଣ୍ଣ ତାହା ଶୁଣୁଥିବ ଦେଖୁଥିବ ନେତ୍ର ।
କଲେ ତାରତମ୍ୟ ସ୍ୱର୍ଗସୁଖ କେତେ ମାତ୍ର ॥

କେବଳହିଁ ନୋହିଥିବ ଅତ୍ୟନ୍ତ ଉଦ୍ଧତ ।
କେତେବେଳେ ନୋହିଥିବ ଅତି ଲଜ୍ଜାବନ୍ତ !
କହିବାରେ କହୁଥିବ ସ୍ନେହଗର୍ଭବାଣୀ !
କି କରିବ ଇନ୍ଦ୍ରମୁଖି କର୍ଣ୍ଣେ ତାହା ଶୁଣି ।
କବି ହୋଇ କରୁଥିବ ନିର୍ମଳ କବିତ୍ୱ ।
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ ।
କିଞ୍ଚିତ କରି ଆସ୍ୱାଦ କରୁଥିବ ତାହା ।
କହେ କୃଷ୍ଣ କି ମଧୁରେ ଲେଖିବି ମୁଁ ଏହା ।

## ନବମ ଛାନ୍ଦ

ରାଗ—କଉଶିକ

କର ସାଧୁଜନମାନେ ଏକମନ କର୍ଣ୍ଣ ଦେଇ କୃଷ୍ଣକଥାକୁ ।
କାଳେହେଁ ସଂଶୟ ନ ଥାଉ ଏ ଭବ-ଭୟ କାଳଦଣ୍ଡ ବ୍ୟଥାକୁ ।
    କୁଞ୍ଜବିହାରୀ, ବିହରନ୍ତେ ଗୋପନଗର ।
କଂସ ଆଜ୍ଞା ଆସି ଲାଗିଲା ନନ୍ଦଙ୍କୁ ଦେବ କମଳ ଶତେଭାର ।
କଲେ ନନ୍ଦ ଭୟ ନ ଦିଶେ ଉପାୟ କେ ଯିବ ପଦ୍ମଫୁଲତୋଳା ।
କର୍ଣ୍ଣେ ଶୁଣିକରି ଭୟ ପରିହରି ଆଗ ହୋଇଲେ ବନମାଳୀ ।
    କାଳୀଭୟରେ, କେହି ନ ପଶେ କାଳିନ୍ଦୀରେ ।
କୃଷ୍ଣ ଆନନ୍ଦରେ ପ୍ରବେଶ ହୋଇଲେ ନଟ ଯେହ୍ନେ ନାଟମନ୍ଦିରେ ।
କମଳ-ନୟନ କମଳକରରେ କମଳ ତୋଳନ୍ତି ସଧୀରେ ।
କାଳୀଫଣୀ ଆସି ଦଂଶିଲା କମଳପାଦରେ କୁଟିଳବୁଦ୍ଧିରେ ।
    କ୍ରମେ ଛନ୍ଦିଲା, ଅଙ୍ଗକୁ ଅଙ୍ଗ ଆବଳିରେ ।
କଳା ବିଧାତା ମର୍କତସ୍ତମ୍ଭକୁ କି ଶୋଭା ଇନ୍ଦୀବରମାଳରେ ।
କଜ୍ଜଳପର୍ବତେ କଳାମେଘପ୍ରାୟେ ଶୋଭା ପାଇଲା ବେନି ଅଙ୍ଗ ।
କି ହୁଅନ୍ତା ଅବା ନୟନେ ଦେଖିଲେ କର୍ଣ୍ଣେ ଶୁଣିମାକୁ ଏ ରଙ୍ଗ ।
    କାଳବଳରେ, ଉଠି ତା ଉତ୍ତମ ଅଙ୍ଗରେ ।
କଲେ ନଟବର ପରାୟେ ତାଣ୍ଡବ ଶ୍ରୀରଙ୍ଗ ଶ୍ରୀଅଙ୍ଗଭଙ୍ଗୀରେ ।
କିବା କାଳୀ ହିତ କାଳେ ଉତପାତ ଇନ୍ଦ୍ରଧନୁ ଉଦେ ଜଳରେ ।
କାଦମ୍ବିନୀ କୋଳେ କି ନବତମାଳେ କେକୀ ନାଚେ ମତ୍ତଭୋଳରେ ।
    କାଳୀ ଉପରେ, ସେହିରୂପରେ ବନମାଳୀ ।
କରନ୍ତେ ମର୍ଦ୍ଦନ କାଳିନ୍ଦୀ କର୍ଦ୍ଦମ କଲେ ଗୋପାଳପୋଏ ମିଳି ।
କର୍ଣ୍ଣେ ଶୁଣିକରି କେଉଁ ଗୋପନାରୀ ଡାକି କହେ ପ୍ରିୟଆଳୀକି ।
କାଳିନ୍ଦୀରେ ପଦ୍ମଫୁଲ ତୋଳୁଁ କୃଷ୍ଣ ଦଳିଲେ ଯେମନ୍ତ କାଳୀକି ।

କର ଗମନ, ଦେଖିଯିବା ବନମାଳିଙ୍କ ।
କୁଶଳେ ଆସନ୍ତୁ ବୋଲି ଆରତିରେ ଧର୍ମକୁ ହୁଅନ୍ତି ଓଳିଙ୍କ ॥
କହେ କମଳା ବିମଳା ପରିମଳା ଆଦି ଯେତେ ସବି ଆଲୀଙ୍କି ।
କରିବାକୁ ଆଗ ବନ୍ଦାପନା ବେଗ ସଜାଡ଼ ସୁବର୍ଣ୍ଣ ଥାଳିଙ୍କ ।
କେଉଁ ଗୋପୀକା, ବୋଲେ କହ ଚନ୍ଦ୍ରାବଳୀଙ୍କି ।
କନକ-କୁସୁମ ବେଲପତ୍ରିମାଳ ମାନନ୍ତୁ ସେ ଆଗ ଶୂଳିଙ୍କି ॥
କେ ବୋଲେ ଆମ୍ଭଙ୍କୁ ଆଜଠାରୁ ଭଲ ହୋଇଲାଟି ଜଳକେଳିଙ୍କ ।
କୃଷ୍ଣପାଦପଦ୍ମ ଧୂଳି ଲାଗିଥାଉ ଆମ୍ଭ ସବୁରି ମଉଳିଙ୍କ ।
କେଉଁ ଗୋପୀକା, ବୋଲେ ତାକୁ କହିଁ ଭୁଲିଙ୍କ ।
କରିବାକୁ ପୂଜା ଦେବେ ରହିଥାନ୍ତୁ ଘେନ କୁସୁମ ଅଞ୍ଜଳିଙ୍କ ॥
କେ ବୋଲଇ କାଳୀମସ୍ତକ ଉପରେ ନାଚୁଛନ୍ତି କରତୋଳିଙ୍କ ।
କେ ବୋଲଇ ସଖୀ ପାଏ ସେ ଜୀବନ ମନ ନେଏ କଉଶଳିଙ୍କ ।
କେଉଁ ଗୋପୀକା, ବୋଲେ ତହୁଁ ଅଛୁ ବଳିଙ୍କ ।
କରାଳୁଁ କରାଳ ମହାଦାବାନଳ ଆନବଳେ ହୋଏ ଗେଳିଙ୍କ ॥
କେ ବୋଲେ କାଳ ଦନ୍ତଘାତ କେମନ୍ତ ବାଧିଛୁ ପାଦଅଙ୍ଗୁଳିଙ୍କ ।
କେ ବୋଲେ କଛୁ ନ ବର୍ତ୍ତିର ଆମ୍ଭର ନାହାନ୍ତି ଚନ୍ଦ୍ରମଉଳିଙ୍କ ।
କେଉଁ ଗୋପୀକା, ବୋଲେ ସେ ସିହାଁଣ କଳିଙ୍କ ।
କୃଷ୍ଣ ନ ଥିଲେ ଆନବଳେ ଗୋମତପର୍ବତ ହୁଅନ୍ତା ତୋଳିଙ୍କ ॥
କେ ବୋଲଇ ବହିଙ୍କ କରୁଥିଲା ମୋ କଣ୍ଠ-ମରକତ-ମାଳିଙ୍କ ।
କେ ବୋଲଇ ମୋତେ ଅଙ୍କ କରି ନେଉଥିଲା କେ ନେଏପିତୁଳିଙ୍କ ।
କେଉଁ ଗୋପୀକା, ବୋଲେ ସେବଥାଇଁ କାଳୀଙ୍କି ।
କୃପାକଟାକ୍ଷୀ କୃପାରେ ସିନା ଦେଇଅଛନ୍ତି ସୁଖସଙ୍ଗାଳିଙ୍କ ॥
କେ ବୋଲଇ ପ୍ରତେ ନାହିଁତ ଦେଖିବା ଯାଏ ମକରକୁଣ୍ଡଳିଙ୍କ ।
କେ ବୋଲଇ ସଖି ତାଙ୍କଠାରେ ଏହି କଥା ଛର ପାଇଁ ଭାଳିଙ୍କ ।
କେଉଁ କଥାଏ, କେତେ କେତେ କଥା ଗଲାଣି ।
କଅଁଳାପୁଅ ବେଳରୁ ଆମ୍ଭ କାହ୍ନୁ କେଉଁ ବଚଏ ନ କଲାଣି ॥
କର୍ଣ୍ଣେ ଶୁଣି ଗୀତ ବୋଧନୋହେ ଚିତ୍ତ ଯେମନ୍ତ ଗୁଆଁର ମୁଖର ।
କେଶବ ଚରିତ ପ୍ରତକ୍ଷେ ଦେଖିତ ହେଉଥାଅ ଏଡ଼େ ଅସ୍ଥିର ।
କହୁଅଛୁ ମୁଁ, ଶୁଣ ସମସ୍ତ ସଖୀଜନ ।
କାଳୀମର୍ଦ୍ଦନ-ନାମ ଧରି ପ୍ରବେଶ ହୋଇବେ କଳାମେଘବର୍ଣ୍ଣ ॥
କାଳୀୟ ରମଣୀ ସ୍ତୁତିବାଣୀ ଶୁଣି କରୁଣାସିନ୍ଧୁ କରୁଣାରେ ।
କଲେ ଅଭୟ ମହାସୁଖ ଉଦୟ ବରୁଣଦେବ ଶରଣରେ ।
କଲେ ଗୋପକୁ, ବିଜୟ କମଳଲୋଚନ ।
କଲେ ନନ୍ଦରାଜ୍ୟେ ଆନନ୍ଦ ହୃଦୟେ ଅନେକ ଦାନ ପୁଣ୍ୟମାନ ॥

କଳିନ୍ଦକନ୍ୟା ମହାବିଷଜ୍ୱାଳାରୁ ସେହିଦିନୁଁ ହେଲା ମୁକତ ।
କ୍ରୀଡ଼ା କଲେ ହଂସ ବକ କାରଣ୍ଡବ କୋକ ହଂସରାଜୀ ସନ୍ତତ ।
କଞ୍ଜ କୁମୁଦ, କୁବଳୟ ଶୋଭା ଦିଶିଲେ ।
କମଳାମୁଖ ହାସ ଖୁନେଇ ପର ମନ ନୟନକୁ ତୋଷିଲେ ।
କନ୍ଦର୍ପସଙ୍ଗୀତମନ୍ଦିର ପରାୟେ ତଟନିକଟ ବୃନ୍ଦାବନ ।
କମ୍ପିତପବନେ କୁସୁମିତ ଲତା ନର୍ତ୍ତକୀ କରନ୍ତି ନର୍ତ୍ତନ ।
କହେ ଆନନ୍ଦ-ମନେ ଦୀନକୃଷ୍ଣ ଏ ରସ ।
କର ସାଧୁଜନମାନେ ଏକମନ ରସକଲ୍ଲୋଳଗୀତେ ରସ ।

## ଦଶମ ଛାନ୍ଦ

### ରାଗ—ବଙ୍ଗଳାଶ୍ରୀ

କୁମୁଦନନ୍ଦିନୀ ସଖୀଗଣ ଘେନି ଗମନ କରନ୍ତେ ରଙ୍ଗେ ।
କମଳ-ସୁବାସ ଅଙ୍ଗ ଚଉପାଶ ବେଢ଼ି ଉଡ଼ୁଛନ୍ତି ଭୃଙ୍ଗେ ।
କି ଦେବା ଉପମା ସହିଜେତ ବାମା ତ୍ରିଭୁବନେ ନିରୁପମା ।
କମଳନୟନ ମଦନମୋହନ ପ୍ରିୟତମା ସୁଖସୀମା ।
କଳାରେ କଜ୍ଜଳ ସୂକ୍ଷ୍ମ ଶଇବାଳ ତରଙ୍ଗ ପ୍ରାୟେ କୁଟିଳ ।
କଟି ସର ଲମ୍ବି ମହା ମନୋରମ କୁସୁମବାସ କୁନ୍ତଳ ।
କଞ୍ଜୁ ପରିମଳ ଦର୍ପଣ ନିର୍ମଳ ଚନ୍ଦ୍ରକାନ୍ତି ପ୍ରାୟେ ମୁଖ ।
କେ କହିବ ତାହା ଅନାଇଲେ ଯାହା ଜାତ ହୋଏ ମହାସୁଖ ।
କୁରଙ୍ଗୁଁ ଚଞ୍ଚଳ ସୁରଙ୍ଗ ଅଞ୍ଚଳ ଶଫରୀ ଆକୃତ ଆଖି ।
କନ୍ଦର୍ପ ବିଶିଖ ଠାରୁ ମହାତୀକ୍ଷ୍ଣ ହୃଦୟେ ରହଇ ଲାଖି ।
କାମ କୋଦଣ୍ଡରୁ ବକ୍ର ମୃଦୁ ସରୁ ନୀଳ ଭ୍ରୂଲତା ସୁନ୍ଦର ।
କାମଜୟ ପାଶ ପରାୟେ ପ୍ରକାଶ କର୍ଣ୍ଣ ଅତି ମନୋହର ।
କମନୀୟ ତିଳଫୁଲରୁ ମଞ୍ଜୁଳ ଅତୁଲ୍ୟ ଅମୂଲ୍ୟ ନାସା ।
କବିବଚନରେ ଉପମା ଦେବାକୁ ନାହିଁ ଆଉ ପ୍ରତିଆଶା ।
କୁନ୍ଦରୁଉଜ୍ଜ୍ୱଳ ମୋତିରୁ ବର୍ତ୍ତୁଳ ଡାଳିମ୍ବକୁ ବଳି ଜ୍ୟୋତି ।
କୁନ୍ଦ ହୀରସାର ବସାଇଲା ପ୍ରାୟେ ସଞ୍ଚ ଘଞ୍ଚ ଦନ୍ତପନ୍ତି ।
କିଶଳୟ ବିମ୍ବ ବନ୍ଧୂକ ବିଡମ୍ବ କରଇ ଯେଉଁ ଅଧର ।
କୃଷ୍ଣମୁଖବିମ୍ବେ କ୍ରୀଡ଼ାରସେ ଚୁମ୍ବେ ତହିଁକି କି ପଟାନ୍ତର ।
କେତକୀରୁ ଗୋରା ଦେହକାନ୍ତି ତୋରା କୋମଳେ ଶିରୀଷ ପରା ।
କେ କହିବ ରାଧା-ଚନ୍ଦ୍ରମୁଖୀରୂପ କୃଷ୍ଣ ମନ ଯହିଁ ଧରା ।
କୋକିଳୁଁ ସୁସ୍ୱର ବୀଣାରୁ ମଧୁର ପଢ଼ାସାରୀ-କଥା ଜିଣି ।
କର୍ଣ୍ଣସୁଖକର କୃଷ୍ଣମନୋହର କୋମଳ ବଚନ ବାଣୀ ।

କମ୍ବୁ ଆକୃତିର କଣ୍ଠ ଦିଶେ ଚିତ୍ର ମୃଣାଳରୁ ବଳି ଭୁଜ ।
କରପଦ୍ମ ଶତ-ପତ୍ରକୁ ନିନ୍ଦଇ କୁସୁମକାନ୍ତି କରଜ ॥
କର୍କଶରେ କରିକୁମ୍ଭ ସମ କରି ରୂପେ ହେମସଂପୁଟକ ।
କି କହିବା ତାଳଫଳରୁ ଉଜ୍ଜ୍ୱଳ ଯେଉଁ କୁଚକୁମ୍ଭ ଠିକ ॥
କାମ କର କାଳୀ ବର୍ତ୍ତା-ବଳୀ ବଳି ବିରାଜଇ ରୋମାବଳୀ ।
କେଶରୀ ଡମ୍ବରୁ ମଧ୍ୟୁଁ ମଧ୍ୟ ସରୁ ପୁଳିନୁଁ ଜଘନ ବଳି ॥
କନକକଦଳୀ ଜାନୁସଙ୍ଗେ ତୁଳିବାକୁ ନ ବଳଇ ମନ ।
କାମ ଉଦ୍ଦୀପନ ବଢ଼ାଇ ବହନ ତହିଁକ କେବା ସମାନ ॥
କମଳୁଁ ଅରୁଣ କୋମଳ ଚରଣ ନଖ ମଣିଗଣ ପ୍ରାୟେ ।
କରନ୍ତି ଗମନ ଗଜଗତି ମନ ମହ-ମନ୍ଦାକ୍ଷକୁ ପାଏ ॥
କାଳିନ୍ଦୀକୂଳରେ ପ୍ରବେଶ ହୋଇଲେ ସକଳ ଗୋପବନିତା ।
କଳେବରମାନ ଦିଶଇ ଶୋଭନ ଯେମନ୍ତ କନକଲତା ॥
କଜ୍ଜ୍ୱଳ ପରାୟେ ନେତ୍ରକୁ ସୁନ୍ଦର ଦିଶଇ ଯମୁନାଜଳ ।
କୁଳବତୀ ପରି ପରତେ ହୁଅଇ କୂଳକୁ କରି ଉଜ୍ଜ୍ୱଳ ॥
କୃଷ୍ଣପ୍ରିଅଲୋକ ହୃଦୟ ପ୍ରାୟେକ କମଳ ମହା ନିର୍ମଳ ।
କର୍ପୂର ଚନ୍ଦନ ଚନ୍ଦ୍ରମା ସମାନ ସନ୍ତାପ-ହର ଶୀତଳ ॥
କୃଷ୍ଣ ହୃଦସ୍ଥଳ ପରାୟେ କମଳମାଳରେ ମଣ୍ଡିତ ହୋଇ ।
କରଜ ରଞ୍ଜନୀ ସମାନକୁ ପାଇ ପୁନର୍ଭବକୁ ଛେଦଇ ॥
କରିଣୀ ପରାୟେ ପଦ୍ମ ଧରିବା ଏ କାଳୀପ୍ରାୟେ ଚକ୍ର ଧରି ।
କି ଅବା ନାଗରୀ ଫୁଲବେଶ ଧରି ଘନରସକୁ ବିସ୍ତାରି ॥
କି ଅବା ପକ୍ଷିଣୀ ବେନତଟ ପାଣି ଦୁଇଦିନ ଏକରାତି ।
କି ସୁରସରଣୀ ଉଡୁପ ତରଣି ହୋଇବାରୁ ଗତାଗତି ॥
କେ ବୋଲେ ପ୍ରୋଷିତ ପ୍ରିୟତମା ପ୍ରାୟେ ହୋଇଥିଲା ମଳିନତା ।
କୃଷ୍ଣ ଅଙ୍ଗସଙ୍ଗ ଲାଗିବାରୁ ଅଙ୍ଗ ହେଲା ଏଡ଼େ ନିର୍ମଳତା ॥
କେ ବୋଲେ ବାସକଶଯ୍ୟା ପରାୟେକ ହୋଇଅଛି ଏବେ ଦେଖ ।
କୃଷ୍ଣ ଆଗମନ ଆଶାରେ ପ୍ରସନ୍ନ କରିଅଛି ପଦ୍ମମୁଖ ॥
କଉତୁକେ ଏହି କଥାମାନ କହି ପଶିଲେ ଯାଇଁ ଜଳରେ ।
କନକ ରସାଣ ହେଲା ସୁର-ରଣ-ନୀଳ ରତନ ସ୍ଥଳରେ ॥
କରି ଅବଗାହ ଗୋପିକାସମୂହ ଜଳରୁଁ ବାହାର ହୋଇ ।
କରି ଅଙ୍ଗ ପୋଛି ଯାହାର ଯେ ଇଚ୍ଛା ବସନ ପିନ୍ଧିଲେ ଯାଇଁ ॥
କଲେ ଧୀରଗତି ଗୋକୁଳଯୁବତୀ ହସ ରସ କଉତୁକେ ।
କଳହଂସପନ୍ତି ଯେମନ୍ତ ଗମନ୍ତି ମହାମତ୍ତ କଳଡାକେ ॥
କେ କହିବ ଗୋପଯୁବତୀଙ୍କ ତପ ମାନବଶରୀର ବହି ।
କୃଷ୍ଣ ଭଗତିରେ ଭୋଳ ନିରନ୍ତରେ କୃଷ୍ଣ କଥାମାନ କହି ॥

କଳ୍ପାନ୍ତରେ ଯୋଗୀ ଯୋଗବାଟ ଲଗି ପାଇବାକୁ ଯା ଦୁର୍ଲ୍ଲଭ ।
କି ଭାଗ୍ୟ ବଳରେ ଗୋପୀ ଗୋପାଳରେ ସବୁକାଳେ ସେ ସୁଲଭ ॥
କଲେ ବେଦପତି ଯେତେରୂପେ ସ୍ତୁତି ବଶ ନୁହନ୍ତି ତାହାକୁ ।
କର୍ଣ୍ଣ ଡେରିଥାନ୍ତି ବରଜଯୁବତି କଉତୁକେ ଡ଼ାକିବାକୁ ॥
କହେ ଦୀନକୃଷ୍ଣ ହୋଇ ମହାତୃଷ୍ଣ ଗୋପୀ ଗୋପୀନାଥ କଥା ।
କରିବାକୁ ହିତ ଅଶେଷ ଦୁରିତ ଦଣ୍ଡଧର ଦଣ୍ଡ ବ୍ୟଥା ॥

## ଦ୍ୱାଦଶ ଛାନ୍ଦ

### ରାଗ—କଲ୍ୟାଣଆହାରୀ

କୁସୁମ ସମୟ ହୋଇଲା ଉଦୟ ଦକ୍ଷିଣପବନ ବହିଲା ।
କାମଦେବଦୂତ ହୋଇ ମହାମତ୍ତ ପଞ୍ଚମସ୍ୱରରେ କହିଲା ।
କନ୍ଦର୍ପ, ଦର୍ପ ହୋଇଲା ଅତିଶୟ ।
କୁସୁମବିଶିଖ କରିବାକୁ ଲକ୍ଷ କାମୀ କାମିନୀ କଲେ ଭୟ ॥
କମଳ ରସାଳ ନୀଳଉତ୍ପଳ ନବାଲୀ ଅଶୋକ ବକାଶ ।
କାମ ପଞ୍ଚବାଣ କାମୀ ପଞ୍ଚପ୍ରାଣ ଘେନିବାକୁ କଲେ ପ୍ରକାଶ ।
କେତକୀ, କୁନ୍ଦ କି ହୋଇଲା ପ୍ରକଟ ।
କାନ୍ତା କାନ୍ତ ଭେଟ ଅଭେଟ ହୋଇଲା ଜୀବ ଯିବା ହେଲା ନିକଟ ॥
କୁସୁମବନ୍ତ ମାଧବୀ ଧନୁ ଶୋଭା ଭ୍ରମର କଦମ୍ବ ଗୁଣରେ ।
କଉତୁକ କରି କାମକୁ ବସନ୍ତ ଦେଇଅଛି ସଖାପଣରେ ।
କିଂଶୁକ, ପାଟକରବାଳ ତାହାର ।
କରିବାରୁ ରଙ୍ଗକୋଷେ ତାହା ସଙ୍ଗ ସୁଖ ନୋହୁଅଛି କାହାର ॥
କେଶର କୁସୁମ ଅତି ମନୋରମ କାମନୃପତି-ଶ୍ୱେତଛତ୍ର ।
କଶଲୟପନ୍ତ ପତାକା ଉଡ଼ନ୍ତି ବଶ କରନ୍ତି ମନ ନେତ୍ର ।
କରୁଣା, କେଶର ମଲ୍ଲୀ-ଗନ୍ଧ ଧୂପ ।
କେଳିକଦମ୍ବେ ଶଙ୍ଖଧ୍ୱନି କରନ୍ତି ସର୍ଧୀରେ ଶଙ୍ଖୁଆ ମଧୁପ ॥
କୋକିଳ କୁହୁ କୁହୁ ରବ ବଜାଉଁ ବାଜିଲା ଅତ୍ୟନ୍ତ ପ୍ରବଳେ ।
କଲେ ପ୍ରୟାଣ କୁସୁମବାଣଗଣ ବସନ୍ତ ପ୍ରାଣସଖାମେଳେ ।
କହିବ, କେ ଅବା ସେକାଳସମ୍ପତ୍ତି ।
କରି ମହାଭୟେ କଙ୍କର ପରାୟେ କାମବଶ ଯୁବା ଯୁବତି ॥
କେମନ୍ତ କୁସୁମ ଅତି ମନୋରମ ହୋଇଛି ବସନ୍ତ ପ୍ରବେଶେ ।
କାନ୍ତ ବଦେଶରୁ ଅଇଲେ ରମ୍ୟେରୁ ଅବଶ୍ୟ ଶୋଭା ପାଇବେ ସେ ।
କରିବା, ଆମ୍ଭେ ଚଲ ବନବିହାର ।
କୁହାକୁହି ହୋଇ କୃଷ୍ଣ ସୁଖଦାୟୀ ସଙ୍ଗରେ ହୋଇଲେ ବାହାର ॥

କେବଳ ଆକାଶ ପର୍ଯ୍ୟେ ପ୍ରକାଶ ନୟନେ ମାତ୍ର ଦେଖିବାକୁ ।
କେ କେଉଁ ବେଶେ ଗମନ କରନ୍ତି ସେ ନୂଆ ସେ କବି ଲେଖିବାକୁ ।
କି ଅବା, ବୋଲିବା ସ୍ୱର୍ଗଅପସରୀ ।
କ୍ରୀଡ଼ା ଅର୍ଥରେ ନନ୍ଦନକୁ ଗମନ୍ତି ତାଙ୍କର କାହିଁ ଏଡ଼େ ତୋରି ।
କବି କଳ୍ପିବାରେ ଭୁଲେ ଭୁଲିବାରେ ଭୁଲାପ୍ରାଏ ହେଲେ ଉଦ୍ଦାସ ।
କଳାକେ ସମାନ ନୋହି ନୃତ୍ୟ ଗାନ କରି ସ୍ୱର୍ଗେ କଲେ ନିବାସ ।
କେମନ୍ତେ, ବୋଲିବା ତାହାଙ୍କ ପର୍ଯ୍ୟେ ।
କୃତାର୍ଥ ହୋଇଛି ରମ୍ଭାପରି ନାରୀ ଯାହାଙ୍କ ଜାନୁ ଉପମାଏ ।
କଟି ପ୍ରତିଆସ ଥିବାରୁ ସୁରେଶ-ଆସନ ହେଲା ଗଜର୍ଯ୍ୟେ ।
କଳହଂସ ଏହି କାରଣରୁ ବିହିବାହାନ ହୋଇ ପୂଜା ପାଏ ।
କେତେହେଁ, ଥିବାରୁ ଚନ୍ଦ୍ରେ ମୁଖଅଂଶ ।
କପର୍ଦ୍ଦୀ କରେ ଧରି ତାଙ୍କ ନାଚନ୍ତି ମସ୍ତକେ କରି ଅବତଂଶ ।
କୁଚ ସଦୃଶରୁ ଦେବତାଏ ମେରୁପର୍ବତ କଲେ ନିକେତନ ।
କଣ୍ଠକୁ ଅନାଇଁ ମହାତୋଷ ହୋଇ ବିଷ୍ଣୁ ବହିଲେ ପାଞ୍ଚଜନ୍ୟ ।
କାହିଁକି, ଦେବେ କରନ୍ତି ସୁଧାପାନ ।
କୁଟିଳକେଶୀ ଚଟୁଳବେଣୀ ଗୋପୀକଥାକୁ କାହୁଁ ସେ ସମାନ ।
କାହିଁ ପାଇଁ ଅଙ୍ଗେ ମଣ୍ଡି ହୁଅନ୍ତି ସେ ପାରିଜାତକକୁସୁମକୁ ।
କେତେ ତପ କରି ପାଇଁଚ ଯହୁଁ ସେ ମନୋହରହାସ ସମକୁ ।
କାନ୍ତିକି, ସମାନ ନୋହେ କ୍ଷଣକାନ୍ତି ।
କାଦମ୍ବିନୀକୋଳେ ଥାଇଁ ସେ ଚଞ୍ଚଳେ ଦେଖାଇଁ ନ ଦେଖାଇ ଜ୍ୟୋତି ।
କଳଧଉତ ଅନେକ ଲାଜ ପାଇଁ ଅନଳେ ଅଙ୍ଗକୁ ଦହିଲା ।
କ ବର୍ତ୍ତୁର ପୁଣି ଅମରଧରଣୀଧରେ ନଦୀ ହୋଇ ବହିଲା ।
କରଜ, ସମାନ ନୋହି ତାରିଗଣ ।
କଲେ ଶୂନ୍ୟଗତି ଦିବସରେ ଜ୍ୟୋତି ନ ଦେଖାଇ ଲାଜ ପାଇଣ ।
କହିଲି ଯେତେକ ସ୍ୱର୍ଗବାସୀଯାକ ଭୁଲରେ ସମସ୍ତେ ଉଦ୍ଦାସ ।
କୃଷ୍ଣପ୍ରିୟତମା ଗୋପୀଙ୍କ ଉପମା କଲେ ହୋଇବ କେଉଁ ଯଶ ।
କେବଳ, କବିତା ବନିତା ବ୍ରତତି ।
କରିଅଛି ବିହି ବିରଚିତ କେହି ଆଶ୍ରେ ନ ଥିଲେ ନ ବର୍ତ୍ତନ୍ତି ।
କନକବଲ୍ଲରୀ ଫଳ ଫୁଲ ଧରି ଚଳନ୍ତେ ଯେମନ୍ତ ବିଚିତ୍ର ।
କାମକଳାବତୀ ଗୋପୀ ସେହିମତି ଚଳନ୍ତେ ମୋହେ ମନ ନେତ୍ର ।
କ୍ରମେ ସେ, ବୃନ୍ଦାବନେ ହୋଇ ପ୍ରବେଶ ।
କଲେ ସେ ଶ୍ରବଣ ନାନା ପକ୍ଷିଗଣନାଦେ ପୂରିଛି ଦଶଦିଶ ।
କାଳନ୍ଦୀ-ଶୀତଳ ପୁଷ୍ପପରିମଳ ଘେନ ବହେ ମନ୍ଦପବନ ।
କୁରଙ୍ଗମଦ ସଉରଭ କରନ୍ତେ ବଢ଼େ କନ୍ଦର୍ପ ଉଦ୍ଦୀପନ ।

କୁସୁମ, ଚୁମ୍ବି କରେ ଭୃଙ୍ଗ ଝଙ୍କାର ।
କନ୍ଦର୍ପ ଧନୁ ଟଙ୍କାରିଲା ପରାୟେ ପ୍ରତେ ହୁଅଇ ଗୋପୀଙ୍କର ।
କପୋତହୁଙ୍କାର କାମ ଅହଙ୍କାର ତର୍ଜ୍ଜନ ପରାୟେ ମଣନ୍ତି ।
କେ ରତିକୂଜିତ କଥା ଚେତି ଚିତ୍ତ ଚଞ୍ଚଳ କରଣ ଗୁଣନ୍ତି ।
କୁଞ୍ଜର-ଗମନୀ କୁଞ୍ଜମାନ ଦେଖି ।
କଞ୍ଜନୟନ କୃଷ୍ଣକଥା ସୁମରି ଧଇର୍ଯ୍ୟ ନ ପାରନ୍ତି ରଖି ।
କିଂଶୁକ ଅଶୋକ ଚମ୍ପା କୁରୁବକ କରୁଣା କେଶର କେଶର ।
କୃବେଲି ମଲ୍ଲୀ ମାଧବୀ କୁଟ୍ଟିଅନା ହେମକେତକୀ କରବୀର ।
କରକ, ଆଦ କୁତ-ମାଲ ତମାଲ ।
କୁସୁମଭରେ ମନୋହର ମନ୍ଦାର ବକୁଲ ରସାଳର ଶାଳ ।
କେଉଁ ଗୋପୀ ଦେଖି ବୋଲଇ ଗୋ ସଖି ଦେଖ ଦେଖ ଏ ନାଗେଶ୍ୱର ।
କାନ୍ତବିଚ୍ଛେଦରେ ବିରହଣୀଠାରେ କେବଳ ହୋଏ ନାଗେଶ୍ୱର ।
କନ୍ଦର୍ପ, କରିଛନ୍ତି ଏହି କେତକୀ ।
କରିତ ବିରହିଅଙ୍ଗ ପ୍ରାଣ ନେବା କଥାହିଁ ଏହାକୁ କେତେକ ।
କୁସୁମ ଉତ୍ତମବାସ ମନୋରମ ନାମ ମାତ୍ରକ କୁଟ୍ଟିଅନା ।
କର୍ଣ୍ଣପଥେ ଶୁଣି ପ୍ରବାସି-ରମଣୀମାନେ ହୁଅନ୍ତି କ୍ଷୁଣ୍ଣମନା ।
କୃଷ୍ଣରେ, କୃଷ୍ଣ ସମ ଦେଖି ତମାଲ ।
କାନ୍ତବିଯୋଗରେ ବିରହଭୋଗରେ ପ୍ରତେ ହୋଏ କାମତମାଲ ।
କିଂଶୁକକୁସୁମ ନୁହଇ ଏ କାମ-ଅର୍ଦ୍ଧଚନ୍ଦ୍ରବାଣ ପରାୟେ ।
କାନ୍ତାର୍ଥିନୀ ନାରୀ ଅଙ୍ଗକୁ ବିଦାରି ହୋଇଛି ମହାରଙ୍ଗମୟେ ।
କରଇ, ଯହିଁ ବିଯୋଗିନୀ-ପଳାଶ ।
କହିଲ ଗୋ ସହି ଜାଣିଥାଅ ସେହି ଯେନ ଏହା ନାମ ପଳାଶ ।
କନକକୁସୁମ ବୋଲି ଏହା ନାମ ବିଧାନ କରିଅଛି ବିହି ।
କେଉଁ ଅବିଗୁଣେ ଅବିବେକ ପଣେ ଭୃଙ୍ଗ ଏହାକୁ କଲା ଦ୍ରୋହୀ ।
କୋମଳେ, ଶୁଣାଇଲେ ସୁଧା ଆଳାପ ।
କାଲ ଅପ୍ରାପତ ହୋଇଥିଲେ ଜାତ କରଇ କୁସୁମକଳାପ ।
କେମନ୍ତ ବିଶାଳ ନେତ୍ରସୁଖଶାଳ ସଖି ଏ ପ୍ରମାଣ ରସାଳ ।
କାନ୍ତ କୋଳଗତ ନୋହିଲେ ସାକ୍ଷାତ ହୁଅଇ ଏକା ଏ ରସାଳ ।
କୋକିଳ-ଠାରୁ ସବୁରି ସ୍ନେହପାତ୍ର ।
କାମକରେପାତ୍ରୀ ହେଲେ ବାମନେତ୍ରୀମାନଙ୍କୁ ବାମ ହୋଏ ମାତ୍ର ।
କରୁଣାକଟାକ୍ଷେ ଅନାଇଁ ଫୁରୁଣା ହୋଇ କେ ବୋଲେ ଏ କରୁଣା ।
କରୁଣାକର କରୁଣା ବାହାରେ ଏ ହୁଅଇ ଅପୂର୍ବ କରୁଣା ।
କେ ବୋଲେ, ଦେଖ ଦେଖ ସଖୀ ମାଧବୀ ।
କେତେହେଁ ସ୍ନେହ ଏହାଠାରେ କରନ୍ତି ମିତ୍ର ଭାବ ଯେନ ମାଧବୀ ।

କେଉଁ ଗୋପି ହସି ବକ୍ରବାଣୀ ଭାଷି ବୋଲେ ଦେଖ ଏ କାମଦୂତୀ
କାମ କାର୍ଯ୍ୟସିଦ୍ଧ କରିବାରୁ ବୁଦ୍ଧମାନେ ବୋଲନ୍ତି କାମଦୂତୀ ।
କେ ବୋଲେ, ଶୁଣ ଗୋ ସମସ୍ତେ ସୁନାରି ।
କୁଡମାଲ ନାମ ଥିବାରୁ ଏ କାମଅବନୀପତିର ସୁନାରୀ ।
କରିଛି କୁସୁମ କପଟେ ସୁସମ ଉପମାୟ କଣ୍ଠିମାଳାକୁ ।
କନ୍ଦର୍ପଙ୍କୁ ଭୟେ ନ ଥିଲେ ଥୋକାଏ ନେଇଥାଆନ୍ତେ ଚୋରି ଗଳାକୁ ।
କେ ବୋଲେ, ସୁଖ ଲୋଭେ ଦୁଃଖ ପାଇବ ।
କେଉଁ ମୁଣ୍ଡ ପ୍ରାୟେ ଭୃଙ୍ଗସୁଆଦରୁ କାଲେ ଦଣ୍ଡ ସିନା ହୋଇବ ।
କୃଷ୍ଣକରୁଣାରେ ମନଫୁରୁଣାରେ ଆମ୍ଭେ ବୋଲୁଥାଉଁ କଥାଳ ।
କେଉଁ ରସବନ୍ତି ବରହିବପତ୍ତି ପାଇ ବୋଲୁଥିବ କାଁଳ ।
କେ ବୋଲେ, ଦେଖ ଦେଖ ସଖି ଅଶୋକ ।
କେଉଁ ରସିକମା କାନ୍ତବଯୋଗିନୀ ହେଲେ ନ କରାଏ ସଶୋକ ।
କେଶବପ୍ରସାଦେ କାମ ଅପ୍ରମାଦେ ଆମ୍ଭଙ୍କୁ ହୋଇଛି ପୁନ୍ନାଗ ।
କାନ୍ତ ସଙ୍ଗ ଛଡ଼ା କାମରସପୀଡ଼ା ହୋଇଲେ ହୋଏ ଏ ପୁନ୍ନାଗ ।
କେବଳ, ଭଲକାଲେ ଭଲ ସଭିଏଁ ।
କେ ଅବା ଅଭଲେ ଅଭଲ ନୋହିଛି ବଚ୍ଚିର କହିଲ ସଭିଏଁ ।
କେଉଁ ଗୋପୀ ଦେଖି କରଙ୍ଗୀ ତରକ ବୋଲଇ ସଖି ଦେଖ ଦେଖ ।
କପିଁ ବୃଦ୍ଧନାରୀ ସ୍ତନପ୍ରାୟ କରି ତଳକୁ କରିଅଛି ମୁଖ ।
କେବଳ, ମନକୁ ଏମନ୍ତ ଘଟିଲା ।
କମନୀୟ ଦନ୍ତପନ୍ତି ଦେଖି ଅନ୍ତସରଙ୍କ ହୃଦୟ ଫାଟିଲା ।
କେ ବୋଲଇ କୁଚ ଅନାଇଁ ସଙ୍କୋଚ ପାଇ ମୁଖ କରି ତଳକୁ ।
କରଇ ତପସ୍ୟା କରି ପ୍ରତିଆଶା ଲଗାଇ ସମାନ ଗୁଳକୁ ।
କେ କାହା, କୁଚେ କର ଦେଇ ଆଶ୍ବିଲା ।
କାହ୍ନୁଁ ଏହା ପତ୍ରି ହୋଇବ ଏ ଚୋରି ବୋଲି ମନ୍ଦହାସ ମୁଣ୍ଡିଲା ।
କହିଲେ ବହୁତ ହେବ ଏ ଚରିତ ଶୁଣ ହେ ରସିକ ନାଗର ।
କେବଳ ଅମୃତ ଖାଇଲେ ବହୁତ ମନକୁ ନୋହେ ସୁଖକର ।
କହଇ, ଦୀନକୃଷ୍ଣ ବନ ଭ୍ରମଣୀ ।
କର୍ଣ୍ଣେ ଏହା ଶୁଣି ସୁକୃତ ପରାଣୀ ତରି ସଂସାର ତରଙ୍ଗିଣୀ ।

ପଞ୍ଚଦଶ ଛାନ୍ଦ

**ରାଗ—ଅହାରୀ**

କ୍ରମେ ମଧୁଶେଷ ହୁଅନ୍ତେ ପ୍ରବେଶ ହୋଇଲା ଗ୍ରୀଷମ ସମୟ ।
କରମାଳ କର ମହା ଖରତର କମଳକୁମାର ପରାୟ ।

ସୁଜନେ । କି କହିବା ମହୀତପତ ।
କରାଇଲା ନୃତ୍ୟ ପଥିକପାଦଙ୍କୁ ସଂଗ୍ରାମଭୂମି ଅଣବତ ।
କୁଣଳନର୍ତ୍ତକୀ ଭ୍ରମରୀ ପରାୟେ ଭ୍ରମିଲେ ବାତଚକ୍ରମାନେ ।
କୁଟୁମ୍ବି-ଦୀନଜନ-ମନ ପରାୟେ ସନ୍ତାପି ହେଲେ ଏକାଦନେ ।
ସୁଜନେ । କୃଶ ହୋଇଲେ ନଦୀଜଳ ।
କାନ୍ତ ଘନରସ ବହୀନେ ଯେମନ୍ତ ଦଶନ୍ତ ବରହୀଣୀ-କୁଳ ।
କୁରଙ୍ଗ-ନୟନା-ନୟନ-ତରଙ୍ଗ ବଳ ମୃଗତୃଷ୍ଣା ଦଶିଲେ ।
କଳାମେଘକୋଳେ ବଜୁଳୀ ପରାୟେ ବନେ ବନଅଗ୍ନି ହସିଲେ ।
ସୁଜନେ । କାହିଁ ତୃଣରାଜେ ଫୁଟନ୍ତ ।
କାମିନୀ-ସୁରତକାଳ ମନମଥ ଶବଦ ପରାୟେ ଘଟନ୍ତ ।
କୃପଣସାମନ୍ତ ସେବକ ପରାୟେ ତାପେ ଜର୍ଜର ସୂର୍ଯ୍ୟକାନ୍ତ ।
କାନ୍ତରହିତ କାନ୍ତା ପ୍ରାୟେ ହୋଇଲେ ସରସୀମାନେ ବେଶଅନ୍ତ ।
ସୁଜନେ । କେବଳ ଭକ୍ତ-ରଙ୍କ ପ୍ରାୟେ ।
କଚ୍ଛପ ମତ୍ସ୍ୟ ମଣ୍ଡୁକମାନଙ୍କର ଦୁର୍ବଳ ହୋଇଗଲା କାୟେ ।
ଲ ବରହେ କରବର ରହେ ମହାଗହନ ଆଶ୍ରେ କର ।
କର୍ଦ୍ଦମରେ ପଡ଼ି ଫେନମୁଖେ ରଡ଼ି ଛାଡ଼ନ୍ତ ଗନ୍ଧବ-ବଇର ।
ସୁଜନେ । କୁଞ୍ଜଭିତରେ ପକ୍ଷିମାନେ ।
କେବଳ ଯୋଗୀ ଧ୍ୟାନ କଲା ପରାୟେ ନିଶ୍ଚଳେ ରହିଲେ ମଉନେ ।
କରବାକୁ ପ୍ରାଣ ରକ୍ଷା ନିଜ ପ୍ରାଣ ପରକୁ ଦେଲା ପ୍ରାୟେ ହୋଇ ।
କୋକ ମୃଗ ଯାଇଁ ଭୟକୁ ପକାଇଁ ସିଂହଛାୟାରେ ହେଲେ ଶାୟୀ ।
କୋବଦେ । କୁଣ୍ଡଳୀକୁଳ ଏହିରୂପେ ।
କଳାପିକଳାପତଳରେ ରହିଲେ ପାଇ ବପତ୍ତିକ ଆତପେ ।
କାହିଁ ଗଲା ବନଲତା ଶୋଭବନ କାନ୍ତହିତ କାନ୍ତା ପରାୟେ ।
କରଥିଲା ସିନା ବସନ୍ତ ତାହାକୁ ନବପଲ୍ଲବେ ତୋରା ମୟେ ।
କୋବଦେ । କାଲେ ସେ ଅନ୍ତର ହୋଇଲା ।
କନ୍ଦର୍ପ ଦର୍ପ ରହିତ ହୋଇ ସଖା ଅଭାବେ ହୃଦରେ ଶୋଇଲା ।
କୁଞ୍ଜେ କୁଞ୍ଜେ ବସି ହିଁକାରୀ ଡାକଲେ କାମକେଳବାଟ ପଢ଼ିଲା ।
କୁସୁମକାଣ୍ଡ ମଣ୍ଡି ହୋଇ ଅର୍ଜୁନ ବଯୋଗୀ ହୃଦୟ ତାଡ଼ିଲା ।
କୋବଦେ । କେଉଁ ପଥିକ ତାପବଳେ ।
କରନ୍ତେ ଗମନ ଶ୍ରମ ପାଇ ଯାଇଁ ବସନ୍ତ ବହୁ-ପାଦ-ତଳେ ।
କୃପଣ ଧନ ସଞ୍ଚିଲା ପ୍ରାୟେ ମଧୁ ସଞ୍ଚିଲେ ମଧୁକରମାନେ ।
କେ ଜଳଛତ୍ର ପବତ୍ରମାନ ଦେଲେ ବ୍ରାହ୍ମଣଙ୍କରେ ସ୍ଥାନେ ସ୍ଥାନେ ।
କୋବଦେ । କେଉଁ ଈଶ୍ୱର ଅନୁଗ୍ରହୀ ।
କର୍ପୂର ଚନ୍ଦନ ଅଙ୍ଗେ ବୋଳିହୋଇ ଧାରାମଣ୍ଡିତଗୃହେ ରହି ।

କେ ଗୀତ କବିତ୍ୱ ବେଣୁ ବୀଣା ନୃତ୍ୟରଙ୍ଗେ ଦିନମାନ ହରନ୍ତି ।
କେ ବସି ଏକାନ୍ତେ କାମିନୀସଙ୍ଗତେ ଚନ୍ଦନପିଚକା ମାରନ୍ତି ।
କୋବିଦେ । କେ କରେ ନଉକା ବିହାର ।
କେ ସ୍ୱେଦ ଭୟରେ କରତଳୁଁ ତାଳବୃନ୍ତ ନ କରଇ ବାହାର ।
କେ ଦିନଶେଷରେ ଦିନକରକରେ ତାପ ପାଇଁ ଜଳେ ବୁଡ଼ନ୍ତି ।
କେ ମହାବିକଳେ ବସି ଶୀତସ୍ଥଳେ ଶୀତଳ ପବନ ଲୋଡ଼ନ୍ତି ।
କୋବିଦେ । କେତେ କହିବ ଏ ପ୍ରସଙ୍ଗ ।
କେବଳ ଶୀତକାରକଦ୍ରବ୍ୟ ବିନୁ ଆନ ଲୋଡ଼ିଲା ନାହିଁ ଅଙ୍ଗ ।
କାନ୍ତପ୍ରବଳ ଗ୍ରୀଷମରେ ବିକଳ ହୋଇ ସକଳ ଗୋପାଙ୍ଗନା ।
କରିବେ ବୋଲି ଜଳକ୍ରୀଡ଼ା ଚଞ୍ଚଳ ହୋଇଲେ ଚପଳ-ଲୋଚନା ।
କୋବିଦେ । କମଳା କୁଟିଳକୁନ୍ତଳା ।
କାମକେଳି କଳା-କୁଶଳା ସୁଶୀଳା କେତକୀଗୋରୀ ପ୍ରେମଶୀଳା ।
କରି-କୁମ୍ଭସ୍ତନା କୋକିଳ-ବଚନା କୁନ୍ଦକଳୀଗୁରୁ ଦଶନା ।
କୁଟିଳଦର୍ଶନା ପ୍ରସନ୍ନବଦନା ଶ୍ରୀକୃଷ୍ଣଚନ୍ଦ୍ର-ସ୍ନେହ-ଧେନା ।
କୋବିଦେ । କପଟ ନିତମ୍ବଶୋଭିନା ।
କେଶରୀମଧ୍ୟମା କଉତୁକସୀମା କୁଞ୍ଜବନକେଳି-ଲୋଭନା ।
କଳାକରହାସୀ କମଳସୁବାସୀ କ୍ରୀଡ଼ା-ମାନସ କଳହଂସୀ ।
କୃଷ୍ଣମନମୀନ-ଆକର୍ଷ-ବଡ଼ଶୀ କନ୍ଦର୍ପ-ଦର୍ପ-ତମ-ଶଶୀ ।
କୋବିଦେ । କାମତରଙ୍ଗିଣୀ ତରଣି ।
କରନ୍ତେ ଗମନ ଅତିଶୋଭିବନ ଦିଶଇ ଧରଣୀ-ସରଣୀ ।
କଳରବ କରେ କନକକିଙ୍କିଣୀ ବାଜଇ ବାଜେଣି ନୂପୁର ।
କାମ ପହଣ୍ଡ ମଣାଇ ନେଲପ୍ରାୟେ ଶୁଭଇ ଅତ୍ୟନ୍ତ ସୁସ୍ୱର ।
କୋବିଦେ । କମଳ ବିଛିଲା ପରାୟେ ।
କଶଳୟ ପନ୍ତି ପାଦ ବିକାଶନ୍ତି ପଦ ପଦକେ ସୁଖମୟେ ।
କାଳନ୍ଦୀ-କୂଳରେ ପ୍ରବେଶ ହୋଇଲେ ସକଳ ବ୍ରଜବାଳିକା ।
କଲେ ଅବଲୋକ କଳାରେ କନ୍ଦୁଛି ଦଳଲା କଜ୍ଜଳ କାଳିକା ।
କାମିନୀ-କଟାକ୍ଷ ପରାୟେ ତରଙ୍ଗ ।
କବରୀ ପରାୟେ ମହା ମନୋହର କୁସୁମମାନଙ୍କରେ ସଙ୍ଗ ।
କଳହଂସକୁଳ ସ୍ୱନ କରୁଛନ୍ତି ହଂସକନିସ୍ୱନ ପରାୟେ ।
କାନ୍ତା-ଉଚ୍ଚକୁଚ ପ୍ରାୟେ ବସିଛନ୍ତି କୋକମିଥୁନ ଏକଠାୟେ ।
କେବଳ । ବ୍ରହ୍ମଧ୍ୟାନ-ଯୋଗୀ ପରାୟେ ।
କଳେବର ସ୍ଥିର କରି ବକମାନେ ମୀନଙ୍କୁ କରିଛନ୍ତି ଲୟେ ।
କମଳେ କମଳବଦନୀ ପଶନ୍ତେ କମଳେ ହୋଇଲେ ଚଞ୍ଚଳ ।
କୁବଳୟ ଆଦି କହ୍ଲାର ସହିତେ କେ ତହିଁ ନୋହିଲେ ନିଶ୍ଚଳ ।

କେବଳ । ଯେ ଯାହାକୁ ଗୁଣେ ବଳଇ ।
କଙ୍କର ପାଶେ ଦେଖିଲେ ତାକୁ ସେ ଅଧୈର୍ଯ୍ୟ ହୋଇ ଡରଇ ।
କମନୀୟ ମୁଖ ସୁନେତ୍ର ସୁନଖ ଶୋଭାକୁ ସମ ନୋହିବାରୁ ।
କମ୍ପିଲା ସବୁର ଶରୀର ସୁନ୍ଦର ମରିବା ଭଲ ଲଜ୍ଜଠାରୁ ।
କାଦମ୍ବ । କୂଳପାଶରେ ନ ରହିଲେ ।
କରିବାରୁ ଶ୍ରେଣୀ ଗମନ-ଶୃଙ୍ଖଳୀ ମନରେ ଭୟକୁ ବହିଲେ ।
କନକଲତା ନୀଳମଣିସ୍ଥଳରେ ପବନେ ଚଳିଲା ପରାୟେ ।
କେ କାହାକୁ ପାଣି ପାଣିରେ ପୂରାଇଁ ଆନନକୁ ମାରି ପଳାଏ ।
କେ ଜଳ-କରଠ ପରାୟେ ବୁଡଇ ।
କାହିଁ ଯିବୁ ବୋଲି କରି କେ ପାଣିରେ ପାଣି ଧେନକରି ଗୋଡ଼ଇ ।
କରେ କର ଦେଇ ଚକ୍ରବାଳ ହୋଇ କମଳଁକୁ କମଳ ତୋଳନ୍ତି ।
କେ କରକମଳେ କମଳକୁସୁମ ତୋଳି କାହାକୁତେ ତାଳନ୍ତି ।
କେ ବୋଲେ । କୁଚପତ୍ର ସଖି ଶଙ୍କର ।
କରି ଏହାଙ୍କୁ ଜଳଶାୟୀ ସମସ୍ତେ ହେଲାଇଁ ଏହାଙ୍କ କଙ୍କର ।
କି ବର ମାଗିବ ମାଗିଥାଅ ଏବେ ଯେ ଯାହାର ଦୁଃଖ ଜଣାଇଁ ।
କେ ବୋଲେ କୃଷ୍ଣଙ୍କୁ ଏକାଳରେ ଯେବେ ଦେବେ ଆମ୍ଭପାଶେ ଅଣାଇଁ ।
କରିବା । ତାଙ୍କୁ ଧେନ ଜଳବିହାର ।
କହୁଁ କହୁଁ ଏହା କମଳନୟନ ବୃନ୍ଦାବନଁକୁ ହେଲେ ବାହାର ।
କଲେ ବିଚାର ଗୋପିକା ଯମୁନାରେ କରୁଅଛନ୍ତି ଜଳକ୍ରୀଡା ।
କରି ଅନ୍ତର ଅଙ୍ଗବାସ ସମସ୍ତେ ଛାଡ଼ି ଅଛନ୍ତି ମନୁ ବ୍ରୀଡ଼ା ।
କରିବା । ସବୁର ବସନ ହରଣ ।
କଦମ୍ବବୃକ୍ଷରେ ଦୋଳିକରି ବସି କରିବା କଉତୁକପଣ ।
କେଶବ ମନରେ ଏମନ୍ତ ବିଚାରି ସୁନ୍ଦର ଜଗତପ୍ରାଣକୁ ।
କଲେ ଆଦେଶ ଅମ୍ବର ଧେନଆସ କେଳିକଦମ୍ବର ପାଶକୁ ।
କେଶବ-ଆଜ୍ଞାରେ ପବନ ବହିଲା ।
କୁରଙ୍ଗୀନେତ୍ରୀଙ୍କ ଅମ୍ବର ଅମ୍ବରେ ଉଡ଼ାଇଁ ବୃକ୍ଷରେ ଥୋଇଲା ।
କୁଞ୍ଜବନୋଦ୍ଧୀୟା ବଂଶୀବଦନୀୟା ବସିଲେ କଦମ୍ବ ଉପରେ ।
କେବଳ ନୟନ ସଖା ସଙ୍ଗେ ଧେନ ରହିଲା ଗୋପୀଙ୍କ ଉପରେ ।
କାମିନୀ-ମାନେ ଜଳକ୍ରୀଡ଼ା ବଢ଼ାଇଁ ।
କୂଳକୁ ଯାଇଁ ସମସ୍ତେ ଅନାଇଲେ କାହାର ପିନ୍ଧାବାସ ନାହିଁ ।
କେ ଚକିତ ହୋଇ ରହିଲା ଚଞ୍ଚଳକୁରଙ୍ଗୀ ପ୍ରାୟେ କେ ଗୃହିଁଲା ।
କେ ବୋଲେ ଆମ୍ଭର ଜଳକ୍ରୀଡ଼ାସୁଖ ଅମ୍ବର କପିଁ ନ ସହିଲା ।
କେ ବୋଲେ, କେ କଲା ଏଡ଼େ ଅବିଚାର ।
କେ ଅଛି କାହାକୁ ପଚାରିବା ଏହା କାହାରିତ ନାହିଁ ସଞ୍ଚାର ।

କେ ବୋଲେ ପବନ ଘେନିଗଲା ଅବା କେ ବୋଲେ ହେବେ ନନ୍ଦସୁତ ।
କେ ବୋଲଇ ମୋର ମନକୁ ଅଇଲା ଆନର ନୋହେ ଏ ଚରିତ ।
କହନ୍ତେ, କେଉଁ ଗୋପୀ ଦେଲା ଅନାଇଁ ।
କଦମ୍ବବୃକ୍ଷରେ ଦୋଳି କରି ବସିଅଛନ୍ତି ନାଗର କହ୍ନାଇ ।
କୋଟିଏ ଶରଦଚନ୍ଦ୍ର ଜିଣି ମୁଖ ଶ୍ରୀଅଙ୍ଗ ଅଭିନବଘନ ।
କଟିତଟେ ପୀତବସନ ବିରାଜେ ବଳାହକ ବିଜୁଳି ସମାନ ।
କଣ୍ଠରେ, ମୁକୁତାମାଳ ବକପନ୍ତି ।
କଳାପିକଳାପ କଳାପ ମୁକୁଟ ଇନ୍ଦ୍ରଧନୁ ସମ ଦିଶନ୍ତି ।
କୃଷ୍ଣଙ୍କୁ ଅନାଇ ମଦାକ୍ଷଙ୍କୁ ପାଇଁ ଯେ ଯାହାମତେ ତ୍ୱରା ହୋଇ ।
କଳହଂସୀ ପ୍ରାୟେ ସକଳ ଗୋପୀଏ ବେଗେଁ ପଶିଲେ ଜଳେ ଯାଇଁ ।
କେ ବୋଲେ, କି କରିବା କହ ସଂଗାତ ।
କୁଟୁଣୀ ପ୍ରଥମା ପରାୟେ ଆଜିତ ଆମ୍ଭଙ୍କୁ କଲେ ନନ୍ଦସୁତ ।
କର ଊର୍ଦ୍ଧ୍ୱ କରି ବରଜସୁନ୍ଦରୀ ଡାକିଲେ ହେ ହଟନାଗର ।
କପଁା ଆମ୍ଭନାଟ ନେଇ ଏଡ଼େ ହଟ କରୁଛ ରସିକସାଗର ।
କୃଷ୍ଣ ହେ, କରୁଣାହୃଦ ଏବେ ହୁଅ ।
କରୁଛୁଁ ବିନତି ଗୋକୁଳଯୁବତୀ ଆମ୍ଭ ଅମ୍ବରମାନ ଦିଅ ।
କରୁଣାକର ନାଗର ଗିରିଧର ଦେଲେ ଯେ ଯାହା ଅମ୍ବରକୁ ।
କନକଦର୍ପଣ-ବଦନମଣ୍ଡଳ ଗଲା ପ୍ରସାଦ ଡମ୍ବରକୁ ।
କୁରଙ୍ଗ-ତରଙ୍ଗନୟନ ନଗ୍ନଇଁ ।
କଲେ ହରଷେ ଗୋକୁଳକୁ ଗମନ ଉଛକୁଚବାସେ ଲୁଗ୍ଣଇ ।
କାଳିନ୍ଦୀକୂଳୀୟ । କଦମ୍ବମୂଳୀୟ । କେକିପୁଚ୍ଛଗ୍ରଚୂଳୀୟ ।
କଜ୍ଜଳକାଳୀୟ । କାଇଁଚମାଳୀୟ । ମଣିମକରକୁଣ୍ଡଳୀୟ ।
କଳିତ । ଲଳିତ ପୀତଦୁକୂଳୀୟ ।
କଳଙ୍କରହିତ କଳାକର ଜିତ ସୁନ୍ଦର ମୁଖମଣ୍ଡଳୀୟ ।
କୁଟିଳ ନୀଳ ଅଳକାଆବଳୀୟ । ନବଲ ବେଣୀକବଳୀୟ ।
କେତେ କେତେ କଉତୁକ କରିଥାନ୍ତି ବ୍ରଜସୁତସଙ୍ଗମେଳୀୟ ।
କଦମ୍ବ-ବୃକ୍ଷରୁ ଓହ୍ଲାଇ ବିଜୟେ ।
କୃଷ୍ଣଦାସ ମନ ପଚ୍ଛେ ଗୋଡ଼ାଇଛି ସେହିରୂପକୁ କରି ଲୟେ ।

ବଂଶ ସ୍ତୁତି

ରାଗ – କେଦାରକାମୋଦୀ

କୁଟିଳକେଶୀ କଳାକର ସୁହାସୀ ।
କି ବୋଲି ତୋତେ ମୁଁ ଡାକିବି ପ୍ରେୟସି ଗୋ ।

କୁସୁମ ଗନ୍ଧ ବୋଲି ବୋଲନ୍ତି ଅବା ।
କହୁଛି ବହି ତାକୁ ପକାଇ ଦେବା ଗୋ ।
କପାଳ ତିଳକତ ବୋଲିବ ନାହିଁ ।
କାଳ ଯାକତ ସେହି ନ ଥାଏ ରହି ଗୋ ।
କଳାତୋଳା ପ୍ରତିମା ନ ଦେଖି ଯହୁଁ ।
କର୍ଣ୍ଣ କଣ୍ଠ ବାହାର କୁହଇ ତହୁଁ ଗୋ ।
କଣ୍ଠଭୂଷଣ ହାର ନାମ ନ ଥିଲେ ।
କଣ୍ଠମଣ୍ଡନା ବୋଲି ବୋଲନ୍ତି ଭଲେ ଗୋ ।
କର୍ପୂର ଚନ୍ଦନତ ଶୁଖିଲେ ଝଡେ ।
କି କରି ବୋଲିବ ତା ହୃଦୟ ପୋଡ଼େ ଗୋ ।
କିବା ବୋଲିବ କାମତଟିନୀ ଭେଳା ।
କେ କରି ନାହିଁ ନଦୀ ତରିଲେ ହେଲା ଗୋ ।
କୃତ୍ୟ ନ ଥିଲେ ବିକେ ନିର୍ଦ୍ଧନ ଧନ ।
କି କରି ଅବା ବୋଲିବ ଏ ବଚନ ଗୋ ।
କୁମୁଦ ଚନ୍ଦ୍ର ପ୍ରୀତି ଥୟ କୁହଇ ।
କାହିଁ ପୁଷ୍କର କାହିଁ ପୁଷ୍କର ଯାଇ ଗୋ ।
କ୍ରୀଡ଼ା କରଇ ତହିଁ ଘେନଣ ଋକ୍ଷ ।
କି କରି ଲକ୍ଷିବ ଦେଖୁଛୁ ପ୍ରତ୍ୟକ୍ଷ ଗୋ ।
କମଳ ସୂର୍ଯ୍ୟ ପ୍ରୀତି କୁହଇ କହି ।
କମଳକୁ ଛାଡ଼ିଲେ ପକାଏ ଦହି ଗୋ ।
କୁକର୍ମ କରିବାରେ ଏହି କୁଶଳ ।
କାନ୍ତ ଆଗେ ମାତଇ ଘେନି ଭ୍ରସଲ ଗୋ ।
କୁସୁମ ଚୁମ୍ବି ମଧୁକର ଛାଡ଼ଇ ।
କଳା ମାଏକେ ଆନ ଫୁଲ ଲୋଡ଼ଇ ଗୋ ।
କରଇ ନାହିଁ ଆଉ ଲେଉଟି ପ୍ରୀତି ।
କମଳ କୁଟଜରେ ସମାନ ମତି ଗୋ ।
କୋଟି କୋଟି କଳ୍ପାନ୍ତେ ତୋ ଅଙ୍ଗ ସଙ୍ଗ ।
କେତେବେଳେହେଁ ହୋଇ ନାହିଁ ଏ ଭଙ୍ଗ ଗୋ ।
କାମ ଆଗୁରେ କାମୀ କାମିନୀ ସଙ୍ଗେ ।
କହୁଥାନ୍ତି ଏ କଥା ସୁଅନୁରାଗେ ଗୋ ।
କେ ବୋଲେ ତୁ ମୋହର କଣ୍ଠଗ୍ରୀବକ ।
କେ ବୋଲେ ତୁ ମୋହର ପ୍ରାଣୁଁ ଅଧିକ ଗୋ ।
କେତେ ପ୍ରକାରେ କେତେ କହନ୍ତି ଲୋକ ।
କେହି ନାହିଁ ସଂସାର ମଧ୍ୟେ ବିବେକ ଗୋ ।

କେତେ କହିବ ଏହି ପ୍ରକାରେ ଯେତେ ।
କୋଟିବ୍ରହ୍ମାଣ୍ଡେ ସମ ନାହାନ୍ତି ତୋତେ ଗୋ ।
କବ ସେ ସତ ମିଛ କରି କହନ୍ତି ।
କବତା ଚାତୁରୀରେ ମନ ମୋହନ୍ତି ଗୋ ॥
କହନ୍ତି ରାଧା ଶୁଣି ଶ୍ରୀକୃଷ୍ଣ ବାଣୀ ।
କୃପାସିନ୍ଧୁ ନାମର ଏଡ଼ିକି ଆଣି ହେ ।
କପଁା ନୋହିଲେ ଦାସବତ୍ସଳବାନା ।
କରେ ପରଶମଣି ଲୁହାକୁ ସୁନା ହେ ॥
କୁସୁମ ସ୍ମରଣରେ ପଟ୍ଟ କସ୍ତୁରେ ।
କେଉଁ ବଡ଼ଲୋକର ନ ବସେ ଶିରେ ଯେ ।
କେଉଁ ମହତଗୁଣ ଅଛି ଭସ୍ମର ।
କି ନ କରନ୍ତି ତାକୁ ପାର୍ବତୀବର ହେ ॥
କଳାନିଧି ଅମୃତ ଶରୀର ହୋଇ ।
କଳଙ୍କକୁ କୋଳରେ ସ୍ନେହେ ବସାଇ ଯେ ।
କରନ୍ତି ନାହିଁ ଆନ ହେଲେ ଲକ୍ଷଣ ।
କହନୁହଇ ପ୍ରଭୁମାନଙ୍କ ଗୁଣ ହେ ।
କେତେ କୁମୁଦ କେତେ ତାରକା ପନ୍ତି ।
କାଳକେ ଥିଲେ ଚକୋରକୁ ତୋଷନ୍ତି ଯେ ।
କେଉଁ ଲୋକର ନାହିଁ ମେଘକୁ ଆସ ।
କଣ୍ଟିତେ ଚାତକର ଲଭଇ ଯଶ ଯେ ।
କୃଷ୍ଣ କହନ୍ତି ଆରେ ଚନ୍ଦ୍ରମା ମୁଖି ।
କାହିଁ କାହାକୁ ଲକ୍ଷ୍ମ ଜୀବନ ସଖିରେ ।
କଲେ ଅସ୍ଥି ଉପରେ ରତନ ଉଭା ।
କି ଶୋଭା ନୁହେ ନଟକେଇ କି ପ୍ରଭାରେ ।
କରି ତୋ ନାମ ଆଗେ ମୋ ନାମ ପଛେ ।
କହୁ ଅଛନ୍ତି ଯେଉଁ ଲୋକ ପ୍ରତ୍ୟକ୍ଷେ ଗୋ ।
କଳ କଲୁଷ ଭବ ଭୟକୁ ହରି ।
କୃତାର୍ଥ ହୋଇ ଯାଉଅଛନ୍ତି ତରି ଗୋ ॥
କହି ଅନେକ ଅନୁରାଗ ବଚନ ।
କୋଳକରି ସଖୀରେ ଦେଇ ଚୁମ୍ବନ ।
କଉତୁକେ ସେଠାରୁ କଲେ ଗମନ ।
କନ୍ଦର୍ପରେ ପ୍ରସନ୍ନ ହୋଇଛି ମନ ଯେ ।
କନକଲତା ନବ ତମାଳ ସଙ୍ଗେ ।
କାମମନ୍ତ୍ର ବଳରେ ଚଳଇ ରଙ୍ଗେ ଯେ ।

କଳାମେଘ ଆଗରେ ଉଦେ ବିଜୁଳୀ ।
କାନନ ଗଗନରେ ଯାଉଛ ଖେଳି ଯେ ॥
କମଳକୁ କମଳ ବାନ୍ଧିଲା ପ୍ରାୟେ ।
କାନ୍ତ କାନ୍ତା ଚରଣ ଶୋଭିକୁ ପାଏ ଯେ ।
କି ତପ କଲା ମହୀ କି ଭାଗ୍ୟବଳେ ।
କମଳ ପ୍ରଫୁଲ୍ଲିତ ହେଉଛି ସ୍ଥଳେ ଯେ ॥
କୁସୁମିତ ବଲ୍ଲରୀ ପବନେ ଚଳେ ।
କିଶୋର କିଶୋରୀଙ୍କି ଚାମର ଢାଳେ କି ।
କେଉଁ ଲତାରୁ ଫୁଲ ପାଖୁଡ଼ା ଖସେ ।
କୁସୁମ ବରଷିଲା ପରାୟେ ଦିଶେ କି ॥
କେଉଁ ବଲ୍ଲରୀ ଫଳେ ନମ୍ରିତା ହୋଇ ।
କୃଷ୍ଣ ଗୋପୀଙ୍କି ନମସ୍କାର କରଇ ଯେ ।
କେହୁ ଚଳେ ସଧୀରେ ତାର୍ଯ୍ୟଗ ହୋଇ ।
କଲ୍ପି ମନରେ କି ପହଣ୍ଡ ମଣାଇଁ ଯେ ॥
କୃଷ୍ଣ କହନ୍ତି ସଖି ! ଦେଖ ଏ ଲତା ।
କୁସୁମଭରେ ହୋଇ ମହା ଶୋଭିତା ଯେ ।
କମନୀୟ ଦିଶଇ ତରୁ ଉପରେ ।
କାନ୍ତା ସୁବେଶ ଯେହ୍ନେ କାନ୍ତ ଅଙ୍ଗରେ ଯେ ॥
କଉତୁକେ ଏମନ୍ତେ ବନେ ଭ୍ରମନ୍ତେ ।
କହେ ଗୋପିକା କୃଷ୍ଣ ଆଗରେ ଶ୍ରାନ୍ତେ ।
କେମନ୍ତ ହୋଇ ଯିବି ନ ଚଳେ ପାଦ ।
କୃଷ୍ଣ ହସିକହନ୍ତି ନ କର ଖେଦ ଗୋ ॥
କଳକଣ୍ଠବଚନ ! କୁନ୍ଦଦଶନ ।
କନ୍ଧେ ମୋହର ବସ ମନମୋହନ ଗୋ ।
କହି ଏମନ୍ତ କନ୍ଧେ ବସାଇ ଧୀରେ ।
କଙ୍କର ପ୍ରାଏ ହେଲେ ମଦନଭରେ ଯେ ॥
କେମନ୍ତ ଦିଶିଲା ସେ ବେନି ଶ୍ରୀଅଙ୍ଗ ।
କଳାପର୍ବତେ ଯେହ୍ନେ କନକଶୃଙ୍ଗ ଯେ ।
କିଅବା ନୀଳମଣି ପ୍ରାସାଦେ ରଞ୍ଜେ ।
କଳଧଉତ କେତନ ବିରାଜେ ଯେ ॥
କହଇ ଦୀନକୃଷ୍ଣ କନ୍ଦର୍ପରସ ।
କରିପାରଇ ସେ କି ଏମନ୍ତ ବଶ ! ଯେ ।
କରହେ ସାଧୁଜନମାନେ ବିଚାର ।
କାମ ବ୍ରହ୍ମସଂସାରେ କେମନ୍ତ ସାର ଯେ ॥

## ଏକବିଂଶ ଛାନ୍ଦ

### ରାଗ କଳହଂସ କେଦାର

କେଶବ ଅଂସରେ ବସି ମାନସରେ ବିଚାରେ ବରଜରମଣୀ ।
କଲେ କି ସ୍ନେହ ମୋତେ ବେଣୁପାଣି ।
କଲି ଦକ୍ଷିଣନାୟିକ ଅନୁକୂଳ ଧନ୍ୟ ଧନ୍ୟ ମୋର ଆଣି ମୁଁ । ଏମନ୍ତ ।
କେତେ ନାହାନ୍ତି ଅବା ପ୍ରିୟତମା । କେହି ନୋହିଲେ କୃଷ୍ଣ ମନୋରମା ।
କଲେ ଫୁଲଗଭା ପ୍ରାୟେ ମୋତେ ଶୋଭା ସୁରସିକ ସୁଖସୀମା ସେ । ମୋହନ ।
କୃଷ୍ଣ ଗୋପୀ ଗର୍ବ ଜାଣି ତାହା ଖର୍ବକରିବାକୁ କଲେ ଉପାୟେ ।
କନ୍ଧୁ ଓହ୍ଲାଇ ପ୍ରଭୁ ଦେବରାୟେ ।
କହିଲେ ବିଜୟ କର ଏହିଠାୟେ ମାନବତି ପ୍ରାଣପ୍ରିୟେ ଗୋ । ସୁନ୍ଦରି ।
କିଛି କରିବନାହିଁ ମନେ ଭୟ । କରଇ ମୁଁ କୁସୁମ ଅପଚୟ ।
କହି ଏ ବଚନ ହେଲେ ଅନ୍ତର୍ଦ୍ଧାନ ଅନ୍ତର୍ଯାମୀ ମାୟାମୟ ସେ । ମୋହନ ।
କୃପଣସାମନ୍ତ ବୋଲିକୁ ଯେମନ୍ତ ଆଶାକରି ଲୋଭୀ ବଞ୍ଚଇ ।
କାଲେ କଷ୍ଟକୁ ହୃଦରେ ସଞ୍ଚଇ ।
କୃଷ୍ଣଆଶରେ ଗୋପୀ ସେହିରୂପରେ ନିଶ୍ୱାସ ଦୀର୍ଘେ ମୁଞ୍ଚଇ ସେ । ସୁନ୍ଦରୀ ।
କହୁଁ କହୁଁ କ୍ରୋଧ ହୁଏ ପ୍ରବଳ । କମ୍ପେ ସୁରଙ୍ଗ ବିମ୍ବ ଦନ୍ତଚେଳ ।
କୋକନଦଦଳତ ନୟନୁଁ ଗଳତ ଶୋକଭରେ ଅଶ୍ରୁଜଳ ସେ । ସୁନ୍ଦରୀ ।
କୁରଙ୍ଗୀସମାନ ବଢ଼ାଇ ରୋଦନ ବୋଲେ ହେ କରୁଣାସଦନ ।
କପଁା ଦେଲ ମୋତେ କାମକଦନ ।
କକହି କକଲ ସୁଧାସମ ବୋଲି ପ୍ରଫୁଲ୍ଲ ପଦ୍ମବଦନ ହେ । ମୋହନ ।
କରିଥିଲି ମୁଁ ବହୁତ ଭରସା କାଳେ ନାଶକଲ ସେ ପ୍ରତିଆଶା ।
କରୁଣାବୃକ୍ଷେ ଫଳାଇଲ ନିରାଶଫଳ ମୋ କେଉଁ ଦୁର୍ଦ୍ଦଶା ହେ । ମୋହନ ।
କଣିଲା ଲୋକକୁ ଏମନ୍ତ ଶୋକକୁ ଦେବାରତ ନୁହେ ବେଭାର ।
କଲ ପ୍ରଭୁ ହୋଇତ ଅବେଭାର ।
କଞ୍ଚିତ ସେବାତ ଘେନିବା ଉଚିତ ଗୁଣଗ୍ରାହୀମାନଙ୍କର ହେ । ମୋହନ ।
କାହିଁ ଯିବି ଏ ଘୋର ବନସ୍ଥରେ । କେହି ନାହାନ୍ତି ମୋର ସଙ୍ଗତରେ ।
କପାଳରେ କର ମାରି ଚକ୍ରଧର ଚିନ୍ତା କରଇ କାତରେ ସେ । କାମିନୀ ।
କୃଷ୍ଣଙ୍କୁ ନ ଦେଖି କଳାକରମୁଖୀ ଗୋପୀକଦମ୍ବ ହୋଇ ଦୁଃଖୀ ।
କୁଞ୍ଜେ କୁଞ୍ଜେ ପ୍ରବେଶ ହୋଇ ଦେଖି ।
କରନ୍ତି ରୋଦନ ହେ ପଦ୍ମବଦନ କାହିଁକି ଗଲ ଉପେକ୍ଷି ହେ । ମୋହନ ।
କରି ନାହୁଁତ ଆମ୍ଭେ କିଛି ଦୋଷ । କାହିଁ ପାଁଇ କଲ ଏଡ଼େ ନିରାଶ ।
କରୁଣା କୃପଣ ହେଲେ ପ୍ରଭୁପଣ ଲକ୍ଷଣରେ କେଉଁ ଯଶ ହେ । ମୋହନ ।

କ୍ରୋଧେ ଗଦଗଦ ନ ଚଳଇ ପଦ କାତରେ କମ୍ପେ କଳେବର ।
କେତେବେଳେ ବହଇ ସ୍ୱେଦନୀର ।
କେତେବେଳେ ସ୍ୱର ନୁହଇ ବାହାର କଣ୍ଠକେ ପ୍ରେମ ନକର ହେ । ସୁଜନେ ।
କେତେବେଳେ କେ ମହୀରେ ପଡ଼ଇ । କୃଷ୍ଣ ନାମଧର ଉଚ୍ଚେ ଗଡଇ ।
କେଶବ ସେନେହ ଘେନବାରୁ ଦେହ କାମ ଅଧିକେ ପୋଡଇ ହେ । ସୁଜନେ ।
କେ ବୋଲେ ପୂତନା କେଶୀ ପ୍ରାଣଘେନା କେ ବୋଲେ ହେ ଗଛ-ଉପୁଡ଼ା ।
କେ ବୋଲଇ ଆହେ କାଳୀ-ଘଉଡା ।
କପଁା ଏତେଦୁଃଖ ଦେଉଅଛ ଦୁଃଖହର ! ଅଘା-ଶିର-ଫୋଡ଼ା ହେ । ମୋହନ ।
କେବୋଲଇ ହେ ତୃଣା-ତୋଟୀ-ଚପା । କାହିଁ ରଖିଲ ତୁମ୍ଭ ଅନୁକମ୍ପା ।
କଷ୍ଟକାଳେ ଆମ୍ଭ ପାଶକୁ ନଇଲ ତାହାଙ୍କୁ ବର୍ଜିଲ କପଁା ହେ । ମୋହନ ।
କେବୋଲେ ମନ୍ଦରଧର ପୁରନ୍ଦର-ଗର୍ବଗଞ୍ଜନ ହେ ବକାଇ ।
କାମିନୀଙ୍କି କାନନ ମଧ୍ୟେ ମାଇ ।
କମଳପତ୍ରାକ୍ଷ ଏତେକେ ଲଭୁଛ କେତେବଡ଼ ଯଶ ଶିରୀ ହେ । ମୋହନ ।
କେତେ କେତେ କଷ୍ଟରୁ ଉଦ୍ଧାରଇଲ । କଥାକେହେଁ ସବୁସୁଖ ହରଇଲ ।
କରବର ସ୍ଥାନ କୃପଣଙ୍କ ଧନ ପ୍ରାୟେ ପ୍ରଶଂସା ବାରଇଲ ହେ ।
କେ ବୋଲେ କରୁଣାକର ନାମ ଜଣାଗଲା ଏହିଠାରେ ଗୋସାଇଁ ।
କଷ୍ଟଜଳେ ଯାହା ଦେଲ ଭସାଇ ।
କେକୀପୁଚ୍ଛଖୋସା କଲ ଲୋକହସା କାମବଇରୀ ବସାଇ ହେ । ମୋହନ ।
କପଁା ବୋଲାଅ ହେ ଦାସବତ୍ସଳ । କଛି ଘେନଇଲ ନାହିଁ ମନେ ଛଳ ।
କାମିନୀ ବକଳ ନ ସହଇ କଳ-କଣ୍ଠ ଥିଲେ ଖମଣ୍ଡଳ ହେ ।
କହୁଁ କହୁଁ ଏହା ହୋଇଲେ ଉତ୍ସାହା କୀଚକ ଧୀର ନାଦ ଶୁଣି ।
କୃଷ୍ଣ ମୁରଲୀ ଧ୍ୱନି ପ୍ରାୟେ ମଣି ।
କୋଦଣ୍ଡ କାଣ୍ଡ ବାହାର ହେଲା ପ୍ରାୟେ ଧାଇଁଲେ ଗୋପତରୁଣୀ ହେ । ସୁଜନେ ।
କୁଚ କଦମ୍ବ ଯାହାର ବପୁଳ । କରିଇଲା ତାହାଙ୍କୁ ସେ ବକଳ ।
କହେ ଦୀନକୃଷ୍ଣ ରସିକ ଅଭାବେ ଯେମନ୍ତ ଗୁଣି ପଠଲ ହେ । ସୁଜନେ ।

## ଦ୍ୱାବଂଶ ଛାନ୍ଦ

ରାଗ—ମୃଗାରୀ

କଲେ ଯାଇଁ ଅବଲୋକ । କେ ବୋଲେ ଏତ କୀଚକ ।
କଲା ଆମ୍ଭଙ୍କୁ ଉତ୍ସୁକ । ବଂଶୀ ପ୍ରାୟେକ । ସଜନ ଗୋ ।
କେ ବୋଲେ ଏହ ସେ ବଂଶ । କେବଳ ସେ ପୀତବାସ ।
କୃପାରୁଁ କର ବଶେଷ । କରେ ଉଲ୍ଲାସ । ସଜନ ଗୋ ।

କେ କାହାର କରଦେଖେ । କରତାଳି ମାରି ହସେ ।
କେ ଶୋକ ଅକୁଳେ ବସେ । ମନ ବିରସେ । ବିରହେ ॥
କୃଷ୍ଣ ସଙ୍ଗେ ଯେଉଁ ବାଳା । କୁଞ୍ଜେ କରୁଥିଲେ ଲୀଳା ।
କୀଚକନାଦେ ସେ ଭୋଳା । ହୋଇ ମିଳିଲେ । ସେଠାରେ ॥
କରନ୍ତି ବିଲୋକନ । କେ ବୋଲେ ରେ ପ୍ରାଣଧନ ।
କାହିଁ ରଖିଛୁ ମୋହନ । କହ ବହନ ସଜନ ॥
କହ ତୁ କି ମନ୍ତ୍ର କଲୁ । କି ତପସ୍ୟା କରିଥିଲୁ ।
କିଶୋରଙ୍କୁ ମୋହି ନେଲୁ । କି ସୁଖୀ ହେଲୁ । ସଜନ ॥
କେ ବୋଲେ ଆରେ ସଜନ । କୃଷ୍ଣଙ୍କୁ ସଙ୍ଗତେ ଘେନ ।
କଳାକର ଏ ରଜନୀ । ବଞ୍ଚିଲୁ ଧନ ମୋହନ ॥
କହଇ ସେ ଚନ୍ଦ୍ରମୁଖୀ । କରି ମୋତେ ମହାଦୁଃଖୀ ।
କହି ଗଲେ ସେ ଉପେକ୍ଷି । କୁଞ୍ଜରେ ରଖି । ସଜନ
କେ ବୋଲେ ଆମ୍ଭଙ୍କୁ ଛାଡ଼ି । କେଶବ ସଙ୍ଗତେ ପଡ଼ି ।
କାମେ ଗଲୁ ସୁଖ ଲୋଡ଼ି । ବେଳରେ ହୁଡ଼ି । ସଜନ ॥
କଲି ବହି ତହିଁ ଫଳ । କଲୁ ଯା ଗୋପୀ ବିକଳ ।
କି ଭାଗ୍ୟେ ପାଇଲୁ ମେଳ । ଏହି ମଙ୍ଗଳ । ସଜନ ॥
କେ ବୋଲେ ପୁରୁଷ ପ୍ରୀତି । କେବେହେଁ ନୁହଇ ସ୍ଥିତି ।
କେତେଠି ରଖି ଅଛନ୍ତି । ପାବଣ୍ଡପତି । ସଜନ ॥
କେ ବୋଲେ କ୍ଷୀରସାଗର । କି ହୃଦ ପୁରୁଷଙ୍କର ।
କଳିତ ନୁହେ ଗମ୍ଭୀର । ନୁହଇ ସ୍ଥିର । ସଜନ ॥
କପର୍ଦ୍ଦୀ ଯୁତେ ଯେମନ୍ତ । କଦାଚତେ ନୁହେ ସ୍ଥିତ ।
କରଇ ହରଷ କେତେ । ବିରସ କେତେ । ସଜନ ॥
କେ ବୋଲେ ଭାଗ୍ୟ ନ ଥିଲେ । କି ରହଇ ଭାବ ଭଲେ ।
କି ହେବ ସୁବର୍ଣ୍ଣ ଫୁଲେ । ବାସ ନ ଥିଲେ । ସଜନ ॥
କୁସୁମ ଲଟ ନ ରସେ । କିଂଶୁକ, କୁଟଜେ ବସେ ।
କେଉ ବିବେକ ପଣେ ସେ । ବିଥାକୁ ଆସେ । ସଜନ ॥
କେତକୀଦଳ ପରିଚୟେ । କାହାର ଦଶିଲା କାୟେ ।
କେ ନେଇଁ ଲୁହ ପକାୟେ । କେ ସ୍ତମ୍ଭହୋଏ । ବିରହେ ॥
କମ୍ପେ କାହା କଲେବର । କେ ଛାଡ଼ିଲା କହିବାର ।
କାହାଅଙ୍ଗେ ସ୍ୱେଦନୀର । ବହେ ପ୍ରଖର । ବିରହେ ॥
କଦମ୍ବଫୁଲ ଆକାର । କଣ୍ଟକ କାହା ଶରୀର ।
କେ ଚେଷ୍ଟା କରି ଅନ୍ତର । ହୋଇଲା ସ୍ଥିର । ବିରହେ ॥
କେ ତପନ ଭାବ ପାଇ । କହେ ସଖି କାହିଁ ପାଁଇ ।
କଦର୍ଯ୍ୟେରେ ଅଛି ରହି । ପ୍ରାଣ ନ ଯାଇ । ସଜନ ॥

କେ ବୋଲଇ ଚକ୍ରବାକୀ । କଷ୍ଟ ଆମ୍ଭ ପାଁଇ ନକି ।
କରିଥିଲା ଅବିବେକୀ । ବିହି ପ୍ରିୟଙ୍କ । ସଜନି ।
କେ ବୋଲେ ଏ କଳାକର । କିପାଁ ଦହୁଛି ଶରୀର ।
କିଶକୁ ଆମ୍ଭେ ଏହାର । ଥରେ ପଚ୍ଚର । ସଜନି ।
କେବୋଲେ ଗରଳ ଭାଇ । କିପାଁ ପ୍ରାଣ ନେବ ନାହିଁ ।
କେ ଛଡ଼େ କାହା ବଡ଼ାଇ । କୁଟିଳା ହୋଇ । ସଜନି ।
କାହିଁକି ଓଷଧି ଈଶ । କଲେ ନାମ ଯେ ଲୋକେଶ ।
କା ବିରହ ବ୍ୟାଧିନାଶ । ନ କରେ ଲେଶ । ସଜନି ।
କଳଙ୍କୀ ହେଲେ ବେଭାର । କେବେହେଁ ନୁହଇ ସାର ।
କେଡ଼େ ଲୋକର କୁମାର । କି ଅବେଭାର । ସଜନି ।
କରଇ ପଦ୍ମିନୀନାଶ । କରେ ବାରୁଣୀଙ୍କ ଆଶ ।
କୁହାଇ ଏଦ୍ୱିଜରାଜ । ନ ପାଇ ଲାଜ । ସଜନି ।
କେ ବୋଲେ ଅମୃତକର । କର୍ମକୁ ଅବା ଆମ୍ଭର ।
କଲା ବିଧାତା ଅକାର । ବର୍ଣ୍ଣି ବାହାର । ସଜନି ।
କରବାଳପୁତ୍ରୀ ପ୍ରାୟ । କରରେ କାଟୁଛି କାୟ ।
କେମନ୍ତ ଯିବ ଏ ଭୟ । କହ ଉପାୟ । ସଜନି ।
କେ ବୋଲଇ ବୃକ୍ଷପତି । କେତେ ବୃକ୍ଷ ବରଷନ୍ତି ।
କପଟେ ସିନା ବୋଲନ୍ତି । ହିମଦୀଧିତି । ସଜନି ।
କନ୍ଦର୍ପରେ ହୋଇ ବଶ । କଲେ ଗୁରୁପତ୍ନୀ ନାଶ ।
କହି କେ କରିବ ଶେଷ । ଏହାଙ୍କ ଦୋଷ । ସଜନି ।
କେ ବୋଲେ ଆମ୍ଭ ଗୋବିନ୍ଦ । କଲେ ଆମ୍ଭଠାରେ ଛନ୍ଦ ।
କିପାଁଇ ଏହାଙ୍କୁ ନିନ୍ଦ । କରମ ମନ୍ଦ । ସଜନି ।
କହି ଏମନ୍ତ ଚଳିଲେ । କାଳିନ୍ଦୀକୂଳେ ମିଳିଲେ ।
କେ ଯାଇଁ ପଶିଲେ ଜଳେ । କାମ ବିକଳେ । ସଜନି ।
କେ ବୋଲେ ଆଗୋ ଯମୁନା । କହ ତୁମ୍ଭେ ହେଲେ କିନା ।
କାହିଁ ଛନ୍ତି ଗୋପାଙ୍ଗନା, ଜୀବନଘେନା । ସଜନି ।
କୃଷ୍ଣର ତୁମ୍ଭେ ସୁଭଗା । କେବଳ ଆମ୍ଭେ ଦୁର୍ଭାଗା ।
କଲେ ଏଘେନି ଅଲଗା । ସୁରଭିଜଗା । ଯମୁନା ।
କଷ୍ଟତରୁ ପ୍ରଭଞ୍ଜନ । କୋଟି କନ୍ଦର୍ପ ଗଞ୍ଜନ ।
କାମିନୀ-ନେତ୍ର ଅଞ୍ଜନ । ମନ ରଞ୍ଜନ । ମୋହନ ।
କରନ୍ତେ ଗୋପୀ କାରୁଣ୍ୟ । କୃପା କଲେ ନାରାୟଣ ।
ଭକ୍ତ ମାନ ଉଦ୍ଧାରଣ । ଗତି କାରଣ । ମୋହନ ।
କାନନୁଁ ହେଲେ ବାହାର । କିଶୋରବର ନାଗର ।
କରି ମନ୍ଦହାସ ଧୀର । ରଙ୍ଗଅଧର । ମୋହନ ।

କହିଲେ ହେ ଗୋପୀମାନେ । ବଣାହେଲୁଁ ବୃନ୍ଦାବନେ ।
କି ବିଚାରୁଥିଲ ମନେ । ଆମ୍ଭ ବିହୀନେ । ସମସ୍ତେ ।
କହେ ଦୀନକୃଷ୍ଣ ଦାସ । କଞ୍ଜନେତ୍ର ପୀତବାସ ।
କେବଳ ଜାଣ ଏ ରସ, ତୁମ୍ଭେ ବିଶେଷ । ମୋହନ ।

## ତ୍ରୟୋବିଂଶ ଛନ୍ଦ

ରାଗ—**ଆନନ୍ଦଭୈରବ**—ପଡ଼ିତାଳ

କୃଷ୍ଣଙ୍କୁ ଦେଖି ଗୋପୀ ହେଲେ ଯାହା । କେ କହିବ ଅବା ବଚନେ ତାହା ।
କଳାକର ଦର୍ଶନ । କଲେ କୁମୁଦବନ ।
କୋଟିନିଧି ପାଇଲା ମହା ଦରିଦ୍ରଜନ ।

କମଳ ଦେଖିଲା ରବିମଣ୍ଡଳ । କୋକିଳ ପାଇଲା ବସନ୍ତକାଳ ।
କୃଷ୍ଣମେଘ ଉଦୟେ । କେକୀ ଯେମନ୍ତ ହୁଏ ।
କୃଷ୍ଣ ଚାହିଁ ଗୋପୀଏ ସେହି ପ୍ରକାର ହୁଏ ।

କେ ବୋଲଇ ଆହେ ପଙ୍କଜମୁଖ । କେତେ ଦେଲ ଆମ୍ଭମାନଙ୍କୁ ଦୁଃଖ ।
କୃପାସାଗର ହେଲେ । କିର ଏକଥା ଭଲେ ।
କୋଟିବ୍ରହ୍ମାଣ୍ଡନାଥ କାହିଁ ପାଁଇ ନୋହିଲେ ।

କଲେ ଦାସୀଙ୍କ ଠାରେ ଏତେ ନିର୍ଗୁଣ । କେଉଁପ୍ରକାରେ ନ ରହଇ ଯଶ ।
କୃପାବନ୍ତ ହୃଦୟ । କଲେ ଏତେ ନିର୍ଦ୍ଦୟ ।
କରାଇଲ ଏ ଭୟ କେତେ ପାଇଲ ଜୟ ?

କେଶବ ବୋଲନ୍ତି ତୁମ୍ଭ ନିମିତ୍ତେ । କୁଞ୍ଜବନ ଯାକ ବୁଲିଲୁଁ କେତେ ।
କରିବାକୁ ସୁବେଶ । କଳ୍ପି କୁସୁମ ଆଣ ।
କିପାଁ କରୁଛ ରୋଷ କିଛି ନାହିଁ ମୋ ଦୋଷ ।

କହନ୍ତି ଗୋପୀ ତୁମ୍ଭେ ହେଲ ବାମ । କାମ ଏଣେ ପୂର୍ଣ୍ଣ କଲା ତା କାମ ।
କଲା ରେମକେ କାଣ୍ଡେ । କେ ରଖିବ ବ୍ରହ୍ମାଣ୍ଡେ ।
କାନ୍ତ ଥାଉଁ କାନ୍ତାକୁ କେ ଦେଇଅଛି ଦଣ୍ଡେ ।

କୁସୁମଶର ମୋହ ତେଜି ବସି । କୃଷ୍ଣ ଗୋପୀଙ୍କ ସ୍ନେହ ଦେଖି ହସି ।
କାଣ୍ଡ କୋଦଣ୍ଡ କରେ । କରଦେଇ ନସରେ ।
କରେ ଇଚ୍ଛା ମନରେ । କଠାଇବାକୁ ଥରେ ।

କୁରଙ୍ଗ ଯେହ୍ନେ ମୃଗତୃଷ୍ଣା ଚାହିଁ । କି ନ କରେ ତାକୁ ପତଙ୍ଗ ଧାଇଁ ।
କାଳେ ହୋଏ ଯେମନ୍ତ । କାମ କଥା ତେମନ୍ତ ।
କରେ ପ୍ରାଣ ଯେ ହତ । କରେ ତହିଁ ମମତ ।

କ୍ରମେ ବଦନମୁଖ ଶୋଭାକୁ ଘେନ ।   କଲେ ଗମନ ବରଜକାମିନୀ ।
କଳାକର ଆନନ ।   କାନ୍ତ ଦଶେ ନଉନ ।
କିଛି ଦୃଶ୍ୟ ହୁଅଇ ତାର ତାରକାମାନ ।

କେଳ ସୁମର ମନ ପଦ୍ମ ହସେ ।   କୁଂକୁମବର୍ଣ୍ଣି ଅମ୍ବର ପ୍ରକାଶେ ।
କୁଚ ଚକ୍ର ଉଲ୍ଲାସ ।   କହେ କୃଷ୍ଣ ଏ ରସ ।
କାମତମ ବନାଶ କହୁଥିଲେ ଅଶେଷ ।

## ଚତୁର୍ବିଂଶ ଛନ୍ଦ

ରାଗ—ବଙ୍ଗଳାଶ୍ରୀ

କରବରକର ମର୍ଦ୍ଦନୁ ଅନ୍ତର ହେଲା ପଦ୍ମଲତା ପ୍ରାୟେ ।
କାମସିନ୍ଧୁ ଲାଗି ନଧୁବନ ଭାଗି ଦଶେ କେଉଁ ବଧୂକାୟେ ।
କେଶରୀ ମୁଖରୁ ପଳାଇ ଚମୂରୁ ହୁଅଇ ଯେହ୍ନେ ତରଙ୍ଗ ।
କଟାକ୍ଷ ଖେଳାଇ ଗମନ ବଳାଇ କେଉଁ ଗୋପୀ ଛାଡ଼ି ସଙ୍ଗ ।
କେତୁଭୁଣ୍ଡ ମୁଣ୍ଡ ଗ୍ରାସୁଁ ସୁଧାପିଣ୍ଡ ବାହାର ହେଲା ପରାୟେ ।
କାନ୍ତରୁ ବାହାର ହେବାରୁ କାହାର ମୁଖ ନୀରସକୁ ପାଏ ।
କୁବଳୟ ଦଳ ସିନ୍ଦୂରରେ ମେଳ ହେଲା ପ୍ରାୟେ କାହା ନେତ୍ର ।
କାର ଚଞ୍ଚୁଘାତ ବମ୍ବଫଳ ଖ୍ୟାତ ସୁରଙ୍ଗ ଦଶନ ପତ୍ର ।
କରକୁମ୍ଭେ ମୁନ ଅଙ୍କୁଶର ଘେନ ଲାଗିଲେ ଯେମନ୍ତ ଦଶେ ।
କାହାର ଉରଜଯୁଗଳ କରଜ ଘାତରେ ଶୋଭା ପ୍ରକାଶେ ।
କାହା ଗଣ୍ଡସ୍ଥଳ ଚୁମ୍ବନେ ତାମ୍ବୂଳବୋଳ ହୋଇଛି ପ୍ରକଟ ।
କନକମଞ୍ଜିରେ ରହିଲେ ସଧୀରେ ଶୋଭା ଯେହ୍ନେ ତାମ୍ରକୀଟ ।
କାହାର ଅମ୍ବର ନୋହେ ଆଡ଼ମ୍ବର ଡମ୍ବରୁମଧ୍ୟଦେଶରେ ।
କିଶଲୟପଦ ନ ଧରଇ ପଦ ମାରମଦ ଅବଶରେ ।
କନକବଲ୍ଲରୀ ମନ୍ଦବାତେ କର ଚଳିଲା ପରାୟେ ହୋଇ ।
କଳହଂସୀ ପ୍ରାୟେ ଚରଣ ପକାଏ ଶ୍ରୀଅଙ୍ଗକୁ ଦୋହଲାଇଁ ।
କାହା ଇଶି ଇଶି ଶ୍ରୀମୁଖକୁ ଶଶି କଳା ହାର ପଳାଇଲା ।
କୁଧର ନରେନ୍ଦ୍ର ଶିଖରେ ପାରୀନ୍ଦ୍ର ଶିରେ କାନ୍ତ ଖେଳାଇଲା ।
କାହା କଣ୍ଠହାର ସୂତ୍ରରୁ ବାହାର ହୋଇ ଗୋଟୀ ଗୋଟୀ ଖସେ ।
କୃତ୍ତିବାସ ଶିରେ ବସୁନ୍ଧରା ନୀର ମଣ୍ଡିଲା ପରାୟେ ଦଶେ ।
କଷ୍ଟେ କଷ୍ଟେ ଯାଇଁ କୃଷ୍ଣସୁଖଦାୟୀ ଗୋପେ ପ୍ରବେଶ ହୋଇଲେ ।
କମଳ ହରଷ ଘେନ ବାସରେଶ ଉଦୟ ମୂର୍ଦ୍ଧା ଛୁଇଁଲେ ।
କଉତୁକୀ ପଣେ କରଣ ସଞ୍ଚାଣେ ମିଳିଲେ ଗଗନ ପଥେ ।
କ ଛଟକେ ପ୍ରାଣ ବଳଲେ ପ୍ରୟାଣ କଲେ ଉଡୁପ ତରସ୍ତେ ।

କୃକ ବାସ କାକ ଚକ୍ରବାକ ଡାକ ଶୁଭିଲା ଗୃହଆଡ଼ରେ ।
କେଉଁ ରସନାଥି ବିରହେ ଅବଧି ଗାର କାଟିଲା ବାଡ଼ରେ ।
କମ୍ବୁ କଟକରେ ନୀଳାଦ୍ରି ନଗରେ ପାହାନ୍ତି ଶଙ୍ଖ ବାଜିଲା ।
କମ୍ବୁ ଚକ୍ରଧର ଦେବରାଜଙ୍କର ନିଦ୍ରା ତୁରିତେ ଭାଙ୍ଗିଲା ।
କନକ ପଲ୍ୟଙ୍କ କମଳାଙ୍କ ଅଙ୍କ ତେଜି ସିଂହାସନେ ବିଜେ ।
କବାଟ ଫିଟାଇ ତୋରା ହୋଇ ଯାଇଁ ଖଟିଲେ ସେବକଦ୍ୱିଜେ ।
କୁସୁମମାଳକୁ ପକାଇ ତଳକୁ ତଡ଼ପ ଲାଗି ହୋଇଲେ ।
କାଠିଲାଗି ପାଇଁ ଚଉକରେ ଯାଇ ତୁରିତେ ବିଜୟ କଲେ ।
କରି ତ୍ରିଫଳାଜଳେ ମୁଖ ପଖାଳ କାଠିଲାଗି ସ୍ନାନ ସାରି ।
କମନୀୟ ବାସ ଲାଗିହୋଇ ବେଶ ହେଲେ ନୀଳାଦ୍ରିକେଶରୀ ।
କରେ କଚଟୀ ବାହୁଟୀ ମଧ୍ୟଦେଶେ ରତ୍ନ ଓଡ଼ିଆଣି ଶୋହେ ।
କଣ୍ଠରେ ଶାର୍ଦ୍ଦୂଳନଖ କଣ୍ଠିମାଳ ଜଗଜ୍ଜନ ମନ ମୋହେ ।
କର୍ଣ୍ଣରେ କୁଣ୍ଡଳ ଶିରେ ଦିବ୍ୟଚୂଳ ହୃଦରେ କୁସୁମମାଳ ।
କରନ୍ତି ଦର୍ଶନ ତାହା ଯେଉଁ ଜନ ଜନ୍ମ ତାହାର ସଫଳ ।
କୋଟି ବ୍ରହ୍ମାଣ୍ଡରେ ଏମନ୍ତ ଠାକୁର ଥିବାର ଶୁଣିଛ କାହିଁ ?
କିଞ୍ଚିତ ଲୋକହିଁ ପରମ ପଦହିଁ ଲଭନ୍ତି ଯାହାକୁ ଚାହିଁ ।
କଳାପର୍ବତରେ ବିଜୟ ସଧୀରେ କରୁଣାହୃଦୟ ହୋଇ ।
କଳୁଷୀ ଲୋକଙ୍କୁ କଲ୍ମଷପଙ୍କୁ ଉଦ୍ଧାର କରିବା ପାଇଁ ।
କଥା ନ କହନ୍ତି ଜଗତ ମୋହନ୍ତି ସବୁଠାରେ ସମଚାହିଁ ।
କାଳଦଣ୍ଡଭୟ କରିବାକୁ କ୍ଷୟ ନିରନ୍ତରେ ଊର୍ଦ୍ଧ୍ୱବାହା ।
କରନ୍ତି ମଣୋହି ଯେଉଁ ଦ୍ରବ୍ୟ ତହିଁ ମହିମା ଅତି ବିଚିତ୍ର ।
କୁଣକେତୁ ନେଇ ଆନନ୍ଦେ ଭକ୍ଷଇ ଥିଲେ ନୀଚକରପାତ୍ର ।
କରୁଥିଲେ ଗତ ପରିକ୍ରମା, ମତ୍ତ କଳହ ସ୍ତୁତି ପରାୟେ ।
କରନ୍ତେ ଆମିଷ ଆଦି ଦ୍ରବ୍ୟ ଗ୍ରାସ ହବିଷ୍ୟକର୍ମକୁ ପାତ୍ର ।
କଲେ ନିଦ୍ରା ଯହିଁ ଦଣ୍ଡପ୍ରଣାମହିଁ ଫଳ ହୁଅଇ ପ୍ରାପତ ।
କଳତ୍ରାଦିସୁତ ଧେନୁକରି ଭୃତ୍ୟମାନେ ଜୀବନ ମୁକତ ।
କରିଥିଲା ଆଶ ସେ କ୍ଷେତ୍ରେ ନିବାସ କରିବାକୁ ଦୀନକୃଷ୍ଣ ।
କି ଅଭାଗ୍ୟୁଁ ତହିଁ ନ ପାରିଲା ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ ।
କର୍ମେ ଥିଲା ଯାହା ଭୋଗକଲା ତାହା କେ ତାହା କରିବ ଆନ ।
କରମକରତା କଇବଲ୍ୟଦାତା ଯେବେ ନୋହିଲେ ପ୍ରସନ୍ନ ।
କଣ୍ଠରେ ଭୂଷଣ କରି ତାଙ୍କ ଗୁଣ ଗାଉଥାଇଁ ନାମମାନ ।
କୃପଣ ଗୁଆଁର କୁବୁଦ୍ଧିକି ଦାନ ମାଗି ପାଉଥାଇ ମାନ ।
କରେ ଚିନ୍ତାମଣି ପାଇଁ କରି ଆଣି ନ ରହିଲା ମୋର କଛି ।
କରଇ ବିଚାର କେତେବେଳେ ସ୍ଥିରଜୀବନ କାହିଁକି ଅଛି !

କୃଷ୍ଣ ଅଶ୍ରେକର ସୁବିଦ୍ୟା ଆଚରି ପାଷଣ୍ଡଙ୍କୁ ଯାହା ସ୍ତୁତି ।
କୃଷ୍ଣଦାସ କହେ କିଛି ଭଲ ନୋହେ କେବଳ ଛନ୍ଦକ କାତି ।

ପଞ୍ଚବିଂଶ ଛାନ୍ଦ

ସ୍ୱର—କାମୋଦୀ ରୁକ୍ମଣୀଚୌତିଶା ବାଣୀ

କରି ସାଧୁ ବିବେକିଜନେ ମନକୁ ଏକ କୃଷ୍ଣକଥାକୁ ଚିତ୍ତ ଦେଇ ।
କଂସ-ଚିମିକୁ ହଂସ ହେବେ ଯେ ହୃଷୀକେଶ ସେ କଥା କିଛି କହିବଇଁ ହେ ।
ଆହେ ଜନେ । କୁଞ୍ଜବିହାରୀ ସାରି ରାସ ।
କେତେ ଦିନ । ଗୋପେ ରହିଲେ ପୀତବାସ ।
କଂସ ନୃପତି ଭୟ କେବେ ନୋହିଲା କ୍ଷୟ ଭାଳଇ ରଜନୀ ଦିବସ ହେ ।

କରାଇଲା ହକାରି ସମସ୍ତ ରାଜା ତାରିମାନଙ୍କୁ ଅତି ଉତ୍ସାହରେ ।
କହି ତୁମ୍ଭେ ବିଚାରି କାଳ ନନ୍ଦକୁମର କେମନ୍ତେ ପଡ଼ିବେ ହସ୍ତରେ ହେ ।
କୋବିଦେ ହେ । କଲିତ ଶ୍ରବଣ ସଭିଏଁ ।
କଲେ ଯେତେ । ଯେତେ ଶ୍ରୀକୃଷ୍ଣ ରାମ ଦୁହେଁ ।
କେଶୀ ଆଦି ମୋହର ମାରି ସମସ୍ତ ବୀର କଣ୍ଟକିତ ହୋଇ ଗୋପେ ରହେ ହେ ।

କରିବି ପ୍ରାଣେ ନାଶ ଅଇଲେ ମୋର ପାଶ କେ ରକ୍ଷା କରିବ ଜାଣିମା ।
କେ ତହିଁ ପ୍ରଭୁ ମନ ଯେନମାକୁ ବହନ ବୋଲଇ ମଣିମା ମଣିମା ସେ ।
କେ ବୋଲଇ । କେ ତୁମ୍ଭ ତହୁଁ ଅଛି ବଡ଼ ।
କେ ବୋଲଇ । ଯେତେ ହୋଇଲେ ସେ ଗଉଡ଼ ।
କରି ଆଜ୍ଞା ତୁରିତ ଛାମୁରୁ ଯାଉ ଦୂତ ଯେନ ଆସୁ ସେ ତଡ଼ବଡ଼ ସେ ।

କହେ ଯେଉଁ ପଣ୍ଡିତ ସଭାରେ ପକ୍ଷପାତ ପ୍ରଭୁ ଆଶୟ ଅନୁସରି ।
କରେ ତହିଁବି ପ୍ରତେ ଯେଉଁ ନୃପତି ଚିତ୍ତେ ସେହିଟି ଅବିବେକୀପୁରୀ ହେ ।
ଆହେ ଜନେ । କାଳେ ସେ ଦେଖନ୍ତି ସଂଘାତ ।
କାଳଦଣ୍ଡେ । ଅବଶ୍ୟ ହୁଅନ୍ତି ସଂଘାତ ।
କଣ୍ଟୁତିକୁ ମଧୁର ଦ୍ରବ୍ୟଠାରୁ ବିଚାରି ଆଦ୍ୟପ୍ରାନ୍ତେ ହିତ ଅହିତ ହେ ।

କର୍ପୂର, ନାରକେଳ, ଲେମ୍ବୁ କେତେ ଶୀତଳ ପାନକୁ ମହା ସୁଖକର ।
କହୁଁ କହୁଁ ଯେମନ୍ତ କରଇ ପ୍ରାଣ ହତ ସେହିରୂପେଟି ଖଳଗିରହେ ।
ଆହେ ଜନେ । କଲାନାହିଁ ବିଚାର ଚିତ୍ତେ ।
କ୍ରୋଧସିନା । ପ୍ରାଣିଙ୍କି ନାଶୁଛି ସନ୍ତତେ ।
କେବଳ ଜ୍ଞାନଶୂନ୍ୟ ଲୋକଙ୍କର ଏମାନ ମରଣ ବଳାଇ ଅରତେ ହେ ।

କେଶରୀ ଦେଖିକରି ଗ୍ରାମସିଂହ ଫୁକାରି ହେଲେ ସେ କନକ ବଡ଼ ହୋଏ ।

କେବେହେଁ ବନମଣି ଆଗେ ଖଦ୍ୟୋତ ଶ୍ରେଣୀ ଜ୍ୟୋତି ଦେଖାଇ ଯଣ ପ୍ରାୟେ ହେ ।
ଆହେ ଜନେ । କରଛ ଶ୍ରବଣ ମହିମା ।
କହୁଅଛୁ । କେମନ୍ତ ପ୍ରକାରେ ଗାରିମା ।
କାଲ ଘୋଟିଲେ ପ୍ରାଣୀ କହେ ବକୃତବାଣୀ ସହଜେତ ଏ ଦୁଷ୍ଟସୀମା ହେ ।

କହିଲ ବିଚକ୍ଷଣ ମାନେ ମୋଠାରୁ ଶୁଣ ବୁଦ୍ଧିଏ ଦଶୁଅଛୁ ମୋତେ ।
କରିବ ଧନୁଜାତ ଆଣିବ ନନ୍ଦସୁତ ଜନକ ଜନନୀ ସହିତେ ହେ ।
କୋବିଦେ ହେ । କରତ ଥିବ ରଙ୍ଗସଭା ।
କାମପାଳ । କୃଷ୍ଣ ଦେଖି ହୋଇବେ ଲୋଭା ।
କପଟବୁଦ୍ଧି କରି କରେ ଆୟୁଧ ଧରି ଯୋଦ୍ଧାଏ ହୋଇଥିବେ ଉଭା ହେ ।

କୁବଳୟା ଆରୋହି ମାହୁନ୍ତ ଥିବ ରହି ସିଂହଦ୍ୱାର ଆଶ୍ରୟକରି ।
କୁଳଣ-ହ୍ରଦ ମାଲେ ଉଭାଇଥିବେ ଭଲେ କାହା ମୁଖୁଁ ବଞ୍ଚିବ ହରି ସେ ।
କହି ଏହା । ମନ୍ତ୍ରିଙ୍କ ଗ୍ରହିଁ ହସ ହସ ।
କର କଣେ । ପକାଇ ଛାଡ଼ଇ କଣ୍ଠାସ ।
କଲା ପୁଣି ଆଦେଶ ଅକ୍ରୂର ଯାଇ ପାଣ ରାମ କୃଷ୍ଣଙ୍କୁ ଘେନଆସ ହେ ।

କର ଯୋଡ଼ି ଅକ୍ରୂର କରି ଶିରଉପର ବାହାର ହେଲେ ରଥେ ବସି ।
କେତେରୂପେ ମଙ୍ଗଳ ହୋଇଲେ ଆସି ମେଳ କେତେ ତା କହିବ ବିଶେଷି ହେ ।
ଆହେ ଜନେ । କେଶବ ଶ୍ରବଣ ମଙ୍ଗଳ ।
କାଟି ଯାହା । ନାମ ଧରିଲେ ଅମଙ୍ଗଳ ।
କଲେ ତାଙ୍କୁ ଦର୍ଶନ କରିବାକୁ ଗମନ ତହିଁ ନୋହିବ କେଉଁ ଫଳ ହେ ।

କମ୍ପେ ଦକ୍ଷିଣନେତ୍ର ଆଦି ଦକ୍ଷିଣଗାତ୍ର କେତେ ଆନନ୍ଦ ହୋଏ ଜାତ ।
କଲି କି ତପ କାହିଁ କଳତ ପାରୁ ନାହିଁ କୃଷ୍ଣଙ୍କୁ ଦେଖିବ ସାକ୍ଷାତ ସେ ।
କଳ୍ପାନ୍ତରେ । ଯୋଗିଏ ଜାଗି ଯୋଗବାଟ ।
କେହି ପାଇ । ନାହାନ୍ତି ଆଜଯାଏ ଭେଟ ।
କେଉଁ ସୁକୃତବଳେ ତାଙ୍କୁ ଦେଖିବ ଡୋଳେ ବୋଲି ଆନନ୍ଦେ କରେ ନାଟ ସେ ।

କନକଗିରିଚରମାନଙ୍କ ମସ୍ତକର ମୁକୁଟ ମର୍କତମଣି ଏ ।
କମ୍ବୁ ଚକ୍ରାଦିଧର ପାଦପଦ୍ମେ ଯାହାର ଦଶନ୍ତି ମଧୁକର ପ୍ରାୟେ ସେ ।
କଇଳାସ । ଶିଖରବାସୀ ପଞ୍ଚାନନ ।
କରୁଛନ୍ତି । ଯାହାପାଦଜଳରେ ସ୍ନାନ ।
କରିବାକୁ ଅପାର ଭବସାଗରୁଁ ପାର ଯାହା ନାମ ନଉକା ଯାନ ସେ ।

କଲେବର ଫୁଲଇ ନେତ୍ରୁଁ ନୀର ଗଳଇ ଭାବ ଶ୍ରୀକୃଷ୍ଣକଥାମାନ ।
କଣ୍ଠ ହୋଏ ଗଦ୍ଗଦ ଉଚ୍ଚାରି କୃଷ୍ଣପଦ ପ୍ରବେଶହେଲେ ବୃନ୍ଦାବନ ସେ ।

କଲେ ଅବା । ଗ୍ଲୋକନ ପାଦପଦ୍ମଚିହ୍ନ ।
କମ୍ବୁ, ଚକ୍ର, ପଦ୍ମରେ ହୋଇଛୁ ଶୋଭନ ।
କୁଳିଶ, ଅଷ୍ଟକୋଣ, ଊର୍ଦ୍ଧ୍ୱରେଖା, ତ୍ରିକୋଣ, ଧନୁ, ଧ୍ୱଜ, ସ୍ୱସ୍ତିକ, ମୀନ, ସେ ।
କଲଶ, ଯବ, ବନ୍ଦୁ, ଅଙ୍କୁଶ, ଅର୍ଦ୍ଧଇନ୍ଦୁ, ଗୋଷ୍ପଦ, ଅମର ନରେଖି ।
କୁସୁମଲଟପ୍ରାୟେ ପକାଇ ତହିଁ କାୟେ ଭାବରେ ନ ପାରେ ଉପେକ୍ଷି ସେ ।
କଷ୍ଟେ କଷ୍ଟେ । ଉଠି କଛିଦୂରକୁ ଯାଇ ।
କଳେବର । ବେଣୁରେ ହୋଇଅଛି ସ୍ଥିର ।
କଲେ ଅବଲୋକନ ଜଗଜ୍ଜନଜୀବନ ଶ୍ରୀରାମ, କୃଷ୍ଣ ବେନଭାଇ ସେ ।
କୁନ୍ଦ, ଇନ୍ଦୁ, କର୍ପୂର, କଳରବ, ଗୋକ୍ଷୀର, କମ୍ବୁ, ଶମ୍ଭୁପର୍ବତ ଗର୍ବ ।
କାଶ, ସାଗରଫେନ, କଳଧଉତବର୍ଣ୍ଣ ଶ୍ରୀରାମ ଛବିଙ୍କ ଏ ଖର୍ବ ସେ ।
କଟୀତଟେ । ନୀଳପଟନୀ କାଛ ଶୋହେ ।
କଇଲାସେ । ନୀଳମେଘ ଯେମନ୍ତ ରହେ ।
କମନୀୟ ଉଷ୍ଣୀଷ ଗୋଧନଦୁହାଁବେଶ ସୁରନର କନ୍ଦର ମୋହେ ସେ ।
କୋକନଦଆକୃତି ଦଶେ ନୟନ ଜ୍ୟୋତି ଶ୍ରୀମୁଖ ପୂର୍ଣ୍ଣଚନ୍ଦ୍ର ଜିଣି ।
କଂଗୁଭୂଜସରିତ କଳନକନ୍ୟା ଯୁତ ପର୍ୟ୍ୟେ ପାଶେ ବେଣୁପାଣି ସେ ।
କି ଉପମା । ଦେବା ସେ ଶ୍ରୀଅଙ୍ଗଛଟାକୁ ।
କଳା ମଧ୍ୟେ । ମନ ନ ବଳଇ ଗୋଟାକୁ ।
କାଳନ୍ଦୀ ଜଳ ପାନ କରି ଅଇଲେ ମନ ନ ଯିବ ଜଳଦଘଟାକୁ ସେ ।
କେଶରୀକଟୀତଟେ ପୀତପଟନୀ ଘଟେ ତଥି ମୋହନବେଣୁ ଖୋସି ।
କୋମଳେ ଗୀତ ପଦେ ପଦେ ଗାଇ ପ୍ରମୋଦେ ଗାଈଙ୍କି ଡାକନ୍ତି ଆଣ୍ଠାସି ସେ ।
କେଉଁ ଧେନୁ । ଚରଣେ ଛନ୍ଦିଲେ ଛନ୍ଦଣୀ ।
କରି ଜାନୁ । ଯୁଗଳେ ସଂଯୋଗ ଦୁହୁଣୀ ।
କାମୀ କାମ ଦୋହନ କରନ୍ତି ଗୋଦୋହନ କଳଶେ ରଖି ପୁଣ ପୁଣି ସେ ।
କଳା ଶ୍ରୀଅଙ୍ଗେ କ୍ଷୀରବିନ୍ଦୁ ପଡ଼ି ସୁନ୍ଦର ଦଶେ ଗଗନେ ତାରା ପ୍ରାୟେ ।
କରେ କଳତବାସ ମନ ନୟନ ପାଶ ରତ୍ନପାଦୁକା ପଦ୍ମପାୟେ ସେ ।
କଲ୍ଲ ଏହି । ସମୟେ ଅକ୍ରୂର ଦର୍ଶନ ।
କୃପାସିନ୍ଧୁ । ଅନାଇଁ ହୋଇଲେ ପ୍ରସନ୍ନ ।
କରଯୁଗଳେ ବେଗେଁ ଅତ୍ୟନ୍ତ ଅନୁରାଗେ କୋମଳ କଲେ ଆଲିଙ୍ଗନ ସେ ।
କଉତୁକେ ହସନ୍ତି, କୁଶଳ ପଚାରନ୍ତି, କି କାର୍ଯ୍ୟେ ଅଇଲ ଏଥିକି ।
କର ଯୋଡ଼ି ଅକ୍ରୂର ବୋଲଇ ମୋହୋ ସ୍ଥିର କି କହିବ ଅନ୍ତର୍ଯ୍ୟାମିଙ୍କି ସେ ।
କଂସ ପେଷି । ଅଛି ତୁମ୍ଭଙ୍କୁ ନେବାପାଁଇ ।
କରଛି ସେ । ଧନୁ ଉତ୍ସବ ସୁଖଦାୟୀ ।
କୂଟ କରଛି ଯେତେ ତାହା କହିବ କେତେ ସେତ ମନକୁ ଥିବ ଯାଇ ସେ ।

କେଶବ ହସି ଧୀରେ ବୋଇଲେ ଯିବା ଥରେ ଦେଖିବା ମାମୁ ଧନୁ ଜାତ ।
କଇତବ କଥାକୁ ମାମୁ ମନବ୍ୟଥାକୁ ସବୁ ରୂପରେ ସନମତ ସେ ।
କହ ଯାଇଁ । ଗୋପରେ ତୁମ୍ଭେ ଏ ବାରତା ।
କ ବୋଲନ୍ତି । ଜନକ ଜନନୀ ଶୁଣି ତା ।
କେବେହେଁ ରାଜା ଆଜ୍ଞା ନ କରିବ ଅବଜ୍ଞା କରିବ ନାହିଁ କଉତୁକତା ସେ ।

କେଶୀନୀବନହର-ଆଜ୍ଞା ପାଇଁ ଅକ୍ରୂର ଗୋପରେ ପ୍ରବେଶ ହୋଇଲେ ।
କଂସ ଉଲୂର ନେଇ ନନ୍ଦଙ୍କ କରେ ଦେଇଁ ସକଳ ସନ୍ଦେସ କହିଲେ ସେ ।
କେ କହିବ । ଶୁଣି ତା ହୋଇଲେ ସେ ଯାହା ।
କହିବାକୁ । ବଚନେ ଆସୁ ନାହିଁ ତାହା ।
କହୁଁ କହୁଁ ଗୋକୁଳଯାକ ଶୁଭିଲା ଗୋଳ ମଥୁରା ଯିବେ ବ୍ରଜନାହା ସେ ।

କେ ବୋଲେ କି କରିବା କାଳ କେମନ୍ତେ ନେବା ଶ୍ରୀକୃଷ୍ଣ ଗଲେ ମଥୁରାକୁ ।
କୁଟିଳ ଦୁଷ୍ଟ କାମ ପୂର୍ଣ୍ଣ କରିବ କାମ ଫୁଲଶରେ ବଦାଇ ବୁକୁ ଯେ ।
ଆଗୋ ସଖି । କଳାକର କରିବ ଯାହା ।
କହି ଶେଷ, ଶେଷ କରିବେ ନାହିଁ ତାହା ।
କୋକିଳ କଳଡାକେ ରହିଁ ନୋହିବ ଲୋକେ କାଳ କରିବ ପୁଣି ଏହା ଗୋ ।

କଉତୁକ ସମ୍ବାଦ କର୍ପୂର ଚନ୍ଦନାଦ କେହି ନୋହିବେ ସୁଖକର ।
କଳେବର ବସନ ଆଶୀବିଷ ସମାନ ହୋଇବ ମହାଭୟଙ୍କର ସେ ।
ଆଗୋ ସଖି । କ୍ରୀଡ଼ାମନ୍ଦିର ହେବ କାରା ।
କଣ୍ଠ ମୋତି । ହାର ହୋଇବ ଅତି ଭାର ।
କାମ-ଦଶମଦଶା ଭାଙ୍ଗିବ ସବୁ ଆଶା ବୋଲି ଛାଡିଲେ ଅଶ୍ରୁଧାରା ସେ ।

କେ କରେ ମହାଶୋକ କେ ହୋଏ ଦକ ଦକ କେ ଦୀର୍ଘେ ଛାଡ଼ଇ ନିଶ୍ୱାସ ।
କେ ଘନରୁତୁ-ପିକ ପ୍ରାୟେ ହୋଇଲା ମୂକ କେ ବୋଲେ ଛାଡ଼ ପ୍ରତିଆଶ ସେ ।
କେ ବୋଲଇ । କୃଷ୍ଣ ସଙ୍ଗତେ ଅମ୍ଭେ ଯିବା ।
କେଉଁ ସୁଖ । ପାଇବା ଯାଁଇ ଗୋପେ ଥିବା ।
କୁମୁଦ ଶଶଧର ପ୍ରାୟେ ଭୋଗ ଅନ୍ତର ହେଲେତ ଶ୍ରୀମୁଖ ଚାହିଁବା ଗୋ ।

କୃପଣଜନ ଧନ ଭୋଗ ନୋହିଲେ ମନ ହୁଅଇ ଆନନ୍ଦରେ ସୁଖୀ ।
କୁତ୍ସିତଗ୍ରାମେ ଥିଲେ ମହାପଣ୍ଡିତ ହେଲେ କିକ ହୋଇ ହୁଅଇ ଦୁଃଖୀ ସେ ।
ଆଗୋ ସଖି । କେଶବ ରସିକଶେଖର ।
କରୁଛନ୍ତି । ଆମ୍ଭମାନଙ୍କୁ ଏତେଦୂର ।
କେଉଁ ଗୁଆଁର ସଙ୍ଗେ ଦନ ବଞ୍ଚିବା ରଙ୍ଗେ ଏକଥା କରିତ ବିଚାର ଗୋ ।

କହୁଁ କହୁଁ ଏମନ୍ତ ଛାୟାଦେବୀଙ୍କ କାନ୍ତ ଅସ୍ତାଚଳରେ ଅସ୍ତ ହେଲେ ।
କାମପାଳଙ୍କ ସଙ୍ଗେ ସୁରଭି ଧେନ ରଙ୍ଗେ ଶ୍ରୀକୃଷ୍ଣ ଗୋପକୁ ଆଇଲେ ସେ ।

କ୍ରମଶରେ । ମାଜଣା ବସ୍ତ୍ର କରି ଶେଷ ।
କଉତୁକେ । କଲେ ମଣୋହି ପୀତବାସ ।
କଥା ପ୍ରସଙ୍ଗେ ବସି ଅକ୍ରୂର ସଙ୍ଗେ ନିଶି ଥୋକାଏ କଲେ ଅବଶେଷ ସେ ।
କମନୀୟ ପଲ୍ଲଙ୍କ ହଂସତୁଲ ତୁଳୀଅଙ୍କଦେଶରେ ଯାଇଁ ପହୁଡ଼ିଲେ ।
କ୍ରମେ ରଜନୀ ଶେଷ ହୁଅନ୍ତେ ଆମ୍ରଘୋଷ ଚରଣ-ଆୟୁଧ ରଟିଲେ ସେ ।
କୃପାସିନ୍ଧୁ । ନିଦ୍ରା କାମିନୀଙ୍କି ଛାଡ଼ିଲେ ।
କଂସଦୂତ । ଅକ୍ରୂର ରଥ ସଜାଡ଼ିଲେ ।
କସେ ଗୁଣ୍ଡିଚ୍ଚଜାତ ପ୍ରାୟେ ଲୋକ ବହୁତ ଦେଖିଁ ଦେଖିଁ ମାଡ଼ି ପଡ଼ିଲେ ସେ ।
କାମପାଳ ଶ୍ରୀହରି ପ୍ରାତମଣୋହି ସାରି ରଥେ ଯାଇଁ ବିଜୟ କଲେ ।
କାନ୍ତ ଯୁବତମାନେ କାନ୍ତ ଆନନ୍ଦମନେ ଉଚ୍ଚରେ ହୁଳହୁଳି ଦେଲେ ସେ ।
କଲେ ନନ୍ଦ । ଅନେକ ସମ୍ଭାର ଭିଆଣ ।
କେତେ ରୂପେ । ସଜ ହୋଇଲେ ଗୋପଗଣ ।
କାହାକୁ ଦେବା ସମ ସହଜେ ନିରୂପମ କମଳନୟନ ଗହଣ ସେ ।
କୃଷ୍ଣଦାସ ମାନସ ହୋଏ ଅତି ବିରସ ହରସ କେତେବେଳେ ହୋଏ ।
କଣୋଗ୍ରୀ ଗୋପୀଙ୍କର କଂସ ଦୁଷ୍ଟ ପାମର କଥା ମନରେ ପଡ଼ିଯାଏ ସେ ।
କି ନିଷ୍ଠୁର । ପ୍ରଭୁ ମାନଙ୍କର ହୃଦୟ ।
କହିଥିଲେ । କେତେ ପ୍ରକାରେ ସେ ଅଭୟ ।
କହିଁ କହିଁ ସେ ଏବେ ମଥୁପୁରକୁ ଯିବେ ପ୍ରୀତଠାରେ କରି ନିର୍ଦ୍ଦୟ ସେ ।

ଷଷ୍ଠବିଂଶ ଛାନ୍ଦ ।

ସଗ – କାମୋଦୀ

କୃଷ୍ଣ କଂସ ନଗର ଯିବା ଶୁଣି କାତର ସକଳ କଳାକରମୁଖୀ ।
କାକୁସ୍ଥ ହୋଇ ଧୀରେ କହନ୍ତି କୋମଳରେ କଙ୍କଣ ନୟନରେ ରଖି ସେ ।
କୃପାନିଧି । କେମନ୍ତେ ମୂର୍ଚ୍ଛିବୁଁ ତୁମ୍ଭଙ୍କୁ । କହ ଏ ବଚ୍ଚିର ଆମ୍ଭଙ୍କୁ ।
କେଉଁ ମନ୍ତ୍ରବଳରେ ହୃଦୟକମଳରେ ଧରିଲ ଏମନ୍ତ ଦମ୍ଭକୁ ହେ ।
କ୍ରୂର କୁସୁମଧନୁ କୃଶ କରଇ ତନୁ କାନନଁ ଆସିବା ସରିକି ।
କେମନ୍ତେ କରି ଦେହ କରବ ସେ ଅଦେହ ଗଲେ ମଥୁରାନଗରୀକି ହେ ।
କୃପାନିଧି । କଲ ଯେତେରୂପରେ ପ୍ରୀତ । କରୁଛ ତେତିକି ଅନୀତ ।
କମଠପୃଷ୍ଠ ପ୍ରାୟ ନ କର କୃପାମୟ କୋମଳକେତନସ୍ଥିତ ହେ ।
କାନ୍ତା କାନ୍ତ ଅଭାବେ କନ୍ଦର୍ପପରାଭବେ କୃଶକୁ ଭଜଇ ବିକଳେ ।
କେ ବା ତାହା ନ ସହେ କଲେବରକୁ ଦହେ ପ୍ରବଳ ଜଳନ୍ତା ଅନଳେ ସେ ।
କୃପାନିଧି । କାହାକୁ କହିବୁଁ ଏକଥା । କେବା ଖଣ୍ଡିବ ମନବ୍ୟଥା ।
କୃପାଳୁ ହୋଇ ଯେବେ କୃପାଛାଡ଼ି ଅଭାବେ ତୁମ୍ଭେ ତ ଯୋଡ଼ିଲଣି ମଥା ହେ ।

କଲୁଁ ହିତଆଦର କୁଳ-ଶୀଳ-ବେଭାରଠାରେ ତୁମ୍ଭଙ୍କୁ ମନ ଦେଇ ।
କାଳ ହେଉଛି ଏବେ ଚରଣ ବେଦନାବେ ଦେଲ ଲୋକପରାୟେ ହୋଇ ହେ ।
କୃପାନିଧି । କୁଳଣ ହୃଦୟ ତୁମ୍ଭର । କର୍କଣ ଉରଜ ଆମ୍ଭର ।
କେ କାହା ସ୍ମରଣରେ କଠୋର ଭାବ ଧରେ ଏକଥା ନୋହୁଛି ଗୋଚର ହେ ।

କରୁଛ ତୁମ୍ଭେ ଗତ ରହିଛ ଆମ୍ଭଗତ କେହି କାହାକୁ ନୋହେ ଊଣା ।
କାକ ପୋଷିଲା ପିକ ପରାୟେ କଥା ଲୋକମଧ୍ୟରେ ଯାଉଅଛି ଜଣା ହେ ।
କୃପାନିଧି । କାହାକୁ କରିବୁଁ ଗୁହାରି । କଂସତ ଆମ୍ଭର ବଇରୀ ।
କି କହିବା ଅନୀତ, କୃଷି ରଖିବା ଭିତ୍ତି କୃଷି ଯାଉଛି ଯେବେ ଚରି ହେ ।

କଣ୍ଠରେ ଥିବା ମାଳା କାଟି ଦେଉଅଛ ଗଲା କହିବାକୁ ଏକଥା ଲାଜ ।
କେତେ ସଙ୍କଟୁଁ ରଖି ଏବେ ତାହା ଉପେକ୍ଷି ଯିବାକୁ ହେଉଅଛ ସଜ ହେ ।
କୃପାନିଧି । କରେ ଲଗାଇ ବିଷବୃକ୍ଷ । କାଟିବା କଥା ନୋହେ ମୁଖ୍ୟ ।
କେଉଁ ନୀତି ନ ଜାଣ ବୋଲି ଏତେ ଦୂଷଣ କଥାହିଁ ଭୂଷଣ କରୁଛ ହେ ।

କି କରିଥିଲ ବିହି କି କରୁଅଛ ସେହି କି କରୁଛ ତୁମ୍ଭେ ପ୍ରତ୍ୟକ୍ଷେ ।
କର୍ମବାମ ବେଳକୁ ବିଧାତା ଅବଳକୁ ବିଷ ଉପୁଜେ ସୁଧାବୃକ୍ଷେ ହେ ।
କୃପାନିଧି । କୃପଣଜନେ ଲୋଭୀ କେହି । କେବେହେଁ କାର୍ଯ୍ୟ ପାଇ ନାହିଁ ।
କେବଳମାତ୍ର ଯାହା ହୁଅଇ ଅନ୍ତର୍ଦାହା ତେତେବେଳର ଫଳ ସେହି ହେ ।

କେତେବେଳରେ ଆଖି ପିଛୁଳିବା ଉପେକ୍ଷି କରୁଣା ବଲୋକନ କର ।
କେତେବେଳରେ କର ଯୋଡ଼ି କହିଲେ ଶିର ଲୁଆଁଇ ନ ଦିଅ ଉତ୍ତର ହେ ।
କୃପାନିଧି । କରନ୍ତି ପ୍ରଭୁମାନେ ଯାହା । କରି ନ ପାରେ ଆନ ତାହା ।
କେତେରୂପେ ମନ୍ତ୍ର କଣ୍ଠିତରେ ଦଣ୍ଡନ୍ତ୍ର କହିବାକୁ ନ ଥାଇ ସାହା ହେ ।

କରିଥିଲୁଁ କାମନା ସକଳ ଗୋପାଙ୍ଗନା ତୁମ୍ଭେ ଗୋପରେ ଶୁଭେ ଥିବ ।
କଉତୁକ ହରଷରସେ ପାଦସାରସ-ସେବାରେ ଆମ୍ଭ ଦିନ ଯିବ ହେ ।
କୃପାନିଧି । କଲା ସେ କଥା ଆନ ବିଧି । କରୁଛ ତୁମ୍ଭେ ଏ ଅବଧି ।
କଳାନିଧିଙ୍କ କରେ ଧରିବାକୁ ମନରେ ବଚ୍ଛିଲେ କି ହୋଏ ସିଦ୍ଧି ହେ ।

କେତେ କେତେ ବିପତ୍ତି ମାନରୁ କରି ଗତି ଯଶ ଚନ୍ଦ୍ର ଉଦେ କରିଛ ।
କପାଁ କଳଙ୍କ-ଅସ୍ତ-ଗିରିରେ ତାହା ଅସ୍ତ କରିବା ବିଚ୍ଛିର କରୁଛ ହେ ।
କୃପାନିଧି । କାମଅନ୍ଧକାରେ ପକାଇ । କୁକୀର୍ତ୍ତି ପତାକା ଟେକାଇ ।
କଇତବ ଅକ୍ରୂର ସଙ୍ଗତରେ ବାହାର ହୋଇଛ କେଉଁ ସୁଖପାଁଇ ହେ ।

କରି ଭକ୍ଷିଲା ଦଧିଫଳ ପରାୟେ ବିଧି ଆମ୍ଭର ଆକାର ରଖିବ ।
କମଠ କନକକୋଷ କଲା ପ୍ରାୟେ ତା ଗ୍ରାସ କେବଳ ତୁମ୍ଭେ ନ ଦେଖିବ ହେ ।
କୃପାନିଧି । କର୍ମରେ ଅଛି ଏତେ ଯୋଗ । କରିବୁଁ କେତେ ଦଶା ଭୋଗ ।
କୁରରୀପକ୍ଷୀପ୍ରାୟେ ଝୁରିବାକୁ ଏକାଏ କରାଇବ ତୁମ୍ଭ ବିଯୋଗ ହେ ।

କଷ୍ଟୁଁ ତରିବାପାଇଁ ପ୍ରୀତି ବୋଇତ ନେଇ ତୁମ୍ଭସଙ୍ଗସିନ୍ଧୁରେ ମେଲି ।
କୁଳଶୀଳ ବେଭାର ସବୁ ଏକପ୍ରକାର ଆମ୍ଭର କରି ତା ଅଞ୍ଜଳି ହେ ।
କୃପାନିଧି । କିଛିକାଳ ବାଣିଜ୍ୟ କଲୁଁ । କେତେ ସୁଖରେ ଦିନ ନେଲୁଁ ।
କଂସଦୂତ ବତାସ କଲାତ ଏବେ ନାଶ ଦେଖୁଁ ଦେଖୁଁ ଦୁଃଖକୁ ଗଲୁଁ ହେ ।

କାହାପାଶେ ରହିବୁଁ କାହାକୁ କି କହିବୁଁ କେ ଜାଣିବ ଆମ୍ଭର ମନ ।
କିକି ହୋଇ ପ୍ରମାଦ ପଡ଼ିଗଲେ ବିଷାଦ ହଇ କେ ରଖିବ ଜୀବନ ହେ ।
କୃପାନିଧି । କହିବାର ଅଧିକ ସିନା । କାହିଁ କେତେ, ନୋହିଛି ସେହ୍ନା ।
କର୍ମ ଫାଟିଲା ବେଳେ କଳ୍ପତରୁ ନ ଫଳେ ସବୁ ତୁମ୍ଭ ଭିଆଣ ସିନା ହେ ।

କୁଞ୍ଜବନ ବିହାରୀ ମୋହନ ବେଣୁଧାରୀ କୁଞ୍ଜର-ଗମନୀ କି ଗୃହିଁ ।
କହିଲେ କୁପୁରୁଷମାନଙ୍କର ସେ ଦୋଷ ଗୁଣ ଯହିଁ ଜାଣନ୍ତି ନାହିଁ ସେ ।
କୃଶୋଦରି । କେତେ ମଧୁର ନୁଆଗୁଡ଼ । କରଇ ଅବଗୁଣ ବଡ଼ ।
କାଳ ଦୀର୍ଘକୁ ପାଇ କେତେ ଗୁଣ କରଇ ଏଠାରେ ପିତା-ଭାବ ଛାଡ଼ ଗୋ ।

କେତେବେଳରେ ଗୁଣଦ୍ରବ୍ୟର ଅବଗୁଣ ଥିଲେହେଁ ନୁହଇ ଦୂଷଣ ।
କଳଙ୍କ ଥିଲେ ଶୀତ-କର ସବୁରି ହିତ କପର୍ଦ୍ଦି ମସ୍ତକ ଭୂଷଣ ଗୋ ।
କୃଶୋଦରି । କଳ ହେଲେ କୋକିଳ ବାଣୀ । କେତେ ଆଦରେ ତାହା ଶୁଣି ।
କୁଣ୍ଡଳି ପ୍ରାଣହର ହେଲେମଣି ତାହାର ଗ୍ରହଣ କରୁଛନ୍ତି ପ୍ରାଣୀ ଗୋ ।

କୁଟିଳ ନିମ୍ବପିତା ଚନ୍ଦନ ହୋଇଲେ ତା ତିଳକ କରି ହୃଦେ ବୋଳି ।
କୁବଳୟ ଫଳିତ ଶାମୁକରୁ ସମ୍ଭୂତ ହେଲେ କଣ୍ଠରେ କରି ମାଳି ଗୋ ।
କୃଶୋଦରି । କେତେ କହିବା ତାହା ବସି । କେବଳ ଗୁଣ ଥିଲେ ରସି ।
କେହି କେହି ଆପଣା-ସୁଖନିମିତ୍ତେ ତୃଣା-ଦ୍ରବ୍ୟେ ହୁଅନ୍ତି ଅଭିଳାଷୀ ଗୋ ।

କରି ମନ ଫୁରୁଣା କର ଏବେ କରୁଣା ଅନାଥ ସଖୀଗଣଯତ୍ନେ ।
କରି ଧରି ଯେତେହେଁ କହୁଅଛୁ ସେନେହେଁ ଅବଶ୍ୟ ପଡ଼ୁଥିବ ମନେ ଗୋ ।
କୃଶୋଦରି । କଲୁଁ ଗମନ ପିଠିଆଇଁ । କର ଯେ ଯାହା କର୍ମ ଯାଇଁ ।
କନକମହୀଧର କମଳନାଥଙ୍କର ପ୍ରାପ୍ତେ ମନ ତୁମ୍ଭଙ୍କୁ ଦେଇ ଗୋ ।

କପଟ କୁଟେ ହରି ଏମନ୍ତ କହି କରି ଯେତେବେଳେ ଅନ୍ତର ହେଲେ ।
କନ୍ୟାସ୍ତମ୍ଭ ପରାପ୍ତେ ହୋଇ ସବୁ ଗୋପୀଏ ଅପଲକରେ ଚାହିଁ ଥିଲେ ସେ ।
କୃଶୋଦରି । ଅଦୃଶ୍ୟ ହେଲା ମାତ୍ରେ ରଥ । କପାଳରେ ମାରିଲେ ହାତ ।
କେ ବୋଲେ ଆହେ ନାଥ କରିଗଲ ଅନାଥ ହରି ସକଳ ମନୋରଥ ସେ ।

କଷ୍ଟ କଷ୍ଟରେ ଗୋପୀ ହୋଇ ମହାସନ୍ତାପୀ ଯେ ଯାହା ମନ୍ଦିରେ ପ୍ରବେଶ ।
କେ ହୁଅଇ ବିକଳ କେ ଛାଡ଼େ ଅଶ୍ରୁଜଳ କେ ଦୀର୍ଘେ ପକାଇ ନିଶ୍ୱାସ ସେ ।
କେଉଁ ଗୋପୀ । ଶ୍ରୀକୃଷ୍ଣରୂପ ପଟେ ଲେଖି । କେତେ ହୋଇଲା ମନେ ସୁଖୀ ।
କେ ସଙ୍ଗେ ଘେନି ସଖୀ ବୋଇଲା ଆରେ ସଖି କାମ ନ ଦେବ ଆଉ ରଖି ସେ ।

କାଳୀ ଶିର-ମର୍ଦ୍ଦନ-ରଥ-ପଛରେ ଦୀନକୃଷ୍ଣମାନସ ଗୋଡ଼ାଇଲା ।
କରିଥିଲା ଯେତେକ ଜନ୍ମକାଳୁଁ ପାତକ କଷ୍ଟିହିମାନେ ପୋଡ଼ାଇଲା ସେ ।
କଲା ପୁଣି । ମନରେ ଶରଧା ଅନେକ । କରିବେ କେତେ କଉତୁକ ।
କରେ ହାଣି ରଜକମସ୍ତକ ତୋଷିଲୋକ କୁର କରିବେ ବସ୍ତ୍ରଯାକ ସେ ॥

କୁବୁଜାକୁଜ ହରି କୁବଳୟ ସଂହାର ମାହାନ୍ତ ମାଲଙ୍କୁ ମାରିବେ ।
କଂସଜୀବନ ହରି ମାରିଙ୍କ ବୋଧକରି ଜନକ ଜନନୀ ତାରିବେ ସେ ।
କୃପାନିଧି । କରାଇ ଅଜାକୁ ରାଜନ । କରିବେ ତୋଷ ଦେବଗଣ ।
କାଳମୁଖରେ ନେଇ କାଳଦମନ ଦେଇ କୁମୁଦ କରିବେ କୃମ୍ଭଣି ସେ ॥

କୁବଳୟ ମଧ୍ୟରେ କନକମୟପୁରେ ଦ୍ୱାରକା ନାମରେ କରିବେ ।
କୁଣ୍ଡିନୃପତି-ସୁତା ଆଦି ରାଜଦୁହିତାମାନଙ୍କ ସଙ୍ଗେ ବିହରିବେ ସେ ।
କୃପାନିଧି । କୁରୁକୁଳକୁ ସଂହାରିବେ । କଷ୍ଟୁଁ ପାଣ୍ଡବଙ୍କୁ ତାରିବେ ।
କଉଣପ ରମଣୀମାନଙ୍କ କର ମଣିକଙ୍କଣ ଅବଶ୍ୟ ହରିବେ ସେ ॥

କଉତୁକରେ ଆସି ଅକ୍ରୂରରଥେ ବସି ମଥୁରାତୋଟାରେ ରହିଲେ ।
କଂସନୃପତି ଆଗେ ଅକ୍ରୂର ସେହିଲାଗେ ପ୍ରଭୁଙ୍କ ବିଜୟ କହିଲେ ସେ ।
କୃପାନିଧି । କମଳଚରଣକୁ ଆଶ । କରିଛି ଦୀନକୃଷ୍ଣ ଦାସ ।
କୃତାନ୍ତ-ଦଣ୍ଡଭୟ ହେବାରେ କରି କ୍ଷୟ କାଟିବ ଭବତାପ-ପାଶ ସେ ॥

## ସପ୍ତବଂଶ ଛାନ୍ଦ

ରାଗ—ଗୁଜ୍ଜରୀ

କର୍ଣ୍ଣଦେଇ କୃଷ୍ଣକଥା ଶୁଣ ସୁଜନେ ।
କେବଳ ମନକୁ ସ୍ଥାପି ସ୍ଥିର ଆସନେ ॥
କଳାକରକରେ ଚନ୍ଦ୍ରମଣି ପରାୟେ ।
କଳେବର ଦ୍ରବି ଯାଉ କଲୁଷ କ୍ଷୟେ ॥
କ୍ରୋଧମାନ ଛାଡ଼ି ଭାବଭକତି ଘେନ ।
କଇବଲ୍ୟଦାମୀ ଦେବେ କୈବଲ୍ୟ ଦାନ ॥
କଂସ କଟକରେ ରାମ କୃଷ୍ଣ ପ୍ରବେଶ ।
କରନ୍ତି ଦର୍ଶନ ଲୋକେ ହୋଇ ହରଷ ॥
କେ ବୋଲେ କାହିଁ ଥିଲେ ଏ ଅପୂର୍ବ ରୂପ ।
କାନ୍ତି କନ୍ଦର୍ପଅଛି କୋଟି କୁସୁମଚାପ ॥
କେଉଁ ବିହି କେତେକାଳେ ଗଢ଼ିଲା ଏହା ।
କି କହିବା ଦେଖି ମନ ହେଉଛି ଯାହା ॥
କି ଅପୂର୍ବ ଏ ତରୁଣ-କଳପତରୁ ।
କାମପୂର୍ଣ୍ଣ କରିବାକୁ ଆସେ ସ୍ୱର୍ଗରୁ ॥

କିବା ଇନ୍ଦ୍ରଧନୁ ମହୀଗତ ହୋଇଛି ।
କି ଶରଦମେଘ ପାଶେ ଶୋଭା ପାଉଛି ॥
କାହିଁ ବିଶ୍ରାମ କରିବ ଏ ଉତପାତ ।
କେ ବୋଲେ ସେ ଏହିଠାରେ ହେବ ବିଦିତ ॥
କେ ବୋଲେ ଗଙ୍ଗା, ଯମୁନା, ଯୁଗଳ ତୀର୍ଥ ।
କରିବାକୁ ମଥୁରାଲୋକଙ୍କୁ କୃତାର୍ଥ ।
କଂସରାଜା-ଘଣ୍ଟାପଥେ ଆସନ୍ତି ବହି ।
କଉତୁକ ପାଇ ଲୋକେ ଦେଖନ୍ତି ରହି ॥
କିଅବା କନ୍ଦର୍ପ ଇନ୍ଦ୍ରଜାଲିକ ରୀଟ ।
କରାଉଛି ରୂପା ନୀଳ ପ୍ରତିମା ନାଟ ॥
କହୁଁ କହୁଁ ଲୋକେ ଏହା ପଡ଼ିଲେ ମାଡ଼ି ।
କାମିନୀ ଧାଇଁଲେ ଗୃହକର୍ମକୁ ଛାଡ଼ି ॥
କେଶ ବାସ ଅସମ୍ଭାଳେ ପଡ଼ୁଛି ଖସି ।
କେ ଏକକରରେ ଧରି ଦେଉଛି ଖୋସି ॥
କାମ ବାଇ କଲା କାହାମନକୁ ତହିଁ ।
କରୁଁ କରୁଁ ଗତ ବୋଲେ ଶ୍ରୀକୃଷ୍ଣ କାହିଁ ॥
କାହା—ଉରରୁ ଅନ୍ତର ହୋଇ ସୁବାସ ।
କମ୍ପମାନ-କୁଚକୁମ୍ଭ ହୋଏ ପ୍ରକାଶ ॥
କରେ ଧରି ଆଚ୍ଛାଦିତ କରନ୍ତେ ନେଇ ।
କି କି ହୋଇ ତ୍ୱରାଗମନେ ସେ ଖସଇ ॥
କବିମନେ ଅନୁମାନ ହୁଅଇ ଏହି ।
କଲୁଭ୍‌ବାସ ଅମ୍ବର କରନ୍ତି ନାହିଁ ॥
କାହାକୁଚ ରଇବତ-ନନ୍ଦନୀ ପ୍ରାୟେ ।
କୃଷ୍ଣବାସେ ମଣ୍ଡିହୋଇ ଶୋଭାକୁ ପାୟେ ॥
କାହାକୁଚ କମଳା ପରାୟେ ଶୋଭନ ।
କରିଅଛି ଅଙ୍ଗୀକାର ପୀତବସନ ॥
କାହାକୁଚ ପୁଲୋମତନୟା ସଦୃଶ ।
କରିବାକୁ ସହସ୍ର ନୟନକୁ ବଶ ॥
କୁଳବଧୂମାନେ ଥାଇଁ ବଡ଼ଭୀପୁରେ ।
କରନ୍ତି ଅବଲୋକନ ଜାଲାବିବର ॥
କନକକାନ୍ତି-ଦେହରେ ରତନବେଶ ।
କଣ୍ଠେ ଝଲକି ହୋଏ ଦୃଶ ଅଦୃଶ ॥
କହିବାକୁ ଏତେ ଆସେ ସେବେଳରୂପ ।
କାର୍ତ୍ତିକମାସରେ ଯେହ୍ନେ ଆକାଶଦୀପ ॥

କେ ମେଲାଗବାକ୍ଷେ ଦେଇ ସୁନ୍ଦରମୁଖ ।
କରୁଛି ଦଇତନ୍ଦ୍ରଦମାନଙ୍କୁ ସୁଖ ॥
କଳାନଧି ଶ୍ୱେତମେଘୁଁ ବାହାର ପ୍ରାୟେ ।
କଲରି ଉପମା ସୁଧାପୁରେ ଥିବାଏ ॥
କୃଷ୍ଣବିଜୟିରଜନୀ କରୁଛି ଏହା ।
କାମିନେନେତ୍ର-ଚକୋର ହେଉଛି ଉତ୍ସାହା ॥
କାହାନେତ୍ର କଳାକବାଟିରେ ଚଞ୍ଚଳ ।
କବଳି ବଣା କରୁଏ ଶୋଭାଚଞ୍ଚଳ ॥
କେତେହେଁ କହିବ ଏହିପ୍ରକାରେ ଯେତେ ।
କେତେରୂପେ ଦେଖୁଛନ୍ତି ଯେ ଯାହା ମତେ ॥
କେ ବୋଲେ ଧନ୍ୟ ଏ କଳା, ଧଳାମୂରତି ।
କରି ମନ୍ଦଗତି ମଣ୍ଡୁଅଛନ୍ତି କ୍ଷିତି ॥
କି ତପସ୍ୟା କରିଥିଲେ ଗୋପପୁବତି ।
କରୁଥିଲେ ଦରଶନ ଏରୂପ ନିତି ॥
କାଖ କୋଳ କରି ନେଲେ ବାଳକଭାବ ।
କିଶୋରବେଳେ ବିଚ୍ଛେଦ କଲା ଦଇବ ॥
କେମନ୍ତ କରି ସେମାନେ ଧରିବେ ଧୃତି ।
କୋଟିଯୁଗ ସମ ହେବ ଆଜର ରାତି ॥
କାମକାଣ୍ଡେ ଜର କରୁ ହୋଇବ ଛାତି ।
କଉତୁକ କଥାମାନ ହେବ ଅରାତି ॥
କର୍ପୂର ଚନ୍ଦନ ବିଷ ସମ ମଣିବେ ।
କୋକିଳବଚନ ବଜ୍ରଘାତ ଗଣିବେ ॥
କମଳ-ନୟନ ବିଚ୍ଛେଦକୁ ଏ କେତେ ।
କଟାକ୍ଷେ ଆମ୍ଭର ମନ ହେଲାଣି ଯେତେ ॥
କହୁଁ କହୁଁ ଏହା ମଧୁପୁର-ତରୁଣୀ ।
କରନ୍ତି ଗମନ ପ୍ରଭୁ ମୁରଲୀପାଣି ॥
କଉତୁକେ ପୁଣି ରଜକକୁ ଅନାଇ ।
କହିଲେ ଅମ୍ବର କିଛି ଦେବୁ କି ଭାଇ ॥
କଲେ ଏତେକ ଶୁଭରେ ଆମ୍ଭର ହୋଇ ।
କଂସରାଜ-ରଙ୍ଗସଭା ଦେଖିବୁ ଯାଇ ॥
କହିଇ ରଜକ ଜାତି ଗଉଡ଼ ହେଲ ।
କାହିଁ ଏତେ ଅପାଟପଦେଶେ ବଢ଼ିଲ ॥
କଂସରାଜା-ଅମ୍ବରକୁ କରିଛ ମନ ।
କରେ ମେଳିଥାଏ ଅରଜିଲ କି ଧନ ॥

କରି ଯେଉଁରୂପେ ଡକା ଗୋପନଗରେ ।
କରିଅଛ ତାହା ଏବେ ମଥୁରାପୁରେ ॥
କଣ୍ଠୀରବ ପୁରେ ଏବେ କୁରଙ୍ଗ ନାଟ ।
କାହା-ବଳ ପାଇ ଏଡ଼େ କରିଛ ଆଣ୍ଠ ॥
କହୁଛ ଏତେ ହେ ବେଳାବେଳ ଲେଉଟ ।
କାଳଦେବତା ସଙ୍ଗରେ ହେବଟି ଭେଟ ॥
କାଳଯାକଦଧି ଦୁଧ ଖାଅ ଛଡ଼ାଇଁ ।
କଟକେ କରିଛ ଅସି ସେହି ବଡ଼ାଇ ॥
କେଶବ ବୋଇଲେ ଆମ୍ଭେ ରାଜାଭଣଜ୍ଞା ।
କରୁଅଛୁ ଆମ୍ଭଆଗେ ଏଡ଼େ ତରଜା ॥
କୋପେ ଗୃପୋଡ଼େ ମାଇଲେ ଛାଡ଼ିଲା ପ୍ରାଣ ।
କଲୁଷ ପକାଇ ପାଇଗଲା ନିର୍ବାଣ ॥
କୃପାନିଧି କୋପ, କୃପା ଏକପ୍ରକାରେ ।
କରୁଥାଇଁ ଅନୁମାନ ମୁକତିଦ୍ୱାରେ ॥
କେ ଚକିତ ହୋଇ ବୋଲେ କି କଲେ ପୋଏ ।
କରେ ମୁଣ୍ଡ କାଟିଲେତ ଦେଖୁଁ ଦେଖୁଁ ଏ ॥
କେ ବୋଲେ ଶୁଣିନାହିଁ କି ଏହାଙ୍କ ଗୁଣ ।
କବଳ କଲେ ଯେ ପୂତନାର ପରାଣ ॥
କଣ୍ଠଗୃପି ତୃଣାବର୍ତ୍ତ କଲେ ବିନାଶ ।
କୁମାରବୟସ କାଳୁଁ ଏଡ଼େ ସାହସ ॥
କଗୃଡ଼ି ବତ୍ସାସୁରକୁ ମାଇଲେ ବୃକ୍ଷେ ।
କାଳୀଶିରେ ତାଣ୍ଡବତ କଲେ ପ୍ରତ୍ୟକ୍ଷେ ॥
କେଶୀତୁଣ୍ଡେ କର ଦେଇ ମନ୍ଥିଲେ ପିଣ୍ଡ ।
କପଟି ଅଘାସୁରର ଫୋଡ଼ିଲେ ମୁଣ୍ଡ ॥
କରେ ଏକା ଧଇଲେ ସେ ଗୋମତ ଗିରି ।
କୁଳିଶଧର କର୍ମ୍ମତେ ଗଲାଟି ହାରି ॥
କାନନଦହନ ପାନ କଲେ କିଙ୍କରି ।
କୁବେରପୁଅଙ୍କୁ ଦେଲେ ଶାପୁଁ ଉଦ୍ଧାରି ॥
କୃପାରେ ଅନ୍ଧକୁ ଦେଲେ ଲୋଚନ ଦାନ ।
କେ କହିବ ଏହାଙ୍କର ଚରିତମାନ ॥
କେହି ନାହିଁ ଏ ସଂସାରେ ବିବେକୀ ସଖି !
କଅଁଳାପୁଅ କରି କି ଏହାଙ୍କୁ ଲେଖି ॥
କରଣି ଯାହାର ଧରଣୀରେ ଏମନ୍ତ ।
କରୁଛନ୍ତି କୂଟତାଙ୍କୁ କରିବେ ଅନ୍ତ ॥

କହ୍ନୁ ନାହାନ୍ତି ଏମନ୍ତ ଉତ୍ତମଶ୍ଳୋକ ।
କହିଲେ କି ହେବ ଯହିଁ ନାହିଁ ବିବେକ ॥
କାଳ ଘୋଟିଲେ ପ୍ରାଣିଙ୍କ ନ ଦିଶେ ବୁଦ୍ଧି ।
କରିଅଛି ବିହି ଏହା ପୂର୍ବରୁ ସିଦ୍ଧି ॥
କଲେ ରଜକ ବିନାଶି ବସନ ଜୁର ।
କୃଷ୍ଣ ରାମ ନେଲେ ପୀତ, ନୀଳ ଅମ୍ବର ॥
କଂସଗନ୍ତାଇତ ଦେଖି ସୁଖୀ ହୋଇଲା ।
କମନୀୟ କରି ବସ୍ତ୍ର ପିନ୍ଧାଇ ଦେଲା ॥
କଲେ ଆନନ୍ଦେ ବିଜୟ ତ୍ରୈଲୋକ୍ୟଶୋଭି ।
କଲା ନେଇ ମାଳାକାର କୁସୁମ ଗଭି ॥
କେଶ ବେଶ କରି ରାମ ଗୋବିନ୍ଦ ଗଲେ ।
କୁବୁଜା ନାଗରୀ ଆସୁଅଛି ଦେଖିଲେ ॥
କାଖେ ଗନ୍ଧପେଟୀ କୁଜ ଚରମଦେଶେ ।
କମଳ-ନୟନ ପଚାରିଲେ ହରଷେ ॥
କହ କହ କୁବୁଜା ତୁ କାହା ଭାରିଯା ।
କରିବା ତୋତେ ନାଗରୀମାନଙ୍କ ଧ୍ୱଜା ॥
କହଇ କୁବୁଜା ରାଜାନଯୋଗୀ ମୁହିଁ ।
କର୍ପୂର ଚନ୍ଦନ ଦେଇ ନିତି ସେବଇଁ ॥
କୁଜ କଳଙ୍କରୁ କରି ହେଲି ଅଶୋଭି ।
କେହି ଏହି ଯେନ ମୋତେ ନୋହିଲେ ବିଭା ॥
କୃତାର୍ଥ ହୋଇଲି ଆଜ ତୁମ୍ଭଙ୍କୁ ଦେଖି ।
କେହି ନାହିଁ ଆଉ ମୋହୋ ପରାୟେ ଦୁଃଖୀ ॥
କେବଳ ଏତେ ଶରଧା ହେଉଛି ମନେ ।
କଲା ଶ୍ରୀଅଙ୍ଗ ମଣ୍ଡିବି ଚନ୍ଦ୍ର ଚନ୍ଦନେ ॥
କୃଷ୍ଣ ବୋଇଲେ କୁବୁଜା ତୋହୋର ଇଚ୍ଛା ।
କରିଅଛୁଁ ଏହି ଯେନ ଦେହକୁ ତୁଚ୍ଛା ॥
କହିବାରୁ ସ୍ନେହବାଣୀ ବିରଜରାଜ ।
କୁବୁଜା ଅଙ୍ଗରେ ପୀଡ଼ା କଲା ମନୋଜ ॥
କାଖରୁ ସୁଗନ୍ଧପେଟୀ ବାହାର କରି ।
କେ ବଡ଼ କେ ସାନ ହୃଦୟରେ ବିଚାରି ॥
କାମପାଳଭାଲେ ଗନ୍ଧତିଳକ ଦେଲା ।
କାମକର-କୃପାଣ କି ଚନ୍ଦ୍ର ପାଇଲା ॥
କେଶବକପାଳେ ଦେଲା ଚନ୍ଦନ-ଚିତା ।
କଳାମେଘୁଁ ବାହାର କି ଚନ୍ଦ୍ର ଦେବତା ॥

କର୍ପୂର ଚନ୍ଦନ ଗନ୍ଧ କୁଙ୍କୁମ ଗୋଳି ।
କୃଷ୍ଣ ରାମ ଶ୍ରୀଅଙ୍ଗରେ ସଧୀରେ ବୋଳି ।
କୃପାସିନ୍ଧୁ ଦୀନବନ୍ଧୁ ହୋଇ ଫୁରୁଣା ।
କୁବ୍ଜାଭକତି ଦେଖି କଲେ କରୁଣା ॥
କମଳଚରଣ ତାର ଚରମେ ଦେଲେ ।
କର ଚିବୁକରେ ଦେଇ ଟେକିଲା କଲେ ॥
କାହିଁ ଗଲା କୁଜ ଲୋକେ ଦେଖି ଚକିତ ।
କରିଥିଲା କେଉଁକାଳେ କେତେ ସୁକୃତ ॥
କାମିନୀକୁଳମଣ୍ଡନ କୁବୁଜା ହେଲା ।
କରେ ପୀତାମ୍ବର—ପୀତାମ୍ବର ଧରିଲା ॥
କହିଲା ମୋପୁରକୁ ବିଜୟ କରିବ ।
କାମପୂର୍ଣ୍ଣକରି ଭବକଷ୍ଟୁଁ ତାରିବ ॥
କମଳ-ନୟନ ମନ୍ଦ ହସିଲା ହୋଇ ।
କହିଲେ ଯିବୁଁ ରାଜାଙ୍କ ଭେଟ ବଢ଼ାଇ ॥
କୁବୁଜାକୁ ବୋଧ କରି ବିଜୟ କଲେ ।
କାର୍ମୁକ ମନ୍ଦିରେ ଯାଇଁ ପ୍ରବେଶ ହେଲେ ॥
କରି ଅବଲୋକନ ଧନୁକୁ ବୋଇଲେ ।
କେତେ ବଳ ଅଛି ବୋଲି କରେ ଧରିଲେ ॥
କରିକରେ ଇକ୍ଷୁଦଣ୍ଡ ପଡ଼ିଲା ପ୍ରାୟେ ।
କଷ୍ଟତେ ଭାଙ୍ଗିଲେ କରେ ଓଟାରିବାଏ ॥
କରି ଶୁଭକାର୍ଯ୍ୟ ବିଜେ ବରଜ-ରାଟେ ।
କଲେ ଆନନ୍ଦେ ଗୋପାଳେ ଗଉଡ଼ନାଟ ॥
କେ ବେଣୁ ଶୃଙ୍ଗ କେ ମୁଖେ ବଂଶୀ ବଜାଏ ।
କେ ଖେମଟାବନ୍ଦେ ଗୀତ ସୁସ୍ୱରେ ଗାଏ ॥
କୃତ୍ରିମବନରେ ଯାଇଁ ପ୍ରବେଶ ହେଲେ ।
କରି ଶୀତଳମଣୋହି ସୁଖେ ଶୋଇଲେ ॥
କୁକ୍କୁଟେ ଡାକିଲେ ରାତି ହେଲା ପାହାନ୍ତି ।
କାତରେ ଜାରପୁରୁଷମାନେ ଗୃହାନ୍ତି ॥
କୁଙ୍କୁମବର୍ଣ୍ଣ ଦିଶିଲା ବାସବଦିଗ ।
କରିବାକୁ ସ୍ନାନ ବିପ୍ରେ ହେଲେ ଉଦ୍‌ବେଗ ॥
କମ୍ବୁ ଶବଦ ପୂରିଲା ଦେବଙ୍କ ପୁରେ ।
କହେ କି କାରଙ୍କୁ ଯିବା ପାଁଇ ସତ୍ୱରେ ॥
କଇରବେ ଶୋଇଲେ କମଳେ ହସିଲେ ।
କୋକମିଥନ ବିଯୋଗ-ଦୁଃଖ ନାଶିଲେ ॥

କଣ୍ଟୁଆଲ, ତସକର ଶୋଭା ନଦ୍ୟନ ।
କଳାକରପ୍ରିୟ ଚରେ ହେଲେ ମଉନ ॥
କବାଟ ଉଘାଗି କଲେ ନୀଳାଦ୍ରିପୁରେ ।
କୃପାସିନ୍ଧୁ ଅପହୃତ ହେଲେ ସତ୍ୱରେ ॥
କରି ନିତ୍ୟକୃତ୍ୟ ଶେଷ ଗୋପବଲ୍ଲଭ ।
କଉତୁକେ ସାରିଲେ ଗୋପାଳବଲ୍ଲଭ ॥
କର ଦେଇଁ ସୁବଳ ସୁଦାମଙ୍କରରେ ।
କ୍ରୀଡ଼ନ୍ତି ଉପବନରେ ନାନାରଙ୍ଗରେ ॥
କେ ବୋଲେ ଆଗ୍ରମ ଗ୍ରମର୍ଷୈନ୍ୟ ପରାୟେ ।
କଞ୍ଚନ, ତାଲମ୍ବ, ସୁଷେଣାଦ ଥିବାଏ ॥
କେତେରୂପେ କେତେ ପ୍ରତ ଅଛନ୍ତି ଦେଖ ।
କାହାରି ଅହାବ ନାହିଁ ପ୍ରସନ୍ନ ମୁଖ ॥
କହ ଏମନ୍ତ ବାହାର ହେଲେ ସମସ୍ତେ ।
କାହାକରେ ବେଣୁ, ଶିଙ୍ଗା କାହାର ହସ୍ତେ ॥
କଳାନିଧିଙ୍କ ନକ୍ଷତ୍ର ବେଢ଼ିଲା ପ୍ରାୟେ ।
କେ ଆଗେ କେ ପଛେ ମଧ୍ୟେ କୃଷ୍ଣ ବଜାୟେ ॥
କାମପାଳହିଁ ଅଛନ୍ତି କୃଷ୍ଣପାରଶ୍ୱେ ।
କହ ହୋଏ ସେ ଶୋଭା କ ଶେଷ-ମହେଶେ ॥
କଟକେ ଛଟକ ଠାଣିମାନ କରନ୍ତି ।
କୃଷ୍ଣଦାସ ମନ ଅଲପକେ ହରନ୍ତି ॥

### ଅଷ୍ଟାବିଂଶ ଛାନ୍ଦ

ସ୍ୱଗ ଭାଟିଆରି

କୃଷ୍ଣ ବଜାୟ ମଥୁରାଦାଣ୍ଡେ ।   କାନ୍ତି କୋଟିକାମଛବି ଖଣ୍ଡେ ।
କଳାମେଘେ ଇନ୍ଦ୍ରକୋଦଣ୍ଡ ପରାୟେ କଳାପିକଳାପ ମୁଣ୍ଡେ । ହେ ଜନେ ।
କାବ୍ୟ ତାର ମୋତବର ନାସେ ।   କବ ଉପମାକୁ ଏହି ଆସେ ।
କଳାକରକୋଳେ ମହାସୁଖଭୋଳେ, ରୋହିଣୀ ରମା କ ବସେ । ହେ ଜନେ ।
କର୍ଣ୍ଣେ ଶୋହେ ମକରକୁଣ୍ଡଳ ।   କରେ କନ୍ଦର୍ପ ରବିମଣ୍ଡଳ ।
କଲେ ଅବଲୋକ ହେଲେ ହେବେ ଲୋକ ସୁର ମୁନ ଆଖଣ୍ଡଳ ॥
କଣ୍ଠେ କଳିତ ନକ୍ଷତ୍ରମାଳ ।   କଉସ୍ତୁଭ ଶୋହେ ବକ୍ଷସ୍ଥଳ ।
କିବା ନୀଳମଣିସ୍ଥଳେ ନଶାମଣି ରମଣୀଙ୍କ ସଙ୍ଗେ ମେଳ ॥
କରେ କଙ୍କଣ ବାହେ ବାହୁଟୀ ।   କାଞ୍ଚିମାଳାମଧ୍ୟେ ଅଛି ଘଣ୍ଟି ।
କନକନଭ ପଡନୀ ପାଗ ଲାଞ୍ଜି ମହୀରେ ଯାଉଛି ଲୋଟି ॥

କଟାକ୍ଷରେ କରି ସୁଧାବୃଷ୍ଟି । କରୁଅଛନ୍ତି କୃତାର୍ଥ ସୃଷ୍ଟି ।
କି ସୁଖ ସଂସାର ଅବତାର-କର ଅଭିନବ ପରମେଷ୍ଠୀ ॥
କହୁଁ କହୁ ଏହା ନରନାରୀ । କଂସସିଂହଦ୍ୱାରେ ବଜେ ହରି ।
କୁବଳ କରିବର ଦେଖିକରି ରହିଲେ ଆଗେ ଉଭାରି । ହେ ଜନେ ॥
କୋମଳରେ କହିଲେ ହେ ଯନ୍ତା । କୁବଳୟ ବଡ଼ ବଳବନ୍ତା ।
କଲେ ଆଡ଼ ଥରେ ପଶନ୍ତୁ ଭିତରେ ତୋଉପକାର ଦଶନ୍ତା ॥
କହେ କର୍କଶ କରି ମାହୁନ୍ତ । କୁହାଉଛେ ଥାଅ ବଳବନ୍ତ ।
କେଶୀ ଅଘା ବକା ନାଶକଲ ଏକା ଏବେତ କହ ଏମନ୍ତ ॥
କୃଷ୍ଣ ବୋଇଲେ ହସ୍ତିପାଳକ । କଥା କହୁଛ କରି ଗୃଳକ ।
କାଳଯାକ ଦେଶେ ରହିଲୁଁ ବିଦେଶେ ଭୟାଳୁ ବ୍ରଜବାଳକ ॥
କରିବରକନ୍ଧେ ଅଛୁ ଚଢ଼ି । କହୁଅଛୁ ଏହିପେନ ବଢ଼ି ।
କର ଅବଲମ୍ବ କରିବାକୁ ଲମ୍ବ ହେଲେ ଉଡ଼ନ୍ତାନ ଦାଢ଼ି ॥
କର୍ଣ୍ଣେ ଯହୁଁ ଏମନ୍ତ ଶୁଣିଲା । କୋପଭରେ ମାହୁନ୍ତ କମ୍ପିଲା ।
କରାଳବଦନ ବୁଲାଇ ନୟନ, ଗଜ ଆଗଭର କଲା ॥
କୋପେ ମାଇଲା ମାତଙ୍ଗ ଦନ୍ତ । କଲେ ବତ୍ସଗତ ଅନନ୍ତ ।
କୁଣ୍ଡଳୀ-ପ୍ରବଳଘାତରେ ନକୁଳ ବଞ୍ଚାଇ ରହେ ଯେମନ୍ତ ॥
କଣ୍ଠୀରବପ୍ରାୟେ ଗର୍ଜ୍ଜ କରି । କଟରେ ଗୃପୋଡ଼େ ମାଇଲେ ହରି ।
କରିବର ଲାଞ୍ଜ ଧରି ଦେବରାଜ ପଛକୁ ନେଲେ ଓଟାରି ॥
କି କହିବା ସେ ସମୟ ଶୋଭା । କରେ ଜନମନ ଅତି ଲୋଭା ।
କଶ୍ୟପତନୟ ମହାବଳେଶୟ ଧରିଲେ ଯେମନ୍ତ ପ୍ରଭା ॥
କୁମ୍ଭକାରଚକ୍ର ପ୍ରାୟେ ହୋଇ । କଣ୍ଠୀରବ ବଇରି ବୁଲଇ ।
କୁମାରକରରେ ବନ୍ଧନେ ସୂତ୍ରରେ ଗୁଞ୍ଜୁରି ଯେହ୍ନେ ଭ୍ରମରୀଁ ॥
କଲେ ସମର ନାନା ପ୍ରକାରେ । କଉତୁକେ ଦେଖନ୍ତି ଅମରେ ।
କରି ଅଦଭୁତ ବରହସଂଜାତ ହୋଇଛନ୍ତି ନିରନ୍ତରେ ॥
କେଶୀ-ହତ ବେଗେଁ ଦେଲେ ଛଡ଼ି । କ୍ରୋଧଭରେ ଦଶନ ଉପାଡ଼ି ।
କୁଧରେ କୁଳଶ ପ୍ରାୟେ ଶିରଦେଶ ଉପରେ ନେଇ କଗୃଡ଼ି ॥
କରି ହତ କୁମ୍ଭୀ ହସ୍ତୀ-ପକା କଲେ ପ୍ରକାଶ ଜୟପତାକା ।
କରି ଅବଲୋକ ସ୍ୱର୍ଗ ମର୍ତ୍ତ୍ୟ-ଲୋକମାନେ ହୋଇଲେ ତାଟକା ॥
କରେ ଦଶନ ଧରି ଗୋବିନ୍ଦ । କଉତୁକେ ବଜେ ମନ୍ଦ ମନ୍ଦ ।
କୁସୁମ ବରଷେ ଜୟ ଜୟ ଭାଷି ଆନନ୍ଦ ଅମରବୃନ୍ଦ ॥
କ୍ରମେ ରଙ୍ଗସଭାରେ ପ୍ରବେଶ । କୋଟିକନ୍ଦର୍ପ ଲାବଣ୍ୟବେଶ ।
କୁଟିଳ ନିର୍ଦ୍ଦୟ ସରଳହୃଦୟ ମନ ଅନୁରୂପେ ଦୃଶ ॥
କାମି-କାମିନୀଙ୍କ କାମଦାତା । କଂସନୃପକୁ କାଳଦେବତା ।
କୁଳଶ ପରାୟେ ମାଲଙ୍କ ହୃଦୟେ ପ୍ରକାଶନ୍ତି ଜଗନ୍ନେତା ॥

କେ ବୋଲଇ ଏଠାରେ ନ ଥିବା । କିଆଁ ବାଳକବଧ ଦେଖିବା ।
କାହାରିତ ଧର୍ମ ନାହିଁ ଏ ଅଧର୍ମସଭା ବେଗେଁ ଉପେକ୍ଷିବା ॥
କ୍ରୋଧ କରି ଜନକ ଜନନୀ । କଷ୍ଟଦଶାତ ଆଛନ୍ତି ଘେନି ।
କରନ୍ତି ଚିନ୍ତା ନିଜ ଇଷ୍ଟଦେବତା ଆନନ କରି ଅବନୀ ॥
କହେ ମାଲ ବାହାସ୍ଫୋଟ ମାରି । କାହିଁ ଯିବ ଆଜ ହଳ ହରି ।
କେଶରୀ ପରାୟେ କରିବରରାୟେ ମାରିଲ ବିଚିତ୍ର କରି ॥
କରି ଆମ୍ଭସଙ୍ଗତେ ସମର । କୃଷ୍ଣ ବୋଇଲେ ଆରେ ମୁଖର ।
କାଳଦେବତାକୁ ବାର୍ତ୍ତା କହିବାକୁ ତୋତେହେଁ କରିବା ଚର ॥
କହୁଁ କହୁଁ ଏମନ୍ତ ଚାଣୂର । କଲା କୃଷ୍ଣଙ୍କୁ ମୁଠେ ପ୍ରହାର ।
କରି ତାହା ଶୂନ୍ୟ କଲେ ପ୍ରତିଦାନ ବ୍ରଜସିଂହ ବୀରବର ॥
କାମପାଳ ମୁଷ୍ଟିକର ଯୁଦ୍ଧ । କଉତୁକେ ଦେଖନ୍ତି ବିବୁଧ ।
କୃପାଣ ତୋମର କିଛି ନାହିଁ କର ମାତ୍ର କେବଳ ଆୟୁଧ ॥
କୃଷ୍ଣ କୃଷ୍ଣଅଗ୍ରଜ ସିଂହାଣ । କଲେ ବିଚିତ୍ର ମାଲବନ୍ଧାଣ ।
କଷ୍ଟନିବାରଣ ମାଲଙ୍କ ପରାଣ ଘେନିଲେ ଦେଇ ନିବାଣ ॥
କଂସନୃପତି ତାହା ଦେଖିଲା । କର୍ମିକାତରେ ମୁଖ ଶୁଖିଲା ।
କଳେବର ଛାଡ଼ି ପ୍ରାଣ ଗଲା ଉଡ଼ି ଭବଭୟ ଉପେକ୍ଷିଲା ॥
କେଶ କେଶବ ଧଇଲେ ଯାଇଁ । କଚୃଡ଼ିଲେ ମହୀତଳେ ନେଇଁ
କୁମ୍ଭକାରକୀଟ ପ୍ରାଏ ନନ୍ଦସୁତ ମାରଇ ପୁଣ ତାରଇ ॥
କୃପାସାଗର ସେ ଜଗଜ୍ୟୋତି । କଲେ ଉଗ୍ରସେନେ ମହୀପତି ।
କହେ ଦୀନ କୃଷ୍ଣଦାସ ସେ ଶ୍ରୀକୃଷ୍ଣ ଅଗତିଲୋକର ଗତି ॥

### ଊନବିଂଶ ଛାନ୍ଦ

ରାଗ ଦେଶାକ୍ଷ

କରି ଦେବତାଙ୍କ କାର୍ଯ୍ୟ କରୁଣାନିଧି ।
କଇତବେ ମାଇଁଙ୍କି କହିଲେ ପ୍ରବୋଧି ॥
କି କହିବ ମାଇଁ ମୋର କର୍ମ ଅଭାଗ୍ୟ ।
କରାଇଲା ନାହିଁ ମାମୁଁ ସଙ୍ଗତେ ଯୋଗ୍ୟ ॥
କରି ବଡ଼ ପ୍ରତିଆଶା ଅଇଲି ଧାଇଁ ।
କଉତୁକେ ମାମୁମୁଖ ଦେଖିବା ପାଇଁ ॥
କରିଥାଇ ମାମୁ ମୋତେ କେଡ଼େ ସେନେହ ।
କରି ତା ଭାବନା ଦହି ହେଉଛି ଦେହ ॥
କାହାର କି ଗଲା ମାଇଁ ମୋହ ବାହାରେ ।
କର୍ମ ଅବଲକୁ ତୁ ନୋହିଲୁ ନାହାରେ ॥

କାହିଁ ଥିଲା ଅକାଳଚଢ଼କ ମାମୁଁକୁ ।
କି ହେଉଛି ଏତେବେଳେ ସୁମର ବୁକୁ ॥
କରିଥିଲି ମୋ-ମନରେ କି ମନୋରଥ ।
କୁଣକେତୁବଳେ ସବୁ ହେଲା ବ୍ୟର୍ଥ ॥
କି ଅପୂର୍ବ ଆଦର ସେ କରଇ ମୋତେ ।
କେତେରୂପେ କେତେ ଗୃର ପେଷେ ଗୁପତେ ॥
କାଳଯାକ ଚିନ୍ତଇ ମୋ ଅପୂର୍ବ ଶୁଭ ।
କିଛି ନ ପାଇଲା ମୋହଠାରୁ ସେ ଲାଭ ॥
କର୍ମରେ ତାହାର ନାହିଁ ନାହିଁ ମୋ ଯଶ ।
କହି ଏମନ୍ତ ମାଇଁଙ୍କ କଲେ ସନ୍ତୋଷ ॥
କପଟକୁଶଳ କୃଷ୍ଣ ସେଠାରୁ ଚଳି ।
କଟାଇଲେ ଜନକ ଜନନୀ-ଶାଙ୍କୋଳୀ ॥
କରାଇ ପରମାନନ୍ଦ ଆନନ୍ଦକନ୍ଦ ।
କହିଲେ ନନ୍ଦକୁ ବୋଧ କରି ଗୋବିନ୍ଦ ॥
କହିବ ମାତାଙ୍କୁ ମୋର ଦଣ୍ଡପ୍ରଣାମ ।
କରୁଥିବେ ଏକା ଚିନ୍ତା ମୋହର ନାମ ॥
କିଛିଦିନ ରହି ପଛହୋଇ ମୁ ଯିବ ।
କାଳଦମନକୁ କାଳମୁଖରେ ଦେବ ॥
କୋଳକରି ସୁଦାମ, ସୁବଳ ସଖାଙ୍କୁ ।
କୋମଳେ କହିଲେ ତୁମ୍ଭେ ଯାଅ ଗୋପକୁ ॥
କରୁଥିବ ଯତ୍ନ ମୋର କଦମ୍ବମୂଳ ।
କ୍ରୀଡ଼ାକୁଞ୍ଜନିକେତନ ଯେତେକ ସ୍ଥଳ ।
କମଳୀ, ଧବଳୀ, ହଂସୀ, ବଂଶୀପ୍ରିୟାଙ୍କୁ ।
କରିବ ନାହିଁଟି ଅଯତନ ଏହାଙ୍କୁ ॥
କ୍ରୋଧେ କେଉଁ ସଖା ବୋଲେ ହେ ପଦ୍ମଡୋଳା ।
କାଟି ଦେଲ ଏକାବେଳେ ସବୁରି ଗଳା ॥
କେଉଁବଳେ ପ୍ରାଣ ଅଛି ନ ଜାଣୁଁ ତାହା ।
କୁଣକେତୁ ହଟ ଅବା କରଛି ଏହା ॥
କେଶବ ବୋଇଲେ ଚିନ୍ତା କିଛି ନ କର ।
କେବେହେଁ ତୁମ୍ଭଙ୍କୁ ନ କରିବ ଅନ୍ତର ॥
କରି ରାଜଧାନୀ ସ୍ଥିର ଯିବ ଅବଶ୍ୟ ।
କୃଷ୍ଣ-ବୋଲେ ବୋଧ ହେଲେ ବରଜବଂଶ ॥
କଷ୍ଟ କଷ୍ଟ ହୋଇ ଗୋପପୁରକୁ ଗଲେ ।
କଂସତମହଂସ ମଥୁପୁରେ ରହିଲେ ॥

କାମପାଳ ସଙ୍ଗତେ ରହିଲେ ତାଙ୍କର ।
କେତେଦିନ ଏମନ୍ତେ ହୋଇଲା ଅନ୍ତର ॥
କୁବୁଜା ଯେ ହୋଇଥିଲା ବାସକଣଜ୍ଜ୍ୟା ।
କଲେ ତାହାଁଙ୍କ ବିଜୟ ରସିକରାଜା ॥
କର ପଇଠ ଉଦ୍ଧବଙ୍କରରେ ଦେଇ ।
କୁବୁଜାପୁରେ ପ୍ରବେଶ ହୋଇଲେ ଯାଇଁ ॥
କୁବେର ଅଳକାପୁର ଶୋଭାକୁ ଜିଣି ।
କରିଛି ମନ୍ଦିର ଅତିଶୟ ମଣ୍ଡିଣି ॥
କମନୀୟ ଚନ୍ଦ୍ରାତପ ପାଟ ପତନୀ ।
କି ଶୋଭା ଦିଶନ୍ତି ଫୁଲ ଗୁମର ଧେନି ॥
କାନ୍ଥମାନଙ୍କରେ ନାନାଚିତ୍ରପ୍ରତିମା ।
କଥା ନ କହି ହସନ୍ତି ଯେମନ୍ତ ବାମା ॥
କର୍ପୂର ଚନ୍ଦନ ଛିଟା ବିଜେବାଟରେ ।
କରିଛି ପାଏଡ଼ା ସବୁ ରଙ୍ଗପାଟରେ ॥
କନକପାତ୍ରମାନଙ୍କେ ଅଗୁରୁ ଧୂପ ।
କେତେ କେତେ ଜଳୁଅଛି ରତନଦୀପ ॥
କରିଦନ୍ତପଲଙ୍କରେ ହଂସୁଳି ଗୁଳି ।
କେଶରମାନଙ୍କେ ମନୋହରମୁଚୁଳୀ ॥
କୁସୁମପାଖୁଡ଼ା ବିଛି ତୋଳା ପକାଇ ।
କର୍ପୂରତାମ୍ବୂଳ ରତ୍ନ ବଟାରେ ଥୋଇଁ ॥
କରରେ ସଜାଡ଼ି ଦ୍ରବ୍ୟ ଚତୁଃସମକୁ ।
କଉତୁକେ ଥୋଇଛି ପୂରାଇ ପ୍ରେମକୁ ॥
କୁଞ୍ଜବିହାରିଙ୍କ ଅଙ୍ଗେ ବୋଳିବା ପାଇଁ ।
କୁଜ-କଳଙ୍କ ଯାଇଛି ଯାହା ଲାଗାଇଁ ॥
କେଉଁ କାଳେ କି ତପସ୍ୟା କରି ସେ ଥିଲା ।
କୋଟିବ୍ରହ୍ମାଣ୍ଡନାଥଙ୍କୁ ପୁରକୁ ନେଲା ॥
କହେ ଦୀନକୃଷ୍ଣ ଆହେ ରସିକରାୟେ ।
କୋଟିକେ ଗୋଟିଏ ନାହିଁ ତୁମ୍ଭ ପରାୟେ ॥

ତ୍ରିଂଶ ଛାନ୍ଦ

ରାଗ—କାଫୀ

କମଳନେତ୍ର କଂସକଟକେ ଥାଇ ।
କରନ୍ତି ଚିନ୍ତା କାନ୍ତାକଥା ଚିନ୍ତାଇ । ଆହା କୁନ୍ଦଦଶନା ।

କମନୀୟ ବଧୂଲ୍ଲି ବିମ୍ବ ଦନ୍ତବସନା ।
କାମକାଣ୍ଡଧାଡ଼ି-ଘାତରେ ହୋଇ ବିମନା ।
କେଉଁରୂପେ ବଞ୍ଚୁଥିବ ସେ ମୋସଙ୍ଗ ବିନା ॥
କି କଲି ବିହି ମୋତେ ତାକୁ କି କଲି ।
କପାଳେ ଏହିଦଶା ଲେଖି ସେ ଥିଲି ।  ଆହା କନକଗୋରି ।
କରିବରଗମନା ମୋର ପ୍ରାଣ ଈଶ୍ୱରୀ ।
କଷ୍ଟଅନୁଭବ ଯେ କରି ନାହିଁ କଶୋରୀ ।
କପଁା ଅଇଲି ତାକୁ ଛାଡ଼ି ବିଦେଶ କରି ॥
କାଳ କି ନ କରଇ କି ନୋହେ ଦେହ ।
କେଉଁ ଦଇବ କରିଇଲା ବିରହ ।  ଆହା କୁଟିଳକେଶି ।
କରକମଳେ ଗଣ୍ଡ ଦେଇ ଥିବ ଯେ ବସି ।
କି ବିଚ୍ଛୁରିଥିବ ସେ ମୋର ପ୍ରାଣପ୍ରେୟସୀ ।
କମେ ଥିଲି କାମଅନଳେ ହେବାକୁ ଝାସି ॥
କରୁ ଅଛୁ ମୁଁ ଯେତେବେଳେ ଗମନ ।
କି ବିକଳ ହୋଇଲା ପରାଣଧନ ।  ଆହା କାନ୍ତାରତନ ।
କଲା ଲୋତକେ ପଦ୍ମଦଳନେତ୍ର ଆଚ୍ଛନ୍ନ ।
କର ଧରି ବୋଇଲା ଆହେ ବନ୍ଧୁ ଅଭିନ୍ନ ।
କି କହିବ ମୁଁ ଏବେ ତୁମ୍ଭେ କରୁଛ ଭିନ୍ନ ॥
କାହିଁ ପାଁଇ ରହିଛୁ ପାପିଷ୍ଠ ପ୍ରାଣ ।
କଠିନ ହୃଦେ ଗୁଣ ସୁମୁଖୀଗୁଣ ।  ଆହା କୋମଳଅଙ୍ଗି ।
କୃଶଦଶାକୁ ପାଇଥିବ ଚଳଅପାଙ୍ଗୀ ।
କାହିଁ ପାଁଇ ଥିବ ସେ ମନୋହର ଭ୍ରୂଭଙ୍ଗୀ ।
କାମବ୍ୟାଧକରକୁ ହେଲି କ୍ରୀଡ଼ାକୁରଙ୍ଗୀ ॥
କଳାନିଧିକି ହସେ ଯେଉଁ ବଦନ ।
କରୁଥିବ ଲୋତକଜଳେ ମଳିନ ।  ଆହା କୁଟିଳକେଶ ।
କେଶ ଗର୍ଭିକ ବାକୁ ନୋହିଥିବ ସୁବେଶ ।
କେହିଁ ପଡ଼ିଥିବ ତାହାର ଚରମଦେଶ ।
କାହିଁ ପାଁଇଁ ତହିଁରେ ଥିବ କୁସୁମବାସ ॥
କମ୍ପୁ ଯେ ଥିବ କେତେବେଳେ ତା ଅଙ୍ଗ ।
କେତେବେଳେ ରୋମାଞ୍ଚ ବଦନ ଭଙ୍ଗ ।  କେତେବେଳେ ରୋଦନ ।
କେତେବେଳେ ହୋଇଥିବ ସେ ଝାଳେ କର୍ଦ୍ଦନ ।
କେତେବେଳେ ନ ରୁଚୁଥିବ ନିଜସଦନ ।
କଥା ଗୋଟିକେ ନାଶ କଲା ଚନ୍ଦ୍ରବଦନ ॥
କରନ୍ତାନାହିଁ ଯେବେ ଦୁହିଙ୍କି ଭିନ୍ନା ।

କାହିଁକି ପ୍ରାଣବନ୍ଧୁ ହୁଅନ୍ତା ହୀନ । କିପାଁ କାମ ହସନ୍ତା ।
କୋଦଣ୍ଡରେ କାହିଁକି ଫୁଲଶର ବସାନ୍ତା ।
କଳକଣ୍ଠ-କଣ୍ଠୀ ଅଙ୍ଗକୁ କିପାଁ ପେଷନ୍ତା ।
କଷ୍ଟସାଗରେ ଶଶିମୁଖୀ କିପାଁ ଭାସନ୍ତା ॥
କର୍ପୂର ଚନ୍ଦନହିଁ ନୁହନ୍ତା ବିଷ ।
କୋକିଳରବ ଅବା କରନ୍ତା କିସ ? କି କରନ୍ତା ଚନ୍ଦ୍ରମା ।
କୋଳଗତେ ଥାଆନ୍ତା ଯେବେ ମୋ-ପ୍ରିୟତମା ।
କାହାଷ୍ଠର ଦେଖାନ୍ତା ଅବା କେଉଁ ଗାରିମା ।
କରିଛନ୍ତି ସବୁଟି ଏହା ବିଚିତ୍ରକର୍ମୀ ॥
କଳାନିଧାନୀ ନାନା ସୁବେଶ ହୋଇ ।
କଉତୁକରେ ଯେତେବେଳେ ଆସଇ । କାମ ଥାଇ ଗୋଡ଼ାଇଁ ।
କଣାଲୋକପରିପ୍ରେ ଅନୁଗତଙ୍କୁ ପାଇ ।
କାନ୍ତା-ନୂପୁରନାଦେ ପହଣ୍ଡକୁ ମଣାଇ ।
କାହାରତ ନ ଥାଇ ସେ କାଳରେ ବଡ଼ାଇ ॥
କୁଟିଳକୁନ୍ତଳରେ ଲୋଟଣୀ ଜୁଡ଼ା ।
କରଇ ସବୁରୂପେ ଧଇର୍ଯ୍ୟବୁଡ଼ା । ଆହା କାମଦାୟିନି ।
କଲି କେଉଁ ଦଇବ ମୋର ସେସୁଖ ହାନି ।
କାମଦେବ କେବଳ ହେଲା ବିଜୟୀମାନୀ ।
କଷ୍ଟ ଦେଇ ଯାଉଛି ଏବେ ଜୀବନ ଘେନି ॥
କୁରୁବକକୁସୁମ ତୋରିରେ କରି ।
କି ଶୋଭା ଦିଶୁଥାଇ କେତକୀପୋଷି । ଆହା କମଳମୁଖି ।
କେତେପ୍ରକାରେ ନ କରଇ ମନକୁ ସୁଖୀ ।
କେଉଁ ଅଭାଗ୍ୟରୁ ଅଇଲି ତାଙ୍କୁ ଉପେକ୍ଷି ।
କାମହସ୍ତରେ ପଡ଼ି ଏବେ ହେଉଛି ଦୁଃଖୀ ॥
କରି ଯେ ଥାଇ ଊର୍ଦ୍ଧ୍ୱେ ଗନ୍ଧତିଳକ ।
କଲେ ଦର୍ଶନ ନ ରହଇ ବିବେକ । ଆହା କୁରଙ୍ଗନେତ୍ରି ।
କୃଶଉଦରି କାମକଳାକଳାପପାତ୍ରି ।
କୃପାନିଧାନୀ ସେ ମୋର ପରମପବିତ୍ରୀ ।
କ୍ଲେଶ ପାଇଲା ମୋହ ଘେନି କୋମଳଗାତ୍ରୀ ॥
କେତେ ଜାଣଇ ହାବ ଭାବ ଚାତୁରୀ ।
କଟାକ୍ଷେ ଚାହୁଁଥାଇ କେମନ୍ତ କରି । ଆହା କେଳିଲାଳସୀ ।
କାମଶର ଆଣେ ମୋହର ପାଶକୁ ଆସି ।
କହେ ଚନ୍ଦ୍ରବଦନ ମନ୍ଦମଧୁର-ହାସୀ ।
କଉତୁକ ଉପରେ ସ୍ନେହ ସୁଧାବରଷି ॥

## ଏକତ୍ରିଂଶ ଛନ୍ଦ

### ରାଗ—ବରାଡ଼ୀ

କିଶୋରୀରତନ ରାଧା ବିରହେ କନ୍ଦର୍ପବାଧା ପାଇବାରୁ ଅତିଶୟ କରି ।
କଳାକରକଳା ପ୍ରାୟେ କ୍ଷୀଣକୁ ଭଜିଲା କାୟେ କରପାଠ ପ୍ରାୟେ କାନ୍ତାନାମ
ଧରି ସେ ।   କଞ୍ଜନେତ୍ର ।

କାରାସମ ସଦନ ମଣନ୍ତି ।   କେଳି କଉତୁକ ଖେଡ଼ରେ ଗଡ଼ନ୍ତି ॥
କାମଅନଳ ପ୍ରବଳ କରେ ମଳୟଅନିଳ କଲେ ଶୀତ ଉପଚାର ତହିଁ ।
କୋଟିଏ ଗୁଣେ ତପତ କହୁଁ କହୁଁ ହୋଏ ଜାତ ଜଳ ଦେଲେ ଯେହ୍ନେ ଶାମୁକାକୁ
ଦହି ସେ ।   କଞ୍ଜନେତ୍ର ।

କଷ୍ଟେ କଷ୍ଟେ ସହନ୍ତି ସେ ବାଧା ।   କ୍ରୋଧ କରି ବୋଲନ୍ତି ଉଦ୍ଧର ରାଧା ସେ ॥
କମନୀୟ ଫୁଲମାଳ ନ ବହନ୍ତି ବକ୍ଷସ୍ଥଳ ଫଣିମଣିସମାନରେ ଗଣି ।
କଳକଣ୍ଠ-କଣ୍ଠ ଶୁଣି କର୍ଣ୍ଣରେ ଦିଅନ୍ତି ପାଣି କାମ-କୁଳିଶ-ଘାତ ପରାୟେ ମଣି ସେ ।
କଞ୍ଜନେତ୍ର ।

କଳକଣ୍ଠ ଡାକିଲେ ବିଟଙ୍କେ ।   କାନ୍ତାମଣିବାଣୀ ଚେତିଣ ଚମକେ ସେ ॥
କେତେବେଳେ ଅଭିଳାଷ କରନ୍ତି ସୁନ୍ଦରୀପାଶ, କେତେବେଳେ ଚିନ୍ତାରେ ଆରତ
କେତେବେଳେ ସୁମରନ୍ତି, ଗୁଣ କୀର୍ତ୍ତନ କରନ୍ତି, କେତେବେଳେ ଊର୍ଦ୍ଧ୍ୱେ ଚାହିଁ
ଭ୍ରମଚିତ୍ତ ସେ ।   କଞ୍ଜନେତ୍ର ।

କେତେବେଳେ କରନ୍ତି ବିଳାପ ।   କେତେବେଳେ ବ୍ୟାଧି ହୁଅଇ ଅମାପ ସେ ॥
କେଉଁଲୋକ କହିବ ତା, କାନ୍ତା କାନ୍ତ ବିରହିତା କେବଳ ଜାଣଇ ଏକା ମନ ।
କୁମତି ଗୁଆଁରଜନ ତହିଁକି ନୋହେ ଭାଜନ ଗତ ହୋଇଛି ଯାହାର ଯଉବନ
ହେ ।   କବିମାନେ ।

କମଳନେତ୍ର ନାଗରବର ।   କପାଁ ନୋହିବେ ବିରହେ କାତର ସେ ॥
କୁଣ୍ଡଳୀ ଯେମନ୍ତ ଥାଇ ନିଶ୍ୱାସ ପକାଇ ସେହି ସେହିରୂପେ ପକାନ୍ତି ନିଶ୍ୱାସ ।
କରନ୍ତି ବିଚାର ମନେ କି କାର୍ଯ୍ୟ ଛାରଜୀବନେ ପ୍ରାଣବଲ୍ଲଭୀ ଯେବେହେଁ ନାହିଁ ପାଶ
ସେ ।   କଞ୍ଜନେତ୍ର ।

କଥାକେ କଥାକେ ନିରୂପମ ।   କେଉଁ ଗୁଣେ କେଉଁନାରୀ ହେବ ସମ ସେ ॥
କମଳପଲ୍ଲବଶେଯେ ଶୋଇଥିବ ଏବେ ସେ ଯେ କ୍ଷୀଣ କରି କ୍ଷୀଣୋଦରୀ କାୟେ ।
କରମାଳି ଅସ୍ତକାଳେ ଯେମନ୍ତ ନଭୋମଣ୍ଡଳେ ଶୁକ୍ଳଦ୍ୱିତୀୟା ଚନ୍ଦ୍ରମା ଶୋଭା ପାଏ
ସେ ।   କ୍ଷୀଣୋଦରୀ ।

ଚାରିପାଶେ ବେଢ଼ି ସଖୀଗଣ ।   କରୁଥିବେ କେତେ ପ୍ରକାରେ କାରୁଣ ସେ ॥
କଇରବ-ନନ୍ଦନାକୁ ଜଗଜ୍ଜନବନ୍ଦନାକୁ କେତେବେଳେ ପକାଇ ଅଙ୍କରେ ।
କରି ଅପଲକ ଆଖି ଚାହୁଁଥିବେ ପ୍ରିୟସଖୀ ବସି ଭାଳୁଥିବେ ପାଶେ ଆତଙ୍କରେ
ସେ ।   କେଉଁଆଳୀ ।

କରତଳେ ଦେଇ ଗଣ୍ଡପାଳି ।   କାଳ ନେଉଥିବ ଅହି-ନିଶି ଭାଳି ସେ ॥

କେ ଉଶିର ଗୋଳୁଥିବ କେ ପଲ୍ଲବ ଢୋଳୁଥିବ କେ ଚନ୍ଦନ ବୋଳୁଥିବ ନେଇ ।
କେ ଆଲଟେ ବିଞ୍ଚୁଥିବ କେ ପନୀର ସିଞ୍ଚୁଥିବ ଘେନ ଶ୍ୱାସ ମୁଞ୍ଚୁଥିବ ଫାଁଇ ଫାଁଇ
ସେ । କେଉଁ ସଖୀ ।

କହୁଥିବ ଶିବ ରକ୍ଷା କର । କୋଳାହଳନାଦେ ପୂରୁଥିବ ପୁର ସେ ॥
କି କଲି କି କଲି ବହି କର୍ମେ ଏହା ଥିଲି ଲହି ପାକେ ପ୍ରତିଫଳ ହେଲି ଏହି ।
କୁମତି ଗୁଆଁର ଆଗେ ଗୁଣବନ୍ତ ଅନୁରାଗେ ଗୁଣ ଦେଖାଇ ଯେମନ୍ତ ହୋଏ ଦହି
ସେ । କୃଶୋଦରୀ ।

କେତେଭାବେ କରି ମୋତେ ସୁଖୀ । କାଳେ ଏବେ ଦୁଃଖୀ ହେଲି ଚନ୍ଦ୍ରମୁଖୀ ସେ ॥
କାମ କଳାବନ୍ତ ହୋଇ କାମିନୀଙ୍କି ଦୁଃଖ ଦେଇ ବୋଲାଇ ମୁଁ ପୁରୁଷ ଉତ୍ତମ ।
କହିବାକୁ ବଡ଼ ଲାଜ ଏଥୁଁ ଅବା କେଉଁ କାର୍ଯ୍ୟ ଜଳେ ଜନ୍ମିଲି କି ଉତ୍ପଳ କୁସୁମ
ସେ । କୃପାନିଧି ।

କହି ଏହା ପକାଇ ନିଶ୍ୱାସ । କୃପା କରି ଉଦ୍ଧବକୁ ଡାକି ପାଶ ସେ ॥
କହିଲେ ଗୋପକୁ ଯିବ ତାତ ମାତାଙ୍କୁ କହିବ ଆମ୍ଭର ଶୁଭ ସନ୍ଦେଶମାନ ।
କଳାବତୀ କଳାନିଧି କହିବ ଗୋପୀଙ୍କି ବୋଧି ତୁମ୍ଭ ଅଭାବେ ନ ସରେ ତାଙ୍କ ଦିନ
ସେ । କୃଷ୍ଣବାଣୀ ।

ଶୁଣି ଉଦ୍ଧବ ଆରୋହି ରଥ । କଲେ ଗୋପୀଙ୍କ ଦର୍ଶନେ ମନୋରଥ ସେ ॥
କି ଭାଗ୍ୟ ମୋହର ଆଜ କରିବ ପ୍ରଭୁଙ୍କ କାର୍ଯ୍ୟ ତେଣେ ହେବ ସାଧୁ ଦରଶନ ।
କୁଣକେତୁ ପରସନ ନୋହିଲେ ନୋହେ ଏମାନ ସବୁଠାକୁ କର୍ତ୍ତା ପ୍ରଭୁ ଭଗବାନ
ସେ । କୃଷ୍ଣ ଦୂତ ।

ଏହି କଥା ବିଚାରି ମନରେ କଲେ ଗୋପକୁ ଗମନ ଧୀରେ ଧୀରେ ସେ ॥
କଦମ୍ବଫୁଲ ପରାୟେ କଳେବର ଶୋଭା ପାଏ ନୟନୁଁ ଗଳଇ ଅଶ୍ରୁଜଳ ।
କୃଷ୍ଣକୀର୍ତ୍ତନରେ ଭୋଳ ନାନାରଙ୍ଗରେ ମଙ୍ଗଳ ଆଗେ ପ୍ରକାଶ ହୁଅଇ ମାଳ ମାଳ
ସେ । କୃଷ୍ଣ ଦୂତ ।

ପ୍ରବେଶ ହୋଇଲେ ଗୋପେ ଯାଇ । କଲେ ରଥ ଉଭା ନନ୍ଦଦ୍ୱାରେ ନେଇ ସେ ॥
କୋଠୀଏ ସୁବର୍ଣ୍ଣ ପାଇ ଦରିଦ୍ର ଯେମନ୍ତ ହୋଇ ସେହିମତି ହେଲେ ନନ୍ଦରାଣୀ ।
କଲେ ଆସନ ପ୍ରଦାନ ନାନାରୂପେ ସନମାନ କୃଷ୍ଣ ସମାନରେ ପୂଜା କଲେ ପୁଣି
ସେ । କୃଷ୍ଣ ଦୂତ ।

କହି କୃଷ୍ଣସନ୍ଦେଶ-ବଚନ । କଲେ ଶୟନରେ ନିଶି ଅବସାନ ସେ ॥
କେଶବନାମ ସୁମରି ଶୟନରୁ ଉଠିକରି ନିତ୍ୟକର୍ମ ତୁରିତେ ସାରିଲେ ।
କୃଶୋଦରୀ-ଗୋପୀଙ୍କ ପାଶେ ପ୍ରବେଶ ହେଲେ ହରଷେ କୃଷ୍ଣଉଦନ୍ତ କହିବା
ବିଚାରିଲେ ସେ । କୃଷ୍ଣ ଦୂତ ।

ଉଦ୍ଧବଙ୍କୁ ଦେଖି ଗୋପବାଳୀ । କି ଆନନ୍ଦ ହେଲେ କେ କହିବ ଭାଳି ସେ ॥
କଲି ସନ୍ତାପ ଅନ୍ତର ଭଗତଭେଟ ମନ୍ତ୍ର ଭକ୍ତ ଦର୍ଶନରେ ଯେହ୍ନେ ଭୋଗୀ ।
କାଳିକା ଉଦୟ ଦେଖି ଯେମନ୍ତ ଚାତକପକ୍ଷୀ ସେହିମତି ହେଲେ ଗୋପୀ
ପଦ୍ମମୁଖୀ ସେ । କୃଷ୍ଣ ଦୂତ ।

ଉଦ୍ଧବ, ଗୋପୀଙ୍କ କଥା ଶୁଣି । କୃଷ୍ଣଦାସର ବଢ଼ିବ ସୁଖଶ୍ରେଣୀ ସେ ॥

## ଦ୍ୱାତ୍ରିଂଶ ଛାନ୍ଦ

### ରାଗ—ଚିନ୍ତାଦେଶାକ୍ଷୀ

କୃଷ୍ଣଦୂତକୁ ବସାଇ ପାଶେ । କଉତୁକେ ପଚାରନ୍ତି ତୋଷେ ।
କୃଷ୍ଣ କାମପାଳ, ସମସ୍ତ କୁଶଳ କହ କହ ଆମ୍ଭଙ୍କୁ ହରଷେ ହେ ॥ ଉଦ୍ଧବ ।
କହ କପଟୀ ଅକ୍ରୂର କଥା । କରାଇଲା ଯେ ଏତେ ଅବସ୍ଥା ।
କଂସ ମହୀପତି ଅତିହିଁ ଅନୀତି କରି ପଠାଇଲା ଦେଇ ବ୍ୟଥା ହେ ॥ ଉଦ୍ଧବ ।
କହ କୁବୁଜାଙ୍କ ସବୁ ଶୁଭ । କର୍ଣ୍ଣେ ଶୁଣିମାକୁ ସେ ଦୁର୍ଲ୍ଲଭ ।
କଂସକଣ୍ଟକରେ ପ୍ରବେଶ ହେବାରେ କୃଷ୍ଣ ପାଇଛନ୍ତି କେତେ ଲଭ ହେ ॥ ଉଦ୍ଧବ ।
କୋମଳରେ କହନ୍ତି ଉଦ୍ଧବ । କୁଶଳର ମନ୍ଦିର ମାଧବ ।
କେବଳ ତୁମ୍ଭର ବିରହେ ବନ୍ଧୁର ଭାବ-କଥାହିଁ ତାଙ୍କୁ ଅଭାବ ଗୋ ॥ ସୁନ୍ଦରି ।
କରି ଜପାମାଳୀ ତୁମ୍ଭ-ଗୁଣ । କରିଅଛନ୍ତି ଶ୍ରୀଅଙ୍ଗ କ୍ଷୀଣ ।
କହିଲେ ପରତେ ନ ଯିବ ସେ ଯେତେ ପାଉଅଛନ୍ତି ମହାକଷଣ ଗୋ ॥ ସୁନ୍ଦରି ।
କର୍ଣ୍ଣେ ଉଦ୍ଧବ ବଚନ ଶୁଣି । କ୍ରୋଧ କରି ବ୍ରଜରମଣୀ ।
କହିଲେ ସେବକବତ୍ସଳକୁ ଲୋକ ଲୋକମଧ୍ୟେ ନକ ତାଙ୍କୁ ଗଣି ହେ ॥ ଉଦ୍ଧବ ।
କେତେ ବିପତ୍ତିରୁ ନ ରଖିଲେ । କେତେ କେତେ ସୁଖ ସେ ନ ଦେଲେ ।
କର୍ମ-ଅବଳକୁ କୁବୁଜା-ଫଳକୁ କଂସ ନୃପତିବଧୂକୁ ଗଲେ ସେ ॥ ଉଦ୍ଧବ ।
କଂସ ପାଇଲା ଢର୍ଘଣଯୃନ । କପଁା ନଇଲେ ପଦ୍ମଲୋଚନ ।
କହିଥିବା କଥା କରିବା ଅନ୍ୟଥା ପ୍ରଭୁପଣକୁ ଏହି ଦୂଷଣ ହେ ॥ ଉଦ୍ଧବ ।
କେଉଁଲୋକ ଆମ୍ଭେ ଗୋପନାରୀ । କଲେ ସେହି ସିନା ଏତେ ସରି ।
କେବେହେଁ ବିନାଶ ନ କରିତ ବିଷବୃକ୍ଷ କରରେ ଲଗାଇ କରି ହେ ॥
କୃଷ୍ଣ ନ ଜାଣନ୍ତି କେଉଁ ନୀତି । କଲେ ଆମ୍ଭଠାରେତ ଅନୀତି ।
କୂଳରୁ ଛଡ଼ାଇ ଦୁଃଖରେ ସଡ଼ାଇ ଏଥୁଁ ପାଇଲେ କେଉଁକା ରତି ହେ ॥ ଉଦ୍ଧବ ।
କୃପାସିନ୍ଧୁ ନାମ ବହି କରି । କପଁା ଦାସୀଙ୍କି କୃପା ନ କରି ।
କୁସୁମମାର୍ଗଣ ଠାରେ ଆମ୍ଭ ପ୍ରାଣ ଦେଇ ରହିଲେ ମଥୁରାପୁରୀ ହେ ॥ ଉଦ୍ଧବ ।
କାର୍ଯ୍ୟ ପାଇଲେ ଯେଉ ପୁରୁଷ । କାମିନୀଙ୍କି କରନ୍ତି ନିରାଶ ।
କେବେହେଁ ବିଶ୍ୱାସ ନ ଯିବ ପିୟୂଷ ବୋଲି ଦେଲେ ସେ ସାକ୍ଷାତେ ବିଷ ହେ ॥
କୋମଳରେ ସେ କହିଲେ ଯେତେ । କେତେବେଳେ ନ ଯିବ ପରତେ ।
କାଲେ ମନୋଭବକଷ୍ଟ ଅନୁଭବ କରି ଭାଳିବ ଅନୁବରତେ ହେ ॥ ଉଦ୍ଧବ ।
କରାଇଲେ ଯେତେ ପରି ଆଶା । କଲୁଁ ସେହି ପ୍ରକାରେ ଭରସା ।
କିଛିହିଁ ନୋହିଲା କେବଳ ହୋଇଲା ଯେସନ୍ତେ ଶରଦେ ଗୃତକ ଦଶା ହେ ॥
କଥା ଅମୃତଠାରୁ ମଧୁର । କର୍ପୂରରୁ ଅତି ଶୀତକର ।
କରୁଣା କପଟ କର୍କଶର କୂଟ ତାଙ୍କ ହୃଦୟକୁ ନମସ୍କାର ହେ ॥ ଉଦ୍ଧବ ।
କୁଳ କରରେ ଭାଙ୍ଗିଲା ଦନ୍ତୁ । କମ୍ପ ଚୁମ୍ବିଲା କ ଆମ୍ଭତନୁ ।
କୁଟିଳବଚନ ପ୍ରାୟେ ସେ ମୋହନ ଏତେବେଳେ ଯାଉ ନାହିଁ ମନୁ ହେ ॥ ଉଦ୍ଧବ ।

କି କରନ୍ତି ବଡ଼ ପ୍ରଭୁମାନେ । କିଛି ବିଚାରନ୍ତି ନାହିଁ ମନେ ।
କଲେ ଅବିଚାର କି ବୋଲିବେ ନର ନୀତିବନ୍ତ ବିଚକ୍ଷଣମାନେ ହେ ॥ ଉଦ୍ଧବ ।
କିଏ ବାର କଲାପ୍ରାୟେ ବନ୍ଦୀ । କେତେ କହିପାରନ୍ତି ସେ ଛନ୍ଦ ।
କେଉଁ-ନାରୀ ଦେହ ନୋହିବ ଅଦେହ ମୋହ ଅମୋହପାଶରେ ବନ୍ଧ ହେ ॥ ଉଦ୍ଧବ ।
କାନନରୁ କର ଧରି ଆଣି । କହି ଅନେକ ଯତନେ ବାଣୀ ।
କି କି ହୋଇ ଗଲେ ନ ଆସି ଭଲେ ସେହିପ୍ରକାରେ ମୁରଲୀପାଣି ହେ ॥ ଉଦ୍ଧବ ।
କାକ କୋକିଳକୁ ପ୍ରତିପାଳି । କାର୍ଯ୍ୟ ପାଇଛି କି କହ ଭାଳି ।
କୁସୁମକୁ ଅଳି କଲାପ୍ରାୟେ କଲି ଗୋପବାଳୀଙ୍କି ଶ୍ରୀବନମାଳୀ ହେ ॥ ଉଦ୍ଧବ ।
କହିବାକୁ ଆଉ କିଛି ନାହିଁ । କୁଜପିଠି ଅଛି ସବୁ କହି ।
କୁକର୍ମ କରିବା କେତେ ତାଙ୍କୁ ଅବା କହିବାକୁ ଯହିଁ ଆନ ନାହିଁ ହେ ॥ ଉଦ୍ଧବ ।
କଳଧଉତ କୁଟିଳ ହେଲେ । କେଉଁଠାରେ ନ ବିକାର ଭଲେ ।
କି କହିବୁଁ ଆମ୍ଭେ କି ନ ଜାଣ ତୁମ୍ଭେ ସବୁ ସୁନ୍ଦର ପ୍ରଭୁତ୍ୱ ଥିଲେ ହେ ॥ ଉଦ୍ଧବ ।
କୃତ୍ତିବାସ ହେଲେ ଦିଗବାସ । କେହି କରନ୍ତି କି ଉପହାସ ।
କମଳନୟନ କୁଣ୍ଡଳୀଶୟନ କଲେ ସମସ୍ତେ ତାହାଙ୍କ ଦାସ ହେ ॥ ଉଦ୍ଧବ ।
କେଉଁ ଯାନ ନ ମିଳେ ଶିବଙ୍କୁ ॥ କେଉଁ ଭୂଷଣ ଦୁର୍ଲ୍ଲଭ ତାଙ୍କୁ ।
କେତେ ଅସ୍ଥିମାଳ ପକାଇ ସେ ଭୋଳ ହୋଇ ଆରୋହନ୍ତି ବୃଷଭକୁ ହେ ॥ ଉଦ୍ଧବ ।
କହିବ ଅବା ତୁମ୍ଭେ ଆଭିରି । କଲେ ସେ ତୁମ୍ଭଙ୍କୁ ଏଡ଼େ କରି ।
କାଖେ କୋଳେ ଧରି ନାନା ସେବା କରି ତାହାଙ୍କର ଆମ୍ଭେ ପରିଗୃହୀ ହେ ॥ ଉଦ୍ଧବ ।
କଥାପ୍ରସଙ୍ଗେ କହିଲୁଁ ଏହା । କରନ୍ତୁ ସେ ଯାହା ଇଚ୍ଛା ତାହା ।
କୁମ୍ଭକାର-ଉହାପ୍ରାଏ ଅନ୍ତର୍ଦ୍ଦାହା କଲେ କୁବୁଜାଙ୍କ କାମ-ଦୁହା ହେ ॥ ଉଦ୍ଧବ ।
କୁଳ-ଶୀଳ ଲଜ୍ଜା ଭୟ ଛାଡ଼ି । କଇତବପୀରତିରେ ପଡ଼ି ।
କୃପଣକୁ ଲୋଭୀ ପ୍ରାୟେ ତାଙ୍କୁ ଲଭି ଆଶଅନଳେ ମରୁଛୁଁ ପୋଡ଼ି ହେ ॥ ଉଦ୍ଧବ ।
କପିଳ-କୋପେ ସଗରପୋୟେ । କରିଥିଲେ ଯେଉଁରୂପେ କାୟେ ।
କାଳେ ସେହିରୂପେ ହେଲୁଁ କାମକୋପେ ତୁମ୍ଭେ ହୁଅ ଭଗୀରଥପ୍ରାୟେ ହେ । ଉଦ୍ଧବ ।
କୃଷ୍ଣ ଗଙ୍ଗା ଆଣି ବେଗେଁ ଦିଅ । କୀର୍ତ୍ତି ସମସ୍ତଲୋକରେ ପାଅ ।
କରୁଛୁଁ ବିନତି ଗୋକୁଳଯୁବତୀ ଆମ୍ଭମାନଙ୍କୁ ପ୍ରସନ୍ନ ହୁଅ ହେ ॥ ଉଦ୍ଧବ ।
କରେ ବିହି ଯାହାକୁ ବିବେକ । କହିବାର ତାହାକୁ ଅଧିକ ।
କି ନ ଜାଣ ତୁମ୍ଭେ କି କହିବୁଁ ଆମ୍ଭେ ପରଉପକାରୀ ବଡ଼ଲୋକ ହେ । ଉଦ୍ଧବ ।
କୃଷ୍ଣେ ଅଛି ତୁମ୍ଭର ଭକତି । କେଉଁ ପ୍ରକାର ନ ଜାଣ ନୀତି ?
କଲେ ଧର୍ମ କର୍ମ ଲଭି ସ୍ୱର୍ଗସମ ଶ୍ରୁତି କହିଅଛି ଏହିମତି ହେ ॥ ଉଦ୍ଧବ ।
କହିବାକୁ ଏତେକ ତୁମ୍ଭଙ୍କୁ । କୃପା କରିବ ବାରେ ଆମ୍ଭଙ୍କୁ ।
କୃଷ୍ଣ ସତ୍ୟବାଦୀ ହେଲେ ସତ୍ୟବାଦୀ ହୋଇ ନାଶିଲେ ଆମ୍ଭ ଦମ୍ଭକୁ ହେ ॥ ଉଦ୍ଧବ ।
କୃଷ୍ଣଦାସ ଏହି ଘେନ କରି । କୃଷ୍ଣପାଁଇ ମରୁଅଛି ଝୁରି ।
କେତେବେଳେ ଆଣ କରାଇ ନରାଣ ନ କରିବ ଧର୍ମକୁ ବିଚାରି ହେ ॥ କୋବିଦେ ।

## ତ୍ରୟସ୍ତ୍ରିଂଶ ଛାନ୍ଦ

ରାଗ—ଧ୍ରୁବ

କହନ୍ତି ଉଦ୍ଧବ କେବେହେଁ ମାଧବ କରନ୍ତି ନାହିଁ ନିର୍ଗୁଣ ।
କଲେ ଶତ୍ରୁଗଣ କରନ୍ତି ନିର୍ବାଣ ଏ ରୂପରେ ପୀତବାସ ସେ ।
କିପାଁ ତୁମ୍ଭଙ୍କୁ କରିବେ ଆନ । କାହିଁ ପାଇ କରୁଅଛ ମାନ ସେ ॥

କଂସ, କେଶୀ ଆଦି ଅମରବିବାଦୀ କାହାର କେଉଁ ଭଗତି ।
କୃପାଳୁ ଏମନ୍ତ କଲେ ତାଙ୍କୁ ଅନ୍ତ କରନ୍ତି ପରମ ଗତି ସେ ।
କଲେ ସେବା ସେ କରନ୍ତି ଯାହା । କେତେ ବଚନେ କହିବ ତାହା ସେ ॥

କୁବୁଜା ଚନ୍ଦନଟୀକାକେ ବନ୍ଦନ କରି ପାଇଲା ସେ ସୁଖ ।
କର୍ତ୍ତବ୍ୟ, ମନ, ବଚନ, ଦେଲା ଲୋକ କଥା କାହିଁପାଁଇ ଲେଖ ସେ ।
କୃଷ୍ଣ ମହିମା ଅଛି ଅପାର । କହି କେ ଅବା ପାଇବ ପାର ସେ ॥

କଳ୍ପେ କଳ୍ପେ ଯୋଗୀ ଯୋଗବାଟ ଜଗି ଦେଖନ୍ତି ନାହିଁ ଯାହାକୁ ।
କେଉଁ ଭାଗ୍ୟବଳେ ଏତେକାଳ କୋଳେ ଧେନି ଖେଳିଲ ତାହାଙ୍କୁ ସେ ।
କୃଷ୍ଣ କଲେ ଏଡ଼ିକ ସୁଦୟା । କହି କଲେ ଆମ୍ଭଙ୍କୁ ନିର୍ଦ୍ଦୟା ସେ ॥

କେଉଁ ଇନ୍ଦ୍ର ଚନ୍ଦ୍ର ଅମର ନରେନ୍ଦ୍ର ତୁମ୍ଭଙ୍କୁ ହେବେ ସମାନ ।
କର୍ମ କରି ନର୍ମକାଣ୍ଡ କରି ଚର୍ମ କିପାଁ କର ଅଭିମାନ ସେ ।
କୃଷ୍ଣ ତୁମ୍ଭଠାରେ କଲେ ଯାହା । କେଉଁ ଲୋକ ପାଇ ନାହିଁ ତାହା ସେ ॥

କହେ କେଉଁ ଗୋପୀ ବିରହରେ ତାପୀ ହୋଇ ଉଦ୍ଧବଙ୍କୁ ଚାହିଁ ।
କେବଳ ଆମ୍ଭର ପରାଏ ତୁମ୍ଭର ଅନୁଭବ ଯହିଁ ନାହିଁ ସେ ।
କୃଷ୍ଣ କରନ୍ତି ନାହିଁ ନିର୍ଗୁଣ । କଲେ କରନ୍ତି ଏମନ୍ତ ବେଶ ସେ ॥

କଇତବଧାଇ କାଳକୂଟ ଦେଇ ପାଇଲା ଅମୃତପାନ ।
କଳେବର ଦେଇ କୃଶଦଶା ପାଁଇ ଆମ୍ଭେ ହେଲୁଁ ହୀନମାନ ସେ ।
କୃଷ୍ଣ କଲେ ଏମନ୍ତ ଅନୀତି । କାହା ଆଗେ କହିବୁଁ ସେ ରୀତି ସେ ॥

କେଶୀ, ଅଘା, ବକା, ଶକଟା ଧେନୁକା ପ୍ରାଣ ନେବାକୁ ଅଇଲେ ।
କୃପାଳୁ ଏମନ୍ତ କୁବୁଜାଙ୍କ କାନ୍ତି କୃତାର୍ଥ ତାହାଙ୍କୁ କଲେ ସେ ।
କରେ ଯେ ତାହାଙ୍କୁ ଅପକାର । କରନ୍ତି ସେ ତାଙ୍କୁ ଉପକାର ସେ ॥

କଟିରେ ଦଉଡ଼ୀ ବାନ୍ଧିଥିଲେ ଭିଡ଼ି ଯାମଳା ଅର୍ଜ୍ଜୁନ-ବୃକ୍ଷେ ।
କଣ୍ଠିତରେ କରି ପରାଏ ଉପାଡ଼ି ଦେବତା କଲେ ପ୍ରତ୍ୟକ୍ଷେ ସେ ।
କରୁଁ କରୁଁ ସେ ଅବଲୋକନ । କଲେ ସ୍ୱର୍ଗକୁ ଶୀଘ୍ର ଗମନ ସେ ॥

କାଳିନ୍ଦୀଜଳରେ ପାଦ-କମଳରେ କାଳୀ କୁଣ୍ଡଳୀ ଦଂଶିଲା ।
କିଙ୍କ କରି ସ୍ତୁତି କରି ତା ଯୁବତୀ ଜଳନିଧିରେ ପଶିଲା ସେ ।
କେତେ କହିବା ତାଙ୍କ ଚରିତ । କହି ବସିଲେ ହେବ ବହୁତ ସେ ॥

କାଖେ କୋଳେ ଧରି କେତେ ସେବା କରି କାହିଁରେ ଆମ୍ଭେ ନୋହିଲୁଁ ।
କୃଷିକାର ପ୍ରାୟେ କ୍ଲେଶ କରି କାୟେ ଶ୍ରମ ଲାଭକୁ ପାଇଲୁଁ ସେ ।
କାଳାନ୍ତରଲୋଭେ ଗଲା ମୂଳ । କରି ହୃଦୟ ମାତ୍ର ବିକଳ ସେ ॥

କେ ବୋଲଇ ଦେଇଥିଲା ଦ୍ରବ୍ୟ ପାଇ ତାଙ୍କୁ, ଦେଲୁଁ ଆମ୍ଭେ ମନ ।
କମଳନୟନ କରୁଣାନିଧାନ କଷ୍ଟ କଲେ ଅବଧାନ ସେ ।
କାହିଁ ରହିଲା ରୁଷିଙ୍କ ବୋଲ ! କହି ସମସ୍ତେ ପୁରୁଷ ଭଲ ସେ ॥

କେତେ କଷ୍ଟେ ମଧୁମାଛି ସଞ୍ଚେ ମଧୁ ଶ୍ରମ ପାଇ ନାନା ଦୁଃଖେ ।
କିକ କରି ଆନ ତାହା କରେ ପାନ ହୁତାଶନ ଦେଇ ମୁଖେ ସେ ।
କାଳେ ଆମ୍ଭର ହେଲା ସେ ଫଳ । କଲୁଁ ଭୋଗ କନ୍ଦର୍ପଅନଳ ସେ ॥

କୁସୁମୁଁ ମିଳିନ୍ଦ ହରି ମକରନ୍ଦ ନାମ ବହେ ମଧୁକର ।
କୃଷ୍ଣ ଗୋପୀନାଥ ବୋଲାନ୍ତି ଅନାଥ ହୋଇଲେ ଗୋପୀନିକର ସେ ।
କାହିଁ ଶୁଣିଛ ଏ ବିପରୀତ ? କେତେ କହିବା ଏଥି ଚରିତ ସେ ॥

କଇରବକାନ୍ତ ବୋଲାଇ ଯେମନ୍ତ ଚନ୍ଦ୍ର, ତାରା କରେ ଭୋଗ ।
କେଶବ ଆମ୍ଭର କୁବୁଜାବେଭାର ସେହିରୂପେ କଲା ଯୋଗ ସେ ।
କଇରବଠାରୁ ଆମ୍ଭେ ଦୁଃଖୀ । କୃଷ୍ଣ ଚନ୍ଦ୍ର ନୟନେ ନ ଦେଖି ସେ ॥

କୋକମିଥୁନରୁ ବିଚ୍ଛେଦରେ ଗୁରୁ କଲା ଆମ୍ଭଙ୍କୁ ଦଇବ ।
କାହା ଅଙ୍ଗସଙ୍ଗ କରିଥିଲୁଁ ଭଙ୍ଗ କହିଲେ ତାହା କି ହେବ ସେ ।
କଲା ନାହିଁ ତାଙ୍କ ପରି ବିହି । କାଳ ନୟନୁଁ ଦିବସେ ଗ୍ରହିଁ ସେ ॥

କାର୍ଯ୍ୟ ଧେନା ପ୍ରୀତି ଶକତି କୀରତି କେବେହେଁ ରହଇ ନାହିଁ ।
କରଗତ କୀର କହିବା ମଧୁର କାନନେ ପଶିଲେ କାହିଁ ? ସେ ।
କେତେ କହିବୁଁ ତୁମ୍ଭଙ୍କୁ ଏହା । କର୍ଣ୍ଣେ ଶୁଣୁଥିବ ମାତ୍ର ଯାହା ସେ ॥

କୃପା କଲା ଲୋକ ନୋହିବ ବିବେକ ଆପଣାଲୋକରେ ଯେବେ ।
କାଲୁସ୍ତି କହିବା ପରେ କୁହାଇବା କେଉଁ କାର୍ଯ୍ୟ ହେବ ତେବେ ସେ
କଥା କପାଳରେ ଲେଖା ନୋହେ । କେତେ ଅଧର୍ମ ମାତ୍ରକ ରହେ ସେ ॥

କଡ଼ି କୁସୁମକୁ ଫୁଟାଇ ବାସକୁ ପ୍ରବେଶ କରିଛୁ ? କେହି ।
କରିତା ବିମନ ହେଲେ ତାହା ଆନ କରିବା କଥାହିଁ କାହିଁ ସେ ।
କରି ଓଟାଳି ଯେଉଁ ପୀରତି । କଷ୍ଟ ତହିଁ ବଡ଼ ନାହିଁ କ୍ଷିତି ସେ ॥

କୋଟି କୋଟି ଦଣ୍ଡବତ ପୁଣ୍ଡରୀକନେତ୍ରଙ୍କୁ ଆମ୍ଭ କହିବ ।
କୁବୁଜା ପାଶରେ ଥିବା ସମୟରେ ଦୁଃଖ ଏକା ନ କହିବ ସେ ।
କଠୁ ନୋହିଲେ ତାହାଙ୍କ ବୋଲ ? କଲେ ଏହା ସେ ଆମ୍ଭଙ୍କୁ ଶଲ୍ୟ ସେ ।
କଣୋଦ୍ଧରିତନ ଗୋପୀଙ୍କ ବଚନ ଶୁଣି ଉଦ୍ଧବ ହରଷ ।
କଲେ ସେ ଗମନ ତୋଷ କରି ମନ ମଥୁରା ହେଲେ ପ୍ରବେଶ ସେ ।
କୃଷ୍ଣ ସମ୍ମୁଖରେ ପ୍ରବେଶ ହେଲେ । କୃଷ୍ଣଦାସକୁ ଆନନ୍ଦ ଦେଲେ ସେ ॥

## ଚତୁଃତ୍ରିଂଶ ଛାନ୍ଦ

### ରାଗ—ଆଷାଢଶୁକ୍ଳ

କଂସ-କରି-କଣ୍ଠୀରବ କେଶବ । କହନ୍ତି ପ୍ରସନ୍ନ ହୋଇ ଉଦ୍ଧବ ।
କହ କହ ଗୋପପୁରସନ୍ଦେଶ । କେମନ୍ତେ ହୋଇଛନ୍ତି ଗୋପୀବଂଶ ।
କହନ୍ତି ଉଦ୍ଧବ । କର ଅବଧାନ ପ୍ରଭୁ ମାଧବ ॥
କି କହିବ ଗୋପୀମାନଙ୍କ କଥା । କହିଲେ ଜାତ ହେବ ମହାବ୍ୟଥା ।
କେଶ ବାସ କେଶ ଅତିମଳିନ । କୁଜ୍‌ଝଟୀସମୟେ ଯେହ୍ନେ ନଳିନ ।
କାହାର ଶରୀର । କୃଶ-ବଷାନ୍ଦୁ ନୋହିଛି ବାହାର ॥
କାହାରବଦନେ ନାହିଁ ପ୍ରସନ୍ନ । କାହାର ନାହିଁ ବିଷୟ଼ଦର୍ଶନ ।
କହିବାକୁ ଶକ୍ୟ ନାହିଁ କାହାର । କାହିଁକି ଥିବ ଆହାର ବିହାର ।
କେବଳ ବିରସ । କରିଛି ସବୁ ହୃଦୟରେ ବାସ ॥
କାହା-କଙ୍କଣ ହୋଇଛି କେୟୂର । କେ ଉରେ କରିଛି କଙ୍କଣ ହାର ।
କେ କଣ୍ଠେ ବସାଇ ଭୁମ୍ବ-ନାମକୁ । କଳେବର ଦେଇ କାମକାଣ୍ଡକୁ ।
କରିଛି ଶୟନ । କଷ୍ଟିତ କରି ଫେଡ଼ିଛି ନୟନ ॥
କାହାର ସ୍ୱର ହୋଇବାରୁ ହତ । କାଦମ୍ବିନୀକାଳ-କୋକିଳ ମତ ।
କେ ତହିଁ ଶରଦର୍ଭୁ ସମାନ । କେତକୀ ପରାୟେ ହେବାରୁ ବର୍ଣ୍ଣ ।
କେ ନିଦାଘକାଳ । କେତେ ବହୁଛି କଳେବରୁଁ ଝାଳ ॥
କେ ତହିଁ ହୋଇଛି ବରଷା ପ୍ରାୟେ । କମଳନେତ୍ରୁଁ ନୀର ବହି ଯାଏ ।
କେତେ କହିବ ତାହାଙ୍କ ବେଦନା । କହିଲେ ଶୋକ ଜାତ ହେବ ସିନା ।
କେବଳ ଏ ଦେହ । କେତେ ଅବା ନ ସହଇ ଦୁଃସହ ॥
କେତେ କହିବ ଏହିରୂପେ ଗୋଳ । କେତେପ୍ରକାରେ ପୂରିଛି ଗୋକୁଳ ।
କୋମଳପତ୍ର ହୋଇଛି କଉଡ଼ି । କେ କେତେ ଅବା ଆସୁଛନ୍ତି ଝୋଡ଼ି ।
କାସ ରମାନଙ୍କେ । କମଳପତ୍ର ଅବା ପାଇବ କେ ॥
କର୍ପୂର ଚନ୍ଦନକୁ ଆଗ ହୋଇ । କପର୍ଦ୍ଦିମାନ ପଡ଼ିଅଛି ଯାଇଁ ।
କୁସୁଡଦ୍ରବ୍ୟ ଗନ୍ଧବେଣାମୂଳ । କର୍ମକୁ ସେହି ହୋଇଛି ଦୁର୍ମିଳ ।
କୁସୁମମାନଙ୍କୁ । କେହି ଆଣୁ ନାହିଁ ନେତ୍ରପଥକୁ ॥
କେତେରୂପେ ଫୁଟି ଅଛନ୍ତି ଗଛେ । କେହି ତୋଳିବାକୁ ମନେ ନ ଇଚ୍ଛେ ।
କାମଦୂତକୁ ଦେଖି ଘଉଡ଼ନ୍ତି । କଣ୍ଠ ଶୁଣି କର୍ଣ୍ଣେ କର ଦିଅନ୍ତି ।
କୁଞ୍ଜବନ ହରି । କହିଲ ଏହା ମୁଁ ଅଳପକରି ॥
କେବଳ ଭୁମ୍ବଲୋକ ବୋଲି ମୋତେ । କହିଲେ ମଧ୍ୟସ୍ଥରେ ଯେତେ ଯେତେ ।
କିଛି ପ୍ରବେଶ ହୁଅଇ କର୍ଣ୍ଣରେ । କିଛି ରହଇ ତାହାଙ୍କ ଅଧରେ ।
କାମକରବୀଣା । କୃଶନ ସେକାଳେ ହୋଇବ ତୃଣା ॥

କହିଛନ୍ତି କୋଟିଦଣ୍ଡପ୍ରଣାମ । କରି ତୁମ୍ଭ-ଆଜ୍ଞା ଆଶା ବିଶ୍ରାମ ।
କେଉଁ ଭାଗ୍ୟରୁ ରହିଅଛି ପ୍ରାଣ । କରୁଣାସିନ୍ଧୁ ତୁମ୍ଭେ ତାହା ଜାଣ ।
କର୍ଣ୍ଣେ ଶୁଣି ହରି । କମଳନେତ୍ରୁଁ ପକାଇଲେ ବାରି ॥
କହିଲେ ଶ୍ୱାସ ପକାଇ ମାଧବ । କହିଲ ଯେଉଁ କଥା ହେ ଉଦ୍ଧବ ।
କଳ୍ପିତ ବିଚ୍ଛେଦ ଯୁଗ ଯାହାଙ୍କୁ । କାଳେ ହେଲା ନାହିଁ ଭେଟ ତାହାଙ୍କୁ ।
କଷ୍ଟ ଅବା କେତେ । କରିତ ହେଲେ ମୋ ଆଶାକରତେ ॥
କରମାଳର କରଣ ଯେମନ୍ତ । କେବେହେଁ ନ ଛାଡ଼େ ମେରୁପର୍ବତ ।
କଶୋଣି-ଗୋପୀଙ୍କଠାରେ ମୋ ମନ । କରିଛି ସେହିରୂପେ ଅବଧାନ ।
କହୁଁ କହୁଁ ଏହା । କଳ୍ପ ରାତିଭୋଗ ରଜନୀନାହା ॥
କରୁଣାକର ଚାହିଁ ଉଦ୍ଧବକୁ । କଲେ ମେଲାଣି ପୁରକୁ ଯିବାକୁ ।
କରି ମଣୋହିଁ ପହୁଡ଼ିଲେ ଯାଇଁ । କଳାକରମୁଖୀ ଗୋପୀଙ୍କି ଧ୍ୟାଇ ।
କ୍ରମେ ନିଶୀ ଶେଷ । କୁକ୍କୁଟଧ୍ୱନି ପୂରେ ଦଶଦେଶ ॥
କେଶୀମଥନ ଅପହୁଡ଼ ହୋଇ । କର୍ମ ଧର୍ମ ବିଧିମତେ ବଢ଼ାଇ ।
କଲେ ବିଜୟ ବଡ଼ଅବକାଶେ । କଲେ ଲୋକ ଦରଶନ ହରଷେ ।
କୃଷ୍ଣଦାସ କବି । କୃତାର୍ଥ ହେଲା ଏହିକାଳ ଭାବି ॥
କୋଟିବ୍ରହ୍ମାଣ୍ଡ-ପ୍ରଭୁ ଜଗନ୍ନାଥ । କରନ୍ତୁ ପୂର୍ଣ୍ଣ ଜନମନୋରଥ ।
କଲି ମୁଁ ଏହିଧେନ ଅଭିମତ । କରିବାକୁ ରସକଲ୍ଲୋଳଗୀତ ।
କହିଲେ ସେ ଯେଣୁ । କରରେ ମାତ୍ର ଲେଖିଲି ମୁଁ ତେଣୁ ॥
କଅ ଅକ୍ଷରେ ହୋଇଛି ନିୟମ । କଥା ନୋହେ ଦିବ୍ୟ ଅଦିବ୍ୟ ସମ ।
କେତେ କଉତୁକ ଅଛଇ ଏଥି । କେବଳ କ୍ଷୀରସିନ୍ଧୁ ପ୍ରାୟେ ମନ୍ଥି ।
କରି ରସ ଜାତ । କରି ଧୃଷଣା ମନ୍ଦରପର୍ବତ ॥
କୋବିଦ ଦେବମାନେ ଲଭି ସୁଖ । କରନ୍ତୁ ବାଳିଶ-ଅସୁରେ ଦୁଃଖ ।
କୃଷ୍ଣସେବକ ଗୋପୀଭକ୍ତି ଯାର । କରନ୍ତୁ ସେମାନେ କଣ୍ଠରେ ହାର ।
କୃଷ୍ଣ ସେ ମଙ୍ଗଳ । କପଟିଲୋକଙ୍କୁ ଏ ଅମଙ୍ଗଳ ॥
କୁଟିଳବର୍ଣ୍ଣାବଳୀରେ ଅଦ୍ଭୁତ । କବିହୃଦଅବଲମ୍ବିକୁ ଜାତ ।
କୋବିଦମନ ଘନାଘନ ବିନୁ । କେବେହେଁ ନ ଦଶଇ ଇନ୍ଦ୍ରଧନୁ ।
କରି ସୁବିସ୍ତର । କବିତ୍ୱ ଶାନ୍ତ୍ରଜଳ ଏକାକାର ॥
କବିତ୍ୱ ବନିତା, କବି ତାପିତା । କହିବାଲୋକ ତାର ଉପମାତା ।
କଲେ ତାକୁ ଭୋଗ ରସିକ ନେତା । କେତେହେଁ ଅବା ରହଇ ଯୋଗ୍ୟତା ।
କୁମତି ଗୁଆଁର । କେବଳ ବଇମାତ୍ରଭାଇ ତାର ॥
କବିତ୍ୱ ମଳୟପବନ ବତ । କରେ ରସିକତରୁ ପଲ୍ଲବିତ ।
କର୍କଶ ମୂର୍ଖ ଶୁଷ୍କତରୁ ମତ । କେତେବେଳେହେଁ ନ ଧରଇ ପତ୍ର ।
କାମିନୀ-ବିଭାବ । କରଇ କିକ ନପୁଂସକ ଦ୍ରବ ॥
କବିତ୍ୱରସ ଉତ୍ତମ ଗୋକ୍ଷୀର । କରି ତହିଁ ସଙ୍ଗ ସ୍ନେହ ସାକର ।

କର୍ଣ୍ଣ-ଭୁଣ୍ଡରେ ଯେ କରଇ ପାନ ।   କଛୁହିଁ ସ୍ୱାଦୁ ଜାଣଇ ସେ ଜନ ।
କୁତ୍ସିତ ଯା ବୁଦ୍ଧି ।   କରେ ତା ବଚନ ଆମ୍ବିଳ ଦଧି ॥
କବଢ଼କୋଷେ ନାନା ଦ୍ରବ୍ୟ ଥାଇ ।   କଛୁ ଯାର ଜ୍ଞାନ ଛୁଇଁ ନ ଥାଇ ।
କରନ୍ତି ଯାଇଁ ତହିଁ ଅଧିକାର ।   କଞ୍ଚିତେ ଲଜ୍ଜ ନ ଥାଇ ତାଙ୍କର ।
କାର୍ଯ୍ୟ ପଡ଼ିଗଲେ ।   କେବଳ ବେଭାର ସରଇ ଭଲେ ॥
କର ଧରି କହୁଅଛୁ ହେ ଜନେ ।   କ୍ରୋଧ ଅଭିମାନ ନ ଧର ମନେ ।
କରୁଣାହୃଦୟ ନରତେ ହୁଅ ।   କୃଷ୍ଣକଥାରେ ଏକା ମନ ଦିଅ ।
କର ଦୀନେ ଦାନ ।   କହୁଁ କହୁଁ ଯିବଟୀ ଏ ଜୀବନ ॥
କେବଳ ସାଧୁସଙ୍ଗେ ସଙ୍ଗ ହୁଅ ।   କୁଟିଳଲୋକ-ପାଖକୁ ନ ଯାଅ ।
କୋମଳ କରି କଥାମାନ କହ ।   କୃଷ୍ଣଭଗତଜନ-ମନ ମୋହ ।
କୃଷ୍ଣ କର ଧ୍ୟାନ ।   କୃଷ୍ଣଚରିତମାନ କର ପାନ ॥
କାଳିନ୍ଦୀଜଳକଲ୍ଲୋଳରଙ୍ଗୀୟା ।   କଦମ୍ବତରୁତଳବିଭଙ୍ଗୀୟା ।
କଳାକମଳ-କଜ୍ଜଳକାଳୀୟା ।   କେକୀ-ବରହ-କଳାପଚୂଳୀୟା ।
କାନ୍ତକୁଣ୍ଡଳୀୟା ॥   କୁମୁଦବନ୍ଧୁ-ମୁଖମଣ୍ଡଳୀୟା ॥
କୁଟିଳନୀଳଅଳକାବଳୀୟା ।   କମନୀୟବନଫୁଲମାଳୀୟା ।
କଳଧଉତକାନ୍ତିଦୁକୂଳୀୟା ।   କଣୋଶୀବରଜସଙ୍ଗମେଳୀୟା ।
କୃଷ୍ଣଦାସ ମନ ।   କମଳଉନ୍ନିଦ୍ରକର ତପନ ॥

---

## ପ୍ରେମପଞ୍ଚାମୃତ

### By BHUPATI PANDIT

ଶ୍ରୀହରେକୃଷ୍ଣ ରାମନାମ !   ଚାରିବେଦରେ ଅନୁପମ ॥
ଶ୍ରୀକୃଷ୍ଣ ନାମ ପୂର୍ଣ୍ଣମୟୀ ।   ନାମ ଶବଦ ରୂପେଥାଇ ॥
ସେ ନିତ୍ୟ ସତ୍ୟ ନିରୂପମ ।   ଶବଦବ୍ରହ୍ମ ନିଜଧାମ ॥
ଜୀବ ଅଜୀବ ଠୁଲ ଶୂନ୍ୟେ ।   ସର୍ବତ୍ର ସମାନ ସମ୍ପୂର୍ଣ୍ଣେ ॥
ଦଶଦିଗରେ ସମେ ବ୍ୟାପୀ ।   ଶବଦ ବ୍ରହ୍ମ ନାମରୂପୀ ॥
ବର୍ଣ୍ଣରେ ନାମ ନ ମିଶଇ ।   ସର୍ବ ବର୍ଣ୍ଣ ନାମମୟୀ ॥
ଯେସନେ ପିଣ୍ଡ ବ୍ୟାପୀ ପ୍ରାଣ ।   କେବଳ ମୂଳ ନୁହେ ସ୍ଥାନ.॥
ସର୍ବ ସମ୍ପୂର୍ଣ୍ଣେ ନାମ ରହି ।   ସମୂଳ କହି ନୋହେ କେହି ॥
ସକଳ ରୂପ ନାମୁ ଜାତ ।   ନାମଟି ନିତ୍ୟ ସତ୍ୟବ୍ରତ ॥
ଅବ୍ୟୟ ଅକ୍ଷୟ ଅଥୟ ।   ନାମଟି ଠୁଳୁଁ ଶୂନ୍ୟମୟ ॥

ନାମରୁ ପ୍ରଣବ ସମ୍ଭୂତ ।   ପ୍ରଣବୁଁ ଚାରି ବେଦ ଜାତ ॥
ଶ୍ରୁତି ଯେ ମାତା ରୂପ ଧରି ।   ଅଠର ପୁତ୍ର ଜାତ କରି ॥
ଷଡ଼ ଦୁହିତା କଲେ ଜାତ ।   ଏ ରୂପେ ବଂଶ ଅପ୍ରମିତ ॥
ସଚ୍ଚିଦାନନ୍ଦ ଭଗବାନ ।   ନାମ ପରମ ବ୍ରହ୍ମଜ୍ଞାନ ॥
ମାତା ଯେ ବୋଇଲେ ଏମନ୍ତ ।   ପୁତ୍ରଙ୍କ ବାକ୍ୟେ ସନମତ ॥
ପ୍ରଣାମ କରି ତାଙ୍କ ମତେ ।   ସେମନ୍ତ ବଂଶାନୁ ଚରିତେ ॥
ଏଣୁ ଯେ ଭକ୍ତେ କୃଷ୍ଣନାମ ।   ସର୍ବସମ୍ମତେ ସେ ଉତ୍ତମ ॥
ଯେ ସୁରନର ନାଗଭାଷା ।   ବିବିଧ ବାକ୍ୟ ଦେଶଭୂଷା ॥
କୃଷ୍ଣ-ମହିମା ଯହିଁ ଶୁଣି ।   ସେ ସର୍ବବାକ୍ୟରେ ମୂର୍ଦ୍ଧନି ॥
ଯେବେ ନ ଥାଇ କୃଷ୍ଣରସ ।   ସେ ସଂସ୍କୃତେ ବା କାର୍ଯ୍ୟିକସ ॥
ପାଠ ବସନେ ଗୁଞ୍ଜଫଳ ।   ସେ ଯେ ନୁହଇ ବହୁମୂଲ୍ୟ ॥
ଗୀରିକନାରେ ମୋତିବର ।   ମୂଲ୍ୟ ଯେ ନ ତୁଟେ ତାହାର ॥
ସୁରଭାଷାହିଁ ରସମୟେ ।   ସେ ନାରିକେଳ ଫଳ ପ୍ରାୟେ ॥
କ୍ଲେଶେ ହୁଅଇ ରସଭୋଗ ।   ସବୁଙ୍କୁ ନୋହେ ଉପଯୋଗ ॥
ଭାଷା ସୁପକ୍ୱ ରମ୍ଭାପ୍ରାୟେ ।   କୋମଳ ସ୍ୱାଦୁ ରସମୟେ ॥
ଅକ୍ଲେଶେ କରି ତାକୁ ଭୋଗ ।   ସବୁଙ୍କୁ ନୋହେ ଉପଯୋଗ ॥
କି ପରାକୃତ କି ସଂସ୍କୃତ ।   ସେ ଭାବଗ୍ରାହୀ ନନ୍ଦସୁତ ॥
ଗାଇ ଗୁଣଇଁ ଗୋପୀମୁଖେ ।   ବେଦ ନ ଶୁଣେ ତେଡ଼େ ସୁଖେ ॥
ଏ ଭାବ ମନରେ ବିଚାରି ।   ଭାଷାକୁ ଅବଜ୍ଞା ନ କରି ॥
ସୁଜନେ ଶୁଣ ଦେଇ ଚିତ୍ତ ।   ନିର୍ମଳ ଗୋବିନ୍ଦ ଚରିତ ॥

*   *   *   *   * ।   *   *   *   *   *

ଯେସନେ ଗଉରୀନାୟକ ।   ହସ୍ତରେ ଧରି ଫଳ ଏକ ॥
ସୁନ୍ଦର ସୁଗନ୍ଧ ସୁସ୍ୱାଦ ।   ଦଶନେ ବଢ଼ଇ ଆନନ୍ଦ ॥
କୋଳରେ ଛନ୍ତି ଗଣନାଥ ।   ଅମୃତଫଳ ଘେନି ହସ୍ତ ॥
କାର୍ତ୍ତିକ ବିଚାରନ୍ତି ମନେ ।   ଏ ମୂଢ଼ କେଉଁବଡ଼ ପଣେ ॥
ବିଅର୍ଥେ ମୋତେ ବୁଲାଇଲ ।   ଅମୃତଫଳ ତାକୁ ଦେଲ ॥
ମତେ କରାଇ ଅପମାନ ।   କୋଳରେ ଧରିଛ ନନ୍ଦନ ॥
ଏକ୍ଷଣି ଯୁଦ୍ଧ ଆରମ୍ଭିଲେ ।   ପଳାଇ ପଶିବ ପାତାଳେ ॥
ପିତାହିଁ ତାର ପାଶେ ହେଉ ।   ଯେ ରୁଦ୍ରଗଣେ ଛନ୍ତି ଆଉ ॥
ସାକ୍ଷୀସ୍ୱରୂପେ ଦେଖୁ ମାତା ।   ମୋତୁଲେ ଯୁଦ୍ଧ କରୁ ପିତା ॥
ଯୁଦ୍ଧେ ଜିଣିଲେ ଫଳ ନେଉ ।   ନୋହିଲେ ମତେ ଫଳ ଦେଉ ॥
ନିଶ୍ଚେ କରିବି ଆଜ ରଣ ।   ମୁଁ ଯେ ନ ସହେ ଅପମାନ ॥
ଏମନ୍ତେ ବିଚାରି କୁମାର ।   ହୃଦେ ବସିଲା ଅହଙ୍କାର ॥
ରୋଷେ କମ୍ପଇ ତାର ଦେହ ।   ଗଦ୍ଗଦ ହୋଇ ଉଠେ କୋହ ॥

ବୋଇଲେ ନମୋ ମହେଶ୍ୱର । ନମାମି ବ୍ରହ୍ମାଣ୍ଡ ଠାକୁର ॥
ଫଳେ ମୋ ପ୍ରୟୋଜନ ନାହିଁ । ତୋ ଆଜ୍ଞା ଧଇଲି କପାଇଁ ॥
ଏମନ୍ତ ଶୁଣି ଶୂଳପାଣି । ଗଣେଶେ ଦେଲେ ସେ ମେଲାଣି ॥
କାର୍ତ୍ତିକେ କୋଳରେ ବସାଇ । କହନ୍ତି ବାକ୍ୟ ଗହଟୁଆଇ ॥
ଚୁଇଁଲେ ରୂପ ମନୋହର । ଆଘ୍ରାଣେ ହୁଅନ୍ତି ଅମର ॥
କାର୍ତ୍ତିକ ଗଣପତି ଦୁଇ । ମାଗିଲେ ଏକା ବେଳେ ଯାଇ ॥
ଏକଇ ଫଳ ଏକେ ଦେବା । ଆରକ ମନ ନ ପାଇବା ॥
ଏମନ୍ତ ବିଚାରି ଶଙ୍କର । ପୁତ୍ରଙ୍କୁ ବୋଲନ୍ତି ଉତ୍ତର ॥
ପୃଥିବୀ କରି ପର୍ଯ୍ୟଟନ । ଯେ ଆଗେ କରିବ ଦର୍ଶନ ॥
ସେ ଏ ଅମୃତ ଫଳ ନେବ । ଅନ୍ୟଥା ଏ ବାକ୍ୟ ନୋହିବ ॥
ଏ ଆଜ୍ଞା ଶୁଣନ୍ତେ କୁମାର । ମୟୂର ଚଢ଼ି ତତ୍ପର ॥
ପୃଥିବୀ ପର୍ଯ୍ୟଟନ କଲେ । ଶୁଣ ଗଣେଶ ଯାହା କଲେ ॥
ଶିବଙ୍କୁ କରି ପ୍ରଦକ୍ଷିଣ । ଛାମୁରେ କଲେକ ଜଣାଣ ॥
ବୋଇଲେ ନମୋ ମହେଶ୍ୱର । ତୋ ଦେହେ ଅଶେଷ ସଂସାର ॥
ପୃଥିବୀ ପର୍ଯ୍ୟଟନେ କିସ । ତୋ ତହିଁ ମହିମା ବିଶେଷ ॥
ତୋହର ବିଶ୍ୱରୂପେ ହର । ଲୋମକେ ବ୍ରହ୍ମାଣ୍ଡ ଗୋଚର ॥
ଏ କଥା ମିଥ୍ୟା ଯେବେ ବୋଲ । ନୋହିଲେ ଦିଅ ମୋତେ ଫଳ ॥
ଏ ବାକ୍ୟ ଶୁଣନ୍ତେ ଶଙ୍କର । ଗଣେଶେ ବସାଇ କୋଳର ॥
ଅମୃତ ଫଳ ତାଙ୍କୁ ଦେଲେ । ସୁବୁଦ୍ଧି ବୋଲି ପ୍ରଶଂସିଲେ ॥
ପୃଥିବୀ ପର୍ଯ୍ୟଟନ କରି । ମନ ହରଷେ ଶକ୍ତି ଧରି ॥
ଶିବଙ୍କୁ କଲେ ଦରଶନ । ଏମନ୍ତ ଦେଲେ ଷଡ଼ାନନ ॥
ସୁନ୍ଦର ଶୂର ବୀରପଣେ । ତୋ ସଙ୍ଗେ କେହୁ ତ୍ରିଭୁବନେ ॥
ପୃଥୁଲ ପେଟା ଗଜାନନ । ବିଶେଷେ ମୂଷିକ ବାହାନ ॥
ତୋ ସଙ୍ଗେ ଧାଇଁ ନ ପାରିଲା । ବିଚିତ୍ର ବୁଦ୍ଧି ଭିଆଇଲା ॥
ଆମ୍ଭଙ୍କୁ କଲା ପ୍ରଦକ୍ଷିଣ । ଛାମୁରେ ଦେଲା ଦରଶନ ॥
ବୋଇଲା ନମୋ ମହେଶ୍ୱର । ତୋ ଦେହେ ଅଶେଷ ସଂସାର ॥
ପୃଥିବୀ ପର୍ଯ୍ୟଟନେ କିସ । ତୋରେ ମହିମା ଶେଷ ॥
ଏ କଥା ମିଥ୍ୟା ଯେବେ ବୋଲ । ନୋହିଲେ ମତେ ଦିଅ ଫଳ ॥
ଏମନ୍ତେ ଚିତ୍ରବୁଦ୍ଧି ବଳେ । ଫଳ ମୋତହିଁ ନେଲା ଛଳେ ॥
ବାଗର ମାନବ ଉପାୟ । ଯହିଁ ହାରିଲେ ବଳରାୟ ॥
ଏଣୁ ବାଗର ଲୋକଙ୍କର । ହୃଦୟ କୁହଇ ଗୋଚର ॥
ମୋର ସଦୃଶେ ତୁ କୁମର । ତୋତେ କି ଦ୍ରବ୍ୟ ଅଗୋଚର ॥
ଏମନ୍ତ ବାକ୍ୟେ ବୋଧ କଲେ । ଫଳତ ଗଣପତି ନେଲେ ॥
ଏ ପଥେ ସେହି ଫଳମତ । ତ୍ୱରିତେ କୃଷ୍ଣ ପରିତାତ ॥

( 2 )

ଜ୍ଞାନ ବୋଲନ୍ତି ମନ ଶୁଣ । ରାଜାଙ୍କୁ କହେ ତପୋଧନ ।
ସୁତତ୍ତ୍ୱେ ଶୁଣ ମହାଭୂପ । ଶ୍ରୀଗୋପୀ ଗୋବିନ୍ଦସ୍ୱରୂପ ।
ପରମ ଆତ୍ମା ଭଗବାନ । ରାଧିକା ଜୀବ ଆତ୍ମା ଜାଣ ।
ରାଧିକା ଅଂଶେ ଯେତେ ଗୋପୀ ; ସେ କୃଷ୍ଣ ଜୀବନ ସ୍ୱରୂପୀ ।
ପରମେ ମିଶିପାରେ ଜୀବ । ଆନକୁ ଅଟଇ ଅସମ୍ଭବ ।
ଜୀବ ପରମ ଏକ ଜାଣ । ଭୋଗ ସଂଯୋଗ ଭିନ୍ନ ଭିନ୍ନ ।
ଯେସନେ ବୀଜ ବେନିଫାଳ । ଏକେ ସେ ନୁହେ ବେନିଫାଳ ।
ଦ୍ୱି ଅର୍ଦ୍ଧ ଏକ ପୂର୍ଣ୍ଣ ହୋଇ । ଏଣୁ ସେ ଏକ ଅଙ୍ଗହୁଇ ।
ଯେ ପାରେ ଗୋପୀ ଅଙ୍ଗେ ପଶି । ସେ ପାରେ କୃଷ୍ଣ ଅଙ୍ଗେ ମିଶି ।
ବେଦ ଯେ ବ୍ରହ୍ମରୁ ପ୍ରକାଶି । ବ୍ରହ୍ମ ରହିଛି ବେଦେ ମିଶି ।
ବେଦର ଆତ୍ମା ଭଗବାନ । ବେଦ ତା ତତ୍ତ୍ୱର ପ୍ରମାଣ ।
ଦେହରେ ଆତ୍ମା ଯେହ୍ନେ ଥାଇ । ଦେହ ତହିଁରେ ନ ମିଶଇ ।
ଏରୂପେ ବେଦେ ବ୍ରହ୍ମ ପୂରି । ବେଦ ନ ଜାଣେ କର୍ତ୍ତୃକରି ।
ସଂପୂର୍ଣ୍ଣ ବେଦମୟୀ ବ୍ରହ୍ମ । ବେଦ ନ ଜାଣେ ତାର ମର୍ମ୍ମ ।
ଏରୂପେ ବ୍ରହ୍ମ ବେଦାନ୍ତର । ଦେହରେ ଆତ୍ମା ଯେ ପ୍ରକାର ।
ଯେ ବେଦ ଅଂଶୀ କନ୍ୟାଗଣ । କୃଷ୍ଣର ବନିତା ବିଧାନ ।
ନିଜ ଭାରିଜା ପାଟବଣୀ । ଜାନୁରେ ଥାନ୍ତି କୋଳେ ବସି ।
ହୃଦେ ଜଡ଼ିତ ରତି ସ୍ନେହ । କେବଳ ଭିନ୍ନ ଭିନ୍ନ ଦେହ ।
ଅଙ୍ଗେ ଯେ ଅଙ୍ଗ ନୋହେ ଲୀନ । ଏଣୁ ଏ ବନିତା ବିଧାନ ।
ଯେ କନ୍ୟାଗଣ ମୁନି ଅଂଶୀ । କୃଷ୍ଣର ଦେହଲଗା ଦାସୀ ।
ନିଜ ଭାରିଜା ସମସରି । ତାହାଙ୍କ ଗୁଲେ ପ୍ରୀତି କରି ।
କୃଷ୍ଣ କରନ୍ତି ସ୍ନେହ ଅତି । ସେ ଦାସୀଭାବ ନ ଛାଡ଼ନ୍ତି ।
କୃଷ୍ଣ ଆସନେ କୃଷ୍ଣ ଶେଯେ । ଭରସି ନ ପାରନ୍ତି ସେଯେ ।
ଜଣାନ୍ତି ଶିରେ କର ଦେଇ । ଖଣ୍ଡେ ଦୂରରେ ଉଭାହୋଇ ।
ଆଘ୍ରାଣ ପୁଷ୍ପ ନ ଦିଅନ୍ତି । ମୁକତ ମୁଖେ ନ ହସନ୍ତି ।
ମିଳନ୍ତି ଶୟନ ଭୁବନେ । ବସନ୍ତି ଚରଣ ସେବନେ ।
କୃଷ୍ଣ ତାହାଙ୍କୁ ବଳେ ନେଇ । ପଲ୍ୟଙ୍କ ସଙ୍ଗତେ ଶୁଆଇ ।
* * * * * । * * * * *

ଚତୁର୍ଥ ଅଧ୍ୟାୟ

ଜ୍ଞାନ ବୋଲନ୍ତି ମୁନି ଶୁଣ । ମୁନି କହନ୍ତି ହେ ରାଜନ ।
ଶୁଣି ହେଲେ କୃତ କୃତ । ବିଚିତ୍ର ଗୋବିନ୍ଦ ଚରିତ ।

ଗୋପୀଏ ବଂଶୀବଟ ତଳେ । ବିଚାର ହୃଦୟ-କମଳେ ॥
ଏକ ଗୋପୀ କହେ ଶୁଣ । ଏଗଲା ଏକାଦଶୀ ଦିନ ॥
ସୁଜ୍ଞାନ ପଣ୍ଡା ଏହା କହି । ଏ କୃଷ୍ଣ ସର୍ବ ଘଟେ ରହି ॥
ଏ ଗୋ ସବୁଙ୍କୁ ଦେଖୁଥାନ୍ତି । ଏହାଙ୍କୁ କେହି ନ ଦେଖନ୍ତି ॥
ଏ କଥା ତାର ମୁଖୁଁ ଶୁଣି । ମୁଁ ଆଜି ମନେ ମନେ ଗୁଣି ॥
ଏମନ୍ତ ଚୋର ଘୋର ବନେ । ଆମ୍ଭେ ଗୋ! ଧରିବା କେମନେ ॥
ସୁଚେତା କହେ ଏହା ଶୁଣି । ମୁଁ ବିପ୍ର ମୁଖୁଁ ଅଛି ଶୁଣି ॥
ପୂର୍ବେ ଯେ ହିରଣ୍ୟ କୁମର । ସେହି ସେବକ ଗୋବିନ୍ଦର ॥
ତାହାକୁ ଧରି ତା ବଇରୀ । ବୋଇଲା କାହିଁ ତୋର ହରି ॥
ସେ ତାକୁ ବୋଇଲା ରେ ଶୁଣ । ଜଗତେ ପୂର୍ଣ୍ଣ ଭଗବାନ ॥
ରଖିବ ବୋଲି ନିଜ ଦାସ । ଏ ସ୍ତମ୍ଭେ ହୋଇବେ ପ୍ରକାଶ ॥
ସେ ସ୍ତମ୍ଭ ସ୍ୱଭାବେ ପଥର । ତହୁଁ ସେ ହୋଇଲେ ବାହାର ॥
ଏରୂପେ ମଲା ତା ବଇରି । ପ୍ରକାଶ ସେହି ରୂପ ଧରି ॥
ସେ ମନ ସ୍ତମ୍ଭେ ଦୃଢ଼ କଲା । ସ୍ତମ୍ଭେ ଗୋବିନ୍ଦକୁ ପାଇଲା ॥
ଆମ୍ଭର ମନ ଯେବେ ସତ । ଯାଇଛି ଗୋବିନ୍ଦ ସଙ୍ଗତ ॥
ସେ ଧରି ଅଣିମ ପ୍ରମାଣ । ଏ କଥା ମୂଳ କରି ଜାଣ ॥
ସୁଧର୍ମ୍ମ ବୋଲନ୍ତି ବିଚାର । କାୟା ବଚନ ମନେ ଧରି ॥
କୃଷ୍ଣକୁ କେ ଧରି ପାରିବ । ବ୍ରହ୍ମା ବାସୁକୀ ବାସଦେବ ॥
ଯଜ୍ଞାଦି ନାନା ଧର୍ମ୍ମେ ସତ । କୃଷ୍ଣ ହୁଅନ୍ତି ପରାପତ ॥
ପୂର୍ବେ ଯେ ବଳି ଦଣ୍ଡଧାରୀ । ଯଜ୍ଞାଦି ନାନା କର୍ମ କରି ॥
ତା ନିଜ କର୍ମ ଦେଖି । ଭିଖାରୀ ହେଲା ପଦ୍ମମୁଖୀ ॥
ଏବେ ଗୋ ଦେଖ ଧର୍ମବଳ । ଗୋବିନ୍ଦ ତାର ଦ୍ୱାରପାଳ ॥
ଏଣୁ ଜାଣିଲୁଁ କଥା ସତ । କୃଷ୍ଣଟି ଧର୍ମରେ ପ୍ରାପତ ॥
ଯେବେ ଆମ୍ଭର ଧର୍ମ ଥିବ । ତାହାର ଇଚ୍ଛାରେ ଆସିବ ॥
ସୁଧର୍ମା ମୁଖୁଁ ତାହା ଶୁଣି । ବୋଲନ୍ତି ରାଧା ଠାକୁରାଣୀ ॥
ଶୁଣ ସୁଧର୍ମା ଆଗେ ଆସ । କହିବା ତତ୍ତ୍ୱ ଉପଦେଶ ॥
ଏ ନାନା ମତେ ଧର୍ମ କରି । ପ୍ରାପତ ହୁଅନ୍ତି ଶ୍ରୀହରି ॥
ଏ ଧର୍ମଫଳ କରି ପୂର୍ଣ୍ଣ । ଅନ୍ତର ହୋନ୍ତି ଭଗବାନ ॥
ଏ ପରାପତ ଚିର ନୁହେ । ପୁଣି ପଡ଼ଇ ମାୟାମୋହେ ॥
ଖାତକ ଶୁଝିଗଲେ ଋଣ । ସାହୁର ନାହିଁ ପ୍ରୟୋଜନ ॥
ତଦିତ ଶୁଝି ଧର୍ମଋଣ । ଅନ୍ତର ହୋନ୍ତି ଭଗବାନ ॥
ନବଧା ଭକ୍ତି ମଧ୍ୟେ ଜାଣ । ସବୁରି ପ୍ରେମଟି ପ୍ରଧାନ ॥
ପ୍ରେମେ ଅବଶ୍ୟ କୃଷ୍ଣ ପାଇ । କୃଷ୍ଣ ଯେ ନୀରୋଳେ ରହି ॥
ଅପ୍ରୀତି ପ୍ରୟୋଜନେ ତାର । ଗୋବିନ୍ଦ ସହଜେ ଅନ୍ତର ॥

ଆମ୍ଭର ପ୍ରୟୋଜନ ପ୍ରେମ । ଏଣୁ ଏ ନୁହଇ ଉତ୍ତମ ॥
ଆମ୍ଭର ନିଜ ପ୍ରୟୋଜନେ । ଆସିଲୁ ତୋର ବେଣୁସ୍ୱନେ ॥
ପ୍ରୟୋଜନରେ ପ୍ରେମ ଦେଖି । ଗୋବିନ୍ଦ ଗଲେଟି ଉପେକ୍ଷି ॥
ଏବେହେଁ ନିଜ ପ୍ରୟୋଜନେ । ତାହାଙ୍କୁ ଖୋଜୁଅଛୁ ବନେ ॥
ଅପ୍ରୟୋଜନ ପୂର୍ଣ୍ଣ କରି । ନିଶ୍ଚୟ ଛଡ଼ିପିବ ହରି ॥
ଛଡ଼ିଲା ଉତ୍ତାରେ ଆମ୍ଭର । ହୋଇବ ପ୍ରେମ ବଳୟାର ॥
ଦର୍ଶନ ବାଞ୍ଛା ମାତ୍ର ଥିବ । କାଳେ ଦର୍ଶନ ଯେ ନୋହିବ ॥
ଦର୍ଶନେ ନ ରସିବ ମନ । ଏକାନ୍ତ ପ୍ରେମରେ ନିମଗ୍ନ ॥
ଦର୍ଶନ ସ୍ପର୍ଶନରେ ଇଚ୍ଛା । ନ ଥିବ କିଛି ମନ ବାଞ୍ଛା ॥
ତେବେ ଲଭିବା କୃଷ୍ଣରସ । କୃଷ୍ଣ ହୋଇବେ ଆମ୍ଭ ବଶ ॥

( 3 )

ଜ୍ଞାନ ବୋଲନ୍ତି ମନ ଶୁଣ । ଶ୍ରୀଶୁକ ଦେବଙ୍କବଚନ ॥
କହନ୍ତି ଶୁଣ ନୃପମଣି । ବ୍ରଜର ସକଳ ଗୋପିନୀ ॥
ସମେ ହୋଇଲେ ଚାରିଭାଗ । ଖୋଜିଲେ ବନ ଚାରିଦିଗ ॥
ପୂର୍ବେ ଯେ ଗୋପାଙ୍ଗନା ପଶି । ପଶ୍ଚିମ ଦିଗେ ମୁନି ଅଂଶୀ ॥
ଉତ୍ତରେ ଅମର ଦୁହିତା । ଦକ୍ଷିଣେ ନିଗମ ବନିତା ॥
ଯେ ଯାହା ଭାବ ଅନୁସାରେ । କୃଷ୍ଣଙ୍କୁ ଡାକନ୍ତି ବନରେ ॥
ଚତୁର୍ଥ ଦଶା ବିରହର । ଗୁଣ ଉଙ୍ଗର ଉଚ୍ଚସ୍ୱର ॥
ବେଦ କନ୍ୟାଏ ବନେ ଡ଼ରି । ସେ ନିଜ ଶକତି ସୁମରି ॥
ଜ୍ଞାନ ପାଇଲେ ଛାଡ଼ି ଭ୍ରମ । ଜାଣିଲେ କୃଷ୍ଣ ପୂର୍ଣ୍ଣ ବ୍ରହ୍ମ ॥
ଆମ୍ଭେ ସକଳ ବେଦ ଅଂଶୀ । ଶ୍ରୀକୃଷ୍ଣ ଶ୍ରୀଗୋଲକବାସୀ ॥
ଚେତିଲେ କୃଷ୍ଣଙ୍କୁ ଚେତାଇ । ଡାକିଲେ ବେଦାନ୍ତ ମିଶାଇ ॥
କୃଷ୍ଣର ଦେହେ ସେ କାମିନୀ । ବେଦାନ୍ତ ମତ ତତ୍ତ୍ୱଜ୍ଞାନୀ ॥
ସ୍ତୁତତ୍ତ୍ୱେ ଶୁଣ ନୃପଗଣ । ଯେ ବେଦ କନ୍ୟାଙ୍କ ବଚନ ॥
ହେ ନିତ୍ୟ ସତ୍ୟ ତତ୍ତ୍ୱ ଅଜ । ସଚ୍ଚିଦାନନ୍ଦ ବ୍ରହ୍ମବୀଜ ॥
ହେ ନିରଞ୍ଜନ ନିରାକାର । ନିରବଲମ୍ବ ନିରାଧାର ॥
ତୋହର ଆଦି ଅନ୍ତ ନାହିଁ । ନୂତନ ପୁରାତନ କାହିଁ ॥
ବାଲ ଯୁବାଙ୍କ ଧୈର୍ଯ୍ୟ ବୃଦ୍ଧ । ତୋହର ଯହିଁ ଜନ୍ମବଧ ॥
ଦୀର୍ଘ ବା ପ୍ରତି ପୁଷ୍ଟ କ୍ଷୀଣ । ଉଚ୍ଚ ବା ତୁଚ୍ଛ ମଧ୍ୟମାନ ॥
ତୁ ନୋହୁ ଅଳ୍ପ ବହୁତ । ଅବ୍ୟୟ ଅପୂର୍ବ ଅତୀତ ॥
ତୋତେ ନ ଦେଖଇ ନୟନ । ଶୁଣି ନ ପାରଇ ଶ୍ରବଣ ॥
ତୁ ବର୍ଣ୍ଣି ବେଦରୁ ବାହାର । ଠୁଲ ଶୂନ୍ୟରୁ ଅଭ୍ୟନ୍ତର ॥
ତୋ ମଧ୍ୟେ ଅଶେଷ ସଂସାର । ତୁ ନୋହୁ ବାହାର ଭିତର ॥

ତ୍ରିଗୁଣ ତ୍ରିବେଦ ତ୍ରିପୁର । ଅନିଚ୍ଛା ଶକ୍ତି ଏ ତୋହର ॥
ତୋର ଅନିଚ୍ଛା ଶକ୍ତି କର୍ମ । କର୍ମେ ବ୍ରହ୍ମାଦି ଦେବେ ଭ୍ରମ ॥
କର୍ମେ ଅଧୀନ ଏ ଜଗତ । କର୍ମର ପଥେ ଆତଯାତ ॥
ଉତ୍ପତ୍ତି ସ୍ଥିତି ପୁଷ୍ଟି କ୍ଷୟ । ଏ ଗୃର କଥା କର୍ମ୍ମମୟ ॥
କାୟ ବଚନ ମନେ ଧରି । ଏ ଗୃର ପଥେ କର୍ମ୍ମ କରି ॥
ଏ ତିନି ପଥେ ଅଗୋଚର । ଏଣୁ ତୁ କର୍ମରୁ ବାହାର ॥
କର୍ମ ନ ପାରେ ତୋତେ ଛୁଇଁ । ଜଳେ ନ ତିନ୍ତେ ଯେହ୍ନେ ଖଇ ॥
କର୍ମ କେବଳ ତୋର ମାୟା । ଦେହୁଁ ଜନ୍ମଇ ଯେହ୍ନେ ଛାୟା ॥
ଦେହର ତହିଁ ଶ୍ରମ ନାହିଁ । ଏରୂପେ ସୃଷ୍ଟି ତୋର ତହିଁ ॥
ନିଶ୍ୱାସ ଆତଘାତ ପ୍ରାୟେ । ଅକ୍ଳେଶେ ଉତ୍ପତ୍ତି ପ୍ରଳୟେ ॥
ହୁଅଇ ଅଶେଷ ସଂସାର । ଏମନ୍ତ ମହିମା ତୋହର ॥
ତୋର ତୁଳଣା ଅଟୁ ତୁହି । ଆନ ଉପମା ତୋର ନାହିଁ ॥
କର୍ପୂର କସ୍ତୁରୀ ଚନ୍ଦନ । ବିବିଧ ଫଳ ଫୁଲମାନ ॥
ତାହାଙ୍କ ମଧ୍ୟେ ଥାଇ ବାସ । ଅଦୃଷ୍ଟି ପ୍ରତ୍ୟକ୍ଷେ ପ୍ରକାଶ ॥
ବାସନା ଅବଲମ୍ବେ ଥାଇ । ପବନ ସଙ୍ଗତେ ଚଳଇ ॥
ଏଣୁ ଏ ବାସନା ବିଗୃର । ତୋତେ ନୁହଇ ପଟାନ୍ତର ॥
ରବି ଶଶାଙ୍କ ଅଗ୍ନି ମଣି । ତାରା ଜଡ଼ିତ ଜ୍ୟୋତିମଣି ॥
ଜ୍ୟୋତି ଏ ଅବଲମ୍ବେ ଥାନ୍ତି । ଉଦୟ ଅସ୍ତ ସେ ହୁଅନ୍ତି ॥
ଏଣୁ ଏ ଜ୍ୟୋତିର ବିଗୃର । ନୁହଇ ଉପମା ତୋହର ॥
ଜୀବ ପରମ ବ୍ରହ୍ମ ଅଂଶ । ଏ ବନ୍ଧ ମୁକ୍ତିରେ ପ୍ରବେଶ ॥
ତୋହର ବନ୍ଧ ମୁକ୍ତି ନାହିଁ । ଚଳ ପ୍ରଚଳ ଅବା କାହିଁ ॥
ଏଣୁ ଏ ଆତ୍ମାର ବିଗୃର । ତୋତେ ନୁହଇ ପଟାନ୍ତର ॥
ମତ୍ସ୍ୟାଦି ଅବତାର ମାନ । ଏଥିରୁ ଭିନ୍ନ ଭଗବାନ ॥
ରାଉତ ଯେହ୍ନେ ରଣେ ଯାଇ । ଶରୀରେ କବଚ ଢାଙ୍କଇ ॥
ସଂଗ୍ରାମେ ଶତ୍ରୁ କ୍ଷୟ କରି । କବଚ ବେଗେ ପରିହରି ॥
କବଚ ନୋହେ ତା ଶରୀର । ଏରୂପେ ତୋର ଅବତାର ॥
ଅନାଦି ଅନନ୍ତ ଅପାର । ଶୂନ୍ୟ ଅବ୍ୟୟ ନିରାକାର ॥
ତା ରୂପ ଅରେଖ ଅଟଇ । ଶୂନ୍ୟକୁ କାଳ ନ ଘୋଟଇ ॥
ଶୂନ୍ୟର ଅସ୍ତି ନାସ୍ତି କହି । ଏଣୁ ତୋ ତୁଳଣା ନୁହଇ ॥
ନାସ୍ତିରେ ତୋର ଅସ୍ତି ଅଛୁ । ନାସ୍ତିକ ତୋର ତୁଲେ ଗଛୁ ॥
ଏଣୁ ଏ ଶୂନ୍ୟର ବିଗୃର । ନୁହଇ ସମାନ ତୋହର ॥
ସଚ୍ଚିଦାନନ୍ଦ ଭାବ ତିନି । ଦେହ ଆତ୍ମାରେ ଅନୁମାନି ॥
ଯେଠାରେ ଦେହ ଆତ୍ମା ନାହିଁ । ସଚ୍ଚିଦାନନ୍ଦ ଭାବଗ୍ରାହୀ ॥
ଏଣୁ ସଚ୍ଚିଦାନନ୍ଦ ଭାବ । ଏଥୁ ତୁ ଅନେକ ଦୁର୍ଲ୍ଲଭ ॥

ଶବଦ ବ୍ରହ୍ମ ତୋର ନାମ । ସେ ନିତ୍ୟ ସତ୍ୟ ନିରୂପମ ॥
କାହୁଁ ସ୍ଫୁରଇ କେବା ସ୍ଫୁରେ । ନିରବଲମ୍ବ ନିରାଧାରେ ॥
ସେ ନାଦ ଅନ୍ତର ବାହାରେ । ସମାନ ଦଶ ଦିଗନ୍ତରେ ॥
ଅବ୍ୟୟ ନାଦ ଅନାହତ । ସର୍ବଦା ଶୁଭେ ଏକମତ ॥
ଅବର୍ଣ୍ଣ ଅବିନାଶ ଧ୍ୱନି । କର୍ଣ୍ଣ ମୁଦିଲେ ତାହା ଶୁଣି ॥
ପ୍ରଳୟ ସୃଷ୍ଟି ପୁଷ୍ଟି କ୍ଷୟ । ତୋ ନାମ ନାଦରୁ ଉଦୟ ॥
ଯେସନେ ଶିଶିର ପ୍ରବେଶେ । କାକର ଆକାଶରୁ ଖସେ ॥
କାରୁଣ୍ୟ ସିନ୍ଧୁ ପୂର୍ଣ୍ଣ ହେଲେ । ତୋ ନାମ ଅମୃତ ନ ଗଲେ ॥
ବ୍ରହ୍ମା ଆୟୁଷ ଦେହ ବହି । ମନହୁଁ ବେଗେ ଯେବେ ଯାଇ ॥
ନ ପାଇ ତାର ସ୍ଥଳକୂଳ । ଏରୂପେ ସେ କାରୁଣ୍ୟ ଜଳ ॥
ସେ ଜଳେ ଆଦି ନାରାୟଣ । ନାମ ବ୍ରହ୍ମରୁ ଉତପନ୍ନ ॥
ଚୁମ୍ବକ ଲୋହ ପ୍ରାୟେ ହୋଇ । ସେ ନାନା ଅବଲମ୍ବେ ଥାଇ ॥
ଯେସନେ ତୋର ବେଣୁସ୍ୱନ । ନଦୀକି କରେ ଉଯାଣ ॥
ତଦ୍‌ବତ ତୋର ନାଦସ୍ୱନ । କାରୁଣ୍ୟ ସିନ୍ଧୁକୁ ମନ୍ଥନ ॥
ଅନନ୍ତ ନିଶ୍ୱାସ ସମୀର । ତରଙ୍ଗ ଧର ଏ ସାଗର ॥
ତରଙ୍ଗ ମଧ୍ୟୁଁ ଜାତ ହୋଇ । ତାହାକୁ ମହାବିଷ୍ଣୁ କହି ॥
ଅନନ୍ତ ନାଗ କୋଳେ ଯାଇ । ସେ ମହାବିଷ୍ଣୁ ସୁଖେ ଶୋଇ ॥
ନାଦ ଶବଦେ ଦେଇ ମନ । ସେ ବିଷ୍ଣୁ କରନ୍ତି ଶୟନ ॥
ଶୟନ ବେଳ କାଳ ଜାଣି । ତହୁଁ ଜନ୍ମିଲେ ଦ୍ୱି ତରୁଣୀ ॥
ପଦ୍ମିନୀ ଚିତ୍ରିଣୀ ସେ ବେନି । ସପତ ସଙ୍ଗାତ କୁହେନି ॥
ନାମ ଯେ ଲକ୍ଷ୍ମୀ ସରସ୍ୱତୀ । ସେ ବିଷ୍ଣୁ ଚରଣେ ସେବନ୍ତି ॥
ଶୟନେ ବିଷ୍ଣୁ ଅଚେତନ । ନାଭିରୁ ଜନ୍ମିଲା ନଳିନ ॥
ଅଶେଷ ମେରୁତୁଲ୍ୟ ହୋଇ । ଗଗନେ ବଢ଼ି ଯାଉଥାଇ ॥
ତେବେହେଁ ନାଗ ଫଣା ଯାଏ । ସେ ପଦ୍ମ କେବେହେଁ ନ ଯାଏ ॥
ଫଣାର ତଳେ ଅତି ଦୂରେ । ଫୁଟଇ ଅଶେଷ ଦଳରେ ॥
ତହିଁ ସହସ୍ରଦଳ ସାର । ତା ମଧ୍ୟେ ଷୋଡ଼ଶ ବିସ୍ତର ॥
ଷୋଡ଼ଶେ ସାର ଅଷ୍ଟଦଳ । କର୍ଣ୍ଣିକା କେଶର ଅମୂଲ୍ୟ ॥
କେଶର ମଧ୍ୟେ କଳ୍ପବୃକ୍ଷ । ମଣି ମଣ୍ଡପ ସୁପ୍ରତ୍ୟକ୍ଷ ॥
ମଣ୍ଡପ ମଧ୍ୟେ ରହି ବେଦୀ । ସେ ଚନ୍ଦ୍ରାମଣିରେ ଆଚ୍ଛାଦି ॥
ବେଦୀ ଉପରେ ସିଂହାସନ । ସେ ପଦ୍ମରାଗ ସୁଗଠନ ॥
ସିଂହାସନର ପ୍ରଭା ଦିଶେ । ଚନ୍ଦ୍ରମଣ୍ଡଳ ପ୍ରଭା ହସେ ॥
ମଧ୍ୟରେ ସିଂହାସନ କାନ୍ତି । ନିର୍ଧୂମ ଅଗ୍ନି ପ୍ରାୟେ ଜ୍ୟୋତି ॥
ଜ୍ୟୋତିର ମଧ୍ୟେ ସୁଶୋଭନ । ବିଚିତ୍ର ସୁବର୍ଣ୍ଣ ଆସନ ॥
ସେ କଳ୍ପ ବୃକ୍ଷ ଆଚ୍ଛାଦନ । ସମତା ଚଉର ଯୋଜନ ॥

ଦ୍ୱାଦଶ ବୃନ୍ଦାବନ ଭେଦ ।   ବହେ କାଳନ୍ଦୀ ନାମେ ନଦୀ ॥
ଶ୍ୟାମ ରାଧିକା ବେନିକୁଣ୍ଡ ।   ଯହିଁ ପାଲଟେ ନିଜ ପିଣ୍ଡ ॥
ବ୍ରହ୍ମାଦି ରୁଦ୍ର କୁଣ୍ଡ ଯହିଁ ।   ଶୁକ ସନକାଦି ଯେ ତହିଁ ॥
ତା ମଧ୍ୟେ ସପ୍ତ ଆବରଣ ।   ନବମ ଭେଦୀ ବିସ୍ତରଣ ॥
ଅଶେଷ ଲୀଳା ପୂରି ।   ସତେ କି ପାସୋରନ୍ତି ହରି ॥
ଯେଣୁଟି ମହିମା ତୋହର ।   ବ୍ରହ୍ମାଦି ଦେବେ ଅଗୋଚର ॥
ବିଷ୍ଣୁର ଲୋମ ଅଛି ଲମ୍ବି ।   ଅଶେଷ ବ୍ରହ୍ମାଣ୍ଡକୁ ସ୍ତମ୍ଭି ॥
ହେ କୃଷ୍ଣ କେଳି ଅବତଂସ ।   ସେ ମହାବିଷ୍ଣୁ ତୋର ଅଂଶ ॥
ତୁ ପରମ ବ୍ରହ୍ମ ଅବିନାଶୀ ।   ଆମ୍ଭେ ତୋହର ନିଜ ଦାସୀ ।
ଏ ବ୍ରଜଭୂମି ବୃନ୍ଦାବନ ।   ଗୁପତେ ପ୍ରେମ ମର୍ମ୍ମସ୍ଥାନ ॥
ଏ ପ୍ରେମେ ମିଶି ନାହିଁ ଭୟ ।   ଏଣୁ ତୁ କରିବୁ ସଞ୍ଚୟ ॥
ନବୀନ ରସିକ ନାଗର ।   ସୁନ୍ଦର ସୀମା ନଟବର ॥
ସଙ୍ଗୀତ ବିଦ୍ୟାରେ ବ୍ୟୁତ୍ପନ୍ନ ।   ଅପୂର୍ବ୍ବ ପୁରୁଷ ରତନ ॥
ସର୍ବ୍ବଙ୍କ ଚତୁର ଚନ୍ଦ୍ରମା ।   ସକଳ ଗୁଣେ ଅନୁପମା ॥
ଧ୍ୟାନ ବିଧାନ ରୂପ ଧରି ।   ବଂଶୀ ବିନୋଦ ନାଦ କରି ॥
ଗୋଲକ ବାଞ୍ଛା ବୃକ୍ଷ ମୂଳେ ।   ମଣି ମଣ୍ଡପ ମଧ୍ୟସ୍ଥଳେ ॥
ପାଦରେ ପାଦ ଛନ୍ଦି ଦେଇ ।   ତ୍ରିଭଙ୍ଗୀ ଭଙ୍ଗେ ଉଭା ହୋଇ ॥
ଅବଲମ୍ବନ କଳ୍ପତରୁ ।   ବଂଶୀବିନୋଦ ନାଦ କରୁ ॥
ପ୍ରଥମ ବଂଶୀ ଉଚ୍ଚାଟନ ।   ପ୍ରକାଶେ ବେଦ କନ୍ୟାଗଣ ॥
ସ୍ତମ୍ଭନ ବଂଶୀ ନାଦ ଶୁଣି ।   ଉଦିତ ଦେବତା ନନ୍ଦିନୀ ॥
ବଶୀକରଣ ନାଦ ବଂଶୀ ।   ତହୁଁ ଜନ୍ମିଲେ ମୁନି ଅଂଶୀ ॥
ମୋହ ନାଦ ଯେ ମୂରଲୀ ।   ତହୁଁ ବିଦିତ ବ୍ରଜବାଳୀ ॥
କନ୍ୟାଙ୍କ ଜନ୍ମ ଏ ବିଧାନ ।   ଷୋଳ ସହସ୍ର ଚତୁର୍ଗୁଣ ॥
ରାଧିକା ସଙ୍ଗେ ଚତୁରାକ୍ଷ ।   ଦ୍ୱିଆଡ଼ୁ ଜନ୍ମଇ କଟାକ୍ଷ ॥
କଟାକ୍ଷୁ କାମ ପ୍ରେମ ଜାତ ।   ସୁରତି ରସେ ବନ୍ଦେ ଚିତ୍ତ ॥
ରବୀ ମୃଦଙ୍ଗ ବୀଣା ତାଳ ।   ବିବିଧ ବାଦ୍ୟ ସୁର ଆଳ ॥
ନାନା ବିନୋଦ ଅଭିଳାଷେ ।   ରତି ସହାସ୍ୟ ପରିହାସେ ॥
ଏହାଙ୍କ ମଧ୍ୟେ ତୁମ୍ଭେ ଥାଇ ।   ବିରହ ବିକାର ଦେଖାଇ ॥
ସମସ୍ତେ ହୋଇଲୁଁ ଚକିତ ।   ଏ ଲୋକେ ଏକି ବିପରୀତ ॥
ଏ ନିତ୍ୟେ ଅଇଶ୍ୱର୍ଯ୍ୟ ସୁଖ ।   ଏଠାରେ ନାହିଁ ଦୁଃଖ ସୁଖ ॥
ଏମନ୍ତ ବୋଲି ଏକମେଳେ ।   ପଡ଼ିଲୁ ତୋର ପାଦତଳେ ॥
ସବୁଙ୍କୁ କରି ଶାନ୍ତ ଚିତ୍ତ ।   ବୋଇଲୁ ଶୁଣ ଏ ବୃତ୍ତାନ୍ତ ॥
ଏ ଯେ ଶୃଙ୍ଗାର ରସସାର ।   ବିସ୍ତରେ ଏ ଚାରି ପ୍ରକାର ॥
ସ୍ୱକ୍ରିୟା ସମାନ ବିଟପୀ ।   ଚତୁର୍ଥେ ଶୁଦ୍ଧା ପ୍ରେମାରୂପୀ ॥

ପ୍ରକ୍ରିୟା ରସ ଭେଦ ଦୁଇ । ବିଟପୀ ଶୁଦ୍ଧ ପ୍ରେମା ହୋଇ ॥
ଶୁଣ ଏ ଦୁଇଙ୍କ ପ୍ରକାର । ଯେ ଯେଉଁ ପ୍ରକାରେ ପ୍ରଚାର ॥
ସ୍ୱକ୍ରିୟା ସ୍ୱତନ୍ତ୍ରା ନାରୀ । ତାହାକୁ ଆଣି ବିଭା କରି ॥
ତହିଁ ନିର୍ମଳ ପ୍ରେମ କିବା । ଦଇବ ଯୋଗେ ସିନା ବିଭା ॥
ବର କନ୍ୟାର କି ଆୟତ୍ତ । ସେ କୁଳାଚାର ବିଧିମତ ॥
ଔଷଧ ଯେହ୍ନେ ନ ରୁଚଇ । ବ୍ୟାଧି ସଂଯୋଗ ବଳେ ଖାଇ ॥
ଏରୂପେ ଭୋଗ କନ୍ୟାବର । ଅବା ମିଳଇ ପରସ୍ପର ॥
ଲଜ୍ଜା ଏହାର ମୂଳଧନ । ଏ କୁଳବଧୂଙ୍କ ଲକ୍ଷଣ ॥
ଏଥିରେ କି ପ୍ରେମ ପ୍ରଧାନ । ସମାନ ରସ ଏବେ ଶୁଣ ॥
ଯେ ନାରୀ ଧନ ଲୋଭ ପାଇ । ଧନେ ସୁରତ ରସ ଦେଇ ॥
ସେ ନାରୀ ଗଣିକା ସଦୃଶ । ତାକୁ ରମନ୍ତି କୁ ପୁରୁଷ ॥
ରସିକ ପୁରୁଷ ନିର୍ଦ୍ଧନେ । ସେ ନାରୀ ଛାଡ଼ଇ ବିହନେ ॥
ବିଟପୀରସ ଏବେ ଶୁଣ । ପାଇଲେ ପୁରୁଷ ନିର୍ଦ୍ଧନ ॥
ଗାଢ଼ ସୁରତ ଯହିଁ ପାଇ । ତା ମନ ତାହାକୁ ରମଇ ॥
ସୁରତ ଆଶାରେ ବିଶେଷ । ତା ତହିଁ ପାଇଲେ ପୁରୁଷ ॥
ତା ବୋଲେ ତାକୁ ନାଶ କରେ । ତା ସୁଖେ ଏକାନ୍ତ ବିହରେ ॥
ଏରୂପେ ବିଟପୀଙ୍କ ରସ । ତୁ ଯେ କହିଲୁ ପୀତବାସ ॥
ପୁଣି କହିବୁ ଏବେ ଶୁଣ । ଯେ ଶୁଦ୍ଧ ପ୍ରେମାର ଲକ୍ଷଣ ॥
ପ୍ରକ୍ରିୟା ମଧ୍ୟେ ଶୁଦ୍ଧ ପ୍ରେମା । କେ କହୁ ତାହାଙ୍କ ମହିମା ॥
ପ୍ରେମ କପୋତ ଇଚ୍ଛାକରି । ପୂଜନ୍ତି ଶଙ୍କରଗଉରୀ ॥
କାର୍ତ୍ତିକ ମକର ସ୍ନାହାନ । ଶକ୍ତି କ୍ରମରେ ଦ୍ୟନ୍ତି ଦାନ ॥
ପ୍ରେମିକ ପୁରୁଷ ପାଇବୁ । ଏ ଯଉବନ ତାକୁ ଦେବୁ ॥
ଏମନ୍ତେ ବାଞ୍ଛା କରି ମନେ । ପୂଜନ୍ତି ପାର୍ବତୀ ଚରଣେ ॥
ଯେବେ ବିଧାତା ବଶେ ଥାଇ । ଅନ୍ୟୈକ ପତି ବିଭା ହୋଇ ॥
ତା ସଙ୍ଗେ ଥାନ୍ତି ଲଜ୍ଜାଭରେ । ବନ୍ଦୀ ଯେସନେ ବନ୍ଧ ଘରେ ॥
ପ୍ରେମିକ ପୁରୁଷ ରତନ । ତାହାକୁ ହୁଅଇ ପ୍ରସନ୍ନ ॥
ନିର୍ମଳ ଶୁଦ୍ଧ ପ୍ରେମ ମୋହେ । ତକ୍ଷଣେ ପାସୋରନ୍ତି ଦେହେ ॥
ପରମ ଜୀବ ପ୍ରାୟେ ମିଶେ । ପିଣ୍ଡ ବ୍ରହ୍ମାଣ୍ଡ ଶୂନ୍ୟ ଦିଶେ ॥
ଦର୍ଶନ ମାତ୍ରକେ ଏ ଗତି । ଏମନ୍ତ ନିର୍ମଳ ପୀରତି ॥
ପ୍ରେମ-ପୀୟୂଷ ରସ ଖାଇ । ବିଷୟ ରସ ନ ଲାଗଇ ॥
ପ୍ରଭୁ ସେବକ ବଡ଼ ସାନ । ସେ ପ୍ରେମେ ନ ମିଶେ ଏମାନ ॥
ପ୍ରେମିକ ପୁରୁଷଟି ମୁହିଁ । ମୋ ତହିଁ ପ୍ରେମିକତା ନାହିଁ ॥
ତୁମ୍ଭେ ଯେ ନିତ୍ୟ ନାରୀଚୟ । ତୁମ୍ଭରେ ପ୍ରେମ ମିଶି ଭୟ ॥
ନିଷ୍ଠା ପ୍ରତିଷ୍ଠା ଶୁଦ୍ଧାଶୁଦ୍ଧ । ମିଶିଛି ଏ ବିଧିନିଷେଧ ॥

ପ୍ରେମରେ ଭୟ ମିଶେ ଯହିଁ ।   ଭୟ ଉହାଡ଼େ ମୁଁ ରହଇ ॥
ଏ ପ୍ରେମେ ମୋତେ ନ ଲଭଇ ।   ଦର୍ପଣ ପିଠି ପ୍ରାୟେ ହୋଇ ॥
ଛାଡ଼ ହେ କୃପଣ ପଣ ।   ପ୍ରେମ-ପୀୟୂଷ ଦିଅ ଦାନ ॥
ଏମନ୍ତ କହୁଁ କହୁଁ ଭୋଳେ ।   ସେ ଦିବ୍ୟଜ୍ଞାନ ପାସୋରିଲେ ॥
ଏକାନ୍ତ ପ୍ରେମେ ଦେଇ ମନ ।   ଅଧୈର୍ଯ୍ୟ ଦେବ କନ୍ୟାଗଣ ।
କାନ୍ଦନ୍ତି ସକତ ବଦନେ ।   ହା କୃଷ୍ଣ ଛାଡ଼ି ଗଲୁ କେଣେ ॥
ଦେଖାଅ ପ୍ରସନ୍ନ ବଦନ ।   ପରମ ଆନନ୍ଦ ସଦନ ॥
ଏରୂପେ ନାନା ବାକ୍ୟଭଣି ।   ଖୋଜିଲେ ନଗମ-ନନ୍ଦନୀ ॥

---

# ଚିତ୍ର ରାମାୟଣ

BY BISHWANATH KHUNTIA

## ଆଦ୍ୟ କାଣ୍ଡ

### ପ୍ରଥମ ଛାନ୍ଦ

ଗୁଣସାଗର ବାଣୀ

ଶ୍ରୀ ନୀଳଗିରିଶିଖରେ ବିଜେ ହରି ଦ୍ୱାଦଶ ଯାତ୍ରା ବିନୋଦେ ।
ସ୍ନାନ ଶ୍ରୀଗୁଣ୍ଡିଚା ଅୟନ ଶୟନ ପାରଣ୍ଡ ପାଲଟ ମୋଦେ ॥
ଦେବଉତ୍ଥାପନ ଓଢ଼ଣ ମକର ଦୋଳ ଦମନକ ଚୈତ୍ରୀ ।
ଚନ୍ଦନ ଚମ୍ପକ ଉତ୍ସବ ସହିତେ ଏ ବିଧି ଲୀଳା ଆଚରି ॥
ଦ୍ୱାଦଶ ଯାତ୍ରାରୁ ତିନଯାତ୍ରା ସାର ଦୋଳ ସ୍ନାନ ଶ୍ରୀଗୁଣ୍ଡିଚା ।
ସକଳ ଜୀବର ଅବଲୋକନରେ ପାତକସମୂହ ମୁଞ୍ଚା ॥
ଶ୍ରୀ ଜଗନ୍ନାଥ ଚଢ଼ିଣ ନନ୍ଦିଘୋଷ ଗୁଣ୍ଡିଚାଘରେ ବିଜୟ ।
ଦେଖି ନାଗ ନର ଗନ୍ଧର୍ବ କିନ୍ନର କରୁଥାନ୍ତି ଜୟ ଜୟ ॥
ରତ୍ନକୁଣ୍ଡଳ ମୁକୁଟ ବ୍ୟାଘ୍ରନଖ ହୀରଚୂଳ କଣ୍ଠମାଳ ।
ହୃଦୟ ପୂର୍ତ୍ତ ପଦକ ଘଣ୍ଟାଘଣ୍ଟି ପଦ୍ମମାଳ ପାଦତଳ ॥
ହେମ ଶ୍ରୀପୟରେ ହେମ ଯେ ଭୁଜରେ ଶୋହେ ହେମ ଧନୁର୍ବାଣ ।
ଯେବଣ ଦକ୍ଷିଣମୂର୍ତ୍ତି ଦର୍ଶନକୁ ଠାକଥାନ୍ତି ବିଭୀଷଣ ॥
ସିଂହଦ୍ୱାରେ ହରି ରଥରୁ ବିଜୟ କରନ୍ତେ କମଳା ଭେଟ ।
ସେହି ସମୟରେ ଜନସମୂହରେ ଫିଟିଲା ମୁଦକବାଟ ॥
ଠାକୁର ଠାକୁରାଣୀ ଚନ୍ଦ୍ର ଥାଳଣି ଦୁର୍ବାକ୍ଷତ ବନ୍ଦାପନା ।
ଜୟଧ୍ୱନି ଜଗତରେ ଯେ କରନ୍ତି ହୋଇଣ ଆନନ୍ଦମନା ॥

ଜୟ ବିଜୟ ଦ୍ୱାରେ ହରି ବିଜୟ କବାଟ ପଡ଼ିବା ଲୀଳା ।
ଅନେକମତେ ପ୍ରବୋଧିଣ ପ୍ରିୟାଙ୍କୁ କହିଲେ କମଳଡୋଳା ॥
ଉଦ୍‌ଗ୍ରନ୍ତରେ ହରି ପ୍ରିୟାଭେଟ ସାରି ରତ୍ନସିଂହାସନେ ବିଜେ ।
ଶ୍ରୀ ଦିବ୍ୟସିଂହ ଗଜପତି ଶ୍ରୀ ଜଗନ୍ନାଥ ଶ୍ରୀ ଚରଣେ ଭଜେ ॥
ଶୁଣ ହେ ସୁଜନେ ଶ୍ରୀରାମ ଚରିତ୍ର ଶତକୋଟି ଗ୍ରନ୍ଥ ସାର ।
ସୁଧାସାଗରୁ କୁଶଅଗ୍ରେ ଆଣନ୍ତେ ଅଇଲା ସେତେକ ନୀର ॥
ବାଲ୍ମୀକିମୁନି ରାମାୟଣ କରି କଲେକ ତାହା ରଚନା ।
ଚବିଶସହସ୍ର ଗ୍ରନ୍ଥ କଲେ ମୁନି ହୋଇଣ ଆନନ୍ଦମନା ॥
ସେ ରାମାୟଣ ଶତଭାଗ କରିଣ ଭାଗେ ତହିଁରୁ ଆଣିଲେ ।
ବିବିଧ ରାଗରେ ଉତ୍କଳଭାଷାରେ ଗୀତ କରିଣ ଗାଇଲେ ॥
ହେ ବୁଧଜନେ ! ନ ଘେନ ମୋର ଦୋଷ ଶ୍ରୀରାମ ଭକତି ଘେନ ।
କବିର ଦୋଷକୁ ବିଚାରି ନ କର ନମାମି ହେ କବିଜନ ॥
ରାମନାମ ମହା ପାତକନାଶନ ଜନ୍ମ ମୃତ୍ୟୁ ବିନାଶନ ।
ତେଣୁ ଏହି ନାମ ଗାୟନ କରନ୍ତି ଚତୁର୍ଦ୍ଦଶ ଲୋକମାନ ॥
ଚତୁରଆନନ ଶିବ ସନକାଦି ଜପୁଛନ୍ତି ଏହି ନାମ ।
ନାମ ଆଶ୍ରେ କଲା ଜନକୁ ଦେଖିଣ ଦୂରୁଁ ଅପସରେ ଯମ ॥
ଏକା ରାମନାମ ବିଷ୍ଣୁ ସହସ୍ରନାମ ଫଳ ଅଟଇ ସମାନ ।
ଏଣୁକରି ରାମଚରିତ ବଖାଣ କରିବାକୁ ହେଲା ମନ ॥
ଶ୍ରୀରାମଚରଣେ ତରୁଣ ଅରୁଣ କମଳରେ ନିରନ୍ତର ।
ଦୁର୍ବୁଦ୍ଧି ମକରନ୍ଦ ପାନ କରଇ ବିଶିମତି ମଧୁକର ॥

## ଦ୍ୱିତୀୟ ଛାନ୍ଦ

ରାଗ—ଚକ୍ରକେଳି

ଏକଦିନେ ନାରଦ ମହର୍ଷି । ବାଲମୀକି ଆଶ୍ରମେ ହେଲେ ଆସି ॥
ତାଙ୍କୁ ଦେଖିଣ ବହୁ ପୂଜାକଲେ । ମନ ସଂଶୟ ତାଙ୍କୁ ପଚାରିଲେ ॥
କେଉଁ ପୁରୁଷଠାରେ ସର୍ବ ଗୁଣ । ଅଛି କାହାଠାରେ ସର୍ବ ଲକ୍ଷଣ ॥
ରବି ପ୍ରାୟ ହୋଇବ ତେଜୋବନ୍ତ । ପବନ ପ୍ରାୟ ହେବ ବଳବନ୍ତ ॥
ସତ୍ୟ, ଶାନ୍ତ, ଦୟା, କ୍ଷମାସାଗର । କୃତାନ୍ତକ ପ୍ରାୟ ହୃଦ ନିଷ୍ଠୁର ॥
ମହୀ ପ୍ରାୟକ ହୋଇବ ସହଣି । ଧନବନ୍ତରେ କୁବେରକୁ ଜିଣି ॥
ଶମ୍ଭୁଁ ଅଧିକ ହେବ ଧନୁର୍ଦ୍ଧର । ବିଦ୍ୟାରେ ହେବ ବୃହସ୍ପତିବର ॥
କ୍ରୋଧେ ହୋଇବ ଅନଳୁଁ ପ୍ରଖର । ଶାନ୍ତଗୁଣେ ଶରଦଶୀତକର ॥
ଧାତା ପ୍ରାୟେକ ହୋଇବ କରତା । ତମୋଗୁଣେ ଶିବଙ୍କୁ ଅଧିକତା ॥
ମନମଥ ଜିଣି ହେବ ସୁନ୍ଦର । ସତ୍ୱଗୁଣରେ ହୋଇବ ଉଦାର ॥

କିଛି ନଥିବ ତାର ଅବଗୁଣ । କେଉଁ ପୁରୁଷ ଅଛି ଏଡ଼େ ଜଣ ॥
ଶୁଣି ନାରଦ ବୋଲନ୍ତି ବଚନ । ରାମଚନ୍ଦ୍ର ଦଶରଥ ନନ୍ଦନ ॥
ତାଙ୍କଠାରେ ଅଛନ୍ତି ସର୍ବଗୁଣ । ଅବତରିବେ ସ୍ୱୟଂ ନାରାୟଣ ॥
ତାଙ୍କ ଚରିତ ଅପାରୁଁ ଅପାର । ତାଙ୍କୁ ଉପାସନା କରି ନିସ୍ତର ॥
ସର୍ବ କହି ନାରଦମୁନି ଗଲେ । ବାଲ୍ମୀକି ରାମଙ୍କୁ ଲୟ କଲେ ॥
ତାଙ୍କୁ ପ୍ରସନ୍ନ ହେଲେ ଜଗନ୍ନାଥ । ବୋଲେ ବଣି ପୂରିଲା ମନୋରଥ ॥

## ତୃତୀୟ ଛାନ୍ଦ

### ସଙ୍ଗମଛଆର ବାଣୀ

ତମସାନଦୀ ତଟରେ ଗମନ୍ତେ ମୁନି ।
ସଙ୍ଗତେ ଗୋଡ଼ାଇ ଅଛନ୍ତି ଶିଷ୍ୟ ବେନି ॥
ନିତ୍ୟକର୍ମ ସମସ୍ତେ ନଦୀରେ ସାରିଲେ ।
ଆଶ୍ରମକୁ ଯିବାକୁ ବାହାର ହୋଇଲେ ॥
କ୍ରୌଞ୍ଚ କ୍ରୌଞ୍ଚୀ ବୋଲି ନହିଁରେ ପକ୍ଷୀବେନି ।
ବ୍ୟାଧ ସେ କ୍ରୌଞ୍ଚପକ୍ଷୀକି ଗଲାକ ଘେନି ॥
କ୍ରୌଞ୍ଚୀକାନ୍ତ ଗୁଣ ଗୁଣି ରୋଦନ କଲା ।
ବାଲ୍ମୀକି ମୁନି ଶ୍ରବଣକୁ ଶୁଭିଲା ॥
ବ୍ୟାଧକୁ ଶାପ ଦିଅନ୍ତେ ହେଲା ଶୋଲକ ।
ଦଶିଲା ତାହାଙ୍କୁ ପଦ୍ୟ ପାଦ ଅନେକ ॥
ମନେ ମନେ ଭାଳି ମୁନି ମଠକୁ ଗଲେ ।
ଆସନ କରଣ ଧ୍ୟାନ କରି ବସିଲେ ॥
ମରାଳ ଚଢ଼ିଣ ପିତାମହ ପ୍ରବେଶ ।
ଦେଖି ବାଲ୍ମୀକି ପୂଜା କଲେ ବିଶେଷ ॥
ଧାତା ବୋଲନ୍ତେ ସୁନ୍ଦର ରାମଚରିତ ।
ଶ୍ଲୋକ ବନ୍ଧରେ ସ୍ଫୁରିଲା ମୁନିଙ୍କ ଚିତ୍ତ ॥
ଏହା ଶୁଣି ଦୀନ ବଣୀ ବିସ୍ତର କଲେ ।
ଗୀତବନ୍ଧ କରି ରାମାୟଣ ରଚିଲେ ॥

## ଚତୁର୍ଥ ଛାନ୍ଦ

### ରାଗ—ଗୋପକେଳି

ଶିରୀ ବାଲ୍ମୀକି ମହର୍ଷି କ୍ଷଣକ ମଧ୍ୟରେ ରାମ ଚରିତ୍ର ।
ଭବିଷ୍ୟତ କଥା ପବିତ୍ରର ପ୍ରଥା କହନ୍ତି ଅତି ପବିତ୍ର ॥

ସରଯୁର ନୀର ଅଛି ଯେ ମଧୁର ପାତଳ ଶୀତଳକର ।
ସୁବାସ ନିର୍ମଳ ଅତ୍ୟନ୍ତ ଗମ୍ଭୀର ବେନିତଟ ମନୋହର ॥
କାଦମ୍ବେ କଦମ୍ବକଦମ୍ବେ ମଣ୍ଡିତ ଖଣ୍ଡିତ ପାତକ ଓଘ ।
କମଳ କୁମୁଦ ଇନ୍ଦୀବର କୋକନଦ ଜଳପ୍ରଭି ବେଗ ॥
ତହିଁର ତଟର ଅଯୋଧ୍ୟାନଗର ଦିଶଇ ଅଛି ସୁନ୍ଦର ।
ଉପମା ଦେବାକୁ ତିନିପୁରେ ନାହିଁ କି ଅବା ସ୍ୱର୍ଗସୋଦର ॥
ସୁମେରୁ ମଣ୍ଡପପୁର ଦିବ୍ୟରୂପ ବିଚିତ୍ର ଅଟ୍ଟାଳୀମାନେ ।
ପ୍ରାଚୀର ପ୍ରାସାଦ ପ୍ରାକାରେ ବିସ୍ତାର କାଙ୍ଗଲିରେ ଦିବ୍ୟପାନେ ॥
କି ଧବଳମୟ ଚନ୍ଦ୍ରମା ଉଦୟ ପ୍ରାୟକି ଦିଶଇ ଶୋଭି ।
ମୁଖ ରବ ଧ୍ୱନି ଉଚ୍ଛୁଳି ପଡ଼ୁଛି ସିନ୍ଧୁମନ୍ଥନ କି ଅବା ॥
ତହିଁରେ ନିବାସଂ ଯେ ସ୍ତ୍ରୀ ପୁରୁଷ କାମଦେବ ରତି ପ୍ରାୟ ।
ହରଷ ବଦଦ ସଦାନନ୍ଦ ମନ ଦେବ ବ୍ରାହ୍ମଣେ ବିନୟ ॥
ଦ୍ୱିତୀୟ କୁବେର ପ୍ରାୟ ଧନେଶ୍ୱର ବୀରେଶ୍ୱର ବଇସ୍ତବ ।
ଯୁବତୀ ଯେମାନେ ନ ଭଜଣ ଆନେ ସେବନ୍ତି ଯେ ଯାହା ଧବ ॥
ଅଷ୍ଟମୁନିବର ସୁବୁଦ୍ଧିସାଗର ଜଣେ ଜଣେ ବୃହସ୍ପତି ।
ପାରନ୍ତି ସେ ଜିତି ଜାଣନ୍ତି ସେ ନୀତି ଭୂଷିତ ହୋଇଛୁ କ୍ଷିତି ॥
ତହିଁରେ ରାଜନ ଦ୍ୱିତୀୟ ତପନ କୁଳରେ ଅଟଇ ଜାତ ।
ନୃପତିମାନଙ୍କ ଚୂଡ଼ାମଣି ଏକ ଦଶରଥ ନାମେ ଖ୍ୟାତ ॥
ସକଳ ଗୁଣରେ ପୂର୍ଣ୍ଣ ସେ ନିପୁଣ ରଣେ ବୀର ଧ୍ରୁବିଜୟୀ ।
ସମରେ ଶମନଭ୍ରାତାକୁ ଜିଣିଣ ତେଣୁଟି ଅଛି ନିର୍ଭୟୀ ॥
ଅସଂଖ୍ୟ ବଳ ମେଦିନୀ ଠଲ ଠଲ ଜିଣନ୍ତା ନାହିଁ ତାହାଙ୍କୁ ।
ଅନେକ ଅଶ୍ୱ ରଥ ଗଜ ପଦାତି ଜିଣି ସେ ନାହିଁ କାହାକୁ ॥
ହରିଙ୍କି ରାଜନ କରନ୍ତି ପୂଜନ ପୁତ୍ର ପ୍ରାପତି ନିମନ୍ତେ ।
ନୃପବର ନବସହସ୍ର ବରଷ ପୂଜା କଲେ ଏହି ମତେ ॥
ପୁତ୍ର ନୋହିଲା ବୋଲିଣ ଏକଦିନେ ରାଜା କଲେ ବହୁ ଶୋକ ।
ପ୍ରବୋଧ କରିଣ କହିଲେ ତାହାଙ୍କୁ ସୁମନ୍ତ୍ରମନ୍ତ୍ରୀ ଅନେକ ॥
ବୋଲନ୍ତି ସୁମନ୍ତ୍ର ଶୁଣ ନୃପବର ସନତକୁମାର ବାଣୀ ।
ବିଭାଣ୍ଡକସୁତଇଷ୍ଟିଯଜ୍ଞ କଲେ ପୁତ୍ର ହେବ ଅଛି ଶୁଣି ॥
ଅନେକ କାଳଯାଏ ଅଙ୍ଗ ଦେଶରେ ଅନାବୃଷ୍ଟି ହୋଇଥିଲା ।
ଲୋମପାଦ ରାଜ୍ୟେ ବିଭାଣ୍ଡକ ସୁତ ଆସନ୍ତେ ବୃଷ୍ଟି ହୋଇଲା ।
ତେଣୁକର ତାଙ୍କୁ ଶାୟନ୍ତା କନ୍ୟାକୁ ବିଭା କରାଇଲେ ରାଜା ।
ବୋଲେ ବସି ଋଷ୍ୟଶୃଙ୍ଗ ଏବେ ତାଙ୍କ ପୁରେ ପାଉଛନ୍ତି ପୂଜା ॥

### ପଞ୍ଚମ ଛାନ୍ଦ

ରାଗ—ମଙ୍ଗଳଗୁଜ୍ଜରୀ

ବୋଲନ୍ତି ରାଜନ ଶୁଣିଥିଲ ଅବା କାହିଁ ।
କେମନ୍ତ ପ୍ରକାରେ ବନ୍ଦେ କରାଇଲେ ନେଇ ॥
ଶୁଣିଣ ସୁମନ୍ତ୍ର ମନ୍ତ୍ରୀ କହେ କର ଯୋଡ଼ି ।
ବିଭାଣ୍ଡକପୁତ୍ରେ ଥିଲେ ବେଦ ଶାସ୍ତ୍ର ପଢ଼ି ॥
ଲୋମପାଦ ନୃପ ବେଶ୍ୟାମାନଙ୍କୁ ପେଶିଲେ ।
ସେମାନେ ଯାଇଣ ତାଙ୍କ ବନେ ପ୍ରବେଶିଲେ ॥
ମଠ ଯଗାଇ ତପକୁ ଗଲେ ବିଭାଣ୍ଡକ ।
ତାହା ଜାଣି ବାରନାରୀ ମିଳିଲେ ଅନେକ ॥
ଋଷି ପ୍ରାୟ ଜାଣି ଋଷ୍ୟଶୃଙ୍ଗ ପୂଜା କଲେ ।
ତାଙ୍କ ରୂପ ଶୋଭା ଦେଖି ଋଷି ତୁଷ୍ଟ ହେଲେ ॥
ପଚାରନ୍ତି କେବଣ ବନରେ ତୁମ୍ଭ ମଠ ।
କରିଅଛ କେବଣ ଶାସ୍ତ୍ରକୁ ତୁମ୍ଭେ ପାଠ ॥
ଧନ୍ୟ ଅଟେ ତୁମ୍ଭ ବନ ଧନ୍ୟ ତୁମ୍ଭ ପୁଣ୍ୟ ।
କେବଣ ବୃକ୍ଷର କ୍ଷୀର କରିଛ ଲେପନ ॥
କେବଣ ତରୁକୁସୁମ ହୋଇଛି ଭୂଷଣ ।
କେବଣ ବନୁଁ ଆଣିଛ ଏ ବକଳ ପୁଣ ॥
ସେମାନେ ବୋଲନ୍ତି ଆମ୍ଭ ବନରେ ଏମାନ ।
ନାନା ପକ୍ୱଫଳ ଆମ୍ଭେ କରୁଁ ଯେ ଅଶନ ॥
ଆମ୍ଭେମାନେ ରତିଶାସ୍ତ୍ର ପଢ଼ିଣ ପଣ୍ଡିତ ।
ଅନବରତରେ କରୁଥାଉଁ ନୃତ୍ୟ ଗୀତ ॥
ଆମ୍ଭ ସଙ୍ଗତରେ ଆସ ଯିବ ଆମ୍ଭ ବନ ।
ଏତେ ବୋଲି ଭଣ୍ଡିଣ ଆଣିଲେ ତପୋଧନ ॥
ନଉକା ଉପରେ ବୃକ୍ଷମାନ ସେ ରୋପିଲେ ।
ତହିଁରେ ବସାଇ ତାଙ୍କୁ ଘେନିଣ ଅଇଲେ ॥
ତୁମ୍ଭର ମଇତ୍ର ଲୋମପାଦ ନୃପବର ।
ତାହାଙ୍କ ଦେଶକୁ ଏବେ ଅନୁକୂଳ କର ॥
ଶୁଣି ଆନନ୍ଦ ହୋଇଲେ ଅଯୋଧ୍ୟା ଭୂପାଳ ।
ସାଜିଲେ ସେ ସମଦଣ୍ଡ ଚଉରଙ୍ଗ ବଳ ॥
ଅଙ୍ଗଦେଶ କଟକରେ ହୋଇଲେ ପ୍ରବେଶ ।
ପାଶ୍ଚେଟି ଅଇଲେ ଅଙ୍ଗଦେଶର ନରେଶ ॥

ବହୁ ହୃଷ୍ଟ ହୋଇ ବେନ ମିତ୍ର ଆଲିଙ୍ଗନ ।
ଘେନଣ ତାହାଙ୍କୁ ଗଲେ ଆପଣା ଭୁବନ ॥
ଋଷ୍ୟଶୃଙ୍ଗ ଦେଖି ରାଜା ନମସ୍କାର କଲେ ।
କୁମାରୀକ ଦେଖି ରାଜା ବହୁହୃଷ୍ଟ ହେଲେ ॥
ମିତ୍ରଙ୍କୁ କହିଲେ ସେ ମନ ବେଦନାମାନ ।
ପୁତ୍ରକାମ ଯଜ୍ଞ ସେ କରିବେ ତପୋଧନ ॥
କୁମାରୀ ସହିତେ ଆମ୍ଭେ ଯିବୁଁ ବେନ ଘେନ ।
ଶୁଣି ରାଜା ସମର୍ପିଲେ ସନ୍ତୋଷରେ ବେନ ॥
ଲୋମପାଦ ଅନେକ ଅନେକ ଦ୍ରବ୍ୟ ଦେଲେ ।
ବହୁ ଉପହାର ଦେଇ ମନ ତୋଷ କଲେ ॥
କୁମାରୀସହିତେ ମୁନି ଘେନଣ ଅଇଲେ ।
ବୋଲେ ବଶି ପୁତ୍ରକାମ ଯଜ୍ଞ ଆରମ୍ଭିଲେ ॥

## ଷଷ୍ଠ ଛାନ୍ଦ

### ମୁନିବର ବାଣୀ

ଋଷ୍ୟଶୃଙ୍ଗ ଯାଗ କଲେ । ଦେବତା ସନ୍ତୋଷ ହେଲେ ।
ପୂର୍ଣ୍ଣ ଆହୁତିର ଶେଷେ । ଜାତପୁରୁଷେ ॥
ଦାହସୁବର୍ଣ୍ଣ ଶରୀର । ପାଉଁଶ ଘେନିଛି କର ।
ମୁନିଙ୍କ କରେ ସେ ଦେଲେ । ଅଦୃଶ୍ୟ ହେଲେ ॥
ମୁନି ଦେଲେ ରାଜାକର । ଘେନଣ ସେ ନୃପବର ।
କୌଶଲ୍ୟା କୈକେୟୀ ରାଣୀ । ଦେଲେ ସେ ଆଣି ॥
ବେନରାଣୀ ବେନଭାଗ । ସୁମିତ୍ରାଙ୍କୁ ଅନୁରାଗ ।
କରଣ ତାହାଙ୍କୁ ଦେଲେ । ଚରୁ ଖାଇଲେ ॥
ଉଦେ ନୋହୁଁ ରବିପ୍ରଭା । ଯେହ୍ନେ ପ୍ରାଚୀ ଦଶେ ଶୋଭା ।
ସେହିରୂପେ ସେ ସୁନ୍ଦର । ରହି ଗର୍ଭର ॥
ଗଲା ବେନ ପାଞ୍ଚମାସ । ହେଲା ପ୍ରସବ ଦିବସ ।
ଚଇତ୍ର ଶୁକ୍ଳନବମୀ । ପୁତ୍ର ଜନମି ॥
ଯେତେ ସେ ଲକ୍ଷଣମାନ । କହିଥିଲେ ତପୋଧନ ।
ତହିଁକ କୋଟିଏ ଗୁଣେ । ଜାତ ଲକ୍ଷଣେ ॥
ତନୁ ମରକତଶ୍ରେଣୀ । ସକଳ ଦେବ ଅଗ୍ରଣୀ ।
କୌଶଲ୍ୟା ଉଦରୁଁ ଜାତ । ଅଖିଳତାତ ॥
କୈକେୟୀ ଉଦରୁଁ ପୁତ୍ର । ଦୁର୍ବାଦଳ ପ୍ରାୟ ଗାତ୍ର ।
ଅବତରିଲେ ନନ୍ଦନ । ତାହାଙ୍କ ସାନ ॥

ସୁମିତ୍ରା ଗର୍ଭରୁ ଜାତ । ହୋଇଲେ ସେ ବେନିସୁତ ।
ଶୁଦ୍ଧସୁବର୍ଣ୍ଣ ଶରୀର । ଅତି ମଧୁର ॥
ଦେଖି ଦଶରଥ ତୋଷ । ଗାଇଲେ ଦ୍ୱିଜ ବିଶେଷ ।
ଅଶ୍ୱ ଗଜ ଗାଭି ଦାନ । ଦେଲେ ହିରଣ୍ୟ ॥
ହେଲା ହାଟ ଗୁଠ ଜୂର । ନେଲେ ସେ ଇତର ନର ।
ଦେବତାମାନଙ୍କୁ ତୋଷ । କରି ସନ୍ତୋଷ ॥
କରାଇଲେ ନୃତ୍ୟ ଗୀତ । ଉତ୍ସବ ହେଲା ବହୁତ ।
ଦୁନ୍ଦୁଭି ବାଜେ ସ୍ୱର୍ଗରେ । ବୃଷ୍ଟି ଅମ୍ବରେ ॥
କଲେକ ନାଭି ଛେଦନ । ସୁଗନ୍ଧ କଲେ ଲେପନ ।
ଉଷ୍ଣଜଳରେ ଯେ ସ୍ନାନ । କଲେ ବହନ ॥
ଶ୍ରୀଅଙ୍ଗ ପୋଛି ବସନ । କରାଇଲେ କ୍ଷୀରପାନ ।
ରତ୍ନଦୋଳି ପରେ ତୋଳି । ଶୁଆନ୍ତି ବାଳୀ ॥
ଯେବଣ ରାମଚରଣ । ସକଳ ଲୋକ ଶରଣ ।
ସେ ପ୍ରଭୁ ଜନମ ଆସି । ଭଣିଲେ ବଶି ॥

## ସପ୍ତମ ଛାନ୍ଦ

ପଞ୍ଚଆଡ଼ ଷଷ୍ଠୀଘର ଉତ୍ସବ ଗଲା । ଏକବିଂଶ ଦିବସ ପ୍ରବେଶ ହୋଇଲା ॥
ବଶିଷ୍ଠଆଦି ସକଳ ବ୍ରାହ୍ମଣଗଣ । ଦଶରଥ କରାଇଲେ ନାମ କରଣ ॥
ରାମନାମ ଜ୍ୟେଷ୍ଠର ଭରତ କନିଷ୍ଠ । ବିଚାରିଣ ନାମ ଦେଲେ ମୁନି ବଶିଷ୍ଠ ॥
ସୁଲକ୍ଷଣ ଦେଖି ଲକ୍ଷ୍ମଣ ନାମ ଦେଲେ । ଶତ୍ରୁଘନ ତାଙ୍କ ସାନୁଜଙ୍କୁ ବୋଇଲେ ॥
ଦିନୁ ଦିନୁ ବଢ଼ିଲେ ସେ ରଘୁନନ୍ଦନ । ଦେଖି ଦଶରଥ ରାଜା ଆନନ୍ଦ ମନ ॥
ପାଳନ୍ତି ଦୋଳୀରେ ସୁତ ଗାଇଣ ଗୀତ । ବଜାନ୍ତି ଯୁବତୀ ବୀଣା ବାଦ୍ୟ କରତ ॥
ଗୁଲୁଗୁଲିରେ ଅଧରୁ ବହଇ ନାଳ । ଝାଲବିନ୍ଦୁ ଗଳତ ଶ୍ରୀମୁଖମଣ୍ଡଳ ॥
କମଳଦଳ ଲୋଚନୁ ବହେ କଜ୍ଜଳ । ଝୁଲିବାରେ ଧ୍ୱନି କରେ ମେଖଳାମାଳ ॥
କୁଟିଳ କୁନ୍ତଳମାଳ ମୁକୁତା ଫଳ । ବାଜଣୀ ନୂପୁର ବାଜେ ଚରଣ ତଳ ॥
କଟଣୀ ବାହୁଟୀ ହେମସୂତ୍ରେ ଛନ୍ଦଣୀ । କଟିତଟେ ପୀତାମ୍ବର ସୁମଣିଶ୍ରେଣୀ ॥
ଆଣ୍ଠୁଆଇ ଭରା ଦେଇ ପୁଣ ଉଠନ୍ତି । କେତେବେଳେ କାନ୍ଦି ଧରଣୀରେ ପଡ଼ନ୍ତି ॥
ଯୁବତୀ ବେଢ଼ି ନଚାନ୍ତି ବଜାଇ ତାଳ । କରି ଶାବକ ମଣ୍ଡି କି କରନ୍ତି କେଳି ॥
ରାଜକୁମରେ ଯେ ଧୂଳି ଖେଳେ ତତ୍ପର । ଲୀଳାଭାବେ ଆବୋରନ୍ତି ବାଳି ନଅର ॥
ପାଞ୍ଚବରଷ ପୂରନ୍ତେ ହୁଏ କୁମର । ଆରୋହଣ କଲେ ଅଶ୍ୱ ଗଜ ନିକର ॥
ସୁବେଶେ ବଢ଼ିଲା ଚିତ୍ତ ହୋଇଲା ଧୀର । ସମସ୍ତଗୁଣେ ନିପୁଣ ବିରଙ୍କବର ॥
ଶୁକ୍ଳପକ୍ଷ ଚନ୍ଦ୍ର ପ୍ରାୟେ ବଢ଼ନ୍ତି ରାମ । ଚୂଡ଼ାଦି ବେନି ପାଞ୍ଚ କଲେ ବ୍ରତକର୍ମ ॥
ପଢ଼ିଲେ ବେଦ ପୁରାଣ ଶାସ୍ତ୍ରଆଗମ । ଦଣ୍ଡା ଖଣ୍ଡା ଧନୁର୍ବିଦ୍ୟା କ୍ଷତ୍ରିୟ ଧର୍ମ ॥
ବଶିଷ୍ଠଙ୍କଠାରୁ ଶିକ୍ଷା କଲେ ସକଳ । ତପ୍ତରିଭୁ ରବି ପ୍ରାୟେ ତେଜ ପ୍ରବଳ ॥

ମୃଗୟା କରଣ ମୃଗମାନ ମାରନ୍ତି । ଶରଧା କରଣ ମୃଗପକ୍ଷୀ ଧରନ୍ତି ॥
ହରନ୍ତି କରିଯୂଥରୁ କରିଶାବକ । ମାରନ୍ତି ଶାର୍ଦ୍ଦୂଳ ଗଣ୍ଡା ଜୀବ ଅନେକ ॥
ଛୁଆସିଂହ ପ୍ରାୟେ ଗତ ଦଶେ ଲାବଣ୍ୟ । ସପ୍ତମ ବରଷ ଆସି ହୁଏ ସମ୍ପୂର୍ଣ୍ଣ ॥
ନବତନ କିଶୋର ବୟସ ଶ୍ରୀରାମ । ଛବି ଦେଖି ମୂରୁଛିତ ହୁଅଇ କାମ ॥
କାମଶାସ୍ତ୍ର ପଠନରେ ବଳିଲା ମନ । ସୁବେଶ ଯୁବତୀରେ ନିଶ୍ଚଳ ନୟନ ॥
ସଙ୍ଗୀତେ ଶରଧାଚିତ୍ତ ଶୁଣନ୍ତି ଗୀତ । ବୋଲେ ବଶି ମନସିଜ ମନରୁ ଜାତ ॥

## ସପ୍ତଦଶ ଛାନ୍ଦ

### ରାଗ—ଆନନ୍ଦଭୈରବ

ଧନୁ ଧରି ରାମ ହୋଇଲେ ଉଭା । ଲକ୍ଷେ ନୃପତିରେ ଦିଶନ୍ତି ଶୋଭା ॥
ବାମଦେବ କୋଦଣ୍ଡ । ହୋଇଲା ବେନିଖଣ୍ଡ ॥
ଧ୍ୱନି କଲା ପ୍ରଚଣ୍ଡ । ମୋହେ ସକଳ ପିଣ୍ଡ ॥
ଲକ୍ଷ୍ମଣ କରେ ଦେଇ ଧନୁଶର । ରାଜସଭାକୁ ବୋଲନ୍ତି ଉତ୍ତର ॥
ପାରିଲେ ସକଳେ ଧନୁକୁ ଧର । ଧନୁ ଭାଙ୍ଗି ଯଶ ରଖ ମହୀର ॥
ଶୁଣି ରାଜାମାନେ ରାମ ଉତ୍ତର । ଭୂମିକି ଚାହିଁ ନମ୍ର କଲେ ଶିର ॥
ବାମକରେ ଧନୁ ଧରିଣ ରାମ । ଚଢ଼ାଇ ଟଙ୍କାରିଲେ ଗୁଣଦାମ ॥
ଯେତେ ଲଉଁଥାଇ ଶର ଆସନ । ତେତେ ଲଉଁଥାଇ ମୁକୁଟମାନ ॥
ଯେତେବେଳେ ରାମ ଟାଣିଲେ ଗୁଣ । ଟାଣିଲେ କି ନୃପତି ପ୍ରାଣ ॥
କର୍ଣ୍ଣସରିକି ଆଣିଲେ ଓଟାରି । ହସ୍ତିକି ଯେହ୍ନେ ଧରିଲା କେଶରୀ ॥
ଯେତେବେଳେ ଭଗ୍ନ କଲେ କୋଦଣ୍ଡ । ହସ୍ତୀ ଭାଙ୍ଗିଲାକି ଏ ଇକ୍ଷୁଦଣ୍ଡ ॥
ନୃପତିଙ୍କର ଯେତେ ଆଶା ଥିଲା । ଧନୁ ସଙ୍ଗତେ ସେ ଭଗ୍ନ ହୋଇଲା ॥
ଧନୁ ଭାଙ୍ଗି ରାମ ବିଜେ ଆସ୍ଥାନେ । ଦେଖିଣ ବିରସ ନୃପତିମାନେ ॥
କନ୍ୟାକୁ ଆଣି ମୁହୁସୁଲି ଗଲେ । ବୋଲେ ବଶି ଜନକ ଆଜ୍ଞା ଦେଲେ ॥

## ସପ୍ତବିଂଶ ଛାନ୍ଦ

### ରାଗ—ମୁଖାରି ପହପଟ

ପର୍ଶୁରାମ-ଧନୁ ରାମ ଧରିବାର ଦେଖି ।
ମନୋଦୁଃଖେ ମାନଭର ହେଲେ ଚନ୍ଦ୍ରମୁଖୀ
ଟେକ ସଖି ଟେକ ଏବେ ଶଶିଜିତ-ମୁଖ ।
ଜିଣିବାକୁ ଆସିଥିଲେ ପର୍ଶୁଧର ଦେଖ ॥
ବିମ୍ବାଧରି ତୋ-ବିମୁଖ ମୋତେ ବହୁ ଦୁଃଖ ।
ସୁଖ ଦାୟିନି ତୋ ବିନୁ ଅଛି କାହିଁ ସୁଖ ॥
ପ୍ରଦୀପ ଛୁଆଇଁ କରାଇଛୁ ଯେଉଁ ସତ୍ୟ ।
କରିଥାଅ ସଖି ସେହି କଥା ରୁହି ତଥ୍ୟ ॥

ଶୁଣି ରାମ ରମ୍ୟବାଣୀ ରମଣୀରତନ ।
ଆନନ୍ଦ ହୋଇ ଚେକଲେ ଚନ୍ଦ୍ରମାବଦନ ॥
ହାସ ରସ ପରିହାସେ କଲେ ବହୁ ଲୀଳା ।
ରସସିନ୍ଧୁରେ ବୁଡଲେ ରସିକମାଣୀଲା ॥
ଅଯୋଧ୍ୟା ପ୍ରବେଶ ଦଶରଥ ମହୀପତି ।
ବୋଲେ ବଶି ରାମକୀର୍ତ୍ତି ଶୁଭ କଲା କ୍ଷିତି ।

ଅଷ୍ଟବିଂଶ ଛାନ୍ଦ

ବଚିତ୍ରକାମୋଦୀ

ଜାନକୀ ସଙ୍ଗତେ ବହୁ ବନୋଦ । କମଳ ଚୁମ୍ବିଲ କି ଷଟପଦ ।
ରତ୍ନଭୂଷଣ ଅଙ୍ଗେ । ମୃଗୟା କରେ ରଙ୍ଗେ । ଯେନ ଜାନକୀ ସଙ୍ଗେ ॥
ଶ୍ରୀରାମ ପ୍ରତିଜ୍ଞା ଶୁଣି ଶ୍ରବଣେ । ଭୟେ କମ୍ପନ୍ତି ବୀର ନୃପଗଣେ ।
ତାଙ୍କ ତେଜ-ତପନ । ଦହିଲ ରିପୁ-ବନ । ଶତଚନ୍ଦ୍ର ସମାନ ॥
ରାମଙ୍କ ବକ୍ରମ ଶୁଣି ରାଜନ । ଆନନ୍ଦ ହେଉଥାନ୍ତି ପ୍ରତିଦନ ।
ବଚାର କରେ କତି । ରାମ ହେବେ ନୃପତି । ସୁଖେ ପାଳବେ କ୍ଷିତି ॥
ଏମନ୍ତ ବଚାର ନୃପବର । ରାମ ଅଭିଷେକ ତତପର ॥
ରାମ-ଚରିତରସ । ବଶି କଲା ପୀୟୂଷ । ପ୍ରଥମକାଣ୍ଡ ଶେଷ ।

ଅଥ ଅଯୋଧ୍ୟାକାଣ୍ଡ

ପ୍ରଥମ ଛାନ୍ଦ

ରାଗ—କଳହଂସ କେଦାର

ଗୁରୁ ଗଉରବ ଜ୍ଞାତି ଯେ ଅମାତ୍ୟ ମନ୍ତ୍ରିମାନଙ୍କୁ ପଚାରିଲେ ।
ରାମ ରାଜ୍ୟକୁ ଯୋଗ୍ୟ କି ହୋଇବେ ।
ଯୁଗେ ଯୁଗେ ରାମ ଯୁବରାଜ ହୋନ୍ତୁ ବୋଲି ସମସ୍ତେ ବୋଇଲେ ହେ ।
ସୁଜନେ, ରାମ ସକଳ ଗୁଣରେ ନପୁଣ । ସୂର୍ଯ୍ୟବଂଶ କଞ୍ଜବନ-ଅରୁଣ ।
ରିପୁନୃପ-କରି ନବାରିବାପାଇଁ ଜାତ ମୃଗେନ୍ଦ୍ର ତରୁଣ ହେ । ଭୋଦେବ ॥
ଏମନ୍ତ ଶୁଣି ନୃପତିଚୂଡ଼ାମଣି ମନ୍ତ୍ରିଙ୍କି ଚାହିଁ ଅଜ୍ଞା ଦେଲେ ।
ନଗ୍ରେ ଉତ୍ସବ କରାଅ ବୋଇଲେ ।
ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ଯୁବରାଜ ହେବାକୁ ଯୋଗ୍ୟ ହୋଇଲେ ହେ ।
ସୁମନ୍ତ୍ର, ଏବେ ଅଭିଷେକ ବସ୍ତୁ ଭିଆଅ । ଆମ୍ଭ କଟକେ ଘୋଷଣା ଦିଆଅ ।
ନକ୍ଷତ୍ର, ବାର, ଚନ୍ଦ୍ର ଯୋଗ ହୋଇଛି ଶ୍ରୀରାମଚନ୍ଦ୍ରେ ଅଣାଅ ହେ । ସୁମନ୍ତ୍ର ॥
ଆଜ୍ଞା ପ୍ରମାଣରେ ନଗରେ ସୁମନ୍ତ୍ର ଉତ୍ସବ ମଣ୍ଡଣୀକି କଲେ ।
ଅଭିଷେକର ବସ୍ତୁ ଭିଆଇଲେ ।

ରାତ୍ର ପାହିଲେ ରାମରାଜା ହୋଇବେ ଏ ଘୋଷଣା ଦିଆଇଲେ ସେ । ସୁମନ୍ତ୍ର ।
ରାମଚନ୍ଦ୍ରଙ୍କୁ ରଥରେ ବସାଇ । ଘେନ ଅଇଲେ ରାଜା ଆଜ୍ଞା ପାଇ ।
ରାମ ନୃପତିଙ୍କି ଦର୍ଶନ କରଣ ବସିଲେ ଶିରଲମ୍ବାଇ ସେ । ସୁମନ୍ତ୍ର ॥

ରାମଙ୍କୁ ଚାହିଁ ଆନନ୍ଦ ହୋଇ ରାଜା ବୋଲନ୍ତି ଆହେ ରାମ ଶୁଣ ।
ତୁମ୍ଭେ ସକଳ ଗୁଣରେ ନିପୁଣ ।
ବିଶେଷେ ଜ୍ୟେଷ୍ଠ ରାଣୀଙ୍କ ଜ୍ୟେଷ୍ଠପୁତ୍ର କୁଳକୁ ଅଟେ କାରଣ ହେ । ଶ୍ରୀରାମ ।
କାଲି ହୋଇବ ତୁମ୍ଭେ ଯୁବରାଜା । ଆଜ ଅଧିବାସରେ ପାଅ ପୂଜା ।
ପୁଷ୍ୟାନକ୍ଷତ୍ରରେ କର୍କଡ଼ାଚନ୍ଦ୍ରମା କହିଲେ ବଶିଷ୍ଠ ଦ୍ୱିଜା ହେ । ଶ୍ରୀରାମ ॥

ଏମନ୍ତ ବାଣୀ ଅନ୍ତଃପୁରେ ଶୁଭିଲା ଶୁଣି ଆଇଲା ଯେ ମନ୍ଥରୀ ।
କୈକେୟୀଙ୍କି କହିଲା କରଯୋଡ଼ି ।
ଶୁଣିଣ ସେ ତାକୁ ଆପଣା କଣ୍ଠରୁ ରତ୍ନମାଳା ଦେଲା କାଢ଼ି ସେ । ସୁନ୍ଦରୀ ।
ଦେଖି ଚକିତ ହୋଇଲା ମନ୍ଥରା । ମାଳା ପକାଇ ବୋଲେ ନାହିଁ ଲୋଡ଼ା ।
ନୃପତି ସଉଭାଗୀ ରାଣୀ ବୋଲାଅ ଶୁଣି ନ ପାଅ କି ବ୍ରୀଡ଼ା ଗୋ ॥

ପୁଣିହିଁ ମନ୍ଥରୀ ବୋଇଲା ତାହାଙ୍କୁ ବଧାଇ ଦିଅ କାହିଁ ପାଇଁ ।
ତୁମ୍ଭ ପୁତ୍ର ତ ରାଜା ହେଲେ ନାହିଁ ।
କଉଶଲ୍ୟା ରାଜ-ମାତା ବୋଲାଇବେ ତୁମ୍ଭର ହର୍ଷ କିପାଁଇ ଗୋ । ସୁନ୍ଦରୀ ।
ଏବେ ଶୟନ କର କ୍ରୋଧପୁର । ରାଜା ଅଇଲେ ମାଗ ବେନିବର ।
ରାମ ବନେ ଯିବେ ଭରତ ରାଜା ହେବେ ପୂର୍ବକଥା ମନେ କର ଗୋ । ସୁନ୍ଦରୀ ॥

ମନ୍ଥରି ବାଣୀ କୈକେୟୀରାଣୀ ଶୁଣି କ୍ରୋଧମନ୍ଦିରେ ପହୁଡ଼ିଲେ ।
ଦୃଢ଼ କରଣ କବାଟ ପାଡ଼ିଲେ ।
ଗୁରୁକ୍ରୋଧ ବହି ଧରଣୀରେ ଶୋଇ ଆଭରଣ ଦୂର କଲେ ସେ । ସୁନ୍ଦରୀ ।
ରାଜା ରାମଙ୍କୁ ଦେଇଣ ମେଲାଣି । ନିଜ ସଦନେ ପ୍ରବେଶ ରଜନୀ ।
ମଦନବଶେ କୈକେୟୀରାଣୀ ପାଶେ କହେ ନାନାଚାଟୁବାଣୀ ସେ । ରାଜନ ॥

ଉଠ ଉଠ ଆରେ ନରେନ୍ଦ୍ର ନନ୍ଦିନୀ କିପାଁଇ କରୁ ଏଡ଼େ ମାନ ।
କହ କହ ମୋତେ ପ୍ରିୟ ବଚନ ।
ଯାହା ମାଗିବୁ ତାହା ଯେବେ ନ ଦେବି ନାଶିବ ସୁକୃତମାନ ଗୋ । ସୁନ୍ଦରୀ ।
ଶୁଣି ପୂର୍ବ ବର ମାଗେ ତରୁଣୀ । ସତ୍ୟ କରାଇ କହେ ପୁଣପୁଣି ।
ଭରତରାଜା ହେବେ ରାମ ବନେ ଯିବେ ଏହା ଦେବ ନୃପମଣି ହେ । ଭୋଦେବ ॥

ଶୁଣି ତା ନୃପତି ଶିରରେ କୁଳିଶ ପଡ଼ିଲା ପ୍ରାୟକ ହୋଇଲା ।
ଆଉ ଦେହରେ ଜ୍ଞାନ ନ ରହିଲା ।
କେତେବେଳେ ପୁଣି ସ୍ୱପ୍ନପ୍ରାୟ ମଣି କଇକେୟୀଙ୍କ କହିଲା ସେ । ରାଜନ ।
ଏହା ମୋତେ ନ ବୋଲ ରେ ତରୁଣି । ପ୍ରାଣ ମାଗିଲେ ଦେବ ଏହିକ୍ଷଣି ।
ବୋଲେ ବଶି ରାଜାଙ୍କର କ୍ରୋଧଭରେ ବେନିନେତ୍ରୁଁ ବହେ ପାଣି ହେ । ସୁଜନେ ॥

## ଦ୍ୱିତୀୟ ଛାନ୍ଦ

### ରାଗ —ଆନନ୍ଦଭୈରବ

କଉଶଲ୍ୟା ଆଦି ଯେତେକ ନାରୀ । ନ ସହାନ୍ତି ତୋର କୋପକୁ ଡରି ।
ଶ୍ରୀରାମଙ୍କୁ ଯେବେ ପେଶିବୁ ବନେ । କି ବୋଲିବେ ମୋତେ ସକଳ ଜନେ ।
ଆରେ କୋପନାବରି । ଏବେ କୋପ ସଂହର ।
ଘେନ ବିନୟ ମୋର । ଧରୁଅଛି ତୋ କର ॥
ରାମଙ୍କୁ ନ ଦେଖି ଛାଡ଼ିବି ପ୍ରାଣ । ଏ କଥା ମୋହର ସତ୍ୟ ପ୍ରମାଣ ।
କରିଥିଲି ତୋତେ ଗଳାର ମଣି । କାଳେ ହୋଇଲୁ ତୁ କାଳସର୍ପିଣୀ ।
କି ଦୋଷ କଲେ ତୋତେ ମୋର ରାମ । କପାଁଇ ତାହାଙ୍କୁ ହୋଇଲୁ ବାମ ॥
କାଳେହେଁ ନ ଥିଲା ତୋର ଏ ରୀତି । ଶିଖାଇଲା ତୋତେ କେଉଁ ଯୁବତୀ ॥
ଏଣୁ କହୁଁ ହେଲା ରଜନୀ ଶେଷ । ଶଙ୍ଖଶବଦ ଶୁଭିଲା ବିଶେଷ ॥
କେବେହେଁ ତା ମାନ ନୋହିଲା ତୋଷ । . ବୋଲେ ବିଶି କଲା ରକ୍ଷ ଅଶେଷ ॥

## ତୃତୀୟ ଛାନ୍ଦ

### ରାଗ—ସିନ୍ଧୁଡ଼ା

ରାଜାଙ୍କ ବିନୟ ଦେଖିଣ କୈକେୟୀ ବୋଲନ୍ତି ଶୁଣ ନୃପତି ।
ଶୁଣିଛତ ସତ୍ୟ ପାଇଁ ପୂର୍ବେ ରାଜାମାନେ କଲେ ଯେତେ ରୀତି ।
ଆହେ ସତ୍ୟବକତା । ସତ୍ୟ ତେଜିଲେ ମୋହର ହତ୍ୟା ।
ଶୁଭିବ ସତ୍ୟହୀନ ବାରତା । କପାଁ ହେଉଛ ଏଡ଼େ ଦୀନତା ହେ ॥
ପିତା ଆଜ୍ଞା ଦେଲେ ସାନୁଜ ସହିତେ ଆଇଲେ କୋଦଣ୍ଡଧର ।
ନୃପତିଙ୍କି ସେହିଁ ନମସ୍କାର କଲେ ଛୁଇଁଣ ବେନି ପୟର ।
ଦେଖି ପିତା ବିକଳ । ନୟନରୁ ବହେ ଅଶ୍ରୁଜଳ ।
'ରାମ' ବୋଲି ହୋଇଲେ ବିକଳ । ତଳପଡ଼ିଲେ ଅବନୀତଳ ॥
ଓଳଗି ହୋଇ କୈକେୟୀଙ୍କି ପୁଚ୍ଛନ୍ତି ଏଥିର ଚରିତ କହ ।
କେଉଁ କାରଣେ ପିତାଙ୍କ ଶୋକ ଏଡ଼େ ଲାଗିଲା ମୋତେ ସନ୍ଦେହ ।
କିବା ମୋ ଅଭିଷେକ । ସୀଉକାରକୁ କରନ୍ତି ଶୋକ ।
ନାଶଗଲେ କିବା ଜ୍ଞାତି ଲୋକ । ତୁମ୍ଭଯୋଗୁଁ କି ହୁଏ ଏତେକ ॥
କୈକେୟୀ କହନ୍ତି ଶୁଣ ରାମଚନ୍ଦ୍ର ଯହିଁପାଇଁ ଏ ମୂର୍ଚ୍ଛିତ ।
ସେତ ନ କହିବେ ମୁଁ ତାହା କହିବି କଲେ ତୁମ୍ଭେ ସନମତ ।
ଶୁଣି ଜାନକୀକାନ୍ତ । କହୁଛ ଏହା କରି ସୁକୃତ ।
ପ୍ରାଣ ମାଗିଲେ ଦେବି ତ୍ୱରିତ । ଅଗ୍ନି ଜାଳିଣ ହୋଇବି ହତ ॥
ସନ୍ତୋଷ ହୋଇଣ ବୋଲନ୍ତି ଜନନୀ ପୂର୍ବେ ଦେଇଛନ୍ତି ବର ।
ତାହା ମାଗିବାକୁ ନସତ ହୋଇଣ ଶୋକ କରନ୍ତି ପିଅର ।

ତୁମ୍ଭେ ବନକୁ ଯିବ । ଅଭିଷେକ ଭରତ ହୋଇବ ।
ଆଉ କ୍ଷଣେ ବିଳମ୍ବ ନୋହିବ । ତେବେ ପିତାଙ୍କ ସତ୍ୟ ରହିବ
ଚଉଦବରଷଯାଏ ତୁମ୍ଭେ ଆହେ ଧରିଥିବ ଯତିବେଶ ।
ଫଳ ମୂଳ ଖାଇ ଗ୍ରାମେ ନ ପଶିବ ବକଳ କରିବ ବାସ ।
ତାର ନିଷ୍ଠୁର ବାଣୀ । ରାମ ସନମତ କଲେ ଶୁଣି ।
ସେହିକ୍ଷଣି ହୋଇଲେ ମେଲାଣି । ଦୀନ ବଣି ଶୋକ ଭରେ ଭଣି ।

## ଚତୁର୍ଥ ଛାନ୍ଦ

ରାଗ—କୁମ୍ଭକାମୋଦୀ

ମାତାଙ୍କୁ ଦର୍ଶନ କରି ରାମଚନ୍ଦ୍ର କହନ୍ତି ବଚନ ।
ଭରତ ରାଜା ହେବ ଆମ୍ଭଙ୍କୁ ବନକୁ ପେଶିଲେ ରାଜନ ।
ଶୁଣି କଉଶଲ୍ୟା ମୂର୍ଚ୍ଛିତା ହୋଇଣ ପଡ଼ିଲେ ମହୀର ।
ଯେସନ ମୂଳ ଛେଦନ କଲେ ପଡ଼େ ଶୁଷ୍କ ତରୁବର ।
ରାମଚନ୍ଦ୍ର ତାଙ୍କୁ ସଚେତ କରନ୍ତେ କରନ୍ତି ରୋଦନ ।
ତୁମ୍ଭଙ୍କୁ କେମନ୍ତେ ମୂରଛି ରହିବ ଧିକ ମୋ ଜୀବନ ।
ବାଞ୍ଛୁଥାଇଁ ମୋ ରାମ ରାଜା ହେଲେ ଯିବ ମୋ ସନ୍ତାପ ।
ବିହି ଏବେ ତାହା ଦେଖାଇ ହରିଲା କଲି ମୁଁ କି ପାପ ।
ଏହା ଶୁଣି ରାମ ଫାଟିତ ନ ଗଲା ମୋହର ଶରୀର ।
ବେଦନା ସହିବାକୁ ଏବେ ହୋଇଲା କୁଳିଶୁଁ ନିଷ୍ଠୁର ।
ଚାଲ ରାମ ତୁମ୍ଭ ସଙ୍ଗତରେ ମୁହିଁ ଯିବଇଁ ବନକୁ ।
କେ ନିନ୍ଦା କରିବ ବତ୍ସା ପଛେ ଗୋଡ଼ାଇଲେ ଯେ ଧେନୁକୁ ।
କୈକେୟୀ ଭୟରେ ଦର୍ଶନ କରିଣ ନ ଯାଇ ନାହାକୁ ।
ଏବେ ସେହି ମୋତେ ଉପହାସ କଲେ କହିବ କାହାକୁ ।
ଶୁଣି ରାମଚନ୍ଦ୍ର କହନ୍ତି ଜନନି କହତ ଅନୀତ ।
ଯୁବତୀମାନଙ୍କର ସକଳଧର୍ମ ପତିଙ୍କ ଭକତ ।
ବନବାସ ସାରି ତ୍ୱରିତେ ଆସିବି କର ସୁକଲ୍ୟାଣ ।
ଶୁଣି ତାହା ସୁକଲ୍ୟାଣ କଲେ ମାତା ତେଜିଣ କାରୁଣ୍ୟ ।
ଲକ୍ଷ୍ମଣ ବହୁତ ପ୍ରତିଜ୍ଞା କରିଣ ବୋଲନ୍ତି ରାମକୁ ।
ତୁମ୍ଭେ ରାଜା ହୁଅ ଭରତ ସହିତେ ମୁଁ ମାରିବ ରାଜାଙ୍କୁ ।
ବନ ଗଲେ ତୁମ୍ଭ ସଙ୍ଗତରେ ଯିବି ହୋଇଣ ସେବକ ।
ଫଳ ମୂଳ ଖୋଳି ଦେଉଥିବ ଆଣି ହେ ରଘୁନାୟକ ।
ହେଉ ସଜ ହୋଇ ଆସ ବୋଲି ଗଲେ ଜାନକୀଙ୍କ ପାଶ ।
ବୋଲେ ବଶି ସୀତା ଦେଖିଲେ ଶ୍ରୀରାମ ଶ୍ରୀମୁଖ ବିରସ ।

## ପଞ୍ଚମ ଛାନ୍ଦ

ରାଗ – ସିନ୍ଧୁକାମୋଦୀ

ବାନ୍ତର ବମନ ଜାଣି, ପଚ୍ଚରନ୍ତି ଠାକୁରାଣୀ,
ଦିଶୁଛିତ ଶ୍ରୀମୁଖ ବିରସ ।
ଆଜ ହେବ ଅଭିଷେକ, ନେତ୍ରେ ପୂରୁଛି ଲୋତକ,
ମୁଁ ଅବା କଲି କେବଣ ଦୋଷ । ହେ ପ୍ରାଣନାଥ ॥

ପୂର୍ବେ କୈକେୟୀଙ୍କି ବର, ଦେଇଣ ଥିଲେ ପିଅର,
ରଖିଥିଲେ ଗୁପତେ ସେ ମନେ ।
ଆମ୍ଭ ଅଭିଷେକ ଶୁଣି, ମାଗିଲେ ସେ ସତ୍ୟ ବାଣୀ,
ଭରତ ରାଜା ରାମ ଯିବେ ବନେ । ଗୋ ଚନ୍ଦ୍ରମୁଖି ॥

ନ ଧର ମନେ ବିରସ, ନୋହିବ ଦିବ୍ୟ ସୁବେଶ,
ସେବି ଥିବ ମାତାଙ୍କର ପାଶ ।
ଘରୁ ନୋହିବ ବାହାର, ସଙ୍ଗ ନୋହିବ କାହାର,
ଯେମନ୍ତେ ଭରତ ନ କରେ ରୋଷ । ଗୋ ଚନ୍ଦ୍ରମୁଖି ॥

ଶ୍ରୀରାମ ଶ୍ରୀମୁଖୁଁ ବାଣୀ, ଶୁଣି ସୀତା ଠାକୁରାଣୀ,
ବୋଲନ୍ତି ଜାଣିଲି ତୁମ୍ଭ ମନ ।
ତୁମ୍ଭେ ଯେବେ ଯିବ ବନେ, ମୁଁ କପାଁ ଥିବି ସଦନେ,
ତୁମ୍ଭ ସଙ୍ଗେ କରିବି ଗମନ । ହେ ପ୍ରାଣନାଥ ॥

ଯେବେ ନ ନେବ ସଙ୍ଗରେ, ନ ଥିବ ପ୍ରାଣ ଅଙ୍ଗରେ,
ତୁମ୍ଭେ ମୋ ପରାଣ ପଞ୍ଚଭୂତ ।
କରୁଥିବି ବନେ ସେବା, ଶତ ବରଷ ହେଉ ବା,
ତେବେ ମୋର ତୋଷ ହେବ ଚିତ୍ତ । ହେ ପ୍ରାଣନାଥ ॥

ଶୁଣି ରାମାରମ୍ୟବାଣୀ, ବୋଲନ୍ତି କୋଦଣ୍ଡପାଣି,
ତୁମ୍ଭେ ମୋର ପିଣ୍ଡର ଜୀବନ,
ଜାଣିବାକୁ ତୁମ୍ଭ ମନ, ବୋଇଲି ସଖି ଏସନ,
ଜଳବିନୁ ନ ବର୍ତ୍ତନ୍ତି ମୀନ । ଗୋ ଚନ୍ଦ୍ରମୁଖି ॥

ଏହି ସମୟେ ଲକ୍ଷ୍ମଣ, ସଜ ହୋଇ ସେହିକ୍ଷଣ,
ଶ୍ରୀରାମ ଛାମୁରେ ପରବେଶ ।
ଲକ୍ଷ୍ମଣଙ୍କୁ ଚାହିଁ ତୋଷ, ହେଲେ ବନବାସୀ ବେଶ,
ବୋଲେ ବଶି ସବୁର ବରସ । ହେ ସୁଜ୍ଞଜନେ ॥

### ଦ୍ୱାଦଶ ଛାନ୍ଦ

ରାଗ—କଲ୍ୟାଣ

ଅଯୋଧ୍ୟାରେ ଭରତ ହୋଇଲେ ପ୍ରବେଶ । ଦେଖିଲେ ସବୁରି ମୁଖ ବିରସ ॥
ଅନ୍ତଃପୁରେ ମାତା ଚରଣେ ପଡ଼ି । ପଚାରୁଛନ୍ତି ବେନି କରଯୋଡ଼ି ॥
ଗୋ ଜନନୀ, ଆମ୍ଭ ପିଅର କାହିଁ । ଜ୍ୟେଷ୍ଠ କନିଷ୍ଠଙ୍କୁ ଦେଖୁତ ନାହିଁ ॥
ଅଯୋଧ୍ୟାପୁରି ଦିଶେ ନାରଖାର । ମଙ୍ଗଳ ଦିଶୁନାହିଁ ଆମ୍ଭପୁର ॥
ପଥେ ଦେଖିଲି ଅଶକୁନମାନ । କି ଅବା ନାଶଗଲା ଆମ୍ଭ-ପୁଣ୍ୟ ॥
ଗୋ ଜନନୀ ଇତ୍ୟାଦି ।
ଶୁଣି ଜନନୀ କହନ୍ତି ବଚନ । ରାମଙ୍କୁ ରାଜା କରାନ୍ତେ ରାଜନ ॥
ନୃପତିଙ୍କି ମୁଁ ସତ୍ୟ କରାଇଲି । ରାମ ଲକ୍ଷ୍ମଣ ବନକୁ ପେଶିଲି ॥
ରେ କୁମର, ଏବେ ହୁଅ ନୃପତି । ତୁ ମୋର ଭୋଗ କର ଏ ବିଭୂତି ॥
ରାମଙ୍କୁ ନ ଦେଖି ତୁମ୍ଭ ପିଅର । ଦେହ ଛାଡ଼ିଣ ଗଲେ ସ୍ୱର୍ଗପୁର ॥
ମୃତ୍ୟୁ ଶବ ଏବେ ଅଛନ୍ତି ରଖି । ଦହନ ନ କଲେ ତୋତେ ନ ଦେଖି ॥
ରେ କୁମର ଇତ୍ୟାଦି ।
ଶୁଣିଣ ମୂର୍ଚ୍ଛା ଗଲେ ଭରତବୀର । ମାତାଙ୍କୁ କଲେ ବହୁତ ଧିକ୍କାର ॥
ମନ୍ଥରା କେଶ ଶତ୍ରୁଘ୍ନ ଧରି । ବନ୍ଧନ କଲେ ଅବଧ୍ୟ ବିଚାରି ॥
ଛାଡ଼ିଣ ଦେଲେ ରାମଙ୍କ ଡରିଣ । କୈକେୟୀରେ ସେ ପଶିଲା ଶରଣ ॥
ଶବ ଦହିଣ କଲେ ପ୍ରେତ କର୍ମ । ବୋଲେ ବଶି ରାଜାଙ୍କର ଯେ ଧର୍ମ ॥

### ଚତୁର୍ଦ୍ଦଶ ଛାନ୍ଦ

ରାଗ—କୌଶିକ ପଡତାଳ

ଇକ୍ଷ୍ୱାକୁ କୁଳ ସିନ୍ଧୁ ଚନ୍ଦ୍ରମା ହେ ମୋର ଜନନୀ ଏହା ଅର୍ଜିଲେ ।
ତୁମ୍ଭଙ୍କୁ ନ ଦେଖି ପିଅର ହେ ରାମ ବୋଲିଣ ପ୍ରାଣ ତେଜିଲେ ॥
ଦୁଷ୍ଟ ପାମରୀ ମନ୍ଦଭାଗୀ ହେ କ୍ଷମାଶୀଳ ଦୋଷ କର କ୍ଷମା ।
ଅଯୋଧ୍ୟାପୁରେ ଅଭିଷେକ ହୁଅ ହେ ଘେନିଣ ଜନକଜେମା ॥
ଭରତ ଶତ୍ରୁଘ୍ନ ଏମନ୍ତ ଯେ କହି ଚରଣ ତଳ ପଡ଼ିଲେ ।
ଉଠ ଉଠ ବୋଲି ଶ୍ରୀକରେ ଯେ ବେନି ଭାଇଙ୍କି ଟେକି ଧଇଲେ ॥
ପିତାମୃତ୍ୟୁ ରାମ ଲକ୍ଷ୍ମଣ ସୀତା ଯେ ଶୁଣିଣ ବିଳାପ କଲେ ।
ମନ୍ଦାଗ୍ନୀ ଜଳେ ସ୍ନାନ କରି ସେ ଇଙ୍ଗୁଦୀଫଳ ପିଣ୍ଡାନ୍ନ ଦେଲେ ॥
ବଶିଷ୍ଠଆଦି ସକଳଙ୍କର ବଚନରେ ନୋହିଲେ ପ୍ରସନ୍ନ ।
ଯେ ଯେତେରୂପେ ମଣାଇଲେହେଁ ରାମ ନୋହିଲେ ସଦୟ ମନ ॥
ଭରତଙ୍କୁ ରାଜନୀତି କହି ସେ ପାଦୁକା ଦେଇ କଲେକ ତୋଷ ।
ବୋଲେ ବଶିଭୁତ ନନ୍ଦିଗ୍ରାମେ ଯେ ସୈନ୍ୟ ଘେନି ହେଲେ ପ୍ରବେଶ ॥

## ଅଥ ଆରଣ୍ୟକକାଣ୍ଡ

### ପ୍ରଥମ ଛାନ୍ଦ

ରାଗ—ବଙ୍ଗଳାଶ୍ରୀ

ଏଥୁ ଅନନ୍ତରେ ମହାବନାନ୍ତରେ ପ୍ରବେଶ ହୋଇଲେ ଶ୍ରୀରାମ ।
ଦଣ୍ଡକ ଅରଣ୍ୟେ ସୀତାଙ୍କୁ ଦେଖାନ୍ତି ଦେଇଣ କନ୍ଧେ ଭୁଜ ବାମ ।
ଗୋ ସଜନୀ । ତରୁମାନେ ଯେ ଅଭିରାମ ।
ଫଳ ପୁଷ୍ପେ ଲତା ଅଛି ଅପ୍ରମିତା କି ଅବା ଶକ୍ରର ଆରାମ ॥
ଶୁକ ସାରୀ ସଙ୍ଗେ ଅଛନ୍ତି ବିହଙ୍ଗେ ଫଳ ଲୋଭରେ ନ ଛାଡ଼ନ୍ତି ।
ବିହଙ୍ଗ ସଙ୍ଗରେ କ୍ରୀଡ଼ା କରିବାରେ ବିବିଧ ଧ୍ୱନିକି ଭାଷନ୍ତି ।
ଗୋ ସଜନୀ । ଦେଖାଇ ଶ୍ରୀରାମ ସନ୍ତୋଷ ।
ତମାଳରମାଳ ତଳରେ କସ୍ତୁରୀ ଜୀବ ଚରନ୍ତି ଯେ ବିଶେଷ ॥
ସିଂହ, ଶାର୍ଦ୍ଦୂଳ, ଗଣ୍ଡା, ଗଜ ଗୟଳ, ମର୍କଟ, ଭାଲୁଙ୍କର କୁଳ ।
ମୃଗ, ଶୂକର, ଶମ୍ବର ହରିଣୀ, କୃଷ୍ଣାଜିନର ସଙ୍ଗେ ମେଳ ।
ସେ ଜାନକୀ । ସହିତେ ରାମ ଯେ ସନ୍ତୋଷ ।
ଏହି ସମୟରେ ପ୍ରବେଶ ହୋଇଲା ବିରାଧ ନାମରେ ରାକ୍ଷସ ॥
ମହାଗିରି ପ୍ରାୟେ ଦିଶଇ ତା କାୟ ଧରିଛି କରେ ଦିବ୍ୟ ଶୂଳ ।
ରୁଧିରେ ଶରୀର କର୍ଦ୍ଦମ ହୋଇଛି ମୁଖ ଦିଶଇ ବିକରାଳ ।
ହେ ସୁଜନେ । ସୀତାଙ୍କୁ ଘେନିଣ ସେ ଗଲା ।
ରାମ ଲକ୍ଷ୍ମଣ ଶର ବୃଷ୍ଟି କରନ୍ତେ ଭୟ ତହିଁକି ଯେ ନ କଲା ॥
ଛାଡ଼ିଣ ସୀତାଙ୍କୁ ରାମ ଲକ୍ଷ୍ମଣଙ୍କୁ ନେଉଥିଲା ସେ କାନ୍ଧ କରି ।
ସୀତାଙ୍କ ରୋଦନ ଦେଖି ବେନି ଭାଇ ବାହୁକୁ ଭଗ୍ନ ତାର କରି ।
ହେ ସୁଜନେ । ଦଳ ଦହିଲେ ତାର ପିଣ୍ଡ ।
ପ୍ରାଣ ତେଜି ଦୈତ୍ୟ ଗନ୍ଧର୍ବ ହୋଇଲା ପାଇଣ ରାମଭୁଜଦଣ୍ଡ ॥
ବିରାଧ ବିନାଶି ବନେ ବନେ ପଶି ଦେଖନ୍ତି ମୁନିଙ୍କ ଆଶ୍ରମ ।
ସମସ୍ତ ଋଷିମାନଙ୍କ ମଠ ଦେଖି ପ୍ରଶଂସା କରନ୍ତି ଯେ ରାମ ।
ହେ ସୁଜନେ । ଶରଭଙ୍ଗଋଷିଙ୍କ ପାଶେ ।
ଶଚୀପତି ତାଙ୍କୁ ବିନୟ କରନ୍ତି ବ୍ରହ୍ମଲୋକକୁ ଯିବା ଆଶେ ॥
ଶ୍ରୀରାମଙ୍କୁ ଦେଖି ଅନ୍ତର୍ଦ୍ଧାନ ହୋଇ ଗଲେ ଯେ ଦେବ ସୁନାଶୀର ।
ସୀତାଙ୍କ ସହିତେ ଶ୍ରୀରାମ ଲକ୍ଷ୍ମଣ ପଡ଼ିଲେ ମୁନିଙ୍କ ପୟର ।
ହେ ସୁଜନେ । ରାମଙ୍କୁ କରିଣ ସେ ପୂଜା ।
ଅଗ୍ନିରେ ପଶିଣ ଶରୀର ଧ୍ୱଂସିଣ ବ୍ରହ୍ମଲୋକକୁ ଗଲେ ଦ୍ୱିଜା ॥
ଋଷି ବ୍ରହ୍ମଲୋକ ଯିବା ଶୁଣି ଋଷିମାନେ ଯେ ହେଲେ ତହିଁ ଜୁଣ୍ଡ ।
ଦେଖିଲେ ଅଗ୍ନିରେ ଭସ୍ମ ହୋଇ ଗଲା ଋଷିଙ୍କ ପବିତ୍ର ପିଣ୍ଡ ।
ହେ ସୁଜନେ । ରାମଙ୍କୁ ସେହିଠାରେ ଦେଖି ।
ବୋଲଇ ବଶି ସମସ୍ତ ଋଷିମାନେ ହୋଇଲେ ଯେ ପରମ ସୁଖୀ ॥

## ଦଶମ ଛାନ୍ଦ

### ରାଗ—ଭୂଷିଆଣୀ ଘଣ୍ଟିତାଳ

ମାରୀଚ ମୁଖରୁ ଶୁଣି ବଂଶପାଣି କ୍ରୋଧେ କହଇ ବଚନ ।
କହ ମୁଁ କାହାକୁ ରଣେ ଜାଣି ନାହିଁ ଏ ଚଉଦିଦଶ ଭୁବନ ॥
ଏବେ କର ତୁ ମୋହର ବୁଦ୍ଧି ।   ରତ୍ନମୃଗ ହୋଇବୁ ଅବଧି ।
ରାମ ଆଶ୍ରମନିକଟେ ଚରୁଥିବୁ ଦେଖି ଲୋଭାଇବେ ବଧି ॥
ରାମ ତୋତେ ଲୋଭ କରି ଗୋଡ଼ାଇଲେ ବହୁ ଦୂର ଘେନି ଯିବୁ ।
ଲକ୍ଷ୍ମଣ ଏବଂ ଜାନକୀ ବୋଲି ଉଚ୍ଚ ସ୍ୱରରେ ଡାକ ଡାକିବୁ ।
ତହିଁ ଅବା ସିନା ତୁ ମରିବୁ ।   ମୋର ଆଜ୍ଞା ଯେବେ ନ କରିବୁ ।
ଖଡ୍ଗ ଘେନି ହାଣିବି ତୋର ଶିର ଏହିକ୍ଷଣି କି କରିବୁ ॥
ମନେ ବିଚାରିଲା ମାରୀଚ ଅସୁର ନିଶ୍ଚୟ ହେବ ମରଣ ।
ଏହା ହାତୁ ତାହା ହାତେ ପ୍ରାଣ ଗଲେ ହୋଇବ ସିନା କାରଣ ।
ବୋଲେ ମାରୀଚ ଶୁଣ ରାବଣ ।   ତୋର ନିକଟେ ହେବ ମରଣ ।
ତୁମ୍ଭେ ଆସୁଥାଅ ମୁଁ ଏବେ ଯାଉଛି ହୋଇବ ହେମ ହରିଣ ॥
ଶୁଣି ରାବଣ ଆଲିଙ୍ଗନ କରିଣ ରଥବରେ ବସାଇଲା ।
ଆକାଶମାର୍ଗରେ ଘେନି ଆସି ତାକୁ ପଞ୍ଚବଟୀରେ ଛାଡ଼ିଲା ।
ଦେଖ ମାରୀଚ ରାମଆଶ୍ରମ ।   ଶୋଭା ଦିଶୁଛି ରମ୍ୟ ଉଦ୍ୟାନ ।
କଦମ୍ବ କର୍ଣ୍ଣିକାର ବେଢ଼ି ସୁନ୍ଦର ଦିଶଇ ତା ଅନୁପମ ହେ ॥
ଏମନ୍ତ କହି ତାକୁ ଦେଖାଇ ଦେଇ ଲୁଚିଲା ବନଭିତର ।
ମାରୀଚ ଦିବ୍ୟ ହେମମୃଗ ହୋଇଲା ରାବଣେଶ୍ୱର ହିତର ।
ଶୃଙ୍ଗ ମଣି ଖୁର ବଇଡୂର୍ଯ୍ୟ ।   ମୁଖ ମାଣିକ୍ୟେ ହୋଇଛି ଉଜ୍ଜ ।
ନୟନ ନୀଳମଣି ପେଟ ରଜତ ମରକତ ପ୍ରାୟ ଲାଞ୍ଜ ॥
କାନ୍ତି ପ୍ରବାଳ ଦିବ୍ୟହେମ ସର୍ବାଙ୍ଗ ବନକୁ କରେ ଉଦିତ ।
ପେଣ୍ଡି ପେଣ୍ଡି ହୋଇ ତନୁଯାକ ତାର ମୁକୁତାଚୟ ବିଦିତ ।
ପୁଣ କ୍ଷେପଇ ପୁଣ ଚରଇ ।   ପୁଣ ସେ ଅବୟବ ଦେଖାଇ ।
ନାନା ରୀତିରେ ନାନା ଗତି କରନ୍ତେ କେ-ଅବା ନୋହିବ ମୋହି ॥
ରାମଆଶ୍ରମର ନିକଟେ ଚରନ୍ତେ ପଡ଼ିଲା ଜାନକୀ ଦୃଷ୍ଟି ।
କୁସୁମବନରୁ କୁସୁମକୁ ତୋଳୁଥିଲେ ଯେ ପଦ୍ମବିମ୍ବୋଷ୍ଠୀ ।
ହରିଲା ମୃଗ ତାଙ୍କର ମତି ।   କରୁଅଛି ସେ ବିବିଧଗତି ।
ଆହେ ଆର୍ଯ୍ୟପୁତ୍ର ଆସ ଆସ ଦେଖ ଏ କନକମୃଗ ଗତି ॥
ଶୁଣିଣ ରାମ ଲକ୍ଷ୍ମଣ ଧନୁ ଶର ଘେନିଣ ହେଲେ ବାହାର
ଦେଖିଲେ ବିଚିତ୍ରମୃଗ ଚରୁଅଛି କୁସୁମବନଭିତର ।
ଦେଖି ଲକ୍ଷ୍ମଣ ରାମଙ୍କୁ କହେ ।   ଦେବ ମାରୀଚ ଏମନ୍ତ ହୋଏ ।
ନ ଜାଣି ଅସୁରମାନଙ୍କ କପଟ ଲାଗିଲାତ ବଡ଼ ଭୟେ ଯେ ॥

ଶୁଣି ଜାନକୀ ବୋଲନ୍ତି ହେ ଲକ୍ଷ୍ମଣ ଏହା ବିଚାର ନ କର ।
ଧରି ଆଣିଲେ ସେ ଭରତଙ୍କୁ ଦେବା ଧରି ନ ପାରିଲେ ମାର ।
ରାମ ଶୁଣି ସୀତ୍କାର କଲେ । କୋଦଣ୍ଡରେ ଗୁଣ ବସାଇଲେ ।
ବୋଲେ ବିଶି ସୀତା ଲକ୍ଷ୍ମଣ ଯଗାଇ ରାମ ତାଙ୍କୁ ଗୋଡ଼ାଇଲେ ॥

### ଏକାଦଶ ଛାନ୍ଦ

ରାଗ—ମୁଖାରୀ ପଡ଼ତାଳ

ହେମହରିଣୀ । ଧୀରେ ଧାମନ୍ତେ ସୁନ୍ଦର ଧରଣୀ ।
ଧରୁ ଧରୁ କରୁ ମୃଗ ପଳାଉଛି ଗୋଡ଼ାଉଛନ୍ତି ରଘୁମଣି ॥
କେତେବେଳେ ମୃଗ ଦୃଷ୍ଟିକି ନ ଦିଶେ କେତେବେଳେ ଦୃଷ୍ଟି ଗୋଚର ।
କେତେବେଳେ ଦୂରେ କେତେବେଳେ ପାଶେ ରାମଙ୍କୁ ହେଲା ଅଗୋଚର ॥
ରାମଙ୍କୁ ବହୁତ ଦୂର ନେଇଯାଇଁ ଗଲା ଅଦୃଶ୍ୟ ହୋଇ କାହିଁ ।
ଫିଟିଣ ରାମ ତରୁତଳେ ବସନ୍ତେ ପୁଣି ଛମୁରେ ହେଲା ଯାଇଁ ॥
ମାରିବା ବୋଲି ମନରେ ବିଚାରିଣ କୋଦଣ୍ଡରେ କାଣ୍ଡ ସନ୍ଧିଲେ ।
ବଜ୍ରଘାତ ପ୍ରାୟେ ଶବଦ ଶୁଭିଲା ଯେତେବେଳେ ଶର ବିନ୍ଧିଲେ ॥
ଲକ୍ଷ୍ମଣ ତ୍ରାହି ସୀତା ତ୍ରାହି ବୋଲିଣ ରାମସ୍ୱରେ ଉଚ୍ଚେ ଡାକିଲା ।
ମୃଗଦେହ ଛାଡ଼ି ନିଜତନୁ ଧରି ପ୍ରାଣ ହାରି ତଳେ ପଡ଼ିଲା ॥
ଦେଖି ରାମଚନ୍ଦ୍ର ଚକିତ ହୋଇଣ ବୋଲନ୍ତି ହେଲା ପରମାଦ ।
ମୃଗଦେହ ଛାଡ଼ି ଅସୁରଦେହରେ କିରୀଟ କୁଣ୍ଡଳ ଅଙ୍ଗଦ ॥
ଏ ବାଣୀ ଶୁଣି ଆମ୍ଭର ପ୍ରାୟେ ମଣି ଅସଇ ନ ପୁଣ ଲକ୍ଷ୍ମଣ ।
ଛାଡ଼ି ଆଇଲେ ସୀତାଙ୍କୁ ନ ପାଇବ କି ବୋଇଲା ଦୁଷ୍ଟ ଦାରୁଣ ॥
ଏହା ବିଚାରନ୍ତେ ବାମ ଭୁଜ ବାମ ନୟନ ତାଙ୍କର ସ୍ଫୁରିଲା ।
ବୋଲେ ବିଶି ରାମ ପଛରେ ଗୋଡ଼ାଇ ଶୃଗାଳ ଘୋରଧ୍ୱନି କଲା ॥

### ଦ୍ୱାଦଶ ଛାନ୍ଦ

ରାଗ—ମଧୁକେଶୀ ପଡ଼ତାଳ

ଲକ୍ଷ୍ମଣ ତ୍ରାହି ଜାନକୀ ତ୍ରାହି ବାଣୀ ଶୁଣିଣ ତରୁଣୀ ।
ଚକିତ ହୋଇ ଠାକୁରାଣୀ ବୋଲନ୍ତି ତୁମ୍ଭ ଭ୍ରାତାଙ୍କର ବାଣୀ ହେ ।
ଲକ୍ଷ୍ମଣ । ବିପତ୍ତି ପଡ଼ିଲା ହେ ।
ଏହା ଶୁଣି ମୋର ସର୍ବ ଅବୟବୁଁ ଜୀବନ ଛାଡ଼ିଲା ହେ ॥
ଶୀଘ୍ର ହୋଇ ଚଳ ଧନୁଶର ଧର ବିଳମ୍ବ ନ କର ।
ଭ୍ରାତାଙ୍କୁ ତୁମ୍ଭର ସାହା ହୋଇ ଏବେ କର ଯାଇଁ ପ୍ରତିକାର ହେ ।

ଲକ୍ଷ୍ମଣ । ଶୁଣିଲ ନାହିଁ କି ।
କେଉଁ କ୍ରୋଧ କରି ମନେ କି ବିଗ୍ରହ ନ ଗଲ କାହିଁକି ହେ ॥
ସାବିତ୍ରଜନନୀ ସୁତ ସିନା ତୁମ୍ଭେ ଆସିଛ କପଟେ ।
ଭ୍ରାତାଠାରେ ଯେତେ ସେନେହ ସବୁ ସେ ପଡ଼ିଗଲାଣିତ ବାଟେ ହେ ।
ଲକ୍ଷ୍ମଣ । ଭାଲୁଥିଲ ଯାହା ।
ମାନସ ପୂରିଲା ଦଇବବଶରୁ ହୋଇଗଲା ତାହା ॥
ସଉମିତ୍ରୀ ଭଣି ଶୁଣ ଠାକୁରାଣୀ କୁହସି ବିକଳ ।
ରାମଙ୍କୁ ବିପତ୍ତି ଦେବାକୁ ନାହାନ୍ତି ବୀର କେହି ରବିତଳ ଗୋ ।
ସୁମୁଖି । ନ କର ସେ ଚିନ୍ତା ।
ମୃଗ ଘେନିଣ ଏହିକ୍ଷଣି ଆସିବେ ବୀର ବଳବନ୍ତା ॥
ସତୀ ଶୁଣି ପୁଣି ବୋଲେ କଟୁବାଣୀ ଏମନ୍ତ ଜାଣୁ କି ।
ଅନ୍ତରେ ମୁହିଁ ତୋତେ ଭଜିବି ଏମନ୍ତ ମନେ ମଣୁ କି ରେ ।
ଲକ୍ଷ୍ମଣ । ନ ଯାଉ ମୋ ପାଶୁଁ ।
ରାମ ଅନ୍ତେ ମୋତେ ଭାରିଜା କରିବୁ ଏମନ୍ତ ବଳସୁରେ ॥
କିବା ମୋତେ ନେଇ ଭରତଙ୍କୁ ଦେଇ ଭୁଞ୍ଜିବୁ ବିଭୂତି ।
ମୁଁ ପୁଣି ଜୀବନ ଧରି ଧରଣୀରେ କରିବି କି ଅନ୍ୟ ପତି ରେ ।
ଲକ୍ଷ୍ମଣ । ଛୁଇଁ ଭୂମି ଶ୍ରୁତି ।
ଧନୁଶର ଧରି ବାହାର ହୋଇଲେ ହୋଇ କୋପମୂର୍ତ୍ତି ॥
ରାମ ମୋର ପିତା ତୁମ୍ଭେ ମୋର ମାତା କହିଲ ଅନୀତି ।
ଦଇବ ପ୍ରତିକୂଳର ସମୟରେ ହୁଅଇତ ଏହେନ ଏ ରୀତି ।
ପ୍ରଭୁଙ୍କ । ଆଜ୍ଞା ପାଳିଥିଲି ।
ଯାଉଅଛି ମୁହିଁ ମୋର ଦୋଷ ନାହିଁ ଥାଅ ମଇଥିଳି ॥
ଏମନ୍ତ ବୋଲି ବନଦେବୀମାନଙ୍କୁ କରାଇଲେ ସାକ୍ଷୀ ।
ଆମ୍ଭ ବାହୁଡ଼ିବା ଯାଏ କଣ୍ଟି ତୁମ୍ଭେମାନେ ଯିବାକୁ ଥିବ ରଖି ।
ଯେ ଦରେ । ଶ୍ରୀରାମଙ୍କ ସ୍ୱର ।
ବୋଲେ ବଶି ସେହିଦରକୁ ଲକ୍ଷ୍ମଣ ହୋଇଲେ ବାହାର ॥

### ତ୍ରୟୋଦଶ ଛାନ୍ଦ

**ରାଗ—ରାମଦାସଙ୍କ କୋଇଲି ବୃତ୍ତ**

କଇତବ ବେଶେ ଦଶଶିର । ଛତା କମଣ୍ଡଳୁଁ ବେନି କର ॥
କଷା ବସନ ଶିଖା ପଇତା । ଅଙ୍ଗରେ ମଣ୍ଡିଛି ଦ୍ୱାଦଶ ଚିତା ॥
ରାବଣେଶ୍ୱର ହୋଇ ତ୍ରିଦଣ୍ଡୀ । ଏହି ବେଶେ ନେବି ସୀତାଙ୍କୁ ଭଣ୍ଡି ॥
ପର୍ଣ୍ଣଶାଳା ଦ୍ୱାରେ ପରବେଶ । ମଇଥିଳୀଙ୍କି ଦେଖି ହରଷ ॥

ପଚାରଇ ତୁମ୍ଭର କେ ବର । ଏମନ୍ତ ବନେ କପାଁ କଲ ଘର ॥
ତୁମ୍ଭର ପ୍ରାୟ ସୁନ୍ଦରୀ ନାରୀ । ଘେନ କପାଁଇ ହେଲେ ବନଚାରୀ ॥
ଶୁଣି ଜାନକୀ ସନ୍ତୋଷ ମନ । ଭିକ୍ଷୁକ ଦେଖି ଦେଲେ ଆସନ ॥
ଜଳ ଫଳ ମୂଳ ଆଣିଦେଲେ । ସମସ୍ତ ବୃତାନ୍ତ ତାଙ୍କୁ କହିଲେ ॥
ବୋଲନ୍ତି ଆସନ୍ତୁ ମୋର ପତି । ପ୍ରତିଦିନ ପୂଜା କରିବେ ଯତି ॥
ଶୁଣି ବୋଲଇ ଦୁଷ୍ଟ ରାବଣ । ଜାଣିଲି ତୁମ୍ଭ ପତିର ଗୁଣ ॥
ଯେଉଁ ଯୁବତୀ ଜଗତେ ଶୋଭି । ଯାହା ଦେଖିଲେ ମୁନି ହେବେ ଲୋଭି ॥
ତାହାକୁ ରଖିଅଛୁ ବନରେ । ତିଳେହେଁ ଭୀତ ନାହିଁ ତା ମନରେ ॥
ଆଗୋ ଆସ ଆସ ବରାଙ୍ଗନେ । କଷ୍ଟ ନ ପାଅ ତୁମ୍ଭେ ଏ ବନେ ॥
ପାପ ଦଶାରୁ ଥିଲା ଏ ଯୋଗ । ସୁବର୍ଣ୍ଣପୁରୀ ତୁ କରିବୁ ଭୋଗ ॥
ମୋହର ହୋଇବୁ ତୁ ବନିତା । ରାବଣ ମୁହିଁ ବିଶ୍ରବା ମୋ ପିତା ॥
ତାର ଏ ବଚନ ଶୁଣି ସତୀ । ମନେ ପାଇଲେ ସେ ବଡ଼ ଭୀତି ॥
ଦମ୍ଭ ହୋଇ ବୋଲନ୍ତି ବଚନ । ଶ୍ୱାନ ଭକ୍ଷିପାରେ ସିଂହ ଅଶନ ॥
ଆଇଲେ ରାମ ପ୍ରାଣେ ମାରିବେ । ଯତିଙ୍କ ଉପରୋଧ ନ କରିବେ ॥
ଶୁଣି ଅସୁର କୋପିତ ହୋଇ । ନିଜରୂପ ସୀତାଙ୍କୁ ଦେଖାଇ ॥
ଭୟ କରାଇ ପୁଣ କହିଲା । ରାମଙ୍କୁ ଚାହାଁନ୍ତେ ବଳେ ଧଇଲା ॥
ନେଇଣ ରଥରେ ସେ ବସାଇ । କାନ୍ଦୁଛନ୍ତି ସତୀ ବିକଳ ହୋଇ ॥
ରାମ ରାମ ଲକ୍ଷ୍ମଣ ଲକ୍ଷ୍ମଣ । ରାମା ଉଚ୍ଚେ କରନ୍ତି କାରୁଣ ॥
ଖସି ପଡ଼ିଲା କୁସୁମମାଳା । ସୁବର୍ଣ୍ଣମାଳା ଥିଲା ସତୀ ଗଳା ॥
ଛଡ଼ିଣ ବଞ୍ଝ ହୋଇ ସେ ଗଲା ! ଚନ୍ଦ୍ର କରୁ ଅବା ସୁଧା ପଡ଼ିଲା ॥
ପଥେ ଭେଟି ବୋଲଇ ଜଟାୟୁ । ରାମବନିତା କପାଁ ତୁ ନେଉ ॥
ଅଧର୍ମକୁ ନାହିଁ ତୋର ଡର । ଚୋରାଇ କପାଁ ନେଉ ଦଶଶିର ॥
ଆଜ ମୁଁ ପଥ ଛାଡ଼ି ନ ଦେବ । ସୀତା ନ ଛାଡ଼ିଲେ ରଣ କରିବ ॥
ଏହା ବୋଲିଣ ସଂଗ୍ରାମ କଲା । ରାବଣହିଁ ଅନେକ ଯୁଝିଲା ॥
ରଥ ଭାଙ୍ଗିଣ ଅଶ୍ୱ ସାରଥୀ । ମାରିଣ ସେହା କାଟିଲା ବକର୍ତ୍ତି ॥
ଛଡ଼ାଇ ନେଇ ଭାଙ୍ଗିଲା ଧନୁ । କ୍ରୋଧରେ କମ୍ପିଲା ରାବଣ ତନୁ ॥
ଖଣ୍ଡା ଘେନ କାଟିଲା ଚରଣ । ଡେଣା କାଟି କଲା ରଣଭଣ ॥
ରଣ କରନ୍ତେ ସୀତା ଖସିଲେ । ଲତା ଭିତରେ ଯାଇଣ ଲୁଚିଲେ ॥
ଜାଣିଣ ତହୁଁ ଆଣିଲା ଧରି । ମୃଗଣୀ ଅବା ଧଇଲା କେଶରୀ ॥
ସୀତାଙ୍କୁ କୋଳରେ ସେ ଧଇଲା । ଆକାଶରେ କ୍ଷେପିଣ ସେ ଗଲା ॥
ଗଳା ମୋତିହାର ପଡ଼େ ଛିଡ଼ି । କେତେଦୂରେ ପୁଣି ନୂପୁର ପଡ଼ି ॥
ବାମାର ସର୍ବ ଭୂଷଣ ଗଣ । ଉତ୍ତରୀରେ ବାନ୍ଧିଲେ ସେହିକ୍ଷଣ ॥
ଗିରିଶିଖେ କପିରାଜ ଚାହିଁ । ତାଙ୍କ ଆଗକୁ ଦେଲେ ପକାଇ ॥
କସ ବୋଲି ଫିଟାଇ ରଖିଲେ । ଯତନ କରି ତା ରଖାଇ ଦେଲେ ॥

ରାବଣ ନେଉଛି କାହା ନାରୀ । ଏମନ୍ତ ବୋଲିବୋଲି ହେଲେ ହରି ॥
ସିନ୍ଧୁ ଡେଇଁଣ ରାବଣ ଗଲା । ଲଙ୍କାଗଡ଼ରେ ପ୍ରବେଶ ହେଲା ॥
ସୀତାଙ୍କୁ ରଖି ସେ ନିଜ ପୁରୀ । ଡାକିଲା ସବୁ ବିରୂପ ଅସୁରୀ ॥
ସୀତାଙ୍କ ମନେ କରାଇ ଭୀତି । ବୋଲଇ ବଶି ଦେଖାଅ ବିଭୂତି ॥

## ଅଥ କିଷ୍କିନ୍ଧ୍ୟାକାଣ୍ଡ

### ପ୍ରଥମ ଛାନ୍ଦ

ରାଗ—ମଙ୍ଗଳଗୁର୍ଜରୀ

ପ୍ରବେଶ ରାମ ଲକ୍ଷ୍ମଣ ପମ୍ପାସରତୀର ।
ଦେଖନ୍ତି ନିର୍ମଳ ଜଳ ଅତି ମନୋହର ॥
କମଳ କୁମୁଦ କୋକନଦ ନୀଳୋତ୍ପଳ ।
ମଧୁପାନେ ମତ୍ତ ହୋଇ ଚୁମ୍ବନ୍ତି ଭ୍ରମର ॥
ଚଉପାଶେ ବେଢ଼ିଛନ୍ତି ପୁଷ୍ପିତତରୁଚୟ ।
ବିରହିଜନଙ୍କୁ ସେ କରାଉଛନ୍ତି ଭୟ ॥
ଦେଖ ଦେଖ ଲକ୍ଷ୍ମଣ ଏ ସରୋବର ଶୋଭା ।
ଏହା ଦେଖି କେବଣ ଦେବ ନୋହିବ ଲୋଭା ॥
ବିବିଧ ହଂସମାନଙ୍କେ ଦିଶଇ ସୁନ୍ଦର ।
ଡାହୁକ ତିତ୍ତିର କାକ ବକେ ଶୋଭାକର ॥
ବିକାଶନ୍ତି ନବ ନବ ଚୂତାଙ୍କୁର ମାନେ ।
ପ୍ରକଟି ବାସନ୍ତି ବାସ ସର୍ବସନ୍ନିଧାନେ ॥
କାମତୂଣୀ-ଶରପ୍ରାୟ ଦିଶନ୍ତି ଅଶୋକ ।
ସୀତାଙ୍କ ବିଚ୍ଛେଦ କରାଉଛି ବହୁ ଶୋକ ॥
ପାଟଳୀପଟଳ କାମାନଳ ପ୍ରାୟ ଦିଶେ ।
କେତକୀକଳିକା ମନସିଜ-କୁନ୍ତ କି ସେ ॥
ମଲ୍ଲିକା ସଉରଭେ ମଧୁକର ନିକର ।
ଧ୍ୱନି କରି ଖୋଜୁଛନ୍ତି ସର୍ବଦିଗନ୍ତର ॥
ମନ୍ଦଗନ୍ଧ ସୁଶୀତଳ ପ୍ରସରେ ମରୁତ ।
କୋକିଳ ଧ୍ୱନି କରନ୍ତି ହୋଇ ମହ ମତ୍ତ ॥
ଲକ୍ଷ୍ମଣ ବୋଲନ୍ତି ଦେବ ଏ ଶିଶିରଅନ୍ତ ।
ପ୍ରବେଶ ହୋଇଛି ରଘୁରାଜନ ବସନ୍ତ ॥
ଦେଖନ୍ତି ସେ ପମ୍ପାସରୋବରକୁ ବୁଲିଣ ।
ସୀତାଙ୍କ ବିରହେ ପୁଣ କରନ୍ତି କାରୁଣ ॥

ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ କରନ୍ତି ପ୍ରବୋଧ ।
ବୋଲେ ବଶି ଶୁଣି ରାମ ଦୁଇଗୁଣ କ୍ରୋଧ ।

### ପଞ୍ଚମ ଛାନ୍ଦ

ରାଗ—ରାଜବଜେ ଧନାଶ୍ରୀ

ସରୋବର ତଟୁଁ ବଜେ ରାମ । ବୋଲନ୍ତି କହ ଏ ଗିରି ନାମ ।
ଲକ୍ଷ୍ମଣ ଜଣାନ୍ତି ଋଷ୍ୟମୂକଗିରି ସୁଗ୍ରୀବରର ଏ ଆଶ୍ରମ । ହେ ଦେବ ।
ଏହି ଗିରି ତଳେ ଆମ୍ଭେ ଥିବା । ତାର ବଷୟମାନ ବୁଝିବା ।
ବଶ୍ୱାସ ଆମ୍ଭଙ୍କୁ କଲେ ସିନା ଆମ୍ଭେ ତା ସଙ୍ଗେ ମଇତ୍ର ହେବା ॥
ଏହା ବର୍ତ୍ତରନ୍ତେ ସୁଗ୍ରୀବର । ଦେଖୁଥିଲା ସେ ଗିରିଶିଖର ।
ରାମ ଲକ୍ଷ୍ମଣଙ୍କ ରୂପକୁ ଅନାଇ ଦୂରନ୍ତ ସେ ସୁଗ୍ରୀବର । ହେ ଦେବ ।
ଆରୋହିଲା ଆନ ଗିରିଶିର । ମନ୍ତ୍ରୀମାନେ ମିଳିଲେ କତର ।
ହନୁ ବୋଲଇ କାହାକୁ ଭୟ କରି ପଳାଇଲ ଏତେ ଦୂର ॥
ଶୁଣି ବୋଲନ୍ତି ବାନରରାଜ । ବାଳୀ ଦୂତ ହୁଅଇଟି ବୁଝ ।
ହରି ହର ପ୍ରାୟ ଶୋଭାପାଉଛନ୍ତି ଧନୁଶର ଧରି ସଜ । ହେ ହନୁ ।
ଶୁଣି ହନୁ ହେଲେ ଭିକ୍ଷୁସଜ । ଦେଖି ରାମ ଲକ୍ଷ୍ମଣଙ୍କ ତେଜ ।
ଚରଣତଳେ ପଡ଼ିଣ ପଚ୍ଛରଇ ତୁମ୍ଭେ କେଉଁ ଦେବରାଜ ॥
ସବୁ ଲକ୍ଷ୍ମଣ ତାଙ୍କୁ କହିଲେ । ରାମଚନ୍ଦ୍ରଟି ଏହୁ ବୋଇଲେ ।
ସୁଗ୍ରୀବର ସଙ୍ଗେ ମଇତ୍ର ହୋଇବେ ତାଙ୍କର ଦୟା ହୋଇଲେ । ହେ ଭିକ୍ଷୁ ।
ସେହୁ ବୋଲନ୍ତି ମୁଁ ବୀର ହନୁ । ମୁହିଁ ଅଟଇ ପବନ-ସୂନୁ ।
ମୋର କନ୍ଧେ ବସ ସୁଗ୍ରୀ ଭେଟାଇବ ବୋଲି ବସ୍ତାରିଲା ତନୁ ॥
ହନୁ ଚହିଲା ନଜ ଗୋସାଇଁ । ବେନି ଭାଇଙ୍କି କନ୍ଧେ ବସାଇ ।
ଋଷ୍ୟମୂକଗିରି ଶିଖରେ ମିଳଣ ଗଲା ତାହାଙ୍କୁ ବସାଇଁ । ସେ ହନୁ ।
ଯାଇଁ କହିଲା ସୁଗ୍ରୀବ ପାଶ । ଆଜ ଭୟ ଗଲା ତୋର ନାଶ ।
ବୋଲେ ବଶି ତୁମ୍ଭ ପାପ ନାଶ ଯିବ ଦର୍ଶନ କରିବ ଆସ ।

### ଦଶମ ଛାନ୍ଦ

ରାଗ—ଭାଟିଆରୀ ପଢତାଳ

ହୃଦରେ ବାଜିଣ ଶର, ପଡ଼ିଲା ସେ କପିବର,
ଦେଖିଲା ରାମ ଲକ୍ଷ୍ମଣ ରୂପ ।
ତ୍ରିଭୁବନ ନାଥ ହୋଇ, ଅନୀତ କଲ କପାଇଁ,
ମୋତେ ବନା ଦୋଷେ କଲ ଏଡ଼େ କୋପ ହେ ।

ରଘୁନାୟକ । ଲୁଚି ବିନ୍ଧିଲ କିପାଇଁ ଏଡ଼େ ସାୟକ ।
ମୁଁ ଯେ ଶୁଣିଥିଲି ତୁମ୍ଭେ ବଡ଼ ବିବେକ ।
ଇକ୍ଷ୍ୱାକୁକୁଳେ ଲଗାଇଲ କଳଙ୍କ ॥
ଗଜକୁ ବିନ୍ଧିଲେ ଦନ୍ତ, ଗଜମୋତି ପାଉଥାନ୍ତ,
ସିଂହକୁ ବିନ୍ଧି ଦଶନ୍ତି ବଳ ।
ମୃଗକୁ ବିନ୍ଧିଲେ ମୃଗମାଂସ ହୋଇଥାନ୍ତା ଭୋଗ ।
ମୃଗକପି ବିନ୍ଧି କି ଲଭିଲ ଫଳ ହେ ॥
ଯେଡ଼େ କୁଳେ ଜାତ ହୋଇ, ଏଡ଼େ ଅନୀତି କିପାଇଁ,
କ୍ଷତ୍ରିଙ୍କର କିକି ଏ ବ୍ୟଭାର !
ମୋର ଭ୍ରାତା ସଙ୍ଗେ ମୁହିଁ ସମର କରୁଥିଲଇଁ,
ତୁମ୍ଭେ କିପାଇଁ ମୋତେ କଲ ପ୍ରହାର ହେ ॥
ଆସିବା ବେଳରେ ତାରା, ଲେଉଟାଇ ନେଉଥିଲା,
ଜାଣି ତୁମ୍ଭ ଅବିବେକ ପଣ ।
ମୁଁ ବୋଇଲି ରାମଚନ୍ଦ୍ର ଧର୍ମକୁଳେ ଜାତ ହୋଇ,
ମୋତେ ଅଧର୍ମ କରିବେ କି କାରଣ ହେ ॥
ଶ୍ରୀରାମ ବୋଲନ୍ତି ତାଙ୍କୁ, ନୃପ ପେଷିଲେ ଆମ୍ଭଙ୍କୁ,
ଅଧର୍ମିଙ୍କି ଦଣ୍ଡ ଦେବାପାଇଁ ।
ଜ୍ୟେଷ୍ଠଭାଇ ହୋଇ କନିଷ୍ଠଭାଇ ଭାରିଯା ହରି,
ଏ ପାପ ମନେ ବିଚାରି କରି ନାହିଁ ହେ ।
କପିରାଜନ ।
ଏହି ଦଣ୍ଡକୁ ଅଟ ତୁମ୍ଭେ ଭାଜନ ।
ଆଉ ଦଣ୍ଡ ତୁମ୍ଭଙ୍କୁ ନ ଦେବ ଶମନ ।
ବୋଲେ ବଳି ହୋଇଲା ସେ ମଉନ ହେ ॥

ଦ୍ୱାଦଶ ଛାନ୍ଦ

ରାଗ—କାମୋଦୀ

ତାରା କହଇ ବାଣୀ, ଶୁଣ ହେ ରଘୁମଣି, ଏଡ଼େ ଅଧର୍ମ କିପାଁ କଲ ।
ବନବାସକୁ ଆସି, ମୋର ପତିଙ୍କି ନାଶି, ଏଥିରେ କି ଯଶ ପାଇଲ ହେ ।
ରଘୁନାଥ । ଆଜ ମୁଁ ହୋଇଲି ଅନାଥ ।
ଧିକ ଧିକ ହେ ପଣ, ଧିକ ହେ ରଘୁରାଣ, ଧିକ ଏ କୋଦଣ୍ଡ ଭାରତ ହେ ॥
ତୁମ୍ଭ ଅଧର୍ମ ପଣ, ଦେଖି ହେ ରଘୁରାଣ, ଦଶରଥହିଁ ତଡ଼ି ଦେଲେ ।
କୈକେୟୀସୁତ ଭ୍ରତ, ଅଯୋଧ୍ୟାରେ ରାଜତ୍ୱ, ରାଜେନ୍ଦ୍ର ପଣ ତାଙ୍କୁ ଦେଲେ ହେ ।
ତୁମ୍ଭ ଉପର ବଂଶ, ଭଗୀରଥ ନରେଶ, ଗଙ୍ଗାକୁ ଶୂନ୍ୟରୁ ଆଣିଲେ ।
କପିଳ କୋପାନଳେ, ଦଗ୍ଧ ହୁଅନ୍ତେ ବାଳେ, ତାକି ଶୀତଳ ତାଙ୍କୁ କଲେ ହେ ।

ପୂର୍ବେ ମୁଁ ଶୁଣିଥିଲି, ବଡ଼ ଧାର୍ମିକ ବୋଲି, ଏବେ ଦେଖିଲି ବଡ଼ମନ୍ଦ ।
ଏଡ଼େ ପ୍ରାକର୍ମ ଯେବେ, ବହିଛ ଭୁଜଦଣ୍ଡେ, କପଁା ହାରିଲା ଦଶକନ୍ଧ ।
ରାମ ବୋଲନ୍ତି ସତି, ମୋର ଦୋଷ ନାହିଁଟି, ତାଙ୍କ ଅଧର୍ମେ ସେହି ମଲେ ।
ଜ୍ୟେଷ୍ଠଭାଇ ହୋଇଣ କନିଷ୍ଠ ଭାଇଯାଙ୍କୁ, ବଳତ୍କାରରେ ହରିଲେ ଗୋ ।
ମହାସତି । ଆଜ ମୁଁ ଫେଡ଼ିବ ଦୁର୍ଗତି ।
ଔଷଧି ଦେଇଣ, ରଖିବ ତାର ପ୍ରାଣ, ଜିଆଇ ଦେବ ତୁମ୍ଭ ପତି ॥
ତାରା ରାମର ବାଣୀ, ଶୁଣି ସେ କପିମଣି, ସଚେତ ହୋଇ ଉଠି ବସି ।
ରାମ ମୁଖକୁ ଚାହିଁ, କହଇ ବକଲାଇ, ଶୁଣ ଧାର୍ମିକ ରଘୁବଂଶି ହେ ।
ରଘୁନାଥ । ଆଜ ମୁଁ ହୋଇଲି କୃତାର୍ଥ ।
ଧିକ ଧିକ ହେ ପଣ, ଧିକ ହେ ରଘୁରାଣ, ଧିକ ଏ କୋଦଣ୍ଡ ଭାରତ ॥
ଏତେ ବୋଲିଣ ବାଳୀ, ପଡ଼ିଲା ମହୀସ୍ଥଳୀ, ଅନ୍ତରୀକ୍ଷରେ ପ୍ରାଣ ଗଲା ।
ବୋଲଇ ବଶି ଶୁଣ, ଦେଖ ବାଳି ମରଣ, ବୈକୁଣ୍ଠ ପୁରରେ ମିଳିଲା ।
ରଘୁନାଥ । ଆଜ ମୁଁ ହୋଇଲି କୃତାର୍ଥ ॥
ଧିକ ଧିକ ଇତ୍ୟାଦି

## ପଞ୍ଚବଂଶ ଛାନ୍ଦ .

ରାଗ—ଗଡ଼ମାଳିଆ ବୃତ୍ତ

ଉଭା ଯୂଥପତି ଗଣ । ନାମ ଧରି ଧରି ଚହ୍ନାଇ ଦ୍ୟନ୍ତି ଯେ ।
ରାମଙ୍କୁ ତାରାରମଣ । ଦେଖ ଦେବ ହେ ॥
ଅଙ୍ଗଦ ହନୁ ସୁଷେଣ । ଗଜ ଜାମ୍ବବନ୍ତ କେଶରୀ ବୀର ହେ ।
ଭୀମଯାନର ରମଣ । ଦେଖ ଦେବ ହେ ॥
ପଞ୍ଚବିଂଶ ସେନା ଏହି । ଏହାଙ୍କ ସଙ୍ଗେ କୋଟି କୋଟି କପି ହେ ।
କଳନା ହେବାକୁ ନାହିଁ । ଦେଖ ଦେବ ହେ ॥
ବିନୋଦ ସେନାକୁ ରାଇ । ଆଜ୍ଞା ଦେଲେ କପିକୁଳର ସାଇଁ ଯେ ।
ପୂର୍ବଦିଗେ ଖୋଜ ଯାଇଁ । କି ମୋ ବନ୍ଧୁ ହେ ।
ଉଦେଗିରି ଯାଏ ଯିବ । ବନ ଗିରି ଗ୍ରାମ ପୁର କଟକ ଯେ ।
ସମସ୍ତ ବୁଲି ଖୋଜିବ । କି ମୋ ବନ୍ଧୁ ହେ ॥
ଜନକରାଜା ଦୁଲଣୀ । ବାରତା ମାସକେ ନ ଦେଲେ ଆଣି ଯେ ।
ପକାଇବି ଶିର ହାଣି । କି ମୋ ବନ୍ଧୁ ହେ ।
ଗବୟ, ଗବାକ୍ଷ, ଗଜ । ଦୁର୍ବିନ୍ଦ, ତାର, ନଳ, ନୀଳ, ସୁଷେଣ ଯେ ।
ହନୁମତ ଯୁବରାଜ । କି ମୋ ବନ୍ଧୁ ହେ ।
ଜାମ୍ବବ ଗନ୍ଧମାଦନ । ବୋଲେ କପିରାଜ ତୁମ୍ଭେ ସେ ବେଗେ ହେ ।
ଦକ୍ଷିଣେ ଯାଅ ବହନ । କି ମୋ ବନ୍ଧୁ ହେ ।

ମାସେ ନ ପୂରୁଁ ଆସିବ । ଦକ୍ଷିଣସିନ୍ଧୁ ମଧ୍ୟେ ଯେତେ ଗିରି ହେ ।
ସବୁ ବୁଲିଣ ଖୋଜିବ । କି ମୋ ବନ୍ଧୁ ହେ ॥
କେଶରୀ ବୀରକୁ ଚାହିଁ । କହନ୍ତି ତାହାକୁ ପାଶକୁ ଡାକି ଯେ ।
ଖୋଜିବ ପଶ୍ଚିମେ ଯାଇଁ । କି ମୋ ବନ୍ଧୁ ହେ ॥
ଶ୍ରୀରାମଚନ୍ଦ୍ର ଘରଣୀ । ବାରତା ମାସକେ ନ ଦେଲେ ଆଣି ଯେ ।
ଦଣ୍ଡ ଦେବ ସତ୍ୟବାଣୀ । କି ମୋ ବନ୍ଧୁ ହେ ॥
ଶତବଳ ସେନାପତି । ତାହାଙ୍କୁ ଡାକିଣ କହନ୍ତି କତି ଯେ ।
ଉତ୍ତରେ ଯାଅ ତଡ଼ିତ । କି ମୋ ବନ୍ଧୁ ହେ ॥
ପୃଥିବୀରେ ସ୍ଥାନ ଯେତେ । ସୁଗ୍ରୀବ ତାହାଙ୍କୁ କହିଲେ କେତେ ଯେ ।
ବଣି କି କହିବ ଗୀତେ । କି ମୋ ବନ୍ଧୁ ହେ ॥

## ଅଥ ସୁନ୍ଦରକାଣ୍ଡ

### ଚତୁର୍ଥ ଛାନ୍ଦ

ରାଗ—ସିନ୍ଧୁଡ଼ା

ରାବଣର ବାଣୀ ଶୁଣି ଠାକୁରାଣୀ ବୋଲନ୍ତି ଆରେ ପାମର ।
ରାମ ଜାଣିଥିଲେ ଜୀବନେ ନ ଥାନ୍ତୁ ନ ଥାନ୍ତା ଏ ଲଙ୍କାପୁର ରେ ।
ନାଶ ଯିବ ସମ୍ପଦ । ରାମ ସଙ୍ଗେ ଯେ କଲୁ ବିବାଦ ରେ ।
ଶୁଣି ନାହୁଁ ଧନୁର୍ଗୁଣ ନାଦ ରେ । ନିକଟରେ ଅଛି ତୋ ବିପଦ ରେ ॥
ତୁ ଛାର ପାପିଷ୍ଠ ଦୁରାଚାର ନଷ୍ଟ ଛୁଇଁବୁ ମୋର ଶରୀର ।
ନିଶ୍ଚେ ଜାଣିଥାଅ ତୋତେ ମାରି ମୋତେ ନେବେ ଏଥୁଁ ରଘୁବୀର ରେ ।
ପୋଡ଼ି ଯିବ ଏ ଲଙ୍କା । ପର ଯୁବତୀକି ନାହିଁ ଶଙ୍କା ରେ ।
ମରିବାକୁ ନାହିଁ ତୋର ଦକା ରେ । ରାମ ପାଇନାହାନ୍ତି ଆଶଙ୍କା ଯେ ।
ଯାହା ତୁ କହୁଛୁ ଅପ୍ରାଧ ପାଉଛୁ ଛିଡ଼ି ନ ପଡ଼େ ରସନା ।
ଛିଡ଼ିବ ଏକାବେଳକେ ଦଶଶିର ରାମ ହେଲେ କୋପମନା ସେ ।
ରଘୁକୁଳକରତା । ପାଇ ନାହାନ୍ତି ମୋର ବାରତା ସେ ।
ଖୋଜୁଥିବେ ବନଗିରି ଲତା ସେ । ଝୁରୁ ଥିବେ ପାଇଣ କ୍ଷୁଣତା ସେ ॥
ଜାନକୀ ବଚନ ଶୁଣି ଦଶାନନ କୋପେ ବୋଲଇ ବଚନ ।
ତିନମାସେ ମୋତେ ରାମ ଦେଖାଇବୁ ନୋହିଲେ ହେବୁ ବ୍ୟଞ୍ଜନ ଯେ ।
ଏହି ସମୟ ଜାଣି । ମିଳିଗଲା ମନ୍ଦୋଦରୀ ରାଣୀ ଯେ ।
କହେ ବିଜଟା ହୋଇଣ ବଶ ଯେ । ଦେବ ମନ ନ କର ବିରସ ସେ ॥
ରକ୍ଷା-ଅସୁରୀଙ୍କି ଶିଖାଇ ରାବଣ ମନ୍ଦିରକୁ ବାହୁଡ଼ିଲା ।
ମନ୍ଦୋଦରୀକି ଘେନି ପୁଣି ପୁଷ୍ପକଯାନପରେ ପହୁଡ଼ିଲା ଯେ ।

ବେଢ଼ି ରକ୍ଷୀ ଦନୁଜୀ । ଭୟ କରାନ୍ତି ବହୁ ଗରଜି ଯେ ।
କି କାରଣେ ରାବଣେ ନ ଭଜି ଗୋ । ତୋର ମାଂସକୁ ଖାଇବୁ ଭାଜି ଯେ ॥
ସମସ୍ତ ରାକ୍ଷସୀ ତୋହର ମାଂସକୁ ବାଣ୍ଟି ଖାଇବୁ ଗୋ ସୀତେ ।
କପାଁ ରାବଣର ଭାରିଯା ତୁ ନୋହୁ ବଇଭବ ଭୁଞ୍ଜନ୍ତୁ କେତେ ଯେ ।
ଶୁଣି ଦେବୀ କାତର । ନୟନରୁ ବହେ ନୀରଧାର ।
ମନେ ଚିନ୍ତା କଲେ ରଘୁବୀର ଯେ । ବସି ଭଜଇ ସୀତା ପୟର ଯେ ॥

### ସପ୍ତମ ଛାନ୍ଦ

#### ରାଗ—ତୋଡ଼ୀ ଏକତାଲୀ

ଶିଂଶୁପାବୃକ୍ଷର ଡାଳେ, ହନୁ ମନେ ମନେ ଭାଳେ,
ନିଶ୍ଚୟ ଜାନକୀ ଜନକନନ୍ଦନୀ ଦେଖିଲଇଁ ବେନଡୋଳେ ।
କି ଭାଗ୍ୟବଳେ ॥
ଶୁଖିଛି ଚନ୍ଦ୍ରବଦନ, ଝରଇ ନୀରଲୋଚନ,
ତେବେହେଁ ଶୋଭାକୁ ଉପମା ଦେବାକୁ ନାହିଁ ନା ତ୍ରୟିଭୁବନ ।
ନାରୀରତନ ॥
ବାହି କି ନ କରେ ପୁଣି, ଶ୍ରୀରାମଚନ୍ଦ୍ର ଘରଣୀ,
ଅସୁରପୁରେ ଅସୁରୀ ଜଗିଛନ୍ତି ଜଗତର ଠାକୁରାଣୀ ।
ରମଣୀମଣି ॥
କହନ୍ତେ ବଂଶାନୁଗୁଣ, ଶୁଭନ୍ତେ ସତୀ ଶ୍ରବଣ,
ତରୁକୁ ଚାହିଁଲେ ମର୍କଟ ଗୋଟିଏ କହେ ରାମକୀର୍ତ୍ତି ଗୁଣ ।
ସେ ପୁଣ ପୁଣ ॥
କପି ତୁ କାହୁଁ ଅଇଲୁ, ଶ୍ରୀରାମ ନାମ ଧଇଲୁ,
ହୃଦୟ ମୋହର ଦହନକାଳରେ ଚନ୍ଦନ ଲେପନ କଲୁ ।
ଯାହା ବୋଇଲୁ ॥
ହନୁ ବୋଲନ୍ତି ଗୋ ମାତ, ଶ୍ରୀରାମଚନ୍ଦ୍ରଙ୍କ ଦୂତ,
ଏମନ୍ତ କହଣ ଚରଣ ତଳରେ ପଡ଼ିଲା ଯାଇଁ ତୁରିତ ।
ସେ ରାମ ଦୂତ ॥
ଶ୍ରୀରାମ-ମୁଦ୍ରିକା ଦେଲେ, ସଙ୍କେତମାନ କହିଲେ,
ତୁମ୍ଭଙ୍କୁ ପୃଥିବୀଯାକ ଖୋଜୁଥିବୁଁ ଅଞ୍ଜନାସୁତ କହିଲେ ।
ପ୍ରତ୍ୟୟ ଗଲେ ॥
ରାମ କଲେ ବାଲୀ ହତ, ସୁଗ୍ରୀବସଙ୍ଗେ ହେଲେ ମିତ,
କୋଟି କୋଟି କପି ମୋହର ସମାନେ ହୋଇଛନ୍ତି ପ୍ରଭୁଙ୍କ ଭୃତ୍ୟ ।
କହିଲି ସତ୍ୟ ॥

ସମୁଦ୍ର ଡେଇଁ ଅଇଲି, ଲଙ୍କାଗଡ଼ରେ ପଶିଲି,
ତୁମ୍ଭ ଶ୍ରୀଚରଣ ଦର୍ଶନ ନ ପାଇ ପ୍ରାଣ ମୁଁ ହରାଉଥିଲି ।
ଭଲା ଦେଖିଲି ॥
ରାମ ମାଲ୍ୟବନ୍ତ ଗିରି, ଶିଖେ ଛନ୍ତି ବଜେ କରି,
ସୁଗ୍ରୀବ ସହିତେ ଅନେକ ମର୍କଟ ବନ ଗିରି ଛନ୍ତି ପୂରି ।
ସେ ଋକ୍ଷ ହରି ॥
ଆସ କନ୍ଧେ ମୋର ବସ, ଘେନି ଯିବି ରାମପାଶ,
ରାବଣ ସହିତେ ମାରନ୍ତି ପ୍ରଭୁଙ୍କ ପ୍ରତିଜ୍ଞା ହୋଇବ ନାଶ ।
ଦେଖ ସାହସ ॥
ଶୁଣିଣ ଦେବୀ ହରଷ, ହନୁକୁ ବସାଇ ପାଶ,
ବୋଲଇ ବଶି ବିଶ୍ୱାସ କଥା ଶୁଣି ସଂଶୟ ହେଲା ବିନାଶ ।
ଏ ରାମରସ ॥

## ନବମ ଛାନ୍ଦ

ରାଗ—ଆହାରି——ଆଦ୍ୟମାଗୁଣୀର ବାଣୀ

କହ ହନୁ ମୋର କାନ୍ତର କୁଶଳ ଲକ୍ଷ୍ମଣର ସର୍ବ କୁଶଳ ।
ମରକତ ହେମ ବେନି କଲେବର ହୋଇ ନାହାନ୍ତି ନା ଦୁର୍ବଳ ।
ହନୁ ହେ, ବେନି ଭାଇଙ୍କର କୁଶଳ ।
କୁଶଳ କରି ଲକ୍ଷ୍ମଣ ସେବା କରଥାନ୍ତି ଟିକି ପାଦକମଳ ॥
ମୋର ବିଚ୍ଛେଦ ହୋଇଲା ଦିନୁ ତନୁ ଦୁର୍ବଳ ହୋଇଥିବ ପରା ।
ଅଧୈର୍ଯ୍ୟ ହୋଇଲେ ଲକ୍ଷ୍ମଣ ତାହାଙ୍କୁ କରାଉଥାନ୍ତି ଟିକି ଧୀରା ।
ହନୁ ହେ, ମୋତେ ଏଥୁଁ କଷ୍ଟେ ନେବେ କି ।
ବାନରବଳ ଘେନି ସିନ୍ଧୁ ପାରି କି ହୋଇ ଏଥକୁ ଆସିବେ କି ॥
ବୋଲଇ ଯେ ହନୁ କନ୍ଧରେ ବସାଇଁ ଶ୍ରୀରାମ ପାଶେ ଘେନିଯିବି
ସ୍ୱଇଚ୍ଛାରେ ମୁହିଁ କେମନ୍ତ ପ୍ରକାରେ ପୁରୁଷ ଅଙ୍ଗକୁ ଛୁଇଁବି ।
ହନୁ ହେ, ଚୋରାଇ ରାବଣ ଆଣିଲା ।
ତୁମ୍ଭେ ଚୋରାଇ ଘେନିଗଲେ ପ୍ରଭୁଙ୍କ ଯଶ ଆଉ କାହିଁ ରହିଲା ॥
ବିଶ୍ରବାନନ୍ଦନ ଆସିଣ ଏଠାକୁ କଣ୍ଠ ଯେ ବେନିମାସ କଲା ।
ବେନିମାସେ ମୋତେ ରାମ ଲକ୍ଷ୍ମଣ ଦେଖାଇବୁ ବୋଲି ବୋଇଲା ।
ହନୁ ହେ, ଏକମାସ ଥିବ ପ୍ରାଣ ହେ ।
ପ୍ରାଣ ଥାଉଁ ଥାଉଁ ଶ୍ରୀରାମ ଲକ୍ଷ୍ମଣ ଶୀଘ୍ରକରି ତୁମ୍ଭେ ଆଣ ହେ ॥
କିପାଁ ହନୁ ମୋରପାଇଁ ରାମ ଦେଲେ କରପଲ୍ଲବରୁ ମୁଦ୍ରିକା ।
ଶୂନ୍ୟ ଯେ ଦିଶୁଥିବ ମୋ ପ୍ରଭୁଙ୍କର କରକମଳ ଅନାମିକା ।

ହନୂ ହେ, ଏ ମୁଦ୍ରିକା ନୋହେ ଅନ୍ତର ।
ପ୍ରଭୁଙ୍କ କରେ ଥାଇଣ ମୋର ତନୁ ଭ୍ରମୁ ଯେ ଥାଇ ନିରନ୍ତର ॥
ମୁଦ୍ରିକା ମସ୍ତକେ ଲଗାଇ ଆପଣା-ପଣନ୍ତରେ ବାନ୍ଧି ରଖିଲେ ।
ମସ୍ତକୁଁ ମଣି ବାହାର କରି ପୁଣି ହନୂ କରରେ ସମର୍ପିଲେ ।
ହନୂ ହେ, ମୋଠାରେ କରୁଣା କରିବେ ।
ଦୀନଜନଠାରେ କରୁଣା କଲେଟି କରୁଣାସିନ୍ଧୁ ବୋଲାଇବେ ॥
କହିବ ହନୁ ହେ ଏତେକ ମାତ୍ରକ ମୋହର ବିନୟ ଉଦନ୍ତ ।
କେବଳ ମୋହର କଲା ଅପରାଧ କ୍ଷମା କରିବେ ମୋର କାନ୍ତ ।
ହନୂ ଯେ, ପ୍ରବୋଧ କରିଣ କହଇ ।
ବୋଲେ ବଳି ରାମ ଛାମୁରେ ଜଣାଇ ନିକଟେ ଆଣିବ ବୋଲଇ ॥

ଊନବିଂଶ ଛାନ୍ଦ

ରାଗ—ଅହାରୀ

ଜାନକୀକାନ୍ତ, ହନୂ ସଙ୍ଗେ ଏକାନ୍ତ । ଆଲିଙ୍ଗନ କରିଣ ପୁଚ୍ଛନ୍ତି ଉଦନ୍ତ ॥
କିସ ବାରତା, ଦେଇଅଛୁ ବନିତା । କହ କହ ହନୂ ପ୍ରତେ ସିବଇଁ ମୁଁ ତା ॥
ଶ୍ରୀରାମ ବାଣୀ, ମରୁତସୁତ ଶୁଣି । ବସନ ଫେଡ଼ିଣ ଦେଲେ ମସ୍ତକ ମଣି ॥
ଦେଖିଣ ରାମ, ହୋଇଲେ ପୂର୍ଣ୍ଣକାମ । ଗଳାରେ ତାହା ଗୁନ୍ଥିଣ କଲେକ ଦାମ ॥
ଆହା ସେ ରାମା, ମୋ-ନୟନପ୍ରତିମା । ବିମ୍ବାଧରୀ ଗଉରୀ ସର୍ବସୁଖଧାମା ॥
ଅସୁରୀଚୟ, ତାଙ୍କୁ କରାନ୍ତି ଭୟ । ଭୟାଲୁ ସେ ମୋତେ ମନେ ରଖି ନିର୍ଭୟ ॥
ଜନକଜେମା, ସେ ମୋର ପ୍ରିୟତମା । ହୋଇଛୁ କୃଷ୍ଣପକ୍ଷ ଚତୁର୍ଥୀ ଚନ୍ଦ୍ରମା ॥
ଯେତେ ଅସୁର, ଥିବେ ସେ ଲଙ୍କାପୁର । ମାରିଣ ଆଣିବ ନିଶ୍ଚେ ଜାନକୀ ମୋର ॥
ଶ୍ରୀରାମରାଜ, ହନୂ କନ୍ଧେ ଶ୍ରୀଭୁଜ । ଦେଇଣ ହକାରିଲେ ସେ କପିରାଜ ।
ସଖେ ସୁଗ୍ରୀବ, ଆମ୍ଭ କାର୍ଯ୍ୟ କରିବ । ଲଙ୍କା ବିଜୟ କରିବା ସୈନ୍ୟ ସାଜିବ ॥
ଶୁଣିଣ ମିତ, ସୈନ୍ୟ ସାଜେ ତ୍ୱରିତ । ବୋଲେ ବଳି ସୁନ୍ଦରକାଣ୍ଡ ସମାପତ ॥

ଲଙ୍କାକାଣ୍ଡ

ପଞ୍ଚମ ଛାନ୍ଦ

ରାଗ—ସରସବସନ୍ତ

ରାବଣ ଛାମୁରେ ଜଣାଇଲେକ ଚରର ।
ଭୋ ଦେବ ତ୍ରିଭୁବନ ବିଜୟୀ ଲଙ୍କେଶ୍ୱର ॥
ଶ୍ରୀରାମ ଲକ୍ଷ୍ମଣ କପିରାଜ ସଙ୍ଗେ ଘେନି ।
ବିଜୟ କଲେ ମହେନ୍ଦ୍ରଗିରିର ମୂର୍ଦ୍ଧନି ॥

ଲଙ୍କାପୋଡ଼ା କପି ଦେବ ବାରତା କହିଲା
ସେହିଦନୁ କପି ସୈନ୍ୟ ଘେନିଣ ଅଇଲା
ଗଜସମ କୋଟି କୋଟି ଅଛନ୍ତି ମର୍କଟ ।
ବିବିଧ ବର୍ଣ୍ଣରେ ହୋଇଛନ୍ତି ସେ ପ୍ରକଟ ॥
ବଳ କଳିବାକୁ ନ ଦିଶିଲାକ ଉପାୟେ ।
କିସ୍କିନ୍ଧ୍ୟାରୁ ଲାଗିଛନ୍ତି ସିନ୍ଧୁକୂଳଯାଏ ॥
ଶୁଣି ଚାରର ମୁଖରୁ ବାରତା ଲଙ୍କେଶ୍ୱର ।
ବୋଲେ ବସି ଶୁଖାଇଲା ତା ଦଶ ଅଧର ॥

## ଅଷ୍ଟାଦଶ ଛାନ୍ଦ

ରାଗ—ସିନ୍ଧୁକାମୋଦୀ  ନନ୍ଦାବାଈ ଚଉତିଶା ବାଣୀ

ରାବଣକୁ ଦର୍ଶନ କରିଣ ବେନିଜନ ରାମଙ୍କ ବୃତାନ୍ତ କହିଲେ ।
ବିଭୀଷଣ ଆମ୍ଭଙ୍କୁ ଚହ୍ନି ବନ୍ଧନ କରି ରାମ ଛାମୁରେ ଉଭା କଲେ ସେ ।
ଆହେ ଦେବ । ସେ ଆମ୍ଭଙ୍କୁ ବନ୍ଧକୁ ଫେଡ଼ି ।
ଛାଡ଼ି ଦେଲେ । ସକଳ ସୈନ୍ୟନ୍ତୁ ଦେଖାଇ ।
ଭାଗ୍ୟବଳରେ ଆମ୍ଭେ ଜୀବନରେ ଅଇଲୁଁ ଚହ୍ନିଲୁଁ ଯୂଥପତି ତହିଁ ଯେ ॥
ଶୁଣି ତାଙ୍କ ବଚନ ନୃପତି ଦଶାନନ ସେ ବେନି ସଙ୍ଗେ ଘେନିଗଲା ।
ଉଚନ୍ତେ ମହାଭୟ କେବଳ ହେମମୟ ଉଚ୍ଚ ଜଗତୀ ଆରୋହିଲା ସେ ।
ଲଙ୍କପାଳ । ଦେଖିଲେ ରାମ କପିବଳ ।
ପୂରିଛନ୍ତି । ମହୀ ଆବରି ବନାଚଳ ।
ସିନ୍ଧୁ କ କୂଳ ଲଙ୍ଘି ଆସଇ ମହାଜଳ ଅନାଇ ହୋଇଲା ତରଳ ସେ ॥
ସାରଣକୁ ପୁଛଇ କହ ମୋତେ ଚହ୍ନାଇ ଏମାନେ କେଉଁ କେଉଁ କପି ।
ଆମ୍ଭ ଲଙ୍କାକୁ ଚାହିଁ ତନୁରୁହ ଫୁଲାଇ ହେଉଛନ୍ତିତ ମହାକୋପୀ ଯେ ।
ହେ ସାରଣ । କହ ଏମାନଙ୍କର ନାମ ।
କେମନ୍ତେ ସେ । ଦେଖା ମୋତେ ଲକ୍ଷ୍ମଣ ରାମ ।
ବିପୁଳ ଶାଖାମୃଗମାନେ ଦିଶୁଅଛନ୍ତି ଗୋଟି ଗୋଟିକେ ଗଜସମ ସେ ॥
ଶୁଣି କହେ ସାରଣ ଶୁଣ ଦେବ ରାବଣ ଲଙ୍କାକୁ ଚାହିଁ ଯେ ଗର୍ଜ୍ଜଇ ।
ବାନର ସେନାପତି ପବନପ୍ରାୟ ଗତି ଏହା ନାମ ନୀଳ ଅଟଇ ଯେ ।
ଆହେ ଦେବ । ଶତସହସ୍ରକୋଟି କପି ।
ଏହା ସଙ୍ଗ । କ୍ଷଣେ ନ ଛାଡ଼ନ୍ତି ଅଦ୍ୟାପି ।
ଦେଖ ଏ ଶତବଳ ଏହାର ଅଙ୍ଗବଳ ବନ ଗିରି-ଅଛନ୍ତି ବ୍ୟାପି ଯେ ।
ବିଶ୍ୱକର୍ମାର ବାଳ ଉଭା ହୋଇଛି ନଳ ଏହି ସାଗରେ କଲା ସ୍ଥଳ ।
ଏହାର କର ଲାଗି ସେତୁ ହୋଇଲା ଦେବ ଅଇଲେ ଋକ୍ଷ କପିବଳ ଯେ ।

ଆହେ ଦେବ ! ଏହା ବୁଦ୍ଧି ଅପରିମିତ ।
ଶତକୋଟି । ହରିବଳ ଛନ୍ତି ବହୁତ ।
ଏହି ଦୁର୍ବିନ୍ଦ ସ୍ୱର୍ଗେ ଅମୃତ ପାନ କଲା ଜିଣିଣ ଦେବ ପୁରୁହୂତ ଯେ ॥

ଏହି ମହେନ୍ଦ୍ର ଦେବ ପୁଚ୍ଛ ହଲାଉଅଛି ଏହାର କୋଟି କପିବଳ ।
ଏହି ଗନ୍ଧମାଦନ ସହସ୍ରକୋଟି ସୈନ୍ୟ ସଂଗ୍ରାମେ ଏ ଦ୍ୱିତୀୟକାଳ ଯେ ।
ଆହେ ଦେବ । ମହା ବଳିଷ୍ଠ ଏ ସୁଷେଣ ।
ଶତଲକ୍ଷ । କୋଟି ଏହାର କପିଗଣ ।
ସୁଗ୍ରୀବର ଶ୍ୱଶୁର ବିଶ୍ୱାସ ଏ ରାମର ଅଛି ଏହାରି ବୈଦ୍ୟ ପଣ ଯେ ॥

ଦେଖ ଏ ହନୂମନ୍ତ ପବନଦେବସୁତ ଏହାର ସୈନ୍ୟ ଅପ୍ରମିତ ।
କେତେ ସହସ୍ର କୋଟି କପି ଏହା ସଙ୍ଗରେ ନ ଜାଣେ ଏଥିର ତଦନ୍ତ ଯେ ।
ଆହେ ଦେବ । ଋକ୍ଷଙ୍କ ପତି ଏ ଜାମ୍ବବ ।
ଏହା ସଙ୍ଗେ । ଭଲ୍ଲୂକ ବଳ ଅସମ୍ଭବ ।
ଲକ୍ଷ ଲକ୍ଷ ହୋଇଣ ଯାହା ଭଲ୍ଲୂକ ବଳ ତାହା କେ କଳନା କରିବ ଯେ ॥

ଦେଖ ଉଭା ସୁଗ୍ରୀବ ହେମମାଳାଏ ଗ୍ରୀବ ଏହି ବାନରକୁଳରାଜ ।
ଏହାର ପାରଶ୍ୱରେ ଦେବ ଅଙ୍ଗଦ ଉଭା ବାଳି ନୃପତିର ଆତ୍ମଜ ଯେ ।
ଆହେ ଦେବ । ପାରନ୍ତି ନାନାରୂପ ଧରି ।
କାମରୂପୀ । ଅଟନ୍ତି ଏ ସକଳ ହରି ।
ଏତେ କହି ସାରଣ ପଛ ଘୁଞ୍ଚା ଦେଇଣ ମନରେ ମହାଭୟ କରି ସେ ॥

ଶୁକ ଦେଖାଇ କହେ ଦୁର୍ବାଦଳଶରୀର ପୁଣ୍ଡରୀକନୟନ ରାମ ।
ଏହି ଜାନକୀବର କୋଦଣ୍ଡ ଶର କର ଛବି ନିନ୍ଦା କରୁଛି କାମ ହେ ।
ଆହେ ଦେବ । ତାଙ୍କ ପାରଶ୍ୱରେ ଲକ୍ଷ୍ମଣ ।
ଲଙ୍କା ଗୃହେଁ ! ଠଙ୍କାର କରୁଛନ୍ତି ଗୁଣ ।
ତାଙ୍କ ପାରଶ୍ୱେ ଉଭା ହୋଇଛି ଦେବ ତୁମ୍ଭ ସୋଦର ଭ୍ରାତା ବିଭୀଷଣ ଯେ ॥

ଶୁଣିଣ ଲଙ୍କପତି କୁପିତ ହୋଇ ମତ ବହୁ ଭର୍ତ୍ସନା ତାଙ୍କୁ କଲା ।
ମନ୍ତ୍ରୀ ହୋଇଣ ତୁମ୍ଭେ ରାଜନୀତି ନ ଜାଣ ଉରାଉଅଛ ରେ ବୋଇଲା ସେ ।
ଆହେ ମନ୍ତ୍ରି । ଛେଦନ୍ତି ତୁମ୍ଭ ବେନି ଶିର ।
ପୂର୍ବେ ମୋତେ । କରିଛ ବହୁ ଉପକାର ।
ଯାହାକୁ ତୋଷ କଲେ ବହୁ ବିଭୂତି ପାଇ ତାହା କୋପରେ ଯାଇ ଶିର ଯେ ॥

ମନ୍ତ୍ରୀ ହୋଇଣ ତୁମ୍ଭେ ରାଜାଛମୁରେ ଶତ୍ରୁ ସୈନ୍ୟ-ପ୍ରାକ୍ରମମାନ କହ ।
ଏଣୁ ନୀତି ନ ଜାଣ ନ ପଢ଼ିଣ ନ ଶୁଣ ଗର୍ବରେ ହୋଇଅଛ ମୋହ ଯେ ।
ଆହେ ମନ୍ତ୍ରି । କ୍ଷମା କଲି ମୁଁ ଆଜ ଦୋଷ ।
ଆଉ ବେଳେ । ଏହା ନ କହିବ ମୋ-ପାଶ ।
ପିବଇ ଦୀନ ବଣି ସକଳ ଦିନ କଣି ଶ୍ରୀରାମ ଚରିତପୀୟୂଷ ହେ ॥

## ଦ୍ୱାବିଂଶ ଛାନ୍ଦ

### ରାଗ—ଚିନ୍ତାଭୈରବ ଗୋପବଳାପ ବୃତ୍ତ

ଆହା ଧନୁର୍ଦ୍ଧର ବୀରବର । ଧନୁଶର ନ ଥିଲା କି କର ।
ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ, ତାଙ୍କୁ ମାରିଲା ପ୍ରଶସ୍ତ ଛାର ହେ ।
ଦଇବ ॥

ଆଣୁ ନ ଥିଲେ ମୋତେ ମୋ ପତି । ଜାଣନ୍ତି ସେ ପଡ଼ିବ ବିପତ୍ତି ।
ମୂର୍ଚ୍ଛି ନ ପାରି ମୁଁ ସଙ୍ଗତେ ଅଇଲି, ତେଣୁ ହୋଇଲା ଏମନ୍ତ ରୀତି ହେ ।
ଦଇବ ॥

ଚିରଂଜୀବୀ ଅଟନ୍ତି ଶ୍ରୀରାମ । ମୁନିବଚନ ହେଲା କି ଭ୍ରମ ।
ମୋତେ ବୋଲନ୍ତି ବିଧବା ଯୋଗ ନାହିଁ, ଏବେ କିପାଁ ହେଲା ଏଡ଼େ କର୍ମ ହେ ।
ଦଇବ ॥

ଯେଉଁ ଯୁବତୀ ପତି ଆଗରେ । ମରେ ପୁଣ୍ୟବତୀ ବୋଲି ତାରେ ।
ଯୁବତି ଆଗେ ପତି ଯେବେ ମରଇ, ତାକୁ ଦୂଷିତ ହୋଏ ସଂସାରେ ହେ ।
ଦଇବ ॥

ଯେବେ ଲକ୍ଷ୍ମଣ ଗଲେ ପଳାଇ । ମୋର ଶାଶୁଙ୍କୁ କହିବେ ଯାଇଁ ।
ସୀତା ନେଇ ଦୈତ୍ୟ ରାମଙ୍କୁ ମାରିଲେ, ଏହା ଶୁଣିଲେ ଜୀଇବେ ନାହିଁ ହେ ।
ଦଇବ ॥

ତୁମ୍ଭେ ଜାଣତ ସକଳ ରୀତି । କିପାଁ ଜାଗର୍ତ୍ତ ନୋହିଲେ ରାତି ।
ମୁହିଁ ତୁମ୍ଭଙ୍କୁ କାଳରାତ୍ରି ହୋଇଲି, ମୋର ଯୋଗୁଁ ବିନାଶ ମୋ ପତି ହେ ॥
ଦଇବ ॥

ପୁଣି ଧନୁ ତୂଣୀକି ଅନାଇଁ । ଚିହ୍ନି ବଳପନ୍ତି ଗୁଣ ଗାଇ ।
ଏହି କାଳରେ ପ୍ରଶସ୍ତ ଦ୍ୱାରେ ରହି, ତାର ଛାମୁକୁ କହି ପଠାଇ ସେ ।
ପ୍ରଶସ୍ତ ॥

ଦୂତ ଶ୍ରବଣେ ବେଗେ ଜଣାଇଁ । ଦେବ ପ୍ରଶସ୍ତ ଆସିଛି ଧାଇଁ ।
ଜଣାଇ ପଠିଆଇଛି କପିମାନେ, ଗଡ଼ ପାଚେରୀ ପଡ଼ିଲେ ଡେଇଁ ହେ ।
ଭୋ ଦେବ ॥

ଶୁଣି ସତ୍ୱରେ ତହୁଁ ଅଇଲା । ପ୍ରଶସ୍ତକୁ ସବୁ ପଚାରିଲା ।
ରାବଣ ଆସିବା ମାତ୍ରେ ଶର ଧନୁ, ସେହିକ୍ଷଣି ଅଦୃଶ୍ୟ ହୋଇଲା ହେ ।
ସୁଜନେ ॥

ଦଶଶିର ବୋଲେ ମାର କପି । ଦୈତ୍ୟମାନଙ୍କୁ ପେଶିଲା କୋପୀ ।
ବୋଲେ ବସି ଚଉପାଶରେ ଜଗିଲେ, ରାଜା ଆଜ୍ଞା ପାଇ ଥାଟ ବ୍ୟାପୀ ସେ ।
ଅସୁରେ ॥

## ଗୁଳଣ ଛନ୍ଦ

### ରାଗ—ରଣବଙ୍କେ ବୋଠାଇ ଗୁଣ୍ଡିଚ୍ଛବସନ୍ତ ବାଣୀ

କୁମ୍ଭକର୍ଣ୍ଣ ବଧ ଶୁଣିଣ ରାବଣ ମୂର୍ଚ୍ଛା ଯାଇଣ ପଡ଼ିଲା ।
କେତେହେଁକ ବେଳେ ଚେତନା ପାଇଣ ବହୁତ ବିଳାପ କଲା ।
ହେ ବୀର । ଯେଉଁ ଉରେ ବଜ୍ର ହେଲା ଚୁର । ତୋର ମାନବ କାଟିଲା ଶିର ।
ଆଜ ହୃଷ୍ଟ ହେବ ସୁନାଶୀର । ମୋତେ କି ବୋଲିବେ ଏସୁପୁର ହେ ॥
ଏ ଲଙ୍କା ସମ୍ପଦେ ମୋର କାର୍ଯ୍ୟ ନାହିଁ ଛାଡ଼ିଲି ଜୀବନ ଆଶ ।
ଜାନକୀରେ ମୋର କେଉଁ କାର୍ଯ୍ୟ ଅଛି ଭ୍ରାତା ଯେବେ ଗଲା ନାଶ ।
ହେ ଭ୍ରାତ । ମୋର ଛାଡ଼ିଲା ଦକ୍ଷିଣ ହାତ । ତୋତେ ମୁଁ ମରାଇଲି ବ୍ୟର୍ଥ ।
ତୋର ବନ୍ଧୁନେ ହେଲେ ଅନାଥ । ସଂଗ୍ରାମରେ ଅର୍ଜିଲି ଅନର୍ଥ ହେ ॥
ଅନୁଜ ବିଭୀଷଣ ବୋଲି ନ କଲି ନ କଲି ପ୍ରହସ୍ତ ବୋଲି ।
ଭଲ ଭଲ ଲୋକେ ଯାହା କହୁଥିଲେ ମଣିଲି ତାହା ମୁଁ ଶଲି ।
ହେ ଯିବି । ରାମ ଲକ୍ଷ୍ମଣଙ୍କୁ ସଂହାରିବି । ଋକ୍ଷ ବାନରଙ୍କୁ ନ ରଖିବି ।
ତାଙ୍କୁ ନ ମାରିଲେ ନ ଆସିବି । ରଣ ଯଜ୍ଞ ମୁଁ ଆଜ କରିବି ହେ ॥
ରାବଣ ବିଳାପ ଶୁଣିଣ ତ୍ରିଶିର ମହାକାୟ ମହୋଦର ।
ମହାପାରଶ୍ୱ ସହିତେ ନରାନ୍ତକ ଦେବାନ୍ତକ ଷଡ଼ବୀର ।
ସେମାନେ । କହେ ପ୍ରବୋଧ କରି ବଚନେ । ଦେବ କପାଁ କର ଶୋକ ମନେ ।
ଆଜ୍ଞା ଦେଲେ ଯିବୁଁ ଆମ୍ଭେମାନେ । ଶତ୍ରୁ ମାରିବୁଁ ଏ ଅବଧାନେ ॥
ମହୋଦର ମହାପାରଶ୍ୱ ଅଟନ୍ତି ରାବଣ କନିଷ୍ଠଭ୍ରାତ ।
ତାହାଙ୍କୁ ବୋଇଲେ ତୁମ୍ଭେ ନ ଛାଡ଼ିବ ଗୃହପୁତ୍ରଙ୍କର ସାଥ ।
ହେ ବୀରେ । ହେଳା ନ କରିବଟି ସମରେ । ନ ମଣିବ ଏ ନର ବାନରେ ।
ତାଙ୍କୁ ସମାନ କୁହନ୍ତି ସୁରେ । ମଲେ ଜୀଅନ୍ତି କି ଉପାୟରେ ॥
ରାବଣ ଛାମୁରୁ ମେଲାଣି ହୋଇଣ ବାହାର ସେ ଷଡ଼ବୀରେ ।
ଅନେକ ରଥ ଗଜ ଅଶ୍ୱ ପାଦାତମାନେ ଅଛନ୍ତି ସଙ୍ଗରେ ।
ସେ ବୀରେ । ଅତକାୟ ଚଢ଼ି ରହୁବରେ । ମହାପାରଶ୍ୱ ହସ୍ତୀ ଉପରେ ।
ବସି ତ୍ରିଶିର ହୟପିଠରେ । ଶସ୍ତ୍ରମାନ ଧରିଛନ୍ତି କରେ ॥
ନରାନ୍ତକ ଦେବାନ୍ତକ ବେନଭାଇ ମହାପାରଶ୍ୱକୁ ଘେନି ।
ଗଜ ଅଶ୍ୱ ରଥ ଚଢ଼ିଣ ଆଗୁଆ ହୋଇଛନ୍ତି ଏହି ତିନି ।
ସେ ଶୂର । ଆଗେ ବାଜୁଅଛି ବୀରତୂର । ଦେଖେ ପୂରି ଅଛନ୍ତି ବାନର ।
ଧରିଛନ୍ତି ଶିଳ ତରୁବର । ଦେଖି ଭୟ ପାଇଲେ ଅମର ॥
ଋକ୍ଷ ରାକ୍ଷସ ବେନିବୀର ମିଶିଣ କଲେ ବହୁତ ସମର ।
ତରୁ ଶିଳ ନାନା ଶସ୍ତ୍ରଙ୍କ ବୃଷ୍ଟିରେ ନ ଦଶିଲେ ଦିବାକର ।

ସେ ରଣେ । ମଲେ ବାନର ରାକ୍ଷସଗଣେ । ନରାନ୍ତକ ଅଶ୍ୱ ଆରୋହଣେ ।
ବର୍ଚ୍ଛି ଘେନ ଭୂଷଇ ଆପଣେ । କପି ମାଇଲା ଲକ୍ଷ ପ୍ରମାଣେ ॥

ବାନର ମାରିବା ଦେଖିଣ ସୁଗ୍ରୀବ ଅଙ୍ଗଦକୁ ବୋଲେ ମାର ।
ବାଳିର କୁମର ଶୂନ୍ୟହସ୍ତେ ଉଭା ହେଲେ ଅସୁର ଆଗର ।

ସେ ବୀର । ବର୍ଚ୍ଛି ମାରେ ଅଙ୍ଗଦ ଉପର । ବାଜି ବରଛା ଭାଙ୍ଗିଲା ତାର ।
ଚାପୋଡ଼େ ମାଇଲେ ଅଶ୍ୱପର । ଅଶ୍ୱ ମାରନ୍ତେ ଉଭା ଅସୁର ॥

ମୁଠେ ମାରନ୍ତେ ଅଙ୍ଗଦ ନରାନ୍ତକ ରୁଧିର ଉଦ୍ଗାରି ମଲା ।
ମହୋଦର ଗଜ ଚଢ଼ିଣ ଅଙ୍ଗଦସଙ୍ଗତେ ସମର କଲା ।

ସେ ହନୂ । ଶ୍ରାନ୍ତ ଦେଖିଣ ବାଳିର ସୂନୁ । ଓଗାଳନ୍ତେ କମ୍ପେ ଦୈତ୍ୟତନୁ ।
ଦେଖି ଦୈତ୍ୟ ବନ୍ଦେ ଧରି ଧନୁ । ତାର ଶର ମଣେ ଚନ୍ଦ୍ରଭାନୁ ॥

ହନୂ ଶରଘାତ ତାହାର ସହିଣ ଗଜଦନ୍ତ ଉପାଡ଼ିଲେ ।
ସେ ଗଜଦନ୍ତ ଉପାଡ଼ି ମହୋଦର ଅଙ୍ଗରେ ପ୍ରହାର କଲେ ।

ସେ ଶୂର । ଦନ୍ତ ଭାଜିଲା ବାଜିଣ ଶିର । ତହୁଁ ରୁଧିର ହେଲା ବାହାର ।
କ୍ରୋଧେ ବନ୍ଧିଲି ସେ ତୀକ୍ଷ୍ଣଶର । ଦେଖି ହନୂ ହୋଇଲେ କାତର ॥

ହନୂକୁ ସାହା ହୋଇଣ ନୀଳବୀର ମହୋଦର ଆଗର ।
ମହାପର୍ବତ ଉପାଡ଼ିଣ ବୁଲାଇ ପକାଇଲା ଦୈତ୍ୟଶିର ।

ସେ ମଲା । ଗଜ ସହିତେ ଚୂର୍ଣ୍ଣ ହୋଇଲା । ତାହା ଦେଖି ତ୍ରିଶିର ଧାଇଁଲା ।
ହନୂ ସଙ୍ଗତରେ ରଣ କଲା । ଖଣ୍ଡା ବୁଲାଇଣ ହାଣୁଥିଲା ॥

ସେହି ଖଡ଼ଗ ତା କରୁଁ ଛଡ଼ାଇଣ ହନୂ ତା କରେ ଧଇଲେ ।
ଚନ୍ଦ୍ରଗତି କରି ବୁଲାଇ ତାହାର ଗ୍ରୀବାରେ ପ୍ରହାର କଲେ ।

ତା ମୁଣ୍ଡ । ଛିଡ଼ି ହୋଇଲାକ ତିନିଖଣ୍ଡ । ଦୟିମୁଣ୍ଡ ଦଶଇ ପ୍ରଚଣ୍ଡ ।
ରତ୍ନକୁଣ୍ଡଳ ମଣ୍ଡିତ ଗଣ୍ଡ । ରଣଭୂମିରେ ପଡ଼ିଲା ପିଣ୍ଡ ॥

ତ୍ରିଶିର ମରଣ ଦେଖି ଦେବାନ୍ତକ ଗଜ ଆରୋହି ଧାଇଁଲା ।
ବିବିଧ ଆୟୁଧ ଘେନ ହନୂ ସଙ୍ଗେ ବହୁତ ସମର କଲା ।

ସେ ହନୂ । ମୁଠେ ମାଇଲା ଗଜର ତନୁ । ଗଜ ମଲା ଭଗ୍ନ ହୋଇ ଜାନୁ ।
ମଲ୍ଲଯୁଦ୍ଧ କଲା ଭାଙ୍ଗି ଧନୁ । ମୁଠେ ମଲା ରାବଣର ସୂନୁ ।

ଦେବାନ୍ତକ ମୃତ୍ୟୁ ଦେଖିଣ ଧାଇଁଲା ମହାପାର୍ଶ୍ୱ ଅସୁର ।
ଅଶ୍ୱ ଚଢ଼ିଣ ସେ ହନୂକୁ ଗୋଡ଼ାନ୍ତେ ଋଷଭ ତାର ଆଗର ।

ସେ ବୀର । ଗଦା ମାଇଲା ଋଷଭ ପର । ଗଦା ଉଛୁଡ଼ି ଧଇଲା କର ।
ସେହି ଗଦାରେ କଲା ପ୍ରହାର । ପ୍ରାଣ ଗଲା ଫାଟି ଦୈତ୍ୟଶିର ॥

ଏହା ଦେଖି ମହାକାୟ ରଥ ଚଢ଼ି ବିବିଧ ଆୟୁଧ ଘେନ ।
ଶର ପ୍ରହାରନ୍ତେ ରାମଙ୍କ ଶରଣ ପଶିଲେ କପିସଇନ୍ୟ ।

ତା ରହିଁ । ପଶୁରନ୍ତ ଜାନକୀଙ୍କ ସାଇଁ । ଏଡ଼େ ଦନୁଜ ଦେଖିବା ନାହିଁ ।
କୁମ୍ଭକର୍ଣ୍ଣ ଅଇଲା କି ଜୀଇ । ସେନାମାନେ ଆସନ୍ତି ପଳାଇ ॥

ବିଭୀଷଣ ବୋଲେ ଶୁଣିମା ଭୋ ଦେବ ରାବଣର ଏ ନନ୍ଦନ ।
ବହୁତ ତପ କଲାରୁ ବର ଦେଇଅଛନ୍ତି କଞ୍ଜଆସନ ।
ହେ ବୀର । ସାବଧାନ ହୋଇ ଯୁଦ୍ଧ କର । ଜଣି ପାରଇ ଏ ଏଥିପୁର ।
ମାରି ପକାଇବ ବନଚର । ଶୁଣି ରାମ ହେଲେ ଅଗ୍ରସର ॥
ଶ୍ରୀରାମଙ୍କୁ ପଛ କରଣ ଲକ୍ଷ୍ମଣ ଓଗାଳିଲେ ତାଙ୍କୁ ଯାଇଁ ।
ଅସୁର ହସିଣ ବୋଇଲା କୁମର ଅଇଲୁ ମରିବାପାଇଁ ।
ରେ ବାଳ । ମୃତ୍ୟୁଦେବତାର ମୁହିଁ କାଳ । ମୋତେ ଡରନ୍ତି ଏ ଦିଗପାଳ ।
ତୋତେ ମାରିଲେ ନାହିଁଟି ଫଳ । ପଳା ଧନୁ ଶର ଥୋଇ ଚଳ ॥
ଲକ୍ଷ୍ମଣ ବୋଲନ୍ତି ଶରଦମେଘଟି ଗର୍ଜି ନ ବରଷେ ଜଳ ।
ତୋର ମୋର ଏହିଠାବରେ ଜାଣିବା କେ ବୃଦ୍ଧ ଯୁବା କେ ବାଳ ।
ରେ ବୀର । ଏତେ କହିଣ କଲେ ସମର । ଡର କମ୍ପିଲେ ସକଳ ସୁର ।
କାଣ୍ଡ ପ୍ରହାରିଲେ ଦୈତ୍ୟଶିର । ଦେଖି ପ୍ରଶଂସା କଲା ଅସୁର ॥
ଦୁହେଁ ମହାକ୍ଷେତ୍ରୀ କେହି କାହାକୁହିଁ ନୋହିଲେକ ବଡ଼ ସାନ ।
ଏହା ଦେଖିଣ ମାରୁତି ବିଭୀଷଣ କହିଲେ ଲକ୍ଷ୍ମଣ କର୍ଣ୍ଣ ।
ସେ ବୀର । ବ୍ରହ୍ମଅସ୍ତ୍ର ବେଗେ ଧର କର । ଶୁଣି ବାହାର କଲେକ ଶର ।
ଯାହା ଦେଇଥିଲେ ସୁନାଶୀର । ଗୁଣେ ବସାଇ କଲେ ପ୍ରହାର ॥
ବ୍ରହ୍ମଅସ୍ତ୍ର ବାଜି ଅତିକାୟବୀର ଭୂମିରେ ପଡ଼ିଣ ମଲା ।
ତାହା ଦେଖିଣ ଲକ୍ଷ୍ମଣଙ୍କୁ ଆକାଶୁଁ କୁସୁମବୃଷ୍ଟି ହୋଇଲା ।
ସେ ମଲେ । ଷଡ଼ରଥୀ ଆସି କ୍ଷୟ ଗଲେ । ଦେଖି ଅସୁର ବଳ ଭାଙ୍ଗିଲେ ।
ପଳାଇଣ ରଣୁ ଯନ୍ତ୍ର ଗଲେ । ବଶି ବୋଲେ ରାବଣେ କହିଲେ ।

## ସାତମ୍ଭଳଶ ଛାନ୍ଦ

### ରାଗ—ରସକୋଇଲି ବାଣୀ

ଲକ୍ଷ୍ମଣ ଇନ୍ଦ୍ରଜିତ ଗରୁରଣ । ମହାକ୍ଷେତ୍ରୀ ଅଟନ୍ତି ବେନଜଣ ।
ଶର ଆତଯାତେ ନ ଦିଶେ ଭାନୁ । ମଣ୍ଡଳାକାର ଦିଶେ ବେନଧନୁ ସେ ।
ବନ୍ଧିବା ଭୁଜ ନ ଦିଶେ ଯେ ।
ହନୁକନ୍ଧରେ ଆରୋହି ରାମାନୁଜ ଦ୍ୱିତୀଇନ୍ଦ୍ର ପ୍ରାୟ ଦିଶେ ଯେ ॥
ଲକ୍ଷ୍ମଣ ପେଶିଲେ ବାବଲଶର । କାଟିଲେ ଅସୁରର ଧନୁଶର ।
ପୁଣି କୋପେ ବନ୍ଧିଲେ ପାଞ୍ଚକାଣ୍ଡ । କାଟିଲେ ଅଶ୍ୱ ସାରଥିର ମୁଣ୍ଡ ସେ ।
ରଥ କଲେ ହନୂ ଭଙ୍ଗ ଯେ ।
ସେହିକ୍ଷଣି ଅନ୍ୟ ରଥେ ଆରୋହଣ ଯୁଝିଲେ ଲକ୍ଷ୍ମଣ ସଙ୍ଗ ଯେ ॥
ବନ୍ଧନ୍ତେ ଶରେ ଶର ପରତାଳ । ଜଳଇ ତହିଁ ନିର୍ଧୂମ ଅନଳ ।
ଦେଖି ତରଳ ହୋଏ ବେନବଳ । ଉତପାତ ଯାତ ବେଳକୁବେଳ ସେ ।

ଦନୁଜ ରଣେ ପ୍ରବଳ ଯେ ।
ଛିନକାଣ୍ଡ ବାଛି ବିନ୍ଧିଲେ ବାଜିଲା ଲକ୍ଷ୍ମଣଙ୍କର କପୋଳ ଯେ ॥
ଗଳୁଅଛି ଛିନଧାର ରୁଧିର । ଫୁଫୁକାର କରି ବିନ୍ଧିନ୍ତି ଶର ।
ବିଷମ ବ୍ୟଥା ପାଇଣ ଲକ୍ଷ୍ମଣ । ବାଛି ବିନ୍ଧିଲେ ଶର ସେହିକ୍ଷଣ ସେ ।
ଅଙ୍ଗ କବଚ କାଟିଲେ ଯେ ।
ଉର ଉପରେ ବସିଣ ବୀର ଶର ରୁଧିର ବାହାର କଲେ ଯେ ॥
ସେନା ଉପରେ କାଣ୍ଡମାନ ବସେ । ହିଙ୍କପକ୍ଷୀ ପ୍ରାୟ ଶରୀର ଦିଶେ ।
କି ଅବା ଫୁଟିଲା ପଲାଶତରୁ । ତେସନ ରୁଧିର ବେନି ଅଙ୍ଗରୁ ସେ ।
ନୀପଫୁଲ ପ୍ରାୟ ଶୋଭି ଯେ ।
ବେନି ବୀରେ ବେଳୁଁ ବେଳ ବଢ଼ାବନ୍ତି ନିଜ ଭୁଜବଳ ପ୍ରଭି ଯେ ॥
ରାବଣ ତନୁଜାବିୟ ବିମାନ ꞉ ବେଲକୁବେଲ ହୋଇଲା କ୍ରନ୍ଦନ ।
ଫାଟିଲା ତନୁ ହୋଇ ଅଶକତ । ତେବେହେଁ ବିନ୍ଧଇ ଶର ବହୁତ ।
ତା ଜାଣି କହେ ବିଭୀଷଣ ଯେ ।
ଫୁଟିଲାଣି ଆଉ ଦଣ୍ଡେ ଯୁଦ୍ଧ କର ମାରିବାଟି ଏହିକ୍ଷଣ ହେ ॥
ତିନରାତ୍ରି ତିନଦିବସ ରଣ । ଗଲାଣି ଏହାର ନାହିଁ ପରାଣ ।
ଲଙ୍କାରେ ଏହି ମାତ୍ର ଅଛି ବୀର । ଫୁରୁଣା ହୋଇଣ କର ସମର ।
ମାରଣ କରିବା ଜୟ ହେ ।
ରାବଣକୁ ଆଉ କିଛି ଭୟ ନାହିଁ ହୋଇବା ଆମ୍ଭେ ନିର୍ଭୟ ହେ ॥
ବିଭୀଷଣଙ୍କ ଏମନ୍ତ ବଚନ । ଶୁଣି ଲକ୍ଷ୍ମଣ ହେଲେ ହୃଷ୍ଟମନ ।
ବେଳୁଁ ବେଳ ଶର କଲେ ସନ୍ଧାନ । ଦକ୍ଷିଣଭୁଜ ସ୍ଫୁରେ ଘନଘନ ।
ଜାଣି ବୋଲେ ହେବ ଜୟ ହେ ।
ଇନ୍ଦ୍ର ଦେବା ଶର ତୂଣିରୁ ବାହାର କରି ଦେଖି ଗଲା ଭୟ ଯେ ॥
ଇନ୍ଦ୍ରଦତ୍ତ ଧନୁରେ ବସାଇଲେ । ଓଁକାରଣ ମନ୍ତ୍ର ପଢ଼ି ପେଷିଲେ ।
କାଟିଲା ଅସ୍ତ୍ର ଶକ୍ରଜିତ ଶିର । ମୁକୁଟ କୁଣ୍ଡଳ ସହିତେ ତାର ସେ ।
ପଡିଲା ଯାଇଁ ଭୂମିର ଯେ ।
ଲକ୍ଷ୍ମଣ ଶିରେ ଦେବରାଜ କୁସୁମବୃଷ୍ଟି କଲେ ନିରନ୍ତର ଯେ ॥
ଦୁନ୍ଦୁଭି ବଜାଇଲେ ସୁରପୁର । ବହୁ ଆନନ୍ଦ ହେଲେ ସୁନାଶିର ।
ଯୂଥପତିମାନେ ଆନନ୍ଦ ହେଲେ । ଲକ୍ଷ୍ମଣ ଅଙ୍ଗ ଆଲିଙ୍ଗନ କଲେ ସେ ।
କରିଣ ବହୁତ ସ୍ତୁତି ଯେ ।
ଲକ୍ଷ୍ମଣଙ୍କୁ ବେଢ଼ି ପଟୁଆର ପଢ଼ି ରାମ ଛାମୁକୁ ଆଣନ୍ତି ଯେ ॥
ରାମ ଆଜ୍ଞା ପାଇ ବୈଦ୍ୟ ସୁଷେଣ । ଔଷଧି ଆଣି ଦେଲା ସେହିକ୍ଷଣ ।
ବ୍ରଣ କ୍ଷଉଣ ହୋଇଲେ ସବର୍ଣ୍ଣି । ଗତରୁ ଅଧିକ ବଳ ସମ୍ପନ୍ନ ଯେ ।
ହେଲେ ସମସ୍ତେ ଆନନ୍ଦ ଯେ ।
ଦୀନ ବଣିର ମତ ମତ୍ତମଧୁପ ଶ୍ରୀରାମ ପଦାରବିନ୍ଦ ଯେ ।

## ଏକାବନ ଛାନ୍ଦ

### ରାଗ—ବଙ୍ଗଳାଶ୍ରୀ

ଘେନଣ ଔଷଧି, କପିକୁଳନାଥ, ଗଗନ ମାର୍ଗରେ ଗମେ ।
ଦଶଦଣ୍ଡ ଲାଗି, ରୁଜୁ ବାଟ ଭାଙ୍ଗି, ମିଳିଲା ଅଯୋଧ୍ୟା ଧାମେ ॥
ନନ୍ଦୀଗ୍ରାମପୁର, ଗମଇ ପ୍ରଖର, ଗଳ ପଡ଼େ ଶ୍ରମଝାଳ ।
ରଜନୀ ଭ୍ରମଣି, କରି ରଘୁମଣି ସେ କାଳେ କୈକେୟୀ ବାଳ ॥
ଶୁଣିଣ ଶବଦ, ହୋଇଣ ତବଦ ଭରତ ଅନ୍ତରେ ଭାଳେ ।
ପକ୍ଷରେ ରହିତ ଯେଉଁ ପରବତ ଆକାଶରେ ସେହି ଚଳେ ॥
ବିଚାରି ଏସନେ, ବାଣ ଶରାସନେ, ବସାଇ ବନ୍ଧନ୍ତେ ବୀର ।
ଦେଖି ଶଙ୍କା ପାଇ, ଆକାଶରେ ଥାଇ, ବିଚାରେ ବାୟୁକୁମର ॥
କଶ୍ଚେଁ ଏହି ରାମ, ବହି ମନେ ତମ, ମୋହର ବିଳମ୍ବ ଦେଖି ।
ଲାଗୁଅଛି ଘଟ, ଜଗିଛନ୍ତି ବାଟ କୋଦଣ୍ଡରେ କାଣ୍ଡ ଯୋଖି ॥
କି ଅବା ଭରତ, ରାମ ସାନ ଭ୍ରାତ, ଦଶରଥ ରାଜା ବେଟା ।
ରାଘବ-ବିହୀନ, କୃଶ କରି ତନୁ, ମୁଣ୍ଡେ ବହିଛନ୍ତି ଜଟା ॥
ଏହାଙ୍କ ସମ୍ଭାଷି, ଯିବ ମୁହିଁ ଖସି, ନୋହୁ ମୋର ବିଘ୍ନକର ।
ଏମନ୍ତ ବିଚାରି, ଗଗନୁ ଉତ୍ତରି, ମିଳିଲା ଭୂମିରେ ବୀର ॥
ଦେଖିଣ ତ୍ୱରିତ, ଆପଣେ ଭରତ, ପଚାରନ୍ତି ତୁମ୍ଭେ କେହୁ ।
ଗଗନେ ବିକ୍ରମି, ଯାଉଅଛ ଭ୍ରମି, ପକ୍ଷ ବିନା ମହାବାହୁ ॥
ଶୁଣି ହନୁମାନ, ବୋଲେ ହୋ ସୁମନ, ମୁହିଁ ପବନର ବାଳ ।
ସେବା କରେ ନିତି, ରାମ ରଘୁପତି, ଚରଣ କମଳ ତଳ ॥
ଲଙ୍କା ଅଧିକାରୀ, ସୀତା ନେଲା ହରି, ବାଳିକ ଶ୍ରୀରାମ ମାରି ।
ହୋଇ ସୁଗ୍ରୀ ମେଳ, ବାନ୍ଧି ସିନ୍ଧୁଜଳ, ପ୍ରବେଶ ସୁବଳ ଗିରି ॥
ନାଗପାଶ ବ୍ରହ୍ମଶର, ଆଦି ଦନୁ ଅନେକ କଲୁଁ ସମର ।
ରାବଣ ଅନୁଜ, ନାଶିଲେ ତନୁଜ, ଶ୍ରୀରାମ ଲକ୍ଷ୍ମଣ ବୀର ॥
ଘେନି ପୁତ୍ର ଶୋକ, ଲଙ୍କାର ନାୟକ, ସକତି ମାରିଲା ସଞ୍ଚେ ।
ଦେଇ ପଞ୍ଚପ୍ରାଣ, ପଡ଼ିଛି ଲକ୍ଷ୍ମଣ, ନୀରକ୍ଷ ପରାୟେ ମଞ୍ଚେ ॥
ଅଉଷଧି ପାଇଁ, ସେହି ଘେନି ମୁହିଁ ମିଳିଲି ଗନ୍ଧମାଦନ ।
ହୋଇ ବିଭାଷିତ, କହି କିନା ସତ, ଅଟ ତୁମ୍ଭେ କେଉଁ ଜନ ॥
ଶୁଣି ତା ଭରତ, ବୋଇଲେ ଶୁଣତ, ମୁହିଁ ରାମଚନ୍ଦ୍ର ଭାଇ ।
ଦଶରଥସୁତ, ଜଗତେ ବିଦିତ, କୈକେୟୀ ମୋହର ଆଈ ॥
ସଂସାରେ ଥାଇ କି, ଏ କଷ୍ଟ ଭାଇକି, ବିହିଲା ମୋର ଦଇବ ।
ଦେହେ ପଞ୍ଚପ୍ରାଣ, ଥିଲେ କେହି ପୁଣ, ଏ ଦୁଃଖ ସହି ରହିବ ॥
କପିସୁଧାନାଥ, ନିଅ ଅଉଷଧି, ଜୀଉ ମୋହର ସାନୁଜ ।
ରାବଣକୁ ମାରି, ବେଗେ ଚାପଧାରୀ, ଆସିଣ କରନ୍ତୁ ରାଜ୍ୟ ॥

ଶୁଣି ଏ ଉତ୍ତର, ମରୁତକୁମର, ଦକ୍ଷିଣ ମୂରଚ୍ଛା ହୋଇ ।
ମହାରଣରଙ୍କା, ପ୍ରବେଶ ସେ ଲଙ୍କା, ପାଖରେ ନିଃଶଙ୍କା ହୋଇ ॥
ଜାଣି ରଘୁଶିଷ, ହୋଇଣ ସନ୍ତୋଷ, ବୋଇଲେ ଅଇଲୁ ବାବୁ ।
ଯୂଥପତିବୃନ୍ଦ, ଲଭିଣ ଆନନ୍ଦ, ବୋଇଲେ କଲୁ ତୁ ସବୁ ॥
ଶୁଣି ଭଣେ ହନୂ, ଏମନ୍ତ ବଚନ, ଦୋଷ କରିଛ ଏତେକ ।
ଔଷଧି ନ ଚିହ୍ନି, ଗିରିମୂରଧନୀ, ଆଣିଲି ମୋର ମସ୍ତକ ॥
ଶୁଣି ସୁଖ ପାଇ, ପର୍ବତ ଓହ୍ଲାଇ, ରଖିଲେ ବାନରଗଣ ।
ଧନ୍ୱନ୍ତରିଙ୍କର, ଖୋଜିଲେ କୁମର, ଔଷଧି ତହିଁ ସୁଷେଣ ॥
ଅଉଷଧି ଚିହ୍ନି, ପତ୍ର ତହୁଁ ଅଣି, ଶିଳାରେ ଛେଚିଲେ ନେଇ ।
ଆଣିଣ ଅନଳ, କ୍ଷୀରସିନ୍ଧୁ ଜଳ, ଗୁଡ଼ାଏ ତହିଁ ମିଶାଇ ॥
ଘେନିଣ ବଇଦ୍ୟ, ଲକ୍ଷ୍ମଣ ସନ୍ନିଧ, ବେନି ନାସାପୁଡ଼ା ଟେକି ।
ଦେଲେ ଦିବ୍ୟ ନାସ, ଝଡ଼ିଲା ସେ ପ୍ରାସ, ମୁଦି ଦେଲା ହୃଦସ୍ଥଳୀ ॥
ଭାଇ କୋଳୁଁ ଉଠି, କର ଦୁଇ ଗୋଟି, ଯୋଡ଼ି କଲେ ନମସ୍କାର ।
ଦେଖି ଜୟ ଜୟ, କରନ୍ତି କପିଚୟ, ଆନନ୍ଦେ ଉଠିଲେ ବୀର ॥
ଏ ଅନ୍ତେ ତକ୍ଷଣେ, ଆଜ୍ଞା ପରମାଣେ ହନୁମନ୍ତ ନେଲା ଗିରି ।
ଶୂନ୍ୟେ ଦୈତ୍ୟ ମାରି, ଗିରି ରଖିକରି ଆସି ହେଲା ଲଙ୍କାପୁରୀ ॥
ଭଣେ ଦୀନବଣି, ଏହି ରସେ ରସି, ଦିନ ରାତି ମୋର ଯାଉ ।
ରାବଣ ଅରାତି, ଚରଣେ ପୀରତି, ପ୍ରତିକ୍ଷଣେ ମୋର ଥାଉ ॥

### ଛପନ ଛନ୍ଦ

ରାଗ —ଭୈରବ ସରମାନ

ରାବଣ ସଂହାରି ବୀର ଦାଶରଥି ରଥୁଁ ଓହ୍ଲାଇ ଭୂମିରେ ଉଭା ହେଲେ ।
ମହାଁ ତୁଷ୍ଟ ହୋଇ ସୁଗ୍ରୀବକୁ ରାଇ ବେନିଭୁଜେ ତାଙ୍କୁ ଆଲିଙ୍ଗନ କଲେ
କି ସଖେ ହେ, ପଡ଼ିଅଛି ଦଶଶିର ।
ତୁମ୍ଭ ସାହି ପାଇ ସିନ୍ଧୁ ପାରି ହୋଇ ରାବଣ ମାରିଲୁଁ ଏ ଯଶ ତୁମ୍ଭର ॥
ରାମ ସ୍ନେହ ଦେଖିଣ ଲକ୍ଷ୍ମଣ ବୀର ସୁଗ୍ରୀ ପାଦ ଛୁଇଁ ଶିରେ ଦେଲେ କର ।
ସୁଗ୍ରୀବ ସକଳ କପିସେନା ଘେନି ପୂଜା କଲେ ରାମ ବେନି ଶ୍ରୀପୟର ।
ରାବଣ ମରିବା ଯାଏ ଉତପାତମାନେ ଅବଚ୍ଛିନେ ଜାତ ହେଉଥିଲେ ॥
ମଲା ବେଳରୁ ଯେ ଯାହା ସଦଭାବେ ରହି ଭୟ ତେଜି ନିଶ୍ଚିନ୍ତେ ରହିଲେ ।
ମାତଲୀଙ୍କି ଆଜ୍ଞା ଦେଲେ ରଘୁବୀର ଶକ୍ର ସନ୍ନିଧିକୁ ନିଅ ରହୁବର ।
ଆମ୍ଭେ ତୁମ୍ଭଙ୍କୁ କି ଦେଇଣ ସୁଝିବୁଁ କଲ ବହୁତ ଆମ୍ଭଙ୍କୁ ଉପକାର ॥
ଆଜ୍ଞା ପାଇଣ ମାତଲୀ ରହୁବର ଶୀଘ୍ର କରିଣ ଘେନି ଗଲା ସୁରପୁର ।
ବୋଲେ ବଶି ରାମ ଥାଠ କପି ନାଠ ହୃଷ୍ଟ ହୋଇଣ କରନ୍ତି ବନଚର ।

## ଏକଷଠି ଛାନ୍ଦ

ରାଗ—ରାଜବଜେ ମଙ୍ଗଳ—ଶୋକବରାଡ଼ୀ

ସୀତାଙ୍କୁ ଦେଖି ରଘୁନନ୍ଦନ । ରାମ କହେ ନିଷ୍ଠୁର ବଚନ ।
ଆଗୋ ଜାନକୀ ଏବେ ଯହିଁକି ଇଚ୍ଛା ତହିଁକି କର ଗମନ ଗୋ । ସୀତେ ॥
ଜନ-ଅପବାଦରୁ ବର୍ଞ୍ଚିଲୁଁ । ଏହା ଆପଣା ମନେ ପାଞ୍ଚିଲୁଁ ।
ରାବଣ ସଂହାରି ତୁମ୍ଭଙ୍କୁ ଆଣିଲୁଁ ଯଶ ମହୀରେ ରଖିଲୁଁ ଗୋ । ସୀତେ ॥
ଭରତ ଶତ୍ରୁଘ୍ନ ସୁଗ୍ରୀବର । ଆବରହିଁ ସୁମିତ୍ରାକୁମର ।
ଶରଧା ହୋଇଲେ ଏମାନଙ୍କୁ ତୁମ୍ଭେ ସ୍ୱଇଚ୍ଛାରେ ବର ବର ଗୋ । ସୀତେ ॥
ରଘୁକୁଳେ ଆମ୍ଭେ ଯେଣୁ ଜାତ । ତେଣୁ ନିର୍ମଳ ହୋଏ ବିଖ୍ୟାତ ।
ତେତେ଼କୁଳେ ତୁମ୍ଭ ନିମିତ୍ତ କଳଙ୍କ ଦେବାର ନୋହେ ଉଚିତ ଗୋ । ସୀତେ ॥
କାନ୍ତ ମୁଖରୁ ଏମନ୍ତ ଶୁଣି । ସେ ଯେ ଜନକରାଜ ଦୁଲଣୀ ।
ଜଣାଇଲେ ଅନ୍ୟ ଯୁବତୀ ପରାୟେ ମଣିଛ କି ରଘୁମଣି ହେ । ଦେବ !
ବାଳକାଳୁଁ ଧରି ତୁମ୍ଭ ପାଣି । ଭୂମିସୁତା ମୁଁ ନିର୍ଦ୍ଦୋଷୀ ପ୍ରାଣୀ ।
ପ୍ରଭୁ ହୋଇ ଅନିମିତ୍ତେ କୋପ କଲେ କମ୍ପିଁଇ ଥିବ ଧରଣୀ ହେ । ଦେବ ॥
ଯେବେ ଏମନ୍ତେ ବରତି ଥିଲି । ହନୁମୁଖେ ବାରତା ନ ଦେଲି ।
ସେତୁବନ୍ଧ ପୋତି ଅସୁର ନିପାତି କଷଣ ଏତେ ସହିଲ ହେ । ଦେବ ॥
ମୋର କାୟିକ ବାଚକ ମନ । ତୁମ୍ଭ ବିନା ଥିବ ଯେବେ ଆନ ।
ତେବେ ମୋର ଅଙ୍ଗ ଦହନ କରିବେ ନିଶ୍ଚୟ ହବ୍ୟବାହନ ହେ । ଦେବ ॥
• ସଉମିତ୍ରି ମୁଖ ଦେବୀ ଚାହିଁ । ବାଲୁ ଅନଳ ଦିଅ ଲଗାଇ ।
ବାହନ ମୋର ତନୁ ଦହିବ ବିଳମ୍ବ କର କମ୍ପିଁଇ ହେ । ବତ୍ସ ॥
ମୋର ଆଜ୍ଞା ବାଲୁ କର । ତୁମ୍ଭେ ମନରେ ଆନ ନ ଧର ।
ଅନଳ ମୋ ତନୁ ଦହନ ନ କଲେ ଅପବାଦୁଁ ହେବ ପାର ହେ । ବତ୍ସ ॥
ରାମ ଇଙ୍ଗିତ ଲକ୍ଷ୍ମଣ ଜାଣି । ଅଗ୍ନି ଲଗାଇଲେ ସେହିକ୍ଷଣି ।
କୋଦଣ୍ଡ ହସ୍ତେ ବେନିପାଣି ଦେଇଣ ଉଭାଛନ୍ତି ରଘୁମଣି ସେ । ରାମ ॥
ଦେବୀ କାନ୍ତ ପ୍ରଦକ୍ଷିଣ ସାରି । ପୁଣି ଅଗ୍ନି ପ୍ରଦକ୍ଷିଣ କରି ।
ଅନଳ ଭିତରେ ହସାଇଁ ପଶିଲେ ହା ହା କଲେ ବିଶ୍ୱପୁରୀ ସେ । କାଳେ ॥
ଅଗ୍ନି ଭିତରେ ଦେବୀ ରହିଲେ । ଚାହୁଁ ଚାହୁଁ ଅଦୃଶ୍ୟ ହୋଇଲେ ।
ହବ୍ୟବାହନ ଦିବ୍ୟାସନ ଦେଇଣ ବହୁ ପୂଜା ତାଙ୍କୁ କଲେ ସେ । ଜନେ ॥
ରାମ ହୋଇଣ ଆତଙ୍କ ମନ । ନୀରପୂରିଲା ବେନି ନୟନ ।
ଚକିତ ହୋଇଣ ଦଶଦିଗ ଚାହିଁ ପୁଣ ହେଲେ ଛନ୍ନ ଛନ୍ନ ସେ । ରାମ ॥
ଦେବ ଦାନବ ଋକ୍ଷ ମର୍କଟ । ହା ହା ସବୁରି ମୁଖେ ପ୍ରକଟ ।
ବୋଲନ୍ତି ଶ୍ରୀରାମ କି କଲେ କି କଲେ ବିନା ଦୋଷେ ଏଡ଼େ ରୁଷ୍ଟ ହେ । ରାମ ।

ସର୍ବେ ହୋଇଲେ ଆକୁଳ ମନ । କହିବାକୁ କେ ନାହିଁ ଭାଜନ ।
ବୋଲେ ବଶି ରାମ ଅନୁକୂଳ ଗୃହିଁ ନେତ୍ର କଲେ ଥନ ଥନ ସେ । ରାମ ॥

## ଉତ୍ତରକାଣ୍ଡ

### ଷୋଡ଼ଶ ଛାନ୍ଦ

ରାଗ—ଆଷାଢଶୁକ୍ଳ ବାଣୀ

ରାଘବଅଙ୍କେ ବସିଣ ସୁନ୍ଦରୀ । କାନ୍ତକୁ କହନ୍ତି ଯେ ସ୍ନେହ କରି ।
ତପୋବନ ଦେଖିବାକୁ ମୋ ମନ । ଋଷିପତ୍ନୀଙ୍କି କରିବି ଦର୍ଶନ ।
ଫଳ ମୂଳ ଦେବି । ବସନ ଭୂଷଣ ଦେଇ ଆସିବି ॥
ଶୁଣି ରାଘବ ହୋଇ ହସ ହସ । ଆଜ୍ଞାଦେଲେ ଯିବ ତାଙ୍କର ପାଶ ।
ଋଷିମାନଙ୍କ ମଠ ଦେଖାଇବା । ତୁମ୍ଭର ମନୋରଥ ପୂରାଇବା ।
ତୋଷିବାକ ମନ । ବାହାର ମଣ୍ଡପେ କଲେ ଆସ୍ଥାନ ॥
ଦିବ୍ୟ ମଣ୍ଡପ ରତ୍ନବେଦୀ ପର । ତହିଁ ବିଜୟ କଲେ ରଘୁବୀର ।
ଏହିକାଳରେ ବୟସିକମାନେ । ପ୍ରବେଶ ହେଲେ ରାମ ସନ୍ନିଧାନେ ।
ସେମାନଙ୍କୁ ଦେଖି । ତାଙ୍କୁ ରଖି ପରିଜନ ଉପେକ୍ଷି ॥
ଶ୍ରୀରାମ ତାଙ୍କୁ ପରିହାସ କଲେ । ଶୁଣି ସେମାନେ ପ୍ରତିଭାଷ ଦେଲେ ।
ଉପୁଜିଲା ତହିଁ ବହୁତ ହାସ । ଜାଣନ୍ତି ସେମାନେ କଥାର ରସ ।
ସେମାନଙ୍କ ସଙ୍ଗେ । କଉତୁକ କଥା କହନ୍ତି ରଙ୍ଗେ ॥
ରାମ ବୋଲନ୍ତି ଶୁଣ ଦ୍ୱିଜମାନେ । ଆମ୍ଭଙ୍କୁ କି ବୋଲନ୍ତି ପୁରଜନେ ।
ନିନ୍ଦା ସ୍ତୁତି ଆମ୍ଭ ଛାମୁରେ କହି । ଯଥାର୍ଥ କଥାରେ ଭୟ ନ ପାଅ ।
ଶୁଣିଲେ ଅକୀର୍ତ୍ତି । ଅକୀର୍ତ୍ତିରେ ନ ବଳାଇବା ମତି ॥
ବୋଲନ୍ତି ହେ ଦେବ ତୁମ୍ଭ ଅକୀର୍ତ୍ତି । ଚନ୍ଦ୍ରକର ପ୍ରାୟେ ମଣ୍ଡିଲା କ୍ଷିତି ।
ତ୍ରୟଭୁବନ ସନ୍ତାପ ଖଣ୍ଡିଲ । ଜାନକୀ ଛଳେ ରାବଣ ଦଣ୍ଡିଲ ।
ସିନ୍ଧୁ ବନ୍ଧାଇଲ । ଅଲୌକିକ କର୍ମମାନତ କଲ ॥
ପର୍ଶୁରାମଙ୍କୁ ଦେବ କଲ ଜୟ । ସେଦିନୁ ହୁଷ୍ଟ ହୋଇଲେ ସଭୟ ।
ଯେଉଁ ଲଙ୍କାଗଡ଼ ଦେବେ ଅଜୟ । ବାନରଙ୍କୁ ଘେନ କଲ ତା ଜୟ ।
କି ବୋଲିବେ ଜନେ । ପ୍ରଶଂସା କରନ୍ତି ତ୍ରୟଭୁବନେ ॥
ପୁଣି ବୋଲନ୍ତି ଶ୍ରୀରାମ ରାଜନ । ତୁମ୍ଭେମାନେ ଭୟ ନ କର ମନ ।
ତଥାପି ଆମ୍ଭର କି ଅବଗୁଣ । କାହା ମୁଖରୁ କାହିଁ ଅବା ଶୁଣ ।
ଶୁଣି ନିବର୍ତ୍ତିବା । ଧର୍ମକଥାରେ ସିନା ପ୍ରବର୍ତ୍ତିବା ॥
ଭଦ୍ରମୁଖ ନାମେ ଏକ ବ୍ରାହ୍ମଣ । କର ଯୋଡ଼ିଣ ବୋଲେ ଦେବ ଶୁଣ ।
ସବୁରି ମୁଖରେ ତୁମ୍ଭର କୀର୍ତ୍ତି । ଏକା କଥାଏ ମାତ୍ର ଅପକୀର୍ତ୍ତି ।
ଶୁଣଇଁ ମୁଁ ଯାହା । ବଚନେ ଦେବ କହି ନୋହେ ତାହା ॥

ରାମ ବୋଲନ୍ତି ହେ ଭୟ ନ କର । ନିର୍ଭୟ ହୋଇ ଜଣାଅ ଖ୍ୱରୂର ।
ଏହା ଶୁଣି ଦ୍ୱିଜ କହେ ଉତ୍ତର । ଭୋ ଦେବ ଶୁମର ନଗର ନର ।
ଏମନ୍ତ ବୋଲନ୍ତି । ଏତେ ଅନିତ କଲେ ରଘୁପତି ॥
ରାବଣ ଯାହାକୁ ହେରିଗଲା ନେଲା । ବରଷେ ଯାଏ ଘରେ ରଖିଥିଲା ।
ତାହାକୁ ଆଣି କଲେ ପ୍ରୀୟବତୀ । ନ ମିଳନ୍ତା କବା ଅନ୍ୟ ଯୁବତୀ ।
ଏମନ୍ତ ବଚନ । କହନ୍ତି ଦେବ ଅଯୋଧ୍ୟାର ଜନ ॥
ଯେଉଁ ନୃପତି ଯେଉଁ ଧର୍ମ କରେ । ସେ ଦେଶଜନେ ତାର ଅନୁସାରେ ।
ଆମ୍ଭ ଭାରଯା ଯେବେ ନେବ ଆନ । ତାହାକୁ ତେବେ ଆଣିବା ସଦନ ।
ଯା କଲେ ନରେଶ । ଆମ୍ଭେମାନେ କଲେ ହେବ କି ଦୋଷ ॥
ଏହା ଶୁଣି ଜଣାଇଲ ଖ୍ୱରୂର । ମୋ ଦୋଷ ନ ଧର କୋଦଣ୍ଡଧର ।
ଶୁଣି ଶ୍ରୀରାମ ଅରୁଣନୟନ । ଭୂମିକି ଯେ କଲେ ଅବଲୋକନ ।
ତେଜି ଖରଶ୍ୱାସ । ମହାକ୍ରୋଧ ମନେ ହେଲା ପ୍ରବେଶ ॥
ବ୍ରାହ୍ମଣମାନଙ୍କୁ ଦେଲେ ମେଲାଣି । ସେମାନଙ୍କ କଥା ମନରେ ଗୁଣି ।
ଜନ ଅପବାଦ ହୋଇବା ଜାଣି । ବିସ୍ମୟ ହୋଇଲେ କୋଦଣ୍ଡପାଣି ।
ଦୀନ ବଣି ଭଣି । ରାମପାଦ ଭବ-ସିନ୍ଧୁ-ତରଣୀ ॥

## ସପ୍ତଦଶ ଛାନ୍ଦ

ରାଗ—ମଙ୍ଗଳଗୁଜ୍ଜରୀ

ଭଦ୍ରମୁଖୁଁ ଏସନ ଶୁଣି ରଘୁମଣି ।
ମହାକ୍ରୋଧ ଜାତ ହୋଇଲା ସେହିକ୍ଷଣି ॥
ହୃଦୟଦେଶ ତାଙ୍କର ହେଲା ଆକୁଳ ।
ବେନିନୟନେ ପୂରିଲା ଲୋତକଜଳ ॥
ଆଜ୍ଞା ଦେଲେ ଦ୍ୱାରକି ଅଣାଅ ଲକ୍ଷ୍ମଣ ।
ଭରତ ଶତ୍ରୁଘନଙ୍କୁ ତ୍ୱରିତେ ଆଣ ॥
ଆଜ୍ଞା ପାଇ ପ୍ରତିହାରୀ ତ୍ୱରିତେ ଗଲା ।
ଭରତ ଶତ୍ରୁଘ୍ନ ଲକ୍ଷ୍ମଣଙ୍କୁ ଆଣିଲା ॥
ଦ୍ୱାରେ ତାଙ୍କୁ ରଖି ଜଣାଇଲା ଖ୍ୱରୂରେ ।
ଭୋ ଦେବ ଆଣିଲି ଉଭା କରିଛି ଦ୍ୱାରେ ।
ଆଜ୍ଞା ଦେଲେ ବେଗେ ଆମ୍ଭ ଖ୍ୱରୂକୁ ଆଣ ।
ଦ୍ୱାରେ କପାଁ ରଖିଲ ସେ ଆମ୍ଭର ପ୍ରାଣ ॥
ଆଜ୍ଞା ପାଇଣ ଖ୍ୱରୂରେ କଲା ପ୍ରବେଶ ।
ଦର୍ଶନ କରଣ ଉଭା ହୋଇଲେ ପାଶ ॥

ଦେଖିଲେ ନୃପତି ମୁଖ ଦର୍ଶେ ବରିଷ ।
ଯେହ୍ନେ ପୂର୍ଣ୍ଣଚନ୍ଦ୍ର ଦଶେ ରଜନୀଶେଷ ॥
ଲକ୍ଷ୍ମଣଙ୍କୁ ରହିଁ ଆଜ୍ଞା ଦେଲେ ରାଜନ ।
ତୁମ୍ଭେ ସିନା ଜାଣ ଲଙ୍କା ବୃତାନ୍ତମାନ ;
ଯେଉଁରୂପେ ସୀତା ଅଗ୍ନି ପରୀକ୍ଷା ଦେଲେ
ଯେଉଁରୂପେ ଆସି ପିତାମହ କହିଲେ ॥
ଦେଖିଲତ ତାତ ଶକ୍ର ସଙ୍ଗତେ ଆସି ।
ବୋଇଲେ ଅତ୍ୟନ୍ତ ବାବୁ ସୀତା ନିର୍ଦ୍ଦୋଷୀ
ତେଣୁକରି ଆମ୍ଭେ ତାଙ୍କୁ ଗ୍ରହଣ କଲୁଁ ।
ଏବେ ଜନମୁଖେ ଅପବାଦ ପାଇଲୁଁ ॥
ଜନଅପବାଦ ନାଶ କରେ ସୁକୀର୍ତ୍ତି ।
ଏଣୁକରି ତହିଁକି ମୁଁ କରଇଁ ଭୀତି ॥
ଜନ ଅକୀର୍ତ୍ତିରେ ଅଧୋଗତି ଲଭନ୍ତି ।
ଜନ ପ୍ରଶଂସିଲେ ସ୍ୱର୍ଗପୁରେ ବସନ୍ତି ।
ଅପବାଦ ଶୁଣି ଅଣାଇଲୁଁ ତୁମ୍ଭଙ୍କୁ ।
ଏ କଥାରେ ବଳାଇବ ନାହିଁ ଆମ୍ଭଙ୍କୁ ॥
ଆମ୍ଭର ଚରଣ ରାଣ ଆମ୍ଭ ଶପଥ ।
ଆମ୍ଭ ଆଜ୍ଞା ନ ଭଙ୍ଗି କରିବ ତ୍ୱରିତ ॥
ସୀତାଙ୍କୁ ନେଇଣ ତୁମ୍ଭେ ବନେ ନିବେଶ ।
ଗଙ୍ଗାତୀରେ ବାଲ୍ମୀକି ଆଶ୍ରମ ପାଶ ।
ଋଷୀକୁଟି ଦେଖିବାକୁ ତାଙ୍କର ମନ ।
କଇତବେ ନେଇ ଛାଡ଼ି ଆସ ବହନ ॥
ଏମନ୍ତ ଶୁଣିଣ ଭ୍ରାତାମାନେ ଆକୁଳ ।
ସବୁଙ୍କର ନୟନରୁ ଗଳିଲା ଜଳ ।
ରାମ ଆଜ୍ଞା ଦେଲେ ଲକ୍ଷ୍ମଣଙ୍କୁ ଅନାଇଁ ।
ସୀତାଙ୍କୁ ଘେନିଣ ଯିବ ରଥେ ବସାଇ ॥
ସୁମନ୍ତ୍ର ସାରଥି ହୋଇ ରଥବାହିବ ।
ନିଶି ଥାଉଁ ଥାଉଁ ତାଙ୍କୁ ଘେନିଣ ଯିବ ॥
ଆଜ୍ଞା ପାଇ ଲକ୍ଷ୍ମଣ ସ୍ୱୀକାର କଲେ ।
ଓଲଗ କରି ମେଲାଣି ସମସ୍ତେ ହେଲେ ॥
ଏଥୁ ଅନନ୍ତରେ ନିଶି ହୁଅନ୍ତେ ଶେଷ ।
ସୁମନ୍ତ୍ର ରଥ ଆଣିଲେ ଲକ୍ଷ୍ମଣ ପାଶ ॥
ଅନ୍ତଃପୁରେ ଲକ୍ଷ୍ମଣ ହୋଇଲେ ପ୍ରବେଶ ।
ଦରଶନ କଲେ ଯାଇଁ ଜାନକୀ ପାଶ ॥

ଋଷୀପତ୍ନୀ ଦେଖିବାକୁ ଶ୍ରଦ୍ଧା ତୁମ୍ଭର ।
ଆଜ୍ଞା ମୋତେ ଦେଇଛନ୍ତି କୋଦଣ୍ଡଧର ॥
ଶୁଣିଣ ଜାନକୀ ବହୁ ଆନନ୍ଦ ହେଲେ ।
ଦିବ୍ୟ ରତ୍ନଅଲଙ୍କାର ବସ୍ତ୍ର ଘେନିଲେ ॥
ଋଷିକାମିନୀମାନଙ୍କୁ ଦେବାର ପାଇଁ ।
ସେମାନ ଘେନି ବସିଲେ ରଥରେ ଯାଇଁ ॥
ଲକ୍ଷ୍ମଣ ସହିତେ ବସିଲେ ମନ୍ତ୍ରିବର ।
ପ୍ରବେଶ ହୋଇଲେ ଯାଇଁ ନଦୀର ତୀର ॥
ସୀତା ବୋଲନ୍ତି ଶୁଣ ହେ ଲକ୍ଷ୍ମଣ ବୀର ।
ଅମଙ୍ଗଳମାନତ ହେଉଛି ମୋହର ॥
ଦକ୍ଷିଣବାହୁ ଦକ୍ଷିଣନେତ୍ର ସ୍ଫୁରଇ ।
ତନୁ କମ୍ପେ ହୃଦୟ ଆକୁଳ ହୁଅଇ ॥
କହୁଁ କହୁଁ ଗଙ୍ଗାତୀରେ ପ୍ରବେଶ ହେଲେ ।
ସେଠାରୁ ଲକ୍ଷ୍ମଣ ମହାଶୋକୀ ହୋଇଲେ ॥
ଜାନକୀ ବୋଲନ୍ତି ଭ୍ରାତ ପଦକମଳ ।
ଦିନେ ନ ଦେଖି ହେଉଛ ଏଡ଼େ ବିକଳ ॥
ପ୍ରାଣପତି ଅଟନ୍ତି ମୋ ପ୍ରାଣ ପୁରୁଷ ।
ମୋହର ହେଉଛି ତୁମ୍ଭ ପ୍ରାୟ ବରଷ ॥
ଜାହ୍ନବୀ ସନ୍ନିଧେ ନିତ୍ୟକର୍ମ ସାରିଲେ ।
ଜାନକୀ ଘେନି ଲକ୍ଷ୍ମଣ ନାବେ ବସିଲେ ॥
ସୁମନ୍ତ୍ର ରଥ ଘେନିଣ କୂଳେ ରହିଲେ ।
ଲକ୍ଷ୍ମଣ ଋଷିଆଶ୍ରମ ଦେଖାଇ ଦେଲେ ॥
ନାବୁଁ ଓହ୍ଲାଇଣ ଗଙ୍ଗା ତଟରେ ବସି ।
ସାନୁଜ କାରୁଣ୍ୟକରୁଛନ୍ତି ବିଶେଷି ॥
ବୋଲନ୍ତି ଏ କାର୍ଯ୍ୟକୁ ପେଷିଲେ ଭୂପାଳ ।
ଛେଦନ କପାଁ ନ କଲେ ଏ ମୋର ବାଳ ॥
ବୋଲନ୍ତି ଜାନକୀ କପାଁ କହ ଏମାନ ।
ବାହୁଡ଼ି ଯିବାକୁ ହେଉଅଛି ମୋ ମନ ॥
କେବଳ ମାତ୍ର ରହିବା ଆଜର ଦିନ ।
ସମସ୍ତ ଋଷିମାନଙ୍କୁ କରି ଦର୍ଶନ ॥
ଶୁଣିଣ ଲକ୍ଷ୍ମଣ ପାଦେ ପଡ଼ି ରହିଲେ ।
ମୋର ଅପରାଧ ନ ଘେନିବ ବୋଇଲେ ॥
ଜନମୁଖେ ରାମ ତୁମ୍ଭ ଅକୀର୍ତ୍ତି ଶୁଣି ।
ତେଜିଲେ ଏବେ ତୁମ୍ଭଙ୍କୁ କୋଦଣ୍ଡପାଣି ॥

ଶୁଣିଣ ଜାନକୀ ମୂର୍ଚ୍ଛା ଯାଇଁ ପଡ଼ିଲେ ।
କେତେହେଁକ ବେଳେ ତହିଁ ଜ୍ଞାନ ପାଇଲେ ।
ବୋଲନ୍ତି ମୋହର ଏଡ଼େ ମନ୍ଦ କରମ ।
ବିଧାତା ଦୁଃଖ ଦେବାକୁ କଲା ଜନମ ॥
ପ୍ରାଣ ଛାଡ଼ନ୍ତି କୁଳକୁ କଳଙ୍କ ହେବ ।
ପ୍ରାଣପତିଙ୍କି ମୋହର ଦୋଷ ଲାଗିବ ॥
ପଛଇବେ ଯୁବତିମାନେ ଯେ ଆମ୍ଭଙ୍କୁ ।
ପ୍ରାଣନାଥ କି ଦୋଷେ ଛାଡ଼ିଲେ ତୁମ୍ଭଙ୍କୁ ॥
କି ବୋଲିବି ମୋତେ ସେହି ନ ଦିଶେ ବୁଦ୍ଧି ।
ବିନା ଦୋଷେ ତ୍ୟାଗ କଲେ କରୁଣାନିଧି ॥
ଏମନ୍ତ ବୋଲିଣ ଉଚ୍ଚେ କଲେ ରୋଦନ ।
ବୋଲେ ବଶି. ଚନ୍ତା କର ପଦ୍ମଲୋଚନ ॥

## ଏକବିଂଶ ଛାନ୍ଦ

ରାଗ—ବଟିକି ଦେଶାକ୍ଷ

ଲବ କୁଶଙ୍କର ଶୋଭା ଦେଖିଣ ରାମ । ଦିଶୁଛନ୍ତି ବେନି ସୁତେ ଦ୍ୱିତୀୟ କାମ ॥
କକ୍ଷାବାସ ପରିହର କନ୍ଧେ ପଇତା । ଦୋଷଡ଼ା କୃଷ୍ଣ ଅଜିନ ଦ୍ୱାଦଶ ଚିତା ॥
ମଣ୍ଡି ଅଛନ୍ତି ଗଳାରେ ରୁଦ୍ରାକ୍ଷମାଳ । ନେତ୍ରବେନି ବାହା ଦୁଇ ଦିଶେ ବିଶାଳ ॥
ରାମାୟଣ ଶୁଣି ରାମଚନ୍ଦ୍ର ହରଷ । ବିସ୍ତାରିଲେ ବେନିସୁତେ ପିତାଙ୍କ ଯଶ ॥
ପାଶକୁ ଆଣି ତାହାଙ୍କୁ କୋଳେ ଧଇଲେ । ଅତି ସ୍ନେହରେ ମୂର୍ଦ୍ଧନୀ ଆଘ୍ରାଣ କଲେ ॥
ହୃଦରେ ପ୍ରବେଶ ହେଲା ଶୋକ ବିବେକ । ଦେଖୁଅଛନ୍ତି ସଭାରେ ସକଳ ଲୋକ ॥
ଆଜ୍ଞା ଦେଲେ ଏ ବେନି ଆମ୍ଭର କୁମର । ରହିଅଛନ୍ତି ଜନନୀ ଋଷିଙ୍କ ପୁର ॥
ଏତେ କହି ଶତ୍ରୁଘନଙ୍କୁ ଅନାଇଲେ । କର ଯୋଡ଼ିଣ ସେହି ସମସ୍ତ କହିଲେ ॥
ଶୁଣିଣ ଆନନ୍ଦ ହେଲେ ଭରତ ଲକ୍ଷ୍ମଣ । ମନ୍ତ୍ରିଗଣ ସହିତେ ସୁଗ୍ରୀ ବିଭୀଷଣ ॥
କୁମରଙ୍କୁ ଚାହିଁ ବୋଲନ୍ତି ସବୁ ନୃପ । ଦେଖ ଏ ବେନି କୁମର ଶ୍ରୀରାମ ରୂପ ॥
ଶ୍ରୀରାମର କୋଳୁଁ ନେଇ ଭରତ ଲକ୍ଷ୍ମଣ । ଆଲିଙ୍ଗନ କରି ଶିରେ ଦେଲେ ଆଘ୍ରାଣ ॥
ସୁଗ୍ରୀ ବିଭୀଷଣ ଆଲିଙ୍ଗନତ କଲେ । ଆଉ ରାଜାମାନେ ଶିରେ କରକୁ ଦେଲେ ॥
ଭରତ ବିଭୀଷଣଙ୍କୁ ଯେ ଠାରଣ ଦେଲେ । ସେ ବେନି ନୃପତି ତାଙ୍କ ମନ ଜାଣିଲେ ॥
ସୁଗ୍ରୀ ବିଭୀଷଣ ଯୋଡ଼ିଣ ବେନିକର । ଭୟ ତେଜି ଜଣାଇଲେ ରାମ ଛାମୁର ।
ଠାକୁରାଣୀଙ୍କର ଦେବ ଅଛି କି ଦୋଷ । କିପାଁ ତାଙ୍କୁ ଆଜ୍ଞା ହେଲା ବନେ ନିବାସ ॥
ଲଙ୍କାରେତ ଦେଖିଅଛ ପରୀକ୍ଷା ଦେଲେ । ଏବେ ପ୍ରଭୁଙ୍କୁ କେବଣ ଅପ୍ରାଧ କଲେ ॥
ଏବେ ସେହି ଅପରାଧ ଆମ୍ଭଙ୍କୁ ଦେବ । ଋଷିଙ୍କ ମଠରୁ ଘେନାଇଣ ଆସିବ ॥
ଶୁଣିଣ ଶ୍ରୀରାମ ତାହାଙ୍କର ବଚନ । ବୋଲନ୍ତି ଯେ ନିନ୍ଦା କଲେ ଅଯୋଧ୍ୟାଜନ ॥

ତୁମ୍ଭର ଜଣାଇବାରୁ ସୀତା ଆସିବେ । କେବଳ ସେ ଅଉ ଥରେ ପରୀକ୍ଷା ଦେବେ ।
ଏମନ୍ତ କହିଣ ଅଣାଇଲେ ଦୁଆରୀ । ଆଜ୍ଞାଦେଲେ ଶ୍ରୀମୁଖରେ କୋଦଣ୍ଡଧାରୀ ।
ବାଲ୍ମୀକ ଆଶ୍ରମକୁ ତୁରିତେ ଯିବୁ । ଆମ୍ଭର ଆଜ୍ଞା ବୋଲିଣ ତାଙ୍କୁ କହିବୁ ।
ବୋଲିବୁ ଏମନ୍ତ ଆଜ୍ଞା ଦେଲେ ନୃପତି । ସୀତାଙ୍କୁ ଘେନିଣ ବେଗେ କରିବ ଯତି ।
ଆଜ୍ଞା ପାଇ ପଡ଼ିହାରୀ ତ୍ୱରିତେ ଗଲା । ବାଲ୍ମୀକ ଆଶ୍ରମରେ ପ୍ରବେଶ ହେଲା ।
ଜନକ ସୁତାଙ୍କୁ ସେ ପ୍ରବୋଧି କହିଲେ । ରଘୁନାଥ ଆଜ୍ଞା ତୁମ୍ଭେ ଯିବ ବୋଇଲେ ।
ଆମ୍ଭର ସଙ୍ଗରେ ମାଏ ଯାଗକୁ ଯିବ । ଆଜ୍ଞାଦେଇଣ ଅଛନ୍ତି ତୁମ୍ଭର ଧବ ।
ଦେଖିଣ ରାମ ତୁମ୍ଭଙ୍କୁ ହେବେ ହରଷ । ଦେଖିଣ ଦେବତାମାନେ ହୋଇବେ ତୋଷ ।
ଏତେ କହି ଜାନକୀଙ୍କି ସଙ୍ଗତେ ଘେନି । ବୋଲେ ବଶି ଅବଲମ୍ବେ ବାହାର ମୁନି ।

### ଦ୍ୱାବିଂଶ ଛନ୍ଦ

#### ରାଗ—ଚକ୍ରକେଳି ବାଣୀ

ସୀତାଙ୍କୁ ଘେନିଣ ମୁନି ପ୍ରବେଶ । ମହୀ ଘେନି ଅଇଲେ କି ପ୍ରକେଶ ।
ଆସନ ଦେଇ ରାମ ପୂଜା କଲେ । ଖଣ୍ଡେ ଦୂରେ ଜାନକୀ ଉଭା ହେଲେ ।
କରିଛନ୍ତି ବେନିକର ଅଞ୍ଜଳି । ମହୀକି ନୁଆଇଁ ଛନ୍ତି ମଉଳି ।
କ୍ରୋଧେ କୋକନଦ ଦେଖି ଲପନ । ଦଶୁଅଛନ୍ତି ଦହିଲା ସୁବର୍ଣ୍ଣ ।
ବାଲ୍ମୀକ ବୋଲନ୍ତି ହେ ଶ୍ରୀରାମ । କାହା ମୁଖୁଁ ଶୁଣି କଲ ଏ କର୍ମ ।
ତୁମ୍ଭେତ ପଣ୍ଡିତ ମହାଦୟାଳୁ । ଲୋକବାଦକୁ ହୋଇଲ ଭୟାଳୁ ।
ଆମ୍ଭେ ଜାଣୁଁ ତାଙ୍କର ନାହିଁ ଦୋଷ । କହିଛନ୍ତି ପୂର୍ବେ ଦିବଓକସ ।
ତୁମ୍ଭ ଅନ୍ତଃପୁର ଆମ୍ଭ ଆଶ୍ରମ । ପୂର୍ବୁ ଅଛଇ ଅଭିନ୍ନ ହେ ରାମ ।
ଏ ତୁମ୍ଭର ବେନିସୁତ ଯାମଳ । ବେଦବେଦାନ୍ତରେ ଏହି କୁଶଳ ।
ରାମାୟଣରେ ସମ୍ପୂର୍ଣ୍ଣ ଶୁଣିବ । ଭବିଷ୍ୟ ବୋଲିଣ ତୁମ୍ଭେ ଜାଣିବ ।
ରାମ ବୋଲନ୍ତି ଶୁଣିବାକ ଋଷି । ଆମ୍ଭେ ଜାଣୁ ଆମ୍ଭ ସୀତା ନିର୍ଦ୍ଦୋଷୀ ।
ପ୍ରତ୍ୟକ୍ଷେ ଅଗ୍ନି ଭିତରୁ ଯଇଲେ । ନିର୍ଦ୍ଦୋଷୀ ବୋଲିଣ ତାତ ବୋଇଲେ ।
ଋକ୍ଷ ରାକ୍ଷସ ବାନର ଦେଖିଲେ । ନିର୍ଦ୍ଦୋଷୀରେ ପିତା ତାଙ୍କୁ ଲେଖିଲେ ।
ତେଣୁ ଆମ୍ଭେ କଲୁ ଯେ ଅଙ୍ଗୀକାର । ଅଯୋଧ୍ୟାଜନେ କଲେ ଅବଗ୍ୟର ।
ରାବଣପୁରୁଁ ସୀତାଙ୍କୁ ଆଣିଲେ । ଲୋଭେ ତାହାଙ୍କୁ ତେଜି ନ ପାରିଲେ ।
ଏବେ କଲୁଁ ଅଶ୍ୱମେଧ ସମ୍ପୂର୍ଣ୍ଣ । ଆସି ଅଛନ୍ତି ବହୁତ ରାଜନ ।
ସ୍ୱଦେଶୀ ବିଦେଶୀ ଯେତେ ମନୁଷ୍ୟ । ଆସିଅଛନ୍ତି ନାନାଜାତି ବିଶେଷ ।
ସେମାନେ ପରୀକ୍ଷା ଥରେ ଦେଖିବେ । ସୀତା ନିର୍ଦ୍ଦୋଷୀ ବୋଲି ପ୍ରତେଯିବେ ।
ତୁମ୍ଭେ ତାଙ୍କୁ ଏହିବାଟେ କହିବ । ଯେମନ୍ତେ ପ୍ରତୀତ ମନେ ହୋଇବ ।

ତାହା ଶୁଣି ବାଲ୍ମୀକି ଉଠିଲେ । ସୀତାଙ୍କ ସମ୍ମୁଖରେ ଯାଇ କହିଲେ ।
ଶୁଣି ଦେବୀ କ୍ରୋଧରେ ପ୍ରଜ୍ୱଳିତ । ଶିର କମ୍ପାଇ କହନ୍ତି ଲଳିତ ।
ଭୂମିକି ଚାହିଁ ବୋଲନ୍ତି ଗୋ ମାତ । ରାମ ବିନୁ ଅନ୍ୟରେ ଯେବେ ରତ ।
ତେବେ ମାତ ମୋତେ ଠାବ ନ ଦେବ । ନୋହିଲେ ମୋପାଇଁ ବିଳ ହୋଇବ
ଆଜ୍ଞା ପାଇ ବସୁଧା ଫାଟିଗଲେ । ସିଂହାସନେ ସୀତାଙ୍କୁ ବସାଇଲେ ।
ଘେନାଇ ରସାତଳକୁ ଚଳିଲେ । ଦେଖି ରାମ ନେତ୍ରୁ ନୀର ତେଜିଲେ ।
ଚାହୁଁ ଚାହୁଁ ଭୂମି ହୋଏ ସମାନ । ଦେଖି ନ ଦେଖିଲା ପ୍ରାୟ ଲୋଚନ ।
ଯାନମାତ୍ର ଯିବା ଚାହିଁ ଦେଖିଲେ । ଅବଶ ହୋଇ ଚେତନା ହାରିଲେ ।
ବୋଲନ୍ତି କେଣେ ଗଲୁ ରେ ସୁମୁଖୀ । ଭଲ କରି ନ ପାରିଲି ମୁଁ ଦେଖି ।
ଅଯୋନିସମ୍ଭୂତା ମୋର ବନିତା । ବିଚ୍ଛେଦ କରାଇଲୁ ରେ ବିଧାତା ।
ଏତେ ବୋଲି ପୃଥିବୀକି ଚାହିଁଲେ । ବୋଲେ ବଶି କ୍ରୋଧମନ ହୋଇଲେ ।

### ଅଷ୍ଟତ୍ରିଂଶ ଛାନ୍ଦ

ରାଗ—ବସନ୍ତ—ବିପ୍ରସିଂହା ବାଣୀ

ଆହେ ସଉମିତ୍ରି ଶୁଣ, ଅଯୋଧ୍ୟାରୁ ଏହିକ୍ଷଣ,
ବାହାର ହୋଇଣ ତୁମ୍ଭେ ଯାଅ ।
ଆମ୍ଭେ ତୁମ୍ଭଙ୍କୁ ତେଜିଲୁଁ, ସୁକୃତକୁ ଭୟ କଲୁଁ,
ପ୍ରାଣ ଘେନ ଯହିଁ ତହିଁ ଥାଅ ହେ ।
ସଉମିତ୍ରି । ବିଧିକୁ ନୁହ ତୁମ୍ଭେ ଭାଜନ ।
ବନେ ସେବା କଲ ଯେତେ, ତାହା ମୁଁ କହିବି କେତେ,
ମଲା ଗଲା ଦୁହେଁତ ସମାନ ହେ ।
ଆମ୍ଭେ ପ୍ରତିଜ୍ଞା କରିଛୁଁ, ମାରିବୁଁ ବୋଲି ବୋଲିଛୁଁ,
ତାହା ଆଜ ଯେବେ ନ କରିବା ।
ହୋଇବ ସୁକୃତ ଭଙ୍ଗ, ନରକେ ପଡ଼ିବ ଅଙ୍ଗ,
ଆଜ୍ଞାଭ୍ରଷ୍ଟନୃପ ବୋଲାଇବା ହେ ।
ସଉମିତ୍ରି । ତୁମ୍ଭେ ଜାଣ ସବୁ ବ୍ୟବହାର ।
ତୁମ୍ଭଙ୍କୁ ମୁଁ କି କହିବି, ତୁମ୍ଭ ମୁଖ ନ ଦେଖିବି,
ତୁମ୍ଭ ମନକୁ ତୁମ୍ଭେ ବିଚାର ହେ ।
ଶ୍ରୀମୁଖୁଁ ନିଷ୍ଠୁରବାଣୀ, ଲକ୍ଷ୍ମଣ ଶ୍ରବଣେ ଶୁଣି,
ପଛପୁଞ୍ଛା ଦେଇ ପଛ ହେଲେ,

ଶିରେ ଦେଲେ ବେନପାଣି,   ଶମ୍ଭୁରୁ ହୋଇ ମେଲାଣି,
    ଆଉ ତାଙ୍କ ପୁରକୁ ନ ଗଲେ ସେ ।
ସଉମିତ୍ରି ।   ସରଯୂ ତଟ ନିକଟେ ହେଲେ ।
ଗମନ୍ତେ ନଦୀ ଭିତରେ,   ଆକାଶେ ରହି ଅମରେ,
    କୁସୁମମାନତ ବୃଷ୍ଟି କଲେ ସେ ।
ସୁନାସୀର ଦେବବର,   ବିମାନ ଘେନି ସଙ୍ଗର,
    ଲକ୍ଷ୍ମଣଙ୍କ ଶମ୍ଭୁରେ ପ୍ରବେଶ ।
କରଯୋଡ଼ି ସ୍ତବକଲେ,   ବିମାନରେ ବସାଇଲେ,
    ବୋଇଲେ ସ୍ୱର୍ଗରେ କର ବାସ ହେ ।
ସଉମିତ୍ରି ।   ରାମ ସଙ୍ଗେ ବୈକୁଣ୍ଠକୁ ଯିବ ।
ଏତେ କହି ଶୂନ୍ୟେ ନେଲେ,   କେହି ତାଙ୍କୁ ନ ଦେଖିଲେ,
    ବୋଲେ ବଣି ରଘୁ-ସୀତାଧବ ହେ ।

---

Calcutta :—Printed at the Baptist Mission Press.

University of Toronto
Library

DO NOT
REMOVE
THE
CARD
FROM
THIS
POCKET

Acme Library Card Pocket
Under Pat. "Ref. Index File"
Made by LIBRARY BUREAU